ଊନବିଂଶ ଶତକର ଦୁଇଟି ବିସ୍ମୃତ ସାହିତ୍ୟପତ୍ର

# ଉତ୍କଳ ମଧୁପ ଓ ପ୍ରଦୀପ



ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ

# ଊନବିଂଶ ଶତକର ଦୁଇଟି ବିସ୍ମୃତ ସାହିତ୍ୟପତ୍ର :

# 'ଉତ୍କଳ ମଧୁପ' ଓ 'ପ୍ରଦୀପ'

ସଂଗ୍ରହ ଓ ସଂପାଦନା :

ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ

ପ୍ରଗତି ଉତ୍କଳ ସଂଘ

ରାଉରକେଲା

# ଉନବିଂଶ ଶତକର ଦୁଇଟି ବିସ୍ମୃତ ସାହିତ୍ୟପତ୍ର : 'ଉତ୍କଳ ମଧୁପ' ଓ 'ପ୍ରଦୀପ'

ସଂଗ୍ରହ ଓ ସଂପାଦନା : ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ
ଯତିରାଜ ନିକେତନ, ୧-ଅଶୋକନଗର
ବ୍ରହ୍ମପୁର-୭୬୦୦୦୪

ପ୍ରକାଶକ : ପ୍ରଗତି ଉତ୍କଳ ସଂଘ
ଫକୀରମୋହନ ନଗର (ସେକ୍ଟର-୭)
ରାଉରକେଲା-୭୬୯୦୦୩

ପରିବେଷକ : ଗ୍ରନ୍ଥମନ୍ଦିର
ବିନୋଦବିହାରୀ, କଟକ-୭୫୩୦୦୨

ମୁଦ୍ରଣ : ଅପ୍ଟିମା ଅଫ୍‌ସେଟ୍ ପ୍ରିଣ୍ଟସ୍
ଶ୍ରୀନିବାସ, ସୂତାହାଟ, କଟକ-୧, ଫୋନ୍ — ୦୬୭୧-୨୬୨୫୧୪୮

ପ୍ରଥମ ସଂସ୍କରଣ : ଜାନୁୟାରୀ, ୨୦୦୯

ମୂଲ୍ୟ : ଟ.୨୦୦/-

# UNABINSHA SATAKARA DUITI BISMRUTA SAHITYAPATRA : 'UTKALA MADHUPA' O 'PRADIPA'

Editor : **Prof. Sudarsana Acharya**
1, Ashok Nagar, Berhampur-760004

Published by : **Pragati Utkal Sangha**
Fakiramohan Nagar, Sector-7
Rourkela-769003

Distributor : **Grantha Mandir**
Binode Behari, Cuttack-753002

Printed by : **Optima Offset Prints**
Srinivas, Sutahat, Cuttack-753001

First Edition : January, 2009

Price : Rs.200/-

# ପ୍ରକାଶକଙ୍କ ନିବେଦନ

ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ, ରାଉରକେଲାର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ, **'ପ୍ରଗତି ଉତ୍କଳ ସଂଘ'** ଗତ ପଚାଶ ବର୍ଷ ଧରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରକାଶ ତଥା ପ୍ରସାରପାଇଁ ଅବାରିତ ଉଦ୍ୟମ କରିଆସିଛି । ମଧୁବାବୁଙ୍କ ବାସସ୍ଥାନ (ବର୍ତ୍ତମାନ ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ)କୁ ବାଦ୍‌ଦେଲେ, ଓଡ଼ିଶାରେ ପ୍ରଥମ, ତାଙ୍କର ପୂର୍ଣ୍ଣ ଅବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ରାଉରକେଲା ଷ୍ଟେସନ୍ ନିକଟରେ ୧୯୭୬ ମସିହାରେ ଏହି ଅନୁଷ୍ଠାନଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ଏପ୍ରିଲ୍ ପହିଲାକୁ, ଏକ ଜାତୀୟ ଉତ୍ସବ ରୂପେ, ସଂପୂର୍ଣ୍ଣ ବେସରକାରୀ ଉଦ୍ୟମରେ, ମହାସମାରୋହରେ, ପ୍ରଥମ କରି ୧୯୬୮ ମସିହାରେ ଓ ତାହାପରେ ପ୍ରତିବର୍ଷ ଏହି ଅନୁଷ୍ଠାନ ପାଳନ କରିବା ପରେ କ୍ରମଶଃ ଏହା ଉତ୍କଳ ଦିବସ ରୂପେ ଓଡ଼ିଶାର ପୁରପଲ୍ଲୀରେ ପାଳିତ ହେଉଛି । ଏତଦ୍‌ବ୍ୟତୀତ ଅନୁଷ୍ଠାନଟିର ବିଭିନ୍ନ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ମଧ୍ୟରେ ଏକ ସ୍ୱତନ୍ତ୍ର ଉଦ୍ୟମ ଏହାର ପ୍ରକାଶନ ବିଭାଗ । ମଧୁବାବୁଙ୍କର ବକ୍ତୃତା, ତାଙ୍କ ସମ୍ପର୍କୀୟ ବିଭିନ୍ନ ଲେଖା, ତା'ଛଡ଼ା ଓଡ଼ିଆ ଭାଷାର ପୁରାତନ ସାହିତ୍ୟିକମାନଙ୍କର ଅପ୍ରକାଶିତ/ବିକ୍ଷିପ୍ତ ଲେଖା ଓ ଆଲୋଚନା ଏହି ବିଭାଗଦ୍ୱାରା ସଂକଳିତ ଓ ପ୍ରକାଶିତ ହୋଇଆସୁଛି । ଏହି ଅବସରରେ, ଅସୀମ ଶ୍ରଦ୍ଧା ଓ ଅଙ୍ଗୀକାରବଦ୍ଧତା ସହ ଏହି ପ୍ରକାଶନ ବିଭାଗର ସମସ୍ତ ଦାୟିତ୍ୱ ସ୍ୱେଚ୍ଛାକୃତଭାବେ ମୁଣ୍ଡେଇ ନେଇଥିବା ସାହିତ୍ୟିକ ବନ୍ଧୁଙ୍କର ଅବଦାନ ସମ୍ପର୍କରେ ସାମାନ୍ୟ ଉଲ୍ଲେଖ ନ କଲେ ମନରେ ଗଭୀର କୃତଘ୍ନତାବୋଧର ଦୁଃଖ ରହିଯିବ । ଅନୁଷ୍ଠାନର ଗର୍ବ, ଏହି ବିଶିଷ୍ଟ ସଭ୍ୟ ହେଲେ ଅଧ୍ୟାପକ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ ।

ଓଡ଼ିଶାର ପ୍ରଥମ ନିରୋଳା ସାହିତ୍ୟ ପତ୍ରିକା ହେଲା 'ଉତ୍କଳ ଦର୍ପଣ' । ଏହି ଦୁର୍ଲଭ ପତ୍ରିକାର ଉପଲବ୍ଧ ଅଂଶକୁ ପୁନଃମୁଦ୍ରିତ କରିଥିଲା ଆମର ଏହି ଅନୁଷ୍ଠାନ 'ପ୍ରଗତି ଉତ୍କଳ ସଂଘ' । ସେହିଭଳି ଓଡ଼ିଶାର ଦ୍ୱିତୀୟ ଓ ତୃତୀୟ ନିରୋଳା ସାହିତ୍ୟପତ୍ରିକା ହେଲା 'ଉତ୍କଳ ମଧୁପ' ଓ 'ପ୍ରଦୀପ' । ଏହି ପତ୍ରିକା ଦୁଇଟି ବର୍ତ୍ତମାନ ଓଡ଼ିଶାର କୌଣସି ପାଠାଗାର ବା ବ୍ୟକ୍ତିବିଶେଷଙ୍କ ନିକଟରେ ଉପଲବ୍ଧ ନୁହେଁ । ଏହି ଦୁର୍ଲଭ ପତ୍ରିକାଦୁଇଟିର କେତେକ ସଂଖ୍ୟା ସୌଭାଗ୍ୟକ୍ରମେ ଓଡ଼ିଶାର ପ୍ରଖ୍ୟାତ ଗବେଷକ,

ସମୀକ୍ଷକ ଓ ଅନୁବାଦକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟଙ୍କ ବ୍ୟକ୍ତିଗତ ପାଠାଗାରରେ ଥିଲା । 'ପ୍ରଗତି ଉତ୍କଳ ସଂଘ'ର ଅନୁରୋଧକୁ ରକ୍ଷାକରି ପ୍ରଫେସର ଆଚାର୍ଯ୍ୟ ଏହି ଦୁଇଟି ପତ୍ରିକା ମୁଖବନ୍ଧ ଓ ପ୍ରାକ୍-ସୂଚନା ସହ ସଂପାଦନା କରି ଏକ ଜାତୀୟ କର୍ତ୍ତବ୍ୟ ନିର୍ବାହ କରିଛନ୍ତି । ସେଥିପାଇଁ ଓଡ଼ିଆଜାତି ତାଙ୍କ ନିକଟରେ କୃତଜ୍ଞ ରହିବା ଉଚିତ । ଉତ୍ତୀର୍ଣ୍ଣ ବୟସରେ ବିଭିନ୍ନ କାର୍ଯ୍ୟର ଚାପ ଭିତରେ ପ୍ରଫେସର ଆଚାର୍ଯ୍ୟ 'ପ୍ରଗତି ଉତ୍କଳ ସଂଘ'ର ଅନୁରୋଧ ରକ୍ଷା କରିଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାଗଣ ତାଙ୍କ ନିକଟରେ କେବଳ ଗଭୀର ଭାବରେ କୃତଜ୍ଞ ନୁହନ୍ତି— ତାଙ୍କର ସ୍ନେହ ପାଇବାର ସୌଭାଗ୍ୟ ପାଇଥିବାରୁ ଗର୍ବିତ ମଧ୍ୟ ।

'ପ୍ରଗତି ଉତ୍କଳ ସଂଘ'ର ଅନ୍ୟାନ୍ୟ ପ୍ରକାଶନ ଭଳି *'ଊନବିଂଶ ଶତକର ଦୁଇଟି ବିସ୍ମୃତ ସାହିତ୍ୟପତ୍ରିକା : 'ଉତ୍କଳ ମଧୁପ' ଓ ପ୍ରଦୀପ'* ଓଡ଼ିଶାର ସୁଧୀମଣ୍ଡଳୀଂକ ସମାଦର ଲାଭ କରିବ ବୋଲି ଆଶା ।

ରାଉରକେଲା
୦୧.୦୧.୨୦୦୯

ଶାନ୍ତନୁ କୁମାର ପରିଚ୍ଛା
ସଭାପତି, ପ୍ରଗତି ଉତ୍କଳ ସଂଘ

—

# ସୂଚୀପତ୍ର


୧. ପ୍ରକାଶକଙ୍କ ନିବେଦନ ୩

୨. ସଂପାଦକଙ୍କ କଲମରୁ ୫

୩. ଓଡ଼ିଆ ସାହିତ୍ୟରେ ଆଧୁନିକତାର ବାର୍ତ୍ତାବହ
‘ଉତ୍କଳ ମଧୁପ’ ଓ ‘ପ୍ରଦୀପ’ ୯

୪. ଉତ୍କଳ ମଧୁପ ୩୭

ପ୍ରାକ୍ ସୂଚନା ୩୯

ପ୍ରଥମ ଭାଗ ଷଷ୍ଠ ସଂଖ୍ୟା ୫୯

ପ୍ରଥମ ଭାଗ ଦଶମ ସଂଖ୍ୟା ୭୭

ପ୍ରଥମ ଭାଗ ଏକାଦଶ ଓ ଦ୍ୱାଦଶ ସଂଖ୍ୟା ୯୭

ଦ୍ୱିତୀୟ ଭାଗ ତୃତୀୟ ଓ ଚତୁର୍ଥ ସଂଖ୍ୟା ୧୨୫

ଦ୍ୱିତୀୟ ଭାଗ ସପ୍ତମ ଓ ଅଷ୍ଟମ ସଂଖ୍ୟା ୧୪୯

୫. ପ୍ରଦୀପ ୧୮୭

ପ୍ରାକ୍ ସୂଚନା ୧୮୯

ପ୍ରଥମ ଖଣ୍ଡ ପ୍ରଥମ ସଂଖ୍ୟା ୨୦୩

ପ୍ରଥମ ଖଣ୍ଡ ଦ୍ୱିତୀୟ ସଂଖ୍ୟା ୨୨୧

ପ୍ରଥମ ଖଣ୍ଡ ତୃତୀୟ ସଂଖ୍ୟା ୨୩୯

ପ୍ରଥମ ଖଣ୍ଡ ଚତୁର୍ଥ ସଂଖ୍ୟା ୨୫୭

ପ୍ରଥମ ଖଣ୍ଡ ପଞ୍ଚମ ସଂଖ୍ୟା ୨୭୫

ପ୍ରଥମ ଖଣ୍ଡ ଷଷ୍ଠ ସଂଖ୍ୟା ୨୯୩

ପ୍ରଥମ ଖଣ୍ଡ ସପ୍ତମ ସଂଖ୍ୟା ୩୧୧

ପ୍ରଥମ ଖଣ୍ଡ ଅଷ୍ଟମ ସଂଖ୍ୟା ୩୨୯

ପ୍ରଥମ ଖଣ୍ଡ ଦଶମ ଓ ଏକାଦଶ ସଂଖ୍ୟା ୩୪୭

## ସଂପାଦକଙ୍କ କଲମରୁ......

ରେଭେନ୍‌ସା କଲେଜର ଓଡ଼ିଆ ସ୍ନାତକୋତ୍ତର ଶ୍ରେଣୀ । ଦୁଇଜଣ ଅଧ୍ୟାପକ ପଢ଼ାଉଥାନ୍ତି ଆଧୁନିକ ଓଡ଼ିଆ ସାହିତ୍ୟ ସ୍ୱତନ୍ତ୍ର ପତ୍ର । ଜଣେ କାଳ ଭିତ୍ତିରେ କଳାର ମୂଲ୍ୟାୟନ ଏବଂ ଅନ୍ୟ ଜଣେ କଳା ଭିତ୍ତିରେ କାବ୍ୟକାରର ସୃଷ୍ଟି ସମୀକ୍ଷା କରିବାର କଳାକୌଶଳ ଶିକ୍ଷା ଦେଉଥାଆନ୍ତି । ଉଭୟଙ୍କ ଅଧ୍ୟାପନାର ଶୈଳୀ, ନିଷ୍ଠା ଓ ଆଗ୍ରହ ଆମ ମନରେ ଗଭୀର ରେଖାପାତ କରୁଥାଏ । ଜଣେ ମୁହେଁ ମୁହେଁ ପୁରାତନ ପତ୍ରପତ୍ରିକାଗୁଡ଼ିକର ଭାଗ ଓ ସଂଖ୍ୟା ନିର୍ଦ୍ଦେଶ କରିଯାଉଥିବା ବେଳେ ଅନ୍ୟ ଜଣକ ଥାକେ ତୁକଦିଆ ପତ୍ରିକା ଧରି ଶ୍ରେଣୀ ପକୋଷ୍ଠରେ ପଦାର୍ପଣ କରନ୍ତି । ସୃଷ୍ଟି ହେଉ କି ସ୍ରଷ୍ଟା ହୁଅନ୍ତୁ ପ୍ରତ୍ୟେକଙ୍କ ଏକ ବିକାଶକ୍ରମ ଅଛି; ତାକୁ ଅନୁଧ୍ୟାନ ନ କଲେ, ଅନୁଶୀଳନ ନ କଲେ ସେମାନଙ୍କର ଯଥାର୍ଥ ମୂଲ୍ୟାୟନ ସମ୍ଭବ ନୁହେ ଏବଂ ବିଶେଷକରି ଆଧୁନିକ ସାହିତ୍ୟ ତଥା ତାର ସ୍ରଷ୍ଟା ଓ ପାଠକଙ୍କୁ ଜାଣିବା ପାଇଁ ପତ୍ରପତ୍ରିକା ଗୁଡ଼ିକର ଯେ ଭୂମିକା ଗୁରୁତ୍ୱପୂର୍ଣ୍ଣ—ଏପରି ଏକ ଧାରଣା ସେତେବେଳେ ଆମ ମନରେ ସୃଷ୍ଟି ହୋଇଥିଲା । ଧାରଣାରୁ ଆଗ୍ରହ, ଆଗ୍ରହରୁ ଅନୁସନ୍ଧାନ ଏବଂ ଅନୁସନ୍ଧାନରୁ ଏହି ପ୍ରକାଶନ । ଏଣୁ ଆଜିର ଏହି ଶୁଭ ଅବସରରେ ସେହି ଉଭୟ ଦିବଂଗତ ପୂଜ୍ୟ ସ୍ୱନାମଧନ୍ୟ ଅଧ୍ୟାପକ ଡକ୍ଟର ନଟବର ସାମନ୍ତରାୟ ଏବଂ ଶ୍ରୀଯୁକ୍ତ ଚିନ୍ତାମଣି ବେହେରାଙ୍କ ସ୍ୱର୍ଗତ ଆତ୍ମା ନିକଟରେ ବିନମ୍ର ପ୍ରଣତି ଜ୍ଞାପନ କରୁଛି । ସେମାନଙ୍କ ଆଶୀର୍ବାଦରୁ ଅତୀତରେ ପ୍ରକାଶପାଇଥିଲା ଅନ୍ୟତମ ଦୁର୍ଲ୍ଲଭ ପତ୍ରିକା – 'ଇନ୍ଦ୍ରଧନୁ' । ଅନ୍ୟ କିଛି ଏପରି ପତ୍ରିକାର ପୁନଃମୁଦ୍ରଣ ପାଇଁ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରୁଛି ।

ରେଭେନ୍‌ସା ମହାବିଦ୍ୟାଳୟରୁ ବିଦାୟ ନେଇ ଅଧ୍ୟାପନାକୁ ବୃତ୍ତି ରୂପେ ଗ୍ରହଣ କଲି । ଅନୁସନ୍ଧାନରେ ଛାତ୍ର, ସହାଧ୍ୟାୟୀ, ଶୁଭେଚ୍ଛୁମାନଙ୍କ ସାହାଯ୍ୟ ଲୋଡ଼ିଲି । ସ୍ୱର୍ଗତ ଅଧ୍ୟାପକ ଚିନ୍ତାମଣି ଦାଶ, ଅଧ୍ୟାପକ ପଠାଣି ପଟ୍ଟନାୟକ ପରି ଶୁଭେଚ୍ଛୁମାନେ ସ୍ୱତଃ ପ୍ରବୃତ୍ତ ଭାବେ ସେମାନଙ୍କ ଠାରେ ଥିବା କିଛି ପୁରାତନ ପତ୍ରିକା ଯୋଗାଇଦେଲେ । ଏ ଦିଗରେ ସତୀର୍ଥ ବନ୍ଧୁ ଶ୍ରୀଯୁକ୍ତ କାଳୀପ୍ରସାଦ ମିଶ୍ରଙ୍କ ଅକୁଣ୍ଠ ବଦାନ୍ୟତା ଅବିସ୍ମରଣୀୟ । ସେ ବ୍ରହ୍ମପୁରର ବିଶିଷ୍ଟ ସାମ୍ବାଦିକ ଓ ସମାଜସେବୀ ସ୍ୱର୍ଗତ ଜୟକୃଷ୍ଣ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ଏବଂ ପାରଳାଖେମଣ୍ଡି ନିକଟସ୍ଥ ଟାଙ୍ଗୁଡ଼ି ଶାସନର ସ୍ୱର୍ଗତ ରାମକୃଷ୍ଣ ମିଶ୍ରଙ୍କ ନାତି । ରାମକୃଷ୍ଣ ମିଶ୍ର ଥିଲେ ସେକାଳର ଉତ୍କଳ ସମ୍ମିଳନୀର ସକ୍ରିୟ ସଦସ୍ୟ, ଗୋପବନ୍ଧୁଙ୍କ ସହଯୋଗୀ ଓ କବି । ଉତ୍କଳ ସମ୍ମିଳନୀର ପ୍ରାଥମିକ ଅଧିବେଶନ ଗୁଡ଼ିକରେ ତାଙ୍କ ରଚିତ ସଂଗୀତାବଳୀ ଗାନ କରାଯାଉଥିଲା । ତାଙ୍କରି ଘରେ ସେସମୟରେ ଏବଂ ପୂର୍ବରୁ ପ୍ରକାଶିତ ବହୁ ଦୁର୍ଲ୍ଲଭ ପତ୍ରିକା ଓ ପୁସ୍ତକ ସଂରକ୍ଷିତ ଥିଲା । ମୋର ଆଗ୍ରହ ଦେଖି ବନ୍ଧୁ ସମସ୍ତ ସଂଗୃହୀତ ସାରସ୍ୱତ ସଂପଦକୁ ମୋ ହାତରେ ଟେକି ଦେଇଥିଲେ । ଉତ୍କଳ ସାହିତ୍ୟ, ମୁକୁର, ସତ୍ୟବାଦୀ, ପ୍ରଦୀପଠାରୁ ଆରମ୍ଭକରି ରତ୍ନରେଣୁ, ଶ୍ରୀ ଗୌରାଙ୍ଗ, ସଂସ୍କାର ଇତ୍ୟାଦି ପତ୍ରିକାର ବହୁ ସଂଖ୍ୟା ରହିଥିଲା ତାଙ୍କ ସଂଗ୍ରହ ମଧ୍ୟରେ । ଏସବୁ ପାଇବା ପରେ ମୋର ଏ ସଂପର୍କୀୟ ଆଗ୍ରହ ଆହୁରି ବଢ଼ିଗଲା ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅଭିଲେଖାଗାର, ଉତ୍କଳସାହିତ୍ୟ ସମାଜ, ବିଶ୍ୱଭାରତୀ ଶାନ୍ତିନିକେତନ ପ୍ରଭୃତି ପାଠାଗାରର ଦାୟିତ୍ୱରେ ଥିବା ବନ୍ଧୁମାନେ ଏ ଦିଗରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ । କିଛି ଦୁର୍ଲ୍ଲଭ ପତ୍ରିକା, ପୁସ୍ତକ ତ ସଂଗୃହୀତ ହେଲା । ସେସବୁ ହେବ କ'ଣ ? ସେସବୁକୁ ସାଇତି ରଖିବା ଏକ ଦୁରୂହ ବ୍ୟାପାର । ବ୍ରହ୍ମପୁରରେ ପ୍ରକାଶକଙ୍କ ଅଭାବ; ପ୍ରକାଶନର ପୀଠ କଟକ ଦୂରରେ, ସଂପର୍କ କ୍ଷୀଣ । ଏଣୁ ନିଶା ଛାଡ଼ିବା ଆରମ୍ଭ ହେଲା । ଏ ସମୟରେ ସଂପର୍କ ସ୍ଥାପିତ ହେଲା ଆଉ ତିନିଜଣ ମୋପରି ନିଶାସକ୍ତ ଯୁବବନ୍ଧୁଙ୍କ ସହିତ । ସେମାନେ ମଧ୍ୟ ପୁରାତନ ପତ୍ରପତ୍ରିକାରୁ ତଥ୍ୟ ସଂଗ୍ରହ ପୂର୍ବକ ଆଧୁନିକ ଓଡ଼ିଆ ସାହିତ୍ୟର ସମାଲୋଚକମାନଙ୍କୁ ବିଭ୍ରାନ୍ତିକର ତଥା ଅନ୍ଧଙ୍କ କାହାଣୀ ଦେଖା ମନ୍ତବ୍ୟ ପ୍ରଦାନରୁ ମୁକ୍ତ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଏମାନେ ମୋତେ ପୁଣି ନିଶା ଧରାଇବାପାଇଁ ପ୍ରୟାସ କରୁଛନ୍ତି । କିନ୍ତୁ ଯୁବବନ୍ଧୁମାନଙ୍କ ସହ ତାଳ ଦେଇ ଚାଲିବାର ସାମର୍ଥ୍ୟ ମୁଁ ହରାଇ ସାରିଲିଣି । ତଥାପି ସତ୍‌ସଙ୍ଗରୁ ସଦ୍‌ଗତି ପରି ସେମାନଙ୍କ ବାରଂବାର ଅନୁରୋଧ, ତାଗିଦା ମୋତେ ପ୍ରୋତ୍ସାହିତ କରିଛି । ଚେଷ୍ଟା କରୁଛି ସଂଗୃହୀତ ତଥ୍ୟଗୁଡ଼ିକରୁ କିଛି ପ୍ରକାଶ କରିବା ପାଇଁ । ଏହି ତିନିବନ୍ଧୁ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ, ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ଦାଶ ଏବଂ ଶ୍ରୀଯୁକ୍ତ ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ ଏ ଭଳି ନିଷ୍ପାପର ଉଦ୍ୟମ ଓଡ଼ିଆ ସାହିତ୍ୟ ସମାଲୋଚନାର ବିଶେଷ କରି ଊନବିଂଶ ଓ ଆଦ୍ୟ ବିଂଶ ଶତକର ପଥକୁ ନିଶ୍ଚିତ ଭାବେ ପୁଷ୍ପିତ କରିବ । ସେମାନେ ଯଶସ୍ୱୀ ହୁଅନ୍ତୁ, ଏହା ହିଁ କାମନା ।

ଡ. ଅରବିନ୍ଦ ଗିରିଙ୍କ ସଂପାଦନାରେ ରାଉରକେଲାର ବରିଷ୍ଠ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘଦ୍ୱାରା ପ୍ରକାଶ ପାଇଥାଏ ଉତ୍କଳ ଦର୍ପଣ । ଏ ସଂପର୍କୀୟ ଆଲୋଚନା ଅବସରରେ ମୋଦ୍ୱାରା ସଂଗୃହୀତ ପୁରାତନ ପତ୍ରପତ୍ରିକାର ପ୍ରକାଶନ କଥା ଉଠିଲା । ଏହି ସଂସ୍ଥା ସହ ଜଡ଼ିତ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ 'ଉତ୍କଳ ମଧୁପ'ର ପ୍ରକାଶନ ପାଇଁ ଚେଷ୍ଟା କରାଯାଇପାରିବ ବୋଲି ନିଜ ଆଡ଼ୁ ପ୍ରସ୍ତାବ ଦେଲେ । କିନ୍ତୁ ଏହାର ମାତ୍ର କିଛିଟା ସଂଖ୍ୟା ଉଦ୍ଧାର କରାଯାଇପାରୁଥିବାରୁ କଳେବର ଦୃଷ୍ଟିରୁ ଏଥିରେ 'ପ୍ରଦୀପ' ପତ୍ରିକାର ଉପଲବ୍ଧ ସଂଖ୍ୟାଗୁଡ଼ିକୁ ଯୋଡ଼ିଦେବାପାଇଁ ସ୍ଥିର ହେଲା । ଦେବେନ୍ଦ୍ର ବାବୁ ପ୍ରଗତି ଉତ୍କଳ ସଂଘର କାର୍ଯ୍ୟକାରୀ ସମିତିରେ ଏ ପ୍ରସ୍ତାବ ଉପସ୍ଥାପନ କଲେ । ଏହା ଗୃହୀତ ହେଲା । କିନ୍ତୁ ସେମାନଙ୍କ ବାରଂବାର ତାଗିଦା ସତ୍ତ୍ୱେ ମୋର ସ୍ୱାସ୍ଥ୍ୟ ଓ ପତ୍ରିକା ସଂପର୍କିତ କିଛି ତଥ୍ୟ ସଂଗ୍ରହଗତ କାରଣରୁ ଏହାର ପ୍ରକାଶନରେ ବିଳମ୍ବ ଘଟିଛି । ଏଥିପାଇଁ ମୁଁ ଦୁଃଖିତ । ଏ ପୁସ୍ତକ ପ୍ରକାଶନର ସମସ୍ତ ଗୌରବ ଶ୍ରଦ୍ଧେୟ ଦେବେନ୍ଦ୍ରଙ୍କର ମୁଁ ତାଙ୍କରି ଓ ତାଙ୍କ ସଂସ୍ଥା ନିକଟରେ ଋଣ ସ୍ୱୀକାର କରୁଛି ।

ପତ୍ରିକା ଦୁଇଟି ପ୍ରକାଶ ପାଉଥିବା ଶୁଣି ଯେଉଁ ସାରସ୍ୱତ ବନ୍ଧୁ, ଶୁଭେଚ୍ଛୁ ଓ ସାହିତ୍ୟ ପ୍ରେମୀ ଆନନ୍ଦ ପ୍ରକାଶ କରୁଛନ୍ତି ସେମାନଙ୍କ ନିକଟରେ ମୁଁ କୃତଜ୍ଞ । ସେମାନଙ୍କ ଆନନ୍ଦ ହିଁ ମୋର ପାଥେୟ ।

ସୁଦର୍ଶନ ଆଚାର୍ଯ୍ୟ

# ଓଡ଼ିଆ ସାହିତ୍ୟରେ ଆଧୁନିକତାର ବାର୍ତ୍ତାବହ

## 'ଉତ୍କଳ ମଧୁପ' ଓ 'ପ୍ରଦୀପ'

ଦୀର୍ଘ ଚାରିଶହ ବର୍ଷର ବଳିଷ୍ଠ ଓ ପ୍ରଦୀପ୍ତ ପରଂପରାକୁ ପ୍ରତିହତ କରି ଏକ ଅଭିନବ ସାରସ୍ୱତ ସ୍ରୋତ ସୃଷ୍ଟି କରିବାରେ ଊନବିଂଶ ଶତାବ୍ଦୀର ଶେଷ ଚାରୋଟି ଦଶକ ଯେ ବିଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ, କହିବା ଦ୍ୱିରୁକ୍ତି ମାତ୍ର । ଉତ୍କଳ ଦୀପିକା, ସଂବାଦ ବାହିକା ପରି ସାପ୍ତାହିକ ପତ୍ରଗୁଡ଼ିକ ସଂବାଦ ପରିବେଷଣ ସହିତ ସାହିତ୍ୟର ବିକାଶପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ନିମିତ୍ତ ଉଦ୍ୟମ କରୁଥିଲେ । ଜୀବନାଲେଖ୍ୟ, ଭ୍ରମଣ ଅନୁଭୂତି, ପୁସ୍ତକ ସମାଲୋଚନା, ସମକାଳୀନ ବିବିଧ ବିଷୟକ ଆଲୋଚନା ପ୍ରତିଆଲୋଚନା ମାଧମରେ ସାହିତ୍ୟିକ ପ୍ରବୃତ୍ତିକୁ ଜାଗ୍ରତ କରିବାପାଇଁ ଏଗୁଡ଼ିକର ପ୍ରୟାସ ବ୍ୟର୍ଥ ଯାଇନାହିଁ । ଏସବୁହିଁ ତତ୍କାଳୀନ ଶିକ୍ଷିତ ଯୁବଗୋଷ୍ଠୀଙ୍କ ନିମିତ୍ତ ସାରସ୍ୱତ ପ୍ରତିଷ୍ଠା ଆଣି ଦେଇଛି; ସାହିତ୍ୟ ସୃଷ୍ଟି ପାଇଁ ସାଧନ ପ୍ରସ୍ତୁତ କରିଛି । କେବଳ ସେତିକି ନୁହେ, ଓଡ଼ିଆ ଭାଷାର ବିଶେଷତ୍ୱ ରକ୍ଷା କରିବା, ବଙ୍ଗଳାର ସର୍ବଗ୍ରାସୀ ପ୍ରଭାବରୁ ଓଡ଼ିଆ ଭାଷାକୁ ମୁକ୍ତ ରଖିବା, ବ୍ୟାକରଣଗତ ଅଶୁଦ୍ଧି ପ୍ରତି ସଚେତନତା ସୃଷ୍ଟି କରିବାପାଇଁ ଏ ସଂବାଦପତ୍ରଗୁଡ଼ିକର ଭୂମିକା ମଧ ସ୍ୱଳ୍ପ ନୁହେ । ଲେଖକ, ଅନୁବାଦକ ତଥା ସହଯୋଗୀମାନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଏଗୁଡ଼ିକ ସମାଲୋଚନାର କମ୍ ଶରବ୍ୟ ହୋଇନାହାନ୍ତି; ସ୍ୱାର୍ଥପର, ଈର୍ଷ୍ୟାଳୁ, ଅହମିକାଗ୍ରସ୍ତ, ବୌଦ୍ଧିକ ଦାଦାଗିରି ଜାହିର୍ କରୁଥିବା ଗର୍ବସର୍ବସ୍ୱର ଅପବାଦ ମଧ ମୁଣ୍ଡାଇଛନ୍ତି । ଏସବୁର ବରେଣ୍ୟ ସଂପାଦକମାନେ ଅତୀତକୁ ସମ୍ମାନ ଦେଇଛନ୍ତି, ବର୍ତ୍ତମାନକୁ ସମ୍ବର୍ଦ୍ଧନା ଜଣାଇଛନ୍ତି, ଭବିଷ୍ୟତପାଇଁ ଦିଗ୍‌ଦର୍ଶନ ଦେଇଛନ୍ତି, ନବୀନ ଲେଖକମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି, ପ୍ରବୀଣମାନଙ୍କୁ ଯଥାଯୋଗ୍ୟ ଆସନ ଦେବାପାଇଁ କୁଣ୍ଠା କରି ନାହାନ୍ତି; ତଥାପି ନିରୋଳା ସାହିତ୍ୟ ପତ୍ରିକାଟିଏର ଆବଶ୍ୟକତା ଓ ଉପାଦେୟତା ସମସ୍ତେ ଉପଲବ୍ଧି କରିଛନ୍ତି । ଫଳରେ ସୃଷ୍ଟିଲାଭ କରିଛନ୍ତି ଉତ୍କଳ ଦର୍ପଣ, ଉତ୍କଳ ମଧୁପ, ପ୍ରଦୀପ, ଆଶା, ଉତ୍କଳ ପ୍ରଭା, ଇନ୍ଦ୍ରଧନୁ (ପ୍ରଥମେ ସାମୟିକ ପରେ ମାସିକ) ଏବଂ ଶେଷରେ ଉତ୍କଳ ସାହିତ୍ୟ ।

ସଂବାଦପତ୍ରଠାରୁ ସାହିତ୍ୟପତ୍ରକୁ ପୃଥକ୍ ରଖିବାର ଅଭୀପ୍‌ସାରୁ ଫକୀରମୋହନ ନିଜ ସଂପାଦିତ ପତ୍ରିକାର ନାମ ରଖିଥିଲେ 'ବୋଧଦାୟିନୀ ଓ ବାଲେଶ୍ୱର

ସମ୍ବାଦବାହିକା' । ଖଣ୍ଡିଏ ସୁଦ୍ଧା ବୋଧଦାୟିନୀ ଏପର୍ଯ୍ୟନ୍ତ କାହାରି ଦୃଷ୍ଟିକୁ ଆସିପାରିନଥିବାଯୋଗୁଁ ଏହାର ସ୍ୱରୂପ ଓ ଏଥିରେ ପ୍ରକାଶ ପାଇଥିବା ରଚନାସଂପଦ ସଂପର୍କରେ ଧାରଣା କରିବା ସମ୍ଭବ ହୋଇପାରୁନାହିଁ । ଏଣୁ 'ଉତ୍କଳ ଦର୍ପଣ'କୁ ଓଡ଼ିଶାର ପ୍ରଥମ ସାହିତ୍ୟ ପତ୍ର ଭାବେ ଗ୍ରହଣ କରାଯାଇଥାଏ । କିନ୍ତୁ ଏହା ମଧ୍ୟ ସମସାମୟିକ ସମ୍ବାଦ ପରିବେଷଣରୁ ମୁକ୍ତ ନଥିଲା । ଏଥିପାଇଁ 'ଉତ୍କଳ ଦୀପିକା'ର ସଂପାଦକ ଏ ସଂପର୍କରେ ପ୍ରତିକୂଳ ମନ୍ତବ୍ୟ ଦେଇଛନ୍ତି । 'ଉତ୍କଳ ଦର୍ପଣ' ପ୍ରକାଶର ପାଞ୍ଚ ବର୍ଷପରେ କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଗୌରୀଶଙ୍କରଙ୍କ ଭ୍ରାତା ରାମଶଙ୍କର ରାୟଙ୍କ ତତ୍ତ୍ୱାବଧାନରେ ପ୍ରକାଶ ପାଇଛି 'ଉତ୍କଳ ମଧୁପ' ଏବଂ ଏହା ବନ୍ଦ ହେବାର ପାଞ୍ଚ ବର୍ଷ ପରେ ସେହି ଯନ୍ତ୍ରାଳୟରେ ମୁଦ୍ରିତ ହୋଇଛି 'ପ୍ରଦୀପ' । ଏହି ଉଭୟ ମାସିକ ସାହିତ୍ୟ ପତ୍ରିକା ସେଥିପାଇଁ ବୋଧହୁଏ ସଂବାଦ ପରିବେଷଣ, ପ୍ରେରିତ ପତ୍ର କିମ୍ବା ରହସ୍ୟ ପ୍ରକାଶନରୁ କ୍ଷାନ୍ତ ରହିଛନ୍ତି । ଏଦୃଷ୍ଟିରୁ ଦୁଷ୍ପ୍ରାପ୍ୟ 'ବୋଧଦାୟିନୀ'କୁ ପ୍ରଥମ ଏବଂ 'ଉତ୍କଳ ଦର୍ପଣ'କୁ ଦ୍ୱିତୀୟ ବୋଲି ଗ୍ରହଣ କରାଗଲେ ଆଲୋଚ୍ୟ ପତ୍ରିକା ଦୁଇଟିକୁ ତୃତୀୟ ଓ ଚତୁର୍ଥ ନିରୋଳା ସାହିତ୍ୟ ପତ୍ରିକା ବୋଲି କୁହାଯାଇପରିବ । ପରବର୍ତ୍ତୀ ସାହିତ୍ୟ ମାସିକ ପତ୍ରିକା ପାଇଁ ଏଗୁଡ଼ିକ ହିଁ ଆଦର୍ଶ ରୂପେ ଗୃହୀତ ହୋଇଛନ୍ତି ।

-୨-

ଫକୀର ମୋହନ ଯେତେବେଳେ 'ବାଲେଶ୍ୱର ସମ୍ବାଦବାହିକା'ର ସଂପାଦନା ଆରମ୍ଭ କଲେ ସେତେବେଳେ ଓଡ଼ିଆ ସାହିତ୍ୟର ବିକାଶପାଇଁ ତା'ସହିତ 'ବୋଧଦାୟିନୀ' ନାମରେ ଏକ ସାହିତ୍ୟପତ୍ର ତାର ପରିପୂରକ ଭାବେ ପ୍ରକାଶ କରିଛନ୍ତି, କିନ୍ତୁ ଓଡ଼ିଶାରେ ଏକ ଶିକ୍ଷିତ ଗୋଷ୍ଠୀର ଅଭ୍ୟୁତ୍‌ଥାନ ଘଟିନଥିବା ଯୋଗୁଁ ସାହିତ୍ୟ ସୃଷ୍ଟି ପାଇଁ ଲେଖକମାନଙ୍କର ଅଭାବ ସେ ଅନୁଭବ କରିଛନ୍ତି । ତଥାପି ପତ୍ରିକାଟିକୁ ବଞ୍ଚାଇ ରଖିବାପାଇଁ ସେ ନିଜେ ହିଁ କିଛି ସାହିତ୍ୟିକ ରଚନା ସୃଷ୍ଟି କରି ପତ୍ରିକାଟିର କଳେବର ପୂର୍ଣ୍ଣ କରିବାନିମିତ୍ତ ଚେଷ୍ଟା କରିଛନ୍ତି । କିନ୍ତୁ ସେସବୁର ସ୍ୱରୂପ କଣ ଥିଲା ଜାଣିବା ସମ୍ଭବପର ନୁହେ । ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ ନିଜ ସଂପାଦିତ ଫକୀରମୋହନ ଗ୍ରନ୍ଥାବଳୀର ତୃତୀୟ ଖଣ୍ଡ ଚତୁର୍ଥ ବିଭାଗର ପ୍ରାକ୍ ସୂଚନାରେ 'ଉତ୍କଳଦୀପିକା'ରେ ପ୍ରକାଶିତ ସମ୍ବାଦକୁ ଆଧାରକରି ସେ ସମୟରେ ଫକୀରମୋହନ ଲେଖିଥିବା କେତୋଟି ରଚନାର ସୂଚନା ଆମକୁ ଦେଇଛନ୍ତି । କିନ୍ତୁ ସେଗୁଡ଼ିକ 'ସମ୍ବାଦବାହିକା' ନା 'ବୋଧଦାୟିନୀ'ରେ ପ୍ରକାଶିତ କହିବା ସମ୍ଭବପର ନୁହେ । 'ବୋଧଦାୟିନୀ'ରେ ରାଧାନାଥଙ୍କ ମେଘଦୂତର କିଛି ଅଂଶ ପ୍ରକାଶ ପାଇଥିବା ଶ୍ରୀଯୁକ୍ତ ଦେବେନ୍ଦ୍ର ଦାଶ ଉଲ୍ଲେଖ କରିଛନ୍ତି । (କବିବର ରାଧାନାଥ ଗ୍ରନ୍ଥାବଳୀ; ୨୦୦୫, ପୃଷ୍ଠା-୪୪୫)

ସେହିପରି 'ଉତ୍କଳଦର୍ପଣ' ପ୍ରକାଶ ପାଇଲାବେଳେ ମଧ ଲେଖକମାନଙ୍କର ଅଭାବ ଅନୁମିତ ହୁଏ । ପତ୍ରିକାଟିର ବିଜ୍ଞାପନର ଉଲ୍ଲିଖିତ ପଣ୍ଡିତ କାର୍ତ୍ତିକଚନ୍ଦ୍ର ଚକ୍ରବର୍ତ୍ତୀ, ଗୋବିନ୍ଦ ମିଶ୍ର, ବିଶ୍ୱନାଥ ଶତପଥୀ, ରାଧାନାଥ ବର୍ଦ୍ଧନ, ରସିକଚାନ୍ଦ ଦେ, ଜୟକୃଷ୍ଣଚୌଧୁରୀ, ଦାମୋଦର ଦାସ, ଭୋଳାନାଥ ଦାସ, ହରିପ୍ରସାଦ ଦାସ, ଶ୍ରୀହରି ପ୍ରସାଦ ଦାସ ଲେଖକବୃନ୍ଦ ଏଥିରେ ଲେଖିବାପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ ସୁଦ୍ଧା ଏହାର ଅଧିକାଂଶ ପୃଷ୍ଠା ରାଧାନାଥ ରାୟ ଓ ମଧୁସୂଦନ ରାଓଙ୍କ ରଚନାରେ କେବଳ ପୂର୍ଣ୍ଣ ଥିଲା । ଧନଞ୍ଜୟ ସିଂହ, ପ୍ରେରିତ ସଂଗୀତ, ସ୍ତୋତ୍ର, ମାତୃଭାଷାରେ ବିଦ୍ୟାନୁଶୀଳନ, ରଘୁବଂଶ, ଶାସନପ୍ରଣାଳୀ, ମାଇକେଲ ମଧୁସୂଦନ ଦତ୍ତ, ବାରୁଣୀ ସ୍ତୋତ୍ର, ଆମ୍ଭମାନଙ୍କ ଗୃହ, ଇଚ୍ଛାର ସ୍ୱାଧୀନତା, ଅର୍ଥ ଏବଂ ମୁଦ୍ରା ପରି କେତୋଟି ରଚନା ଅନ୍ୟମାନଙ୍କଦ୍ୱାରା ରଚିତ ହୋଇଥିଲା । ଅବଶ୍ୟ ପ୍ରବନ୍ଧଗୁଡ଼ିକର ଶେଷରେ କିମ୍ବା ପ୍ରଚ୍ଛଦ ପୃଷ୍ଠାରେ ଲେଖକଙ୍କ ନାମ ନଥିବାଯୋଗୁଁ ସେଗୁଡ଼ିକର ପିତୃତ୍ୱ ନିର୍ଦ୍ଧାରଣ କରିବା ସମ୍ଭବ ହୋଇପାରୁନାହିଁ । ଏସବୁ ପ୍ରବନ୍ଧ ଓ କବିତା ଅନୁଧାନ କଲେ ଲେଖକମାନଙ୍କର ପରଂପରାଗତ ଦୃଷ୍ଟିଭଙ୍ଗୀ ଏବଂ ବଙ୍ଗଳାରୁ ଆହରଣ କରିବାର ପ୍ରବୃତ୍ତି କଳନା କରାଯାଇପାରିବ । ଏଥିପାଇଁ 'ଉତ୍କଳଦୀପିକା' ଓ 'ସମ୍ବାଦବାହିକା' ଭାଷାର ମାର୍ଜ୍ଜନା ପାଇଁ ବାରଂବାର ଉପଦେଶ (ଅସୂୟା ପ୍ରଣୋଦିତ ବୋଲି କହୁଥିଲେ ସୁଦ୍ଧା) ଦେବାନିମିତ୍ତ ଭୁଲିନାହାନ୍ତି ।

କିନ୍ତୁ ୧୮୭୮ ବେଳକୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆସିଗଲାଣି । ଇଂରାଜୀ ଶିକ୍ଷାର ପ୍ରବର୍ତ୍ତନ ଫଳରେ ଶିକ୍ଷିତ ଯୁବକମାନେ ସେ ସାହିତ୍ୟର ବିଭିନ୍ନ ପ୍ରାରୂପ ସଂପର୍କରେ ଅବହିତ ହେଲେଣି । ଏଗୁଡ଼ିକର ଅଭିନବ ସ୍ୱାଦ ସେମାନଙ୍କୁ କିଛି ଅନୁବାଦ କରିବା ସହିତ ଓଡ଼ିଆଭାଷାରେ ତଦନୁରୂପ କିଛି ପୁସ୍ତକ ରଚନା କରିବା ପାଇଁ ପ୍ରେରଣା ଦେଲାଣି । ପାଶ୍ଚାତ୍ୟ ସାହିତ୍ୟ ସହିତ ଅଧିକ ଅନ୍ତରଙ୍ଗ ହେବାପାଇଁ ଏମାନେ ବଙ୍ଗଳା ସାହିତ୍ୟ ଓ ପତ୍ରପତ୍ରିକା ପ୍ରତି ଅଧିକ ଅଭିମୁଖୀ ହୋଇଛନ୍ତି । ତତ୍‌କାଳୀନ ଅଧିକାଂଶ ଉଚ୍ଚଶିକ୍ଷିତ ଯୁବକ ଓଡ଼ିଶାବାସୀ ବଙ୍ଗୀୟ ସନ୍ତାନ ଥିବାଯୋଗୁଁ ସେମାନଙ୍କପାଇଁ ଏହା ଅଧିକ କଷ୍ଟସାଧ୍ୟ ନଥିଲା । ଫଳରେ ପାଠ୍ୟପୁସ୍ତକ ରଚନା ସହିତ ଓଡ଼ିଆ ସାହିତ୍ୟରେ ଆଧୁନିକତାର ଅନୁପ୍ରବେଶ କରାଇବାପାଇଁ ଉଦ୍ୟମ ଆରମ୍ଭ ହୋଇଛି । ରେଭେନ୍‌ସା କଲେଜ ଛାତ୍ର ନିଜର ସଦ୍‌ଉଦ୍ୟମଦ୍ୱାରା ଆରମ୍ଭ କରିଛନ୍ତି 'ଉତ୍କଳମଧୁପ' । ଏଥିରେ ଉପନ୍ୟାସ, ଅଭିନବ ଛନ୍ଦ ଓ ବିଷୟବସ୍ତୁ ସମ୍ବଳିତ କବିତା, ଐତିହାସିକ, ବୈଜ୍ଞାନିକ ଓ ମନନଶୀଳ ପ୍ରବନ୍ଧ, ପାଶ୍ଚାତ୍ୟ ପଦ୍ଧତିରେ ପ୍ରାଚୀନ ସାହିତ୍ୟର ଆଲୋଚନା ଏବଂ ପୁସ୍ତକ ସମାଲୋଚନାରେ ଗୁଣ ସହିତ ଦୋଷୋଦ୍ଧାର ଆମେ ଦେଖିବାକୁ ପାଉଁ । ପୂର୍ବଦୁଇଟି ପତ୍ରିକାପରି ଏଥିରେ ମଧ ଲେଖକମାନଙ୍କର ନାମ ପ୍ରକାଶ କରିବାପାଇଁ ସଂପାଦକ ଓ ଲେଖକ ଉଭୟେ କୁଣ୍ଠିତ ଥିଲେ । ତଥାପି ଏହାର ପ୍ରମୁଖ ଲେଖକ ଥିଲେ

ନିଜେ ରାମଶଙ୍କର ରାୟ । ଫକୀରମୋହନ ଓ ରାଧାନାଥଙ୍କ ପରି ସେ ମଧ୍ୟ 'ଉତ୍କଳମଧୁପ'କୁ ବଞ୍ଚାଇ ରଖିବାପାଇଁ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ରାମଶଙ୍କରଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ଏଥିରେ ପ୍ରବନ୍ଧ ଓ ପ୍ରସ୍ତାବ ଲେଖିଛନ୍ତି ସେମାନେ ବଙ୍ଗଳା ସାହିତ୍ୟରୁ ଅନୁବାଦ କରିବା ଅପେକ୍ଷା ତା'ରି ଆଧାରରେ ଲିଖିତ ମୌଳିକ ରଚନାଦ୍ୱାରା ଓଡ଼ିଆ ସାହିତ୍ୟର ସମୃଦ୍ଧିପାଇଁ ଚିନ୍ତା କରିଥିବା ଲକ୍ଷ୍ୟ କରାଯାଏ । ରାମଶଙ୍କର ଏବଂ ତାଙ୍କ ବନ୍ଧୁମାନଙ୍କ ଏହି ସଦ୍‌ଉଦ୍ୟମ ଫଳରେ ଧୀରେ ଧୀରେ ଏକ ଆଧୁନିକ ସାହିତ୍ୟିକ ଗୋଷ୍ଠୀ ସୃଷ୍ଟି ଲାଭ କରିଛନ୍ତି । ୧୮୮୫ ମସୀହା ବେଳକୁ ଏହି ଗୋଷ୍ଠୀଟିର ସାହିତ୍ୟପ୍ରୀତି ଓ ରଚନା ସମ୍ଭାରର ନିଦର୍ଶନ 'ପ୍ରଦୀପ' ପୃଷ୍ଠାରେ ଦେଖିବାକୁ ମିଳେ ।

୧୮୮୫ରେ ପ୍ରକାଶ ପାଏ ସାହିତ୍ୟ ଓ ସମାଲୋଚନା ପତ୍ରିକା 'ପ୍ରଦୀପ' । ପୂର୍ବରୁ ପ୍ରକାଶିତ ସାହିତ୍ୟ ପତ୍ରିକାପାଇଁ ଲେଖକମାନଙ୍କର ଯେଉଁ ଅଭାବ ପରିଦୃଷ୍ଟ ହେଉଥିଲା 'ପ୍ରଦୀପ' ପାଇଁ ସେ ସମସ୍ୟା ନଥିଲା । ଏହାର ଏକ ନିଜସ୍ୱ ଲେଖକ ଗୋଷ୍ଠୀ ଥିଲେ । ଚବିଶ ଜଣ ଆଧୁନିକ ଶିକ୍ଷାପ୍ରାପ୍ତ ଯୁବକ ଥିଲେ ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ (ତାଲିକାଟି ପ୍ରଦୀପର ପ୍ରାକ୍ ସୂଚନାରେ ଦିଆଯାଇଛି ।) ଏମାନଙ୍କ ମଧ୍ୟରୁ କେତେକ ଥିଲେ ବି.ଏ. ଉପାଧିଧାରୀ ଏବଂ ଅନ୍ୟମାନେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକରୂପେ ନିଯୁକ୍ତ ଥିଲେ । ମୌଳିକ ଚିନ୍ତାକୁ ସାହିତ୍ୟିକ ରୂପ ଦେବାରେ ଏମାନଙ୍କର ସାମର୍ଥ୍ୟ ଥିଲା । ପାଶ୍ଚାତ୍ୟ ସାହିତ୍ୟର ବିଭିନ୍ନ ପ୍ରାରୂପ ସଂପର୍କରେ ଏମାନେ ଅବହିତ ଥିଲେ । ସମସାମୟିକ ସମସ୍ୟା, ଘଟଣାବଳୀ ଓ ଆବଶ୍ୟକତା ସେମାନଙ୍କ ଚିନ୍ତା ରାଜ୍ୟକୁ ଆଲୋଡ଼ିତ କରୁଥିଲା; ପ୍ରତିବେଶୀ ବଙ୍ଗଳାର ଉନ୍ନତ ସାହିତ୍ୟିକ ବାତାବରଣ ସଂସ୍ପର୍ଶରେ ଆସି ସେମାନେ ଓଡ଼ିଆ ସାହିତ୍ୟକୁ ତା'ର ସମକକ୍ଷ କରିବାପାଇଁ ଏକପ୍ରକାର ଅଙ୍ଗୀକାରବଦ୍ଧ ଥିଲେ । ଫଳରେ 'ପ୍ରଦୀପ'ରେ ଯେଉଁ କବିତା, ପ୍ରବନ୍ଧ, ଆଲୋଚନା ଇତ୍ୟାଦି ପ୍ରକାଶ ପାଉଥିଲା ସେସବୁ ଯେ ପୂର୍ବବର୍ତ୍ତୀ ପତ୍ରିକାଗୁଡ଼ିକରେ ପ୍ରକାଶ ପାଉଥିବା ରଚନାଠାରୁ ଉନ୍ନତମାନର, କହିବା ବାହୁଲ୍ୟ ମାତ୍ର । ପୂର୍ବପ୍ରକାଶିତ ତିନୋଟି ପତ୍ରିକା ସହିତ ଏହାର ତୁଳନାତ୍ମକ ଅଧ୍ୟୟନଦ୍ୱାରା ଆଧୁନିକ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶକ୍ରମ ସଂପର୍କରେ ଏକ ଧାରଣା କରିହେବ ।

-୩-

'ଉତ୍କଳ ମଧୁପ' ଓ 'ପ୍ରଦୀପ' ଦୁଇଟି ଭିନ୍ନ ଆଭିମୁଖ୍ୟନେଇ ପ୍ରକାଶ ପାଉଥିଲେ, କିନ୍ତୁ ସେମାନଙ୍କର ଜନ୍ମକାଳୀନ ପରିବେଶ ଓ ସାହିତ୍ୟିକ ବାତାବରଣରେ ବିଶେଷ ପାର୍ଥକ୍ୟ ନଥିଲା । ମାତ୍ର ପାଞ୍ଚୋଟି ବର୍ଷର ବ୍ୟବଧାନରେ ସେଗୁଡ଼ିକର ଆବିର୍ଭାବ । ଲେଖକମାନଙ୍କର ନାମ ପ୍ରକାଶ କରାଯାଉନଥିଲେ ସୁଦ୍ଧା କିଛି ଲେଖକ ଉଭୟ ପତ୍ରିକାରେ

ଲେଖୁଥିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ପ୍ରାଚୀନ ସାହିତ୍ୟର ଆଲୋଚନା 'ଉତ୍କଳ ମଧୁପ'ର ପ୍ରାଥମିକ ଲକ୍ଷ୍ୟ ଥିବା ଯୋଗୁଁ ଏଥିରେ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର କେତୋଟି ଛାନ୍ଦକୁ ନିର୍ବାଚିତ ଶବ୍ଦାର୍ଥ ସହିତ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆଧୁନିକ ଦୃଷ୍ଟିକୋଣରୁ ସେଗୁଡ଼ିକର ସମାଲୋଚନା ପ୍ରକାଶିତ ହୋଇଥିଲା । ଏତଦ୍ ବ୍ୟତୀତ ଉଭୟରେ ପ୍ରକାଶ ପାଇଥିବା ରଚନା ଗୁଡ଼ିକର ଅନ୍ତର୍ନିହିତ ଚେତନା, ରୂପ, ଭାବାତ୍ମକତା ଏବଂ ସଂରଚନା କୌଶଳ ମଧ୍ୟରେ ସାମ୍ୟ ଦୁର୍ଲ୍ଲକ୍ଷ୍ୟ ନୁହେଁ । ଅନୁଧ୍ୟାନ କଲେ ଏଗୁଡ଼ିକୁ ନିମ୍ନଲିଖିତ କେତୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ ।

୧- ପ୍ରବନ୍ଧ
  (କ) ଐତିହାସିକ
  (ଖ) ଜୀବନୀମୂଳକ
  (ଗ) ସଂସ୍କାରମୂଳକ
  (ଘ) ବୈଜ୍ଞାନିକ
  (ଙ) ଶିକ୍ଷାଧର୍ମୀ
  (ଚ) ସାହିତ୍ୟିକ
  (ଛ) ମନନଧର୍ମୀ

୨- କବିତା–ଆଧ୍ୟାତ୍ମିକ, ପ୍ରକୃତି ବର୍ଣ୍ଣନାମୂଳକ, ଉଦ୍‌ବୋଧନୀ, ସଂସ୍କାରଧର୍ମୀ, ଗାଥା

୩- କଥାସାହିତ୍ୟ
  (କ) ଉପନ୍ୟାସ
  (ଖ) କଥାଧର୍ମୀ

୪- ସାହିତ୍ୟ ସମାଲୋଚନା

୫- ପୁସ୍ତକ ସମାଲୋଚନା

## -୪-

ମାସିକ ସାହିତ୍ୟପତ୍ରର ଆବଶ୍ୟକତା ପୂରଣପାଇଁ ପ୍ରବନ୍ଧର ଭୂମିକା ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ । ଊନବିଂଶ ଶତାବ୍ଦୀର (ଏପରିକି ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ) ଉଭୟ ସଂପାଦକ ଓ ପାଠକ ଏହାରି ଉପରେ ହିଁ ଗୁରୁତ୍ୱଆରୋପ କରୁଥିଲେ । 'ଉତ୍କଳ ଦର୍ପଣ'ର ଗୋଟିଏ ସଂଖ୍ୟାରେ 'ଧନଞ୍ଜୟ ସିଂହ' ଏବଂ 'ଚନ୍ଦ୍ର ଓ ତାରା' ପରି ଦୁଇଟି କଥାଧର୍ମୀ

ରଚନା ପ୍ରକାଶ ପାଇଥିବା ଯୋଗୁଁ 'ଉତ୍କଳ ଦୀପିକା'ଦ୍ୱାରା ଏହା ସମାଲୋଚିତ ହୋଇଥିଲା । ଗଦ୍ୟ ରଚନା ବା ଗଦ୍ୟ ସାହିତ୍ୟ କହିଲେ ଏ ପର୍ଯ୍ୟନ୍ତ ପ୍ରବନ୍ଧଧର୍ମୀ ରଚନାକୁ ହିଁ ସାଧାରଣତଃ ବୁଝାଯାଇଥାଏ । ଆଲୋଚ୍ୟ ଉଭୟ ପତ୍ରିକା ମଧ୍ୟ ବିଭିନ୍ନ ବିଷୟକ ପ୍ରବନ୍ଧ ପ୍ରକାଶ କରି ପତ୍ରିକାର ମାନବୃଦ୍ଧିପାଇଁ ଚେଷ୍ଟାକରିଛନ୍ତି । କହିବା ବାହୁଲ୍ୟ, ପ୍ରବନ୍ଧ ଯେପରି ସମୃଦ୍ଧ ଓ ମାର୍ଜିତ ଭାଷା ସୃଷ୍ଟି କରିବାରେ ସହାୟକ ସେହିପରି ଜ୍ଞାନ ରାଜ୍ୟର ବିଭିନ୍ନ ବିଷୟକୁ ପାଠକମାନଙ୍କ ମଧ୍ୟରେ ବିତରଣ କରିବାପାଇଁ ସମର୍ଥ ।

ପ୍ରବନ୍ଧ ସହିତ ପତ୍ରପତ୍ରିକାର ସଂପର୍କ ଅତ୍ୟନ୍ତ ନିବିଡ଼ । ଓଡ଼ିଆ ପ୍ରବନ୍ଧ ସାହିତ୍ୟର ବିକାଶ କ୍ଷେତ୍ରରେ ମଧ୍ୟ ଏହାର ବ୍ୟତିକ୍ରମ ହୋଇନାହିଁ । ପ୍ରାଥମିକ ସ୍ତରରେ 'ଉତ୍କଳଦୀପିକା', 'ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦବାହିକା' ପରି ସାପ୍ତାହିକ ସମ୍ବାଦପତ୍ରଗୁଡ଼ିକ ଏ ଦିଗରେ ପ୍ରାଥମିକ ପ୍ରୟାସ ଆରମ୍ଭ କରିଥିଲେ । ଉଭୟ ପତ୍ରିକାରେ ଆନ୍ତର୍ଜାତିକ, ଜାତୀୟ, ଦେଶୀୟ ଏବଂ ଆଞ୍ଚଳିକ ସମ୍ବାଦଗୁଡ଼ିକୁ ସଂକ୍ଷିପ୍ତ ଓ ବିସ୍ତୃତ ରୂପେ ପରିବେଷଣ କରାଯାଉଥିଲା, ଏହା ସହିତ ପ୍ରକାଶ ପାଉଥିଲା କିଛି ବିଶେଷ ବିଷୟ ସଂପର୍କରେ ତର୍କବିତର୍କ । ସାମୟିକ ଭାବେ ସଂପାଦକ ବ୍ୟକ୍ତି, ଘଟଣା, ସମସ୍ୟା, ତତ୍ତ୍ୱ କିମ୍ବା ସାଂପ୍ରତିକ ଆବଶ୍ୟକତା ଅନୁଯାୟୀ କିଛି ଉପଦେଶ ବିଶେଷକୁ ପ୍ରବନ୍ଧ-ଶୈଳୀରେ ଉପସ୍ଥାପନ କରୁଥିଲେ । ଏଗୁଡ଼ିକ ନାତିଦୀର୍ଘ ହେଲେ ସୁଦ୍ଧା ପ୍ରବନ୍ଧ ରଚନା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରୁଥିଲେ । ଏହାରି ଉପରେ ଆଧାର କରି ସୃଷ୍ଟି ଲାଭ କରିଥିଲା ରାଧାନାଥ ରାୟଙ୍କ ଦୀର୍ଘ ମନନଧର୍ମୀ ପ୍ରବନ୍ଧ 'ବିବେକୀ' ଯାହା 'ଉତ୍କଳଦର୍ପଣ'ରେ ପ୍ରକାଶିତ ।

ପ୍ରବନ୍ଧ ରଚନାର ଏହି ଧାରା ଓଡ଼ିଶାର ପ୍ରାବନ୍ଧିକମାନେ ଯେ ବଙ୍ଗଳାରୁ ଆହରଣ କରିଥିଲେ, କହିବା ବାହୁଲ୍ୟ ମାତ୍ର । ୧୮୭୫ ବେଳକୁ ପତ୍ରପତ୍ରିକାର ସ୍ତମ୍ଭରୁ ଉତୁରି ଆସି ବଙ୍ଗଳା ପ୍ରବନ୍ଧ ଏକ ସ୍ୱଷ୍ଟ ରୂପ ଧାରଣ କରି ସାହିତ୍ୟିକ ମର୍ଯ୍ୟାଦା ଆହରଣ କରିବାପାଇଁ ସମର୍ଥ ହୋଇସାରିଥିଲା । ଓଡ଼ିଆ ସାହିତ୍ୟରେ ପ୍ରବନ୍ଧ ସାହତ୍ୟର ଯଥାର୍ଥ ଆବିର୍ଭାବ ଘଟିଲାବେଳକୁ ବଙ୍ଗଳା ପ୍ରବନ୍ଧ ରାମମୋହନ ରାୟ, କାଶୀନାଥ ତର୍କପଞ୍ଚାନନ, ଗୌରୀକାନ୍ତ ଭଟ୍ଟାଚାର୍ଯ୍ୟ, ରାମଚନ୍ଦ୍ର ବିଦ୍ୟାବାଗୀଶ, କୃଷ୍ଣମୋହନ ବନ୍ଦ୍ୟୋପାଧ୍ୟାୟ, ଅକ୍ଷୟ କୁମାର ଦତ୍ତ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଦେବେନ୍ଦ୍ରନାଥ ଠାକୁର, ଭୂଦେବ ମୁଖୋପାଧ୍ୟାୟ, ରାଜେନ୍ଦ୍ର ଲାଲ ମିତ୍ର, ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ, ରାଜନାରାୟଣ ବସୁ, ପ୍ୟାରୀଚାନ୍ଦ୍ ମିତ୍ର, କାଳୀପ୍ରସନ୍ନ ସିଂହ, ଦ୍ୱିଜେନ୍ଦ୍ର ନାଥ ଠାକୁର, କାଳୀପ୍ରସନ୍ନ ଘୋଷଙ୍କ ଦ୍ୱାରା ବାରମ୍ବାର ପରୀକ୍ଷିତ ଓ ପରିମାର୍ଜିତ ହୋଇ ବଙ୍କିମଚନ୍ଦ୍ରଙ୍କଠାରେ ପହଞ୍ଚି ସାରିଥିଲା । ବଙ୍କିମଚନ୍ଦ୍ରଙ୍କ ସଂପାଦନାରେ ପ୍ରକାଶ ପାଇଥିଲା ବଙ୍ଗଦର୍ଶନ' (୧୮୭୨) । ପୂର୍ବ

ପ୍ରକାଶିତ 'ତତ୍ତ୍ୱବୋଧିନୀ', 'ବିବିଧାର୍ଥ ସଂଗ୍ରହ', 'ସୋମପ୍ରକାଶ', 'ଏଜୁକେସନ୍ ଗେଜେଟ୍' ପ୍ରଭୃତିରେ ଯେଉଁ ପ୍ରବନ୍ଧଶୈଳୀ ଅନୁସୃତ ହୋଇଥିଲା ବଙ୍କିମଚନ୍ଦ୍ରଙ୍କ ଲେଖନୀରେ ତାହା ସାହିତ୍ୟିକ ରସରୂପ ଆହରଣ କରିବାପାଇଁ ସମର୍ଥ ହୋଇପାରିଥିଲା । ଆଲୋଚ୍ୟ ଦୁଇଟି ପତ୍ରିକା 'ଉତ୍କଳମଧୁପ' ଓ 'ପ୍ରଦୀପ' ପ୍ରକାଶ ବେଳକୁ 'ବଙ୍ଗଦର୍ଶନ'ର ପ୍ରତିଷ୍ଠା ଓ ପ୍ରଭାବ ଆଦୌ ବିସ୍ମୃତ ହେବାର ନୁହେଁ । ଉଭୟ ପତ୍ରିକାର ପ୍ରାବନ୍ଧିକମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଓଡ଼ିଶାବାସୀ ବଙ୍ଗସନ୍ତାନ । ତେଣୁ ବଙ୍ଗଳାରେ ପ୍ରକାଶ ପାଉଥିବା ପତ୍ରପତ୍ରିକା ଏବଂ ପ୍ରବନ୍ଧାବଳୀ ସହିତ ସେମାନଙ୍କର ଘନିଷ୍ଠ ସଂପର୍କ ଥିବା ସ୍ୱାଭାବିକ । ବଙ୍ଗଳାରେ ସୃଷ୍ଟିଲାଭ କରିଥିବା ବ୍ରାହ୍ମ ମତବାଦର ବହୁଳ ପ୍ରଚାର ଫଳରେ ଊନବିଂଶ ଶତାବ୍ଦୀର ସପ୍ତମ ଅଷ୍ଟମ ଦଶକ ବେଳକୁ ଏହାର ତତ୍ତ୍ୱ, ନୀତି, ଉପାସନା ପଦ୍ଧତି ଇତ୍ୟାଦିର ବ୍ୟାଖ୍ୟା ପାଇଁ ବହୁ ପତ୍ର ପତ୍ରିକା ପ୍ରକାଶ ପାଇଥିଲା । ଓଡ଼ିଶାରେ ମଧ୍ୟ ଏହାର ପରିପ୍ରଚାର ପାଇଁ ଅନୁରୂପ ତତ୍ପରତାର ଅଭାବ ନଥିଲା । ବିଭିନ୍ନ ସମୟରେ ବଙ୍ଗୀୟ ବ୍ରାହ୍ମଧର୍ମ ପ୍ରଚାରକଗଣ କଟକ ସହରରେ ପଦାର୍ପଣ କରି ଏ ଧର୍ମର ତତ୍ତ୍ୱ ବ୍ୟାଖ୍ୟା ସହିତ ଯୁବକ ମାନଙ୍କୁ ଏଥିରେ ଦୀକ୍ଷିତ କରାଇବା ପାଇଁ ପ୍ରୟାସ କରୁଥିଲେ । ଶିକ୍ଷା ବିଭାଗର ପ୍ରବୀଣ ଶିକ୍ଷକ ଓ ପଦସ୍ଥ କର୍ମକର୍ତ୍ତା ଭକ୍ତକବି ମଧୁସୂଦନ ରାଓ ଥିଲେ ଓଡ଼ିଶାରେ ବ୍ରାହ୍ମ ମତବାଦର ନିଷ୍ଠାପର ପ୍ରଚାରକ । ତାଙ୍କ ପ୍ରେରଣାରେ ବିଶ୍ୱନାଥ କରଙ୍କ ପରି ବହୁ ଯୁବକ ଏ ଧର୍ମରେ ଦୀକ୍ଷିତ ହୋଇଥିଲେ, ବ୍ରାହ୍ମଧର୍ମ ପ୍ରଚାରିଣୀ ସଭାମାନ ପ୍ରତିଷ୍ଠିତ ହୋଇଥିଲା, 'ଧର୍ମବୋଧିନୀ', 'ବ୍ରାହ୍ମ', 'ନବସମ୍ବାଦ' ପରି ପତ୍ରିକାମାନ ପ୍ରକାଶ ପାଇଥିଲା । ଏ ସମୟରେ ଯେଉଁମାନେ ବ୍ରାହ୍ମଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ ସେମାନଙ୍କ ମଧ୍ୟରୁ କିଛି ଆଧୁନିକ ଶିକ୍ଷାପ୍ରାପ୍ତ ଯୁବକ 'ପ୍ରଦୀପ' ପତ୍ରିକାର ଲେଖକ ଗୋଷ୍ଠୀର ଅନ୍ତର୍ଭୁକ୍ତ । ବଙ୍ଗଳାର ସମଧର୍ମା ପତ୍ରିକା ଗୁଡ଼ିକରେ ପ୍ରକାଶ ପାଉଥିବା ପ୍ରବନ୍ଧ ସବୁର ଅନୁସରଣରେ ମଧୁସୂଦନ ରାଓ, ସାଧୁଚରଣ ରାୟ, ହରିଶ୍ଚନ୍ଦ୍ର ଘୋଷ ପ୍ରଭୃତିଙ୍କ ପ୍ରବନ୍ଧ ପରିକଳ୍ପିତ । ତେଣୁ ଭାଷାରେ ବଙ୍ଗୀୟ ପ୍ରଭାବ ପରିଦୃଷ୍ଟ ହେଉଥିଲେ ସୁଦ୍ଧା ବକ୍ତବ୍ୟର ପ୍ରାଞ୍ଜଳତା, ଉଦାହରଣ ମାଧ୍ୟମରେ ନିଜ ଧାରଣାର ଯଥାର୍ଥତା ପ୍ରତିପାଦନ ପ୍ରଚେଷ୍ଟା, ବିଷୟବସ୍ତୁର ସଜ୍ଜୀକରଣ ଏହି ଜୀବନ ଜିଜ୍ଞାସା ଓ ସଂସ୍କାରମୂଳକ ପ୍ରବନ୍ଧ ଗୁଡ଼ିକର ବିଶେଷତ୍ୱ ।

ଅନୁରୂପ ଭାବେ ପାଶ୍ଚାତ୍ୟ ଶିକ୍ଷାପଦ୍ଧତି ଓ ଇଁରେଜୀ ଭାଷା ଶିକ୍ଷା ଏ ଦେଶର ଶିକ୍ଷିତ ଯୁବକଙ୍କ ନିକଟରେ ସମଗ୍ର ବିଶ୍ୱର ଜ୍ଞାନଭଣ୍ଡାରକୁ ଆଣି ପହଞ୍ଚାଇବାରେ ସାହାଯ୍ୟ କଲା । ବିଶେଷକରି ବିଜ୍ଞାନର ବିପୁଳ ଆବିଷ୍କାର ମାନବର ଚିତ୍ତ ରାଜ୍ୟରେ ଯେଉଁ ଆଲୋଡ଼ନ ସୃଷ୍ଟି କଲା ତାହା ଇଂରେଜୀ ଭାଷା ମାଧ୍ୟମରେ ସମଗ୍ର ବିଶ୍ୱର ବୁଦ୍ଧିଜୀବୀମାନଙ୍କୁ

ମନୁଷ୍ୟ ଓ ପ୍ରକୃତି ସଂପର୍କରେ ପୁନଃ ଚିନ୍ତନର ଉପାଦନ ଯୋଗାଇଦେଲା । ମିଶନାରୀ-ମାନଙ୍କଦ୍ୱାରା ପ୍ରସ୍ତୁତ ଆଧୁନିକ ବିଦ୍ୟାଳୟ ଉପଯୋଗୀ ପାଠ୍ୟପୁସ୍ତକ ଏବଂ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ପଡ଼ୋଶୀ ବଙ୍ଗୀୟ ବିଦ୍ୱାନମାନେ ଏହାର ପରିପ୍ରଚାରପାଇଁ ପ୍ରୟାସ ଆରମ୍ଭ କଲେ । ବଙ୍ଗଳାଭାଷା ମାଧ୍ୟମରେ ଶିକ୍ଷାଲାଭ କରୁଥିବା ଓଡ଼ିଶାର ଯୁବସମାଜ ଏହାଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ ଥିଲା । ପାଠ୍ୟପୁସ୍ତକ ଏବଂ ବଙ୍ଗୀୟ ପତ୍ରପତ୍ରିକା ଓ ବୈଜ୍ଞାନିକ ପ୍ରବନ୍ଧ ସଂକଳନ ଗୁଡ଼ିକରୁ ତଥ୍ୟ ଆହରଣ କରି ସେମାନେ ମଧ୍ୟ ଓଡ଼ିଆ ପ୍ରବନ୍ଧ କ୍ଷେତ୍ରକୁ ସଂପ୍ରସାରଣ କରିବା ପାଇଁ ଚେଷ୍ଟା କରିଛନ୍ତି । ଆଲୋଚ୍ୟ ପତ୍ରିକା ଦୁଇଟିରେ ପ୍ରକାଶିତ ବିଜ୍ଞାନର କାର୍ଯ୍ୟକ୍ଷେତ୍ର, ଆକସ୍ମିକ ଘଟନା, ଜୀବନ ସଂଗ୍ରାମ ଇତ୍ୟାଦି ପ୍ରବନ୍ଧ ଏହାର କେତୋଟି ନିଦର୍ଶନ ।

ପରଂପରାଗତ ଚାଟଶାଳୀ ଓ ଚତୁଷ୍ପାଠୀ ପରିବର୍ତ୍ତେ ଆଧୁନିକ ବିଦ୍ୟାଳୟର ଶିକ୍ଷା ପ୍ରଦାନ ବ୍ୟବସ୍ଥା, ପାଠ୍ୟ ବିଷୟ ବସ୍ତୁ ଏବଂ ଶିକ୍ଷାଦାନ ପ୍ରଣାଳୀ ଶିକ୍ଷକ ଓ ଶିକ୍ଷାବିତ୍ ମାନଙ୍କୁ ଶିକ୍ଷା ସଂପର୍କୀୟ ବିଭିନ୍ନ ବିଷୟର ଅନୁଧ୍ୟାନ ପାଇଁ ପ୍ରୋତ୍ସାହିତ କରିଛି । ବଙ୍ଗଳା ପାଠ୍ୟ ପୁସ୍ତକର ଅନୁବାଦ, ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବାପାଇଁ ସ୍ୱତନ୍ତ୍ର ପାଠ୍ୟପୁସ୍ତକ ଓ ସଂକଳନ ପ୍ରକାଶନ, ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ପୁସ୍ତକ ଗୁଡ଼ିକର ସହଚର ପ୍ରଣୟନ, ଶିକ୍ଷକମାନଙ୍କୁ ତାଲିମ୍ ଦେବାପାଇଁ ପୁସ୍ତକ ଓ ପତ୍ରପତ୍ରିକା ମାଧ୍ୟମରେ ପ୍ରୟାସ, ଆଦର୍ଶ ପ୍ରଶ୍ନାବଳୀ ପ୍ରସ୍ତୁତିରୁ ଶିକ୍ଷାସଂପର୍କୀୟ ଯେଉଁ ସଚେତନତା ସୃଷ୍ଟିହେଲା ତା'କୁ ଆଧାରକରି ମଧୁସୂଦନ ରାଓ, ସାଧୁଚରଣ ରାୟ, ଅକ୍ଷୟ କୁମାର ଦତ୍ତ ପ୍ରଭୃତି ବିଜ୍ଞ ଶିକ୍ଷକ ବୃନ୍ଦ ଶିକ୍ଷା ସଂପର୍କୀୟ ପ୍ରବନ୍ଧମାନ ରଚନା କରିବା ପାଇଁ ଚେଷ୍ଟା କରିଛନ୍ତି । ଏହି ନୂତନ ଶିକ୍ଷା ପଦ୍ଧତି, ରାଜା ରାମମୋହନ ରାୟଙ୍କ ସମାଜ ସଂସ୍କାର ଭାବନା ଏବଂ କେଶବ ଚନ୍ଦ୍ର ସେନଙ୍କ ବ୍ରାହ୍ମଧର୍ମ ଦର୍ଶନ ସମାଜରେ ଥିବା ନାରୀମାନଙ୍କ ପ୍ରତି ଅପଧାରଣାକୁ ବିଦୂରିତ କରିବା ଆରମ୍ଭ କଲା । ସେଥିପାଇଁ ଏ ସମୟର ଲେଖକମାନେ ରମଣୀର ବିପଦ ସମୟରେ ଅଟଳତା, ସ୍ତ୍ରୀ ଜାତି ପରି ପ୍ରବନ୍ଧମାନ ରଚନା କରିଛନ୍ତି ।

ଇତିହାସ ସଚେତନତା ପାଶ୍ଚାତ୍ୟ ସଂଶ୍ରବର ଅନ୍ୟତମ ଅମୃତମୟ ପରିଣତି । ଗୋଟିଏ ଦେଶକୁ ଶାସନ କରିବାକୁ ହେଲେ ସେ ଦେଶର ସଭ୍ୟତା ଓ ସଂସ୍କୃତି, ଅତୀତ ଓ ବର୍ତ୍ତମାନକୁ ଜାଣିବା ଯେ ଏକାନ୍ତ ଆବଶ୍ୟକ ବ୍ରିଟିଶ୍ ପ୍ରଶାସକ ଓ ମିଶନାରୀମାନଙ୍କ ଏ ପ୍ରକାର ମାନସିକତାରୁ ଭାରତ ଇତିହାସ ସଂପର୍କୀୟ ଆଲୋଚନା ଓ ଗବେଷଣା ଆରମ୍ଭ ହୋଇଥିଲା । ପାଶ୍ଚାତ୍ୟ ପଣ୍ଡିତମାନଙ୍କ ସହ ଯୋଗଦାନ କରିଥିଲେ ଆଧୁନିକ ଶିକ୍ଷାପ୍ରାପ୍ତ ଭାରତୀୟ ବୁଦ୍ଧିଜୀବୀମାନେ । କର୍ଣ୍ଣଲ୍ ଟଡ୍‌ଙ୍କ ରାଜସ୍ଥାନ ସଂପର୍କୀୟ ଗ୍ରନ୍ଥ ଏହି ଅନୁସନ୍ଧିତ୍ସା ପ୍ରବୃତ୍ତିକୁ ଅଧିକ ତ୍ୱରାନ୍ୱିତ କରିଥିଲା । ଏହି ଧାରାରେ ପ୍ରଭାବିତ ବଙ୍ଗୀୟ

ପଣ୍ଡିତମଣ୍ଡଳୀ ସମସାମୟିକ ପତ୍ରପତ୍ରିକାରେ ଏ ଦେଶର ଇତିହାସ, ସ୍ମରଣୀୟ ବ୍ୟକ୍ତିତ୍ୱ ଓ ଘଟଣା ପ୍ରବାହକୁ ନେଇ ପ୍ରସ୍ତାବ, ପ୍ରବନ୍ଧମାନ ରଚନା କରୁଥିଲେ; ଐତିହାସିକ କଥା ସାହିତ୍ୟର ସଂଖ୍ୟା ମଧ କମ୍ ନଥିଲା । ଭାରତବର୍ଷର ଇତିହାସ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା । ଏହାର ଅନୁସରଣରେ ଓଡ଼ିଶାର ସାପ୍ତାହିକ ଓ ମାସିକ ପତ୍ରିକା ଗୁଡ଼ିକରେ ଇତିହାସଧର୍ମୀ ଛୋଟ ବଡ଼ ରଚନାମାନ ପ୍ରକାଶ ପାଇଥିବା ଦେଖିବାକୁ ମିଳେ । ଦ୍ୱିତୀୟ ଶିଖ୍‌ଯୁଦ୍ଧ, ରମଣୀର ବିପଦ ସମୟରେ ଅଟଳତା, ଅମିର ସେର ଅଲ୍ଲୀ ପ୍ରଭୃତି ଐତିହାସିକ ପ୍ରବନ୍ଧ ଆଲୋଚ୍ୟ ପତ୍ରିକା ଦୁଇଟିର କଳେବର ମଣ୍ଡନ କରିଥିବା ସେହି ସୂତ୍ରର ଅନୁସରଣ ମାତ୍ର ।

ବିଭିନ୍ନ ବିଷୟବସ୍ତୁକୁ ଆଧାର କରି ସାପ୍ତାହିକ ପତ୍ର ପତ୍ରିକାରେ ପ୍ରକାଶ ପାଉଥିବା ପ୍ରବନ୍ଧଧର୍ମୀ ରଚନାଗୁଡ଼ିକ ମାସିକ ସାହିତ୍ୟପତ୍ରରେ ପ୍ରବନ୍ଧ ଓ ପ୍ରବନ୍ଧ ସାହିତ୍ୟ ରୂପ ଧାରଣ କରିବାପାଇଁ ପ୍ରେରଣା ପ୍ରଦାନ କରିଛନ୍ତି । ଲେଖକମାନେ ପ୍ରବନ୍ଧ ରଚନାଶୈଳୀ ସଂପର୍କରେ ଅବହିତ ହେବା ସଙ୍ଗେ ସଙ୍ଗେ ତାର ପରିମାର୍ଜନାପାଇଁ ପ୍ରୟାସ ଅବ୍ୟାହତ ରଖିଛନ୍ତି । ବଙ୍ଗଳାରୁ ଅନୂଦିତ ରଚନାର ଭାଷା ଧୀରେ ଧୀରେ ମାର୍ଜିତ ଓ ସୁରୁଚି ସଂପନ୍ନ ହୋଇ ଓଡ଼ିଆତ୍ୱ ଆହରଣପାଇଁ ସମର୍ଥ ହୋଇଛି । ଉପଲବ୍ଧ 'ଉତ୍କଳଦର୍ପଣ'ର 'ବିବେକୀ' କିମ୍ବା 'କାଳିଦାସ'ଠାରୁ 'ପ୍ରଦୀପ' ପତ୍ରିକାରେ ପ୍ରକାଶିତ 'ସନ୍ମାର୍ଗରେ ବୁଦ୍ଧିର ପରିଚାଳନା' କିମ୍ବା 'ସଂସ୍କାର' 'ବନ୍ଧୁତା' ପର୍ଯ୍ୟନ୍ତ ଓଡ଼ିଆ ପ୍ରବନ୍ଧର କ୍ରମବିକାଶ ଆଲୋଚନା କଲେ ଏହାର ସତ୍ୟତା ଉପଲବ୍ଧି କରିହେବ । ଉଦାହରଣ ସ୍ୱରୂପ—

*ସଂସାରରେ ଗଞ୍ଜନା ସମସ୍ତଙ୍କୁ ଥରେ ଦୁଇଥର ସହିବାକୁ ହୁଏ । କୋମଳମନସ୍କ ବ୍ୟକ୍ତିମାନେ ଟିକିଏ ନିନ୍ଦାରେ ଭଗ୍ନମନା ହୁଅନ୍ତି । ଯେତେବେଳେ ତୁମ୍ଭର ଗଞ୍ଜନା ହେବ ମନସମ୍ଭାଳି ଧୈର୍ଯ୍ୟଧରି ଏହା ପାଞ୍ଚିବ ଯେ ସଂସାରର ମତ ଦିନକୁ ଦିନ ସଂଶୋଧିତ ହେଉଅଛି । ଯେଉଁମାନେ ତୁମ୍ଭର ଆତ୍ମୀୟ ଅଟନ୍ତି ସେମାନେ ତୁମ୍ଭର ଆଚରଣ ବିଷୟରେ ଯେଉଁ ମତ ସ୍ଥିର କରିଅଛନ୍ତି ତାହା ସହଜରେ ପରିବର୍ତ୍ତିତ ହେବାର ଦୁଷ୍କର ଅଟେ । ହେତୁକି ସେମାନେ ଏହା ପାଞ୍ଚନ୍ତି ଯେ, ସେମାନେ ତୁମ୍ଭର ଚରିତ୍ର ଭଲରୂପରେ ଜାଣନ୍ତି; ଏଣୁ ସେମାନଙ୍କର ମତ ଅଭ୍ରାନ୍ତ ଅଟେ । ସାଧାରଣ ଲୋକଙ୍କର ମତ ଭ୍ରାନ୍ତ ଥିଲେ ସମୟରେ ଅବଶ୍ୟ ବିଶୋଧିତ ହେବ । (ଉତ୍କଳ ଦର୍ପଣ, ଗିରି, ପୃ-୫୮)*

*ଏହିସବୁ ଘଟନା ଓ ଅନ୍ୟ ଦିଗରେ ''ହରିବୋଲ'' ପରିପୂରିତ ରାଜବର୍ତ୍ମ ଆଡ଼କୁ ଦୃଷ୍ଟିପାତ କରି କହିଲ ମନୁଷ୍ୟ ଜୀବନର ପୂର୍ଣ୍ଣକାଳ ଅନିର୍ଦ୍ଦିଷ୍ଟ ହେଲେ ହେଁ ଜୀବନମାତ୍ରାର ହ୍ରାସ ବୃଦ୍ଧି ତୁମ୍ଭର ନିଜହସ୍ତରେ କି ନା ? ଏହି ଭୀଷଣ*

*ମହୋଦଧିର ଜୁଆର ଭଟ୍ଟା ଚନ୍ଦ୍ର ଓ ସୂର୍ଯ୍ୟ ହାତରେ, ଆଉ ଏ ଜୀବନମାତ୍ରାର ହ୍ରାସ ବୃଦ୍ଧି, ହେ ମନୁଷ୍ୟ, କେବଳ ତୁମ୍ଭରି ଦେହ ମନ ଉପରେ ନିର୍ଭର କରେ । ଏବେହେଁ ୩୦ ବରଷ ବୟସ ହୋଇନାହିଁ; ଏବେହେଁ ଏ ଚଟିରୁ ଉଠିଯିବା ନିମନ୍ତେ ଗଣ୍ଠିରି ବାନ୍ଧୁଅଛୁଁ; ତାହା କେବଳ ଆମ୍ଭରି ନିଜ ଗୁଣରେ । (ଉତ୍କଳମଧୁପ, ୨/୭,୮, ଜୀବନମାତ୍ରା)*

*ଦୂଷଣ ଭାଷୀ ଏବଂ ଗଳ୍ପବାହକର କଥା ପ୍ରତି ବଧିର ହେବା ଶ୍ରେୟସ୍କର । ଖଳଲୋକ ସର୍ବଦା ଏବଂ ସର୍ବତ୍ର ସୁଲଭ । ଖଳଲୋକର ଜିହ୍ୱାର ବିଶ୍ରାମ ନାହିଁ । ପ୍ରତିବେଶୀର କାର୍ଯ୍ୟ ଏବଂ ଚରିତ୍ରର ସମାଲୋଚନା ଏମାନଙ୍କର ନିତ୍ୟ ବ୍ରତ । ଏମାନଙ୍କର ଜିହ୍ୱା ଅଥବା ଲେଖନୀ ଏହି କାର୍ଯ୍ୟରେ ନିୟତ ବ୍ୟସ୍ତ । ପରର ଦୋଷ ଏମାନେ ଯେତେବେଳେ "ଦୁଃଖିତ ହୋଇ କହିବାକୁ ବାଧ" ହୁଅନ୍ତି ଏମାନଙ୍କର ସୁଖର ଅବଧି ଥାଏ ନାହିଁ । "ଅମୁକ ଲୋକ ବାହାରକୁ ଚିକ୍କଣ, ମାତ୍ର ତାଙ୍କ ହୃଦୟ କୁଟିଳତାରେ ପରିପୂର୍ଣ୍ଣ ।" "ଅମୁକ ଲୋକ ସମ୍ବନ୍ଧରେ ମୋହର ଭ୍ରମ ଥିଲା—ମୁଁ ତାହାଙ୍କୁ ଭଲଲୋକ ବୋଲି ଜାଣଥିଲି ।" "କ ବାବୁଙ୍କ ମୁଖରୁ ଶୁଣିଲି ସେ ଖ ବାବୁ ପାଖରୁ ଶୁଣିଥିଲେ ଯେ ଗ ବାବୁ ଏବଂ ଘ ବାବୁ ଚ ବାବୁଙ୍କ ସମ୍ବନ୍ଧରେ ଗୋପନରେ ଯେପରି କଥାବାର୍ତ୍ତା କହୁଥିଲେ ସେଥିରୁ ଛ ବାବୁଙ୍କର ଦୋଷ ଥିବାର ବୋଧ ହେଉଅଛି ।" ଏହିଭଳି କଥା କହିବା ଲୋକଙ୍କ କଥାରେ କର୍ଣ୍ଣପାତ କରିବ ନାହିଁ । ଏହିଭଳି ଲୋକ ବଢ଼ି ବଢ଼ି କେବଳ ନିଜର ନୀଚାଶୟତାର ଘୋଷଣା କରୁଥାନ୍ତି । (ପ୍ରଦୀପ, ପରନିନ୍ଦା)*

ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବନାହିଁ ଯେ ସବୁ ପ୍ରବନ୍ଧ ପ୍ରବନ୍ଧସାହିତ୍ୟର ଅନ୍ତର୍ଭୁକ୍ତ ନୁହେଁ । ପାଠକ ସମ୍ମୁଖରେ ଜ୍ଞାନ ରାଜ୍ୟର ସମସ୍ତ ବାତାୟନ ଉନ୍ମୁକ୍ତ କରିବାରେ ପ୍ରବନ୍ଧର ଭୂମିକା ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ; କିନ୍ତୁ ଯେଉଁ ପ୍ରବନ୍ଧ ପାଠକର ଜ୍ଞାନରାଜ୍ୟର ପରିସରକୁ ବିସ୍ତୃତ କରି ମୂର୍ତ୍ତ ଓ ଅମୂର୍ତ୍ତ ବିଷୟ ସହିତ ତାକୁ ପରିଚିତ କରାଇ ତା' ହୃଦୟରେ ରସାତ୍ମକ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ, ତାହା କେବଳ ପ୍ରବନ୍ଧ ରୂପେ ହିଁ ବିବେଚିତ ହୋଇପାରେ । ଭାଷା ବିନ୍ୟାସର ଯାଦୁକରୀ ସ୍ପର୍ଶରେ, ପରିବେଷଣ କୌଶଳର କମନୀୟତାରେ ଯେଉଁ ପ୍ରବନ୍ଧ ପାଠକକୁ କିଛି ସମୟପାଇଁ ରସାତ୍ମକ ଆବେଦନ ମାଧ୍ୟମରେ ଆତ୍ମ ବିସ୍ମୃତ କରିପାରେ, ତାହହିଁ ସାହିତ୍ୟିକ ପ୍ରବନ୍ଧ ବା ପ୍ରବନ୍ଧ ସାହିତ୍ୟର ଅନ୍ତର୍ଭୁକ୍ତ । ଜ୍ଞାନଦୀପ୍ତ ପ୍ରବନ୍ଧକୁ ସାହିତ୍ୟିକ ପ୍ରବନ୍ଧ କୋଟୀକୁ ଉନ୍ନୟନ କରିବାପାଇଁ 'ପ୍ରଦୀପ'ର ପ୍ରାବନ୍ଧିକମାନଙ୍କ ଉଦ୍ୟମ ଅବଶ୍ୟ ପ୍ରଶଂସନୀୟ । ଏହି ଉଦ୍ୟମର ପରିଣତ ରୂପ ପରବର୍ତ୍ତୀ କାଳୀନ 'ଉତ୍କଳସାହିତ୍ୟ', 'ମୁକୁର' ଇତ୍ୟାଦି ପତ୍ରିକାରେ ଦେଖିବାକୁ ମିଳେ ।

-୫-

ଉଭୟ ପତ୍ରିକାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକର ଅଧିକାଂଶ ଲେଖକ ନିଜର ନାମ ଗୋପନ ରଖିଛନ୍ତି । ଏମାନଙ୍କ ପରିଚୟ ପାଇବା ଆପାତତଃ ସମ୍ଭବ ନହେଲେ ସୁଦ୍ଧା ଆଗାମୀ ସମାଲୋଚକ ମାନଙ୍କପାଇଁ କେତୋଟି ସୂତ୍ରର ଅବତାରଣା କରାଯାଇପାରେ ।

ପ୍ରଥମତଃ, 'ପ୍ରଦୀପ'ର ପ୍ରଚ୍ଛଦ ପୃଷ୍ଠାର ଅପର ପାର୍ଶ୍ୱରେ ଏହି ପତ୍ରିକାରେ ଲେଖୁଥିବା ଲେଖକମାନଙ୍କ ନାମ ତାଲିକା ପ୍ରଦାନ କରାଯାଇଛି । ସେଥିରେ ରାଧାନାଥ ରାୟଙ୍କ ନାମ ଦ୍ୱିତୀୟ ସଂଖ୍ୟାରୁ ସଂଯୋଜିତ । ଏହା ନିଶ୍ଚିତ ଭାବେ ଏକ ଉଲ୍ଲେଖଯୋଗ୍ୟ ବିଷୟ; ତାଙ୍କ ପ୍ରବନ୍ଧ ପ୍ରକାଶ ପାଇନଥିଲେ ଲେଖକ ତାଲିକାର ଶୀର୍ଷରେ ତାଙ୍କ ନାମ ରହିବାର କୌଣସି ଆବଶ୍ୟକତା ନଥାନ୍ତା । ଏହି ସଂଖ୍ୟାରେ ପ୍ରକାଶ ପାଇଥିବା ପ୍ରବନ୍ଧଗୁଡ଼ିକୁ ଅନୁଧ୍ୟାନ କଲେ 'ଆମ୍ଭ ମାନଙ୍କର ଜାତୀୟ ସାହିତ୍ୟ' ଶ୍ରୀ ବ୍ରହ୍ମାନନ୍ଦ ଦାସ ଏବଂ 'ଜୀବନ କି ଅସାର' ଶ୍ରୀ ସାଧୁଚରଣ ରାୟଙ୍କଦ୍ୱାରା ଲେଖାଯାଇଛି । ଅନ୍ୟ ଦୁଇଟି ପ୍ରବନ୍ଧ 'ବିଜ୍ଞାନର ସହିତ ଧର୍ମର ସମ୍ବନ୍ଧ' ଏବଂ 'ସନ୍ମାର୍ଗରେ ବୁଦ୍ଧିର ପରିଚାଳନା' ପ୍ରାବନ୍ଧିକ ମାନେ ନିଜର ନାମ ଗୋପନ ରଖିଛନ୍ତି । ବିଜ୍ଞାନ ସଂପର୍କୀୟ ପ୍ରବନ୍ଧକୁ ଯେଉଁ ପ୍ରାବନ୍ଧିକ ଲେଖିଛନ୍ତି, ''ମଧୁପ'' ଓ ''ପ୍ରଦୀପ''ରେ ବହୁ ବୈଜ୍ଞାନିକ ପ୍ରବନ୍ଧ ଲେଖୁଥିବା ପ୍ରାବନ୍ଧିକଙ୍କ ସହ ଏହାଙ୍କୁ ଅଭିନ୍ନ ବୋଲି ଗ୍ରହଣ କରାଯାଇପାରିବ । ଏ ସମୟକୁ ଅକ୍ଷୟ କୁମାର ଦତ୍ତ ବୈଜ୍ଞାନିକ ପ୍ରବନ୍ଧମାନ ରଚନା କରି ବଙ୍ଗଳା ପ୍ରବନ୍ଧ ସାହିତ୍ୟକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ବିଜ୍ଞାନ ସଂକ୍ରାନ୍ତ ବହୁ ଇଂରେଜୀ ଗ୍ରନ୍ଥ ଓ ପ୍ରବନ୍ଧ ଅଧ୍ୟୟନ କରି ସେ ଯେଉଁ ତଥ୍ୟ ଆହରଣ କରିଥିଲେ, ସେଗୁଡ଼ିକୁ ସରଳ ଭାବେ ବଙ୍ଗଳାର ପାଠକମାନଙ୍କ ନିକଟରେ ପରିବେଷଣ କରିବା ତାଙ୍କର ଲକ୍ଷ୍ୟ ଥିଲା । ସେ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ଶାସ୍ତ୍ର ଓ ସଂସ୍କୃତି ସହିତ ପରିଚିତ ଥିଲେ; ତେଣୁ ଉଭୟର ସାର୍ଥକ ସମନ୍ୱୟଦ୍ୱାରା ବୈଜ୍ଞାନିକ ପ୍ରବନ୍ଧଗୁଡ଼ିକୁ ସୁଖପାଠ୍ୟ କରିପାରିଥିଲେ । ତାଙ୍କ ପ୍ରବନ୍ଧଗୁଡ଼ିକକୁ ଲକ୍ଷ୍ୟ କରି କୁହାଯାଉଥିଲା 'Akshaya Kumar is Indianising European Science' । ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ମୋଚନପାଇଁ ସେତେବେଳେ ତାଙ୍କର କିଛି ପୁସ୍ତକ ଓଡ଼ିଆରେ ମଧ୍ୟ ଅନୂଦିତ ହୋଇଛି । ଏଗଡ଼ିକୁ ଅଧ୍ୟୟନ କରିଥିବା ଏବଂ ପରବର୍ତ୍ତୀ ସମୟରେ ବିଜ୍ଞାନ ବିଷୟ ଅଧ୍ୟାପନା କରୁଥିବା କୌଣସି ଶିକ୍ଷକ ଯେ ଏହି ବୈଜ୍ଞାନିକ ପ୍ରବନ୍ଧଗୁଡ଼ିକର ରଚୟିତା ହୋଇଥିବେ, ଏପରି ସମ୍ଭାବନା ଆଦୌ ଅମୂଳକ ନୁହେଁ । ସେ 'ଉତ୍କଳ ମଧୁପ'ରୁ ଆରମ୍ଭ କରି 'ପ୍ରଦୀପ' ପର୍ଯ୍ୟନ୍ତ ପତ୍ରିକାରେ ଏପ୍ରକାର ପ୍ରବନ୍ଧ ରଚନା କରିଚାଲିଛନ୍ତି । ପ୍ରଦୀପର ଲେଖକ ଗୋଷ୍ଠୀ ମଧ୍ୟରୁ ଯେଉଁମାନେ

ବିଜ୍ଞାନର ଅଧ୍ୟାପକ ଥିଲେ, ସେମାନଙ୍କୁ ଚିହ୍ନଟ କରିପାରିଲେ, ଏ ସମସ୍ୟାର ସମାଧାନ ହୋଇପାରିବ । ଅକ୍ଷୟ କୁମାର ଦତ୍ତଙ୍କ ଲିଖିତ 'ଚାରୁପାଠ'ର ତିନୋଟି ଯାକ ଭାଗକୁ ବିଚ୍ଛନ୍ଦ ପଟ୍ଟନାୟକ ୧୮୬୮-୬୯ରେ ଅନୁବାଦ କରିଥିଲେ ସୁଦ୍ଧା ତାଙ୍କ ନାମ 'ପ୍ରଦୀପ' ଲେଖକ ଗୋଷ୍ଠୀର ଅନ୍ତର୍ଭୁକ୍ତ ନଥିବାରୁ, ଏସବୁ ପ୍ରବନ୍ଧର ରଚୟିତା ଭାବେ ତାଙ୍କୁ ଚିହ୍ନଟ କରାଯାଇପାରୁ ନାହିଁ ।

ଏଣୁ ବର୍ତ୍ତମାନ ଗୋଟିଏ ମାତ୍ର ପ୍ରବନ୍ଧ 'ସନ୍ମାର୍ଗରେ ବୁଦ୍ଧିର ପରିଚାଳନା'କୁ ରାଧାନାଥ ରାୟଙ୍କ ରଚନା ବୋଲି ଗ୍ରହଣ କରାଯାଇପାରେ । ପ୍ରବନ୍ଧଟି ପ୍ରକାଶ ପାଇନଥିଲେ ଦ୍ୱିତୀୟ ସଂଖ୍ୟାଠାରୁ ରାଧାନାଥଙ୍କ ନାମ ଲେଖକ ଗୋଷ୍ଠୀର ଶୀର୍ଷରେ ଦେବାର କୌଣସି ଯଥାର୍ଥତା ଥିଲା ବୋଲି ମନେହୁଏନାହିଁ । ରାଧାନାଥ ପୂର୍ବରୁ ମଧ୍ୟ 'ଉତ୍କଳଦର୍ପଣ'ରେ ନିଜର ନାମ ଗୋପନ ରଖି 'ବିବେକୀ' ପ୍ରବନ୍ଧ ଧାରାବାହିକଭାବେ ପ୍ରକାଶ କରୁଥିଲେ । ଏହି ପତ୍ରିକାରେ ପ୍ରକାଶିତ ଲେଖକ-ନାମହୀନ 'କାଳିଦାସ' ପ୍ରବନ୍ଧକୁ ମଧ୍ୟ ତାଙ୍କ ରଚନା ବୋଲି ପରବର୍ତ୍ତୀ ସମୟରେ ଅନୁମାନ କରାଯାଇଛି । (ମୃତ୍ୟୁଞ୍ଜୟ ରଥ-ଉ.ସା.ତା ୨୩/୮) ଆଲୋଚ୍ୟ ପ୍ରବନ୍ଧକୁ 'ବିବେକୀ'ର ପରିପୂରକ ଭାବେ ଗ୍ରହଣ କରାଯାଇପାରେ । ଭାଷା, ଭାବ, ଶୈଳୀ, ପାଠକୀୟ ସମ୍ବୋଧନ ଏବଂ ସର୍ବୋପରି ରାଧାନାଥଙ୍କ ତତ୍କାଳୀନ ମାନସିକତା ଦୃଷ୍ଟିରୁ ଏହା 'ବିବେକୀ'ର ଲେଖକଙ୍କଦ୍ୱାରା ଲିଖିତ ବୋଲି କୁହାଯାଇପାରିବ । ଶିକ୍ଷା କ୍ଷେତ୍ରରେ ଡେପୁଟି ଇନ୍‌ସପେକ୍ଟର ଥିବା ପର୍ଯ୍ୟନ୍ତ ରାଧାନାଥଙ୍କର ଯେଉଁ ଅଖଣ୍ଡ ପ୍ରତିପତ୍ତି ଥିଲା, ଜଏଣ୍ଟ ଇନ୍‌ସପେକ୍ଟର ହେବା ପରେ (ତା ୨୪-୧୧-୧୮୭୭) ତାହା ଧୀରେ ଧୀରେ କ୍ଷୁଣ୍ଣହେବାକୁ ଲାଗିଛି । ୧୮୮୦ ମସିହାରେ ମଧୁସୂଦନ ରାଓଙ୍କ 'ପ୍ରବନ୍ଧମାଳା' ପୁସ୍ତକର ସମାଲୋଚନା ପରଠାରୁ ରାଧାନାଥ ଓଡ଼ିଶାର ବୁଦ୍ଧିଜୀବୀମାନଙ୍କ ସମାଲୋଚନାର ଶରବ୍ୟ ହୋଇପଡ଼ିଛନ୍ତି । ପାଠ୍ୟପୁସ୍ତକ ନିର୍ବାଚନ, ବୈକୁଣ୍ଠନାଥ ଦେଙ୍କ ପ୍ରତି ଅତ୍ୟଧିକ ମମତ୍ୱବୋଧ ଫଳରେ ଦେ ପ୍ରେସ୍‌ରୁ ପ୍ରକାଶିତ ପୁସ୍ତକ ପ୍ରଚଳନରେ ପକ୍ଷପାତିତା, ଅର୍ଥଲାଳସାରୁ ବିଦ୍ୟାଳୟଗୁଡ଼ିକରେ ନିଜର ଏବଂ ନିଜଲୋକମାନଙ୍କର ପୁସ୍ତକ ବିକ୍ରୟ ପାଇଁ ପ୍ରତ୍ୟକ୍ଷ ପ୍ରୟାସ, ନିଜର ବିଚକ୍ଷଣ ବୁଦ୍ଧିମତ୍ତା, ଜ୍ଞାନଗାରିମା ଏବଂ ସୁକୌଶଳ ଦ୍ୱାରା ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ପଦୋନ୍ନତି ଲାଭକରିବା, ପଦୋନ୍ନତି ପରେ ଅତୀତରେ ତାଙ୍କ ପ୍ରଧାନଶିକ୍ଷକ ରାମଦାସ ଚକ୍ରବର୍ତ୍ତୀ, ନର୍ମାଲ୍‌ସ୍କୁଲର ହେଡ୍‌ମାଷ୍ଟର ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କ ପ୍ରତି ବୈରଭାବ ପୋଷଣ ଇତ୍ୟାଦି ଫଳରେ ରାଧାନାଥଙ୍କ ବିରୋଧରେ ବହୁ ତିକ୍ତ ସମାଲୋଚନା ଓ ସଂପାଦକଙ୍କୁ ପତ୍ର ସମସାମୟିକ ବିଭିନ୍ନ ପତ୍ରିକାରେ ପ୍ରକାଶ ପାଉଥିଲା । ଧୂମକେତୁ, ସଂସ୍କାରକ, ଉତ୍କଳଦର୍ପଣ, ଶିକ୍ଷାବନ୍ଧୁ ରାଧାନାଥଙ୍କ ସମସ୍ତ ବିରୁଦ୍ଧ ସମାଲୋଚନାକୁ ପ୍ରତିହତ କରିବା ପାଇଁ ବଦ୍ଧପରିକର ହୋଇଉଠିବା ଫଳରେ ରାଧାନାଥ

ଯେ ମାନସିକ ସ୍ତରରେ ବିବ୍ରତ ହୋଇଉଠୁଥିବେ, ଏହା କଳ୍ପନା କରିବା ଅସମୀଚୀନ ନୁହେ । ତେଣୁ ବିପକ୍ଷବାଦୀ ମାନଙ୍କୁ ସତ୍‌ପନ୍ଥା ଅବଲମ୍ବନ କରି ନିଜର ବୁଦ୍ଧିକୁ ସତ୍ ମାର୍ଗରେ ପରିଚାଳନ କରିବା ପାଇଁ ନିଜ ନାମକୁ ଗୋପନ ରଖି ସେ ଏପରି ଏକ ପ୍ରବନ୍ଧ ରଚନା କରିଥିବା ଅନୁମେୟ । ସେହିପରି 'ପ୍ରଦୀପ'ର ପ୍ରଥମଖଣ୍ଡ ପଞ୍ଚମ ସଂଖ୍ୟାରେ ପ୍ରକାଶ ପାଇଥିବା 'ପରନିନ୍ଦା' ପ୍ରବନ୍ଧ ମଧ୍ୟ ରାଧାନାଥଙ୍କ ଏହି ବିବ୍ରତ ମାନସିକତାର ପରିପ୍ରକାଶ । ବିରୁଦ୍ଧବାଦୀମାନଙ୍କ ସମାଲୋଚନା ପ୍ରତି ସେ କିପରି ବଧିର ଏବଂ ସେମାନଙ୍କର ମତାମତର ସତ୍ୟାସତ୍ୟ ପରୀକ୍ଷା କରିବା ଅନ୍ୟମାନଙ୍କ କର୍ତ୍ତବ୍ୟ, ତାହା ପ୍ରବନ୍ଧଟିରେ ପ୍ରଖ୍ୟାପିତ । ପ୍ରବନ୍ଧ ଶେଷରେ ଲେଖାଯାଇଛି—

> *କେହି ଯେବେ ସ୍ପଷ୍ଟାକ୍ଷରରେ ପ୍ରକୃତ ଦୋଷାବହ ଅଭିଯୋଗ ଉପସ୍ଥିତ କରେ, ସେପରି ସ୍ଥଳରେ ଉଚିତ କଥା କହି ସେଥିର ପ୍ରତିବାଦ କରିବାର ଆବଶ୍ୟକ । ଏମନ୍ତ ସ୍ଥଳରେ ନୀରବ ରହିଲେ ଅଜ୍ଞଲୋକେ (ପୃଥିବୀରେ ଅଧିକାଂଶ ଏହି ଶ୍ରେଣୀର) ''ମୌନଂ ସମ୍ମତି ଲକ୍ଷଣମ୍'', ଏହି ବଚନର ଅପପ୍ରୟୋଗ କରି ତୁମ୍ଭେ ନିର୍ଦ୍ଦୋଷ ଥିଲେ ସୁଦ୍ଧା ତୁମ୍ଭକୁ ଦୋଷୀ ମଣିବେ । ମାତ୍ର ଚାଳେ କଥା, ଜନରବ, ଅଡୁଆ କଥା, ଏଣୁ ତେଣୁ ପାଞ୍ଚକଥା ଘେନି କେବଳ ଈର୍ଷା ଚରିତାର୍ଥ କରିବା ଅଭିପ୍ରାୟରେ କେହି ଯେବେ ତୁମ୍ଭଙ୍କୁ ଆକ୍ରମଣ କରେ ଏପରି ସ୍ଥଳରେ ବଧିରତା ଅଥବା ମୌନାବଲମ୍ବନ ଶ୍ରେୟସ୍କର ।*

ଆମର ଏ ଅଭିମତକୁ ସର୍ବଶେଷ ସିଦ୍ଧାନ୍ତ ବୋଲି ମନେ ନକରି 'ରାଧାନାଥଙ୍କ ରଚନାବଳୀ ସଂଗ୍ରହ' କିମ୍ବା 'ରାଧାନାଥଙ୍କ ଗଦ୍ୟଶୈଳୀର ବିବର୍ତ୍ତନ', 'ପ୍ରାବନ୍ଧିକ ରାଧାନାଥ' ଇତ୍ୟାଦି ବିଷୟରେ ଆଲୋଚନା କଲାବେଳେ ଆଲୋଚକମାନେ ଏହାର ଯଥାର୍ଥତା ବିଚାରକୁ ନେବେ ବୋଲି ବିଶ୍ୱାସ ।

-୬-

ପତ୍ରିକା ଦୁଇଟିରେ ପ୍ରକାଶ ପାଇଥିବା ରଚନାଗୁଡ଼ିକୁ ଅନୁଧ୍ୟାନ କଲେ ମନେହୁଏ ସଂପାଦକମାନେ କବିତା ପ୍ରକାଶପାଇଁ ବିଶେଷ ଆଗ୍ରହୀ ନଥିଲେ । ଆଲୋଚ୍ୟ ପନ୍ଦରଟି ସଂଖ୍ୟାରେ ମାତ୍ର ସତରଟି କବିତା ପ୍ରକାଶ ପାଇଛି । ସମସାମୟିକ ସାପ୍ତାହିକ ପତ୍ରିକା ଗୁଡ଼ିକରେ ଛନ୍ଦୋବଦ୍ଧ କବିତାର ଅଭାବ ନଥିଲେ ସୁଦ୍ଧା ସାହିତ୍ୟ ପତ୍ରିକା ଗୁଡ଼ିକ କବିତାରେ ଆଧୁନିକତାକୁ ପ୍ରୋତ୍ସାହିତ କରିବାପାଇଁ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି । ୧୮୭୮ ବେଳକୁ ରାଧାନାଥ ଓ ମଧୁସୂଦନଙ୍କ ଦ୍ୱୈତ ପ୍ରୟାସରେ ପ୍ରଥମ ପାଠ (୧୮୭୫-୭୬) ଓ କବିତାବଳୀ (୧୮୭୬) ପ୍ରକାଶ ପାଇସାରିଛି । ଏହା ପୁଣି ପାଠ୍ୟପୁସ୍ତକ ରୂପେ

ପ୍ରଚଳିତ ଥିବାରୁ ଏବଂ ୧୮୭୯ରେ ସାହିତ୍ୟ ବିଷୟକ ଆଦର୍ଶ ପ୍ରଶ୍ନାବଳୀ ମାଧମରେ ଏସବୁ କବିତାକୁ ପଢ଼ାଇବାର କୌଶଳ ସଂପର୍କରେ ସୂଚନା ଦିଆଯାଇଥିବାରୁ ଆଲୋଚ୍ୟ କବିତାଗୁଡ଼ିକ ବିଶେଷଭାବେ ଉଭୟ କବିଙ୍କ ରଚନାଶୈଳୀକୁ ଅବଲମ୍ବନ କରିଛନ୍ତି । ପରବର୍ତ୍ତୀ ସମୟରେ ସଂପାଦକମାନେ ଯେପରି ଉପଧା ବିହୀନ କବିତାକୁ ପ୍ରକାଶ ନ କରିବାପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଉଥିଲେ, ଏହି ପତ୍ରିକା ଗୁଡ଼ିକରେ ସେପରି ସର୍ତ୍ତ ଆରୋପ କରାଯାଇନଥିଲେ ସୁଦ୍ଧା ଲେଖକମାନେ ଉପଧାମେଳ ପ୍ରତି ସଚେତନ ଥିବା ଲକ୍ଷ୍ୟ କରାଯାଏ । କବିତା ଗୁଡ଼ିକୁ ଭାଷା ବିନ୍ୟାସ, ଛନ୍ଦ, ରଚନାଶୈଳୀ, ବିଷୟବସ୍ତୁ ଦୃଷ୍ଟିରୁ ଆଧୁନିକ ଓଡ଼ିଆ କବିତାର ବାର୍ତ୍ତାବହ କହିଲେ ଅଯଥାର୍ଥ ହେବ ନାହିଁ । ‘ପ୍ରେମତରୀ’ରେ ଅନୁସୃତ ବଙ୍ଗଳା ଛନ୍ଦପାଇଁ ରାମଶଙ୍କର ସମାଲୋଚିତ ହେବା ପରେ ଏହି କବିମାନେ ନିଜସ୍ୱ ଓଡ଼ିଆ ଛନ୍ଦର ପ୍ରୟୋଗପାଇଁ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଛନ୍ତି । ଗୋବିନ୍ଦ ରଥ, ମଣିଚରଣ ମହାପାତ୍ର ପ୍ରଭୃତିଙ୍କ କବିତାରେ ଏହି ମାନସିକତା ପ୍ରତିଫଳିତ । ଲେଖକମାନେ କବିତାଗୁଡ଼ିକୁ ଶୃଙ୍ଗାର ରସସିକ୍ତ କରିବା ପରିବର୍ତ୍ତେ କରୁଣ, ବୀର, ହାସ୍ୟ, ପ୍ରକୃତି ରସାତ୍ମକ ରଚନା ମାଧମରେ ପାଠକମାନଙ୍କୁ ଏକ ଅଭିନବ ସାରସ୍ୱତ ମଣ୍ଡଳ ମଧକୁ ଟାଣିନେବାପାଇଁ ପ୍ରୟାସ କରିଛନ୍ତି । ଏଗୁଡ଼ିକରେ ଥିବା କିଛିଟା ଦୋଷତ୍ରୁଟିକୁ ପରିହାର କରିବାପାଇଁ ପରବର୍ତ୍ତୀ ସମୟରେ ମଧୁସୂଦନ ରାଓ ଓ ରାମଶଙ୍କର ରାୟ କିପରି ପ୍ରୟାସ କରିଛନ୍ତି ତାହା ପୂର୍ବରୁ ସୂଚିତ । ‘ମଧୁପ’ ଓ ଗ୍ରନ୍ଥାବଳୀରେ ସ୍ଥାନିତ ‘ପ୍ରେମତରୀ ଗାଥା’ର ତୁଳନାତ୍ମକ ଆଲୋଚନା ରାମଶଙ୍କରଙ୍କ ବିବର୍ତ୍ତିତ ସାରସ୍ୱତ ମାନସିକତାର ଆଲୋଚନା ନିମିତ୍ତ ଭବିଷ୍ୟତ ଆଲୋଚକମାନଙ୍କୁ ସହାୟତା କରିବ ।

-୭-

ଏହି ଦୁର୍ଲ୍ଲଭ ପତ୍ରିକା ଦୁଇଟି ସେଥିରେ ପ୍ରକାଶ ପାଇଥିବା କବିତା କିମ୍ବା ପ୍ରବନ୍ଧ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି । ‘ମଧୁପ’ରେ ପ୍ରକାଶିତ ‘ସୌଦାମିନୀ’ ଏବଂ ‘ପ୍ରଦୀପ’ରେ ପ୍ରକାଶିତ ‘ଅନାଥିନୀ’ ଖଣ୍ଡିତ ଉପନ୍ୟାସ ଦୁଇଟି ସହିତ କଥାଧର୍ମୀ ‘ମଠରେ ସମ୍ବାଦ’ ପାଇଁ ଏ ଦୁଇଟି ପତ୍ରିକା ଓଡ଼ିଆ ସାହିତ୍ୟକ୍ଷେତ୍ରରେ ତଥାପି ଅବିସ୍ମରଣୀୟ ହୋଇ ରହିଛନ୍ତି । ‘ଉତ୍କଳଦର୍ପଣ’ର ଗୋଟିଏ ସଂଖ୍ୟାରେ ‘ଧନଞ୍ଜୟ ସିଂହ’ ଓ ‘ଚନ୍ଦ୍ର ଓ ତାରା’ ପ୍ରକାଶ ପାଇଥିବା ଯୋଗୁଁ ସଂପାଦକ ସମାଲୋଚନାର ଶରବ୍ୟ ହୋଇଥିଲେ ସୁଦ୍ଧା ପ୍ରବନ୍ଧ ଓ କବିତା ଅପେକ୍ଷା କଥା ସାହିତ୍ୟ ଯେ ସାହିତ୍ୟ ପତ୍ରିକାକୁ ଦୀର୍ଘଜୀବୀ କରି ପାଠକମାନଙ୍କ ଆଦରଣୀୟ କରିବାରେ ସହାୟକ, ଏହା ସେସମୟରେ ପତ୍ରିକା ସଂପାଦକ ଓ ଲେଖକମାନେ ହୃଦ୍‌ବୋଧ କରୁଥିଲେ । ବଙ୍ଗଳାର ପତ୍ରିକା ଗୁଡ଼ିକ ଏଥିପାଇଁ ଆଦୃତ

ହେଉଥିବା ଲକ୍ଷ୍ୟ କରି ବଙ୍ଗଳା ସାହିତ୍ୟ ପ୍ରବୀଣ ସଂପାଦକମାନେ ଲେଖକ ମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରୁଥିଲେ । 'ମଠରସମ୍ବାଦ'ର ଲୋକପ୍ରିୟତା ସଂପର୍କରେ ସୂଚନା ଦେବାକୁ ଯାଇ 'ଉତ୍କଳପ୍ରଭା'ରେ ଶ୍ରୀ ଗଣପତି ଦାସ ଲେଖିଥିଲେ ।

*ବର୍ତ୍ତମାନ ପ୍ରଚଳିତ ରୀତି, ନୀତି ଘେନି ବ୍ୟଙ୍ଗୋକ୍ତିପୂର୍ଣ୍ଣ କୌଣସି ରଚନାଚାତୁରୀ ପାଠକମାନଙ୍କର ଯେତେଦୂର ମନୋହରଣ କରେ ଭାବପୂର୍ଣ୍ଣ ରଚନା ତେତେ ଦୂର ପ୍ରୀତିକର ହୁଏ ନାହିଁ । ଯେତେବେଳେ 'ପ୍ରଦୀପ'ନାମକ ମାସିକ ପତ୍ରିକା ନିର୍ବାପିତ ହୋଇନଥିଲା, ତେତେବେଳେ 'ମଠର ସମ୍ବାଦ' (ଏଥିରେ କେବଳ ସାମାଜିକ ରହସ୍ୟ ଉଦ୍‌ଘାଟିତ ହେଉଥିଲା) ପଢ଼ିବାକୁ ପାଠକମାନଙ୍କର ଯେତେଦୂର ଆଦର ଓ ଉତ୍ସାହ ଦେଖାଯାଇଅଛି, ଅପର ପ୍ରବନ୍ଧପାଠ ବିଷୟରେ ତେତେଦୂର ଦେଖାଯାଇ ନାହିଁ । ବର୍ତ୍ତମାନ ବଙ୍ଗବାସୀ ନାମକ ବଙ୍ଗଳା ସମ୍ବାଦପତ୍ରର ଯେ ଏତେ ପାଠକ, ତାହାର କାରଣ ବୋଧହୁଏ ଏହି ଯେ, ଦେଶୀୟ ରୀତି, ନୀତି, ଆଚାର, ବ୍ୟବହାରରେ ଯେ ଦୋଷ ପରିଲକ୍ଷିତ ହୁଏ, ତାହାର ସ୍ୱକପୋଳକଳ୍ପିତ ବିରାଟ ଛବି ପାଠକମାନଙ୍କଠାରେ ଉପସ୍ଥିତ କରାଏ । ମତାନ୍ତର ହୋଇପାରେ, ମାତ୍ର ମୋର ବିଶ୍ୱାସ ଯେ ବଙ୍ଗବାସୀ ରାଜନୀତି, ସମାଜନୀତି, ଧର୍ମନୀତି ପ୍ରଭୃତିର ବିଶଦ ବ୍ୟାଖ୍ୟାଦିଏ ବା ତଦ୍‌ବିଷୟକ ପ୍ରଶ୍ନର ସୁମୀମାଂସା କରେ ବୋଲି ତାହାର ଏତେ ଆଦର ନୁହେ । କଥାଟା ଭଲକରି କହିଜାଣେ, ସାର ଥାଉ ବା ନଥାଉ; ପାଠକ ମନରେ ତତ୍‌କାଳୀକ ବିସ୍ମୟ, ଘୃଣା, କୌତୁକ, ହାସ୍ୟ ପ୍ରଭୃତି ଉପଜାତ୍ କରାଇବାରେ ଯେଉଁମାନେ ସକ୍ଷମ, ସେମାନେ ଯେବେ ଏହରୂପ ଲେଖିବାକୁ ଚେଷ୍ଟା କରିବେ, ତେବେ ତାହା ସାଧାରଣ ପାଠକମାନଙ୍କର ମନଃପ୍ରୀତିକର ହେବ; ଏହା ମୋର ବିଶ୍ୱାସ । (ଉତ୍କଳ ପ୍ରଭା, ସଂ୨/୩)*

ପ୍ରକାଶ ଥାଉ କି ଗଣପତ ଦାସ ଥିଲେ 'ପ୍ରଦୀପ' ପତ୍ରିକାର ଜଣେ ବିଶିଷ୍ଟ ଲେଖକ ।

ପରଂପରାଗତ ସଂସ୍କାର ଏବଂ ପାଶ୍ଚାତ୍ୟ ସଭ୍ୟତାର ଚୈତ୍ତିକ ସଂଘର୍ଷ ମଧ୍ୟରୁ ନବବାବୁ ବିଳାସ, ନବବିବି ବିଳାସ, କମଳାକାନ୍ତେର ଦପ୍ତର, ଆଲାଲେର୍ ଘରେର୍ ଦୁଲାଲ୍ ପରି ଯେଉଁ କଥାଧର୍ମୀ ନକସା ବଙ୍ଗଳା ଭାଷାରେ ସୃଷ୍ଟିଲାଭ କରିଥିଲା ତାର ପ୍ରଭାବ 'ମଠର ସମ୍ବାଦ' ମଧ୍ୟରେ ଦୁର୍ଲ୍ଲକ୍ଷ୍ୟ ନୁହେ ।

କିନ୍ତୁ ଉପନ୍ୟାସ କ୍ଷେତ୍ରରେ ପ୍ରାଥମିକ ଔପନ୍ୟାସିକମାନେ ସାମାଜିକ ବଷୟବସ୍ତୁ ପରିବର୍ତ୍ତେ ଇତିହାସକୁ ଆଧାରସ୍ତମ୍ଭଭାବେ ଗ୍ରହଣ କରିଛନ୍ତି । 'ଉତ୍କଳ ଦର୍ପଣ'ରେ ପ୍ରକାଶିତ 'ଧନଞ୍ଜୟ ସିଂହ', 'ମଧୁପ'ରେ ପ୍ରକାଶିତ 'ସୌଦାମିନୀ' ପୂର୍ଣ୍ଣତଃ ଇତିହାସ

ଆଧାରିତ । ଅସଂପୂର୍ଣ୍ଣ 'ଅନାଥିନୀ'ର ନାୟିକା ସମାଜର ସାଧାରଣ ସ୍ତରରୁ ଆସିଥିଲେ ମଧ୍ୟ ଉପନ୍ୟାସଟିରେ ଇତିହାସର ସ୍ପର୍ଶ ଅନୁଭବ କରିବା କଷ୍ଟକର ନୁହେଁ । ଆଲୋଚ୍ୟ ପତ୍ରିକା ଦୁଇଟିରେ ପ୍ରକାଶିତ ଉଭୟ ଉପନ୍ୟାସର ବିଷୟ ସଜ୍ଜୀକରଣ କୌଶଳ, ପରିବେଶର ବର୍ଣ୍ଣନାରେ କାବ୍ୟିକତା, କଥା ବିନ୍ୟାସରେ ଲେଖକୀୟ ଅନୁପ୍ରବେଶ, ବିଷୟବସ୍ତୁର ଉପସ୍ଥାପନାରେ ପାଠକୀୟ ସଂପୃକ୍ତି ପ୍ରଭୃତିର ପ୍ରଭାବ ଯେ ଫକୀରମୋହନଙ୍କ ଉପନ୍ୟାସ ପର୍ଯ୍ୟନ୍ତ ପ୍ରଲମ୍ବିତ, କହିବା ବାହୁଲ୍ୟ ମାତ୍ର । 'ସୌଦାମିନୀ'ର ଲେଖକ ସଂପର୍କରେ ରାମଶଙ୍କରଙ୍କ ସ୍ୱୀକୃତିରୁ ଆମେ ନିଶ୍ଚିତ ହେଲେ ସୁଦ୍ଧା 'ଅନାଥିନୀ'ର ପିତୃତ୍ୱକୁ ନେଇ କଳ୍ପନା ଜଳ୍ପନା ଓ ବାଦ ବିସମ୍ବାଦର ଏ ପର୍ଯ୍ୟନ୍ତ ଅବସାନ ଘଟିନାହିଁ । ଏହାଯେ ଫକୀରମୋହନଙ୍କ ରଚନା ନୁହେ ଅଧ୍ୟାପକ ଦେବେନ୍ଦ୍ରକୁମାର ଦାଶ ବଳିଷ୍ଠ ଯୁକ୍ତି ମାଧ୍ୟମରେ ତାହା ସାବ୍ୟସ୍ତ କରିଛନ୍ତି (ଫକୀରମୋହନ ଗ୍ରନ୍ଥାବଳୀ, ତୃତୀୟ ଖଣ୍ଡ ଭୂମିକା-ପୃ. ୧୨-୧୬)

ଉପନ୍ୟାସଟି ଯେ ରାଧାନାଥ ରାୟ, ମଧୁସୂଦନ ରାଓ ଓ ରାମଶଙ୍କର ରାୟଙ୍କ ଦ୍ୱାରା ରଚିତ ନୁହେ, ଏହା ନିଶ୍ଚିତ । କାରଣ ସେମାନଙ୍କ ଜୀବିତାବସ୍ଥାରେ ପ୍ରକାଶିତ ଗ୍ରନ୍ଥାବଳୀ ମଧ୍ୟରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ କିମ୍ବା ସେମାନଙ୍କ ଜୀବନୀ ପ୍ରସ୍ତୁତ କରିଥିବା ସମସାମୟିକ ଲେଖକମାନେ ଏ ସଂପର୍କରେ କୌଣସି ସୂଚନା ଦେଇନାହାନ୍ତି । ସାଧୁଚରଣ ରାୟ, ହରିଶ୍ଚନ୍ଦ୍ର ଘୋଷ ମଧ୍ୟ ଆଲୋଚ୍ୟ ଉପନ୍ୟାସଟିର ଲେଖକ ବୋଲି ଭାଷାଦୃଷ୍ଟିରୁ ମନେହୁଅନ୍ତି ନାହିଁ । ଏମାନେ ମୁଖ୍ୟତଃ କବି-ପ୍ରାବନ୍ଧିକ । ସେହିପରି ମଣିଚରଣ ମହାପାତ୍ର ଜଣେ କବିଭାବେ ପରିଚିତ । ତେଣୁ 'ପ୍ରଦୀପ'ର ଲେଖକ ଗୋଷ୍ଠୀମଧ୍ୟରୁ ଏମାନଙ୍କୁ ବାଦ୍‌ଦେଲେ ଅନ୍ୟମାନଙ୍କ ମଧ୍ୟରୁ କିଏ 'ଅନାଥିନୀ'ର ସ୍ରଷ୍ଟା, ତାହା ଅନୁସନ୍ଧେୟ । ଏପର୍ଯ୍ୟନ୍ତ ଏହି ଖଣ୍ଡିତ ଉପନ୍ୟାସଟି ସଂପର୍କରେ ଯାହାସବୁ ଆଲୋଚନା କରାଯାଇଛି ତାହା ମୁଖ୍ୟତଃ ଡଃ ନଟବର ସାମନ୍ତରାୟଙ୍କ (ଯିଏ ଉପନ୍ୟାସଟି ପଢ଼ିବାର ସୁଯୋଗ ଲାଭ କରିଥିଲେ) ଆଲୋଚନା ଉପରେ ହିଁ ଆଧାରିତ । ବର୍ତ୍ତମାନ ଏହା ସମାଲୋଚକ ଓ ଗବେଷକମାନଙ୍କ ଦୃଷ୍ଟିକୁ ଆଣି ଆମେ ଏ ସଂପର୍କରେ ଅଧିକ ଆଲୋଚନାର ଆଶା ରଖିଛୁ ।

-୮-

ସାହିତ୍ୟ ସମାଲୋଚନାର ଏକ ସୁସ୍ଥିର ଭିତ୍ତି ପ୍ରତିଷ୍ଠା କରିବାରେ ଆଲୋଚ୍ୟ ଦୁଇଟି ପତ୍ରିକାର ଭୂମିକା ମଧ୍ୟ କମ୍ ନୁହେ । ଊନବିଂଶ ଶତାବ୍ଦୀର ଶେଷଦଶକ କିମ୍ବା ତାର ପରବର୍ତ୍ତୀ କେତୋଟି ବର୍ଷ (୧୮୮୫ରେ ରାଧାନାଥଙ୍କ 'କେଦାରଗୌରୀ' ପ୍ରକାଶ

ପାଇବାପର୍ଯ୍ୟନ୍ତ) ପର୍ଯ୍ୟନ୍ତ ଆଧୁନିକ ଓଡ଼ିଆ ସାହିତ୍ୟର ପୁଷ୍କଳ ବିକାଶ ସାଧିତ ହୋଇନଥିବାଯୋଗୁଁ ପ୍ରାଚୀନ ସାହିତ୍ୟକୁ ହିଁ କେନ୍ଦ୍ରକରି ଓଡ଼ିଆ ସାହିତ୍ୟ ସମାଲୋଚନାର ଅୟମାରମ୍ଭ ହୋଇଥିଲା । ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାରେ ମଧ୍ୟ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ, ଜନ୍ ବିମସ୍, ଉଇଲିୟମ୍ ହଣ୍ଟର ପ୍ରମୁଖ ପ୍ରଶାସକମାନେ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଲୋକଲୋଚନକୁ ଆଣିବା ନିମନ୍ତେ ପ୍ରାଥମିକ ଉଦ୍ୟମ କରିଯାଇଛନ୍ତି । ଏଦିଗରେ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ନାମ ସର୍ବାଗ୍ରେ ଉଲ୍ଲେଖଯୋଗ୍ୟ । ସେ ୧୮୬୩-୬୪ ମସିହା ବେଳକୁ ବାଲେଶ୍ୱର ଓ କଟକର ଡେପୁଟି କଲେକ୍ଟର ରୂପେ ଅବସ୍ଥାପିତ ଥିଲେ । ସେହି ସୂତ୍ରରେ ଓଡ଼ିଶାର ଐତିହ୍ୟ ଅନୁସନ୍ଧାନ କରିବାର ସୁଯୋଗ ତାଙ୍କୁ ମିଳିଥିଲା । ସେ ଓଡ଼ିଶାର ଇତିହାସ, ଭୂଗୋଳ, ବ୍ୟକ୍ତି ଚରିତ୍ର, ପଶୁପକ୍ଷୀ, ବନ ଓ କୃଷିଜାତ ଦ୍ରବ୍ୟ ସଂପର୍କରେ ଆଲୋଚନା କରିବା ସହିତ ପ୍ରାଚୀନ ଓଡ଼ିଆ ସାହିତ୍ୟର ଦୁଇଜଣ ବିଶିଷ୍ଟ କବି ଦୀନକୃଷ୍ଣ ଦାସ ଓ ଉପେନ୍ଦ୍ରଭଞ୍ଜଙ୍କ ସଂପର୍କରେ ନିଜର ମନ୍ତବ୍ୟ ଉପସ୍ଥାପନ କରିଛନ୍ତି । ଦୀନକୃଷ୍ଣ ଦାସ ପ୍ରବନ୍ଧର ଆରମ୍ଭରେ ସେ ଯେଉଁ ବିବୃତି ଦେଇଛନ୍ତି ସେଥିରୁ ହିଁ ତାଙ୍କ ବକ୍ତବ୍ୟର ସ୍ୱରୂପ ଓ ଆଭିମୁଖ୍ୟ ଅବଧାରିତ ହୋଇପାରେ । ସେ ଲେଖିଛନ୍ତି—

> *ଆମା ଦିଗେର ପାଠକେରା ପାଛେ 'ଓଡ଼ିଆ କବିତା' ଏଇ ଶିରୋଭୂଷଣ ଦୃଷ୍ଟେ ବିରକ୍ତ ହନ, ଏ ଜନ୍ୟ ଆମରା ଉପସ୍ଥିତ ପ୍ରସ୍ତାବେର ଶିରୋଭାଗେ 'ଦୀନକୃଷ୍ଣ ଦାସ' ଇତି ନାମାଙ୍କନ ପ୍ରଦାନ କରିଲାମ୍ । ଏକଥା ବଲା ବାହୁଲ୍ୟ, ଉଡ଼ିଆ ଦେଶର କୋନ କଥା ଏଇକ୍ଷଣେ ଜନସମାଜେ ଉପସ୍ଥିତ କରିଲେ ହାସ୍ୟାସ୍ପଦ ହଇତେ ହୟ, ଓଡ଼ିଆ ଶବ୍ଦ ବିଭତ୍ସ-ରସେର ଉଦ୍ଦୀପକ ହଇଆଛେ ! ବଲେ ବାଙ୍ଗଲା ଦେଶେର ଅପେକ୍ଷା ଉତ୍କଳ ଦେଶେର ଏକ ସମୟେ ପ୍ରଭୂତ ପରାକ୍ରମ ଛିଲ, ଏକ ସମୟେ ଉତ୍କଳୀୟ ଲୋକେରା ବାଙ୍ଗଲାଦେଶେର ଉତ୍ତମାଂଶକେ ସ୍ୱକରତଲେ ଆନିଆଛିଲ ଏବଂ ବାଙ୍ଗଲା ଦେଶେର ସହିତ ତୁଲନାୟ ଉତ୍କଲ ଦେଶ ସ୍ୱଳ୍ପକାଲମାତ୍ର ପରାଧିନତା ଶୃଙ୍ଖଲେ ବଦ୍ଧ ହୋଇଆଛେ ।* (ରଙ୍ଗଲାଲ ରଚନାବଳୀ, ପୃ-୧୦୫)

ଏଥିରୁ ମନେହୁଏ ସେ ଓଡ଼ିଶା ଏବଂ ଓଡ଼ିଆ ସାହିତ୍ୟ ସଂପର୍କରେ ଯାହା କହିବାପାଇଁ ଚାହିଁଛନ୍ତି ତାହା ବଙ୍ଗଳା ପାଠକମାନଙ୍କଦ୍ୱାରା ଅନାଦୃତ ଓ ସମାଲୋଚିତ ହେବା ଭୟରେ ତାଙ୍କୁ ସ୍ପଷ୍ଟରୂପେ ବ୍ୟକ୍ତ କରିପାରିନାହାନ୍ତି । ସର୍ବତ୍ର ଉଲ୍ଲିଖିତ ଉଭୟ କବିଙ୍କ ପ୍ରଶଂସା କଲାବେଳେ ସେମାନଙ୍କ ରଚନାକୁ ବଙ୍ଗଳା ସାହିତ୍ୟ ତୁଳନାରେ ନିକୃଷ୍ଟତର ବୋଲି କ୍ଷୀଣ ମନ୍ତବ୍ୟଟିଏ ଯୋଡ଼ିବାପାଇଁ ବାଧ ହୋଇଛନ୍ତି । ଯଥା—

> *ଉତ୍କଲୀୟରା ବାଙ୍ଗଲା କବି ଦିଗେର ଅପେକ୍ଷା ବହୁପ୍ରକାର ଛନ୍ଦେର ସୃଷ୍ଟି*

*କରିଆଛେନ୍ । ତାହାତେ ତାଁହାଦିଗେର ସାହିତ୍ୟେ ସାହାସେର ପ୍ରଚୁରତା ଲକ୍ଷିତହୟ । ବାଙ୍ଗାଲି କବିଦିଗେର ମଧ୍ୟେ ଭାରତଚନ୍ଦ୍ର ପାରସ୍ୟଭାଷାୟ ସୁପ୍ରବିଷ୍ଟ ଥାକାତେ ପ୍ରସାଦଗୁଣ ଏବଂ ଯମକ ବା ମିତ୍ରାକ୍ଷରେର ପାରିପାଟ୍ୟ ଲାଭ କରିଆଛିଲେନ । ଉତ୍କଳ କବିରା ତଦ୍‌ବିଷୟେ ନିକୃଷ୍ଟ । ତାଁହା ଦିଗେର ମିଲ-ସକଲ ପ୍ରାୟ ଏକାକ୍ଷରୀ, ଏ ବିଷୟେ ଦ୍ୱିତୀୟ ପ୍ରସ୍ତାବ ଲିଖନେଚ୍ଛା ବାସନା ଆଛେ । (ଏଜନ-ପୃ. ୧୦୬)*

ଉପେନ୍ଦ୍ରଭଞ୍ଜଙ୍କ ସଂପର୍କରେ ଆଲୋଚନାବେଳେ ସେ ତାଙ୍କ ସାହିତ୍ୟ ଅପେକ୍ଷା ଜୀବନୀ ଉପରେ ଅଧିକ ଦୃଷ୍ଟି ଦେଇଛନ୍ତି; ବଙ୍ଗଳାର ସେହି ଏକମାତ୍ର ପ୍ରସିଦ୍ଧ ପ୍ରାଚୀନ କବି ଭାରତଚନ୍ଦ୍ରଙ୍କ ଆଧାରରେ ଉପେନ୍ଦ୍ରଭଞ୍ଜଙ୍କ ସମୟ ନିରୂପଣପାଇଁ ନିର୍ଦ୍ଦେଶ ଦେଇଛନ୍ତି । 'ବୈଦେହୀଶ ବିଳାସ'ର କିଛି ଅଂଶକୁ ଅନୁବାଦ କଲାବେଳେ 'ବ' ଆଦ୍ୟ ନିୟମ ରକ୍ଷା କରିପାରିନାହାନ୍ତି ।

ରଙ୍ଗଲାଲଙ୍କ ପ୍ରାଚୀନ ଓଡ଼ିଆ ସାହିତ୍ୟ ସଂପର୍କରେ ଏ ମନ୍ତବ୍ୟ ଯେ ପରୋକ୍ଷ ଜ୍ଞାନ ଓ ଜନଶ୍ରୁତି ଉପରେ ଆଧାରିତ, କହିବା ବାହୁଲ୍ୟ ମାତ୍ର । ନୋଚେତ୍ ସେ ମହାଭାରତ, ରାମାୟଣ, ଭାଗବତକୁ ଗଦ୍ୟରେ 'ଶୋଭାବତୀ' ଓ 'କାଞ୍ଚନଲତା' ଉପେନ୍ଦ୍ରଭଞ୍ଜଙ୍କଦ୍ୱାରା ଲେଖାଯାଇଥିବା, ଉପେନ୍ଦ୍ରଭଞ୍ଜ ଗୁମୁସର ପରି 'ଗଭୀର ଗହନ ଓ ଗିରିଗୌହର ଗରିଷ୍ଠ ଦେଶେ ଉକ୍ତ ଭୀଷଣ ମୂର୍ତ୍ତି ନରବଳୀ ପ୍ରିୟ ଅସଭ୍ୟ-ସମାଜୈକ-ବିଭାଗେର ଅଧିପତି' ଥିବା ଲେଖିନଥାନ୍ତେ ।

ରଙ୍ଗଲାଲଙ୍କ ଏ ଅଭିମତ ଓଡ଼ିଆ ବୁଦ୍ଧିଜୀବୀମାନଙ୍କଦ୍ୱାରା ଦ୍ୱିଧାହୀନଭାବେ ଗୃହୀତ ହୋଇପାରିନାହିଁ । ଏଥିପାଇଁ ୧୮୬୬ରେ 'ଉତ୍କଳଦୀପିକା' ପତ୍ରିକା ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଉଗ୍ରଜାତୀୟବାଦୀ ସଂପାଦକ ତତ୍‌କାଳୀନ ଡେପୁଟୀ ମାଜିଷ୍ଟ୍ରେଟ୍‌ଙ୍କ ନାମ ଉଲ୍ଲେଖ ନକରି ଏହାର ପ୍ରତିବାଦ କରିଛନ୍ତି । ଉତ୍କଳ ଦୀପିକାର ପ୍ରଥମ ଭାଗ ଚତୁର୍ଥ ସଂଖ୍ୟା ଓ ଦ୍ୱାଦଶ ସଂଖ୍ୟାରେ ପ୍ରକାଶ ପାଇଥିବା ତାଙ୍କ ମନ୍ତବ୍ୟ ଲକ୍ଷ୍ୟ କରନ୍ତୁ–

*ଓଡ଼ିୟାମାନେ ସ୍ୱଭାବତଃ ନିର୍ବୋଧ'' ଏହି ପ୍ରବାଦ ଯଥାର୍ଥ କିନା ।*

*ବିଦ୍ୟାସୁନ୍ଦର ରଚନା ଅନେକ ବର୍ଷ ପୂର୍ବରେ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରନ୍ତି ତାହାର ସହିତ ତୁଳନା କରିଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁର୍ଯ୍ୟ କି ସ୍ୱଭାବ ବର୍ଣ୍ଣନ ବିଶେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭରତଚନ୍ଦ୍ରଙ୍କଠାରୁ ଅଧିକ ପରାକାଷ୍ଠା ଲାଭକରିଛନ୍ତି । ତଥାପି ଦେଖ ବିଦ୍ୟାସୁନ୍ଦର ଆଜି କି ପର୍ଯ୍ୟନ୍ତ ବିଦ୍ୱାନ ମଣ୍ଡଳୀରେ ସମାଦୃତ ହେଉଅଛି । ମାତ୍ର ରସକଲ୍ଲୋଳ ପ୍ରତି କେହି*

ଦୃଷ୍ଟିପାତ କରିବାକୁ ନାହିଁ । ରସକଲ୍ଲୋଳ ଆଦିରସ ଘଟିତ କୁତ୍ସିତ ଭାବାଶ୍ରିତ ବୋଲି ଯେ ଯାହା କହନ୍ତୁ ସେଥିରେ ଆମ୍ଭର ବକ୍ତବ୍ୟ ନାହିଁ । ମାତ୍ର ରସକଲ୍ଲୋଳ ଯେ ସର୍ବ ବିଷୟରେ ବିଦ୍ୟାସୁନ୍ଦରଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ । ଏହି ବାକ୍ୟର ଦୃଢ଼ତା କାରଣ ଦର୍ଶାଇବା ବାହୁଲ୍ୟମାତ୍ର । ଯେ ସହୃଦୟ ବ୍ୟକ୍ତି ଏ ଗ୍ରନ୍ଥଦ୍ୱୟ ପାଠ କରିଅଛନ୍ତି ସେହି ଏହି ଗ୍ରନ୍ଥଦ୍ୱୟର ଉତ୍କର୍ଷତା ବିଷୟ ହୃଦୟଙ୍ଗମ କରିଅଛନ୍ତି । ଦୀନକୃଷ୍ଣଙ୍କୁ ଛାଡ଼ି ଆହୁରି ମଧ୍ୟ ଅନେକ କବି ଅନେକ ବିଷୟରେ ଅନେକ ଗ୍ରନ୍ଥ ରଚନା କରିଅଛନ୍ତି । ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ପାଇଅଛି । ଓଡ଼ିଶାର କବିକୁଳକେଶରୀ ଉପେନ୍ଦ୍ରଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରିଛନ୍ତି ମାତ୍ର ଇଦାନିଂ ପ୍ରଶଂସିତ କବି ରଚିତ ୨୦/୨୫ ଖଣ୍ଡରୁ ଅଧିକ ମିଳୁନାହିଁ ।

କି ଆଦିରସ, କି ବୀରରସ, କି ଭକ୍ତିରସ, କି କରୁଣରସ ସକଳ ବିଷୟ ରଚନାରେ ଉପେନ୍ଦ୍ରଭଞ୍ଜ ଅଦ୍ୱିତୀୟ ଶକ୍ତି ପ୍ରକାଶ କରିଯାଇଛନ୍ତି ବିଶେଷରେ ଯମକ ଓ ଶ୍ଳେଷପଦ ରଚନାରେ ଯେପରି ନିପୁଣତା ଦେଖାଇଛନ୍ତି, ଆମ୍ଭେ ସାହାସ କରି କହିପାରୁଁ ସଂସ୍କୃତ ଭିନ୍ନ ଭାରତବର୍ଷୀୟ ଏମନ୍ତ ଭାଷାର କାବ୍ୟକାର ନାହାନ୍ତି ଯେ ଯାହାଙ୍କ ତୁଳନା ଦିଆଯାଇପାରେ ।

× × × ×

ତେବେ ଯେ ଉତ୍କଳୀୟମାନେ ଏକଦା ସ୍ୱକୀୟ ବାହୁବଳରେ ଉତ୍ତରେ ହୁଗୁଳୀ ନଦୀ ଦକ୍ଷିଣେ କୁମାରୀକା ଅନ୍ତରୀପ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେମାନେ ସଂପ୍ରତି ଦୁର୍ବଳ, ଅଳସ ଓ ଯେ ଉତ୍କଳୀୟମାନଙ୍କ ମଧ୍ୟରେ ଉପେନ୍ଦ୍ରଭଞ୍ଜ ଓ ଜଗନ୍ନାଥ ଦାସ ପ୍ରଭୃତି ମହାମହା କବି ଆବିର୍ଭୂତ ଥିଲେ ସେହି ଓଡ଼ିଆମାନେ ସଂପ୍ରତି ଅଜ୍ଞ ଓ ବର୍ବର ବୋଲି ଅପରିମାଣଦର୍ଶୀ ବିଦେଶୀୟଙ୍କଦ୍ୱାରା ଅଭିହିତ ହେବା ଆଶ୍ଚର୍ଯ୍ୟ କି । ମାତ୍ର 'ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ' ଏକଥା ଯେମାନେ କହନ୍ତି ସେମାନଙ୍କୁ ନିତାନ୍ତ ଅଜ୍ଞ ଓ ଅଦୂରଦର୍ଶୀ ଭିନ୍ନ ଆଉ କି କୁହାଯାଇପାରେ । କେବଳ ଓଡ଼ିଆମାନେ ପୃଥିବୀରେ ଏମନ୍ତ ଜାତି ନାହାନ୍ତି ଯେ ସେମାନଙ୍କୁ ସ୍ୱଭାବତଃ ଅଜ୍ଞାନୀ ବୋଲି କୁହାଯାଇପାରେ ।

ସେ ଯାହାହେଉ ଦୁଇଜଣ ପ୍ରାଚୀନ କବିଙ୍କ ସଂପର୍କରେ ରଙ୍ଗଲାଲ ଯେଉଁ ଆଲୋଚନାର ସୂତ୍ରପାତ କରିଛନ୍ତି ସେଥିରେ ପରବର୍ତ୍ତୀ ଆଲୋଚକମାନଙ୍କପାଇଁ କିଛି ଦିଗ୍‌ଦର୍ଶନ ନିହିତ ଅଛି । ବିଭିନ୍ନ ସୂତ୍ରରୁ କବିମାନଙ୍କ ଜୀବନ ଚରିତ ସଂଗ୍ରହ କରିବା, କବି ଓ ତାଙ୍କ ରଚନାର ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ପରିବେଶ ସଂପର୍କରେ

ଅବହିତ ହେବା, ଭାଷା, ଛନ୍ଦ, ରସ ଓ ରଚନାଶୈଳୀ ଦୃଷ୍ଟିରୁ କବିକୃତିର ଆଲୋଚନାର ଆବଶ୍ୟକତା ସଂପର୍କରେ ସେ ସୂଚନା ଦେଇଛନ୍ତି । (କ) 'ରସକଲ୍ଲୋଳ କାବ୍ୟେ ପ୍ରେମ, ଭକ୍ତି, ସ୍ନେହ ଏବଂ ପ୍ରାକୃତିକ ଶୋଭାବର୍ଣ୍ଣନେ ଯଥେଷ୍ଟ ଶକ୍ତିର ସ୍ଫୂର୍ତ୍ତି ଦେଖାଯାୟ; ପରନ୍ତୁ ଆଦିରସେର ପ୍ରାଧାନ୍ୟେ ମାର୍ଜିତ ରୁଚି ସହୃଦୟ ବର୍ଗେର ମଧ୍ୟେ ମଧ୍ୟେ ଚିତ୍ତବିକାର ଜନ୍ମିବାର ସମ୍ଭାବନା ଆଛେ । (ଖ) ଦୀନକୃଷ୍ଣ ଦାସେର କବିତ୍ୱ ଭାବ ମାଧୁର୍ଯ୍ୟେର ପ୍ରାଚୁର୍ଯ୍ୟ ଆଛେ । ଅଥଚ ଶବ୍ଦାଡମ୍ବରେର ପ୍ରତି ତାଦଶ ଅନୁରକ୍ତି ନାହିଁ । (ଗ) ତାଁହାର (ଉପେନ୍ଦ୍ରଭଞ୍ଜ) ରଚନାମଧ୍ୟେ ଅନୁପ୍ରାସ ଏବଂ ଯମକେର ଛଟା ନିତାନ୍ତ ବିରକ୍ତି ଜନକ, ପଦେ ପଦେ ଚିତ୍ରକାବ୍ୟ, ମାଳଯମକ, ଶୃଙ୍ଖଳା, ସିଂହାବଲୋକନ, ବ୍ୟାଘ୍ରଗତି, ମହାଯମକ, ସର୍ବଯମକ ଏବଂ ଗୋମୂତ୍ର ପ୍ରଭୃତି ଅଗଣିତ ଶବ୍ଦଚାତୁର୍ଯ୍ୟ ଦୃଷ୍ଟ ହଇୟା ଥାକେ । ଐ ଶବ୍ଦାଳଂକାରେର ଉଦ୍ଦେଶ୍ୟ କୂଟାର୍ଥ ଏବଂ ଅପ୍ରସିଦ୍ଧ ବହୁତର ଶବ୍ଦେର ସାହାଯ୍ୟ ଲଇତେ ହଇୟାଛେ । ବୋଧହୟ ଏଇ ବନପ୍ରଧାନ ପ୍ରଦେଶର ରାଜକବି ଶବ୍ଦଶାସ୍ତ୍ର ଆଲୋଚନାୟ ସମଧିକ କାଲ ଅତିବାହିତ କରିୟାଛିଲେନ୍ । (ଘ) ସେ ଉପେନ୍ଦ୍ରଭଞ୍ଜଙ୍କ ୧୭ଟି ରଚନାର ନାମ ଉଲ୍ଲେଖ କରିଛନ୍ତି ।

ଓଡ଼ିଆ ପ୍ରାଚୀନ ସାହିତ୍ୟର ପରବର୍ତ୍ତୀ ଆଲୋଚନା ଏହାରି ଉପରେ ହିଁ ଦଣ୍ଡାୟମାନ । ଇଂରେଜୀ ପ୍ରଶାସକମାନଙ୍କ ପ୍ରାଚୀନ ସାହିତ୍ୟ ପ୍ରତି ଆଗ୍ରହ, ଗୌରୀଶଙ୍କର ରାୟଙ୍କ ପ୍ରାଚୀନ ସାହିତ୍ୟ ଓ ସଙ୍ଗୀତ ପ୍ରତି ଦୁର୍ବଳତା ଏବଂ ଉତ୍କଳ ଭାଷୋଦ୍ଦୀପିନୀ ସଭାରେ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଦେଇଥିବା ବକ୍ତୃତାରେ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ସୁଲଭ ମୂଲ୍ୟରେ ମୁଦ୍ରିତ କରାଇ ପ୍ରଚୁର ପରିମାଣରେ ପ୍ରଦେଶ ମଧ୍ୟରେ ପ୍ରଚାରିତ କରିବାର ସୂଚନା ତାଳପତ୍ର ପୋଥି ମଧ୍ୟରୁ ଉଦ୍ଧାର କରି ପ୍ରାଚୀନ ସାହିତ୍ୟର ମୁଦ୍ରଣପାଇଁ ତତ୍ପରତା ସୃଷ୍ଟି କରିଥିଲା । ପ୍ରକାଶ ଥାଉ କି 'ଉତ୍କଳ ମଧୁପ' ପ୍ରକାଶ ପାଇବା ପୂର୍ବରୁ ଉପେନ୍ଦ୍ରଭଞ୍ଜଙ୍କ ପ୍ରେମସୁଧାନିଧି (୧୮୬୬), ସୁବର୍ଣ୍ଣରେଖା (୧୮୭୦), ଲାବଣ୍ୟବତୀ (୧୮୭୦), ଗୀତାଭିଧାନ (୧୮୭୦), ରସିକହାରାବଳୀ (୧୮୭୧), ରସଲେଖା (୧୮୭୫), ସୁଭଦ୍ରାପରିଣୟ (୧୮୭୫), ବୈଦେହୀଶ ବିଳାସ (୧୮୭୫) (୧୮୭୭), ଚଉପଦୀଚନ୍ଦ୍ର (୧୮୭୭) ସହିତ ଗୋପୀଭାଷା (୧୮୬୭), କୃଷ୍ଣସିଂହ ମହାଭାରତ (୧୮୬୮), ମଥୁରାମଙ୍ଗଳ (୧୮୬୯), ରସକଲ୍ଲୋଳ (୧୮୭୨), ରାସକ୍ରୀଡ଼ା (୧୮୭୩), ଜଗନ୍ନାଥ ଦାସ ଭାଗବତ (୧୮୭୩); ବା ଚଉତିଶା ଓ ନପୋଇ (୧୮୭୪), ଭୂପତି ଚଉତିଶା (୧୮୭୪), ଗଜନିସ୍ତାରଣ (୧୮୭୪), ମଧୁପ ଚଉତିଶା (୧୮୭୪), ଦଶପୋଇ (୧୮୭୫), ଗୁଣସାଗର ଓ କମଳାକାନ୍ତ ଚଉତିଶା (୧୮୭୫), ବିଦଗ୍ଧ ଚିନ୍ତାମଣି (୧୮୭୫), କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ (୧୮୭୬),

ଉଦ୍ଧବ ଚଉତିଶା (୧୮୭୬), ନାବକେଳୀ (୧୮୭୭) ଇତ୍ୟାଦି ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା ଏବଂ ସାହିତ୍ୟ ଆଲୋଚନା ପାଇଁ ପଥ ଉନ୍ମୁକ୍ତ କରିଥିଲା ।

ରସକଲ୍ଲୋଳ ପ୍ରକାଶ ସହିତ ୧୮୭୨ ମସିହାରେ ପ୍ରକାଶ ପାଇଥିଲା ଜନ୍‌ବିମ୍‌ସ୍‌ଙ୍କ ଆଲୋଚନାତ୍ମକ ପ୍ରବନ୍ଧ "Notes on the Rasakallola, an Ancient Oriya Poem" (Indian Antiquery, Vol-I) । ସେ ଉପଲବ୍ଧି କରିଥିଲେ ଯେ କବିଙ୍କ ଜୀବନୀ ଓ ସମୟ ନଜାଣିଲେ କବିକୃତିର ଯଥାର୍ଥ ମୂଲ୍ୟାୟନ ସମ୍ଭବପର ନୁହେ । ସେ ଦୃଷ୍ଟିରୁ ସେ କିମ୍ବଦନ୍ତୀ, ରଚନା ଓ ସହାୟକମାନଙ୍କ ସହାୟତାରେ ଦୀନକୃଷ୍ଣଙ୍କ ଜୀବନବୃତ୍ତ ଓ ସମୟ ନିର୍ଣ୍ଣୟ କରିବାପାଇଁ ଚେଷ୍ଟା କରିଛନ୍ତି । ତାଙ୍କ ଆଲୋଚନାର ଆଭିମୁଖ୍ୟ ପ୍ରତି ଦୃଷ୍ଟିପାତ କଲେ ଯେଉଁ କେତୋଟି ବୈଶିଷ୍ଟ୍ୟ ଦେଖିବାକୁ ମିଳେ ସେଗୁଡ଼ିକ ହେଲା (କ) ରସକଲ୍ଲୋଳର ଭାଷିକ ବିଶେଷତ୍ୱ (ଖ) ରସକଲ୍ଲୋଳ ରଚୟିତା ଦୀନକୃଷ୍ଣଙ୍କ ଜୀବନୀ ଓ ସମୟ (ଗ) କାବ୍ୟର ପଦସଂଖ୍ୟା (ଘ) କାବ୍ୟପ୍ରଯୁକ୍ତ ଛନ୍ଦଗୁଡ଼ିକର ଯତିପାତ ନିୟମ (ଙ) କାବ୍ୟର ବିଷୟବସ୍ତୁ (ଚ) ଅଶ୍ଳୀଳତା (ଛ) ବଙ୍ଗଳା ଭାଷାଠାରୁ ରସକଲ୍ଲୋଳର ଭାଷାର ସ୍ୱାତନ୍ତ୍ର୍ୟ (ଜ) ବ୍ୟାକରଣ । ଜନ୍‌ବିମସ୍ ବଙ୍ଗୀୟ ଆଲୋଚକମାନଙ୍କ କବଳରୁ ରକ୍ଷାକରି ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱତନ୍ତ୍ରତା ପ୍ରତିଷ୍ଠା ପାଇଁ ବଦ୍ଧପରିକର ଥିବା ଯୋଗୁଁ ତାଙ୍କ ଆଲୋଚନା ମଧ୍ୟରେ ଭାଷା ବିଚାର ପ୍ରତି ଅଧିକ ଗୁରୁତ୍ୱ ଆରୋପ କରାଯାଇଛି । ପ୍ରାଚୀନ ସାହିତ୍ୟ ଆଲୋଚନାର 'ସିଦ୍ଧିରସ୍ତୁ' ଏହିଠାରୁ ହିଁ ଆରମ୍ଭ ବୋଲି କହିଲେ ଅଯଥାର୍ଥ ହେବନାହିଁ । ତାଙ୍କ ଅଭିମତ ପରବର୍ତ୍ତୀ ସମୟରେ ପରିମାର୍ଜିତ ଓ ପରିବର୍ତ୍ତିତ ହୋଇଥିଲେ ସୁଦ୍ଧା କବି ଓ କାବ୍ୟର ଆଲୋଚନାବେଳେ କେଉଁସବୁ ବିଷୟ ପ୍ରତି ଦୃଷ୍ଟିଦେବା ଆବଶ୍ୟକ ତା'ରି ପ୍ରଥମ ସୂଚନା ବିମସ୍‌ଙ୍କ ଏହି ଦୀର୍ଘ ଆଲୋଚନା ମଧ୍ୟରେ ପ୍ରଥମେ ଦେଖିବାକୁ ମିଳେ । ପରବର୍ତ୍ତୀ ସମୟରେ ମନମୋହନ ଚକ୍ରବର୍ତ୍ତୀ, ଶ୍ୟାମସୁନ୍ଦର ରାଜଗୁରୁ, ଗୋପୀନାଥ ନନ୍ଦଶର୍ମା, ଆର୍ତ୍ତବଲ୍ଲଭ ମହାନ୍ତି ପ୍ରମୁଖ ପ୍ରାଚୀନ ସାହିତ୍ୟ ଆଲୋଚକ ଯେ ତାଙ୍କରି ପଦାଙ୍କ ହିଁ ଅନୁସରଣ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଲୋଚ୍ୟ ପତ୍ରିକା ଦୁଇଟିରେ ପ୍ରକାଶ ପାଇଥିବା ସାହିତ୍ୟାଲୋଚନା ସଂପର୍କରେ ଚିନ୍ତା କଲାବେଳେ ବ୍ରାହ୍ମଧର୍ମର ଭୂମିକାକୁ ମଧ୍ୟ ବିସ୍ମୃତ ହେବାର ନୁହେ । ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଓଡ଼ିଶାର ଧାର୍ମିକ ଜୀବନକୁ କେବଳ ନୁହେ ଏହା ସାମାଜିକ, ପ୍ରଶାସନିକ ଏବଂ ଏପରିକି ସାହିତ୍ୟିକ ପରିବେଶକୁ ମଧ୍ୟ ବ୍ରାହ୍ମଧର୍ମ ବିଶେଷଭାବେ ପ୍ରଭାବିତ କରିଥିଲା । ଯୁଗ ଯୁଗ ଧରି ସଂସ୍କାରଭାବରେ ଯେଉଁସବୁ କୁସଂସ୍କାର ଏ ଦେଶର ଲୋକଚିତ୍ତରେ ବଦ୍ଧମୂଳ ଥିଲା ବ୍ରାହ୍ମଧର୍ମର ପ୍ରଚାର ଓ ପ୍ରସାର ସେସବୁ ଉପରେ ପ୍ରଥମେ କୁଠାରାଘାତ କଲା । ଲୋକମାନଙ୍କ ଆଚାର ବ୍ୟବହାର, ପରିଧେୟ ଓ ଅଳଙ୍କାର ଧାରଣ ଠାରୁ ଆରମ୍ଭ କରି ବାକ୍‌ଶୁଦ୍ଧି ଓ ଭୋଜନ ପରିବେଷଣ ପର୍ଯ୍ୟନ୍ତ ଏହାର ପ୍ରଭାବ ଲକ୍ଷ୍ୟ

କରାଯାଇପାରେ । ଫଳରେ ପ୍ରଚଳିତ ଧର୍ମ, ଦେବତା ଓ ମନ୍ଦିର ଗାତ୍ରରେ ଥିବା ମୂର୍ତ୍ତି ସମୂହ ଲୋକଙ୍କ ଦୃଷ୍ଟିରେ ଅଶ୍ଳୀଳ ବୋଲି ପ୍ରତିଭାତ ହେବାକୁ ଲାଗିଲା । ବ୍ରାହ୍ମଧର୍ମର ସଭ୍ୟ ହେବାପାଇଁ ଯେଉଁସବୁ ନିୟମ ଥିଲା ସେଥିରୁ 'ଅଶ୍ଳୀଳଭାଷୀମାନେ ଏହାର ସଭ୍ୟ ହୋଇପାରିବେ ନାହିଁ' ଅନ୍ୟତମ । ଖ୍ରୀ. ୧୮୭୩/୭୪ ବେଳକୁ ଅଶ୍ଳୀଳ ଭାଷା ବ୍ୟବହାର ଏବଂ ଅଶ୍ଳୀଳ ପୁସ୍ତକ ପ୍ରକାଶନ ବିରୋଧରେ ବ୍ରାହ୍ମମାନେ ଯେଉଁ ସ୍ୱର ଉତ୍ତୋଳନ କରିଥିଲେ ତାହା ନିମ୍ନଲିଖିତ ସମ୍ବାଦରୁ ଜାଣିହୁଏ—

*'ଆଜିକାଲି ବଙ୍ଗଦେଶରେ ଅଶ୍ଳୀଳ ଭାଷାଦିର ବ୍ୟବହାର ରହିତ କରିବାକୁ ଭାରି ଧୂମଧାମ ଲାଗିଅଛି । ଏଥିସକାଶେ ଏକ ସଭା ସଂସ୍ଥାପିତ ହୋଇଛି । ଫ୍ରେଣ୍ଡ ଅବ୍ ଇଣ୍ଡିଆର ସଂପାଦକ ଜର୍ଜ ସ୍ମିଥ୍ ସାହେବ ଏଥିର ସଭାପତି । ଯହିଁରେ ଅଶ୍ଳୀଳ ପୁସ୍ତକ ପ୍ରଭୃତିର ରଚନା ଓ ପ୍ରକାଶ ନିବାରିତ ହୁଏ, ସେଥିର ଚେଷ୍ଟା ଏ ସଭା ବିଶେଷ ରୂପେ କରିବେ । ଇତ୍ୟବସରେ ଏ ସ୍ଥାନର ଅଶ୍ଳୀଳ ସଂଗୀତାଦିର ବ୍ୟବହାର ଯହିଁରେ ବନ୍ଦହୁଏ, ବିଶେଷତଃ କଟକୀ ବଜାରୀମାନେ ବଜାରରେ ଅଶ୍ଳୀଳ ଗୀତ ଗାଇବାରୁ ଯହିଁରେ କ୍ଷାନ୍ତ ହୁଅନ୍ତି ଏଥିସକାଶେ ଏଠାରେ ମଧ୍ୟ ଏକ ସଭା ସ୍ଥାପନ କରିବାକୁ 'ଉତ୍କଳ ହିତୈଷିଣୀ' ଅନୁରୋଧ କରିଛନ୍ତି । ବାସ୍ତବିକ୍ ଏ ଏକ ସୁନ୍ଦର ପ୍ରସ୍ତାବ । କିନ୍ତୁ ଏ ସ୍ଥାନୀୟ ଲୋକେ ଯେପରି ବାବୁ ଏପରି ସତ୍ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବେ କି ନା ସନ୍ଦେହ । (ଉତ୍କଳ ପୁତ୍ର— ତା ୧୫.୧୦.୧୮୭୩)*

*'କଲିକତାରେ ଅଶ୍ଳୀଳ ଭାଷା ନିବାରଣ ପାଇଁ ନାନାପ୍ରକାର ଚେଷ୍ଟା ହେଉଛି ××× । ଯେଉଁ ପୁଲିସ୍‌ଦ୍ୱାରା ଏପରି ପାପକାର୍ଯ୍ୟ ନିବାରଣ ହେବ ଅଶ୍ଳୀଳ ଭାଷା ସେହି ପୁଲିସ କର୍ମଚାରୀମାନଙ୍କ ଅନ୍ନଜଳର ମଧ୍ୟ ପରିଗଣିତ । ସୁଶିକ୍ଷାଦ୍ୱାରା ଅଶ୍ଳୀଳ ଭାଷା ନିରାକରଣ ହେବା ଏକମାତ୍ରକେ ଉପାୟ ଥିଲା ମାତ୍ର ସେ କ୍ଷେତ୍ରରେ ଆମ୍ଭେମାନେ ନୀରାଶୀ ହୋଇଅଛୁଁ, ତହିଁର କାରଣ ଶିକ୍ଷା ବିଭାଗର କର୍ମଚାରୀମାନଙ୍କ ମଧରେ ଅନେକ ବିଦ୍ୟାଭିମାନୀ-ସଭ୍ୟାଭିମାନୀ ଅଶ୍ଳୀଳ ଭାଷା କି ମନ୍ତ୍ର ସିଦ୍ଧ୍ୟ ଅଟନ୍ତି । ଶିକ୍ଷା ବିଭାଗର ଅନେକ କର୍ମଚାରୀଙ୍କୁ ଏପରି ଅଶ୍ଳୀଳଭାଷୀ ଦେଖାଯାଏ କି ସେପରି ଅଶ୍ଳୀଳ ଭାଷାରେ କଥା କହିବାକୁ ଇତର ଶ୍ରେଣୀର ଲୋକମାନେ ସୁଦ୍ଧା ଲଜ୍ଜାବୋଧ କରନ୍ତି ।*

× × × ×

*ସଂପ୍ରତି କଲିକତାରେ ଅଶ୍ଳୀଳ ଭାଷାର ପୁସ୍ତକ ବିକ୍ରୟପାଇଁ କେତେଜଣ ପୁସ୍ତକ ବିକ୍ରେତାଙ୍କୁ ଦଣ୍ଡଦେବା ନିମନ୍ତେ ମହାଉଦ୍‌ଯୋଗ ଶୁଣାଯାଏ*

*ମାତ୍ର ସଭ୍ୟଭବ୍ୟ ପଣ୍ଡିତାଭିମାନୀ ଏଡ଼େଏଡ଼େ ବି.ଏ.ଏଲ୍, ଏମ୍.ଏ ପ୍ରଭୃତି ଅଶ୍ଳୀଳ ଭାଷା ଯେଉଁମାନଙ୍କ ଇଷ୍ଟଦେବତା ସେମାନଙ୍କ ପ୍ରତିକାର ଉପାୟ କଣ ? ଅନ୍ୟ ଆଡ଼ରେ ଅଶ୍ଳୀଳ ଭାଷୀ ପୁଲିସ୍ କର୍ମଚାରୀମାନଙ୍କ ଅବା ଯେଉଁ ବିଚାରପତିମାନେ ବିଚାର ଆସନରେ ବସି ସୁଦ୍ଧା ଅଶ୍ଳୀଳ ଭାଷା ବ୍ୟବହାର କରିଥାନ୍ତି, ସେମାନଙ୍କ ପ୍ରତିକାର କରିବାକୁ ଉପାୟ କ'ଣ ?*
*(ବିଦେଶୀ, ତା ୧୨/୦୩/୧୮୭୪)*

ଅଶ୍ଳୀଳତା ନିବାରଣପାଇଁ କଲିକତାରେ ବ୍ରାହ୍ମମାନଙ୍କଦ୍ୱାରା ଯେଉଁ ଉଗ୍ରପ୍ରଚେଷ୍ଟା ଆରମ୍ଭ ହୋଇଥିଲା ଓଡ଼ିଶାରେ ମଧ୍ୟ ତାର ପ୍ରତିଧ୍ୱନି ଶୁଣିବାକୁ ମିଳେ । ବଙ୍ଗଳାରୁ ଆସି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସଚେଷ୍ଟଥିବା ଆଚାର୍ଯ୍ୟ ପ୍ୟାରୀମୋହନ ନିଜ ସଂପାଦିତ 'ଉତ୍କଳପୁତ୍ର' ପତ୍ରିକା ମାଧ୍ୟମରେ ଏହି ରୁଚି ପରିବର୍ତ୍ତନର ସମ୍ବାଦ ପରିବେଷଣ କରିଛନ୍ତି । ସେଥିପାଇଁ ତାଙ୍କ ଦୃଷ୍ଟିରେ ଓଡ଼ିଶାର ଅତୀତ ସାହିତ୍ୟ ଅଶ୍ଳୀଳ ଓ କୁରୁଚିପୂର୍ଣ୍ଣ ବୋଲି ମନେହୋଇଛି । ସତ୍‌ସାହିତ୍ୟ ଓ ପାଠ୍ୟପୁସ୍ତକ ମାଧ୍ୟମରେ ସେ ଅଶ୍ଳୀଳତା ବିରୋଧୀ ରୁଚି ପରିବର୍ତ୍ତନର ବାର୍ତ୍ତା ପ୍ରଚାର କରିବାପାଇଁ ନିଜ ପତ୍ରିକାକୁ ମାଧ୍ୟମରୂପେ ଗ୍ରହଣ କରିଛନ୍ତି । ଏହାର ଗୋଟିଏ ସଂଖ୍ୟାରେ ଅଛି–

*"ଅଙ୍କ ବିଜ୍ଞାନାଦି ବିଷୟକ ପୁସ୍ତକମାନ ଛାଡ଼ି (ଓଡ଼ିଆ ସାହିତ୍ୟରେ) ଯାହାର ମଧ୍ୟ ସଂଖ୍ୟାକି ୭/୮ ଅନୁବାଦ ଓ ସଂକଳନକୁ ଅତିକ୍ରମ କରିନାହିଁ ଶୁଦ୍ଧ ସାହିତ୍ୟର ଗତି, ସ୍ଥୂଳରେ ଆନନ୍ଦଦାୟକ ନୁହେଁ । ତେବେ ଏ ବିଭାଗରେ ପ୍ରକୃତ ଯାହାକିଛି ଅଛି ତାହା କେବଳ ପୂର୍ବକାଳୀୟ ଦୀର୍ଘ ଶବ୍ଦାଡମ୍ବର ବିଶିଷ୍ଟ, ସାତ୍ତ୍ୱିକ ଭାବପୂର୍ଣ୍ଣ, ଅଶ୍ଳୀଳ ଭାଷାମଣ୍ଡିତ ଓ ସ୍ଥାନ ସ୍ଥାନରେ ଅବଶ୍ୟ ହୃଦୟ ମୋହନକାରୀ ସରଳ ଭାଷାରେ ଲିଖିତ, ସୁଲଳିତ ଓ ସ୍ୱାଭାବିକ ଭାବଯୁକ୍ତ, ଭଞ୍ଜ, ବ୍ରହ୍ମା, ଦାସ, ସାମନ୍ତସିଂହାର ପ୍ରଭୃତି କବି କଦମ୍ବଙ୍କ ଲୌହଲେଖନୀ ସମ୍ଭୂତ ଖଣ୍ଡି କେତେ କାବ୍ୟ । କିନ୍ତୁ ଏ ଗ୍ରନ୍ଥାବଳୀର ଅବସ୍ଥା ଏ ରୂପନୁହେ, ଯେ ସୁକୁମାର ମତି ଶିଶୁ କି ଯୌବନୋନ୍ମୁଖୀ ବାଳକ ସମସ୍ତଙ୍କ ହସ୍ତରେ ଏସବୁକୁ ନିରାପଦରେ ଅର୍ପଣ କରାଯାଏ । ଆଜିକାଲି ଲୋକଙ୍କ ରୁଚି କ୍ରମଶଃ ପରିବର୍ତ୍ତିତ ହେଉଅଛି । ଓଡ଼ିଶାରେ ଏ ପରିବର୍ତ୍ତନ ଯଦି ବିଶେଷ ରୂପେ ପ୍ରତ୍ୟକ୍ଷୀଭୂତ ହୋଇନାହିଁ, ତଥାପି ଯେ ପରିବର୍ତ୍ତନର ସମୟ ଅଦୂରବର୍ତ୍ତୀ ଏକଥା ସ୍ପଷ୍ଟ ଦେଖାଯାଉଅଛି । ଦିନ ଦିନ ପାଶ୍ଚାତ୍ୟ ଜ୍ଞାନ ଓ ପାଶ୍ଚାତ୍ୟ ସଭ୍ୟତା ଯେପରି ଗତିବିସ୍ତାର କରୁଅଛି, ସେଥିରେ ଏକ ନୂତନ ପ୍ରକାରର ରୁଚି ଶୀଘ୍ରହେଉ ବିଳମ୍ବରେ ହେଉ ଯେ ଦିନେ ଭାରତବର୍ଷକୁ ଆକ୍ରମଣ ସୁତରାଂ ଓଡ଼ିଶାରେ ମଧ୍ୟ*

*ଗତିନିକ୍ଷେପ କରିବ ଏଥିରେ ଦ୍ୱିଧା ଉପସ୍ଥିତ ହେଉନାହିଁ । ଏହି ନୂତନ ରୁଚିକି ଅନୁସରି ଭାରତରେ ସ୍ଥାନସ୍ଥାନରେ ନୂତନ ଏକ ସାହିତ୍ୟ ଭଣ୍ଡାର ସଂଗଠିତ ହେଉଅଛି । ଓଡ଼ିଶାରେ ମଧ ଏହିପରି ହେବାର ଉଚିତ ଓ ହେବ, ହେବାର ସମୟ ସୁଦ୍ଧା ଆସି ଉପସ୍ଥିତ ହେଲାଣି ଓ ଉଦ୍‌ଯୋଗ ଲାଗିଲାଣି ।''*
*(ଉତ୍କଳପୁତ୍ର, ତା-୩/୦୬/୧୮୭୪)*

ପ୍ରାଚୀନ ଓଡ଼ିଆ ସାହିତ୍ୟପ୍ରତି ପ୍ୟାରୀମୋହନଙ୍କ ଏ ଦୃଷ୍ଟିଭଙ୍ଗୀ ତାଙ୍କ ଲିଖିତ 'ଓଡ଼ିଶାର ଇତିହାସ' ଗ୍ରନ୍ଥରେ ମଧ ଦେଖିବାକୁ ମିଳେ (ଓଡ଼ିଶାର ଇତିହାସ, ଦ୍ୱିତୀୟ ସଂସ୍କରଣ, ପୃଷ୍ଠା-୧୨୩) ପ୍ୟାରୀମୋହନଙ୍କ ଏ ଅଭିମତ ତାଙ୍କ ନିଜସ୍ୱ ଅଧ୍ୟୟନର ଫଳ ଅପେକ୍ଷା ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ପ୍ରବନ୍ଧର ଅନୁସୃତି ବୋଲି ମନେହୁଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଓଡ଼ିଶାରେ ଅଶ୍ଳୀଳତା ବିରୋଧୀ ବାର୍ତ୍ତା ପ୍ରଚାର କରୁ କରୁ ସେ ନିଜେ ତାର ଶରବ୍ୟ ହୋଇପଡ଼ିଛନ୍ତି; ତାଙ୍କ ଇତିହାସ ପୁସ୍ତକ ବହୁ ପ୍ରଶଂସିତ ହୋଇଥିଲେ ସୁଦ୍ଧା ଉଲ୍ଲିଖିତ କାରଣରୁ ପାଠ୍ୟପୁସ୍ତକ ତାଲିକାରୁ କିଛିଦିନ ପାଇଁ ବାଦ୍ ପଡ଼ିଯାଇଛି । ଅଶ୍ଳୀଳତାକୁ ସେ ସମୟରେ କିପରି ବ୍ୟକ୍ତିଗତ ସ୍ୱାର୍ଥସାଧନ, ବ୍ୟାବସାୟିକ ଅଭିବୃଦ୍ଧି ଏବଂ ଅର୍ଥଲାଭର ସାଧନରୂପେ ବ୍ୟବହାର କରାଯାଇଛି, ତା'ର ଇତିହାସ ଅତ୍ୟନ୍ତ କୌତୂହଳପ୍ରଦ । 'ବିଚିତ୍ର ରାମାୟଣ' ଓ 'ନ ପୋଇ'କୁ ଅଶ୍ଳୀଳତାର ଦ୍ୱାହିଦେଇ କିପରି ଛାତ୍ରମାନଙ୍କଠାରୁ ଦୂରେଇ ନିଆଯାଇଛି ସେ ସଂପର୍କୀୟ ବିବାଦର ବିବରଣୀ ଦେବା ଅପ୍ରାସଙ୍ଗିକ ନହେଲେ ସୁଦ୍ଧା ଏଠାରେ ସମ୍ଭବପର ନୁହେ ।

ପ୍ୟାରୀମୋହନ 'ଉତ୍କଳପୁତ୍ର' କିମ୍ବା 'ଓଡ଼ିଶାର ଇତିହାସ'ରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ବିରୁଦ୍ଧ ସମାଲୋଚନା କରି ନିଷ୍କ୍ରିୟ ନଥିଲେ । ନିଜର ବାଗ୍ମିତା ବଳରେ ସେ ନିଜର ଏହି ମନୋଭାବକୁ ଅନୁକୂଳ ଓ ପ୍ରତିକୂଳ ଶ୍ରୋତାମଣ୍ଡଳୀ ମଧରେ ବ୍ୟକ୍ତକରି ପ୍ରଚଳିତ ସାହିତ୍ୟିକ ଓ ସାମାଜିକ ରୁଚିରେ ପରିବର୍ତ୍ତନ ଆଣିବାପାଇଁ ନିଜର ଉଦ୍ୟମ ଅବ୍ୟାହତ ରଖିଥିଲେ । 'ଉତ୍କଳ ସଭା'ର ପ୍ରଥମ ଷାଣ୍ମାସିକ ଅଧିବେଶନରେ ପ୍ରଦତ୍ତ ବକ୍ତୃତାରୁ ଯେ 'ଉତ୍କଳ ମଧୁପ' ପତ୍ରିକା ଜନ୍ମଲାଭ କରିଥିଲା, ଏହା ଅନ୍ୟତ୍ର ଆଲୋଚିତ ହୋଇଅଛି । କଠିନ ଶବ୍ଦାର୍ଥ ଏବଂ ବିଷୟବସ୍ତୁ ଓ ବର୍ଣ୍ଣନା ସଂପର୍କରେ ସଂକ୍ଷିପ୍ତ ସୂଚନା ସହ ଲାବଣ୍ୟବତୀ କାବ୍ୟର ପାଞ୍ଚୋଟି ଛାନ୍ଦ ପ୍ରକାଶ ପାଇବାପରେ ସଂପାଦକ ହଠାତ୍ ଘୋଷଣା କରିଛନ୍ତି—''ଲାବଣ୍ୟବତୀ ଯେ ନିଗୂଢ଼ ଆଦିରସ ପରିପୂରିତ ଓ ସାଧାରଣଙ୍କ ନିକଟରେ ପ୍ରକାଶର ଅଯୋଗ୍ୟ ଖଣ୍ଡିଏ କାବ୍ୟ ଏଥିରେ ଆଉ ସନ୍ଦେହ ନାହିଁ ।'' ସଂପାଦକ ଲାବଣ୍ୟବତୀର ତୃତୀୟ ଛାନ୍ଦଠାରେ ଏପରି ମନ୍ତବ୍ୟ ପ୍ରଦାନ କରି କାବ୍ୟର ପ୍ରକାଶନ ବନ୍ଦ କରିବା ପରିବର୍ତ୍ତେ ପଞ୍ଚମଛାନ୍ଦ ପର୍ଯ୍ୟନ୍ତ ତାକୁ କାହିଁକି ପ୍ରଲମ୍ବିତ କରିଥିଲେ ଜାଣିବା କଷ୍ଟସାଧ୍ୟ । ପରବର୍ତ୍ତୀ ଛାନ୍ଦଗୁଡ଼ିକ, ତାଙ୍କ କହିବା ଅନୁଯାୟୀ ତେତିଶି ଛାନ୍ଦ

ପର୍ଯ୍ୟନ୍ତ, 'ମଧୁପ' ପୃଷ୍ଠାରେ ପୂର୍ବାନୁରୂପ ମନ୍ତବ୍ୟ ସହିତ ପ୍ରକାଶ ପାଇବାରେ ବିଶେଷ କିଛି ଅସୁବିଧା ନଥିଲା । ପୁଣି ଲାବଣ୍ୟବତୀର ପ୍ରକାଶନକୁ ରହିତ କରି ଅନୁରୂପ ଅନ୍ୟଏକ ଶୃଙ୍ଗାରରସସିକ୍ତ କାବ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'କୁ ପ୍ରକାଶ କରିବାର ଯଥାର୍ଥତା କେତେଦୂର, ତାହାମଧ ବିଚାର୍ଯ୍ୟ । ଅବଶ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ସମଗ୍ର ମୂଳପାଠକୁ କଠିନ ଶବ୍ଦାର୍ଥ ଓ ସାମୟିକ ମନ୍ତବ୍ୟ ସହିତ ମୁଦ୍ରଣ କରିବା ପରିବର୍ତ୍ତେ କାବ୍ୟ ବିଷୟବସ୍ତୁକୁ ଉପସ୍ଥାପନା କରିବାପାଇଁ ପ୍ରୟାସ କରାଯାଇଛି । ହୁଏତ ପରବର୍ତ୍ତୀ ସଂଖ୍ୟାଗୁଡ଼ିକରେ କାବ୍ୟ ସଂପର୍କରେ ଅଧିକ ଅଲୋଚନା ପ୍ରକାଶ ପାଇଥାନ୍ତା ।

'ମଧୁପ'ରେ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ଦୁଇଟି ଉପରେ ଯେଉଁ ମନ୍ତବ୍ୟ ଏବଂ ଆଲୋଚନା ପ୍ରକାଶ ପାଇଛି ତାକୁ ଅନୁଧାନ କଲେ ମନେହୁଏ ରଙ୍ଗଲାଲ ବନ୍ଦୋପାଧ୍ୟାୟ ଏବଂ ତତ୍ ପ୍ରଭାବିତ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ମତାମତର ପୁଷ୍ଟୀକରଣ ହିଁ ଏହାର ମୁଖ୍ୟ ଆଭିମୁଖ୍ୟ । ଅବଶ୍ୟ ରସ, ଅଶ୍ଳୀଳତା, ନାୟକ ନାୟିକା, ଚରିତ୍ରଚିତ୍ରଣ, କାଳ-ପାତ୍ର-ବର୍ଣ୍ଣନା-ଔଚିତ୍ୟ ଦୃଷ୍ଟିରୁ କାବ୍ୟାଲୋଚନା କରିବାର ଏକ ଅଭିନବ ପରଂପରାର ଏହିଠାରୁ ସୂତ୍ରପାତ ହୋଇଥିଲା । କିନ୍ତୁ ଛ'ବର୍ଷ ପୂର୍ବେ 'ରସକଲ୍ଲୋଳ' ଆଲୋଚନା କରିବା ଅବସରରେ ଜନ୍ ବିମ୍ସ ସାହିତ୍ୟ ଆଲୋଚନାପାଇଁ ଯେଉଁ ଦିଗ୍‌ଦର୍ଶନ ଦେଇଥିଲେ ତାକୁ ଅନୁସରଣ କରିଥିଲେ ବୋଧହୁଏ ଓଡ଼ିଆ କାବ୍ୟ ଆଲୋଚନାର ଗତି ଅନ୍ୟ ପ୍ରକାର ହୋଇଥାନ୍ତା ଏବଂ ଏକ ସୁସ୍ଥ ସମାଲୋଚନା ପରଂପରା ଗଢ଼ିଉଠିପାରିଥାନ୍ତା । କିନ୍ତୁ ବ୍ରାହ୍ମ-ଧାର୍ମିକ ଭାବନାର ଅମୃତାୟିତ ପରିସର ମଧ୍ୟରୁ 'ଅଶ୍ଳୀଳ' ଶବ୍ଦଟିକୁ ଗ୍ରହଣ କରି ତଥାକଥିତ ରୁଚିବାଦୀମାନେ ସାହିତ୍ୟ ସମାଲୋଚନା ପାଇଁ ଯେଉଁ ପଥ ପ୍ରସ୍ତୁତ କଲେ ତାହା ଉତ୍କଳପ୍ରଭା, ଇନ୍ଦ୍ରଧନୁ, ବିଜୁଳି ମାଧ୍ୟମରେ ଆମକୁ 'ଦୋଷଦର୍ଶନ' ଓ 'ଗୁଣାଦର୍ଶ' ନିକଟରେ ପହଞ୍ଚାଇଦେଲା । 'ମଧୁପ'କାଳୀନ ପ୍ରାଚୀନ ସାହିତ୍ୟ ସମାଲୋଚନାର ସ୍ୱରୂପ ସଂପର୍କରେ ଧାରଣା କରିବାପାଇଁ ହେଲେ ଏଥିରେ ପ୍ରକାଶ ପାଇଥିବା ଆଲୋଚନା ସହିତ 'ଉତ୍କଳ ଦୀପିକା'ରେ ପ୍ରକାଶିତ ପ୍ରତିବାଦଟିକୁ ମିଳାଇ ଦେଖିବା ଆବଶ୍ୟକ । ଏଥିରେ ଗୌରୀଶଙ୍କର ରାୟ 'ମଧୁପ'ର ଆଲୋଚକଙ୍କ ଅଭିମତକୁ ଖଣ୍ଡନ କରିବାକୁ ଯାଇ 'ଉତ୍କଳ ମଧୁପ ଓ ପ୍ରକୃତକାବ୍ୟ' ଶିରୋନାମାରେ ଲେଖିଥିଲେ—

> *ଚଳିତ ବର୍ଷର ଉତ୍କଳ ମଧୁପର ପ୍ରଥମ ଓ ଦ୍ୱିତୀୟ ସଂଖ୍ୟାରେ କୋଟିବ୍ରହ୍ମାଣ୍ଡସୁନ୍ଦରୀର ସମାଲୋଚନା ପ୍ରସଙ୍ଗରେ ଲାବଣ୍ୟବତୀ ପ୍ରକୃତ କାବ୍ୟ ନୁହଇ ବୋଲି ଲେଖାଥିବାରୁ ଆମ୍ଭେମାନେ ମଧୁପର ରୁଚି ପରିବର୍ତ୍ତନ ଏବଂ କାବ୍ୟ ଘଟିତ ଅଶ୍ଳୀଳତାର ସୀମା ବିଷୟରେ ଯାହା ଲେଖିଥିଲୁଁ ତହିଁର ଉତ୍ତର ଉକ୍ତ ପତ୍ରିକାର ଖ ୩ ଓ ୪ ଖଣ୍ଡରେ ପ୍ରକା ପାଇଅଛି ।*

ରୁଚି ପରିବର୍ତ୍ତନ ବିଷୟରେ ସଂପାଦକ ସଂକ୍ଷେପରେ ଏହି କଥା କହିଅଛନ୍ତି କି ସେ ନ୍ୟାୟପଥର ଆଶ୍ରୟ ନେଇ ସାହିତ୍ୟ ବିଷୟିଣୀ ମାସିକ ପତ୍ରିକା ବାହାର କରିଥିଲେ । ସ୍ୱଭାବତଃ ଲାବଣ୍ୟବତୀର ଉତ୍କୃଷ୍ଟତା ଦେଖାଇବାକୁ ଯାଇଥିଲେହେଁ ତାହାର ନିକୃଷ୍ଟତା ନ ଦେଖାଇ ଗୁପ୍ତ ରଖିବାର ଇଚ୍ଛାନଥିଲା ମାତ୍ର ସମାଲୋଚନା କରୁକରୁ ତାହା ପ୍ରକୃତ କାବ୍ୟ ନଥିବାର ଜଣାପଡ଼ିବାରୁ ତହିଁରୁ ମନ ଛାଡ଼ିଗଲା ସୁତରାଂ ତାହାକୁ ପରିତ୍ୟାଗ କଲେ । ଏଥିରୁ ବୋଧ ହୁଅଇ ଯେ ମଧୁପର ରୁଚିର ପରିବର୍ତ୍ତନ ହୋଇନାହିଁ । ଲାବଣ୍ୟବତୀ ଖଣ୍ଡିଏ ଭଲ କାବ୍ୟ ବୋଲି ଲୋକମୁଖରେ ଶୁଣି ସ୍ୱଭାବତଃ ତହିଁର ଉତ୍କୃଷ୍ଟତା ଦେଖାଇବାକୁ ଯାଇଥିଲେ ଶେଷରେ ମନୋନୀତ ନ ହେବାରୁ ନିନ୍ଦାକରି କ୍ଷାନ୍ତ ରହିଲେ । ଯେବେ ପୂର୍ବରୁ ପଢ଼ିଥାନ୍ତେ ତେବେ ଅନୁମାନ ହୁଅଇ ତହିଁର ସମାଲୋଚନାରେ ମନ ବଳାଇ ନଥାନ୍ତେ । କାରଣ ନ୍ୟାୟଖଡଗ ଧାରଣ କରି ଅଯୋଗ୍ୟ ଓ ଦୀନଜୀବକୁ ଛେଦନ କରିବା ଯେ ଶୂରର କାର୍ଯ୍ୟନୁହେ ଏହା ମଧୁପ ପରି ନ୍ୟାୟବାନ୍ ବ୍ୟକ୍ତି ପକ୍ଷରେ ନ ଜାଣିବା ଅତ୍ୟନ୍ତ ଅସମ୍ଭବ ଅଟଇ । ଆମ୍ଭେମାନେ ଏତିକି ଆଶା କରୁଁ କି ଯେମନ୍ତ କୋଟି ବ୍ରହ୍ମାଣ୍ଡସୁନ୍ଦରୀ ପ୍ରତି ସେପରି ବ୍ୟବହାର ହେବନାହିଁ ।

ଅଶ୍ଳୀଳତା ସମ୍ବନ୍ଧରେ ଆମ୍ଭେ ଯାହା ଲେଖିଥିଲୁଁ ତହିଁ କି ମଧୁପ ପ୍ରଥମେ ଆମ୍ଭମାନଙ୍କର ସନ୍ଦେହ କରିବାର ଆଧାର ନାହିଁ ବୋଲି ତହିଁ ଉତ୍ତାରୁ ଆପେ ଲେଖିଅଛନ୍ତି କି "ଏତେବେଳେ ସନ୍ଦେହ ପ୍ରଦେଶବାସିନୀ ଆପତ୍ତି ଆସି ଏହିକଥା କହିଲା ଯେ ଆଦିରସର ଅର୍ଥ ଶୃଙ୍ଗାର, ଯେଉଁ କାବ୍ୟରେ ଶୃଙ୍ଗାରର ଜୀଅନ୍ତା ମୂର୍ତ୍ତିମାନ ଅଛି, ତାକୁ ଅବଶ୍ୟ ଉତ୍କୃଷ୍ଟତାର ଆଦିରସାତ୍ମକ କାବ୍ୟ ବୋଲାଯିବ ଅଶ୍ଳୀଳତାର ମୂର୍ତ୍ତି ବୋଲି ତାହାର ନାମାନ୍ତର ଘଟାଇବା ଏକପ୍ରକାର ହିଂସାଭାବ ମାତ୍ର । ଏହି କଥାର ଅନନୁମୋଦନରେ ଆମ୍ଭେମାନେ କହୁଅଛୁ ଯେଉଁ ଆଦିରସବୋଧକଭାବ ନିର୍ମଳ, ସୁନ୍ଦର ଓ ହୃଦୟ ପ୍ରଫୁଲ୍ଲକର କାବ୍ୟର ଆତ୍ମଗତ ହୋଇ ଅଭିନୟଭଙ୍ଗୀଦ୍ୱାରା ପରିଣତ ଫଳ ଶୃଙ୍ଗାରର ପରିଚାୟକ ହୋଇଥାଏ ଓ ମନକୁ ବିକୃତଭାବରେ ପରିବର୍ତ୍ତିତ କରଇ ନାହିଁ ସେହି କେବଳ କାବ୍ୟୋଚିତ ଆଦିରସ ।" ଏଥିର ଉଦାହରଣ ସ୍ୱରୂପ ଲେଖିଅଛନ୍ତି କି ଯେମନ୍ତ ବ୍ୟଞ୍ଜନରେ ଲବଣ ଅଧିକହେଲେ ସ୍ୱାଦ ନଷ୍ଟ ହୁଅଇ ସେହିପରି ଆଦିରସର ଆଧିକ୍ୟ ଅଶ୍ଳୀଳତାରେ ପରିଣତ ହୋଇ କାବ୍ୟର ଅନୁପଯୁକ୍ତ ହୁଅଇ । ମଧୁପଙ୍କର ଏହି ନିୟମ ଓ ଉଦାହରଣ ଏକତ୍ରରେ ବିଚାରକରି ଆମ୍ଭେମାନେ ଏତିକି ଉପଲବ୍ଧି କରୁଅଛୁଁ ଯେ ଅଶ୍ଳୀଳତା ହେତୁରୁ କାବ୍ୟ ଅପ୍ରକୃତ ହୁଅଇ ନାହିଁ ମାତ୍ର ତହିଁର

*ସ୍ୱାଦୁର ତାରତମ୍ୟ ଘଟଇ ଯେମନ୍ତ କି ରୁଚି ଅନୁସାରେ କାହାକୁ ଅଳ୍ପ ଲବଣ ଓ କାହାକୁ ଅଧିକ ଲବଣ ସୁଖକର ଲାଗଇ । ପୁଣି ରୋଗବିଶେଷ ହେତୁରୁ ସ୍ୱାଦୁ ବିକୃତାବସ୍ଥାକୁ ଲଭିଥିଲେ ସମୁଚିତ ଲବଣଯୁକ୍ତ ବ୍ୟଞ୍ଜନ ଅଲଣା ବା ଲୁଣିଆ ବୋଧ ହୁଅଇ । ଫଳତଃ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଲାବଣ୍ୟବତୀରେ ତାହା ରଚନାକାଳର ରୁଚି ଅନୁସାରେ ଅନେକ ସ୍ଥାନରେ ଆଦିରସ ଅତି ପ୍ରକଟଭାବରେ ବର୍ଣ୍ଣିତ ହୋଇଥିଲେ ହେଁ ଓ ତାହା ''ନବକର୍ମାଣି ଗୋପୟେତ୍'' ଶ୍ଳୋକର ଏବଂ ବର୍ତ୍ତମାନ ରୁଚିର ଅନୁମୋଦିତ ସୀମାକୁ ଅତିକ୍ରମ କରିଥିଲେ ହେଁ ଉକ୍ତ ଗ୍ରନ୍ଥ ଯେ ପ୍ରକୃତ କାବ୍ୟ ନୁହଇ ଏପରି ଆମ୍ଭେମାନେ ସ୍ୱୀକାର କରିନପାରୁଁ । ତାହାହେଲେ ଭୁବନେଶ୍ୱର ଓ ପୁରୀର ମନ୍ଦିରମାନଙ୍କୁ ଯାହା ଉତ୍କୃଷ୍ଟ ଶିଳ୍ପକାର୍ଯ୍ୟ ବୋଲି ଦେଶୀୟ ବିଦେଶୀୟ ସମସ୍ତେ ପ୍ରଶଂସା କରୁଅଛନ୍ତି ତହିଁରେ ଗୋଟାକେତେ ଅଶ୍ଳୀଳ ଛବି ଅଛି ବୋଲି ସେ ସମସ୍ତଙ୍କୁ ପ୍ରକୃତ ଶିଳ୍ପକାର୍ଯ୍ୟ ବୋଲାଯାଇନପାରେ ଓ ଏହି ନ୍ୟାୟରେ ଭାଗବତାଦି ଗ୍ରନ୍ଥକୁ ପ୍ରକୃତ ଧର୍ମଗ୍ରନ୍ଥ କିମ୍ବା ଜଣେ କୌପନୀଧାରୀ ପ୍ରାୟ ଉଲଗ୍ନ ବୈରାଗୀ ଯେଡ଼େ ଧାର୍ମିକ ହୋଇଥିଲେ ହେଁ ତାହାକୁ ପ୍ରକୃତ ଧାର୍ମିକ ବୋଲାଯାଇନପାରେ । ଏପ୍ରକାର ସ୍ଥଳମାନଙ୍କରେ ସମାଲୋଚକର କାର୍ଯ୍ୟ ବଡ଼ କଠିନ ଅଟଇ ସମସ୍ତ ଦିଗ ବିବେଚନା ନକରି ଏକାବେଳକେ ଅପ୍ରକୃତ ବୋଲି ପରିତ୍ୟାଗ କରିବା ଉଚିତ ନୁହଇ ।*

*ପରିଶେଷରେ ବକ୍ତବ୍ୟ ଏହି ଯେ ଲାବଣ୍ୟବତୀରେ ଦାମ୍ପତ୍ୟ ପ୍ରଣୟର କୌଣସି ବ୍ୟଭିଚାର ନାହିଁ ଏବଂ ଆଦିରସ ଘଟିତ କାବ୍ୟରୁ ଆଉ ଯାହା ଆଶା କରାଯାଇପାରେ ତାହା ଯେ ଏଥିରୁ ଲାଭ କରିବା ଅସମ୍ଭବ ଏପରି ଆମ୍ଭେମାନେ କହିନପାରୁଁ । ତେବେ ପଢ଼ାଶୁଣା ଲୋକେ ଯେବେ ଯେଉଁ ଭାବସମୁଦ୍ରରୁ ଅମୃତ ଜାତ ହୋଇପାରେ ତହିଁରୁ ବିଷ ବାହାର କରି ତଦ୍ୱାରା ଆପଣା ଚରିତ୍ରକୁ ନଷ୍ଟ କରିବେ ତାହା ନିବାରଣ କରିବାକୁ ଆୟତ୍ତ କାହାର ?*

(ଉତ୍କଳ ଦୀପିକା, ତା.୧୩/୦୯/୧୮୭୯)

'ଉତ୍କଳ ମଧୁପ'ରୁ ପ୍ରାଚୀନ ସାହିତ୍ୟ ଆଲୋଚନା କ୍ଷେତ୍ରରେ ବ୍ରାହ୍ମଦୃଷ୍ଟିର ଯେଉଁ ପରିଚୟ ମିଳିଥିଲା ତାହା 'ପ୍ରଦୀପ' ବେଳକୁ ଦୂରୀଭୂତ ହୋଇନଥିଲା । 'ପ୍ରଦୀପ'ରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଆଲୋଚନାତ୍ମକ ପ୍ରବନ୍ଧ ବିଶେଷ ପ୍ରକାଶ ପାଇନଥିଲେ ସୁଦ୍ଧା ବ୍ରହ୍ମାନନ୍ଦ ଦାସଙ୍କ 'ଆମ୍ଭମାନଙ୍କର ଜାତୀୟ ସାହିତ୍ୟ' ପ୍ରବନ୍ଧରେ ପୂର୍ବୋକ୍ତ ଦୃଷ୍ଟିଭଙ୍ଗୀର ପୁନରାବୃତ୍ତି ଦେଖିବାକୁ ମିଳେ । ଜାତୀୟ ସାହିତ୍ୟ ସଂପର୍କରେ ଆଲୋଚନା କଲାବେଳେ ସେ କହନ୍ତି—

*ପ୍ରାଚୀନ ଉତ୍କଳ ସାହିତ୍ୟ ଆମ୍ଭମାନଙ୍କ ପୂର୍ବପୁରୁଷଗଣର ଆଦିରସପ୍ରିୟତା ଏବଂ କୁରୁଚି ସମ୍ଭୂତ ଆଡ଼ମ୍ବରପ୍ରିୟତା ସ୍ୱକ୍ଷାକ୍ଷରେ ଜ୍ଞାପନ କରୁଅଛି । ସମୟେ ସମୟେ ସେମାନଙ୍କ ଶୋଭାନୁଭାବକତା ଏବଂ ଭକ୍ତିପରାୟଣତା ମଧ ସୁଚାରୁରୂପେ ପ୍ରଦର୍ଶିତ ହୋଇଅଛି ।*

ପ୍ରାଚୀନ ସାହିତ୍ୟ ଆଲୋଚନା କରିବାରେ 'ମଧୁପ' ଓ 'ପ୍ରଦୀପ' ଯେଉଁ ପରଂପରା ସୃଷ୍ଟିକରିଥିଲେ ତାହା 'ଉତ୍କଳ ପ୍ରଭା'ରେ ଲାଲା ରାମାନାରାୟଣ ରାୟଙ୍କ ଦ୍ୱାରା ପଲ୍ଲବିତ ଓ ପୁଷ୍ପିତ ହୋଇ ଇନ୍ଦ୍ରଧନୁ ବିଜୁଳିର ଅଶୋଭନୀୟ ମସୀଯୁଦ୍ଧର ସୂତ୍ରପାତ କରିଥିଲା । 'ମଧୁପ'ରେ 'ଲାବଣ୍ୟବତୀ' ଓ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ର ଆଲୋଚନା କରାଯାଇଥିବା ଯୋଗୁଁ ଲାଲା ରାମନାରାୟଣ ଉପେନ୍ଦ୍ରଭଞ୍ଜଙ୍କ ସର୍ବଶ୍ରେଷ୍ଠ କୃତିରୂପେ ଆଦୃତ 'ବୈଦେହୀଶ ବିଳାସ'କୁ ଆଲୋଚନା ପାଇଁ ଗ୍ରହଣ କରିଛନ୍ତି ।

-୯-

ଉପର୍ଯ୍ୟୁକ୍ତ ବିଭିନ୍ନ ଦିଗରୁ ଆଲୋଚ୍ୟ ପତ୍ରିକା ଦୁଇଟି ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ଯେ ସ୍ମରଣୀୟ ପଦାଙ୍କ ଛାଡ଼ିଯାଇଛନ୍ତି, ଏହା ଆଲୋଚକ ମାତ୍ରେ ଉପଲବ୍ଧି କରିପାରିବେ । ପ୍ରବନ୍ଧ, କଥାସାହିତ୍ୟ, କବିତା ଏବଂ ସାହିତ୍ୟ ଆଲୋଚନା ପ୍ରତ୍ୟେକ କ୍ଷେତ୍ରରେ ଏଗୁଡ଼ିକ ଓଡ଼ିଆ ସାହିତ୍ୟରେ ଆଧୁନିକତାକୁ ଆଉ ଦୁଇପାଦ ଆଗେଇନେଇଛନ୍ତି । ଆଧୁନିକ ଶିକ୍ଷିତ ଯୁବଲେଖକ ଗୋଷ୍ଠୀର ଏହି ଦୁଃସାହସିକ ଉଦ୍ୟମ ଫଳରେ ଊନବିଂଶ ଶତାବ୍ଦୀର ଅବସାନ ବେଳକୁ ବିଂଶ ଶତାବ୍ଦୀରେ ସୃଷ୍ଟିଲାଭ କରିଥିବା ଉନ୍ନତ ଜାତୀୟ ସାହିତ୍ୟର ପୃଷ୍ଠଭୂମି ନିର୍ମିତ ହୋଇପାରିଥିଲା । ଏହି ଦୁର୍ଲ୍ଲଭ ପତ୍ରିକା ଦୁଇଟି ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ବିକାଶ ଆଲୋଚନା ଦିଗରେ ବିଶେଷ ସହାୟକ ହେବ ବୋଲି ଆମର ବିଶ୍ୱାସ ।

ଖ୍ରୁ ନର୍ସିଂ ଆଚାର୍ଯ୍ୟ

# ଉତ୍କଳ ମଧୁପ

# ପ୍ରାକ୍-ସୂଚନା

୧୮୭୮ ମସିହାରୁ ପ୍ରକାଶ ପାଉଥିବା ''ଉତ୍କଳ ମଧୁପ'' ନିରୋଳା ମାସିକ ସାହିତ୍ୟ ପତ୍ରିକା ଗ୍ରାହକମାନଙ୍କର ସଂରକ୍ଷଣ ପ୍ରବୃତ୍ତି ଅଭାବରୁ ହେଉ କିମ୍ବା ପତ୍ରିକାଟିରେ ବ୍ୟବହୃତ କାଗଜର ନିକୃଷ୍ଟତାରୁ ହେଉ ସ୍ୱଳ୍ପଦିନ ମଧରେ ପାଠକ, ସମାଲୋଚକ ଏବଂ ସଂଗ୍ରାହକ ମାନଙ୍କ ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇଯାଇଥିଲା । ୧୯୧୯ ବେଳକୁ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ବହୁ ଶ୍ରମ ସ୍ୱୀକାର ପୂର୍ବକ ଉନବିଂଶ ଶତାବ୍ଦୀରେ ପ୍ରକାଶିତ ପତ୍ରପତ୍ରିକା ଗୁଡ଼ିକ ସଂପର୍କରେ ସ୍ଥୂଳ ବିବରଣୀ ଦେବାବେଳେ (ଉତ୍କଳ-ସାହିତ୍ୟ ଭା. ୨୩/୮ମ ସଂ.) ପତ୍ରିକାଟିକୁ ଦେଖିଥିବା ମନେହୁଏନାହିଁ । ଏ ସଂପର୍କରେ ତାଙ୍କ ବିବରଣୀ ହେଲା—

> ୧୮୭୮ ମସିହାରେ କଟକ ପ୍ରିଣ୍ଟିଙ୍ଗ୍ କଂପାନୀ ଯନ୍ତ୍ରାଳୟରୁ 'ଉତ୍କଳ ମଧୁପ' ନାମକ ଖଣ୍ଡିଏ ମାସିକ ପତ୍ର ପ୍ରକାଶିତ ହୋଇଥିଲା । ଏଥିର ସଂପାଦକ ଥିଲେ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପଟ୍ଟନାୟକ; କିନ୍ତୁ ସାହିତ୍ୟ ସମାଜର ବର୍ତ୍ତମାନ ସଭାପତି ଶ୍ରୀଯୁକ୍ତ ରାମଶଙ୍କର ରାୟ ହିଁ ସେହି ପତ୍ରିକାର ପ୍ରବର୍ତ୍ତକ ଏବଂ ଯଥାର୍ଥ ପରିଚାଳକ ଥିଲେ । ତତ୍କୃତ 'ସୌଦାମିନୀ' ଉପନ୍ୟାସ ଏଥିରେ କ୍ରମଶଃ ପ୍ରକାଶିତ ହୋଇଥିଲେ । ପତ୍ରିକାର କପାଳରେନାମକରଣ ସୂଚକ ଏହି ଶ୍ଳୋକଟି ଲିଖିତ ଥିଲା— ''ଖ୍ୟାତୋତ୍କଳୀୟ କବି କାବ୍ୟ ପ୍ରସୂନ ସଂଘାତ୍, ପୀତ୍ୱାମଧୂନି ମଧୁରାଣି ପ୍ରଫୁଲ୍ଲ ଚିତ୍ତଃ । ସଂଖ୍ୟାବତାଂ ସୁରସଭାବବିଦାଂସମାଜେ, ବଂଭ୍ରମ୍ୟତେ ହି ମଧୁପୋ ନବଜାତପକ୍ଷ'' । — ପ୍ରାୟ ଦୁଇ ବର୍ଷ ପରେ ମଧୁପ ଲୋପ ପାଇଥିଲା ।

ଏଥିରେ ଥିବା ଶ୍ଳୋକଟି ଉତ୍କଳ ମଧୁପର ଦ୍ୱିତୀୟ ଭାଗର ସଂଖ୍ୟାଗୁଡ଼ିକର କପାଳରେ ଲେଖାଯାଉଥିଲା । ପ୍ରଥମ ଭାଗରେ ଅନ୍ୟ ଏକ ଶ୍ଳୋକ ଦେଖିବାକୁ ମିଳେ । ସେହିପରି ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଦ୍ୱିତୀୟ ଭାଗଠାରୁ ଏହାର ସଂପାଦନା ଦାୟିତ୍ୱ ଗ୍ରହଣ କରିଥିଲେ । ପଣ୍ଡିତ ରଥ ଏଥିରେ ପ୍ରକାଶିତ ରଚନା ଗୁଡ଼ିକ ମଧରୁ 'ସୌଦାମିନୀ' ଉପନ୍ୟାସର ନାମ କେବଳ ଉଲ୍ଲେଖ କରିଛନ୍ତି । ପତ୍ରିକାଟିର ସଂଖ୍ୟାଗୁଡ଼ିକୁ ଦେଖିଥିଲେ ସେ ଅନ୍ୟ କିଛି ରଚନାର ନାମ ନିଶ୍ଚୟ ଉଲ୍ଲେଖ କରିଥାନ୍ତେ । ଏଥିରେ ପ୍ରାୟ ଦୁଇବର୍ଷ ପରେ 'ମଧୁପ' ଲୋପ ପାଇଥିଲା ବୋଲି ଯାହା ଲେଖାଯାଇଛି ତାହା ମଧ ସଠିକ୍ ବୋଲି ମନେହୁଏ ନାହିଁ । ଏଣୁ ପଣ୍ଡିତ ମହାଶୟ ଅନ୍ୟଠାରୁ ସଂଗୃହୀତ ତଥ୍ୟ ଉପରେ ଭିତ୍ତିକରି ଏହି ବିବରଣୀ ପ୍ରସ୍ତୁତ କରିଥିବା ସ୍ପଷ୍ଟ ଜଣାଯାଏ ।

କିନ୍ତୁ ସୌଭାଗ୍ୟର ବିଷୟ, ୧୯୪୦ ବେଳକୁ ସୁଶିକ୍ଷାବିତ୍ ଓ ଗବେଷକ ଶ୍ରୀଯୁକ୍ତ ଗୋକୁଳଚନ୍ଦ୍ର ଶତପଥି ଅଧ୍ୟାପକ ଗିରିଜାଶଙ୍କର ରାୟଙ୍କ ନିକଟରେ ଥିବା ଉତ୍କଳ ମଧୁପର କେତୋଟି ସଂଖ୍ୟା ପାଠକରିବାର ସୁଯୋଗ ପାଇଛନ୍ତି ଏବଂ ସେହିବର୍ଷ 'ଭଞ୍ଜପ୍ରଦୀପ' ପତ୍ରିକାର ଭା୧୦/୨ସଂରେ ଏକ ପ୍ରବନ୍ଧ ପ୍ରକାଶ କରିଛନ୍ତି । ପ୍ରବନ୍ଧଟିରେ ଉପସ୍ଥାପିତ ବିବରଣୀରୁ ସେ ପତ୍ରିକାଟିର ମାତ୍ର ଛଅଟି ସଂଖ୍ୟା ଦେଖିଥିବା ଅନୁମିତ ହୁଏ । ପରବର୍ତ୍ତୀ ସମୟରେ ଏକତ୍ର ବନ୍ଧାଯାଇଥିବା ଏହିଛ'ଟି ସଂଖ୍ୟା ବୋଧହୁଏ ଓଡ଼ିଶା ରାଜ୍ୟ ସଂଗ୍ରାହଳୟର ଗ୍ରନ୍ଥାଗାରକୁ ହସ୍ତାନ୍ତର କରାଯାଇଥିଲା । ଶ୍ରୀଯୁକ୍ତ ଶତପଥୀ ଦେଖିଥିବା ଏବଂ ରାଜ୍ୟ ସଂଗ୍ରହାଳୟରେ ଥିବା ସଂଖ୍ୟାଗୁଡ଼ିକ ଯେ ଅଭିନ୍ନ ଏହା କହିବାର କାରଣ ହେଲା, ଶ୍ରୀଯୁକ୍ତ ଶତପଥୀ ଯେଉଁ ଛ'ଟି ସଂଖ୍ୟା ଦେଖିଥିଲେ ତାହା ଥିଲା ସ୍ୱର୍ଗତ ରାମଶଙ୍କର ରାୟଙ୍କ ନିଜସ୍ୱ ସଂଖ୍ୟା । ଏହି ସଂଖ୍ୟାଗୁଡ଼ିକରେ ପ୍ରକାଶ ପାଇଥିବା ନିଜର 'ସୌଦାମିନୀ' ଉପନ୍ୟାସର ଭାଷାକୁ ସେ ସ୍ୱହସ୍ତରେ ସଂଶୋଧନ କରିଥିଲେ । ତା'ର କିଛି ଉଦାହରଣ ମଧ ଶ୍ରୀଯୁକ୍ତ ଶତପଥି ସ୍ୱୀୟ ପ୍ରବନ୍ଧରେ ଦର୍ଶାଇଛନ୍ତି । ରାଜ୍ୟ ସଂଗ୍ରାହଳୟର ଛ'ଟି ସଂଖ୍ୟାରେ ରାମଶଙ୍କର ରାୟଙ୍କ ହସ୍ତାକ୍ଷରରେ ଏହି ସଂଶୋଧିତ ରୂପ ଥିବା ଦୃଷ୍ଟିରୁ ଆମ ଅନୁମାନର ସତ୍ୟତା ପ୍ରତିପାଦିତ ହୁଏ ।

ପ୍ରାଚୀନ ସାହିତ୍ୟ ସମାଲୋଚନାର ଇତିହାସ ସଂଗ୍ରହ କଲାବେଳେ ୧୯୭୦ ବେଳକୁ ଏହି ଛ'ଟି ସଂଖ୍ୟା ଅବିକୃତ ଥିବା ମୁଁ ଦେଖିଥିଲି । ଅବଶ୍ୟ ପ୍ରଥମ ବର୍ଷ ଏକାଦଶ ଓ ଦ୍ୱାଦଶ ସଂଖ୍ୟା ଏବଂ ଦ୍ୱିତୀୟ ବର୍ଷ ତୃତୀୟ ଓ ଚତୁର୍ଥ ସଂଖ୍ୟାର ନିମ୍ନଭାଗରୁ କିଛି ଅଂଶ ଉଇ ଖାଇଯାଇଥିଲା । କିନ୍ତୁ ପାଠକମାନଙ୍କ ଅବିଚାରିତ ଦୌରାତ୍ମ୍ୟରୁ ୧୯୯୦ ବେଳକୁ ଏହାର କିଛି ପୃଷ୍ଠା ନଷ୍ଟ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ କୌଣସି ଦୁଷ୍ଟବୁଦ୍ଧିପାଠକ ଏହାକୁ ହରଣଚାଳ କରି ନେବାପାଇଁ ପ୍ରୟାସ କରୁଥିଲେ, କିନ୍ତୁ ତାଙ୍କ ପ୍ରୟାସ ବ୍ୟର୍ଥ ହେବାରୁ ସେ ପୃଷ୍ଠାଗୁଡ଼ିକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଇ 'ମଧୁପ'ଟିକୁ କେବଳ ଛିନ୍ନପକ୍ଷ ନୁହେଁ ସମାଧିସ୍ଥ କରିବାର ବ୍ୟବସ୍ଥା କରିଦେଲେ । ବର୍ତ୍ତମାନ 'ଉତ୍କଳ ମଧୁପ'ର ସଂଗୃହୀତ ଏହି ଛ'ଟି ସଂଖ୍ୟା ମଧ ପାଠକ ଓ ଗବେଷକମାନଙ୍କ ପାଇଁ ଦୁର୍ଲ୍ଲଭ ।

ପତ୍ରିକାଟି ସଂପୂର୍ଣ୍ଣ ନଷ୍ଟ ହୋଇଯିବା ପୂର୍ବରୁ ମୁଁ ପାଞ୍ଚଟି ସଂଖ୍ୟାର ଛିନ୍ନ ପୃଷ୍ଠାଗୁଡ଼ିକୁ ଯୋଡ଼ାଯୋଡ଼ି କରି ଯେଉଁ ଫୋଟଚିତ୍ର ପ୍ରସ୍ତୁତ କରିଥିଲି ତାହାହିଁ ଭବିଷ୍ୟତର ସମାଲୋଚକ, ଗବେଷକ ଓ ଅନୁସନ୍ଧିତ୍ସୁ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନା କରୁଛି । ଏହି ସଂଖ୍ୟାଗୁଡ଼ିକ ହେଲା ପ୍ରଥମ ବର୍ଷ ଷଷ୍ଠସଂଖ୍ୟା, ପ୍ରଥମ ବର୍ଷ ଦଶମସଂଖ୍ୟା, ପ୍ରଥମ ବର୍ଷ ଏକାଦଶ ଓ ଦ୍ୱାଦଶ ସଂଖ୍ୟା (ଏକତ୍ର), ଦ୍ୱିତୀୟ ବର୍ଷ ତୃତୀୟ ଓ ଚତୁର୍ଥ ସଂଖ୍ୟା (ଏକତ୍ର) ଏବଂ ଦ୍ୱିତୀୟ ବର୍ଷ ସପ୍ତମ ଓ ଅଷ୍ଟମ ସଂଖ୍ୟା (ଏକତ୍ର) । ପ୍ରଥମବର୍ଷ ପଞ୍ଚମ ସଂଖ୍ୟାଟିର ପ୍ରଥମ ଚାରିପୃଷ୍ଠା ବ୍ୟତୀତ ଅନ୍ୟ ପୃଷ୍ଠାଗୁଡ଼ିକ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

ପ୍ରକାଶ ଥାଉକି, ପୁନର୍ମୁଦ୍ରଣ ବେଳେ ମୂଳପାଠକୁ ଯଥାସାଧ୍ୟ ଅବିକୃତ ରଖିବାପାଇଁ ପ୍ରୟାସ କରାଯାଇଛି । ବନାନ ଓ ବିରାମ ଚିହ୍ନ ସାଂପ୍ରତିକ ଦୃଷ୍ଟିରେ ସଠିକ୍ ବୋଲି ମନେ ନହେଲେ ସୁଦ୍ଧା ତାର ପରିବର୍ତ୍ତନ ପାଇଁ ପ୍ରୟାସ କରାଯାଇନାହିଁ । ଯେଉଁ ଅକ୍ଷର, ପଦ, ବାକ୍ୟ, ବାକ୍ୟାଂଶ ଅସ୍ପଷ୍ଟ ବା କୀଟଦ୍ରଷ୍ଟ ସେସବୁକୁ ପୂର୍ଣ୍ଣ କରିବାପାଇଁ ଚେଷ୍ଟା କରାନଯାଇ '×' ଚିହ୍ନଦ୍ୱାରା ସୂଚିତ କରାଯାଇଛି । ଯେଉଁ ଶବ୍ଦଟି ସ୍ପଷ୍ଟଭାବେ ଜାଣିହେଉଛି କିନ୍ତୁ ଗୋଟିଏ ଅକ୍ଷର ନଷ୍ଟ କିମ୍ବା ମୁଦ୍ରଣ ବେଳେ ରହିଯାଇଛି ତାକୁ ବନ୍ଧନୀ ମଧ୍ୟରେ ରଖାଯାଇଛି । 'ସୌଦାମିନୀ' ଉପନ୍ୟାସର ପାଠକୁ ରାମଶଙ୍କର ନିଜେ ଯେଉଁ ସ୍ଥାନରେ ସଂଶୋଧନ କରିଛନ୍ତି ସେଠାରେ ସଂଶୋଧିତ ପାଠକୁ ଗ୍ରହଣ କରାଯାଇ ପୂର୍ବ ପାଠକୁ ବନ୍ଧନୀ ମଧ୍ୟରେ ପ୍ରଦାନ କରାଯାଇଛି । ଅବଶ୍ୟ କେତକ ସ୍ଥଳରେ ସଂଶୋଧିତ ଅକ୍ଷର/ଶବ୍ଦ ଅସ୍ପଷ୍ଟ ହୋଇଯାଇଥିବା ଯୋଗୁଁ ପାଠସଂସ୍କାର ସମ୍ଭବ ହୋଇପାରିନାହିଁ । ପୁନଶ୍ଚ, ପ୍ରଚ୍ଛଦ ପୃଷ୍ଠାର ଚତୁଃପାର୍ଶ୍ୱରେ ଦିଆଯାଇଥିବା ଶ୍ଳୋକ ଗୁଡ଼ିକର ସଠିକ୍ ପାଠୋଦ୍ଧାର ଖଣ୍ଡିତ ଓ ଅସ୍ପଷ୍ଟ ପୃଷ୍ଠା ମଧ୍ୟରୁ ପୂର୍ଣ୍ଣତଃ ସଂଗ୍ରହ କରିବା ମୋ' ପକ୍ଷରେ ସମ୍ଭବପର ହୋଇପାରିନାହିଁ । ଏଥିପାଇଁ ଶ୍ରୀଯୁକ୍ତ ଗୋକୁଳଚନ୍ଦ୍ର ଶତପଥୀଙ୍କ ପ୍ରବନ୍ଧର ସାହାଯ୍ୟ ନିଆଯାଇଛି ।

ପତ୍ରିକାଟିର ପ୍ରସ୍ତୁତ ସଂସ୍କରଣରେ ମୂଳ ପ୍ରଚ୍ଛଦପୃଷ୍ଠାର ପଛରେ ଥିବା ମଧୁପର ନିୟମାବଳୀ ଏବଂ ଶେଷ ମଲାଟର ଉଭୟ ପାର୍ଶ୍ୱରେ ମୁଦ୍ରିତ ଗ୍ରାହକମାନଙ୍କ ପ୍ରତି ବିଜ୍ଞାପନ, ସାଧାରଣ ବିଜ୍ଞାପନ କିମ୍ବା ଗ୍ରାହକମାନଙ୍କ ନାମ ଓ ଦେୟର ବିବରଣୀ ଦିଆଯାଇନାହିଁ । ପାଠକ/ଆଲୋଚକମାନଙ୍କ ଅବଗତି ପାଇଁ ତାହା ଅନ୍ୟତ୍ର ସ୍ଥାନିତ କରାଯାଇଛି ।

## (୨)

ଉତ୍କଳ ମଧୁପର ପ୍ରଥମଭାଗ ପ୍ରଥମ ସଂଖ୍ୟା "ମାସିକ ପତ୍ର ଓ ସମାଲୋଚନା" ରୂପେ ୧୮୦୦ ଶକାବ୍ଦ ବୈଶାଖ ମାସରେ ଅର୍ଥାତ୍ ଏପ୍ରିଲ୍ ୧୮୭୮ ମସିହାରେ ପ୍ରକାଶ ପାଇଥିଲା । ଏହା କଟକ ପ୍ରିଣ୍ଟିଂ କଂପାନୀରେ ମୁଦ୍ରିତ ହେଉଥିବା ପ୍ରଚ୍ଛଦ ପୃଷ୍ଠାରୁ ଜଣାଯାଏ । ଏହାର ପ୍ରାପ୍ତି ସ୍ୱୀକାର କରି ଉତ୍କଳ ଦୀପିକା ତା୨୦-୦୪-୧୮୭୮ ମସିହାରେ ଲେଖିଥିଲେ—

> 'ଉତ୍କଳ ମଧୁପ'ନାମରେ ଏକଖଣ୍ଡ ମାସିକ ପତ୍ର ଏ ସପ୍ତାହରେ ଉପହାର ପାଇ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ଓଡ଼ିଶାରେ ଏପରି ପତ୍ର ନଥିବା ଲଜ୍ଜାର ବିଷୟ ଅଟଇ । ବାଲେଶ୍ୱରରେ ପ୍ରଥମେ ଏଥିର ଚେଷ୍ଟା ହୋଇଥିଲା ମାତ୍ର ତାହା ରହିପାରିଲା ନାହିଁ ଓ ରହନ୍ତା ଅବା କିପରି ସର୍ବସାଧାରଣଙ୍କ ସାହାଯ୍ୟ ଉପରେ ଯାହାର ଅସ୍ତିତ୍ୱ ନିର୍ଭର କରଇ ତାହା ଦୁଇଚାରି ଜଣର ଚେଷ୍ଟାରେ କିପରି ରହିବ ? ଓଡ଼ିଶା ବଙ୍ଗଳା ଠାରୁ

ନିର୍ଦ୍ଧନୀ ଓ ଅଶିକ୍ଷିତ ଦେଶହେଲେ ହେଁ ଏଠାରେ ଯେତେ ଦ୍ରବ୍ୟବନ୍ତ ଓ ଶିକ୍ଷିତ ଲୋକ ଅଛନ୍ତି କେବଳ ସେହିମାନଙ୍କ ସାହାଯ୍ୟରେ ଖଣ୍ଡିଏ ମାସିକ ପତ୍ର ଜୀବିତ ରହିବା ବିଚିତ୍ର ନୁହଇ । ବର୍ଷରେ ଟ୧.୫୦ପ କି ଟ୨ଙ୍କା ଦେବାଭଳି ଲୋକ ଓଡ଼ିଶାରେ ଊଣା ନାହାନ୍ତି ତେବେ ମନହେବା ଆବଶ୍ୟକ । ଆମ୍ଭେମାନେ ଆଶାକରୁଁ ଯେ ଉତ୍କଳବାସିମାନେ ଏଥିପୂର୍ବେ ମାସିକ ପତ୍ର ପ୍ରତି ଯେପ୍ରକାର ଅନାଦର ଦେଖାଇଅଛନ୍ତି ବର୍ତ୍ତମାନ ଯେମନ୍ତ ସେପରି କରିବେ ନାହିଁ ଓ ସେପରି ହେଲେ ଓଡ଼ିଶାରେ ଶିକ୍ଷାର ଉନ୍ନତି ହୋଇଅଛି ଏମନ୍ତ ବୋଲିବା ନିତାନ୍ତ ଅଯୌକ୍ତିକ ହେବ । ଆମ୍ଭେମାନେ ପ୍ରଥମ ସଂଖ୍ୟା ପାଠ କରି ଆନନ୍ଦିତ ହୋଇଅଛୁଁ ବାସ୍ତବରେ ଏହା ସୁପାଠ୍ୟ ହୋଇଅଛି ଏବଂ ସାହାଯ୍ୟ ପାଇଲେ ଏହା କ୍ରମେ ଭଲହେବ ଏମନ୍ତ ଲକ୍ଷଣ ଦେଖାଯାଉଅଛି । ପତ୍ରିକା ଖଣ୍ଡି ଦୀର୍ଘଜୀବୀ ହେଉ ଏହା ଆମ୍ଭମାନଙ୍କର ଆଶା ।'' (ଭା୧୩/୧୬ସଂ)

ପତ୍ରିକାଟି ସୁପାଠ୍ୟ ହୋଇଥିଲେ ସୁଦ୍ଧା 'ଉତ୍କଳଦୀପିକା'ର ସଂପାଦକ ଗୌରୀଶଙ୍କର ରାୟଙ୍କ ଆଶା ଆଶାରେ ହିଁ ରହିଗଲା । ପୂର୍ବରୁ ବାଲେଶ୍ୱରରୁ ବାହାରୁଥିବା ''ବୋଧଦାୟିନୀ'' ଓ ''ଉତ୍କଳଦର୍ପଣ'' ପରି ଏହା ମଧ୍ୟ ଦୁଇଟି ବର୍ଷ ବଞ୍ଚିରହିପାରିଲା ନାହିଁ । ପ୍ରଥମ ବର୍ଷର ଦଶଟି ସଂଖ୍ୟା ନିୟମିତ ଭାବେ ପ୍ରକାଶ ପାଇବା ପରେ ଏକାଦଶ ଓ ଦ୍ୱାଦଶ ସଂଖ୍ୟା ଏକତ୍ର ପ୍ରକାଶ ପାଇଛି । ସେହିପରି ଦ୍ୱିତୀୟ ଭାଗର ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା ଯାହା ୧୮୭୯ ମସିହା ଏପ୍ରିଲ୍ ଓ ମେ ମାସରେ ପ୍ରକାଶ ପାଇବା କଥା, ତାହା ଏକତ୍ର ଜୁନ୍ ମାସରେ ପ୍ରକାଶ ପାଇଛି । ସଂଖ୍ୟାଟିର ପ୍ରାପ୍ତି ସ୍ୱୀକାର କରି ଉତ୍କଳ ଦୀପିକାର ସମ୍ପାଦକ ତା ୨୮-୬-୧୮୭୯ରେ ଜଣାଇଥିଲେ–

''ଉତ୍କଳ ମଧୁପ ପ୍ରଥମ ବର୍ଷ ପୂର୍ଣ୍ଣକରି ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଅଛି । ଏ ବର୍ଷର ପ୍ରଥମ ଓ ଦ୍ୱିତୀୟ ଖଣ୍ଡ ଯାହା ଏକତ୍ରରେ ବାହାରିଅଛି ଦେଖିବାରେ ଜଣାଯାଏ ଯେ ××× ।'' (ଭା୧୪/୨୬ସଂ)

ଅନ୍ୟ ଏକ ପ୍ରାପ୍ତି ସ୍ୱୀକାରରୁ ମଧ୍ୟ ଜଣାଯାଏ ଯେ ଦ୍ୱିତୀୟ ବର୍ଷର ତୃତୀୟ ଓ ଚତୁର୍ଥ ସଂଖ୍ୟା ଏକତ୍ର ଜୁନ୍ ଓ ଜୁଲାଇ ପରିବର୍ତ୍ତେ ସେପ୍ଟେମ୍ବର ମାସରେ ପ୍ରକାଶ ପାଇଥିଲା । ସେହିପରି କାର୍ତ୍ତିକ ଓ ମାର୍ଗଶୀର, ୧୮୦୧ ଅର୍ଥାତ୍ ୧୮୭୯ ମସିହା ଅକ୍ଟୋବର ଓ ନଭେମ୍ବର ମାସରେ ପ୍ରକାଶ ପାଇବାକୁ ଥିବା ଦ୍ୱିତୀୟ ବର୍ଷର ସପ୍ତମ ଓ ଅଷ୍ଟମ ସଂଖ୍ୟା ଏକତ୍ର ଚୈତ୍ର ମାସରେ ଅର୍ଥାତ୍ ମାର୍ଚ୍ଚ ୧୮୮୦ ମସିହାରେ ଏକତ୍ର ପ୍ରକାଶ ପାଇଥିବା ଶ୍ରୀଯୁକ୍ତ ଗୋକୁଳ ଚନ୍ଦ୍ର ଶତପଥିଙ୍କ ପ୍ରବନ୍ଧରୁ ଜଣାଯାଏ । ଏହାର ଶେଷ ପ୍ରଚ୍ଛଦରେ ଯେଉଁ ବିଜ୍ଞାପନ 'ଗ୍ରାହକମାନଙ୍କ ପ୍ରତି' ପ୍ରକାଶ ପାଇଥିଲା ସେଥିରୁ ମନେହୁଏ 'ଉତ୍କଳ ମଧୁପ'ର ଏହାହିଁ ବୋଧହୁଏ ଶେଷ ସଂଖ୍ୟା । ଗ୍ରାହକମାନଙ୍କ ଅନାଗ୍ରହରୁ ଆର୍ଥିକ ଅନଟନ ମଧ୍ୟରେ ପତ୍ରିକାଟିକୁ ଅଧିକକାଳ ବଞ୍ଚାଇ ରଖିବା ସମ୍ଭବ ହେଲାନାହିଁ । ସଂପାଦକଙ୍କ କ୍ଷୋଭ,

ଦୁଃଖ, ଅନୁଶୋଚନା ଏବଂ ସାହିତ୍ୟ ପ୍ରତି ଅଙ୍ଗୀକାରବଦ୍ଧତା 'ବିଜ୍ଞାପନ'ର ଆବେଗପୂର୍ଣ୍ଣ କଟୂ ଓ ତିକ୍ତ ଶବ୍ଦାବଳୀ ମଧ୍ୟରୁ ଅନୁମାନ କରିହେବ । 'ବିଜ୍ଞାପନ'ଟି ଥିଲା ଏହିପରି–

'ମଧୁପ'ର ପରମାୟୁ ଆସି ପ୍ରାୟ ଦେଢ଼ ବରଷ ପର୍ଯ୍ୟନ୍ତ ହୋଇଗଲାଣି କିନ୍ତୁ ଏ ପର୍ଯ୍ୟନ୍ତ ମଧ୍ୟ ଗ୍ରାହକମାନଙ୍କର ଚକ୍ଷୁ ଉନ୍ମୀଳିତ ହେଲାନାହିଁ । କଟକର ଭାଗେ ଏବଂ ମୋଫସଲର ତିନିଭାଗ ଗ୍ରାହକେ ଏପର୍ଯ୍ୟନ୍ତ ମୂଲ୍ୟ ଆଦାୟ ନକରିବାରୁ ଆମ୍ଭମାନଙ୍କୁ ଯେ କେତେ କଷ୍ଟ ସହ୍ୟ କରିବାକୁ ହେଉଅଛି ତାହା ବୋଲିବା ବାହୁଲ୍ୟ । 'ମଧୁପ'ର ମୂଲ୍ୟ ଯେତେଦୂର ଅଳ୍ପ କରାଯାଇପାରେ ଆମ୍ଭେମାନେ ତହିଁ ପକ୍ଷରେ ତ୍ରୁଟି କରିନାହୁଁ କହିଲେ କି ହେବ ବର୍ତ୍ତମାନ ଦୁଇଶତ ଗ୍ରାହକେ ଉଚିତ ମୂଲ୍ୟ ଉଚିତକାଳରେ ପ୍ରଦାନ କଲେ ମଧ୍ୟ ତାହା ସମୁଦାୟ ଖର୍ଚ୍ଚକୁ ନିଅଣ୍ଟ ପଡୁଅଛି । ତେବେ ହେଁ ଆମ୍ଭମାନଙ୍କର କୌଣସି ଖେଦନାହିଁ, କାରଣ ଆମ୍ଭେମାନେ ଆଦ୍ୟରୁ ଲାଭର କୌଣସି ପ୍ରତ୍ୟାଶା ରଖିନଥିଲୁଁ । ଦେଶର ଅବସ୍ଥା ଦେଖି ଯହିଁରେ ଲୋକେ ସହଜରେ ମୂଲ୍ୟ ଆଦାୟ କରିପାରିବେ ଏବଂ ଯହିଁରେ ମାସିକ ପତ୍ର ଖଣ୍ଡି ବିନା କଷ୍ଟରେ ଚଳିପାରିବ କେବଳ ତହିଁପ୍ରତି ଆମ୍ଭେମାନେ ଦୃଷ୍ଟି ରଖିଥିଲୁଁ । ଏବେ ଯେଉଁ ଗ୍ରାହକମାନଙ୍କର କାଗଜ ନେବାକୁ ଇଚ୍ଛାନାହିଁ ସେମାନେ ମନାକରି ପଠାଇଲେ ତ ହୁଅନ୍ତା, ମୂଲ୍ୟ ଅଟକାଇ ରଖିବାର ପ୍ରୟୋଜନ କିଛି ବୁଝି ପାରୁନାହୁଁ । ଆଉ କହିବୁ ଅବା କେତେ ? ସେମାନେ ଭଦ୍ର ବ୍ୟକ୍ତିର ସନ୍ତାନ; ଥରକୁ ତିନିଥର କହିବାକୁ ଗଲେ ତାଙ୍କୁ ପଛକେ ନହେଉ ଆମ୍ଭମାନଙ୍କୁ ଲଜ୍ଜା ବୋଧ ହେଉଅଛି । ଆମ୍ଭେମାନେ ତ ଆଦ୍ୟରେ କହିଅଛୁ 'ମଧୁପ'ର ଜୀବନ ××× ଉପରେ ସଂପୂର୍ଣ୍ଣ ନିର୍ଭର କରେ । ଯେବେ ଗ୍ରାହକମାନେ ×××ରେ 'ମଧୁପ' ଚଳିବାର ଆଉ ସମ୍ଭାବନା କାହିଁ ×××ରେ ମିଶିଗଲେ ଜାଣିବୁ ଯେ ତଦ୍ୱାରା ଦେଶର ×××ର ମଧ୍ୟ ସମ୍ଭାବନା ନାହିଁ ଆଉ ଆମ ×××ର ବୃଥା । ଗ୍ରାହକେ ଏସବୁ ଦେଖି ଥରେ ×××ନ୍ତୁ ଏତିକି ଆମ୍ଭମାନଙ୍କର ଇଚ୍ଛା, –ନୋଚେତ୍ ×××ର ଭଦ୍ରତା ତ୍ୟାଗ କରିବାକୁ ହେବ ।।''

ବିଜ୍ଞାପନଟି ପାଠ କଲେ ମନେହୁଏ ସଂପାଦକ ଭଦ୍ରତା ତ୍ୟାଗ କରିବା ଏବଂ ତୃତୀୟ ବର୍ଷରେ ଦ୍ୱିତୀୟ ଭାଗର ନବମ ଦଶମ ସଂଖ୍ୟା ଲଜ୍ଜାଜନକଭାବେ ପ୍ରକାଶ କରିବା ଅପେକ୍ଷା ପତ୍ରିକାଟିର ପ୍ରକାଶନରେ ପୂର୍ଣ୍ଣଚ୍ଛେଦ ଟାଣିଦେବା ଶ୍ରେୟସ୍କର ମନେକରିଥିବେ । ଆର୍ଥିକ କ୍ଷତି ଏବଂ ଗ୍ରାହକମାନଙ୍କର କଟୂକ୍ତି ଓ ବିଷଦୃଷ୍ଟିରୁ ତ୍ରାହି ପାଇବା ପାଇଁ ଏହାହିଁ ତାଙ୍କ ସକାଶେ ଥିବ ଏକମାତ୍ର ପନ୍ଥା ।

ଏଣୁ ଦୁଇଟି ବର୍ଷ ଜୀବନକାଳ ମଧ୍ୟରେ ଉତ୍କଳମଧୁପର ମାତ୍ର ପନ୍ଦରଟି ସଂଖ୍ୟା ପ୍ରକାଶ ପାଇଥିଲା ବୋଲି ନିର୍ଦ୍ଧାରଣ କରିବା ଅସମୀଚୀନ ହେବନାହିଁ ।

## (୩)

'ଉତ୍କଳ ମଧୁପ'ର ଆକାର ଥିଲା ଡିମାଇ ଆଠ ପୃଷ୍ଠା । ଗୋଟିଏ ଗୋଟିଏ ସଂଖ୍ୟାର ପୃଷ୍ଠା ସଂଖ୍ୟା ଥିଲା ଷୋହଳ । ଦୁଇଟି ସଂଖ୍ୟା ଏକତ୍ର ପ୍ରକାଶିତ ହେଲେ ପୃଷ୍ଠାସଂଖ୍ୟା ବତିଶିକୁ ବୃଦ୍ଧି ପାଉଥିଲା । ପ୍ରଥମ ବର୍ଷପାଇଁ ଏହାର ସଂପାଦକଥିଲେ ଗୋପାଳ ଚନ୍ଦ୍ର ଦତ୍ତ, ଉତ୍କଳ ସଭାର ତତ୍‌କାଳୀନ ସଂପାଦକ ଏବଂ ମ୍ୟାନେଜର ଥିଲେ ଯୋଗେନ୍ଦ୍ର ନାରାୟଣ ବକ୍‌ସି । ଦ୍ୱିତୀୟ ବର୍ଷ ଏହା କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶ ପାଉଥିଲା; ସହକାରୀ ସଂପାଦକ ଥିଲେ ଅଭିନ୍ନ ନାୟକ । କିନ୍ତୁ ରାମଶଙ୍କର ଗ୍ରନ୍ଥାବଳୀ (ସାହିତ୍ୟ)ର ଭୂମିକାରୁ ଜଣାଯାଏ ରାମଶଙ୍କର ରାୟଙ୍କ ଉଦ୍ୟମ ଓ ତତ୍ତ୍ୱାବଧାନରେ ଏହା ପ୍ରକାଶ ପାଉଥିଲା । ସେତେବେଳେ ସେ ରେଭେନ୍‌ସା କଲେଜର ଛାତ୍ର; ବୟସ କୋଡ଼ିଏ ବର୍ଷ (ପୃ୧) । ସବୁଠାରୁ କୌତୁହଳର ବିଷୟ ହେଲା ଗୌରୀଶଙ୍କର ରାୟଙ୍କ କଟକ ପ୍ରିଣ୍ଟିଂ କଂପାନୀ ମୁଦ୍ରଣାଳୟରେ ଏହା ମୁଦ୍ରିତ ହୋଉଥିଲା ଏବଂ ଭ୍ରାତା ରାମଶଙ୍କର ଥିଲେ ଏହାର ପ୍ରମୁଖ ଓ ପରୋକ୍ଷ ତତ୍ତ୍ୱାବଧାରକ; କିନ୍ତୁ ଉଭୟଙ୍କ ଦୃଷ୍ଟିକୋଣ କାହିଁକି ଓ କିରୂପେ ପୃଥକ୍ ହେଲା, ଉପେନ୍ଦ୍ର ସାହିତ୍ୟର ଅଶ୍ଳୀତାକୁ ନେଇ ଉତ୍କଳ ଦୀପିକା ଓ ଉତ୍କଳ ମଧୁପ ମଧ୍ୟରେ କାହିଁକି ମତ ପାର୍ଥକ୍ୟ ସୃଷ୍ଟି ହେଲା ଏବଂ ଏହା ଶେଷରେ କିପରି ବନ୍ଦ ହେବାପାଇଁ ଅନ୍ୟତମ କାରଣ ରୂପେ ଠିଆହେଲା ଏହା ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ । ଏ ସଂପର୍କରେ ଅନ୍ୟତ୍ର ଆଲୋଚନା କରାଯାଉଛି ।

'ଉତ୍କଳ ମଧୁପ'ର ଶେଷରେ ଦିଆଯାଉଥିବା ନିୟମାବଳୀରୁ ଏହାର ମୂଲ୍ୟ ପ୍ରଭୃତି ସଂପର୍କରେ ଧାରଣା କରିହେବ —

ବାର୍ଷିକମୂଲ୍ୟ........................ଟ ୧୲(ଦେଢ଼ଟଙ୍କା)
ଷାଣ୍ମାସକ............................ଟ ୧
ତ୍ରୈମାସିକ...........................ଟ ୦୲ (ଦଶ ଅଣା)
ପ୍ରତ୍ୟେକ ଖଣ୍ଡ........................ଟ ୦। (ଚାରି ଅଣା)
ଡାକମାସୁଲ ବର୍ଷକୁ...................ଟ ୦। (ଛଅ ଅଣା)

୧ମ । ପତ୍ର ପ୍ରାପ୍ତିର ୧ମାସ ମଧ୍ୟରେ ଦେୟ ଆଦାୟ କରିଦେବାକୁ ହେବ । ୧ମ ମାସ ମଧ୍ୟରେ ନଦେଲେ ପଶ୍ଚାଦେୟ ଟ୨୲ ଦେବାକୁ ହେବ ।

୨ୟ । ଯେଉଁମାନେ ସ୍ୱାକ୍ଷର କରିନାହାନ୍ତି ଅଥଚ ପତ୍ରପ୍ରାପ୍ତ ହୋଇଅଛନ୍ତି ସେମାନେ ଏକ ମାସ ମଧ୍ୟରେ କୌଣସି ଉତ୍ତର ନଦେଲେ ××× ମତ ଗ୍ରାହକ ଶ୍ରେଣୀଭୁକ୍ତ ହେବେ ।

୩ୟ । ମୋଫସଲର ଲୋକମାନେ ପତ୍ରଦ୍ୱାରା ମୂଲ୍ୟ ପଠାଇଲେ ମନିଅର୍ଡ଼ର ବା ଦୁଇପଇସିଆ ଟିକିଲିରେ ପଠାଇବେ ।

୪ର୍ଥ । ବେରଂ ପତ୍ରାଦି ଗୃହୀତ ହେବନାହିଁ । ଆଉ ସମସ୍ତ ପ୍ରକାର ପତ୍ର ନିମ୍ନଲିଖିତ ବ୍ୟକ୍ତିଙ୍କ ନାମରେ ପଠାଇବେ ।

ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ
ଉତ୍କଳସଭାର ସଂପାଦକ
ଚାନ୍ଦିନୀଚୌକ । କଟକ

ଏଥିରେ ଅନ୍ୟତ୍ର 'ବିଶେଷ ଦ୍ରଷ୍ଟବ୍ୟ' ରୂପେ ଦିଆଯାଇଥିବା ବିଜ୍ଞାପନ ମଧ ପ୍ରଣିଧାନଯୋଗ୍ୟ—

''ପାଠକେ ବୁଝିବେ ଯେ 'ଉତ୍କଳ ମଧୁପ'ର ମୂଲ୍ୟପ୍ରାପ୍ତିର ରସିଦ ଦିଆଯାଏ ନାହିଁ । ଯେ ଯାହା ଦିଅନ୍ତି ତାହା ମୂଲ୍ୟପ୍ରାପ୍ତିରେ ସ୍ୱୀକାର କରାହୁଏ । ଯେବେ କୌଣସି ଗ୍ରାହକ ମୂଲ୍ୟ ପଠାଇଥିବେ ଅଥଚ ତାହାଙ୍କର ନାମ ମୂଲ୍ୟ ଦେଲା ଉତ୍ତାରୁ ପ୍ରଥମ କିମ୍ବା ଦ୍ୱିତୀୟ ଖଣ୍ଡ ମଧୁପରେ ଉଲ୍ଲେଖ ହୋଇନଥିବ ତେବେ ସେ ଆମ୍ଭଠାକୁ ଲେଖି ପଠାଇଲେ ସବୁ ବିଷୟ ଗୋଚର ହେବ ।

ଶ୍ରୀ ଯୋଗେନ୍ଦ୍ର ନାରାୟଣ ବକ୍ସୀ
ଉ, ସ, ମ୍ୟାନେଜର
କଟକ ।''

ମୂଲ୍ୟପ୍ରାପ୍ତି ଶିରୋନାମାରେ ଯେଉଁ ଗ୍ରାହକମାନଙ୍କର ନାମ ଓ ସ୍ଥାନ ଉଲ୍ଲେଖ କରାଯାଇଥିଲା ସେମାନଙ୍କ ମଧରେ ଥିଲେ—

ଶ୍ରୀ ରାଜା କିଲ୍ଲେ ମୟୁରଭଞ୍ଜ ବକୀୟା ମୟୁରଭଞ୍ଜ ଟ (ଛଅ ଅଣା)
ଶ୍ରୀ ରାଜା କିଲ୍ଲେ ମୟୁରଭଞ୍ଜ ଆଗତବର୍ଷକୁ ମୟୁରଭଞ୍ଜ ଟ ୧୫

| | | |
|---|---|---|
| ଶ୍ରୀ ଦ୍ୱାରକାନାଥ ରାୟ | କଟକ | ଟ ୧ |
| ଶ୍ରୀ କୃଷ୍ଣଚନ୍ଦ୍ର ଭଞ୍ଜ ବକୀୟା | କଟକ | ଟ ୧୫ |
| ଶ୍ରୀ ଗୋବିନ୍ଦ ରଥ | କଟକ | ଟ ୧୫ |
| ଶ୍ରୀ ଆନନ୍ଦ ଚନ୍ଦ୍ର ବ୍ରହ୍ମ | କଟକ | ଟ ୧୫ |
| ଶ୍ରୀ ଗୌରମୋହନ ରାୟ | କଟକ | ଟ ୧୫ |
| ଶ୍ରୀ ମାଣିକ ଚନ୍ଦ ଲାଲ ବକୀୟା | କଟକ | ଟ ୦୫ |
| ଶ୍ରୀ ରାମଶଙ୍କର ସେନ ବକୀୟା | କଟକ | ଟ ୦୫ |
| ଶ୍ରୀ ହରେକୃଷ୍ଣ ପଟ୍ଟନାୟକ | କଟକ | ଟ ୨ |
| ଶ୍ରୀ ଦୟାନିଧି ମହାନ୍ତି | କଟକ | ଟ ୦୫ |

| | | | |
|---|---|---|---|
| ବାବୁଶ୍ରୀ ରଘୁନାଥ ପଟ୍ଟନାୟକ | ବକୀୟା | କଟକ | ଟ ୧୫ |
| ଶ୍ରୀ ସାଧୁଚରଣ ଚନ୍ଦ | ଅଗ୍ରୀମ | କଟକ | ଟ ୧୫ |
| ଶ୍ରୀ କୃଷ୍ଣମୋହନ ପଟ୍ଟନାୟକ | ଅଗ୍ରୀମ | କଟକ | ଟ ୧୫ |
| ଶ୍ରୀ ରାମପ୍ରସାଦ ସିଂହ | ଅଗ୍ରୀମ | କଟକ | ଟ ୧୫ |
| ଶ୍ରୀକ୍ଷେତ୍ରମୋହନ ରାୟ | ବକୀୟା | କଟକ | ଟ୧୫ |
| ଶ୍ରୀ ଜଗମୋହନ ଲାଲା | ଅଗ୍ରୀମ | କଟକ | ଟ ୧୫ |
| ଶ୍ରୀ ଫକୀରମୋହନ ସେନାପତି | ବକୀୟା | ଢେଙ୍କାନାଳ | ଟ୧୫ |
| ଶ୍ରୀ ବ୍ରଜସୁନ୍ଦର ପାଢ଼ି | ଅଗ୍ରୀମ | ଇରମ | ଟ୧୫ |
| ଶ୍ରୀ ଭାଗୀରଥୀ ଷଡ଼ଙ୍ଗୀ | ବକୀୟା | କଟକ | ଟ୦୫ |
| ଶ୍ରୀ ରୂପନାରାୟଣ ବୋଷ | ବକୀୟା | କଟକ | ଟ୦। |
| ଶ୍ରୀ ଶିବଚନ୍ଦ୍ର ପଟ୍ଟନାୟକ | ବକୀୟା | କଟକ | ଟ୦୫ |
| ଶ୍ରୀ ବୈଦ୍ୟନାଥ ପଣ୍ଡିତ | ଅଗ୍ରୀମ | କଟକ | ଟ୧୫ |
| ଶ୍ରୀ ରାଧାନାଥ ରାୟ | ଅଗ୍ରୀମ | କଟକ | ଟ୧୫ |
| ଶ୍ରୀ ଜଗବନ୍ଧୁ ମହାନ୍ତି | ବକୀୟା | କଟକ | ଟ୦୫ |
| ଶ୍ରୀ ଦିବାକର ଦାସ | ବକୀୟା | କଟକ | ଟ୦୫ |
| ଶ୍ରୀ ଗଣେଶ୍ୱର ଦାସ | ଅଗ୍ରୀମ | କଟକ | ଟ୧୫ |
| ଶ୍ରୀ ଭୁବନେଶ୍ୱର ଦତ୍ତ | ଅଗ୍ରୀମ | କଟକ | ଟ୧୫ |
| × × × | ଅଗ୍ରୀମ | କଟକ | ଟ୧୫ |
| × × × | ଅଗ୍ରୀମ | ସିଲେଟ | ଟ୧୫ |
| × × × | ଅଗ୍ରୀମ | କଟକ | ଟ୧୫ |

ଏଠାରେ ଉଲ୍ଲେଖଯୋଗ୍ୟ ଯେ 'ଉତ୍କଳ ମଧୁପ' ପ୍ରକାଶନ ପୂର୍ବରୁ ଉଦ୍ୟୋକ୍ତାମାନେ ସର୍ତ୍ତ ରଖିଥିଲେ ଯେ ଦୁଇଶହ ଗ୍ରାହକ ନହେଲେ ଏହା ପ୍ରକାଶ ପାଇବ ନାହିଁ । ତେଣୁ ମନେହୁଏ ରାମଶଙ୍କର ରାୟ ତାଙ୍କ ସହାଧ୍ୟାୟୀ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସହାୟତାରେ ଆଲୋଚ୍ୟ ପତ୍ରିକାଟି ପାଇଁ ନିଶ୍ଚିତ ଭାବେ ଦୁଇଶହ ଗ୍ରାହକ ସଂଗ୍ରହ କରିଥିବେ । ଉତ୍କଳ ସଭାର ବାର୍ଷିକ ବିବରଣୀରେ ଉତ୍କଳ ଦୀପିକା ଏଥିରୁ 'ଦୁଇଶତ ଖଣ୍ଡ' ଛପାଯାଉଥିବା ଜଣାଇଅଛନ୍ତି (୧୩.୭.୧୮୭୯) । ଅବଶ୍ୟ ବର୍ତ୍ତମାନ ଉପଲବ୍ଧ ପତ୍ରିକାଟିର ଛିନ୍ନ ପୃଷ୍ଠା ମଧ୍ୟରୁ ସେ ସମସ୍ତ ଗ୍ରାହକଙ୍କ ନାମ ଜାଣିବା ସମ୍ଭବପର ନୁହେଁ । ତଥାପି ଦୁଇଟି ସଂଖ୍ୟା (୧/୧୦ ଓ ୨/୩,୪)ରୁ ପ୍ରାପ୍ତ ଗ୍ରାହକମାନଙ୍କ ନାମ ଏଠାରେ ଉଦ୍ଧାର କରାଯାଇଛି ।

ତାଲିକାଟି କେବଳ ଗ୍ରାହକମାନଙ୍କ ନାମ ଜାଣିବା ପାଇଁ ଉଦ୍ଦିଷ୍ଟ ନୁହେଁ । ପ୍ରାୟ ଦେଢ଼ଶହ ବର୍ଷତଳର ଏହି ଗ୍ରାହକମାନେ କିଏ କେଉଁଆଡ଼େ ମରି ହଜିଗଲେଣି ।

ସେମାନଙ୍କ ପୁତ୍ର ଓ ପୌତ୍ରମାନେ ମଧ ଜୀବିତ ଥିବା ସମ୍ଭାବନା କମ୍ । କିନ୍ତୁ ଯଦି କୌଣସି ନିଷ୍ଠାପର ଗବେଷକ ଏମାନଙ୍କ ବଂଶଧରମାନଙ୍କ ଠିକଣା ଯୋଗାଡ଼ କରିପାରନ୍ତି, ତେବେ ହୁଏତ ସେମାନଙ୍କ ପୈତୃକ ବାସଗୃହର କେଉଁ କୋଣରେ ପଡ଼ିଥିବା ଏହି ପତ୍ରିକାର କିଛି ସଂଖ୍ୟା ଉଦ୍ଧାର ହୋଇପାରନ୍ତା । ମୁଁ ନିଜେ ଏପରି କିଛି ପତ୍ରିକା ସଂଗ୍ରହ କରିପାରିଥିବାରୁ ଏଠାରେ 'ମଧୁପ'ର ଉପଲବ୍ଧ ଗ୍ରାହକ ତାଲିକାଟି, ଅନାବଶ୍ୟକ ବୋଲି ମନେହେଲେ ହେଁ, ଉଦ୍ଧାର କରିବାପାଇଁ ବାଧ ହୋଇଛି ।

ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ 'ଉତ୍କଳପୁତ୍ରର' ପ୍ରାପ୍ତିସ୍ୱୀକାର କରିବା ଅବସରରେ 'ଉତ୍କଳଦର୍ପଣ' ଊନବିଂଶ ଶତାବ୍ଦୀରେ ପ୍ରକାଶ ପାଉଥିବା ପତ୍ର ପତ୍ରିକାର ଗ୍ରାହକମାନଙ୍କୁ ଯେଉଁ ତିନୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି ତାହା ଏ ପର୍ଯ୍ୟନ୍ତ ସତ୍ୟବୋଲି ମନେହୁଏ । ତାଙ୍କ ବିଭାଗୀକରଣ ହେଲା—

(୧) ପତ୍ରିକା ପଢ଼ନ୍ତୁ ଅବା ନ ପଢ଼ନ୍ତୁ କେବଳ ପତ୍ରିକାକୁ ଉତ୍ସାହ ଦେବା ନିମନ୍ତେ ଯେଉଁମାନେ ଗ୍ରାହକ ହୁଅନ୍ତି ରାଜପୁରୁଷ ଓ ଅନ୍ୟାନ୍ୟ ବିଦ୍ୱାନ୍‌ଲୋକେ ଏହି ଶ୍ରେଣୀଭୁକ୍ତ ।

(୨) ଏହି ଶ୍ରେଣୀର ଲୋକମାନଙ୍କର ଉଦ୍ଦେଶ୍ୟ ମିଶ୍ର ଅଟେ । ଆପଣାର ଉପକାର ସାଧିବା ସଙ୍ଗେ ସଙ୍ଗେ ପତ୍ରିକାର ଉତ୍ସାହ ବଢ଼ାଇବାର ଏମାନଙ୍କର ଅଭିପ୍ରେତ । ଏମାନେ ଏମନ୍ତ ପଣ୍ଡିତ ନୁହଁନ୍ତି ଯେ ପତ୍ରିକାକୁ ତୁଚ୍ଛ ମଣିବେ ଅବା ଏମନ୍ତ ମୂର୍ଖ ନୁହନ୍ତି ଯେ ପତ୍ରିକା ବୁଝିପାରିବେ ନାହିଁ ।

(୩) ଏମାନେ ଲୋକମାନଙ୍କର ମନୋରକ୍ଷା ଅଥବା କର୍ତ୍ତୃପକ୍ଷୀୟର ଉପଦ୍ରବ ଭୟରେ ଗ୍ରାହକ ହୁଅନ୍ତି । ପତ୍ରିକା ଏମାନଙ୍କଠାକୁ ଯାଏ, ମାତ୍ର ମୁତ୍‌ଫରକା କାଗଜପରି ଆଲୁମାଳିକା ପାଛିୟାରେ ପଡ଼େ, କେହି ତାହା ପଢ଼ନ୍ତି ନାହିଁ । ଅଧିକାଂଶ ଗଡ଼ଜାତର ରାଜା ଓ ବଡ଼ ବଡ଼ ଜମିଦାର ଏହି ଶ୍ରେଣୀଭୁକ୍ତ ଅଟନ୍ତି । ଏମାନେ ପତ୍ରିକାର ମୂଲ୍ୟକୁ ଟେକ୍ସ ବିଶେଷ ଜାଣି ବିରକ୍ତ ଭାବରେ ଦିଅନ୍ତି । ତୃତୀୟ ଶ୍ରେଣୀର ଗ୍ରାହକମାନଙ୍କଠାରୁ କିଞ୍ଚିତ୍ ଲାଭ ହୁଏସତ୍ୟ କିନ୍ତୁ ତାହା ଦୀର୍ଘକାଳ ସ୍ଥାୟୀନୁହେଁ । ରାଜପୁରୁଷମାନେ ପତ୍ରିକାର ଅନୁକୂଳହୋଇ ଭୟ ନ ଦେଖାଇଲେ ଏପରି ଲାଭର ସମ୍ଭାବନା ନାହିଁ ।''(ଉତ୍କଳ ଦର୍ପଣ ସ ୧/୬; ଗିରି)

ଏହି ଶ୍ରେଣୀ ବିଭାଜନରୁ ଦ୍ୱିତୀୟ କିଶମର ଗ୍ରାହକମାନଙ୍କୁ ଠାବ କରି ସେମାନଙ୍କ ଉତ୍ତରାଧିକାରୀମାନଙ୍କ ସହିତ ଯୋଗାଯୋଗ କଲେ ଊନବିଂଶ ଶତାବ୍ଦୀର ଦୁର୍ଲ୍ଲଭ ପତ୍ରପତ୍ରିକା ଗୁଡ଼ିକର କିଛି ସଂଖ୍ୟା ଉଦ୍ଧାର କରାଯାଇପାରିବ ବୋଲି ଆମର ବିଶ୍ୱାସ ।

## (୪)

'ଉତ୍କଳ ମଧୁପ' ଥିଲା କଟକ ନଗରରେ ସ୍ଥାପିତ 'ଉତ୍କଳ ସଭା'ର ମୁଖପତ୍ର । ଏଠାରେ ଥିବା ଉତ୍କଳ ଭାଷୋଦ୍ଦୀପିନୀ ଏବଂ ଅନ୍ୟ ଗୋଟିଏ ସଭାର ସମନ୍ୱୟରେ ଏହି ସଭା ୧୮୭୭ ମସିହା ଜୁଲାଇ ମାସରେ ସ୍ଥାପିତ ହୋଇଥିଲା (କାରଣ ଏହାର ପ୍ରଥମ ଷାଣ୍ମାସିକ ଅଧିବେଶନ ତା୧୮-୧-୧୮୭୮ରେ ଅନୁଷ୍ଠିତ ହୋଇଥିବା ଉତ୍କଳ ଦୀପିକାର ତା-୨୬-୧-୧୮୭୮ ସଂଖ୍ୟାରୁ ଜଣାଯାଏ) । ଏହାର ପ୍ରଥମ ଷାଣ୍ମାସିକ ଅଧିବେଶନରେ ପ୍ୟାରୀମୋହନ ଆଚାର୍ଯ୍ୟ ଯେଉଁ ବକ୍ତୃତା ଦେଇଥିଲେ ତାହାହିଁ 'ଉତ୍କଳ ମଧୁପ' ପ୍ରକାଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲା । ପାଠକମାନଙ୍କ ଅବଗତି ପାଇଁ ଦୀର୍ଘ ହେଲେସୁଦ୍ଧା ଉତ୍କଳ ଦୀପିକାରେ ପ୍ରକାଶିତ ଏ ଅଧିବେଶନର ବିବରଣୀଟି ଏଠାରେ ଉଦ୍ଧାର କରାଯାଉଛି—

> ଗତସପ୍ତାହ ଶୁକ୍ରବାର ରାତ୍ରରେ ଛାପାଖାନା ଦୋମହଲାରେ ଉତ୍କଳ ସଭାର ପ୍ରଥମ ଷାଣ୍ମାସିକ ଅଧିବେଶନ ହୋଇଥିଲା । ଏଥିର ସଭ୍ୟମାନେ ପ୍ରାୟ ସମସ୍ତେ ବିଦ୍ୟାଳୟର ଛାତ୍ର ଓ କେତେଜଣ ଶିକ୍ଷକ ଅଟନ୍ତି । ଏ ଦିନ ସଭାରେ ପ୍ରାୟ ସେହିମାନେ ଥିଲେ ଓ ବାହାରର ଭଦ୍ରଲୋକ ଦୁଇଚାରି ଜଣରୁ ଅଧିକ ହେବେନାହିଁ । ବାବୁ ରାଧାନାଥରାୟଙ୍କୁ ସଭାପତି କରି ସଭାର କାର୍ଯ୍ୟାରମ୍ଭ ହେଲା ଓ ଷାଣ୍ମାସିକ ବିଜ୍ଞାପନୀ ପାଠ ହେଲା । ଆମ୍ଭେମାନେ ତହିଁରୁ ଅବଗତ ହେଲୁଁ ଯେ ଏଥିପୂର୍ବେ ଏ ନଗରରେ ଉତ୍କଳ ଭାଷୋଦ୍ଦୀପିନୀ ଓ ଆଉ ଗୋଟିଏ ସଭା ମିଳିତ ହୋଇ ନୂତନ ନାମରେ ଏ ସଭା ସଂଘଟିତ ହୋଇଅଛି । ଏହା ସୁଖର ବିଷୟ ଅଟଇ । ଏପରି କ୍ଷୁଦ୍ର ନଗରରେ ଗୋଟିଏ ସଭାସ୍ଥାୟୀ ହେବାର ଦସ୍ତର ଥିବା ଅବସ୍ଥାରେ ଦୁଇଚାରିଟା ସଭାକରିବା କେବଳ ଆତ୍ମବିଚ୍ଛେଦ ବୃଦ୍ଧି ଭିନ୍ନ ଆଉ କିଛି ନୁହଇ । ଏପ୍ରକାର ସଭା ଅଧିକଦିନ ରହିପାରେ ପୁଣି ସଭ୍ୟମାନେ ଏମନ୍ତ ଭାବରେ ସଭାକୁ ଚଳାଉଅଛନ୍ତି ଯେ ପ୍ରାୟ ବିନା ବ୍ୟୟରେ ଏଥିର କାର୍ଯ୍ୟ ଚଳୁଅଛି ସୁତରାଂ ସଭ୍ୟମାନଙ୍କୁ କିଛି ଭେଦା ସୁଦ୍ଧା ଦେବାକୁ ହେଉନାହିଁ । ଏହା ମଧ୍ୟ ସଭା ଅଧିକଦିନ ରହିବାର ଶୁଭଲକ୍ଷଣ ଅଟଇ । ବିଜ୍ଞାପନୀ ପାଠ ଶେଷ ହେବା ଉତ୍ତାରୁ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ଉତ୍କଳଭାଷା ବିଷୟରେ ଗୋଟିଏ ବକ୍ତୃତୀ କଲେ । ବକ୍ତୃତାଟି ଶେଷ ହେବାକୁ ପ୍ରାୟ ଏକଘଣ୍ଟା ଲାଗିଥିଲା ସୁତରାଂ ଦୀର୍ଘଥିଲା । ପ୍ୟାରୀବାବୁଙ୍କ ବକ୍ତୃତା ଏଠାଲୋକେ କେବେ କେବେ ଶୁଣିଅଛନ୍ତି ଅତଏବ ତାହାଙ୍କର ବକ୍ତୃତା କରିବାର କ୍ଷମତା ଅଛି ଏକଥା ବୋଲିବା ବାହୁଲ୍ୟ । ବାସ୍ତବରେ ସେ ଯେମନ୍ତ ପ୍ରକାରେ ବକ୍ତୃତା କଲେ ତହିଁରୁ ଜଣାଗଲା ଯେ ସେ ଅଭ୍ୟାସ କଲେ

ଭବିଷ୍ୟତକୁ ଜଣେ ସୁବକ୍ତା ହେବେ ମାତ୍ର ବକ୍ତୃତାର ଭାବ ଆମ୍ଭମାନଙ୍କର ସୁଖକର ହେଲାନାହିଁ ବାସ୍ତବରେ ତହିଁରେ ସାରକଥା ଅତ୍ୟଳ୍ପ ଥିଲା ଓ ଅଧିକାଂଶ କେବଳ ନିନ୍ଦାରେ ପରିପୂର୍ଣ୍ଣ ହୋଇଥିଲା । ବକ୍ତୃତା ଶୁଣିବାବେଳେ ଆମ୍ଭମାନଙ୍କର ମନରେ ହେଉଥାଏ ଯେମନ୍ତ ବକ୍ତାଙ୍କୁ ବିଷମ ସନ୍ନିପାତ ଘଟିଅଛି ଯେ ଯାହା ଜିଭ ଉପରକୁ ଆସୁଅଛି ଥୁ ଥୁ କରି ପକାଇ ଦେଉଅଛନ୍ତି । ବକ୍ତା ପ୍ରଥମେ କହିଲେ ଯେ ପ୍ରାଚିନ ଶିଳ୍ପକାର୍ଯ୍ୟ ଓ ଭାଷା ସକାଶେ ଓଡ଼ିଶାର ଗୌରବ ରହିଅଛି । ଶିଳ୍ପକାର୍ଯ୍ୟର ପରିଚୟ ଭୁବନେଶ୍ୱର ଓ ପୁରୀର ମନ୍ଦିରମାନ ଏବଂ ଭାଷାର ପରିଚୟ ପ୍ରାଚୀନ ଗ୍ରନ୍ଥମାନ । ମନ୍ଦିରମାନଙ୍କ ଅଶ୍ଳୀଳ ମୂର୍ତ୍ତି କଥା ବିସ୍ମୃତ ହେବାରେ ସେ ସମସ୍ତର ଗୌରବ ରହିଗଲା ନୋହିଲେ ମନ୍ଦିରମାନଙ୍କର କି ପର୍ଯ୍ୟନ୍ତ ହଟହଟା ହୋଇଥାନ୍ତା ଆମ୍ଭେମାନେ କହିନପାରୁଁ । କିନ୍ତୁ ସେହି ଅଶ୍ଳୀଳତାର ଅପରାଧରେ ପ୍ରାଚୀନ ରଚନାର ଏତେ ନିନ୍ଦା ହେଲା ଯେ ବୁଝିବା ଲୋକ ନିଶ୍ଚୟ ମନରେ କରିଥିବେ ଯେ ସେସବୁ ଯଥାର୍ଥରେ ଆମ୍ଭମାନଙ୍କର କଳଙ୍କ ଅଟଇ । ସବୁ ଗ୍ରନ୍ଥକାର ଅପେକ୍ଷା ଉପେନ୍ଦ୍ରଭଞ୍ଜ ଓ ସବୁ ଗ୍ରନ୍ଥ ଅପେକ୍ଷା ଲାବଣ୍ୟବତୀ ଅଧିକ ଗାଳି ଖାଇଲେ । କେବଳ ପ୍ରାଚୀନ ଉପରଦେଇ ଗାଳିଟା ବାହାରିଯାଇ ନାହିଁ । ଆଧୁନିକ ସଂପ୍ରଦାୟ ମଧ ନିନ୍ଦାରୁ ଅନ୍ତର ହୋଇନାହାନ୍ତି । କେତେଲୋକ ଗ୍ରନ୍ଥକାର କେତେଲୋକ ଅନୁବାଦକ କେତେ ଦରିଦ୍ର କେହି ବିୟୋଧିକ କେତେ ଶିକ୍ଷିତ କେତେ କରଣ ଏହିପରି କେତେ ଲୋକ କେତେପ୍ରକାର ନିନ୍ଦା ପାଇଲେ ତହିଁର ସୀମା ନାହିଁ । ଫଳେ ବକ୍ତୃତାର ସାରକଥା ଆମ୍ଭେମାନେ ଏହି ବୁଝିଲୁଁ ଯେ ଓଡ଼ିଆ ଭାଷାରେ ପ୍ରାଚୀନ କାଳର ଏମନ୍ତ କିଛି ସଂପତ୍ତି ନାହିଁ ଯାହାକି ଭାଷାର ଉନ୍ନତି ସକାଶେ କାର୍ଯ୍ୟରେ ଆସିବ ଓ ବର୍ତ୍ତମାନ କାଳରେ ଏତେ ପ୍ରତିବନ୍ଧକ ଦେଖାଯାଏ ଯେ ସେ ସମସ୍ତ ଅତିକ୍ରମ କରି ସଭ୍ୟ ରୁଚି ଅନୁସାରେ ଭାଷା ସଂଗଠିତ ହେବା କଠିନ ତେବେ ଓଡ଼ିଶାର ସର୍ବ ଶ୍ରେଣୀର ଲୋକ ଯୋଗ ହୋଇ ଚେଷ୍ଟା କଲେ କିଛି କରିପାରିବେ ।

ଏଥିଉତ୍ତାରୁ ବାବୁ ଚତୁର୍ଭୁଜ ପଟ୍ଟନୟକ ସଂକ୍ଷେପରେ ଆପଣା ମନୋଭାବ ବ୍ୟକ୍ତ କରିଥିଲେ । ପ୍ୟାରୀ ବାବୁ ବଙ୍ଗାଳୀ ବ୍ରାହ୍ମଣ ହୋଇ ଏ ଦେଶରେ ରହିଥିବାରୁ ଓଡ଼ିଆ ଭାଷା ପ୍ରତି ତାହାଙ୍କର ଯତ୍ନ ଓ ଉତ୍ସାହ ସକାଶେ ତାହାଙ୍କୁ ଧନ୍ୟବାଦ ଦେଲେ ଓ ତାହାଙ୍କ ନିକଟରେ କୃତଜ୍ଞତା ସ୍ୱୀକାର କଲେ କିନ୍ତୁ ତାହାଙ୍କ ମତରେ ସଂପୂର୍ଣ୍ଣରୂପେ ଐକ୍ୟ ହେଲେନାହିଁ । ସେ କହିଲେ କି ପ୍ରାଚୀନ ଓଡ଼ିଆ କାବ୍ୟକୁ ବକ୍ତା ମହାଶୟ ଯେତେ ନିନ୍ଦାକଲେ ତାହା ତେତେ ନିନ୍ଦନୀୟ ନୁହଇ ତହିଁରେ ଅଶ୍ଳୀଳତାର ଦୋଷ ଲକ୍ଷିତ ହୁଅଇ ସତ୍ୟ ଓ ତାହା ସେ ସମୟର ରୁଚି ହେତୁରୁ ହୋଇଅଛି ମାତ୍ର ତହିଁରେ ଉତ୍କୃଷ୍ଟଭାବ ଓ ବିଷୟ ଅନେକ ଅଛି । ସେସବୁ ଯେ କ୍ରମେ ଲୋପ ହୋଉଅଛି

ତହିଁ ସକାଶେ ଶିକ୍ଷାବିଭାଗ ଦାୟୀ ଅଟଇ । ଆମ୍ଭମାନଙ୍କ ବିବେଚନାରେ ପଟ୍ଟନାୟକ ମହାଶୟ ନିରପେକ୍ଷ ରୂପେ ପ୍ରାଚୀନ କବିତାର ବିଚାର କରିଅଛନ୍ତି ଏବଂ ଆମ୍ଭେମାନେ ସଭ୍ୟ ଓ ଶିକ୍ଷିତ ସଂପ୍ରଦାୟଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଶ୍ରମସ୍ୱୀକାରପୂର୍ବକ ପ୍ରାଚୀନ କାବ୍ୟମାନ ପାଠକରି ତହିଁର ଦୋଷ ଭାଗ ପରିତ୍ୟାଗ ପୂର୍ବକ ଗୁଣଭାଗକୁ ଗ୍ରହଣ କରନ୍ତୁ । ସଭାକୁ ମଧ ଆମ୍ଭମାନଙ୍କର ଏହି ଅନୁରୋଧ ଯେ ନାନା ଆଦିରସ ଘଟିତ ଓଡ଼ିଆ ଗ୍ରନ୍ଥରୁ ଏକ ୨ ଛାନ୍ଦ ବାହାରକରି ତହିଁର ପ୍ରକୃତ ସମାଲୋଚନା ପ୍ରଚାର କରିବାର ଚେଷ୍ଟା କରନ୍ତୁ ତାହାହେଲେ ଯେମନ୍ତ ଗୁଣଭାଗ ଦେଖି ଅନେକ ଲୋକଙ୍କର ସେ ସମସ୍ତ ପୁସ୍ତକ ପଢ଼ିବାକୁ ଉତ୍ସାହ ହେବ ତେମନ୍ତ ବିଶୁଦ୍ଧ ରୁଚି ଶିକ୍ଷାକରି ତହିଁର ଦୋଷଭାଗ ପରିତ୍ୟାଗ କରିବାକୁ ସତର୍କତା ଜନ୍ମିବ । ସଂପ୍ରତି ଯାହା ଆମ୍ଭେମାନେ ଦେଖୁଅଛୁଁ ଓ ଶୁଣୁଅଛୁଁ ତହିଁରେ ଏମନ୍ତ ଅନୁମାନ ହୁଅଇ ଯେ ଅଶ୍ଳୀଳତାର ପ୍ରକୃତ ଅର୍ଥ ବୁଝିବାରେ ଅନେକ ଗୋଳମାଳ ଅଛି । କାହାରି ମତରେ ଆଦିରସ ଘଟିତ କବିତା ମାତ୍ରକେ ଅଶ୍ଳୀଳ ଓ କାହାରି ମତରେ କେବଳ ସ୍ତ୍ରୀ ପୁରୁଷର ଗୁପ୍ତ ବ୍ୟବହାରର ବର୍ଣ୍ଣନା ଅଶ୍ଳୀଳ ଅଟଇ । ଆଦିରସ ଘଟିତ କବିତା କେଉଁ ଅବସ୍ଥାରେ ଅଶ୍ଳୀଳତାକୁ ପ୍ରାପ୍ତ ହୁଅଇ ଏଥିର ପ୍ରକୃତ ଜ୍ଞାନ ସର୍ବସାଧାରଣରେ ପ୍ରଚାର କରିବାକୁ ସଭା ଚେଷ୍ଟା କଲେ ଅନେକ ଉପକାର ହୋଇପାରେ । (ଭା ୧୩/୪ର୍ଥ ସଂ)

ଏହି ଷାଣ୍ମାସିକ ଅଧିବେଶନରେ ପ୍ରାଚୀନ ସାହିତ୍ୟ, ବିଶେଷ କରି ଉପେନ୍ଦ୍ର ଭଞ୍ଜଙ୍କ ରଚନାକୁ ନେଇ ଯେଉଁ ବିବାଦ ସୃଷ୍ଟି ହୋଇଥିଲା ଅଧିବେଶନ ଶେଷରେ ତାହାର ପରିସମାପ୍ତି ଘଟିନଥିଲା । ପ୍ୟାରୀବାବୁଙ୍କ ବକ୍ତବ୍ୟକୁ ସମାଲୋଚନା କରି "ଜଣେ ଓଡ଼ିଆ ଦର୍ଶକ" ୨୫-୧-୧୮୭୮ ରେ ଯେଉଁ ପତ୍ର ଲେଖି ଉତ୍କଳଦୀପିକାରେ ପ୍ରକାଶ କରିଥିଲେ ତାହା ଏହି ବିବାଦକୁ ଆଉ ଟିକିଏ ତୀବ୍ରତର କରିଥିଲା । ଏଥିରେ ଲେଖାଥିଲା–

'ଉତ୍କଳସଭାର ଗତ ପ୍ରଥମ ଷାଣ୍ମାସିକ ଅଧିବେଶନରେ ବକ୍ତା ମହାଶୟ ଯେଉଁ ସୁଦୀର୍ଘ ବକ୍ତୃତାଟି କରିଥିଲେ ସେଥି ବିଷୟରେ ମୋହର କିଛି ମନୋଭାବ ସାଧାରଣଙ୍କ ନିକଟରେ ବ୍ୟକ୍ତ କରିବାକୁ ଏକାନ୍ତ ଇଚ୍ଛା । ଆପଣ ଯଦି ଦୀପିକାରେ ଟିକିଏ ସ୍ଥାନ ଦିଅନ୍ତି ତେବେ ତାହା ପୂର୍ଣ୍ଣ ହେବ ।

ବକ୍ତା ମହାଶୟ ଏ ଦେଶର ଜଣେ ଉପନିବେଶୀ ହୋଇ ସୁଦ୍ଧା ଉତ୍କଳ ଭାଷା ଓ ଉତ୍କଳ ଦେଶର ଉନ୍ନତି ପକ୍ଷରେ କେଡ଼େ ଇଚ୍ଛୁକ ତାହା ଗମ୍ଭୀର ସ୍ୱରରେ କହିବାବେଳେ ସହଜେ ପ୍ରକାଶ ହୋଇପଡ଼ିଲା । କେତେ ଉତ୍କଳୀୟଙ୍କ ଶିଥିଳ ରକ୍ତନାଡ଼ୀ ଦେଶୋନ୍ନତୋପଦେଶପୂର୍ଣ୍ଣ ଉତ୍ସାହ ବାକ୍ୟରେ ସତେଷ୍ଟ ହୋଇଗଲା । ଆଉ ଯେଉଁ ଉପନିବେଶୀମାନେ ଉତ୍କଳୀୟ ନୁହନ୍ତି ବୋଲି ମନେ ୨ ଅଲଗା

ହୋଇ ରହିଥିଲେ ସେମାନେ ସୁଦ୍ଧା ଉତ୍କଳର ଉନ୍ନତି ନିଜର କର୍ତ୍ତବ୍ୟକର୍ମ ବୁଝି ପାରିଲେ । ସାହିତ୍ୟ ଓ ଶିଳ୍ପକାର୍ଯ୍ୟଦ୍ୱାରା ଦେଶର ନତୋନ୍ନତ ଅବସ୍ଥା ଜଣାଯିବା ବିଷୟ ଏବଂ ବର୍ତ୍ତମାନ ଓଡ଼ିଶାର ଯେ ମର୍ଯ୍ୟାଦା କେବଳ ଜଗନ୍ନାଥ ଓ ଲିଙ୍ଗରାଜଙ୍କ ହେତୁ ଅର୍ଥାତ୍ ଶିଳ୍ପ ଚାତୁର୍ଯ୍ୟରୁ ରହିଅଛି ବୋଲି ସମସ୍ତଙ୍କର ଉତ୍ତମରୂପେ ହୃଦୟଙ୍ଗମ ହୋଇଗଲା ଆଃ କି ଆନନ୍ଦର ବିଷୟ ! ବକ୍ତା ଜଣେ ଅଳ୍ପ ବୟସ୍କ ଯୁବକ ତଥାପି ତାଙ୍କର ଅନ୍ତଃକରଣରେ କିପରି ଉଚ୍ଚଭାବମାନ ବିଚରଣ କରିଅଛି; କହିଲେ ଅତ୍ୟୁକ୍ତି ହେବନାହିଁ ବର୍ତ୍ତମାନ ଶିକ୍ଷିତ ଯୁବକଶ୍ରେଣୀରେ ଜଣେ ପ୍ରଧାନବକ୍ତା ।

ବକ୍ତା ଯେତେବେଳେ ସାହିତ୍ୟ କାନନରେ ଅନ୍ତର୍ଦୃଷ୍ଟି ନିକ୍ଷେପ କରି କହୁଥିଲେ ତେତେବେଳେ ମୁରାରିକବି ଓ ଉପେନ୍ଦ୍ରଭଞ୍ଜ କଣ ସିଂହ ବାଘ ପରି ଦିଶିଲେ ? ନୋହିଲେ କାହିଁକି ବାକ୍ୟ ବନ୍ଧୁକମାନ ଫଏର କଲେ ? ତାଙ୍କର ଦୋଷ ତ ଏହି, ସେ ଶବ୍ଦାଳଙ୍କାର ଓ କାଠିନ୍ୟ ପଦପୂର୍ଣ୍ଣ କରି ଆଦିରସ ବିଷୟରେ ଲେଖିଅଛନ୍ତି; ସତ । ପୂର୍ବର ସବୁ କବିତ ଆଦିରସପ୍ରିୟ ! କୁମାରସମ୍ଭବ, ଶକୁନ୍ତଳା, ନୈଷଧ, ମେଘଦୂତ, ହଂସଦୂତ ପ୍ରଭୃତି ଆଦିରସପୂର୍ଣ୍ଣ କାବ୍ୟ, ତେବେ ଏ କାହିଁକି ଅପମାନିତ ହେଲେ ? କବିତା କିଛି ଆଦିରସ ଅନ୍ତରସରେ ହୁଏନାହିଁ, କି ଶବ୍ଦାଳଂକାର ଅର୍ଥାଳଂକାର ଥିଲେ ନଥିଲେ ହୁଏନାହିଁ । ତାହା କେବଳ କବିର ହୃଦୟସିନ୍ଧୁ ମନ୍ଥନାମୃତ, ଲୌହ ବା ସୁବର୍ଣ୍ଣପାତ୍ରରେ ରହିଲେ ତାହାର ମାନ୍ୟର ନ୍ୟୂନାଧିକ ହୋଇନପାରେ । ଆମ୍ଭେମାନେ ଅମୃତ ପାନ ନକରି ପାତ୍ରକାମୋଡ଼ା ହେବା କାହିଁକି ? ମୁରାରିକର୍ତ୍ତା ଜଣେ ପ୍ରଧାନ କବି, ତାହାଙ୍କ ରଚନାର ସ୍ଥାନେ ୨ ଚାତୁରି କଥା ଓ ଉତ୍କୃଷ୍ଟ ଭାବମାନ ରହିଅଛି ଯେଉଁମାନେ ତାହା ପଢ଼ିଅଛନ୍ତି ସେମାନେ କବିଙ୍କର ଉଚ୍ଚ ହୃଦୟର ପରିଚୟ ପାଇଥିବେ ।

ଆହୁରି ଗୋଟିଏ କଥା ମନେପଡ଼ିଲା । ବକ୍ତା ମହାଶୟ ମୁରାରି ପାଠକରି ମୁରାରି-ଅରି ହେଲେ, ନା କାହାର ସମାଲୋଚନା ପଢ଼ି ଭୁଲିଗଲେ ? ବକ୍ତା ଯେପରି ସଭାବଗ୍ରାହକ, ପଢ଼ିଥିଲେ ଏପରି କହନ୍ତେ ନାହିଁ ପରା ? ନ ପଢ଼ିଥିଲେ କହିଲେ ବା କିପରି ? ସେ କି ଅନ୍ୟଜଣର ମତ ନେଇ ନିଜ ମତ ପରି ବ୍ୟକ୍ତ କରିବା ଲୋକ ? ନା । ଏସ୍ଥଳେ ମୁରାରିରୁ ଦିଯୋଟି ଗୋଟିଏ ଉଦାହରଣ ଦେଇ ଦୋଷ ଦେଖାଇଥିଲେ ଭଲ ହୋଇଥାନ୍ତା ।

ଭଞ୍ଜଙ୍କ ପରି ଜଣେ ଭାଷାକବି କିଏ ? କହିବାକୁ କି ଅଛି ନା ଚାହିଁବାକୁ କି ଅଛି । ତାହାଙ୍କର ରଚନାଗୁଡ଼ାକ କ'ଣ ଖାଲି ଆଦିରସରେ ଲଟପଟ ଏମନ୍ତ ନୋହେ । ତହିଁରେ ସ୍ଥାନେ ୨ ଭଲ କଥାଅଛି, ଭଲ ଭାବ ଅଛି, ଦେଶ ରୀତି ଅନୁସାରେ ଦେହଯାକରେ ଅଳଙ୍କାର ଝଣଝଣ ହେଉଥିଲେ ହେଁ ସୌନ୍ଦର୍ଯ୍ୟର ଊଣା

ହୋଇନାହିଁ ବରଂ ଅଧିକ ହୋଇଅଛି । ଯେଉଁମାନେ ଏହାଙ୍କ ରଚିତ ବୈଦେହୀଶ ବିଳାସ ବା କୋଟୀବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରଭୃତି ଖଣ୍ଡିଏ କାବ୍ୟ ଆଦ୍ୟପ୍ରାନ୍ତ ପାଠ କରିଅଛନ୍ତି ସେମାନେ କଦାପି ଗୁଣ ଅଂଶ ନ ଘେନି ଦୋଷ ଅଂଶ ନେଇ କବିଙ୍କି ବା କାବ୍ୟକୁ କଳଙ୍କ ଦେଇପାରିବେ ନାହିଁ ।'' (ଭା ୧୩/୪)

ଆଲୋଚନା ସଭାର ଅଧିବେଶନଗୁଡ଼ିକରେ ବିଭିନ୍ନ ବିଷୟ ଆଲୋଚନା ହେବା ସହିତ ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀ ସଂପର୍କରେ ରସାଳ ଏବଂ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା ହେଉଥିବା ଜଣାଯାଏ । ଉତ୍କଳଦୀପିକାର ତା୬-୪-୧୮୭୮ ସଂଖ୍ୟାରେ ପ୍ରକାଶିତ ''ଜଣେ ଦର୍ଶକ''ଙ୍କ ତା-୨୪-୩-୧୮୭୮ର ପ୍ରେରିତ ପତ୍ର ଏ ସଂପର୍କରେ ପ୍ରଣିଧାନଯୋଗ୍ୟ । ସେ ଲେଖିଥିଲେ—

— ''ଆପଣଙ୍କ ବିଖ୍ୟାତ ପତ୍ରିକାରେ ଆମ୍ଭର ଏହି କ୍ଷୁଦ୍ର ପଦ୍ୟଟିକୁ ଅଳ୍ପସ୍ଥାନ ପ୍ରଦାନ କଲେ ଅତ୍ୟନ୍ତ ବାଧିତ ହେବୁଁ ।

''ବାବୁ ଶ୍ରୀଗୋପାଳଚନ୍ଦ୍ର ଦତ୍ତଙ୍କର ପତ୍ର ।
ପାଇବାରୁ ହରଷିତ ହୋଇଲା ମୋ ଗାତ୍ର ।
ଉତ୍କଳସଭାରେ ଯାଇଁ ହୋଇଲୁଁ ପ୍ରବେଶ ।
ସଭା ଦରଶନେ ଲାଭ ଆନନ୍ଦ ବିଶେଷ ।
ଲାବଣ୍ୟବତୀର ଅର୍ଥ ହେବାର ଶୁଣିଲୁଁ ।
କବିତା ଚାତୁରୀ ଦେଖି ବିମୋହିତ ହେଲୁଁ ।
ଧନ୍ୟ ସେ ଉପେନ୍ଦ୍ରଭଞ୍ଜ କବି ଚୂଡ଼ାମଣି ।
କବିତାରେ ଖଞ୍ଜିଛନ୍ତି ଚନ୍ଦ୍ର ସୂର୍ଯ୍ୟ ଆଣି ।
ତତ୍ପରେ ଶୁଣିଲୁଁ ବହୁ ଦେଶୀୟ ଭଦ୍ରଙ୍କୁ ।
ଆମନ୍ତ୍ରଣ ହୋଇଥିଲା ଅଦ୍ୟ ଏ ସଭାକୁ ।
ଆମନ୍ତ୍ରିତ ଲୋକମାନେ କେହି ନ ଆସିଲେ ।
ଏଥିପାଇଁ ସଭ୍ୟମାନେ ଦୁଃଖିତ ହୋଇଲେ ।
ଏକା ବାବୁ ଦିବାକର ଦାସ ସୁଚତୁର ।
ସଭାକୁ ଆସିଲେ ହୋଇ ଅତି ତତପର । .
ହେଜନେ ! ଏ ସଭାରେ ଅଛିଟି ବହୁସୁଖ ।
ଶବ୍ଦାର୍ଥ ଶ୍ରବଣେ କର୍ଣ୍ଣୁ ପଳାଇବ ଦୁଃଖ ।
ବୁଦ୍ଧିବିଦ୍ୟା ପ୍ରଚାର ପୁସ୍ତକ ଆଲୋଚନା ।
ବୃଦ୍ଧି ହେବ ଦିନୁଦିନୁ କଲେ ଏ ଭାବନା ।
ଏ ଯୋଗୁଁ କରୁଛି ମୁହିଁ ଏତିକି ଜଣାଣ ।

ଆଗାମୀ ସଭାରେ ଆସି ଦିଅ ଦରଶନ ।
ବିନାଧନ ପରିଶ୍ରମେ ଏରୂପେ ସୁଯୋଗ ।
ଅବିଳମ୍ବେ ଏଥିରେ କର ହେ ସର୍ବେ ଯୋଗ ।
ଦେଶର ମଙ୍ଗଳ ହେବ ଆପେ ହେବ ସୁଖୀ ।
ଏହାଠାରୁ ଆଉ କି ସୁଯୋଗ ଅଛି ଦେଖି ।।''
(ଉତ୍କଳଦୀପିକା, ଭା୧୩/୧୪)

ଗୋଟିଏ ବର୍ଷ ମଧ୍ୟରେ ଏହାର ଉଣେଇଶିଟି ଅଧିବେଶନ ହୋଇଥିବା ଏବଂ ଏଥିରେ ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଆଲୋଚନା ସହିତ ଅନ୍ୟାନ୍ୟ ସଂପର୍କୀୟ ରଚନା ପଠିତ ହୋଇଥିବା ଏହାର ବାର୍ଷିକ ବିବରଣୀରୁ ଜଣାଯାଏ (ଉତ୍କଳ ଦୀପିକା, ତା୧୩-୯-୧୮୭୯) । ଏହି ସଭାର ଯେଉଁ ଅଧିବେଶନ ପ୍ରଥମ ଷାଣ୍ମାସିକ ଅଧିବେଶନ ପରେ ତା ୨୭-୧-୧୮୭୮ ଦିନ ଅନୁଷ୍ଠିତ ହୋଇଥିଲା ତାହାହିଁ ଥିଲା 'ଉତ୍କଳ ମଧୁପ' ପତ୍ରିକା ପ୍ରକାଶନ ପାଇଁ ପ୍ରେରଣାର ଉତ୍ସ । ଏ ଅଧିବେଶନର ବିବରଣୀ ଜଣେ ''ବିଚରାଦର୍ଶକ'' ତା-୨୮-୧-୭୮ରେ ଲେଖିଥିବା ଏକ ପତ୍ରରେ ଆମକୁ ଏପରି ଦେଇଛନ୍ତି ।—

''ଗତ ରବିବାର ଉତ୍କଳସଭାର ଅଧିବେଶନ ଦିନ ଆମ୍ଭେ ସେଠାରେ ଦର୍ଶକସ୍ୱରୂପ ଉପସ୍ଥିତ ଥିଲୁଁ । ସଭାର ବିବରଣ ପାଠ ହେଲା ଉତ୍ତାରୁ ଜଣେ ସଭ୍ୟ ପ୍ରସ୍ତାବ କଲେ ଯେ ପୁରାତନ କବିମାନଙ୍କର କବିତା ସକଳ ଏ ସଭାରେ ଆଲୋଚନା ହେଲେ ଓ ଖଣ୍ଡିଏ ମାସିକ ପତ୍ରିକା ତତ୍ ସମ୍ବନ୍ଧରେ ଓ ସଭାର ଅନ୍ୟାନ୍ୟ ବିଷୟରେ ବାହାରିଲେ ଭଲ ହେବ । ତପ୍ପରେ ଅନ୍ୟ ଏକଜଣ ସଭ୍ୟ ସେହି ମତରେ ଐକ୍ୟ ହୋଇ ପ୍ରକାଶକଲେ ଯେ ''ପୁରାତନ କବିତାସବୁ ଆଦିରସ ଘଟିତ ଓ କଠିନ ଶବ୍ଦଯୁକ୍ତ ହେଲେ ମଧ ଦୂଷିତ ନୁହେ । ଯେହେତୁ ତାହା ଶିକ୍ଷିତ ଯୁବକମାନଙ୍କ ସକାଶେ ମନୋନୀତ ହୋଇଅଛି । ଅତଏବ ଉକ୍ତ ବିଷୟମାନଙ୍କର ଆଲୋଚନା କଲେ ଆମ୍ଭମାନଙ୍କର ଭାଷାର ଉନ୍ନତି ହୋଇପାରେ ସୁତରାଂ ପ୍ରଥମ ବକ୍ତାଙ୍କ ପ୍ରସ୍ତାବକୁ ଆମ୍ଭେ ଉତ୍ତମ ବୋଲି ବୋଧକରୁଁ'' ଶେଷରେ ଦେଖିଲୁଁ ଯେ ଦୁଇ ତିନିଜଣ ସଭ୍ୟଙ୍କ ମନକୁ ଏ ପ୍ରସ୍ତାବ ପୁରାତନ କବି ଓ କବିତା ଭଲ ହେଲାନାହିଁ । ସୁତରାଂ କେହି ସଙ୍ଗୀତ କେହି ଅଶ୍ଳୀଳ କେହି ବା ନିତାନ୍ତ ଦୁର୍ବୋଧ୍ୟ ବୋଲି ପ୍ରକାଶ କଲେ । ମାତ୍ର ଆଉ ଜଣେ ଆମନ୍ତ୍ରିତ ଭଦ୍ରଲୋକ ଏହି ବିଷୟମାନ ଘେନି ସେମାନଙ୍କ ସହିତ ଅନେକ ତର୍କ କଲେ କିନ୍ତୁ କୌଣସି ଫଳ ଦର୍ଶିଲା ନାହିଁ । କଥାରେ କହନ୍ତି ପରା ''ତୁ ଯେତେ ମାଠିବୁ ମାଠ ମୁଁ ସେହି ପୋଡ଼ା କାଠ ।'' ମହାଶୟ ! ଏମାନଙ୍କର ଉତ୍କଳୀୟ ପ୍ରାଚୀନ କବିତାପ୍ରତି ଏତେ ବିରାଗ କାହିଁକି ? ନ ବୁଝି ପାରିବାରୁ ସିନା ?

ମାକଡ଼ ନଡ଼ିଆକୁ ଖାଇ ନପାରି ନିନ୍ଦା କଲେ ନଡ଼ିଆକି ନିନ୍ଦନୀୟ ହେବ ? ଯାହା ହେଉ ମୋ ମତରେ ଉକ୍ତ ପ୍ରସ୍ତାବ ଅନୁଯାୟୀ କାର୍ଯ୍ୟକଲେ ଯେଉଁମାନଙ୍କ ହୃଦୟରେ ଏହି ବାବୁମାନଙ୍କ ପରି କୁସଂସ୍କାର ଅଛି ସେସବୁ ଦୂରହେବ । ସଭାକୁ ଅନୁରୋଧ ଯେ ସେ ଏହି ଅସତ୍ ପରାମର୍ଶମାନ ଶୁଣି ଯେପରି ଏଥିରୁ କ୍ଷାନ୍ତ ନ ରହନ୍ତି ।

ନିଜ ଗ୍ରନ୍ଥାବଳୀର ଭୂମିକାରେ ଦେଇଥିବା ଆତ୍ମ ସ୍ୱୀକୃତିରୁ ମନେହୁଏ ଯେଉଁ ଜଣକ ସଭ୍ୟ ସଭାପକ୍ଷରୁ ଖଣ୍ଡିଏ ମାସିକ ପତ୍ରିକା ବାହାର କରିବାର ପ୍ରସ୍ତାବ ଦେଇଥିଲେ ସେ ସଭ୍ୟଜଣକ ରାମଶଙ୍କର ରାୟଙ୍କ ବ୍ୟତୀତ ଅନ୍ୟକେହି ନୁହନ୍ତି । ସେ କେବଳ ପ୍ରସ୍ତାବଟିଏ ଦେଇ ନୀରବ ରହିନଥିଲେ । ଜ୍ୟେଷ୍ଠଭ୍ରାତା ଗୌରୀଶଙ୍କରଙ୍କ ସହାୟତାରେ ନିଜ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାପାଇଁ ବନ୍ଧୁମାନଙ୍କ ସହ ଉଦ୍ୟମ ଆରମ୍ଭ କରିଦେଇଥିଲେ । ଜାନୁଆରୀ ୨୭ ତାରିଖରେ ପ୍ରସ୍ତାବ ଆଗତ ହେଲା ଏବଂ ସଭାର ସଂପାଦକ ଶ୍ରୀ ଗୋପାଳଚରଣ ଦତ୍ତ ତା ୧୨-୨-୧୮୭୮ରେ ଉତ୍କଳଦୀପିକାକୁ ଏକ ବିଜ୍ଞାପନ ପ୍ରେରଣ କଲେ । (ଉତ୍କଳ ଦୀପିକା, ଭା୧୩/୭; ତା ୧୬-୦୨-୧୮୭୮)

ବିଜ୍ଞାପନଟି ଜଣାଇଥିଲା—

> ସର୍ବସାଧାରଣଙ୍କ ଜାଣିବା କାରଣ ପ୍ରକାଶ କରାଯାଉଅଛି ଯେ କଟକ ଉତ୍କଳ ସଭାରୁ ଉତ୍କଳ ମଧୁପ ନାମରେ ଖଣ୍ଡିଏ ମାସିକ ପତ୍ର (ଆଠ ପେଜି ଏକ ଫର୍ମା କଳେବରରେ) ବାହାରିବାର ସ୍ଥିର ହୋଇଅଛି । ସେହି ପତ୍ରରେ ଉତ୍କଳର ପ୍ରାଚିନ କବି ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କ ରଚିତ କବିତାମାନଙ୍କର ସମାଲୋଚନା ଏବଂ ତହିଁର ଗୁଣଦୋଷ, ଏପର ନୂତନ କବିମାନଙ୍କ ରଚିତ ବିଷୟର ସମାଲୋଚନା ଓ ଅନ୍ୟାନ୍ୟ ଉପନ୍ୟାସ ପ୍ରଭୃତିର ସଂଗ୍ରହ ହୋଇଥିବ । ଏହି ପତ୍ରର ମୂଲ୍ୟ ଅଗ୍ରିମ ଆଦାୟ କରାଯିବ । ମୂଲ୍ୟ ବର୍ଷକୁ ଟ୧୫ଙ୍କା, ଷାଣ୍ମାସିକ ଟ୧ଙ୍କା, ତ୍ରୈମାସିକ ଟ୦୫ଅଣା, ପ୍ରତିଖଣ୍ଡକୁ ଟ୦ ଚାରି ଅଣା ନିଆଯିବ । ପ୍ରକାଶ ଥାଉ ଯେ ଗ୍ରାହକସଂଖ୍ୟା ଜ୨୦୦ଣ ନିଶ୍ଚୟ ନହେଲେ ପତ୍ର ପ୍ରକାଶ କରାଯିବ ନାହିଁ । ଏ ବିଷୟରେ ଯେଉଁ ଦେଶହିତୈଷୀ ମହାଶୟମାନଙ୍କର ଉତ୍ସାହ ବଢ଼ିବ ସେମାନେ ପତ୍ରଦ୍ୱାରା କଟକ ଉତ୍କଳ ଦୀପିକାର ସଂପାଦକ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ବାର୍ତ୍ତା ପଠାଇଲେ ତାହାଙ୍କ ନିକଟରୁ ସମସ୍ତ ବିଷୟର ମର୍ମ୍ମ ବୁଝିପାରିବେ ଆଉ ବିଶେଷ କଥା ଏହି କି ବିରଙ୍ଗ ଚିଟୀପତ୍ର କେହି ପଠାଇଲେ ତାହା ଗ୍ରହଣ କରାଯିବ ନାହିଁ ।"

ବିଜ୍ଞାପନଟି ପ୍ରକାଶ ପାଇବାର ମାତ୍ର ଦୁଇମାସ ମଧ୍ୟରେ ରାମଶଙ୍କର ଦୁଇଶହ ଗ୍ରାହକ ସେତେବେଳେ ସଂଗ୍ରହ କରିଥିବା କମ୍ ବିସ୍ମୟକର ନୁହେ । ନିଜ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାପାଇଁ ସେ ଅକ୍ଳାନ୍ତ ଉଦ୍ୟମ କରିଛନ୍ତି । ଫଳରେ ଏପ୍ରିଲ ୧୪ ବିଷୁବ ସଂକ୍ରାନ୍ତି ଦିନ ଏହାର ପ୍ରଥମ ସଂଖ୍ୟା ଲୋକାର୍ପିତ ହୋଇପାରିଛି ।

## (୫)

ବିଜ୍ଞାପନ ଅନୁଯାୟୀ 'ଉତ୍କଳ ମଧୁପ'ରେ ଭଞ୍ଜୀୟ କାବ୍ୟର ମୁଖ୍ୟତଃ ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ମୂଳପାଠ ସହିତ ନିର୍ବାଚିତ ଶବ୍ଦାର୍ଥ ଓ ଆଲୋଚନା, କବିତା, ଉପନ୍ୟାସ ଓ କିଛି ମନନଧର୍ମୀ ପ୍ରବନ୍ଧ ପ୍ରକାଶ ପାଉଥିଲା । ଲେଖକମାନେ ନିଜ ନାମ ପ୍ରକାଶ କରିବାପାଇଁ ହୁଏତ କୁଣ୍ଠାବୋଧ କରୁଥିଲେ; ନୋଚେତ୍ ସଂପାଦକ ଲେଖକ ମାନଙ୍କର ନାମ ସୂଚୀପତ୍ର, ନିର୍ଦ୍ଦିଷ୍ଟ ରଚନା କିମ୍ବା ବାର୍ଷିକ ସୂଚୀରେ ପ୍ରକାଶ କରୁନଥିଲେ । ତେଣୁ 'ଉତ୍କଳ ମଧୁପ'ର ଲେଖକମାନଙ୍କୁ ଜାଣିବା ସମ୍ଭବପର ହୋଇପାରୁନାହିଁ । ରାମଶଙ୍କର ରାୟ 'ପ୍ରେମତରୀ' ଗାଥା ଏବଂ 'ସୌଦାମିନୀ' ଉପନ୍ୟାସ ନିଜେ ଲେଖିଥିବା ଜଣାଇ ନଥିଲେ ଆମେ ହୁଏତ ସେ ଦୁଇଟିର ପିତୃତ୍ୱ ସଂପର୍କରେ ନିଶ୍ଚିତ ହୋଇପାରି ନଥାନ୍ତୁ । ସେହିପରି 'ଜୀବନଚିନ୍ତା' ମଧୁସୂଦନଙ୍କ ସଂକଳନରେ ସ୍ଥାନ ପାଇନଥିଲେ ତାହାର ରଚୟିତାଙ୍କ ନାମ ଜାଣିବା ମଧ ସହଜ ହୋଇନଥାନ୍ତା । ଉପଲବ୍ଧ ସଂଖ୍ୟା ଗୁଡ଼ିକରେ 'ଜୀବନମାତ୍ରା' ପ୍ରବନ୍ଧର ଲେଖକ କ୍ଷିରୋଦଚନ୍ଦ୍ର ରାୟ ଚୌଧୁରୀ ପ୍ରବନ୍ଧ ଶେଷରେ ନିଜର ନାମ ଉଲ୍ଲେଖ କରିଛନ୍ତି । ଗୌରୀଶଙ୍କର ଥିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଙ୍ଗୀତର ବିଶିଷ୍ଟ ଗାୟକ ଓ ବିଦଗ୍ଧ ରସିକ । ତାଙ୍କ ତତ୍ତ୍ୱାବଧାନରେ କଟକ ପ୍ରିଣ୍ଟିଂ କଂପାନୀ ପକ୍ଷରୁ କଠିନ ଶବ୍ଦାର୍ଥ ସହ ଉପେନ୍ଦ୍ରଭଞ୍ଜଙ୍କ ଚୌପଦୀଚନ୍ଦ୍ର, ପ୍ରେମସୁଧାନିଧି, ରସପଞ୍ଚକ, ରସିକହାରାବଳୀ, ଲାବଣ୍ୟବତୀ ପ୍ରଭୃତି ସଂପାଦିତ ହୋଇ ପ୍ରକାଶ ପାଇଥିଲା । ଏହି ସଂପାଦନାରେ ବନମାଳି ସିଂହ ଏବଂ ଅଭିନ୍ନ ନାୟକ ଥିଲେ ତାଙ୍କର ସହଯୋଗୀ । ଏଣୁ ଲାବଣ୍ୟବତୀ ଓ କୋଟି ବ୍ରହ୍ମାଣ୍ଡସୁନ୍ଦରୀର ସଂପାଦନା ଏମାନେ କରୁଥିବା ସମ୍ଭାବନା କରାଯାଇପାରେ ।

ପ୍ରଥମ ବର୍ଷ ଉତ୍କଳମଧୁପରେ ମାତ୍ର ଊଣତିରିଶଟି ରଚନା ପ୍ରକାଶ ପାଇଥିଲା (ଗୋକୁଳଚନ୍ଦ୍ର ଶତପଥୀ) । ପ୍ରତି ସଂଖ୍ୟାରେ ଗୋଟିଏ ଦିଓଟି କବିତା, ଗୋଟିଏ ଦିଓଟି ପ୍ରବନ୍ଧ ବ୍ୟତୀତ ଅଧିକାଂଶ ପୃଷ୍ଠା ଉପେନ୍ଦ୍ର କାବ୍ୟାଲୋଚନା ଓ 'ସୌଦାମିନୀ' ଉପନ୍ୟାସ ଦ୍ୱାରା ବିମଣ୍ଡିତ ଥିଲା । କବିତା କ୍ଷେତ୍ରରେ ବି ରାମଶଙ୍କରଙ୍କ 'ପ୍ରେମତରୀ' ଅଧିକ ପୃଷ୍ଠା ଅଧିକାର କରିଥିଲା । କହିବାକୁ ଗଲେ ୧୮୭୮ ମସିହାବେଳକୁ ଓଡ଼ିଶାରେ ନିରୋଳା ସାହିତ୍ୟ ସାଧକଙ୍କ ଅଭାବ ଥିବାବେଳେ ପତ୍ରିକାଟିକୁ ବଞ୍ଚାଇବା ପାଇଁ ରାମଶଙ୍କରଙ୍କ ପରିଚାଳନାଗତ ଉଦ୍ୟମ ସହ ଲେଖନୀ ମଧ ସତତ ଜାଗ୍ରତ ଥିଲା ।

(୬)

ଏଠାରେ ସୂଚୀତ କରିଦେବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଉତ୍କଳ ମଧୁପରେ ପ୍ରକାଶିତ ସମସ୍ତ ରଚନାର ଲେଖକମାନଙ୍କ ନାମ ଜାଣିବା ସମ୍ଭବ ନହେଲେ ସୁଦ୍ଧା 'ସୌଦାମିନୀ', 'ପ୍ରେମତରୀ' ଏବଂ 'ଜୀବନଚିନ୍ତା'ର ପିତୃତ୍ୱ ସଂପର୍କରେ ଆମେ ନିଶ୍ଚିତ । କିନ୍ତୁ ଏଗୁଡ଼ିକର ସମୁଦାୟ ଅଂଶ ଉପଲବ୍ଧ ସଂଖ୍ୟାଗୁଡ଼ିକରୁ ପାଇବା ସମ୍ଭବ ହୋଇପାରୁନାହିଁ । 'ସୌଦାମିନୀ'ର ବହୁ ପରିଚ୍ଛେଦ ଅପ୍ରାପ୍ତ ସଂଖ୍ୟାଗୁଡ଼ିକ ମଧ୍ୟରେ ତିରୋହିତ । ତଥାପି ଲେଖକ ନିଜେ ପରବର୍ତ୍ତୀ ସମୟରେ ୧୯୦୪ ମସିହାରେ ଉପନ୍ୟାସଟିକୁ ସଂଶୋଧନ କରି ପୂର୍ଣ୍ଣାଙ୍ଗ କରିବାପାଇଁ ପ୍ରୟାସ କରିଥିଲେ (ଗୋକୁଳଚନ୍ଦ୍ର ଶତପଥି) । ପ୍ରକାଶିତ ଅଂଶଗୁଡ଼ିକର ଭାଷା ସିନା ପରିବର୍ତ୍ତିତ ଓ ପରିମାର୍ଜିତ ହେଲା, ପଚିଶ ବର୍ଷ ତଳକୁ ଫେରିଯାଇ ଉପନ୍ୟାସଟିକୁ ପୂର୍ଣ୍ଣାଙ୍ଗ କରିବା ବୋଧହୁଏ ସମ୍ଭବ ହେଲାନାହିଁ । ଏହି ସଂଶୋଧିତ ରୂପଟି ପ୍ରସ୍ତୁତ ସଂସ୍କରଣରେ ଦେବାପାଇଁ ଯଥା-ସମ୍ଭବ ଚେଷ୍ଟା କରାଯାଇଛି ।

ସେହିପରି 'ପ୍ରେମତରୀ' (ଗାଥା) । ଗ୍ରନ୍ଥାବଳୀରେ ଏହାର ପାଦଟୀକାରେ ରଚନା ସମୟ ୧୮୭୮ ଦିଆଯାଇଥିଲେ ସୁଦ୍ଧା ରାମଶଙ୍କର ତାର ରୂପରେ କିଛି ପରିବର୍ତ୍ତନ ଆଣିଛନ୍ତି । କୋଡ଼ିଏ ବର୍ଷ ବୟସରେ ଲେଖାଯାଇଥିବା ପ୍ରଣୟଗାଥାଟିର କେତେକ ସ୍ଥଳ ପ୍ରୌଢ଼ ରାମଶଙ୍କରଙ୍କ ମନଃପୂତ ହୋଇପାରିନାହିଁ । ପୁଣି ଏହା ଯେତେବେଳେ ପତ୍ରିକାରେ ପ୍ରକାଶ ପାଇଥିଲା ସେତେବେଳେ ସମସାମୟିକ ଅନ୍ୟାନ୍ୟ ପତ୍ରିକାର ସଂପାଦକମାନେ ଗାଥାଟି ସଂପର୍କରେ ଯେଉଁ ମନ୍ତବ୍ୟ ଦେଇଥିଲେ ତାହା ଲେଖକ ବିସ୍ମୃତ ହୋଇନଥିଲେ । ସମ୍ବାଦବାହିକା ଏହାକୁ ଲକ୍ଷ୍ୟକରି ଲେଖିଥିଲେ—

> "ରାମଶଙ୍କର ବାବୁ ଇଂଲଣ୍ଡୀୟ କବି ଗୋଲଡ୍‌ସ୍ମିଥ୍‌ଙ୍କ ହର୍ମିଟ ନାମକ କବିତାକୁ ଅବଲମ୍ବନ କରି ଏହି କ୍ଷୁଦ୍ରକାବ୍ୟ ନାନାଛନ୍ଦରେ ଲେଖିଅଛନ୍ତି । ଲେଖକ ନବ୍ୟ— ତେଣୁ ନବ୍ୟ ଅବସ୍ଥାରେ ଯେପରି ଲେଖିବାକୁ ହୁଏ, ରାମଶଙ୍କର ସେଥିରୁ ଅଧିକ କରିଅଛନ୍ତି । ରାମଶଙ୍କର ବାବୁ ଅବଲମ୍ବିତ ବୃତ୍ତିକୁ ଆଶ୍ରୟ କରିଥିଲେ, ଭବିଷ୍ୟତକୁ ସେ ଜଣେ ସୁକବି ହୋଇପାରିବେ" । (ଭା ୧୩/ ୨୫ସଂ ୧୭-୬-୧୮୮୦)

ଏଥିରେ ଗାଥାକାର ଗୋଲଡ୍‌ସ୍ମିଥଙ୍କ ହରମିଟ୍ କବିତା ଅନୁସରଣରେ ପ୍ରେମତରୀଟିକୁ ଲେଖିଥିବା ଯାହାପ୍ରକାଶ କରିଛନ୍ତି ତାହା ସର୍ବାଂଶରେ ସତ୍ୟ ନହେଲେ ସୁଦ୍ଧା ଗାଥାଟି ଯେ ଏକ ସଫଳ ସାହିତ୍ୟକୃତି ନୁହେ, ଏହା ଅଭିବ୍ୟଞ୍ଜିତ । ପ୍ରେମତରୀ ପୁସ୍ତକ ଆକାରରେ ପ୍ରକାଶିତ ହୁଏ ୧୮୮୦ ମସିହାରେ । ଏହାର ଏକ ଦୀର୍ଘ ସମାଲୋଚନା ଉତ୍କଳଦର୍ପଣ ଭା୮/୨୧ ସଂଖ୍ୟାରେ ପ୍ରକାଶିତ । ଏଥିରେ ଯେଉଁ

କେତୋଟି ଦୋଷଦୁର୍ବଳତାର ସୂଚନା ଦିଆଯାଇଛି ତାହା ରାମଶଙ୍କରଙ୍କୁ ପରବର୍ତ୍ତୀ ସମୟରେ ଏହାର ପରିମାର୍ଜନା କରିବାପାଇଁ ସଚେତନ କରିଦେଇଛି । ଆଲୋଚକ ଲେଖିଥିଲେ—

"ପୁସ୍ତକ ଖଣ୍ଡି ଆଦ୍ୟ ପ୍ରାନ୍ତ ପାଠ କରିଅଛୁଁ । କିନ୍ତୁ କୌଣସିଠାରେ ପ୍ରାୟ ଯତିଭଂଗ ଦୋଷ ଲକ୍ଷ୍ୟ ହେଲାନାହିଁ । ମାତ୍ର ଦୁଃଖର ବିଷୟ ଯେ କବିତାଟି ତେତେ ପ୍ରାଂଜଳ, ସରସ ଓ ଚିତ୍ତହାରୀ ହେଲାନାହିଁ । ଏହି ତିନିଗୁଣ ଅସଦ୍‌ଭାବରେ କବିତା ପଦବାଚ୍ୟ ହୋଇନପାରେ । କବିଙ୍କର ଏହି ଗ୍ରନ୍ଥ ପ୍ରଥମ ପ୍ରସୂନ । ତାହାଙ୍କ ଉତ୍ସାହ ଭାଙ୍ଗିବା ଆମ୍ଭମାନଙ୍କର ଅଭିପ୍ରେତ ନୁହେଁ । ତେବେ ସତ୍ୟ ଅନୁରୋଧରେ ଓ କବିଙ୍କୁ ଭବିଷ୍ୟତ୍‌କୁ ସାବଧାନ କରିବା ଆଶୟରେ ଆମ୍ଭମାନଙ୍କର ଆଶୟ ପ୍ରକାଶ କଲୁଁ । ଭରସା କରୁଁ ଯତ୍ନ ଓ ଅଭ୍ୟାସବଳରେ କାବ୍ୟ ପ୍ରଣେତା ସମୟରେ ଜଣେ ଖ୍ୟାତନାମା କବି ହୋଇପାରିବେ । ×× । ସମୁଦାୟ ଗ୍ରନ୍ଥଟି ପ୍ରାୟ ବଙ୍ଗଳା ବୃତ୍ତରେ ରଚିତ । ଏମନ୍ତକି ଅନେକ କ୍ରିୟା ମାତ୍ର ପରିବର୍ତ୍ତନ କରି ପଢ଼ିଲେ ବଙ୍ଗଳା ହୋଇଯିବ । ଏଥିରେ ଉଦାହରଣ ଦେବାର ପ୍ରୟୋଜନ ନାହିଁ । ପାଠକମାନେ ପଢ଼ିଲାକ୍ଷଣି ଏହା ବୁଝିପାରିବେ । ଓଡ଼ିଆ ଛନ୍ଦରେ କି ଗାଥା ଲେଖା ହୋଇପାରେ ନାହିଁ ? ନା ଏହି ଗ୍ରନ୍ଥରୁ କ୍ରିୟା ଓ ଅକ୍ଷର ଠାବେ ଠାବେ ଶବ୍ଦ ପରିବର୍ତ୍ତନ କରି ବଙ୍ଗଳା କାବ୍ୟ ପରିପ୍ରକାଶ କରିବା କବିଙ୍କର ଅଭିପ୍ରାୟ ? କବି ଯେବେ ଓଡ଼ିଆ ଭାଷାରେ କବି ହେବାକୁ ଇଚ୍ଛା କରନ୍ତି, ତେବେ ଓଡ଼ିଆ ଛଂଦରେ ଲେଖିବାକୁ ଅଭ୍ୟାସ କରନ୍ତୁ ।" (୮ଭା-୨୧ସଂ-୨୫-୩-୧୮୮୦)

କେବଳ ଆଲୋଚକଙ୍କର ଏହି ମନ୍ତବ୍ୟ ନୁହେଁ 'ଉତ୍କଳ ମଧୁପ' ପ୍ରକାଶ ପାଇଁ ଅଦମ୍ୟ ଉନ୍ମାଦନା, ଛାତ୍ରାବସ୍ଥାର ଅଧ୍ୟୟନ ପରିସର, ଜ୍ୟେଷ୍ଠଭ୍ରାତା ଗୌରୀଶଙ୍କର ସାଂଧ ଆସରରେ ଚର୍ଚ୍ଚିତ ପ୍ରାଚୀନ ଓଡ଼ିଆ ସଂଗୀତ ଓ ସାହିତ୍ୟ ଏବଂ ସମକାଳୀନ ସାରସ୍ୱତ ପରିବେଶ ମଧ୍ୟରୁ ଯେଉଁ ଗାଥାଟିର ଉନ୍ମେଷ ଘଟିଥିଲା ସମୟ, ସାରସ୍ୱତ ଅନୁଭୂତି, ଲେଖନୀର ପରିପକ୍ୱତା ଏବଂ ପରିବର୍ତ୍ତିତ ପରିବେଶ ଏହାର ପରିବର୍ତ୍ତନ, ପରିମାର୍ଜନ, ପରିକର୍ତ୍ତନ ଓ ପରିବର୍ଦ୍ଧନ ପାଇଁ ନାଟ୍ୟକାର ଭାବେ ପ୍ରତିଷ୍ଠା ପାଇସାରିଥିବା ରାମଶଙ୍କରଙ୍କୁ ଅନୁପ୍ରେରିତ କରିଥିଲା । ପ୍ରସ୍ତୁତ ସଂସ୍କରଣରେ ପ୍ରଦତ୍ତ ଏବଂ ଗ୍ରନ୍ଥାବଳୀରେ ସ୍ଥାନିତ ଗାଥାଟିର ତୁଳନାତ୍ମକ ଆଲୋଚନାକଲେ ରାମଶଙ୍କରଙ୍କ ବିବର୍ତ୍ତିତ ସାହିତ୍ୟିକ-ମାନସିକତାର ସ୍ୱରୂପ ଅବଧାରଣା କରିହେବ ।

ସେହିପରି ମଧୁସୂଦନଙ୍କ ଜୀବନଚିନ୍ତା କବିତାଟି ମଧୁପର ଦୁଇଟି ସଂଖ୍ୟାରେ ପ୍ରକାଶ ପାଇଥିଲା । ଏଥିରୁ ପ୍ରଥମାର୍ଦ୍ଧ ପ୍ରକାଶ ପାଇଥିବା ସଂଖ୍ୟାଟି କେବଳ ବର୍ତ୍ତମାନ ଉପଲବ୍ଧ (ଭାଗ ୧/୬) । ଗ୍ରନ୍ଥାବଳୀରେ ସଂକଳିତ ହେଲାବେଳେ ପ୍ରତ୍ୟେକ ପଦକୁ

୧, ୨, ୩ ରୂପେ ସ୍ୱତନ୍ତ୍ର ଭାବେ ସଜାଇଦେବା ସହିତ କେତେକ ସ୍ଥଳରେ ପରିବର୍ତ୍ତନ ମଧ୍ୟ କରାଯାଇଛି । ଯେପରି ସପ୍ତମ ପଦର ତୃତୀୟ ପାଦରେ ଥିବା 'ନିଷ୍ଫଳ'କୁ ବିଫଳ, ଅଷ୍ଟମ ପଦର ତୃତୀୟ ପାଦରେ ଥିବା 'ଭାଗ୍ୟ'କୁ କାଳ, ଏକାଦଶ ପଦର ତୃତୀୟ ପାଦର 'କରନ୍ତି'କୁ କରଇ, ଦ୍ୱାଦଶ ପଦର ଚତୁର୍ଥ ପାଦରେ 'ନରେନିକ୍ଷେପନ୍ତି'କୁ ମାନବେପକାନ୍ତି, ତ୍ରୟୋଦଶ ପଦର ଚତୁର୍ଥ ପାଦରେ 'ମୃତ୍ୟୁପାପଦୁଃଖ'କୁ ରୋଗପାପଦୁଃଖରେ ପରିବର୍ତ୍ତିତ କରାଯାଇଛି । ରଚନାଟିକୁ ଅଧିକ ଲଳିତ ଓ ଔଚିତ୍ୟପୂର୍ଣ୍ଣ କରିବାପାଇଁ କରାଯାଇଥିବା ଏହି କେତୋଟି ପରିବର୍ତ୍ତନ ସହିତ ଗ୍ରନ୍ଥାବଳୀର ଏକାଦଶ ପଦ ପରେ ମଧୁପରେ ଆଉ ଗୋଟିଏ ଅଧିକ ପଦ ଦେଖିବାକୁ ମିଳେ । ଯଥା—

"ପୃଥ୍ୱୀଜୟୀ ଅରାତି ଦଳନ
ଯେ ମହାବୀରେନ୍ଦ୍ରଗଣ
କରନ୍ତି ପ୍ରଚଣ୍ଡ ରଣ
ହରନ୍ତି ଅନନ୍ତ ଧନ ତୋଷିବାକୁ ମନ
ଅତୃପ୍ତି ଅନଳେ ଜ୍ୱଳନ୍ତିରେ ଅନୁକ୍ଷଣ ।"

## (୭)

ଉତ୍କଳ ମଧୁପ ଅକାଳରେ ଅନ୍ତର୍ହିତ ହେଲା । ଗ୍ରାହକମାନଙ୍କର ଅନାଗ୍ରହ ଏବଂ ତତ୍‌ଜନିତ ଆର୍ଥିକ ଅନଟନ ଏଥିପାଇଁ ପ୍ରମୁଖ କାରଣହେଲେ ସୁଦ୍ଧା ପ୍ରାଚୀନ ସାହିତ୍ୟର ଅଶ୍ଳୀଳତାକୁ ନେଇ ଯେଉଁ ବିବଦମାନ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ମଧ୍ୟ ଏହାର ମଧୁଗୁଂଜନକୁ ନୀରବ କରିବାପାଇଁ ରାମଶଙ୍କରଙ୍କୁ ବାଧ୍ୟ କରିଥିଲା । ଉତ୍କଳମଧୁପର ପ୍ରୋତ୍ସାହକ ଓ ମୁଦ୍ରଣାଧିକାରୀ ବ୍ରାହ୍ମଧର୍ମ ଦୀକ୍ଷିତ ଗୌରୀଶଙ୍କରଙ୍କ ଅଖଣ୍ଡ ପ୍ରାଚୀନ ସାହିତ୍ୟପ୍ରୀତି ଏବଂ ବ୍ରାହ୍ମଚିନ୍ତାଧାରା ପ୍ରଭାବିତ ରାମଶଙ୍କର ଏବଂ ଅନ୍ୟାନ୍ୟ ଯୁବବନ୍ଧୁମାନଙ୍କର ପରିବର୍ତ୍ତିତ ମାନସିକତା ମଧ୍ୟରେ ଦେଖାଦେଇଥିବା ଦ୍ୱନ୍ଦ୍ୱ ମଧ୍ୟ ଉଭୟ ପ୍ରାଚୀନ ଓ ଆଧୁନିକ ପ୍ରେମୀ ଗ୍ରାହକମାନଙ୍କୁ ମଧୁପଠାରୁ ଦୂରେଇ ନେଇଥିବା ସମ୍ଭାବନାକୁ ଏଡ଼େଇ ଦିଆଯାଇନପାରେ । ଏହା ନିଶ୍ଚିତଭାବେ ରାମଶଙ୍କର ଓ ତାଙ୍କ ଯୁବବନ୍ଧୁମାନଙ୍କ ପାଇଁ ଲେଖକୀୟ ପରିଚିତି ଆଣିଦେଇଥିଲା । କିନ୍ତୁ ବିକଶିତ ହୋଇ ଆସୁଥିବା ଜାତୀୟତାବାଦ ଏବଂ ବ୍ରାହ୍ମଧର୍ମୀୟ ଆଦର୍ଶବାଦ ମଧ୍ୟରେ ସମନ୍ୱୟ ସ୍ଥାପନା କରିନପାରି 'ମଧୁପ' ଅକାଳରେ ମୃତ୍ୟୁବରଣ କଲା । ଉତ୍କଳ ମଧୁପ ଉଗ୍ରଜାତୀୟବାଦୀ ଗୌରୀଶଙ୍କର ରାୟ ଏବଂ 'ଉପନିବେଶୀ' 'ବଙ୍ଗାଳୀ ବ୍ରାହ୍ମଣ' ତଥା ଉଦାର ଜାତୀୟବାଦୀ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ନୈତିକ ଶୀତଳ ଯୁଦ୍ଧର ବାର୍ତ୍ତାବହ କି !!

——

କ୍ଲିଷ୍ଟାଙ୍ଗାଙ୍କେତକୀ ମା କଳିତସୁରୁଚିରା ମୁଞ୍ଚହନ୍ତାଂ ପଦାଳୀଂ

ପ୍ରାପ୍ତୋତ୍ସାହୋତ୍କଳାନାମପି ଲଳିତକଳୈର୍ନନ୍ଦୟିତ୍ବେ ବଚୋୟଂ


୧ ମ ଭାଗ | ୬ଷ୍ଠ ସଂଖ୍ୟା


# ଉତ୍କଳ ମଧୁପ ।

ମାସିକପତ୍ର ଓ ସମାଲୋଚନ ।

---


ଆଶ୍ୱିନ ଶକାବ୍ଦ ୧୮୦୦



| ବିଷୟ | ଓ | ପୃଷ୍ଠା |
|---|---|---|
| ୧ । ଲାବଣ୍ୟବତୀ | ... | ୮୧ |
| ୨ । ସୌଦାମିନୀ (ଉପନ୍ୟାସ) | ... | ୮୫ |
| ୩ । ଦ୍ୱିତୀୟ ଶିଖଯୁଦ୍ଧ | ... | ୮୮ |
| ୪ । ଗୋଟିଏ ଘଟନା !! | ... | ୯୧ |
| ୫ । ଜୀବନ ଚିନ୍ତା | ... | ୯୪ |
| ୬ । ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନ | ... | ୯୭ |



**CUTTACK**

**Printed by the Cuttack Printing Company.**

**1878**


ସଦ୍ବଂଶାଦେଃ ପ୍ରସୂତୋ ବିଜୟତୁ ମଧୁପଃ ସିଞ୍ଚତେ ହୃଦ୍‌ଗୁହାୟାଂ ।

କାବ୍ୟୋତ୍କୃଷ୍ଟାଙ୍ଗ ଚକ୍ରୋଲ୍ଲସିତ କୁବଳୟାଦେଷ ନିହ୍ନୃତ୍ୟସାରଂ

## ବିଶେଷ ଦ୍ରଷ୍ଟବ୍ୟ ।

ପାଠକେ ବୁଝିବେ ଯେ 'ଉତ୍କଳ ମଧୁପ'ର ମୂଲ୍ୟପ୍ରାପ୍ତିର ରସିଦ ଦିଆଯାଏ ନାହିଁ । ଯେ ଯାହା ଦିଅନ୍ତି ତାହା ମୂଲ୍ୟପ୍ରାପ୍ତରେ ସ୍ୱୀକାର କରାହୁଏ । ଯେବେ କୌଣସି ଗ୍ରାହକ ମୂଲ୍ୟ ପଠାଇଥିବେ ଅଥଚ ତାହାଙ୍କ ନାମ ମୂଲ୍ୟ ଦେଲା ଉତ୍ତାରୁ ପ୍ରଥମ କିମ୍ବା ଦ୍ୱିତୀୟଖଣ୍ଡ ମଧୁପରେ ଉଲ୍ଲେଖ ନ ଥିବ ତେବେ ସେ ଆମ୍ଭଠାରୁ ଲେଖି ପଠାଇଲେ ସବୁ ବିଷୟ ଗୋଚର ହେବେ ।

ଶ୍ରୀ ଯୋଗେନ୍ଦ୍ରନାରାୟଣ ବକ୍ସୀ

ଉ, ସ, ମ୍ୟାନେଜର, କଟକ

## ଲାବଣ୍ୟବତୀ ।

ଯୌବନାବସ୍ଥାର ପ୍ରାରମ୍ଭକୁ ବୟଃସନ୍ଧି କହନ୍ତି । ବର୍ତ୍ତମାନ ଲାବଣ୍ୟବତୀ ବୟଃସନ୍ଧି ଅବସ୍ଥାକୁ ପ୍ରାପ୍ତ ହୋଇଅଛି । କବି ଏହି ଅବସ୍ଥାର ଚିତ୍ରଟି ନିମ୍ନଲିଖିତ ରୂପେ ପ୍ରକାଶ କରିଅଛନ୍ତି ।

ଲଜ୍ଜା-ପଟ୍ଟମହିଷୀକି ଘେନି ଯଉବନ–
ରାଜା, ଆସି ଆକର୍ଷିଲା ଅଙ୍ଗଦେଶମାନ ।୬୯।
ପାତ୍ର ମନ୍ତ୍ରୀ ନିତମ୍ବ ଜଘନ ଉରୁ ସତ ।
ଶାଢ଼ୀ ପାଁଇ ଏମାନେ ହୋଇଲେ କୃତକୃତ୍ୟ ।୭୦।
କୁଚ ଅଙ୍କୁରିବାରେ ବସନ ଉଠି ଦିଶେ ।
ହୃଦୟବେଦୀରେ ଅଭିଷେକ କୁମ୍ଭ କି ସେ ।୭୧।
ଏ ସମୟ ମାହୁନ୍ତ ସୁନ୍ଦରୀ ମତ୍ତକରୀ ।
ଅନ୍ତଃପୁର ଟୋପରେ ରଖିଲା ବଳେ ଧରି ।୭୨।
ନେତ୍ରାଞ୍ଚଳେ ଚଞ୍ଚଳ ପ୍ରକାଶ ହେଲା ଆସି ।
ଚତୁରୀ ବଳି ଚାତୁରୀମାନଙ୍କୁ ପ୍ରକାଶି ।୭୩।
ଏ ପ୍ରତୀତ ଯୁବାଜିତ ଇଚ୍ଛା କରି ଭୀରୁ ।
ଶର ବିନ୍ଧି ଶିଖେ କି ସଂସାରଗୁରୁଠାରୁ ।୭୪।
ସୁନ୍ଦରୀସଂସାରେ ସେ ହେବାରୁ ଚକ୍ରବର୍ତ୍ତୀ ।
ଦେଲା କି ପ୍ରତିଅଙ୍ଗରେ ଭୂପତିସମ୍ପତ୍ତି ।୭୫।
କୁନ୍ତଳଦେଶରେ ଚୂଡ଼ା ଶୋଭା କରାଇଲା ।
ବିଦର୍ଭରେ ହାସକୁ ପ୍ରଭୁତ୍ୱପଣ ଦେଲା ।୭୬।
ମାଳବରେ କଣ୍ଠକୁ ଭୂଷଣ କଲା ନେଇ ।
ଚୋଳରେ ଶୋଭିତ କଲା ଉରଜକୁ ଯହିଁ ।୭୭।
କାଞ୍ଚୀରେ ରଞ୍ଜନ କଲା ମଧ୍ୟକୁ ନୀରତ ।
କନକ-କଟକେ କଲା ପାଦକୁ ପୂଜିତ ।୭୮।
ମଣି ରମଣୀମଣି କି ଶାଣ ଯଉବନ ।
ବ୍ରହ୍ମମୋହ ପ୍ରଭାକୁ ବଢ଼ାଇ ଦିନୁ ଦିନ ।୭୯।
ଉପମା ଆଣିମ କାହୁଁ ମହାକବି ହେଲେ ।
ସୁନ୍ଦରେ ଯାହାର ଅଙ୍ଗେ ସୁନ୍ଦର ହୋଇଲେ ।୮୦।

[‘ପଟ୍ଟମହିଷୀ’ ପାଟରାଣୀ, ‘ନିତମ୍ବ’ କଟିର ପଛପାଖ, ‘ଜଘନ’ କଟିର ଆଗପାଖ, ‘ଉରୁ’ ର ଉପରଭାଗ, ‘ନେତ୍ରାଞ୍ଚଳ’ ନେତ୍ରପ୍ରାନ୍ତ, ‘ଭୀରୁ’ ସ୍ତ୍ରୀ, ‘ଚକ୍ରବର୍ତ୍ତୀ’ ରାଜାଧିରାଜ,

'ସଂସାର ଗୁରୁ' କାମ, 'କୁନ୍ତଳ' କେଶ, 'ଦର୍ଭ' କୁଶ, 'ମାଳବର' ଉତ୍ତମହାର, 'ଚୋଳ' କାଞ୍ଚୁଲୀ, 'କାଞ୍ଚୀ' କଟିକଙ୍କିଣୀ, 'ମଧ୍ୟ' ଅଣ୍ଟା, 'କନକକଟକ' ସ୍ୱର୍ଣ୍ଣନୂପୁର, ଲଙ୍କା, କୁନ୍ତଳ, ବିଦର୍ଭ, ମାଳବ, ଚୋଳ, କାଞ୍ଚୀ ଏସବୁ ଦେଶ ବିଶେଷର ନାମ, ଶ୍ଳେଷାର୍ଥରେ ପ୍ରୟୋଗ ହୋଇଅଛି ।]

ବାଳିକାମାନଙ୍କର ବୟଃସନ୍ଧି ଅବସ୍ଥା ହେଲାକ୍ଷଣି ବସନ ଭୂଷଣରେ ଭୂଷିତ ହେବାକୁ ଅଧିକ ଅନୁରାଗ ଜନ୍ମେ, ମନରେ ଲଜ୍ଜାର ସଞ୍ଚାର ହେବା ହେତୁ ବସ୍ତ୍ରଦ୍ୱାରା ଶରୀରକୁ ଢ଼ାଙ୍କି ରଖନ୍ତି, ଅନ୍ତଃପୁର ମଧରେ ସ୍ତ୍ରୀମାନଙ୍କ ସହିତ ରହିବା ଇଚ୍ଛା ବଳବତୀ ହୁଏ, ବାହାରକୁ ବାହାରିବାକୁ ସଂକୁଚିତଚିତ୍ତା ହୁଅନ୍ତି, ଏବଂ ନେତ୍ରଗତି ଚଞ୍ଚଳ ହୋଇଯାଏ ଆଉ ଚାତୁରୀ ସହିତ କଥା କହି ଆସଇ । ଏହା ସ୍ତ୍ରୀଜାତିର ସ୍ୱଭାବସିଦ୍ଧ ରୀତି । କବି ରୂପକଦ୍ୱାରା ଏହି ରୀତିର ବର୍ଣ୍ଣନ କରିଅଛନ୍ତି– "ଲଜ୍ଜା-ପାଟରାଣୀକି ସଙ୍ଗେ ଘେନି ଯୌବନରାଜା ଆସି ଅଙ୍ଗଦେଶମାନଙ୍କୁ ଆକ୍ରମଣ କଲା ଅର୍ଥାତ୍ ଅଙ୍ଗପ୍ରତ୍ୟଙ୍ଗ ସୁପୁଷ୍ଟ ଓ ସୁନ୍ଦର ହୋଇଗଲା, ମନରେ ଲଜ୍ଜା ଜାତ ହେଲା ନିତମ୍ବ ଜଘନ ପ୍ରଭୃତି ପାତ୍ରମନ୍ତ୍ରୀ ପରି ଶାଢ଼ୀ ପାଇ କୃତକୃତ୍ୟ ହେଲେ ପ୍ରକାଶତଃ ଶାଢ଼ୀ ପରିଧାନ କଲା ଆଉ ଏ ସମୟ ମାହୁନ୍ତତୁଲ୍ୟ ହୋଇ ସୁନ୍ଦରୀ ଲାବଣ୍ୟବତୀକି ମତ୍ତକରୀ ପରି ଅନ୍ତଃପୁର ଚୋପରେ ବଳେ ଧରି ରଖିଲା ।" ଏ ରୂପକଦ୍ୱୟ ଅବଶ୍ୟ ଉତ୍ତମ ହୋଇଅଛି ଏଥିପାଇଁ କବି ପ୍ରଶଂସା ଭାଜନ ଅଟନ୍ତି । "ଲାବଣ୍ୟବତୀ ସୁନ୍ଦରୀ ସଂସାରରେ ଚକ୍ରବର୍ତ୍ତୀ ହେବା ରାଜାଧିରାଜ ଆପଣା ରାଜ୍ୟର ସ୍ଥାନ ସ୍ଥାନରେ ଏକ ୨ ଅଧୀନରାଜା ନିଯୁକ୍ତ କଲାପରି ଚୋଳ କାଞ୍ଚୀ ପ୍ରଭୃତିରେ ସ୍ତନ ଏବଂ କଟି ଆଦିକି ପ୍ରଭୁତ୍ୱପଣ ଦେଲା" ଏପରି ବର୍ଣ୍ଣନା ଗୁଡ଼ିକ ଦ୍ୱାରା କେବଳ ଶବ୍ଦର ଶ୍ଳେଷାର୍ଥ ଘେନି ଏକପ୍ରକାର ରୂପକ ଘଟାଇବା ହୋଇଅଛି କିନ୍ତୁ ଭାବର ତେତେ ଗାମ୍ଭୀର୍ଯ୍ୟ ନାହିଁ ।– "ହୃଦୟ ବେଦୀରେ ଅଭିଷେକ କୁମ୍ଭପରି ସ୍ତନ ଅଙ୍କୁରିଲା ସଙ୍ଗତ ହୋଇନାହିଁ କାରଣ ସ୍ତନ ସହିତ ଘିଟର ଉପମା ହେଉଥିଲେ ମଧ୍ୟ ବୟଃସନ୍ଧି ଅବସ୍ଥାରେ ଅଙ୍କୁରିତ ହେଉଁଥିବା ସ୍ତନକୁ କଲଶ ସଙ୍ଗେ ତୁଳନା କରିବା ଅସଙ୍ଗତ ହୋଇଅଛି । ଜଣେ କବି ଗୋଟିଏ ଅଙ୍କୁରିତ ଯୌବନାକୁ ଦେଖି କହିଅଛନ୍ତି ;–

ମଞ୍ଚ ସୁଯୋଗ ସଂକଳ୍ପ ପୂଗପରି ଅଙ୍କୁରି ଆସୁଛି ସ୍ତନ ।
ପଞ୍ଚକାଣ୍ଡ ରୁଣ୍ଡ କରେ କି ବ୍ରହ୍ମାଣ୍ଡ ଜୀବନବଞ୍ଚକ ଧନ ।
ସହଚରି ! କାହାର ନନ୍ଦନାରେ, ବାହାର ହୋଇଛି ଅନା ।

ଏ ପଦଟି ଅଶ୍ଳୀଳ ହୋଇଥିଲେ ମଧ ପ୍ରସଙ୍ଗ ବଶତଃ ଲେଖାଗଲା । "ରମଣୀମଣି ଲାବଣ୍ୟବତୀକି ଯୌବନକାଳ ଶାଣ ସଦୃଶ ହୋଇ ବ୍ରହ୍ମମୋହ ହେବା ଭଳି ତାହାର

ସୌନ୍ଦର୍ଯ୍ୟ ପ୍ରଭାକୁ 'ଦିନ ୨ ବଢ଼ାଇଲା ।'' କବି ତ ଲାବଣ୍ୟବତୀର ପୂର୍ବଜନ୍ମଠାରୁ ଆରମ୍ଭ କରି ଏ ଜନ୍ମର ବାଲ୍ୟକାଳ ପର୍ଯ୍ୟନ୍ତ ତାହାର ସୁନ୍ଦରୀପଣ ପରୀକ୍ଷା କରିବା ନିମିତ୍ତ ମହାଦେବଙ୍କୁ ଚଳି ଚଳି ଆସୁଥିଲେ । କିନ୍ତୁ ମହାଦେବ ବଡ଼ ଚତୁର, ଲାବଣ୍ୟବତୀ ନବଯୌବନା ହେଲେ ସେ ହଟହଟାରେ ପଡ଼ିବେ ଭାବି, ପଥର ହୋଇଗଲେ ବୋଲି କବିଙ୍କ ପୂର୍ବ ବର୍ଣ୍ଣନାରୁ ପ୍ରକାଶ ପାଇଅଛି, ଏବେ ଆଉ କାହାଠାରେ ପରୀକ୍ଷା କରିବେ ? ସୁତରାଂ ଯେ ବିକାରବିହୀନ, ଇନ୍ଦ୍ରିୟବିହୀନ, ଜ୍ଞାନମୟ, ନିଷ୍ପାପ, ନିରବୟବ, ସର୍ବଜନକ ବ୍ରହ୍ମ ସେ ପୁଣି ଲାବଣ୍ୟବତୀ ସୌନ୍ଦର୍ଯ୍ୟର ପରୀକ୍ଷାସ୍ଥଳ ହେଲେ; ତାହାଙ୍କୁ ମୋହିତ କରିବା ଭଳି ସୌନ୍ଦର୍ଯ୍ୟ ପ୍ରଭା ଲାବଣ୍ୟବତୀର ଦିନ ୨ ବଢ଼ିଲା । କବି ଲାବଣ୍ୟବତୀର ସୌନ୍ଦର୍ଯ୍ୟ ଆଣି ରଖିବା ନିମିତ୍ତ ଏପରି ଅସଙ୍ଗତ କଥାଟାଏ କାହିଁକି କହିଲେ । କେହି ୨ କହନ୍ତି କନ୍ଦର୍ପର ବ୍ରହ୍ମ ହୋଇ ନାମ ଅଛି, ସେ ରତି ବ୍ୟତୀତ ଆଉ କାହାରି ସୌନ୍ଦର୍ଯ୍ୟରେ କେବେ ମୋହିତ ହୁଅଇ ନାହିଁ । ଏବେ ତାହାକୁ ମୋହିତ କରିବା ଭଳି ସୌନ୍ଦର୍ଯ୍ୟ ପ୍ରଭା ଲାବଣ୍ୟବତୀର ଦିନ ଦିନ ବଢ଼ିଲା । କବି କାମକୁ ଲକ୍ଷ୍ୟ କରି ଯେବେ ଏମନ୍ତ କହିଥିବେ ତେବେ ଭଲ ହୋଇଅଛି, ନଚେତ୍ ଯେବେ ବ୍ରହ୍ମଙ୍କୁ ଲକ୍ଷ୍ୟ କରି କହିଥିବେ ତେବେ କବିଙ୍କ ଦୃଷ୍ଟିକି ନିତାନ୍ତ ମନ୍ଦ ବୋଲିବାକୁ ହେବ । ଆହୁରି କେହି ୨ କହନ୍ତି ''ବହୁମୂଲ୍ୟ ପ୍ରଭାକୁ ବଢ଼ାଇ ଦିନ ଦିନ'' ଏହା ସଙ୍ଗତ ବୋଧ ହେଉଅଛି ।

—୦—

## ତୃତୀୟ ଛାନ୍ଦ ।

### ରାଗ କେଦାର । ଚକ୍ରକେଳି ବାଣୀ ।

ଏହି ଛାନ୍ଦ ଆରମ୍ଭରେ କବି ଲାବଣ୍ୟବତୀର ନବଯୌବନାବସ୍ଥାର ରୂପମାଧୁରୀକି ଯେମନ୍ତ ଚାତୁରୀ ସହିତ ବର୍ଣ୍ଣନ କରିଅଛନ୍ତି ତାହା ଏହିଠାରେ ପ୍ରକାଶ କରାଯାଉଅଛି ।

ଶୁଣ ରସିକେ ନବଯଉବନୀ । ହୋଇ ବନିତା ମଣ୍ଡିଲା ଅବନୀ ।।୧।
ଏଣୁ ଉପମାଗଣେ ନିରନ୍ତର । କି କରିବା ଭାବି ହେଲେ କାତର ।।୨।
ଝଳି କାନ୍ତିରେ ଲଭିଣ ଭୀତିକି । କଲା କଣ୍ଟକ ଦୁର୍ଗକୁ କେତକୀ ।।୩।
ପାଞ୍ଚେ ମନ୍ଦର କୁଚ ବଢ଼ିବାରେ । କିପାଁ ବୁଡ଼ି ନ ମଲି ପାରାବାରେ ।।୪।
ନାସାପୁଡ଼ା ଫୁଲିବାର ଅନାଇ । ଭାଷାବନ୍ଧେ ଶୁକ ମନ ମନାଇ ।।୫।
ମୁଖେ ପ୍ରଚାର ପରିଚାରପଣ । ସୁଖେ ଦର୍ପହତୁଁ କଲା ଦର୍ପଣ ।।୬।
କମ୍ବୁକଣ୍ଠ ଦେଖି ଅତି ଆର୍ତ୍ତରୁ । ସମ ନୋହେଁ ବୋଲି ଡାକେ ପ୍ରାତରୁ ।।୭।

ନେତ୍ର ସଙ୍ଗେ ଲକ୍ଷିବେ କି ସୁମରି । ମୀନ ଜଳହୀନରେ ଯାଏ ମରି ।।୮।
ହୋଇ ହାସରେ କୁସୁମ ବିଜିତ । ମକରନ୍ଦ ଛଳେ ଅଶ୍ରୁ ତେଜିତ ।।୯।
ରମ୍ଭା ଉପମା ପଦ ପ୍ରଦେଶକେ । ଆଉ କେହୁ ସମ ହେବ ଅଂଶକେ ।।୧୦।
କୁନ୍ଦକୋରକ ହୀରକ ରଦନା । ସୁଧାକର ସରସିଜ ବଦନା ।।୧୧।
ଏ ପ୍ରୟୋଗ ପରମ୍ପରା ଅଛିତ । ବାଳାଠାରେ ବର୍ଣ୍ଣିବାର କୁତ୍ସିତ ।।୧୨।
କଞ୍ଜ ଖଞ୍ଜନ ଗଞ୍ଜନ ଲୋଚନା । ମତ୍ତପରଭୃତଜିତ ବଚନ ।।୧୩।
ଏ ବିଧିରେ ବର୍ଣ୍ଣିଲେ ସେ ଚତୁରୀ । କେତେ ହୋଇବ କବିତା ଚାତୁରୀ ।।୧୪।
ଯହିଁ କୃଶ କଲା ମଧ ଶୋଭିତ । ତାହି ଚାହିଁ ହେଉଥାଇ ଲୋଭିତ ।।୧୫।
ତହିଁ ସୁନ୍ଦରେ ସୁନ୍ଦର ହୋଇଲେ । କିସ ଅଧିକ ହୋଇବ ବୋଇଲେ ।।୧୬।

[‘କାନ୍ତି’ ଶୋଭା, ‘ପାରାବାର’ ସମୁଦ୍ର ‘ପରିଚାର’ ଚାକର, ‘କମ୍ବୁ’ ଶଙ୍ଖ, ‘ରମ୍ଭା’ କଦଳୀ ବୃକ୍ଷ ଆଉ ଅପ୍ସରା, ‘କୁନ୍ଦକୋରକ’ କୁନ୍ଦକଢ଼, ‘କଞ୍ଜ’ ପଦ୍ମ, ‘ପରଭୃତ’ କୋକିଳ ।]

ଗୌରବର୍ଣ୍ଣକୁ କେତକୀ, ସ୍ତନକୁ ମନ୍ଦରପର୍ବତ, ନାସାକୁ ଶୁକ, ମୁଖକୁ ଦର୍ପଣ, କଣ୍ଠକୁ ଶଙ୍ଖ, ନେତ୍ରକୁ ମୀନ, ହାସକୁ କୁସୁମ, ଉରୁକୁ କଦଳୀବୃକ୍ଷ ସହିତ କବିମାନେ ଉପମିତ କରନ୍ତି ଅତଏବ ଗ୍ରନ୍ଥକର୍ତ୍ତା ଭଙ୍ଗିରେ କହିଅଛନ୍ତି ଯେ “କେତକୀ ଶରୀର ଶୋଭା ଝଟକକୁ ଦେଖି ମୋତେ ନେଇ ଏହା ସହିତ ତୁଳନା କଲେ ମୋହର ମାନ୍ୟ ଯିବ ଏହି ଭୟରେ କଣ୍ଟକ ଦୁର୍ଗ କରି ତହିଁରେ ଲୁଚିଛି; ମନ୍ଦର ପର୍ବତ ସ୍ତନକୁ ଅବଲୋକନ କରି ମୁଁ କାହିଁକି ସମୁଦ୍ରରେ ବୁଡି ନ ମଲି ବିଚାରଇ; ଶୁକ ନାସାପୁଡ଼ା ଫୁଲିବାର ଅନାଇ ଲାବଣ୍ୟବତୀର ମନକୁ ମନାଇବାପାଇଁ ଭାଷାପ୍ରବନ୍ଧରେ ମନୁଷ୍ୟ ପରି କଥା କହଇ; ମୁଖର ଚାକଚକ୍ୟ ଦର୍ଶନରେ ଦର୍ପଣର ନୈର୍ମଲ୍ୟ ଦର୍ପହତ ହେବାରୁ ସେ ସ୍ୱ-ଇଚ୍ଛାରେ ଲାବଣ୍ୟବତୀର ମୁଖ ନିକଟରେ ଚାକରପଣ ପ୍ରଚାର କଲା ଅର୍ଥାତ୍ ସମ୍ମୁଖରେ ଚାକର ପରି ରହିଲା; ଶଙ୍ଖକଣ୍ଠକୁଦେଖି ମୁଁ ସମାନ ନୋହେଁ ବୋଲି ପ୍ରାତଃକାଳରୁ * ଡାକଇ; ମୀନ ସ୍ଥଳକୁ ଧରା ହୋଇଆସିଲେ ବୋଧହୁଏ ନେତ୍ର ସଙ୍ଗେ ମୋତେ ଲକ୍ଷ୍ୟ କରିବେ ଏହି ଭୟରେ ମରିଯାଏ; ପୁଷ୍ପସବୁ ହାସଦ୍ୱାରା ପରାଜିତହୋଇ ମକରନ୍ଦ ବ୍ୟାଜରେ ଲୋତକଜଳ ତ୍ୟାଗକରନ୍ତି ଆଉରମ୍ଭା ବୋଲି ଏକ ପରମସୁନ୍ଦରୀ ଅପ୍ସରା ସ୍ୱର୍ଗରେ ଅଛି ସେ ଲାବଣ୍ୟବତୀର ସୁନ୍ଦରୀପଣକୁ ଲକ୍ଷ୍ୟ ହେବା ତେଣିକି ଥାଉ ପଦର ଏକପ୍ରଦେଶର ଶୋଭାକୁ ଉପମାଯୋଗ୍ୟ ଅର୍ଥାତ୍ ରମ୍ଭାବୃକ୍ଷ ତୁଲ୍ୟ ଉରୁ । ଆଉ ଏପରି ସୁନ୍ଦରୀ କିଏ ଅଛି ଯେ ଏହା ଶୋଭାର ଏକ ଅଂଶକୁ ସମାନ ହୋଇପାରିବ ? କଥା

* ସକାଳୁଁ ଦେବାଳୟମାନଙ୍କରେ ଶଙ୍ଖ ବାଜିବାର ପ୍ରଥା ଅଛି ।

ଚାତୁରୀ ସହିତ ଏପରି ବର୍ଣ୍ଣନାଗୁଡ଼ିକ ଘଟାଇବାଦ୍ୱାରା କବି ଆପଣା ରଚନା ଶକ୍ତିର ସୁନ୍ଦର ପରିଚୟ ଦେଖାଇ ଅଛନ୍ତି ସନ୍ଦେହ ନାହିଁ ।

କବି ଲାବଣ୍ୟବତୀକି ଐଶ୍ୱର୍ଯ୍ୟଶାଳିନୀ ରାଜନନ୍ଦିନୀ କରି, ସମବୟସ୍କା ନବଯୌବନା ପରିଚାରିକାମାନଙ୍କୁ ଯେପରି ତାହାଙ୍କ ସେବାନୁରକ୍ତା କରିଅଛନ୍ତି ତାହା ଏହିଠାରେ ପ୍ରକାଶ କରାଯାଉଅଛି ।

ଏପ୍ରକାରେ ସୁନ୍ଦରୀ କୃଶୋଦରୀ । ଅଛି ଦିନେ ସେ ଶୟନ ଆଦରି ।୧୭।
ନିଦ୍ରା ନାଶ ଅବକାଶ ଆଶରେ । ଜଗିଛନ୍ତି ଏତେ ସଖୀ ପାଶରେ ।୧୮।
ନିଜଧାତ୍ରୀପୁତ୍ରୀ ହେମମଞ୍ଜରୀ । ଅକ୍ଷିପକ୍ଷି ବନ୍ଦିକି ସେ ପଞ୍ଜରୀ ।୧୯।
କାମକଳା ନାମ ମନ୍ତ୍ରିଦୁହିତା । ବିହି ବିନ୍ଧାଣୀ ବୋଲାଇ ବିହି ତା ।୨୦।
ରସଲେଖା ସୁରେଖା ଚିତ୍ରଲେଖା । ହାରାବଳୀ ଚନ୍ଦ୍ରାବଳୀ ଏଲେଖା ।୨୧।
ରତ୍ନମାଳା ହେମମାଳା ବିମଳା । ପ୍ରେମଶୀଳା ସୁଶୀଳା ପରିମଳା ।୨୨।
କଳ୍ପଲତା ମଦାଳସା ମଞ୍ଜୁଳା । ପ୍ରେମସୁଧାନିଧି ପ୍ରଭାମଞ୍ଜୁଳା ।୨୩।
ଷୋଳ ସାମନ୍ତସୁତା ରୂପସରି । କାହୁଁ ହୋଇବେ ସ୍ୱର୍ଗଅପସରୀ ।୨୪।
ଅଙ୍ଗୁଁ ସ୍ୱେଦ ନୋହିବାକୁ ଜନିତା । ଚାଳେ ଫୁଲବ୍ୟଜନ କେ ବନିତା ।୨୫।
ଖଦି ଚାମର ରାଜ ଉପଚାର । ଭାଳି କେହି କେହି କରେ ପ୍ରଚାର ।୨୬।
କରି ଚରଣେ କର ନିବେଶନ । ଧୀରେ ୨ କେ କରେ ଆଶ୍ୱାସନ ।୨୭।
ପୂଗ ଖଦିର ଚୂର୍ଣ୍ଣେ କେ ଶୋଭାଙ୍ଗୀ । ଦିବ୍ୟ ପଳିତନାଗବଲ୍ଲୀ ଭାଙ୍ଗି ।୨୮।
ବାଛି ଝିନବାସ କୁଞ୍ଚି ସତ୍ୱରେ । ଉଞ୍ଚି ରଖିଛି କେ ଚୁଆ ଅତରେ ।୨୯।
ଦଳମାନ ହରି କରି ସେବତୀ । ଗୁନ୍ଥିଅଛି କେ ମାନିଆ ଯୁବତି ।୩୦।
ଝରା ଶିକଳୀ ଗଳାକୁ ମାଳିକା । କରୁଛନ୍ତି କେହି କେହି ବାଳିକା ।୩୧।
ଭରି ଲବଣୀ ସିନ୍ଦୂର ଦଳନା । କରୁଅଛି ବସି କେଉଁ ଲଳନା ।୩୨।
ମୃଗମଦ ଗୋଳୁଛି କେଉଁ ମିତ । କୁଚ ବିଚିତ୍ର ଚିତ୍ରକ ନିମିତ୍ତ ।୩୩।
ପେଡୀ ଫେଡି କେ ବାଛୁଚି ରତନ । ଅଳଙ୍କାରେ ଯେଉଁମାନ ଯତନ ।୩୪।
ଘନସାର ମିଶାଇ ଚନ୍ଦନରେ । କେହୁ ଥୋଇଛି ହରଷ ମନରେ ।୩୫।
ସଖୀମାନଙ୍କର ଏହି ବ୍ୟାପାର । ପରିବାରିକା ଅଛନ୍ତି ଅପାର ।୩୬।
ଫୁଲ ଫଳକର ନାମ † ଉଦିତ । ଧରି ଝରୀ ପରିଖ କେ ମୋଦିତ ।୩୭।
କେହୁ କରୁଛି ମୁକୁର ମାର୍ଜ୍ଜନା । କେ ଖରଡ ପାରିବାରେ ରଞ୍ଜନା ।୩୮।
ଅପସର କେ ଦେଉଛି ସତ୍ୱରେ । ପୀଠ ପକାଉଛି କେହୁ ଚତ୍ୱରେ ।୩୯।
ଜଳ ଆଣୁଛି କେ ହେମକୁମ୍ଭରେ । ନାହିଁଅସର ଏହି ଆରମ୍ଭରେ ।୪୦।

[‘ଅବକାଶ’ ସମୟ, ‘ଅକ୍ଷି’ ଆଖି, ‘ସ୍ୱେଦ’ ଝାଳ, ‘ଫୁଲବ୍ୟଜନ’ ଫୁଲବିଞ୍ଚଣା, ‘ପୂଗ’

† ଚମ୍ପା, କମଳା ।

ଗୁଆ, 'ପଳିତନାଗବଲ୍ଲୀ' ପାଚିଲାପାନ, 'ଉଞ୍ଛି' ସାଉଳିକରି, 'ଦଳ' ପାଖୁଡ଼ା, 'ମାନିଆ' ଗୁଚ୍ଛିତଫୁଲଗୁଚ୍ଛ, 'ମୃଗମଦ' କସ୍ତୁରୀ, 'ଘନସାର' କର୍ପୂର, 'ପରିଖ' ଜଳପାତ୍ରବିଶେଷ, 'ମୁକୁର' ଦର୍ପଣ, 'ଖରଡ଼' ଗାଲିଚା, 'ଅପସର' ତକିଆ, 'ପୀଠ' ପିଢ଼ା ।]

## ସୌଦାମିନୀ ।

ଚିତୋର ଦୁର୍ଗ ଆକ୍ରମଣ କରିବା ସହଜ କଥା ନୁହେ । ମୁଶଲମାନ ରାଜପୁତଙ୍କର ଅନେକଦିନ କ୍ରମାଗତ ଯୁଦ୍ଧ ହେଲା; ଅବଶେଷରେ ରାଜା ଭୀମସିଂହ ପରାସ୍ତ ଓ ଶତ୍ରୁହସ୍ତରେ ଶମନସଦନକୁ ପ୍ରେରିତ ହେଲେ । ଦୁର୍ଗ ଅଧିକାର ହୁଅନ୍ତେ ଆଲା କେତେକଜଣ ଲୋକ ସହିତରେ ଅନ୍ତଃପୁରକୁ ଯାଇ ଦେଖିଲେ ଯେ ସମସ୍ତ ସ୍ଥାନ ଶ୍ମଶାନ ପରି ଦିଶୁଅଛି, ଲୋକହୀନ ଓ ଶୃଙ୍ଖଳାହୀନ । ଚାରିଆଡେ ଖୋଜି ବୁଲୁଁ ୨ ଏକସ୍ଥାନରେ ଦେଖିଲେ ଯେ ପର୍ବତାକାରରେ କାଷ୍ଠମାନ ଜ୍ୱଳୁଅଛି ଓ ତହିଁରେ ମନୁଷ୍ୟର ଅବୟବମାନ ପୋଡ଼ି ଯାଉଅଛି । ଏଠାରେକହିବା ବାହୁଲ୍ୟ ଯେ ପଦ୍ମିନୀ ଓ ନଅରର ସମସ୍ତ ସ୍ତ୍ରୀଲୋକମାନେ ଆପଣାକୁ ଏହି ଅଗ୍ନିରେ ନିକ୍ଷେପ କରିଥିଲେ ।

ଆଲାଉଦ୍ଦିନ ବଡ଼ ଦୁର୍ଦ୍ଦଶାରେ ପଡ଼ିଲେ । ହତାଶା ଏକାବେଳକେ ତାହାଙ୍କର ବୁଦ୍ଧି ଶୁଦ୍ଧି ଲୋପ କରିଦେଲା । ଅତ୍ୟନ୍ତ କ୍ରୁଦ୍ଧ ହୋଇ ରାଜପୁତନାର ସମସ୍ତ ରାଜାମାନଙ୍କୁ ଜୟ କରି ଅନ୍ତଃପୁରସ୍ଥ ସ୍ତ୍ରୀଲୋକମାନଙ୍କୁ ଆତ୍ମସାତ କରିବା ନିମନ୍ତେ ପୁନର୍ବାର ପ୍ରତିଜ୍ଞା କଲେ । ଏଥରର ପ୍ରତିଜ୍ଞା କେବଳ ପ୍ରତିଜ୍ଞାନୁହେ, କୋରାନ (ଛୁଇଁ) ସ୍ପର୍ଶ କରି ଶପଥ କରିବାର ତ୍ରୁଟି (କଲେନାହିଁ) ହୋଇନଥିଲା ।

କାମଦେ(ର)ବଙ୍କ କ୍ରୀତଦାସ ଆଲାଉଦ୍ଦିନ ପ୍ରତିଜ୍ଞାର ବଶବର୍ତ୍ତୀ ହୋଇ ରାଜଗଡ଼ ଆଡ଼କୁଯାତ୍ରା କଲେ । (ଓ) ସେ ସ୍ଥାନ ଏକ ମୁହୂର୍ତ୍ତରେ ଅଧିକୃତ ହେଲା । ତହୁଁ ଆପଣାର ଅସଂଖ୍ୟ ସେନା ସହିତରେ ଉଜୟିନୀ ଆଡକୁ ଚାଲିଲେ । ବଳିଆରପତି ଦୁରଧର୍ଷ ଗଡ଼କୁରକ୍ଷା କରୁଥିଲେ (କୁ)କିନ୍ତୁ ଆଲାଉଦ୍ଦିନଙ୍କର ଅସଂଖ୍ୟ ସୈନ୍ୟ ସମକ୍ଷରେ ତାହାଙ୍କର ସୈନ୍ୟ ଯେତେ ପରାକ୍ରମୀ ଥିଲେ ମଧ ଏକଦଳ ସାମାନ୍ୟ ଲୋକ ପରି (ଦେଖାଯାନ୍ତି — ପରାକ୍ରମରେ ଯାହା ଥାଉ ।) ବଳିଆରପତି ପରାଜିତ ହେଲେ । ଆଲାଉଦ୍ଦିନଙ୍କର ମନ ଆନନ୍ଦରେ ଫୁଲି ଉଠିଲା । ଯେଉଁ ସ୍ଥାନ ଆକ୍ରମଣ କରନ୍ତି ସେହି ସ୍ଥାନ ହସ୍ତଗତ ହୁଏ । ଥରେ ସୈନ୍ୟମାନଙ୍କୁ ଜୟଧ୍ୱନି କରିବା ନିମନ୍ତେ ଅନୁମତି ଦେ(ଲେ)ଲାରୁ, 'ଆଲ୍ଲାହୁ' 'ଆଲ୍ଲାହୁ' ନାଦରେ ଆକାଶ ଛିଣ୍ଡି (ପଡ଼ିଲା) ପଡଇ । ଶତସହସ୍ର ଲୋକେ ଏକାବେଳକେ ଲମ୍ଫ ପ୍ରଦାନ କରି ଊର୍ଦ୍ଧ୍ୱଦୃଷ୍ଟିରେ ହୁଶବ୍ଦ କରିବାରୁ ବୋଧହୁଅଇ ଯେମନ୍ତ ଫୁଙ୍କରେ ଆକାଶକୁ ଉଡ଼ାଇ ଦେବେ ପରା ! ଉତ୍ସାହିତ ମନରେ ସୈନ୍ୟମାନେ ଉଜୟିନୀ ଆଡ଼କୁ ଦ୍ରୁତ ପାଦ

ନିକ୍ଷେପ କଲେ ବାଟରେ ସନ୍ଧ୍ୟାହେଲା । ଆଲାଉଦ୍ଦିନଙ୍କର ସୈନ୍ୟମାନେ ସାକ୍ଷାତ୍ ନିଶାଚର ସୁତରାଂ ସେମାନଙ୍କର ଆନନ୍ଦ ଆହୁରି ଅଧିକ ହେଲା ଆଉ ମନ ଏତେ ଦୂର ପ୍ରଫୁଲ୍ଲିତ ହୋଇଥିଲା ଯେ ଉଜ୍ଜୟିନୀ ଆଡ଼କୁ ଦଉଡ଼ି ଯିବାକୁ ଆରମ୍ଭ କଲେ ।

## ଷଷ୍ଠ ପରିଚ୍ଛେଦ ।

## ଯୁଦ୍ଧ ।

ଜୟସିଂହ ସୈନ୍ୟମାନଙ୍କୁ ସୁସଜ୍ଜିତ କରି ରଖି ଆପେ କେତେକଜଣ ସେନାପତିଙ୍କ ସହିତରେ ସମସ୍ତ ସ୍ଥାନ ଉତ୍ତମରୂପରେ ପରୀକ୍ଷା କରି ଦେଖୁଅଛନ୍ତି । ଭୟାନକ ଅନ୍ଧକାର ରାତ୍ରି; ଚତୁର୍ଦ୍ଦିଗରେ ଭୟାବହ ଦୃଶ୍ୟମାନ ଦେଖି ମନ ଅତ୍ୟନ୍ତ ଉଦ୍ବେଗ ହେଉଅଛି । କୌଣସି ଅନ୍ଧକାର ସ୍ଥାନରେ ଜଣେ ଦାଢ଼ୀଆଳ ଲୋକ ଦୃଷ୍ଟ ହୁଏ; ତହୁଁ କ୍ରୋଧମନରେ ସେହି ସ୍ଥାନକୁ ଅତି ଶୀଘ୍ର ଦୌଡ଼ି ଯାନ୍ତି କିନ୍ତୁ କାହାକୁହିଁ ନ ଦେଖି ଫେରିଆସନ୍ତି । କେତେବେଳେ ଦେଖନ୍ତି ଦୁଇ ତିନିଜଣ ପଠାଣ ଏକ ସ୍ଥାନରେ ଛିଡ଼ା ହୋଇ କଥାବାର୍ତ୍ତା କରୁଅଛନ୍ତି; ସେଠାକୁ ଦୌଡ଼ି ଯାଇ ଦେଖିଲାବେଳେ ସେମାନେ ପଳାଇ ଗଲାପରି ବୋଧହୁଏ; ଏଣେ ତେଣେ ଖୋଜନ୍ତି ମାତ୍ର କାହାକୁହିଁ ଦେଖିନପାରି ଫେରିଆସନ୍ତି । କେତେବେଳେ ଦେଖନ୍ତି ଦୂରରୁ ପଞ୍ଚାଏ ସୈନ୍ୟ ଆସୁଅଛନ୍ତି ଏବଂ ତତ୍କ୍ଷଣରେ ସୈନ୍ୟମାନଙ୍କୁ ପ୍ରସ୍ତୁତ ରହିବାର ଆଜ୍ଞା ପ୍ରଦାନ କରନ୍ତି । ଏହିପରି ଅବସ୍ଥାରେ ଘଡ଼ିଏ, ଦୁଇଘଡ଼ି, ତିନିଘଡ଼ି, କରୁ ୨ ରାତ୍ର ଦୁଇପ୍ରହର ଉପସ୍ଥିତ ହେଲା, ଏମନ୍ତ ସମୟରେ ହଠାତ୍ ଜୟସିଂହ ଭୟାବହ 'ଆଲ୍ଲାହୂ' ଶବ୍ଦ ଶୁଣିପାରିଲେ । ଉତ୍ତେଜିତମନରେ ସୈନ୍ୟମାନଙ୍କୁ ସାବଧାନ କରାଇଲେ । ସୈନ୍ୟମାନେ ତତ୍କ୍ଷଣାତ୍ ଯମକିଙ୍କର ରୂପ ଧାରଣ କଲେ । ସମସ୍ତଙ୍କ ମୁଖରେ ରାଗ ଓ ଆନନ୍ଦର ଚିହ୍ନ ଦୃଷ୍ଟ ହେଲା । ଜୟସିଂହ ସେନାପତିମାନଙ୍କୁ ସେମାନଙ୍କର ନିଜ ୨ ସ୍ଥାନ ଦେଖାଇ ଦେଇଁ ଆପେ ଦଳର ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ରହିଲେ ।

ସମୁଦ୍ର ଲହରୀପରି ଯବନସେବା ନଗର ଆଡ଼କୁ ମାଡ଼ି ଆସିଲେ । ତୋଫାନରେ ସମୁଦ୍ରରେ ଯେପରି ଭୟାନକ ଶବ୍ଦ ଉତ୍ଥିତ ହୁଏ ଶତ୍ରୁସୈନ୍ୟ ଦେଖିବା ମାତ୍ରକେ ଯବନ ସେନା ସେହିପରି ହୋଇ ଉଠିଲେ । ଏଆଡ଼େ ରାଜପୁତ ସୈନ୍ୟ 'ହର' ୨(ରୀ), ଶବ୍ଦରେ ଚତୁର୍ଦ୍ଦିକ ଏପରି କମ୍ପାଇ ଦେଲେ ଯେ ବୋଧହେଲା ଯେମନ୍ତ ସେ ଶବ୍ଦ ଭୋଳାନାଥ ଠାକୁରଙ୍କର ମନ୍ଦିରରେ ପହୁଞ୍ଚିଥିବ ଏବଂ 'ହର' ୨ ଶବ୍ଦରେ ଜାଗରି(ରୀ)ତ ହୋଇ ନନ୍ଦୀକି କିଏ ତାଙ୍କ ନାମଧରି ଉତ୍ସାହିତ ହୋଇ ଅଛନ୍ତି ତାହା ଦେଖିବାକୁ ଡାକ

ପକାଇଥିବେ !! କ୍ରମେ ଚତୁର୍ଦ୍ଦିକ ଗୋଳମାଳରେ ଉଚ୍ଛୁଳି ଉଠିଲା । ନଗରର ଲୋକମାନେ ଅତ୍ୟନ୍ତ ଭୀତ ହୋଇ ଆପଣା ୨ର ଘରଦ୍ୱାର ରୁଦ୍ଧ କରି ଲୁଚି ରହିଲେ—ଘର ବନ୍ଦ ଥିଲେ ସତେ ଯେପରି ଶତ୍ରୁ ପକ୍ଷର ଲୋକମାନେ ସେମାନଙ୍କର କିଛି କରିପାରିବେ ନାହିଁ ! ଧର, ମାର, କାଟ, ହା, ହା, ଧୂମ୍, ଗୁମ୍, ଗାମ୍, ଦୂମ୍, ଦାମ୍ ଶବ୍ଦମାନଙ୍କରେ ମୂର୍ଚ୍ଛା କମ୍ପି ଉଠିଲା । ଅରଣ୍ୟର ଶୃଗାଳ ବ୍ୟାଘ୍ରାଦି ହିଂସ୍ରକ ଜନ୍ତୁମାନେ ଏ ଗୋଳମାଳରେ ଭୟଙ୍କର ଗୋଳମାଳ କଲେ ଆଉ ତର୍ଜ୍ଜନ ଗର୍ଜ୍ଜନରେ ଅରଣ୍ୟ ପ୍ରତିଧ୍ୱନିତ ହୋଇ ଫାଟି ପଡ଼ିଲା । ଗୋଟାଏ ବ୍ୟାଘ୍ର ସନ୍ଧ୍ୟା ସମୟରୁ କିଛି ଖାଇ ନ ଥିଲା, ବର୍ତ୍ତମାନ ଲୋକଙ୍କ ଶବ୍ଦରେ ଗୋଟାକୁ ଖାଇବ ବୋଲି ବହୁ(ତ) ଦୂରରୁ ଦଉଡ଼ି ଆସିଥିଲା କିନ୍ତୁ ଏତେ ଅଧିକ ଲୋକମାନଙ୍କୁ ଦେଖି ବ୍ୟାଘ୍ର ଆପଣାର ବ୍ୟାଘ୍ରତ୍ୱ ଘେନି ଫେରି ପଳାଇଲା । ଅନ୍ୟାନ୍ୟ ଜନ୍ତୁମାନଙ୍କ କଥା (କଣ) କି କହିବା, ଜୀବଶ୍ରେଷ୍ଠ ଜ୍ଞାନୀ ଲୋକମାନଙ୍କର ଏ ରୀତି ଦେଖି ସମସ୍ତେ ତ୍ରସ୍ତ ହୋଇ ରହିଲେ ।

ତୁମୂଳ ସଂଗ୍ରାମ । କେବଳ ଉତ୍ସାହଜନିତ ଶବ୍ଦ ଚତୁର୍ଦ୍ଦିଗ ଘାଣ୍ଟି ପକାଉଛି । କାହାର ଭାଇ ମରି ପଡ଼ିଲା, ସେ ତାହାକୁ ଗୋଡ଼ରେ ଦୂରକୁ ପକାଇ ଦେଇ ଯୁଦ୍ଧ କରୁଅଛି । ଜୟସିଂହ ଆଜ୍ଞା ଦେଇ ବୁଲୁଅଛନ୍ତି, ଯେ କେହି ଶତ୍ରୁ ପକ୍ଷୀୟ ଆଗରେ ପଡ଼ଇ ତାହାର ମୁଣ୍ଡ ଜୟସିଂହଙ୍କର ତରବାରିର ଭକ୍ଷ୍ୟ ପଦାର୍ଥ । କେତେକ କ୍ଷଣ ଏହିପରି ଯୁଦ୍ଧ ହେଲା ଉତ୍ତାରୁ ହଠାତ୍ ଏକଆଡ଼ରୁ ଥୋକାଏ ସୈନ୍ୟ ନଗରକୁ ଯିବାର ଦେଖାଗଲା । ତତ୍କ୍ଷଣାତ୍ ଜୟସିଂହ ସେମାନଙ୍କ ଆଡ଼କୁ ଘୋଡ଼ା ଦୌଡ଼ାଇଲେ ଏବଂ ତାହାଙ୍କ ପଛେ ୨ ଥୋକାଏ ସୈନ୍ୟ ମଧ ଦୌଡ଼ିଲେ । ଭୟାନକ ଯୁଦ୍ଧ ଉପସ୍ଥିତ ହେଲା । ଏକା ଜୟସିଂଙ୍କର ଅସ୍ତ୍ରଚାଳନ ଶକ୍ତି କି ନିଅଣ୍ଟ—ଅନ୍ୟ ଲୋକଙ୍କୁ ପଚାରେ କିଏ ? ଯବନସେନା ବଡ଼ ଦୁର୍ଦ୍ଧାନ୍ତ ଆମ୍ଭେମାନୁଁ କିନ୍ତୁ ରାଜପୁତସେନାଙ୍କ ନିକଟରେ ସେମାନେ ଭୀରୁ । ଯବନମାନଙ୍କ ଅସଂଖ୍ୟ ସଂଖ୍ୟା ସେମାନଙ୍କର (ଯୁଦ୍ଧ ଜୟର) ଜୟଲାଭର ପ୍ରଧାନ କାରଣ ନୋହିଲେ ଏକଜଣ ରାଜପୁତକୁ ତିନିଜଣ ମୁଶଲମାନ ! ଘୋର ଯୁଦ୍ଧ ହେଲା । ଯବନମାନେ ନଷ୍ଟ ହେଲେ । ଏମନ୍ତ ସମୟରେ ଆଉ ପଞ୍ଚାଏ ନଗର ଆଡ଼କୁ ଦଉଡ଼ି ଯାଉଥିବାର ଦେଖା ଗଲେ, ଜୟସିଂହ ପଛେ ପଛେ ଗୋଡ଼ାଇ ଚାଲିଲେ । ସମ୍ମୁଖରେ ଯେ ପଡ଼େ ସେ ମରେ, ଅଧିକ କଣ (କହିବା) ବିପକ୍ଷ ବଧରେ ଜୟସିଂହଙ୍କର ହସ୍ତଚାଳନ ଶକ୍ତି (ଟିକିଏ) ଅବଶ ହୋଇ ଆସିଥିଲା ।

———

## ଦ୍ୱିତୀୟ ଶିଖଯୁଦ୍ଧ ।

ମୂର୍ଖ ! ବର୍ତ୍ତମାନ ଏହି ଦୁନ୍ଦୁଭି ଧ୍ୱନି ଗ୍ରହଣ କର, ତାହା କେଉଁ କାରଣରୁ ବାଜୁଅଛି ? ମୂଳରାଜ ଦୂର୍ଗ ତ୍ୟାଗ କରି ନ ଯାଉଣୁ ତାହାଙ୍କର ସୈନ୍ୟମାନେ ବିଦ୍ରୋହୀ ହୋଇଥିଲେ ଏବଂ ଯେଉଁ ପାଞ୍ଚଶ ଶିଖ ସାହେବମାନଙ୍କ ସଙ୍ଗରେ ଆସିଥିଲେ ସେମାନେ ମଧ ବିଦ୍ରୋହୀମାନଙ୍କ ପକ୍ଷ ହୋଇଥିଲେ । ପ୍ରଥମ ଉଦ୍ୟମରେ ସାହେବ ଦୁହିଙ୍କର ମୁଣ୍ଡ ପାତ ହେଲା । ମୂଳତାନର ଜୟ ଏହିପରି ଆଉ ମୂଳତାନର ବିଦ୍ରୋହ ଏହିପରି ।

ଏଥି ପୂର୍ବରୁ ରେସିଡ଼େଣ୍ଟଙ୍କର ନୂତନ ୨ ରୀତିନୀତିର ଉଦ୍ଭାବନ ହେତୁରୁ ଅନ୍ୟାନ୍ୟ ସରଦାରମାନେ ବିରକ୍ତ ହୋଇଥିଲେ । ଝିନ୍ଦନ ସେଖପୁରାରେ ଥାଇଁ ସେହି ମଙ୍ଗଳାଙ୍କ ସାହାଯ୍ୟରେ ଷଡ଼ଯନ୍ତ୍ର କରିବାକୁ ଆରମ୍ଭ କଲେ । ସେହି ଅପରାଧରୁ କେରି ତାହାଙ୍କୁ ବାରାଣଶୀକି ନିର୍ବାସିତ କଲେ । ସମସ୍ତ ଦେଶରେ ସମସ୍ତ ଜାତି ନିର୍ବାସନକୁ ମୃତ୍ୟୁ ଅପେକ୍ଷା ଅଧିକତର ଭୟଙ୍କର ବୋଲି ମଣନ୍ତି । ପୁରୁଣା ଶ୍ରତୁ ଦୋସ୍ତ ମହମ୍ମଦ ଏହି କଥା କହି କେରିକି ନିବାରଣ କରିଥିଲେ, କେରି ମଧ ନିଜେ ବୁଝି ପାରିଥିଲେ, ତଥାପି ପ୍ରତିକାର କରି ନ ଥିଲେ । ଏଥି ଉତ୍ତାରୁ ଶିଖସରଦାରମାନେ ସ୍ପଷ୍ଟରୂପେ କହିଲେ ଯେ ଯେତେବେଳେ ରାଜ୍ୟ ଇଂରାଜମାନଙ୍କ ହସ୍ତରେ ଆଉ ରାଜମାତା ନିର୍ବାସନରେ ତେତେବେଳେ ସେମାନେ କାହାପାଇଁ ମେଳି ରାଜାଙ୍କର ବିପକ୍ଷତା କରିବେ ?

ମେଜର ଏଡ଼ୱାର୍ଡ଼ ସର୍ବପ୍ରଥମରେ ମୁଲତାନର ବିଦ୍ରୋହ ସମ୍ବାଦ ହସ୍ତଗତ ହୋଇଥିଲେ । ସେ କାଳବିଳମ୍ବ ନ କରି ଭାଗଲପୁରଠାରୁ କେତେଗୁଡ଼ିଏ ସୈନ୍ୟ ଘେନି ମୁଲତାନ ଆଡ଼କୁ ଅଗ୍ରସର ହେଲେ ଏବଂ ବାଟରୁ ରେସିଡ଼େଣ୍ଟଙ୍କୁ ଆହୁରି ସୈନ୍ୟ ପଠାଇବାପାଇଁ ପତ୍ର ଲେଖିଲେ କିନ୍ତୁ ତେତେବେଳକୁ କେରିଙ୍କ ମନରେ ଭୟ ସଞ୍ଚାର ହୋଇଥିଲା । ସେ ଲାହୋରରୁ ସୈନ୍ୟ ସଂଖ୍ୟା ହ୍ରାସ କରିବା ନିମନ୍ତେ ସାହସ କଲେ ନାହିଁ କିନ୍ତୁ କଲିକତାର ପ୍ରଧାନ ସେନାପତି ଗଫ୍ ସାହେବଙ୍କଠାକୁ ସାହାଯ୍ୟାର୍ଥ ଲେଖି ପଠାଇଲେ । ଗଫ୍ ସାହେବ ବିଚାର କଲେ ଯେ ଏବେ ଆଉ ସୈନ୍ୟ ପଠାଇବାର ଆବଶ୍ୟକ ନାହିଁ । ବାସ୍ତବରେ ସେ ଦୁର୍ଯ୍ୟୋଗରେ ଶୌର୍ଯ୍ୟବନ୍ତ ଏଡୱାର୍ଡ଼ ଆପଣା ସାହସ ଉପରେ ନିର୍ଭର କରି ଅଗ୍ରସର ହୋଇନଥିଲେ ମୁଲତାନର ବିଦ୍ରୋହ ବିଷମୟ ଆକାର ଧାରଣ କରିଥାନ୍ତା । ଏଡ଼ୱାର୍ଡ଼ ମୁଲତାନ ଅବରୋଧ କଲେ ।

ଏହି ସମୟରେ ସରଦାର ଛତ୍ରସିଂହ ହାଜାରାର ଶାସନକର୍ତ୍ତା ଥିଲେ । ତାହାଙ୍କର ପୁତ୍ର ସେରସିଂହ ଶିଖସେନାମାନଙ୍କର ସେନାପତି ହୋଇ ଏଡ଼ୱାର୍ଡ଼ଙ୍କୁ ସାହାଯ୍ୟ

କରୁଥିଲେ । ଛତ୍ରସିଂହଙ୍କ ଝିଅର ସହିତ ଦିଲ୍ଲୀପ ସିଂହଙ୍କର ବିବାହ ସମ୍ବନ୍ଧ ସ୍ଥିର ହୋଇଥିଲା । ବିବାହକାର୍ଯ୍ୟ ସମାଧା କରିବାପାଇଁ ଛତ୍ରସିଂହ କେରି ସାହେବଙ୍କୁ ଅନୁରୋଧ କଲେ । ସେହି ସମୟରେ ସମସ୍ତଙ୍କ ମନରେ ଆଶଙ୍କା ହୋଇଥିଲା ଯେ ଇଂରାଜମାନେ ପଞ୍ଜାବକୁ ଗ୍ରାସ କରିବା ଉଦ୍ୟୋଗରେ ଅଛନ୍ତି । ଏପରି ଅବସ୍ଥାରେ ଦିଲ୍ଲୀପକୁ ବିବାହ ଦେଇଥିଲେ ଲୋକଙ୍କ ମନରେ କିୟତ୍ପରିମାଣରେ ବିଶ୍ୱାସ ସଞ୍ଚାର ହୋଇଥାନ୍ତା । କିନ୍ତୁ ଯୁକ୍ତିର ଆଦେଶ କି ଛତ୍ରସିଂହଙ୍କ ଅନୁରୋଧ କେରିସାହେବଙ୍କ ନିକଟରେ କିଛିହିଁ କାର୍ଯ୍ୟକର ବୋଲି ବୋଧ ହେଲା ନାହିଁ । ତେତେବେଳେ ସେ ବିବାହ ଦେବାକୁ ଅସ୍ୱୀକାର କଲେ । ଲୋକଙ୍କର ସନ୍ଦେହ ଦୃଢ଼ୀଭୂତ ହେଲା ଆଉ ନିର୍ମେଘ ଗଗନରେ ଜଳବିନ୍ଦୁ ସଂଯୋଗ ହେବାର ଆରମ୍ଭ ହେଲା ।

ଏହି ସମୟରେ କାପ୍ତେନ ଏବଟ ହାଜରାରେ ଏକଦଳ ସୈନ୍ୟ ସେନାପତି ଥିଲେ । ଯେଉଁମାନେ 'ଅଙ୍କଲଟମ *' ପାଠକରି ଅଛନ୍ତି ସେମାନେ ଜାଣନ୍ତି ଶ୍ୱେତ ଓ କୃଷ୍ଣଚର୍ମ୍ମରେ କେତେ ପ୍ରଭେଦ ଅଛି । ଆମ୍ଭେ ତୁମ୍ଭର ଦାସ ଅଟୁ, ଆମ୍ଭେ ଶାନ୍ତପ୍ରକୃତି ସୁଶିକ୍ଷିତ ବୃଦ୍ଧ—ତୁମ୍ଭେ ସୁରାପାୟୀ ଦୁଶ୍ଚରିତ୍ର ଉଦ୍ଧତ ଯୁବା । ତୁମ୍ଭ ହାତରେ ନୂତନ ବେତ କିନ୍ତୁ ଆମ୍ଭ ହାତରେ କୋମଳଚର୍ମ୍ମ ଅଛି । ତୁମ୍ଭର ଅଭିଳାଷ ହୋଇଅଛି ଆମ୍ଭର ପୃଷ୍ଠର ପରୀକ୍ଷା କରିବ କିନ୍ତୁ ତେତେବେଳେ ଆମ୍ଭର ନିର୍ଜ୍ଜୀବତା, ବୃଦ୍ଧତ୍ୱ, ଓ ଭକ୍ତି କୌଣସି କାର୍ଯ୍ୟର ନୁହେ କାହିଁକି ନା ଆମ୍ଭେ ତୁମ୍ଭର ଗୋଲାମ କୃଷ୍ଣଦାସ । ଏବଟ ହାଜାରାର ଲେଗି ସାହେବ ଅଟନ୍ତି । ଛତ୍ରସିଂହ ଦେଶପୂଜ୍ୟ ବୟୋବୃଦ୍ଧ ଶାସନକର୍ତ୍ତା ହେଲେ କଣ ହେବ, ସେଯେ ଶିଖ ଆଉ ଏବଟ ? ତାହାଙ୍କର ଶ୍ୱେତଚର୍ମ୍ମ । ଏବଟଙ୍କ କୃତସଂକଳ୍ପ ସେ ଛତ୍ରସିଂହଙ୍କୁ ଅପମାନିତ କରିବେ । କେତେଥର କେତେ ମିଥ୍ୟା ଦୋଷାରୋପକରି ସେ ଉପରବାଲାଙ୍କ ନିକଟରେ ଛତ୍ରସିଂହଙ୍କ ବିରୁଦ୍ଧରେ ନାଲିସ୍ କରିଥିଲେ କିନ୍ତୁ ସେଥିରେ କୌଣସି ଫଳୋଦୟ ହେଲା ନାହିଁ ବରଂ ଆପେ ଭୀତଚିତ୍ତ ଓ ଅପରିଣାମଦର୍ଶୀ ବୋଲି ନିନ୍ଦିତ ହେଲେ । ତେବେ ସୁଦ୍ଧା ଏବଟଙ୍କ ପିତ୍ତରୋଗର ପ୍ରତିକାର ହେଲା ନାହିଁ । ବରଂ ଦିନକୁଦିନ ବୃଦ୍ଧି ହେଲା । ଏଥିଉତ୍ତାରୁ ଉଦ୍ଧତ ଯୁବାର ଦୌରାତ୍ମ୍ୟ ଅସହ୍ୟ ହେଲାରୁ ଛତ୍ରସିଂହ ହାଜରାରେ ଏବଂ ତଦୀୟ ପୁତ୍ର ସେରସିଂହ ମୁଲତାନରେ ବିଦ୍ରୋହ ପତାକା ଉଡ଼ାଇଲେ । ଏହିରୂପରେ କେରିର ଅକର୍ମଣ୍ୟତା ଡାଲହୌଷିଙ୍କ ବୁଭୁକ୍ଷାରୁ ଦ୍ୱିତୀୟ ଶିଖଯୁଦ୍ଧର ଆରମ୍ଭ ହେଲା । । କ୍ରମଶଃ

---

* ଇଂରାଜୀ ଭାଷାରେ ଏହି ନାମରେ ଖଣ୍ଡିଏ ଉପନ୍ୟାସ ଅଛି ।

## ଗୋଟିଏ ଘଟନା !!

ଜଣେ ଦୁରାତ୍ମା— ତୁମ୍ଭଙ୍କୁ ମାରିଲେ ତୁମ୍ଭର ଜିନିସସବୁ ନେଇ ଯିବା ।

ଧନେଶ୍ୱର— ଯେବେ ଜିନିସ ନେବାକୁ ଆପଣଙ୍କର ଇଚ୍ଛା ଥାଏ ତେବେ ଆମ୍ଭେମାନେ ସବୁ ଦେଉଅଛୁଁ ନିଅ । ଆଉ ଆମ୍ଭଙ୍କୁ ମାରିବ କାହିଁକି ? ଆମ୍ଭେମାନେ ଶ୍ରୀ ଜଗନ୍ନାଥଜିଉଙ୍କର ନିଜସେବକ, ଆମ୍ଭଙ୍କୁ ଯେ ମାରିବ ତାହା ବଂଶରେ ପାଣିଦେବାକୁ କେହି ରହିବେ ନାହିଁ ।

ଦୁଃ ଦୁଃ— କେମନ୍ତ ! ତୁମ୍ଭେ ଜଗନ୍ନାଥଙ୍କର ସେବକ ?

ଧନେ — ହଁ ଆମ୍ଭେ ସେବକ—

ଦୁଃ ଦୁଃ— ଆଚ୍ଛା ତେବେ କହିଲଭଲା-ଜଗନ୍ନାଥଙ୍କର କେଉଁପାଖରେ ବିମଳା ଆଉ କେଉଁ ପାଖରେ ଅରୁଣ ଖୁମ୍ବ, କେଉଁ ପାଖରେ କୋଇଲିବଇକୁଣ୍ଠ ?

ଧନେ — (କିଞ୍ଚିତ୍ ସାହସ ଅବଲମ୍ବନ କରି) ବିମଳା ଠାକୁରାଣୀ ପଶ୍ଚିମ ପାଖରେ ଓ ବେଢ଼ା ଭିତରେ, କୋଇଲି ବୈକୁଣ୍ଠ ଉତ୍ତରରେ ଓ ଅରୁଣ ଖୁମ୍ବ ପୂର୍ବରେ କିନ୍ତୁ ବେଢ଼ାର ବାହାରେ ।

ଧନେଶ୍ୱର ସେ ଦୁରାତ୍ମା ପ୍ରଶ୍ନର ଉତ୍ତର କଲାପରେ ଆଉ କେତେକ କଥା ମଧ୍ୟ ଅଧିକ କହିଲେ । ତାହାଶୁଣି ଜଣେ ଦୁରାତ୍ମା ପ୍ରଶ୍ନ କଲା "ତୁମ୍ଭେ ଆମ୍ଭଙ୍କୁ ଦର୍ଶନ କରାଇ ପାରିବ ।"

ଧନେ — କାହିଁକି ନ କରାଇବୁଁ ? ଦର୍ଶନ କରେଇବୁଁ,—ବେଢ଼ା ବୁଲାଇବୁଁ— ମହାପ୍ରସାଦ ସେବା କରେଇବୁଁ, —ଭୋଗ କରେଇବୁଁ ।

ଏହାଶୁଣି ଦୁରାତ୍ମାମାନେ ପଥିକଦ୍ୱୟଙ୍କୁ କହିଲେ "ଆଚ୍ଛା ! ତୁମ୍ଭେମାନେ ସ୍ନାନ ଭୋଜନ କର ଆମ୍ଭେ ଆଉ ତୁମ୍ଭଙ୍କୁ ମାରିବୁ ନାହିଁ" ତଦନୁସାରେ ପଥିକ ଦ୍ୱୟ କିଞ୍ଚିତ୍ ଧୈର୍ଯ୍ୟାବଲମ୍ବନ ପୂର୍ବକ ସ୍ନାନ କଲେ ଓ ମନେ ୨ ପିତୃ ପିତାମହାଦି ଓ ଇଷ୍ଟଦେବତାଙ୍କୁ ଜଳାଞ୍ଜଳି ପ୍ରଦାନ କଲେ । କେବଳ ଜଗନ୍ନାଥଙ୍କୁ ମନେ ୨ ସ୍ମରଣ କରୁଥାନ୍ତି । ବଞ୍ଚିବା ଆଶା ସେମାନଙ୍କର ଅତିଅଳ୍ପ ଥାଏ । ବ୍ରାହ୍ମଣଦ୍ୱୟ ତିଳକାଦି କାର୍ଯ୍ୟ ଶେଷ କରି ଜଳଖିଆ କରିବାକୁ ବଶିଲେ । କେଜାଣି ମୁହଁକୁ ଗୁଣ୍ଡାଏ ନେଇଛନ୍ତି କି ନାହିଁ ପୂର୍ବୋକ୍ତ ଦୁରାତ୍ମାମାନଙ୍କପରି ଆହୁରି ଚାରିଜଣ ଆସି ପହୁଞ୍ଚିଲେ ଓ 'ପଥିକମାନଙ୍କୁ ଏ ପର୍ଯ୍ୟନ୍ତ ଜୀବିତାବସ୍ଥାରେ ରଖିଚ ?' ବୋଲି କହି ପୂର୍ବ ଦୁରାତ୍ମାମାନଙ୍କ ପ୍ରତି ବିରକ୍ତି ପ୍ରକାଶ କଲେ । ଶୀଘ୍ର ପଥିକଙ୍କ ଶିରଚ୍ଛେଦନ କର ବୋଲି ଆଜ୍ଞା ପ୍ରଦାନ କଲେ । ପାଠକେ !

କହଦେଖି ଏ ଅବସ୍ଥାରେ ପଥିକଙ୍କ ମନ କେମନ୍ତ ହୋଇଥିବ ? ସେମାନଙ୍କର ଖାଇବାର ଯେତିକି ହୋଇଥିଲା ତେତିକି, ଆଉ ହାତଗୋଡ଼ ଚଳିଲା ନାହିଁ । ମନେ ୨ ସ୍ୱ ୨ ସ୍ତ୍ରୀ ବାଳକଙ୍କୁ ସ୍ମରଣ କରି ଲୋତକଧାର ବର୍ଷାଇଲେ । ହାତ ଗୋଡ଼ ଓ ମୁଖମଣ୍ଡଳ ସ୍ୱେଦାକ୍ତ ହୋଇଗଲା । ନବାଗତ ଦୁରାତ୍ମାଙ୍କ ଆଦେଶାନୁସାରେ ପୂର୍ବ ଦୁରାତ୍ମାଙ୍କ ମଧ୍ୟରୁ ଜଣେ ଫାରଶା ଉତ୍ତୋଳିତ କରି ପଥିକଙ୍କ ନିକଟବର୍ତ୍ତି ହେଲା । ତେତେବେଳେ ପଥିକଦ୍ୱୟ କାଳପାଶଧାରି ଯମକୁ ନିକଟରେ ଦେଖି ଉଚ୍ଚୈଃସ୍ୱରରେ ଏତିକିମାତ୍ର କହିଲେ "ହେ ଇନ୍ଦ୍ରାଦି ଦଶ ଦିକ୍‌ପାଳ ! ଆମ୍ଭେ ଶ୍ରୀ ଜଗନ୍ନାଥଙ୍କର ସେବକ ଆମ୍ଭଙ୍କୁ ଯେ ଅକାରଣରେ ବଧ କରିବ ତାହାର ବଂଶ ନାଶ ହେବ-ନାଶହେବ-ନାଶହେବ" । ଏ ଶବ୍ଦ ନବାଗତ ଦୁରାତ୍ମାମାନଙ୍କ ଅଧିକାରିର କର୍ଣ୍ଣବାଟେ ଅନ୍ତଃକରଣରେ ପ୍ରବେଶ ହୋଇ ଅନ୍ତଃକରଣକୁ ତରଳିତ କରି ପକାଇଲା । ସେମାନେ ବଧକାରିକି ନିବାରଣ କରି ପଥିକଙ୍କୁ ପୂର୍ବ ଦୁରାତ୍ମା ପରି ପଚାରିଲା "ତୁମ୍ଭେମାନେ ଯେବେ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ସେବକ ତେବେ ଏଠାକୁ କାହିଁକି ଆସିଲ ?"

ଧନେଶ୍ୱର—ଆମ୍ଭର କିଛି ଟଙ୍କା କରଜ ଅଛି ଯେ ତାହା ପରିଶୋଧ କରି ପାରିଲୁଁ ନାହିଁ । ଏଣୁକରି ବିଦେଶରେ ମହାପ୍ରସାଦ ଦେଇ କିଛି ଭିକ୍ଷା କରି ନେଲେ ପରିଶୋଧ କରିବୁଁ ଏହି ମାସନରେ ଆସିଥିଲୁଁ । ଏବେ ଧନ ଉପାର୍ଜନ ତେଣିକି ଥାଉ ଜୀବନ ସୁଦ୍ଧା ହରାଇ ବସିବୁଁ ।

ସେଦୁଃ—ଆଛା ତୁମ୍ଭଠାରେ ମହାପ୍ରସାଦ ଅଛି ?

ଧନେ—ହଁ ଅଛି ।

ସେଦୁଃ—ତେବେ ଟିକିଏ ଆମ୍ଭଙ୍କୁ ଦିଅ ।

ଧନେଶ୍ୱର ଯାଉଁଳିରୁ ମହାପ୍ରସାଦ ବାହାରକରି ତାକୁ ଦେଲେ ଏବଂ ମନେ ୨ ଜଗନ୍ନାଥଙ୍କୁ କହିଲେ ହେ ନୀଳାଦ୍ରିସିଂହ ! ଆମ୍ଭଙ୍କୁ ଏ ବିପଦରୁ ରକ୍ଷାକର ।

ତହିଁଉତ୍ତାରୁ ସେ ଦୁରାତ୍ମା ତାହାଙ୍କୁ କହିଲା "ଆଛା ତୁମ୍ଭେ ଯେବେ ଆମ୍ଭ ରାଜାଙ୍କ ନିକଟକୁ ଯିବ ତେବେ ସେ ଯେପରି ହୁକୁମ କରିବେ ଆମ୍ଭେ ମାନେ ସେପରି କରିବୁଁ" ଏହା ଶୁଣି ପଥିକ ମନେ ୨ ବିଚାର କଲେ "ଆମ୍ଭର ଯନ୍ତ୍ରଣା କି ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ ! ଆମ୍ଭେମାନେ କି ଦୁର୍ଯୋଗରେ ଏ ଯାତ୍ରା ଆରମ୍ଭ କରିଥିଲୁଁ !!" ଯାହା ହେଉ ଜୀବନାଶାରେ ତହିଁରେ ମଧ ସମ୍ମତ ହେଲେ । ତହୁଁ ସେ ଦୁରାତ୍ମାମାନେ ନିଜ ଅଧିକାରିର ଆଦେଶନୁସାରେ ପଥିକଦ୍ୱୟଙ୍କ ନେତ୍ରକୁ ବସ୍ତ୍ରଦ୍ୱାରା ବନ୍ଦ କଲେ ଓ ଜଙ୍ଗଲ ମଧ୍ୟରୁ ସେମାନଙ୍କ ରକ୍ଷିତ ଦୁଇଗୋଟି ବାଁଉଶଦ୍ୱାରା ଗୋଟିଏ ଖଟିଆ ନିର୍ମାଣ କରି ପଥିକଦ୍ୱୟଙ୍କୁ ତହିଁରେ ବସାଇଲେ ଓ କାନ୍ଧରେ ବହି ଚାଲିଲେ । ସେସ୍ଥାନରୁ ପଥିକମାନେ

ଯେ କେଉଁ ଦିଗକୁ ଗଲେ ତାହା ବୁଝିବାର କ୍ଷମତା ଆଉ ପଥିକଙ୍କ ହାତରେ ନ ଥିଲା କେବଳ ଏତିକିମାତ୍ର ଜାଣନ୍ତି ଯେ ତାଙ୍କୁ ସେ ବାହକମାନେ ଅନ୍ୟ ବାହକ ହାତରେ ସମର୍ପଣ କରିଥିଲେ ।

ସେ ନବବାହକମାନେ ପ୍ରଥମରେ ''ଏହାଙ୍କୁ କାହିଁକି ଜୀବିତାବସ୍ଥାରେ ରଖି ରାଜାଙ୍କ ଛାମୁକୁ ନେଉଅଛ'' ବୋଲି ଆପତ୍ତି କରିଥିଲେ କିନ୍ତୁ ପୂର୍ବୋକ୍ତ ଅଧିକାରିଙ୍କ ଦତ୍ତ ସଙ୍କେତ ସନ୍ଦର୍ଶନ କରି ପଥିକଙ୍କୁ ବହନକରି ଗମନ କଲେ । ଏହିପ୍ରକାର ଚାରିଥର ବାହକଙ୍କର ବଦଳୀ ହୋଇଥିଲା । ପ୍ରତ୍ୟେକ ଥର ବାହକମାନେ ପ୍ରାୟ ୨ ଘଣ୍ଟା ପରେ ବଦଳୀ ହେଉଥିଲେ । ତାପରେ  ରାତ୍ର ୬।୭ଘଡ଼ି ସମୟରେ ପଥିକଦ୍ୱୟ ଯାଇଁ ଏକ ସ୍ଥାନରେ ଉପସ୍ଥିତ ହେଲେ ଓ ସେମାନଙ୍କ ଆଖିରୁ ବନ୍ଧନ ଫିଟାଇ ଦିଆଗଲାରୁ ସେମାନେ ସେଠାରେ ଗୋଟିଏ ସୁଦୀର୍ଘ ବସତି ଦେଖିଲେ । ସେ ବସତିଟି ସାଧାରଣ ଗ୍ରାମ ଅପେକ୍ଷା ଆକୃତିରେ ବଡ଼ ଓ ଅବସ୍ଥାରେ ଉନ୍ନତ । ତାହାର ମଧଭାଗରେ ରାଜାଙ୍କ ଘର । ଅନ୍ୟାନ୍ୟ ଘର ସହିତ ତୁଳନା କଲେ ସେ ଘର ଯେ ରାଜାଙ୍କ ଘର ତାହା ସହଜରେ ଜଣାପଡୁଥିଲା । ପଥିକମାନେ ରାଜାଙ୍କ ଗୃହର ନିକଟବର୍ତ୍ତି ଏକ ଗୃହରେ ବସା ପାଇ ରହିଲେ ଓ ଅଳ୍ପକାଳ ଉତ୍ତାରୁ ପ୍ରଚୁର ପରିମାଣରେ ଖାଦ୍ୟସାମଗ୍ରୀ ମଧ ତାଙ୍କ ନିକଟରେ ପହୁଞ୍ଚିଲା । କିନ୍ତୁ ତାଙ୍କର ଏପ୍ରକାର ଅବସ୍ଥାରେ କି ଖାଇବାକୁ ମନ ହେବ ? ''କେଉଁଠାରେ ଥିଲୁଁ, କେଉଁଠାରେ ପହୁଞ୍ଚିଲୁଁ ଓ ଶେଷରେ କି ଫଳ ହେବ'' ଏହି ଚିନ୍ତା କରୁ ୨ ତାଙ୍କ ନୟନରୁ ଅଶ୍ରୁଧାରା ପ୍ରବାହିତ ହେଉଥିଲା । ବର୍ତ୍ତମାନ ମୃତ୍ୟୁ କେବଳ ତାଙ୍କୁ ଶ୍ରେୟସ୍କରବୋଲି ବୋଧ ହେଉଥିଲା କେଉଁଣିସି ପ୍ରକାରେ ସେ ରାତ୍ରୀ ଅତିବାହିତ କଲେ । ପରଦିନ ରାଜାଙ୍କ ସହିତ ସାକ୍ଷାତ କରିବା ସକାଶେ ନୀତ ହେଲେ । ପାପିଷ୍ଠରାଜା ସେମାନଙ୍କୁ ଦେଖିଲାମାତ୍ରକେ ନିତାନ୍ତ ବିରକ୍ତିଭାବ ପ୍ରକାଶକରି କହିଲା ''କିଏ ଏମାନଙ୍କୁ ଏଠାକୁ ଆଣିଲା ? ।''

----

## ଜୀବନ ଚିନ୍ତା

ରେ ଆତ୍ମନ୍ ନିଦ୍ରା ପରିହରି
ଫେଡ଼ି ଚିନ୍ତାର ଲୋଚନ
କର କର ନିରୀକ୍ଷଣ
ନିଃଶବ୍ଦେ ଜୀବନ-ସ୍ରୋତ ଧାଉଛି କିପରି,

ଭେଟିବାକୁ ମୃତ୍ୟୁସିନ୍ଧୁ-କରାଳ-ଲହରୀ ।୧।
କି ବେଗରେ ଯାଉଅଛି ଚାଲି
ସେହି ସ୍ରୋତସଙ୍ଗେ ଭାସି
ଜୀବନର ସୁଖରାଶି
ଯାହାର ସ୍ମରଣେ ନର-ଶୋକଶ୍ୱାସ ଢାଳି,
ଅତୀତକୁ ଉଦ୍‌ବୋଧଇ ବୃଥା ଭାଳି ଭାଳି ।୨।
ସ୍ୱପ୍ନସମ ନିଦ୍ରା-ପାରାବାରେ
କ୍ଷଣକେ ହୁଅଇ ଲୀନ
ଗର୍ବ ଦମ୍ଭ ଅଭିମାନ
ସଂସାରର ଆଡ଼ମ୍ବର ବୁଦ୍‌ବୁଦ୍ ଆକାରେ
ସକଳ ଗ୍ରାସଇ କାଳ ମୁଖ ନିର୍ବିଚାରେ ।୩।
ସେ ସିନ୍ଧୁ-ତରଙ୍ଗ-ମୁଖ ପ୍ରତି
ଆକୃଷ୍ଟ ଅଦୃଶ୍ୟଭାବେ
ହେଉଅଛି ସବୁ ଭବେ
ମୃଦୁନିର୍ଝରିଣୀ, ମହାବେଗା ସ୍ରୋତସ୍ୱତୀ,
ସୁଦୀନ ମନୁଷ୍ୟ ମହାଯଶା ମହୀପତି ।୪।
ଭବସିନ୍ଧୁ ମାୟା ଶୈଳମୟ,
ସମସ୍ତ ଛଳନାପୂର୍ଣ୍ଣ
ସେ ଶୈଳେ ସର୍ବଦା ଚୂର୍ଣ୍ଣ
ହୁଅଇ ଆଶାର ତରୀ; କାମନା ନିଚୟ
ବିଫଳ ସତତ; ଚିତ୍ତ ନୈରାଶ୍ୟ-ଆଳୟ ।୫।
ଜଗତରେ ଲୋଚନ ନନ୍ଦନ
ଯୁବତୀର ରକ୍ତାଧର
ରମ୍ୟ ଜ୍ୟୋତି ନୟନର
ସ୍ୱର୍ଣ୍ଣ ଘନ ସମ ବକ୍ଷ, ଚାରୁ ପଦ୍ମାନନ,
ଇନ୍ଦ୍ରଧନୁ ଶୋଭା ସମ ପଳାନ୍ତି ବହନ ।୬।
ଯୁବକର ତେଜ ବୀର୍ଯ୍ୟବଳ,
ପ୍ରୌଢ଼ର ଚତୁର ଜ୍ଞାନ,
ସକୌଶଳ କାର୍ଯ୍ୟମାନ
କାଳର ପ୍ରଭାବେ ଦିନେ ହୋଇବ ନିଷ୍ଫଳ,
କିଏ ଏ ଜଗତେ, କହ, ସ୍ଥିର ଅଚଞ୍ଚଳ ।୭।
ଧନ ମାନ ଯଶ ଆଦି ଯାହା
ଭାଗ୍ୟ ଦେବୀ ପ୍ରସାଦରେ
ଏ ଭବେ ଲଭନ୍ତି ନରେ
ଭାଗ୍ୟ ଚକ୍ର-ଆବର୍ତ୍ତନେ କି ବେଗରେ ଆହା
ପଳାନ୍ତିରେ ଅନୁସରି ନିଜ ୨ ରାହା ।୮।
ବିମୋହନ ମନ୍ମଥବିଳାସ
ଟାଣେ ମନ ମାୟାଯନ୍ତ୍ରେ
ଭୁଲାଏ କପଟମନ୍ତ୍ରେ,
କୌଶଳେ ଜନ୍ମାଇ ଚିତ୍ତେ କ୍ଷଣିକ ଉଲ୍ଲାସ
ରିପୁକୁଳ ବିପ୍ଳବକୁ କରାଏ ପ୍ରକାଶ ।୯।
ଆତ୍ମାରାଜ୍ୟେ ସେ ଭୀମ ବିପ୍ଳବେ,
ଧର୍ମର ପୁଣ୍ୟ ରାଜତ୍ୱ
ପ୍ରଜ୍ଞାର ମହତ ତତ୍ତ୍ୱ
ହୁଏ ପରାହତ,ପାପ ଗର୍ଜଇ ଭୈରବେ
ପଳାୟନ କରେ ଶାନ୍ତି ସେହି
ଉପଦ୍ରବେ ।୧୦।
ମୁକୁଟ ମଣ୍ଡିତ ରାଜଶିର
ନୁହଇ ଶାନ୍ତି ଆସ୍ପଦ,
ଆଶଙ୍କା ଭୟ ବିପଦ
ନିରନ୍ତର ରାଜମନ କରନ୍ତି ଅସ୍ଥିର
ଆଜିଯେ ରାଜେନ୍ଦ୍ରାସନେ କାଲିସେ ଫକୀର ।୧୧।
ପୃଥ୍ୱୀଜୟୀ ଅରାତି ଦଳନ
ଯେ ମହା ବୀରେନ୍ଦ୍ରଗଣ
କରନ୍ତି ପ୍ରଚଣ୍ଡ ରଣ
ହରନ୍ତି ଅନନ୍ତ ଧନ ତୋଷିବାକୁ ମନ
ଅତୃପ୍ତି ଅନଳେ ଜ୍ୱଳନ୍ତିରେ ଅନୁକ୍ଷଣ ।୧୨।
ଏ ସଂସାରେ ନାହିଁ ସୁଖଶାନ୍ତି,
ଅହଙ୍କାର ଦ୍ୱେଷ ରୋଷ
ଲୋଭ ମୋହ ଅସନ୍ତୋଷ
ଦୁଷ୍ଟ ରିପୁକୁଳ ଘୋର ଅନର୍ଥ ଘଟାନ୍ତି

ପାପର ଭୀଷଣାବର୍ତ୍ତେ ମାନବେ ପକାନ୍ତି ।୧୩।
କାହିଁ ଶାନ୍ତି କାହିଁ ନିତ୍ୟସୁଖ ?
ଯାହା ଲଭିବାର ଲାଗି
ଅବିରତ ଅଛି ଜଗି
ଚିତ୍ତ ଗୃହେ ଆଶା ଦୀପ ଉଜ୍ଜ୍ୱଳ-ମୟୂଖ
କାହିଁ ଗଲେ ପାଶୋରିବି ରୋଗ ପାପଦୁଃଖ ?

କ୍ରମଶଃ

ଶ୍ରୀ ମ ——

## ପ୍ରାପ୍ତଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନ ।

ଶୁଦ୍ଧିଚନ୍ଦ୍ରିକା ।–ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦ ଶର୍ମାଙ୍କଦ୍ୱାରା ଉତ୍କଳଭାଷାରେ ଅନୁବାଦ ସହିତ ପ୍ରକାଶିତ ।

ଉଲ୍ଲିଖିତ ଗ୍ରନ୍ଥଖଣ୍ଡି ଶୌଚାଶୌଚ ବ୍ୟବସ୍ଥା ବିଷୟକ ପ୍ରାଚୀନ ଗ୍ରନ୍ଥଥିବାରୁ ତଦ୍ୱିଷୟରେ କିଛିମାତ୍ର ଆମ୍ଭମାନଙ୍କର ବକ୍ତବ୍ୟ ନାହିଁ । ସୁତରାଂ ସେ ସମ୍ବନ୍ଧରେ ଅନୁବାଦକଙ୍କୁ ବା ପ୍ରକାଶକଙ୍କୁ କିଛି ବୋଲା ଯାଇ ନପାରେ । ଆଜି କାଲି ବ୍ରାହ୍ମଣମାନେ କ୍ରମରେ ଯେପରି ସଂସ୍କୃତ ଭାଷାର ହତାଦର କରୁଅଛନ୍ତି ସେଥିରେ ଯେ ସେମାନେ ଲୋକଙ୍କୁ ଶୌଚାଶୌଚ ବିଷୟରେ ପ୍ରକୃତ ବ୍ୟବସ୍ଥା ଦେଇପାରିବେ ଏପରି ସମ୍ଭାବନା ଅତ୍ୟଳ୍ପ । ଅତଏବ ବିଦ୍ୟାଭୁଷଣ ମହାଶୟ ଯେ ଅନୁବାଦ ସହିତ ଉକ୍ତ ଗ୍ରନ୍ଥକୁ ପ୍ରକାଶିତ କଲେ ଏଥିରେ ସାଧାରଣଙ୍କର ଅନେକ ଉପକାର ହେବ ସନ୍ଦେହ ନାହିଁ । ଏଥିପାଇଁ ଆମ୍ଭେମାନେ ଉକ୍ତ ପଣ୍ଡିତ ମହାଶୟଙ୍କଠାରେ କୃତଜ୍ଞ ।

ଉକ୍ତ ପୁସ୍ତକର ଅନୁବାଦ ଭାଷାବିଷୟରେ ଆମ୍ଭମାନଙ୍କର କିଛି ବକ୍ତବ୍ୟ ଅଛି । ଭାଷା ଯେ ଅଶୁଦ୍ଧ ହୋଇଅଛି ତାହା ନୁହେ, ତେବେ ଗୋଟିଏ ଶ୍ଳୋକର ଭାବ ବ୍ୟକ୍ତ କରିବାକୁ ଯେତେଗୁଡ଼ିଏ କଥା ଲେଖା ହୋଇଅଛି ତାହା ଅପେକ୍ଷା ଅଳ୍ପକଥାରେ ସେ ଶ୍ଳୋକର ଭାବ ବ୍ୟକ୍ତ ହୋଇପାରିଥାନ୍ତା । ଆଉ କେତେକ ସ୍ଥଳରେ ମୂଳଗ୍ରନ୍ଥରେ ଯାହା ନାହିଁ ତାହା ଅନୁବାଦରେ ଲେଖାଅଛି । ତଦ୍ୱାରା କେତେକ ସ୍ଥଳରେ ଉପକାର ଓ କେତେକ ସ୍ଥଳରେ ଅସଙ୍ଗତ ହୋଇଅଛି । ତାହାର ଗୋଟିଏ ମାତ୍ର ଉଦାହରଣ ଦେଲେ ଯଥେଷ୍ଟ ହେବ ।

ସର୍ବାମାସଯୁଗାଦୃତୌ ତ୍ରିଦିବସୈଃ ସ୍ତ୍ରୀ ଶୁଦ୍ଧତି ସ୍ନାନତ
ସ୍ତୂର୍ଯ୍ୟେ ସ୍ୱର୍ଶଶୁଚିଶ୍ଚ ଧର୍ମବିଧିକୃତ୍ ସ୍ୟାପୂଞ୍ଚମେ ନିଃସ୍ରବା ।

ପଣ୍ମାସାନଥ ମାସସଂଖ୍ୟକଦିନୈଃ ସ୍ରାବେଽତ୍ର ସଦ୍ୟୋଽପରଃ

ସୋର୍ଦ୍ଧ୍ୱଂ ଜାତମୃତୌ ତଥା ମୃତଜନୌ ସୂତେରଶୌଚଂ ଚରେତ୍ ।।

ଏ ଶ୍ଳୋକର ଅନୁବାଦରେ "ସୂର୍ଯ୍ୟୋଦୟ ପୂର୍ବରୁ ଯେବେ ରଜଃସ୍ରାବ ହୁଅଇ ତେବେ ପୂର୍ବଦିବସ ଗ୍ରହଣ ହୁଅଇ, ଯେବେ ସୂର୍ଯ୍ୟୋଦୟ ହେଲାରୁ ସ୍ରାବ ହୁଅଇ ତେବେ ସେହିଦିନ ଗ୍ରହଣ ହୁଅଇ" ଏ କଥାଟି ମୂଳ ଶ୍ଳୋକରେ ନାହିଁ ଓ ଅନୁବାଦରେ ଅଛି । ଅବଶ୍ୟ ଲୋକଙ୍କର ଉପକାର ଏଥିରେ ହୋଇପାରେ । ମାତ୍ର "ସାତମାସଠାରୁ ଆରମ୍ଭି ଆଠମାସ ପର୍ଯ୍ୟନ୍ତ ମୃତ ହୋଇ କିମ୍ବା ଜୀବିତ ହୋଇ ଜନ୍ମ ହେଲେ ସଂପୂର୍ଣ୍ଣ ସୂତକର ଅଶୌଚ ପିତୃ ମାତୃ ଦୁହେଁ ପ୍ରତିପାଳନ କରିବେ" ଏହି କଥା ମୂଳଶ୍ଳୋକରେ ନାହିଁ ଅଥଚ ଅନୁବାଦରେ ଲେଖାଥିବାରୁ ଅସଙ୍ଗତ ହୋଇଅଛି । କାରଣ ତତ୍ପରବର୍ତ୍ତୀ ଶ୍ଳୋକରେ ଲେଖାଅଛି—

ତସପ୍ତାଷ୍ଟମମାସୟୋରୁଭୟଥା ଗର୍ଭଚ୍ୟୁତୌ ସଦ୍‌ଗୁଣେ

ଜ୍ଞାତୌ ବା ବିଗୁଣେ ଯଥେଷ୍ଟ ଚରିତେ ସଦ୍ୟୋଽହରେକଂ ତ୍ର୍ୟହଂ

ତ୍ରିଣ୍ୟେବାତ୍ର ପିତୁଃ ଇତ୍ୟାଦି ।

ଅନୁବାଦରେ ମଧ ଲେଖାଅଛି "ସାତ ବା ଆଠମାସରେ ଯେ ସ୍ତ୍ରୀର ସନ୍ତାନ ଜନ୍ମ ହୋଇ ମରଇ କି ମରି ଜନ୍ମ ହୁଅଇ ତେବେ ଏ ଅଶୌଚ ପିତୃକୁ ତିନିଦିନ ଲାଗଇ ।" ପୂର୍ବ ଶ୍ଳୋକର ଅନୁବାଦରେ ଲେଖା ହେଲା ପିତା ମାତା ସମ୍ପୂର୍ଣ୍ଣ ଅଶୌଚ ପାଳିବେ । ଏ ଶ୍ଳୋକର ଅନୁବାଦରେ ଲେଖାଗଲା ପିତା ତିନିଦିନ ପାଳିବ ଏଥିରେ ଲୋକଙ୍କ ଯଥାର୍ଥ ଭ୍ରମ ହେବ । ବିଶେଷତଃ ଇତର ସାଧାରଣ ଲୋକଙ୍କର ଶ୍ଳୋକ ବୁଝିବା ଶକ୍ତି ନାହିଁ କେବଳ ଅନୁବାଦ ଉପରେ ନିର୍ଭର କରନ୍ତି ସେମାନେ ଏପରି ସ୍ଥଳରେ ଭ୍ରମରେ ପତିତ ହେବେ ସନ୍ଦେହ ନାହିଁ । ଭରସା କରୁଁ ପଣ୍ଡିତ ମହାଶୟ ଏହି ପ୍ରକାର ଦୋଷସବୁକୁ ଦ୍ୱିତୀୟ ସଂସ୍କରଣରେ ସଂଶୋଧିତ କରି ଲୋକଙ୍କର କୃତଜ୍ଞତା ଭାଜନ ହେବେ ।

ଶ୍ରୀମଦ୍ଭାଗବତ, ପ୍ରଥମସ୍କନ୍ଧ ।— ଶ୍ରୀ ତ୍ରିବିକ୍ରମ ଭଟ୍ଟାଚାର୍ଯ୍ୟଙ୍କଦ୍ୱାରା ମୂଳ ସଂସ୍କୃତ ଗ୍ରନ୍ଥରୁ ଅନୁବାଦିତ ଓ ଶ୍ରୀଯୁକ୍ତ ବାବୁ ଭଗବାନଚନ୍ଦ୍ର ଦାସଙ୍କ ଦ୍ୱାରା ପ୍ରକାଶିତ ଆମ୍ଭେମାନେ ପ୍ରକାଶକଙ୍କଠାରୁ ଏ ପୁସ୍ତକଖଣ୍ଡ ଉପହାର ସ୍ୱରୂପ ପାଇଅଛୁଁ, ଏଥିର ସମାଲୋଚନା ବାରାନ୍ତରେ ପ୍ରକାଶ କରିବୁଁ କାରଣ ପୁସ୍ତକଖଣ୍ଡ ସମୁଦାୟ ଅଧ୍ୟୟନ ନକଲେ ସମାଲୋଚନା କରାଯାଇନପାରେ ।

—୦—

 କ୍ଲିଷ୍ଟାଙ୍ଗାଙ୍କେତକୀ ମା କଳିତସୁରୁଚିରା ମୃଜହତ୍ତାଂ ପଦାଳୀଂ

କାବ୍ୟୋତ୍କୃଷ୍ଟାଙ୍ଗ ଚକ୍ରୋଲ୍ଲସିତ କୁବଳୟାଦେଶ ନିର୍ହୃତ୍ୟସାରଂ

ପ୍ରାପ୍ତୋସାହୋକ୍ଲାନାମପି ଲଳିତକଲୈର୍ନନ୍ଦୟିତ୍ବେ ବଚୋୟଂ


୧ ମ ଭାଗ — ୧୦ମ ସଂଖ୍ୟା


# ଉତ୍କଳ ମଧୁପ ।

## ମାସିକପତ୍ର ଓ ସମାଲୋଚନ ।

---

ମାଘ ଶକାବ୍ଦ ୧୮୦୦


| ବିଷୟ | ଓ | ପୃଷ୍ଠା |
|---|---|---|
| ୧ । ଲାବଣ୍ୟବତୀ | ... | ୧୪୫ |
| ୨ । ସୌଦାମିନୀ (ଉପନ୍ୟାସ) | ... | ୧୫୦ |
| ୩ । ଅମୀର ସେର୍ ଅଲ୍ଲି | ... | ୧୫୪ |
| ୪ । କାଳର ଗତି | ... | ୧୫୮ |
| ୫ । ନିଶିଥେ କୋକିଳ | ... | ୧୬୦ |



**CUTTACK**

**Printed by the Cuttack Printing Company.**

**1879**


ସଦ୍‌ବଂଶାଦେଃ ପ୍ରସୂତୋ ବିଜୟତୁ ମଧୁପଃ ସିଞ୍ଚତେ ହୃଦ୍‌ଗୁହାୟାଂ ।

# ଉତ୍କଳ ସାହିତ୍ୟ ।

ମାସିକପତ୍ର ଓ ସମାଲୋଚକ ।

CUTTACK.

Printed by the Cuttack Printing Company.
19[illegible]

## ଲାବଣ୍ୟବତୀ ।

ଚତୁର୍ଥଛାନ୍ଦର ଅର୍ଥ ପ୍ରକାଶିତ ହୋଇ ଯାଇଅଛି । କବିଙ୍କ ଏ କାବ୍ୟ ଖଣ୍ଡର ନାୟିକା ଲାବଣ୍ୟବତୀ । କବି ଲାବଣ୍ୟବତୀର ଜନ୍ମକାଳରୁ ତାହାର ସୌନ୍ଦର୍ଯ୍ୟ-ଗରିମା ଦେଖାଇବାକୁ ଯେ ପ୍ରକାର ଆଡ଼ମ୍ବର କରି ଆସିଥିଲେ ତାହା ଏହି ଛାନ୍ଦରେ ସମାପ୍ତ କଲେ ଅର୍ଥାତ୍ ଅନୁପମା ସୁନ୍ଦରୀ ଲାବଣ୍ୟବତୀର କେଶଠାରୁ ପଦାଙ୍ଗୁଳି ପର୍ଯ୍ୟନ୍ତ ରାଜଗୃହ ବ୍ୟବହୃତ ଅଳଙ୍କାରାଦିରେ ବିଭୂଷିତ କରି ଅଭିଳଷିତ ସୀମାରେ ପହୁଞ୍ଚାଇ ଦେଲେ, ରୂପଚିତ୍ର ଶେଷ ହେଲା । ଯେଉଁମାନେ ବେଶ ହେବା ପୂର୍ବେ ଲାବଣ୍ୟବତୀକି ଦେଖିଥିଲେ ସେମାନେ ଆଉ ଏତେବେଳେ ସହଜରେ ସେ ଏହି ଲାବଣ୍ୟବତୀ ବୋଲି ଚିହ୍ନିପାରିବେ ନାହିଁ କାରଣ ରାଜଭଣ୍ଡାରର ଅଳଙ୍କାର କବିଙ୍କ ହୃଦୟ ଭଣ୍ଡାରର ଅଳଙ୍କାର ଓ ସଖୀମାନଙ୍କର ବେଶନିପୁଣତା ଯୋଗରେ ଲାବଣ୍ୟବତୀର କୋମଳ ତନୁଖଣ୍ଡରେ ଅଦ୍ଭୁତ କାଣ୍ଡ ହୋଇଅଛି । ସଖୀଏ ଜୂଡା ମୂଳରେ ଭିଡା ଭିଡ଼ିବା ମାତ୍ରେ, କବି କହିଲେ କୋକନଦରୁ କାଳିନ୍ଦୀ ସ୍ରବୁଛି ଶୃଙ୍ଗାର ଦ୍ରବୁଛି— ସଖୀ ସିମନ୍ତୀରେ ସିନ୍ଦୁରଗାର ଦେଲେ, କବି ରାହୁକୁ ବିଷ୍ଣୁ ଚକ୍ରରେ ହାଣିଥିଲେ ସେ ଘାତସ୍ଥାନ ଶୁଖି ନାହିଁ— ସଖୀ ମଥାଜାଲି ମଣ୍ଡିଲେ, କବି, ଗବାକ୍ଷବାଟେ ଚନ୍ଦ୍ରଗଳି ନୀଳମଣି ଭୂମିରେ ପ୍ରକାଶିତ ହେଲେ—ସଖୀ ଭାଲରେ ତିଳକ ଦେଲେ, କବି, ରାହୁ ସଙ୍ଗେ ବିବାଦ କରିବାପାଇଁ ଚନ୍ଦ୍ର ଏଠାରେ ଫରି ଖଣ୍ଡା ଘେନି ରହିଛି ଇତ୍ୟାଦି । ଯାହାର ଚକ୍ଷୁ କବିଙ୍କ ଅଳଙ୍କାର, ରାଜଗୃହାଳଙ୍କାର ଓ ସଖୀଙ୍କ ନିପୁଣତାକୁ ଭେଦ କରି ପାରିବ ସେହି ଲାବଣ୍ୟବତୀକି ଚିହ୍ନିବ । ଆହୁରି କବି କହିଅଛନ୍ତି—''ଏଥିରେ ଯେତେ ପରିଶ୍ରମ ତାହା କବିମାନେ ଜାଣି ପାରିବେ ।'' — ଏହା ନିଶ୍ଚୟ କଥା କବି ବ୍ୟତୀତ କବିର ପରିଶ୍ରମ ଅନ୍ୟ ବ୍ୟକ୍ତି କଦାପି ଜାଣି ପାରିବ ନାହିଁ । ପ୍ରସିଦ୍ଧ ଇଂଲଣ୍ଡୀୟ କବି କାଉପରଙ୍କର ମଧ୍ୟ ଏହିମତ ଅଟଇ* । ଏ ଛାନ୍ଦର ଏକ ୨ ପଦରେ ଯେଉଁ ୨ ଅଳଙ୍କାରମାନଙ୍କ କଥା ବ୍ୟକ୍ତ ହୋଇଅଛି ସେ ଅଳଙ୍କାରମାନ ନିର୍ମାଣ କରିବାକୁ ସ୍ୱର୍ଣ୍ଣକାରର ଯେ ପରିମାଣରେ ପରିଶ୍ରମ ଆବଶ୍ୟକ, ସେ ଅଳଙ୍କାରମାନଙ୍କ ପକ୍ଷରେ ଅଳଙ୍କାର ଘଟାଇବାକୁ କବିଙ୍କି ତେତିକି ପରିଶ୍ରମ ଲାଗିଥିବ ।

---

ପଞ୍ଚମ ଛାନ୍ଦରେ ଲାବଣ୍ୟବତୀର ବନ ବିହାର ଓ ସଖୀମାନଙ୍କ ସଙ୍ଗରେ ଉତ୍କୃଷ୍ଟ ଛନ୍ଦୋକ୍ତି ସହିତ କଥୋପକଥନ ହେବାର ବର୍ଣ୍ଣିତ ହୋଇଅଛି ।

* (ପାଠ କୀଟଦଂଷ୍ଟ)

**ପଞ୍ଚଛାନ୍ଦ । ରାଗ ବସନ୍ତ ।**

ଏହି ସମୟରେ ସୁନ୍ଦରୀ ଛାମୁରେ ପ୍ରଭାମଞ୍ଜୁଳା ଜଣାଇଲା ।
ଅତି ମଧୁର ମଧୁଋତୁ ପ୍ରବେଶ କିଛିଦିନ ହେଲା ହୋଇଲା ।
ଶ୍ରବଣ । କରି ନାହୁଁ ନବକାମିନୀ ।
ପିକବଚନେ ପୁନଃପୁନଃ ପ୍ରକାଶ କଲାଣି ଅନ୍ଧାରଯାମିନୀ । ୧ ।
ମଳୟଶିଖରିଶିରୀ ଚୋରୀ କରି ବହିଲାଣି ମନ୍ଦସମୀର ।
ସୁମନାକୁ ବାସ ଚୋରାଇ ନେବଟି ବୋଲି କହିଲାଣି ଭ୍ରମର ।
କେଶର । କେଶରେ ହେଲେଣି ମଞ୍ଜୁଳ ।
କେଶରେ ମଣ୍ଡନ କରିବା ଭଳିରେ ଫୁଟିଲେଣି କେତେ ବଞ୍ଜୁଳ । ୨।
ମଲ୍ଲୀ ମାଧବୀ ମକରନ୍ଦ ସାଧବୀ ହେଲେଣି ବାନ୍ଧବି କାନନେ ।
ତୁଷାର ନାଶ ଚାହିଁ ହସ ପ୍ରକାଶ କଲେଣି ପଙ୍କଜ ଆନନେ ।
ହେଲାଣି । ଚର୍ଚ୍ଚରୀ ପ୍ରକଟ କଟକେ ।
ଅତନୁ ଫୁଲର ବିଶିଖ କାର୍ମୁକ ଘେନି ଚଢିଲାଣି କାମୁକେ । ୩ ।
ଦୋଳାଲୀଳା ସରିଗଲାଣି ହରିର ଶରୀର ଦେଲାଣି ସ୍ୱେଦକୁ ।
ଚନ୍ଦନ କର୍ପୂର ସୁଧାଲେପ ପୁର ବ୍ୟଜନ ବଢ଼ାଇ ମୁଦକୁ ।
ଚତୁରି । ଜାଣି ନ ଥିବୁ ତୁ କିପାଇଁ ।
ଅତି ଅଭିରାମ ଆରାମ ଦେଖିବା ବିଜେ କରିବାରେ ଜଣାଇଁ । ୪।
ସଜନୀନକର ଜାଣି ସୀଉକାର ମାର୍ଗ ପରିଷ୍କାର ରଚିଲେ ।
ଅମଳ କମଳ କୋମଳ ଚରଣ ପୀଡ଼ା ନୋହିବାକୁ ପାଞ୍ଚିଲେ ।
ପନୀରେ । ଗନ୍ଧସାର ଗୋଳି ସିଞ୍ଚିଲେ ।
ଯୁବତି ସେବତୀପାଖୁଡ଼ା ମିଶାଇ ଘନସାର ଚୁରି ବିଞ୍ଚିଲେ । ୫।

---

୧ । ଲାବଣ୍ୟବତୀ ନିକଟରେ ବସନ୍ତର ଆଗମନ ପ୍ରଭାମଞ୍ଜୁଳା ସଖୀ ଜଣାଇ କହିଲାକି ସଖି ବସନ୍ତଋତୁ ହେବାର କି ଜାଣିନାହିଁ, ଶୁଣୁ କୋକିଳ ସର୍ବଦା ଅନ୍ଧାର ଜାମିନୀ ଯେ ଅମାବାସ୍ୟା (କୁହୁ) ପ୍ରକାଶ କଲାଣି ।

୨ । ମଳୟ, ବାସନା; ସୁମନା, ପୁଷ୍ପ (ସ୍ତ୍ରୀ); ବାସ, ବାସନା (ବସ୍ତ୍ର); ଭ୍ରମର (ବିଟପୁରୁଷ); କେଶର, ନାଗେଶ୍ୱର, ପୁଷ୍ପର ମଧ୍ୟକେଶର, ବାଳ; ବଞ୍ଜୁଳ, ଅଶୋକ ।

୩ । ମକରନ୍ଦସାଧବୀ, ପ୍ରସ୍ଫୁଟିତ; ତୁଷାର, ଜାକର; ପଙ୍କଜ, ପଦ୍ମ; ଚର୍ଚ୍ଚରୀ, କଟକ, ରାଜଧାନୀ; ଅତନୁ, କାମ; ବଶିଖ, ଶର; କାର୍ମୁକ, ଧନୁ; କାମୁକ, ବିରହୀ ।

୪ । ଦୋଳାଲୀଳା, ଚାଚେରୀଖେଳ; ହରିର, କୃଷ୍ଣଙ୍କର ଅର୍ଥାତ୍ ଦୋଳଗୋବିନ୍ଦ; ସ୍ୱେଦ, ଝାଳ; ସୁଧା, ଚୂନ; ବ୍ୟଜନ, ବିଞ୍ଚଣା; ମୁଦ, ହର୍ଷ; ଅଭିରାମ, ମନୋହର; ଆରାମ ଉପବନ ।

୫ । ନିକର, ସମୂହ; ମାର୍ଗ, ବାଟ; ଅମଳକମଳ, ନିର୍ମଳପଦ୍ମ; ପନୀର, ସୁବାସ ଜଳ, ଗନ୍ଧସାର, ଚନ୍ଦନ; ଘନସାର, କର୍ପୂର; ।

ଝରି ପରିଖ ବିଞ୍ଚଣା ପାନମୁଣା ସଜନୀ ସଜାଇଲେ ତହିଁ ।
ମନ୍ତ୍ରୀନନ୍ଦନା ଜଗତବନ୍ଦନାକୁ କରଭର ଦେଇ ଉଠାଇ ।
ସୁନ୍ଦରୀ । ସୃଷ୍ଟିରାଜା ରାଜକୁମାରୀ ।
ବିଚାରୀ ଶ୍ୱେତ ଆତପତ୍ର ଟେକିଲେ ଚାମର ଚାଳନ ପ୍ରଚାରୀ । ୬।
କେଉଁ ପ୍ରବୀଣା ବୀଣାକୁ ବଜାଉଛି ଯାଉଛି ପ୍ରତୀତ ହେଉଛି ।
ବନ୍ଧୁରେ ବନ୍ଧୁର ବୀଥିଟି ଏଥିରେ ସାବଧାନ ଥାଉ କହୁଛି ।
ଗମନେ । ଜେମାର ମୁଁ ମନେ କରଇ ।
ମନମଥ ରଥଯାତ୍ରା କି କରୁଛି ପଥ ମନୋରଥପୂରୋଇ । ୭।
ଲଲାଟ ଲପଟ ଚାନ୍ଦ ଦରପଣ ଚିକୁର ଚାମର ଯହିଁରେ ।
ତରଙ୍ଗ କୁରଙ୍ଗ ନୟନ ତୁରଙ୍ଗ କି ରଙ୍ଗ କରଇ ତହିଁରେ ।
କଲଶ । ଚକ୍ର କୁଚ ଶୋଣୀ ଚଟୁଳ ।
କଟିମେଖଳା ଘଣ୍ଟି ଯହିଁ ପ୍ରକଟି ଅଞ୍ଚଳ ପତାକା ଚଞ୍ଚଳ । ୮।
ଶୋଭା ଏ ବିଧିରେ ପ୍ରବେଶ ସଧୀରେ ପୀନସ୍ତନାଏ ବିପିନରେ ।
ବୁଲିବା ଖେଳିବା କୁସୁମ ତୋଳିବା ଆରମ୍ଭିଲେ ତୋଷମନରେ ।
ତହିଁରେ । ଛଳ ଉକ୍ତିମାନ କହିଲେ ।
ଶୁଣି ପରଭୃତ ଚକିତ ଛକିତ ମୁନିବିଭୂତିକି ବହିଲେ । ୯।
କହେ ଏକନାରୀ ବିଶେଷେ ସୁନାରୀ ଏଦେଶରେ ବାସ କରିଛି ।
ଭୃଙ୍ଗ କିଂପୁରୁଷ ଚଞ୍ଚଳମାନସ ଏଥି ତହିଁ ପୁଣ ଯାଉଛି ।
ତହିଁକି । ଛଳି କହିଲା କେଉଁ ଭୀରୁ ।
ମହାବିବେକୀ ହୋଇ ତୁହି (କ)କିମ୍ପାଇ ମଧୁପ ନାମକୁ ବିସ୍ମରୁ । ୧୦।

---

୬ । ଝରୀ, ଜଳପାତ୍ରବିଶେଷ; ପରିଖ, ରାଜଦଣ୍ଡବିଶେଷ; କରଭର, କରପଲ୍ଲବ, ଶ୍ୱେତଆତପତ୍ର,ଶୁକ୍ଳଛତ୍ର; ପ୍ରଚାରୀ, ଦାସୀ; ।

୭ । ପ୍ରବୀଣା, ଚତୁରୀନାରୀ; ପ୍ରତୀତ, ବିଶ୍ୱାସ; ବନ୍ଧୁରବୀଥି, ଖାଲଢ଼ିପବାଟ; ଜେମା, ରାଜକୁମାରୀ; ମନମଥ, କାମ; ପଥମନୋରଥ, ଦାଣ୍ଡସୁନ୍ଦର ।

୮ । ଲପନ, ମୁଖ; ଚିକୁର, କେଶ; କୁରଙ୍ଗ, ମୃଗ; ତୁରଙ୍ଗ, ଘୋଡା; ଶୋଣୀ, ପିଚା; ଚଟୁଳ, ସୁନ୍ଦର; ମେଖଳା, କ୍ଷୁଦ୍ରଘଣ୍ଟୀ (ଅର୍ଥାତ୍ ବାଜେଣୀ ଘାଗୁଡୀ); ଅଞ୍ଚଳ, କାନୀପଣତ ।

୯ । ପୀନ, ପୃଥୁଳ; ବିପିନ, ବନ; କୁସୁମ, ପୁଷ୍ପ; ଛଳ, ଭଙ୍ଗୀ; ପରଭୃତ, କୋକିଳ; ମୁନିବିଭୂତି, ମୂକ ।

୧୦ । ସୁନାରୀ, ପୁଷ୍ପବିଶେଷ ଏବଂ ଉତ୍ତମା ସ୍ତ୍ରୀ; ଭୃଙ୍ଗ, ଭ୍ରମର; କିଂପୁରୁଷ, କୁତ୍ସିତ ପୁରୁଷ ଅର୍ଥାତ୍ ବିଟପ; ଭୀରୁ, ନାରୀ; ମଧୁପ, ଭ୍ରମର ଏବଂ ମଦୁଆ ।

ଏକକୁ ଚାହିଁ ଆରେକ ସଖୀ କହି ନିକଟେ ନାଗେଶ୍ୱର ମୋର ।
ବୋଇଲା ହୋଇଥାଇଟି ନାଗେଶ୍ୱର ସୁପର୍ଣ୍ଣରେ କର ଆଦର ।
ସେ ଛଳେ । ଚିହ୍ନିଲା ନାଗେଶ୍ୱର କହ ।
ସୁମନା ଭୂଷଣ ସମ୍ପତ୍ତି ପାଇବ ତାରପରେ ଯାଇଁ ଆରୋହ । ୧୧।
କେ କାହାକୁ କହେ ମୋହପାଇଁ ସଖି ରଖିଥିବୁ ଏକା କରୁଣା ।
ଦେବବଲ୍ଲଭକୁ ଲଭିବାଗୁଁ ତୋତେ ବିଧାତା କଲାଣି ପୁରୁଣା ।
ସେ ଶୁଣି । ବୋଇଲା ଏକଥା ଛାଡ଼ରେ ।
ଖୋଜିଲେ ନ ପାଇଁ ମୁଁ ବନ୍ଧୁଜୀବକୁ ପଡ଼ିଲି ବରାହଦାଢ଼ରେ । ୧୨।
କେଡ଼େ ଚାତୁରିରେ କହେ ସହଚରୀ ମୁଖକୁ ତାହାର ଅନାଇଁ ।
ବଶକରବୀରେ ହୋଇଲା ଉତ୍ତାରେ ମଲ୍ଲି ମଲ୍ଲି ହେଉ କିପାଇଁ ।
ସେ ବୋଲେ । ଭଙ୍ଗିରେ ଆଳୀକି ଚେତାଇ ।
ନିଆଳୀ ହେଲାଣି ଦେଖିଲା ଉତ୍ତାରୁ ପଳାସପାଶେ ଯା ଗମଇଁ । ୧୩ ।
କେ କହେ ଅଶୋକ ଲଭିଲୁ ସୁନ୍ଦରୀ କେତକୀ ହେଲାଟି ମୋହର ।
ସେ କହେ ସୁବର୍ଣ୍ଣକାନ୍ତିହର ସେହି ଘୋଡାଇଁ ଯିବୁଟି ଶରୀର ।
ଏକାଳେ । ଆଉଜଣେ ଛଳ ପ୍ରଚାରି ।
ଦେଖାଇ ତରୁ ଛୁରିଅନା ପାଶକୁ ଯିବି କି ନ ଯିବି ପଚାରି । ୧୪।
ଦେଖ ରେ ରସାଳବିଟପୀ ପ୍ରବାଳ ବକୁଳମାଳରେ ସୋହିଛି ।
ଶୋଭା ବନପ୍ରିୟ ଅବଲମ୍ବ ଥିଲେ ବହୁତରୋଲମ୍ବ ମୋହିଛି ।
ଏମନ୍ତ । ଭାବି ବନେ କରୁଁ ବିଳାସ ।
ଘେନିଣ ଚର୍ଚ୍ଚରୀବିଧି ସହଚରୀ ପରିବାରିକାଏ ପ୍ରବେଶ । ୧୫।

---

୧୧ । ନାଗେଶ୍ୱର, ପୁଷ୍ପବିଶେଷ, ସର୍ପବିଶେଷ ଏବଂ ଐରାବତହସ୍ତୀ, ସୁପର୍ଣ୍ଣ, ଉତ୍ତମ କୋମଳପତ୍ର ଏବଂ ଗରୁଡ଼, ସୁମନାଭୂଷଣ, ପୁଷ୍ପମଣ୍ଡନ ଏବଂ ଇନ୍ଦ୍ର ସମ୍ପତ୍ତି ।

୧୨ । କରୁଣା, ପୁଷ୍ପବିଶେଷ ଏବଂ ଦୟା; ଦେବବଲ୍ଲଭ, ପୁନାଙ୍ଗବୃକ୍ଷ ଏବଂ ଇନ୍ଦ୍ର; ପୁରୁଣା, ଆନନ୍ଦିତ; ବନ୍ଧୁଜୀବ, ବଧୂଲୀପୁଷ୍ପ ଏବଂ ପ୍ରାଣବନ୍ଧୁ; ବରାହଦାଢ଼, ପୁଷ୍ପବିଶେଷ ଏବଂ ବାର୍‌ହାମୁହଁ ।

୧୩ । କରବୀର, କଣୀୟରପୁଷ୍ପ; ବୀର, ବୀରପୁରୁଷ; ମଲ୍ଲୀ, ମଲ୍ଲୀପୁଷ୍ପ ଏବଂ ମୃତ୍ୟୁ; ନିଆଳୀ, ସୁବାସ ପୁଷ୍ପବିଶେଷ ଏବଂ ଉତ୍ତମା ସ୍ତ୍ରୀ; ପଲାଶ, ନିର୍ଗନ୍ଧ ପୁଷ୍ପବିଶେଷ ଏବଂ ଅଧମା ସ୍ତ୍ରୀ ।

୧୪ । ଅଶୋକ, ପୁଷ୍ପ ଏବଂ ଶୋକନାଶ; କେତକୀ, ପୁଷ୍ପ ଏବଂ କଣ୍ଟକମୟ; ସୁବର୍ଣ୍ଣ, ସୁନା ଏବଂ ଉତ୍ତମ ବର୍ଣ୍ଣ ।

୧୫ । ରସାଳ, ଆମ୍ବ; ପ୍ରବାଳ, କୋମଳ ପତ୍ର ଏବଂ ପୋହଳାମଣି; ବନପ୍ରିୟ, କୋକିଳ; ରୋଲମ୍ବ, ଭ୍ରମର; ଚର୍ଚ୍ଚରୀବିଧି, ହୋରୀବିଧି; ପରିଚାରିକା, ଦାସୀ ।

ଦେଖି ହରଷ ଦୃଷ୍ଟିପାତ ସାରସଜିତଗତି ରସପଣ୍ଡିତା ।
କମନୀୟ କମ ଚଉତନା ଘେନି କାଞ୍ଚିଲାରେ ହେଲା ଶୋଭିତା ।
ବାନ୍ଧିଲା । ଭିଡ଼ି ମଧ୍ୟଶାଢ଼ୀ ପଣନ୍ତ ।
ଫଗୁମୁଣା ଖୋସି ହଷିବାର ଚାହିଁ ସଖୀଏ ସାଜିଲେ ତୁରିତ । ୧୬।
ଉନ୍ନତମତ୍ତକାଶିନୀସଙ୍ଗେ ରଙ୍ଗେ ତରଙ୍ଗେ ଖେଳିଲେ କାମିନୀ ।
ମହୀ ଆକାଶେ ଏକାବେଳେ ପ୍ରକାଶେ କି ଅବା ଅନେକ ଦାମିନୀ ।
କି ଅବା ! ଚଳପୁଷ୍ପ ଲତା ହେମର
ମହା ଅନୁରାଗ ପରାଗ ବୃଷ୍ଟିରେ ହୋଇଅଛନ୍ତି ତତ୍‌ପର । ୧୭।
କଞ୍ଜନଖଞ୍ଜନଗଞ୍ଜନନେତ୍ରୀକି ଧକ ସୁହାଇ ସଧାଉଛି ।
ଆଉ ଅସାଧ ହୋଇ କେଉଁ ସୃଷ୍ଟିକି ରହିଛି ମନରେ ଧାଉଛି ।
ନାହିଁ କି । ଏତେକ ବିବେକ ତାହାର ।
କୋଟିଏ ବ୍ରହ୍ମାଣ୍ଡ ଗୋଟିଏ ଭଙ୍ଗିରେ ଜିଣିମାକୁ ମନ ଯାହାର । ୧୮।
ମୁଠାରୁ ଫିଟିଯିବାରେ ଏ ପ୍ରତୀତ ଫଗୁ ଖେଳିବାରେ ଲଳନା ।
ବସନ୍ତରାଜାବଶକୁ କି କରନ୍ତି ରଙ୍ଗପାଟଚେଳ ଚାଳନା ।
ସେ ରଜ । ଯାଇଁ ଶୂନ୍ୟେ ରୁଣ୍ଡ ହୋଇଲା ।
ଅତ୍ୟନ୍ତ ଗୁଣିକ ଦିଗ ପରିବାର ମାଣିକ୍ୟଛତ୍ର କି ଧଇଲା । ୧୯।
କଙ୍କଣକ୍ୱଣିତଧ୍ୱନିରୁ ମଣିତ ଭୁଜଡିଣ୍ଡିମ କି ବାଇଲା ।
ଉଚ୍ଚବାଚ ବାଣୀ ମଙ୍ଗଳଗୀତ କି ଅଭିଷେକବେଳ ହୋଇଲା ।
ସ୍ୱଭାବେ । କୁଚ ପୂର୍ଣ୍ଣକୁମ୍ଭ ରାଜିଛି ।
ଚାରୁ ଚୋଳ ଚୂତପଲ୍ଲବ ସଞ୍ଚୁତ ହାର ଉପହାର ସାଜିଛି । ୨୦।
ରମଣୀ ରମଣୀୟ କଲେ ଅବିରଗୁଣ୍ଡରେ ସେ ବନସରଣୀ ।
ମହୀ ମହୀଳା ଋତୁକାଳ ଲଭିଲା ଏସନ ମାନସକୁ ଆଣି ।
ସେ ଧୂଳି । କାହିଁ ପବନଯୋଗେ ଉଡ଼ି ।
ଶୁଭସୂଚକ କହି ଜଉତିଷ କି ଯାଉଛି ଶିରେ ବାନ୍ଧି ଶାଢ଼ୀ । ୨୧।

---

୧୬ । ସାରସ, ହଂସ; କମନୀୟ, ସୁନ୍ଦର; ଚଉତନା, ରୋମାଲ; ତୁରିତ, ଚଞ୍ଚଳ ।

୧୭ । ଉନ୍ନତମତ୍ତକାଶିନୀ, ନବଯୌବନା; ଦାମିନୀ, ବିଜୁଳୀ; ଚଳପୁଷ୍ପଲତା, ଡାଳୁଥିବା ଫୁଲଗଛ ।

୧୮ । କଞ୍ଜନ, କାମ; ଖଞ୍ଜନ, ପକ୍ଷିବିଶେଷ ।

୧୯ । ଲଳନା, ସ୍ତ୍ରୀ; ଚେଳ, ବସ୍ତ୍ର; ରଜ, ଗୁଣ୍ଡି; ଶୂନ୍ୟ, ଆକାଶ; ପରିବାର, ଦାସ ।

୨୦ । କଙ୍କଣ, ହାତର ଖଡୁ; କ୍ୱଣିତ, ଶବ୍ଦଡିଣ୍ଡିମ, ବାଦ୍ୟ ବିଶେଷ; ଚାରୁ, ସୁନ୍ଦର; ଚୋଳ, ବସ୍ତ୍ର; ଚୁତପଲ୍ଲବ, ଆମ୍ବପତ୍ର ।

୨୧ । ରମଣୀ, ସ୍ତ୍ରୀ; ରମଣୀୟ, ସୁନ୍ଦର; ଅବିର, ଫଗୁ; ସରଣୀ, ବାଟ; ମହିଳା, ସ୍ତ୍ରୀ ।

ପନୀର ନୀର ନିରନ୍ତରେ ପିଚିକାଖେଳନେ ନୀରରୁହଦୃଶା ।
ମଞ୍ଜୁ ମଞ୍ଜୀର ଘନରବ ମଧୁର ବସନ୍ତେ କରେ କି ବରଷା ।
ବିଜୁଳୀ । ପରି ଝଳି ଭୂଷା ରତନ ।
ଅଙ୍ଗରାଗେ ଅନ୍ଧ ଭୃଙ୍ଗ ଉଡ଼ିପଡ଼େ ହୋଏ କି କରକା ପତନ । ୨୨।
କୁଙ୍କୁମ ପିଚିକା ବାଜି ଜର ଜର ସୁନ୍ଦର ଉରଜ କାହାର ।
କନକାଚଳରୁ କି ବାହାରି ତାଳପ୍ରବାହ ହେଉଛି ବାହାର ।
କର୍ପୂର । ଗୁଣ୍ଡି ମଣ୍ଡିତ କାହାସ୍ତନ ।
ସୁବର୍ଣ୍ଣ ସ୍ୱୟମ୍ଭୁ ଶମ୍ଭୁ ଯୁଗଳ କି ହୋଇଲେ ଭସ୍ମ ବିଲେପନ । ୨୩।

---

## ସୌଦାମିନୀ ।

ସମସ୍ତଙ୍କୁ ଜଣାଅଛି, ଦୁଃଖର କଥା ବନ୍ଧୁଆଗରେ କହିଲେ ତାହାର ବେଗ କିଛି ଊଣା ହୁଏ । ବର୍ତ୍ତମାନ ଆମ୍ଭମାନଙ୍କର ଜୟସିଂହ ଓ ସୌଦାମିନୀ କୋମଳ ଶ୍ୟାମ ଦୂର୍ବାଦଳ ଆସନରେ ଉପବେଶନ କରି ପରସ୍ପର ଦୁଃଖକଥା କହୁଅଛନ୍ତି । ଜୟସିଂହ ପ୍ରଥମରେ କଥାବାର୍ତ୍ତା ଆରମ୍ଭ କରି କହିଲେ 'ସୌଦାମିନୀ ! ତୁମ୍ଭଙ୍କୁ ଯେ ଦେଖିଲି ଏତିକି ବହୁ ଭାଗ୍ୟର କଥା । ମନୁଷ୍ୟର ଭାଗ୍ୟ କିପରି ତାହା କିଛି ଜଣାଅଛି ? ମନୁଷ୍ୟ ଚିରକାଳ ଦୁଃଖଭୋଗୀ– ପୃଥିବୀରେ କ୍ଷଣକାଳ ପାଇଁ ଯେଉଁ ସୁଖ ଲାଭ ହୁଏ ତାହା ମଧ ଦୁଃଖ ନିମିତ୍ତ । ମନୁଷ୍ୟ କିଛି ବୁଝିପାରଇ ନାହିଁ କିନ୍ତୁ ପୃଥିବୀ ଦୁଃଖର ଆଧାର !!! ସେ ଯାହା ହେଉ, ସୌଦାମିନୀ ? ମୁ ତ ଦେଖି ଆସିଥିଲି ନଗର ଯବନ ସେନାରେ ବିଲୋଡ଼ିତ ହେଉଥିଲା, କିପରି ଅସଂଖ୍ୟ ଯବନମାନଙ୍କ ମଧରେ ଏଠାକୁ ଆସିଲ ?

ସୌଦା– କାହିଁକି ? ରମଣୀମାତ୍ରେ କି ନିତାନ୍ତ ଅଧମ ? ଯେତେବେଳେ ଯୁଦ୍ଧର ଗୋଳମାଳ ନଗରକୁ ଶୁଭିଲା ତେତେବେଳେ ନଗର ସହିତରେ ସମସ୍ତେ ଭୟରେ କମ୍ପୁଥିଲେ । ମୁଁ ଭୟରେ ଶୋଇ ନ ପାରି ପ୍ରାସାଦ ଉପରକୁ ଗଲି; ଚାରିଆଡ଼ ନିରୀକ୍ଷଣ କରି ଦେଖିଲି କିନ୍ତୁ ଅନ୍ଧକାରରେ କିଛିହିଁ ଦିଶିଲା ନାହିଁ ଆଉ ଦୂରରେ ଆଲୋକକ୍ରୀଡ଼ା କରୁଥିବାର ଦେଖାଗଲା । ସଶଙ୍କିତଚିତ୍ତରେ କେତେକକ୍ଷଣ ଛିଡ଼ା ହୋଇଅଛି ଏମନ୍ତ ସମୟରେ ପଞ୍ଚାଏ ପଠାଣ ରାଜପଥ ବାଟେ ଆସି ନଅରଦ୍ୱାରରେ ଆଘାତ କଲେ ।

---

୨୨ । ପନୀରନୀର, ସୁବାସପାଣି; ନୀରରୁହଦୃଶା, ପଦ୍ମନେତ୍ରା; ମଞ୍ଜୁ, ମନୋହର; ମଞ୍ଜୀର, ପାଦଭୂଷଣ; ଘନରବ, ମେଘଗର୍ଜ୍ଜନ; ଭୂଷା, ଅଳଂକାର; ଅଙ୍ଗରାଗ, ସୁବାସ; ଭୃଙ୍ଗ, ଭ୍ରମର; କରକା, କୁଆପଥର ।

ସେହି ଆଘାତ ମୋ ମନରେ ବାଜୁଥାଏ ଆଉ ରକ୍ତ ଶୁଖାଇ ଦେଉଥାଏ । କ୍ରମେ ମୋହର ଏତେଦୂର ଭୟ ହେଲା ଯେ ଆଉ ଛିଡ଼ା ହୋଇ ନପାରି ସେହିଠାରେ ବସିଗଲି କିଛିକ୍ଷଣ ଉତ୍ତାରେ ଗୋଟାଏ ଭାରୀ ଗୋଳମାଳ ହେଲା, ଉଠି ଦେଖିଲି ଯେ ନଅର ଭିତରରେ କେତେକ ପଠାଣ ମିଳି ରାଜା ଓ ରାଣିଙ୍କର ଗଣ୍ଡି ଓ କେତେକ ସେମାନଙ୍କର ମୁଣ୍ଡ ନେଇ ଆହ୍ଲାଦରେ ପାଟି କରି କହିଲେ 'ଅଲ୍ଲା ଜିତେ ରହେଁ—ଚଲୋ ରାଜାକା ପାଶ ଲେ ଚଲୋ' । ମନରେ ବଡ଼ ଦୁଃଖ ହେଲା ମଧ୍ୟ ରାଗ ଓ ଭୟ ରକ୍ତ ସଙ୍ଗରେ ମିଶ୍ରିତ ହୋଇ ଶରୀରରେ ସଞ୍ଚାଳିତ ହେଲା । ଆଖି ଫେରାଇ ଦେଖିଲି ଯେ ତୁମ୍ଭେ ଘୋଟକ ଉପରେ ଶୁଷ୍କାନନ ହୋଇ ବସିଅଛ (ଛି) । ତୁମ୍ଭର ମୁଖକାନ୍ତି ସେହି କ୍ଷଣି ରକ୍ତବର୍ଣ୍ଣ ହୋଇଗଲା ପୁଣି ସେହିକ୍ଷଣି ଲୋତକଧାରା ପୋଛି ଦେଇ ଅନ୍ୟ ଆଡ଼େ ଘୋଡା ଝପଟାଇଲ । ମୋ ମନରେ ସନ୍ଦେହ ହେଲା । ଏହି ପୁରୁଷ ବେଶ ପିନ୍ଧି ପିତାଙ୍କର ଘୋଡାରେ ଚଢ଼ି ଘରୁ ବାହାରିଲା ବାଟରେ ଅନେକ ପଠାଣ ଆସି ମୋତେ ଘେରିଥିଲେ କିନ୍ତୁ ମୁଁ ସେଖ ଅବଦୁଲ୍ଲା ନାମ କହି କ୍ରମେ ଏଠାକୁ ଆସି ତୁମ୍ଭେ ଏପରି ଶୋକାପନ୍ନ ଅବସ୍ଥାରେ ଶୋଇଥିବାର ଦେଖିଲି । ମୋ ହାତରେ ତରବାରୀ ଓ ଯୁଦ୍ଧର ବେଶ ପୁଣି ମୁଁ ସେମାନଙ୍କୁ କିଛିହିଁ କହୁ ନାହିଁ ଏଥିରେ ସେମାନଙ୍କର କିଛିହିଁ ସନ୍ଦେହ ହେଲାନାହିଁ । ତୁମ୍ଭଙ୍କୁ ଶୋକରେ ଅଚେତନ ଦେଖି ମୋର ବଡ ଦୁଃଖ ହୋଇଥିଲା । ଯାହାହେଉ ପରମେଶ୍ୱର ଆମ୍ଭମାନଙ୍କପ୍ରତି ସଦୟ ଅଛନ୍ତି ।

ଜୟ– ସୌଦାମିନି ! କି କହିଲ– ପରମେଶ୍ୱର ଯେବେ ଆମ୍ଭମାନଙ୍କ ପ୍ରତି ସଦୟ ଥାନ୍ତେ ତେବେ କି ଏ ବିପଦ ସହ୍ୟ କରିବାକୁ ହୋଇଥାନ୍ତା ? ଏଂ କେବଳ ଆମ୍ଭମାନଙ୍କପ୍ରତି ବିଧି ବାମ ଅଛନ୍ତି ବୋଲି । ଦେଖୁନାହଁ କାଲି ଏତେବେଳେ ଆମ୍ଭେମାନେ ରାଜପୁତ୍ର ଓ ମନ୍ତ୍ରିକନ୍ୟା ହୋଇ କେତେ ଆଦର ଓ ମାନ୍ୟ ପାଉଥିଲୁଁ, ଆଜି ବନବାସୀ ଦରିଦ୍ର ଓ ଅନାଥ ହୋଇ ଶାକରେ ପଡିଅଛୁଁ—ସୌଦାମିନି, ଏହାକୁ କି ବିଧିର ପ୍ରସନ୍ନତା କହାଯିବ ?

ସୌଦା– ନାହିଁ, ତା କହାଯିବ ନାହିଁ । ତେବେ ଏହିତା ଯେ ବିଧାତାର କାର୍ଯ୍ୟକୁ ମନୁଷ୍ୟର ବଳ ନାହିଁ । ବିଧାତା ଯେବେ ପ୍ରାଣ ପର୍ଯ୍ୟନ୍ତ ନଷ୍ଟ କରନ୍ତି ତେବେ ତାଙ୍କର ସମ୍ପୂର୍ଣ୍ଣ କୋପ ବୋଲି ଜଣାଯାଏ– ତୁମ୍ଭର ଯେ ଜୀବନରକ୍ଷା କରିଅଛନ୍ତି ଆମ୍ଭେ ସେଥି ନିମନ୍ତେ ତାଙ୍କଠାରେ ଚିରବାଧିତା ଅଛୁଁ ଆଉ ମଧ ତାଙ୍କୁ ଧନ୍ୟବାଦ ଦେଉଅଛୁଁ– ଯାହା ହେବାର ତା ହୋଇଗଲାଣି ।

ଜୟ– ସୌଦାମିନି ! ତୁମ୍ଭେ ବିଧାତାଙ୍କୁ ଧନ୍ୟବାଦ ଦେବ ଏହା ମୁ ଜାଣୁଛି ଆଉ ମୁ ମଧ ତାଙ୍କୁ ଧନ୍ୟବାଦ ଦେଉଅଛି ଯେ ସେ ତୁମ୍ଭଙ୍କୁ ରକ୍ଷାକରି ବନରେ ସୁଦ୍ଧା ଆମ୍ଭମାନଙ୍କୁ ଏକତ୍ରରେ ରଖିଅଛନ୍ତି—ମାତ୍ର କହିଲ, ତାହା କେଉଁ କାର୍ଯ୍ୟର ଅଟେ ?

ପିତା, ମାତା, ବନ୍ଧୁ, ବାନ୍ଧବ ସମସ୍ତ ଯାଇଅଛି, ସୁଖ, ସମ୍ପତ୍ତି ଏମାନ ଆଉ ଦେଖିପାରିବା ନାହିଁ, ତେବେ ଅନାହାର, କ୍ଳାନ୍ତି, ଶୋକ ଓ ସନ୍ତାପରୁ ଯାତନା ଭୋଗକରି ବନରେ ଦହଗଞ୍ଜ ହେବାଠାରୁ ମରିବା କି ଭଲ ନୁହେ ? ବିଧାତା ଆମ୍ଭମାନଙ୍କୁ ନ ମାରି କଷ୍ଟ ଦେବା ପାଇଁ ଜୀବନରେ ରଖିଅଛନ୍ତି କାରଣ ଶତ୍ରୁକୁ ଯେବେ ମାରି ପକାଇଲ ତେବେ ଦାଉ ସାଧିଲ କିପରି ? ସୌଦାମିନି ! ଆମ୍ଭେମାନେ ବିଧାତାଙ୍କ ଶତ୍ରୁ !!!

ଜୟସିଂହଙ୍କ ଚକ୍ଷୁରୁ ବାରିବିନ୍ଦୁ ବିଗଳିତ ହେଲା । ପିତା, ମାତା ମନଚକ୍ଷୁ ସମ୍ମୁଖରେ ଉଦୟ ହେବାରୁ ଆଉ ଧୈର୍ଯ୍ୟ ସମ୍ବରଣ କରି ପାରିଲେ ନାହିଁ, କଣ୍ଠରୁଦ୍ଧ ହେଲା ଓ ବାକ୍‌ଶକ୍ତି ରହିତ ହେଲା । ଶୋକବେଗ କିଞ୍ଚିତ୍ ଊଣା ହୁଅନ୍ତେ କହିଲେ 'ସୌଦାମିନି ! ପିତା ମାତା କି ଅସାର ପଦାର୍ଥ ? ଆଉ ଜଣେ ବନ୍ଧୁଙ୍କୁ ଦେଖି ପିତା ମାତା ଶୋକ କି ନିବାରିତ ହୁଏ ? ଆହା ! ଆଉ 'ବାପା' 'ମା' କହିବା ପାଇଁ ପୃଥିବୀରେ ଆମ୍ଭର କେହି ନାହିଁ ସେ ଯାହାହେଉ, ସୌଦାମିନୀ, ତୁମ୍ଭର ବାପ ମାକୁ ତୁମ୍ଭେ କିପରି ଅବସ୍ଥାରେ ଛାଡ଼ି ଆସିଛ ?

ସୌଦାମିନୀ ଅଚେତନା ହୋଇ ଭୂ-ପୃଷ୍ଠରେ ପତିତା ହେଲେ । ଜୟସିଂହ ଜଳସେଚନ କରି ତାହାଙ୍କୁ ସଚେତନ କରାଇଲେ । ସୌଦାମିନୀ ଉଠି ବସିଲେ କିନ୍ତୁ ବାକ୍ୟ କହିବାର ଶକ୍ତି ନାହିଁ, କେବଳ ନିଶ୍ଚେଷ୍ଟାବସ୍ଥାରେ ଅବିରତ ଲୋତକଧାରା ଯାହା ଲୋଚନଦ୍ୱୟରୁ ବିଗଳିତ ହେଉଥିଲା ତେତିକି । କେତେକ୍ଷଣ ଉତ୍ତାରୁ କହିଲେ ''ଜୀବିତେଶ୍ୱର ! ପିଲାଦିନୁ ତୁମ୍ଭ ସଙ୍ଗରେ ଥିବାରୁ ମୋର ଆଉ କୌଣସି କଷ୍ଟ ହୁଏ ନାହିଁ । ତୁମ୍ଭଙ୍କୁ ଦେଖିଲେ ମୋହର ଚିତ୍ତ ପ୍ରଫୁଲ୍ଲ ଆଉ ମନକାମନା ପୂର୍ଣ୍ଣ ହୁଏ । ତୁମ୍ଭର ପିତା ମାତା ମରିଗଲେ ତୁମ୍ଭେ ଶୋକାତୁର ହୋଇ ଘୋଡାଝପଟାଇବାର ଦେଖି ମୁ ତୁମ୍ଭରି ଅନୁସରଣରେ ଘରୁ ବାହାରିଲି । ଯେଉଁ ମନ ପୂର୍ବରେ ଭୟ, ସନ୍ଦେହ ଓ ଦୁଃଖରେ ବିଲୋଡିତ ହେଉଥିଲା ତାହାର ଗତି ପୂର୍ବଠାରୁ ଅଧିକ ହେଲା । ଯୁଦ୍ଧର ଗୋଳମାଳରେ କିଏ ବଞ୍ଚିବ କିଏ ମରିବ ତାହାର ଠିକ ନାହିଁ । ତୁମ୍ଭରିଆଡେ ମୋହର ମନ ଥିବାରୁ ଆଉ ତୁମ୍ଭର ଅନୁସରଣ କରିବା ନିମନ୍ତେ ନିତାନ୍ତ ବ୍ୟସ୍ତ ଥିବାରୁ ମୋତେ କିଛି ଦିଶିଲା ନାହିଁ ନା ଶୁଭିଲା ନାହିଁ, ମନ ଏକଗାମୀ ହୋଇ ରହିଲା । ତେବେ ଘରୁ ବାହାରି ଆସିବା ବେଳରେ କରି ଭାରି କାନ୍ଦବୋବାଳି ପଡ଼ିଲା । ଜଣେ ଆରଜଣକୁ କହିଲା ଯେ ପିତା ମାତାଙ୍କୁ ସ୍ୱହସ୍ତରେ ବଧକରି ମରିବାନିମନ୍ତେ ପ୍ରସ୍ତୁତ ହୋଇ ଦାଣ୍ଡକୁ ଗଲେ !!! ତେତେବେଳେ ସମସ୍ତେ ପଳାୟନୋନ୍ମୁଖ ଆମ୍ଭେ ମଧ ଜଡୀଭୂତାହୋଇ ଅନ୍ୟ କିଛି କରିବାକୁ ଅକ୍ଷମ ହୋଇ ଈପ୍ସିତଦିଗ ଅବଲମ୍ବନ କଲୁଁ । ପିତା ଯେ ନିଶ୍ଚୟ ମରିଥିବେ ତହିଁରେ ଆଉ ସନ୍ଦେହ ନାହିଁ !! ପ୍ରାଣେଶ୍ୱର । ମୋହର ମଧ 'ମା' 'ବାପା'ର ନାମ ପୃଥିବୀରୁ ଲୋପ ହୋଇଅଛି !!!'

ସୌଦାମିନୀ ବିକଳାହୋଇ ରୋଦନ କଲେ ଆଉ ଜୟସିଂହ ମଧ ସେହିପରି ।

———

## ତ୍ରୟୋଦଶ ପରିଚ୍ଛେଦ ।

### ଜ୍ୱଳନ୍ତାଗ୍ନି ।

କେତେକକ୍ଷଣ ଏହିପରି ଆପଣା୨ର ଦୁଃଖର କଥା କହି ମନକୁ କିଞ୍ଚିତ ଆଶ୍ୱସ୍ତ କଲେ । ଜଣେ କାନ୍ଦିଲେ ଅନ୍ୟ ଜଣ ତାହାର ଲୁହ ପୋଛନ୍ତି ଆଉ ସେ କାନ୍ଦିଲେ ଏ ଲୁହ ପୋଛନ୍ତି, ପୁଣି କେତେବେଳେ ଦିହେଁ ବିକଳ ହୋଇ ରୋଦନ କରନ୍ତି । ଏହି ପରି କେତେକ୍ଷଣ ଗତ ହେଲା ଉତ୍ତାରୁ ଜୟସିଂହ କହିଲେ 'ସୌଦାମିନି ! ଏଠାରେ ବସି କଣ କରିବା ? ମନ ଲାଗୁନାହିଁ—ମନ ବଡ଼ ଅସ୍ଥିର ହେଉଅଛି । ଚାଲ, ଅନ୍ୟ କୌଣସି ସ୍ଥାନକୁ ଯିବା ଏବଂ ଲୋକମାନଙ୍କର ଦୁର୍ଦ୍ଦଶା ଦେଖି ବିକଳରେ ରୋଦନ କରିବା; ଯେବେ କୌଣସି ଗ୍ରାମରେ ପହଞ୍ଚିବା ତେବେ ସେଠା ଲୋକମାନଙ୍କ ସଙ୍ଗରେ ବନ୍ଧୁଭାବରେ ରହି ଜୀବନ ଶେଷ କରିବା । ଏ ବନରେ ଥିବା ଭଲ ବୋଧ ହେଉ ନାହିଁ । ସୌଦାମିନୀ ସମ୍ମତା ହେଲେ ଏବଂ ଦିହେଁ ଅଶ୍ୱାରୋହଣ କରି ଉତ୍ତରାଭିମୁଖରେ ଅଶ୍ୱ ଚଳାଇଲେ ।

ଅର୍ଦ୍ଧ ଘଡ଼ି ମାତ୍ର ଦିବା ଅବଶିଷ୍ଟ । ଜୟସିଂହ ଓ ସୌଦାମିନୀ ଦିହେଁ ପୁରୁଷ ବେଶ ଧାରଣ କରି ଅଶ୍ୱ ଉପରେ ଯାଉଅଛନ୍ତି । ସେମାନେ ଯୋଦ୍ଧୃ ବେଶରେ ଦୁଇ ରାଜପୁତ୍ର ପରି ଦେଖା ଯାଉଅଛନ୍ତି; ହସ୍ତସ୍ଥ ତୀକ୍ଷ୍ଣ ତରବାରି ସେମାନଙ୍କୁ ସମସ୍ତ ପ୍ରକାର ଭୟକୁ ତୁଚ୍ଛ କରିବାପାଇଁ କହୁଅଛି ଆଉ ସେମାନେ ସାହସରେ ନିର୍ଭର କରି ଅଗ୍ରସର ହେଉଅଛନ୍ତି । କ୍ରମେ ସୂର୍ଯ୍ୟ ଅସ୍ତାଚଳ ଗୁହାରେ ପହୁଞ୍ଚି ନିଦ୍ରାଭିଭୂତ ହେଲେ, ଅନ୍ଧକାର ଚତୁର୍ଦ୍ଦିକରୁ ମାଡ଼ି ଆସିଲା, ବୋଧ ହେଲା ଯେପରି ରାତ୍ରି ଆକାଶରେ ଥାଇଁ ଆପଣାର ପକ୍ଷଦ୍ୱୟ ବିସ୍ତାର କରିବାରୁ ପୃଥିବୀ ଉପରେ ଛାୟା ପଡ଼ିଅଛି ଅଥବା ପ୍ରକୃତି ଲୁଗା ବଦଳାଇ ଅଛନ୍ତି । ପକ୍ଷୀମାନେ ଥରେ ଘୋର କୋଳାହଳ କରି ଉଠି ଏବେ ନିସ୍ତବ୍ଧ ହେଉଅଛନ୍ତି; ଏକା ନିଶାଚରଙ୍କୁ ଛାଡ଼ି ଅନ୍ୟାନ୍ୟ ପ୍ରାଣିମାନେ କ୍ରମେ ୨ ଅଦୃଶ୍ୟ ହେଉଅଛନ୍ତି । ଏବଂ ଆକାଶରେ ଗୋଟିଏ୨ ହୋଇ ନକ୍ଷତ୍ରମାନେ ବିକାଶିତ ହେଉଅଛନ୍ତି । ଦେଖୁଁ ୨ ଚତୁର୍ଦ୍ଦିକ ଅନ୍ଧକାରରେ ପୂର୍ଣ୍ଣ ହୋଇ ଆସିଲା ଆଉ ଆମ୍ଭମାନଙ୍କର ପଥିକ ଦ୍ୱୟଙ୍କର ମେଘାଚ୍ଛନ୍ନ ମନ ମଧ୍ୟ ଅଧିକତର ଅନ୍ଧକାରରେ ପୂର୍ଣ୍ଣ ହୋଇଗଲା ।

ଯାହାହେଉ ଅନ୍ଧକାର ହେତୁରୁ ପଥିକଦ୍ୱୟ ଯିବାରୁ କ୍ଷାନ୍ତ ହେଲେ ନାହିଁ । ମନର କଥା କହୁଁ ୨ ପ୍ରାୟ ତିନି କ୍ରୋଶ ବାଟ ଅତିକ୍ରମ କରି ଗଲେ । ଏକେ ଶୋକ ସନ୍ତପ୍ତ, ଦ୍ୱିତୀୟରେ ଅନାହାରୀ, ସେଥିରେ ପୁଣି ଏତେ ବାଟ ଅତିକ୍ରମ କରି ଆସିବାରେ ଅତ୍ୟନ୍ତ କ୍ଳାନ୍ତି ବୋଧ ହୋଇଥିଲା । କେଉଁ ସ୍ଥାନରେ ଆଶ୍ରୟ ନେଇ ରାତ୍ର ଯାପନ କରିବେ ଏହି ବିଷୟ ଭାବୁଁ ୨ କିଛି ଦୂର ଯାଇଅଛନ୍ତି ଏମନ୍ତ ସମୟରେ ଦୂରରୁ କେତେ ଗୁଡିଏ ଜ୍ୱଳନ୍ତ ଅଗ୍ନି ଦଉଡି ଆସୁ ଥିବାର ଦେଖାଗଲା । ସୌଦାମିନୀ ସୋଦ୍ୱେଗରେ କହିଲେ 'ଏ କଣ, ନିଆଁ କେଁଉଠାରୁ, କିଏ ଆସୁଅଛି ?' ଜୟସିଂହ ସାଶ୍ଚର୍ଯ୍ୟ ଉତ୍ତର କଲେ 'ସତେତ, ଜ୍ୱଳନ୍ତାଗ୍ନି !'

# ଅମୀର ସେର ଅଲି ।

ପୁନର୍ବାର ଦୁନ୍ଦୁଭି ଧ୍ୱନିର ଆଡ଼ମ୍ବର ! ଏହି ଜୟ-ବୃଂହିତ ମୋଗଲ ପଠାଣଙ୍କର ପ୍ରାଣାନ୍ତ ସମରରେ ନୁହେ । ପ୍ରାଚୀନ କପିଶା କ୍ଷେତ୍ରରେ ଇଂରାଜ ଓ ଆଫଗାନଙ୍କର ବୀର୍ଯ୍ୟ-ପରୀକ୍ଷା । ବୋଲନ ଓ ଖାଇବର ଗିରସଙ୍କଟ ବନ୍ୟାପରି ଅତିକ୍ରମ କରି ଯେଉଁ ଆଫଗାନ୍‌ମାନେ ଶତବର୍ଷ ପୂର୍ବରେ "ଆଲ୍ଲାହୋ ଆକ୍‌ବର" ରବରେ ପଶ୍ଚିମପ୍ରାନ୍ତ ବିପର୍ଯ୍ୟସ୍ତ କରି ପକାଇ ଥିଲେ, ଆଜି ସେହି ଆଫଗାନମାନେ ପୈତ୍ରିକ ଭିତ୍ତି ରକ୍ଷା କରିବାକୁ ଅକ୍ଷମ ହୋଇ ହିନ୍ଦୁସେନାଙ୍କ ସମ୍ମୁଖରେ ପଳାୟନ କରୁ ଅଛନ୍ତି ।

ପାରସିକ ନାଦୀରସାହଙ୍କ ଭାରତ ଆକ୍ରମଣ ସମସ୍ତେ ହିଁ ଅବଗତ ଅଛନ୍ତି । ନାଦୀରସାହଙ୍କ ସୈନ୍ୟସମିତି ମଧ୍ୟରେ ଆଫଗାନମାନଙ୍କ ପରି ସାହସୀ, ଉଗ୍ରପ୍ରକୃତି ଓ ଅସ୍ଥିର ଚିତ୍ତ ସୈନ୍ୟ ଆଉ ନଥିଲେ । ୧୭୪୭ ଖ୍ରୀଷ୍ଟାବ୍ଦରେ ନାଦୀର ହତ ହେଲେ — ବନ୍ୟା ବନ୍ଧଭାଙ୍ଗି ଦେଶ ପ୍ଲାବିତ କରିବାର ଉପକ୍ରମ କଲା । ଅରାଜକ ରାଜ୍ୟରେ ଯେ ସାଧାରଣର ମନୋହରଣ କରିବାର କୌଶଳ ଜାଣେ ସେହି ପ୍ରଭୁ ବା ଦେବ ପଦବୀ ଲାଭ କରେ । ନାଦୀରସାହଙ୍କ କର୍ମଚାରିଙ୍କ ମଧ୍ୟରେ ସେହିପରି ଗୋଟିଏ ଲୋକ ଥିଲେ— ସେହିଲୋକ ପାଣିପଥ ଯୁଦ୍ଧର ଆହମ୍ମଦ ସାହ ଆବଦଲୀ । ଆବଦଲୀଙ୍କ ବୀର୍ଯ୍ୟରେହିଁ ଦୃପ୍ତ ଦୁରାଣୀବଂଶ କାବୁଲରେ ନିଗଡ଼ ସ୍ଥାପନ କରି ଥିଲେ; ଏବଂ ଶତଦ୍ରୁ ପର୍ଯ୍ୟନ୍ତ କାବୁଲ ରାଜ୍ୟ ବିସ୍ତୃତ ହୋଇ ଥିଲା । ୧୭୭୩ ଖ୍ରୀଷ୍ଟାବ୍ଦରେ ଆବଦଲୀଙ୍କ ମୃତ୍ୟୁ ହେଲେ ରଣଜିତ ଖାଲସା ଘେନି ଅତ୍ୟାଚାରୀ ଆଫଗାନଙ୍କର ପ୍ରତିବିଧିତ୍ସାରେ ପ୍ରବୃତ୍ତ ହୋଇଥିଲେ । ବାରମ୍ବାର ସଙ୍କଟ ସମରରେ ଆଫଗାନମାନେ ପର୍ଯ୍ୟୁଦସ୍ତ ଓ କାବୁଲ ଆକ୍ରମିତ ହେଲା । ଅବଶେଷରେ କେବଳ ହିରାତ ଦୁରାଣୀବଂଶର ଭସ୍ମାବଶେଷ ବହନ କଲା । ଦୁରାଣୀ ବଂଶୋଦ୍ଭୂତ ବାରୁକ୍‌ଜି ବଂଶ ଏହି ଗୋଳଯୋଗ ସମୟରେ କ୍ରମେ ପ୍ରାଧାନ୍ୟତା ଲାଭ କଲା ଆଉ ଏହି ବଂଶରେ ଦୋସ୍ତ ମହମ୍ମଦଙ୍କର ଜନ୍ମ ହୋଇଥିଲା । ଦୋସ୍ତ ମହମ୍ମଦ ପ୍ରାଣପଣରେ ଶିଖ ସୈନ୍ୟଙ୍କ ସହିତ ଯୁଦ୍ଧ କରିଥିଲେ ଆଉ ବାରମ୍ବାର ପରାଜିତ ହୋଇଥିଲେ; ଅବଶେଷରେ ଜମରୁଦ ଯୁଦ୍ଧରେ ଦ୍ୱାଦଶ ସହସ୍ର ପଠାଣ ଭୂମିଶାୟିତ ହେଲେ । ଏହି ଘଟନା ୧୮୩୬ ସାଲରେ ଘଟିଥିଲା । ଏହି ସମୟରେ ଇଂରାଜମାନେ କୁକ୍ଷଣରେ ଆଫଗାନ ବିବାଦରେ ହସ୍ତ କ୍ଷେପଣ କଲେ । ବିଜୟୀ ଶିଖସୈନ୍ୟଙ୍କ ସାହାଯ୍ୟରେ ଶିଳାମୟ ଆଫଗାନିସ୍ଥାନ ସହଜରେ ପରାଜେୟ ବୋଲି ସେମାନେ ଅନୁମାନ କରିଥିଲେ ଆଉ ସେହିହେତୁରୁ ହତଭାଗ୍ୟ ସାହସୁଜାଙ୍କୁ ସ୍କନ୍ଧରେ ଘେନି ମେଜର ବରଣ୍‌ସଙ୍କ ପରାମର୍ଶରେ କାବୁଲରେ ପ୍ରବେଶ ହୋଇଥିଲେ, ଇତିହାସରେ ତାହାହିଁ ପ୍ରଥମ ଓ ଦ୍ୱିତୀୟ ଆଫଗାନ ଯୁଦ୍ଧ ନାମରେ ଅଭିହିତ ହୁଏ । ସେହି ଯୁଦ୍ଧର ପରିଣାମ

ମୃତପ୍ରାୟ ଦୋସ୍ତ ମହମ୍ମଦଙ୍କର ବିଷମୟ ଫଣାଧାରଣ, କୁମାର ଆକବରଙ୍କ ବୀରଦମ୍ଭ ଜରାଜୀର୍ଣ୍ଣ ଏଲ୍‌ଫିନ୍‌ଷ୍ଟୋନଙ୍କ ଅକର୍ମଣ୍ୟତା ଓ ନିଧନ ଏବଂ ଖାଇବରଠାରୁ ଭଗ୍ନଦୂତ ବ୍ରାଇଡନଙ୍କ ପ୍ରତ୍ୟାଗମନ କାହାକୁହିଁ ଅବିଦିତ ନାହିଁ ।

ଏଥିର ଦଶବର୍ଷ ଉତ୍ତାରେ ପଞ୍ଜାବ ଓ ସିନ୍ଧୁ ଇଂରାଜ କୋମ୍ପାନିଙ୍କ ହସ୍ତଗତ ହେଲା । ସେହି ସମୟକୁ ପାରସ୍ୟ ସମ୍ରାଟ ହିରାତ ଅଧିକାର କରି ନେଇ ଥିଲେ । ୧୮୫୮ ଖ୍ରୀଷ୍ଟାବ୍ଦରେ ପେସୌର ନଗରରେ ଦୋସ୍ତ ମହମ୍ମଦଙ୍କ ସହିତ ଇଂରାଜମାନଙ୍କର ଗୋଟିଏ ସନ୍ଧି ହେଲା । ସେହିଦିନଠାରୁ ହିରାତ, କାନ୍ଦାହାର, ବଲ୍‌ଖ, ସରିପୁଲ, ଖୁଲୁମ ପ୍ରଭୃତି ଅନେକଗୁଡିଏ ପ୍ରଦେଶ ଜୟକରି ଦୋସ୍ତ ମହମ୍ମଦ ଆଫଗାନିସ୍ଥାନକୁ ଦୁରାଣୀବଂଶସ୍ଥାପୟିତାଙ୍କ ପରି ପୁନର୍ବାର ସୌଭାଗ୍ୟଶାଳୀ କରି ଦେଲେ । ପ୍ରତିବେଶୀର ସୌଭାଗ୍ୟ କେହି ଦେଖି ପାରନ୍ତି ନାହିଁ, ତେବେ ହେଁ ଇଂରାଜମାନେ ମନର କଥା ମନରେ ଗୋପନ କରି ଦିନପାତ କରୁଥିଲେ । କିନ୍ତୁ ଦୈବସୁଯୋଗକୁ ସେମାନଙ୍କର ମନୋଗତ ଶଙ୍କା ଅଚିରେ ଦୂର ହେଲା । ୧୮୬୩ ସାଲରେ ଦୋସ୍ତ ମହମ୍ମଦଙ୍କର ମୃତ୍ୟୁ ହେଲେ ଅସ୍ଥିର ଆଫଗାନଙ୍କର ଗୃହ ବିଚ୍ଛେଦ ପ୍ରଜ୍ୱଳିତ ଶିଖାରେ ଜ୍ୱଳି ଉଠିଲା । ଦୋସ୍ତ ମହମ୍ମଦଙ୍କ ତିନୋଟି ପୁତ୍ର ଆଫଜଲ, ଆଜିମ ଓ ସେରଅଲି । ମୃତ୍ୟୁକାଳରେ ଦୋସ୍ତ ମହମ୍ମଦ ତୃତୀୟ ପୁତ୍ରକୁହିଁ ସିଂହାସନ ପ୍ରଦାନ କରି ଗଲେ; କିନ୍ତୁ ପିତାଙ୍କର ମୃତ୍ୟୁ ହେଲେ ଅପର ଦୁଇ ଭ୍ରାତା ପ୍ରତୀଦ୍ୱନ୍ଦ୍ୱୀ ହୋଇ ଛିଡ଼ା ହେଲେ । ସେରଅଲି ସେହି ବିପଦରେ ବାରମ୍ବାର ଇଂରାଜମାନଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥନା କରିଥିଲେ; କିନ୍ତୁ ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କୁ କୌଣସି ପ୍ରକାର ସାହାଯ୍ୟ କଲେ ନାହିଁ । ଅଥଚ ରୁସିୟାଙ୍କର ଭାରତାକ୍ରମଣ ଭୟରେ ଇଂରାଜମାନେ ଏତେ ଭୀତ ଯେ ଆଫଗାନିସ୍ଥାନ ସହିତରେ ମୈତ୍ରୀ ରକ୍ଷା କରିବାକୁ ଭବିଷ୍ୟତ୍‌ରେ ଅମିରଙ୍କୁ ରାଶୀ୨ ଅର୍ଥଦେବାକୁ ମଧ କୁଣ୍ଠିତ ହେଲେ ନାହିଁ । ବିପଦସମୟରେ ଏକ କପର୍ଦ୍ଦକର ସାହାଯ୍ୟ ଯେ କେଡ଼େ ମୂଲ୍ୟବାନ୍ ବୋଧ ହୁଏ ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ତାହା ଜାଣନ୍ତି ନାହିଁ । ବରଂ ଆଫଜଲ ଓ ଆଜିମ ପଳାଇ ଭାରତବର୍ଷରେ ପ୍ରବେଶ ହେଲେ ସେମାନେ ଆଜିମଙ୍କୁ ନାନାପ୍ରକାର ଆଶ୍ୱାସ ଦେଇଥିଲେ । ଯାହା ହେଉ ଇଂରାଜମାନଙ୍କ ନିକଟରେ ପ୍ରତ୍ୟାଖ୍ୟାତ ହୋଇ ଅମୀର ରୁସିୟାଙ୍କର ସାହାଯ୍ୟ ପ୍ରାର୍ଥନା କଲେ । ତେତେବେଳେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ଚକ୍ଷୁରୁନ୍ମୀଳନ ହେଲା– ସେମାନେ ସାହାଯ୍ୟର ପ୍ରସ୍ତାବ କରି ଦୂତ ପ୍ରେରଣ କଲେ । କିନ୍ତୁ ଦୂତକୁ ବିଫଳ ଚିତ୍ତରେ ପେଶୌରକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲା । ରୁସୀୟାଙ୍କର ସରଳତା ତତୋଧିକ; ରୁସୀୟା ମଧ ଗୋପନରେ ଦୁଇପକ୍ଷକୁହିଁ ସାହାଯ୍ୟର ଲୋଭ ଦେଖାଇବାକୁ ରହିଲେ । ଅବଶେଷର ଆଜିମଖାହିଁ ରୁସଭକ୍ତ ହୋଇ ପଡ଼ିଲେ ।

ଏତେଦିନ ସେରଅଲିଙ୍କ ଜ୍ୟେଷ୍ଠପୁତ୍ର ୟାକୁବଖାଁ ପାରସ୍ୟ ବିରୁଦ୍ଧରେ ହିରାତ ରକ୍ଷା ଏବଂ ସେର ଅଲି ସ୍ୱୟଂ ଯୁଦ୍ଧକ୍ଷେତ୍ରରେ ଅଧିନାୟକତା କରୁଥିଲେ । ଏହିସମୟରେ ସେ ପୁତ୍ର ସହିତରେ ସ୍ଥାନ ପରିବର୍ତ୍ତନ କଲେ । ୟାକୁବ ସେନାପତି ପଦରେ ନିଯୁକ୍ତ ହୋଇ ଏକ ଉଦ୍ୟମରେ ଗନ୍ଧାର, କ୍ବଇତା ଏବଂ ଖିଲାତ ଅଧିକାର କଲେ (୧୮୬୭), ତେଣେ ବିପକ୍ଷ ଶିବିରରେ ଗୃହବିଚ୍ଛେଦ ଉପସ୍ଥିତ ହେଲା । ତେବେହେଁ ଆଜିମ ଏକାକୀ ସହସ୍ର ୨ ସୁଶିକ୍ଷିତ ସୈନ୍ୟ ଘେନି ଭ୍ରାତୁଷ୍ପୁତ୍ର ସହିତରେ ଯୁଦ୍ଧ କରିବାକୁ ଅଗ୍ରସର ହେଲେ । ଆଜିମଙ୍କର ସୈନ୍ୟ ସଂଖ୍ୟାରେ ଅଧିକ ଓ ଶିକ୍ଷାରେ ସୁନିପୁଣ ଆଉ ୟାକୁବ କେତେଗୋଟୀ ଅଶିକ୍ଷିତ ଯୁବକ ଏକତ୍ର କରିଥିଲେ ମାତ୍ର । ଅପର କେହି ଏହି ବିପଦରେ ଦୁର୍ଗମଧ୍ୟରେ ଆତ୍ମରକ୍ଷା କରିଥାନ୍ତା କିନ୍ତୁ ୟାକୁବ ଅନ୍ୟ ଧାତୁର ଅଟନ୍ତି । ସେ ଅସୀମ ସାହସରେ ବହିର୍ଗତ ହୋଇ ଗଜନୀ ଅଧିକାର କରି ନେଲେ ଏବଂ ଏକଦଳ ବିପକ୍ଷ ସୈନ୍ୟଙ୍କୁ ବହୁଦୂରକୁ ତଡ଼ିଦେଲେ । ଏବଂ ପିତାପୁତ୍ରେ ଏକତ୍ର ହୋଇ ୧୮୬୮ ସାଲର ଅଗଷ୍ଟମାସରେ କାବୁଲ ପୁନର୍ବାର ଅଧିକାର କଲେ । ଇଂରାଜମାନେ ସେରଅଲିଙ୍କି କିଛିମାତ୍ର ସାହାଯ୍ୟ କରି ନ ଥିଲେ, ତେବେହେଁ ସିଂହାସନରେ ବସିବାମାତ୍ର ସେରଅଲି ଭାରତବର୍ଷର ଗବର୍ଣ୍ଣର ଜେନରେଲଙ୍କୁ ମୈତ୍ରୀଭାବରେ ଶୁଭସମ୍ବାଦ ସର୍ବ ପ୍ରଥମରେ ପ୍ରେରଣ କଲେ । ତେଣେ ବିପକ୍ଷମାନେ ବାରମ୍ବାର ପରାଜିତ ହୋଇ ରୁସରାଜ୍ୟକୁ ପଳାୟନ କଲେ । ସେଠାରେ ଆଫଜଲଙ୍କ ପୁତ୍ର ଅବଦୁର ରହମନ୍ ଅଦ୍ୟାପି ରୁସ ପ୍ରଦତ୍ତ ପେନ୍‌ସନ ଭୋଗ କରୁଅଛନ୍ତି ।

ଇଂରାଜମାନେ ଯେଉଁ ଆଜିମଙ୍କୁ ଆଫଗାନିସ୍ଥାନର ରାଜା ବୋଲି ସ୍ୱୀକାର କରିଥିଲେ ସେ ପଳାୟନ କଲେ ଆଉ ପ୍ରତ୍ୟାଖ୍ୟାତ ସେରଅଲି ରାଜ୍ୟଲାଭର ଶୁଭ ସମ୍ବାଦ ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ପଠାଇଲେ । ଲର୍ଡମେଓ ତେତେବେଳେ ବିଗତ ଭ୍ରମ ସଂଶୋଧନ ନିମିତ୍ତ ଅମ୍ବାଲାରେ ସେରଅଲିଙ୍କି ମହା ସମାଦରରେ ଆଲିଙ୍ଗନ କଲେ । ସେରଅଲି ଲର୍ଡମେଓଙ୍କ ବ୍ୟବହାରରେ ପରମ ପ୍ରୀତ ହେଲେ କିନ୍ତୁ ଇଂରାଜଙ୍କୁ ବାକ୍ୟ ବାଗୀଶ ଓ ସ୍ୱାର୍ଥପର ବୋଲି ବୁଝିଗଲେ ।

ୟାକୁବଖାଁଙ୍କ ସାହାଯ୍ୟରେ ହିଁ ଅମୀର କାବୁଲର ସିଂହାସନ ଲାଭ କଲେ ୟାକୁବଖାଁନ୍ ମଧ୍ୟ କିଛିକାଳ ପିତାଙ୍କ ପ୍ରଧାନ ମନ୍ତ୍ରୀତ୍ୱ କରିଥିଲେ । କିନ୍ତୁ ଅବଶେଷର ଅବଦୁଲ୍ଲ ଜାନ ପିତାଙ୍କ ପ୍ରିୟପାତ୍ର ହୋଇ ଉଠିଲେ । ଅମୀର ସ୍ତ୍ରୀ ପ୍ରରୋଚନାରେ ଅବଦୁଲ୍ଲାଜାନଙ୍କୁ ଆପଣା ଉତ୍ତରାଧିକାରୀ ବୋଲି ଘୋଷଣା କଲେ ।

କ୍ରମଶଃ

---

## କାଳର ଗତି ।

### ପ୍ରଥମ ପ୍ରସ୍ତାବ ।

୧

ନାହିଁ ଆଉ ଭାଇ ପୂର୍ବର ସଂସାର;
ନାହିଁ ପୂର୍ବ କଥା, ସୁକୃତ ଅପାର;
ନାହିଁ ଭଲ ଗୁଣ; ନାହିଁ ସୁବିଚାର;
ଅପୂର୍ବ ସଂସାର ବିଷରେ ଭରା ।
ହିତାହିତ ଜ୍ଞାନ, ନୀତି, ସୁଲକ୍ଷଣ,
ଉତ୍ତମ କରମ, ଆତ୍ମ-ସଂରକ୍ଷଣ,
ମନୁଷ୍ୟ ଅଜ୍ଞାନ ସବୁ ବିସ୍ମରଣ,
କରିଛି; ଦୁଷ୍କର୍ମେ ଭାସୁଛି ଧରା ।।

୨

କିସ ଆଉ ଭାଇ ଦେଖ ଏ କାଳରେ ?
ଦେଖିବାକୁ କିଛି ନାହିଁ ସଂସାରରେ–
କାନ୍ଦ ଯାଇ ନିଜେ ବସି ନିର୍ଜ୍ଜନରେ
ଲୋକଙ୍କ ଆଚାର ଚିନ୍ତିଣ ମନେ ।
କିପରି ଏ କାଳ କିସ ମୁଁ କହିବି ?
ଥାଉ ଦିନାକେତେ ଆଉକି ଦେଖିବି ।
ଅତ୍ୟାଶ୍ଚର୍ଯ୍ୟ କିନ୍ତୁ ଏହାକୁ କହିବି,
ମନୁଷ୍ୟ ଆପଣା ନ ଚିହ୍ନେ କ୍ଷଣେ ।

୩

ଧିକ ସେହି ଲୋକେ ଧିକ ଶତଥର,
ଧିକ ନରାଧମେ ପଶୁ ସେ ପାମର,
ଗଞ୍ଜା ମଳିବାରେ ଯେ ଲୋକ ତତ୍ପର,
ଦିନ ରାତି ଯାର ତହିଁରେ ଯାଇ ।
କାନ୍ଦେ ଘରେ ମାତା, କାନ୍ଦଇ ବିକଳେ,
କାନ୍ଦେ ଭାର୍ଯ୍ୟା, ଭଗ୍ନୀ, ପୁତ୍ର କ୍ଷୁଧାର୍ତ୍ତରେ,
ନାହିଁ ତହିଁ ମନ,–ଦେଖ ସେ ପାମରେ,
ଗଞ୍ଜା ଦୋକାନରେ ଛାତି ଫୁଲାଇ ।।

୪

ରକ୍ତ ବର୍ଣ୍ଣ ଚକ୍ଷୁ ଅର୍ଦ୍ଧନିମୀଳିତ
(ଭୋଳାନାଥ ଯାହା ଦେଖି ହେବେ ଭୀତ !)
ଭଲୁଆଙ୍କ ପରି ମୁଖ ବିସ୍ତାରିତ,
ରୁକ୍ଷ କେଶ ସତେ ଚୋର ଯେସନ ।
ଘରେ ଭାତ ନାହିଁ ମାଗି ଖାଏ ନିତି,
ଗଞ୍ଜୋଡ଼ି ସଙ୍ଗରେ ସଦା ଯାର ପ୍ରୀତି,
ରାତ୍ରି ଦିନ ବକା ଅଟେ ଯାଇ ରୀତି,
ମରୁ ଦୁଷ୍ଟ ତାକୁ ନ ସହୁ ଏ କ୍ଷିତି,
ପଡୁ ନରକରେ ଯମସଦନ ।।

୫

ପୁଣି ଭାଇ ଦେଖ ଅତ୍ୟନ୍ତ ଅଜ୍ଞାନୀ,
ଯୁକ୍ତିଯୁକ୍ତ କଥା ସମସ୍ତ ନ ମାନି,
ପ୍ରାପ୍ତ ହେବା ଆଶେ ଯମ-ରାଜଧାନୀ
ମଦତାଧୀନରେ ଅଛଇ ରହି ।
ମର୍କଟରୂପୀ ସେ ମରୁ ପାପାଧମ,
ଅଧମାଧମ ସେ ପୋଡୁ ତା କରମ,
ଛିଟା ମଦତର ପୋଡଇ ଯେସନ,
ତାତି ମରୁ କ୍ଷୀଣ ଜୀବନ ବହି ।।

୬

କହିବାକୁ କଥା ନାହିଁ ଭାଇ ଶୁଣ,
ଲେଖା ପଢ଼ାରେ ଯେ ଅଟଇ ନିପୁଣ,
ସେ ପୁଣି ସଦ୍‌ଗୁଣ ପାସୋରି ଦୁର୍ଗୁଣ
ଆଦରୁଛି ଖାଇ ମଦତ ନିଶା ।
ପଶିଲା ଚୁଲ୍ଲୀରେ ବିଦ୍ୱାନ ହୋଇବା,
ପଶିଲା ଚୁଲ୍ଲୀରେ ସୁଜ୍ଞାନ ପାଇବା,
ସଂସର୍ଗ ଦୋଷରେ, ରତ ମଦତରେ,
ଅଚିରେ ହରାଏ ଧନ ପଇସା,
ଚୋର ଠକ ହୁଏ ବହିଣ ହିଂସା ।।

୭

ମରନ୍ତି ଘରରେ କୁଟୁମ୍ବେ ଗଡିଣ;
ନିଜେ ଖାଇବାକୁ ନାହିଁ କେଉଁଦିନ,
ସଦା ମନକରେ, ମଦତ ମେରୁରେ,
ଧନ, ମାନ, ପ୍ରାଣ ଥୋଇବା ଯାଇ ।
ମଦତ ରୂପକୁ ରୂପ କଲା ହେଲା,
ଛିଛି ! ପୃଥ୍ୱୀ ପୁଣି ନିନ୍ଦାବାଦ ଦେଲା,
ଛିଟା ସେ ଜ୍ୱଳନ୍ତ, ଯେହ୍ନେ ଭୂମିଗତ,
ଖସିପଡ଼େ ଦେହ,—ଜୀବନ ନାହିଁ,
ଘୋର ନର୍କେ ଜୀବ ବୁଡ଼ିଣ ଥାଇ ॥

୮

ଘୋର ନିନ୍ଦାବାଦ ତାକୁ କିସ ଭାଇ,
ତ୍ରିଭୁବନ ଯାର ମୁଖେ ସଦା ଥାଇ ?
ଗଳିତ ନେତ୍ରରେ ଦୃଷ୍ଟି ତ୍ରିକାଳରେ,
ଚିପା ସ୍ୱରେ କଥା ଉଡାଇ ଦିଏ !
ମରୁ ସେ ପାପିଷ୍ଠ, ଯାଉ ରସାତଳ;
ତା ମୃତ୍ୟୁରେ କେହୁ ହୁଅଇ ବିକଳ ?
ଲୁଚୁ ନାମ ତାର, ଯାଉ ଏ ସଂସାର
ଛାଡ଼ିଣ; ତାହାକୁ ପଚାରେ କିଏ ?
ଥାଉଁ ଜୀବ ଯମ ତାହାକୁ ନିଏ !!

୯

ଏ ଦେଖ ଲୋକ ଏ ମଦ-ମତୁଆଲା,—
ନ ଚିହ୍ନଇ ମାତା, ଭଗ୍ନୀ ସହୋଦରା,
ରୂପ ବିରୂପାକ୍ଷ, ଭୀଷଣ କଟାକ୍ଷ,
ଅଷ୍ଟବକ୍ର ମୁନି ସଦା ଚଳନେ,
ନର୍କକୁଣ୍ଡ ମୁଖ; ମୂରୁ ଦୁରାଚାରୀ,
ଦଣ୍ଡଧର-ସୁଖ ବରଧନ-କାରୀ;
ଓକାଳି ପକାଇ, ପୁନଃ ଖାଏ ଯାଇ,
ଶବ୍ଦ କରି ପଡ଼େ କେତେ ଅସ୍ଥାନେ ।
ଛାତି ଫାଟି ଯାଉ ମଦସେବନେ ॥

୧୦

ସଙ୍କୁଚିତ ଗ୍ରୀବ ରସିକ ଏ ଭାଇ,—
ଶକ୍ତି ଅମ୍ଳପିତ୍ତେ ଚାଲିବାକୁ ନାହିଁ,
ବେଶ୍ୟା ସଙ୍ଗ କରି, ଭଙ୍ଗାଘରେ ପଡ଼ି
ଭଗ୍ନ ଦେହେ ଯମ-ଯନ୍ତ୍ରଣା ସହେ ॥
ତାକପାଇଁ ବେଶ୍ୟାମାନଙ୍କ ସାହସ,—
ବିଜ୍ଞାପନ ଟଙ୍କା ଦେଖ ଦ୍ୱାରଦେଶ,
ଦ୍ୱାରେ ଦ୍ୱାରବାନ, କରି କହୁ ମାନ,
ନିର୍ଲଜ୍ଜ ମୁଖକୁ ଦେଖାଇ ରହେ ।
ଅଟ୍ଟାଳିକା ପୁଣି ସମ୍ଭ୍ରମ କହେ ॥

୧୧

ମରନ୍ତୁ ପାପିଷ୍ଟେ ବେଶ୍ୟା ସହ ସର୍ବ ।
ମଲେ ଯାଇଁ ପୃଥ୍ୱୀ କରିବଟି ଗର୍ବ;
ସଭ୍ୟତାରେ ଭାଇ, ଆମ୍ଭ କାର୍ଯ୍ୟ ନାହିଁ,
ଏପରି ସତ୍ୟତା ପୋଡ଼ିଣ ମରୁ ।
ଆଉ ତୁ ଆରେ ରେ ଧରମ ରାଜନ !
ଏମାନଙ୍କୁ ଯେବେ ଦେଉ କ୍ଷମା ଦାନ,
ହେଲେ ବରଖାସ୍ତ, ହୋଇବୁ ପରାସ୍ତ,
ନିଜ ନର୍କ କୁଣ୍ଡେ ପଡ଼ି ତୁ ସଡ଼ୁ;
ଚଉରାଶୀ କୁଣ୍ଡେ ତୋ ମୁଣ୍ଡ ଗଡୁ ॥

୧୨

ଅନ୍ୟ ଧର୍ମରାଜ ତୋ ପରିବର୍ତ୍ତରେ
ହୋଇବ, ପାଳିବ ପ୍ରଜା ଧରମରେ ।
ଆଶ୍ୱସ୍ତା ପୃଥିବୀ ତେବେ ମୁଁ ବୋଲିବି,
ସୁଖ-ପୂର୍ଣ୍ଣାଧରା ହୋଇବ ତେବେ ।
ଆଉ ଭାଇ ତୁମ୍ଭେ ସୁଖେ ଥାଅ ଯାଇ,—
ଭୋଗ ବିଳାସରେ ତୁମ୍ଭ ମନ ନାହିଁ;
ତୁମ୍ଭେ ଜଗଜ୍ଜିତ, ସଂସାର ସେ ପ୍ରୀତ
ସର୍ବ ନିଶା ଦୂରେ ଅଛ ହୋ ଯେବେ ।
ମରନ୍ତୁ ସମସ୍ତେ ଯେହୁ ଅନ୍ୟ ମତେ,
ପୃଥ୍ୱୀ ତେବେ ଯାଇ ଜୀବିତା ହେବେ ।
ଈଶ୍ୱର ରାଜ୍ୟରେ ରତ ଦୁଷ୍କାର୍ଯ୍ୟରେ !
ନର୍କରାଜ ତାଙ୍କୁ ନରକେ ନେବେ ।
ଥାଅ ଭାଇ ! ମୁହିଁ ଆସୁଛି ଏବେ ॥

---

# ନିଶୀଥେ କୋକିଳ ।

୧

ଗଭୀର ରଜନୀ ଘୋର ଅନ୍ଧକାର,
ନାହିଁ କଳରବ ନୀରବ ସଂସାର,
ପଞ୍ଚମ ଲହରୀ, ଆକୁଳିତ କରି,
କାହିଁରେ ଏ ଧ୍ୱନୀ ! କି ଅବା ଏ ଧ୍ୱନୀ !
ଭସାଇ ଜଗତ ଉଠୁଛି ଗଗନେ ।
ବିଷମ ବାଜୁଛି ବିରହୀର ମନେ ।

୨

ଶୋଇଛି ଜଗତ ନାହିଁ କିଛି ରବ,
ଭବ କୋଳାହଳ ହୋଇଛି ନୀରବ;'
କିଏ ଏତେବେଳେ, ବସିଣ ନିରୋଳେ,
ଆପଣା ପାଶୋରି, ମନ ପ୍ରାଣଭରି,
ଡାକୁଛି, ଗାଉଛି ଏକତାନ ମନେ ?
କାନ୍ଦୁଛି ଧରଣୀ ମାତିଣ ସେ ସ୍ୱନେ !

୩

ଆପଣା ରୋଦନେ ଆପଣେହିଁ ମାତି,
(ଶୁଣିକି ବିରହୀ ଧରି ପାରେ ଛାତି !)
ବାୟି ପଞ୍ଚମରେ, ପଞ୍ଚମ ରାଗରେ,
କୁହୂ୨ ବୋଲି (ଉହୂ୨ ଗଲି !)
ଫିଟାଇ ହୃଦୟ ରାବୁଛି ନିରୋଳେ,
ରହି୨ ଉଠେ ପବନ ହିଲ୍ଲୋଳେ ।

୪

ବେହାଲା, ଶାରଙ୍ଗ, ଏସ୍ରାଜ ସେତାର,
ହାର ମାନି ଯାଏ ରବାବ ଝଙ୍କାର,
ହାରମୋନୀୟମ୍ ସୁର, ପିଅନୋ ବେସୁର,
କିଛାର ତୁମ୍ବୁରା,— ତାନ ଲୟ ଭରା,
ବୀଣା ସପ୍ତସ୍ୱରା,— ସ୍ୱର ମଧ୍ୟେ ସାର,
ଏ ସ୍ୱର ତୁଳନେ ସମସ୍ତେହେଁ ଛାର !!

୫

ଶୁଣି ନାହିଁ କେବେ ମୁରଲୀର ଧ୍ୱନି,
ଯେ ସ୍ୱନେ ମଜିଲେ ଗୋପ-ଭୁଆସୁଣୀ,
ସେହି କି ମୁରଲୀ, ଅନ୍ଧକାରେ ଭୁଲି
ଅଥବା ପାଶୋରି, ବୃନ୍ଦାବର୍ନ ପୁରୀ
ବସନ୍ତ ଆଗମେ, ବସନ୍ତ ରାଗରେ
କାନ୍ଦୁଅଛି ଆସି ହରଷ ଅନ୍ତରେ ?

୬

ଗାଅ ଗାଅ ପୁଣି ଗାଅ ପ୍ରାଣ ଭରି,
ଗାଇବିରେ ମୁହିଁ ସମତାନ ଧରି ।
ଆହା କି ମଧୁର, ଅଟଇ ତୋ ସ୍ୱର,
କାନ୍ଦୁଛି ମୋ ମନ, କାନ୍ଦୁଛିରେ ପ୍ରାଣ,
କାନ୍ଦୁଛି ରଜନୀ, କାନ୍ଦୁଛି ଭବନ,
ରହି୨ ପୁଣି କାନ୍ଦୁଛି ପବନ ।

୭

ଗାଅ ଗାଅ ଗାଅ, ଗାଅ ଫେରି ଫେରି,
(ସୁଖୀ ସେ ହୃଦୟ ଯେ ଗାଏ ତୋ ପରି !)
ଟେକି ପଞ୍ଚମରେ, ଲଳିତ-ରାଗରେ,
ମୁଦାରାରେ ଘୂରି, ତାରା ଗ୍ରାମ ପୂରି,
ଉଠାଅ ଗିଟ୍‌କିରୀ କାନ୍ଦୁ ଏ ସଂସାର,
ମାତି ଉଠୁ ଯେତେ ହୃଦୟ ଅସାର,

୮

ନ ଶୁଣୁ ପଛକେ ଜଗତର କେହି,
ଆ ରେ ତୁ ମୋ କତି ଶୁଣିବିରେ ମୁହିଁ—
କି ହେଲା କି ହେଲା, କିପାଁ ନୀରବିଲା, !
କିଏ ଶୁଣାଇଲା, କିବା ଶୁଣାଇଲା,
ମୋହି ନେଲା ମନ ମୋହନ ରାଗରେ ।
ରହି ଗଲା ପୁଣ କରି କି ମନରେ !

୯

ନିଶ୍ଚିନ୍ତେ ନିଶୀଥେ ଥିଲିଟିରେ ଶୋଇ,
କି ମୋହମନ୍ତ୍ରରେ ନେଲା ମନ ମୋହି,
କିଏ ବା ଗାଇଲା, କାହୁଁ ବା ଅଇଲା,
କି ଅବା ଗାଇଲା, ମନ ହରି ନେଲା !
ଜ୍ୱଳୁଛି ହୃଦୟ, ଜ୍ୱଳୁଛି ରେ ପ୍ରାଣ,
ଗାଅ ଫେରି ଗାଅ ଏ ବିନୟ ଘେନ !

୧୦

ଏ କେବଣ ସ୍ୱରେ କର କୁହୁ କୁହୁ ?
ଏ ରବ ଶୁଣି ମୋ ପ୍ରାଣ କରେ ଉହୁ !
ଥାଉ ଥାଉ ଥାଉ, କୂଜନାରେ ଆଉ,
ଏ ରବରେ ମୋର, ପୋଡୁଛି ଅନ୍ତର,
ଚିହ୍ନିଲି କୋକିଳ ଯାଅ ଯାଅ ଯାଅ
ନ ଶୁଣିବି ଆଉ, ବନେ ଯାଇ ଗାଅ ॥

୧୭।୧।୮୯
ଉଦାସୀନ ।
ବାଲେଶ୍ୱର

କ୍ଲିଷ୍ଟାଙ୍ଗାଙ୍କେତକୀ ମା କଳିତସୁରୁଚିରା ମୁଞ୍ଚହନ୍ତାଂ ପଦାଳୀଂ

କାବ୍ୟୋତ୍କୃଷ୍ଟାଙ୍ଗ ଚକ୍ରୋଲ୍ଲସିତ କୁବଳୟାଦେଷ ନିର୍ହୃତ୍ୟସାରଂ

ପ୍ରାପ୍ତୋତ୍ସାହୋତ୍କଳାନାମପି ଲଳିତକଲୈର୍ନନ୍ଦୟିତ୍ରେ ବଚୋୟଂ

୧ ମ ଭାଗ ୧୧ଶ, ୧୨ଶ ସଂଖ୍ୟା

# ଉତ୍କଳ ମଧୁପ ।

ମାସିକପତ୍ର ଓ ସମାଲୋଚନ ।

---

ଫାଲ୍‌ଗୁନ, ଚୈତ୍ର ଶକାବ୍ଦ ୧୮୦୦

ବିଷୟ ଓ ପୃଷ୍ଠା


୧ । ଲାବଣ୍ୟବତୀ ... ୧୬୧

୨ । ସୌଦାମିନୀ (ଉପନ୍ୟାସ) ... ୧୬୯

୩ । ସଂସ୍କାର ... ୧୮୩

୪ । କାଳର ଗତି ... ୧୮୮

୫ । ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନ ... ୧୯୦


**CUTTACK**

**Printed by the Cuttack Printing Company.**

**1879**

ସଦ୍‌ବଂଶାଦେଃ ପ୍ରସୂତୋ ବିଜୟତୁ ମଧୁପଃ ସିଞ୍ଚତେ ହୃଦ୍‌ଗୁହାୟାଂ ।

ଓ ଲାବଣ୍ୟବତୀର ଧନ ଧନ ବଢ଼ିଲା । କବି ଗ୍ରାମକୁ ଲକ୍ଷ୍ୟ କରି ଯେବେ ଏମନ୍ତ କହିଥିବେ ତବେ ଭଲ ହୋଇଅଛି, ନଚେତ୍ ଯେବେ ବ୍ରହ୍ମଙ୍କୁ ଲକ୍ଷ୍ୟ କରି କହିଥିବେ ତେବେ କବିଙ୍କ ବୁଦ୍ଧି-ନିତାନ୍ତ ମନ୍ଦ ବୋଲିବାକୁ ହେବ । ଅତଏବ କେହି କହନ୍ତି "ବହୁମୂଲ୍ୟ ପ୍ରବାଳକୁ ବଢ଼ାଇ ଦର୍ଶନ" ଏହା ସଙ୍ଗତ ବୋଧ ହେଉଅଛି ।

---

## ତୃତୀୟ ଛାନ୍ଦ ।

### ରାଗ କେଦାର । ଚକ୍ରକେଳି ବାଣୀ ।

ଏହି ଛାନ୍ଦ ଅରମ୍ଭରେ କବି ଲାବଣ୍ୟବତୀର ନବଯୌବନାବସ୍ଥାର ରୂପମାଧୁରୀକି ଯେମନ୍ତ ସୁରସ ସହିତ ବର୍ଣ୍ଣନ କରିଅଛନ୍ତି ତାହା ଏହିଠାରେ ପ୍ରକାଶ କରା ଯାଉଅଛି ।

ସୁନ୍ଦରୀ ରସିକେ ନବଯଉବନୀ । ହୋଇ ବନିତା ମଣ୍ଡିଲା ଅବନୀ । ୧ ।
ଯେଣୁ ଉପମାଗଣେ ନିରନ୍ତର । କି କରିବା ଭାବି ହେଲେ କାତର । ୨ ।
ଚିକ୍କଣ କାନ୍ତିରେ ଲଭିଣ ଭିଡ଼ିକି । କଳା କଣ୍ଟକ ଦୁର୍ଗକୁ ଛେଳିକା । ୩ ।
ଯୋଷେ ମନର ଭୁଟ ବଢ଼ିବାରେ । ଛପିଁ ବୃତ୍ତ ନ ମଲି ପାରିବାରେ । ୪ ।
ଚନ୍ଦ୍ରମାପୂଜା ଫୁଲବାର ଅନାଇ । ଭାଷାବର୍ତ୍ତେ ଶୁକ ମନା ମନାଇ । ୫ ।
ମୁଖ ପ୍ରତିର ପରିତ୍ରରପଣ । ସୁଖେ ଦର୍ପଦଉଁ କଲା ଦର୍ପଣ । ୬ ।
କମ୍ବୁକଣ୍ଠ ଦେଖି ଅତି ଅର୍ତ୍ତିରୁ । ସମ ନୋହେଁ ବୋଲି ତାଙ୍କେ ପ୍ରୀତିରୁ ।୭।
ନେତ୍ର ସଙ୍ଗେ ଲକ୍ଷିବେ କି ସୁମରି । ମୀନ ଜଳହୀନରେ ଯାଏ ମରି । ୮ ।
ହୋଇ ହାସରେ କୁସୁମ ଲଜ୍ଜିତ । ମକରନ୍ଦ ଛଳେ ଅଶ୍ରୁ ପତିତ । ୯ ।
ଉମ୍ଭା ଉପମା ପଦ ପ୍ରଦେଶକେ । ଅତି କେହୁ ସମ ହେବ ଅଂଶକେ ।୧୦।
ଇନ୍ଦୁକୋରକ ଶିରକ ରଦନା । ସୁଧାକର ସରସିଜ ବଦନା । ୧୧ ।
ଯେ ପ୍ରଯୋଗ ପରୀକ୍ଷା ଅଛଇ । ବୀଳାପାଟ୍ରେ ବର୍ଷିବାର ଲୁଚିଛି । ୧୨ ।
କଞ୍ଜ ଖଞ୍ଜନ ଗଞ୍ଜନ ଲୋଚନା । ମତ୍ତପରଭୃତକଣ୍ଠ ବଚନା । ୧୩ ।
ଏଣେ ବଧିରେ ବର୍ଣ୍ଣିଲେ ସେ ତରୁଣୀ । କେତେ ହୋଇବ କବିତା ଗୁରୁଣୀ ।୧୪।
ଯାହିଁ କୃଶ କଳା ମଧ୍ୟ ଶୋଭଇ । ତାହି ଗୁହିଁ ହେଉଅଛି ଲୋଭଇ । ୧୫ ।
ଯାହିଁ ସ୍ତନରେ ସ୍ତନର ହୋଇଲେ । କିସ ଅଧିକ ହୋଇବ ବୋଇଲେ ।୧୬।

'ବାନ୍ଧୁ' ଶୋଭ, 'ପାରବାର' ସମୁଦ୍ର, 'ପରଭୃତ' ଗୁବର, 'କମ୍ବୁ' ଶଙ୍ଖ, 'ରମ୍ଭା' କଦଳୀ, ଲୁଷ ଥାଉ ଅପ୍ସର, 'କୁନ୍ଦକୋରକ' କୁନ୍ଦକଳି, 'କଞ୍ଜ' ପଦ୍ମ, 'ପରଭୃତ' କୋକିଳ ।

ଗୌରବର୍ଣ୍ଣକୁ କେତକୀ, ସ୍ତନକୁ ମନ୍ଦରପର୍ବତ, ନାସାକୁ ଶୁକ, ମୁଖକୁ ଦର୍ପଣ, କଣ୍ଠକୁ ଶଙ୍ଖ, ନେତ୍ରକୁ ମୀନ, ହାସକୁ କୁସୁମ, ଉରୁକୁ କଦଳୀବୃକ୍ଷ ସହିତ କବିମାନେ ଉପମିତ କରନ୍ତି ଅତଏବ ଗ୍ରନ୍ଥକର୍ତ୍ତା ଭଙ୍ଗିରେ କହୁଅଛନ୍ତି ଯେ "ଏତେକୀ ଶରୀର ଗୌର ବର୍ଣ୍ଣକୁ ଦେଖି ମୋତେ ନେଇ ଏହା ସହିତ ତୁଳନା କଲେ ମୋହର ମାନ୍ୟ ଯିବ ଏହି ଭୟରେ କଣ୍ଟକ ଦୁର୍ଗ କରି

## ଲାବଣ୍ୟବତୀ ।

କାହା କୁଚ ଫଗୁସଙ୍ଗରୁ ସୁସଞ୍ଚ ଏହି ପାଞ୍ଚ ହୋଏ ମାନସେ ।
ହୃଦୟସରୋବରମଧେ ଉଦୟ କୋକନଦ କଢ଼ୀଯୁଗ୍ମ ସେ ।
କାହାର । ଛିଡ଼ି ହାର ଖସେ ମୁକୁତା ।
ପୟୋଧର ଛଳେ କ୍ଷୀରବିନ୍ଦୁ ବୃଷ୍ଟି କରିବାରେ କିସେ ଶୋଭିତା ।୨୪।
କାଶ୍ମୀରରଜ କେ ମାରନ୍ତେ ପାଲଟି ଗ୍ରୀବା ବକ୍ର କରି ଚାହିଁଲା ।
ମନ୍ଦମରୁତେ କି ଉଲଟି ନଳିନ ଅଳିସଂଯୁକ୍ତରେ ରହିଲା ।
କେ କାହା । ମୁଖେ କସ୍ତୂରୀପଙ୍କ ଢାଳି ।
ମୃଗାଙ୍କ କଳଙ୍କ ଛଡ଼ାଇ ହେବାରୁ ବହିଯାଉଛି କିବା କାଳୀ ।୨୫।
କାହା ଲଲାଟୁଁ ସିନ୍ଦୂର ବହିଁ ପଡ଼େ ସ୍ୱେଦ ହୋଇବାରୁ ଜନିତ ।
କେଶ ରାହୁ ଦନ୍ତଘାତରୁ ବ୍ୟକତ ଇନ୍ଦୁ ଦେହରୁ କି ରକତ ।
ସେ କାଳେ । ଅତି ଚଞ୍ଚଳ ନେତ୍ରଗତି ।
ଦିଗଧରାକୁ କି ଶ୍ୟାମଳ କୋମଳ କମଳେ ମଣନ୍ତି ଯୁବତି ।୨୬।
ରତ୍ନକିରଣେ ଭାନୁ ପ୍ରଭା ପ୍ରକାଶି ଶ୍ରବଣେ ତାଟଙ୍କ ଚଳନ୍ତି ।
ପ୍ରମଦା ପ୍ରମୋଦଭରେ କି କରନ୍ତି ଅନଙ୍ଗେ ମଙ୍ଗଳଆଳତି ।
ଚଳିତ । ନାସିକାମୋତି ଉରହାର ।
ବାଦେ ନୂପୁର ନାଦେ କି ନାଚୁଛନ୍ତି ନର୍ତ୍ତକୀଗୁଣେ ଅହଙ୍କାର ।୨୭।
କେଉଁ ଲତାରୁ କୁସୁମ ଖସିବାରୁ ଏମନ୍ତ ହେଉଛି ପରତେ ।
ଧନ୍ୟ ଧନ୍ୟ ବୋଲି ପ୍ରଶଂସା କରି କି ରତ୍ନ ବିଞ୍ଚୁଛନ୍ତି ନିରତେ ।
ପଇଗ ଛଳେ ସିଞ୍ଚୁଛନ୍ତି କର୍ପୂର ।
ପଲ୍ଲବ ଛଳେ ବିଞ୍ଚୁଛନ୍ତି ଉପକାରକୃତେ ତାଙ୍କର ।୨୮।

[ସରୋବର, ପୁଷ୍କରିଣୀ; କୋକନଦ, ରକ୍ତପଦ୍ମ; ଯୁଗ୍ମ, ଦୁଇ; ପୟୋଧର,ସ୍ତନ; ମରୁତ, ପବନ; ନଳିନ, ପଦ୍ମ; ଅଳି, ଭ୍ରମର; ମୃଗାଙ୍କ × × ପୃଥିବୀ; ଶ୍ୟାମଳ, ନୀଳ; କୋମଳକମଳ, ନୂତନ ପଦ୍ମ; ଅନଙ୍ଗ, କାମ; ଉର, ହୃଦୟ; ନର୍ତ୍ତକୀ, ନାଟୁଆ ।]

କେଉଁ କେଉଁ ତରୁ ତରୁଣୀମାନଙ୍କୁ ପକ୍ଷିନିନାଦରେ କହନ୍ତି ।
ଏପରି ଉତ୍ସବ କେବେ ନୋହିଥିଲା ଦେଖି ନଥିବ ସୁରପତି ।
କେ ତରୁ । ଶାଖା ଲୋଟନ୍ତି ଫଳଭରେ ।
କି ପରିରମ୍ଭ ଆରମ୍ଭ କରୁଛନ୍ତି ରମ୍ଭୋରୁପାଦ ଲାଗୁ ଶିରେ ।୨୯।
ଏମନ୍ତବେଳେ ଏକ ସଖୀ କହିଲା ତିନିପ୍ରହର ହେଲା ବେଳ ।
ସ୍ନାନ ମାତ୍ରକୁ ଅବଧାନ ନୋହିଲା ଏତେକେ ରହୁ କୁତୂହଳ ।
ଶୁଣି ସେ । ସେକଥା କଲା ଅଙ୍ଗୀକାର ।

ଏହି ସମୟେ ଥୋକାଏ ଦାସୀ ଆସି ଘେନିଣ ମାର୍ଜନା ସମ୍ଭାର ।୩୦।
ସରୋବର ତୀରେ ପ୍ରବେଶ ସୁବେଶଉଲ୍ଲାଗି ସଂପୂର୍ଣ୍ଣ ଏ ଛାନ୍ଦ ।
କବିଚାତୁରୀ ଅନେକ ଅଛି ପୂରି ଘେନିଲେ ଜନ୍ମିବ ଆନନ୍ଦ ।
ଜାଣିଲା । ଜନମନକୁ ଏ ତୋଷିବ ।
ମୂର୍ଖ ସ୍ୱଭାବ ଅଦୃଷ୍ଟରଜାପରି ସେ କାହୁଁରତି ପ୍ରକାଶିବ ।୩୧।
ଅନନ୍ତଭୂଷଣ ବୃଷ-ଧନୁ-ଯୁତ ସୁହୃଦ ଭବ ତାପ ନାଶି ।
ଶ୍ରୀନୀଳୟ ଦ୍ୱିଜରାଜବନ୍ଦନୀୟ ଜନକ ସୁଖକୁ ପ୍ରକାଶି ।
ସୁମରି । ମନେ ସେ ରାମଚନ୍ଦ୍ର ଶିବ ।
କହେ ଉପଇନ୍ଦ୍ର ଭଞ୍ଜବୀରବର ଯୁବାଜନ କର୍ଣ୍ଣ ଉତ୍ସବ ।୩୨।

[ ୨୯। ନିନଦ, ଶବ୍ଦ; ସୁରପତି,ଇନ୍ଦ୍ର; ପରିରମ୍ଭ, ଆଲିଙ୍ଗନ । ୩୧। ଅଦୃଷ୍ଟରଜା, ବାଳିକା । ୩୨। ଅନନ୍ତ, ଶେଷଦେବ ଏବଂ ଲକ୍ଷ୍ମଣ; ବୃଷ, ବଡ଼ ଓ ବୃଷଭ; ସୁହୃଦ, ଭାଇ ଆଉ ଭକ୍ତ; ଭବ, ସଂସାର; ଶ୍ରୀ, ଲକ୍ଷ୍ମୀ ଓ ବିଷ; ନିଳୟ,ଆବାସ; ଦ୍ୱିଜରାଜ, ଚନ୍ଦ୍ର ଆଉ ବ୍ରାହ୍ମଣ; ଜନକ, ପିତା ଏବଂ ଜନମାନଙ୍କ । ]

ଲାବଣ୍ୟବତୀ ଓ ତାହାର ସହଚରୀମାନେ ଯେ × × × ପଞ୍ଚମ ଛାନ୍ଦ କଳେବରରେ ମନୋହରରୂପେ ପ୍ରକଟିତ ହୋଇଅଛି × × × ଦୁର୍ଲ୍ଲଭ ରତ୍ନ, ଯେଉଁ କାଳରେ ଅଙ୍ଗପ୍ରତ୍ୟଙ୍ଗ ଅପୂର୍ବ ଶୋଭାଧାରଣ × × × ଯଥୋପଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ପ୍ରବଳ ହୁଅନ୍ତି, ହୃଦୟରେ × × × ହୁଏ, ଭୋଗେଚ୍ଛା ଚକ୍ଷୁରୁନ୍ମୀଳନ କରି ସୁଖ ଅନ୍ୱେଷଣରେ × × × ଅଙ୍କୁର ଉଦ୍ଭବ ହୁଏ, ଚତୁରତାର ସୁଗନ୍ଧ ମନ୍ଦବାୟୁ × × × ନବଦୀପ୍ତି ପ୍ରକାଶ ପାଏ ଆଉ ମନ ସମସ୍ତଙ୍କର ମନ × × × କରେ, ବର୍ତ୍ତମାନ ଲାବଣ୍ୟବତୀ ସେହି ବାଞ୍ଛନୀୟ × × × ମନର ସମଭାବବତୀ ସହଚରୀମାନଙ୍କ ସହିତ ମଧୁର × × × ହୃଦୟର ସ୍ୱାଭାବିକ ଚତୁରତା ବାକ୍ୟବିନ୍ୟାସ × × × ତସିଦ୍ଧ କଥା । ସୁତରାଂ ଲାବଣ୍ୟବତୀର ସଖୀମାନଙ୍କ × × × ମାନ ବ୍ୟକ୍ତ କରା-ହୋଇଅଛି ତାହା ଅତି ରମଣୀୟ ବୋଲି ସ୍ୱୀକାର କରିବାକୁହେବ । ଜଣେ ଏକ ଅଭିପ୍ରାୟରେ କୌଣସି କଥା କହିଲେ ତହିଁରୁ ଅନ୍ୟ ଏକ ଅଭିପ୍ରାୟ ବାହାର କରିବାର ସୂକ୍ଷ୍ମବୁଦ୍ଧି ଓ ଚତୁରତା ଅବଶ୍ୟ ପ୍ରଶଂସନୀୟ । କବି ଏଥିପାଇଁ ପ୍ରଶଂସାର ଭାଜନ ଅଟନ୍ତି ।

—୦—

ଲାବଣ୍ୟବତୀ ଯେ ନିଗୂଢ଼ ଆଦିରସ ପରିପୂରିତ ଓ ସାଧାରଣଙ୍କ ନିକଟରେ ପ୍ରକାଶର ଅଯୋଗ୍ୟ ଖଣ୍ଡିଏ କାବ୍ୟ ଏଥିରେ ଆଉ ସନ୍ଦେହ ନାହିଁ । କବି ମଧ ତାହାଙ୍କ ଶେଷ ରଚିତ "ଚିତ୍ରକାବ୍ୟବନ୍ଧୋଦୟ" ନାମକ ଗ୍ରନ୍ଥର ପ୍ରାରମ୍ଭରେ ସ୍ୱରଚିତ

ପୁସ୍ତକମାନଙ୍କର ନିର୍ଘଣ୍ଟ ପ୍ରକାଶ ସ୍ଥଳରେ ଲାବଣ୍ୟବତୀ ରସିକ ତୋଷକ ବୋଲି କହିଅଛନ୍ତି । ଯଥା ;—

ଏଣୁ ଏ କବି ବିଚାରଇ ଚିତ୍ତେ । କଲି ମୁଁ ଅନେକ ପ୍ରକାର ଗୀତେ ।
ଅଶେଷ ଚଉତିଶା ଚଉପଦୀ । ତାହା କେତେଟି କହିବି ସମ୍ପାଦି ।
ଗାହା ଦୋହା ଷଡ଼ଚେନ୍ଦୁ ଛପୋଇ । ଇତ୍ୟାଦି କବିତ୍ୱ ଗଣନା ନାହିଁ ।
ରସ କୃଷ୍ଣ ବିଷୟେ ଯେତେ ଗ୍ରନ୍ଥ । ଚିତୋଇ ତହୁଁ କିଛି ଲେଖେଁ ଏଥ ।
ପୁରାଣ ଛାଇ କଳ୍ପନା ମାଧୁରୀ । ଚାରୁ ଚିତ୍ରଲେଖା ହେମମଞ୍ଜରୀ ।
ରସଲେଖା କାମକଳା ରଚିତ । ମନୋରମା ପ୍ରେମଲତା ସୁଗୀତ ।
ଭାବବତୀ ମୁକ୍ତାବତୀ ପ୍ରମାଣ । ବରଜଲୀଳା ଯେ ଛାନ୍ଦଭୂଷଣ ।
ଷଡ଼ଋତୁ କଳାକଉତୁକର । କ ନିୟମ, ସାଦ୍ୟ ସୁଭଦ୍ରା ସାର ।
ବୈଦେହୀଶବିଳାସ ସେହି ବାଦ୍ୟ । ପ୍ରସିଦ୍ଧ ଅବନା ଦ୍ୱାଦଶ ଛାନ୍ଦ ।
ରାମଲୀଳାମୃତ ଶେଷ ଚରିତ । ପ୍ରେମସୁଧାନିଧି ଯମକ ସ୍ଥିତ ।
ରସିକହାରାବଳୀ ନାମ ଗୀତ । କୁଞ୍ଜବିହାରାଦି ଶ୍ୟାମ ଚରିତ ।
ଅଳଙ୍କାର ରୀତି ରସପଞ୍ଚକ । ଲାବଣ୍ୟବତୀ ରସିକ-ତୋଷକ ।
ପୁରୁଷୋତ୍ତମମାହାତ୍ମ୍ୟ ରଚନ । ନାନାକୋଷ ଶବ୍ଦେ ଗୀତାଭିଧାନ ।
ଛାନ୍ଦ କୋଟି ତାରା ଚନ୍ଦ୍ରମା ପରି । ଯା ନାମ କୋଟି ବ୍ରହ୍ମାଣ୍ଡସୁନ୍ଦରୀ ।
ତ୍ରୈଲୋକ୍ୟମୋହିନୀ ଆଦି ଯେ ଗୀତ । ନିର୍ମିତ ଛାନ୍ଦ ପୋଥି ପାଞ୍ଚ ସାତ ।
ସେ ଅର୍ଥେ ପାର୍ଥିବ ମାର୍ଗଣେ ପୁଣ । ହୋଇଛି ଯେଣୁକରି ବିତରଣ ।
ବାଲ୍ମୀକି × × × କାରେ । ଦତ୍ତ ହେଲା ପ୍ରାୟେ ହନୁମନ୍ତରେ ।
× × × ଲେଖରେ । ନଗ୍ରହିଁ ଦାନ ଯଥା ଭୂଲେଖରେ ।
× × × ଗୀତ । ଚିତ୍ରକବିତ୍ୱେ ବଳାଇଲି ଚିତ୍ତ ।

ପ୍ରଥମ ମଧ୍ୟରୁ ଦୁଇ ତିନିଖଣ୍ଡ ଛଡ଼ା ଆଉସବୁ ଆଦିରସ ଘଟିତ । ସେ × × × ଓ ସେ ସମୟର ଲୋକଙ୍କ ରୁଚି ସହଜେ ଅନୁମିତ ହୋଇ ରସିକ ବୋଲି ନିର୍ଦ୍ଦେଶ କରିଅଛନ୍ତି ଓ ସେମାନଙ୍କ ମନୋଭାବ × × × ଉପଯୁକ୍ତ ବୋଲି କହିଅଛନ୍ତି ତହିଁରେ ଆଦିରସର ଅବତାରଣା ବରଂ ତହିଁରୁ ବଳି ପଡ଼ିଅଛି । ଏପରି କାବ୍ୟର ସମା(ଲୋଚନା) ଅବିଧେୟ, ତଥାପି ଆମ୍ଭେମାନେ ଏପରି ପୁସ୍ତକ × × × ମନକୁ ପରିବର୍ତ୍ତନ କରାଇବା ଅଭିପ୍ରାୟରେ ଆ × × × ଦେଖାଯାଏ ଯେ ଏହି ଲାବଣ୍ୟବତୀକି ଏହି × × × ଆରମ୍ଭ କରିବାକୁ ଗଲେ ପ୍ରାୟ ଦଶବର୍ଷ ଲାଗିବାର ସମ୍ଭାବନା । ଏମନ୍ତ ହେଲେ ପତ୍ରିକାର ପ୍ରଧାନ ଉଦ୍ଦେଶ୍ୟ ବିନଷ୍ଟ ହେବ । ଅତଏବ ବର୍ତ୍ତମାନ ଲାବଣ୍ୟବତୀର ସଂକ୍ଷିପ୍ତ ସମାଲୋଚନା କରାଗଲା । ଆବଶ୍ୟକ ହେଲେ ପୁନରାୟ ସମଗ୍ର ଗ୍ରନ୍ଥର ସମାଲୋଚନା ହୋଇପାରେ ।

ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ଯୌବନାବସ୍ଥା ପ୍ରାପ୍ତ ହେଲାରୁ ଉଭୟ ପକ୍ଷୀୟ ଲୋକେ ସମରୂପଗୁଣଯୁକ୍ତ ପାତ୍ର ପାତ୍ରୀର ଅନ୍ୱେଷଣରେ ରହିଲେ । ଇତ୍ୟବସରେ ଲାବଣ୍ୟବତୀର ଜନ୍ମସ୍ଥାନ ସିଂହଳଦ୍ୱୀପରୁ ଜଣେ ବୋଇତିଆଳ ଯାଇ କର୍ଣ୍ଣାଟରାଜସୁତ ଚନ୍ଦ୍ରଭାନୁଙ୍କ ନିକଟରେ ଉପସ୍ଥିତ ହୋଇ ଲାବଣ୍ୟବତୀର ଶୋଭା ଗୁଣର ପ୍ରଶଂସା ଶ୍ରବଣ କରାଇଲା । ଚନ୍ଦ୍ରଭାନୁ ଶୁଣି ଅତି ଉତ୍ସୁକମନା ହେଲେ । ଏହି ସମୟରେ ସମସରି ପାତ୍ର ପାଇବା ଉଦ୍ଦେଶରେ ଚାରମାନଙ୍କଦ୍ୱାରା ଦେଶ ବିଦେଶରେ ବୁଲୁଥିବା ଲାବଣ୍ୟବତୀର ଚିତ୍ରପଟ ଯାଇ ସେଠାରେ ପ୍ରବେଶ ହେଲା । ଚନ୍ଦ୍ରଭାନୁ ଯାହା କଥା ଶୁଣି ଭାବନାରେ ପଡ଼ିଥିଲେ ତାହାରି ଚିତ୍ରପଟ ପ୍ରାପ୍ତ ହୋଇ ଗାଢ଼ାନୁରାଗ ସହିତ ବହୁକ୍ଷଣ ଦେଖି ୨ ଏକାବେଳକେ ତନ୍ମନା ହୋଇ ଉଠିଲେ । ସେହି ଦିନୁ ସେହି ଚିତ୍ରପିତୁଳାଟି ସଜୀବରୂପେ ଚନ୍ଦ୍ରଭାନୁଙ୍କ ହୃଦୟଭୂମିରେ ନୃତ୍ୟ କରିବାକୁ ଆରମ୍ଭ କଲା ।

ଦିନେ ଗ୍ରୀଷ୍ମକାଳ ପୌର୍ଣ୍ଣମୀନିଶିରେ ଦୁହେଁ ନିଜ ୨ ଅଟ୍ଟାଳିକାର ଚାନ୍ଦନୀରେ ଶଯ୍ୟାଶାୟିନ ହୋଇ ଯେ ପ୍ରକାର ଚିନ୍ତାରେ ନିମଗ୍ନ ଥିଲେ ଓ ଯେପରି ସ୍ୱପ୍ନରେ ଦୁହିଙ୍କର ସାକ୍ଷାତ୍‌ବତ୍ ଦର୍ଶନ ହେଲା ତହିଁର ପଦାବଳୀ ଏହି;—

ଯେମନ୍ତ ଦେଖିଛି ଚିତ୍ରେ ତେମନ୍ତ ଦିଶଇ ନେତ୍ରେ କେମନ୍ତେ ଲଭିବି ମୂଳବିଚାର ଏହି । ଯେବେ ଏ ଯୁବାବୟସେ ଦିବ୍ୟବାମା ନାହିଁ ପାଶେ କି ଲାଭ ତହୁଁ ନୃପତିସମ୍ପତ୍ତି ଥାଇ । ଆରତେ ସେ ଚିନ୍ତିଲା ଶିବ । ତାକୁ ଦେଖାଅ ନୋହିଲେ ଯାଉ ଏ ଜୀବ ।

ତେଣେ ନୃପତିନନ୍ଦିନୀ ରୁଚିରତର ଚାନ୍ଦନୀରାତ୍ରରେ ମଣ୍ଡି ଚାନ୍ଦନୀ ଚନ୍ଦ୍ରକୁ ଚାହିଁ । ପଦ୍ମିନୀ ହେଲା କାତର ଭଜି ମଦନବିକାର କରଇ ଚିତ୍ତେ ବିଚାର ଶ୍ୱାସ ପକାଇ । ମୋହୋସନ କରମହୀନ । କାହିଁ ପତିସଙ୍ଗ ନାହିଁ ଲଭି ଯୌବନ ।

ସୁବର୍ଣ୍ଣ ସମାନ ନାରୀ ବିନୟ ଟାଙ୍ଗଣି × × × ହୋଇ ଥାଇ ଯେ ଦହି । ଭାବଜଳ ଯୁକ୍ତ ବଣେ × × × ରକ୍ଷାଣ ପ୍ରୀତି ବାନ ବଢ଼ାଇ । କମ କରି × × × ଗୁଣିକ ପ୍ରିୟ ବହି ସଗ୍‌ଗ । ଦୂର୍ଗା ମୋ ଦୁର୍ଗତି ହର × × × ଏମନ୍ତ କଲେ ସେ ନାରୀ ପୁଂସେ । ନିଦ୍ରାବଶରେ × × × ଏକ ଯୋଗିନୀ ପ୍ରବେଶ କୁମାର ପାଶେ × × × ମାର୍ଗେ କୁମାରୀ ପୁରକୁ ନେଲା ।

ବୋଇଲା ଲାବଣ୍ୟବତୀ ଅଟ × × × ଯେ ପଲ୍ୟଙ୍କପର । ସଖୀ ବେଢ଼ି ଚାରିପାଶେ ଜ୍ଞାନହୀନ ନିଦ୍ରାବଶେ ମନାଇ ପାରିଲେ ଭୋଗ କର ନାଗର । ଏତେ କହି ହେଲା ଅନ୍ତର । ଶୋଭା ଚାହିଁ ଲୋଭା ହୋଇଁ ଉଭା କୁମର ।

ମନେ ପାଞ୍ଚେ ମଞ୍ଚେ ଜାତ କାହିଁକି ଏ ଅଦଭୁତ ଏବେ ଜାଣିଲି ମୋହର ନୟନଭାଗ୍ୟେ । ଏ ବର୍ଣ୍ଣ ସୁବର୍ଣ୍ଣକମ ହୁଅନ୍ତା କି ତାରତମ ଭିନ୍ନ ଜାଣି ହେଲା ସିଂନା ରତନ ଯୋଗେ । ହରଷ ଏମନ୍ତ ସ୍ୱରୂପ । ଏତେକାଳ ଯାଏ ହୋଇଥିଲା ଏ ଗୋପ୍ୟ ।

ଏକା ଏ ନୋହେ ହରଷ ପୁଣି ମିଶିଅଛି ରସ ମିଳିଛି ଶୋଭା ବିଶେଷ ଦୀପ୍ତିକି ଘେନି । ସୁବାସମନ୍ଦିର ଏହି ଦିଶୁଅଛି ବ୍ୟକ୍ତ ହୋଇ କହିଲା ସୁକୃତ କରିଥିଲା ଅବନୀ । ହାବ ଭାବ ଲୀଳା ପ୍ରସନ୍ନ । ହୁଅନ୍ତି ଯାହା ପ୍ରସାଦେ ସେ କି ସମାନ ।

× × × ×

ଭଜୁ ନ ଭଜୁ ବାନ୍ଧବୀ ଆଗ ମୁଁ ନିଦ୍ରା ଭାଙ୍ଗିବି ତନୁ ହେଲେ ଛୁଇ ଥିବି ଏ ବଡ଼ ଲାଭ । ଯେ ପାରେ ବାଲା ମନାଇ ନିଶ୍ଚେ ମଞ୍ଚେ ଇନ୍ଦ୍ର ସେହି ମନରେ ଭାବନା କରି ପରମଶୁଭ । ଜାନୁ ଧରି ଦେଲା ଝୁଲାଇଁ । ପୁଂସକର ଲାଗି ନିଦ୍ରା ବିନାଶ ହୋଇ ।

× × × ×

ନୟନେ ଚଞ୍ଚଳ ମିଶେ ଗଣବଣା ଏଣୀ କି ସେ ଶର ପ୍ରାୟ ଯାଇ ପୁଂସଲାଖେ ପଡ଼ିଲା । ସେ ସୁନ୍ଦରପାରାବାର ରସରତନଆକର ମୀନ ପ୍ରାୟ ହୋଇ ତହିଁ ବେଗେ ବୁଡ଼ିଲା । ଲାଜେ ମୁଖ ଲୁଆଇଁ ଘନେ । ସମ୍ଭାବନା କଲା × × × ଛନ୍ନେ ।

× × × ନାହିଁ ଫୁଲ ଧନୁ ଶର ସୁଧାକର ନୁହେ ତହିଁ କଳ × × × ତାମାନଙ୍କୁ କିପାଁ ଆଣିବା ମନକୁ ମୋହରି ସୁକୃତ × × × ମୋର ପୁଣି ସୁକୃତ କେତେ । ଏମନ୍ତ ଶୋଭା ଜାତ × × ×

× × × ×

× × × ତରୁଣତିଳକ ବୋଇଲା ହେ ଜୀବେଶ୍ୱ × × × ପରି ପଛେ ପଛେ ଛାଇ ସରି ଅ × × × ମୋତେ ଦିଅ ବସନ ଭାଷ୍ୟ । × × ×

× × × ×

ବସି ବସାଇଲା କୋଳେ ଲପନ ଚୁମ୍ବିଲା ବେଳେ ଜେମା କରେ ଦେଲା ବେଗେ ରତନମୁଦୀ । ଜେମା କାଢ଼ି ମୋତିମାଳା ଲମ୍ବାଇଲା ପୁଂସ ଗଳା ପରସ୍ପର ବରଣେ ହୋଇଲେ ପ୍ରମୋଦୀ । ସେ କାଳକୁ ଅସ୍ତ ଚନ୍ଦ୍ରମା । କୁମାରସ୍ୱରୂପେ ବାଢ଼େ ଲେଖି ପ୍ରତିମା ।

ଦେବୀ ଯେ ମାୟା ହରିଲା ବୀରକୁ ସ୍ୱପୁରେନେଲା ରଜନୀ ବିନାଶ ନିଦ୍ରା ସେକାଳେ ହତ । ବଜ୍ର କିପାଁ ନ ପଡ଼ିଲା ଏ ଦଣ୍ଡ କାହିଁକି ହେଲା ପିଶୁନ ଧାତା କି କଲା ଦାରୁଣକୃତ ।

ରାମ ବୋଲି ବିସ୍ମୟ ହୋଇ । ଉପଇନ୍ଦ୍ର ବୀର ବର ଏ ରସ କହି ।

× × × ×

ଦୁହିଁଙ୍କ ପ୍ରତି ଦୁହିଙ୍କର ଅନୁରାଗ ଦିନ ଦିନ ବୃଦ୍ଧି ହେବା ପକ୍ଷରେ କବି ସୁନ୍ଦର ଘଟନାକୌଶଳର ପ୍ରଦର୍ଶନ କରାଇଅଛନ୍ତି ।

ନିଦ୍ରାଭଙ୍ଗ ଉତ୍ତାରୁ ଦୁହେଁ ବିଳାପାନଳରେ ଦଗ୍ଧ ହେବାକୁ ଲାଗିଲେ । କିଛିଦିନ ପରେ ଚନ୍ଦ୍ରଭାନୁ, ସିଂହଳଦ୍ୱୀପରୁ ଆସିଥିବା ଏକ ବୋଇତିଆଳକୁ ହସ୍ତଗତ କରି ତାହା ସଙ୍ଗେ ଜଣେ ବ୍ରହ୍ମଚାରୀ ଓ ଗୋଟିଏ ଶୁକକୁ ପଠାଇଲେ । ସେ ଚତୁରତା ସହିତ

ଲାବଣ୍ୟବତୀ ଚନ୍ଦ୍ରଭାନୁଠାରେ ଅନୁରାଗିଣୀ ହୋଇଥିବା ଜାଣି, ନିଜ ରାଜପୁତ୍ର ରୂପ ଗୁଣର କିଛି ପ୍ରଶଂସା ମଧ କରି ଦେଲେ । ସେଠାରୁ ପ୍ରତ୍ୟାଗତ ହୋଇ ଚନ୍ଦ୍ରଭାନୁଙ୍କୁ ସକଳ ବୃତ୍ତାନ୍ତ କହିଲେ । ତହୁଁ ସେ ସାହସୀ ହୋଇ ଖଣ୍ଡିଏ ପତ୍ର ଲେଖି, ସେହି ଶୁକ ଓ ବ୍ରହ୍ମଚାରିକି ଦେଇ, ଲାବଣ୍ୟବତୀ ନିକଟକୁ ପଠାଇଲେ । ଏହି ପତ୍ରରେ ଚନ୍ଦ୍ର ଭାନୁଙ୍କର ହୃଦ୍‌ଗତ ଭାବର ଅବତାରଣା ହୋଇଅଛି, କିନ୍ତୁ ତାହା ସବୁ ଅତି ନୀଚଭାବାପନ୍ନ ।

ଏପତ୍ର ପଠନାନନ୍ତର ଲାବଣ୍ୟବତୀ ଯେଉଁ ପତ୍ର ସଖୀମାନଙ୍କ ନାମରେ ଛଳନା କରି ଲେଖିଲେ । ତହିଁରେ ମନଃ ପ୍ରୀତିକର କେତେ ଗୁଡ଼ିଏ ସାରଗର୍ଭକଥା ଅଛି ।

ମହାମହମନୋହର ଧାମ । ଆମ୍ଭେ ବୋଲୁଅଛୁଁ ଅନୁପମ । ହେମତୁଲେ ଗୁଞ୍ଜା ତୁଳନା ପରଯେ ଯାହା ଇଚ୍ଛା ବୋଲନ୍ତୁ ସେ କାମ । ହେ ସୁନ୍ଦର ।। ଦାତାପଣ କର୍ଣ୍ଣେ ଅଛୁଁ ଶୁଣି । ତହିଁକି ଲକ୍ଷ ଦେବାକୁ ପୁଣି । ଯାର ସେହୁ ଧରଣୀ ମାନସ ଏରୂପେ ସନ୍ତୋଷ ଏକା ଏହାର । ହେ ସୁନ୍ଦର ।। ପଶୁ ବନ୍ଧ କରିବାରେ ଅରି । କର ଯଶକୁ ଅଛ ବିସ୍ତାରି । ଦୟାଳୁ ଗୁଣତ ନୁହଇ ଜାଣିମା ତୁମ୍ଭେ କେଡ଼େ ପରଉପକାରୀ । ହେ ସୁନ୍ଦର ।। ଯାହା ରତନକୋଷେ ସଂଚିତ । ସଦା ଅତୁଟ ମୁଦ୍ରବତସେ । ଏହି କଥା ବିଚିତ୍ର ମଣିଲୁଁ ସେହି ଚୋରାଇ ନେଇ କି ଚିତ୍ତ ହେ । ସୁନ୍ଦର ।। ସ୍ୱପ୍ନେ ଦେଖା ଦେଲ ଯେଉଁ ନିଶା । ହୋଇଥିଲା ସେଦିନ ସୁଦଶା । ଜଳ-କଳଶଚନ୍ଦ୍ରବିମ୍ବ ଧରିବାପରି ଯେହୁ କରୁଥିଲା ଆଶା । ହେ ସୁନ୍ଦର ।। ଏବେ ଦଇବେ ହେଲା ସେ ସତ । କେହି ନୋହିବ ପୁଣି ଲୋଭିତ । ଜୀବନ ଯିବ । ପାଚଲେ ନ ପାଇଲେ ଏହି ବାଣୀ ହୋଇବ ବିଦିତ ହେ । ସୁନ୍ଦର ।। ଯାର ପହଣ୍ଡକ ଶତେକୋଶ । ତାର ମେରୁ ଲଙ୍ଘିବାକୁ ଆଶ । ଜଳେ ସଗରସୁତ ପ୍ରାଏ ସଜୀବେ ତାପାନଳେ ନୋହେ କ୍ଳେଶ ନାଶ ହେ । ସୁନ୍ଦର ।। ଛଳେ ସେ ଦୟାସଲିଳରାଶି । ନ କରିବେ ମୋତେ ନିକି ଦାସୀ । ଘେନାଇ କହିବା କଥା ଏ ନୁହଇ ଘେନ ତୁମ୍ଭଙ୍କୁ କେମନ୍ତ ଦିଶି ହେ । ସୁନ୍ଦର ।। ଦୂତସଙ୍ଗେଅଇଲେ ଦେଖିବ । କଥା ଯଥାର୍ଥ କେବା ଲେଖିବ । କୃଶକଟୀ ଆଗେ ପାଛୋଟି ଯିବାରେ ବିଧି ସ୍ଥିରୀ କରିଛି ଦଇବ । ହେ ସୁନ୍ଦର ।। ଫୁଲ ଭୃଙ୍ଗର ଭୃଙ୍ଗ ଫୁଲର । ଫୁଲ କରଇ କି ଅଭିସାର । କରି ପ୍ରତିନିଧି ମନକୁ ପେଷିଛି ତାହା ସଙ୍ଗେ ଏବେ ବିଜେ କର ହେ । ସୁନ୍ଦର ।। ଯେବେ ନାହିଁ ଏତେ ଅନୁଗ୍ରହ । ଜେମାନେତ୍ରେ କିମ୍ପା କଲ ଗୃହ । ତୁମ୍ଭ ପୁରତ ଅଳକାରୁ ଅଧିକ ତହୁଁ ରମ୍ୟ ହେଲା କି ଏ କହ ହେ । ସୁନ୍ଦର ।। ହୃଦବନେ ଥିଲା ମନମୃଗ । ତହିଁ ବିରହଅନଳ ଯେ ! ପଳାଇ ତୁମ୍ଭ ଶୋଭାବନେ ପଶିଲା ତହିଁ ନାହିଁ ପରା ଏ ଉଦ୍ବେଗ ହେ । ସୁନ୍ଦର ।।

× × × ×

ପଢ଼େ ପତଙ୍ଗ ସେନେହ ଧରି । ଯଥା ଅନଳ ତାହାକୁ ଜାରି । ବିଜେ ନ କଲେ ଏ ପୀରତି କୀରତି ଖ୍ୟାତ ହୋଇବଟି ସେହିପରି ହେ । ସୁନ୍ଦର ।।

ଏକଥା ମଧ୍ୟ ପତ୍ରଗତ ହୋଇଥିଲା ଯେ 'ରାମେଶ୍ୱର ଦେବଙ୍ଠାରେ ଶିବରାତ୍ରିକି ଏକ ପ୍ରସିଦ୍ଧ ଉତ୍ସବ ହୁଏ । ଦେବଦର୍ଶନ ନିମିତ୍ତ ଆମ୍ଭ ସଜନୀ ସେଠାକୁ ଯିବେ, ଆପଣଙ୍କର

ଯେବେ ତାଙ୍କପ୍ରତି ଅନ୍ତରିକ ସ୍ନେହ ଥାଏ ତେବେ ସେ ସ୍ଥାନକୁ ଅବଶ୍ୟ ବିଜେ କରିବା ହେବେ ।'

ରାମେଶ୍ୱର × × × ସମୟରେ ଦୁହେଁ ସେଠାରେ ଉପସ୍ଥିତ ହୋଇ ପତ୍ରଦ୍ୱାରା ମନ୍ତ୍ରଣା × × × ବେଶରେ ଦେବମନ୍ଦିରରେ ପ୍ରବେଶ ହେଲେ ଓ ଦୁହିଁଙ୍କର ସେଠାରେ × × × ରତ୍ନେଶ୍ୱର, ଚନ୍ଦ୍ରଭାନୁକୁ ଅନୁପମ ସୁନ୍ଦର ଓ ଗୁଣବାନ୍ ଦେଖି × × × ବିଷୟରେ ସ୍ଥିର-ନିଷ୍ଠ ହୋଇ, ନିଜ ପୁରୋହିତଙ୍କ ଦ୍ୱାର × × × କୁ ନେଇ ବିବାହ କରିଦେଲେ । × × × ବେଶ, କେଳିପୁରକୁ ସଖୀଙ୍କ ସହ ଗମନ, କେଳି ଗୃହେ × × × ବାହୁଡା ଓ ସଖୀମାନଙ୍କର ପରିହାସ ଏହି ସବୁର ବର୍ଣ୍ଣନ × × × ଏମନ୍ତ ନିର୍ଲ୍ଲଜ-ପଙ୍କାକୁଳିତ ମାର୍ଗରେ ଗତି × × × ରେ ପଥିକ ହେବ ସେ ଉକ୍ତ ପଙ୍କଜର୍ଜ୍ଜରିତ × × × ।

ଏହି ସମୟରେ କଳହଯନ୍ତ୍ରୀ ନାରଦ ସ୍ୱର୍ଗରେ ଉପସ୍ଥିତ ହୋଇ ଦେବତାମାନଙ୍କୁ କହିଲେ 'ପୃଥିବୀରେ ଗୋଟିଏ ତ୍ରୈଲୋକ୍ୟଦୁର୍ଲ୍ଲଭା ଅନୁପମା ସୁନ୍ଦରୀ ଥିଲା, ତାକୁ ଚନ୍ଦ୍ରଭାନୁ ବିବାହ ହେଲା ।' ଏପରି ସୁନ୍ଦରୀ ଜଣେ ମନୁଷ୍ୟର ହସ୍ତଗତା ହେବା ଶୁଣି ଦେବତାମାନେ ବିସ୍ମୟ ହୋଇ ଦୀର୍ଘନିଶ୍ୱାସ ପରିତ୍ୟାଗ କଲେ ଆଉ 'ସେ ଦୁହିଁଙ୍କର ବିଚ୍ଛେଦ ହେଉ' ବୋଲି ଅଭିଶାପ ଦେଲେ । କିନ୍ତୁ ସୁରରମଣୀଙ୍କ ମହା ସପତ୍ନୀଶଙ୍କା ଦୂର ହେତୁ ସେମାନେ ପ୍ରସନ୍ନା ହୋଇ ଚିର ବିଚ୍ଛେଦକୁ ଅନୁଚିତ ବୋଧ କରି ଏହି ବର ପ୍ରଦାନ କଲେ ଯେ, ନଳ ଦମୟନ୍ତୀଙ୍କ ପରି, କିଛିଦିନ ବିଚ୍ଛେଦ ପରେ ପୁନର୍ମିଳନ ହେଉ' ଦେବତାମାନଙ୍କ ବିସ୍ମୟଜନକ ନିଶ୍ୱାସରୁ ଗୋଟିଏ ଚଣ୍ଡୀ ଜନ୍ମ ହେଲା ଓ ସେ ଯାଇ ସିନ୍ଧୁଦେଶରେ ରହିଲା । ଦେବତାମାନେ ପୁଣି ଏଡ଼େ ଲମ୍ପଟ ?

ଏଳାକୃତ ଖଣ୍ଡରେ ଅସୁରମାନେ ପ୍ରବେଶ ହୋଇ ଋଷିମାନଙ୍କର ଯାଗ ଭଗ୍ନ କରିବାରୁ ସର୍ବଜ୍ଞ ଋଷିମାନେ ଶାପବିଧାନ ଜାଣିପାରି, ସିନ୍ଧୁଦେଶରୁ ନିଶ୍ୱାସିକା ଚଣ୍ଡିକି ପଠାଇ, ଉପବନରେ ଭ୍ରମଣ କରୁଥିବା ଚନ୍ଦ୍ରଭାନୁକୁ ମାୟାବଳେ ଘେନି ଗଲେ । ଏହି ଦିନଠାରୁ ଚନ୍ଦ୍ରଭାନୁ ଏକ ବର୍ଷ କାଳ ଦୁଃସହ ବିରିହ ଯନ୍ତ୍ରଣା ଭୋଗ କରି, ଗ୍ରୀଷ୍ମ ବର୍ଷାଦି ଋତୁମାନଙ୍କରେ ନାନାପ୍ରକାର ଅନୁଚିନ୍ତାନଳରେ ଦଗ୍ଧ ହେବାକୁ ଲାଗିଲେ । ଏହି ଋତୁ ବୋଧକ ପ୍ରତି ଛାନ୍ଦର ପ୍ରଥମରୁ ଚାରି ଛପଦ ପର୍ଯ୍ୟନ୍ତ ସିଂହ, ବାଘ, ହସ୍ତୀ ଇତ୍ୟାଦି ଉପମା ସହିତ କାଳର ବର୍ଣ୍ଣନା ହୋଇ ଆଉ ସବୁ ପ୍ରଣୟିନୀ ସଙ୍ଗରେ ହୋଇଥିବା ଅପ୍ରକାଶ୍ୟ କ୍ରୀଡାର ବିସ୍ତୃତ-ସ୍ମୃତିରେ ପୂର୍ଣ୍ଣ ହୋଇଅଛି ।

ଏତଦନନ୍ତର ଚନ୍ଦ୍ରଭାନୁ ତୁମୂଳ ଯୁଦ୍ଧରେ ରାକ୍ଷସମାନଙ୍କର ପ୍ରାଣ ସଂହାର କରି, ସ୍ୱଦେଶକୁ ପ୍ରତ୍ୟାଗତ ହୋଇ, ପିତାମାତା ପ୍ରଣୟିନୀ ପ୍ରଭୃତି ସମସ୍ତଙ୍କୁ ସନ୍ତୁଷ୍ଟ କରି,ଯୁବରାଜ ପ୍ରଦରେ ଅଭିଷିକ୍ତ ହୋଇ ପ୍ରଜାପାଳନ କଲେ ।

କବିଙ୍କର ଏ କାବ୍ୟଖଣ୍ଡରେ ଆଦିରସ ବ୍ୟତୀତ ଆଉ କୌଣସି ରସର ବସତି ହୋଇନାହିଁ, କେବଳ ଏଳାବୃତ୍ତଖଣ୍ଡଯୁଦ୍ଧରେ ବୀର, କରୁଣ ଓ ବିଭତ୍ସ ରସର କିଞ୍ଚିତ୍ ସୂଚନା ହୋଇଅଛି ।

କାବ୍ୟର ପ୍ରଧାନ ଅଙ୍ଗ ନାୟକ ଏବଂ ନାୟିକା ଏ ଦୁହିଙ୍କ ରୂପ ଗୁଣ ଚରିତ୍ରର ସୁନ୍ଦର ଚିତ୍ର ଯେଉଁ କବି ଯେ ପରିମାଣରେ ଦର୍ଶାଇ ପାରନ୍ତି ସେ କବି ସେହି ପରିମାଣରେ ସାଧାରଣଙ୍କର ମନକୁ ଆକର୍ଷଣ କରିବାକୁ ସକ୍ଷମ ଓ ପ୍ରଶଂସାଭାଜନ × × × ଗ୍ରନ୍ଥଗତ ନାୟକ ନାୟିକାଙ୍କର ରୂପହିଁ ପ୍ରଶଂସ୍ୟ, ଗୁଣ ବିଷୟରେ ଗଣେଶଙ୍କ × × × ସରସ୍ୱତୀଙ୍କ ପରି ପଣ୍ଡିତା ଇତ୍ୟାଦି ବାକ୍ୟର ଉଲ୍ଲେଖ ମାତ୍ରହିଁ ସାର । × × × ଏପରି ଗୁଣଥିବା ଲୋକର ଯେପରି ଉନ୍ନତଚିତ୍ତ ହେବାର ସମ୍ଭାବନା × × × ଠାରେ ଦୃଶ୍ୟ ହୁଏନାହିଁ । ଏଦୁହେଁ ଜଘନ୍ୟରୁଚିମନ୍ତ ଇନ୍ଦ୍ରି × × × ପ୍ରତୀୟମାନ ହୁଏ । ଆଉ ଯେଉଁ କାବ୍ୟଗତ ବିଶେଷ ବ୍ୟକ୍ତି × × × ମଧ ଏହାଙ୍କ ନିକୃଷ୍ଟ ପ୍ରତିଛାୟା । ଏତିକି ବୋଇଲେ × × × କେବଳ ନିକୃଷ୍ଟଭାବପୂର୍ଣ୍ଣ କେତେଗୁଡ଼ିଏ କ୍ଲିଷ୍ଟାଳଂକାର × × × ମନୁଷ୍ୟର ଦର୍ଶନୀୟ ଗୁଣର ସାରଭାବ କିଛିମାତ୍ର ନାହିଁ ।

—୦—

# ସୌଦାମିନୀ

## ଚତୁର୍ଦ୍ଦଶ ପରିଚ୍ଛେଦ ।

## ଅନ୍ତର ।

ଦୁଃଖର କଥା ଦୁଃଖୀ ଲୋକେ ଜାଣନ୍ତି । ଦୁଃଖୀ ଲୋକମାନଙ୍କ ଉପରେ କିଞ୍ଚିତ୍ ଦାୟିତ୍ୱ ଥିଲେ ସୁଖୀଲୋକମାନେ ସେମାନଙ୍କର ଦୁଃଖ କିଛି ବୁଝିନପାରି ସେମାନଙ୍କୁ × × × ଅଧିକ କଷ୍ଟ ଦିଅନ୍ତି । ଆମ୍ଭେ ସେଥି ନିମନ୍ତେ କହୁଁ ଯେ ଦୁଃଖର କଥା ଦୁଃଖୀ ଲୋକେ ଜାଣନ୍ତି ।

ସେହି ଜ୍ୱଳନ୍ତାଗ୍ନି ପ୍ରଥମ × × × ଅସ୍ପଷ୍ଟଭାବରେ ଦେଖାଯାଉଥିଲା । ପରେ ସ୍ପଷ୍ଟ ଭାବରେ ବିଭକ୍ତ ହୋଇ ଦେଖାଦେଲା । ଜୟ ସିଂହ କହିଲେ, 'ସୌଦାମିନି ! ଭୟ ହେଉଛି କି ? ଧୈର୍ଯ୍ୟ ଧର ସାହସ ଅବଲମ୍ବନ କର । ବାସ୍ତବରେ ସୌଦାମିନୀ ତହିଁରେ ତେତେ଼ ଭୀତା ହୋଇନଥିଲେ,— ସେ ଉତ୍ତର କଲେ, 'ପ୍ରାଣନାଥ ! ଦୁଃଖ ପଡ଼ିଅଛି ନା ପଡ଼ିବାକୁ ବାକି ଅଛି । ଯୁଦ୍ଧର ବିଷମ ଗୋଳମାଳରେ ପିତାମାତାଙ୍କୁ ହରାଇ ଅରଣ୍ୟରେ ଅନାଥ ହୋଇ ବୁଲିବାଠାରୁ ଆଉ ଅଧିକ ଦୁଃଖକର କି ହୋଇପାରେ ? ଯାହାଙ୍କ ନିମନ୍ତେ ଭୟ କରିବାକୁ ହେବ ସେମାନେ ଗଲେଣି । ଏବେ ଆଉ ମୋର ବିପଦରେ ଭୟ

ହେଉନାହିଁ, କେବଳ ତୁମ୍ଭରି ନିମନ୍ତେ ଏକା ଭୟ କରିବାକୁ ହେଉଅଛି । ଯାହାହେଉ ଦେଖ ଘୋଡ଼ାଙ୍କ ଟାପୁର ଶବ୍ଦରୁ ବୋଧ ହେଉଅଛି ଯେ କେହି ଅଶ୍ୱାରୋହୀ ଆସୁଅଛନ୍ତି । ସେମାନେ ଯେବେ ଆତ୍ମୀୟ ଲୋକ ହୁଅନ୍ତି ତେବେ ତ ସବୁ ପ୍ରକାରରେ ଭଲ କିନ୍ତୁ ପଠାଣ ହେଲେ ମଧ ଭୟ ନାହିଁ– ହାତରେ ତରବାରୀ ଅଛି ।' ଜୟସିଂହ କହିଲେ, 'ବିପକ୍ଷ ଦଳରେ ସେମାନେ ଯେ ସାତଜଣ' ସୌଦାମିନୀ କହିଲେ, × × × 'ଦୈବ ଅଛନ୍ତି ।'

××× ସୌଦାମିନୀ ଓ ଜୟସିଂହଙ୍କର ପିଲାଟି ଦିନରୁ ସାଙ୍ଗ । ××× ବିଦ୍ୟାଶିକ୍ଷା କରୁଥିଲେ ସୌଦାମିନୀ ମଧ ××× । ଏଣୁ କରି ସୌଦାମିନୀ ପ୍ରାୟ ସବୁ ××× ଶେଷରେ ତରବାରୀ ଯୁଦ୍ଧ ବିଦ୍ୟାରେ ଜୟସିଂହ ××× ଥିଲେ ।

××× ଅଶ୍ୱାରୋହୀ ପଥିକଦ୍ୱୟର ନିକଟବର୍ତ୍ତୀ ହେଲେ । ××× ହାତରେ ଗୋଟିଏ ଲେଖାଁଏ ମଶାଲ ××× ମନରେ ସନ୍ଦେହ ଉପସ୍ଥିତ ହୋଇପାରେ । ସେ ପଚାରିପାରନ୍ତି ଏମାନେ ପୁଣି କେଉଁଠାରୁ ଅଇଲେ ? ଉଜୟିନୀ ନଗର ଲୁଟପାଟ ହେଲା ଉତ୍ତାରୁ ଆଲାଉଦ୍ଦୀନ ଜୟସିଂହକୁ ବନ୍ଦୀ କରିବା ନିମନ୍ତେ ସାତଜଣ ପ୍ରଧାନ ଅଶ୍ୱାରୋହୀ ସେନାଙ୍କୁ ତାହାଙ୍କ ଅନ୍ୱେଷଣକୁ ପଠାଇଥିଲେ । ସେହି ଅଶ୍ୱାରୋହୀମାନେ ନାନା ସ୍ଥାନରେ ଜୟସିଂହଙ୍କୁ ଖୋଜି ପରିଶେଷରେ ନିରାଶ ହୋଇ ନିଜ ଦଳରେ ଯୋଗଦେବା ନିମନ୍ତେ ଅତି ବେଗରେ ଅଗ୍ରସର ହେଉଅଛନ୍ତି । ଅଶ୍ୱାରୋହୀମାନେ ପଥିକଦ୍ୱୟଙ୍କୁ ଦେଖି ଚିତ୍କାର କରି କହିଲେ 'ଖୋଦାତଲ୍ଲା ଜୀତେ ରହେଁ ।'ସେମାନେ ନିଶ୍ଚୟ ମନେକଲେ ଯେ ଏମାନଙ୍କ ମଧରେ ଅବଶ୍ୟ କେହି ଜୟସିଂହ ଆଉମାନେ ନିଶ୍ଚୟ ଉଜୟିନୀକୁ ପଳାଉଅଛନ୍ତି ନୋହିଲେ ଘୋରାନ୍ଧକାରରେ ବିଜନ ବନରେ କିମ୍ପାଁ ଏକା ଭ୍ରମଣ କରନ୍ତେ ? ହସ୍ତସ୍ଥ ମଶାଲମାନ ପକାଇ ଦେଇ ଏମାନଙ୍କୁ ଧରିବା ନିମନ୍ତେ ଉଦ୍ୟୁକ୍ତ ହେଲେ । ମୁସଲମାନ ଦେଖିଲାକ୍ଷଣି ପଥିକ ଦ୍ୱୟଙ୍କର ରକ୍ତ ଉଷ୍ଣତାପ୍ରାପ୍ତ ହେଲା; ଏବଂ କହିଲେ 'ଆଜି ପଠାଣମାନଙ୍କ ରକ୍ତରେ ମନର ଦୁଃଖ ଧୋଇଯିବ ।'

ତୁମୂଳ ଯୁଦ୍ଧ ଆରମ୍ଭ ହେଲା । ତିନି ଚାରିଜଣ ଜୟସିଂହଙ୍କ ସଙ୍ଗେ ଆଉ ତିନି ଚାରିଜଣ ସୌଦାମିନୀଙ୍କ ସଙ୍ଗେ– ଏହିପରି ଅନେକ କ୍ଷଣ ଯୁଦ୍ଧ ହେଲା । ଝନ୍, ଝାନ୍, ସନ୍, ଧୂମ ଶବ୍ଦ ହୁଏ ଆଉ ଜଣେ ପଠାଣ ଭୂମି ଶଯ୍ୟାଗତ ହୁଏ ପୁଣି ଘୋଡାଟା ଆନନ୍ଦରେ ହ୍ରେସାରବ କରି କେଉଁ ଆଡ଼କୁ ପଳାଇଯାଏ, ଜଣାଯାଏ ନାହିଁ । ଚାରିଜଣ ଛିନ୍ନ ଶିର ହୋଇ ଭୂତଳରେ ପଡ଼ିଲେ । ଜୟସିଂହ ଜଣକ ସଙ୍ଗେ ଯୁଦ୍ଧରେ ମାତିଅଛନ୍ତି । ଦୁଇଜଣ ପଳାୟନ କଲେ ××× ସେମାନଙ୍କ ପଛରେ ଅସି ଉତ୍ତୋଳନ କରି ଘୋଡ଼ା ××× ।

ଅନ୍ଧକାର ରାତ୍ରରେ ଘୋର ବନ ××× ଅଶ୍ୱାରୋହୀ ଦଉଡୁ ଅଛନ୍ତି— ଦୁଇଜଣ ପ୍ରାଣ ବିକଳରେ ××× ଆଉ ଅନ୍ୟ ଜଣ ସେମାନଙ୍କ ପ୍ରାଣ ନେବା, ××× ମନରେ ଘୋଡ଼ା ଦଉଡ଼ାଉ ଅଛନ୍ତି, ××× ଉଡୁନା କାହିଁକି ନ ଦଉଡିଲା ପରି ××× ଅଶ୍ୱାରୋହୀ ଦ୍ୱୟ ! ଏହିଠାରେ ତୁମ୍ଭମାନଙ୍କର ××× ଦଉଡ଼ ; ଯେତେ ଶୀଘ୍ର ପାର ଦଉଡ଼ଁ, ପଛକୁ ଦୃଷ୍ଟିପାତ କରିବ ନାହିଁଟି । ପଛରେ ଭୟାନକ ଶତ୍ରୁ । କିନ୍ତୁ ତୁମ୍ଭମାନଙ୍କର କପାଳ ଟାଣ— ନିକଟରେ ଆଲାଉଦ୍ଦୀନଙ୍କର ସେନାସଂଘାତ;— ଶୀଘ୍ର ଦଉଡ଼ ।

ଅତି ଅଳ୍ପକ୍ଷଣ ମଧରେ ଅଶ୍ୱାରୋହୀ ଦ୍ୱୟ ନିଜ ସୈନ୍ୟ ଦଳରେ ଯୋଗଦେଲେ । ଭୟାନକ କୋଳାହଳ ଉପସ୍ଥିତ ହେଲା ! ସମଗ୍ର ଅରଣ୍ୟ କମ୍ପିତ ହେଲା ! ସୌଦାମିନୀ ଅସଂଖ୍ୟ ମୁଷଲମାନ ସେନାରେ ପରିବେଷ୍ଟିତା ! ହେଲେ !!!

ଏହିଠାରେ ପାଠକମାନଙ୍କର ପୁରାଣ କଥା ମନରେ ପଡ଼ିବ । ବୀରାଗ୍ରଗଣ୍ୟ ଅର୍ଜ୍ଜୁନଙ୍କର ଚତୁର୍ଦ୍ଦଶବୟସ୍କ ଦୁର୍ଜ୍ଜୟ ବୀରପୁତ୍ର ଅଭିମନ୍ୟୁ ଥରେ ଏହିପରି ବୀର ମାନଙ୍କଦ୍ୱାରା ପରିବେଷ୍ଟିତ ହୋଇଥିଲେ । ସୌଦାମିନୀଙ୍କର ଚିତ୍ତବେଗ ଜାତ ହେଲା ଓ ଆପଣାକୁ ଅସହାୟା ମନେକଲେ । ଏ ଅବସ୍ଥାରେ ପଡ଼ି ମଧ ଅସୀମ ସାହସ(ର) ସହିତ ବଳ ବିକ୍ରମ ପ୍ରକାଶ କରି ଅସି ଉତ୍ତୋଳନ କଲେ ! ଧନ୍ୟ ସୌଦାମିନୀ ! କବିଏ ତୁମ୍ଭର ଗୁଣ ନ ଗାଇ କାହାର ଗୁଣ ଗାଇବେ ? (ଆଉ) ଯେଉଁ କବି ତୁମ୍ଭର ଗୁଣ ଗାଏ ସେହି ଧନ୍ୟ !

ଆଉ ଏତେବେଳେ ବଳ ବିକ୍ରମରେ କାର୍ଯ୍ୟ ନାହିଁ । ଏତେବେଳେ ସାହସର କୌଣସି କ୍ଷମତା ନାହିଁ । ସୌଦାମିନୀ ଧୃତା ହେଲେ (ଆଉ) ଆଲାଉଦ୍ଦୀନଙ୍କର ମନୋରଥ ପୂର୍ଣ୍ଣ ହେଲା । ପାଠକେ ! ଅକଳଙ୍କ ଚନ୍ଦ୍ରମାତୁଲ୍ୟ ପ୍ରତିପ୍ରାଣା ସୌଦାମିନୀ ଏବେ ଶତ୍ରୁହସ୍ତଗତା ହୋଇ ବିକଳରେ ରୋଦନ କରୁଅଛନ୍ତି !! ଏତେ ଦୁଃଖ ପଡ଼ିଥିଲେ ମଧ ଦୈବ ଆହୁରି ଦୁଃଖକଷ୍ଟ ××× କରିଥିଲା ! ହା ଆହୁରି ବା ଅଛି !

—୦—

## ପଞ୍ଚଦଶ ପରିଚ୍ଛେଦ ।

## ଦୈବ ଓ ମନୁଷ୍ୟ ।

××× ସୁଖ ନିମନ୍ତେ ଲୋକେ ସଦାସର୍ବଦା ଯତ୍ନ ଓ ପଛେ ××× ସୁଖ ଆଶାରେ ଚୋର ଚୋରୀ କରେ, ଭଣ୍ଡ ××× ଲୋକଙ୍କର ପ୍ରାଣ ପର୍ଯ୍ୟନ୍ତ ନିଷ୍ଠୁର ହୃଦୟ ××× ଆଶା କରି ସବୁବେଳେ ଦୈବକୁ ପ୍ରାର୍ଥନା ଶୁଣେ ? ଦେବ କି ଲୋକଙ୍କ(ର) ×××

ଇଚ୍ଛା ××× ବିଶ୍ୱକର୍ତ୍ତାର ଆଦ୍ୟରୁ ଯେଉ ନିୟମ ଚଳି ଆସୁଅଛି ତାହାର ଅନ୍ୟଥା ହେବନାହିଁ, ଅନ୍ୟଥା ହେବା ତେଣିକି ଥାଉ ଟିକିଏ ସୁଦ୍ଧା (ହେବା) ବୈଲକ୍ଷଣ୍ୟ ଘଟିବା ଅସମ୍ଭବ । ଦୈବ ଯେବେ ଲୋକଙ୍କ କଥା ଶୁଣୁଥାନ୍ତା, ତେବେ ପୃଥିବୀ ଚଳିବା(ର) ବଡ଼ କଠିନ ହୋଇଥାନ୍ତା । (ପାଠକେ ଏହା ସହଜରେ ବୁଝିପାରିବେ) ଅନାବୃଷ୍ଟି ହେତୁରୁ ଲୋକେ କାତର ହୋଇ ଆକାଶକୁ ଅନାଇ ରହିଥାନ୍ତି; ଖଣ୍ଡିଏମେଘ ଧରି ଆସିଲେ ସେମାନଙ୍କର ଆନନ୍ଦର ସୀମା ରହଇ ନାହିଁ । ସମସ୍ତଙ୍କର ଇଚ୍ଛା ଯେତେ ଶୀଘ୍ର ବୃଷ୍ଟି ହୁଏ ଭଲ, ପୁଣି ତହିଁ ମଧ୍ୟରେ କାହାରି ପୁତ୍ରର ବିବାହଘର ପଡ଼ିଥିଲେ ଅବା କାହାରି କୌଣସି ନିମିତ୍ତ ପଡ଼ିଥିଲେ ସେ କହେ ଯେ ବର୍ଷାଟା ନୋହିଲେ ବଡ଼ ଭଲ ହେବ ! ଏ ଅବସ୍ଥାରେ ଯେବେ ଦୈବ ଲୋକଙ୍କର କଥା ଶୁଣିବ ତେବେ କି ପୃଥିବୀ ଚାଲିବ ? ନା, ଏହିପରି ଅନେକ କଥାଅଛି । (ଆଉ) ଯେଉଁ ଲୋକ ସମସ୍ତଙ୍କୁ ସନ୍ତୁଷ୍ଟ କରିବାପାଇଁ ଇଚ୍ଛାକରେ ତାହାର ମଧ୍ୟ ଚେଷ୍ଟା ବିଫଳ ହୁଏ । ଆମ୍ଭେ ସେଥି ସକାଶେ କହୁଅଛୁଁ ମନୁଷ୍ୟ ସୁଖ ଇଚ୍ଛା କରେ ଏବଂ ସୁଖ ଇଚ୍ଛା(କରିବା)ତାହାର ସ୍ୱଭାବସିଦ୍ଧ (ଗୁଣ) କିନ୍ତୁ ଦୈବ ଅତି ପୁରାତନ କାଳରୁ ସ୍ଥାପିତ ଆପଣାର ଅଲଙ୍ଘ୍ୟ ନିୟମଦ୍ୱାରା ପୃଥିବୀ ଚଳାଏ; — କାହାରି ଇଚ୍ଛା ଉପରେ ତାହାର ନିର୍ଭର ନାହିଁ ।

ଜୟସିଂହ ଯାହା ସହିତରେ ଯୁଦ୍ଧ କରୁଥିଲେ ସେ ଅତ୍ୟନ୍ତ ବଳଶାଳୀ ଥିଲା । ତାହାର ଅବୟବ ଜୟସିଂହଙ୍କ ଶରୀରର ଦ୍ୱିଗୁଣ ହେବ (ଆଉ) ମଧ୍ୟ ଉତ୍ତମରୂପେ ଅସିଚାଳନା କରିବାବିଷୟରେ ସେ କିଛି ଜୟସିଂହଙ୍କଠାରୁ ଊଣା ନଥିଲା । ଦୁହିଁଙ୍କର ଘୋର ଯୁଦ୍ଧ ହେଲା । ଶୋକଦଗ୍ଧ ହୃଦୟକୁ ବହି ମଧ୍ୟ ଜୟସିଂହ ନିଜ ତେଜୋଭାବ ପ୍ରକାଶ କରିବାରୁ କ୍ଷାନ୍ତ ହୋଇନଥିଲେ, ତାହାଙ୍କର ଏକାନ୍ତ ଇଚ୍ଛା ××× ପିତାଙ୍କର ବୈରଶୋଧ ସାଧନ କରିବେ । ଚାରି ଜଣ ××× ଯବନ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇଥିଲା ମଧ୍ୟ ××× ପରିମାଣରେ ହ୍ରାସ ହୋଇଥିବାରୁ ତାହାର ××× ଯାହା ହେଉ ଘୋର ଯୁଦ୍ଧରେ ଯବନର ××× ଜୟସିଂହ ଯେ ନିତାନ୍ତ ଅକ୍ଷତ ଥିଲେ ଏମନ୍ତ ନୁହେ ××× ପାଦରେ ଦୁଇଠା ଅତ୍ୟନ୍ତ ଆଘାତ ବସି ××× ଅତିରକ୍ତ ବହିଯାଇଥିଲା ଯେ ସେ ××× ନିତାନ୍ତ ଆବଶ୍ୟକ ।

ପାଞ୍ଚଜଣ ଯବନ ଭୂତଳରେ××× ମଶାଳ କ୍ଷୀଣଭାବରେ ବନକୁ ଆଲୋକିତ କରିଅଛି । ସୌଦାମିନୀ ଯେ ଦୁଇଜଣ ଯବନକୁ ଗୋଡାଇ ଗଲେ ତାହା ଜୟସିଂହ ଦେଖିଥିଲେ ମାତ୍ର; (ଆଉ) ବର୍ତ୍ତମାନ ଶତ୍ରୁହସ୍ତରୁ ମୁକ୍ତ ହେବାରୁ ସୌଦାମିନୀ-ଚିନ୍ତା ତାହାଙ୍କର ମନକୁ ଅଧିକାର କଲା । ଜୟସିଂହ 'ସୌଦାମିନି, ସୌଦାମିନି' ବୋଲି କେତେଥର ଉଚ୍ଚୈଃସ୍ୱରେ ଡାକ ପକାଇଲେ । ବନର ବୃକ୍ଷ, ଲତା, ପତ୍ରାଦି ତାହାର

ଉତ୍ତର ଦେଲେ କିନ୍ତୁ ଗୋଟିଏ ସୁଦ୍ଧା ମନୁଷ୍ୟ କଣ୍ଠନିଃସୃତ ଶବ୍ଦ ତହିଁର ଉତ୍ତର ଦେଲାନାହିଁ !— ସୌଦାମିନୀ ତହିଁର ଉତ୍ତର ଦେଲେ ନାହିଁ । ସୌଦାମିନୀ ଶତ୍ରୁହସ୍ତଗତା ହୋଇ ଦିଲ୍ଲୀ ନଗରକୁ ଆନନ୍ଦାର୍ଣ୍ଣବରେ ଭାସମାନ ଯବନମାନଙ୍କଦ୍ୱାରା ନୀତା ହେଉଅଛନ୍ତି ! ଜୟସିଂହଙ୍କ ମନରେ ଉତ୍କଣ୍ଠା ଜାତ ହେଲା । ବିଜନ ଘୋରାନ୍ଧକାରାବୃତ ଭୀଷଣ ଅରଣ୍ୟ, ତହିଁରେ ପୁଣି ଦୁଇଜଣ ଯବନକୁ ଆକ୍ରମଣ କରି ସୌଦାମିନୀ ସେମାନଙ୍କୁ ଗୋଡ଼ାଇ ଯାଇଅଛନ୍ତି, ଏ ସମସ୍ତ ମନରେ କରି ସେ ଅତ୍ୟନ୍ତ (ଉଦବେଗ) ଉଦ୍‌ବିଗ୍ନ ହେଲେ । ଥରେ ମନେ କଲେ ଖୋଜିବାକୁ ଯିବେ ପୁଣି ବିଚାରିଲେ 'ଯେବେ ଖୋଜିବାକୁ ଯାଇ ମୁଁ ଅନ୍ୟ ବାଟରେ ଯିବି ଆଉ ସୌଦାମିନୀ ଫେରି ଆସି ମୋତେ ଏଠାରେ ନ ଦେଖିବେ ତେବେ ମହାନ୍ ଅନର୍ଥ ହେବାର ସମ୍ଭାବନା' । ଏହା ବିଚାରି(ସେ) କିଛି କାଳ ସେହିଠାରେ ଛିଡ଼ା (ହେଲେ) ହେଇରହିଲେ ।

ଦିନମାନରେ ଭୋଜନ ହୋଇନାହିଁ, ପିତା, ମାତା, ବନ୍ଧୁ, ପରିଜନାଦି ସମସ୍ତଙ୍କ ଶୋକରେ ସନ୍ତାପିତ; ନିଜେ ନିର୍ବାସିତ ପ୍ରାୟ; ପଠାଣଙ୍କ ସଙ୍ଗରେ ଅନେକ ଦ୍ୱନ୍ଦ୍ୱଯୁଦ୍ଧ କରିବାରୁ ଅତ୍ୟନ୍ତ ଶ୍ରାନ୍ତ; କ୍ଷତ ହୋଇଥିବା ହେତୁରୁ ××× ହିଁରେ ପୁଣି ପିତୃମାତୃହୀନା ସମବସ୍ଥାପନ୍ନା ଘୋର ××× ହୃଦୟଶୀତଳକାରିଣୀ ଏକମାତ୍ର ବନ୍ଧୁ ପ୍ରାଣତୁଲ୍ୟ ××× ଗମନର ବିଳମ୍ବ ଇତ୍ୟାଦି କାରଣରୁ ଜୟସିଂହ ××× ଉଠିଲେ । ଆପଣାର ବସ୍ତ୍ର ଛିନ୍ନକରି 'କ୍ଷତ ସ୍ଥାନ ××× ଏକ ପ୍ରକାର ବିପଦରୁ ମୁକ୍ତି ପାଇବାରୁ ପର ×××। ଜୟସିଂହଙ୍କ ମନରେ ଦୃଢ଼ବିଶ୍ୱାସ ଥିଲା ××× ମାରି ଫେରିଆସିବେ; ତହିଁ ଉତ୍ତାରୁ (ଆଉ) ଦୁଃଖର କଥା କହି ସମୟାତି ××× ସୌଦାମିନୀତ ଫେରୁନାହାନ୍ତି । କିଛି କାଳ ଅପେକ୍ଷା କରି ଛିଡ଼ା ହେଲେ । ଚତୁର୍ଦ୍ଦିଗ ସୌଦାମିନୀଙ୍କ ପ୍ରତ୍ୟାଗମନ ପ୍ରତ୍ୟାଶାରେ ଦେଖୁ ୨ ହଠାତ୍ ମନରେ ଉଦୟ ହେଲା 'ସୌଦାମିନୀ କି ଯବନ କର୍ତ୍ତୃକ ବିନଷ୍ଟା ହେଲେ ।'—ଆଉ ଧୈର୍ଯ୍ୟ ରହିଲା ନାହିଁ । ପାପମନ, ଏପରି ଚିନ୍ତା ଉଦୟ ହେବାର ଆଶ୍ଚର୍ଯ୍ୟ କି ? କ୍ଲାନ୍ତି, ଶ୍ରାନ୍ତି, ଦୌର୍ବଲ୍ୟ, କ୍ଷୁଧା ଓ ପିପାସା ଶୋକବେଗର ଆଧିକ୍ୟ ହେତୁରୁ ସମସ୍ତ ଭୁଲିଗଲେ । ଅତି ଉଚ୍ଚୈଃସ୍ୱରରେ 'ସୌଦାମିନି, ସୌଦାମିନି' ବୋଲି ଡାକ ଦେଲେ କିନ୍ତୁ ସୌଦାମିନୀ କାହାନ୍ତି ?— କେହି ଉତ୍ତର ଦେଲେନାହିଁ । ସନ୍ଦେହ ମନକୁ ଫୁଲାଇ ଦେଲା ଓ ଜୟସିଂହ ଧୈର୍ଯ୍ୟହୀନ ହେଲେ ।

ଖଣ୍ଡିଏ ମଶାଲ କ୍ଷୀଣଭାବରେ ଜ୍ୱଳୁଥିଲା, ତାହାକୁ ଉଠାଇନେଇ ପ୍ରିୟପତ୍ନୀର ଅନ୍ୱେଷଣରେ ବାହାରିଲେ ।

—୦—

## ଷୋଡ଼ଶ ପରିଚ୍ଛେଦ ।

## ନିର୍ବାପିତାଶା ।

ଆଶା ମନୁଷ୍ୟମାନଙ୍କ ଜୀବନ ଧାରଣର ପ୍ରଧାନ ସହାୟ । ଆଶା ନ ଥିଲେ ତୁମ୍ଭେ ଆମ୍ଭେ କେହି ସଂସାରରେ ସ୍ଥିର ହୋଇ ରହିପାରି(ନଥାନ୍ତୁ)ବୁ ନାହିଁ । ଯେବେ ଆଶା ଶେଷ ହୁଏ, ତେବେ ଜୀବନ ଗଲା ପରି– ହା ହତାଶ ହୋଇ ମରିବାକୁ ହୁଏ !

ସୀତା-ହରଣ ହେଲା ଉତ୍ତରୁ ରାମଚନ୍ଦ୍ର ଆପଣା ପର୍ଣ୍ଣଶାଳାକୁ ଫେରି ଆସି ସୀତାଙ୍କୁ ନ ଦେଖି, ବୃକ୍ଷ, ଲତା, ପାଦପ, ପଶୁ, ପକ୍ଷୀ ଇତ୍ୟାଦି ସମସ୍ତଙ୍କୁ ପ୍ରେୟ(ସିଙ୍କ)ସିର ବାର୍ତ୍ତା ପଚାରିଥିଲେ; ଜୟସିଂହ ଏକ ହସ୍ତରେ ତରବାରୀ ଓ ଅନ୍ୟ ହସ୍ତରେ ମଶାଲ ××× ସୌଦାମିନୀଙ୍କର ସେହିପରି ଅନ୍ୱେଷଣ କରୁଅଛନ୍ତି ××× ଆଉ କହନ୍ତି 'ଏହିଠାରେ ଅଛନ୍ତି କି ?' କିନ୍ତୁ ××× ଆଶା ଶେଷ ହୁଏ । ଶିଶିର ବିନ୍ଦୁର ଟପ୍‌ଟାପ୍ ××× ଶବ୍ଦପରି ଶୁଣାଯାଏ ପୁଣି ତହିଁ ସଙ୍ଗେ ୨ ଆଶାର ××× ନିମିଷ କାଳସ୍ଥାୟିନୀ ସେହି ଆଶା ଅନ୍ତରର××× ପବନମାନଙ୍କର ଅଶ୍ୱମାନ ବନରେ ××× ସେମାନଙ୍କର ହ୍ରେସାରବ(ରେ) ଓ ଟାପୁ ××× କୁଳ ହେଉଅଛି ।

କେତେକକ୍ଷଣ ଏହିପରି ବନରେ ଦୌଡ଼ା ଦୌଡ଼ି କଲେ । ହଠାତ୍ ବାୟୁ ବହିବାରୁ ନିର୍ବାଣୋନ୍ମୁଖ ମଶାଲଟି ନିର୍ବାପିତ ହେଲା (ଆଉ) ତହିଁ ସଙ୍ଗେ ୨ ଜୟସିଂହଙ୍କର ଆଶା ମଧ୍ୟ ଲୀନତା ପ୍ରାପ୍ତ ହେଲା ।

କି କରିବେ; କେଉଁଆଡ଼େ ଖୋଜିବେ; ପ୍ରଶସ୍ତ ଅରଣ୍ୟ, ସୌଦାମିନୀ କେଉଁଆଡ଼କୁ ଗୋଡ଼ାଇ ଗଲେ; ଏହି ସମସ୍ତ ଚିନ୍ତାରେ ମନ ଅତ୍ୟନ୍ତ ବ୍ୟାକୁଳ ହେଲା । ପ୍ରାୟ ରାତ୍ରି ତୃତୀୟ ପ୍ରହର ପର୍ଯ୍ୟନ୍ତ କେତେବେଳେ ଆଗକୁ କେତେବେଳେ ବା ପଛକୁ, କେତେବେଳେ ଏ ଆଡ଼େ କେତେବେଳେ ବା ସେ ଆଡ଼େ ଏହିପରି ଯିବା ଆସିବା କରିବାରୁ ନିତାନ୍ତ ଅବଶ ହୋଇଗଲେ । ଶରୀରର ବଳ ଶେଷ ହେଲା; ସାହସ ଅସ୍ତ ପ୍ରାପ୍ତ ହେଲା; ଧୈର୍ଯ୍ୟ ବିନଷ୍ଟ ହେଲା; ଶୋକ ବେଗମାନ ଏକ ୨ ହୋଇ ମନରେ ଉଦୟ ହେଲେ ଓ ଚିତ୍ତ ବିଦାରିତ କରିପକାଇଲେ; ଆଉ ଆଶା ମଧ୍ୟ ନିର୍ବାପିତ !

ଜୟସିଂହଙ୍କର ଦୁଃଖର ସୀମା ରହିଲା ନାହିଁ, ଚତୁର୍ଦ୍ଦିକ ଅନ୍ଧକାର ଦିଶିଲା । ଅତ୍ୟନ୍ତ ବ୍ୟାକୁଳ ହୋଇ କହିଲେ 'ଦୈବ ! ତୋର କି ଟିକିଏ ସୁଦ୍ଧା ସୁବିଚାର ନାହିଁ ! ହା ସୌଦାମିନି, ଜୟସିଂହ କି ନିତାନ୍ତ ପ୍ରାଣସଙ୍ଗିନୀଙ୍କଠାରୁ ଅନ୍ତର୍ହିତ ହେଲା !'- ଆଉ କହିପାରିଲେ ନାହିଁ, କଣ୍ଠ ଓ ନିଶ୍ୱାସ ରୁଦ୍ଧ ହୋଇଆସିଲା ।

ଅଶ୍ୱରୁ ଓହ୍ଲାଇ ଅତି ଶୋକାତୁର ମନରେ କାନ୍ଦୁ ୨ ଅଶ୍ୱକୁ ସମ୍ବୋଧନ କରି କହିଲେ 'ଅଶ୍ୱ ! ଏ ପାପିଷ୍ଠ ଆଉ ତୋତେ କଷ୍ଟ ଦେବ ନାହିଁ । ସ୍ୱାଧୀନତା ପାଇ ତୁ ଆନନ୍ଦରେ ଭ୍ରମଣ କର ଆଉ ଜୟସିଂହ ଏହିଠାରେ ମରୁଅଛି । ମୋହର ଯେତେ ଉପକାର କରିଅଛୁ, ମୁଁ ତା ଭୁଲି ପାରି ××× ଉପକାରରେ ଦୈବ ନିଶ୍ଚେ ସନ୍ତୁଷ୍ଟ ଥିବ କିନ୍ତୁ ××× ଯେ ମରିଗଲେ ତୁ ଯେପରି ମନୁଷ୍ୟ ଜନ୍ମ ପ୍ରାପ୍ତ ××× କାନ୍ଦି ପକାଇଲେ, ଅଶ୍ୱ ନିଶ୍ଚଳଭାବରେ ଛିଡ଼ା ××× ହୋଇଥିଲା ।

—୦—

## ସପ୍ତଦଶ ପରିଚ୍ଛେଦ ।

## ମନୁଷ୍ୟର ଶକ୍ତି ।

××× ମନୁଷ୍ୟର ଶକ୍ତି କେତେଦୂର ××× କେତେ ଆଶା କରେ, ଏତେ ପରିଶ୍ରମ ××× ଶକ୍ତି କେତେଦୂର କାହାରିକି ଜଣା ଅଛି ? ବିବେଚନା କରି ଦେଖ, ମନୁଷ୍ୟର କିଛିମାତ୍ର ଶକ୍ତି ନାହିଁ— ତେବେ (କଣ ନା) କ୍ରନ୍ଦନ ମାତ୍ରହିଁ ସାର ଅଟଇ ।

ଜୟସିଂହ ଲୋତକଧାର ପୋଛି ଦେଇ ନିରସ୍ତଭାବରେ ଭୂମିଉପରେ ଉପବିଷ୍ଟ ହେଲେ । ପୂର୍ବଦିନ ପ୍ରାତଃକାଳରୁ ଆଜି ଏତେବେଳ ପର୍ଯ୍ୟନ୍ତ ଯାହା ୨ ଘଟିଅଛି, ଏକ ୨ ହୋଇ ସମସ୍ତ ମନରେ ଉଦୟ ହେଲା ଆଉ ଚିନ୍ତାବେଗ ମନକୁ ଏପରି ଭାବରେ ଆକ୍ରମଣ କଲା ଯେ ସେ ମୂର୍ଚ୍ଛିତ ହୋଇ ଭୂତଳ-ଶାୟୀ ହେଲେ !

କିଛିକାଳ ଉତ୍ତାରୁ ମୂର୍ଚ୍ଛାଭଙ୍ଗ ହେଲା ଓ ତହିଁ ସଙ୍ଗେ ୨ ଆପଣାର ଅବସ୍ଥା ମଧ୍ୟ ମନରେ ପଡ଼ିଲା । ସୌଦାମିନୀଙ୍କ ସହିତ ବାଲ୍ୟକାଳରୁ ପ୍ରଣୟଥିବାରୁ ତାହାଙ୍କର ବିଚ୍ଛେଦ ଅତ୍ୟନ୍ତ ଅସହ୍ୟ ହୋଇଥିଲା । ଏଣୁକରି ଅତି କାତରସ୍ୱରରେ କ୍ଷୀଣଭାବରେ କହିଲେ 'ସୌଦାମିନି ! ତୁମ୍ଭେ ଯେ ପ୍ରକୃତରେ ଅନ୍ତର୍ହିତା ହୋଇଅଛ ତାହା ଜୟସିଂହ ବିଶ୍ୱାସ କରିପାରୁନାହିଁ ! ହା ଦୈବ, ତୋହରି ବାସନା କି ଏବେ ପୂର୍ଣ୍ଣ ହେଲା ? ଜଣାଗଲା ତୁ ନିତାନ୍ତ ନିର୍ଦ୍ଦୟ, ନୋହିଲେ ଲୋକକୁ ପ୍ରାଣରେ ନ ମାରି କାହିଁକି ଏତେ କଷ୍ଟ ଦେଉ ? ପିତୃମାତୃବିହୀନ ଓ ଅନାଥ କରି ଅରଣ୍ୟରେ ପକାଇଥିଲୁ; ସେଠାରେ ଯେବେ ଗୋଟିଏ ବନ୍ଧୁ ମିଳିଥିଲା ତାହା ମଧ୍ୟ ତୋର ଅସହ୍ୟ ହେଲା, ଏବେ ଜୟସିଂହ ମଲେ, ବୋଧହୁଏ ତୋହର ପିପାସା ଶାନ୍ତ ହେବ !— ତେବେ ଜୟସିଂହ ମରୁ, କିନ୍ତୁ ଏ ପାପଜୀବ ଯେ ଯାଉନାହିଁ ! ସେ ଯେ କାହିଁକି ତୁଚ୍ଛାକୁ ଏ ଅଭାଗା ଶରୀରରେ ଥାଇଁ ଅପାର କଷ୍ଟ ପାଉଅଛି ଜାଣେ ନା ! ହୃଦୟ ବିଦୀର୍ଣ୍ଣ ହୁଅ, ଜୀବନ ବାହାରି ଯାଉ ! ଯେବେ ଜୀବନ

ଯିବା ଈଶ୍ୱର ××× ନୁହେଁ, ତେବେ କାହିଁକି ଆଜନ୍ମପରିଚିତା ସରଳହୃଦୟା××× ସୌଦାମିନୀ ଆମ୍ଭଠାରୁ ଅନ୍ତର୍ହିତା ହେଲେ ? ହା ଜୀବନ ××× କିଛି ଆବଶ୍ୟକ ନାହିଁ ! ତୁ ଯେତେଶୀଘ୍ର××× ସୌଦାମିନି, ଯେତେବେଳେ ଆଜି ଏକତ୍ର ବସି କଥା ××× ଏପରି ଅନ୍ତର ହେବ ବୋଲି ଆମ୍ଭଙ୍କୁ ସ୍ୱପ୍ନରେ ××× କିନ୍ତୁ ଦୂରଦୃଷ୍ଟ ! ଜୟସିଂହ କେବଳ ତୁ ××× ଅଛି, ତାହାର ପାପରଭାଗୀ ତୁମ୍ଭେ ! ପ୍ରିୟ ××× (ଆଉ)ଆଜିଠାରୁ ପୃଥିବୀରୁ ଜୟସିଂହଙ୍କର କଣ୍ଠ ପୂର୍ଣ୍ଣ ହୋଇଗଲା । ଶୋକାବେଗ କ୍ରମେ ୨ ଅଧିକ ହେଲା (ଆଉ) ସେ ଚେତନା ହରାଇ ପୁନର୍ବାର ମୂର୍ଚ୍ଛାଗତ ହେଲେ !—ହା ଜୟସିଂହ, ତୁମ୍ଭର କପାଳ କି ଏଡ଼େ ମନ୍ଦ !!

—୦—

## ଅଷ୍ଟଦଶ ପରିଚ୍ଛେଦ ।

## ଉପକାରିଣୀ ।

ଜୟସିଂହ ମୂର୍ଚ୍ଛାଗତ ହୋଇ ଭୂପୃଷ୍ଠରେ ପତିତ ହୋଇଅଛନ୍ତି । ପ୍ରକୃତିଦେବୀଙ୍କର ଚିର ଅଭ୍ୟସ୍ତ ଖେଳ ବନ୍ଦ ନାହିଁ— ଜୟସିଂହ ମୂର୍ଚ୍ଛିତ ଅଛନ୍ତି ବୋଲି ଯେ ପ୍ରକୃତିଦେବୀ ମୂର୍ଚ୍ଛିତା ହେବେ, ଏହା କେଉଁ ସାହସରେ କହାଯାଇପାରେ ? କ୍ରମେ ୨ ଆକାଶ ନିର୍ମଳ ହୋଇ ଆସିଲା; ଅନ୍ଧକାର କ୍ରମେ କୃଷ୍ଣବର୍ଣ୍ଣ ତ୍ୟାଗ କରି ଶୁକ୍ଳ ହେବାକୁ ଯାଉଅଛି; ଆକାଶର ଅସଂଖ୍ୟ ନକ୍ଷତ୍ରମାଳା କ୍ରମେ ୨ ମଳିନ ହୋଇ ଆସୁଅଛନ୍ତି, ଦେଖି ବୋଧ ହେଉଅଛି ଯେମନ୍ତ ଶୟନକାଳ ଉପସ୍ଥିତ ହେବାରୁ ଦିବାଭାଗରେ ସୂର୍ଯ୍ୟଙ୍କର କିରଣରୂପ ବସ୍ତ୍ର ଘୋଡ଼ି ହୋଇ ଶୋଇବା ନିମନ୍ତେ ଆପଣା ୨ ବେଶ ତ୍ୟାଗ କରିବାପାଇଁ ଉଦ୍‌ଯୋଗ କରୁଅଛନ୍ତି । ସାନ ୨ ଚଢ଼େଇମାନେ ଥରେ ୨ ସୁସ୍ୱରରେ ଗାନ କରୁଅଛନ୍ତି; ବୋଧ ହେଉଅଛି ଯେମନ୍ତ ପ୍ରାତଃକାଳୀୟ ସଂଗୀତ ନିମନ୍ତେ ଯନ୍ତ୍ରମାନ ସଜଡ଼ା ହେଉଅଛି । ନିଶାଚର ଓ ଦିବାଚର ××× ଲନକାଳ କଳ୍ପନାକୁ ଅବଶ୍ୟ ରମଣୀୟ ଅଟଇ; ଅନ୍ୱେଷଣରେ ଭ୍ରମଅଛି, ଅନ୍ୟ ବାସସ୍ଥାନରୁ (ଆଉ) ××× ପବନ ମନ୍ଦ ୨ ବହି ଗାତ୍ର ଶୀତଳ କରୁଅଛି; (ଆଉ)ବୋଧ ହେଉଅଛି ଯେ ପବନ ଜନ୍ମଲାଭ ××× ଉପସ୍ଥିତ ହୋଇଅଛି ଆଉ ସେହି ହେତୁ ଅତ୍ୟାନନ୍ଦଦାୟୀ । ପାଠକେ ! କହି ××× ଯହିଁରେ ସମସ୍ତଙ୍କର ଗାତ୍ର ରୋମ ××× ଗାତ୍ର-ରୋମାଞ୍ଚ ହେଉନାହିଁ ? ଅବଶ୍ୟ ××× ହେଉଅଛି କିନ୍ତୁ ଦିଓଟି ଭିନ୍ନ ପ୍ରକାରର ଅଟଇ । ତୁମ୍ଭମାନଙ୍କର ଏକପ୍ରକାର ଆଉ ତାହାଙ୍କର ଅନ୍ୟପ୍ରକାର । ତାହାଙ୍କର କେବଳ ଦେଖିବାକୁ ରୋମାଞ୍ଚ ମାତ୍ର, କିନ୍ତୁ ମନ କିଛି ବୁଝିପାରୁ

ନାହିଁ । ପୁଣି ସେପରି ହେବା ନ ହେବା ସମାନ– ଯାହାର ମନ ଶୋକାନ୍ଧକାରରେ ପରିପୂର୍ଣ୍ଣ, ଯେଉଁ ଲୋକ ମୂର୍ଚ୍ଛାଗତ ହୋଇ ଭୂପୃଷ୍ଠରେ ପତିତ ହୋଇଅଛି ତାହା ପ୍ରତି ପ୍ରକୃତିର ସମସ୍ତ ପ୍ରକାର ତେଜ ଓ ଉତ୍ସାହ ଦାନାର୍ଥ ଖେଳ କୌଣସି କାରଣର ନୁହେ ପୁଣି କାରଣର ହେଲେ ମଧ ବିଷମୟ ।

କ୍ରମେ ସକାଳ ହୋଇଗଲା । ଚତୁର୍ଦ୍ଦିକ ସୂର୍ଯ୍ୟାଲୋକରେ ଆଲୋକିତ ହୋଇଆସିଲା ଆଉ ପୃଥିବୀସ୍ଥ ତାବତୀୟ ଦିବାଚର ଜନ୍ତୁମାନେ ନୂତନ ତେଜ ପ୍ରାପ୍ତ ହୋଇ ଆପଣା ୨ କାର୍ଯ୍ୟରେ ରତ ହେଲେ ।

ଜୟସିଂହ ଏପର୍ଯ୍ୟନ୍ତ ମଧ ମୂର୍ଚ୍ଛାଗତ ଅଛନ୍ତି । ଏ ଅରଣ୍ୟରେ ତାହାଙ୍କର କେହି ନାହିଁ ଯେ ତାହାଙ୍କୁ ଉଠାଇବ । ଦରିଦ୍ର ଭିକ୍ଷୁକଠାରୁ ବର୍ତ୍ତମାନ ତାହାଙ୍କର ଅବସ୍ଥା ବଳି ଅଛି !

ସକାଳ ଅଳ୍ପ ପ୍ରକାଶ ହୋଇଆସିଲେ ଗୋଟିଏ ମଳିନବେଶା ଯୁବତୀସ୍ତ୍ରୀ ପ୍ରତିଦିନ ଯେପରି ଅରଣ୍ୟକୁ ପତ୍ର ସଞ୍ଚୟ କରିବା ନିମନ୍ତେ ଆସନ୍ତି, ସେହିପରି ଆସି ପଥିମଧ୍ୟରେ ଜୟସିଂହଙ୍କୁ ଏପରି ଭାବରେ ସୁପ୍ତ ଦେଖି ଅତ୍ୟନ୍ତ ବିସ୍ମୟାବିଷ୍ଟା ହୋଇ ଛିଡ଼ା ହେଲେ । ଜୟସିଂହ ନିଷ୍ପନ୍ଦଭାବରେ ପଡ଼ିଅଛନ୍ତି; ତାହାଙ୍କର ମୁଖମଣ୍ଡଳରେ ଅଶ୍ରୁଧାର ପୋଛା ହୋଇଥିବାର ଚିହ୍ନମାନ ଲକ୍ଷିତ ହେଉଅଛି, ××× ରକ୍ତଚିହ୍ନମାନ ଲାଗିଅଛି ଆଉହସ୍ତ ଓ ପାଦରେ କ୍ଷତଚିହ୍ନ ଏ ସମସ୍ତ ଦେଖି ସେହି ସ୍ତ୍ରୀ ମନରେ ସନ୍ଦେହ ଜାତ ××× କଲେ 'ବୋଧହୁଏ ଏ ପୁରୁଷ ଦସ୍ୟୁ କର୍ତ୍ତୃକ××× ଆହା କି ସୁନ୍ଦର ଅବୟବ ! କି ରମଣୀୟ ମୁଖ ××× ନିଶିର ପୂର୍ଣ୍ଣଚନ୍ଦ୍ର ପ୍ରାୟ ଦିଶୁଅଛି !' ଜୟସିଂହ ××× ଧନଶୂନ୍ୟତା ତାହାଙ୍କର ଏସନ୍ଦେହକୁ ××× ସମ୍ଭୂତ ଲୋକ ଏତଦବସ୍ଥାପନ୍ନ ଦେଖି ତା ××× ତଥାପି ଅପରିଚିତ ପୁରୁଷ ଜାଣି ××× ଅନନ୍ୟଦୃଷ୍ଟିରେ ଛିଡ଼ା ହୋଇ ରହିଲେ ××× ସେହି ସ୍ୱଚ୍ଛହୃଦୟା ସ୍ତ୍ରୀର ମନକୁ ଆର୍ଦ୍ର କରିଦେଲା ।– ମନେ ୨ ବିଚାର କଲେ 'ଆହା, କେଉଁ ନିର୍ଦ୍ଦୟ ଚିତ୍ତ ଏପରି କମନୀୟ କଳେବରରେ ଆଘାତ କରିଅଛି ! କିଏସେ ଏହାଙ୍କୁ ଏଡ଼େ କଷ୍ଟ ଦେଇଅଛି ? ଏହାଙ୍କର ଏ ଅବସ୍ଥା ଦେଖି ଆମ୍ଭର ମନ ନିତାନ୍ତ ବିକଳ ହେଉଅଛି ! ଏ ନିଶ୍ଚେ ସଦ୍‌ବଂଶ ସମ୍ଭୂତ ଆଉ ମହାନ୍ ଦୁଃଖରେ ପଡ଼ିଅଛନ୍ତି ସନ୍ଦେହ ନାହିଁ । ଦେଖ, ଜ୍ୱଳନ୍ତ ସୁବର୍ଣ୍ଣ-ବର୍ଣ୍ଣ କିପରି ବିବର୍ଣ୍ଣ ହୋଇଅଛି ! ଅଶ୍ରୁପୂରିତ ଶୁଷ୍କବଦନମଣ୍ଡଳ ପ୍ରସ୍ଫୁଟିତ ପଦ୍ମରେ ଶିଶିର ପଡ଼ିଥିବା ପ୍ରାୟ ଦିଶୁଅଛି ! ଯାହା ହେଉ ଆମ୍ଭେ ଏହାଙ୍କୁ ଚେତନ କରାଇବୁଁ । ଅପରିଚିତ ହେଲେ କି ହେଲା ? ଦୟା ମନୁଷ୍ୟର ଭୂଷଣ ।' ଏହା କହି ସେ ଜୟସିଂହଙ୍କର ଚେତନା ଉଦ୍ଧାରଣାର୍ଥ କିଞ୍ଚିତ୍ ପାଣି ଆଣି ତାହାଙ୍କର ମସ୍ତକ ଓ ମୁଖମଣ୍ଡଳରେ ପୁନଃ ୨ ସିଞ୍ଚନ କଲେ । ଜୟସିଂହ ଶୀତଳବାରି ସଂଯୋଗରେ କିଞ୍ଚିତ୍

ଚେତନାପ୍ରାପ୍ତ ହୋଇ ଦୀର୍ଘ ନିଶ୍ୱାସ ତ୍ୟାଗ କରି ଧୀରେ ଧୀରେ କହିଲେ 'ସୌଦାମିନି, ଆଉ ଚେତନ କରାଇବାର ପ୍ରୟୋଜନ ନାହିଁ, —ଜୟସିଂହ ତୁମ୍ଭରି ସକାଶେ ମରୁଅଛି ।'

ଏକଥା ଶ୍ରବଣ କରି ରମଣୀ ଅତ୍ୟନ୍ତ ବିସ୍ମୟାବିଷ୍ଟା ହେଲେ ମଧ କିଞ୍ଚିତ୍ ପଛକୁ ହଟିଗଲେ । ସୌଦାମିନୀ କିଏ ଆଉ କାହିଁକି ବା ସେ ସୌଦାମିନୀଙ୍କି ସମ୍ବୋଧନ କରି ଏକଥା କହିଲେ ସେ (ସେହି ସ୍ତ୍ରୀ) ତାହା ବୁଝିପାରିଲେ ନାହିଁ (ଆଉ ସେହି କଥା ତାହାଙ୍କର) ସୁତରାଂ ବିସ୍ମୟ ବର୍ଦ୍ଧନ (କରିବାରୁ ସେ) ହେତୁ ସନ୍ଦିଗ୍ଧ ଚିତ୍ତରେ ଛିଡ଼ା ହୋଇରହିଲେ ।

××× ଜୟସିଂହ କାତରୋକ୍ତି କରି ପୁନର୍ବାର ମୂର୍ଚ୍ଛିତ ××× ଦେଖିଲେ ଯେ ଯୁବକଙ୍କର ବର୍ତ୍ତମାନ ମୂର୍ଚ୍ଛିତାବସ୍ଥା ××× ହୋଇ ଆସିଅଛି । 'ଏବେ ଆଉ ଜଳ ସଂଯୋ ××× ସେ ବର୍ତ୍ତମାନ ବିଗତମୂର୍ଚ୍ଛ ××× ହୋଇଉଠି ବସିଲେ ××× ଅନ୍ତର (ହୋଇ) ଗଲେ ଓ ଗୋଟିଏ ବୃକ୍ଷ ××× ଗଲେ ।

××× ମୂର୍ଚ୍ଛାଭଙ୍ଗ ହେଲା । ଜାଗରିତ ହୋଇ ××× ରି କି ହେଲାଣି । ଥରେ ଚତୁର୍ଦ୍ଦିଗ ନିରୀକ୍ଷଣ ××× ପାରିଲେ ନାହିଁ । ମନେ ୨ ବିଚାରିଲେ 'କି ଦୁର୍ଦ୍ଦୈବ ! ଆମ୍ଭଙ୍କୁ କି ସୌଦାମିନୀ ଉପହାସ କରୁଅଛନ୍ତି ? ଆମ୍ଭର ଏତେ ଦୁର୍ଦ୍ଦଶା ହେଲେ ମଧ ସୌଦାମିନୀ ତାହା ଅବ୍ୟାକୁଳିତ ହୃଦୟରେ ହାସ୍ୟପୂର୍ଣ୍ଣ ଚକ୍ଷୁରେ ଦେଖୁଅଛନ୍ତି ! ସୌଦାମିନି, ତୁମ୍ଭେ ନିତାନ୍ତ ପାପୀମୟୀ; ତୁମ୍ଭେ ନିତାନ୍ତ କଠୋର ହୃଦୟା ! ଜୟସିଂହ ସଙ୍ଗରେ ତୁମ୍ଭର କୌଣସି ସମ୍ପର୍କ ନାହିଁ । ଆମ୍ଭେ ମୂର୍ଚ୍ଛିତ ଥିଲୁ ବୋଲି ଆମ୍ଭର ମୁଖ ପ୍ରକ୍ଷାଳନ କରି ଆମ୍ଭଙ୍କୁ ଉଠାଇଲ ପୁଣି ଆମ୍ଭେ ଉଠିଲାମାତ୍ର ଆମ୍ଭଙ୍କୁ ପରିତ୍ୟାଗ କରିଗଲ !—ନା, ଆମ୍ଭେ ଅବା ଭ୍ରମରେ ପଡ଼ିଥିବୁ; ଆମ୍ଭେ ଅବା ସ୍ୱପ୍ନ ଦେଖିଅଛୁଁ ! ତେବେ କି ଆମ୍ଭେ ଆଉ ସୌଦାମିନୀଙ୍କି ପାଇବା ନାହିଁ ? ତେବେ କି ଆମ୍ଭେ ନିତାନ୍ତ ସୌଦାମିନୀ-ବିହୀନ ହୋଇଅଛୁଁ ! ହା ସୌଦାମିନୀ ! ତୁମ୍ଭେ ଏତେଦିନ ଆମ୍ଭଙ୍କୁ ସ୍ନେହ କରି ବିଶ୍ୱାସଘାତନୀପଣ ଆଚରି ଆମ୍ଭଙ୍କୁ ତ୍ୟାଗ କଲ ଏତିକି ଜୟସିଂହ ମନରୁ ଯାଉନାହିଁ । ତୁମ୍ଭେ ସୁଖରେ ଥାଅ, (ଆଉ) ଜୟସିଂହ କେବେହେଁ ତୁମ୍ଭର ନାମୋଚ୍ଚାରଣ କରିବ ନାହିଁ ! ଯେବେ ସ୍ୱପ୍ନ ନ ହୋଇ ସତକୁସତ ଅନ୍ୟ କେହି ସ୍ତ୍ରୀ ଆମ୍ଭର ଦୁର୍ଦ୍ଦଶା ଦେଖି ଆମ୍ଭଙ୍କୁ ଚେତନ କରାଇବା ପାଇଁ ଚେଷ୍ଟା କରିଥାଏ, ସେ ଆମ୍ଭର ଭଗିନୀ, ଆମ୍ଭର ଉପକାରିଣୀ, ଆମ୍ଭେ ତାହାଙ୍କର ଭ୍ରାତା !'

ରମଣୀଙ୍କି ସୁଯୋଗ ମିଳିଲା; ମନରେ ସାହସ ଉଦୟ ହେଲା । ନ ହେବ ବା କାହିଁକି ? ଏପରି ସଦାଶୟ ବ୍ୟକ୍ତି ଦେଖିଲେ କାହାର ମନ ତୁଷ୍ଟ ନ ହେବ ? ସେତ ରମଣୀମାତ୍ର— ସରଳହୃଦୟା ସଦାଚାରିଣୀ ରମଣୀ । ତହୁଁ ଜୟସିଂହଙ୍କ ଅଗ୍ରବର୍ତ୍ତିନୀ

××× ବଚନରେ କହିଲେ 'ମହାତ୍ମନ୍ ! ଦୁଃଖିନୀ ଆପଣଙ୍କୁ ××× ଆପଣଙ୍କ ଅବୟବ ଓ ବେଶଭୂଷାରୁ ସୁନ୍ଦର ପ୍ରତୀୟମାନ ××× ଆପଣ ସାମାନ୍ୟ ଲୋକ ନ ହେବେ । ଯେବେ ××× କୌଣସି ପ୍ରକାରେ ଦୂଷଣୀୟ ହୋଇଥାଏ ଆପଣ ତାହା (ଅଟଇ)×××

ଜୟସିଂହଙ୍କ ଚକ୍ଷୁରୁ ଅଶ୍ରୁ ××× ତ୍ୟାଗ କରି କହିଲେ 'ଭଗିନି ! ଦୁଃଖ ××× ରେ ଲୋକର ପ୍ରକୃତି ସବୁଠାରେ ପ୍ରକାଶ ପାଏ । ××× ତୁମ୍ଭେ ଅପରିଚିତା; ତୁମ୍ଭପ୍ରତି ଆମ୍ଭର××× (ଯାହାହେଉ) ଆମ୍ଭର ଦୁର୍ଦ୍ଦଶାପନ୍ନ ଅବସ୍ଥା ଦେଖି ଯେ ତୁମ୍ଭ ମନରେ ଆତ୍ୟନ୍ତିକ ଦୟାର ଭାବ ଉଦୟ ହୋଇଅଛି ଏଥିରେ ଆମ୍ଭର ମନ ଅତ୍ୟନ୍ତ ସନ୍ତୁଷ୍ଟ ଅଛି ।' ଏତିକି କହି ଜୟସିଂହ କ୍ଷାନ୍ତ ହେଲେ । ମନେ ୨ କହିଲେ 'ହା ଜଗଦୀଶ୍ୱର ! ଆଉ ସୌଦାମିନୀ ନାହାନ୍ତି ! (ଆମ୍ଭେ)ଆଉ ଆମ୍ଭର ସୌଦାମିନୀଙ୍କି ଦେଖିବୁ ନାହିଁ ।' ଲୋଚନଦ୍ୱୟରୁ ଅଶ୍ରୁବିନ୍ଦୁ ବିଗଳିତ ହେଲା (ଆଉ) ତାହା ଆପଣା ଲୁଗାରେ ପୋଛିଦେଲେ ।

ସେହି ରମଣୀ ଭଗିନୀ-ସମ୍ବୋଧନରେ କିଞ୍ଚିତ୍ ସଙ୍କୁଚିତା ହେଲେ, ପରେ କହିଲେ 'ମହାଶୟ ! ଆମ୍ଭେ ଅତି ଦୀନହୀନ ଅସାରପଦାର୍ଥ । ଆମ୍ଭେ କୌଣସିପ୍ରକାରେ ଆପଣଙ୍କ ସମକକ୍ଷ ନୋହୁଁ । (ଯାହା ହେଉ) ଭଗିନୀ ସମ୍ବୋଧନରେ ଆପଣ (କେବଳ) ନିଜ ମହତ୍ତ୍ୱର ପରିଚୟ (ଦେଲେ) ଦେଇଛନ୍ତି । ଆପଣଙ୍କର ଏହି ମହଦ୍‌ଗୁଣ ଓ ରାଜଶ୍ରୀଯୁକ୍ତ ମୁଖ ଦେଖି ବୋଧ ହେଉଅଛି ଆପଣ ଅବଶ୍ୟ ମହଦ୍ୱଂଶସମ୍ଭୂତ ହେବେ । ଆପଣ ଏ ଅବସ୍ଥାରେ କିପରି ପଡ଼ିଲେ, ଯେବେ ଅନୁଗ୍ରହ ହୁଏ ତେବେ ଭଗିନୀର ସନ୍ଦିହାନ ଚିତ୍ତକୁ ସ୍ଥିରୀକୃତ କରିବାକୁ ଅବଧାନ ହେଉ ।'

ଶୋକବେଗ ସେହିପରି ଥିଲେ ମଧ ଜୟସିଂହଙ୍କର ମନ ଟିକିଏ ତେଜୋଯୁକ୍ତ ହୋଇ ଆସିଥିଲା ଆଉ ମଧ (ଏହି) ରମଣୀର ଉଦାରପଣରେ ସେ ଏକପ୍ରକାର ଭୁଲିଗଲାପରି ହୋଇଥିଲେ । (ରମଣୀର) ତାଙ୍କ ଏରୂପ ବଚନରେ କହିଲେ 'ଭଗିନି ! ତୁମ୍ଭର ବସ୍ତ୍ରାଦିରୁ ତୁମ୍ଭଙ୍କୁ ଦରିଦ୍ର ବୋଲି ବୋଧ ହେଉଅଛି ତେବେହେଁ ତୁମ୍ଭର ମନ ସେପରି ନୁହଇ; ପୁଣି ଯେଉଁ ଲୋକର ମନ ମହତ୍ ସେ ଦରିଦ୍ର ହେଲେ ମଧ ମହତ୍ ଅଟଇ । ପରମେଶ୍ୱର ତୁମ ××× ଆଉ ସୁଖଭୋଗିନୀ କରନ୍ତୁ ।– ଭଗିନି ! ଦେଖୁନାହ ××× ଅଛୁଁ ! ଆମ୍ଭର ଶକ୍ତି ନାହିଁ ଯେ (ଆମ୍ଭେ) ବିପଦ ××× ବିଦିତା ମାତା ସ୍ୱର୍ଗରେ, ବିଶାଳଯଶା ପିତା ପର ××× ଜୀବନମୋହିନୀ ପ୍ରାଣସଙ୍ଗିନୀ ସୌଦାମିନୀ– ବାକ୍ୟରୋଧ ହେଲା । ଅଶ୍ରୁବିସର୍ଜ୍ଜନ ଅବଶିଷ୍ଟାଂଶ ××× ହେଲା ।

××× ଦେଖି କହିଲେ 'ଭ୍ରାତଃ ! ଆଉ କାନ୍ଦି ××× ହୋଇଅଛି ତାହା କାନ୍ଦିଲେ ଫେରି ××× ମାନ-ଜୀବନର ଅନୁଗାମୀ ହେବାର ଉଚିତ । ଯେବେ ଅନୁଗ୍ରହ ହୁଏ, ନିକଟରେ ଆମ୍ଭର (ଦରିଦ୍ରାବସ୍ଥ) କ୍ଷୁଦ୍ରକୁଟୀର ଅଛି, ସେହିଠାରେ କିଛିକାଳ ନିମନ୍ତେ ବିଶ୍ରାମ କରି ମନକୁ ସତେଜ କରନ୍ତୁ, ଭଗିନୀ ଯଥାସାଧ ସୁଶ୍ରୁଷା କରିବ ।'

ଜୟସିଂହ ତାହାଙ୍କର ଯାଚ୍ଞା ଭାଙ୍ଗିପାରିଲେ ନାହିଁ, ଆପେ ଯେଡ଼େବଡ଼ ଦୁଃଖରେ' ପଡ଼ନ୍ତୁ ନା କାହିଁକି ଏପରି ଉଦାରଚେତା ସ୍ନେହ ପରିପୂର୍ଣ୍ଣ ହୃଦୟଧାରିଣୀ ସ୍ତ୍ରୀର ଇଚ୍ଛାପୂର୍ଣ୍ଣ କରିବା ଉଚିତ ହେଉଅଛି । ତରବାରି ଉପରେ ଭାର ଦେଇ ଦୀର୍ଘନିଶ୍ୱାସ ତ୍ୟାଗ କରୁଁ ୨ ଉଠି ଛିଡ଼ା ହେଲେ । ରମଣୀ ବାଟ ଦେଖାଇ ଆଗେ ୨ ଚାଲିଲେ; (ଆଉ) ଜୟସିଂହ ନୀରବରେ (ରୋଦନ କରୁ ୨) କେତେ ୨ ଚିନ୍ତାରେ ମଗ୍ନ ହୋଇ ତାହାଙ୍କର ପଶ୍ଚାଦ୍‌ଗାମୀ ହେଲେ ।

—୦—

## ଊନବିଂଶ ପରିଚ୍ଛେଦ ।

## ବିଜନାରଣ୍ୟ ।

ସେହି ସ୍ତ୍ରୀର କୁଟିର ଗୋଟିଏ ବିଜନ ଅରଣ୍ୟ ମଧ୍ୟରେ ଅବସ୍ଥିତ । ହେଲେ ହେଁ ସେ ସ୍ଥାନକୁ ପ୍ରକୃତ ଅରଣ୍ୟ କହାଯାଇନପାରେ । ନାରିକେଳ ସହକାରାଦି ନାନାପ୍ରକାର ସୁରସଫଳ ବିଶିଷ୍ଟ ବୃକ୍ଷମାନ ବିରାଜିତ ହୋଇ ଆକାଶ ଦୃଷ୍ଟିପଥର ଅବରୋଧ ଘଟାଉଅଛନ୍ତି, କିନ୍ତୁ ସ୍ଥାନ କଣ୍ଟକାବୃତ କିମ୍ବା ଦୁର୍ଭେଦ୍ୟ ନୁହେ । ବୃକ୍ଷାବରଣ ଭେଦ କରି ସୂର୍ଯ୍ୟକିରଣ ଦେଖାଯାନ୍ତି କିନ୍ତୁ ସ୍ଥାନଟି ଅତ୍ୟନ୍ତ ଶୀତଳ ଓ ରମଣୀୟ ପୁଣି ××× ପରିଚ୍ଛନ୍ନ ଥିବାରୁ ପ୍ରକୃତିଦେବୀଙ୍କର ପ୍ରକୃତ ଆବାସସ୍ଥଳ ××× ସେହି କୁଟୀରଟି ଗୋଟିଏ ଶୋଭନୀୟ ସ୍ଥଳରେ ××× ଥିବାରୁ ସାମାନ୍ୟ ହେଲେ ମଧ ଅସାମାନ୍ୟ ××× ମାଳା ଦର୍ଶନ କଲେ ଚାତକ ଯେପରି ଆନନ୍ଦିତ ମନ ଯେପରି ପ୍ରଫୁଲ୍ଲ ହୁଏ, ଶ୍ରାନ୍ତ ପଥିକମାନେ ଆନନ୍ଦର ××× ସହିତରେ ଦେଖନ୍ତି । ତାହାର ××× ଗୋଟିଏ ମନ୍ଦିର ଅଛି । ବିଜନ ××× ନାକୁ କେତେ ରମଣୀୟ ଭାବୁକେ ସହଜରେ ×××

ଅତି ଅଳ୍ପକ୍ଷଣ ମଧ୍ୟରେ ସେମାନେ କୁଟୀରରେ ପହୁଞ୍ଚିଲେ । ରମଣୀ ଆପଣା ଅବସ୍ଥାରୁ ଦୁରବସ୍ଥାରେ ପତିତ ଲୋକମାନଙ୍କର ମନ ଉତ୍ତମରୂପରେ ଜାଣିଥିଲେ । କୌଣସିରୂପରେ ଜୟସିଂହଙ୍କୁ ଦନ୍ତଧାପନ କରାଇ ତାହାଙ୍କର କ୍ଷତସ୍ଥାନମାନ ଧୋଇ ଦେଲେ ପୁଣି ନିକଟବର୍ତ୍ତୀ ପୁଷ୍କରିଣୀରେ ରକ୍ତାକ୍ତ ବସ୍ତ୍ରମାନ ଧୌତ କରି ଶୁଖାଇଦେଲେ । ସୁରସଫଳ ଭୋଜନ କରାଇ ଜୟସିଂହଙ୍କୁ ବିଶ୍ରାମ କରିବା ନିମନ୍ତେ କହିଲେ (ଆଉ) ଏବଂ (ଆପେ) କ୍ଷତ ସ୍ଥାନମାନଙ୍କରେ କେତେ ଚେରମୂଳ ବାଟି ଲଗାଇ ଦେଇ ଦେବାଳୟକୁ ଚାଲିଗଲେ ।

—୦—

## ସଂସ୍କାର ।

କଟକର ନିକଟବର୍ତ୍ତୀ କୌଣସି ଗ୍ରାମରେ ଜଣେ ଜମିଦାର ଗୋଟିଏ ବୈଦ୍ୟକୁ ଶତାବରୀ ମୋଦକ କରିଦେବାପାଇଁ କହିଥିଲେ । ବୈଦ୍ୟ ନିର୍ଦ୍ଦିଷ୍ଟ ଦିନରେ ଶତାବରୀମୋଦକ ଘେନି ପହୁଞ୍ଚିଲା । ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ରୀତି ଅନୁଯାୟୀ ଉପସ୍ଥିତ ଲୋକମାନଙ୍କୁ ଗୋଟିଏ ୨ ମୋଦକ ଦିଆଗଲା । ଯେଉଁମାନେ ମୋଦକ ପାଇଲେ ସେମାନଙ୍କ ମଧ୍ୟରେ ଜଣେ ସନ୍ୟାସୀ ××× ସନ୍ୟାସୀ ମୋଦକ ପାଇ ଚାଲିଗଲେ । ତେଣୁ ଫେରି ××× କହିଲେ ଯେ, 'ତୁମ୍ଭେ ଆମ୍ଭକୁ ଚୂଡ଼ା ଦିଅ ଆମ୍ଭେ ସେହି ××× ମୋଦକ କରି ଦେବା' ଜମିଦାର ଚୂଡ଼ା ଦେବାକୁ ସମ୍ମତ××× ଲୋକମାନଙ୍କର ଅତି ଆଶ୍ଚର୍ଯ୍ୟକୁ ସନ୍ୟାସୀ ମୁଠାଏ ××× ଶତାବରୀ ମୋଦକ ରୂପରେ ବଦଳାଇ ଦେଲେ ××× ପଣ ଶତାବରୀ ମୋଦକ ପାଇ ଅତି ଆନନ୍ଦ ××× କରିବାକୁ ରଖିଲେ ଆଉ ସନ୍ୟାସିଙ୍କ ମହିମା××× । ଆରଦିନ ସନ୍ୟାସୀ ପୁନର୍ବାର ଉ ××× ଆମ୍ଭକୁ ଖଣ୍ଡିଏ ଲେଖାକାଗଜ ଦିଅ । ××× ଉପସ୍ଥିତ ଲୋକମାନେ କୌତୂହଳାକ୍ରାନ୍ତ ହୋଇ ସନ୍ୟାସୀଙ୍କି ଖଣ୍ଡିଏ ଲେଖାକାଗଜ ଦେଲେ ଆଉ ଗୋଟିଏ ନିଆ ଉହ୍ଲେଇ ଆଣି ସମ୍ମୁଖରେ ରଖିଲେ । ସନ୍ୟାସୀ କାଗଜ ପାଇ ପାର୍ଶ୍ୱସ୍ଥ ଜଣେ ଭଦ୍ରଲୋକକୁ ସେହି କାଗଜ ଛିଣ୍ଡାଇବା ନିମନ୍ତେ କହିଲେ । କାଗଜ ଛିନ୍ନ ହେଲା ଏବଂ ତାହାକୁ ଅଗ୍ନିପାତ୍ରରେ ପକାଇ ସନ୍ୟାସୀ ପୋଡ଼ିଦେଲେ । ସମସ୍ତେ ଦେଖିଲେ କାଗଜଖଣ୍ଡମାନ ପୋଡ଼ିଗଲା । ତତ୍ପରେ ସନ୍ୟାସିଙ୍କି କେହି ସେହି କାଗଜ ମାଗିଲାରୁ ସନ୍ୟାସୀ କହିଲେ 'ଦେଖ, ସେହି ଅଗ୍ନିପାତ୍ରରେ ପଡ଼ିଥିବ ।' ଭଦ୍ରବ୍ୟକ୍ତିମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଅଗ୍ନିପାତ୍ରରେ ଦେଖିଲେ ଯେ ସତକୁସତ କାଗଜ ଖଣ୍ଡ ଛିନ୍ନ ହେବା ପୂର୍ବରେ ଯେଉଁପରି ଅବସ୍ଥାରେ ଥିଲା ଠିକ ସେହି ଅବସ୍ଥାରେ ଅଗ୍ନିପାତ୍ରରେ ରହିଅଛି ! ଏହା ଦେଖି ସେହି ସନ୍ୟାସିଙ୍କ ପ୍ରତି ଗ୍ରାମବାସୀ ତାବତୀୟ ଲୋକଙ୍କର ଭକ୍ତି ହେଲା ଆଉ ସନ୍ୟାସିଙ୍କ ପୂଜାର ସୀମା ରହିଲା ନାହିଁ । ସେ ଆହୁରି କେତେକ ଆଶ୍ଚର୍ଯ୍ୟ କଥା ଦେଖାଉ ଥିଲେ ଇତ୍ୟବସରେ ଗୋଟିଏ ବେଙ୍ଗ ସେଠାକୁ ଆସିଲାରୁ ସେ ହଠାତ୍ ସେହି ବେଙ୍ଗକୁନେଇ ପାଟିକି ପକାଇ ଦେଲେ । ତତ୍ରସ୍ଥ ଲୋକମାନେ ଏହା ଦେଖି ତାଙ୍କୁ ଅନ୍ୟାୟାଚାରୀ ବୋଲି ଘୃଣା କଲେ । ସେ କିଛିହିଁ କହିଲେ ନାହିଁ । ତହିଁ ଉତ୍ତାରୁ ଦୁଇ ତିନିଦିନି ଗତ ହେଲା । ସନ୍ୟାସୀ ଉପସ୍ଥିତ ହେଲେ । କେତେକ୍ଷଣ ପରେ ସେ ଗୋଟିଏ ହାକୁଟି ମାଇଲେ ଆଉ ସମସ୍ତଙ୍କ ଦେଖିଲାକୁ ତାଙ୍କ ମୁହଁରୁ ଗୋଟିଏ ଜୀବନ୍ତ ବେଙ୍ଗ ଠକ୍ କରି ଭୂଇଁରେ ପଡ଼ିଲା !! ଆଉ ଅନ୍ୟ କଥା ପଚାରେ କିଏ ? ସନ୍ୟାସୀଙ୍କ ମହିମାର ପରିସୀମା ରହିଲା ନାହିଁ— ସେ ଭଲମନ୍ଦ

××× ବୋଲି ଗ୍ରାମ ଯାକ ବିସ୍ତୃତ ହୋଇଗଲା । ଭଲା, ସନ୍ୟାସିଙ୍କି ××× , ଚାଲ ଅନ୍ୟସ୍ଥାନକୁ ଯିବା ।

ସେହିଦିନ ଜଣେ ବନ୍ଧୁ କହିଲେ ××× ଗୋଟିଏ କେଳା ଯାଇଥିଲା । ସେ କହିଲା ତାହାଙ୍କୁ××× ଯେ କିଛି ପଇସା ପାଇଲେ ତାକୁ ବାହାର ××× କରି କେଳା ସତକୁସତ ଗୋଟିଏ ଗୋଖରସାପ ××× ଟିଲା, ମଣି ବାହାର କରି ତାଙ୍କୁ ଦେଲା, ××× ଦେଖିଲା । ବନ୍ଧୁ ତାହାକୁ ଚାରିଗୋଟି ପଇସା××× ସନ୍ତୁଷ୍ଟ ହେଲା । କିଛିକ୍ଷଣ ଉତାରୁ କହିଲା ××× ପଇସା ଦେବ ତେବେ ଯେଉଁଠାରୁ କହିବ ସେହିଠାରୁ ସାପ ବାହାର କରିବି; ବନ୍ଧୁ ପଇସା ଦେବାକୁ ସମ୍ମତ ହୋଇ ଆପଣା ବସିଥିବା ବିଛଣା ତଳରୁ ସାପ ବାହାର କରିବାକୁ କହିଲେ । କେଳା ଆପଣା ଦେହ ଲୁଗା ଝାଡିଝୁଡି ଦେଖାଇଲା ଏବଂ ତାହାଙ୍କର ଅତି ଆଶ୍ଚର୍ଯ୍ୟକୁ ହଠାତ୍ ସପତଲୁ ଗୋଟିଏ ନାଗସର୍ପ ବାହାର କଲା ! ବନ୍ଧୁ କହିଲେ ଯେ ସେ କେଳା ଭାରୀ ମନ୍ତ୍ର ଜାଣେ ।

ଦିନେ ଜଣେ ପ୍ରଧାନ ଗୁଣିଆକୁ କେତେକ ଲୋକେ ଭୂତ ଦେଖାଇବାକୁ କହିଲାରୁ ସେ କହିଲା କି ଶନିବାରଦିନ ଗୋଟିଏ ଶ୍ମଶାନ ଠିକ୍‌କରି ଆସି ରାତ୍ର ପ୍ରହରେ ଛଘଡ଼ି ସରିକି ସେଠାରେ ଭୂତ ଦେଖାଇଦେବ । ଶନିବାର ଆଗତ ହେଲା ଗୁଣିଆ ଲୋକମାନଙ୍କ ସଙ୍ଗରେ ଶ୍ମଶାନ ଠିକ୍ କରିବାକୁ ଗଲା । ଦୁଇ ତିନି ମଶାଣି ବୁଲିଲାପରେ ଗୋଟିଏ ଠିକ୍ ହେଲା । ସନ୍ଧ୍ୟା ସମୟରୁ ଲୋକେ ଗୁଣିଆଘରେ ବସିଥିଲେ । ସେ ରାତ୍ର ଏକପ୍ରହର ସମୟରେ କେତେଗୁଡ଼ି ହାଡ଼, ମାଠିଆମୁହଁ, ଅଶୁଦ୍ଧ ପାତ୍ରରେ କିଅିତ୍ ଜଳ ଇତ୍ୟାଦି ନେଇ ବାହାର ହେଲା । ଦାଣ୍ଡକୁଆସିବାମାତ୍ରକେ ହଯବରଲ କରି କଣ ବକିଲା, ଦେହ ସର୍ବାଙ୍ଗରେ ଫୁତ୍କାର କଲା । ଯିବାବେଳେ ବାଟରେ କେତେବେଳେ ଛାତିଫୁଲାଇ, କେତେବେଳେ ତଳକୁ ଅନାଇ କେତେବେଳେ ଅବା ଉପରକୁ ଅନାଇ ଚାଲୁଥାଏ । କେତେବେଳେ କଣ ବକେ ଆଉ ଦେହରେ ଫୁତ୍କାର କରି ଆଙ୍ଗୁଠି ଫୁଟାଏ । ଶ୍ମଶାନ ଭୂମିର କିଅିତ୍ ଦୂରରେ ଲୋକମାନଙ୍କୁ ବସାଇ ଗୁଣିଆ ଅନେକ ଏଣୁତେଣୁ ବକି ଶରୀରରେ ଫ ××× ଆଙ୍ଗୁଠି ଫୁଟାଇ ଲେକାମାନଙ୍କୁ ଅଭୟ ପ୍ରଦାନ କରି ××× ଆଡ଼କୁ ଦଉଡ଼ିଲା । କିଛିକ୍ଷଣ ଉତାରେ ଦେଖାଗଲା ଦୁଇ ତିନିଶତ କେବଳ ମଶାଲ ଚାଲି ଆସୁଅଛି ଏ ××× ମଶାଲରେ ପୂର୍ଣ୍ଣ ହୋଇଗଲା ଆଉ ଗୁଣିଆ ସେହି ××× ହୋଇଥାଏ ଏହା ଦେଖି ଲୋକମାନେ ଭୀତ ××× ତଦନନ୍ତର ଗୁଣିଆ ସେମାନଙ୍କୁ ସଚେତ୍ କରାଇ ××× ।

××× କେଳା ଉଚ୍ଚ ୨ ଦମ୍ଭ ବାଉଁଶମାନ ଶଏ ××× ତହିଁର ଅଗ୍ରଭାଗମାନ କୂଅଦଉଡି ××× ତହିଁଉପରେ ଏକ ଆଡ଼ରୁ ଅନ୍ୟ ଆଡ଼କୁ, ସେ ଆଡ଼ରୁ ଏ ଆଡ଼କୁ

ଏହିପରି ସ୍ୱଚ୍ଛନ୍ଦରେ ଯିବା ଆସିବା କରି ଉପସ୍ଥିତ ହଜାର ପାଞ୍ଚଶ ଲୋକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରାଇଥିଲା । ଲୋକମାନେ କହିଲେ ଯେ କେଳା ଭାରୀ ବୀରସାଧନା କରିଅଛି ଯେ ବୀରମାନେ ଶୂନ୍ୟରେ ଥାଇ ତାକୁ ରକ୍ଷା କରିଅଛନ୍ତି !! ପାଠକେ ତୁମ୍ଭମାନଙ୍କ ସମ୍ମୁଖରେ କେତେଗୁଡ଼ିଏ ଚିତ୍ର ଚିତ୍ରିତ ହେଲା । ଭଲା କହିଲ ଏପରି ଆଶ୍ଚର୍ଯ୍ୟ୨ ××× କଥାମାନ କିପରି ହେଉଅଛି । ସନ୍ୟାସୀ ଚୂଡ଼ାକୁ ଶତାବରୀ ମୋଦକ କଲେ, ଲେଖା କାଗଜ ଚିରି ନିଆଁରେ ପୋଡ଼ି ପୁନର୍ବାର ସେହି କାଗଜ ପୂର୍ବାବସ୍ଥାରେ ଆଣିଦେଲେ ଆଉ ବେଙ୍ଗ ଗିଳି ଦୁଇ ତିନିଦିନପରେ ସେହି ଜୀବନ୍ତ ବେଙ୍ଗକୁ ପେଟରୁ ବାହାରକଲେ; କେଳା ଯେଉଁଠାରୁ ଇଚ୍ଛା ସେହିଠାରୁ ସାପ ବାହାର କଲା ଆଉ ବାଉଁଶ ଆଗରେ ଦଉଡ଼ି ବାନ୍ଧି ଅକ୍ଳେଶରେ ଯୋତା ପିନ୍ଧି ଚାଲିଗଲା; ଗୁଣିଆ ଜଣେ ଶ୍ମଶାନରେ ତିନି ଚାରି ଶତ ମଶାଲ ଦେଖାଇଲା । ଏ ସବୁର କାରଣ କି ? ତୁମ୍ଭେମାନେ କହିବ ଏସବୁ ମନ୍ତ୍ରର ଫଳ ।

ଜଣେ କେଳା ଦୁଇ ତିନିଟା ଜଞ୍ଜିର ନେଇ 'ଯା ଛାଡିଯା' 'ଯା ଲାଗିଯା' କହି ତଳଟା ଉପରକୁ, ଉପରଟା ତଳକୁ ଏହିପରି ଲେଉଟପାଉଟ କରୁଥାଏ; କେତେବେଳେ ଗୋଟାକୁ ତଳେ ପକାଇ ଦେଇ ପୁନର୍ବାର ଜଞ୍ଜିର ସଂଲଗ୍ନ କରୁଥାଏ !! ଉପସ୍ଥିତ ଲୋକମାନେ ଆଶ୍ଚର୍ଯ୍ୟହୋଇ କହିଲେ କେଳା ଭାରୀ ଗୁଣିଆ ! ଦିନେ ଗୋଟାଏ କେଳା ବାଜି କରୁ ୨ ଖପରା, ବୋତଲଭଙ୍ଗା ଗୁଡ଼ାକ ଚୋବାଇ ଗଲା !! ଚତୁର୍ଦ୍ଦିଗରେ ଲୋକ ଭିଡ଼ାଭିଡ଼ ହୋଇ ଗଲେ ଆଉ କହିଲେ ଏ ××× ମନ୍ତ୍ର ଭାରୀ ଟାଣ । ଜଣେ ଲୋକ କୌଣସି କାରଣବଶରୁ ଗୋ ××× ଯାଇଥିଲା; ଗୁଣିଆ ଖଣ୍ଡିଏ ପିଢ଼ା ଆଣି ତାକୁ ବସିବା ××× ଣ ମିଷ୍ଟାଳାପ ପରେ ଗୁଣିଆ ଯିବାକୁ ବାହାର ××× ଲୋକ ଉଠିଲା କିନ୍ତୁ ତାହାର ଅତି ଆଶ୍ଚର୍ଯ୍ୟ ××× ଲା !!! ଲୋକ ଗ୍ରାମସୁଦ୍ଧା ଗୁଣିଆର ମନ୍ତ୍ରବଳ ××× ।

ପାଠକେ କହିଲ ଏ ଯେ ××× ଗୋଟା ଚୋବାଇଲା; ଗୁଣିଆ ପିଢ଼ା ଲଗାଇଲା ××× କହିବ ଏ ସବୁ ମନ୍ତ୍ରର ଫଳ । ××× ମନ୍ତ୍ରର ଫଳ । ପୁନର୍ବାର ଦେଖ; ସେ ××× ଆସିଥିଲେ । ତାହାଙ୍କ ବାଜି ଦେଖିବା ନିମନ୍ତେ ପ୍ରାୟ ଦୁଇ ତିନିଶତ ଲୋକେ ଉପସ୍ଥିତ ହୋଇଥିଲେ । ଫରାଶିସ ନାନାପ୍ରକାର ବାଜି କଲେ, ତୁଷକୁ ମିଠାଇ କଲେ, ଅନ୍ୟ ଲୋକ ହାତରେ ଟଙ୍କା ରଖି ପଇସା କଲେ, ପଇସା ରଖି ଟଙ୍କା କଲେ ଇତ୍ୟାଦି । ଏ ସବୁ ବାଜି କଲା ପରେ ସେ ଗୋଟିଏ ଭଦ୍ରଲୋକର ସୁନାର ମୁଦି ନେଇ ତାହାକୁ ଗୋଟିଏ ଡିବିଆରେ ବନ୍ଦ କରି ଅନ୍ୟ ଏକ ଜଣକୁ ରଖିବାକୁ ଦେଲେ । ତତ୍ପରେ ଆପେ ଗୋଟିଏ ବୋତଲ ଭୂଇଁରେ ଠକ ୨ କରନ୍ତେ ଓହ୍ଁରୁ ଗୋଟିଏ ଚଢ଼ାଇ ବାହାରିଲା ଯେ ତାହାରି ବେକରେ ସୁନାର ମୁଦି ଲାଗି ରହିଥିଲା !! ପାଠକେ ଏହାକୁ ତ ମନ୍ତ୍ର କହିପାର; ଏହାକୁ ତ ବୀରସାଧନ, ପ୍ରେତସାଧନ ବା କାଳୀସାଧନ କହିପାର । ନା, ଏହାକୁ ତୁମ୍ଭେମାନେ

ମନ୍ତ୍ର କହିପାରିଲ ନାହିଁ । ଭଲା କାହିଁକି ଏ ମନ୍ତ୍ର ନ ହେଲା ? କେଲା ବା ଗୁଣିଆ ଯାହା କଲା ଏତ ତାହି କଲେ, ସେମାନେ କ ବ ଚ କରି ବକିଲେ ଏ ମଧ କ ବ ଚ କରି ବକିଲେ ତେବେ ଏ ଜଣେ ଫରାଶିସ ବା ଇଂରାଜ ହେଲେ ବୋଲି ଏ ମନ୍ତ୍ର ହେଲାନାହିଁ । ଏହା କୌଶଳଦ୍ୱାରା ହେଲା କି କିପରି ତାହା କହିବାର କିଛି ଆବଶ୍ୟକ ନାହିଁ କିନ୍ତୁ ଏହା ମୂଳରେ ଗୋଟିଏ ସଂସ୍କାର ଲିପ୍ତ ଅଛି । ସେ ଗୋଟିଏ କୁସଂସ୍କାର ଆଉ ତାହା ସଂସ୍କାରର ଆବଶ୍ୟକତା ରଖଇ ।

ଭୂତ, ପ୍ରେତ, ଡାହାଣୀ, ଚିର୍କୁଣୀ, ବୀର ଏ ସବୁ ଲୋକଙ୍କ କୁସଂସ୍କାର ଉପରେ ନିର୍ଭର ରଖଇ ଆଉ ଯେଉଁ ଦିନ ସେହି କୁସଂସ୍କାର ଦେଶରୁ ଦୂରୀଭୂତ ହେବ, ସେହି ଦିନଠାରୁ ଲୋକେ ସାହସୀ ହେବାକୁ ଶିଖିବେ । ଆମ୍ଭେ କହୁଁ-ନାହୁଁ ××× ବାଛି ରହିତ ହେଉ, ଗୁଣିଆର ଭୂତ ଦେଖାଇବା ××× ଦଣ୍ଡନୀୟ ହେଉ ଇତ୍ୟାଦି । ଆମ୍ଭେ ଏ ସବୁ କହୁ ××× ଏତିକି କହୁଅଛୁଁ ଲୋକେ ଜାଣନ୍ତୁ ଯେ ସେ ××× ଜାତ ହୋଇଅଛି । ଆଉ ଯେଉଁପରି ××× ନେଇ ଲୋକଙ୍କ ଉପରେ ନାନା ଅତ୍ୟାଚାର ××× ହେଲେ ଶୀଘ୍ର ରହିତ ହୋଇଯାଇପାରେ । ××× ହୁଅନ୍ତି ଆଉ ସେମାନଙ୍କର ସମସ୍ତ ××× ।

××× ଆଉ କଥା ହୋଇପାରେ ।

## କାଳର ଗତି ।

### ଦ୍ୱିତୀୟ ପ୍ରସ୍ତାବ ।

କେ କହେ କାଳକୁ ଲୋକେ ହୁଅନ୍ତି ଉନ୍ନତ ?
କେ କହେ କାଳକୁ ଦେଖା ଦିଏ ଧର୍ମ ପଥ ?
ଦେଖ ୨ ଏ ସଂସାର,
ଥିଲା ଯାହା ସମସାର,
କାଳକୁ ଅସାର ହୋଇ ହେଲା ପରିଣତ—
କାଳବଶେ ଲୋକେ ସର୍ବେ ଦୁଷ୍କର୍ମରେ ରତ ।

୨
ବିଷମ ଜଞ୍ଜାଳ ! ଶୁଣ କ୍ରନ୍ଦନ ଚହଳ
ବିଷମୟ, ସ୍ତବ୍ଧ କର୍ଣ୍ଣ ଶୁଣି ସେ ଗହଳ ।
ବାଜେ ହୃଦେ ଅବିରତ—
ବିଷଶେଲ ଯେହ୍ନେ ସତ !
ପରାଣ ଆକୁଳ କରେ ! କାରଣ ପ୍ରବଳ—
ପରାକ୍ରମୀ ପ୍ରତୀକାର ଆପଣେ ବିକଳ ।

୩
ପ୍ରିୟତମା ସତୀ ପ୍ରିୟା ମୂର୍ଚ୍ଛିତା ଶେଯରେ,
ଦେହେ ରକ୍ତଚିହ୍ନ ! ଆହା ହୃଦୟ ବିଦାରେ !

ନିଷ୍ଠୁର ପରାଣ ପତି,
ଅତି ମୂର୍ଖ ହୀନମତି,
କରି ଏହୁ ××× ନିଜେ ବାରଙ୍ଗନା ଘରେ—
ଦମ୍ଭୋଳି ପତନେ ମରୁ, ମରୁ ସେହୁ ଖରେ ।

୪

ସତୀ ପ୍ରିୟାଛାଡ଼େ କେହୁ, କେହୁ ଘରଦ୍ୱାର;
ମାତା ପିତା କଥା ଟାଳି କେ ହୁଏ ବାହାର;
କେହି କଉଶଳ ଭିଏ
ଘରଡ଼ିହ ବନ୍ଧା ଦିଏ;-
ସ୍ତିରୀ ଆଭରଣ କେହି ବଳେ ଅପହରେ;
ବେଶ୍ୟାଘରେ ଯାଇଁ ! କେହିଅବା ଚୋରୀ କରେ !

୫

କୟେଦଖାନାରେ ବାପ ବହୁ କଷ୍ଟ ସହେ,
ସରଳହୃଦୟା ମାତା ପ୍ରାଣ ଦୁଃଖ ଦହେ,
ଅନ୍ନ କଷ୍ଟେ ଦିନଯାଏ
(ତେବେହେଁ ଶିକ୍ଷା ନ ପାଏ)
ଲଜ୍ଜାର ମସ୍ତକ ସୁଖେ ସାହସରେ ଖାଇ
ବେଶ୍ୟାଘରେ କେହୁ ପୋଡ଼ାମୁଖା ରହିଥାଇ ।

୬

ଅଜ୍ଞାନୀ ସେମାନେ, ଜ୍ଞାନ ଲେଶ ମାତ୍ର
ନାହିଁ;
ଖୋଜୁଥାନ୍ତି ସଦା ସୁଖ; ସୁଖ ଫଳେ କାହିଁ ?
ଯହିଁ ହୋନ୍ତା ସୁଖ ଜାତ,
ସେଠାରେ ଚରଣାଘାତ
ପ୍ରାପତ; ଏହାକି ଅଟେ ସୁଖର ଲକ୍ଷଣ ?
ହା ! ତା ସେମାନଙ୍କପାଁଇ ଶାନ୍ତିର କାରଣ ।

୭

ସୁଖ ହେତୁ ଯେବେ ତାହା ନୁହଇ ନିଶ୍ଚୟ,
ନୁହନ୍ତି ନିବୃତ୍ତ କିପାଁ ? ଦେଖ ଫଳଚୟ—
ପ୍ରଥମେ ଚରଣାଘାତ,
ଦ୍ୱିତୀୟେ ଦୁର୍ବାକ୍ୟଜାତ
ବହିଷ୍କୃତ ଶତଥର ସମ୍ମାର୍ଜ୍ଜନୀ ସହ !
ପୁନରପି ଦ୍ୱାରଦେଶେ ଧୃତପ୍ରାଣ ବହ !

୮

କହନ୍ତି ପ୍ରେମର କଥା, ନ ଜାଣନ୍ତି ପ୍ରେମ;
ଧନବଳେ କ୍ଷୀଣଭାବେ ବନ୍ଧା ତାଙ୍କ ପ୍ରେମ—
ପ୍ରେମମୟୀ ଛାଡ଼ି ଯେହୁ
ପ୍ରେମ ଆଶା କରେ, ସେହୁ
ବିହୀନ କରମ, ବହୁବିଧ କଷ୍ଟଭୋଗୀ
ଈଶ କୋପଭାଗୀ ମରୁ, ମରୁ ଚିରରୋଗୀ ।

୯

*****

୧୦

****

୧୧

ଯେତେକ ଅଛଇ ଧନ ନ ନେବା ପର୍ଯ୍ୟନ୍ତ
ନମ୍ରତା, ଛଟାରେ ନିଜେ ନୁହନ୍ତି ବିରତ ।
ପରେ ଛାଡ଼ ୨ ହୋଇ
ପାଦାଘାତ ଶିରେ ଦେଇ,
ତଡ଼ିବେ, ହେଲେଣି କେତେ ଦେଶରେ ଏପରି,
ବୁଝୁ ସେ ନାହାନ୍ତି ତେବେ ବହୁ ରୋଗେ ସଡ଼ି !

୧୨

ବିରାଡ଼ି ଅନ୍ନପ୍ରାଶନ ଆଜି କାହା ଘରେ,
ପୁତ୍ତଳିକା ବିଭା କାଲି ବହୁ ସମାଦରେ;
ଏପରି ରୂପରେ କେତେ
ଧନିଙ୍କର ଧନ ଯେତେ
କଳେ ବଳେ ଠକି ନିଜ ଚାତୁରୀ ଦେଖାନ୍ତି,
ଠକିଲେ ଯେ ବହୁ ବଡ଼ ସେହି ସେ ବୋଲାନ୍ତି ।

୧୩

ଦେବଭକ୍ତ ହୋଇ ଯେବେ ଥାଏ ଧର୍ମୀକେହୁ
ସେ କି ପରିତ୍ରାଣ ପାଏ ? ନ ପଡ଼େ କି ସେହୁ ?
ବହୁ ନୀତି ସମାଦରି
ଦେବତା ପ୍ରତିଷ୍ଠା କରି
ନିଜ ଘରେ, ଭକ୍ତି ତାକ ବେଶ୍ୟାଏ ଡାକନ୍ତି ।
ଅଭାଗ୍ୟ, ଦେବତା ପୁଣି ସେଠାରେ ×××

୧୪

××× ×××

୧୫

××× ×××

××× ×××

କୁଳବଧୂ ସତୀ ନାରୀ
ମନ ତାର ଅଟେ ଭାରୀ ।
ଅଜ୍ଞାନୀ ପୁରୁଷ ଭାଗ୍ୟେ କଠିନ ଜାଣିବା ।—
ଗୁଣୀ ହୃଦ ଗଭୀରତା ଦୁଷ୍କର ମିଳିବା ।

୧୬

କିଆଉ ଦେଖୁଛ ? ବେଶ୍ୟା (ଏ) ସାରିଲେ ସଂସାର-
ତାଙ୍କପାଇଁ ଦିନ ୨ କୁକର୍ମ ଅପାର ।
ସ୍ୱର୍ଗ ଏଡ଼େ ଉଚ୍ଚସ୍ଥାନ,
ତହିଁ ଦେବତାଙ୍କ ପ୍ରାଣ
ତିଷ୍ଠି ନ ପାରିଲା ଛାର ବେଶ୍ୟାକୁଳ ବିନା !
ମନୁଷ୍ୟ ଅଜ୍ଞାନୀ ଏହୁ ଭୂମଣ୍ଡଳେ ସିନା ।

୧୭

ବେଶ୍ୟାଙ୍କୁ କାହିଁକି ଅବା ନିନ୍ଦିବା ? ତାଙ୍କର
ଦୋଷକି ଅଛଇ ? ଯେତେ ଦୋଷ ଲୋକଙ୍କର ।
ଲୋକେ ନ୍ୟାୟ ପଥେ ଯେବେ
ଚାଲୁଥିବେ ସଦା, ତେବେ
ବେଶ୍ୟାଙ୍କରେ କରି କେତେ ହେବ ଉପକାର ।
ସେମାନେ ଯେ ନିନ୍ଦ୍ୟ, ହେତୁ ଲୋକଙ୍କ ବ୍ୟଭାର ।

୧୮

ପୁରାଣ ଫିଟାଇ ଦେଖ, ଦେଖ ଚକ୍ଷୁଫେଡ଼ି
କି ୨ କରିଛନ୍ତି ସର୍ବେ ପଢ଼ ଫେରି ୨ ।
ପ୍ରାପ୍ତ ଦଶରଥ ସୁତ;
ଅମୃତ ହେଲା ଉଦ୍ଧୃତ ।
କେତେ ଏହିପରି, ହେବ କହିଲେ ବିସ୍ତର
ସେମାନଙ୍କଦ୍ୱାରା ବେଶ୍ୟାକୁଳ ଯେ ଉଜ୍ଜ୍ୱଳ ।।

୧୯

ଦେବୀପୂଜା ବେଶ୍ୟାଦ୍ୱାର ମୃତ୍ତିକା ଜଳରେ
ହୁଅଇ, ପବିତ୍ର ବୋଲି ବିଦିତ ଲୋକରେ ।
ଥିଲା ତାହା ଏକକାଳେ
ଏଣିକି ସବୁ ତା ଜଳେ ।—
ବେଶ୍ୟାଏ ଏଣିକି ପୃଥ୍ୱୀ ଭସାଇଲେ ଭାଇ ।
ବେଶ୍ୟାଙ୍କ ବେଶ୍ୟାତ୍ୱ ଏବେ କିଛିମାତ୍ର ନାହିଁ

୨୦

କିନ୍ତୁ କି କହିବା ଭାଇ, ହେଲୁଁ 'ହଦ' ମାନି,
ମନୁଷ୍ୟ ଏପରି ଭବେ ଅଟନ୍ତି ଅଜ୍ଞାନୀ ?
ପାଇଲେ ବେଶ୍ୟା ସେ ଯହୁଁ
ମାତିଲେ କୁକର୍ମେ ତହୁଁ ।
ସୁଖକୁ ଆତୁର ଏଡ଼େ ! ନାହିଁ ତାଙ୍କ ସୁଖ ।
ମରନ୍ତୁ ପାପିଷ୍ଠେ ଭୁଞ୍ଜି ନାନାମତେ ଦୁଃଖ ।।

୨୧

କେତେ ଜ୍ଞାନିଲୋକେ କେତେ ଭଲକାର୍ଯ୍ୟ କରି
ଯଶଃପ୍ରାପ୍ତ ହେଉଛନ୍ତି କେତେଦେଶ ଭରି ।
ତହିଁ ପୁଣି ମନ୍ଦଜ୍ଞାନ
ବେଶ୍ୟାଘର ସଦା ଧ୍ୟାନ,
ଧନ, ମାନ, ପ୍ରାଣ ପାଏ ବେଶ୍ୟାଘରେ ସ୍ଥାନ ।
କୂଳ ନାମେ ନିଜ ଏହା କୁକଳଙ୍କ ଦାନ !

୨୨

ସହୋଦର, ସହୋଦରା, ଜନକ, ଜନନୀ,
ଗୁଣବତୀ ପତ୍ନୀ, ପୁତ୍ର, ଦୁହିତା ଏ ଘେନି
ବହୁତ କୁଟୁମ୍ବଗଣ
ଅନାହାରେ ଯାଏ ପ୍ରାଣ;—
ଯାଉଅଛି ଦିନ ରାତି ବିକଳ ରୋଦନେ;
ବେଶ୍ୟାଘରେ ସର୍ବେ, ନାହିଁ ଏହାସବୁ ମନେ ।

୨୩

ବେଶ୍ୟା ସୁଖେ ସୁଖ, ସେହୁ ବହୁପୂଜାଯାଏ;
ନବବସ୍ତ୍ର ନବାମୋଦ କେତେ ତହିଁ ଥାଏ ।

ନର୍କଯୋଗ୍ୟ ସର୍ବଲୋକ,
ଅଶେଷ ପାଆନ୍ତୁ ଶୋକ,
ଧର୍ମରାଜ ଧର୍ମ ଏଠି ବିଚାରଣା ହେଉ ।
ନରକ ଭୀଷଣତମ ଶୀଘ୍ର ତାଙ୍କୁ ନେଉ ।

୨୪

ହେଲା ଯେ ଏତକ କଥା କେହି ତା ବୁଝିବେ ?
କ୍ରୋଧମନେ ପଶୁ ବୋଲି ନିଶ୍ଚୟ
ବୋଲିବେ ।
ମନ ସ୍ୱାଧୀନତା ପାଇ
ଯାହାଇଚ୍ଛା କଲା ତହି,
ହେଲେ କାମମଦେ ମତ୍ତ, କୁକର୍ମେ ନିରତ ।
ସ୍ୱୀକାର ଯନ୍ତ୍ରଣା ବହୁ, ନୋହିବେ ବିରତ !

୨୫

ସତୀନାରୀ କୁଳ ପୁଣି ସତୀତ୍ୱ ଛାଡୁଛି;
ଦିନ ଦିନ ବେଶ୍ୟା ସଂଖ୍ୟା ବଢ଼ିଣ ଉଠୁଛି;
କେତେ କଷ୍ଟ ପ୍ରଦ ରୋଷ
ଲୋକେ ଯା କରନ୍ତି ଭୋଗ,
ହିଂସା, ଦ୍ୱେଷ, ଚୋରୀ କେତେ ଅନ୍ୟାୟ କରମ,
ସେମାନଙ୍କ ଆଚରଣୁଁ ସବୁରି ଜନମ ।

୨୬

ଏବେ ତୁହି ଦଣ୍ଡଧର ନୀତି ସୁବିଚାର ।
ଛାଡୁଅଛୁ କିପାଁ ? ଅଟେ ଏ କେଉଁ ପ୍ରକାର ?
ଦେଉ ତାଙ୍କୁ କ୍ଷମାଦାନ,
ଆପଣାର ଯିବ ପ୍ରାଣ–
ଆପଣା ରାଜ୍ୟରେ କଷ୍ଟ ଅଶେଷ ଭୁଞ୍ଜିବୁ;
ତୋହର ହେଲେ ଏ ଦଶା,
ହେବ ଭବ ପୂର୍ଣ୍ଣ ଯଶା ।
ଈଷ କୋପ ××× ଦେଖିବୁ
****
******
ଦୃଷ୍ଟାନ୍ତ ****
ଥାଅ***

—୦—

## ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା ।

ପଦାର୍ଥବିଜ୍ଞାନ (ଉତ୍କଳଦେଶୀୟ ବଶ ××× ଅର୍ଥ ସଙ୍କଳିତ) । କଟକ ସିବିଲ ସର୍ଜ୍ଜନ ××× ଷ୍ଟୁଆର୍ଟ ସାହେବଙ୍କଦ୍ୱାରା ରଚିତ ଆଉ ××× ମୁଦ୍ରିତ । ମୂଲ୍ୟ ଟ ୦। ଅଣା । ଏଥିରେ ××× ହେଉଅଛି; ଯଥା– ଜଡ଼ପଦାର୍ଥମାନଙ୍କର ସ୍ଥିର ଅସ୍ଥିର ଗୁଣ ଓ ଅବସ୍ଥା ଇତ୍ୟାଦି, ପରମାଣୁ (Atom), ଅଣୁ (Molecule), ଗତି (Motion), ସମଗତି(Common motion), ବଳ (Force), ବିଶ୍ୱବ୍ୟାପୀ ଆକର୍ଷଣ (Universal attraction) ବା ମାଧ୍ୟାକର୍ଷଣ (Gravitation), ପାର୍ଥିବ ବା ମାଧ୍ୟାକର୍ଷଣ (Gravity), ସନ୍ନିକର୍ଷଣ ବା ଯୋଗାକର୍ଷଣ (Attraction of cohesion), କୈଶିକାକର୍ଷଣ (capillary attraction), ରାସାୟନିକ ଆକର୍ଷଣ (chemical attraction),

କେନ୍ଦ୍ରାପସରଣୀବଳ (centrifugal force), ଭାରକେନ୍ଦ୍ର (center of gravity), ଘନପଦାର୍ଥର ବିଶେଷ ଗୁଣ (special properties of solids), ତରଳ ପଦାର୍ଥର ବିଶେଷ ଗୁଣ (special properties of liquids), ବାୟୁଭାରମିତି (Barometer), ସ୍ପେଶିଫିକ୍ ଗ୍ରାବିଟି (specific gravity), ବାୟୁନିଷ୍କାଶକ ଯନ୍ତ୍ର (air pump), ଜଳ ନିଷ୍କାଶକ ଯନ୍ତ୍ର (water pump), ସାଇଫନ (syphon), ତାପ (heat), ତାପର ଉତ୍ପତ୍ତି ସ୍ଥାନ (Sources of heat), ତାପମାପଯନ୍ତ୍ର (Thermomater), ତାପର କାଳ, ତାପସଞ୍ଚାଳନ (conduction of heat), ଆପେକ୍ଷିକତାପ (specific heat), ପବନର କାରଣ (causes of wind), ମଧ୍ୟ ଶେଷଭାଗକୁ ସେହି ପୁସ୍ତକାନ୍ତର୍ଗତ ବିଷୟମାନଙ୍କର ପ୍ରଶ୍ନମାଳା ଦିଆହୋଇଅଛି ।

ପୁସ୍ତକ ଖଣ୍ଡି ଅତି ଉତ୍କୃଷ୍ଟ ହୋଇଅଛି । ପୁସ୍ତକାନ୍ତର୍ଗତ ବିଷୟମାନ ସୁନ୍ଦରରୂପରେ ବହୁବିଧ ଉଦାହରଣଦ୍ୱାରା ବୁଝାଇ ଦିଆହୋଇଅଛି । ଭାଷାରେ ବିଜ୍ଞାନ ପୁସ୍ତକର ଯଥାର୍ଥ ଅଭାବ ଅଛି ଆଉ ତାହା ଯେତେଶୀଘ୍ର ଦୂରୀଭୂତ ××× ହୋଇ ତେତେ ଭଲ । ବାଳକମାନେ ସହଜରେ ଯହିଁରେ ବୁଝିପା××× ଗ୍ରନ୍ଥକାର ବିଶେଷ ଦୃଷ୍ଟି ରଖିଅଛନ୍ତି । ବିଶ୍ୱବ୍ୟାପୀ ××× ଏବଂ ପାର୍ଥିବ ବା ମାଧ୍ୟାକର୍ଷଣ ଏହି ଦୁଇ ବିଷୟ ××× ହୋଇଥିଲେ ମଧ୍ୟ ବାଳକମାନେ ବୁଝିବା ବିଷୟରେ××× ସେହି ଦୁଇଗୋଟି ମାଧ୍ୟାକର୍ଷଣର ବିଭିନ୍ନତା ×××କରିବାର ଉଚିତ ଥିଲା । ତାପମାନ ଯନ୍ତ୍ର (Rheumer's thermometer) ବିଷୟ ××× 'ତାପର ଫଳ'ରେ 'ରୁଶ ଓ ଶୀତ' ××× ବରଫ ଥିବାରୁ ଗୃହର ଅଭ୍ୟନ୍ତର ××× ହୋଇଅଛି ତାହାକୁ ବୁଝାଇ ଦେବାର ଉଚିତ ଥିଲା । ଗ୍ରନ୍ଥଖଣ୍ଡରେ ପ୍ରାୟ ସମସ୍ତ ଆବଶ୍ୟକୀୟ ××× ଦିଆଯାଇଛି । ଭାଷା ବିଷୟରେ ଆମ୍ଭମାନଙ୍କର କିଛି ବକ୍ତବ୍ୟ ଥିଲା କିନ୍ତୁ ଗ୍ରନ୍ଥକାର 'ଉତ୍କଳ ଦେଶୀୟ' ଭର୍ଣ୍ଣାକ୍ୟୁଲର ସ୍କୁଲ ସମୂହର ସଙ୍କଳିତ' ବୋଲି ନିର୍ଦ୍ଦେଶ କରିଥିବାରୁ ଦୁଇ ଚାରିଗୋଟି କଥା କହାହେଲା । ପ୍ରକୃତରେ ଗ୍ରନ୍ଥ ଖଣ୍ଡିର ଭାଷା ସଙ୍ଗରେ ବଙ୍ଗଭାଷାର ସମ୍ପର୍କ ଅଛି ବୋଧହୁଏ ଓଡ଼ିଆଭାଷାର ସମ୍ପର୍କ ତାହାଠାରୁ ଅତି ଅଳ୍ପ ଅଛି ଏପରି ଖଣ୍ଡିଏ ଉତ୍କୃଷ୍ଟଗ୍ରନ୍ଥ ଭାଷା ଦୋଷରେ ଦୁଷ୍ଟ ହେବା ଭଲ ଦିଶୁନାହିଁ ଉଦାହରଣ ସ୍ୱରୂପ କେତେକ ପଦ ଦେଖାଯାଉ— 'ଏହା ମଧ୍ୟରେ ଇଲା, ସଜ୍ଜ, ବାଲୁକା ଇତ୍ୟାଦି ବ୍ୟବହାର ହୁଏ; ଯେ କୌଣସି ପଦ ଉପରୋକ୍ତ ଗୁଣ ଆମ୍ଭେମାନେ ଇନ୍ଦ୍ରିୟଦ୍ୱାର୍ ପରିଚୟ ପାଉ ଏ ମଧ୍ୟରେ'; 'ପୃଥିବୀ ପ୍ରତ୍ୟାଘାତ କରିବାରୁ ଆମ୍ଭେମାନେ ସ୍ଥିର ××× ହୋଇ'; 'କୌଣସି ପଦାର୍ଥର ପାର୍ଶ୍ୱ ଦେଇ'; 'ଘନ ପଦାର୍ଥର '××× ସବୁ ଯେତିକି ଶିଥିଳଯୁକ୍ତ'; 'ଘନୀଭୂତ ହେବାର ସମୟ' 'ପଦାର୍ଥର ସଙ୍ଗେ'; 'ଜଳ ଉଷ୍ଣ କରିଲେ'; 'ସୂର୍ଯ୍ୟ କିରଣର ନ୍ୟାୟ' ଇତ୍ୟାଦି । ଯାହା ହେଉ ଓଡ଼ିୟାଭାଷାରେ

ଯେତେଖଣ୍ଡି ବିଜ୍ଞାନ××× ହୋଇଛି ତହିଁ ମଧ୍ୟରୁ ପ୍ରାୟ ଦୁଇ ତିନି ଖଣ୍ଡ ଛାଡି ଦେଲେ ଭାଷା ସେ ସବୁର ଭାଷା ଅପେକ୍ଷା କିଛି ନ୍ୟୂନ ନୁହେଁ । ପୁଣି ଏପରି ଆଦର୍ଶର ପୁସ୍ତକ ନାହିଁ ଆଉ ଏହା ଭର୍ଣ୍ଣାକ୍ୟୁଲର ପାଠ୍ୟପୁସ୍ତକର ଉପଯୁକ୍ତ ଅଟଇ । ଭର୍ଣ୍ଣାକ୍ୟୁଲର ସ୍କୁଲ ××× ହୋଇଥିବାରୁ ଇଂରାଜୀ ଶବ୍ଦମାନ ପୁସ୍ତକ××× କୌଣସି ସ୍ଥାନରେ ଏକତ୍ର କରି-ଦେଇଥିଲେ ×××ଉପସଂହାର ସ୍ଥଳରେ ଏତିକି ବକ୍ତବ୍ୟ ଯେ××× ଛାଡ଼ିଦେଲେ ପୁସ୍ତକ ଖଣ୍ଡି ଯେ ଅତ୍ୟନ୍ତ ××× ବିଦ୍ୟାଳୟମାନଙ୍କର ପାଠୋପଯୋଗୀ ××× ଭରସା କରୁଁ ଯେପରି ଓଡ଼ିଆଭାଷା ××× ଗ୍ରନ୍ଥକାର ମହାଶୟ ଏହାକୁ ସେହିପରି ××× ଭାଷା ପ୍ରତି ବିଶେଷ ଦୃଷ୍ଟି ସେ ××× ପ୍ରଣୟନ କରି ସର୍ବସାଧାରଣରେ ××× ।

---

ପୀତ୍ୱା ମଧୂନି ମଧୁରାଣି ପ୍ରଫୁଲ୍ଲଚିତ୍ତଃ ।

ସଂଖ୍ୟାବତାଂ ସୁରସଭାବବିଦାଂ ସମାଜେ

ଖ୍ୟାତୋତ୍କଳୀୟ କବି କାବ୍ୟ ପ୍ରସୂନ ସଂଘାତ୍

୨ ୟ ଭାଗ | ୩ୟ, ୪ର୍ଥ ସଂଖ୍ୟା

# ଉତ୍କଳ ମଧୁପ ।

## ମାସିକପତ୍ର ଓ ସମାଲୋଚନ ।

---

ଆଷାଢ଼ ଶ୍ରାବଣ ଶକାବ୍ଦ ୧୮୦୧


| ବିଷୟ | ଓ | ପୃଷ୍ଠା |
|---|---|---|
| ୧ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ | ... | ୨୫ |
| ୨ । ସୌଦାମିନୀ (ଉପନ୍ୟାସ) | ... | ୩୦ |
| ୩ । ଜୀବନ ମାତ୍ରା | ... | ୩୯ |
| ୪ । ପ୍ରେମ ତରୀ | ... | ୪୪ |
| ୫ । ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନ | ... | ୪୭ |


**CUTTACK**

**Printed by the Cuttack Printing Company.**

**1879**

ବମ୍ଭ୍ରମ୍ୟତେ ହି ମଧୁପୋ ନବଜାତ ପକ୍ଷଃ ।

*  *  *  *

ବହି ବଢାଇଲା ବୋଲେ ଲଘନ ତ୍ରମ୍ବି ଲ ବେଳେ ଛେମା କରେ ଦେଲ ବେଗେ ଉତଳମୁକ୍ତା । ଛେମା କାଢି ମୋହମାଲା ଲମ୍ବାଇଲା ପୁଂସ ଗଲା ପରସ୍ପର ବଇଣେ ହୋଇଲେ ପ୍ରମୋଦୀ । ସେ କାଳକୁ ଅନୁ ଚନ୍ଦ୍ରମା । କ୍ରମ ଉପ୍ପଲୂପେ କାଢେ ଲେଖ୍ଯା ପ୍ରତମା ।

ଦେବୀ ଯେ ମାୟା ହରଲ୍ଲ ବାଉକୁ ସ୍ୱପୁରେ ନେଲା ଉଦ୍ଧବା ବଜାଗ ଛତ୍ର ବେକାଲେ ହଭ । ବକ୍ତୁ ହପାଁ କ ପଢଲା ଏ ଦଶ୍ର କାହିଁକ ହେଲ ଦିଶ୍ୱେ ଯାକା ହ କଳା ଦାରୁଣଲୂତ । ବୃମ ବୋଲ ବମୃସ୍ଥ ହୋଇ । ଉପଚନ୍ଦ୍ର ଗାର ବର ଏ ଉସ ବହୁ ।

ବୃହୁଦ ଗନ ଧ୍ୟାୟେଉ ଉକସଗ ହଳ ଧନ ହୃଷି ହେବା ପାରେ ଭ ମୁଖଲ ଘଟନା- ମୌଳବର [illegible] ।

ଦ [illegible] । ଅ [illegible] ଦନାଗୋକଳରେ ପଣ୍ଡ ଦେବାକୁ ଲଗିଲେ । ବଉବଳ ପରେ ସଦ୍‌ଗ୍ରାହ୍ୟ, ପିଂଶଳର୍ଦ୍ଦରୁ ଶମ୍ପିଥିବା ଏକ ବୋଲ ଅଳକୁ ଦସ୍ତଗତ କଉ ତାହା ସଙ୍ଗେ [illegible] ଘୋଡ଼ାଏ ଶୁଭକୁ ପଠାଇଲେ । ସେ ତଭୁରଙ୍ଗ ସହିତ ଘାନଣ୍ୟବାଡ ଉଦ୍- ଭୂତଠାରେ ଉନ୍ମତ୍ତକର୍ଷ ହୋଇଥିବା ଜାଣି, ଉକ୍ତ ସ୍ୱବମ୍ପୁ ଭୂପ ସ୍ୱଶର ବଉ ସ୍ୱଗାମୀ ନଥ କରି ଦେଲେ । [illegible] ବଦ୍‌ବନକୁ ସକଳ ବୃତ୍ତାନ୍ତ କହିଲେ । କିନ୍ତୁ ସେ [illegible] ଲେଖି, ସେକ [illegible] ଦେଇ, ଘବଣ୍ୟବାଡ [illegible] ପଠାଇଲେ । ଏହି ଉପରେ [illegible] ଅବଧାରଣା ହୋଇଅଛି, କିନ୍ତୁ ତାହା ସବୁ [illegible] ।

ଏପର୍ଯ୍ୟ ପଠକଙ୍କର ଘୃବଣ୍ୟବତୀ ଯେଉଁ ପ୍ରଭୃ ସଙ୍ଗୀମାନଙ୍କ ନାମରେ ଛଳନା କର ଲେଖିଲେ । ତହିଁରେ ମଧ୍ୟ ତ୍ରୀତକର କେତେ ସୁନ୍ଦର ସାରସର୍ବଧାରା ଅଛି ।

ମହାମହର୍ମନୋହର ଧାମ । ଅମ୍ଭେ ବୋଲୁଅଛୁଁ [illegible] । ହେମଭ୍ରଳେ
ଗୁଞ୍ଜ ତୁଳନା ପଦ୍ମେ ଯାହା ଲଛି ବୋଲକୁ [illegible] ଶ୍ରିଧର ॥
ଦାତାପଣ କର୍ଣ୍ଣେ ଅଛୁଁ ଶୁଣି । ତହିଁକ ଲ [illegible] ଯୋଗିଛ-
ମାନସ ଏରୂପେ ସନ୍ତୋଷ ଏକା ଏହାର [illegible] ର ॥
ପଶୁ ବବ ଛନ୍ଦବାରେ ଅଉ । କର ଯ [illegible] ପ୍ରଣତ
ନୂତଇ ଜାଣିମା ଭ୍ରମ୍ଭେ କେତେ [illegible] ରେ ॥
ଯାହା ରଭନକୋଷ ସଂଚଭ । ସଦା [illegible] । ସିନା
ବଡବ ମଣିଲୁଁ ଦେହ ଭେଶଇ [illegible] ;
ସ୍ୱପ୍ନେ ଦେଖା ଦେଲ ଯେତ୍ନ୍ କ [illegible] ହେଲ-
କଳସଚନ୍ଦ୍ରବମ୍ଭ ଥଉବାପର ଯେତ୍ନ [illegible] ॥

# କୋଟିବ୍ରହ୍ମାଣ୍ଡସୁନ୍ଦରୀ

ଗତ ସଂଖ୍ୟା ମଧୁପରେ ପ୍ରକାଶିତ ହୋଇଥିବା ପ୍ରକୃତ କାବ୍ୟର ସଂକ୍ଷେପ ପରିଚୟ ସମ୍ବନ୍ଧୀୟ କେତେକ କଥା ମଧ୍ୟରେ, ''ଅଶ୍ଳୀଳତା କାବ୍ୟରେ ରହିବା ଉଚିତ ନୁହେ ଏବଂ ଯେଉଁ କାବ୍ୟରେ ଅଶ୍ଳୀଳତା ଅଛି ତାକୁ ପ୍ରକୃତ କାବ୍ୟ ବୋଲି ଗ୍ରହଣ କରିବା ଅନୁଚିତ । ଲାବଣ୍ୟବତୀ ପ୍ରଭୃତି ଏହି ଦୋଷରେ ଦୂଷିତ, ଅତଏବ ସେ ସବୁକୁ ପ୍ରକୃତ କାବ୍ୟ ବୋଲାଯାଇନପାରେ'' ଏପରି ଯେ ଲିଖିତ ହୋଇଥିଲା, ସେ ସମ୍ପର୍କରେ ଦୀପିକା କହିଅଛନ୍ତି ଯେ, ''ମଧୁପ ପ୍ରଥମେ ଲାବଣ୍ୟବତୀକି ମନୋନୀତ କରି ତହିଁର ଉତ୍କୃଷ୍ଟତା ଦେଖାଇବାକୁ ଯାଇଥିଲେ, ଏବେ ତାକୁ ପ୍ରକୃତକାବ୍ୟ ନୁହେ ବୋଲି କହିଲେ । ରୁଚିର ଏପରି ବୈପରୀତ୍ୟ ଘଟିବାର କାରଣ ଆମ୍ଭେମାନେ କିଛି ବୁଝିପାରୁନାହୁଁ । ଆଉ ରସାତ୍ମକ ବାକ୍ୟର ନାମ କାବ୍ୟ, ଆଦିରସ ଗୋଟିଏ ରସ, ସୁତରାଂ ଆଦିରସ ଘଟିତ ବାକ୍ୟକୁ କାବ୍ୟ ବୋଲିବା ଅନ୍ୟାୟ ନୁହଇ ବୋଲି ସହଜ ଜ୍ଞାନରେ ପ୍ରତୀତ ହେଉଅଛି, କିନ୍ତୁ କି ପର୍ଯ୍ୟନ୍ତ ଆଦିରସ ପ୍ଲାବିତ ହେଲେ ତାହା କାବ୍ୟୋଚିତ ହୁଅଇ ନାହିଁ ବା ଅଶ୍ଳୀଳତାରେ ପରିଣତ ହୁଅଇ, ଏତକ ବୁଝିବାର ଆଶା ରହିଲା'' ଏପରି ସନ୍ଦେହ ଭଞ୍ଜନର ଆବଶ୍ୟକତା ଉପସ୍ଥିତ ହେବାରୁ ସେହି 'କୋଟିବ୍ରହ୍ମାଣ୍ଡସୁନ୍ଦରୀ' ଶିରୋନାମା ଧରି ପୂର୍ବ ପ୍ରସ୍ତାବର ଅବଶିଷ୍ଟାଂଶ ସ୍ୱରୂପ ଆଦିରସ ଓ ଅଶ୍ଳୀଳତା ବିଷୟରେ କେତେକ କଥା ଲେଖିବାକୁ ପଡ଼ିଲା ।

ଯେତେବେଳେ ଆମ୍ଭେମାନେ ସାହିତ୍ୟ ବିଷୟିଣୀ ମାସିକ ପତ୍ରିକା ଖଣ୍ଡିଏ ବାହାର କରିବା ଉଦ୍ଦେଶରେ ଉତ୍ସାହିତ ହୋଇ କାର୍ଯ୍ୟକ୍ଷେତ୍ରରେ ପ୍ରବିଷ୍ଟ ହେବାକୁ ଗଲୁଁ, ତେତେବେଳେ ଆମ୍ଭମାନଙ୍କ ଇଚ୍ଛା ନ୍ୟାୟପଥର ଆଶ୍ରୟ ନେଇଥିଲା, କାରଣ ଅନ୍ୟାୟପଥଗାମୀ ହେଲେ କୌଣସି ଉଦ୍ଦେଶ୍ୟ  ସଫଳ ହେବାର ସମ୍ଭବ ନୁହଇ । – ସ୍ୱଭାବତଃ ଲାବଣ୍ୟବତୀର ଉତ୍କୃଷ୍ଟତା ଦେଖାଇବାକୁ ଯାଇଥିଲେହେଁ ଏପରି ଇଚ୍ଛାର କିଛି କରଗତ ହୋଇ ପଡ଼ିନଥିଲୁଁ ଯେ ତାହାର ନିକୃଷ୍ଟତା ନ ଦେଖାଇ ଗୁପ୍ତ କରି ରଖିବୁଁ । ବିଶେଷରେ ଯେତେବେଳେ ଲାବଣ୍ୟବତୀର ଅଙ୍ଗ ପ୍ରତ୍ୟଙ୍ଗ ××× ପାତ୍ରରେ ତୁଳିତ ହେଲା, ତେତେବେଳେ ତାହାର ଭଲ ମନ୍ଦ ଭାଗ ××× ହୋଇପଡ଼ିଲା । ତାହା ସହିତ ସଂଲଗ୍ନ ଥିବା ଆମ୍ଭମାନଙ୍କର କ୍ଷୀଣ ××× ଗଲା, ଆମ୍ଭେମାନେ ତହିଁର ପ୍ରକୃତ ଗୁଣ ଦୋଷ ପ୍ରାୟ ଏକବର୍ଷ ××× ରୀତିରେ ସାଧାରଣଙ୍କର ଉପକାର ବହୁବିଳମ୍ବ ଦୃଷ୍ଟିରେ ସଂଶୋଧନ ××× କାବ୍ୟଖଣ୍ଡିକୁ ପରିତ୍ୟାଗ କଲୁଁ ଏବଂ ବହୁତଲୋକଙ୍କ ମୁଖ ×××

କାବ୍ୟର ସମାଲୋଚନା ଆରମ୍ଭ କାଳରେ ପ୍ରକୃତକାବ୍ୟ ××× ଉପକାରଜନକ ବିବେଚନାରେ ପ୍ରକୃତକାବ୍ୟର ପ୍ରକୃତ ××× ଆଉ ଲାବଣ୍ୟବତୀ ପ୍ରଭୃତି ପ୍ରକୃତକାବ୍ୟ କି ପ୍ରକୃତ ××× ସୁତରାଂ ଆମ୍ଭମାନଙ୍କ ରୁଚି କେତେବେଳେ ××× ହେଉଥିଲେ ହେଁ ପ୍ରଥମେ ଯେଉଁ ନ୍ୟାୟପଥରେ ××× କରୁଅଛି ।

ଆଦିରସାତ୍ମକ ବାକ୍ୟକୁ କାବ୍ୟ ବୋଲିବା ଅନ୍ୟାୟ ନୁହଇ ଏହା ପ୍ରକୃତ କଥା; ଗତ ପ୍ରସ୍ତାବର କୌଣସି ସ୍ଥଳରେ ମଧ୍ୟ ଏପରି କିଛି ଲିଖିତ ହୋଇନାହିଁ ଯେ, ଆଦିରସାତ୍ମକ ବାକ୍ୟକୁ କାବ୍ୟ ବୋଲାଯାଇ ନପାରେ, ସୁତରାଂ ଏ ସନ୍ଦେହର ଆଧାର ନାହିଁ କି ପ୍ରତିଯୁକ୍ତିର ପ୍ରୟୋଜନ ନାହିଁ । ଆଉ ଆଦିରସାତ୍ମକ କାବ୍ୟର ଦୂଷିତାଂଶର କିଞ୍ଚିତ୍ ପରିଚୟ ଦିଆଯାଉଅଛି ।

କାବ୍ୟର ସମାଦର ଆଉ କବିର ମାନ୍ୟ ଜନସମାଜରେ ଏତେ ଦୂର ବଢ଼ିଅଛି କାହିଁକି ? ଏଥିର ସନ୍ତୋଷଜନକ ଉତ୍ତର ସଂକ୍ଷେପରେ ଦିଆଯିବାର କଠିନ, ତଥାପି ଏହା କୁହାଯାଇପାରେ ଯେ, କାବ୍ୟର ଗୋଟିଏ ଆଶ୍ଚର୍ଯ୍ୟ ମୋହିନୀଶକ୍ତି ଅଛି । ସେ ପାଠକର ହୃଦୟକୁ ସହଜରେ ଆକୃଷ୍ଟ ଓ ବିହ୍ୱଳିତ କରି ଆତ୍ମଗତ ସାରଭାବରେ ପ୍ରବୃତ୍ତି ନିବୃତ୍ତିର ସବଳ ଉପଦେଶ ପ୍ରଦାନ କରେ । ପ୍ରକାଶତଃ ରାମଚରିତ ଘଟିତ କାବ୍ୟ ପାଠ କରୁ ୨ ପାଠକର ହୃଦୟ ପଟରେ ସ୍ପଷ୍ଟରୂପେ ସ୍ୱର୍ଣ୍ଣାକ୍ଷରରେ ଏହି କଥା ଲିଖିତ ହୋଇଗଲା ଯେ, ମନୁଷ୍ୟ ରାମଚନ୍ଦ୍ରଙ୍କ ପରି ଧାର୍ମିକ ଓ ସଚ୍ଚରିତ୍ର ହେଲେ ସକଳ ପ୍ରକାର ସାଂସାରିକ ବାଧାବିଘ୍ନ ଅତିକ୍ରମ କରି ସମସ୍ତଙ୍କର ପ୍ରୀତିଭାଜନ ହୋଇ ଆନ୍ତରିକ ସୁଖ ଉପଭୋଗ କରିପାରଇ, ଆଉ ରାବଣ ପରି ଅଧାର୍ମିକ ଓ ଦୁଶ୍ଚରିତ୍ର ହେଲେ ସମସ୍ତଙ୍କର ଶତ୍ରୁ ଓ ସାଂସାରିକ ପୀଡାରେ ଉତ୍ପୀଡିତହୋଇ ହୃଦୟକୁ ଅସହ୍ୟ ସନ୍ତାପାନଳର ବହ୍ନିକୁଣ୍ଡ କରି ପରିଶେଷରେ ଧନ ପୁତ୍ରରୁ ବଞ୍ଚିତ ଏବଂ ଅକାଳରେ ମୃତ୍ୟୁର କରଗତ ହୁଏ । ଏହି ହେତୁ ସଂସ୍କୃତ ଅଳଙ୍କାରଶାସ୍ତ୍ରକାରଗଣ କହିଅଛନ୍ତି କି, ଅଳ୍ପ ବୁଦ୍ଧି ଅର୍ଥାତ୍ ଉତ୍କୃଷ୍ଟ ଧର୍ମଶାସ୍ତ୍ରାନଭିଜ୍ଞ ବ୍ୟକ୍ତିମାନଙ୍କର କାବ୍ୟରୁ ସହଜରେ ଚତୁର୍ବର୍ଗ ଫଳପ୍ରାପ୍ତ ହୁଏ । ଯେଉଁ କବିକୃତକାବ୍ୟର ଏପରି ଗୁଣ ସେ କବିର ଆଉ ଗୌରବ ପରିଚାୟକ ଯୁକ୍ତିର ଆବଶ୍ୟକତା କ'ଣ ?

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ ପ୍ରତ୍ୟେକ ରସାତ୍ମକ କାବ୍ୟରେ ଗୋଟିଏ ୨ ମହତ୍ ଓ ନିର୍ଦ୍ଦୋଷ ଉଦ୍ଦେଶ୍ୟ ରହିବାର ଉଚିତ । ତାହା ନହେଲେ ନିର୍ଦ୍ଦୋଷ କାବ୍ୟଦ୍ୱାରା ସାଧାରଣଙ୍କର ଯେ ପ୍ରକାର ମଙ୍ଗଳ ହେବାର ସମ୍ଭାବନା, ସଦୋଷ କାବ୍ୟଦ୍ୱାରା ସେହିପରି ଅମଙ୍ଗଳ ହେବାର ମଧ୍ୟ ସମ୍ଭାବନା । ଏତଦ୍ଦୃଷ୍ଟିରେ ଅଳଙ୍କାର ଶାସ୍ତ୍ରକାରଗଣ, ଯେଉଁ କାବ୍ୟ ନିର୍ଦ୍ଦୋଷ ଶବ୍ଦ, ଅର୍ଥ ଓ ଗୁଣରେ ଯୁକ୍ତ ତାହାକୁ କେବଳ ପ୍ରକୃତ କାବ୍ୟ

ବୋଲାଯିବ ବୋଲି କହିଅଛନ୍ତି । ଏମନ୍ତ କି ପଦରେ, ପଦାଂଶରେ, ବାକ୍ୟରେ, ଅର୍ଥରେ ଏବଂ ରସରେ କୌଣସି ଦୋଷନଥିବ । ଏ ଦୋଷମାନଙ୍କ ମଧ୍ୟରୁ ଆମ୍ଭେମାନେ ରସ ××× ମଣୁ, କାରଣ କାବ୍ୟକୁ ମନୁଷ୍ୟ କଳ୍ପନା କଲେ, ରସ ତାହାର ପ୍ରା ××× ଶରୀର ଓ ଅଳଙ୍କାର ଅଳଙ୍କାର ସଦୃଶ । ଜଣେ ମନୁଷ୍ୟ ଯେତେ ××× ହଉ ନା କାହିଁକି ତାହାର ଆତ୍ମଗତ ଦୋଷ (ମନ୍ଦ ସ୍ୱଭାବ) ××× ଅନେକ ଲୋକଙ୍କୁ ନିଜ ଦୋଷରେ ଦୂଷିତକରିପାରେ, ଯାହା ××× ଅନ୍ୟ ଦୋଷ ଯୁକ୍ତ ଅର୍ଥାତ୍ ବିକଳାଙ୍ଗ ଓ ଭୂଷଣହୀନ ××× ହୋଇ ନ ପାରେ, କେବଳ ନୟନର ତୃପ୍ତିବିଧାନରେ ××× ଓ ଭୂଷଣ ଯୁକ୍ତ ସେ କି କାହା ନିକଟରେ ଅନାଦର××× ଅଳଙ୍କାରଗତ ଦୋଷରେ କେବଳ କର୍ଣ୍ଣର ଅତୃପ୍ତ ××× କାରକ ହୋଇଉଠେ; ଆଉ ଯେଉଁ କାବ୍ୟ ××× ସେ କାବ୍ୟ କେଉଁ ଲୋକର ବା ଆଦରର ଧନ ହେବ××× ଅପେକ୍ଷା ଆଦିରସାତ୍ମକ କାବ୍ୟର ରସଗତ ଦୋଷ ପୁଣି ଅତ୍ୟନ୍ତ ଅନିଷ୍ଟକାରକ, ପ୍ରକାଶତଃ ଆଦିରସ ସହିତ ମାନବ ହୃଦୟର ଅତି ନୈକଟ୍ୟ ସମ୍ବନ୍ଧ ରହିଅଛି । ଏହି ହେତୁ ଅନ୍ୟାନ୍ୟ ରସାତ୍ମକ କାବ୍ୟଠାରୁ ଆଦିରସାତ୍ମକ କାବ୍ୟର ସଂଖ୍ୟା ଅଧିକ, ସେହିପରି ଏଥିର ପାଠକ ସଂଖ୍ୟା ମଧ୍ୟ ଅଧିକାଧିକ, ସୁତରାଂ ଆଦିରସାତ୍ମକ କାବ୍ୟର କଳଙ୍କିତ ଜୀବନଦ୍ୱାରା ଅନେକ ଲୋକଙ୍କର ହୃଦୟ କଳଙ୍କିତ ହୋଇଥିବାର ବା ହେବାର ସମ୍ପୂର୍ଣ୍ଣ ସମ୍ଭାବନା ।

ଏହିସ୍ଥଳରେ ହଠାତ୍ ମୂର୍ତ୍ତିମନ୍ତ ପ୍ରଶ୍ନ ଉପସ୍ଥିତ ହୋଇ କହିଲା ଯେବେ ପ୍ରତ୍ୟେକ ରସାତ୍ମକ କାବ୍ୟର ଗୋଟିଏ ୨ ମହତ୍ ଓ ନିର୍ଦ୍ଦୋଷ ଉଦ୍ଦେଶ୍ୟ ଅଛି ତେବେ ଆଦିରସାତ୍ମକ କାବ୍ୟର ମହତ୍ ଓ ନିର୍ଦ୍ଦୋଷ ଉଦ୍ଦେଶ୍ୟ କଣ ? ଅଶ୍ଳୀଳତା କାହାକୁ କହନ୍ତି ? ଆଉ ଲାବଣ୍ୟବତୀ ପ୍ରଭୃତିରେ ଅଶ୍ଳୀଳତା କଣ ଅଛି ଯେ ତଦ୍ୱାରା ତହିଁର ପ୍ରକୃତ କାବ୍ୟତ୍ୱ କଳଙ୍କିତ ହୋଇଯାଇଅଛି ବୋଲି ପୂର୍ବେ ଲିଖିତ ହୋଇଥିଲା ?

ଆଦିରସାତ୍ମକ କାବ୍ୟର ନିର୍ଦ୍ଦୋଷ ଉଦ୍ଦେଶ୍ୟ ଏହି ଥିବାର କୁହାଯାଇପାରେ ଯେ, ଏହା ସାଂସାରିକ ସୁଖଭୋଗର ନିଦାନସ୍ଥଳସ୍ୱରୂପ ଦାମ୍ପତ୍ୟ ବନ୍ଧନର ମହତ୍ତ୍ୱ ପ୍ରକାଶ କରାଇବାଦ୍ୱାରା ମନୁଷ୍ୟକୁ ନାନାପ୍ରକାର ଭାବସ୍ରୋତରେ ପକାଇ ହୃଦୟକୁ ପରିବର୍ତ୍ତନଶୀଳ ସୌନ୍ଦର୍ଯ୍ୟ ପ୍ରଦାନ କରେ, ଅର୍ଥାତ୍ କଠିନଲୋକକୁ ସରଳ, କ୍ରୋଧିକି ଶାନ୍ତ, ଅଭିମାନିକି ବିନୟୀ, ଅସ୍ନେହିକି ସ୍ନେହୀ ଓ କୃପଣକୁ ଦାତା କରିପାରଇ; ଅତଏବ ଆଦିରସାତ୍ମକ କାବ୍ୟ ଉତ୍କୃଷ୍ଟତର ଦମ୍ପତିର ଏକପ୍ରକାର ଜୀବନ୍ତ ଇତିହାସସ୍ୱରୂପ । ଏହି ହେତୁ କବିମାନେ କାବ୍ୟଗତ ନାୟକ ନାୟିକାର ଶ୍ରେଷ୍ଠ ରୂପ, ଗୁଣ ଓ ରୁଚିର ପରିଚୟ ଦାନରେ ପରିଶ୍ରମୀ ହୁଅନ୍ତି । ଅଶ୍ଳୀଳର ଅର୍ଥ ଭଣ୍ଡବାକ୍ୟ, ଘୃଣା ଅଥବା ଲଜ୍ଜାବୋଧକ କଥା; ଅଶ୍ଳୀଳଯୁକ୍ତ ଯେ ଅର୍ଥ କିମ୍ବା ଭାବ ତାହାର ନାମ ଅଶ୍ଳୀଳତା;

ସଂଯୋଜନାର କୌଶଳବଳରେ ଏହି ଅଶ୍ଳୀଳତା କାବ୍ୟର ଶରୀରଗତ ଏବଂ ଆତ୍ମଗତ ହୁଏ; ଆତ୍ମଗତ ଅର୍ଥାତ୍ ରସଗତ ଅଶ୍ଳୀଳତା ଅତି ନିନ୍ଦନୀୟ । ଲାବଣ୍ୟବତୀର କ୍ରୋଡରେ (ମଧୁଶଯ୍ୟା ଓ ଚନ୍ଦ୍ରଭାନୁର ବିଦେଶାନୁଚିନ୍ତା ଛାନ୍ଦମାନଙ୍କରେ) । ଶୃଙ୍ଗାରର ଯେଉଁ ଜୀଅନ୍ତା ମୂର୍ତ୍ତିମାନ, (ଗୋକୁଳଈଶ ରସ ମନେ ଭାବି । ପଛୁଁ କୋଳକରି ଧରନ୍ତେ ନିବି– ଇତ୍ୟାଦି ପ୍ରକାର) କ୍ରୀଡା କରୁଥିବାର ଦେଖାଯାଏ, ସେଥିର ଗୋଟିଏ ନାମାନ୍ତର ରସଗତ ଅଶ୍ଳୀଳତା । ଯେଉଁମାନେ ଲାବଣ୍ୟବତୀକି ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ପଢ଼ିଅଛନ୍ତି ସେମାନେ ଅଶ୍ଳୀଳମୂର୍ତ୍ତିର ପରିଚୟ ସହଜରେ ପାଇପାରିବେ । ଯେଉଁମାନେ ପଢ଼ିନାହାନ୍ତି ସେମାନେ ୩, ୩୩, ୪୦, ୪୧, ୪୨ ଓ ୪୩ ଛା ××× ଅଶ୍ଳୀଳମୂର୍ତ୍ତିର ହଠାତ୍ ପରିଚୟ ପାଇବା ବିଷୟରେ ଆଉ ବିଳମ୍ବ ହେବ ××× ମୂର୍ତ୍ତିମାନ ଲାବଣ୍ୟବତୀ ପ୍ରଭୃତିରେ ଚିତ୍ରିତ ହୋଇଥିବାରୁ ଆମ୍ଭେ ××× କାବ୍ୟ ବୋଲି କହିବା ବିଷୟରେ ସାହସୀ ହୋଇପାରିନାହୁଁ । ଏତିକି ××× ଆପତ୍ତି ଆସି ଏହିକଥା କହିଲା ଯେ, ଆଦିରସର ଅର୍ଥ ଶୃଙ୍ଗାର ××× ଜୀଅନ୍ତା ମୂର୍ତ୍ତିମାନ ଅଛି, ତାକୁ ଅବଶ୍ୟ ଉତ୍କୃଷ୍ଟତର ଆଦି ××× ମୂର୍ତ୍ତି ବୋଲି ତାହାର ନାମାନ୍ତର ଘଟାଇବା ଏକ ଅନୁମୋଦନରେ ଆମ୍ଭେମାନେ କହୁଅଛୁଁ– ଯେଉଁ ଆଦି ପ୍ରଫୁଲ୍ଲକର ରୂପେ କାବ୍ୟର ଆତ୍ମଗତ ହୋଇ ××× ପରିଚାୟକ ହୋଇଥାଏ ଓ ମନକୁ ବିକୃତଭାବ ××× କାବ୍ୟୋଚିତ ଆଦିରସ । ଯେପରି କଦଳୀ, ××× ଦ୍ରେ ରନ୍ଧନ କରି ତହିଁରେ ଉପଯୁକ୍ତ ରୂପେ ଲବଣର ସଂଯୋଜନା କଲେ ତାହା ସୁସ୍ୱାଦୁ, ତୃପ୍ତିକର ଓ ବ୍ୟଞ୍ଜନପଦବାଚ୍ୟ ହୁଏ ଆଉ ଲବଣଭାଗ ବଳିପଡି ମୂର୍ତ୍ତିମନ୍ତ ହୋଇ ପଡିଲେ ତାହା ଅସ୍ୱାଦୁ ଓ ବିରକ୍ତିର କାରଣ ହୋଇ ଉଠଇ; ସେହିପରି କାବ୍ୟରେ ଲବଣତୁଲ୍ୟ ଆଦିରସର ସଂଯୋଜନା ଆବଶ୍ୟକ, ଅଧିକ ହୋଇ ମୂର୍ତ୍ତିମନ୍ତ ହେଲେ ତାହା ଅଶ୍ଳୀଳତାରେ ପରିଣତ, ସାଧାରଣଙ୍କର ଅନିଷ୍ଟୋତ୍ପାଦକ ଓ କାବ୍ୟର ଅନୁପଯୁକ୍ତ ହୁଅଇ; ଅତଏବ ଆଦିରସକୁ ଲବଣ ସହିତ ତୁଳନା କରାଗଲା ।

ଶରତ୍କାଳୀନ ନଦୀ ସଦୃଶ ଯେଉଁ ଆଦିରସାତ୍ମକ କାବ୍ୟର ନିର୍ମଳ ମଧୁରଧାରା ନିର୍ଦ୍ଦୋଷବେଳା ମଧ୍ୟଗତ ହୋଇ ଧୀରସ୍ରୋତରେ ପ୍ରବାହିତ ହେଉଥାଏ, ନଦୀ ଦେହରେ ହଂସ ସାରସ ଚକ୍ରବାକ ମଧୁର କୂଜନ କରି ଖେଳୁଥିଲା ପରି ସ୍ଥାନେ ୨ ଅଳଙ୍କାରମାନ ସନ୍ନିବେଶିତ ହୋଇଥାଏ, ତରଙ୍ଗଲୀଳାତୁଲ୍ୟ ଭାବରାଶିର ସ୍ଫୀତଶରୀର ଦିଶି ଯାଉଥାଏ ଓ କୁମ୍ଭୀରାଦି ଭୟଙ୍କର ଜଳଜନ୍ତୁ ପରି ରସଜ-ଅଶ୍ଳୀଳମୂର୍ତ୍ତିମାନଙ୍କର ପ୍ରଭାବ ନଥାଏ, ସେ କାବ୍ୟନଦୀ କାହା ହୃଦୟକୁ ଅନିର୍ବଚନୀୟ ଆନନ୍ଦରେ ପରିପୂର୍ଣ୍ଣ କରି ନଦିଏ ? ଆଉ ବର୍ଷାକାଳୀନ ନଦୀ ସଦୃଶ ଯେଉଁ ଆଦିରସାତ୍ମକ କାବ୍ୟନଦୀ ତୀବ୍ରସ୍ରୋତ ବଳରେ ଆବିଳଶରୀରା ହୋଇ ନିର୍ଦ୍ଦୋଷକୂଳ ଅତିକ୍ରମ କରି ପ୍ରବାହିତ ହେଉଥାଏ, ବକଭେକାଦି

ଚିତ୍କାରଧ୍ୱନି କରି ବୁଲୁଥିଲାପରି ଅଳଙ୍କାରମାନ ସଂଯୋଜିତ ହୋଇଥାଏ, କୁମ୍ଭୀରାଦି ଭୟଙ୍କରଜନ୍ତୁ ତୁଲ୍ୟ ରସଜ୍ଞ ଅଶ୍ଳୀଳ ମୂର୍ତ୍ତିମାନ ଭାବତରଙ୍ଗର ବକ୍ଷ ଭେଦ କରି ଉତ୍‌ଥିତ ହୋଇ ଦେଖା ଦେଉଥାନ୍ତି, ସେ କାବ୍ୟନଦୀ କାହା ହୃଦୟରେ ଭୟର ସଂଚାର ନ କରାଏ ? ଅତଏବ ଆମ୍ଭେମାନେ କହୁଁ ଦ୍ୱିତୀୟପ୍ରକାର ଧାରାରେ ଆଦିରସ ପ୍ଲାବିତ ହେଲେ ତାହା କାବ୍ୟୋଚିତ ହୁଅଇ ନାହିଁ ।

କବିମାନଙ୍କ ହୃଦୟ ରସପୁଷ୍ପର କାନନ-ସଦୃଶ । କଳ୍ପନା ବସନ୍ତ ବାୟୁଯୋଗେ ଯେ କୁସୁମମାନ ପ୍ରସ୍ଫୁଟିତ ହୁଅଇ, କବିଏ ଭ୍ରମରପରି ତହିଁର ରସ ଆହରଣ କରି ମଧୁକୋଷସମ କାବ୍ୟମାନ ପ୍ରକାଶ କରଣରେ ପ୍ରବୃତ୍ତ ହୁଅନ୍ତି ଓ ପାଠକେ ସେହି ମଧୁ ପାନ କରି ତୃପ୍ତିଲାଭ କରନ୍ତି । ଯେବେ ଭ୍ରମର ଅଧିକ ମଧୁରତା ବା ବାସନା ରହିବା ଦୁରାଶାରେ ମଧୁସହ କୋମଳପୁଷ୍ପପାଖୁଡ଼ିଗୁଡ଼ିକ ଛିନ୍ନ କରି ଆଣି ମଧୁକୋଷରେ ସଞ୍ଚିତ କରିବ ତେବେ ତାହା ଯେ ଉତ୍ତମ ମଧୁ ହେବ ଓ ସମସ୍ତଙ୍କର ତୃପ୍ତି ଜନ୍ମାଇବ ଏହା କଦାପି ନୁହେ । ପ୍ରସଙ୍ଗଗତ ପୁସ୍ତକମାନଙ୍କରେ ରସସହିତ ପୁଷ୍ପମାନମଧ୍ୟ ସଞ୍ଚିତ ହୋଇ ଅସ୍ୱାଦୁ ଓ ବିକୃତାକାର୍ ହୋଇ ପଡ଼ିଅଛି ।

ଏବେ କେତେକେଲୋକ କହିପାରନ୍ତି ଯେ ଏହି ଦୁଷିତ ଅଂଶ ××× ଦେଲେତ ପ୍ରସଙ୍ଗଗତ କାବ୍ୟମାନଙ୍କୁ ଉତ୍ତମ କାବ୍ୟ ବୋଲାଯାଇ ପାରିବ ? ××× ନୁହେ, ଏ କାବ୍ୟମାନଙ୍କର ଅନେକ ସ୍ଥଳରେ ଉତ୍ତମ ଭାବମାନ ମଧ ××× ହୃଦୟରେ କୌଣସି ବିକୃତି ନ ଜନ୍ମାଇ ହୃଦୟକୁ ଆନନ୍ଦ ପରିପ୍ଲୁତ ××× ସ୍ଥଳରେ କଳ୍ପନାର ଏମନ୍ତ ସୁନ୍ଦର ମୂର୍ତ୍ତିମାନ ଅଙ୍କିତ ହୋଇଅଛି । ××× ବାଦ କରିବାର ଇଚ୍ଛା ପ୍ରବଳ ହୋଇ ଉଠଇ ଓ କବିଙ୍କର ××× କିନ୍ତୁ କାବ୍ୟଖଣ୍ଡମାନଙ୍କରୁ ଦୂଷିତାଂଶ ବାହାର କରି ଦେଲେ××× ।

ଏମନ୍ତ କି ମସ୍ତକର ପ୍ରାୟ ଅର୍ଦ୍ଧେକ, ସ୍କନ୍ଧଠାରୁ ××× କେତେକ ଅଂଶ ଖଣ୍ଡିତ ହୋଇଯିବ, ସୁତରାଂ ବିକୃତାକାର ××× ପ୍ରଧାନ ଭାଗରେ ବିଭକ୍ତ କରାଗଲେ ପ୍ରଥମ ××× ବିଚ୍ଛେଦ ହେବ । ପ୍ରଣୟାକାଙ୍‌କ୍ଷାଠାରୁ ସମ୍ମିଳନ ××× କାଳରେ କାବ୍ୟଗତ ନାୟକନାୟିକାର ଆନ୍ତରିକଭାବର ସୁନ୍ଦରତର ପରିଚୟ ମିଳଇ; ବିଶେଷତଃ ବିଚ୍ଛେଦ ସମୟରେ ହୃଦୟର ସ୍ୱାଭାବିକ ଭାବମାନ ସହଜରେ ପ୍ରକାଶିତ ହୋଇପଡ଼େ, ଅତଏବ ବିଚ୍ଛେଦ ଉତ୍ତମାଙ୍ଗ ଅର୍ଥାତ୍ ମସ୍ତକ, ସଂମିଳନ ମଧ୍ୟଖଣ୍ଡ ଓ ପ୍ରଣୟସ୍ପୃହାକୁ ଅଧଃଖଣ୍ଡ ବୋଲି କୁହାଗଲା । ଏକାବ୍ୟମାନଙ୍କର ବିଦେଶାନୁଚିନ୍ତାରେ ଅଶ୍ଳୀଳତା ଦୋଷ ଅଧିକ, ଦ୍ୱିତୀୟ ଓ ପ୍ରଥମାଂଶରେ କ୍ରମଶଃ ଅଳ୍ପ, ସୁତରାଂ ମସ୍ତକଠାରୁ ପଦପର୍ଯ୍ୟନ୍ତ ଶରୀରର ଦୋଷଭାଗ କାଟିଦେଲେ ମସ୍ତକର ଅର୍ଦ୍ଧ ଓ ଅନ୍ୟାନ୍ୟ ଅଙ୍ଗର କେତେକ ଅଂଶ ଉଡ଼ିଯାଇ ଗୋଟିଏ ବିକୃତ ରୂପମାତ୍ର ରହିଯିବ । ଏହି କାରଣମାନଙ୍କରୁ ଆମ୍ଭେମାନେ ଉକ୍ତ କାବ୍ୟମାନଙ୍କୁ

ଉତ୍ତମ କାବ୍ୟଶ୍ରେଣୀର ମଧ୍ୟଗତ ବୋଲି କହିବାକୁ ପାରିନାହୁଁ । ଯେପ୍ରକାର ରତ୍ନ କୀଟବିଦ୍ଧ ହେଲେ ରତ୍ନପଦବାଚ୍ୟ ହୁଏ ସତ୍ୟ, ମାତ୍ର ନିର୍ଦ୍ଦୋଷ, ରତ୍ନର ମାନ୍ୟ ବା ମୂଲ୍ୟ ତାହାଠାରେ ଆରୋପିତ ହୋଇ ନ ପାରେ କି କେହି ତାହାକୁ ଉତ୍ତମ ରତ୍ନର ମଧ୍ୟଗତ କରି କଣ୍ଠହାର କରିବାକୁ ଇଚ୍ଛା କଲାନ୍ତି ନାହିଁ, ସେହିପରି ଏ କାବ୍ୟରତ୍ନସବୁ ଅଶ୍ଳୀଳତା କୀଟଭେଦରେ ଛାରଖାର ହୋଇ ପ୍ରକୃତ କାବ୍ୟର ଅଯୋଗ୍ୟ ହୋଇଅଛି ।

ଏସବୁ କାବ୍ୟର ସମ୍ମିଳନ ଓ ବିଦେଶାନୁଚିନ୍ତା ଭାଗ ଦୃଷ୍ଟିରେ କିଛି କହିବାକୁ ଇଚ୍ଛା କଲାଇ ଅଛୁଁ ତାହା ଏହି– ନାୟକ ନାୟିକା ଦୁହେଁ ପରସ୍ପରର ରୂପ ଗୁଣରେ ମୋହିତ ହୋଇ ପତ୍ରିକା ପ୍ରେରଣଦ୍ୱାରା ଦୁହିଙ୍କ ମନକୁ ଦୁହେଁ ଅଧିକରୂପେ ଆକର୍ଷଣ କରିଥିଲେ ମଧ ସାକ୍ଷାତ୍ କାଳରେ କେବେ ସହବାସ ହୋଇନଥିବା ହେତୁ ଯେ ଏକପ୍ରକାର ଲଜ୍ଜାକୁଜ୍ଝଟିକା ହୃଦୟଗଗନରେ ଉଦିତ ହୋଇଥିବା ପ୍ରେମସୂର୍ଯ୍ୟକୁ ଆଚ୍ଛନ୍ନ କରି ରହିଥାଏ ତାହା ଉଷାକାଳସମ ବାକ୍ୟାଳାପକୁ ଅତିକ୍ରମ କରି ନ ଉଠିଲେ କଦାପି ପ୍ରେମସୂର୍ଯ୍ୟ ପ୍ରକାଶିତ ହୋଇନପାରେ । ପ୍ରେମସୂର୍ଯ୍ୟ ପ୍ରକାଶିତ ନ ହେଉଣୁ ଅନ୍ୟ ପ୍ରକାର କ୍ରୀଡା ଆରମ୍ଭ କରିବା ବଡ଼ ଅବିହିତ । ଏସବୁ କାବ୍ୟର ମିଳନସ୍ଥଳ ଗୋଟିଏ ସମରଭୂମି ପରି, ଦେଖାହେଲା ମାତ୍ରକେ ମାରମନ୍ତ୍ରିର ପରାମର୍ଶ ଅନୁସାରେ ଲଜ୍ଜାକୁଜ୍ଝଟିକାରେ କବଳିତ ଥାଉଁ ୨ ସୁଦ୍ଧା ଘୋରଯୁଦ୍ଧ ଆରମ୍ଭ ହେବାର ପରିଚୟ ମିଳଇ । ଆଉ ଯେଉଁ ବିଚ୍ଛେଦ କାଳ ସ୍ତ୍ରୀ ପୁରୁଷ ଦୁହିଙ୍କ ପ୍ରଣୟର ଏକମାତ୍ର ପରିଚୟ ସ୍ଥଳ,– ଏକଦେହକୁ ଦୁଇଖଣ୍ଡ କଲା ପରି ପୀଡା ମନରେ ଜନ୍ମାଏ– ସ୍ତ୍ରୀ ଯୋଗରେ ସାଂସାରିକ ସୁଖଭୋଗ ଓ ସ୍ତ୍ରୀ ବିଚ୍ଛେଦରେ ସାଂସାରିକ ଦୁଃଖଭୋଗକୁ ଦୁଇକୂଳବିଶିଷ୍ଟ କରି ଚିନ୍ତା ××× ନଦୀକି ପ୍ରବାହିତ କରାଏ,– ସରସ ହୃଦୟଭାଣ୍ଡରେ ସଞ୍ଚିତ୍ ଥିବା କର୍ପୂର ××× ପ୍ରକାର ସ୍ନେହସୁବାସିତ ଘେନାଘେନି ଭାବମାନଙ୍କୁ ଅନ୍ତର ହେବା ତାପା ××× କରାଇଦିଏ ଓ ଭାବସାରକୁ ବାଷ୍ପରାଶି ତୁଲ୍ୟ ଉଠାଇ ହୃଦୟଭାଣ୍ଡର ××× କବିଏ କେବଳ କଳ୍ପନାନଳ ବସାଇ ତହିଁର ଅର୍କ ବିନିର୍ଗତ କରିପାରନ୍ତି । ବଡ଼ ଆଶ୍ଚର୍ଯ୍ୟ କଥା ! ଯେତେଦିନ ପରେ ଯେ ××× ଅର୍କ ପରି ××× ପାଠକର ତାହା କର୍ଣ୍ଣମୁଖକୁ ତତାଇ ଦିଏ; ××× ହୃଦୟକୁ ଜନ୍ମସ୍ଥାନର ପ୍ରତିରୂପ କରି ପରିଣାମରେ ××× କାବ୍ୟମାନଙ୍କର ସେହି ବିଚ୍ଛେଦକାଳର ଭାବା ××× କଲେ କେବଳ ମଦନବାତୁଳା ହୋଇ ପ୍ରଣୟିନୀର ××× କି ସ୍ତ୍ରୀ ସହିତ ତାହାର ଅନ୍ୟ କୌଣସି ସମ୍ବନ୍ଧ ନାହିଁ । ସ୍ତ୍ରୀ ସହିତ କେବଳ ଏହିପରି ସମ୍ବନ୍ଧ ବିଦେଶୀକି ବ୍ୟଥିତ କଲା । ହେଉ କରୁ, ତହିଁରେ କିଛି କ୍ଷତି ନାହିଁ କି ଆମ୍ଭେମାନେ ତାକୁ ଆଦିରସ ବୋଲି ଘୃଣା କରୁନାହୁଁ, କିନ୍ତୁ ତହିଁର ଭାବଗୁଡ଼ିକ ଅଶ୍ଳୀଳତାର ପିତୁଳା ହୋଇ ପଡି ଭୟ ଜନ୍ମାଉଅଛି । ଉପର୍ଯ୍ୟୁକ୍ତ ଦୋଷମାନଙ୍କରେ ବିହୀନ ହୋଇଥିଲେ ଏ କାବ୍ୟ-

ଖଣ୍ଡମାନଙ୍କୁ ଆମ୍ଭେମାନେ ଅବଶ୍ୟ ଉତ୍ତମ ଓ ପ୍ରକୃତ କାବ୍ୟ ନ ବୋଲି ରହିପାରନ୍ତୁ ନାହିଁ, କାରଣ ଦୋଷାଂଶ ଛଡା ଆଉ ଯେତେକ ରହିଲା ତହିଁରେ ପ୍ରକୃତ କାବ୍ୟୋପଯୋଗୀ ଅନେକ ଉତ୍କୃଷ୍ଟଭାବ ଅଛି ।

ପାଠକେ ଏହିଠାରେ କହିପାରନ୍ତି ଯେ ଅଶ୍ଳୀଳ କାବ୍ୟ ପାଠଦ୍ୱାରା କାହିଁକି ଅନିଷ୍ଟ ହେବାର ଆଶଙ୍କା କରାଯାଉଅଛି ? ଏଥି ପକ୍ଷରେ ଆମ୍ଭେମାନେ କହୁଁ— କି ଉଚ୍ଚଶ୍ରେଣୀୟ କି ମଧ୍ୟ ଶ୍ରେଣୀୟ କି ଅଧମଶ୍ରେଣୀୟ ସମସ୍ତେ ଅବକାଶ ସମୟରେ ଆପଣା ୨ର ମନକୁ ଆନନ୍ଦ କରିବା ନିମିତ୍ତ କାବ୍ୟ ପାଠରେ ପ୍ରବୃତ୍ତ ହୁଅନ୍ତି । ଏମନ୍ତ କି ଯେଉଁ ଲୋକର କାବ୍ୟ ବୁଝିପାରିବାର ଶକ୍ତି ନାହିଁ ସେ ଦୁଇ ଏକ ଛାନ୍ଦ ବା କୌଣସି ଛାନ୍ଦରୁ ପଦ କେତେ ହେଲେ କଣ୍ଠସ୍ଥ କରି ଶୁଣାଶୁଣିଦ୍ୱାରା ତହିଁର ଅର୍ଥ ବୁଝି ମନର ତୃପ୍ତି ଜନ୍ମାଉ ଥାଏ । ଏ ଅବସ୍ଥାରେ ଅଶ୍ଳୀଳତା ଦୋଷଯୁକ୍ତ କାବ୍ୟର ଚର୍ଚ୍ଚାଦ୍ୱାରା ଅନିଷ୍ଟ ଜନ୍ମିବାର ବିଚିତ୍ର କଣ ? ଯେଉଁ ଅଶ୍ଳୀଳତା ବିବେକୀର ବେକ ମୋଡିବାକୁ ସମର୍ଥ ସେ କି ଦୋଷ ନିର୍ଦ୍ଦୋଷର ବିଚାର କରିବା ବିଷୟରେ ଅକ୍ଷମ ଆଉ ଅର୍ଥଶାଳୀ ବିଳାସପ୍ରିୟ ବ୍ୟକ୍ତିମାନଙ୍କୁ ହସ୍ତର କ୍ରୀଡାକନ୍ଦୁକ ନ କରଇ ? ଯେଉଁ ବିଷୟ ମନୁଷ୍ୟର ମନରେ ଅଧିକାର ସ୍ଥାପନ କରେ ସେହି ବିଷୟ ମନୁଷ୍ୟର ସ୍ୱଭାବ ହୋଇପଡ଼େ ଏହା ସ୍ୱତଃସିଦ୍ଧ କଥା । ଏପରି ଅଶ୍ଳୀଳତା ସ୍ୱଭାବସିଦ୍ଧ ହୋଇପଡ଼ିଲେ ମନୁଷ୍ୟକୁ ଏହି ବିଷମୟ ଉପଦେଶ ପ୍ରଦାନ କରଇ ଯେ ସ୍ତ୍ରୀ ସହିତ ପୁରୁଷର କେବଳ ଶୃଙ୍ଗାର ଘେନି ସମ୍ବନ୍ଧ; ସୁତରାଂ ମନୁଷ୍ୟ ସେ ସମ୍ବନ୍ଧର ଚରିତାର୍ଥ ଯହିଁ ତହିଁ କରିବାକୁ ଯାଇ ବ୍ୟଭିଚାରୀ ହୋଇଉଠଇ । ବ୍ୟଭିଚାରୀ ହେତୁରୁ ଦିନ ୨ ହୃଦୟ ଅସ୍ୱାଭାବିକ କାମିନୀପ୍ରଣୟର ଆବାସଭୂମି ହୁଏ । ସମସ୍ତଙ୍କର ସୀମା ଅଛି । କାମିନୀସ୍ନେହର ମଧ୍ୟ ସୀମା ଅଛି । ସେହି କାମିନୀସ୍ନେହ ଅସ୍ୱାଭାବିକରୂପେ ସୀମା ଅତିକ୍ରମ କରିବାରୁ ଅନ୍ୟାୟ, ଅନ୍ୟାୟରୁ ଅଧର୍ମ, ଅଧର୍ମରୁ ଐହିକ ପାରତ୍ରିକ ଅମଙ୍ଗଳ ହୁଏ ଓ କାବ୍ୟର ମୁଖ୍ୟ ଉଦ୍ଦେଶ୍ୟ ନଷ୍ଟ ହୁଅଇ, ଅତଏବ ଏପରି କାବ୍ୟକୁ ଉତ୍ତମ ବା ପ୍ରକୃତକାବ୍ୟ ବୋଲିବା କୌଣସିମତେ ଉଚିତ ନୁହଇ ।

---

## ସୌଦାମିନୀ ।

### (ଏକବିଂଶ ପରିଚ୍ଛେଦ)

"ଜାଗରିତା ହୋଇ ଦେଖିଲୁଁ ××× କ୍ରୀଡାଶୈଳୀ ପରିବର୍ତ୍ତରେ ସୁନ୍ଦର ଅଟ ××× ପଲ୍ୟଙ୍କ ଉପରେ ଶୋଇଅଛୁଁ । ନିକଟରେ କେତେକ ××× ସୁନ୍ଦରୀ ରମଣୀବେଷ୍ଟିତା

ଗୋଟିଏ ଅପୂର୍ବା ସ୍ତ୍ରୀ ବସି ସେ ସ୍ଥାନ ଉଜ୍ଜ୍ୱଳ କରି ରହିଅଛନ୍ତି ; ଦେଖି ମସ୍ତିଷ୍କ ଉଷ୍ଣତାଭାବକୁ ପ୍ରାପ୍ତ ହେଲା; ଶିରୋଦେଶ ଚକ୍ରପରି ଆବର୍ତ୍ତିତ ହେଲା; ଭୟରେ ଶରୀର କମ୍ପିତ ହେଲା । ପୁଣି ଭାବିଲୁଁ 'ଭୟ କରିବାର କାରଣ କି ? ଉତ୍ତମ ସ୍ଥାନରେ ଅଛୁଁ । ଆମ୍ଭପ୍ରତି ଏହି ସ୍ତ୍ରୀର ଦୟା ଥିବ ।' ପରେ ମନେକଲୁଁ 'ବୋଧହୁଏ, ପରମେଶ୍ୱର ଆମ୍ଭର ମନ ପରୀକ୍ଷା କରିବା ନିମନ୍ତେ ଏପରି ମାୟା ପ୍ରଦର୍ଶାଇ ଅଛନ୍ତି ।' ଭାବି ମନ ବିମର୍ଷ ହୋଇଆସିଲା; ଉପସ୍ଥିତ ସୁଖ ଦୁଃଖ ରାଶିରେ ପରିଣତ ହେଲା; ଉନ୍ମୀଳିତ ନୟନ ନିମୀଳିତପ୍ରାୟ ହୋଇଗଲା । ଅବଶେଷରେ ମନେକଲୁଁ 'ବୋଧହୁଏ ଆମ୍ଭେ ସ୍ୱପ୍ନ ଦେଖୁଅଛୁଁ' । ଏହା ବିଚାରି ଚକ୍ଷୁଦ୍ୱୟ ଉତ୍ତମରୂପରେ ମର୍ଦ୍ଦନ କରି ପୁନର୍ବାର ଉନ୍ମୀଳିତ କରିବାରେ ସର୍ବବସ୍ତୁ ପୂର୍ବବତ୍ ଦେଖିଲୁଁ । ସମସ୍ତ ଉତ୍ତମରୂପରେ ପର୍ଯ୍ୟବେକ୍ଷଣ କରିବା ପରେ ନୟନଗୋଚର ହେଲା ଯେ 'ଆମ୍ଭର ମଳିନ ବସ୍ତ୍ର ମଣିରତ୍ନାଦିବିଭୂଷିତ ସୁନ୍ଦର ପରିଚ୍ଛଦରେ ପରିଣତ ହୋଇଅଛି ।' ଦେଖି ଚକ୍ଷୁସ୍ଥିର ହୋଇଗଲା– ଆଉ ବୁଦ୍ଧି ବାହାରିଲା ନାହିଁ; ଦରିଦ୍ରଲୋକେ ଅନେକଦିନ ଦୁଃଖରେ କାଳଯାପନ କରି ଭାଗ୍ୟକ୍ରମେ ହଠାତ୍ କୌଣସି ସ୍ଥାନରୁ ଅପର୍ଯ୍ୟାପ୍ତ ଧନ ପ୍ରାପ୍ତ ହେଲେ ସେମାନଙ୍କ ମନରେ ଏତେଦୂର ପର୍ଯ୍ୟନ୍ତ ଆନନ୍ଦ ଜାତ ହୁଏ ଯେ ଆଉ ବାଙ୍ନିଷ୍ପତ୍ତିର ଶକ୍ତି ରହେ ନାହିଁ କିନ୍ତୁ ସ୍ଥିରଲୋଚନରେ ସମସ୍ତ ଆନନ୍ଦର ଲକ୍ଷଣ ଦେଖାଯାଏ ପୁଣି ସନ୍ଦେହ ମନରେ ପ୍ରଭୂତାଧିପତ୍ୟ ସ୍ଥାପନ କରି ମୁଖକାନ୍ତିରେ ଅନ୍ୟ ଏକ ଭାବ ପ୍ରକାଶ କରେ, ଆମ୍ଭେ ମଧ୍ୟ ତେତେବେଳେ ××× ଦ୍ୱିଧାବସ୍ଥାରେ ପତିତା ହେଲୁ । ପରମେଶ୍ୱର ଆମ୍ଭ ପ୍ରତି ××× ନିର୍ବାଣୋନ୍ମୁଖ ପ୍ରଦୀପ ତୈଳବର୍ତ୍ତୀ ପାଇ ପ୍ରଦୀପ୍ତ ହୋଇ ××× ମୂଳରେ ବାରି ପ୍ରାପ୍ତ ହେବାରୁ ତେଜୀୟସୀ ହୋଇ ଉଠି ××× ପ୍ରଫୁଲ୍ଲିତ ହୋଇଆସିଲା । ପୁଣି ସେହିକ୍ଷଣି ××× ଏକାଧିପତ୍ୟ ସ୍ଥାପନ କରିବାରୁ ଆମ୍ଭେ ××× ଆଉ ତହିଁ ସଙ୍ଗେ ୨ ଇନ୍ଦ୍ରିୟମାନେ ××× ।

××× ସଖିମାନଙ୍କ ମଧ୍ୟସ୍ଥିତା ଉତ୍କୃଷ୍ଟରୂପ ××× ଆଡ଼କୁ ଦୃଷ୍ଟିପାତ କରି ସୁମଧୁର ସ୍ୱରରେ ମନ୍ଦ ୨ ହସୁ ୨ କହିଲେ 'ପ୍ରିୟସଖି ! ଆମ୍ଭମାନଙ୍କୁ ଦେଖି ବିସ୍ମିତା ନ ହୁଅ । ଆମ୍ଭମାନଙ୍କ ନିବାସ ଏହିଠାରେ । ଆମ୍ଭେ ଏହିସ୍ଥାନର ଅଧିପତି ସତ୍ୟସିନ୍ଧୁ ରାୟଙ୍କ ଦୁହିତା, ଆମ୍ଭର ନାମ କୁସୁମକୁମାରୀ; ଏମାନେ ଆମ୍ଭର ସହଚରୀ ଅଟନ୍ତି, ଆଜି ଆମ୍ଭେ ସଖିମାନଙ୍କ ସହିତରେ ମହାନଦୀ ତୀରସ୍ଥ ଅପୂର୍ବ ଉଦ୍ୟାନକୁ ଭ୍ରମଣ କରିବାକୁଯାଇ ତତ୍ରସ୍ଥ ମନୋହର ଲତା ମଣ୍ଡପରେ ତୁମ୍ଭେ ନିତାନ୍ତ ମଳିନବସ୍ତ୍ରରେ ଶୋଇଥିବାର ଦେଖିଲୁ । ତୁମ୍ଭ ନୟନଦ୍ୱୟରୁ ଅବିରତ ଅଶ୍ରୁଧାରା ବିନିର୍ଗତ ହେଉଥିଲା, ସୁଦୀର୍ଘ ନିଶ୍ୱାସମାନ ପ୍ରକ୍ଷିପ୍ତ ହେଉଥିଲା । ଏହା ଦେଖି ମନ ଦୟାର୍ଦ୍ର ନ ହୋଇ ରହିପାରିଲା ନାହିଁ । ଅପରିଚିତା ଥିଲେ ମଧ ତୁମ୍ଭର ଅବସ୍ଥା ଦେଖି ତତ୍କ୍ଷଣାତ୍ ତୁମ୍ଭର ନିଦ୍ରିତାବସ୍ଥାରେ

ସଖିମାନଙ୍କଦ୍ୱାରା ସୁନ୍ଦର ପରିଚ୍ଛଦ ପରିଧାନ କରାଇ ଦେଇ ରଥରେ ବସାଇଲୁଁ କିନ୍ତୁ ଏଠାରେ ଉପସ୍ଥିତା ହୋଇ ଦେଖିଲୁଁ ଯେ ତୁମ୍ଭେ ତତ୍‌କାଳ ପର୍ଯ୍ୟନ୍ତ ମଧ୍ୟ ଜାଗ୍ରତ ହୋଇନାହିଁ । ତତ୍ପରେ ତୁମ୍ଭଙ୍କୁ ଏହି ପର୍ଯ୍ୟଙ୍କୋପରି ଶୁଆଇ ଦେଲୁଁ । ଏହି ନଗରର ନାମ ଦନ୍‌ଗରପୁର, ମନେକର ନା ଯେ ଆମ୍ଭେ ତୁମ୍ଭଙ୍କୁ ପ୍ରବଞ୍ଚନା ବା ଉପହାସ କରୁଅଛୁଁ; ଆମ୍ଭେ ଯାହା ୨ କହିଲୁ ସମସ୍ତ ସତ୍ୟ ଅଟଇ । ଯେବେ ଆମ୍ଭର ଏହି କାର୍ଯ୍ୟ ଦ୍ୱାରା ତୁମ୍ଭର କିଛି ଅନିଷ୍ଟ ଘଟିଥାଏ କି ଘଟିବାର ସମ୍ଭାବନା ଥାଏ ତେବେ ଆମ୍ଭେ କ୍ଷମାପ୍ରାର୍ଥନା କରୁଅଛୁଁ; (ଆଉ) ମାତ୍ର ଯେବେ ତଦ୍ୱାରା କିଛି ଅନିଷ୍ଟ ଘଟିବାର ଆଶଙ୍କା ନ ଥାଏ ତେବେ ଆମ୍ଭର ଗୋଟିଏ ନିତାନ୍ତ କୌତୁହଳ ଜାତ ହୋଇଅଛି ତାହା ପୂର୍ଣ୍ଣ କରିବାକୁ ବିମନା ନ ହେବ । ଆମ୍ଭେ ତୁମ୍ଭର ପରିଚୟ ପଚାରୁଅଛୁଁ ।'

''ଇତି ମଧରେ ଆମ୍ଭେ ଉଠି ବସି ଥିଲୁଁ ××× ପର୍ଯ୍ୟନ୍ତ ତାହାଙ୍କ ମୁଖରୁ ଏ ପ୍ରକାର ସୁଧାବୃଷ୍ଟି ହେଉଥିଲା ××× ପର୍ଯ୍ୟନ୍ତ ଆମ୍ଭର କର୍ଣ୍ଣଦ୍ୱୟ ଅବିଶ୍ରାନ୍ତ ରୂପେ ତାହା ××× ଦ୍ୱୟ ତାହାଙ୍କର ଅକଳଙ୍କ ଚନ୍ଦ୍ରିମା ମୁଖକୁ ××× ହିଥିଲେ; କିନ୍ତୁ ସେହି ଅମୃତ ବୃଷ୍ଟି କ୍ଷାଏ ××× ଚକ୍ଷୁଦ୍ୱୟରୁ ବିଗଳିତ ହୋଇ ଅନ୍ତଃ ××× ବିହ୍ୱଳ ଭାବରେ ତାହାଙ୍କର ପାଦ ଚୁମ୍ବନ ××× ଉଠାଇ ନିକଟରେ ବସାଇଲେ । କେତେକକ୍ଷଣ ପରେ କିଞ୍ଚିତ୍ ଶାନ୍ତ ହେଲାରୁ କହିଲୁଁ 'ଆର୍ଯ୍ୟେ ! ଏତେ ବିନୀତ ହେବାର ଆବଶ୍ୟକ ନାହିଁ । ଆପଣ ଏଡ଼େ ମହଦ୍ୱଂଶରେ ଜନ୍ମଗ୍ରହଣ କରି ଯେ ଗୋଟିଏ ଦୀନହୀନ ତୁଚ୍ଛ ପଦାର୍ଥଠାରେ ନମ୍ରତା ପ୍ରକାଶ କରୁଅଛନ୍ତି ଏହା କେବଳ ଆପଣଙ୍କ ଉଦାରତାର ପରିଚୟ ଦେଉଅଛି । ଆମ୍ଭେ ପରମେଶ୍ୱରଙ୍କର କ୍ରୀଡା-ପଦାର୍ଥ । ଆମ୍ଭଙ୍କୁ ଘେନି ଯେ ଯାହା କରୁ ଆମ୍ଭର କୌଣସି ପ୍ରକାର ଅନିଷ୍ଟ ଘଟିବ ନାହିଁ; ପରନ୍ତୁ ଅନିଷ୍ଟ ହୋଇଅଛି ବୋଲି କହିଲେ ନିତାନ୍ତ ନିର୍ଲଜ୍ଜା ବୋଲି ପରିଚିତା ହେବୁଁ । ସେ ଯାହା ହେଉ ଆମ୍ଭେ ଯେ ଏତେ ଶୀଘ୍ର ଆପଣଙ୍କର 'ପ୍ରିୟସଖୀ' ବୋଲି ଅଭିହିତା ହୋଇଅଛୁଁ ଏହା ସ୍ୱପ୍ନ ପରି ପ୍ରତୀତ ହେଉଅଛି ।' ଆମ୍ଭେ ତତ୍ପରେ ବିଗତଜୀବନ ବୃତ୍ତାନ୍ତ ବର୍ଣ୍ଣନ କଲୁଁ । ସେ ତାହା ଶୁଣି ବହୁତ ଦୁଃଖ ପ୍ରକାଶ କରି କହିଲେ 'ସଂସାର ଯେ ବିଷମୟ ତାହା ତୁମ୍ଭରି ଜୀବନ ବୃତ୍ତାନ୍ତରୁ ବିଶେଷ ଉପଲବ୍ଧ ହେଉଅଛି । ତୁମ୍ଭେ ଆଉ ବ୍ୟାକୁଳା ନହୁଅ । ଯାହାଙ୍କୁ ଖୋଜିବା ନିମନ୍ତେ ଆସିଅଛ ତାହାଙ୍କୁ ଯେ ସହଜରେ ପାଇବ ଏପରି ଅନୁମାନ ହୋଇପାରୁନାହିଁ । ତେବେ କିଛିଦିନ କ୍ଷାନ୍ତ ହୁଅ । ସମୟ ସବୁ କରିପାରେ ।— ଆସ, (ଆମ୍ଭେ) ଆମ୍ଭେମାନେ ତୁମ୍ଭର ସର୍ବଦା ମନ ଯୋଗାଇ(ବୁ)ବୁଁ ।' ଏହା କହି ଆମ୍ଭଙ୍କୁ ସାଦର ଗାଢ଼ାଲିଙ୍ଗନ କଲେ । ଆମ୍ଭ ଅନ୍ତଃ- କରଣ ଆନନ୍ଦରେ ନାଚି ଉଠିଲା; ମନ ପ୍ରାୟ ସବୁ କଥା ଭୁଲିଗଲା; (ଆଉ) ଆମ୍ଭେ ପୁନର୍ବାର ତାଙ୍କର ପାଦ ଚୁମ୍ବନ କଲୁଁ ।

''ପରେ ନାନାପ୍ରକାର କଥାବାର୍ତ୍ତା ହେଲା ଉତ୍ତାରୁ ଆମ୍ଭେ ସମସ୍ତଙ୍କ ସହିତ ××× ପରସ୍ପର ମନର କଥା ବ୍ୟକ୍ତ କରିବାରେ କୁସୁମକୁମାରୀ ଅତି ଅଳ୍ପଦିନ ମଧ୍ୟରେ ଏତେ ଦୂର ସ୍ନେହ ଜାତ ××× ଏକଦଣ୍ଡ ନ ଦେଖିଲେ ଚିନ୍ତାରେ ବ୍ୟାକୁଳ ହେଉଥିଲେ ××× ଅନେକ ଦିନ ଗତ ହେଲା । ଦିନେ ଦୁହେଁ ଏକାଠି ××× ନାନାପ୍ରକାର ମିଷ୍ଟାଳାପ କରୁଅଛୁଁ ପ୍ରିୟ ସଖି ! କେବେ ଆପଣଙ୍କର ବିବାହ ହେବ ××× ଚରିତାର୍ଥ ଜ୍ଞାନ କରିବୁଁ ?' —ଏହା ××× ଅଶ୍ରୁବାରିରେ ପରିପୂରିତ ହୋଇ ××× ପ୍ରାୟ ବହିଲା; ଏବଂ କେତେକ କ୍ଷଣ ପରେ କ୍ରୋଧ ସମ୍ବରଣ କରି କହିଲେ 'ଯେଉଁଦିନୁଁ ତୁମ୍ଭପ୍ରତି ଆମ୍ଭର ଏକାନ୍ତ ପ୍ରଣୟ ଜାତ ହୋଇଅଛି ସେହି ଦିନୁଁ ଆମ୍ଭେ ଏହିରୂପ ପ୍ରତିଜ୍ଞା କରିଅଛୁଁ ଯେ ତୁମ୍ଭେ ବିବାହିତା ନହେଲେ ଆମ୍ଭେ ବିବାହିତା ହେବୁଁ ନାହିଁ କାରଣ ପ୍ରିୟସଖୀଙ୍କ ଦୁଃଖ ସମୟରେ ଆପଣାର ସୁଖାଭିଳାଷ (କଷ୍ଟ) କରିବା ଆମ୍ଭର ଅଭୀଷ୍ଟ ନୁହଇ ।' ଆମ୍ଭେ ତାହା ଶୁଣି ଅନେକ କରି ବୁଝାଇ କହିଲୁଁ 'ଆପଣ ଏ ପ୍ରକାର କୁଳକନ୍ୟା-ବିରୁଦ୍ଧ-ସାହସ ଆଶ୍ରୟ କରି ଦୁସ୍ତର ପ୍ରତିଜ୍ଞା କିପାଁଇ ଅବଲମ୍ବନ କଲେ ? ଆମ୍ଭେ ଯେ ଚନ୍ଦ୍ରବିଳାସଙ୍କୁ ପୁନଃ ପ୍ରାପ୍ତ ହେବୁଁ ତାହାର କିଛି ମାତ୍ର ଆଶା ନାହିଁ । ଆମ୍ଭ ନିମନ୍ତେ ଆପଣ କିପାଁଇ ଦୁଃଖ ଭୋଗ କରିବେ ? ଯେତେବେଳେ ପିତାମାତାଙ୍କ କଥା ଅବହେଳା କରିବାରୁ ସେମାନଙ୍କ ମନରେ ଦୁଃଖ ଉପସ୍ଥିତ ହେବ ଆଉ ଆମ୍ଭେ ତହିଁର କାରଣ ବୋଲି [ଜାଣିପାରି] ସେମାନେ ବିରକ୍ତ ହେବେ ତେତେବେଳେ ଆମ୍ଭେ ନିଶ୍ଚୟ ମନେ କରିବୁଁ ଯେ କୁକ୍ଷଣରେ ଆମ୍ଭଙ୍କୁ ଆପଣ ଦେଖିଥିଲେ । ଏବେ ଯାହା କଲେ ଗୁରୁଜନମାନଙ୍କର ଆଜ୍ଞା-ଲଙ୍ଘନ ନ ହେବ ତାହା କରନ୍ତୁ ।' କିନ୍ତୁ ସେ ମାନିଲେ ନାହିଁ— କେବଳ କହିଲେ 'ଭଲା, ସମୟ ଅଛି, ବୁଝାଯିବ ।' ଯେତେବେଳେ ଏତେଦୂର ପର୍ଯ୍ୟନ୍ତ ଭାବ ହୋଇଗଲା, ଆମ୍ଭେ ତାହାଙ୍କଠାରୁ ବିଦାୟ ହୋଇ ଆସି ଆମ୍ଭମାନଙ୍କ ଦୁଃଖର ଅବସାନ ନିମନ୍ତେ ବିଶ୍ୱେଶ୍ୱରଙ୍କୁ ପୂଜା କରୁଅଛୁଁ । ଆମ୍ଭେ ପୂଜାକରିବାର ଆଜି ଚତ୍ୱାରିଂଶତ୍ ଦିନ; ଆଉ ସମୟରେ ମଧ ବରପ୍ରାପ୍ତ ହୋଇଅଛୁଁ । ମହାଶୟ ! ଜୀବନ ବୃତ୍ତାନ୍ତର ଉପସଂହାର ସ୍ଥଳରେ ଏତିକି ବକ୍ତବ୍ୟ ଯେ ଏହି ନିର୍ଜ୍ଜନବନରେ ବର୍ତ୍ତମାନ ଆପଣଙ୍କୁ ସଖାତୁଲ୍ୟ ପାଇ ଯତ୍‌ପରୋନାସ୍ତି ଆନନ୍ଦିତା ହୋଇଅଛୁଁ;— ପରେ ଆପଣଙ୍କର ପରିଚୟ ପ୍ରାପ୍ତ ହେଲେ ଅଧୀନ ××× ପରମସୁଖୀ ଜ୍ଞାନ କରି କରିବ ।''

— ଏହା କହି ସେ କ୍ଷାନ୍ତ ହେଲେ । ଜୟସିଂହ ××× ତାହା ଶୁଣୁଥିଲେ; କଥା ସାଙ୍ଗହେଲେ ଆଉ କ୍ରୋଧ ××× ନାହିଁ ଚକ୍ଷୁଦ୍ୱୟରୁ ଅପର୍ଯ୍ୟାପ୍ତ ଅଶ୍ରୁଧାରା ବିଗଳିତ ××× । ପରେ କିଞ୍ଚିତ୍ ଶାନ୍ତ ହେଉ ଆପଣାର ××× ପର୍ଯ୍ୟନ୍ତ ଯାହା ୨ ଘଟିଥିଲା ତାହା ସମ ××× 'ଭଗିନି ଆନନ୍ଦମୟି ! ତୁମ୍ଭେ ଖୁଡ଼ୁ ××× ଆନନ୍ଦମୟୀ ଉତ୍ତର କଲେ 'ନା, ମହାଶୟ,

××× ସେମାନଙ୍କର କଥା କାହୁଁ ଶୁଣିବା ?— ସେମାନେ ଯେ ଆମ୍ଭଙ୍କୁ ଖୋଜିନାହାନ୍ତି ଏହା ବିଶେଷ ଉପଲବ୍ଧ ହୋଇପାରେ । ବିଷୟ ଭୋଗ ସେମାନଙ୍କର ପ୍ରଧାନ କଥା । ଆନନ୍ଦମୟୀ ସେ ବିଷୟରେ ସେମାନଙ୍କର କଣ୍ଟକ ସ୍ୱରୂପ ଥିଲା— ସେମାନେ କାହିଁକି (ଆମ୍ଭଙ୍କୁ) ତାହାକୁ ପଚାରିବେ ?'

ଏହିପ୍ରକାରେ ପରସ୍ପର ଆପଣା ୨ ଦୁଃଖର କଥା କହିବାରେ ସେମାନଙ୍କ ନୟନରୁ ଏତେ ଅଧିକ ଅଶ୍ରୁଧାରା ବିସର୍ଜ୍ଜିତ ହୋଇଥିଲା ଯେ ବସ୍ତ୍ରାଞ୍ଚଳ ସମ୍ପୂର୍ଣ୍ଣ ସିକ୍ତ ହୋଇ(ଯାଇଥିଲା)ଗଲା । ତଦନନ୍ତର ସର୍ବଶୋକସନ୍ତାପହାରିଣୀ ନିଦ୍ରା ଆକ୍ରମଣ କଲାରୁ ସେମାନେ ନିଦ୍ରାଭିଭୂତ ହେଲେ ।

—୦—

## ଦ୍ୱାବିଂଶ ପରିଚ୍ଛେଦ ।

## ଏକାକୀ ।

ରାତ୍ର ପ୍ରକାଶ ହୋଇ ଆସୁଅଛି । ପ୍ରକୃତିଦେବୀଙ୍କ ସଙ୍ଗୀତ ଏପର୍ଯ୍ୟନ୍ତ ମଧ ଆରମ୍ଭ ହୋଇନାହିଁ— ବିହଙ୍ଗସୃଷ୍ଟିରେ କୌଣସି ୨ ଜାତି କେବେ ୨ ସୁମଧୁର ସ୍ୱର ଉଚ୍ଚାରଣ କରୁଅଛନ୍ତି ମାତ୍ର । ନକ୍ଷତ୍ରଗଣ ମଳିନ ଦିଶୁଅଛନ୍ତି ଆଉ ପ୍ରାତଃସମୀରଣ ପ୍ରବାହିତ ହୋଇ ଯେଉଁ କୁଟୀରରେ ଆନନ୍ଦମୟୀ ଓ ଜୟସିଂହ ଶୟନ କରିଥିଲେ ସେଠାରେ ପ୍ରବେଶ ହେଲା । ଆନନ୍ଦମୟୀ ଜାଗରିତା ହୋଇ ବୀଣାଖଣ୍ଡ ଧାରଣକରି ବୀଣାନିନ୍ଦିତସ୍ୱରରେ ଗାନ କରୁଅଛନ୍ତି—

ରାଗିଣୀ ଭୈରବୀ । ତାଳ ମଧମାନ ।

ଭୋ ରକ୍ଷା କର ଏ ଦୁଃଖିନୀ ।— ପ୍ରଭୋ ଜଗନ୍ନାଥ !<br>
××× ତୁମ୍ଭ ପଦକମଳାଶ୍ରୟଭାଗିନୀ । ପଦ ।<br>
××× ନାଥ,        ଜଗତ୍ପାତଃ ବିଶ୍ୱତାତ,<br>
××× ବାରି,        ଦିଅ ଏହୁ ଅଭାଗିନୀ ।୧।

××× ଶାକଳକଣ୍ଠଜିଣାକଣ୍ଠୀ ରମଣୀକଣ୍ଠ ବୀଣାବାଦ୍ୟୋଥିତ ××× ସୂର୍ଯ୍ୟୋଦୟର ପ୍ରାକ୍‌କାଳରେ ଗାୟନ କରି ସମସ୍ତ ××× ଦେବି କହ୍ନେ ! ଏହା କିପରି ××× କେବଳ ତୁମ୍ଭରି ଅଛି । ନିତ୍ୟକର୍ମ ××× ଭକ୍ତି ସହିତରେ ସୁମଧୁର ସ୍ୱରରେ ପ୍ରାର୍ଥନା କଲେ ।— ××× ଆହା ଆନନ୍ଦମୟି ! ଆନନ୍ଦାର୍ଣ୍ଣ ××× ରେ ପରିପ୍ଲୁତ ହେଲା ! ଶାନ୍ତିର ବେଗ ଯେ ଚତୁର୍ଦ୍ଦିଗରେ ପ୍ରବାହିତ ହେଲା ! ପ୍ରକୃତି ଦେବୀ ଯେ ଆନନ୍ଦରେ ଶିହରି ଉଠିଲେ ।—

ହା ଆନନ୍ଦମୟି ! ପ୍ରଭୁ ଜଗନ୍ନାଥ ତୁମ୍ଭର ମନୋବାଞ୍ଛା ସିଦ୍ଧ କରନ୍ତୁ ।

ଇତିମଧ୍ୟରେ ଜୟସିଂହଙ୍କର ନିଦ୍ରାଭଙ୍ଗ ହୋଇଥିଲା କିନ୍ତୁ ସେ ଉଠିଲେ ନାହିଁ– ଯେଉଁ ହୃଦୟଶୀତଳକାରକ ସୁମଧୁର ସଙ୍ଗୀତାମୃତ ଚତୁର୍ଦ୍ଦିଗରେ ସିଞ୍ଚିତ ହେଉଥିଲା ତହିଁରେ ସେ ଆପଣାର ତାପିତ ହୃଦୟକୁ ଶୀତଳ କରୁଥିଲେ, ଯେଉଁ ଜୀବନୋଦ୍ଧାରକ ସଙ୍ଗୀତ ସଞ୍ଜୀବନୀମନ୍ତ୍ର ଶାନ୍ତିବାରି ସହିତରେ ଚାରିଆଡେ ନିକ୍ଷିପ୍ତ ହେଉଥିଲା ତହିଁରେ ସେ ଆପଣାର ଭଗ୍ନହୃଦୟକୁ ଜୋଡୁଥିଲେ; ଭୂତ, ଭବିଷ୍ୟତ ବର୍ତ୍ତମାନର ସମସ୍ତ କଥା ବିସ୍ମୃତ ହୋଇ ମୁଗ୍ଧଭାବରେ ସଙ୍ଗୀତ-ସାଗରରେ ବୁଡ଼ିରହିଥିଲେ; ଶୀତଳଭାବରେ ଉତ୍ତେଜିତ ହୋଇ ସଂସାରପାଳକ ସେହି ଅନାଦି ଅନନ୍ତ ଜଗଦୀଶ୍ୱରଙ୍କ ପାଦପଦ୍ମ ଧ୍ୟାନ କରୁଥିଲେ ।

ଗୀତ ବନ୍ଦହେଲା । କ୍ଷଣକାଳ ନିମନ୍ତେ ଚତୁର୍ଦ୍ଦିକ ଶୂନ୍ୟପ୍ରାୟ ବୋଧ ହେଲା କିନ୍ତୁ ପରମୁହୂର୍ତ୍ତରେ କାକପିକକପୋତାଦି ବନବିହଙ୍ଗଜାତିର ସୁମଧୁର ସଙ୍ଗୀତ ଶ୍ରୁତ ହେଲା । ଜୟସିଂହ ଗାତ୍ରୋତ୍ଥାନ କରି ଆନନ୍ଦମୟିଙ୍କୁ ତାହାଙ୍କର ଏତାବତ୍ ଗୁଣନିମନ୍ତେ ଶତ ୨ ଧନ୍ୟବାଦ ଦେଲେ, ବୀଣାବଜାଇବାରେ ତାହାଙ୍କର ଏତାଦୃଶୀ କ୍ଷମତା ଓ ତାହାଙ୍କର ତ୍ରୈଲୋକ୍ୟମନୋହାରୀ କଣ୍ଠନିଃସୃତ ସ୍ୱରକୁ ଶତଥର ପ୍ରଶଂସା କଲେ ଏବଂ ଆପେ ଖଣ୍ଡିଏ ବୀଣା ନେଇ ତାହାଙ୍କ ସଙ୍ଗରେ ଏକଲୟ ଓ ଏକତାନରେ (ଗାନ କରୁଅଛନ୍ତି) ଗାଇଲେ

ରାଗିଣୀ ଶଙ୍କର୍ । ତାଳ ଖେମଟା ।

ବିଷମ ସଂସାରେ ବିଭୋ ! ପାରିକର ଦୀନଜନ ×××  
ଦୀନବନ୍ଧୁ ନାମ ତବ ଦୀନୋଦ୍ଧାରଣ କାରଣ ××× ...  
ସଂସାର ଶୋକସାଗରେ, ପୋତେ ଯେ××× କର୍ଣ୍ଣଧାର ତାର, କରୁଣାବହି ସୁମନେ । ୧ ।  
ଦୁଃଖିଙ୍କ ଆଶା ଭରସା, ନାହିଁ କେ ××× ....ତେ, ଶରଣ ତୁମ୍ଭ ଚରଣେ । ୨ ।

କେଜାଣି ପ୍ରଭୁଙ୍କର ଗାନ ଶେଷ ××× ନରେ ଚାରିଜଣ ଖଡ୍ଗଧାରୀ ସୈନିକ ପୁରୁଷ ×××ହୋଇ କହିଲେ ‘ପ୍ରଭୁଙ୍କ ନାମ କୀର୍ତ୍ତନ××× କରୁଣାସାଗର ହୋଇ ଦୀନବନ୍ଧୁ ନାମକୁ ସର୍ବଦା ପ୍ରତିପନ୍ନ କରାଉଅଛନ୍ତି । ଆନନ୍ଦମୟୀ ହଠାତ୍ ବୀଣାଛାଡ଼ି ଶଶବ୍ୟସ୍ତ ହୋଇ ଉଠିଯାଇ ସେମାନଙ୍କୁ ଆଗମନକାରଣ ପଚାରିଲେ । ପ୍ରଧାନ ସୈନିକ ପୁରୁଷ ପ୍ରଥମତଃ ଆନନ୍ଦମୟୀଙ୍କି କୁଶଳ ସମ୍ବାଦ ପଚାରି କହିଲେ ‘ତୁମ୍ଭେ କି ଜାଣ ନା ଆମ୍ଭେମାନେ କି ନିମନ୍ତେ ଆସିଅଛୁଁ ? ତୁମ୍ଭର ସଖୀ ବାର୍ତ୍ତା ଦେଇଅଛନ୍ତି ଯେତେ ଶୀଘ୍ର ପାର ଦେବପୂଜା ସାଙ୍ଗକରି ଆଜି ତାହାଙ୍କ ସହିତ ସାକ୍ଷାତ କରିବ । ଆମ୍ଭେମାନେ ରାତ୍ର ପ୍ରହରେ ଥାଉଁ ଆସୁଅଛୁଁ ।’ ଆନନ୍ଦମୟୀ କହିଲେ ‘କୁସୁମକୁମାରୀ କୁଶଳରେ ଅଛନ୍ତିତ ? ପୁରବାସୀ

ସମସ୍ତଙ୍କର ମଙ୍ଗଳତ ?' ସୈନିକ ପୁରୁଷ ଉତ୍ତର କଲେ 'କୁସୁମକୁମାରୀଙ୍କ ଶାରୀରିକ ମଙ୍ଗଳ । ନଗରରେ କିଛି ଗୋଳମାଳ ନାହିଁ ।' ଆନନ୍ଦମୟୀ ଆନନ୍ଦିତା ହୋଇ କହିଲେ 'ତୁମ୍ଭେମାନେ ଉତ୍ତମ ବେଳଜାଣି ଆସିଅଛ । କାଲି ଦେବପୂଜାର ଚତ୍ୱାରିଂଶତ୍ ଦିନ ପଡ଼ିଥିଲା । ମୃତ୍ୟୁଞ୍ଜୟ କାଲି ସନ୍ତୁଷ୍ଟହୋଇ ବର ପ୍ରଦାନ କରିଅଛନ୍ତି । ଆମ୍ଭେତ ଆଜି ଯିବାନିମନ୍ତେ ଇଚ୍ଛାକରିଥିଲୁଁ ତୁମ୍ଭେମାନେ କାହିଁକି ଆସିଲ ?' ସୈନିକ ପୁରୁଷ ବରପ୍ରାପ୍ତି କଥା ଶୁଣି ଆନନ୍ଦରେ ଗଦ୍ ୨ ହୋଇ କହିଲେ 'ଆନନ୍ଦମୟି ! ଆମ୍ଭମାନଙ୍କ ଦେହରେ ରକ୍ତ ହେଲା । ସତ୍ୟକରି କହିଲ ମୃତ୍ୟୁଞ୍ଜୟ ବର ଦେଇଅଛନ୍ତି ତ ?

ଅ ।—ଆମ୍ଭେ କି ତୁମ୍ଭଙ୍କୁ ପରିହାସ କରୁଅଛୁଁ ?

ସୈ, ପୁ ।—ଯାହା ହେଉ ଏତେ ଦିନେ ଆମ୍ଭମାନଙ୍କ ଜୀବନରେ ଜୀବନ ହେଲା । ଯେତେବେଳେ ଦୈବ ସନ୍ତୁଷ୍ଟ ହେଲେଣି ତେତେବେଳେ ତୁମ୍ଭେ ଅବଶ୍ୟ ଚନ୍ଦ୍ରବିଳାସଙ୍କୁ ପ୍ରାପ୍ତ ହେବ; ଆଉ ତାହା ହେଲେ ××× ଆମ୍ଭମାନଙ୍କ ରାଜନନ୍ଦନୀ କୁସୁମକୁମାରୀଙ୍କି ବିବାହିତା ×××

××× କ କାର୍ଯ୍ୟ ଥିଲା ଯେ ତୁମ୍ଭେମାନେ ଲଣ୍ଡଉଣ୍ଡ ×××

××× କି କୁସୁମକୁମାରୀଙ୍କ କଥା ଜାଣନା ଯେ ××× ଏତେ ସାମାନ୍ୟ କାର୍ଯ୍ୟ ହେଉନା କାହିଁକି ××× ବ ନାହିଁ । ଅନେକ ଦିନ ହେଲା ××× ଏକ ପ୍ରକାର ଅଥୟ ହୋଇଯାଇ ××× ।

ଆ ।—ତହିଁରେ ଆଉ କ୍ଷତି କି ଅଛି ? ଦେବପୂଜା କର୍ମ କାଲିଠାରୁ ଶେଷ ହେଲା ଆଉ ଏଠାରେ ରହି କିଛି କାର୍ଯ୍ୟ ନାହିଁ । ତେବେ ତୁମ୍ଭେମାନେ କିଛି କାଳ ନିମନ୍ତେ ବିଶ୍ରାମ କର ।—ସେ କି ଆମ୍ଭଙ୍କୁ ସଙ୍ଗେ ୨ ଘେନି ଯିବାକୁ କହିଅଛନ୍ତି ?

ସୈ, ପୁ ।—ତାହା ଆଉ ପଚାରିବାକୁ ହେବ ନାହିଁ । ସେ କହିଅଛନ୍ତି 'ହଜାର କହିଲେ ମଧ୍ୟ ଛାଡ଼ି ଆସିବ ନାହିଁ ।'

ଆନନ୍ଦମୟୀ ସେମାନ(ଙ୍କ)ଙ୍କୁ ବସିବା ନିମନ୍ତେ ଆସନ(ପକାଇ)ଦେଲେ । ଅନେକାନେକ କଥା ହେଲାରୁ(ସେମାନଙ୍କ)ତା ସହିତ ଜୟସିଂହଙ୍କୁ ପରିଚିତ କରାଇ ଦେଲେ । ଜୟସିଂହଙ୍କର ଏତାଦୃଶ ଦୁରବସ୍ଥା ଶୁଣି ସେମାନେ ଅତ୍ୟନ୍ତ ଦୁଃଖିତ ହେଲେ ଏବଂ ଦୀର୍ଘନିଶ୍ୱାସ ପକାଇ କହିଲେ, 'ହଁ, ଭଗବାନଙ୍କର ଇଚ୍ଛା' । ଆମ୍ଭେ ମଧ୍ୟ କହୁଁ—

ଦୁଃଖରେ ପଡ଼ିଲେ କେବେ ଦୁଃଖିତ ନୋହିବ—<br>
ଜଗଦୀଶ-ଇଚ୍ଛା ବୋଲି ମନରେ ମଣିବ ।

ତତ୍ପରେ ଅନେକ ପ୍ରକାର ଗଳ୍ପ ହେଲା । ଇତ୍ୟବସରେ ଆନନ୍ଦମୟୀ ଜୟସିଂହଙ୍କୁ କହିଲେ 'ଭ୍ରାତଃ ! ଆମ୍ଭେ ଯାଉ ଅଛୁଁ ?'

ଜୟ ।—ପ୍ରିୟସଖୀ ଡାକି ଅଛନ୍ତି ଯିବ ନାହିଁ ? ଆହା ! କୁସୁମକୁମାରୀଙ୍କ ପରି ଲୋକ ଯାହାର ସହଚରୀ ତାହାର କେଉଁ କଥାରେ କଷ୍ଟ ? ଯାଅ, ଭଗବାନ ତୁମ୍ଭ ଓ ତୁମ୍ଭ ସଖୀଙ୍କର ମନୋରଥ ସିଦ୍ଧକରନ୍ତୁ । ତୁମ୍ଭେ ସଖୀ ଗୃହକୁ ଯାଅ, ଆମ୍ଭେ ମଧ୍ୟ ଯାଉଅଛୁଁ ।

ଆ ।—ଆପଣ କେଉଁ ଆଡ଼େ ଯିବେ ?

ଜୟ ।—କାହିଁକି ? ବନରେ ୨ ଭ୍ରମଣ କରିବୁଁ ×××ନାହିଁ ?

ଆ ।—ହା ଭ୍ରାତଃ ! ଆପଣଙ୍କ କଥା ଶୁଣି ×××କରି ପାରୁ ନାହୁଁ । କାଳେ ଆପଣଙ୍କ ମନ××× ହେବ ଏହି ହେତୁରୁ ଭଗିନୀ ମନର କଥା×××କେବେହେଁ ଆପଣଙ୍କର ଉଦାର ଚିତ୍ତ ଆମ୍ଭ××× ମହାତ୍ମନ୍ ! ଆମ୍ଭେ ଯେବେ ଦୁଃଖ ××× ଯାହା ହୋଇ ଥାନ୍ତା; କିନ୍ତୁ ଦୁଃଖ×××ଉତ୍ତମ ଅବଗତ ଅଛୁଁ । ××× ଏପରି ମୋହିତ କରିବ××× କୁ ଆମ୍ଭର ମନ ବଳୁ ନାହିଁ । ଆପଣ ଭୀଷଣ ଅରଣ୍ୟରେ ତୁଚ୍ଛାକୁ କାହିଁକି ଭ୍ରମଣ କରିବେ ? ଆସନ୍ତୁ ସଙ୍ଗ ହୋଇ ଦନ୍‌ଗରପୁର ଯିବା ।

ଜୟ ।—ନା; ତୁମ୍ଭେ ସଖୀଙ୍କଠାକୁ ଯାଅ । ଆମ୍ଭର ମନ କାହିଁକି ନିତାନ୍ତ ସଂସାର-ବିରାଗୀ ହୋଇ ପଡ଼ି ଅଛି । ଆମ୍ଭେ କିଛିଦିନ ବନରେ ବୁଲି ହୃଦୟ ଶୀତଳ ନ କଲେ ମହଦନିଷ୍ଟ ଘଟିବାର ସମ୍ଭାବନା । ତୁମ୍ଭେ ଯାଅ; ଆମ୍ଭେ ବନରେ ୨ ଚନ୍ଦ୍ରବିଳାସଙ୍କର ଅନୁସନ୍ଧାନ କରିବୁଁ । ଆମ୍ଭ ଜୀବନରେ ଯାହା ଘଟିଅଛି ତାହା ଆଉ ଫେରିବ ନାହିଁ । ପରେ ଯେବେ ତୁମ୍ଭ ନିମନ୍ତେ କିଞ୍ଚିତ୍ ଶ୍ରମ କରିଥିବା ତେବେ ଆପଣାର ଜୀବନ ସଫଳ ହେବ । ତୁମ୍ଭେ ଆମ୍ଭଙ୍କୁ ମନା କରିବ ନାହିଁ କାରଣ ଆମ୍ଭେ ଏଥି ମଧ୍ୟରେ କୃତସଂକଳ୍ପ ହୋଇ ବସି ଅଛୁଁ । ତୁମ୍ଭ ପରି ସରଳ ଚିତ୍ତ ଓ ଦୟାର୍ଦ୍ର ଲୋକମାନଙ୍କ ନିମନ୍ତେ ଯେବେ ଶ୍ରମ ସ୍ୱୀକାର ନ କରିବା ତେବେ ଆମ୍ଭମାନଙ୍କ ଜୀବନ ବୃଥାରେ ସୃଜିତ ହୋଇ ଅଛି ବୋଲି ନିଶ୍ଚୟ କରିତ (ଅନୁଭୂତ) ହେବ । ତୁମ୍ଭେ ଯାଅ, ଆମ୍ଭେ କେତେବେଳେ ହେଉ ଈଶ୍ୱର ସହାୟ ହେଲେ ଦନ୍‌ଗରପୁରକୁ ଯାଇ ତୁମ୍ଭ ସହିତ ସାକ୍ଷାତ କରିବୁଁ ।

ଆନନ୍ଦମୟୀ କେତେ କରି କହିଲେ କିନ୍ତୁ ସେ ମାନିଲେ ନାହିଁ—ଚନ୍ଦ୍ରବିଳାସଙ୍କର ଅନ୍ୱେଷଣ ତାହାଙ୍କର ବ୍ରତ ହୋଇ ଥିଲା । କେତେକ୍ଷଣ ପରେ ସମସ୍ତେ ଅଶ୍ରୁପୂର୍ଣ୍ଣ ଲୋଚନରେ ବିଦାୟ ହେଲେ । ଆନନ୍ଦମୟୀ ଓ ଚାରିଜଣ ସୈନିକ ପୁରୁଷ ଜୟସିଂହଙ୍କ ନିମନ୍ତେ ଦୁଃଖଭାରାକ୍ରାନ୍ତ ମନରେ ପଶ୍ଚାଦ୍ଦୃଷ୍ଟି କରୁ ୨ ଦନ୍‌ଗରପୁରକୁ ଯାତ୍ରା କଲେ ଆଉ ଜୟସିଂହ ପୁନର୍ବାର ବିଜନବନ ××× ।

———

## ଜୀବନ-ମାତ୍ରା ।

"××× ଏ"—ମନୁଷ୍ୟ ଓ ହସ୍ତୀ ଏକଶତବିଂଶତି ବର୍ଷ ××× କରୁ ପ୍ରଚାରିତ ଅଛି । କିନ୍ତୁ-ଶତାଧିକ ବର୍ଷ ×××ଦେଖାଯାଏ । ପୁଣି ଅନେକଲୋକେ ×××ଖର୍ବ ହେଉଅଛି । ଏହା କି ସତ୍ୟ ? ×××କତର ସଭ୍ୟ ହେଉଅଛି । ତୁମ୍ଭେ କି ×××କାଳକ୍ରମେ ଅସଭ୍ୟ ହେଲୁଁ ତହିଁରେ ତେତେ କ୍ଷତି ବୃଦ୍ଧି ହୁଏ ନାହିଁ । ଦିନେ ରୋମ ସଭ୍ୟ ସମାଜର ଶିରୋମଣି ଥାଉଁ ୨ ଭଣ୍ଡାଳଙ୍କ (Vandal) ହସ୍ତରେ ପୁନର୍ବାର ଅନ୍ଧ ତିମିରରେ ପ୍ରକ୍ଷିପ୍ତ ହୋଇ ଥିଲା; ମିନର୍ଭାର ଆଥେନ୍‌ସ (Athens) ତୁର୍କିମାନଙ୍କ ହସ୍ତରେ ସଭ୍ୟତାଶିଖରଚ୍ୟୁତ ହୋଇ ଥିଲା; ସେହି ଜଳବୁଦ୍‌ବୁଦର ଉତ୍‌ଥାନ ବା ବିସ୍ଫୋଟନ—ଉଦ୍ବେଳ ସମୁଦ୍ରରେ ଲୋଷ୍ଟ୍ରନିକ୍ଷେପସଞ୍ଜାତ ତରଙ୍ଗ—ସମଗ୍ର ସମାଜର ଉନ୍ନତିସ୍ରୋତ ରୋଧ କରି ନ ପାରେ । ସମାଜର ସମଗ୍ରତା ଆଡ଼କୁ ଲକ୍ଷକଲେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ମାନବ ଜାତି ଦିନ ୨ ସଭ୍ୟତା ସୋପାନରେ ଉନ୍ନତ ହେଉଅଛି ।

ସଭ୍ୟତା କଣ ? ନୂତନ ପରିଚ୍ଛଦ, ନୂତନ ଭାଷା, ନୂତନ ଆଚାର ବ୍ୟବହାର; ଏହା କି ସଭ୍ୟତା ? ବିଜାତୀୟ ଭୋଜନ, ବିଜାତୀୟ ଭ୍ରମଣ, ବିଜାତୀୟ କଥନ ଓ ଉପବେଶନ; ଏହା କି ସଭ୍ୟତା ? ଅଥବା ଏ ସବୁ କି ସଭ୍ୟତାର ବିରୋଧୀ ? ଆମ୍ଭେମାନେ ସଭ୍ୟତାର ଅତି ସଂକ୍ଷେପ ଅର୍ଥ ଯାହା ବୁଝୁଁ, ତାହା ଏହି, ମନୁଷ୍ୟର ପ୍ରକୃତି ତ୍ରୟ—ଦେହ, ମନ, ଆତ୍ମା-ର ଯହିଁରେ ପୂର୍ଣ୍ଣ ବିକାଶ ହୁଏ ତାହାରି ନାମ ସଭ୍ୟତା (ସୁତରାଂ ସଭ୍ୟତାହିଁ ପୁଣ୍ୟ) ଏବଂ ଏହି ତ୍ରୟୀ ପ୍ରକୃତିର ବିକଶନର ଅବରୋଧହିଁ ଅସଭ୍ୟତା—[ସୁତରାଂ ଅସଭ୍ୟତାହିଁ ପାପ] । ଜଡ଼ଜଗତ ସ୍ୱାଧ୍ୟାୟତ୍ତ କରିବା ମାନସିକ ଉନ୍ନତିର ଫଳ—ସୁତରାଂ ସଭ୍ୟତାର ଗୋଟିଏ ଅଙ୍ଗ । ଯେବେ ନୂତନ ଅଶନ, ନୂତନ ବସନ, ନୂତନ ଯାନ, ନୂତନ ଭାଷା ଓ ନୂତନ ଆଚାର ବ୍ୟବହାର ପୂର୍ବୋଲ୍ଲିଖିତ ପ୍ରକୃତି ତ୍ରୟର କୌଣସି ଗୋଟିକର ବିକଶନର ସାହାଯ୍ୟ କରନ୍ତି ତେବେ ସେମାନେ ସଭ୍ୟତାର ଉପକରଣ; ଯେବେ ପ୍ରକୃତି ତ୍ରୟର ଉନ୍ନତି ସଙ୍ଗରେ ××× ଦିଅନ୍ତି ତେବେ ସେ ସବୁ ସଭ୍ୟତାର ଫଳ; ଆଉ ଯେବେ ××× କୌଣସି ଗୋଟିକର ଉନ୍ନତି ସେମାନେ ରୋଧ କରନ୍ତି ××× ଉପକରଣ ନୁହନ୍ତି—ସଭ୍ୟତାର ବିରୋଧୀ ବୋଲି ...ଙ୍କର ଉପକାରିତ୍ୱ ବା ଅନୁପକାରିତ୍ୱ ବ୍ୟକ୍ତି ××× ଲକ୍ଷଣ ଉପରେ ନିର୍ଭର କରେ ।

ଇତିପୂର୍ବେ ଉଲ୍ଲିଖିତ ହୋଇ×××ମାନସିକ ଉନ୍ନତିର ଅବଶ୍ୟମ୍ଭାବୀ ×××ମଧ୍ୟ ଆମ୍ଭେମାନେ ଦେଖୁଅଛୁଁ ଉର୍ଦ୍ଧ୍ୱେ ××× ରାର ଗର୍ଭତଳ ପର୍ଯ୍ୟନ୍ତ ମନୁଷ୍ୟର କରାୟତ୍ତ ହୋଇ ଅଛି । ଯେ ସବୁ ଅଦ୍ୟାପି ବିଦ୍ରୋହୀ ଅଛନ୍ତି ସମୟ କ୍ରମରେ ସେମାନେ ମଧ୍ୟ

ବିଜୟୀ ମାନବ-ହୃଦୟର ପଦାନତ ହୋଇ କର ଯୋଡ଼େ କର ପ୍ରଦାନ କରିବେ । ରାମଧେନୁ ଓ ଧୂମକେତୁ, ମନ୍ଦାକିନୀ ଓ ସମ୍ବର୍ତ୍ତକ, କରକା ଓ ନିହାରମାଳା ନରପୁତ୍ରର ପଦରେଖା ବକ୍ଷରେ ଧାରଣ କରୁ ଅଛନ୍ତି । ଆମ୍ଭର କହିବା ମତେ ସୌଦାମିନୀପ୍ରସୂ ତଡ଼ିତ୍‌ମାଳା ଦେଖାଦିଏ; ନୀଳଗଗନରେ ଚନ୍ଦ୍ର ସୂର୍ଯ୍ୟ ଲକ୍ଷାନ୍ତରେ ଅମ୍ବୁଧିର କରାକର୍ଷଣ କରନ୍ତି; ରାହୁ ଓ କେତୁ ଭୋଜନ ଆଉ ଶୟନ କରନ୍ତି । ବସୁନ୍ଧରାଗର୍ଭଶାୟୀ ଆଗ୍ନେୟଗିରି ମଧ୍ୟ ମନୁଷ୍ୟର କରଭାର ବହନ କରିଥାଏ । ଗଗନବିହାରୀ ପୁଷ୍ପକ ରଥ ଏବେ ମନୁଷ୍ୟର କ୍ଷୀରୋଦମନ୍ଥନୋଦ୍ଭୂତ ରତ୍ନହାର ମନୁଷ୍ୟର ଗଳାରେ; ଦେବତାଙ୍କର ମଧ ଅଜ୍ଞାତ ଲକ୍ଷାନ୍ତ ପ୍ରିୟଦର୍ଶନ (Telescope) ଓ ପ୍ରିୟଶ୍ରବଣ (Telephone) ବିଶ୍ୱରାଜକୁମାର ନରସୁନ୍ଦରର ଗଳଦେଶରେ । କେବଳ ଅମୃତରେ କି ଆମ୍ଭେମାନେ ବଞ୍ଚିତ ଥିବା ? ମନୁଷ୍ୟ କି ଅମର ହେବେ ନାହିଁ ?

ସମସ୍ତେ କହିଥାନ୍ତି ନରଦେହ ଯନ୍ତ୍ର ବିଶେଷ—ଘଟିକାଯନ୍ତ୍ର । ଯେବେ ସମୟରେ ରୀତିମତ ଚାଳନା କରାଯିବ ଘଟିକା ତ ବନ୍ଦହେବ ନାହିଁ ? ପୃଥିବୀର ଘଟିକା ବିଭିନ୍ନ କାରୁକରଙ୍କର—କେହି ଭଲ ଚଳେ, କେହି ଦମ ଖାଇ ମଧ ନ ଚଳେ । ନରଯନ୍ତ୍ରର କାରୁକର ଏକ, ସୁତରାଂ ଏ ଯନ୍ତ୍ରର ଭଲ ମନ୍ଦ—ଆଦୌ ମୂଲ୍ୟର ବିଭିନ୍ନତା ନାହିଁ, ତେବେ ଚଳେ କି ନ ଚଳେ—ତାହା ତୁମ୍ଭର ଓ ଆମ୍ଭର ଦମ ଦେବାର ଦୋଷ ଗୁଣରୁ ।

ତୁମ୍ଭର ଘର ବିଲାତରେ, ଆମ୍ଭର ଘର କଲିକତାରେ; ତୁମ୍ଭର ବୟସ ପଞ୍ଚ×××ମଧ ବୟସ ପଞ୍ଚାଶବସ୍ତର; ତୁମ୍ଭର ଏତେବେଳେ ×××ସାହ, ବଳ, ସ୍ଫୂର୍ତ୍ତୀର କିଛିମାତ୍ର ହ୍ରାସ ହୋଇ ନାହିଁ, ××× ବିବାହ ହେବାର ଆବଶ୍ୟକତା ବୋଧ ହେଉ ନାହିଁ, ××× ତନ୍ତ୍ରୀ ହୋଇଅଛି, ମୁଣ୍ଡର ସମୁଦାୟ କେଶ ଶୁକ୍ଳ ×××ଳାରେ ବିଭୂଷିତ, ଚକ୍ଷୁଦ୍ୱୟ କ୍ରୋଟରେ ଆଶ୍ରୟ ××× ପୌତ୍ର ପ୍ରପୌତ୍ରଙ୍କୁ ଉଇଲ କରିଅଛୁଁ ××× ରାଳୀଙ୍କର କୌଶଳ ଯୁଦ୍ଧ, ଉତ୍ସାହ, ××× ନଙ୍କର ମଧ ଉତ୍ସାହ, ପରିଶ୍ରମ ଓ ××× ଆମ୍ଭର କଳ୍ପନାର ଅତୀତ— କିନ୍ତୁ ରଥୀଦ୍ୱୟ ସପ୍ତତୀବର୍ଷର ଶିରୋଦେଶରେ ଓ ସ୍କନ୍ଧରେ ନୃତ୍ୟ କରୁଅଛନ୍ତି ।

କହିପାର ଇଂରାଜ ଅଶୀତିର ଓ ବଙ୍ଗାଳୀ ଅଶୀତିର ଜୀବନୀ ଶକ୍ତିର ଏତେ ପ୍ରଭେଦ ଇଂଲଣ୍ଡର ଶୈତ୍ୟଗୁଣରୁ, କିନ୍ତୁ ଶୀତ ଗ୍ରୀଷ୍ମର ପ୍ରଭେଦରେ କି ଏତେ ଗୁରୁତର ଭିନ୍ନ ଫଳ ଫଳିପାରେ ? ଯାହା ହେଉ ବର୍ତ୍ତମାନ ଗୋଟିଏ ଗ୍ରାମପ୍ରତି ଦୃଷ୍ଟିପାତ କର । ରାମକୁମାର ଓ କୃଷ୍ଣଗୋବିନ୍ଦ ଠାରୁ ନବୀନକୃଷ୍ଣ ଓ କାଳୀପଦ୍ ଅନେକ ଛୋଟ କିନ୍ତୁ ଦେଖିଲେ ବୋଧ ହୁଏ ଯେପରି ପୂର୍ବୋକ୍ତ ଦୁଇଜଣହିଁ କନୀୟାନ । ରାମକୁମାର ସପ୍ତତିବର୍ଷ ଉତ୍ତୀର୍ଣ୍ଣ ହୋଇଅଛନ୍ତି କିନ୍ତୁ ଏବେ ମଧ ଅବଲୀଳାକ୍ରମରେ ଏକଦୌଡ଼ରେ ଦଶ୍କକୋଶ ବାଟ ଚାଲି ଯାଇପାରନ୍ତି, କାଳୀପଦଙ୍କର କୋଶେ ବାଟ ଯିବାର କ୍ଷମତା

ନାହିଁ । ନବୀନକୃଷ୍ଣ ବୟସରେ ଛୋଟ ହେଲେ ମଧ୍ୟ ମୁଣ୍ଡର ସମୁଦାୟ ବାଳ ପକ୍ୱ ହୋଇଅଛି, ଅଙ୍ଗରେ ପଲି ପଡ଼ିଅଛି, ଚାଲିବାକୁ ବେପଥୁ । କୃଷ୍ଣଗୋବିନ୍ଦ ବୟସରେ ତାଙ୍କଠାରୁ ଦଶବର୍ଷର ବଡ଼, ଏବେହେଁ ନିବିଡ଼ କୁଞ୍ଚିତ କୃଷ୍ଣକେଶ, ମୁହରେ ସର୍ବଦା ହସି, ହୃଦୟରେ କେତେ ସ୍ଫୂର୍ତ୍ତୀ । ଏପରି ରୀତି ବିପର୍ଯ୍ୟୟ ଅନୁସନ୍ଧାନ କଲେ ପ୍ରତ୍ୟେକ ଗ୍ରାମରେ ଦୁଇ ଚାରୋଟି ଉଦାହରଣ ମିଳିପାରେ । ଏକ ଗ୍ରାମର ଏକ ଜଳ ବାୟୁ ଚିରଦିନ ଏକସଙ୍ଗରେ ଭୋଗ କରି ଉଭୟର ଜୀବନୀ ଶକ୍ତିର ଏତାଦୃଶ ପ୍ରଭେଦ କିପରି ହୁଏ ? ସୁତରାଂ ଇଂଲଣ୍ଡ ଓ ବଙ୍ଗଦେଶର ଜଳବାୟୁର ବିଭିନ୍ନତା ଗ୍ଲାଡ଼ଷ୍ଟୋନ ଓ କମଳକୃଷ୍ଣଙ୍କ ଶରୀରରେ ଏତେ ପାର୍ଥକ୍ୟ ଉତ୍ପାଦନ କରି ନ ପାରେ । ଅବଶ୍ୟ କାରଣାନ୍ତର ଅଛି ।

କେହି ୨ ମନେ କରିପାରନ୍ତି ଯେଉଁ ଜନ××× ଉତ୍ପାଦନ କରେ, ସେହି ଜନନୀଶକ୍ତିର ଦୌର୍ବଲ୍ୟ ଓ ××× ସନ୍ତାନର ଜୀବନର ନ୍ୟୂନାଧିକ ହୁଏ । ଏକଥା ଗୋଟାଏ ××× । ଯେପରି ଜଳ ବାୟୁ ମନୁଷ୍ୟ ଜୀବନ ଉପ ××× ପ୍ରକାଶ କରିଥାଏ, ଜନନୀଶକ୍ତିର ମଧ୍ୟ ସେହିପରି ××× ରକ କରିବାର କ୍ଷମତା ଅଛି । ଏକସମୟ ××× ବୀଜ ରୋପଣ କରି ଦେଖାଯାଏ—ଗୋଟିଏ ××× ଙ୍କର ହାସ୍ୟମୁଖରେ ଉଦ୍ଭୁତ ହୁଏ, ଯେପରି ××× ର ଜଗି ଉଠିଲା; ଆଉ ଗୋଟିଏ ଅର୍ଦ୍ଧ ××× ନୀତ, କ୍ଷୁଣ୍ଣମନା ତାହା କେବଳ ବୀଜନିହିତ ଜନନୀଶକ୍ତି ପ୍ରଭାବରୁ । ଯେଉଁ ଜନନୀଶକ୍ତି ସୂଚନାରେ ସୁଦ୍ଧା ପୂର୍ଣ୍ଣ ଅଙ୍କୁରୋତ୍ପାଦନ କରି ନ ପାରିଲା ସେ ଯେ ଅଙ୍କୁର ନିହିତ ବୃକ୍ଷକୁ ଚିରଦିନ ପୂର୍ଣ୍ଣରାଶ ବଞ୍ଚାଇ ରଖିପାରିବ ନାହିଁ ଏହା ମଧ୍ୟ ସ୍ଥିର ନିଶ୍ଚୟ । ଯେଉଁ ଅପକ୍ୱଶିଶୁ ପଞ୍ଚମମାସରେ ଗର୍ଭରୁ ନିପତିତ ହୁଏ ସେ ବିମଳସୂର୍ଯ୍ୟ କିରଣରେ କେତେଦିନ କ୍ରୀଡ଼ା କରି ଜନନୀର ଆନନ୍ଦୋତ୍ପାଦନ କରିପାରେ ? ଅସ୍ଥାନରେ ଆଳୁ ନଡ଼ିଆ ପ୍ରଭୃତିର ବୀଜ ଅଙ୍କୁରିତ ହେବା ଅନେକେ ଦେଖିଅଛନ୍ତି କିନ୍ତୁ ସେ ଅଙ୍କୁର କେତେଦିନ ଥାଏ ? ପୁଣି ଅପରିପକ୍ୱ ବୀଜରେ ଯେଉଁ ଅଙ୍କୁର ଉତ୍ପନ୍ନ ହୁଏ ତହିଁରୁ ବହୁଦିନ ସ୍ଥାୟୀ ବୃକ୍ଷ ହେବା କେହି କେବେ ଦେଖିଅଛନ୍ତି ? ଯେତେ ଯତ୍ନ କର, ବର୍ଦ୍ଧନୋପଯୋଗୀ ଉପକରଣ ଆୟୋଜନ କର, ମନୋମତ ଫଳ ଲାଭ କରିପାରିବ ନାହିଁ । ଏହି କାରଣରୁ ବାଳିକାର ସନ୍ତାନ ଏତେ ଅଧିକ ମୃତ୍ୟୁ ମୁଖରେ ପତିତ ହୁଏ । ଆମ୍ଭମାନଙ୍କ ଦେଶପରି ଅଳ୍ପବୟସ୍କ ଜନକ ଜନନୀର ସନ୍ତାନ ଆଉ କୌଣସି ଦେଶରେ ହୁଏ ନାହିଁ । ଲେଖକ ସ୍ୱଚକ୍ଷୁରେ ଏକାଦଶବର୍ଷୀୟାର ପୁତ୍ର ଦେଖିଅଛନ୍ତି ! ଭାରତବର୍ଷ ପରି ଶିଶୁର ମୃତ୍ୟୁ ସଂଖ୍ୟା ଆଉ କୌଣସି ଦେଶରେ ଅଧିକ ନୁହେ । ସମସ୍ତ ଦେଶରେ ପଞ୍ଚମବର୍ଷ ଭିତରେ ମୃତ୍ୟୁ ସମ୍ଭାବନା ଅଧିକ—କିନ୍ତୁ ଭାରତବର୍ଷ ପରି ଆଉ କୌଣସିଠାରେ ନୁହେ ଏବଂ ତାହା କେବଳ ଅପକ୍ୱଜନନୀଶକ୍ତି ଗୁଣରୁ । ଏହି କାରଣରୁ ବିଜ୍ଞାନବିତ୍‌ମାନେ ଅଳ୍ପ ବୟସରେ ବିବାହ ନିଷେଧ କରନ୍ତି । କିନ୍ତୁ

ଭାରତବର୍ଷରେ ସାମାଜିକ ବ୍ୟବହାରର ଯେଉଁ ଅସୀମ କ୍ଷମତା, ସମସ୍ତ ବିଜ୍ଞାନବିତ୍‌ଙ୍କ ସୁପରାମର୍ଶ, କୋଟୀ ସୁଶିକ୍ଷିତଙ୍କର ଚିତ୍କାରର ××× ଯାଏ । କିନ୍ତୁ ଜନନୀଶକ୍ତିର ପରିପକ୍ୱତା ନିତାନ୍ତ ପ୍ରୟୋଜନ ××× ଦୀର୍ଘଜୀବନର ତାହା ସମ୍ପୂର୍ଣ୍ଣ କାରଣ ନୁହେ । କେତେ ××× ନୂତନ ତୈଳ ସଂଯୋଗରେ ପୁଣି ଉଜ୍ଜ୍ୱଳ ହୁଏ, ××× ସତେଜ ନୀଳିମବୃକ୍ଷ ବାରି ବିନା ବା ××× ଶୀର୍ଣ୍ଣ, ବା ବିଳୟ ପ୍ରାପ୍ତ ହୁଏ । ହସ ××× ର ଯନ୍ତ୍ରଣାରେ ଛଟପଟ କରେ, ଜନକ ଜନ ××× ଭାସିଯାଏ, ପ୍ରଦୀପ ଲିଭିଲା ଲିଭିଲା ××× ସ୍ନେହସ୍ରୋତରେ ହସି ୨ ଭାଷିଲା । ××× ତେବେ କି କହିଥାନ୍ତୁ ଯେ ଜନନୀ ଶକ୍ତିର ଦୁର୍ବଳତାରୁ–ପ୍ରସ୍ରବଣର କ୍ଷୀଣତାରୁ–ନଦୀ ଶୁଷ୍କହେଲା ? ତେବେ ନିର୍ବାଣପ୍ରାୟ ପ୍ରଦୀପ ପୁଣି ଜ୍ୱଳିଲା କାହିଁକି ? ଯେବେ ଜନନୀ ଶକ୍ତିର ପୂର୍ଣ୍ଣ ସବଳତା ଥାଏ ତାହାହେଲେ ସୁଦ୍ଧା କି ଶୁଷ୍କୋନ୍ମୁଖୀ ଲତିକାର ଆଲବାଳରେ ଜଳ ସିଞ୍ଚନ ନ କରି ଶକୁନ୍ତଳା ସଖିସମଭିବ୍ୟାହାରେ ନିଶ୍ଚିନ୍ତ ହୋଇ ଦୁଷ୍ମନ୍ତଙ୍କ ସଙ୍ଗରେ ପ୍ରଣୟାଳାପ କରିପାରି ଥାନ୍ତେ ? କେବେହେଁ ନୁହେ ତେବେ ସମୟରେ ଦେଖାଯାଇଅଛି ଶିଶୁ ପିତାର ପ୍ରଥମ ଶିଶୁ ଯୁବା ପିତାର ତୃତୀୟ ଶିଶୁ ଅପେକ୍ଷା ସୁଦ୍ଧା ସବଳତର ଏଣୁକରି ଜନନୀ ଶକ୍ତିଛଡା ସୁଦ୍ଧା ଜୀବନର ଦୀର୍ଘତା ସମ୍ପାଦନ କରିବାକୁ ହେଲେ କାରଣାନ୍ତର ଅନ୍ୱେଷଣ କରିବାକୁ ହେବ । ଉତ୍କୃଷ୍ଟଜଳ ବାୟୁ–ପରିପକ୍ୱ ବୀଜ ଶକ୍ତି ମନୁଷ୍ୟର ଦୀର୍ଘ ଜୀବନ ନିମନ୍ତେ ନିତାନ୍ତ ପ୍ରୟୋଜନୀୟ ହେଲେ ସୁଦ୍ଧା ଏ ସବୁ ଯଥେଷ୍ଟ ନୁହେ । କାରଣାନ୍ତର ନ ଥିଲେ ଏ(ଙ୍କ)କ ଗ୍ରାମରେ ସମବୟସ୍କ ଦୁଇ ପିତାର ସମବୟସ୍କ ଦୁଇ ପୁତ୍ରର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଏତେ ବିଭିନ୍ନତା ରହିପାରି ନ ଥାନ୍ତା ।

---

## ପ୍ରେମତରୀ ।

### (ଗାଥା)

### ପ୍ରଥମସର୍ଗ । ପ୍ରେମପଥିକ ।

ଆରକ୍ତବରଣ
ପ୍ରଭାତ ତପନ
ପୂରୁବ ଦିଗରେ ଜ୍ୱଳେ
ପର୍ବତ, ସାଗର, ହ୍ରଦ, ସରୋବର,
କେସନ କିରଣ ଢଳେ !

ତୋ ପ୍ରେମେ ମୁଗଧ, ହୃଦୟ ଦଗଧ,
ପ୍ରେମ ହେତୁ ମୁହିଁ ରୋଗୀ ।
ଦଇବ ବିଚାର ! (ସଂସାର ବାହାର !)
ବୁଡ଼ିଲା ସେ ସୁଖ ତରୀ !
ଭସାଇଲା ମୋତେ ଚରାଚର ସ୍ରୋତେ,
ଫିଙ୍ଗି ଦେଲା ଏକା କରି !

ଆକାଶ ବିହାରୀ,
ବନ ସହଚାରୀ,
ପତଙ୍ଗେ ମିଳିଣ କେତେ,
ଆନନ୍ଦ ମନରେ,
ସୁତାନେ ସୁସ୍ୱରେ,
ଗାଆନ୍ତି ଯେ ଯାହାମତେ ।
ପତ୍ର ପତ୍ର ପରେ,
ବ୍ରତତୀ ବୃକ୍ଷରେ,
ଅଳସେ ପଡ଼େ କି ଢ଼ଳି !
ନା ତାହା ନୁହଇ;
ସମୀର ବହଇ
ମୃଦୁ ମୃଦୁ ଗୀତ କରି ।
× × × ×
ଶାନ୍ତିର ରାଜତ୍ୱ
ଚୌଦିକ ପ୍ରାପତ—
ସମସ୍ତ ସେ ଶାନ୍ତି ରସେ
ପ୍ରକମ୍ପଇ ବୁଡ଼ି;
କେହୁ କହ ଫୁଡ଼ି
ନ ରହିବ ଶାନ୍ତିରସେ ?
ପ୍ରେମର ପଥିକ
ନବୀନ ଚୌଦିକ
ଭ୍ରମଇ ବିରସମନେ ।
ପ୍ରେମରି ଚିନ୍ତାରେ
ମଗନ ହୋଇଣ
ଭ୍ରମଇ ଅଧୋବଦନେ ।
"ଆହାରେ ଲବଙ୍ଗ !
ତୋହରି ଶ୍ରୀଅଙ୍ଗ,
ସୁଚାରୁ ବଦନ ତୋର,
କଟାକ୍ଷ ଚାହାଣୀ,
ସୁମଧୁର ବାଣୀ,
ମନରୁ ନ ଯିବ ମୋର ।
ଗହନ କାନନେ,
ତୋହରି କାରଣେ,
ଭ୍ରମଇ ନବୀନ ଯୋଗୀ ।

ସେ ଝଞ୍ଜାପବନ    ପଡ଼ଇ ମୋ ମନ,
ଫେଣିଳ ମହୋର୍ମିମାନ,
ଗଭୀର ଗର୍ଜ୍ଜନ,    କୋଳାହଳ ସ୍ୱନ,
ଭୀଷଣ ନଭୋବିତାନ ।
× × × ×
କାନ୍ଧେ କାନ୍ଧ ରଖି,    ବଦନ ନିରଖି,
ଚୁମ୍ବିବି ଚନ୍ଦ୍ର-ଆନନେ ।
କହିବି ରସରେ,    'ବନ୍ଧ ତୋ ପାଶରେ
ତୋ ବିନା ଆନ ନ ଜାଣେ ।
ତୋହରି ନବୀନ,    ପ୍ରେମର ଅଧୀନ,
ତୋ ବିନା ମରିବପ୍ରାଣେ ।
ଚିନ୍ତଇ ଏପରି,    ପ୍ରେମାଧୀନେ ପଡ଼ି,
ଭ୍ରମଇ ଗହନ ବନେ ।
ଲବଙ୍ଗହି ଧ୍ୟାନ,    ଲବଙ୍ଗରି ନାମ
ଲବଙ୍ଗ ଜୀବନ ମନେ ।
ଲବଙ୍ଗ ମରଣ    ବାରତା କେବଣ
ଆସିଣ କହିବ ଯଦି,
ହୋଇବ ବିକଳ    ଶୋକରେ ପ୍ରବଳ,
ଶୁଖିଯିବ ଜୀବ—ନଦୀ ।
ପୁଣି କେ ଯଦ୍ୟପି    ସୁସମ୍ବାଦ ଆସି
ଦେବ ସୁଖେ ସୁକ୍ଷଣରେ,
ପରାଣ ଆପଣା    ସମର୍ପି ପାରିବ
ବସାଇବ ସ୍ୱର୍ଗପରେ ।
ଭ୍ରମୁ ୨ ଯାଇ,    କେତେକ୍ଷଣେ ସେହି,
ସମ୍ମୁଖସ୍ଥ ନଭ-ଶୃଙ୍ଗେ
ଉଠିଲା ସତ୍ୱରେ;    ମଗ୍ନ ପ୍ରେମ ଭରେ
ପ୍ରେମ ଗୀତ ସୁତରଙ୍ଗେ ।—
ସଖି !  ବଦନ ଚନ୍ଦ୍ର ମଣ୍ଡଳ ଲୋ;
ଦେଖି  ଧୈର୍ଯ୍ୟ ହାରିବ ବଳ ଲୋ ।
ସଖି,  ଭୁରୁ ଧରେ ଧନୁଭଙ୍ଗୀ ଲୋ;
ଦେଖି  ଭୁଲିଯିବେ ହରଯୋଗୀ ଲୋ ।
ସଖି,  ନୟନକଟାକ୍ଷ ବାଣ ଲୋ;
ଦେଖି  ଛାଡ଼ିଯିବ ଲୋକ ପ୍ରାଣ ଲୋ ।
ସଖି,  ବିମ୍ବଓଷ୍ଠ କେଡ଼େ ରଙ୍ଗ ଲୋ;
ଦେଖି ହେବ ଯୋଗୀ ଧ୍ୟାନ ଭଙ୍ଗ ଲୋ ।

ସଖି, ନାସା କିବା ତିଳ ଫୁଲ ଲୋ;
ଦେଖି ଯତିଏ ହେବେ ଆକୁଳ ଲୋ ।
ସଖି, ଉନ୍ନତ ବକ୍ଷ ସୁନ୍ଦର ଲୋ;
ଦେଖି ନ ରହିବେ କେହି ପରଲୋ ।
ସଖି, ରମ୍ଭାଉରୁ କି ବର୍ତ୍ତୁଳ ଲୋ;
ଦେଖି କାସଙ୍ଗେ କରିବା ତୁଳ ଲୋ ?
ସଖି, ଶ୍ରୀପାଦ ଉପମା ହୀନ ଲୋ;
ଦେଖି ପାଦପଦ୍ମେ ଏହି ଦୀନ ଲୋ !—
ଆଲୋକି ଗଗନ, ଉଜ୍ଜ୍ୱଳ ବରଣ,
ଉଠିଲା ଚନ୍ଦ୍ରମା ଚାରୁ ।
ବାହୁଡ଼େ ନବୀନ, ତା ଦେଖି ସୁଦୀନ,
କୁଟୀରେ ପର୍ବତଠାରୁ ।

---

## ଦ୍ୱିତୀୟସର୍ଗ । ପ୍ରେମଲତିକା ।

ମନୋହର କେଡ଼େ ଯେବେ କୁହୁ ୨ ସ୍ୱରେ,
ଡାକେ ବନେ ପିକରାଜ, ବସି ନିଶ୍ଚଳରେ !
ପ୍ରେମିକ ବିଧୁର ମନ ହୁଅଇ ବିଧୁର—
ବୋଲଇ 'ପଞ୍ଚମସ୍ୱର ତୋହରି ନିଷ୍ଠୁର ।''
ନିତି ୨ ବନେ ୨ ପ୍ରେମିକ ନବୀନ
ପ୍ରେମଚିନ୍ତା ପ୍ରେମଧ୍ୟାନେ କାଟୁଥାଇ ଦିନ ।
ନିତି ନିତି ବସେ ଯାଇ ପର୍ବତ ଶୃଙ୍ଗରେ
ମତ୍ତହୁଏ, ଭୋଳ ମନେ ପ୍ରେମଗୀତ ଧରେ ।
ନ ଯାଏ ମନରୁ ବାମା ସେ ଲବଙ୍ଗଲତା—
ଗଛ ପତ୍ରଠାରେ ସଦା ଖୋଜଇ ବାରତା ।
ଲବଙ୍ଗଲତାର ରୂପ, ତାହାରି ଲାବଣ୍ୟ,
ମିଷ୍ଟହାସ, ମଧୁଭାଷା, ଭାବଭଙ୍ଗୀମାନ,
ଲତା ପାଦପଙ୍କୁ ସେହୁ ପ୍ରେମପୂର୍ଣ୍ଣ ମନେ,
କହଇ, ପଶୁଙ୍କୁ, ମଧ, ବନ ବିହଙ୍ଗମେ ।
ନିତି ପର୍ବତରେ ବସି ସମୁଦ୍ରଆଡ଼କୁ
ଏକଦୃଷ୍ଟେ ଚାହିଁଥାଏ; ଆଶା ଦେଖିବାକୁ ଦ୍ୱୀପଠାକୁ
ପୋତ ଏକ ବାହି ଆସିବାର;
ନ ହୁଏ କଦାପି କିନ୍ତୁ ଆଶା ପୂର୍ଣ୍ଣ ତାର ।—
କାହିଁକି କେ ବନାବୃତ ନିବିଡ଼, ନିର୍ଜ୍ଜନ,
ଦ୍ୱୀପକୁ ଆସିବ ? ଆସି କେଉଁ ପ୍ରୟୋଜନ ?
ନିତି ଆସି ବସେ, ନିତି ଦେଖଇ ସାଗର;
ମନଦୁଃଖେ ସନ୍ଧ୍ୟାହେଲେ ଫେରିଯାଏ ଘର ।
ଆଖିଜଳ ମରେ ନିତି, ଭରସା ଓ ଭୟ
ମହାଯୁଦ୍ଧେ ବିଲୋଡ଼ିତ କରନ୍ତି ହୃଦୟ ।
ବସି ଦିନେ ନଗଶୃଙ୍ଗେ ହୃଦୟ ବିକଳେ,
ବିକଳ ଉକତି କଲେ ବିକଳ ସ୍ୱରରେ ।
"ଧନ ଆଶା କିପାଁ ଲୋକେ କରନ୍ତି ଏଭବେ,
ନ ଜାଣନ୍ତି ସେ ଆଶାରେ ମରିବେ ସରବେ ?
ଅପୂର୍ବ ଭାରତବର୍ଷ ମହା ରାଜଧାନୀ
କଲିକତା ଯାଉଁ ମୁହିଁ, ଯାଉଁ ମୁ ନ ଜାଣି
ଅର୍ଣ୍ଣବ ପୋତରେ, ହୋଇ ଆଶାପୂର୍ଣ୍ଣ ମନ,
ଓଡ୍ରଦେଶଠାରୁ—ଜନ୍ମଭୂମି ମହାଧନ,
ପ୍ରବଳ ପବନ ହେଲା ଉଥିତ ବାଟରେ,
ବେଗରେ ଭସାଇନେଲା ତରଣୀ ସାଗରେ ।
ନାବିକେ ହତାଶମନେ ଛାଡ଼ିଦେଲେ କଳ,
ପ୍ରବଳ ପବନ କତି ତୁଳ କାହାବଳ ?
ମଗ୍ନହେଲା ଅବଶେଷ ବହୁ ଦୂରେ ତରୀ;
ପଡ଼ିଲି ଏ ଦ୍ୱୀପେ ଆସି ଏକା ମୁ ନ ମରି ।
କି ଦୁଃଖ ଥିଲା ମୋ ତହିଁ ? କାହିଁକି ବିଧିରେ
ସାକ୍ଷାତ ହୋଇଲା ପୋତେ ଲବଙ୍ଗ ସଙ୍ଗରେ ?
କି ପାଇଁ ତା ପ୍ରତି ହେଲା ପ୍ରେମଭାବଜାତ ?
ତା ପାଇଁ ମୁଁ ଏବେ ସିନା ଏତେ କଷ୍ଟପ୍ରାପ୍ତ ?
ନାହାନ୍ତି ମୋ ପିତା ମାତା ଭାଇ ବନ୍ଧୁ କେହି,
ସୁଖୀ ଥିଲି, ବିଧି ତହିଁ ଦେଲେ କଷ୍ଟ ଭେଇ ।
କାହୁଁ ସେ ସୁନ୍ଦରୀ ବାମା ଲବଙ୍ଗ ଆସିଲା ?
ପ୍ରଥମ ସାକ୍ଷାତେ ପ୍ରେମପାଶରେ ବାନ୍ଧିଲା ।
ଲବଙ୍ଗ ତୁ ମୋର ପ୍ରାଣ, ଏକା ମୋ ଜୀବନ;
ତୋ ବିନା ବୃଥାଏ ମୋର ଜୀବନ ଧାରଣା ।''
ଏହିପରି ନିତି ୨ ବିହରଇ ବନେ—
ଲବଙ୍ଗଲତିକା ××× ସଦା ମନେ ।
ଲବଙ୍ଗ ପାଇଁ ×××

× × × ×

ମେଘେ ଯଥା ହୋଇଥାଇ,
ଢ଼ଳି ୨ ଆହା ସୁଚାରୁ ଚନ୍ଦ୍ରିମା
ତହିଁ ମଧ୍ୟେ ଦେଖ ଯାଇ ।
ଦେଖିଲା ନବୀନ କଥା ଏ ନବୀନ
ବନରେ ପ୍ରାସାଦ ଚାରୁ ।
ଧବଳବରଣ,
ଚିତ୍ତବିମୋହନ,
ଧବଳ ଚନ୍ଦ୍ରମାଠାରୁ ।।
ଅବାରିତ ଦ୍ୱାର ଅଛଇ ସର୍ବଦା,
ନାହିଁ କେହି ଦ୍ୱାରବାନ ।
ଶୁଭୁନାହିଁ ତହିଁ ମନୁଷ୍ୟ ଶବଦ !
ଏ ଅତି ଆଶ୍ଚର୍ଯ୍ୟ ଜାଣ ।।
ପଶିଲା ନବୀନ ସଭୟ ହୃଦୟେ,
ଦେଖିଲା ସୁନ୍ଦରୋଦ୍ୟାନ,—
ଶୋଭିତ ନାନାଦି ସୁରଭି ପୁଷ୍ପରେ;
ତା ପରେ ଅଛି ସୋପାନ ।

ଧୀରେ ଧୀରେ ଧୀରେ ସଭୟ ଅନ୍ତରେ
ଏକ ଏକ କରି ପୁଣି ।
ଅତିକ୍ରମ କଲା ସୋପାନ ଶ୍ରେଣୀ ସେ
ଭୟ ମନେ ମନେ ଗୁଣି ।
ଭ୍ରମିଲା ଚୌଦିକ, ଏଘର ସେ ଘର,
ଭୟ ଓ ଆନନ୍ଦମନେ ।
କାହିଁଛି ସୁବର୍ଣ୍ଣ, ମହାର୍ହ ବସନ,
ପୂର୍ଣ୍ଣ ହୀରା ନୀଳା ଧନେ ।
ଏ ଘର ସେ ଘର ବୁଲଇ ସାଶ୍ଚର୍ଯ୍ୟ,
ନ ଦେଖଇ ଲୋକ କେହି ।
ଅତି ସୁସଜ୍ଜିତ ବିସ୍ତୀର୍ଣ୍ଣ ଶାଳରେ
ଉପନୀତ ଶେଷେ ସେହି ।
ଦେଖିଲା ଅପୂର୍ବ ମନୁଷ୍ୟ-ମୂରତି
ପଡ଼ିଛି ପଲ୍ୟଙ୍କ ପରେ ।—
ଆଉ କେ ଘରକୁ ଆଲୋକି ରହିବ ?
ଲବଙ୍ଗ ଦିବ୍ୟ ଶେଯରେ ।

## ପ୍ରାପ୍ତଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା ।

ବିଚିତ୍ରଭାରତ ବିରାଟପର୍ବ (ଯୁଧିଷ୍ଠିରାଦି ପଞ୍ଚଭ୍ରାତା ଦ୍ରୌପଦୀ ସହିତ ଛଦ୍ମବେଶରେ ଏକବର୍ଷ ତେରଦିନ ଅଜ୍ଞାତରୂପେ ବିରାଟରାଜ୍ୟରେ ରହିବା ଚରିତ)— ଏହା ନାନା ରାଗ ଯୁକ୍ତ ଛନ୍ଦରେ ବିରଚିତ । ଏଥିରେ ମହାଭାରତର କୌତୁ××× ଚରିତର ସୁନ୍ଦରମୂର୍ତ୍ତି ସରଳଶବ୍ଦବିନ୍ୟାସ ଚାତୁରୀ ଯୋଗୁଁ ××× ଉତ୍ତମରୂପେ ପ୍ରଦର୍ଶିତ ହୋଇଅଛି, ସୁତରାଂ ସାଧା ××× କରିବାର ଶକ୍ତି ବିଲକ୍ଷଣ ରହିଅଛି । ଏଥିର ଅନ୍ୟ ××× ପରି ହୋଇଥିବ । ଭରସା କରୁଁ ପ୍ରକାଶକ ××× ବେ ।

××× ଅଭିପ୍ରାୟ ଏହି ଅଛି ଯେ, ଏଥିର××× ନାହିଁ । କେତେକ ଛନ୍ଦର କୌଣସି ୨ ××× ଯାଇଅଛି । କେତେକ ସ୍ଥଳରେ××× "ଜୋଡ଼ା" ଇତ୍ୟାଦି ଅନେକ ବ୍ୟବହୃତ

××× ଆଉ ଯେଉଁ ଅକ୍ଷରଭୁଲମାନ ଅଛି ତାହା ମୁଦ୍ରାଙ୍କନ ସମୟରେ ହୋଇଥିବାର ସମ୍ଭାବନା, କିନ୍ତୁ ଗୋଟିଏ ମହଦ୍‌ଭୁଲ ଏହି ଯେ, ଅନେକ ସ୍ଥଳରେ 'କପାଳ' ସ୍ଥାନରେ 'କପୋଳ' ବସିଅଛି । କପୋଳର ଅର୍ଥ ଗଣ୍ଡସ୍ଥଳ ଓ କପାଳର ଅର୍ଥ ଲଲାଟ, ''କପୋଳରେ ସିନ୍ଦୂରବିନ୍ଦୁ ଝଟକଇ ଓ କପୋଳରେ ବେନିକର ଯୋଡ଼ି ଜଣାଇଲେ'' ଏପରି ହେଲେ କି ସାମାନ୍ୟ ଅସଙ୍ଗତ ହେଲା ? ପ୍ରକାଶକଙ୍କୁ ଅନୁରୋଧ ଯେ ଏଣିକି ଯେଉଁ ପର୍ବମାନ ମୁଦ୍ରିତ କରାଇବେ ତହିଁର ସଂଶୋଧନ ପକ୍ଷରେ ବିଶେଷ ଯତ୍ନଶୀଳ ହେବେ ।

ଅବଧାନଦୀପିକା ।– କୁମାର ବୈକୁଣ୍ଠନାଥ ଦେଙ୍କଦ୍ୱାରା ପ୍ରଣୀତ ଓ ତାଙ୍କରି ଉତ୍କଳପ୍ରେସରେ ମୁଦ୍ରିତ । ପ୍ରଣେତାଙ୍କଠାରୁ ଖଣ୍ଡିଏ ଉପହାରସ୍ୱରୂପ ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଏଥିରେ ସଂଖ୍ୟା ଗଣନାଠାରୁ ଅସଲହବୁ ପର୍ଯ୍ୟନ୍ତ ଅଙ୍କମାନ ନିୟମ, ବ୍ୟାଖ୍ୟା ଓ ଉଦାହରଣ ସହିତ ସନ୍ନିବେଶିତ ହୋଇଅଛି । ପ୍ରଣେତାଙ୍କର ଉଦ୍ଦେଶ୍ୟ ଏହି ଯେ ଓଡ଼ିଶାରେ ଯେପ୍ରକାରେ ଅବଧାନମାନେ ଶିକ୍ଷା ଦିଅନ୍ତି ତାହା କେବଳ ପୁସ୍ତକରେ ପ୍ରକାଶ କରିବେ । ଆଉ ଉତ୍କଳର ସମସ୍ତ ପ୍ରଣାଳୀ ନିର୍ଦ୍ଦୋଷ ନ ଥିବାରୁ ବଙ୍ଗଳା ବା ଇଂରେଜୀ ପ୍ରଣାଳୀର ମଧ୍ୟ ଆଶ୍ରୟ ହେବେ । ମାତ୍ର ଆମ୍ଭେମାନେ ପୁସ୍ତକରେ ଦେଖିଲୁଁ ଅଧିକାଂଶ ବଙ୍ଗଳାର ଅନୁକରଣ । ଯଥା, ପଣିକିଆ ପଚିଶକ ଯାଏ ଓଡ଼ିଆରେ ଅଛି, କିନ୍ତୁ ଏଗାର ପଚିଶାଁ ଦୁଇଶ ପଞ୍ଚସ୍ତରି ପଣ ସତରକାହାଣ ନିତିପଣ ଇତ୍ୟାଦି ଗୁଡ଼ିକ ଓଡ଼ିଆ ପ୍ରଣାଳୀର ନୁହଇ । ଆଉ ସେଥିପାଇଁ ଓଡ଼ିଆ ଯେ ନିର୍ଦ୍ଦୋଷ ନୁହେଁ ଏହା ମଧ୍ୟ ଆମ୍ଭେମାନେ ଜାଣୁନାହିଁ । ଆଉ ୩୯, ୪୯, ୫୯, ଓ ୬୦ ଠାରୁ ୭୮ ପର୍ଯ୍ୟନ୍ତ ଅଙ୍କମାନଙ୍କର ନାମ ଠିକ ବଙ୍ଗଳାରେ ××× ଅଛି । ଯଥା; ଅଣଞ୍ଚାଶ ପରିବର୍ତ୍ତରେ ଉଣପଞ୍ଚାଶ, ××× ସତୁରି ପରିବର୍ତ୍ତରେ ସତ୍ତର ଇତ୍ୟାଦି ।–ଏ ××× କଲେ ପୁସ୍ତକଖଣ୍ଡି ମନ୍ଦ ନୁହେ ମାତ୍ର ଏଥିରେ××× ଉପକାରର ଅଳ୍ପ ସମ୍ଭାବନା, କାରଣ ଏ××× ନିରର୍ଥକ ଅନେକ ସମୟ ଅତିବାହିତ××× ପ୍ରକାଶିତ ହେବାଦ୍ୱାରା ଅଧିକ ଉପକାର××× ଆଶଙ୍କା ନାହିଁ ।

—୦—

ପୀତ୍ୱା ମଧୂନି ମଧୁରାଣି ପ୍ରଫୁଲ୍ଲଚିତ୍ତଃ ।

ଖ୍ୟାତୋତ୍କଳୀୟ କବି କାବ୍ୟ ପ୍ରସୂନ ସଂଘାତ୍

ସଂଖ୍ୟାବତାଂ ସୁରସଭାବବିଦାଂ ସମାଜେ

୨ ମ ଭାଗ — ୭ମ, ୮ମ ସଂଖ୍ୟା

# ଉତ୍କଳ ମଧୁପ ।

ମାସିକପତ୍ର ଓ ସମାଲୋଚନ ।

---

କାର୍ତ୍ତିକ ଓ ମାର୍ଗଶିର ଶକାବ୍ଦ ୧୮୦୧


| ବିଷୟ | | ପୃଷ୍ଠା |
|---|---|---|
| ୧ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ | ... | ୮୧ |
| ୨ । ସୌଦାମିନୀ (ଉପନ୍ୟାସ) | ... | ୮୮ |
| ୩ । ଜୀବନ ମାତ୍ରା | ... | ୮୯ |
| ୪ । ପ୍ରେମ ତରୀ | ... | ୧୦୩ |
| ୬ । ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା | ... | ୧୦୮ |


**CUTTACK**

**Printed by the Cuttack Printing Company.**

**1880**

ବମ୍ଭ୍ରମ୍ୟତେ ହି ମଧୁପୋ ନବଜାତ ପକ୍ଷଃ ।

ସ୍ୱଭାବ ପ୍ରକାଶୁଁ ବ୍ୟକ୍ତ ସରଳଭାବରେ
କହିଲ ବୟସ୍ୟ ସତ, "ତାପସପ୍ରବର,
ଯାହା ଯା କହିଲ ସବୁ ଘଟେ ଯଥାର୍ଥରେ ।
କହୁ ହୋ ଗୋଟିଏ କଥା ଅସୁସ୍ଥ ମନକୁ—
ଏ ହତଭାଗିନୀ ଦୋଷ କ୍ଷମିବ ନିଶ୍ଚୟ,
କ୍ଷମିବ କହିବା ଦୋଷ—କ୍ଷମିବ ସ୍ତ୍ରୀଜନ
ପ୍ରେମରପଥେ ଯେ ଗଲେ ହୋଇଣ ସଦୟ ।
ଅଭାଗିନୀ ମୁହିଁ ଘର ଓଡ଼ିଶାଦେଶରେ
ପିତୃମାତୃହୀନା ଜ୍ଞାତି-କୁଟୁମ୍ବ-ବିହୀନା;
ଅନୂନ-ସାଗରଯାତ୍ରୀ ଜୀବନତରଣୀ
ଉପନୀତ ଅଦ୍ୟ ସ୍ଥାନେ ଧରେ ମୂର୍ତ୍ତିମାନା ।
ଭରସା କରଣା ହେଲେ ପୂର୍ଣ୍ଣ ହୁଏ ପାଣି,
ନିର୍ଝରସା ନଦୀସରେ ଜଳଜୀର୍ଣ୍ଣ ଦେହ;—
ଜ୍ଞାତରୂପ ରତ୍ନହାର ବନ୍ଧ ନୁହେ ଯେହ୍ନ
ସଂସାର ଗୁହାରେ ତାର ଅନ୍ତଅନ୍ଧ ଦେୟ ।
ସ୍ୱଜାତି ମଧ୍ୟରେ ପୁଣି ସ୍ୱଗ୍ରାମ ମଧ୍ୟରେ,
ନବୀନ ନାମରେ ଜଣେ ମନସ୍ୱୀ ଧାର୍ମିକ,
ସତ, ଜ୍ଞାନଶ୍ରେଷ୍ଠ, ସଦା ସୁମିଷ୍ଟ ଅଳାପୀ,
ନିର୍ବିଜ—ପ୍ରକୃତ ଛବି ଝଲକାଏ ଏକ ।
ନୈସର୍ଗିକ ଅନୁରାଗ ସ୍ନେହ ଭାଳପ୍ରତ
ଥିଲା ପିଲାଦିନୁଁ ମୋର ନ ଜାଣେ କାହିଁକି ।
ନ ଜାଣନ୍ତି ସେହୁ, ମୁହିଁ ଯତନେ ସେ କଥା
ଚିତ୍ତର ଅଧାରେ ରଖେଁ ଗୋପନ ପାଇଁକି ।
ତହିଁ ପୁଣି ଗୁଣଗୁଣି ତାହାଙ୍କ ବିଶେଷ
ଭକ୍ତିଭାବ ଉଦେ ହେଲା ମନରେ ମୋହର ।
ସଦା ଇଚ୍ଛା କରେ ବସି ଶୁଣନ୍ତିବ କଥା—
ଜ୍ଞାନପୂର୍ଣ୍ଣ କଥା ତାଙ୍କ ଅମୃତ-ଲହରୀ ॥
ଅବଶେଷେ କର୍ମବଶେ ହୋଇ ସେ ଅନାଥ
ବିଦେଶ ଯିବାକୁ ଇଚ୍ଛା କଲେ ପ୍ରବାସରେ ।
ଶୁଣିଲି ମୁଁ କଥାଛନ୍ଦେ ଲୋକପରମ୍ପରା,
ସୋତ୍ସାହ ଜାତଲି ଛଡ ଦେଖିବାକୁ ବାରେ ।
ସୁନୀଳ ବେଶରେ ଯେବେ ଦେଖିଲି ପୋତରେ
ନ ରହି ପାରିଲି ମନ ବଳକଲେ ବାଟଲି;—
ଥାଉ କି ସମ୍ବାଦ ନିଏ ? ପ୍ରଥମେ ତ ଅମ୍ଭି
ଅନୁକୂଳ ବାୟୁ ପାଇ କ୍ଷପଣ ଉଠିଲା ।
ଯଦ୍ୟପି ଗମନ ବ୍ୟକ୍ତ ଅନାଥ ନିକଟେ
ହେଉଁ ସେ ଅନାଥ ମନ ହୋଇଲା ନୂତନ ।
ପ୍ରେମଭାବେ ପ୍ରେମରଙ୍ଗେ ପ୍ରେମର ଅମୋଦେ
ଫଳିଲା ନୂତନ ମନେ ନୂତନାର ମନ ॥
ପ୍ରେମର ସାଗରେ ବୁଡ଼ି ଏକହିଁ ଅଧାରେ
ସାଗର ଯେ ତରେ ମତ୍ତ ହେଲୁ ସୁଖମନେ;
ରୋହିଣୀଚନ୍ଦ୍ରମା କିବା ହୋଇଲେ ମିଳନ ?
ମନେ ହେଲା ତରଙ୍ଗ ଯିବ ବା ଏ କ୍ଷଣେ ।
ତନ୍ତ୍ରେ ଲେଖ ଏକ, ପରେ ବଧିର ବିଧାନ,-
ପ୍ରେମନେତ୍ରା ସୁଖସ୍ୱପ୍ନ ସହିଲ ଅମୃତ:—
ପ୍ରବଳ ପବନ ହେଲା ଉତ୍ଥିତ ଅର୍ଣ୍ଣବେ,
ଧଇଲା ଭୀଷଣ ବେଗ ଉତ୍ତୁଙ୍ଗ ଲହରୀ !
ଭୟଦ ପ୍ରଳୟକାଳ ହେଲା ଉପସ୍ଥିତ,
କଳ୍ପନା ଦଗ୍ଧ ପୃଥ୍ୱୀ ପଡ଼ିଲା ତହିଁରେ;
ଭାସିଗଲା ବହୁଦୂର ଦକ୍ଷିଣକୁ ତଳ,
ବୁଡ଼ିଲା ବିଷମକାଳେ ଅର୍ଦ୍ଧରଜନୀରେ ॥
ବୁଡ଼ିଲା ପ୍ରେମର ତରୀ ମେନର ସଂଗରେ,
ବୁଡ଼ିଲା ତରଣୀ ଅହା ଭୀଷଣ ଅର୍ଣ୍ଣବେ ।
ବୁଡ଼ିଲା ପୁଲିନ ଯେବେ ହୃଦୟ ମଧ୍ୟରେ,
ବୁଡ଼ିଲା ଜୀବନ ନାବ ପାରାବାର ତଳେ !!
ଭୟରେ ବ୍ୟାକୁଳ ନାବେ ଉଦ୍‌ବିଗ୍ନ ଜନତା
ଡାକିଁ ୨ ଈଶ୍ୱରଙ୍କୁ ଗଲେ କେଣେ ଗଲ;
ଗଲେ କେଣେ ନବୀନ ସେ, ଗଲି କେଣେ
ମୁହିଁ,—
ଉଦବେଗ ଊର୍ମିକ ଅସି ଅଛାଦିଲା ବାଲି ॥
ନ ଜାଣେ କି ହେଲା ତହିଁ ଗଲା କେତେଦିନ,
ଜୀବନ ନାବ ମୋ କେଉଁ କୂଳରେ ପଡ଼ିଲା;
ଚେତନା ପ୍ରାପ୍ତିରେ କନେ ଶୁଣିଲି ଶ୍ରବଣ
'କପର ବୁଝୁଛ ?' କଥା ପ୍ରଭୁସେ କହିଲ ॥
ପର୍ଯ୍ୟନ୍ତ ପୁନଃପୁନଃ 'କପର ଲାଗୁଛ ?
ଅବେଳ ଅଶ୍ୱାସ କଛ ଲଭୁଛ ହୃଦୟ ?'
ଅତ କଷ୍ଟେ ଧୀରେ ଅର୍ଦ୍ଧ ଉଚ୍ଚାରିତ ସ୍ୱରେ
କହିଲ 'ହୋଇଛ କଛ ଚେତନା ଉଦୟ ।'
ଦିନ କୃଷ୍ଣରମ ଏକ ବସି ମୋ ପାର୍ଶ୍ୱରେ
କରନ୍ତି ସୁଶ୍ରୂଷା ସେବା ଉଦ୍‌ଗ୍ରୀବ ମନରେ,
କୃଷ୍ଣରୂଙ୍ଗ ଯେହ୍ନ ନାହିଁ ଦେଶ ହଂସା ଘର,
ଉଷ୍ଣ ବଳେପନେ ଶୋଭେ ସୁନ୍ଦର ଦେହରେ;

## କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

---

### (ପୂର୍ବପ୍ରକାଶିତ ଉତ୍ତାରୁ)

ନିଦାଘକାଳ ଯେପରି ଶରୀରକୁ ଅସ୍ଥିର କରେ ସେହିପରି କେତେକ ପରିମାଣରେ ମନର ମଧ୍ୟ ଚାଞ୍ଚଲ୍ୟ ଘଟାଏ । ସୁକୁମାର ରାଜକୁମାରଙ୍କର ହୃଦୟ ତ ପୂର୍ବରୁ ସୁନ୍ଦରୀର ଚିନ୍ତାରେ ଉତ୍ତପ୍ତ ହୋଇଥିଲା; ଦିନେ ସେ ଗ୍ରୀଷ୍ମକାଳରେ ମିତ୍ରଦ୍ୱୟ ଓ ପୋଟା* ସହିତ ଉପବନସ୍ଥ ମଣ୍ଡପରେ ବସି ସୁନ୍ଦରୀର ଭାବନାରେ ଅତ୍ୟନ୍ତ ଉନ୍ମନା ହୋଇ ଉଠି ପ୍ରଳାପ ଆରମ୍ଭ କଲେ । କୁମାରଙ୍କର ଏପରି ଭାବ ଦେଖି ଯଶୋବନ୍ତ ଏବଂ ବିଦ୍ୟାନିଧି ପୋଟା ସହିତ ପରାମର୍ଶ କରି ସୁନ୍ଦରୀ ନିକଟକୁ ଉଦନ୍ତ ପ୍ରେରଣ କରିବାର ସ୍ଥିର କଲେ । ତତ୍‌କ୍ଷଣାତ୍ ପତ୍ରିକା ଲିଖିତ ହୋଇ ପୋଟା ହସ୍ତରେ ଅର୍ପିତ ହେଲା । ପୋଟା ଶୁଭକ୍ଷଣରେ ଯାତ୍ରା କରି ଗଲା । ଚମ୍ପାବତୀ ପୁରରେ ଏକ ସୁରମ୍ୟ ପୁଷ୍କରିଣୀ ଅଛି । ଏଣୁ ପୋଟା ଯାଇ ସେଠାରେ ପ୍ରବେଶ ହେବା ସମୟରେ ତେଣୁ ଉପାଧାୟୀ ମଧ୍ୟ ସେହି ପଥ ଦେଇ ଗମନ କରୁଥିଲେ । ଏହା ଚିତ୍ରପୁଂସ ଆଉ ମାଙ୍ଗଲ୍ୟା ଯୋଗବଳରେ ଜାଣି ପାରି, ଶୁକ ସାରୀ ରୂପରେ ସେହି ପୁଷ୍କରିଣୀ ତଟସ୍ଥିତ ଲବଙ୍ଗଲତିକା ଉପରେ ବସି, କୁମାର କୁମାରୀଙ୍କର ପରସ୍ପରରେ ଗାଢ଼ାନୁରାଗଜନିତ ମନୋବେଦନାର ପ୍ରସଙ୍ଗ ଏକ ୨ ପକ୍ଷ ଧରି ଶ୍ଳେଷଭଙ୍ଗୀରେ କୁହାକୋହି ହେଲେ । ଏ ସବୁ କଥା ଶୁଣି କାର୍ଯ୍ୟାର୍ଥୀ ପଥିକଦ୍ୱୟଙ୍କୁ ବାଟ ଦିଶି ଗଲା । ତହୁଁ ପୋଟା ଏବଂ ଉପାଧାୟୀ ଅନ୍ୟୋନ୍ୟରେ ଅଚିହ୍ନା ଭାବେ କଥୋପକଥନ କରୁ ୨ ଏକପ୍ରକାର ଅପରିଚିତ ରହିଲେ ନାହିଁ । ପୋଟା ଯାଇ ମାଳିନୀଗୃହରେ ରହିଲା । ସୁନ୍ଦରୀ ପାଟଳୀପୁଷ୍ପାନୁରାଗିଣୀ ବୋଲି ସେ ମାଳିନୀଠାରୁ ବୁଝି, ସେହି ଫୁଲରେ ସୁନ୍ଦରମାଳାମାନ ଗୁନ୍ଥି ପତ୍ରିକା ତହିଁର ମଧ୍ୟଗତ କରି, ପୁଷ୍ପଚାଙ୍ଗଡ଼ାକୁ ଏକ ବାଳବାମା ହାତରେ ଘେନାଇ ଅନ୍ତଃପୁରକୁ ଗଲା । ପୂର୍ବରୁ ଉପାଧାୟୀଙ୍କଠାରୁ ସଖୀମାନେ ସବୁ ଶୁଣିଥିଲେ, ଦେଖିଲା ମାତ୍ରକେ ଜାଣି ପାରିଲେ । ସୁନ୍ଦରୀ ମାଳା ମଧ୍ୟରୁ ପତ୍ରିକା ପାଇ ପଢ଼ି ଅତୀବ ଆନନ୍ଦିତା ହୋଇ, ମଞ୍ଜିଷ୍ଠାରସରେ ଖଣ୍ଡିଏ ପ୍ରତ୍ୟୁତ୍ତର ପତ୍ରିକା ଲେଖିଲା । ଉପାଧ୍ୟାୟୀ ଏବଂ ଅବଧୂତ ପତ୍ରିକା ଘେନି କୁମାରଥିବା ମନୋହର ଉପବନରେ ପହୁଞ୍ଚି, ମଣ୍ଡପର ସମୀପବର୍ତ୍ତିନୀ ହୋଇ, କୁମାର

---

* ନପୁଂସକ ।

ବିରହବିଷାଦରେ ମଳିନଭାବେ ଶୟନ କରିଥିବାର ଦେଖିଲେ । ତହୁଁ ଦୁହେଁ ଚାତୁର୍ଯ୍ୟ ସହିତ ମଣ୍ଡପସ୍ଥ ବ୍ୟକ୍ତିଙ୍କୁ ଶୁଣା ଯିବା ଭଳିରେ ନାନାପ୍ରକାର ପ୍ରଶ୍ନୋତ୍ତର ମତେ କପଟ ପରିଚୟ ଘେନାଘେନି ହେଉଁ ୨ ଜଣାଗଲା ଯେ, ଜଣେ ବହୁଦୂରାଗତା କୌଣସି ରାଜପୁତ୍ରୀର ବିଦ୍ୟୋପଦେଶିନୀ, ଅପରା ଇନ୍ଦ୍ରଙ୍କ ଅନ୍ତଃପୁରସ୍ଥା ଅବଳାମାନଙ୍କର ଉନ୍ମାଦରୋଗବିନାଶିନୀ ସ୍ୱର୍ଗବୈଦ୍ୟଙ୍କର ଭଉଣୀ । ପ୍ରଥମା, ନିଜରାଜପୁତ୍ରୀ ଦିନକରେ ଏକ ଆଶ୍ଚର୍ଯ୍ୟରୂପବନ୍ତ ପୁରୁଷକୁ ଦେଖି ଉନ୍ମାଦିନୀ ହୋଇଥିବାର ପ୍ରକାଶ କଲା । ଅପରା ସେ ରୋଗର ଉପସମ ଉପାୟ ଶ୍ଳେଷ-ଭଙ୍ଗୀରେ କହୁଁ ୨ ରାଜକୁମାର ଶୁଣି ଅସ୍ଥିରହୋଇ ବିଦ୍ୟାନିଧିକି ତାଙ୍କ ପାଖକୁ ପଠାଇଲେ । ସେ ଯାଇ ଆମ୍ଭ ରାଜକୁମାର ମଧ ଦିନେ ଏକ ଅନୁପମା ସୁନ୍ଦରୀକି ଦେଖି ଉନ୍ମାଦ ରୋଗା କ୍ରାନ୍ତ ହୋଇଅଛନ୍ତି ବୋଲି କହି ପ୍ରଶ୍ନର ଚରମଫଳ ଜାଣିବାକୁ ଉତ୍ସାହୀ ହେବାରୁ ଅପରା ଊର୍ଦ୍ଧ୍ୱକୁ ଚାହିଁ ମଙ୍ଗଳ ହେବାର କହି ମୋଠାରେ ଗୋଟିଏ ଗୁପ୍ତମନ୍ତ୍ର ଅଛି ତାକୁ ଜପ କଲେ ନିଶ୍ଚୟ ଫଳଦ ହେବାର ବିଦିତ କଲା ଏବଂ ମନ୍ତ୍ରଛଳରେ ପତ୍ରିକା କୁମାର ହସ୍ତରେ ଦେଇ ଦୁହେଁ ହଠାତ୍ ଅନ୍ତର୍ହିତା ହେଲେ ଓ ସୁନ୍ଦରୀକି ଯାଇ ସକଳବୃତ୍ତାନ୍ତ ଜଣାଇଲେ ।

ରାଜା ନିଜପୁତ୍ରୀର ବିବାହ ଉଦ୍ଦେଶରେ ଶୁଭଲଗ୍ନ ବୁଝି ଚାରଗଣଙ୍କୁ ଦେଶ ବିଦେଶକୁ ପଠାଇଲେ କିନ୍ତୁ ଜେମାନୁରୂପ ବର ମିଳିପାରିବା ଚିନ୍ତାରେ ବ୍ୟଥିତ ହେବାକୁ ଲାଗିଲେ । ଏହି କାଳେ ନାରଦ ଶୂନ୍ୟରେ ଥାଇ ବୀଣାନାଦରେ ଏହିକଥା ଜଣାଇଦେଲେ ଯେ "ତୋ ନବରରେ ଏକ ଚିତ୍ରମୃଗ ଆସି ଭ୍ରମଣ କରିବ, ଯେଉଁ ପୁରୁଷ ତାହାର ଚାମର ଛେଦନ କରି ପାରିବ ସେହି ସୁନ୍ଦରୀର ବର ହେବ ।" ଏ ସମ୍ବାଦ କାଦମ୍ବିନୀ ଯାଇ ନୃପଜଙ୍କୁ କହିଲା । ଏହି ସମୟରେ ନଗରଜନଙ୍କ ମୁଖରୁ ଚିତ୍ରମୃଗ ଆସି ପହଞ୍ଚିବାର କୋଳାହଳ ଶବ୍ଦ ଶୁଣାଗଲା ।

ତେତେଦିନଯାଏ ପୋଟା ସେହି ମାଳିନୀଗୃହରେ ପ୍ରତ୍ୟୁତ୍ତର ଅପେକ୍ଷାରେ ଥାଇ ଉପାଧ୍ୟାୟୀ ଏବଂ ଅବଧୂତୀ ଛଦ୍ମବେଶରେ କୁମାରକୁ ପତ୍ରିକା ଦେଇ ଆସିବା ବିଷୟ କିଛି ଜାଣି ନ ଥିଲା । ଆରଦିନ ପ୍ରାତଃକାଳରେ ସୁନ୍ଦରୀ ସଖୀମାନଙ୍କ ସହିତ ସେହି ମାଳିନୀ ଗୃହ ନିକଟ ପୁଷ୍କରିଣୀକି ସ୍ନାନ କରିବାକୁ ଗଲେ । ତାହାଙ୍କଠାରୁ ପୋଟା ମୌଖିକ ସମ୍ବାଦ ମାନ ଘେନି ଯାଇ ରାଜକୁମାରଙ୍କ ଛାମୁରେ ଶୁକ ସାରିଙ୍କର କହିବା କଥାରୁ ଆରମ୍ଭ କରି ବିବାହର ପଣ ଓ ଚିତ୍ରମୃଗ ପ୍ରବେଶ ହେବା ପର୍ଯ୍ୟନ୍ତ ସକଳ ବୃତ୍ତାନ୍ତ ବିବୃତ କର କହିଲା ।

ଭାଟମାନେ ଦେଶ ଦେଶାନ୍ତରରେ ଏ ସମ୍ବାଦ ପ୍ରଚାର କରିଦେବାକୁ ରାଜାଏ କ୍ରମେ ୨ ଆସି ଚମ୍ପାବତୀପୁରରେ ଠୁଳ ହେବାକୁ ଲାଗିଲେ । ପୁଷ୍ପକେତୁ ମଧ ପିତାଙ୍କଠାରୁ

ଅନୁମତି ଘେନି ସବଳେ ସୁସଜ୍ଜିତ ହୋଇ ଯାତ୍ରା କରି ଉତ୍ସୁକ ମନରେ ଚମ୍ପାପୁରରେ ପହୁଞ୍ଚିଲେ । ଦେଖୁ ଦେଖୁ ଚମ୍ପାପୁର ରାଜାମାନଙ୍କର ରଥ, ଅଶ୍ୱ, ହସ୍ତୀ, ପଦାତ ଓ ବାଦ୍ୟ, ନାଦରେ ପରିପୂର୍ଣ୍ଣ ହୋଇ ଉଠିଲା । ମନ୍ତ୍ରୀ ରାଜାଙ୍କ ସହିତ ପରାମର୍ଶ କରି ବିଦେଶୀ ରାଜାମାନଙ୍କୁ ସମୁଚିତ ମାନ୍ୟ ସହିତ ନାନାବିଧ ପୁଷ୍ପ ବହୁ ପୁଷ୍କରିଣୀ ଓ ଅଟ୍ଟାଳିକା ମଣ୍ଡିତ ଏକ ସୁଦୃଶ୍ୟ ପ୍ରଶସ୍ତ ଉପବନରେ ସେମାନଙ୍କର ରହିବା ସ୍ଥାନ ନିରୂପିତ କରିଦେଲେ ।

ଚମ୍ପାବତୀନଗରୀ ରାଜାଗଣଙ୍କ ପ୍ରଭାରେ ଉଜ୍ଜ୍ୱଳବତୀ ହେଲା । ନାଗରିକ ଓ ପୌରଜନମାନଙ୍କର ମନ ଆନନ୍ଦଦୋଳାରେ ଖେଳା କଲା । କିନ୍ତୁ ରାଜନନ୍ଦିନୀର ମନ ଅଦୃଶ୍ୟ ଅଶାର ସୋପାନରେ ଠିଆ ହୋଇ ପାରିଲା ନାହିଁ । ସଖୀଙ୍କି ମୃଦୁସ୍ୱରରେ କହିଲା, —ପାଟଳୀପୁତ୍ର ରାଜକୁମାର ମୋଠାରେ ସ୍ନେହୀ ହୋଇ ଆସିଅଛନ୍ତି କି ନାହିଁ କିପରି ଜଣାଯିବ ? ଆସି ନ ଥିଲେ ମୋହୋର ପ୍ରାଣ ନିଶ୍ଚୟ ଶମନର କରଗତ ହେବ ! ଏପରି ଭାବ ଦେଖି ବାଣିଜା କାଳୋଚିତ କୋମଳ ବଚନରେ ସାନ୍ତ୍ୱନା କରୁଥିଲା । ଏହି ସମୟରେ ମାଳିନୀ ଆସି ପୁଷ୍ପଚାଙ୍ଗଡ଼ା ରଖି ଉଭା ହେଲା । ଆଜି ଫୁଲ ଅଳପ କାହିଁକି ? ଶଚୀକଳା ପଚାରିବାରୁ ବ୍ୟକ୍ତ କଲା ଯେ, ପୁଷ୍ପକାନନ, ପୃଥିବୀଯାକର ନରନାୟକରେ ପରିପୂର୍ଣ୍ଣ ହୋଇଅଛି । ତହିଁ ମଧ୍ୟରେ ଶ୍ରେଷ୍ଠତର ଏକ ରାଜକୁମାରଙ୍କୁ ଚନ୍ଦ୍ର ତୁଲ୍ୟ ଉଜ୍ଜ୍ୱଳାକୃତିରେ ଦେଖିଲି । ତାହାଙ୍କ ଦୁଇପାଶେ ବୃହସ୍ପତି ଶୁକ୍ର ରୂପରେ ଦୁଇମିତ୍ର ବସିଥିଲେ । ତାଙ୍କ ମଧ୍ୟରୁ ଜଣେ ମୋ ନିକଟକୁ ଆସି ସୁଗନ୍ଧିପୁଷ୍ପ ମାଗିଲା ଓ ମୁଁ ଯେତେ ଫୁଲ ଦେଲି ନ ନେଲା । କେବଳ ବତିଶଟି ଚମ୍ପାପୁଷ୍ପ ସୂତାରେ ଗଳାଇ ଏଥିରେ ବୀରବଶ ବୋଲି ଭଣିଲା । ଏ ଭଙ୍ଗୀରୁ ମୁଁ ଅନୁମାନ କଲି "ଚମ୍ପାବତୀଶସୁତାରେ (ଆସ୍ମ ରାଜପୁତ୍ରୀଠାରେ)" ତାଙ୍କ ରାଜକୁମାର ବଶୀଭୂତ ହୋଇଅଛନ୍ତି । ପଚାରି ମଧ୍ୟ ବୁଝିଲି ସେ ପାଟଳୀପୁତ୍ର ନରେଶଙ୍କର କୁମାରମଣି ! ଆହୁରି ଏଠାକୁ ଆସିଥିବା ପୋଚା ପରି ସେଠାରେ ଜଣେ ବସିଥିଲା । ଏ ସମ୍ବାଦ ଦେଇ ମାଳିନୀ ବିଦାୟ ହୋଇ ଯିବା କାଳରେ ଚତୁରା ଚେଟୀଏ ଆସି କହିଲା,—ମୁଁ ପଦ୍ମପତ୍ର ନିମିତ୍ତ ଉପବନକୁ ଯାଇଥିଲି । ଜଗଦ୍-ବନ୍ଦନୀୟ ଏକ ରାଜନନ୍ଦନ ସରସୀତଟସ୍ଥ ଗୋଟିଏ ବକୁଳବୃକ୍ଷ ମୂଳରେ ବସିଥିଲେ ।ମୋତେ ଦେଖି ପରିହାସ ଛଟାରେ ପଦକେତେ କଥା କହି, ଗୋଶୃଙ୍ଗରେ ଗଠିତ ଗେଣ୍ଡୁଟିଏ ଦେଇଅଛନ୍ତି, ଏହି ନିଅ ବୋଲି ଥୋଇ ଦେଲା । ସଖୀଏ ତହିଁରେ ଅଙ୍ଗୁଳି ଆଘାତ କରିବା ମାତ୍ରେ ତହିଁ ମଧ୍ୟରୁ ଏକ ସ୍ୱର୍ଣ୍ଣପତ୍ର ବାହାରିଲା; ପତ୍ରଖଣ୍ଡି ମର୍କତମିନା ଫୁଙ୍କା ବର୍ଣ୍ଣାବଳୀରେ ଦୀପିତ ହୋଇଥିଲା । ସୁନ୍ଦରୀ ଆଦରସହିତ ପଢ଼ି ହୃଦୟକୁ କିଛି ଭରସାନ୍ୱିତ କଲା ଏବଂ କାନବିଛା ରକ୍ତରେ ଖଣ୍ଡିଏ ପତ୍ରିକା ଲେଖି ଏକ ବାଳାଙ୍ଗନା

ହାତରେ ପଠାଇଲା । ସେ ଯାଇ ସନ୍ଧ୍ୟା ବର୍ଣ୍ଣନା ବୋଲି କହି, ସେ ପତ୍ରିକା ଖଣ୍ଡି ବିଦ୍ୟାନିଧିକି ଦେଇ ଆସିଲା; କିନ୍ତୁ ତାହା ନିରକ୍ଷର ବୋଧ ହେଲା । ଅନତିବିଳମ୍ବରେ ସନ୍ଧ୍ୟା ହେବାରୁ ବର୍ଣ୍ଣମାନେ ଝଟକି ଉଠିଲେ । ରାଜକୁମାର ପଢ଼ି କିଞ୍ଚିତ୍ ପରିତୃପ୍ତି ଲାଭ କଲେ ।

ଆରଦିନ ପ୍ରାତଃକାଳରେ ବିଚିତ୍ରମୃଗ ଅସି ଆଗତ ହେଲା ବୋଲି ଶବ୍ଦ ଶୁଣାଗଲା । ରାଜାମାନେ ସଜ ହୋଇ ନିଜ ନିଜ ଯାନାରୋହଣରେ ବାହାରିଲେ । ନଗରର ନରନାରୀ ପନ୍ତି ପନ୍ତି ହୋଇ ଗତି କଲେ । ପାତ୍ର, ମନ୍ତ୍ରୀ ଓ ରାଜପୁର ବଧୂମାନେ ଅଟ୍ଟାଳିକା ଉପରେ ବସି ଗବାକ୍ଷ ପୁଟମାନ ବିମୁକ୍ତ କରି ଅନାଇଲେ । ରାଜଜେମା ହୃଦୟହାରକ ରାଜକୁମାରଙ୍କୁ ନେତ୍ରଗତିରେ ଅନୁସନ୍ଧାନ କରି ଦେଖିବାରେ ରହିଲେ । ସେ କଠିନ ପଣରେ ଜୟୀ ହୋଇ ପାରିବେ କି ନାହିଁ ମନ ଏହି ଆଶା ନିରାଶାର ମଧଗତ ହୋଇ ଏକପ୍ରକାର ଛନ୍ନକଡ଼ତା ଅବସ୍ଥା ପ୍ରାପ୍ତ ହେଲା । ଏହି କାଳରେ ବିଚିତ୍ରମୃଗ ରଙ୍ଗସ୍ଥଳରେ କ୍ରୀଡ଼ା କରିବାକୁ ଲାଗିଲା । ମୃଗର ଲୋମପନ୍ତି ନକ୍ଷତ୍ରରାଜି ସଦୃଶ, ପୁଚ୍ଛ ନୀଳଜଳଧରଖଣ୍ଡ ପରି, କାନ୍ତି ତଡ଼ିତ୍ ବତ୍, କେତେବେଳେ ଦୃଶ୍ୟ କେତେବେଳେ ଅଦୃଶ୍ୟ, କେତେବେଳେ ନିକଟ, କେତେବେଳେ ଦୂର ହେଲା ।

ସକଳରାଜାଏ ସମବେତ ହେବାର ଦେଖି ରାଜକେଶରୀ ବିଶ୍ୱାନନ୍ଦକ ''ଯେ କେହି ପାର ପୁଚ୍ଛ ଛେଦନ କର'' ବୋଲି ଆଜ୍ଞା ଦେଲେ । ରାଜାମାନେ ଜଣ ଜଣକେ ଅଶ୍ୱାରୋହଣରେ ନିଜ ନିଜ ପରାକ୍ରମ ପ୍ରକାଶ କରି ବିଫଳଯତ୍ନ ହୋଇ ପଡ଼ିଲେ । ପୁଷ୍ପକେତୁ ଏକ ଦ୍ରୁତଗତି ତୁରଙ୍ଗମକୁ ଝପଟାଇ ପଲକସଞ୍ଚାଳନ କାଳ ମଧରେ ପୁଚ୍ଛ ଛେଦନ କରି ଆଣିଲେ । ହଠାତ୍ ଶୂନ୍ୟରୁ ପାରିଜାତମାଳ ଖସି ବୀର ଗଳାରେ ଲମ୍ବିତ ହେଲା । ସକଳ ନୃପତି ଚୋର ପରି ଲଜ୍ଜାରେ ପଳାଇଲେ । ବିଶ୍ୱାନନ୍ଦକ ସାଦରେ କୁମାରଙ୍କୁ ଘେନି ଗଲେ । ତାଙ୍କ ଚିତ୍ରପଟ ଅନ୍ତପୁରକୁ ପ୍ରେରିତ ହେଲା ଓ ରାତ୍ରକୁ ନୃତ୍ୟ ଗୀତାଦି ଆମୋଦରେ ରାଜଭବନ କମ୍ପି ଉଠିଲା ।

ଆରଦିନ ପାତ୍ର, ମନ୍ତ୍ରୀ, ଜ୍ୟୋତିଷ ଓ ପୁରୋହିତମାନେ ଏକତ୍ରିତ ହୋଇ ବିବାହ ଲଗ୍ନ ସ୍ଥିରୀକୃତ କରି ପାଟଳୀପୁତ୍ର ନରପତିଙ୍କ ନିକଟକୁ ଶୁଭସମ୍ବାଦ ପ୍ରେରଣ କଲେ । ରାଜା ସମ୍ବାଦ ପ୍ରାପ୍ତ ମାତ୍ରେ ଆନନ୍ଦବିହ୍ୱଳ ହୋଇ ଚମ୍ପାପୁରରେ ପ୍ରବେଶ ହେଲେ । କ୍ରମେ ରାଜୋପଯୁକ୍ତ ଆୟୋଜନମାନ ସଜ୍ଜିତ ହୋଇ ନିରୂପିତ ଦିନ ମହାସମାରୋହରେ

---

* ଏ କାବ୍ୟ ଖଣ୍ଡି ଅସମ୍ପୂର୍ଣ୍ଣ ହୋଇଥିଲା ପରି ଜଣା ଯାଉଅଛି, କାରଣ ବିବାହାନ୍ତେ ପାଟଳୀପୁତ୍ର ରାଜକୁମାର ସ୍ୱଦେଶକୁ ଯିବାର କଥା କି ଅନ୍ୟ କୌଣସି ଘଟନାର ଉଲ୍ଲେଖ ନାହିଁ । ଏ ଦେଶୀୟ ଅନେକ ଲୋକଙ୍କର ମତ ମଧ୍ୟ ଏ ସମ୍ପର୍କରେ ଏହି ପ୍ରକାର ଅଟଇ ।

ବିବାହକାର୍ଯ୍ୟ ସମ୍ପନ୍ନ ହେଲା । କୁମାର କୁମାରୀ ଆଶାନୁରୂପ ଫଳ ଲାଭ କରି ଚିରିଦିନକୁ ସୁଖୀ ହେଲେ* ।

## ନାୟକ ନାୟିକା ।

ଯେଉଁ ନାୟକ ନାୟିକାର ବିଷୟ ବର୍ଣ୍ଣନାରେ କାବ୍ୟ ଗଠିତ ହୁଏ, ସେ ନାୟକ ନାୟିକା ଅବଶ୍ୟ ସାଧାରଣ ମନୁଷ୍ୟ ଅପେକ୍ଷା ଅନେକାଂଶରେ ଶ୍ରେଷ୍ଠତର ବୋଲି ସହଜଜ୍ଞାନରେ ବୁଝା ଯାଉଅଛି । ସେହି ଶ୍ରେଷ୍ଠତା କେବଳ ମାନବପ୍ରକୃତିର ମହତ୍ତ୍ୱ ଓ ଉଜ୍ଜ୍ୱଳତାର ନିଦର୍ଶନ ଅଟଇ । ନିଦର୍ଶନର ବିସ୍ତୃତଛବି କାବ୍ୟରେ ସୁନ୍ଦରରୂପେ ପ୍ରତିଭାତ ହେବା ଆବଶ୍ୟକ । ତାହା ନ ହେଲେ ରସର ସୌନ୍ଦର୍ଯ୍ୟ ବିନଷ୍ଟ ହୋଇ ଯିବାର ସଂପୂର୍ଣ୍ଣ ସମ୍ଭାବନା । ରସର ସୌନ୍ଦର୍ଯ୍ୟ ସ୍ୱାଭାବିକ ଓ ଯୁକ୍ତିଯୁକ୍ତ ଭାବଦ୍ୱାରା ଯେପରି ଉତ୍କୃଷ୍ଟତା ଲଭଇ ଅସ୍ୱାଭାବିକ(ବ) ଓ ଅଯୌକ୍ତିକ ଭାବଦ୍ୱାରା କଦାପି ସେପରି ହୁଅଇ ନାହିଁ । ରସସମ୍ବନ୍ଧରେ ନାୟିକାଠାରୁ ପୁଣି ନାୟକର ପ୍ରାଧାନ୍ୟ ଅଧିକ, କାରଣ ନାୟକଠାରେ ଯେତେଗୁଡ଼ିଏ ରସର ଅବତାରଣା ହୋଇପାରେ ନାୟିକାଠାରେ ତେତେଗୁଡ଼ିଏ ହେବାର ସମ୍ଭବପର ନୁହେଁ । ଏହି ଘେନି ଶ୍ରେଷ୍ଠତା ଗୁଣରେ ନାୟକ ପ୍ରଥମସ୍ଥାନୀୟ ଓ ସ୍ତ୍ରୀ ଦ୍ୱିତୀୟସ୍ଥାନୀୟା ଏବଂ ପୁରୁଷର ଆଶ୍ରିତସ୍ୱରୂପା ଅଟଇ । ନାୟକ ସମ୍ପର୍କରେ ଅଳଙ୍କାରଶାସ୍ତ୍ରକାରଗଣ କହିଅଛନ୍ତି ଯେ ଯେଉଁ ବ୍ୟକ୍ତି କୁଳୀନ, ଦାତା, ସାଧୁ, ସୁଶ୍ରୀ, ଦକ୍ଷ, ଅନୁରକ୍ତ, ତେଜସ୍ୱୀ ଓ ରସିକ ସେହି ନେତା ପଦର ଯୋଗ୍ୟପାତ୍ର । ଏହିପରି ଗୁଣସମ୍ପନ୍ନ ନାୟକ ଶୃଙ୍ଗାର ବୀର ପ୍ରଭୃତି ଯେତେଗୋଟି ରସର ଆଧାରସ୍ଥଳ ହୋଇପାରେ ତାହାର ମାହାତ୍ମ୍ୟ ତେତିକି ଅଧିକ ହୁଏ । ବର୍ତ୍ତମାନ ସମାଲୋଚିତ କାବ୍ୟ ଆଦିରସାତ୍ମକ । କାବ୍ୟର ନାୟକ କେତୋଟି ରସରେ ଯୁକ୍ତ ହୋଇଥିବାର ବର୍ଣ୍ଣିତ ହୋଇଥିଲେହେଁ ତାହା ସଂକ୍ଷିପ୍ତ କଥନ ମାତ୍ର । କେବଳ ଆଦିରସୋପଯୋଗୀ ଭାବନିଚୟରେ ନାୟକର ହୃଦୟ ପୂର୍ଣ୍ଣ ଥାଇ, ତଦୁପଯୁକ୍ତ ଉପକରଣାବଳୀରେ କାବ୍ୟଖଣ୍ଡି ବିଭୂଷିତ ହୋଇଅଛି । ଅତଏବ ଏଥିରେ ପ୍ରଣୟକ୍ଷେତ୍ର ନାୟକ ନାୟିକାଙ୍କ ରୂପ ଗୁଣର ଶ୍ରେଷ୍ଠତା କି ପ୍ରକାର ପ୍ରଦର୍ଶିତ ହୋଇଅଛି ଓ ତାଙ୍କ ହୃଦୟରେ ଅନୁରାଗଲତିକା କିପରି କାରଣରୁ ଜାତ ହୋଇ ପରିବର୍ଦ୍ଧିତ ଓ ସମ୍ମିଳିତ ହୋଇଅଛି ଏବଂ ତାହା ସ୍ୱାଭାବିକ ଓ ଯୁକ୍ତିଯୁକ୍ତ କି ନା, ତହିଁର ଆଲୋଚନା କରାଯାଉଅଛି ।

କବି ପୁଷ୍ପପୁର ରାଜକୁମାରର ରୂପଗୁଣର ବର୍ଣ୍ଣନା ଏହିପ୍ରକାର କରିଅଛନ୍ତି:—

ସେ ପାଟଳୀପୁତ୍ର ପୁର । ନୃପତି ଦୀପ୍ତିସାଗର ।
ବିଂଶବରଷ ଲଭିତ । ତାହାର ସୁତ ଯେ ॥

ଏମନ୍ତ ସୁନ୍ଦରଈଶ । କାମଦେବ ତାହା ବେଶ ।
ଧରି ସୁନ୍ଦର ବୋଲାଏ । ପୌଣ୍ଡ୍ରକ(୧) ପ୍ରାୟେ ଯେ
ପୁଂସଲକ୍ଷଣେ ମକର । କେତୁରେ ବହିଛି ମାର ।
ପୁଷ୍ପକେତୁନାମ ସିଦ୍ଧ । ସେ ପୁଷ୍ପାୟୁଧ(୨) ଯେ ॥
ଏମନ୍ତ ସେ ବୀରପଣେ । ଭୀମ ବୋଲି ଯେବେ ଶୁଣେ ।
ସେହି ବୃନ୍ଦକୁ ଗଞ୍ଜଇ । ଗଦା ଭାଙ୍ଗଇ ଯେ ॥
ଭୈରବ ନ ସଧାଇଲେ । ଏମନ୍ତ ଚିତ୍ତେ ଧାୟିଲେ ।
ପଦକ(୩)ରହିବ କେହି । ପାଞ୍ଚିଲେ ଏହି ଯେ ॥
ଶୁଣି ଧନୁର୍ଦ୍ଧରପଣ । ଲକ୍ଷ୍ୟେ ଭାଜିଲେ ଲକ୍ଷ୍ମଣ ।
ହୋଇଥିବ ଇନ୍ଦ୍ରଜିତ । ଅବଶ୍ୟ ଜାତ ଏ ॥
କର୍ତ୍ତାପରି ବ୍ୟାକରଣେ । ପାଣିନି ଯେ ମନେ ଗୁଣେ ।
କରିବା ଏହା ସଙ୍ଗତି । ହେବ ବ୍ୟୁତ୍ପତ୍ତି ଯେ ॥
ମୀମାଂସା ବେଦ ବେଦାନ୍ତେ । ଟୀକାପୁସ୍ତକ ଏ ସତେ ।
ଜୈମିନି ବିଖନ(୪) ବ୍ୟାସ । ପ୍ରଶଂସି ତୋଷ ଯେ ॥
କଲ୍ୟାଣେ କର ଅଞ୍ଜଳି । କରେ ଶୁଣି ପତଞ୍ଜଳି ।
ବଇଶେଷିକ ସାଂଖ୍ୟରେ । ସାକ୍ଷ୍ୟ ପ୍ରକାରେ ଏ ॥
ବେନିରୂପେ ନ୍ୟାୟବନ୍ତ(୫) । ଏହିରୂପେ ଜାଣେ ମନ୍ତ୍ର(୬) ।
ଅଳଙ୍କାର ଅଳଙ୍କାର(୭) । ଦୁଇ ପ୍ରକାର ଏ ॥
ତୁରଙ୍ଗାରୋହଣ ଚାହିଁ । ହେଳି(୮)କାଶ୍ୟପିକି(୯) କହି ।
କେମନ୍ତ ଆଶ୍ଚର୍ଯ୍ୟ ସାଦି । ମହୀ ସମ୍ପାଦି ଏ ॥
ଚଢ଼ି ନ ଜାଣନ୍ତି ଗଜ । ଏହାପରି ସୁରରାଜ ।
ହୟ ହସ୍ତୀ ନାହିଁ ମିଳି । ଆସନ ଭଳି ଯେ ॥
ସୁମେରୁ ଦାନକୁ ଭୟ । କରି ହେଲା ଦେବାଳୟ ।
ଘେନିଲା ଏହି ବିବେକ । ମହାଧାର୍ମିକ(୧୦) ଏ ॥
ଯାହାର କୀରତି ସୁଧା । ଧବଳି ସାରି ବସୁଧା ।
ହଂସ ହୋଇଲା ମାନସେ । କ୍ରୀଡ଼ା ମାନସେ(୧୧) ଯେ ॥
ସେ ପୁଣି କ୍ଷୀର ହୋଇଲା । ବ୍ରହ୍ମାଣ୍ଡ ଭାଣ୍ଡେ ପୂରିଲା ।
ଶ୍ରୁତିମୁଖରେ ପିଇଣ । ହୃଷ୍ଟ ମାର୍ଗଣ(୧୨) ଏ ॥
ବୀଣା ଶ୍ରବଣେ ନାରଦ । ସନ୍ତୋଷେ ହେଲେ ବରଦ ।
ହେଉ ତବ ମନୋହାରୀ । ଦିବ୍ୟ ସୁନ୍ଦରୀ ଏ ॥
ଯା ପରି ଚାରିଲପନ । ଦେଖି ନ ଥିବ ସ୍ୱପନ ।
ଏରୂପେ ସମ୍ଭବ ହେଉ । କଳ୍ପନା ଯେହୁ ହେ ॥
ଅଳପକ କଳପନା । ନୋହେ ଯେହୁ ସୁଲପନା ।
କଳ୍ପକଳ୍ପ କଳ୍ପ ହୋଇ । ଯାହା ଧିଆଇ ଯେ ॥(ଇତ୍ୟାଦି)

[(୧) ପୌଣ୍ଡରିକ ନାମରେ ଏକ ରାଜା, ବାସୁଦେବଙ୍କ ପରି ହେବା ଇଚ୍ଛାରେ ତଦ୍‌ଯୋଗ୍ୟ ନାନାପ୍ରକାର ଉପକରଣଦ୍ୱାରା କୃତ୍ରିମବେଶ ଧାରଣ କରିଥିଲା, କିନ୍ତୁ କୃତକାର୍ଯ୍ୟ ହୋଇ ନ ପାରି ଶେଷକୁ ପୌଣ୍ଡରିକବାସୁଦେବ ବୋଲି ଏକ ହାସ୍ୟାସ୍ପଦ ନାମ ପାଇଥିଲା । (୨) ମାର ମକର ଚିହ୍ନକୁ ନିଜ 'କେତୁ' ପତାକାରେ ଧାରଣ କରିଛି, ରାଜକୁମାର ମତ୍ସ୍ୟ ପତାକା ପ୍ରଭୃତି ମହାପୁରୁଷ ଲକ୍ଷଣମାନଙ୍କୁ ହସ୍ତରେଖାଦିରେ ବହିଛି । କନ୍ଦର୍ପ ପୁଷ୍ପାୟୁଧ, ଏହାର ନାମ ପୁଷ୍ପକେତୁ । (୩) ଭୈରବସାଧନାରେ ସବଳେ ଏକପାଦ ଆଗକୁ ପକାଇବାର ହୁଏ । ସାଧନା କାଳରେ ପୁଷ୍ପକେତୁ ନିଜ ପରାକ୍ରମ ଅନୁସାରେ ଏକପାଦ ଆଗକୁ ପକାଇଲେ ସେ ପାଦର ଆଘାତ ଭାର ପୃଥିବୀ ସହି ପାରିବ କି ନାହିଁ ଏହି ଆଶଙ୍କାରେ ତାଙ୍କୁ ଭୈରବସାଧନା ସଧାଇ ଶିଖାଇଲେ ନାହିଁ । (୪) ବ୍ରହ୍ମା; (୫) ନ୍ୟାୟ ଏବଂ ବ୍ୟବହାରରେ ନିପୁଣ; (୬) ମନ୍ତ୍ରାଦି ଏବଂ ମନ୍ତ୍ରଣାଦିରେ ପଟୁ; (୭) ଅଳଙ୍କାରଶାସ୍ତ୍ରଜ୍ଞ ଏବଂ ଭୂଷଣର ଭୂଷଣସ୍ୱରୂପ; (୮) ସୂର୍ଯ୍ୟ; (୯) ଅରୁଣ; (୧୦) ସୁମେରୁ ସ୍ୱର୍ଣ୍ଣମୟ ହେତୁରୁ କୁମାରଙ୍କର ଦାତାପଣ ଦେଖି କାହାକୁ କାଳେ ଦାନ କରିଦେବେ ଏହି ଭୟରେ ସେ ଦେବତାମାନଙ୍କର ଆବାସ ସ୍ଥାନ ହେଲା । ପୁଣି ପଛେ ମନରେ ବିଚାର କଲା, ଏ ଧାର୍ମିକ କଦାପି ଅନ୍ୟାୟକାର୍ଯ୍ୟ କରିବେ ନାହିଁ । (୧୧) ହଂସ ମାନସରୋବରରେ କ୍ରୀଡ଼ା କରିବାକୁ ଇଚ୍ଛା ବଳାଇଲା ପରି ଲୋକମାନଙ୍କ ମନ ମଧ୍ୟରେ ଖେଳା କରିବା ଇଚ୍ଛାରେ କୁମାରଙ୍କର କୀର୍ତ୍ତି ହଂସସ୍ୱରୂପ ହେଲା । (୧୨) ମାଗିବାଲୋକ ।]

ଯେଉଁ ୨ ବିଦ୍ୟାରେ ଯେଉଁ ୨ ମାନେ ସର୍ବପ୍ରଧାନ ବୋଲି ଜଣା ଅଛି ସେମାନେ ସମସ୍ତେ ନିଜ ୨ ଗୁଣରେ ପୁଷ୍ପକେତୁ ନିକଟରେ ହୀନପ୍ରଭ ହେଲେ । ଫଳତଃ ପୁଷ୍ପକେତୁ ସକଳବିଦ୍ୟାରେ ଅଦ୍ୱିତୀୟ ନିପୁଣତା ଲାଭ କଲେ । କବି ନାୟକକୁ ସର୍ବଗୁଣରେ ପ୍ରଧାନ କରି ସଜାଇବା ପକ୍ଷରେ ବର୍ଣ୍ଣନାର ଶେଷସୀମା ପର୍ଯ୍ୟନ୍ତ ଯାଇଅଛନ୍ତି, ଏପରି ନାୟକର ଅନୁରୂପ କାର୍ଯ୍ୟକଳାପର ପ୍ରାଧାନ୍ୟ ରକ୍ଷା କରିବା ପକ୍ଷରେ କେତେଦୂର ସମର୍ଥ ହୋଇଅଛନ୍ତି ତାହା ପରେ ପ୍ରକାଶ ପାଇବ । ଆଉ କୋଟିବ୍ରହ୍ମାଣ୍ଡସୁନ୍ଦରୀର ଯୌବନ ସମୟର ସୌନ୍ଦର୍ଯ୍ୟ ଗୁଣ ଗରିମାର ବର୍ଣ୍ଣନା ଯେପ୍ରକାର ହୋଇଅଛି ତାହା ଏହିଠାରେ ପ୍ରକଟିତ କରା ଯାଉଅଛି ।

ଯେଉଁ ଯଉବନୀକି ଧରି । ଧରିତ୍ରୀ ହୋଇଲା ଉଦ୍ଧରି ।
ତନୁ ତାର ମାପ ପ୍ରମାଣ । ଅଦଭୁତରେ ସେ ନିର୍ମାଣ ।।
ସେ କଳାନିଧି କଳା ବୃଦ୍ଧି । କରନ୍ତେ ବାଲ୍ୟରୁ ଅବଧି ।
ଯୌବନେ ପୂର୍ଣ୍ଣତା ପାଇଲା । ଲକ୍ଷ୍ମଣେ ମହତ ବହିଲା ।।
ସେ ବଶୀକରଣ ତ୍ରିବିଧି । ପ୍ରକାଶ ହାସ ଅଉଷଧି ।
ମୋହନମନ୍ତ୍ର ମୃଦୁବାଣୀ । ବୋଲାଇ ରମଣୀଙ୍କ ମଣି ।।
ନବବୟସ ସଙ୍ଗେ ମେଳ । ହୋଇ ହେବାରୁ କୋଳାକୋଳ ।
ଶୋଭା ପ୍ରଭାଏ ଭିଡ଼ାଭିଡ଼ି । ହରଷ ରସ ଜଡ଼ାଜଡ଼ି ।।
ଭାବ ଲାଜ ଏ କସାକସି । ହାବ ନୟନ ମିଶାମିଶି ।

ଲୀଳାବିଳାସ ଦିଶିଗଲେ । ପ୍ରସନ୍ନସାଗର ଉଚ୍ଛୁଳେ ॥
ଯୋଗେ ଯୋଗୀଏ ଦେଲେ ଚାହିଁ । ପଲକ ଭାସିଯିବ କାହିଁ ।
ବୁଡ଼ାଇବେ ସେ ପୁଣି ଜ୍ଞାନ । ବଡ଼ାଇ ଯାହାର ଏସନ ॥
ଜଗତି-ବିଳାସରେ ଥାଇ । ଜଗତି-ବିଳାସକୁ ଦେଇ(୧) ।
ଏସନ କୀର୍ତ୍ତିସମୂହକୁ । ଯେ ଶୁଣେ ଭଜେ ସେ ମୋହକୁ ॥
କମ୍ବୁ ଡମ୍ବରୁ ବିଷ୍ଣୁ ଶିବେ । ଜଣାନ୍ତି କି କରିବୁଁ ଏବେ ।
ଯୌବନକୁନ୍ଦେ କୁନ୍ଦ ହେଲା । କାମ-ହେମ-ଯନ୍ତ୍ର-ପିତୁଳା ॥
ସେ ଘେନି ନିଜ ଧୈର୍ଯ୍ୟ ବାଧ । ଏକ ଶଂଯନ ସିନ୍ଧୁମଧ ।
ଏକ କୃତ୍ତିକି ଘୋଡ଼ି ହେଲେ । ତାକୁ ଲୁଚାଇ ସେ ଲୁଚିଲେ ॥
ମୁଖଛବି ଧ୍ୟାନରେ ଲୀନ । ସଙ୍କୋଚ ମଳିନ ନଳିନ ।
ଦିନାନ୍ତେ ଜନ୍ମିଲା ସେ ଭୀତି । ନିତି ନିତି ଭଜେ ସେ ରୀତି ॥

* * * *

ହେଠମୁଖ ଅଶ୍ୱିନୀସୁତ । ଶଶୀ ମାରୁଛି ହୃଦେ ହାତ ।
ମଘବା ମୁକୁରକୁ ଚାହିଁ । ହରଷ ବିରସ ହୁଅଇ ॥
ଲବେ ଥୟେ ନୋହେ ମରୁତ । ଭାବି ମୁଁ ଦିତୀ ଗର୍ଭଜାତ ।
ନିରେଖେ କୁବେର ତନୁକୁ । ନୈର୍ଋତ ଚାହେଁ ଆସନକୁ ॥
ଦିନ ନେଉଛି ଦୀନ ହୋଇ । ଯମ ପଦରେ ଲୟ ଦେଇ ।
ବରୁଣ ପାଶେ ଦେଇ ଦୃଷ୍ଟି । ଏ ବୁଦ୍ଧି ହେବ ବୋଲି କଷ୍ଟୀ ॥
ସନ୍ନିକଟ ଦକ୍ଷିଣାୟନେ । କଥା ସେ ବେନି ବିରୋଚନେ ।
ବହିବାରୁ ଏ ତେଜମାନ । ହେଲାଇଁ ସିନା ବିରୋଚନ ॥
କୁମାରେ ଏହି ଚିନ୍ତା ଘୋର । ରାବଣୁ ଊଣା ଶୋଭା ମୋର ।
ଆନ କି ଉପମା ସେ ଯୋଷା । ଜାନକୀ ରୂପକୁ ସଦୃଶା ॥
ଗଙ୍ଗା ଯେ ନଦୀ ଭୟଙ୍କରୀ । କରୀରେ ଆଦର ନ କରି ।
ସେହି ଲପନ କର୍ମେ ହେଲି । ମାଳି ଘେନି ଗଣେଶ ଭାଳି ॥ (ଇତ୍ୟାଦି)

କବି ନାୟିକାକୁ ଲାବଣ୍ୟମୟୀ ମୂର୍ତ୍ତି କରି ଚିହ୍ନାଇବା ପକ୍ଷରେ ତ୍ରୁଟି କରି ନାହାନ୍ତି । ବିଦ୍ୟାବତୀ ବୋଲି ମଧ ସ୍ଥାନାନ୍ତରରେ ଏହିପ୍ରକାର ପରିଚୟ ମିଳିଅଛି ଯେ ସରସ୍ୱତୀ ସୁନ୍ଦରୀପଣରେ ହାରି ଲାଞ୍ଛସ୍ୱରୂପ ସକଳବିଦ୍ୟା ରାଜନନ୍ଦିନୀଙ୍କି ପ୍ରଦାନ କରିଅଛନ୍ତି । ଆଉ ସୁନ୍ଦରୀର ସୌନ୍ଦର୍ଯ୍ୟଛଟାଦ୍ୱାରା ଧୈର୍ଯ୍ୟର ବାଧା ଘଟିବା ଆଶଙ୍କାରେ ବିଷ୍ଣୁ

[(୧) ସୁନ୍ଦରୀ 'ଜଗତି ବିଳାସରେ' ଅଟ୍ଟାଳିକା ଉପରେ ଖେଳା କରୁଥିବା ସମୟରେ କେହି ୨ ଦେଖିବାଦ୍ୱାରା ଅନୁପମା ରୂପବତୀ ବୋଲି ଦେଶ ଦେଶାନ୍ତରରେ ପ୍ରଚାର ହେବାରୁ 'ଜଗତି ବିଳାସକୁ' ସଂସାରଜନଙ୍କ ମନରେ ନିଜଶୋଭାକୁ ବିଳାସ କରିବାକୁ ଦେଲା । ]

ସିନ୍ଧୁମଧରେ ଶୋଇ ଓ ମହାଦେବ ଚମ ଘୋଡ଼ି ହୋଇ ଲୁଚିଲେ । ଅନ୍ୟାନ୍ୟ ଦେବତାମାନେ ନିଜ ୨ ଦୋଷ (ଅଶ୍ୱିନୀକୁମାର ଘୋଡ଼ାମୁହାଁ, ଚନ୍ଦ୍ର କଳଙ୍କୀ, ଇନ୍ଦ୍ର ସହସ୍ରଚକ୍ଷୁ, ପବନ ଅସୁରୀ ପୁଅ, କୁବେର ଜାଦୁଆ, ନୈର୍ଋତ ଶବଆରୋହୀ, ଯମ ଗୋଦରା ଇତ୍ୟାଦି) ଦେଖି ସୁନ୍ଦରୀର ପତି ହେବା ଯୋଗ୍ୟ ନୁହନ୍ତି ବୋଲି ଜାଣି ପାରି ବ୍ୟଥିତ ହେଲେ । ଜଣେ ସୁନ୍ଦରୀର ସୌନ୍ଦର୍ଯ୍ୟଗର୍ବ ରକ୍ଷା କରିବା କି ଦେବତାମାନଙ୍କର ଦେବତ୍ୱ ଗୁଣରେ କଳଙ୍କ ଘଟାଇବାଦ୍ୱାରା ଅଧିକ ହୁଏ ? ନା କାବ୍ୟଚରିତର କଳ୍ପିତ ସତ୍ୟ ଛବିର ଗୌରବ ବୃଦ୍ଧି ହୁଏ ? ଦେବତା(ରା)ର ରୁଚି ଏମନ୍ତ ହେଲେ ମନୁଷ୍ୟର ରୁଚି ବା କେମନ୍ତ ନୋହିବ ? କଳ୍ପିତଚରିତର ସତ୍ୟ ଆବରଣଟି ବା କେଉଁ ଶିକ୍ଷିତଲୋକର ନିକଟରେ ରହି ପାରିବ ? ଅତଏବ ଏପରି ରୀତିର ବର୍ଣ୍ଣନା ଭଲ ନୁହେଁ ।

---

## ସୌଦାମିନୀ ।

### ସପ୍ତବିଂଶ ପରିଚ୍ଛେଦ । ଯାହାର ଅନୁସନ୍ଧାନ ।

### ଯୁବକ ବକ୍ତା ।

"ରଲଟମ୍ ନଗରର ପ୍ରାୟ ଏକକ୍ରୋଶ ଦୂରରେ ଜୟମଙ୍ଗଳ ନାମରେ ଗୋଟିଏ ଗ୍ରାମଅଛି । ସେହି ଗ୍ରାମ ପ୍ରାକୃତିକ ଶୋଭାରେ ଗର୍ବୀ ହୋଇ ଚତୁର୍ଦ୍ଦିକସ୍ଥ ତାବତୀୟ ଗ୍ରାମମାନଙ୍କୁ ତୁଚ୍ଛ ଜ୍ଞାନ କରି ଉନ୍ନତ ଶିରରେ ସଦାସର୍ବଦା ହସୁ ଥାଏ । ଆୟତନରେ ଅତିକ୍ଷୁଦ୍ର ହେଲେ ମଧ ତାହାର ଆଭ୍ୟନ୍ତରିକ ଶୋଭା ଅତୀବ ଚମତ୍କାରିଣୀ । ଗ୍ରାମର ଲୋକମାନେ ଶାନ୍ତ, ସୁଶୀଳ ଏବଂ ସଚ୍ଚରିତ୍ର । ସେମାନେ ସମସ୍ତେ ଆପଣା ୨ ବ୍ୟବସାୟରେ ନିଯୁକ୍ତ ଥାଇ ଦ୍ୱେଷ ହିଂସା ଅହଂକାରାଦି ବିସର୍ଜନ ଦେଇ ପରସ୍ପର ସଦାଳାପରେ ଦିନପାତ କରନ୍ତି । ସେମାନେ ଧନୀ ନୁହନ୍ତି କିମ୍ବା ନିତାନ୍ତ ନିର୍ଧନୀ ମଧ୍ୟ ନୁହନ୍ତି । ମଧ୍ୟବିତ୍ ଅବସ୍ଥାରେ ଥିବାରୁ ସେମାନଙ୍କର ଆଚରଣ, ଅନ୍ତଃକରଣ ଏବଂ ଆଳାପ ଯେପରି ମାର୍ଜ୍ଜିତ, ଅଧିବସିତ ମୃତ୍ତିକାମୟ ଗୃହମାନ ମଧ୍ୟ ସେହିପରି ମାର୍ଜ୍ଜିତ—ଆଭ୍ୟନ୍ତରିକ ଏବଂ ବାହ୍ୟିକ ଦୃଶ୍ୟ ଅତୀବ ପରିଷ୍କୃତ ଦେଖିଲେ ଲୋକମାନଙ୍କର ଅବସ୍ଥା ଇତ୍ୟାଦି କିଛିହିଁ ଅପରିଚିତ ରହଇ ନାହିଁ । ଗ୍ରାମର ମଧ୍ୟ ସ୍ଥଳରେ—ତାବତୀୟ ଗୃହମଣ୍ଡଳୀର ମଧ୍ୟ ସ୍ଥଳରେ—ଗୋଟିଏ ପ୍ରସ୍ତରମୟ ଧବଳାଗାର ଉତ୍ତୁଙ୍ଗ ମସ୍ତକରେ ବିରାଜିତ ରହିଅଛି, ଦେଖି ବୋଧ ହେଉଅଛି ଯେମନ୍ତ ସେ ସେନାନୀ ସେନାମାନଙ୍କର ଶାସନ କାର୍ଯ୍ୟରେ ନିଯୁକ୍ତ ଅଛି ଏବଂ ଅଧୀନସ୍ଥ ସେନାମାନଙ୍କର ଉତ୍ତମ ବ୍ୟବହାର ଏବଂ ଆଜ୍ଞାବଶବର୍ତ୍ତିତାରେ ସନ୍ତୁଷ୍ଟ ହୋଇ ମନର ସହିତ ହାସ୍ୟ କରୁଅଛି । ଗ୍ରାମର

ସମୁଦାୟ ଘର ସେହି ଧବଳ ହର୍ମ୍ୟର ଅଧୀନସ୍ଥ । ସେହି ପ୍ରାସାଦରେ ବିଶାଳଯଶା ପ୍ରଭୂତ ଐଶ୍ୱର୍ଯ୍ୟଶାଳୀ ଜଣେ ଜମିଦାର ବାସ କରୁଥିଲେ । ସେ ଜଣେ ବିଚକ୍ଷଣ ଲୋକ । ତାହାଙ୍କ ନାମରେ ଚତୁର୍ଦ୍ଦିକ କମ୍ପମାନ ହେଉଥିଲା । ସେ ବ୍ରାହ୍ମଣ, ଦରିଦ୍ର, ଅନାଥ, ଅତିଥି, ଭିକ୍ଷୁକ ଯାବତୀୟ ସମସ୍ତ ଲୋକଙ୍କୁ ମଧ ଚିହ୍ନୁ ଥିଲେ । ଆଉ ବିଦ୍ୟାଚର୍ଚ୍ଚାପ୍ରତି ଆନ୍ତରିକ ରୁଚି ଥିବାରୁ ପଣ୍ଡିତ ସଦାଶୟ ବ୍ୟକ୍ତିମାନଙ୍କୁ ନିଜାବାସରେ ସ୍ଥାନ ଦାନ କରି କେତେ ୨ ବେଳେ ବିଦ୍ୟା-ମଧୁସାଗରରେ ମଗ୍ନ ହେଉଥିଲେ । ଉଜ୍ଜ୍ୱଳ ମୁଖଶ୍ରୀ ଗମ୍ଭୀର ଭାବରେ ଲିପ୍ତ ଥିବାରୁ ସମସ୍ତେ ତାହାଙ୍କୁ ମନର ସହିତ ଭକ୍ତି କରୁଥିଲେ । ତାଙ୍କର ମନ ସରଳ ଏବଂ ଦୟାର୍ଦ୍ର ଆଉ ସେ ପ୍ରଜାମାନଙ୍କୁ ପୁତ୍ରପରି ଦେଖି ପାରୁଥିଲେ ପୁଣି ତୀକ୍ଷ୍ଣଭାବ ଧାରଣ କରି ଯଥାର୍ଥ ନିୟମରେ ରାଜ୍ୟ ଶାସନ କରବାରୁ ତାହାଙ୍କର ସୁଦୂରବିସ୍ତୃତ ରାଜ୍ୟରେ ଅପୂର୍ବମୂର୍ତ୍ତିଧାରିଣୀ ଶାନ୍ତି ବିରାଜମାନ କରୁଥିଲା । ସେହି ଜମିଦାରଙ୍କ ନାମ ସଦାନନ୍ଦ । ତାହାଙ୍କର ଦୁଇଗୋଟି ପତ୍ନୀ—ପ୍ରଥମାର ନାମ ବିଦ୍ୟୁଲ୍ଲତା ଆଉ ଦ୍ୱିତୀୟାର ନାମ କାଦମ୍ବିନୀ । ସ୍ୱାମୀର ପ୍ରଚଣ୍ଡ ତେଜରେ ସପତ୍ନୀ କଳହ ଗୃହରେ ସ୍ଥାନ ନ ପାଇ ପଳାୟନ କରିଥିଲା—ବିଦ୍ୟୁଲ୍ଲତା ଆଉ କାଦମ୍ବିନୀ ଆଷାଢ଼ ମାସର ଆକାଶ ପରି ଗୃହରେ ଏକତ୍ର ମନକୁ ମନ ମିଳାଇ ବାସ କରୁଥିଲେ । ଅନେକ ଦିନ ପରେ ବିଦ୍ୟୁଲ୍ଲତା ଗୋଟିଏ ପୁତ୍ର ପ୍ରସବ କଲେ ଆଉ କାଦମ୍ବିନୀଙ୍କ ଗର୍ଭରୁ ଦୁଇଗୋଟି ପୁତ୍ର ଜାତ ହେଲା । ଯାହା ହେଉ ପ୍ରଥମା ପତ୍ନୀଙ୍କ ପୁତ୍ର ଜ୍ୟେଷ୍ଠ ଆଉ ତାଙ୍କର ନାମ ରଘୁନନ୍ଦନ । କାଦମ୍ବିନୀଙ୍କର ଯେଉଁ ଦୁଇଗୋଟି ପୁତ୍ର ହୋଇଥିଲା ତହିଁ ମଧରେ ପ୍ରଥମଟିଙ୍କର ନାମ ପ୍ରମଥନାଥ ଆଉ ଦ୍ୱିତୀୟଟି ଅଧୀନ ଚନ୍ଦ୍ରବିଳାସ ।''—'ଚନ୍ଦ୍ରବିଳାସ' ନାମ ଶୁଣି ଜୟସିଂହଙ୍କର ଅନ୍ତଃକରଣ ପୁଲକିତ ହୋଇ ଆସିଲା ଏବଂ କିଛି ନ କହି ମନୋଯୋଗ ପୂର୍ବକ ଶ୍ରବଣ କରିବାରେ ରହିଲେ ।

''ପିତା ଆମ୍ଭମାନଙ୍କୁ ସମାନରୂପେ ସ୍ନେହ ଚକ୍ଷୁରେ ଦେଖୁଥିଲେ କିନ୍ତୁ ତେବେହେଁ ଜ୍ୟେଷ୍ଠ ରଘୁନନ୍ଦନଙ୍କ ପ୍ରତି ତାହାଙ୍କର କିଛି ବିଶେଷ ଶ୍ରଦ୍ଧା ଥିଲା । ଜ୍ୟେଷ୍ଠ ପିତାଙ୍କପରି ବୁଦ୍ଧିମାନ୍ ବିବେଚକ ଏବଂ ଜମିଦାରୀ କାର୍ଯ୍ୟରେ ବିଶେଷ ପାରଦର୍ଶୀ ଥିଲେ ଆଉ ସେହି ହେତୁରୁ ପିତା ସମସ୍ତ କାର୍ଯ୍ୟରେ ତାହାଙ୍କ ସହିତ ପରାମର୍ଶ କରୁଥିଲେ । ମଧ୍ୟମ ଭ୍ରାତା ପ୍ରମଥନାଥ ମଧ କିଛି ଊଣା ନୁହନ୍ତି । ଲେଖା ପଢ଼ାରେ ଜ୍ୟେଷ୍ଠ ଭ୍ରାତାଙ୍କ ପରି କିନ୍ତୁ କି ହେବ ଅଭ୍ୟନ୍ତର ଟିକିଏ କଳଙ୍କିତ ଥିଲା ! ଆଶ୍ଚର୍ଯ୍ୟର ବିଷୟ ଯେ ଏତେ ବିଦ୍ୟାଚର୍ଚ୍ଚା, ଏତେ ସତ୍ସଙ୍ଗ ଓ ସତ୍ପରାମର୍ଶରେ ଥିଲେ ମଧ ସେ କଳଙ୍କ ଦୂରୀଭୂତ ହେଲା ନାହିଁ । କାଳେ ତାହା କିପରି ପ୍ରକାଶ ପାଇଲା ଆପଣଙ୍କ ଦେଖିବାରେ ଆସିବ । ଏବେ ଆତ୍ମସମ୍ବନ୍ଧରେ ଯାହା ବକ୍ତବ୍ୟ ତାହା ପ୍ରକାଶ କରି ଆପଣଙ୍କର କୌତୂହଳ ନିବାରଣ କରିବୁଁ ।

''ଆମ୍ଭେ ପିତାଙ୍କର କନିଷ୍ଠ ପୁତ୍ର ଏବଂ ତାହାଙ୍କ ନୟନାରାମଧନ । ଭ୍ରାତାମାନଙ୍କ ପରି ଆମ୍ଭର ଜମିଦାରୀ ସମ୍ବନ୍ଧରେ ତାଦୃଶ ସ୍ପୃହା ନ ଥିଲା; ତେବେହେଁ ଜମିଦାରଙ୍କ ଘରେ ଜନ୍ମଗ୍ରହଣ କରିଥିବାରୁ ଅଭ୍ୟସ୍ତ ଅନୁରାଗ ହେତୁ ଜମିଦାରୀ ନ ଥିବା ମଧ ଭଲ ବୋଧ ହେଉ ନ ଥିଲା । ଆମ୍ଭମାନଙ୍କର ସୁରମ୍ୟ ହର୍ମ୍ୟର ଗୋଟିଏ ନିର୍ଜନ କୋଣରେ ଆମ୍ଭେ ଗୋଟିଏ ନିର୍ଜନ ଘରେ ବସାଉଠା କରୁଥିଲୁଁ । ଘରଟି ବ୍ୟବହାର୍ଯ୍ୟ ଉପଦେଶୀ ମନଃପ୍ରୀତିକର ପୁସ୍ତକମାନଙ୍କରେ ପୂର୍ଣ୍ଣ ଥିଲା । କାନ୍ଥରେ ପୁରାଣଲିଖିତ ଆଶ୍ଚର୍ଯ୍ୟ ୨ ଘଟନାମାନଙ୍କର ଚିତ୍ରପଟମାନ ଟଙ୍ଗା ହୋଇ ଥିଲା । ଆମ୍ଭେ ସବୁ ବେଳେ ସେହି ଘରେ ପୁସ୍ତକ ଦେଖୁ ଥାଉଁ ଆଉ ପଢ଼ି ୨ କ୍ଳାନ୍ତି ବୋଧ ହେଉଥିଲେ ଛବିମାନ ଦେଖି ମନକୁ ଶାନ୍ତିପ୍ରଦାନ କରୁଥିଲୁଁ । ପିଲାଦିନରୁ ବହୁମୂଲ୍ୟ ପୋଷାକ ଏବଂ ଆଡ଼ମ୍ବରପ୍ରତି ଅତ୍ୟନ୍ତ ଅନାଦର ଥିଲା ଏବଂ ସେହି ହେତୁରୁ ଆମ୍ଭେ ସାମାନ୍ୟ ଲୁଗା ପିନ୍ଧି ଗ୍ରାମରେ ଇତସ୍ତତଃ ପାଦଚାରେ ଭ୍ରମଣ କରୁଥିଲୁଁ କେବେହେଁ କେଉଁଠାକୁ ଯାନ ଯୋଗେ ଯିବା ଆମ୍ଭଙ୍କୁ ଭଲ ଦିଶୁ ନ ଥିଲା । ତେବେ ପିତାମାତାଙ୍କ ଅନୁରୋଧବଶତଃ କେବେ ୨ ତାହାର ବୈଲକ୍ଷଣ୍ୟ ହେଉ ଥିଲା ଏତିକି ମାତ୍ର ।

''ଦିନେ ଦିବା ଦୁଇପ୍ରହର ସମୟରେ ଆମ୍ଭେ ବସି ନିବିଷ୍ଟ ଚିତ୍ତରେ ଖଣ୍ଡିଏ ପୁସ୍ତକ ପଢୁ ଥିଲୁଁ; ଘରର ଯାବତୀୟ ଲୋକେ ନିଦ୍ରିତ ଥିଲେ; ପ୍ରକୃତି ଦେବୀ ମଧ ଏକ ପ୍ରକାର ନିଦ୍ରିତାବସ୍ଥାରେ ଥିଲେ ଆଉ ଚତୁର୍ଦ୍ଦିକ ଶୂନ୍ୟ ହୋଇ ରହିଥିଲା; ଏମନ୍ତ ସମୟରେ ଜଣେ ବୀଣାବାଦକର ସୁଲଳିତ ଗାନ ବୀଣାଯନ୍ତ୍ରୋତ୍ଥିତ ସ୍ୱର ସଙ୍ଗରେ ମିଶ୍ରିତ ହୋଇ ଆମ୍ଭ କର୍ଣ୍ଣ କୁହରରେ ପ୍ରବେଶ କଲା । ଆମ୍ଭେ ଦେଖିଲୁଁ ବାୟୁ ଯାନରେ ସଙ୍ଗୀତ ଆରୋହଣ କରି ଚତୁର୍ଦ୍ଦିଗରେ କ୍ରୀଡ଼ା କରୁଅଛି । ଶୁଣି ମନ ଅତ୍ୟନ୍ତ ମୋହିତ ହୋଇ ଗଲା ଏବଂ କିଏ ଏପରି ରମଣୀୟ ଗାନ କରୁ ଅଛି ଦେଖିବା ନିମନ୍ତେ ଦ୍ୱାର ଦେଶରେ ଆସି ଉପସ୍ଥିତ ହେଲୁଁ । ଦେଖିଲୁଁ ଜଣେ ନବୀନ ବେଶୀ ବୃଦ୍ଧ ସନ୍ୟାସୀ ବୀଣା ବଜାଇ କୁମାରସମ୍ଭବର ରତିବିଳାପ ସର୍ଗ ଗାୟନ କରୁ ଅଛନ୍ତି । ସନ୍ୟାସୀଙ୍କର ବୀଣା ବଜାଇବାରେ ଅପୂର୍ବ କ୍ଷମତା ଆଉ ଗଳାସ୍ୱର ଏପରି ମନୋହର ଯେ ଶୁଣିଲେ ବୋଧ ହୁଏ ଯେମନ୍ତ ବୀଣା ଏବଂ ସନ୍ୟାସୀଙ୍କ ଗଳା ଏକବସ୍ତୁ ବିଭିନ୍ନ ଆକାରରେ ବିଭିନ୍ନ ସ୍ଥାନରେ ସ୍ଥିତ ହୋଇ ପ୍ରକୃତରେ ଗୋଟିଏ କାର୍ଯ୍ୟ ସମ୍ପାଦନ କରୁଅଛି । ମହାତ୍ମନ୍ ! ଯେତେବେଳେ ପ୍ରଚଣ୍ଡ ମାର୍ତ୍ତଣ୍ଡ ତାପରେ ପୃଥିବୀ ତାପିତା ହେଉଅଛି, ତେତେବେଳେ ଶାନ୍ତି ବିରାଜିତ ସ୍ଥଳରେ ବୀଣା ଯନ୍ତ୍ରର ସହିତ କାଳୀଦାସୀୟ କବିତାର ଗାୟନ ସଙ୍ଗୀତପ୍ରିୟ ରସାଳାପୀ ବ୍ୟକ୍ତିମାନଙ୍କୁ କେଡ଼େ ପ୍ରୀତିକର ଆପଣତ ଜଣେ ବିଜ୍ଞଲୋକ ସହଜରେ ବୁଝି ପାରିବେ । ଆମ୍ଭେ ମୋହିତ ହୋଇ ସେହିଠାରେ ଉପବିଷ୍ଟ ହେଲୁଁ ।''

—

## ଅଷ୍ଟାବିଂଶ ପରିଚ୍ଛେଦ । ସନ୍ନ୍ୟାସୀ ।

### ଚନ୍ଦ୍ରବିଳାସ ବକ୍ତା ।

''କେତେକ୍ଷଣ ପରେ ସଙ୍ଗୀତ ବନ୍ଦ ହେଲା । ଚତୁର୍ଦ୍ଦିଗରେ ଯେଉଁ ପ୍ରତିଧ୍ୱନିସଙ୍ଗୀତ କ୍ରୀଡ଼ା କରୁଥିଲା ତାହା ମଧ ବନ୍ଦ ହେଲା । ଆମ୍ଭେ ସନ୍ନ୍ୟାସିଙ୍କି ତାହାଙ୍କର ପରିଚୟ ଜାଣିବା ନିମନ୍ତେ କଥା ପଚାରି ବସିଲୁଁ । ସେ ଏହିପ୍ରୂପେ ଆତ୍ମପରିଚୟ ପ୍ରଦାନ କଲେ ।—

''ନେପାଳଦେଶର ସୁବିଖ୍ୟାତ ପଦ୍ମପଲାଶ ଗ୍ରାମରେ ଆମ୍ଭେ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲୁଁ । ଅତି ବାଲ୍ୟାବସ୍ଥାରୁ ଆମ୍ଭର ପିତା ମାତା ମାରିରୋଗରେ ଆକ୍ରାନ୍ତ ହୋଇ ଆମ୍ଭଙ୍କୁ ଭୀଷଣ ସଂସାରସାଗରରେ ଏକା କରି ଛାଡ଼ିଗଲେ । ପିତା ମାତା ମଲାବେଳେ ଆମ୍ଭଙ୍କୁ ତିନିବର୍ଷମାତ୍ର ବୟଃକ୍ରମ ହୋଇଥିଲା ଏବଂ ଗ୍ରାମର ଅଧିକାଂଶ ଲୋକେ ସେହି ରୋଗରେ ଆକ୍ରାନ୍ତ ହୋଇ ଅନେକଦିନ ପର୍ଯ୍ୟନ୍ତ ଶମନସଦନ-ଦ୍ୱାରକୁ ଆପଣା ୨ ବ୍ୟବହାର ନିମନ୍ତେ ଅବାରିତ ରଖିଥିଲେ । ଆମ୍ଭେ କିଛିଦିନ ନିମନ୍ତେ ଅନାଥ ହୋଇ ଅନେକ କଷ୍ଟରେ ବଞ୍ଚି ରହିଥିଲୁଁ । ତପ୍ରରେ ଜଣେ ଦୁଃଖୀ ଆତ୍ମୀୟ ଆମ୍ଭଙ୍କୁ ରାଜସଭାରେ ଉପସ୍ଥିତ କରାଇଲେ । ରାଜା ଅତି ସଦାଶୟବ୍ୟକ୍ତି—ଦୟାଦେବୀଙ୍କ ମନ୍ଦିର ଏବଂ ନ୍ୟାୟପରତାର ମୂର୍ତ୍ତି ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ସେ ଆମ୍ଭର ଦୁର୍ଦ୍ଦଶା ଶୁଣି ଆମ୍ଭଙ୍କୁ ଆତ୍ମପରିବାର ଭୁକ୍ତ କଲେ ଯେ ଆମ୍ଭର ଏକପ୍ରକାର ଗ୍ରାସାଚ୍ଛାଦନର ଉଦ୍ୟୋଗ ହୋଇଗଲା । ରାଜପରିବାରସ୍ଥ ବାଳକ ବାଳିକାମାନଙ୍କ ସଙ୍ଗରେ ଖେଳବୁଲ ଓ ପଢ଼ାଶୁଣା କରି ଆମ୍ଭର ଦିନ ଏକପ୍ରକାର ଚାଲିଯାଉଥିଲା । କିନ୍ତୁ କି ହେବ ? ଆମ୍ଭର ମନ ଅନ୍ୟପ୍ରକାର । ଯେତେବେଳେ ଆମ୍ଭଙ୍କୁ ଅଷ୍ଟାଦଶ ବର୍ଷ ବୟଃକ୍ରମ ହେଲା, ଯେତେବେଳେ ଆମ୍ଭେ ସଂସାରରେ ନୂତନ ହୋଇ ପ୍ରବିଷ୍ଟ ହେଲୁଁ ତେତେବେଳେ ଦେଖିଲୁଁ ଯେ ରାଜ ପରିବାର କେବଳ ଆଡ଼ମ୍ବରରେ ପୂର୍ଣ୍ଣ ଅଛି ଖାଇବାର ଆଡ଼ମ୍ବର, ପିଇବାର ଆଡ଼ମ୍ବର, ପିନ୍ଧିବାର ଆଡ଼ମ୍ବର ଇତ୍ୟାଦି ସବୁ କଥାର ଆଡ଼ମ୍ବର ଦେଖି ୨ ଆମ୍ଭର ମନ ବିରକ୍ତିଭାବରେ ପୂର୍ଣ୍ଣ ହୋଇ ଗଲା । ସବୁବେଳେ ସବୁ କଥାର ଆଡ଼ମ୍ବର ଦେଖି ଆମ୍ଭର ମନ ଏତେଦୂର ପର୍ଯ୍ୟନ୍ତ ଆଡ଼ମ୍ବରବିରାଗୀ ହୋଇ ଉଠିଲା ଯେ ନିଜେ କାଳଗ୍ରାସରେ ପତିତ ହେବ ସ୍ୱୀକାର କେବେହେଁ ରାଜପରିବାରର ଆଡ଼ମ୍ବର ମଧରେ ରହିବ ନାହିଁ । ବସିବା, ଉଠିବା, ଖାଇବା, ପିଇବା, ଶୋଇବା, ଯାହା କର ସବୁ କଥାରେ ଆଡ଼ମ୍ବର ସଙ୍ଗରେ ଦେଖା ହେବ । ଆମ୍ଭେ ସେହି 'ଆଡ଼ମ୍ବର' ରୋଗରେ ପୀଡ଼ିତ ହୋଇ ରାଜମହଲ ପରିତ୍ୟାଗ କଲୁଁ । ଇତିପୂର୍ବେ ସଂସାରର କଥା ଆମ୍ଭେ ଅନେକ ଚିନ୍ତା କରିଥିଲୁଁ ଆଉ ବୁଝିଥିଲୁଁ ଯେ ସଂସାର ଗୋଟିଏ ଭୟାନକ ବସ୍ତୁ; ତଦବସ୍ଥିତ ଜୀବ ଜନ୍ତୁ ବିଶେଷତଃ ମନୁଷ୍ୟ ଭୟାନକ ପଦାର୍ଥ; ବିବାହ

ହେବା ଭୟାନକ; ଖାଇବା ପିଇବା, ବୁଲିବା, ଶୋଇବା ସବୁହିଁ ଭୟାନକ । ସେହି 'ଭୟାନକ' ଭୟରେ ଆମ୍ଭେ ରାଜମହଲ ପରିତ୍ୟାଗ କରି ଦେଶରେ ରହିଲୁଁ ନାହିଁ । ହିମାଳୟର ଭୀଷଣାରଣ୍ୟ ଉଦ୍ଦେଶରେ ଉତ୍ତରାଭିମୁଖରେ ଯାତ୍ରା କଲୁଁ । ଯାଉଁ ୨ ବାଟରେ ଜଣେ ଅଶୀତିବର୍ଷୀୟ ଉନ୍ନତମନା ପ୍ରଫୁଲ୍ଲବେଶୀ ସନ୍ନ୍ୟାସୀ ସଙ୍ଗରେ ସାକ୍ଷାତ୍ ହେଲା । ଆମ୍ଭେ ତାହାଙ୍କ ସଦାଳାପରେ ମୁଗ୍ଧ ହୋଇ ତାହାଙ୍କଠାରୁ ଦୀକ୍ଷା ଗ୍ରହଣ କଲୁଁ । ତାହାଙ୍କ ପ୍ରତି ଆମ୍ଭର ଅତୀବ ଭକ୍ତି ହେଲା ଆଉ ସେ ମଧ ଆମ୍ଭଙ୍କୁ ଊଣା ଦେଖି ପାରୁ ନ ଥିଲେ । ତାଙ୍କ ପ୍ରତି ଆମ୍ଭର ପିତୃଭକ୍ତି ଏବଂ ଆମ୍ଭପ୍ରତି ତାଙ୍କର ପୁତ୍ରସ୍ନେହ ଦୁହିଙ୍କି ଏତେଦୂରପର୍ଯ୍ୟନ୍ତ ଆବଦ୍ଧ କଲା ଯେ ସମୟ ପଡ଼ିଲେ ପରସ୍ପର ଜୀବନ ଦେବାନିମନ୍ତେ କୁଣ୍ଠିତ ହୋଇ ନ ଥାନ୍ତୁଁ । ଯାହା ହେଉ ଜ୍ଞାନଗନ୍ଧଯାନରେ ଚଢ଼ି ବିନାକ୍ଲେଶରେ ହିମାଚଳ ପର୍ବତର ନିମ୍ନଭାଗସ୍ଥ ଗୋଟିଏ ଭୀଷଣ ଏବଂ ସୁରମ୍ୟ କାନନରେ ପ୍ରବେଶ କଲୁଁ । ସମଗ୍ର କାନନ ପର୍ଯ୍ୟଟନ କରି ଅବଶେଷରେ ଗୋଟିଏ ମନୋରମ ସ୍ଥାନରେ କୁଟିର ସଂସ୍ଥାପିତ ହେଲା । ସନ୍ନାସୀ ଆମ୍ଭଙ୍କୁ ଯୋଗସାଧନ ଶିଖାଇବା ନିମନ୍ତେ ନିଯୁକ୍ତ ହେଲେ । ଯେତେବେଳେ ଆମ୍ଭେ ଯୋଗସାଧନରେ କିଞ୍ଚିତ୍ ଉପଯୁକ୍ତ ହେଲୁଁ ଆମ୍ଭର ଚିରମଙ୍ଗଳାକାଙ୍କ୍ଷୀ ପିତୃସ୍ଥାନୀୟ ସେହି ପବିତ୍ରାତ୍ମା ନରଶ୍ରେଷ୍ଠ ତନୁ ତ୍ୟାଗ କଲେ ! ଆଉ ଆମ୍ଭେ ଦ୍ୱିତୀୟ ଜନକ ହରାଇ ବସିଲୁଁ !! ସନ୍ନ୍ୟାସୀଙ୍କର ବିଧିମତ ସତ୍କାର୍ଯ୍ୟ ହେଲା । ଫଳମୂଳାହାରୀ ଆମ୍ଭେ ଏକାକୀ ସେହି ଭୀଷଣ ଅରଣ୍ୟରେ ଉଚିତ ଯୋଗସାଧନରେ ନିବିଷ୍ଟଚିତ୍ତ ହୋଇ ରହିଲୁଁ । ବନବାସୀ ବ୍ୟାଘ୍ର ଭଲ୍ଲୁକାଦି କେତେ ଭୀଷଣ ଜନ୍ତୁମାନେ ଚିରାଳାପୀ ବନ୍ଧୁଙ୍କ ପରି, ଜ୍ଞାନପୂର୍ଣ୍ଣ ସଦୁପଦେଶକଙ୍କ ପରି ଆଉ ନୀତିଦାତ୍ରୀ ପ୍ରକୃତିଦେବୀଙ୍କପରି ମନରେ ଅପୂର୍ବ ଭାବର ଉଦ୍ରେକ କରାଇ ଦେଇ ଧୂନି ସମୀପରେ ଚାଲିଯାନ୍ତି; ମିଷ୍ଟାଳାପୀ ବନବିହଙ୍ଗଜାତି କୁଟୀର ଚତୁର୍ଦ୍ଦିଗସ୍ଥ ଶାଖାସିଂହାସନରେ ଉପବେଶନ କରି ପୂତ ଧୂନି-ଧୂମ ସେବନରେ ପ୍ରୀତମନା ହୋଇ ପରମେଶ୍ୱରଙ୍କ ନିକଟରେ ଆମ୍ଭର ମଙ୍ଗଳ ମନାସୁଥାନ୍ତି । କେତେବେଳେ କ୍ଷୁଦ୍ର ୨ ଅହିଂସ୍ରଜନ୍ତୁମାନେ ଧୂନିନିକଟରେ ଦଣ୍ଡାୟମାନ ହୋଇ ତତ୍ପ୍ରଦେଶୀୟ ଶୀତତା ଦୂର କରନ୍ତି ଆଉ ଆମ୍ଭେ ଧ୍ୟାନରେ ନିଯୁକ୍ତ ଥାଉଁ । ମହାଶୟ, ବନର ମହିମା ଅପୂର୍ବ ! ତଦବସ୍ଥିତ ବ୍ୟାଘ୍ର ଭଲ୍ଲୁକଙ୍କର ଜ୍ଞାନକୁ ଆପଣଙ୍କର ମହା ୨ ଜ୍ଞାନୀଙ୍କର ଜ୍ଞାନ ମଧ ପଡ଼ିବ ନାହିଁ । ଆମ୍ଭେ ସେଥିନିମନ୍ତେ ଏବେ ମଧ କହୁଅଛୁଁ—ସଂସାର ଭୟାନକ ।

'ଯେଉଁ ସନ୍ନ୍ୟାସୀଙ୍କ ନିକଟରୁ ଆମ୍ଭେ ଦୀକ୍ଷା ଗ୍ରହଣ କରିଥିଲୁଁ ସେ ଜଣେ ସୁନିପୁଣ ବୀଣାବାଦକ ଥିଲେ । ଉତ୍କୃଷ୍ଟ ୨ କବିତାମାନ ବୀଣାଯନ୍ତ୍ର ସଙ୍ଗରେ ଏପରି ସୁନ୍ଦର ଭାବରେ ଗାନ କରିପାରୁଥିଲେ ଯେ ଜୀବନଧାରୀ ଜନ୍ତୁଙ୍କ କଥା ତେଣିକି ରଖନ୍ତୁ ଗଛ

ପତ୍ର ମଧ ତହିଁରେ ବିଗଳିତ ହେଉଥିଲା । ଆମ୍ଭେ ତାହାଙ୍କଠାରୁ ବୀଣା ବଜାଇବା ଶିଖିଥିଲୁଁ ଏବଂ ଶରୀରତ୍ୟାଗ କାଳରେ ସେ ଆମ୍ଭଙ୍କୁ ବୀଣା ପ୍ରଦାନ କରି ଯାଇଥିଲେ । ତାହାଙ୍କ ମୃତ୍ୟୁର ଅଳ୍ପଦିନ ପରେ ଆମ୍ଭେ ଦିନେ ଦିବା ତୃତୀୟପ୍ରହର ସମୟରେ ବୀଣା ଧରି ଶଙ୍କରଚାର୍ଯ୍ୟଙ୍କର ମୋହମୁଦ୍ଗର ଗାୟନ କରୁଥିଲୁଁ ଏମନ୍ତ ସମୟରେ ବନଦେବୀ ଆସି ଆମ୍ଭ ସମ୍ମୁଖରେ ଉପସ୍ଥିତ ହେଲେ ।

'ଆମ୍ଭ ଗାନ ସମାପ୍ତ ହେଲା । ହସ୍ତସ୍ଥ ବୀଣା ହାତରେ ଅଛି, ଆମ୍ଭେ ମସ୍ତକୋତ୍ତୋଳନ କଲୁଁ । ଦେଖିଲୁ ବନଦେବୀଙ୍କ ନୟନ ଦ୍ୱୟରୁ ଅଶ୍ରୁବାରି ବିଗଳିତ ହେଉଅଛି । ଆମ୍ଭେ ତ ପୂର୍ବରୁ ସେହି ଭୀଷଣବନରେ ବରବର୍ଣ୍ଣିନୀଙ୍କି ଦେଖି ଅତିଶୟ ଆଶ୍ଚର୍ଯ୍ୟ ହୋଇ ମନେ କରିଥିଲୁଁ ସେ ନିଶ୍ଚେ ଦିବ୍ୟା ସ୍ତ୍ରୀ ହେବେ ବର୍ତ୍ତମାନ ତାହାଙ୍କ ନୟନ ଦ୍ୱୟରୁ ଅଶ୍ରୁବାରି ବିଗଳିତ ହେବା ଦେଖି ମନକୁ ପଚାରିଲୁଁ ''ସ୍ୱର୍ଗବାସିନୀ ସୁଦ୍ଧା କି ଶୋକରୁ ମୁକ୍ତା ନୁହନ୍ତି ?'' ମନରେ ପ୍ରବଳ ସନ୍ଦେହ ଉପସ୍ଥିତ ହେଲା । ପଚାରିଲୁଁ ''ଆର୍ଯ୍ୟେ ! ଆମ୍ଭେ ବନବାସୀ ତାପସ । ଆମ୍ଭମାନଙ୍କର ଏକା ସ୍ୱର୍ଗୀୟ ଚିନ୍ତାରେ ସମୟ ଅତିପାତ ହୁଏ । ଏହା ଗୋଟିଏ ଭୀଷଣ ଅରଣ୍ୟ; ଫଳତଃ ମନୁଷ୍ୟମାନଙ୍କର ଏଠାକୁ କୌଣସି ପ୍ରକାରେ ସମାଗମ ହୋଇ ନ ପାରେ । ଆମ୍ଭେ ଏହି ହେତୁ ପଚାରୁଅଛୁଁ ଆପଣ ଦେବୀ କି ମନୁଷ୍ୟା । ଆଉ ଏହା ପଚାରିବାରେ ଅପରିଚିତାର ପ୍ରତି ଯେବେ କିଛି ଅମାନ୍ୟ ପ୍ରଦର୍ଶିତ କିମ୍ବା ଦୁଃସାହସ ଅବଲମ୍ବିତ ହୋଇଥାଏ ଆପଣ ତାହା କ୍ଷମା କରିବେ । ଆପଣ କାନ୍ଦିଲେ କାହିଁକି ? ସ୍ୱର୍ଗ ବାସୀଏ ସୁଦ୍ଧା କି ଶୋକହସ୍ତରୁ ମୁକ୍ତ ନୁହନ୍ତି ?'' ବନଦେବୀ ଏହା ଶୁଣି ଈଷଦ୍ଧାସ୍ୟ କଲେ ଏବଂ କହିଲେ ''ତାପସ ମହାରାଜ ! ଆମ୍ଭେ ଦେବତା ନୋହୁଁ, ଆପଣଙ୍କ ପରି ମନୁବଂଶରେ ଜନ୍ମଗ୍ରହଣ କରିଅଛୁଁ । ଏ ସ୍ଥାନ ଯେ ନିବିଡ଼ ଅରଣ୍ୟରେ ଆବୃତ ତହିଁରେ ସନ୍ଦେହ ନାହିଁ ଏବଂ ମନୁଷ୍ୟମାନଙ୍କର ଆବାସସ୍ଥାନରୁ ଅତି ଦୂରରେ ଥିବା ପ୍ରତ୍ୟକ୍ଷେ ସାମାନ୍ୟା ଅବଳା ହେଲେ ମଧ ଆମ୍ଭେ ଯେ କି ପ୍ରକାରେ ଏଠାକୁ ଆସିଅଛୁଁ ଆପଣ ଶୁଣିବା ନିମନ୍ତେ ଟିକିଏ କଷ୍ଟସ୍ୱୀକାର କରନ୍ତୁ । ପରିଚୟ ଦେବା ସ୍ଥଳରେ ପ୍ରଥମେ ପିତା ମାତାଙ୍କର ନାମ ଏବଂ ଆପଣା ଜନ୍ମସ୍ଥାନର ଉଲ୍ଲେଖ କରାଯାଏ । ଆମ୍ଭେ ସେ ସମସ୍ତ ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ଆମ୍ଭେ ପିତା ମାତାଙ୍କୁ ଦେଖି ନାହୁଁ କିମ୍ବା ତାଙ୍କର ଏବଂ ଆମ୍ଭର ଜନ୍ମସ୍ଥାନର କଥା କହିବା ନିମନ୍ତେ କେହି ନାହାନ୍ତି, ତେବେ ଆମ୍ଭେ ଏତଦ୍ୱନବାସିନୀ ଗୋଟିଏ ବାଘୁଣୀକି ମାତା ବୋଲି ଆସୁଥିଲୁଁ ଏବଂ ସେ ମଧ ଆମ୍ଭଙ୍କୁ କନ୍ୟା ପରି ସ୍ନେହ କରୁଥିଲା । ତାହାରି ଆବାସ ସ୍ଥାନରେ ଆମ୍ଭେ ଏତେଦିନ ବଞ୍ଚିଅଛୁଁ । ଆମ୍ଭ ପିଲା ଦିନରେ ଜଣେ ପଣ୍ଡିତ ଦୁର୍ଭାଗ୍ୟ ବଶତଃ ବାଟ ହରାଇ ଏହି ବନରେ ଆସି ଉପସ୍ଥିତ ହୋଇଥିଲେ । ସେ ଆମ୍ଭଙ୍କୁ କଥା କହିବା ଓ

ବକଲ ପିନ୍ଧିବା ଶିଖାଇ ଥିଲେ ମଧ୍ୟ ଆମ୍ଭେ ତାହାଙ୍କଠାରୁ ସଂସ୍କୃତ ଶିକ୍ଷା କରିଥିଲୁଁ । ଏଠାରେ ପ୍ରାୟ ସାତବର୍ଷ କାଳ ରହି ନବନବତି ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ । ତାହାଙ୍କ ମଲା ବେଳେ ଆମ୍ଭର ସେହି ବାଘୁଣୀ ମାତା ବଞ୍ଚିଥିଲା । ସ୍ୱାଭାବିକ ଖାଦ୍ୟଖାଦକ ସମ୍ବନ୍ଧ ଥିଲେ ମଧ୍ୟ ସେ ଯେ କାହିଁକି ଆମ୍ଭଙ୍କୁ ଏତେ ସ୍ନେହ କରୁଥିଲା ନ ଜାଣୁଁ । ଏ ସ୍ଥାନର ମାହାତ୍ମ୍ୟ ଗୁଣରୁ ହେଉ ଅବା ଆମ୍ଭର ସୁପ୍ରବଳ ସୌଭାଗ୍ୟରୁ ହେଉ ବାଘୁଣୀର ଆମ୍ଭେ ସ୍ନେହଭାଗିନୀ, ପ୍ରାଣାରାମକାରିଣୀ, ଜୀବନତୋଷିଣୀ ସୁନ୍ଦରୀ କନ୍ୟା । ଆମ୍ଭ ନିମନ୍ତେ ସେ ଫଳ ହରଣ କରି ମୁଖରେ ଘେନି ଆସିଥାଏ ଏବଂ ତାହା ଆମ୍ଭେ ମନର ଆନନ୍ଦସହିତ ଭୋଜନ କରୁଁ । ସେହି ସ୍ନେହ ନିମନ୍ତେ ଆମ୍ଭେ ତାହା ନିକଟରେ ଏତେଦୂର ବାଧ ଯେ ଆମ୍ଭେ ସବୁ ବେଳେ ମନେ କରୁଁ ଆମ୍ଭର ବାଘୁଣୀ ମାତା ପରି ପୃଥିବୀସ୍ଥ କୌଣସି ମାତା ହୋଇ ପାରିବେ ନାହିଁ । ଦୁଃଖର କଥା କି କହିବୁଁ ଆଜିକି ପ୍ରାୟ ଦୁଇବର୍ଷ ହେବ ସେ ପ୍ରାଣହରାଇ ଅଛି । ଆମ୍ଭେ ସେହି ଦିନରୁ ବନରେ ବାତୁଳଙ୍କ ପରି ବୁଲୁଅଛୁଁ । ଆଜି ଆପଣଙ୍କର ବୀଣା ଆମ୍ଭଙ୍କୁ ଏଠାକୁ ଟାଣି ଆଣିଲା । ଆମ୍ଭଙ୍କୁ ଯେ ଅଶ୍ରୁ ବିସର୍ଜନ କରିବା କଥା ପଚାରିଲେ ତାହା କେବଳ ଆପଣଙ୍କର ସୁଲଳିତ ସଙ୍ଗୀତଲହରୀ ପ୍ରଭାବରୁ; ତାହାର ଅନ୍ୟ କୌଣସି କାରଣ ନାହିଁ ।''

'ବନଦେବୀଙ୍କର ଏହି ଅପୂର୍ବ କାହାଣୀ ଶୁଣି ଆମ୍ଭେ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ । ଅନେକ ପ୍ରକାର କଥାବାର୍ତ୍ତା ହେଲା ପରେ ସେ ଆମ୍ଭର ଆଶ୍ରମରେ ଅବସ୍ଥାନ କଲେ । କିଛିଦିନ ପରେ ତାହାଙ୍କ ସହିତ ଆମ୍ଭର ଗାନ୍ଧର୍ବବିବାହ ହେଲା । ବନଦେବୀ ଆଉ ବନତାପସ ଦୁହେଁ ଭୀଷଣ ଘୋର ଅରଣ୍ୟ ମଧ୍ୟରେ ସୁଖେ ଶାନ୍ତିରେ ବାସ କଲେ । ଅନେକଦିନ ସୁଖରେ ଗତ ହେଲା ମାତ୍ର ଯୋଗସାଧନର କୌଣସି ଅଂଶରେ ତ୍ରୁଟି ହୋଇ ନାହିଁ । ବନଦେବୀ ଅତ୍ୟନ୍ତ ସରଳମନା ଶାନ୍ତସ୍ୱଭାବା ଏବଂ ପ୍ରକୃତିଦେବୀଙ୍କର ଆବାଲଶିଷ୍ୟା ହେବାରୁ ଅତ୍ୟନ୍ତ ପ୍ରେମମୟୀ । ଆମ୍ଭେ ତାହାଙ୍କ ସହବାସରେ ସ୍ୱର୍ଗସୁଖ ପ୍ରାପ୍ତ ହେଉଥିଲୁଁ । କିନ୍ତୁ କିହେବ ? କାଳକୁ କାହାର ବଳ ? ଆଜିକି ତିନିବର୍ଷ ହେଲା ସେ ଆମ୍ଭଙ୍କୁ ସଂସାରସାଗରତରୀରେ ଭଗ୍ନହୃଦୟଧାରୀ କର୍ଣ୍ଣଧାର କରି ଛାଡ଼ି ଯାଇଅଛନ୍ତି ! ଆମ୍ଭେ ତାହାଙ୍କ ମୃତ୍ୟୁରେ ଅତ୍ୟନ୍ତ ଅଧୀର ହୋଇ ବନ ତ୍ୟାଗ କଲୁଁ ଏବଂ ଭାରତବର୍ଷର ନାନାଦେଶ ପର୍ଯ୍ୟଟନ କରି ଅନେକ ବିଷୟ ଦେଖି ଶୁଣି ଏବେ ଆପଣଙ୍କ ଆବାସରେ ଆସି ଉପସ୍ଥିତ ହୋଇଅଛୁଁ ।'

''ସନ୍ନ୍ୟାସୀ ଏତିକି କହି କ୍ଷାନ୍ତ ହେଲେ ଆଉ ବୀଣାଯନ୍ତ୍ରରୁ ମୃଦୁଭାବରେ ଗୋଟିଏ କର୍ଣ୍ଣ ମନୋହର ସ୍ୱର ଉଥିତ ହେଲା ।''

—o—

## ଊନତ୍ରିଂଶ ପରିଚ୍ଛେଦ ।

### ଅପର ଭାଗ । ଚନ୍ଦ୍ରବିଳାସ ବକ୍ତା ।

"ଆମ୍ଭେ ସନ୍ନ୍ୟାସୀଙ୍କି ଦେଖିଲା କ୍ଷଣି ଏକ ପ୍ରକାର ମୋହିତ ହୋଇ ଥିଲୁଁ । ତହିଁରେ ପୁଣି ସେ ଏପରି ଭଙ୍ଗୀରେ ନିଜ ପରିଚୟର କଥା କହିଲେ ଯେ ତାହା ଏପର୍ଯ୍ୟନ୍ତ ମଧ୍ୟ ଅବିକଳ ଆମ୍ଭ ମନରେ ରହି ଅଛି । ତାହାଙ୍କୁ ଆଉ ଛାଡ଼ିବାକୁ ମନ ହେଲା ନାହିଁ ଏବଂ ସେ ମଧ୍ୟ ରହିବା ନିମନ୍ତେ ଅନିଚ୍ଛୁକ ହେଲେ ନାହିଁ । ସର୍ବଦା ବସା ଉଠା କଥାବାର୍ତ୍ତା କରିବାରେ ଦୁହିଁଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରଣୟ ଜାତ ହେଲା । ଆମ୍ଭେ ମଧ୍ୟ ସନ୍ନ୍ୟାସିଙ୍କି ଦିନେ ଅସନ୍ତୁଷ୍ଟ ଦେଖି ନାହୁଁ ।

"ଏହିପରି ଅନେକ ଦିନ ଗତ ହେଲା । ଦିନେ ଏକାକୀ କୌଣସି କାର୍ଯ୍ୟବଶତଃ ରତ୍‌ଲମ୍ ନଗରକୁ ଯାଉ ଥିଲୁଁ । ବାଟରେ ଦେଖିଲୁଁ ଯେ ଜଣେ ପରିଣତବୟସ୍କା ସ୍ତ୍ରୀ ଗୋଟିଏ ଶିଶୁ ବାଳିକାକୁ କୋଳରେ ବସାଇ ଅଶ୍ରୁଜଳରେ ପୃଥିବୀ ଭସାଉ ଅଛନ୍ତି ଆଉ ତାହାଙ୍କ ରୋଦନରେ ବାଳିକା ମଧ୍ୟ ମାତାର କଣ୍ଠ ଧାରଣ କରି ରୋଦନ କରୁଅଛି । ଆମ୍ଭେ ଦେଖିଲୁଁ ଯେ ଚତୁର୍ଦ୍ଦିକ ଦୁଃଖିନୀର ଦୁଃଖରେ ରୋଦନ କରୁ ଅଛି । ମନ ତରଳି ପଡ଼ିଲା । ନିକଟକୁ ଯାଇ ପଚାରିଲୁଁ 'ମାତଃ ! ଏଡ଼େ ବିକଳ ହୋଇ କାହିଁକି ରୋଦନ କରୁ ଅଛ ? ତୁମ୍ଭର କି ହୋଇଅଛି ? ଆମ୍ଭ ଦ୍ୱାରା କିଛି ଉପକାର ଘଟିବାର ସମ୍ଭାବନା ଥିଲେ ଆମ୍ଭେ ତାହା ଆନନ୍ଦିତ ମନରେ କରିବା ନିମନ୍ତେ ପ୍ରସ୍ତୁତ ଅଛୁଁ । ରମଣୀ କିଛିହିଁ ଉତ୍ତର ଦେଲେ ନାହିଁ । ବରଂ ଅଧିକତର ଦୁଃଖିତା ହୋଇ ଅଧୋବଦନରେ କାନ୍ଦିବାକୁ ଲାଗିଲେ । ତପୂରେ ଆମ୍ଭେ ବାରମ୍ବାର ଅନୁରୋଧ କରିବାରେ ଏତିକି ବ୍ୟକ୍ତ ହେଲା ଯେ ବାଳିକାଟି ଗତ ରାତ୍ରରୁ କିଛିହିଁ ଆହାର କରି ନାହିଁ । ମଧ୍ୟ ମାତା କିଛିହିଁ ପାଉ ନାହିଁ ଯେ ତାହାକୁ ଦେଇ ବୋଧ ଦେବ । ଆମ୍ଭର ମନ ଅତ୍ୟନ୍ତ ବିକଳ ହେଲା । ଯତ୍କିଞ୍ଚିତ୍ ଯାହା ଥିଲା ରମଣୀ ହସ୍ତରେ ପ୍ରଦାନ କଲୁଁ । ରମଣୀ ମନର ସହିତ ଆମ୍ଭଙ୍କୁ ଆଶୀର୍ବାଦ କଲେ ।

"ମହାତ୍ମନ୍ ! ଆଉ ଗୋଟିଏ କଥା— ଆପଣଙ୍କ ନିକଟରେ ଲୁଚାଇବା ଭଲ ଦିଶୁ ନାହିଁ । ସେହି ବାଳିକାଟୀର ଗଠଣ ଦେଖି ଆମ୍ଭର ମନ ଅତ୍ୟନ୍ତ ମୁଗ୍ଧ ହୋଇଥିଲା ପୁଣି ଆମ୍ଭେ ପ୍ରତିଦିନ ସେହି ବାଟେ ସେହି ରମଣୀଙ୍କି କିଛି ୨ ଦେଇ ଆନନ୍ଦିତ ହେଉ ଥିଲୁଁ । କାଳକ୍ରମେ ରମଣୀର ପରିଚୟ ପ୍ରାପ୍ତ ହୋଇ ଜାଣିଲୁଁ ଯେ ସେ ରତ୍‌ଲମ୍ ନଗରବାସୀ ବିଖ୍ୟାତ ପଣ୍ଡିତ ଯୋଗ୍ୟେଶ୍ୱରଙ୍କ ପତ୍ନୀ ଅଟନ୍ତି । ଯୋଗ୍ୟେଶ୍ୱରଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଗୃହ କାର୍ଯ୍ୟର ଭାର ନେଇ ଜ୍ୟେଷ୍ଠ ଭ୍ରାତାର ନବ ବିଧବା ପତ୍ନୀଙ୍କି ଆଦର କଲେ ନାହିଁ କି ଖାଇବା ପିଇବାର କଥା ସୁଦ୍ଧା ପଚାରିଲେ ନାହିଁ ବରଂ ତାହାଙ୍କୁ ଘରେ ଦେଖିଲେ

ଅତ୍ୟନ୍ତ ବିରକ୍ତ ହେଉ ଥିଲେ । ବାଳିକାଟିର ନାମ ଆନନ୍ଦମୟୀ । ଅତି ବାଲ୍ୟାବସ୍ଥାରେ ସେ ମାତୃହୀନା ହେଲେ । ଖୁଡ଼ୁତାତ ପଚାରୁ ନ ଥିଲେ;—ଆମ୍ଭେ ପ୍ରତିଦିନ ତାହାଙ୍କର ଚର୍ଚ୍ଚା ବୁଝୁ ଥିଲୁଁ । କିନ୍ତୁ ଆନନ୍ଦମୟୀଙ୍କର ମନ ଅନ୍ୟପ୍ରକାର ଥିଲା । —ଥାଉ, ସେ ସବୁ ବିଷୟ କହିବାର ଆଉ ଆବଶ୍ୟକ ନାହିଁ ।

"ସନ୍ନ୍ୟାସିଙ୍କଠାରୁ ଆମ୍ଭେ ବୀଣା ବଜାଇବା ଶିଖିଥିଲୁଁ ଏବଂ ତାହା ଆନନ୍ଦମୟୀଙ୍କି ଶିଖାଇ ଥିଲୁଁ । ସନ୍ନ୍ୟାସୀ ମଧ୍ୟ ଆନନ୍ଦମୟୀଙ୍କି ଭଲ ପାଉଥିଲେ । କେତେକଦିନ ଏହିପରି ସୁଖାଳାପରେ ଗତ ହେଲା । ଦିନେ ସନ୍ଧ୍ୟା ସମୟରେ ସନ୍ନ୍ୟାସୀଙ୍କ ସହିତ କଥାବାର୍ତ୍ତା କରୁ ଥିଲୁଁ ଏମନ୍ତ ସମୟରେ ଗୃହ ମଧ୍ୟରେ ମହା କୋଳାହଳ ଉପସ୍ଥିତ ହେଲା । ଆମ୍ଭେ ଅସ୍ତବ୍ୟସ୍ତ ହୋଇ ଉଠି ଗଲୁଁ ଏବଂ ବୁଝିଲୁଁ ଯେ ଆମ୍ଭର ଜ୍ୟେଷ୍ଠଭ୍ରାତା ପିତାଙ୍କୁ ବିଷଭକ୍ଷଣ କରାଇ ଅଛନ୍ତି ଯେ ପିତାଙ୍କର ରକ୍ତ ବାନ୍ତି ହେଉଅଛି । ଜ୍ୟେଷ୍ଠଭ୍ରାତା ଯେ ପିତାଙ୍କୁ ବିଷ ଭକ୍ଷଣ କରାଇଥିଲେ ତାହାର କାରଣ ଏହି;- ପିତା ଗୋଟିଏ ବେଶ୍ୟା ରଖିଥିଲେ । ତାହାର ନାମ ଚନ୍ଦ୍ରକଳା । ଜ୍ୟେଷ୍ଠଭ୍ରାତା ଦିନେ ଘୋଡ଼ାରେ ଚଢ଼ି ଅନେକଲୋକଙ୍କ ସଙ୍ଗରେ ଯେଉଁବାଟେ ସେହି ବେଶ୍ୟାର ଘର ସେହି ବାଟେ ଯାଉ ଥିଲେ । ଏମନ୍ତ ସମୟରେ ସେ ସ୍ଥାନସ୍ଥ ସ୍ତ୍ରୀଲୋକମାନେ 'ଏ ଚନ୍ଦ୍ରକଳାର ପୁଅ' ବୋଲି ଏକ ଆରେକକୁ ଇଙ୍ଗିତ କଲେ । 'ଏ ଚନ୍ଦ୍ରକଳାର ପୁଅ' ଏହି କଥା ତାହାଙ୍କ କର୍ଣ୍ଣରେ ପ୍ରବେଶ କଲା ଏବଂ ରାଗଭାବ ସେହିକ୍ଷଣି ସର୍ବାଙ୍ଗରେ ବ୍ୟାପ୍ତ ହୋଇଗଲା । କାହାକୁ କିଛି ନ କହି ଘରକୁ ଫେରି ଆସିଲେ ଏବଂ ପରଦିନ ଠାକୁରଙ୍କ ନିକଟରେ ଭୋଗ କରି ବିଷ ମିଶାଇ ପିତାଙ୍କୁ ଖାଇବାକୁ ଦେଲେ ।

"ଆମ୍ଭେମାନେ ସମସ୍ତେ ପିତାଙ୍କୁ ଦେଖିବାକୁ ଗଲୁଁ । ପିତାଙ୍କର ଅବସ୍ଥା ଦେଖି କିଛି ଭଲ ବୋଧ ହେଲା ନାହିଁ । ସେ ସେହିଦିନ ପ୍ରାଣ ତ୍ୟାଗ କଲେ । ଦେଶସୁଦ୍ଧା ଲୋକେ ରୁଣ୍ଡ ହୋଇ ଜ୍ୟେଷ୍ଠ ଭ୍ରାତାଙ୍କୁ ବହୁତ ନିନ୍ଦା କରି କହିଲେ 'ସେହିତ ଠାକୁରଙ୍କ କତିରେ ଭୋଗ କରି ବାପକୁ ଖୁଆଇ ଅଛି ସେ ମାରି ନାହିଁତ ଆଉ ମାରିଲା କିଏ ?' ସେ ଲଜ୍ଜାରେ ମୁଣ୍ଡ ଟେକି ପାରିଲେ ନାହିଁ—ସ୍ୱହସ୍ତରେ ବିଷ ଭକ୍ଷଣ କରି ପରଦିନ ପିତାର ଅନୁଗାମୀ ହେଲେ !! ଏ ସବୁ ଘଟନା ଦେଖି ଆମ୍ଭମାନଙ୍କ ରକ୍ତ ଶୁଷ୍କ ଏବଂ ଘୋର ବିଷାଦରେ ଅନ୍ତରାତ୍ମା ତାପିତ ହେଲା । ପରେ ମଧ୍ୟମ ଭ୍ରାତା ଗୃହ କାର୍ଯ୍ୟର ଭାର ଘେନି ଗୃହ ଚଳାଇଲେ । କିଛିଦିନ ଅଧିକାରର ଆସ୍ୱାଦନ ହେଉଣୁଁ ତାହାଙ୍କ ମନରେ ଦୁରାକାଙ୍କ୍ଷା ଜାତ ହେଲା ଏବଂ ତଦ୍ବଶବର୍ତ୍ତୀ ହୋଇ ସେ ଆମ୍ଭଙ୍କୁ ମାରିବାକୁ ବସିଲେ !

"ଆମ୍ଭେ ସଂସାରର ଗତି ଉତ୍ତମରୂପେ ବୁଝି ପାରିଲୁଁ ଏବଂ ସନ୍ନ୍ୟାସୀଙ୍କ ସଙ୍ଗରେ ଗୃହ ତ୍ୟାଗ କରି ପଳାୟନ କଲୁଁ । ପ୍ରାୟ ଦୁଇ ତିନିବର୍ଷ ପର୍ଯ୍ୟନ୍ତ ଅନେକାନେକ

ବନଭ୍ରମଣ କରିବା ପରେ ଆମ୍ଭର ସେହି ଏକମାତ୍ର ବନ୍ଧୁ ସନ୍ନ୍ୟାସୀ ଦେହ ବିସର୍ଜ୍ଜନ କଲେ ! ଆମ୍ଭେ ସଂସାର ସାଗରରେ ଏକାକୀ ହୋଇ ଆସି ଗୋଟିଏ ଲତାକୁଞ୍ଜରେ ପହୁଞ୍ଚିଲୁଁ ଏବଂ ଦେଖିଲୁଁ ଯେ ତହିଁରେ ଆନନ୍ଦମୟୀ ଶୟନ କରିଅଛନ୍ତି । ଆମ୍ଭେ ସେଠାରେ ଦୁଇଦିନ ମାତ୍ର ରହିଲୁଁ । ତୃତୀୟଦିନ ରାତ୍ରରେ କୌଣସି କୁସ୍ୱପ୍ନ ଯୋଗୁଁ ମନ ବିଷାଦରେ ଘାଣ୍ଟି ହେଲା । ଶଯ୍ୟା ତ୍ୟାଗ କରି ଏବଂ ଆନନ୍ଦମୟୀଙ୍କି ଉନିଦ୍ର ନ କରାଇ ବାହାରି ଆସିଲୁଁ । ପ୍ରାୟ ଏକ ବର୍ଷ ବନେ ୨ ଏକାକୀ ଭ୍ରମଣ କରି ଅବଶେଷରେ ଏହି ପର୍ବତରେ ଆସି ପହୁଞ୍ଚିଲୁଁ ଏବଂ ଏତେଦିନ ପର୍ଯ୍ୟନ୍ତ ସନ୍ନ୍ୟାସୀପ୍ରଦତ୍ତ ପୁସ୍ତକମାନ ପାଠ କରି ପର୍ବତବାସୀ ପଶୁପକ୍ଷୀଜୀବାଦି ବନ୍ଧୁମାନଙ୍କୁ ଶୁଣାଇ ସୁଖରେ ଦିନାତିପାତ କରୁଅଛୁଁ । ଆଜି ଆପଣଙ୍କ ଶ୍ରୀଚରଣ ଏଠାରେ ପତିତ ହେଲାରୁ ଆମ୍ଭେ ମନୁଷ୍ୟ ମୁଖ ଦର୍ଶନ କଲୁଁ । ଆପଣ ଆମ୍ଭର ସବିଶେଷ ପରିଚୟ ପ୍ରାପ୍ତ ହେଲେ ଏବେ ଆପଣଙ୍କ ପରିଚୟ ପ୍ରଦାନ ପକ୍ଷରେ ବୋଧ ହୁଏ କୌଣସି ଆପତ୍ତି ନାହିଁ ।''

—୦—

## ଜୀବନ ମାତ୍ରା ।

### (ପୂର୍ବପ୍ରକାଶିତ ଉଦ୍ଧାରୁ)

ଖାଚତର ଶିରୋଦେଶରେ ନିୟତିଚକ୍ର ଦିବା ନିଶି ଭ୍ରମଣ କରୁଅଛି । ସୂତିକା ଗୃହରେ ଭାରତବାସୀର ଲଲାଟଫଳକରେ କାଳପୁରୁଷ ଯେଉଁ ଅଦୃଶ୍ୟ ରେଖାଦ୍ୱାରା ଭାବୀ ଭାଗ୍ୟର ନିର୍ଦ୍ଦେଶ କରୁଅଛନ୍ତି କାହର ସାଧ୍ୟ ଯେ ତହିଁର ଅନ୍ୟଥା କରିବ ? ଅଦୃଷ୍ଟବାଦ ଯେଉଁମାନଙ୍କର ପ୍ରତିଲୋମକୂପରେ ଆଶ୍ରୟ ଘେନିଅଛି, ସେମାନଙ୍କ ନିମନ୍ତେ ଜୀବନମାତ୍ରା ନିର୍ଦ୍ଦେଶ କରିବାରେ କୌଣସି ଲାଭର ସମ୍ଭାବନା ନାହିଁ କିନ୍ତୁ ଯେଉଁମାନେ ଆପଣାର ଭାଗ୍ୟ ଆପଣାର ହସ୍ତରେଅଛି ବୋଲି ବିଶ୍ୱାସ କରନ୍ତି କେବଳ ସେହିମାନଙ୍କ ନିମନ୍ତେ ଏହି କେତେକ ପଙ୍କ୍ତି ଲେଖା ଯାଉଅଛି ।

ସ୍ପର୍ଶମଣିର ଅନୁସନ୍ଧାନରେ ଅନେକ ବଣିକ ହତସର୍ବସ୍ୱ, ପଥଭ୍ରଷ୍ଟ ଓ ଗତାସୁ ହୋଇଅଛନ୍ତି । ଯେଉଁ ସ୍ପର୍ଶମଣିର ସଂସ୍ପର୍ଶରେ ଲୌହ ସୁବର୍ଣ୍ଣ ହୋଇ ଯାଏ ଶତ ୨ ବର୍ଷ ଇଉରୋପୀୟ ପଣ୍ଡିତମାନେ ତହିଁର ଅନୁସନ୍ଧାନ କରି ବିଫଳପ୍ରଯତ୍ନ ହୋଇଅଛନ୍ତି । ରାସେଲାସ ପରି କେତେ ରାଜକୁମାର ମରୀଚିକାରେ ପ୍ରତାରିତ ହୋଇଅଛନ୍ତି । ଚିନ୍ତା-କୁଶଳ ଭାରତର ସିଂହପୁରୁଷ ଶୁଦ୍ଧୋଦନ ନନ୍ଦନର ଚିନ୍ତାସାଗର ମନ୍ଥନୋଦ୍ଭୂତ ସ୍ପର୍ଶମଣି ନିର୍ବାଣ—ରୋଗକ୍ଳେଦପୀଡ଼ିତ—ଦେହବଦ୍ଧ ଆତ୍ମାର ପରମାତ୍ମାରେ ପୂର୍ଣ୍ଣଗ୍ରାସ ଘଟଇ ! ସେହି ସ୍ପର୍ଶମଣିର ମାୟାରେ ସଭ୍ୟ ଜଗତର ତୃତୀୟାଂଶ ଅଦ୍ୟାପି ମୋହିତ ଅଛି, କିନ୍ତୁ

ଭାରତ ସେ କୁହୁକରେ ଆଉ ଭୁଲିବ ନାହିଁ । ଧ୍ୟାନ, ଚିନ୍ତା, କଳ୍ପନା, ମୋକ୍ଷ ଓ ସନ୍ନ୍ୟାସରେ ଭାରତ ଜର୍ଜ୍ଜରିତ ହୋଇଅଛି ଏବେ ସଂସାର, ଦେହ, ସୁଖ ସ୍ୱାସ୍ଥ୍ୟ ଏକାନ୍ତ ବାଞ୍ଛିତ । ଏବେ ସ୍ୱାସ୍ଥ୍ୟ ଭାରତବାସିଙ୍କର ସ୍ପର୍ଶମଣି । ଜୀବନ ପ୍ରକୃତରେ ବଡ଼ ସୁଖର ଦ୍ରବ୍ୟ ଅଟଇ । ସନ୍ନ୍ୟାସୀ ମୋକ୍ଷ ଆଶାରେ ସର୍ବସ୍ୱ ଜଳାଞ୍ଜଳି ଦେଇଅଛି ତେବେହେଁ ଆମ୍ଭର ହସମୁଖା ଶିଶୁ ଆଡ଼କୁ ଅନାଇ ତୁମ୍ଭ ଆଖିରେ ପାଣି ଝରଇ କାହିଁକି ? ଆୟତବକ୍ଷ ସୁନ୍ଦର ଯୁବାକୁ ଶ୍ମଶାନରେ ମହାନିଦ୍ରାରେ ନିଦ୍ରିତ ଦେଖିଲେ ତୁମ୍ଭ ହୃଦରେ କାହିଁକି ଦୀର୍ଘ ନିଃଶ୍ୱାସ ଉତ୍‌ଥିତ ହୁଏ ? ସୁନ୍ଦର ଶିଶୁ, ଗୁଣବତୀ ରମଣୀ, ଫୁଲର ବଗିଚା, ନକ୍ଷତ୍ରମାଳା, ପକ୍ଷୀର ଗୀତ, ଆଉ ନଦୀର ଜଳ ଯେତେବେଳେ ଲହରୀରେ ନାଚୁ ଥାଏ, ଥରେ ସେହି ଆଡ଼କୁ ଦୃଷ୍ଟିପାତ କରି କହିଲ ଜଗତ ସୁଖର କି ନା ? ଜୀବନ ବାଞ୍ଛନୀୟ କି ନା ? ସନ୍ନ୍ୟାସ ବିଡ଼ମ୍ବନା କି ନା ? ଅଶୀତି ବର୍ଷର ପୁରୁଷ ମୃତ୍ୟୁସ୍ମରଣରେ ଭୀତ ହୁଏ, ତାହା କେବଳ ଅଶୀତି ବର୍ଷର ଦଖଲରେ ବେଦଖଲ ହେବା ଭୟରୁ । ଆଉ ତୁମ୍ଭେ ଧାର୍ମିକ ପୁରୁଷ—ଭକ୍ତି ସହକାରେ ପରକାଳର ପ୍ରାର୍ଥନା କରୁଅଛ; କାହିଁକି ?—କେବଳ ଜୀବନର ଲୋଭରେ—ଏହି ଦୁଇଦିନର ନଶ୍ୱର ଜୀବନର ଲୋଭରେ ନୁହେ କିନ୍ତୁ ଚିରଦିନର ଅମର ଜୀବନର ଆକାଙ୍କ୍ଷାରେ । ପୁଣି ସେ ଜୀବନରେ ମଧ ଇହ ଜୀବନର ସମସ୍ତ ସୁଖ କଳ୍ପିତ ଅଛି—ସେହି ଅପ୍ସରା, ସେହି ନନ୍ଦନ କାନନ, ସେହି ପାରିଜାତ, ଅଥବା ସେହି କଜ୍ଜଳନୟନା ହାଉରୀ । ହେ ସୁଶିକ୍ଷିତ ବନ୍ଧୋ । ତୁମ୍ଭର ସ୍ୱର୍ଗ ମଧ ସେହି ବନ୍ଧୁ ବାନ୍ଧବର ପ୍ରେମାଲିଙ୍ଗନରେ, ମାତାର ସ୍ନେହ ଚୁମ୍ବନରେ, ନଷ୍ଟପୁତ୍ରର ସନ୍ଦର୍ଶନରେ, ପ୍ରେମ ସଂଗୀତର ପ୍ରଣୟାଳପରେ ସର୍ବଦା ଟଳମଟଳ ହେଉଅଛି । ପ୍ରକୃତରେ ସାଂସାରିକ ଓ ପାରମାର୍ଥିକ ସମସ୍ତେ ଜୀବନର ପ୍ରିୟ ଅଟନ୍ତି; ତେବେ ଯେ ଯେତେ ଅଧିକ ପ୍ରିୟ ସେ ତେତେ ଅଧିକ ପରମାର୍ଥୀ ।

କେବଳ ଜୀବନପ୍ରିୟତା ହିଁ ମନୁଷ୍ୟକୁ ଆତ୍ମାର ଅମରତ୍ୱ ଶିକ୍ଷା ଦିଏ; କିନ୍ତୁ କି ଦୁଃଖର ବିଷୟ, ଯେବେ ଅମରତ୍ୱ ନ ଥାଏ ତେବେ କି ଆଉ ମାତା, ପିତା ଓ ଭାର୍ଯ୍ୟା କାହାରି ସଙ୍ଗରେ ସାକ୍ଷାତ୍ ହେବ ନାହିଁ ? ହେ ମନୁଷ୍ୟ ! ଯେଉଁ ଉତ୍ସାହରେ ଆତ୍ମାର ଅମରତ୍ୱ ପ୍ରମାଣ କରିବାକୁ ଯାଇ କୋଳାହଳ, କ୍ରନ୍ଦନ, ବନ୍ଧୁ-ବିଚ୍ଛେଦ, ରକ୍ତକ୍ଷୟ ଇତ୍ୟାଦି ଉତ୍ପାଦନ କରୁଅଛ ଯେବେ ତାହାର ଏକ ଅଂଶଦ୍ୱାରା ଜୀବନର ଅମରତ୍ୱ ସମ୍ପାଦନ କରିବାର ଉପାୟ କରନ୍ତ ତେବେ ତୁମ୍ଭର ମୁଖଶ୍ରୀ ଆଜି ଏତେ ମଳିନ ଦିଶୁ ନ ଥାନ୍ତା ଯେଉଁ ଯତ୍ନରେ ଦେବମନ୍ଦିର ନିର୍ମାଣ କରୁଅଛ ଯେବେ ତହିଁର ଏକ କଣାଦ୍ୱାରା ଏହି ଦେହମନ୍ଦିରକୁ ଦୃଢ଼ କରିବା ନିମନ୍ତେ ଚେଷ୍ଟା କରନ୍ତ ତେବେ କି ଏହା ଏତେ କ୍ଷଣଭଙ୍ଗୁର ରହିଥାନ୍ତା ? ବିଜୟର ପୋଷା ପକ୍ଷୀ ଆଜି ମଧ ପିଞ୍ଜରରେ ନୃତ୍ୟ କରୁଅଛି; ନନ୍ଦଲାଲର ରୋପିତ ବୃକ୍ଷ ଆଜି ମଧ କୁସୁମସ୍ତରରେ ଅବନତ; ଆଉ ବିଜୟ ଓ

ନନ୍ଦଲାଲରଚିହ୍ନମାତ୍ର ଜଗତରୁ ଅପଲୋପିତ ହେଲା ! ଏପରି ସୁଖର ଜୀବନ ଆମ୍ଭର କି କରାୟତ୍ତ ନୁହଇ ? ଏ ଜୀବନର ପଟ୍ଟା କେତେ ଦିନ ନିମନ୍ତେ ?

ବିଶେଷ ହିସାବଦ୍ୱାରା ଦେଖାଯାଇଅଛି ଯେ ସଭ୍ୟତାର ବୃଦ୍ଧି ସଙ୍ଗରେ ମାନବଜୀବନର ଦୀର୍ଘତା ସମ୍ପାଦିତ ହେଉଅଛି । ତେବେହେଁ ଯଥେଷ୍ଟ ହୋଇ ନାହିଁ । ମୁସୋଫ୍ଲୁରେନ୍ସ କହନ୍ତି ମନୁଷ୍ୟର ଆୟତିକାଳ ଶତବର୍ଷ; ଡାକ୍ତର ଗାର୍ଡ଼ନରଙ୍କ ମତରେ ତାହା ୧୦୫ ବର୍ଷ; ସମ୍ପ୍ରତି ଡ଼ାକ୍ତର ରିଚାର୍ଡ଼ସନ୍ ପ୍ରମାଣ କରିଅଛନ୍ତି ଯେ ମନୁଷ୍ୟ ଏକଶତ ପଞ୍ଚାଶ ବରଷ ବଞ୍ଚି ପାରେ । ଲେଖକ ସ୍ୱଚକ୍ଷୁରେ ଦେଖିଅଛନ୍ତି ଯେ ଚବ୍ବିଶପରଗଣାର ବଡ଼ିଶାଗ୍ରାମରେ ମନୁଦେବୀଙ୍କର ଏକଶତ ଦଶବର୍ଷରେ ପରଲୋକ ପ୍ରାପ୍ତି ହୁଏ । ସେ ଦିନ ଓଡ଼ିଶାର ଖୋରଧା ଅଞ୍ଚଳରେ ଭ୍ରମଣ କରୁ ୨ ଗୋଟିଏ ଗଉଡୁଣୀର ମୃତ୍ୟୁ ଦେଖାଗଲା, ବିଶ୍ୱସ୍ତ ପ୍ରତିବାସୀମାନେ କହିଲେ ବୃଦ୍ଧାର ୧୨୦ବର୍ଷ ବୟସ ହୋଇଥିଲା । ମୁସୋଫ୍ଲୁରେନ୍ସ କହନ୍ତି ପକ୍ଷ୍ୟାଦି ଜୀବଜନ୍ତୁଙ୍କ ଦେହର ପୂର୍ଣ୍ଣବିକାଶ ହେବାକୁ ଯେତେ ସମୟ ଆବଶ୍ୟକ ହୁଏ, ସେମାନଙ୍କର ଜୀବନକାଳ ସେହି ସମୟର ପାଞ୍ଚଗୁଣ । ମନୁଷ୍ୟର ପୂର୍ଣ୍ଣବିକାଶ ହେବାକୁ ୨୦ ବରଷ ଆବଶ୍ୟକ ହୁଏ ସୁତରାଂ ତୁଳନାରେ ମନୁଷ୍ୟର ଜୀବନ କାଳ ୧୦୦ ବରଷ । ଆମ୍ଭେମାନେ ଅନୁମାନ କରୁଁ ୨୫ କିମ୍ବା ୩୦ ବରଷ ପର୍ଯ୍ୟନ୍ତ ମନୁଷ୍ୟଦେହର ସମ୍ପୂର୍ଣ୍ଣ ବିକାଶ ହୁଏ ନାହିଁ ଅତଏବ ଫ୍ଲୁରେନ୍ସଙ୍କ ମତ ସତ୍ୟ ହେଲେ ଆମ୍ଭମାନଙ୍କର ଗଣନା ଅନୁସାରେ ମନୁଷ୍ୟ ଦେଢ଼ଶତ ବରଷ ବଞ୍ଚି ପାରେ । କିନ୍ତୁ ଦୁଃଖର ବିଷୟ ଜ୍ଞାନବୁଦ୍ଧିବିଶିଷ୍ଟ ମନୁଷ୍ୟ ସନ୍ତାନଙ୍କୁ ଜୀବନର ଆୟତିକାଳ ପଶୁବୃତ୍ତି ଚାଳିତ ନୀଚଜନ୍ତୁ ନିକଟରେ ଶିଖିବାକୁ ହେଲା ଓ ସେମାନଙ୍କ ତୁଳନାରେ ଗଣନା କରିବାକୁ ହେଲା ! ବସ୍ତୁତଃ କେବଳ କଳ୍ପନା ରୂପରେ ପ୍ରତୀୟମାନ ହେଲେ ମଧ ଆମ୍ଭମାନଙ୍କର ବିଶ୍ୱାସ ଏହି ଯେ ସଭ୍ୟତାର ଉନ୍ନତି ସହିତରେ ମନୁଷ୍ୟ ଜୀବନର ଦୀର୍ଘତା ଦିନ ୨ ବର୍ଦ୍ଧିତ ହୋଇ ଅନନ୍ତତ୍ୱ ଆଡ଼କୁ ଅଗ୍ରସର ହେବ ।

କିନ୍ତୁ କାହିଁ ? ମନୁଷ୍ୟ ଜୀବନ ଶତବର୍ଷ ହେଲେ ମଧ କେତେଜଣ ଲୋକଙ୍କୁ ୬୦ ବର୍ଷ ଉତ୍ତୀର୍ଣ୍ଣ ହେବାକୁ ଦେଖାଯାଏ ? ଭାଇ ! ଏଥି ପୂର୍ବେ ଦେଖିଲ ଯେତେବେଳେ ନିତାନ୍ତ ନ୍ୟୂନ କଳ୍ପରେ ମଧ ଦେହର ବିକାଶ ହେବାକୁ ବିଂଶତି ବର୍ଷ ଆବଶ୍ୟକ ହୁଏ ତେତେବେଳେ ଯେଉଁ ଦେଶରେ ଏକାଦଶ ବର୍ଷୀୟାର ମଧ ସନ୍ତାନ ହେଉଅଛି ଓ ଷୋଡ଼ଶ ବର୍ଷୀୟାର ତାହା ସାଧାରଣ ନିୟମ ସେ ଦେଶରେ ଯେ ଏବେ ମଧ ମନୁଷ୍ୟମୂର୍ତ୍ତି ଦେଖିବାକୁ ମିଳଇ ତାହାହିଁ ସୌଭାଗ୍ୟର ବିଷୟ ।

ବୈଶେଷିକ କାରଣ–ଅନାଚାର ଅପଚାର–ଆମ୍ଭେମାନେ ଗଣନା ସୁଦ୍ଧା କଲୁ ନାହିଁ । ଏବେ ଜୀବନ-ମାତ୍ରାର ନ୍ୟୂନାଧିକ କରିବା ଆମ୍ଭମାନଙ୍କର କରାୟତ୍ତ କି ନା ଦେଖାଯାଉ ।

ଆମ୍ଭେମାନେ ଗତ ପ୍ରକାଶିତରେ ପ୍ରମାଣ କରିଅଛୁଁ ଯେ ଜଳ ବାୟୁର ବିଭିନ୍ନତା ଓ ବୀଜଶକ୍ତିର ପକ୍ୱାପକ୍ୱତା ଜୀବନମାତ୍ରାର ନ୍ୟୂନାତିରେକ କରିବାର ଯଥେଷ୍ଟ କାରଣ ନୁହେ । ଏବେ ଯଦି ପ୍ରମାଣ କରିପାରୁଁ ଯେ ସେ ନ୍ୟୂନାତିରେକ କରିବା ଅଂଶତଃ ଆମ୍ଭମାନଙ୍କର ସୁଦ୍ଧା କରାୟତ୍ତ—କେବଳ ମାତ୍ର ପାର୍ଥିବ କାରଣ ଉପରେ ନିର୍ଭର କରଇ ନାହିଁ—ତାହା ହେଲେ ଆମ୍ଭେମାନେ କିପରି ନିଜ ୨ ଜୀବନର ହ୍ରାସ ବୃଦ୍ଧି କରିଥାଉଁ ଏବଂ କେଉଁ ବିଶେଷ କାର୍ଯ୍ୟ ଉପରେ ତାହାର ଅଧିକାଂଶ ନିର୍ଭର କରଇ ତାହା ସହଜରେ ବୁଝାଯିବ । ଜଣେ ଆତ୍ମପ୍ରତାରକ କହିଥାନ୍ତି ଦୀର୍ଘ ଜୀବନ କି ପ୍ରାର୍ଥନୀୟ ? ଆଉ ତହିଁରେ କି ସୁଖଲାଭ ହୁଏ ? ଯେବେ ଦେହଗ୍ରନ୍ଥି ଶିଥିଳ ହେଲା ତେବେ ବଞ୍ଚିବାର ଆବଶ୍ୟକତା କି ? ଆମ୍ଭେ ଜରାଜୀର୍ଣ୍ଣର ବଞ୍ଚିବାର କଥା କହୁ ନାହୁଁ; ଗତଚକ୍ଷୁ ହତପ୍ରାଣ ହୋଇ ରହିବାରେ ସୁଖ ନାହିଁ କିନ୍ତୁ ଯେବେ ସୁସ୍ଥଶରୀର ଓ ବର୍ଦ୍ଧମାନ ତେଜରେ ବଞ୍ଚିବାକୁ ହୁଏ ତେବେ କେଉଁ ବ୍ୟକ୍ତି ମୃତ୍ୟୁ ପ୍ରାର୍ଥନା କରିବ ? ତିନିସହସ୍ର ବର୍ଷ ପୂର୍ବରେ ଜଣେ କହିଥିଲେ, ''ଜଗତରେ ଗୋଟିଏ ଆଶ୍ଚର୍ଯ୍ୟ ବିଷୟ ଦେଖିଲୁ ଯେ ଯେଉଁ ବ୍ୟକ୍ତି ପରିଶ୍ରମ କରେ ସେ ଖାଏ ନାହିଁ ଇତର ଲୋକେ ଆସି ତାହା ଭୋଗ କରିଥାନ୍ତି ।''

(୧) ପୂର୍ବେ କହି ଅଛୁଁ ବିଶେଷ ଅନୁସନ୍ଧାନ ଦ୍ୱାରା ଦେଖା ଯାଇଅଛି ଯେ ଇଂଲଣ୍ଡ ଓ ଅନ୍ୟାନ୍ୟ ଦେଶରେ ସଭ୍ୟତା ବୃଦ୍ଧିର ସଙ୍ଗ ସଙ୍ଗରେ ମନୁଷ୍ୟର ଆୟୁଷ୍କାଳ ମଧ ବର୍ଦ୍ଧିତ ହୋଇଅଛି ।

(୨) ସମାଜର ବିଭିନ୍ନତା, ଅବସ୍ଥା ଓ ବୈଷୟିକ କାର୍ଯ୍ୟର ବିଭିନ୍ନତା ଅନୁସାରେ ଆୟୁଷ୍କାଳର ମଧ ହ୍ରାସ ବୃଦ୍ଧି ହୁଏ । ପୁରୋହିତମାନେ ସର୍ବାପେକ୍ଷା ଅଧିକ ଦିନ ଜୀବିତ ଥାନ୍ତି ଓ ଭିଷକର ଜୀବନ ସର୍ବାପେକ୍ଷା ଅଳ୍ପକାଳ ।

(୩) ଯେଉଁ ଲୋକଙ୍କର ଭାବନା ଚିନ୍ତା ଅଳ୍ପ ସେମାନେ ଅଧିକ ଦିନ ବଞ୍ଚି ଥାନ୍ତି ।

''ଚିତା ଚିନ୍ତା ଦ୍ୱୟୋର୍ମଧ୍ୟେ ଚିନ୍ତାନାମ ଗରୀୟସୀ ।''

ସାଧାରଣତଃ ଅଳ୍ପ ଚିନ୍ତାରେ ପରିକ୍ଲିଷ୍ଟ ଦରିଦ୍ର ଅପେକ୍ଷା ଚିନ୍ତା-ଶୂନ୍ୟ ଧନବାନମାନେ ଅଧିକଦିନ ଜୀବିତ ଥାନ୍ତି । ଯେଉଁ ସମସ୍ତ ଦରିଦ୍ରମାନେ ଦରିଦ୍ର ଶାଳାରେ ବିନାଚିନ୍ତା ଓ ବିନା କ୍ଳେଶରେ ଗ୍ରାସାଚ୍ଛାଦନ ଲାଭ କରିଥାନ୍ତି ସେମାନଙ୍କର ମଧ ଆୟତି ସାମାନ୍ୟ ନୁହଇ ।

(୪) ଧୂମ-ଧୂଳୀପୂର୍ଣ୍ଣ ପୂତିଗନ୍ଧମୟ ନଗରର ଅଧିବାସୀ ଅପେକ୍ଷା ପ୍ରଶସ୍ତ ପ୍ରାନ୍ତର ବାସୀ ଅଧିକ ଦିନ ବଞ୍ଚି ଥାଏ । ତାହା ଭାଗ୍ୟରେ ବିମଳ ବାୟୁ ଓ ସୂର୍ଯ୍ୟକିରଣ ଅନାୟାସ ସାଧ୍ୟ ।

(୫) ପରିମିତ ଆହାର, ପରିମିତ ପାନ ଓ ନିୟମିତ ପରିଧାନ ଯାହା ହୃଦୟକୁ ସନ୍ତୁଷ୍ଟ ରଖି ପାରେ ସେ ସାଧାରଣତଃ ଦୀର୍ଘଜୀବୀ ।

(୬) ଯେଉଁଠାରେ ଭୈଷଜ୍ୟର ଅଭାବ ନାହିଁ ସେଠାରେ ମୃତ୍ୟୁ ସୁଲଭ ନୁହେ।

ଏହିସବୁ ଘଟନା ଓ ଅନ୍ୟଦିଗରେ ''ହରିବୋଲ'' ପରିପୂରିତ ରାଜବର୍ତ୍ମ ଆଡ଼କୁ ଦୃଷ୍ଟିପାତ କରି କହିଲ ମନୁଷ୍ୟଜୀବନର ପୂର୍ଣ୍ଣକାଳ ଅନିର୍ଦ୍ଦିଷ୍ଟ ହେଲେହେଁ ଜୀବନମାତ୍ରାର ହ୍ରାସ ବୃଦ୍ଧି ତୁମ୍ଭର ନିଜହସ୍ତରେ କି ନା ? ଏହି ଭୀଷଣ ମହୋଦଧିର ଜୁଆର ଭଟା ଚନ୍ଦ୍ର ଓ ସୂର୍ଯ୍ୟ ହାତରେ, ଆଉ ଏ ଜୀବନମାତ୍ରାର ହ୍ରାସ ବୃଦ୍ଧି, ହେ ମନୁଷ୍ୟ, କେବଳ ତୁମ୍ଭରି ଦେହ ଓ ମନ ଉପରେ ନିର୍ଭର କରେ। ଏବେହେଁ ୩୦ ବରଷ ବୟସ ହୋଇନାହିଁ; ଏବେହେଁ ଏ ଚଟିରୁ ଉଠିଯିବା ନିମନ୍ତେ ଗଣ୍ଠରି ବାନ୍ଧୁ ଅଛୁଁ; ତାହା କେବଳ ଆମ୍ଭର ନିଜ ଗୁଣରେ। ଫରାସୀ ଦେଶୀୟ ଗୋଟିଏ ବିଖ୍ୟାତ ପଣ୍ଡିତ କହି ଯାଇ ଅଛନ୍ତି–

''ମନୁଷ୍ୟମାନେ ମରନ୍ତି ନାହିଁତ, ଆପଣକୁ ମାରି ଥାନ୍ତି।''

ଶ୍ରୀ କ୍ଷୀରୋଦଚନ୍ଦ୍ର ରାୟ ଚୌଧୁରୀ।

——

## ପ୍ରେମତରୀ।

### (ଗାଥା)

### ପଞ୍ଚମ ସର୍ଗ। ପ୍ରେମ ମିଳନ।

ବର୍ଷାଶେଷେ ଦିବାକର ଅଟନ୍ତି ଉଜ୍ଜ୍ୱଳ;
ତମ ଅପଗମେ କେଡ଼େ ଆଲୋକ ଶୋଭନ !
ଦୁଃଖ ପରେ ସୁଖ ଦେଖ ରମଣୀୟ ତର;
ବିଚ୍ଛେଦାନ୍ତେ ଯଥା ଯେବେ ପ୍ରେମର ମିଳନ।
ଋତୁଗତ ଦୁଃଖେ ଦୁଃଖୀ ପିକବର ପ୍ରାଣେ;
ବସନ୍ତେ ମଧୁରାଳାପେ ମୋହେ ଜଗଜନ !
ପରଭୃତ ପରି ପୁଣି ଆପଣାକୁ ଜାଣେ
ବିରହୀ ପ୍ରେମିକ ପାଇ ପ୍ରେମର ମିଳନ !
ଅଶୀତ ଅଷ୍ଟମୀ ନିଶି ଘୋର ଅନ୍ଧକାରେ
ଲିପ୍ତ ଥାଏ ଯଥା ଆହା ବିରହିର ମନ !
ସୁନ୍ଦର ଶଶାଙ୍କ ଏକା ନାଶେ ଶୀତ କରେ
ଶାନ୍ତି ଉପୁଜାଇ ଯେହ୍ନେ ପ୍ରେମର ମିଳନ !
ଗୋଳକରି ଗୋଦାବରୀ କଳ ୨ ସ୍ୱରେ
ସାକ୍ଷାତକୁ ଯାଉଅଛି ସମୁଦ୍ର ସଙ୍ଗର;
ରୌପ୍ୟସମ ସ୍ୱଚ୍ଛବନ କେଡ଼େ ଶୋଭା ଧରେ,
ତାକୁ ସେ ଉପମା ଶ୍ୟାମ କାନନ ଭିତର !

ତହିଁ ପୁଣି ଦିନମଣି ଉଗ୍ର ମୂର୍ତ୍ତି ଧରି
ବିକୀରନ୍ତି କୋପେ କର କାଳାନଳ ସମ ।
ନାହିଁ ତ୍ରାଣ; ନିଜପ୍ରାଣ ଦେଖି ଗୋଦାବରୀ
ଉତ୍‌କ୍ଷିପ୍ତ କିରଣେ ମାରେ ଶତପ୍ରହରଣ
ଦିଆଶାଣ ନିଆବାଣ ମାରେ ଚତୁର୍ଦ୍ଦିକ–
ସୂର୍ଯ୍ୟଙ୍କର କୋପେ ପରା ହୋଇ କୋପମତି !
ଘୋରରଣ ପ୍ରତିକ୍ଷଣ କରୁଛି ଅଳୀକ
ପ୍ରକୃତି ଦେବୀଙ୍କ ସ୍ଥିରା ପ୍ରଶାନ୍ତା ମୂରତି ।।
ଗତରବ ଜୀବ ସର୍ବ ଦେଖି ସେ ସମର ।।
କୋମଳ ପଲ୍ଲବ ନବ ପ୍ରାଣଗଲା ପରି ।
ସୁଖୋଦ୍‌ଗତା ବନଲତା ବିକଳେ ନିଶ୍ଚଳ,
ଆନତ ଆନନେ (ମି)ମ୍ରିୟମାଣ ରୂପ ଧରି ।।
ପୂର୍ଣ୍ଣ ବଳ ପ୍ରଭାକର ଧରି ଷୋଳକଳା
କରୁଛନ୍ତି ରାଜ୍ୟ ଅବା ହୁଅଇ ପ୍ରତୀତ;–
କି କାରଣ ଘୋରବନ ଦଣ୍ଡକ କାନନ
ହୁଅନ୍ତା ଉତ୍ତପ୍ତ ଯାର ଶୀତଳତା ମିତ ?
ଦାବାନଳ ସୁପ୍ରବଳ ପ୍ରକାଶିଣ ବଳ
ପ୍ରଚଣ୍ଡମୂର୍ତ୍ତିରେ ସବୁ ଭସ୍ମୀଭୂତ କରେ–
କରାଳ ସେ କାଳ ଅବା ଅନଳ ସାହଯ୍ୟେ
କରେ ଉଦରସ୍ଥ ସବୁ ପ୍ରଳୟ ଆଶରେ ?
ନବୀନ ତପସ୍ୱୀ ଏକ ଗୋଦାବରୀ ତୀରେ
ଆସୀନ ଉନ୍ନତବଟବୃକ୍ଷଛାୟାଶ୍ରୟେ–
ବତ୍‌ଦୁଃଖ ଲୋକ ମୁଖ ଦେଖି ନ ଥିବାରୁ
ବହୁଦିନ ହେଲା; ମନ ବହୁକଷ୍ଟ ସହେ ।
କ୍ଳାନ୍ତକେ ପଥିକ ଆହା ଏସନ କାଳରେ,
ପ୍ରକୃତିଗତିରେ ହୋଇ ତୃଷାତୁର ଅତି,
ଆସୁଁ ସ୍ରୋତସ୍ୱିନୀ ତୀରେ ସନ୍ୟାସିକି ଦେଖି
ଭାଷିଲା ମଧୁର ଭାଷା ଚାହିଁ ତାହା ପ୍ରତି ।
"ମୁନିବେଶଧାରି ଅହୋ ନବୀନ ତାପସ !
ଦଗଧ ଏ ବନସୀମା ଅଟେ କେଉଁ ଠାରେ ?
କଉଁ ବାଟେ ଗଲେ ହେବ ଅଚିରେ ଉଦ୍ଧାର
ଅନଳ କୁଣ୍ଡରୁ ଶୀଘ୍ର ଉଦ୍ଧାରି କେ ପାରେ ?
ସରୁ ନାହିଁ ବନ ଅବା ଚାଲିବି ମୁ କେତେ,
ଦଗଧ ପ୍ରାଣକୁ ଦଗ୍ଧ କରେ କ୍ରୂର ମନେ !

ପ୍ରଳୟଜନକ ଭୀଷ୍ମ ପ୍ରବଳ ଅନଳୁଁ
ପରିତ୍ରାଣ ପ୍ରତିଆଶା କେଉଁ ବାଟେ କ୍ଷଣେ ?
ପ୍ରଚଣ୍ଡ ତପନ, ପୁଣି ଦାବାନଳ କାଳ,
ପ୍ରକୀର୍ଣ୍ଣକଣ୍ଟକ ମାର୍ଗ ପୀଡୁଛି ପରାଣ ।
କରୁଣା କରିଣ ବାରେ ଦେଖାଇଣ ଦିଅ
ଉଦ୍ଧାରରପଥ, ଯେବେ ନିଶ୍ଚେ ତାହା ଜାଣ''
''ଉଦ୍ଧାରର ପଥ'' ତେବେ ଭାଷିଲା ତାପସ
''ଉଦ୍ଧାରର ପଥ କାହୁଁ ପାଇବ ଏଠାରେ ?
ସମଗ୍ର କାନନ ବେଢ଼ି ଭକ୍ଷଇ ଅନଳ
ଖାଣ୍ଡବକାନନ ଯେହ୍ନେ, ଆରୋଗ୍ୟଆଶାରେ ।
ଶ୍ରୀରାମଚରଣପୂତ ଦଣ୍ଡ କାନନ
ବିଖ୍ୟାତ ବିସ୍ତୃତ ବହୁଦୂର ଚରାଚରେ,
ରାହୁ ସୂର୍ଯ୍ୟଗ୍ରହରୂପେ କରୁଛି ଭକ୍ଷଣ
କୃଷ୍ଣବର୍ତ୍ମା, ଅବଶେଷ କୃଷ୍ଣରୂପ ଧରେ ।
ଦୋଷୀ ସୂର୍ଯ୍ୟ ରାହୁ କହି ପୁରାଣ ପୃଷ୍ଠାରେ
ନ ଜାଣେଁ ଦଣ୍ଡକ କିସ କରିଅଛି ଦୋଷ,—
ଧରି ମୂର୍ତ୍ତି ଭୟଙ୍କର ଭୀଷଣ ଅନଳ
ବେଢ଼ି ଚତୁର୍ଦ୍ଦିକ ଗ୍ରାସେ କରି ବଡ଼ ରୋଷ ।
ଦିଶୁ ନାହିଁ ଯେଉଁ ଦିଗେ ଭୟର କାରଣ
ଭୟଙ୍କରତର ଅଟେ ସେହିଦିଗ ଅତି ।—
ଛକିଛି ଶାର୍ଦ୍ଦୂଳପରି, ଗଲେ ଆକ୍ରମିବ;
ପ୍ରତ୍ୟକ୍ଷେ ସୁମିଷ୍ଟଭାଷୀ ଲୋକ କ୍ରୂରମତି ।।
ବିରୂପ ବଦନକାନ୍ତି କ୍ଳେଶ-ଆତିଶଯ୍ୟେ,
ଆବିଳ ଯେସନେ ବର୍ଷାକାଳେ ନଦୀଜଳ ।
ସୂର୍ଯ୍ୟ ଓ ଅନଳ ବଳେ ରସାରସପରି
ଜୀବନ ସୌନ୍ଦର୍ଯ୍ୟ ରସ ହାରିଅଛି ବଳ ।
ସାର ଏ ବଦନଭାବ-ସ୍ୱଭାବ-ବ୍ୟଞ୍ଜକ,
ଶରୀର-ସଦନ ଦ୍ୱାର କାଚରେ ନିର୍ମିତ;—
ଦୃଷ୍ଟି ମାତ୍ରେ ଜଣାଯାଏ ସମସ୍ତ କାଳରେ
କାଳପ୍ରାପ୍ତ ଭାବ ଯାହା ଅନ୍ତରନିହିତ ।।
ଅନୁମିତ ହୁଏ ଶୁଷ୍କ ମୁଖକାନ୍ତି ଦେଖି
ଅନନ୍ତ କ୍ଳେଶରେ ପଡ଼ି ନ ଥିବ ଭବରେ ।
ଏସନ ନିର୍ଦ୍ଦୟ କେହ୍ନୁ, ଯୌବନ-ବିକାଶ
ପ୍ରଫୁଲ୍ଲପଙ୍କଜ ଦେଖୁଁ ୨ ନଷ୍ଟ କରେ ?

ବନବାସୀ ସନ୍ୟାସୀ ମୁ ଭ୍ରମେଁ ବନେ ୨
ବନଜାତ ଫଳ ମୂଳ କରେଁ ଆହରଣ ।
ନବୀନ ଯୁବକ ! ଆସ ବସ ଏ ଠାବରେ—
ଶୀତଳଛାୟାରେ ଦୂର କରିବ କଷଣ ।
ତ୍ୟାଗ କର କ୍ଷଣ ସର୍ବ ମାନସଚିନ୍ତାକୁ
ଅଭାବ ଅଳପ ଅଛି ଲୋକଙ୍କ ଭବରେ;
ତା ପୁଣି ଚପଳା ପରି ଚକିତେ ଯାଆଇ;
ପରିହର କ୍ଷଣ ସର୍ବ ସୁଖ ଆରାମରେ ।।
ଭୀଷଣ ଅନଳ, ନଭୋବିହାରୀ ତପନ
ଭୀଷଣ ମୂରତି ରୋଷେ ଧରିଛନ୍ତି ଏବେ ।
ଶ୍ରମ ଶ୍ରାନ୍ତ କର: ବାଟ ଦେଖାଇ ମୁ ଦେବି
ଗମିବ ସ୍ୱେଚ୍ଛାରେ ସର୍ବ ଶାନ୍ତ ହେବ ଯେବେ''
ତାପିତା ପୃଥିବୀ ଯେହ୍ନେ ତପନ ତାପରେ
ସଂଯୋଗେ ବରଷାବାରି ହୁଅଇ ଶୀତଳ,
ଶିଶିର କୋମଳ ସେହୁ ବଚନ ଅମୃତ
ସିଞ୍ଚିଲା ଆଗନ୍ତୁ ଦଗ୍ଧ ହୃଦେ ବର୍ଷା ଜଳ ।
ନବୀନ ଯୁବକ କଥା ଅଙ୍ଗୀକାର କରି
ନବୀନ ତପସ୍ୱୀ ପାଶେ ବସିଲା ସୁଖରେ,
ମଧୁର ବଚନେ ସ୍ନିଗ୍ଧ ଦଗ୍ଧ ହୃଦୟକୁ
ଦ୍ୱିଗୁଣ ଶୀତଳକରି ଶୀତଳାଶ୍ରୟରେ ।।
ଚତୁର ତାପସ ଦକ୍ଷ ଜୀବାହି ନାବିକ
ରୁଚିର ସୁଫଳମାନ ସଂହରଣ କରି,
ଅନୁରୋଧ ଯୁବକକୁ କଲା ବାରମ୍ବାର;
ବଳାଇଲା ମତି ଶେଷେ ହସ୍ତଲତା ଧରି ।।
ଏକାକୀ ଯୁବକ କିସ ବସିଲା ଅଶନେ—
ତାପସବରକୁ ବଳେ ବସାଇଲା ସଙ୍ଗେ ।—
ବନଜକଦଳୀ, ଆମ୍ର, ପନସ, ସପୁରି
ବିସ୍ତୃତ ଅଗ୍ରତଃ,—ମନ ଲୋଭଇ ସୁରଙ୍ଗେ ।
ବନର ମହିମା ବନ ପାଇଛି ଏକାକୀ
ତା ତୁଲେ ଏ ତ୍ରିଭୁବନେ ଛାର ସଭ୍ୟଦେଶ ।
ବାହ୍ୟିକସୌନ୍ଦର୍ଯ୍ୟ କେଉଁ ଫଳ ପ୍ରସବିବ ?
ମନ୍ଦନର୍ତ୍ତକର କିସ କରିବ ସୁବେଶ ?
କରୁଛି ସ୍ୱୀକାର ସୁଖାଧିକ୍ୟ ନଗରରେ—
ପୂର୍ଣ୍ଣ ଆଡ଼ମ୍ବର ପୁଣି ବ୍ୟର୍ଥ ଅଳ୍ପଦିନେ ।

ପ୍ରେମ ଏ ଦୁହିଙ୍କ ଆହା ସାମାନ୍ୟ ଭୋଜନ ।
କେ ତୁଳ ତାହାକୁ ? ସବୁ ତାହାରି ଅଧୀନେ ।
ସରଳ ସହୃଦଧାରୀ ନବୀନ ତାପସ
ବହୁରସ ଜାଣେ ବହୁ ସୁଗନ୍ଧ-ଆଧାର ।
ଗନ୍ଧଚ୍ଛଳେ ଯୁବକର ମନଚିନ୍ତା ଯେତେ
ତାପିତ ହୃଦରୁ ସୁଖେ କଲା ସେ ବାହାର ।।
କିନ୍ତୁ କଥା ଏକ କିସ କହିବା ଏଠାରେ—
ତେବେହେଁ ପ୍ରବଳ ଏକ ଚିନ୍ତାଭାବ ମନେ;
ନ ଗଲା ଭାସି ତା ସେହୁ ସୁଗନ୍ଧସ୍ରୋତରେ-
ଅଟଳ ଅଚଳ ଯେହ୍ନେ ସ୍ୱଷ୍ଟ ପରାକ୍ରମେ ।।
ଭାବ, ଗତି ନିଶ୍ୱାସରେ ଦେଖିଲା ତାପସ
ସ୍ତୀତମନା ଯୁବା, ଦୁଃଖେ ଦୀନ ପୁଣି ମନ ।
"ନବୀନ ଯୁବକ" ଯତି କହିଲା ବିସ୍ମୟେ,
"କହ କେଉଁ କାରଣରୁ ସୁଦୁଃଖ ଜନମ ।।
ସୁବର୍ଣ୍ଣ ଶରୀରେ କାହୁଁ ବିବର୍ଣ୍ଣ ହୃଦୟ ?
ଗ୍ରାସିଅଛି ଦୁଃଖରାହୁ କିପାଁ ମନଶଶୀ ?
ଅପ୍ରତିପ୍ରଦତ୍ତ ପ୍ରେମ, ଅବିଶ୍ୱାସୀ ବନ୍ଧୁ,
ଲଗାଇ କେ ଅବା ଅଛି ଶୁକ୍ଳମନେ ମସୀ ?
ହରାଇ ଅଛ କି ପିତା ମାତା ପରିଜନ
ତାହାଙ୍କ ମୃତ୍ୟୁରେ ବିଶ୍ୱ ବିକଳେ ତ୍ୟଜିଛ ?
ଅବା ଅନ୍ୟ ଗୁରୁତର କୌଣସି କାରଣେ
ଅସାର କରି କି ସାର ସଂସାର ମଣିଛି ?
ଗୁରୁତର କିଛି କାର କରିଥିଲ ଦୋଷ—
ତଡ଼ି ଦେଇଛନ୍ତି କିସ ଘରୁ ସର୍ବେ ମିଳି ?
କାହିଁକି କାପାଁଇ କଷ୍ଟ ? ନିର୍ଦ୍ଦୟ ସ୍ତ୍ରୀଜନ
କେ ତବ ମନକୁ ଅଛି ପ୍ରତିପଦେ ପୀଡ଼ି ?
ତ୍ୟଜ ସର୍ବଚିନ୍ତା; ଭବ ବିଷୟ ଅଳୀକ—
ଅଳୀକ କଥାରେ ବ୍ୟର୍ଥ ଦୁଃଖକରା ମନେ;
ଐଶ୍ୱର୍ଯ୍ୟ ପ୍ରଣୟ ପ୍ରେମ ସ୍ନେହ ଓ ବନ୍ଧୁତା
ଅସାର ଅନିତ୍ୟ ପାଣି ଫୋଟକା-ଯେସନେ ।।
ଐଶ୍ୱର୍ଯ୍ୟଜନିତ ସୁଖ ଜୁଆରିଆ ନଈ—
ଅନିତ୍ୟ ଓ ଅବିଶ୍ୱାସୀ, ଅତିଭୟଙ୍କର ।
ପ୍ରଣୟ, ବନ୍ଧୁତା, ସ୍ନେହ ଏକୁଁ ଆର ବଳି
ଦୁଃଖିକି କନ୍ଦାନ୍ତି, ସାର ନାମଟି ତାଙ୍କର ।।

ସବିଙ୍କ ମଧ୍ୟରେ ପ୍ରେମ ଅତ୍ୟନ୍ତ ଅସାର,
ଛାର ତାହାଠାରୁ ନାହିଁ ସଂସାର ଭିତରେ;
ପ୍ରମତ୍ତ ପୃଥ୍ୱୀରେ ପୁଣି ପ୍ରେମର ପ୍ରମୋଦେ
ହୁଏ ଯେ ଛାର ସେ ଶ୍ରେଷ୍ଠ ଛାରଙ୍କ ମଧ୍ୟରେ ।
ଅଧମା ସ୍ତ୍ରୀଜାତି ପ୍ରତେ ନ ଯିବ ତାହାଙ୍କୁ–
ବିସମ୍ବାଦବିଷ ବଢ଼ ରୋପଣେ ନିପୁଣା ।
ଦେଖିଲେ ଚରଣାଘାତେ ତଡ଼ିବ ଦୂରକୁ
ଦୟାର ଅପାତ୍ର, ସର୍ବେ କର ତାଙ୍କୁ ଘୃଣା ।।"
ନୋହୁଣୁଁ ନିଗତ ଶେଷ ତାପସଙ୍କ ଭାବ
ବିଦ୍ୟୁତ ଝଲକି ବଜ୍ର ପଡ଼ିଲା ମସ୍ତକେ;–
ଉଜ୍ଜ୍ୱଳ ଲଜ୍ଜାର ଭାବ ଭାତିଲା ବଦନେ,
ପୃଥ୍ୱୀରେ ପ୍ରମାଦ ପୁଣି ପଡ଼ିଲା ପଲକେ ।।
ସଂଶୟ ତାପସ ମନେ ଭାବ ଭଙ୍ଗୀ ଦେଖି
ଉପସ୍ଥିତ ହେଲା ସୁଖେ ସୁନ୍ଦର ବର୍ଣ୍ଣରେ;
ଆଶ୍ଚର୍ଯ୍ୟ ଚକ୍ଷୁରେ ପୁଣି ଦେଖିଲା ସନ୍ଦେହ
ଦେଖିଲା ୨ ନବରୂପ ସମ୍ମୁଖରେ ।।
ସ୍ତ୍ରୀଜନ ଉଚିତ ଲଜ୍ଜା ବଦନେ ପ୍ରକାଶ,
ରଞ୍ଜିତ କପୋଳେ ଆହା ହୃଦୟ ରଞ୍ଜିକା
ଉନ୍ନତ ବକ୍ଷରେ –ସ୍ପଷ୍ଟ ପ୍ରତୀତ ରଙ୍ଗରେ
ନବୀନ ଯୁବକ ନବ ପ୍ରେମର ଲତିକା ।।
ଲୁଚାଇ ଥିଲା କି ନିଶା ଦିବସନାଥଙ୍କୁ,
ସକାଳହେଉଣୁ ପୂର୍ବେ ଉଦିଲେ ରଙ୍ଗରେ ?
ଘନବନ୍ଦିଘରବାସୀ ସୁଚାରୁ ଚନ୍ଦ୍ରମା
ମୋହିଲେ ଅଥବା ମେଘଅନ୍ତେ ଶୀତକରେ
"ତାପସପ୍ରବର" ତେବେ ପ୍ରେମର ଲତିକା,
ସ୍ୱଭାବ ପ୍ରକାଶୁଁ ବ୍ୟକ୍ତ ସଲଜଭାବରେ
କହିଲା ବିନୟ ସହ, "ତାପସପ୍ରବର,
ଯାହା ଯା କହିଲ ସବୁ ଦିଶେ ଯଥାର୍ଥରେ ।
କିନ୍ତୁ ହୋ ଗୋଟିଏ କଥା ଆସୁଛି ମନକୁ–
ଏ ହତଭାଗିନୀ ଦୋଷ କ୍ଷମିବ ନିଶ୍ଚୟ,
କ୍ଷମିବ କହିବା ଦୋଷ–କ୍ଷମିବ ସ୍ତ୍ରୀଜନ
ପ୍ରେମରପଥେ ଯେ ଚାଲେ ହୋଇଣ ସଦୟ ।

ଅଭାଗିନୀ ମୁହିଁ ଘର ଓଡ଼ିଶାଦେଶରେ
ପିତୃମାତୃହୀନା ଜ୍ଞାତି-କୁଟୁମ୍ବ-ବିହୀନା;
ଅମୃତ୍ର-ସାଗରଯାୟୀ ଜୀବନତଟିନୀ
ଉପନଦୀ ଆଦି ହୀନେ ଧରେ ମୂର୍ତ୍ତିଦୀନା ।
ଭରସା ବରଷା ହେଲେ ପୂର୍ଣ୍ଣ ହୁଏ ପାଣି,
ନିର୍ଭରସା ନିଦାଘରେ ଜରାଜୀର୍ଣ୍ଣ ଦେହ;—
ଜ୍ଞାତିରୂପ ରଜ୍ଜୁଦ୍ୱାରା ବଦ୍ଧ ନୁହେ ଯେହୁ
ସଂସାର ଗୁହାକେ ତାର ଅଛଅଛି ଦେୟ ।
ସ୍ୱଜାତି ମଧ୍ୟରେ ପୁଣି ସ୍ୱଗ୍ରାମ ମଧ୍ୟରେ,
ନବୀନ ନାମରେ ଜଣେ ମନୁଷ୍ୟ ଧାର୍ମିକ,
ସତ, ଜ୍ଞାନୀଶ୍ରେଷ୍ଠ, ସଦା ସୁମିଷ୍ଟ ଆଳାପୀ,
ନିର୍ଦ୍ଧନୀ—ପ୍ରସ୍ତର ହୀରା ଝଲକାଏ ଦିକ ।
ନୈସର୍ଗିକ ଆନ୍ତରିକ ସ୍ନେହ ତାଙ୍କପ୍ରତି
ଥିଲା ପିଲାଦିନୁଁ ମୋର ନ ଜାଣେ କାହିଁକି ।
ନ ଜାଣନ୍ତି ସେହୁ, ମୁହିଁ ଯତନେ ସେ କଥା
ଅନ୍ତର ଆଧାରେ ରଖେଁ ଗୋପନ ପାଇଁ କି ।
ତହିଁ ପୁଣି ଗୁଣଗୁଣି ତାହାଙ୍କ ଅଶେଷ
ଭକ୍ତିଭାବ ଉଦେ ହେଲା ମନରେ ମୋହରି ।
ସଦା ଇଚ୍ଛା କତି ବସି ଶୁଣୁଥିବି କଥା—
ଜ୍ଞାନପୂର୍ଣ୍ଣ କଥା ତାଙ୍କ ଅମୃତ-ଲହରୀ ॥
ଅବଶେଷେ କର୍ମବଶେ ହୋଇ ସେ ଅନାଥ
ବିଦେଶ ଯିବାକୁ ଇଚ୍ଛା କଲେ ସୁଖାଶାରେ ।
ଶୁଣିଲି ମୁ କଥାସୂତ୍ରେ ଲୋକପରମ୍ପରା,
ସୋତ୍ସାହ ନାଚିଲା ହୃଦ ଦେଖିବାକୁ ବାରେ ॥
ସୁଦୀନ ବେଶରେ ଯେବେ ଦେଖିଲି ପୋତରେ
ନ ରହି ପାରିଲା ମନ ବିକଳେ କାନ୍ଦିଲା;—
ଆଉ କି ସମ୍ଭାଳି ହୁଏ ? ପ୍ରଧୂମିତ ଅଗ୍ନି
ଅନୁକୂଳ ବାୟୁ ପାଇ ଜ୍ୱଳିଣ ଉଠିଲା ।
ଅନାଥିନୀମନ ବ୍ୟକ୍ତ ଅନାଥ ନିକଟେ
ହେଉଁ ସେ ଅନାଥ ମନ ହୋଇଲା ନୂତନ ।
ପ୍ରେମଭାବେ ପ୍ରେମରହେ ପ୍ରେମର ଆମୋଦେ
ସଂଲଗ୍ନ ନୂତନ ମନେ ନୂତନାର ମନ ॥

ପ୍ରେମର ସାଗରେ ଦୁହେଁ ଏକହିଁ ଆଶାରେ
ସାଗର ପୋତରେ ମତ୍ତ ହେଲୁଁ ସୁଖମନେ;
ରୋହିଣୀଚନ୍ଦ୍ରମା କିବା ହୋଇଲେ ମିଳିତ ?
ମନେ ହେଲା ଚିରଦିନ ଯିବ ବା ଏ ସନେ ।
ଚିନ୍ତେ ଲୋକ ଏକ, ଫଳେ ବିଧିର ବିଧାନ,
ପ୍ରେମନିଦ୍ରା ସୁଖସ୍ୱପ୍ନ ସରିଲା ଆମ୍ଭରି;—
ପ୍ରବଳ ପବନ ହେଲା ଉଥିତ ଅର୍ଣ୍ଣବେ,
ଧଇଲା ଭୀଷଣ ବେଶ ଉତ୍ତୁଙ୍ଗ ଲହରୀ !
ଭୟଦ ପ୍ରଳୟକାଳ ହେଲା ଉପସ୍ଥିତ,
କଳ୍ପନା ବିସୃଷ୍ଟ ପୃଥ୍ୱୀ ପଡ଼ିଲା ତହିଁରେ;
ଭାସିଗଲା ବହୁଦୂର ଦକ୍ଷିଣକୁ ତରୀ,
ବୁଡ଼ିଲା ବିଷମକାଳେ ଅର୍ଦ୍ଧରଜନୀରେ ।।
ବୁଡ଼ିଲା ପ୍ରେମର ତରୀ ପ୍ରେମର ସାଗରେ,
ବୁଡ଼ିଲା ତରଣୀ ଆହା ଭୀଷଣ ଅର୍ଣ୍ଣବେ ।
ବୁଡ଼ିଲା ସୁଜ୍ଞାନ ତେବେ ହୃଦୟ ମଧରେ,
ବୁଡ଼ିଲା ଜୀବନ ନାବ ପାରାବାର ଭବେ !!
ଭୟରେ ବ୍ୟାକୁଳ ନାବେ ଉଦ୍‌ବିଗ୍ନ ଜନତା
ଡାକୁଁ ୨ ଈଶ୍ୱରଙ୍କୁ ଗଲେ କେଣେ ଚାଲି;
ଗଲେ କେଣେ ନବୀନ ସେ, ଗଲି କେଣେ ମୁହିଁ,—
ଉର୍ବରା ଭୂମିକି ଆସି ଆଚ୍ଛାଦିଲା ବାଲି ।।
ନ ଜାଣେଁ କି ହେଲା ତହୁଁ ଗଲା କେତେଦିନ
ଜୀବନ ନାବ ମୋ କେଉଁ ନଦୀରେ ପଡ଼ିଲା;
ଚେତନା ପ୍ରାପ୍ତିରେ ଦିନେ ଶୁଣିଲା ଶ୍ରବଣ
'କିପରି ବୁଝୁଛ ?' କଥା ପୁରୁଷେ କହିଲା ।।
ପଚାରିଲା ପୁନଃପୁନଃ 'କିପରି ଲାଗୁଛି ?
ଆରୋଗ୍ୟ ଆଶ୍ୱାସ କିଛି ଲଭିଛି ହୃଦୟ ?
ଅତି କଷ୍ଟେ ଧୀରେ ଅର୍ଦ୍ଧ ଉଚ୍ଚାରିତ ସ୍ୱରେ
କହିଲି 'ହୋଇଛି କିଛି ଚେତନା ଉଦୟ ।'
ବିଜ୍ଞ ବ୍ରହ୍ମଚାରୀ ଏକ ବସି ମୋ ପାର୍ଶ୍ୱରେ
କରନ୍ତି ସୁଶ୍ରୁଷା ସେବା ଉତ୍କଣ୍ଠ ମନରେ;
ବ୍ରହ୍ମଚାରୀ ସେହୁ ନାହିଁ ଦ୍ୱେଷ ହିଂସା ଭାବ,
ଭସ୍ମ ବିଲେପନେ ଶୋଭା ସୁନ୍ଦର ଦେହରେ ।
ଆରୋଗ୍ୟ କରିବା ଆଶେ ଭୀଷଣ ରୋଗରୁ
ସ୍ନେହୁ ଥିଲେ ଦିନ ରାତି ବସି ମୋରପାଶେ ।

ନ ଜାଣେଁ ସମ୍ବନ୍ଧ ପୂର୍ବଜନ୍ମରେ କି ଥିଲା,
ଧର୍ମ ଅବତାର ଅବା ବନ୍ଧ ଧର୍ମ ପାଶେ !
ସେବା ମହୌଷଧିବଳେ କେତେଦିନେ ମୁହିଁ
ଆରୋଗ୍ୟ ଲଭିଲି ବ୍ରହ୍ମଚାରୀଧର୍ମବଳେ;
ଜାଣିଲି ନିର୍ଜନ ଦ୍ୱୀପେ ଅପୂର୍ବ ପ୍ରସାଦେ
ଅଛି ମୁଁ କାଳକୁ ଅବା କେବେ କି ନ ଫଳେ ?
ବିଷମ ସ୍ମରି ମୋର ଜୀବନ ନବୀନ,
ଏକ ମାତ୍ର ବନ୍ଧୁ ବିଶ୍ୱେ ଜୀବନ ଅଧିକ;—
କୌସ୍ତୁଭ ମଣିକି ହରି କରନ୍ତି କି ସ୍ନେହ ?
ପ୍ରାଣାଧିକ ବିନା ମୋର ଜୀବନକୁ ଧିକ !
ଦିନାକେତେ ଅତିପାତ ବ୍ରହ୍ମଚାରୀ ସଙ୍ଗେ
ପବିତ୍ର ଆମୋଦେ, ସେହୁ ପବିତ୍ର ପୁରୁଷ ।
ପକାଇଲେ କଥା ଦିନେ ଗଛଛଳେ ଏକ,
ନୁହନ୍ତି କେବେହେଁ କିନ୍ତୁ ତାପାଇଁ ସେ ଦୂଷ୍ୟ ।
ଫେଡ଼ି ପ୍ରକାଶନ୍ତି ମନ ପବିତ୍ର ପୁରୁଷେ—
ସୁଗଭୀର ସ୍ୱଚ୍ଛବାରି ତଳ ପ୍ରକାଶିତ;
ଫେଡ଼େ ମନୋଭାବ ବାସେ ସୁଷମ କୁସୁମ
ମହତ୍ ଯେବେସେ, ଚିତ ନୋହିଲେ ଦୂଷିତ ॥
ବିବାହ ଯୋଗକୁ ଇଚ୍ଛା ଯୋଗୀ ପ୍ରକାଶିଲେ,
ଥିଲା ଇଚ୍ଛା କରିବାକୁ ମୋ ପାଣିଗ୍ରହଣ;
କିନ୍ତୁ ହେ ତାପସବର ! ବ୍ରୀଡ଼ାର ବିଷୟ—
ପାରି ଥାନ୍ତି କରି କି ମୁ ପତିତ୍ୱେ ବରଣ ?
ହୃଦ, ପ୍ରାଣ, ପାଣି, ସର୍ବ ଦେଇଛି ଜଣକୁ
ପୁଣ କି ପ୍ରକାରେ ତାହା ଦେବାର ସମ୍ଭବେ ?
ତ୍ୟଜି ମଣି ସର୍ପ ପୁଣି ପିନ୍ଧି କି ତ୍ୟଜିବ ?
ହେବ ତେବେ ଧ୍ୱଂସ କ୍ଷଣେ ସର୍ବବସ୍ତୁଭବେ ।
ଖାଇବା ପିଇବା ତ୍ୟଜି ଦିନ ରାତି ମୋତେ
ସେବୁଥିଲେ ଚିନ୍ତାଜ୍ୱରେ ହୋଇ ଜର୍ଜ୍ଜରିତ ।
ଅଶେଷ ସେ ମୋର ଭକ୍ତିଭାଜନ ଅଟନ୍ତି;
ଅଧିକାର ପ୍ରାଣେ, କାହୁଁ ପାଣିରେ ଉଚିତ ?
ଅସ୍ୱୀକାର ବାରମ୍ବାର ଦେଖି ସେ ବିରକ୍ଷ
ବିରକ୍ଷେ ପ୍ରାସାଦ ତ୍ୟଜି ଗଲେ କେଣେ ଚାଲି
କହିଲେ ମାସକ ମଧ୍ୟେ ଫେରିଲେ ଆସିବେ,-
ଧନ୍ୟ ପୁଂସପ୍ରେମେ ଏଥି ଜୀବ ଯିବ ଖାଲି !

ନ ପାରିଲି ପୂରାଇ ମୁଁ ତାଙ୍କର ବାସନା–
ଅତ୍ୟନ୍ତ ଦୁଃଖିତ ମନ ତାହାଙ୍କ ଗମନେ;
କହିଥିଲେ ସେଠୁଁମାସେ ଯାଇ ନ ପାରିବି-
ରହିଲି ଅଶକ୍ତ ବନ୍ଧ ଭୁଜଙ୍ଗ ଯେସନେ ॥
ଇତି ମଧ୍ୟେ ଦିନେ ଆହା କରମ ସୁଫଳେ
ଜୀବନନାଥଙ୍କୁ ମୁହିଁ ଦେଖିଲି ଜୀବନେ;
ଶୀତଳ କିଞ୍ଚିତ ହୃଦ ହୋଇଲା ସେ କାଳେ
ଚକୋର ଚନ୍ଦ୍ରମା ଦେଖି ତୃପ୍ତହେଲା ମନେ ।
କି ହେବ ? ତକ୍ଷଣେ ମନେ ଯୋଗୀକଥାଯାକ
ଉପସ୍ଥିତ ହେଲା, ମନ ବାନ୍ଧି ତା ରଖିଲା;-
ତୃଷାର୍ତ୍ତ ଜନଙ୍କୁ ଯଥା ତୋଷେ ଅଳ୍ପବାରି
ଫଳାଇ ଅଶେଷ କଷ୍ଟ, ତେସନ ହୋଇଲା ।
ନ ଜାଣନ୍ତି ନବୀନ ତା, କହି ମୁଁ ନ ପାରେ
ଫାଟି ଯିବ ହୃଦ କ୍ଷଣେ ଯୋଗୀକଥାମତେ ।
ପ୍ରେମକଲେ ଯେବେ ନିଶ୍ଚେ ହୋଇବ ମରଣ
କିପରି ପିଙ୍ଗିବ ତାଙ୍କୁ ଖର ଦୁଃଖସ୍ରୋତେ ?
ଯେ ମୋର ସେ ମୋର, ମୋର ନବୀନ ନିଶ୍ଚୟ
ଧରାରେ ଯେତେକ ଦିନ ନବୀନ ଜୀବନ;
ମୁ ମଲେ ଏକ୍ଷଣି ସେହୁ ଜୀବନ ତ୍ୟଜିବେ-
କଳଙ୍କ ମୋ ନାମ ଘୋର କରିବ ବହନ ॥
ବିଷମ ସଙ୍କଟେ ମୁହି ପଡ଼ିଲି ତକ୍ଷଣେ;
ନ କହିଲି କିଛି ଥରେ ଚାହିଁଲି ବି ନାହିଁ;
ଅଶେଷ ଦୁଃଖରେ ମନ ହୋଇଲା ଦୁଃଖିତ
ହସ୍ତସ୍ଥିତ ଅନ୍ନ ଆହା ପାରୁ ନାହିଁ ଖାଇ ।
ଦେଖି ମୋ ଏସନ ଭାବ ବାହୁଡ଼ିଲେ ଧନ
ବାହୁଡ଼ିଲେ ଜୀବଧନ ଗଲେ ସେ ବାହାରି;
ହଜିଲା ମସ୍ତକମଣି, ହଜିଗଲା ବୁଦ୍ଧି
ମସ୍ତିଷ୍କ ବିହୀନ ଲୋକ ଜ୍ଞାନ ଯେହ୍ନେ ହାରି ।
ଦୁଃଖ ଅନ୍ଧକାର ଘୋର ଘାରି ଦେଲା ମନ,
ପାରି ବେଳେ ଭାରୀ ତରୀ ବୁଡ଼ିଲା ମଝିରେ;
ଚାଲିଲେ ନବୀନ, ମନ ଗୋଡ଼ାଇ ଚାଲିଲା,
ଶୂନ୍ୟଦେହ ରହି ଗଲା ଶୂନ୍ୟ ସେହି ଘରେ ।
ଯୁଗପରି କେତେଦିନେ ହେଲା ମାସ ଶେଷ,
ପୁଂବେଶେ ନବୀନ ଖୋଜି ହୋଇଲି ବାହାର;

ଦେଖିଲି ଦୁଆରେ ମୃତ ଯୋଗୀବର ଦେହ
ସ୍ପର୍ଶିଲି ଶ୍ରୀ ପାଦପଦ୍ମ ଭକତି ପ୍ରକାର ।
ପ୍ରଣମି, ସେ ପାଦେ, ପୂଜି ଭକତି ପୂର୍ବକ
ରଖିଲି ଚରଣରଜ ମସ୍ତକ ଉପରେ ।
ନିଜ ଦୋଷ ପାଇଁ ତାଙ୍କୁ କୋଟି କ୍ଷମା ମାଗି
ଈଶ୍ୱରଙ୍କୁ ଡାକି ହେଲି ବାହାର କାର୍ଯ୍ୟରେ ।।
ଆଉ କି ତାପସବର ଦେଖ ଏତେବେଳେ,
ଭ୍ରମିବି ଅରଣ୍ୟେ ନିଜ ନବୀନାନ୍ୱେଷଣେ ।
ଜୀବନ୍ ଜୀବନ ଯେବେ ଯାଇଛି ମୋହରି
ଶୂନ୍ୟଦେହ ଘେନି କେଉଁ କୁତ୍ସିତକାରଣେ ?
ନବୀନଙ୍କ ପାଶେ ମୁହିଁ ତ୍ୟଜିବି ଜୀବନ—
ପାତିବି ମୁଁ ମୃତ୍ୟୁଶଯ୍ୟା ସେହି ସେ ଠାବରେ !
ମୋ ପାଇଁ ଯେ ମଲା ମୁହିଁ ତାହାରି କାରଣେ
ତ୍ୟଜିବି ଜୀବନ ଋଣ ଅପନୟନରେ !!!''
ଉଥିତା ଏ କଥା କହି ପ୍ରେମରଲତିକା,
ସମ୍ଭରି କହିଲେ ସେହୁ ତାପସପ୍ରବର—
''ନିବାରନ୍ତୁ ଜଗଦୀଶ, ଦୀର୍ଘଜୀବ ହେଉ,
ପଡ଼ିବା ଉଭୟେ ଏବେ ପ୍ରେମରି ପାଶରେ'' ।।
ପ୍ରସାରି ଉଭୟ ହସ୍ତ ତାପସପ୍ରବର
ଧଇଲେ ବନ୍ଧନେ ଦୃଢ଼, ଦୃଢ଼ ଆଲିଙ୍ଗନେ,
ତିଳକେ ଆଶ୍ଚର୍ଯ୍ୟ ହୋଇ ରମଣୀର ମଣି
ତିରସ୍କାର କରିବାକୁ ଉଦ୍ୟତା ଏକ୍ଷଣେ ।।
ତାପସ ପ୍ରବର ତହୁଁ ପରମ ପ୍ରୀତିରେ,
ପ୍ରେମର ମିଳନେ ପ୍ରୀତ ପରାଣେ କହିଲେ,
''ଲବଙ୍ଗଲତିକେ ! ମୋର ପରାଣମିତଣି !
ପାଇଛି ନବୀନ ପ୍ରାଣ ପ୍ରେମ ପୃଥିବୀରେ ।।
ଅବହେଳେ ଲକ୍ଷେ ଦୋଷ କ୍ଷମିବି ତୁମ୍ଭରି,
ତୁମ୍ଭପରି ନାରୀ ଭବେ ଦୁଷର ମିଳିବା ।
ସରଳ ପବିତ୍ର ସ୍ୱଚ୍ଛ ନିଷ୍ପାପ ହୃଦୟା—
ରମଣୀରତନେ ହାରା ଦୁଷର ଦେଖିବା ।।
ମୃତ ପ୍ରାୟ ଥିଲି ମୁହିଁ ତୁମ୍ଭରି ବିହୁନେ—
ଜାଣିଲି ତୁମ୍ଭଙ୍କୁ ଆଜି ଉତ୍ତମ ରୂପରେ ।
ଡାକୁଛି ନବୀନ ଆସ ଲବଙ୍ଗ ଜୀବନ
ବାହିବା ଏ ପ୍ରେମତରୀ ପ୍ରେମଅର୍ଣ୍ଣବରେ !''

ମନରେ ମନକୁ ମିଶାଇ ସୁଖରେ
ନବୀନ ଲବଙ୍ଗଲତା,
ପ୍ରେମତରୀ ପରେ ବସି ସୁମନରେ
ପାସୋରିଲେ ସବୁ ବ୍ୟଥା ॥
ବାହିଲେ ସୁଖରେ ପ୍ରେମର.ସାଗରେ
ଅନୁକୂଳ ବାୟୁଭରେ ।—
ଚାଲିଲା ତରଣୀ କାହାକୁ ନ ମାନି—
ଜନ ମନ ମୁଗ୍ଧ କରେ ॥

——

## ପ୍ରାପ୍ତଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା ।

ଓଡ଼ିଶାର ଇତିହାସ;—ଗ୍ରନ୍ଥଖଣ୍ଡିର କଳେବର ସୂଚିପତ୍ର ଏବଂ ପରିଶିଷ୍ଟକୁ ମିଶାଇ ଆଠପେଜି ଫାରମର ଫା ୨୦ରମ ଅର୍ଥାତ୍ ପୃ ୧୬୦ ଷାଯାଏ ହେବ ଏବଂ ତାହା ଆଠ ଅଧ୍ୟାୟରେ ବିଭକ୍ତ ହୋଇଅଛି । ଯଥା;—ପ୍ରଥମ ଅଧ୍ୟାୟରେ ଓଡ଼ିଶାର ଭୂଗୋଳ କି ତହିଁରେ ଓଡ଼ିଶାର ସୀମା, ଅବସ୍ଥାନ, ପରିମାଣ ଫଳ, ଲୋକସଂଖ୍ୟା, ପ୍ରଧାନ ପ୍ରଧାନ ନଗର ଓ ଗ୍ରାମ, ନଦୀ, ଉସ, ହ୍ରଦ, ପର୍ବତ, ଅନ୍ତରୀପ, ବନ୍ଦର, ଉତ୍ପନ୍ନ ଦ୍ରବ୍ୟ, ଶିଳ୍ପଜାତ ଦ୍ରବ୍ୟ, ଖଣିଜ ଦ୍ରବ୍ୟ, ଭିନ୍ନ ୨ ଜାତି ଓ ଭାଷା ଏବଂ ଧର୍ମ, ଜଳ ବାୟୁ ଆଉ ଭୂତତ୍ତ୍ୱ ଯଥାକ୍ରମରେ ବର୍ଣ୍ଣିତ ହୋଇଅଛି । ଦ୍ୱିତୀୟ ଅଧ୍ୟାୟରେ ଓଡ଼ିଶାର ଆଦିମ ଇତିହାସ କି ତହିଁରେ ଆଦିମ ଅଧିବାସୀ, ଉତ୍କଳଦେଶର ନାମୋତ୍ପତ୍ତି, ଆର୍ଯ୍ୟ ଆଗମନ, ମାଦଳାପାଞ୍ଜି ଓ ଓଡ଼ିଶାର ଔପନ୍ୟାସିକ ରାଜାଗଣ, ଓଡ଼ିଶାର ଧର୍ମ ସଙ୍ଗେ ଇତିହାସର ସମ୍ବନ୍ଧ, ବୌଦ୍ଧ ଧର୍ମ, ଐର ରାଜା, ଅଶୋକ ରାଜା, ଖଣ୍ଡଗିରି ଓ ଉଦୟଗିରି, ନୀଳଗିରି ଓ ଧଉଳିଗିରି, ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଓ ପ୍ରଥମ ଶତାବ୍ଦୀ, ଯାବା ଉପନିବେଶ, ବୌଦ୍ଧଙ୍କ ସମୟର ପ୍ରସ୍ତରଶିଳ୍ପ, ଯବନ, ପୁରାକାଳୀନ ଓଡ଼ିଶା ରାଜାଙ୍କର ବଙ୍ଗ ଦେଶରେ ସମାୟିକ ଅଧିକାର, ଜନ୍ମେଜୟ ଦେବ, ଗୁପ୍ତବଂଶୀୟ ରାଜାଗଣ, ବୌଦ୍ଧ ଧର୍ମର ହ୍ରାସ ଏବଂ ଜଗନ୍ନାଥ ସଂକ୍ଷେପରେ ଯଥାସାଧ୍ୟବିବୃତ କରାଯାଇଅଛି । ତୃତୀୟ ଅଧ୍ୟାୟରେ କେଶରୀ ବଂଶୀୟ ରାଜାଗଣ କି ତହିଁରେ ଯଯାତି କେଶରୀ ଓ ଲାଲାଟେନ୍ଦ୍ର କେଶରୀ, ଭୁବନେଶ୍ୱର, ଭୁବନେଶ୍ୱରର ଶିବୋପାସନା, ଚୀନ ପର୍ଯ୍ୟଟକ, କେଶରୀ ବଂଶୀୟ ଶେଷ ଚାଳିଶଜଣ ରାଜା, କେଶରୀବଂଶ ଲୋପ ଓ ଦେଶ ଶାସନ, ଲୋକଙ୍କର ଅବସ୍ଥା, ଶିଳ୍ପ କାର୍ଯ୍ୟ, ବାଣିଜ୍ୟ ଓ ପୋତ ଯାତ୍ରା, ଶାରୀରିକ ଶକ୍ତି, ଆଚାର ବ୍ୟବହାର ଏବଂ ଧର୍ମ ବିପ୍ଳବର ବିଷୟ ଅଙ୍କିତ ହୋଇଅଛି । ଚତୁର୍ଥ ଅଧ୍ୟାୟରେ ଗଙ୍ଗାବଂଶୀୟ ରାଜଗଣ କି ତହିଁରେ ଗଙ୍ଗାବଂଶୀୟ ରାଜାଙ୍କର ଉତ୍ପତ୍ତି, ଚୋରଗଙ୍ଗା

ବା ଚୂଡ଼ଙ୍ଗଦେବ, ଅନଙ୍ଗଭୀମ ଦେବ, ରାଜେଶ୍ୱର ଦେବ,ଲାଙ୍ଗୁଳା ନରସିଂହ ଦେବ, କେଶରୀ ନରସିଂହ ଓ ଅନ୍ୟାନ୍ୟ ନରସିଂହ, ଭାସ୍କୁର ଓ ବାସୁଦେବ ଉପାଧିଧାରୀ ରାଜଗଣ, କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ, ଗଙ୍ଗାବଂଶୀୟ ଶାସନ ଲୋପ ଓ ଦେଶର ଅବସ୍ଥା, ରାଜ୍ୟ ଶାସନ ଓ ସମାଜ ବନ୍ଧନ, ସାମନ୍ତରାଜା, ଶିଳ୍ପ କାର୍ଯ୍ୟ ଓ ସାଧାରଣ କାର୍ଯ୍ୟ, ଦେଉଳ ଗଠନ, ଧର୍ମ ଆନ୍ଦୋଳନ, ବଙ୍ଗାଳିଙ୍କର ଉପନିବେଶ ସ୍ଥାପନ, ଉତ୍କଳଭାଷା ଓ ଗ୍ରନ୍ଥକାର ଆଉ ଜ୍ଞାନ ଚର୍ଚ୍ଚା, ଦୈଶିକ ଶକ୍ତି ଓ ମୁସଲମାନ ଆକ୍ରମଣ, ଆମୋଦ ପ୍ରମୋଦ ଏବଂ ଦୁର୍ଭିକ୍ଷର ବିଷୟ ଚିତ୍ରିତ ହୋଇଅଛି । ପଞ୍ଚମ ଅଧ୍ୟାୟରେ ଓଡ଼ିଶାର ସ୍ୱାଧୀନତା ଲୋପ କି ତହିଁରେ ଗୋବିନ୍ଦ ବିଦ୍ୟାଧର ଓ ନାନାବିଧ ଗୋଲମାଲ ଏବଂ ରାଜ୍ୟ ପରିବର୍ତ୍ତନ,ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ, ଜଗନ୍ନାଥ ଦେବଙ୍କର ଦୁର୍ଦ୍ଦଶା ଆଉ ଓଡ଼ିଶାର ଅବସ୍ଥା ଯତ୍କିଞ୍ଚିତ୍ ସ୍ଥାନ ପ୍ରାପ୍ତ ହୋଇଅଛି । ଷଷ୍ଠ ଅଧ୍ୟାୟରେ ମୁସଲମାନ ଶାସନ କି ××× ମୁସଲମାନମାନଙ୍କ ଉତ୍ପତ୍ତି, ସେମାନଙ୍କର ଭାରତ ଆଗମନ ××× ଓ ପଠାଣଙ୍କ ଦ୍ୱାରା ଓଡ଼ିଶା ଜୟ, ଓଡ଼ିଶାରେ ମୋଗଲ ××× ଜାୟଗିରଦାରଙ୍କର ବିଦ୍ରୋହ, ତୋଦର ମଲ୍ଲ ××× ଓ ଭୋଇ ବଂଶୀୟ ରାଜଗଣ, କୁତଲ ଖାଁଙ୍କର ନେତୃତ୍ୱରେ ××× ବିଦ୍ରୋହ ଓ ରାଜା ମାନସିଂହ ଏବଂ ବିଦ୍ରୋହୀ ଓସମାନ, ସମ୍ରାଟ ଯାହାଙ୍ଗୀର, ଓଡ଼ିଶାର ପ୍ରଥମ ଶାସନକର୍ତ୍ତା ହାସିମ ଖାଁ ଓ ଆଫଗାନ ବିଦ୍ରୋହ, ସାଜାହାନ ଓ ବାଣିଜ୍ୟାର୍ଥ ୟୁରୋପୀୟଙ୍କର ଓଡ଼ିଶାକୁ ଆଗମନ, ଜାଫର ଖାଁ ନାସିର, ସମ୍ରାଟ ଆରଂଜେବ, ବାଲେଶ୍ୱର ନଗର ଲୁଣ୍ଠନ, ଦ୍ୱିତୀୟ ଆଫଗାନ ବିଦ୍ରୋହ, ସୁଜାଉଦ୍ଦିନ, ମହମ୍ମଦ ତକି, ମୁରସିଦକୁଲି ଖାଁ, ମରହଟ୍ଟା ଆକ୍ରମଣ ଓ ମରହଟ୍ଟାଙ୍କର ଓଡ଼ିଶା ଲାଭ, ଦେଶର ଅବସ୍ଥା, ବାଣିଜ୍ୟ, ଆଫଗାନ ଉପନିବେଶ, ସାଧାରଣ କାର୍ଯ୍ୟ, ଉତ୍କଳଭାଷା ଓ ଗ୍ରନ୍ଥକାର ଏବଂ ଜ୍ଞାନଚର୍ଚ୍ଚା ଆଉ ବୃତ୍ତି ବିଧାନ ସୁନ୍ଦର ରୂପରେ ବର୍ଣ୍ଣିତ ହୋଇଅଛି । ସପ୍ତମ ଅଧ୍ୟାୟରେ ମରହଟ୍ଟା ଶାସନ କି ତହିଁରେ ମହାରାଷ୍ଟ୍ରୀୟ ଭୋଂସଲା ବଂଶର ଅଭ୍ୟୁଦୟ, ଶିବଭଟ୍ଟ ସାନ୍ତରା, ଚିମନା ସାହୁ ଓ ଆଦିପୁର ଗୋସ୍ୱାମୀ, ଶମ୍ଭୁଜି ଗଣେଶ, ବାବାଜୀ ଓ ମଧେଜୀହରି, ରାଜାରାମ, ମରହଟ୍ଟା କ୍ଷମତା ଓ ଇଂରାଜଙ୍କର ଓଡ଼ିଶା ଲାଭ, ମରହଟ୍ଟା ଅତ୍ୟାଚାର, ରାଜସ୍ୱପ୍ରଣାଳୀ ଓ ଫଉଜଦାରୀ ଶାସନ, ସାଧାରଣ କାର୍ଯ୍ୟ, ବାଣିଜ୍ୟ, ଉପନିବେଶୀ, ଉତ୍କଳ ଗ୍ରନ୍ଥକାର ଓ ଜ୍ଞାନ ଚର୍ଚ୍ଚା, ଦେଶର ଦୁରବସ୍ଥା, ଓ ଦୁର୍ଭିକ୍ଷ ସଂକ୍ଷେପରେ ଚିତ୍ରିତ ହୋଇଅଛି ଆଉ ଅଷ୍ଟମ ଅଧ୍ୟାୟରେ ଇଂରେଜ ଶାସନ କି ତହିଁରେ ଇଂରେଜଙ୍କଦ୍ୱାରା ଓଡ଼ିଶା ଅଧିକାର, ଖୋର୍ଦ୍ଧା ରାଜବିଦ୍ରୋହ, ଦେଶଶାସନ, ଓଡ଼ିଶା ବନ୍ଦୋବସ୍ତ, ଜଗବନ୍ଧୁ ବିଦ୍ୟାଧରଙ୍କର ଖୋର୍ଦ୍ଧା ବିଦ୍ରୋହ, ଅନାଦାୟ ଓଡ଼ିଶା ରାଜସ୍ୱ, ଗବର୍ଣ୍ଣର ଜେନରଲ, ଓଡ଼ିଶା ଭୂମ୍ୟ-ଧିକାରୀଙ୍କର ସଂଖ୍ୟାହ୍ରାସ, ଓଡ଼ିଶାକୁ ଖ୍ରୀଷ୍ଟିୟାନ ମିଶନାରୀଙ୍କ ଆଗମନ, ଗବର୍ଣ୍ଣର

ଜେନରଲ ଓ ଲେଫ୍ଟନେଣ୍ଟ ଗବର୍ଣ୍ଣର; ପୁରୀ ରାଜା, ଓଡ଼ିଶା ଶାସନର ନୂତନ ପ୍ରକାର ବନ୍ଦୋବସ୍ତ, ଦେଶର ଅବସ୍ଥା, ବିଦ୍ୟାଶିକ୍ଷା ଓ ଜ୍ଞାନଚର୍ଚ୍ଚା, ଉତ୍କଳଭାଷା ଓ ସାମୟିକପତ୍ର, ବାଣିଜ୍ୟ, ସାଧାରଣକାର୍ଯ୍ୟ ଏବଂ ଦୁର୍ଭିକ୍ଷର ବିଷୟ ବିଶେଷରୂପେ ଅଙ୍କିତ ହୋଇ ଶେଷକୁ ଗ୍ରନ୍ଥକାର ଯେଉଁ ଉପସଂହାର ଲେଖିଅଛନ୍ତି ତତ୍ପାଠରେ କାହାରି ଯେ ଅନ୍ତରାତ୍ମା ଆନନ୍ଦରେ ପରିପ୍ଲୁତ ନ ହେବ ଏହା ଆମ୍ଭମାନଙ୍କୁ ବିଚିତ୍ର ବୋଧ ହେଉଅଛି । ରାଜଦରବାରର ତେଜ ଓ ସ୍ଫୁର୍ତ୍ତି ଶତ ୨ ବକ୍ତୃତାର ମାହାତ୍ମ୍ୟ ନଷ୍ଟ କରିବା ××× ନାହିଁ ଆଉ ସେହି ଉପସଂହାର ସମଗ୍ର ଇତିହାସ ××× ତାହାକୁ ପଢ଼ିଲେ ଗ୍ରନ୍ଥ ଖଣ୍ଡି ଯେ କିପରି ଭାବରେ ××× ତାହା ଆଉ ଅବିଦିତ ରହିବ ନାହିଁ । ଗ୍ରନ୍ଥ ଖଣ୍ଡିର ଶେଷ ××× ଯେଉଁ ପରିଶିଷ୍ଟ ଦିଆଯାଇଅଛି ତହିଁରେ ଗ୍ରନ୍ଥକର୍ତ୍ତାଙ୍କର ରୁଚି ଓ ବିବେକତାର ଯଥାର୍ଥ ପରିଚୟ ମିଳିବା ପକ୍ଷରେ ସନ୍ଦେହ ନାହିଁ । ତହିଁରେ ଖଣ୍ଡଗିରିର ଅନ୍ତର୍ଗତ ଉଦୟଗିରିସ୍ଥ ହାତୀଗୁମ୍ଫା ଗହ୍ୱରରେ ଖୋଦିତ ହୋଇଥିବା ଲିପିର ଅନୁବାଦ, ଧଉଳିପର୍ବତସ୍ଥ ଅଶୋକଙ୍କର ଏକାଦଶ ଆଦେଶର ସାରମର୍ମ ଏବଂ ଉତ୍କଳଦେଶୀୟ ସ୍ୱାଧୀନ ରାଜାଙ୍କ ନିର୍ଘଣ୍ଟ ଦିଆଯାଇଅଛି । ଉପରୋକ୍ତ ସୂଚିରୁ ଜଣାଯାଇପାରିବ ଯେ ଇତିହାସ ଖଣ୍ଡି ଅତି ପୂର୍ବକାଳରୁ ଆଜି ଅର୍ଥାତ୍ ୧୮୭୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ଅବସ୍ଥା ବିବୃତ କରିଅଛି । ଓଡ଼ିଶା ଦେଶ ଅତିକ୍ଷୁଦ୍ର ଏହା ସମସ୍ତଙ୍କୁ ଜଣାଅଛି କିନ୍ତୁ ଏତେକାଳର ଇତିହାସ ସମ୍ପୂର୍ଣ୍ଣରୂପେ ଲେଖିବାକୁ ଗଲେ ଏହି କ୍ଷୁଦ୍ର ଇତିହାସର ଚାରିଖଣ୍ଡ ଲୁଚି ଯାଇପାରିବ; ତେବେ ହେଁ ଏତଦ୍ଦେଶ ଉନ୍ନତି ସୋପାନକ୍ରମର ଅତି ନିମ୍ନଭାଗରେ ପଡ଼ିଥିବା ପ୍ରତ୍ୟକ୍ଷେ ଏହି ଇତିହାସ ଖଣ୍ଡି ଅତି ବହୁମୂଲ୍ୟ ଅଟଇ ଆଉ ଏପରି କ୍ଷୁଦ୍ର କଳେବରରେ ଏତେ କାଳର ବିଷୟ ଯେପରି ଇତର ବିଶେଷ ଭାବରେ ଲେଖା ଯାଇଅଛି ଆଉ ସେପରି ସଜ୍ଜା କରିବା ନିମନ୍ତେ ଗ୍ରନ୍ଥକାର ଯେତେଦୂର ପରିଶ୍ରମ ସ୍ୱୀକାର କରିଅଛନ୍ତି ଆମ୍ଭେମାନେ ସେଥି ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ଗ୍ରନ୍ଥଖଣ୍ଡି ପଢ଼ିଲାବେଳେ ତହିଁରେ ଲୁଚି ରହିଥିବା ତେଜ ମନୋମଧରେ ପ୍ରବେଶ କରି ଯେତେବେଳେ ମନକୁ ଉତ୍ତେଜିତ କରିଦିଏ ତେତେବେଳେ ମନେହୁଏ ଯେପରି ବକ୍ତାଙ୍କ ମୁଖରୁ ଅନର୍ଗଳ ବାକ୍ୟସ୍ରୋତଃ ନିର୍ଗତ ହୋଇ ଶୋଣିତୋତ୍ତେଜନାରେ ଶରୀର ପବିତ୍ର କରୁଅଛି ! ଆଉ ସେହିସବୁ ପୁସ୍ତକକୁ କେବଳ ପୁସ୍ତକ କୁହାଯିବ ଯହିଁରେ ଲେଖକର ମନୋଭାବ ପାଠକ ମନରେ ଖୋଦିତ ହୋଇଯାଏ । ସ୍ଥାନେ ୨ ପ୍ରସିଦ୍ଧ ଶିଳ୍ପକାର୍ଯ୍ୟମାନଙ୍କ ବର୍ଣ୍ଣନାରେ ଯେଉଁ ଭାଷା ଅବଲମ୍ବିତ ହୋଇଅଛି ତାହା କବିତାକୁ ମଧ ତୁଚ୍ଛ କରିଦେଉଅଛି– ଉଦାହରଣ ଯଥା; ଭୁବନେଶ୍ୱର ଦେଉଳର ବର୍ଣ୍ଣନା । ଭିନ୍ନ ୨ ବସ୍ତ୍ର ବା ପୋଷାକ, ଗହଣା, ଘରକଣାର ଉପକରଣ, ××× ସଙ୍ଗୀତ, ××× ଅସ୍ତ୍ରଶସ୍ତ୍ର, ପତାକା, ଭାଷା, ଶିକ୍ଷା, ସାଧାରଣ ××× ଯେଉଁ ବର୍ଣ୍ଣନାମାନ ସଂଯୋଜିତ ହୋଇଅଛି ××× ସୁବିବେଚନାର ପରିଚାୟକ

ଏବଂ ଗ୍ରନ୍ଥଖଣ୍ଡିର××× ଗ୍ରନ୍ଥଖଣ୍ଡରେ କୌଣସି ବିଷୟର ଅଭାବ ନାହିଁ । ××× ଯାହା ଜାଣିବାର ଆବଶ୍ୟକ ଗ୍ରନ୍ଥକାର ×××

×××ତଦି ବିଷୟରେ ବିଶେଷ ମନୋଯୋଗୀ ହେବାର ଦେଖାଯାଏ; ପୁଣି ଏହି ସ୍ଥଳରେ ଆମ୍ଭେମାନେ ତାବତୀୟ ଉତ୍କଳବାସିଙ୍କି ଏହିଗ୍ରନ୍ଥ ଖଣ୍ଡି ସମୁଦାୟ ପାଠକରିବା ନିମନ୍ତେ ଅନୁରୋଧ କରୁଅଛୁଁ । ଭାଷାସମ୍ବନ୍ଧରେ ଆମ୍ଭମାନଙ୍କର ଏତିକି ବକ୍ତବ୍ୟ ଯେ ସ୍ଥାନେ ୨ ପଦବିଧାନ ବା ଶବ୍ଦ ସଂଯୋଜନାରେ ଯେଉଁ ଦୋଷମାନ ଘଟିଅଛି ତାହା ଅତି ଅଳ୍ପ ହେଲେହେଁ ଏପରି ସମ୍ପୂର୍ଣ୍ଣ ଅବୟବ ପ୍ରାପ୍ତ ହୋଇଥିବା ଗ୍ରନ୍ଥ ପ୍ରତି ଅତ୍ୟନ୍ତ ଅଶୋଭନୀୟ ଅଟଇ ଆଉ ଏତଦ୍‌ବିଷୟର ଉଦାହରଣ ଦେବାର ପ୍ରୟୋଜନ ନାହିଁ । ଐତିହାସିକ ସତ୍ୟାସତ୍ୟ ବିଷୟରେ ଆମ୍ଭମାନଙ୍କର କିଛି କହିବାର ନାହିଁ । ହଣ୍ଟର ସାହେବଙ୍କ ସଙ୍ଗରେ ଆମ୍ଭମାନଙ୍କର ଗ୍ରନ୍ଥକାରଙ୍କର ତର୍କବିବାଦ ଅତି ଉପଯୁକ୍ତ ହୋଇଅଛି । ଆଉ ଗୋଟିଏ ବିଷୟରେ ପୁସ୍ତକ ଖଣ୍ଡି ଅତି ଚଞ୍ଚଳରେ ସମ୍ପାଦିତ ହେବାର ଜଣାଯାଏ;— ଯଥା ପୃ. ୨୮ଷ୍ଠାର ସର୍ବ ନିମ୍ନଭାଗରେ ଅଶୋକଙ୍କର ଆଜ୍ଞା ଯୋଡ଼ିକ ପରିଶିଷ୍ଟରେ ପ୍ରକାଶିତ ହେବାର ଯାହା ଲେଖା ଅଛି ଏଥକୁ ଆମ୍ଭେମାନେ ତାହା ପରିଶିଷ୍ଟରେ ଦେଖିବା ନିମନ୍ତେ ଅସମର୍ଥ ହେଲୁଁ ଏଥି ପ୍ରତି ଗ୍ରନ୍ଥକାରଙ୍କର ମନୋଯୋଗୀ ହେବାର ଉଚିତ । ରାଜା ଅନଙ୍ଗଭୀମଙ୍କର ପୃ୬୮ଷ୍ଠାରେ ଯେଉଁ ବକ୍ତୃତା ପ୍ରଦତ୍ତ ହୋଇଅଛି ତାହା ଅତି ମନୋହର ଓ ରାଜାଙ୍କର ଉପଯୁକ୍ତ ଅଟଇ । ଜଗବନ୍ଧୁ ବିଦ୍ୟାଧରଙ୍କର ବିଦ୍ରୋହର ବର୍ଣ୍ଣନା ଅତ୍ୟନ୍ତ ସୁଲଳିତ ହୋଇଅଛି ତାହାର କାରଣ କ୍ରମାବଲମ୍ବନ; କିନ୍ତୁ ଜଗବନ୍ଧୁଙ୍କର ଶେଷ ଦଶାର ବିଷୟ କିଛି ଲେଖା ନ ଥିବାରୁ ଏଡ଼େ ଉପଯୁକ୍ତ ବର୍ଣ୍ଣନା ସନ୍ତୋଷପ୍ରଦ ହୋଇପାରିଲା ନାହିଁ । ଗ୍ରନ୍ଥକାର ଟିକିଏ ଏଥିପ୍ରତି ଦୃଷ୍ଟି ରଖିବେ । ଗ୍ରନ୍ଥ ଖଣ୍ଡି ରଚନା କରିବାରେ ଗ୍ରନ୍ଥକାର ଯେତେ ୨ ଅନୁସନ୍ଧାନ କରି ଗ୍ରନ୍ଥ ଖଣ୍ଡି ପୂର୍ଣ୍ଣ କରିଅଛନ୍ତି ଓଡ଼ିଶା ଦେଶତ ତଦ୍ଧେତୁ କ୍ରୀତ ରହି ଅଛି ଆଉ ଆମ୍ଭେମାନେ ଏତିକି××× ରଖିଅଛୁଁ ଯେ ଦ୍ୱିତୀୟ ସଂସ୍କରଣରେ ଏଥିର ସମସ୍ତ ଦୋଷମାନଙ୍କ××× ଗ୍ରନ୍ଥକାର ତୀକ୍ଷ୍ଣ ଦୃଷ୍ଟି ରଖିବେ । ଆଉ ଉପସଂହାରରେ××× ଯେ ସରକାର ବାହାଦୂରଙ୍କର ପାରିତୋଷିକ ଏହିପରି । ××××××

—

# ପ୍ରଦୀପ

# ପ୍ରାକ୍‌ସୂଚନା

## (୧)

ଊନବିଂଶ ଶତାବ୍ଦୀରେ ଓଡ଼ିଆଭାଷା ଓ ସାହିତ୍ୟର ବିକାଶ ପର୍ଯ୍ୟାଲୋଚନାପାଇଁ ଯେଉଁ ପାଞ୍ଚୋଟି ସାହିତ୍ୟ ପତ୍ରିକାର ଦାନ ଅବଶ୍ୟ ସ୍ମରଣୀୟ ତା'ମଧରୁ 'ପ୍ରଦୀପ' ଅନ୍ୟତମ । ପୂର୍ବରୁ ମୋଦ୍ୱାରା ସଂଗୃହୀତ 'ଇନ୍ଦ୍ରଧନୁ' ଏବଂ ଡଃ ଅରବିନ୍ଦ ଗିରିଙ୍କ ଦ୍ୱାରା ସଂଗୃହୀତ 'ଉତ୍କଳଦର୍ପଣ' ପ୍ରକାଶ ପାଇଥିଲା । ବର୍ତ୍ତମାନ 'ଉତ୍କଳମଧୁପ' ସହିତ ଏହି 'ପ୍ରଦୀପ' ପତ୍ରିକାଟିର ଉପଲବ୍ଧ ସଂଖ୍ୟାଗୁଡ଼ିକ ପ୍ରକାଶ ପାଉଛି । 'ଉତ୍କଳପ୍ରଭା' ପ୍ରକାଶିତ ହେଲେ 'ଉତ୍କଳ ସାହିତ୍ୟ'ର ଆବିର୍ଭାବ ପର୍ଯ୍ୟନ୍ତ ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ଊନବିଂଶ ଶତାବ୍ଦୀ ସାହିତ୍ୟ ପତ୍ରିକା ଓ ଲେଖକ ମାନଙ୍କର ଭୂମିକା ସଂପର୍କରେ ଏକ ସ୍ପଷ୍ଟ ଧାରଣା କରିହେବ ।

ସବୁ ପୁରାତନ ପତ୍ରିକାପରି 'ପ୍ରଦୀପ'ର ମଧ ସମସ୍ତ ସଂଖ୍ୟା ସଂଗ୍ରହ କରିବା ସମ୍ଭବପର ହୋଇପାରୁନାହିଁ । ବର୍ତ୍ତମାନ ଏହାର ପ୍ରଥମ ବର୍ଷରେ ପ୍ରକାଶ ପାଇଥିବା ନଅଟି ସଂଖ୍ୟା ଆମର ହସ୍ତଗତ ହୋଇପାରିଛି । ପ୍ରଥମ ଖଣ୍ଡର ପ୍ରଥମ ଆଠଟି ଏବଂ ଏକତ୍ର ପ୍ରକାଶିତ ଦଶମ ଓ ଏକାଦଶ ସଂଖ୍ୟା ଏହାର ଅନ୍ତର୍ଭୁକ୍ତ । ନବମ ସଂଖ୍ୟାଟି ବହୁଚେଷ୍ଟା ସତ୍ତ୍ୱେ ସଂଗ୍ରହ କରାଯାଇପାରିନାହିଁ । ଅକ୍ଟୋବର ଓ ନଭେମ୍ବର ମାସର ଦୁଇଟି ସଂଖ୍ୟା ଏକତ୍ର ଡିସେମ୍ବର ମାସରେ ପ୍ରକାଶ ପାଇଥିଲା । ଏହାର ପୃଷ୍ଠା ସଂଖ୍ୟାଥିଲା ଷୋହଳ ପରିବର୍ତ୍ତେ ଚବିଶି । ବିଳମ୍ବ ଜନିତ କାରଣ ଦର୍ଶାଇବାକୁ ଯାଇ ଏ ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠାର ପଛପଟେ ଥିବା 'ବିଶେଷ ଦ୍ରଷ୍ଟବ୍ୟ'ରେ କୁହାଯାଇଛି—

> "ପ୍ରଦୀପର ମ୍ୟାନେଜର ବୈକୁଣ୍ଠ ବାବୁ କାର୍ଯ୍ୟବଶତଃ ସ୍ଥାନାନ୍ତରକୁ ଗମନ କରିବାରୁ ପତ୍ରିକା ପ୍ରକାଶରେ ବିଳମ୍ବ ହୋଇଅଛି; ସହୃଦୟ ଗ୍ରାହକ ମହୋଦୟମାନେ ତ୍ରୁଟି ମାର୍ଜନା କରିବେ । ବର୍ତ୍ତମାନ ବୈକୁଣ୍ଠ ବାବୁ ଫେରିଆସିଅଛନ୍ତି ଏବଂ ଅବଶିଷ୍ଟ ଦ୍ୱାଦଶ ସଂଖ୍ୟା ଯେପରି ଶୀଘ୍ର ବାହାର ହେବ ତହିଁର ଚେଷ୍ଟାଲାଗିଅଛି । ଦୁଃଖର ବିଷୟ କେତେକ ଗ୍ରାହକ ଏପର୍ଯ୍ୟନ୍ତ ପ୍ରଦୀପର ମୂଲ୍ୟ ଦେଇନାହାନ୍ତି । ସେମାନେ ଯେ କି ନିମନ୍ତେ ପତ୍ରିକାର ଅଭାବ ଦେଖି ସୁଦ୍ଧା ଦେଖୁନାହାନ୍ତି ତାହା ଆମ୍ଭେମାନେ ନିର୍ଣ୍ଣୟ କରିବାକୁ ଅକ୍ଷମ । ବର୍ଷ ଆସି ଶେଷ ହେଲା କିନ୍ତୁ ପ୍ରାପ୍ୟ ଟଙ୍କା ହାତକୁ ଆସିଲା ନାହିଁ ଏ କଥା ଆଉ କାହାକୁ କହିବୁଁ ?

ଗ୍ରାହକ ମାନଙ୍କ ଉପରେ ଯେ ପତ୍ରିକାର ଜୀବନ ନିର୍ଭର କରୁଅଛି ଏହା ବୋଲିବା ବାହୁଲ୍ୟ । ଯେଉଁମାନଙ୍କଠାରେ ମୂଲ୍ୟ ବାକୀ ଅଛି ସେମାନେ ଅନୁଗ୍ରହ କରି ଶୀଘ୍ର ସ୍ୱୀୟ ସ୍ୱୀୟ ମୂଲ୍ୟ ମ୍ୟାନେଜରଙ୍କଠାକୁ ପଠାଇ ବାଧିତ କରିବେ ।
କଟକ
୨୪ । ୧୨ । ୮୫ ପ୍ରକାଶକ

'ପ୍ରଦୀପ'ର ନିୟମାବଳୀରେ ''ଅଗ୍ରୀମ ମୂଲ୍ୟ ନପାଇଲେ କାହାରିଠାକୁ ପ୍ରଦୀପ ପ୍ରେରିତ ହେବନାହିଁ'' ବୋଲି ଉଲ୍ଲେଖ ଥିଲେ ସୁଦ୍ଧା ତୃତୀୟ ସଂଖ୍ୟାଠାରୁ ସଂପାଦକ ଗ୍ରାହକମାନଙ୍କୁ ପ୍ରାପ୍ୟ ପଠାଇବାପାଇଁ ଅନୁରୋଧ କରିଚାଲିଛନ୍ତି । ଏଣୁ ପତ୍ରିକାଟିର ସ୍ଥୂଳପରିଚୟ ଦେବାକୁ ଯାଇ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ''ଅଳ୍ପକାଳଉତାରେ ଏହି ପ୍ରଦୀପ ମଧ ନିର୍ବାଣ ପ୍ରାପ୍ତ ହୋଇଥିଲା'' ବୋଲି ଯାହା ଲେଖିଛନ୍ତି, ତାହା ଅସତ୍ୟ ବୋଲି ମନେହୁଏ ନାହିଁ । ଗୋଟିଏ ବର୍ଷପରେ ପ୍ରଦୀପକୁ ବଞ୍ଚାଇ ରଖିବା ହୁଏତ ସମ୍ଭବ ହୋଇନଥିଲା ।

ପ୍ରଥମେ ପତ୍ରିକାଟିର ସନ୍ଧାନ ଦେଇଥିବା ଯୋଗୁଁ ପୂଜ୍ୟ ଗୁରୁଦେବ ଡଃ ନଟବର ସାମନ୍ତରାୟଙ୍କ ନିକଟରେ ମୁଁ ଚିରକୃତଜ୍ଞ । ଏହା ପ୍ରକାଶ ପାଇବା ଦେଖିଲେ ତାଙ୍କ ସ୍ୱର୍ଗତ ଆତ୍ମା ନିଶ୍ଚିତଭାବେ ଆନନ୍ଦଲାଭ କରିବ ।

ପତ୍ରିକାଟିର ସଂଖ୍ୟାଗୁଡ଼ିକ ଅକ୍ଷୁଣ୍ଣ ଥିବାଯୋଗୁଁ ପୁନଃମୁଦ୍ରଣବେଳେ ପାଠକୁ ଯଥାସାଧ ଅବିକଳ ଅବିକୃତ ରଖିବାପାଇଁ ଚେଷ୍ଟା କରାଯାଇଛି । କେବଳ ପ୍ରତିସଂଖ୍ୟାର ପ୍ରଚ୍ଛଦ ପଛରେ ଏବଂ ଶେଷ ମଲାଟର ଉଭୟ ପଟରେ ଦିଆଯାଉଥିବା ନିୟମାବଳୀ, ଗ୍ରାହକଙ୍କୁ ଅନୁରୋଧ ଏବଂ ମୂଲ୍ୟପ୍ରାପ୍ତିକୁ ପ୍ରତି ସଂଖ୍ୟାରେ ଦିଆ ନଯାଇ ପ୍ରାକ୍-ସୂଚନା ମଧରେ ଅନ୍ତର୍ଭୁକ୍ତ କରାଯାଇଛି ।

## (୨)

'ମଧୁପ' ମଧୁର ଅଭାବରେ ଇହଲୋକ ତ୍ୟାଗ କରିଅଛି ଜାଣି ଶୁଣି ସୁଦ୍ଧା ଆମ୍ଭେମାନେ ଦୁଃସାହସିକତାର ସହିତ ଏକ 'ପ୍ରଦୀପ'ର ସୃଷ୍ଟି କଲୁଁ, ପ୍ରଦୀପର ଏକ ଶୁଷ୍କବର୍ତ୍ତି ଭିନ୍ନ କିଛି ନାହିଁ । ଆଶା ଓ ସାହସ ଏହି ଯେ ପରମପାତା ପରମେଶ୍ୱରଙ୍କ କୃପା ଓ ଜନସାଧାରଣର ଦେଶହିତୈଷିତା ଓ ଉତ୍ସାହରୂପ ତୈଳଦ୍ୱାରା ପ୍ରଜ୍ୱଳିତ ହୋଇ ପ୍ରଦୀପ ସ୍ୱୀୟ ସାମାନ୍ୟ ଉଦ୍ଦେଶ୍ୟ ସାଧନାରେ କୃତାର୍ଥତାକୁ ଲଭିବ । (ପ୍ରଦୀପ, ଭା ୧/୧; ସୂଚନା)

ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆଧୁନିକ ଶିକ୍ଷାୟତନ ଏବଂ ସେସବୁରେ

ପ୍ରଚଳିତ ପାଠ୍ୟପୁସ୍ତକ ମାଧମରେ ଯେଉଁ ଆଧୁନିକ ଶିକ୍ଷିତ ଗୋଷ୍ଠୀଟି ସୃଷ୍ଟିଲାଭ କରିଥିଲା ତାହା ନିଜର ମନୋଭାବ ପ୍ରକାଶ କରିବାପାଇଁ ମୁଦ୍ରାଯନ୍ତ୍ର ଓ ପତ୍ରପତ୍ରିକାର ଆଶ୍ରୟ ଗ୍ରହଣ କରିବା ପାଇଁ ବାଧ ହୋଇଥିଲା । ଦେଶୀୟ ଜନତାର ସୁଖଦୁଃଖ, ଅଭାବ ଅସୁବିଧା ସରକାରଙ୍କୁ ଜଣାଇବା ଏବଂ ସରକାରଙ୍କଦ୍ୱାରା ଗୃହୀତ ନୀତିନିୟମକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ଏଗୁଡ଼ିକର ପ୍ରମୁଖ ଲକ୍ଷ୍ୟ ଥିଲା । ସମ୍ବାଦପତ୍ର ପ୍ରକାଶ ଫଳରେ ଆତ୍ମପ୍ରକାଶ ପାଇଁ ଯେଉଁସୁଯୋଗ ସୃଷ୍ଟିଲାଭକଲା ତା'ଦ୍ୱାରା ଅନୁପ୍ରେରିତ ହୋଇ କିଛି ଶିକ୍ଷିତ ଯୁବକ ସାହିତ୍ୟ ସୃଷ୍ଟିପାଇଁ ପ୍ରୟାସ ଆରମ୍ଭ କଲେ । ପଡ଼ୋଶୀ ବଙ୍ଗଳା ପତ୍ରପତ୍ରିକାରେ ପ୍ରକାଶିତ ସାହିତ୍ୟିକ ରଚନାବଳୀ ଏଦିଗରେ ଦିଗ୍‌ଦର୍ଶନ ଦେଲା । କିଛି ବଙ୍ଗୀୟ ସରକାରୀ କର୍ମଚାରୀ ତଥା ବୁଦ୍ଧିଜୀବୀଙ୍କଦ୍ୱାରା ଉତ୍‌ପୀଡ଼ିତ ଆତ୍ମସଚେତନ ଓଡ଼ିଆ ଯୁବକମାନେ ନିଜର ମାତୃଭୂମି ଓ ମାତୃଭାଷାକୁ ସେମାନଙ୍କ ସମକକ୍ଷ କରାଇବାପାଇଁ ସେସମୟରେ ଲେଖନୀ ଧାରଣ କରିଛନ୍ତି; ସାଧାରଣ ଜନତାର ଅସହଯୋଗରୁ ବାରମ୍ବାର ବାଧାପ୍ରାପ୍ତ ହେଲେସୁଦ୍ଧା ସେମାନଙ୍କ ମନୋବଳ ଏବଂ ଉଦ୍ୟମ ଅବଶ୍ୟ ପ୍ରଶଂସନୀୟ । ବାଲେଶ୍ୱର ସମ୍ବାଦବାହିକାର ସାହିତ୍ୟବିଶେଷାଙ୍କ, ଉତ୍କଳଦର୍ପଣ, ଉତ୍କଳମଧୁପ ପରି ସାହିତ୍ୟ ପତ୍ରିକା ଗୁଡ଼ିକ ଅକାଳରେ ଅନ୍ତର୍ହିତ ହୋଇଥିଲେ ସୁଦ୍ଧା ଗ୍ରାହକମାନଙ୍କ ଉପରେ ପୁନଶ୍ଚ ଭରସାକରି କଟକର କିଛିଜଣ ଉତ୍ସାହୀ ଯୁବକ 'ପ୍ରଦୀପ' ପରି ଏକ ସାହିତ୍ୟ ମାସିକ ପ୍ରକାଶ କରିବାପାଇଁ ଉତ୍ସାହୀ ହୋଇଥିବା ଉଲ୍ଲିଖିତ ସୂଚନାରୁ ଜଣାଯାଏ । ପ୍ରଦୀପର ପ୍ରଥମ ଖଣ୍ଡ ପ୍ରଥମ ସଂଖ୍ୟା ୧୮୮୫ ମସିହା ଜାନୁୟାରୀ ମାସରେ କଟକ ପ୍ରିଣ୍ଟିଂ କଂପାନୀରେ ମୁଦ୍ରିତ ହୋଇ ପ୍ରକାଶ ପାଇଥିଲା । ଦ୍ୱିତୀୟ ସଂଖ୍ୟାଠାରୁ ଏହାର ମୁଦ୍ରାକର ଓ ପ୍ରକାଶକ ଥିଲେ ଶରତଚନ୍ଦ୍ର ମୁଖୋପାଧ୍ୟାୟ । ଏହାର ଆକାର ଥିଲା ଡିମାଇ ୮ ପୃଷ୍ଠା ଫର୍ମାରେ ଷୋଳପୃଷ୍ଠା । ପତ୍ରିକାଟିର ମ୍ୟାନେଜର ବୈକୁଣ୍ଠ ନାଥ ଦତ୍ତ 'ପ୍ରଦୀପ'ର ନିୟମାବଳୀ ସଂପର୍କରେ ପ୍ରତିସଂଖ୍ୟାର ଶେଷ ପ୍ରଚ୍ଛଦ ପୃଷ୍ଠାରେ ଜଣାଉଥିଲେ—

୧। ପ୍ରଦୀପର ବାର୍ଷିକ ମୂଲ୍ୟ ଟ ୧ ଛଅଣା
ଷାଣ୍ମାସିକ ମୂଲ୍ୟ ବାରଅଣା
ତ୍ରୈମାସିକ ମୂଲ୍ୟ ଛ'ଅଣା
ପ୍ରତିସଂଖ୍ୟା ମୂଲ୍ୟ ଦଶ ପଇସା

ସର୍ବସାଧାରଣର ସୁବିଧାନିମନ୍ତେ ମଫସଲର ଗ୍ରାହକମାନଙ୍କଠାରୁ ଡାକମାସୁଲ ନିଆଯିବନାହିଁ ।

୨। ଗ୍ରାହକମାନଙ୍କ ମୂଲ୍ୟପ୍ରାପ୍ତି ସ୍ୱୀକାର ପ୍ରଦୀପରେ କରାଯିବ, ସ୍ୱତନ୍ତ୍ର ରସିଦ ପ୍ରଦତ୍ତ ହେବନାହିଁ ।

୩। ଅଗ୍ରିମ ମୂଲ୍ୟ ନ ପାଇଲେ କାହାରିଠାକୁ ପ୍ରଦୀପ ପ୍ରେରିତ ହେବ ନାହିଁ।

୪। ଯେ ସମୟ ପାଇଁ ମୂଲ୍ୟ ଗୃହୀତ ହେବ, ତତ୍‌ପୂର୍ବରେ ପତ୍ରିକା ବନ୍ଦ ହେଲେ ବାକି ମୂଲ୍ୟ ଫେରତ ଦିଆଯିବ।

୫। ପ୍ରଦୀପ ସମ୍ବନ୍ଧୀୟ ସକଳ ପ୍ରକାର ପତ୍ର, ପ୍ରବନ୍ଧ, ମୂଲ୍ୟ ଓ ସମାଲୋଚନାର ପୁସ୍ତକାଦି ଆମ୍ଭଠାକୁ ପଠାଇବାକୁ ହେବ। ଡାକଟିକଟଦ୍ୱାରା ମୂଲ୍ୟପଠାଇଲେ ଟଙ୍କା ପ୍ରତି ଟ ୦/ କମିଶନ ଲାଗିବ। କୋଟଫିସ ଗୃହୀତ ହେବନାହିଁ। ମଫସଲ ଗ୍ରାହକମାନେ ନିମ୍ନଲିଖିତ କୌଣସି ଏଜଣ୍ଟଙ୍କ ନିକଟରେ ମୂଲ୍ୟଦେଲେ ମଧ ଆମ୍ଭେ ପାଇବୁଁ।

ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ ଡେପୁଟୀ ଇନ୍‌ସ୍ପେକ୍ଟର କଟକ
ଶ୍ରୀଯୁକ୍ତ ଶଶୀଧର ରାୟ ୧ମ ଶିକ୍ଷକ ଜିଲ୍ଲାସ୍କୁଲ ପୁରୀ
ଶ୍ରୀଯୁକ୍ତ ମଣିଚରଣ ମହାପାତ୍ର ୪ର୍ଥ ଶିକ୍ଷକ ଜିଲ୍ଲାସ୍କୁଲ ବାଲେଶ୍ୱର
ଶ୍ରୀଯୁକ୍ତ ବୈଷ୍ଣବଚରଣ ସରଖେଲ ୪ର୍ଥ ଶିକ୍ଷକ ଇଂରାଜୀ ସ୍କୁଲ ଯାଜପୁର

୬। ଛାତ୍ରମାନେ ଏକତ୍ରରେ ଖ ୧୦ଣ୍ଡ ପତ୍ରିକା ନେଲେ ବିନାମୂଲ୍ୟରେ ଏକଖଣ୍ଡ ଅଧିକ ପାଇପାରିବେ।

୭। ପ୍ରଦୀପରେ ବିଜ୍ଞାପନର ମୂଲ୍ୟ ପ୍ରତିପଂକ୍ତିକୁ ଛ'ଅଣା ଲାଗିବ। ଦୀର୍ଘକାଳ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବ।

୮। ବେରଙ୍ଗ ବା ଇନ୍‌ସଫିସଅଣ୍ଟ ପତ୍ରାଦି ଗୃହୀତହେବ ନାହିଁ।''

ପ୍ରତ୍ୟେକ ସଂଖ୍ୟାରେ ଏହି ନିୟମାବଳୀ ପ୍ରକାଶ ପାଉଥିଲା ଏବଂ ପ୍ରଥମ ଖଣ୍ଡ ଦ୍ୱିତୀୟ ସଂଖ୍ୟାରେ ବିଶେଷ ଦ୍ରଷ୍ଟବ୍ୟ ରୂପେ 'ପ୍ରଦୀପ'ର ୨ୟ ସଂଖ୍ୟା ପ୍ରାପ୍ତହୋଇ ଯେଉଁମାନେ ମୂଲ୍ୟ ନପଠାଇବେ, ସେମାନଙ୍କଠାକୁ ପ୍ରଦୀପ ଆଉ ପ୍ରେରିତ ହେବନାହିଁ। ବୋଲି ମେନେଜର ତାଗିଦା କରିଦେଉଥିଲେ ତଥାପି ଗ୍ରାହକମାନେ ଠିକ୍ ସମୟରେ ପ୍ରାପ୍ୟ ଦେବାରେ ନିୟମାନୁବର୍ତ୍ତିତା ରକ୍ଷାକରିନାହାନ୍ତି। ଏଣୁ ତୃତୀୟ ସଂଖ୍ୟାଠାରୁ ଆରମ୍ଭ ହୋଇଯାଇଛି ସଂପାଦକଙ୍କ ବିନମ୍ର ଅନୁରୋଧ–

> ''ପ୍ରଦୀପର ଗ୍ରାହକମାନଙ୍କୁ ନିବେଦନ ଏହି ଯେ, ସେମାନଙ୍କ ମଧରୁ ଯେଉଁ ମାନଙ୍କଠାରେ ମୂଲ୍ୟପ୍ରାପ୍ୟ, ସେମାନେ ଶୀଘ୍ର ତାହା ପଠାଇ ବାଧିତ କରିବେ।''

ସଂପାଦକ ଏବଂ ଶୁଭେଚ୍ଛୁ ମାନଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ଗୋଟିଏ ବର୍ଷ ମଧରେ ଗ୍ରାହକ ସଂଖ୍ୟା ଦେଢ଼ଶହ ଅତିକ୍ରମ କରିପାରିନାହିଁ। ବରଂ ସେମାନଙ୍କର ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି।

ଯେଉଁ ସହଯୋଗୀ ମାନେ 'ପ୍ରଦୀପ'ର ପ୍ରଥମ ପ୍ରକାଶନ ବେଳେ ଆଶାର ଆଲୋକ ଦେଖିଥିଲେ ଏବଂ ଦୀର୍ଘଜୀବୀ ହେବାର ଆଶୀର୍ବାଦ ବର୍ଷଣ କରିଥିଲେ ଗ୍ରାହକମାନେ ସେମାନଙ୍କୁ ନିରାଶ କରିଛନ୍ତି । ଏହାର ପ୍ରଥମ-ସଂଖ୍ୟା ପ୍ରାପ୍ତହୋଇ ବାଲେଶ୍ୱର ସମ୍ବାଦବାହିକା ଜଣାଇଥିଲେ —

"ଅତିଶୟ ଆନନ୍ଦ ଓ କୃତଜ୍ଞତାର ସହିତ ସ୍ୱୀକାର କରୁଅଛୁଁ ଯେ, ଶୀର୍ଷୋକ୍ତ ପତ୍ରରୁ ଖଣ୍ଡିଏ ଆମ୍ଭେମାନେ ଉପହାର ପାଇଅଛୁଁ । ପ୍ରଦୀପର କଳେବର ଡିମାଇ ୮ ପେଜି ଫର୍ମାରେ ୧୬ ପୃଷ୍ଠା, ବାର୍ଷିକ ମୂଲ୍ୟ ଡାକମାସୁଲ ସହିତ ଟ ୧। ଛଅଣା । ପ୍ରଦୀପ କଟକ ପ୍ରିଣ୍ଟିଂ କଂପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ । ବାବୁ ବୈକୁଣ୍ଠ ନାଥ ଦତ୍ତ ବି.ଏ. ଉକ୍ତ ପତ୍ରିକାର ମେନେଜର । ରେଭେନ୍‌ସା କଲେଜରୁ ଉତ୍ତୀର୍ଣ୍ଣ ଅଧିକାଂଶ ବି.ଏ ଉପାଧିଧାରୀ; ବାବୁ ମଧୁସୂଦନ ରାଓ, ବାବୁ ନାରାୟଣ ପ୍ରସାଦ ମିତ୍ର, ବାବୁ ଗୌରୀଚନ୍ଦ୍ର ସେନ, ବାବୁ ଜୟକୃଷ୍ଣ ମହାପାତ୍ର, ବାବୁ ଗୋବିନ୍ଦ ରଥ ଏବଂ ବାବୁ ରାମଶଙ୍କର ରାୟ ପ୍ରଭୃତି ୨୩ ଜଣ କୃତବିଦ୍ୟ ଯୁବା ପ୍ରଦୀପର ଲେଖକ ।

ପ୍ରଦୀପ ଏହି ଜନଓରି ମାସ ଆଦ୍ୟରୁ ପ୍ରକାଶିତ ହେଉଅଛି । ଓଡ଼ିଶାରେ ମାସିକ ପତ୍ରିକା ପ୍ରଚଳିତ ହେବାର ଉପଯୁକ୍ତ ସମୟ ଉପସ୍ଥିତ ହୋଇଅଛି । ଏବଂ ଏହିପରି ଖଣ୍ଡିଏ ପତ୍ରିକା ପ୍ରକାଶିତ ହେବାର ଆମ୍ଭେମାନେ ଆଶା କରିଥିଲୁଁ । ଉଲ୍ଲିଖିତ କୃତବିଦ୍ୟ ମହାଶୟମାନଙ୍କ ଯତ୍ନରେ ତାହା ପ୍ରକାଶିତ ହେବାର ଦେଖି ଅତିଶୟ ଆନନ୍ଦିତ ହେଲୁଁ । ଏଥି ପୂର୍ବରୁ ବୋଧଦାୟିନୀ, ଦର୍ପଣ ପ୍ରଭୃତି କେତେଖଣ୍ଡ ମାସିକ ପତ୍ରିକା ପ୍ରତି ତାଦୃଶ ଆସ୍ଥା ଦେଖାନଯିବାରୁ ବୋଧଦାୟିନୀ ଏବଂ ଦର୍ପଣ ପାକ୍ଷିକ ପରେ ସାପ୍ତାହିକ ପତ୍ରିକାର ରୂପଧାରଣ କଲା । ମଧୁପ ପ୍ରଭୃତି ଅଦୃଶ୍ୟ ହୋଇଗଲା । ଏତେବେଳେ ସୁସମୟ ଉପସ୍ଥିତ; ଏଣୁ ଆଶା କରୁଅଛୁଁ ଯେ ପ୍ରଦୀପ, ଦୀର୍ଘଜୀବୀ ହେବ ।

ବିଷୟ ସମ୍ବନ୍ଧରେ ପ୍ରଦୀପ ପ୍ରଥମୋଦ୍ୟମରେ ଯେଉଁ ବିଷୟମାନ ଗର୍ଭରେ ଧାରଣ କରିଅଛି, ଆଶା କରୁଁ ସେମାନେ ରସଜ୍ଞ ପାଠକମାନଙ୍କ ମନକୁ ଆକର୍ଷଣ କରିବ । ସୂଚନା ପ୍ରବନ୍ଧଟି ପଢ଼ି ପ୍ରୀତ ହେଲୁଁ; କେବଳ ରଚନା ପ୍ରଣାଳୀରେ କିଛି ଦୋଷ ଥିବାର ଦେଖିଲୁଁ । ଆଶା କରୁଁ, ଏହି ପ୍ରବନ୍ଧର ଲେଖକ ମହାଶୟ, ଏ ବିଷୟରେ ଟିକିଏ ସାବଧାନ ହେବେ । 'ପ୍ରଦୀପ' କବିତାଟି ସୁନ୍ଦର ହୋଇଅଛି । ସେଥିର ଭାବ ମଧ୍ୟ ଉତ୍ତମ । 'ଅନନ୍ତ ଆତ୍ମମାନଙ୍କର ଆଦର୍ଶ', ଏହି ପ୍ରବନ୍ଧର

ବିଷୟ ଯେମନ୍ତ ଗଭୀର, ତେମନ୍ତ ଉପଦେଶପ୍ରଦ୍ । ଏହି ପ୍ରବନ୍ଧ ମଧ୍ୟରେ 'ନାରୀ' ଶବ୍ଦରେ ସମ୍ବୋଧନରେ କିଛି ପ୍ରଭେଦ ନଥିବା ଦେଖି ଦୁଃଖିତ ହେଲୁଁ ଯେହେତୁ ସେଥିର ଲେଖକ ମଧୁବାବୁ । ମଠର ସମ୍ବାଦରୁ ଆଧୁନିକ ଅନେକ ନବଯୁବା ଉପଦେଶ ପାଇବେ । 'ସ୍ତ୍ରୀଜାତି', ଏହି ପ୍ରବନ୍ଧରୁ ନାନା ଦେଶର ଅବା ଭିନ୍ନ ଭିନ୍ନ ସମାଜର ସ୍ତ୍ରୀଲୋକମାନେ କିରୂପେ ବ୍ୟବହୃତ ହୁଅନ୍ତି, ତାହା ଜଣାଯିବ । 'ବିଜ୍ଞାନର କାର୍ଯ୍ୟକ୍ଷେତ୍ର' ଏହି ପ୍ରବନ୍ଧର ଲେଖକ ମହାଶୟ ରଚନା ପ୍ରଣାଳୀକୁ ପ୍ରାଞ୍ଜଳ କରିବା ବିଷୟରେ ଅଳ୍ପ ସାବଧାନ ହେବେ ।

'ଏହିପତ୍ରିକାର କଳେବରରେ ବିବୃତ ହେବ' ଏ ସ୍ଥଳେ କେବଳ ଏହି ପତ୍ରିକାରେ ବିବୃତ ହେବ ଏତିକି ଲେଖିଥିଲେ ଯଥେଷ୍ଟ ହୋଇଥାନ୍ତା 'ଜୀବନ କି ଅସାର' ?, ଏଥିର ଲେଖକ ସାଧୁବାବୁ ଆମ୍ଭମାନଙ୍କ ମନ ହରଣ କରିପାରିବେ ଏବଂ 'ପ୍ରଳୟକାଳୀନ' ଏହି ପଦଟିରେ ଯେପରି ବର୍ଣ୍ଣାଶୁଦ୍ଧି ଅଛି, ଭବିଷ୍ୟତରେ ଯେମନ୍ତ ସେପରି ନୋହିବ ସେ ବିଷୟରେ ସାବଧାନ ହେବେ ।

ସ୍ଥୂଳରେ ପ୍ରଦୀପର ଭାଷା ସରଳ ଏବଂ ଉତ୍ତମ ହୋଇଅଛି । ନୂଆ ଲେଖକ ମହାଶୟମାନଙ୍କ ହେତୁରୁ ସ୍ଥଳେସ୍ଥଳେ ଯେଉଁ ଭାଷାଦୋଷ ଦେଖାଯାଉଅଛି, ସେହି ଦୋଷ ସ୍ଥାୟୀ ହେବ ନାହିଁ । ଲେଖକ ମହାଶୟମାନେ ଅତି ଅଳ୍ପ ସାବଧାନ ହେଲେ ସେହି ଦୋଷ ସୁଧୁରିଯିବ । ନିବାରଣକରା, ରୋଧକରା, ଏ ସ୍ଥଳେ ନିବାରଣ କରିବା, ରୋଧକରିବା ଏହିପରି ହେବା ଉଚିତ । କାହାଠାରୁ ? ବିଜ୍ଞାନଠାରୁ, ଏସ୍ଥଳେ 'କାହିଁରୁ' ? ବିଜ୍ଞାନରୁ ଏହିପରି ହେବା ବିଧେୟ । ଆମ୍ଭମାନଙ୍କର ଏକାନ୍ତ ଅନୁରୋଧ ଯେ, ନବ ଲେଖକ ମହାଶୟମାନେ ଭାଷା ପ୍ରତି ଦୃଷ୍ଟିରଖିଥିବେ ।

ଆଧୁନିକ ଲେଖକମାନେ ଶବ୍ଦର ପରବର୍ତ୍ତୀ ଅବ୍ୟୟ, କାରକ ଏବଂ କ୍ରିୟାର ବିଭକ୍ତିକୁ ଭିନ୍ନ ଭିନ୍ନ କରି ଲେଖିବାକୁ ଆରମ୍ଭ କରିଅଛନ୍ତି । ଯେମନ୍ତ ତାହାହେଲେ ମଧ୍ୟ, ସେ ସୁଦ୍ଧା, ତୁମ୍ଭ ଦ୍ୱାରା, ଆମ୍ଭ ଠାରୁ, ହୋଇ ଥିଲା, କରିଥିବେ ଇତ୍ୟାଦି । ପୁଣି ବଙ୍ଗଳା ଭାଷାର ଅନୁକରଣ କରି ଜଣେ, ପଣେ ଇତ୍ୟାଦି ପଦର ବଦଳରେ ଏକଜଣ, ଏକପଣ, ଇତ୍ୟାଦି ପଦ ଲେଖିଅଛନ୍ତି । ଆମ୍ଭମାନଙ୍କ ପ୍ରଦୀପର ଲେଖକ ମହାଶୟମାନେ ଯେମନ୍ତ ସେପରି ନଲେଖିବେ । ଆମ୍ଭମାନଙ୍କର ଏହି ଅନୁରୋଧ ।
(ବାଲେଶ୍ୱର ସମ୍ବାଦବାହିକା; ତା ୧୫. ୦୧. ୧୮୮୫; ଭା ୧୮/୩)

ଏଥିରେ ''ବାହିକା'' ସଂପାଦକ କେବଳ ଯେ ପ୍ରାପ୍ତିସ୍ୱୀକାର କରି ସନ୍ତୁଷ୍ଟ ରହିଛନ୍ତି ତାହାନୁହେ, ସେ ପତ୍ରିକାଟିକୁ ଅଧିକ ମାର୍ଜିତ ଓ ରୁଚିପୂର୍ଣ୍ଣ କରିବାପାଇଁ ଏହାର ଭାଷା

ଓ ରଚନା ଗୁଡ଼ିକ ସଂପର୍କରେ ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିବା ସହିତ ଦିଗ୍‌ଦର୍ଶନ ଦେବାପାଇଁ ମଧ୍ୟ ପ୍ରୟାସ କରିଛନ୍ତି ।

୧୮୮୫ ମସିହା ଜାନୁୟାରୀ ମାସରେ ତିନୋଟି ପତ୍ରିକା ପ୍ରକାଶ ପାଇଥିବା ଯୋଗୁଁ ଉତ୍କଳଦୀପିକା ଏହି ବର୍ଷଟିକୁ ଏକ ସ୍ମରଣୀୟ ବର୍ଷ ବୋଲି ଉଲ୍ଲେଖ କରିଛନ୍ତି । ତିନୋଟି ପତ୍ରିକାର ଏକତ୍ର ପ୍ରାପ୍ତିସ୍ୱୀକାର କରି ଏଥିରେ ଉଲ୍ଲେଖ ଥିଲା–

> "ମୁଦ୍ରାଯନ୍ତ୍ରର ଉନ୍ନତି ହେତୁ ଚଳିତ ବର୍ଷ ବିଶେଷରୂପେ ସ୍ମରଣୀୟ ହେବ । ଏହି ବର୍ଷର ଆରମ୍ଭ ସଙ୍ଗେ ସଙ୍ଗେ ସଂସ୍କାରକ ଓ ସେବକ ମାସିକ ରୂପ ବଦଳାଇ ସାପ୍ତାହିକ ହେଲେ, ପ୍ରଦୀପ ନାମରେ ଏକ ମାସିକ ପତ୍ର ଏବଂ ତହିଁ ପରେ ପରେ ଶିକ୍ଷାବନ୍ଧୁ ନାମରେ ଅନ୍ୟଏକ ମାସିକ ପତ୍ର ବାହାରିଲେ ।"
>
> (ଭା ୨୦/୫; ତା ୩୧. ୦୧. ୧୮୮୫)

"ସଂସ୍କାରକ ଓ ସେବକ" ମଧ୍ୟ ତା ୨୧. ୦୧. ୧୮୮୫ରେ ଏହାର ପ୍ରାପ୍ତି ସ୍ୱୀକାର କରି ଦୀର୍ଘଜୀବନ କାମନା କରିଛନ୍ତି–

> "ପ୍ରଦୀପ ନାମକ ଖଣ୍ଡେ ମାସିକ ପତ୍ର ଆମ୍ଭେମାନେ ଉପହାର ପାଇଅଛୁଁ । ଆମ୍ଭେମାନେ ଏହାର ଦୀର୍ଘଜୀବନ କାମନା କରୁଅଛୁଁ । ଏବଂ ଆଶାକରୁଁ ଯେ ଏହା ଉତ୍କଳ ସଂସାରରେ ଆପ୍ତମାନଙ୍କ ସ୍ଥାନ ଅଧିକାର କରିବ ।" (ଭା ୨/୫)

ପ୍ରଦୀପର ପ୍ରଚ୍ଛଦ ବିଭିନ୍ନ ରଙ୍ଗର କାଗଜରେ ଛପାଯାଉଥିଲା । ସମ୍ମୁଖ ପ୍ରଚ୍ଛଦ ପୃଷ୍ଠାରେ ବିଷୟ ଗୁଡ଼ିକର ତାଲିକା ରହୁଥିବା ବେଳେ ଶେଷ ପ୍ରଚ୍ଛଦ ପୃଷ୍ଠାର ଭିତର ପଟେ ଗ୍ରାହକ ମାନଙ୍କର ତାଲିକା ପ୍ରଦତ୍ତ ଥିଲା । ସମାନ କାରଣରୁ "ମଧୁପ" ଗ୍ରାହକମାନଙ୍କର ତାଲିକାପରି ପ୍ରଦୀପର ଗ୍ରାହକମାନଙ୍କ ନାମ ଓ ଠିକଣା ଦୀର୍ଘ ହେଲେ ସୁଦ୍ଧା ଏଠାରେ ଉଦ୍ଧାର କରାଯାଉଛି ।–

"ଶ୍ରୀଯୁକ୍ତ ଢେଙ୍କାନାଳ ମହାରାଜ, କଟକ; କ୍ଷେତ୍ରମୋହନ ବସୁ, ହେଡ୍‌କ୍ଲାର୍କ, ବାଲେଶ୍ୱର; ମଦନସୁନ୍ଦର ମହାନ୍ତି, ମେଡ଼ିକାଲସ୍କୁଲ, କଟକ; ନିତ୍ୟାନନ୍ଦ ଘୋଷ, ସଦର କାନୁନ୍‌ଗୋ, ବାଲେଶ୍ୱର; ଗଜେନ୍ଦ୍ରନାରାୟଣ ଦତ୍ତ, ମୁନସଫୀନାଜର, ବାଲେଶ୍ୱର; ବ୍ରଜମୋହନ ରାୟ, ୨ୟ ଶ୍ରେଣୀ ଏକାଡ଼େମୀ, କଟକ; ଗୋବିନ୍ଦଚନ୍ଦ୍ର କର, କୁଆଁପାଳ; କୃଷ୍ଣପ୍ରସାଦ ଚୌଧୁରୀ; କୁଆଁପାଳ; ନାରାୟଣ ପ୍ରସାଦ ଦେ, ବାମଡ଼ା ସମ୍ବଲପୁର; ନରସିଂହଚରଣ ମହାନ୍ତି, ମୋହରିର, ବାଲେଶ୍ୱର; ହରିଶ୍ଚନ୍ଦ୍ର ଘୋଷ, କମିଶ୍ନରୀ, କଟକ; ଅକ୍ଷୟ କୁମାର ଘୋଷ, କମିଶ୍ନରୀ, କଟକ; ଗୋକୁଳାନନ୍ଦ ଚୌଧୁରୀ, କଟକ; ଜଗଦାନନ୍ଦ ପଟ୍ଟନାୟକ, ଚନ୍ଦକା; ହେମଚନ୍ଦ୍ର ସରକାର, କଟକ; କିଶୋରୀଚରଣ ସେନ,

୪ର୍ଥ ଶ୍ରେଣୀ ଏକାଡ଼େମୀ, କଟକ; ଦୁର୍ଯ୍ୟୋଧନ ଦାସ, ୪ର୍ଥ ଶ୍ରେଣୀ ଏକାଡ଼େମୀ, କଟକ; କାମିନୀ ମୋହନ ରାୟ, ୩ୟ ଶ୍ରେଣୀ, କଟକ; ପରମାନନ୍ଦ ସାହୁ, ଏଲ୍.ଏ.କ୍ଲାଶ, କଟକ; ରାଧାମାଧବ ନାୟକ, ଏଣ୍ଟ୍ରାନ୍ସକ୍ଲାଶ ଏକାଡ଼େମି, କଟକ; ରଘୁନାଥ ଘୋଷ, ବାଖରାବାଦ; ମଣିଚରଣ ମହାପାତ୍ର ୪ର୍ଥ ଶିକ୍ଷକ, ଜିଲ୍ଲାସ୍କୁଲ, ବାଲେଶ୍ୱର; ବୈଷ୍ଣବଚରଣ ସରଖେଲ ୪ର୍ଥ ଶିକ୍ଷକ, ଜିଲ୍ଲାସ୍କୁଲ, ଯାଜପୁର; ଦୁର୍ଗାଚରଣ ପଟ୍ଟନାୟକ, ବଡ଼ମ୍ବା; ଗୋଲକ ପ୍ରସାଦ ସିଂହ, ଇନ୍‌ସ୍ପେକ୍ଟିଂ ପଣ୍ଡିତ, ଯାଜପୁର; ଭିକାରୀ ଚରଣ ପଟ୍ଟନାୟକ, ଇନିସ୍ପେକ୍ଟିଂ ପଣ୍ଡିତ, କୋରାଇ; ମଧୁସୂଦନ ମିତ୍ର, ହେଡ଼ମାଷ୍ଟର, ପୁରୁଷୋତ୍ତମପୁର; ଭାଗବତ ପ୍ରସାଦ ମହାପାତ୍ର, କଟକକଲେଜ; କୃଷ୍ଣମୋହନ ଦାସ, ପ୍ରିଣ୍ଟିଂ କୋମ୍ପାନୀ ଅଫିସ; ଗୋପାଳଚରଣ ବାନୁର୍ଯ୍ୟା, କଟକକଲେଜ; ରାଧାକାନ୍ତ ରାୟ ମହାଶୟ, କଟକ; ଗଗନବିହାରୀ ଚୌଧୁରୀ, କଟକକଲେଜ; ବଳରାମ ବୋଷ, ତହସିଲଦାର, ବାଙ୍କି; ଶେଖମହମ୍ମଦ ହନିଫ୍, କଟକ; ଶ୍ରୀ ରଘୁନାଥ ମିତ୍ର, କଟକ ଏକାଡ଼େମୀ; ସଦାନନ୍ଦ ଚନ୍ଦ୍ର, କଟକ; ରାମଲାଲ ଦାସ ଗୁପ୍ତ, ମୟୂରଭଞ୍ଜ; ଦ୍ୱାରିକା ନାଥ ଆଢ଼୍ୟ, ଶିକ୍ଷକ, ବାରବାଟି, ବାଲେଶ୍ୱର; କୃଷ୍ଣପ୍ରସାଦ କାନଗୋଇ, ବାଲେଶ୍ୱର; ଶିବନାରାୟଣ ପଟ୍ଟନାୟକ, ବାଲେଶ୍ୱର; ଉପେନ୍ଦ୍ରଦାସ ମହାପାତ୍ର, ବାଲେଶ୍ୱର; ଚୌଧୁରୀ ମଧୁସୂଦନଦାସ ମହାପାତ୍ର, ବାଲେଶ୍ୱର; ମହେନ୍ଦ୍ର ନାରାୟଣ ଦାସ, ବାଲେଶ୍ୱର; କୁଞ୍ଜବିହାରୀ ଦାସ, ବାଲେଶ୍ୱର; ବୈରାଗୀ ଚରଣ ଘୋଷ, ସଃଇଃ, ବାଲେଶ୍ୱର; ବାଳକୃଷ୍ଣ ଦାସ, ନୂଆହାଟ, ଚୌଧୁରୀବଜାର; ଶାମସନରାଉତ, କଟକ; ନାରାୟଣପ୍ରସାଦ ମିତ୍ର, କଟକ; ବାମନ ଦ୍ୱିବେଦୀ, କଟକ; ପୂର୍ଣ୍ଣାନନ୍ଦ ସିଂହ, କଟକ; ଉଇଲିୟମ ରାଉଲ, କଟକ; କୃପାନିଧି ସାହୁ, କଟକ; ଶ୍ରୀଯୁକ୍ତ ରାଜା ହିନ୍ଦୋଳ; ବାବୁ ବାଳକୃଷ୍ଣଦାସ, ନୂଆହାଟ, କଟକ; ଯଦୁନାଥ ସିଂହ, ଅନଗୁଳ; ଜୟକୃଷ୍ଣ ମହାପାତ୍ର, ଭଦ୍ରଖ; କୀର୍ତ୍ତିବାସ ସାହୁ, ଭଦ୍ରଖ, କୋହ୍ଲୋ; ଗୌରଚନ୍ଦ୍ର ସେନ, ଦେଓ୍ୱାନ୍, ରଣପୁର; ଅଚ୍ୟୁତାନନ୍ଦ ଦାସ, ପେସ୍କର, ରଣପୁର; ଶ୍ୟାମସୁନ୍ଦର ଦାସ, ଡାକ୍ତର, ରଣପୁର; ବାଳକୃଷ୍ଣ ମହାପାତ୍ର, ପ୍ରଥମ ଶିକ୍ଷକ, ରଣପୁର; ଗତିକୃଷ୍ଣ ମର୍ଦ୍ଦରାଜ ମହାପାତ୍ର ସିଂହ ସାମନ୍ତ, ରଣପୁର; କାଶୀନାଥ ନାୟକ, ଚୌଧୁରିବଜାର, କଟକ; ଦ୍ୱାରିକାନାଥ ଚକ୍ରବର୍ତ୍ତୀ, ନର୍ମାଲସ୍କୁଲ, କଟକ; ସୁଦର୍ଶନ ନନ୍ଦ, ୪ର୍ଥ ଶ୍ରେଣୀ ଏକାଡ଼େମୀ, କଟକ; ଭଗବାନଚନ୍ଦ୍ର ଦାସ, ନର୍ମାଲସ୍କୁଲ, ପ୍ରଥମ ଶିକ୍ଷକ, ଅନଗୁଳ; ଦ୍ୱାରିକାନାଥ ଘୋଷ, ସବ୍‌ଇନ୍‌ସ୍ପେକ୍ଟର, ଭଦ୍ରଖ; ପ୍ରିୟନାଥ ଘୋଷ, କମିଶନରି କଚେରି, କଟକ; ଗୋପବନ୍ଧୁ ପଟ୍ଟନାୟକ, କମିଶନରୀକଚେରୀ, କଟକ; ମଧୁସୂଦନ ମହାପାତ୍ର, କମିଶନରିକଚେରୀ,

କଟକ; ପଦ୍ମନାଭ ମିଶ୍ର, ଇଃପଃ, ଅନଗୁଳ; ଜଗନ୍ନାଥ ପଣ୍ଡା, ହେଡ୍‌ପଣ୍ଡିତ, ବାଲିକୁଦା; କୃଷ୍ଣମୋହନ ମୁଖୁର୍ଜି; ବଂଶୀଧର ମହାପାତ୍ର, ୨ୟ ଶିକ୍ଷକ, ଯାଜପୁର; ନୀଳମଣି ମିଶ୍ର, ୩ୟ ଶିକ୍ଷକ, ଯାଜପୁର; ଆଦ୍ୱୈତ ବଲ୍ଲଭ ରାୟ, ଜମିଦାର, ଯାଜପୁର; ଶ୍ରୀଧର ବଲ୍ଲଭରାୟ, ଜମିଦାର, ଯାଜପୁର; ଆନନ୍ଦ ବଲ୍ଲଭ ମିତ୍ର, ଯାଜପୁର; ବାବୁ ନନ୍ଦଲାଲ ଘୋଷ, ବାଖରାବାଦ; ଲକ୍ଷ୍ମଣ ନନ୍ଦ, ମହାସିଂହପୁର ସ୍କୁଲ; ମୁକୁନ୍ଦପ୍ରସାଦ ମହନ୍ତି କାନୁନ୍‌ଗୋ; ଶିବଚନ୍ଦ୍ର ବଳ, ବାଲିଖଣ୍ଡ ସ୍କୁଲ; କୃଷ୍ଣକାନ୍ତ ମହାପାତ୍ର ଜମିଦାର, ରୁକୁଣାଦେଇପୁର; ବ୍ରଜବିହାରୀ ଚକ୍ରବର୍ତ୍ତୀ, ଗଞ୍ଜା; ମନ୍ଦରଧର ଦାସ, କନକପୁରସ୍କୁଲ; ଗୋଲକ ପ୍ରସାଦ ସିଂହ, ଇଃପଣ୍ଡିତ, ଯାଜପୁର; ବ୍ରଜରାଜଦାସ, ଯୁବରାଜସ୍କୁଲ, ଢେଙ୍କାନାଳ; ଦର୍ପନାରାୟଣଦାସ, କମିଶନରୀକଚେରୀ; ଖଡିସାହୁ, କମିଶନରୀକଚେରୀ; ଜଗମୋହନ ସାହୁ, କମିଶନରୀ କଚେରୀ; ଜୟକୃଷ୍ଣ ନନ୍ଦ, ଜଗତ୍‌ସିଂହପୁର ସ୍କୁଲ; ଗଦାଧର ତ୍ରିପାଠୀ, ନରମାଲସ୍କୁଲ; ବାବୁରାଧାନାଥ ରାୟ, କଟକ; ହରିବଲ୍ଲଭ ବୋଷ, କଟକ; ଜଗନ୍ମୋହନ ଲାଲ, କଟକ; ଜାନକୀନାଥ ଘୋଷ, କଟକ; ସୁଦର୍ଶନ ନନ୍ଦ, ଏକାଡ଼େମୀ, କଟକ; ରଘୁନାଥ ମିତ୍ର, ଏକାଡ଼େମୀ, କଟକ; ହରେକୃଷ୍ଣ ପତି, ଅସୁରେଶ୍ୱରସ୍କୁଲ; ଗଣେଶ୍ୱର ଦାସ, ହେଡ଼ପଣ୍ଡିତ, କୃଷ୍ଣାନନ୍ଦପୁର ସ୍କୁଲ; କୃଷ୍ଣଚନ୍ଦ୍ର ରାୟ, କମିଶ୍ନରୀ; ଉଇଲିୟମ ରାଉଳ, କମିଶ୍ନରୀ; ବାବୁ ଜାନକୀନାଥ ବସୁ, କଟକ; ଗୌରମୋହନ ରାୟ, କଟକ; ଉପେନ୍ଦ୍ରନାଥ କର, ଉଦୟପୁର ସ୍କୁଲ; ପ୍ରବୋଧଚନ୍ଦ୍ର ରାୟ, ବାଲେଶ୍ୱର; ଶ୍ରୀଯୁକ୍ତ କନିକାର ରାଜା; ବାବୁ ଅବିନାଶ ଚାଟୁର୍ଯ୍ୟା; ଯୋଗେଶ ଚନ୍ଦ୍ର ରାୟ; ନୀଳମଣି ଚାନ୍ଦ ଦେ; କାମିନୀ ମୋହନ ରାୟ; ସପ୍ତେଶ୍ୱର ପଣ୍ଡା, ମେଡ଼ିକାଲସ୍କୁଲ୍; ଗୋବିନ୍ଦ ବଲ୍ଲଭ ରାୟ, ମହାଶୟ, ଭଦ୍ରଖ; ଉପେନ୍ଦ୍ରନାଥ ମୈତ୍ର; କଟକ; ବଳରାମ ଦାସ, କଟକ, ଦୁର୍ଗାଦାସ ମୁଖୁର୍ଯ୍ୟା, କଟକ; ରାମଲାଲ ଦାସଗୁପ୍ତ, ମୟୁରଭଞ୍ଜ; ମଦନମୋହନ ଦାସ, କେନ୍ଦ୍ରାପଡ଼ା; ଆନନ୍ଦଲାଲ ଦାସ, ଜୟପୁର; ଲାଲବେହାରି ରାୟ, ଜେନାପୁର; ଜୀବନକୃଷ୍ଣ ସେନ, କଟକ; ଗୋପୀମୋହନ ସେନ, କଟକ; ଉଇଲିୟମ ରାଉଳ; ଗୋପବନ୍ଧୁ ପଟ୍ଟନାୟକ।''

ଏମାନଙ୍କ ମଧ୍ୟରୁ କେତେକ ସମସାମୟିକ ଭାବେ ସାହିତ୍ୟ ଓ ପାଠ୍ୟପୁସ୍ତକ ରଚନାରେ ଲେଖନୀ ଚାଳନ କରୁଥିଲେ । କିନ୍ତୁ ଅନ୍ୟ ଯେଉଁ କେତେଜଣଙ୍କୁ ପରବର୍ତ୍ତୀ ସମୟରେ ଆମେ ସାହିତ୍ୟ ସୃଷ୍ଟିରେ ହାତ ଦେଇଥିବା ଲକ୍ଷ୍ୟକରୁ ସେମାନେ ଆଲୋଚ୍ୟ ପତ୍ରିକାଟିଦ୍ୱାରା କିଛି ପରିମାଣରେ ପ୍ରୋତ୍ସାହିତ ଓ ଅନୁପ୍ରେରିତ ହୋଇଥିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଗ୍ରାହକ ତାଲିକାରେ ଯେଉଁ ଶିକ୍ଷକ ଓ ଛାତ୍ରମାନଙ୍କର

ନାମ ଦେଖିବାକୁ ମିଳେ ସେମାନଙ୍କ ମଧ୍ୟରୁ କିଛି ଜଣଙ୍କ ଦ୍ୱାରା ସମସାମୟିକ ଓ ପରବର୍ତ୍ତୀ ଓଡ଼ିଆଭାଷା ଓ ସାହିତ୍ୟର ବିକାଶ ସଂଘଠିତ ହୋଇପାରିଛି, କହିବା ବାହୁଲ୍ୟ ମାତ୍ର ।

## (୩)

ଊନବିଂଶ ଶତାବ୍ଦୀର ଅଧିକାଂଶ ପତ୍ରପତ୍ରିକା ପରି "ପ୍ରଦୀପ"ର ମଧ୍ୟ ପ୍ରଚ୍ଛଦ ପଟ ଉପରେ ପ୍ରଦତ୍ତ ବିଷୟ ବସ୍ତୁ ତାଲିକାରେ ଲେଖକମାନଙ୍କର ନାମ ଦିଆଯାଉନଥିଲା । କିନ୍ତୁ ଏଥିରେ ପ୍ରକାଶିତ କେତୋଟି ରଚନାର ଶେଷରେ କିଛି ଲେଖକ ନିଜର ନାମ ପ୍ରକାଶ କରିବାରେ କାର୍ପଣ୍ୟ କରିନାହାନ୍ତି । ଲେଖକମାନେ ନିଜ ନାମ ଗୋପନ ରଖିବା, ଛଦ୍ମନାମରେ ନିଜକୁ ପରିଚିତ କରାଇବା, ନାମର କେବଳ ଆଦ୍ୟ ଅକ୍ଷରର ସୂଚନାଦେବା, ନାମକୁ କ୍ଷୁଦ୍ରରେ ଇଁରେଜୀ ବର୍ଣ୍ଣମାଳାର ଅକ୍ଷରଦ୍ୱାରା ପ୍ରକାଶ କରିବା ଏବଂ ରଚନା ଶେଷରେ କେବଳ 'ଶ୍ରୀ'—ଲେଖିବା ପ୍ରଥାକୁ ବ୍ୟଙ୍ଗ କରି 'ଉତ୍କଳଦର୍ପଣ'ର 'ପ୍ରେରିତ' ଶିରୋନାମାରେ ଭଦ୍ରକର ଜଣେ 'ସଦାବସମ୍ବଦ ସାହିତ୍ୟାନୁରାଗୀ'ଙ୍କ ପତ୍ରର ଉତ୍ତର ଦେଇ ଏକବର୍ଷ ମଧ୍ୟରେ କିପରି ଲେଖକୀୟ ଖ୍ୟାତି ଅର୍ଜନ କରାଯାଇପାରିବ ସେ ସଂପର୍କରେ ସଂପାଦକ ଲେଖିଛନ୍ତି—

> "ତୁମ୍ଭେ ଯେ ଲେଖକ ହେବାକୁ ବ୍ରତୀ ହୋଇଅଛ ଏ ସମ୍ବାଦ ମୋହର ବଡ଼ ପ୍ରୀତିକର ଅଟେ । ମୋହର ଏକାନ୍ତ ବାଞ୍ଛା ତୁମ୍ଭକୁ ଶୀଘ୍ର ଲବ୍ଧ ପ୍ରତିଷ୍ଠ ଦେଖିବି । ମୋତେ ଉପଦେଶ ପ୍ରାର୍ଥନା କରିଅଛ । ମୁଁ ସେ ବିଷୟରେ ସ୍ୱୟଂ ପଟୁ ନୁହେ, ମାତ୍ର ଦେଶର ରୀତିଗତି ଦେଖି ଯାହା ଜ୍ଞାତ ହୋଇଅଛି ତଦନୁଯାୟୀ ତୁମ୍ଭର ମଙ୍ଗଳ ଓ ଉତ୍କର୍ଷ ସାଧନ ନିମନ୍ତେ ନିମ୍ନ କଥା ଗୁଡ଼ିକ ଲେଖୁଅଛି । ସେ କଥା ଗୁଡ଼ିକ ଅନୁସରି ଚଳିଲେ ଦଶବର୍ଷର ଖ୍ୟାତି ବର୍ଷକରେ ମିଳିବ ।
>
> ଏକା ବେଳକେ ପୁସ୍ତକ ରଚନାରେ ପ୍ରବୃତ୍ତ ହେବାର ଭଲନୁହେଁ । ସମ୍ବାଦପତ୍ରିକା ନବଲେଖକଙ୍କର ବ୍ୟାୟାମ ସ୍ଥଳୀ । ତେଣୁ ସମ୍ବାଦ ପତ୍ରରେ ପ୍ରବନ୍ଧ ଲେଖିବାର ଅଭ୍ୟାସକର ।
>
> × × × ×
>
> ପ୍ରବନ୍ଧ ତଳେ ଆପଣା ନାମ ସଂପୂର୍ଣ୍ଣ ଲେଖିବ ନାହିଁ । କେବଳ ନାମର ଓ ସଂଜ୍ଞାର ପ୍ରଥମ ଅକ୍ଷର ଲେଖିବ । ସେହି ଅକ୍ଷର ଗୁଡ଼ିକ ଇଂରାଜୀରେ ଲେଖିଲେ ଆହୁରି ପୁରୁଷାର୍ଥ ହେବ । ଇଂରାଜୀବର୍ଣ୍ଣମାଳା ଜଣା ନ ଥିଲେ ନିଜନାମ ଓ ପଦର ପ୍ରଥମ ଅକ୍ଷର ଶୀଘ୍ର ଶିଖି ପ୍ରତ୍ୟେକ ପ୍ରବନ୍ଧ ତଳେ ସେହି ଅକ୍ଷର ମାନଦେବ ।

ଓଡ଼ିୟାରେ ସମଗ୍ର ନାମ ଦେଲେ ତୁମ୍ଭର ଇଂରାଜୀରେ ଅନଭିଜ୍ଞତା ପ୍ରକାଶହେବ । ଓଡ଼ିୟାରେ ଯେବେ ସାଠରେ ସ୍ୱାକ୍ଷର କରିବ ସେଥିରେ ବରଂ କିଂଚିତ୍ ପ୍ରତିଷ୍ଠାର ସମ୍ଭାବନା । ମାତ୍ର ଇଂରାଜୀରେ ସାଠରେ ଦସ୍ତଖତ କଲେ ନିକଟରେ ନହେଉ, ଦୂରରେ ଜଣେ ଇଂରାଜୀ ଭାଷାବିତ୍ ବୋଲି ପରିଚିତ ହେବ । ସାଠରେ ଦସ୍ତଖତ କରିବାର ଆହୁରି ଗୋଟିଏ ଉପକାର ଅଛି । ସାଠରେ ଦସ୍ତଖତ କଲେ ଲେଖକଙ୍କୁ ଜାଣିବା ନିମନ୍ତେ ପାଠକଙ୍କର ଆଗ୍ରହ ଜାତ ହୁଏ, ତେଣୁ ତୁମ୍ଭକୁ ଜାଣିବା ନିମନ୍ତେ ସମସ୍ତେ ଅନୁସନ୍ଧିତ୍ସୁ ହେବେ ।'' (ଭା ୧/୪; ଗିରି; ପୃଷ୍ଠା ୧୧୭)

ତଥାପି ବିଂଶ ଶତାବ୍ଦୀର ବହୁବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପତ୍ରପତ୍ରିକାରୁ ଏପ୍ରଥା ବିଲୋପ ହୋଇନଥିଲା । ସେଥିପାଇଁ 'ପ୍ରଦୀପ'ର ଲେଖକମାନେ ନିଜନାମକୁ ଗୋପନ ରଖିବାରେ ଅସ୍ୱାଭାବିକତା କିଛି ନାହିଁ ।

'ପ୍ରଦୀପ'ର ଏକ ବିଶେଷତ୍ୱ ହେଉଛି ଯେ ଏହାର ଏକ ନିର୍ଦ୍ଦିଷ୍ଟ ଲେଖକ ଗୋଷ୍ଠୀଥିଲା । ବିଭିନ୍ନ ସଂଖ୍ୟାର ପ୍ରଚ୍ଛଦ ପଛରେ ସେମାନଙ୍କ ନାମ ଉଲ୍ଲେଖ ଥିବା ଦେଖାଯାଏ । ପ୍ରଥମ ସଂଖ୍ୟାରେ ଯେଉଁ ତାଲିକା ଦିଆଯାଇଥିଲା ସେଥିରେ ଥିଲେ ନିମ୍ନଲିଖିତ ତେଇଶି ଜଣ ଲେଖକ ।

''ଶ୍ରୀଯୁକ୍ତ ମଧୁସୂଦନ ରାଓ, ଗୌରଚନ୍ଦ୍ର ସେନ, ନାରାୟଣ ପ୍ରସାଦ ମିତ୍ର, ଜୟକୃଷ୍ଣ ମହାପାତ୍ର, ଗୋବିନ୍ଦ ରଥ, ରାମଶଙ୍କର ରାୟ, ଗୋପାଳ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ, ମୃଗାଙ୍କଧର ରାୟ ଚୌଧୁରୀ, ହାରାଚାନ୍ଦ ଘୋଷ, ହାରାଧନ ରାୟ, ସାଧୁଚରଣ ରାୟ, ଅକ୍ଷୟ କୁମାର ଘୋଷ, ଅଭିନ୍ନ ନାୟକ, ମଣିଚରଣ ମହାପାତ୍ର, ଶରତଚନ୍ଦ୍ର ମୁଖୋପାଧ୍ୟାୟ, ଭୂପତି ନାଥ ବସୁ, ବନବିହାରୀ ପାଲିତ, ଗୋକୁଳାନନ୍ଦଚୌଧୁରୀ ବି.ଏ, ହରିଶ୍ଚନ୍ଦ୍ର ଘୋଷ ବି.ଏ, ଜଗନ୍ମୋହନ ଘୋଷ ବି.ଏ, ବ୍ରହ୍ମାନନ୍ଦ ଦାସ ବି.ଏ., ଗଣପତି ଦାସ ବି.ଏ, ବୈକୁଣ୍ଠ ନାଥ ଦତ୍ତ, ବି.ଏ. ।''

ଏହାର ପ୍ରଥମଭାଗ ଦ୍ୱିତୀୟ ସଂଖ୍ୟାରେ ଉଲ୍ଲିଖିତ ତାଲିକାରେ ରାଧାନାଥ ରାୟଙ୍କ ନାମ ସଂଯୋଜନା କରାଯାଇଛି । ପ୍ରଦତ୍ତ ତାଲିକାରୁ ଏହି ଲେଖକମାନଙ୍କ ବ୍ୟତୀତ ଅନ୍ୟ କାହାରି ରଚନା 'ପ୍ରଦୀପ' ପୃଷ୍ଠାରେ ପ୍ରକାଶ ପାଉନଥିବା ନିର୍ଦ୍ଧାରିତ ହୋଇପାରେ । କିନ୍ତୁ ପ୍ରଥମ ଖଣ୍ଡ ଚତୁର୍ଥ ସଂଖ୍ୟାରେ ତାଲିକାରେ ଅନ୍ତର୍ଭୁକ୍ତ ନଥିବା ଦାମୋଦର ପଟ୍ଟନାୟକଙ୍କ 'କପିଳାସ ଠାରୁ ବିଦାୟ' ପଦ୍ୟଟି ଏହାର ଏକ ବ୍ୟତିକ୍ରମ । ଏଥିରୁ ମନେହୁଏ ସଂପାଦକ ସମୟେ ସମୟେ ଅନ୍ୟାନ୍ୟ ଲେଖକଙ୍କ ରଚନାକୁ ମଧ୍ୟ ଏଥିରେ ସ୍ଥାନ ଦେଉଥିଲେ, ଏବଂ ରଚନା ଗୁଡ଼ିକ ଶେଷରେ ସେମାନଙ୍କ ନାମ ପ୍ରକାଶ ପାଉଥିଲା ।

ପତ୍ରିକାର ବିଭିନ୍ନ ସଂଖ୍ୟାରେ ଯେଉଁମାନଙ୍କ ରଚନା ପ୍ରକାଶ ପାଇଛି ସେମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ମଧୁସୂଦନ ରାଓ, ଜୟକୃଷ୍ଣ ମହାପାତ୍ର (ଶ୍ରୀ ଜଃ.କୃଃ.ମହାପାତ୍ର), ଗୋବିନ୍ଦ ରଥ, ସାଧୁଚରଣ ରାୟ, ମଣିଚରଣ ମହାପାତ୍ର (M.C.M) ଭୂପତିନାଥ ବସୁ, ହରିଶ୍ଚନ୍ଦ୍ର ଘୋଷ ନିଜ ରଚନା ଗୁଡ଼ିକର ଶେଷରେ ନାମ ପ୍ରକାଶ କରିବାପାଇଁ କୁଣ୍ଠାବୋଧ କରିନାହାନ୍ତି । ପ୍ରଥମ ଖଣ୍ଡ ସପ୍ତମ ସଂଖ୍ୟାରେ ପ୍ରକାଶିତ 'ବନ୍ଧୁତା' ପ୍ରବନ୍ଧର ଲେଖକ 'ଶ୍ରୀଅ–' ରୂପେ  ନିଜର ପରିଚୟ ଦେଇଥିବା ଯୋଗୁଁ ସେ ଅକ୍ଷୟ କୁମାର ଘୋଷ କି ଅଭିନ୍ନ ନାୟକ ଜାଣିବା ସମ୍ଭବପର ନୁହେଁ । ସୂଚନା, ପୁସ୍ତକ ସମାଲୋଚନା ଗୁଡ଼ିକ ସଂପାଦକ ବୈକୁଣ୍ଠ ନାଥ ଦତ୍ତଙ୍କ ଦ୍ୱାରା ଲିଖିତ ହେବା ସ୍ୱାଭାବିକ । ସେ ହାରାଚାନ୍ଦ ଘୋଷଙ୍କ ସହ ୧୮୯୨ ସାଲର 'ସର୍ଭେ ମେନୁଅଲ' ଅନୁବାଦ କରିଛନ୍ତି । କିନ୍ତୁ ଅନ୍ୟାନ୍ୟ ରଚନା ଗୁଡ଼ିକର ପିତୃତ୍ୱ ନିର୍ଦ୍ଧାରଣ କରିବା କଷ୍ଟସାଧ ।

ତାଲିକା ଅନ୍ତର୍ଭୁକ୍ତ ଲେଖକମାନଙ୍କ ମଧ୍ୟରୁ ରାଧାନାଥ ରାୟ, ମଧୁସୂଦନ ରାଓ ଏବଂ ରାମଶଙ୍କର ରାୟଙ୍କ ପରିଚୟ ଦେବା ଅନାବଶ୍ୟକ । ଗୋବିନ୍ଦ ରଥ ମଧ ସେ ସମୟର ଜଣେ ବିପ୍ଳବୀ ପୁରୁଷ । ତାଳପତ୍ର ପୋଥିରୁ ଉଦ୍ଧାର କରି ବହୁ ପ୍ରାଚୀନ ଗ୍ରନ୍ଥ ପ୍ରକାଶ କରିବା ସହିତ ନିଜେ ମଧ କଲିକତାବର୍ଣ୍ଣନ, କଟକ ଦର୍ଶନ, ମହାମେଳା ଦର୍ଶନ, ଲାଟଦର୍ଶନ, ଫ୍ୟୁଚର ସାହେବ, ପଦ୍ୟମଞ୍ଜରୀ, ବର୍ଣ୍ଣବୋଧକ ପରି ବହୁ ପଦ୍ୟ ଓ ଗଦ୍ୟ ରଚନା କରି ସେ ଓଡ଼ିଆ ସାହିତ୍ୟର ସମୃଦ୍ଧି ସାଧନା କରିଥିଲେ ।

ଗଣପତି ଦାସ ଜଣେ ବିଶିଷ୍ଟ ଚିନ୍ତାଶୀଳ ପ୍ରାବନ୍ଧିକ ଭାବେ ପରିଚିତ । ଉତ୍କଳ ପ୍ରଭାରେ ପ୍ରକାଶିତ 'ହିତବାଦ କି' ? 'ଉତ୍କଳ ସାହିତ୍ୟ', 'ମୁକୁର' ପତ୍ରିକାରେ ପ୍ରକାଶିତ 'ଉତ୍କଳ ସାହିତ୍ୟର ଉନ୍ନତି', 'ହିନ୍ଦୁଧର୍ମତତ୍ତ୍ୱ' ପ୍ରଭୃତି ଦୀର୍ଘପ୍ରବନ୍ଧ ତାଙ୍କ କୃତିତ୍ୱର ପରିଚାୟକ ।

ବ୍ରହ୍ମାନନ୍ଦ ଦାସ ବିଭିନ୍ନ ପତ୍ର ପତ୍ରିକାରେ କିଛି ପ୍ରବନ୍ଧ ରଚନା କରି ସାହିତ୍ୟିକ ଭାବେ ପରିଚିତି ଲାଭ କରି ଆସୁଥିବା ବେଳେ ସାହିତ୍ୟ କ୍ଷେତ୍ରରୁ ବିଦାୟନେଇ ଓକିଲାତିରେ ମନୋନିବେଶ କରିଥିଲେ । ଉତ୍କଳସମ୍ମିଳନୀ ସହିତ ତାଙ୍କର ସୁସଂପର୍କ ରହିଥିଲା ।

ସାଧୁଚରଣ ରାୟ ଥିଲେ "ଆଶା" (୧୮୮୮) ନବ-ସମ୍ବାଦ ପତ୍ରିକାର ସଂପାଦକ । ପ୍ରବନ୍ଧ ଓ କବିତା ରଚନାରେ ତାଙ୍କର ସୁଖ୍ୟାତି ଥିଲା । ଭାବନା, ସଂଗୀତ, ସାଧନା, ପୁଷ୍ପାଞ୍ଜଳି ତାଙ୍କର କେତୋଟି କବିତା ସଂଗ୍ରହ । ଏହା ବ୍ୟତୀତ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ଭାବେ ତତ୍କାଳୀନ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ବହୁ ପ୍ରବନ୍ଧ

ତାଙ୍କୁ ପ୍ରତିଷ୍ଠା ପ୍ରଦାନକରିଛି । ୧୭ ବର୍ଷ ବୟସରୁ ସେ ବ୍ରାହ୍ମଧର୍ମରେ ଦୀକ୍ଷିତହୋଇ ଆଜୀବନ ଏହାର ପ୍ରସାର ଓ ପ୍ରଚାର ଦିଗରେ ବ୍ରତୀ ଥିଲେ ।

ମଣିଚରଣ ମହାପାତ୍ରଙ୍କ ଦୁଇଟି କାବ୍ୟ ତାଙ୍କ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ସମନ୍ୱୟ ପ୍ରଚେଷ୍ଟାର ପରିଚୟ ଦେଇଥାଏ । 'ବ୍ରଜବନ୍ଧୁ ବିରହ' ପ୍ରାଚୀନ ରାଗରାଗିଣୀ ସମନ୍ୱିତ ଏବଂ 'ସୁରଲକ୍ଷ୍ମୀ' ଅମିତ୍ରାକ୍ଷର ଛନ୍ଦରେ ମିଲଟନ୍‌ଙ୍କ ଅନୁସରଣରେ ଲିଖିତ । ଆଲୋଚ୍ୟ ପତ୍ରିକାରେ 'ଜୟପାଳଙ୍କ ଅଗ୍ନିପ୍ରବେଶ' କବିତାଟି ତାଙ୍କ କବିତ୍ୱ ଶକ୍ତିର ପରିଚାୟକ ।

ରାୟପ୍ରେସ୍‌ର ମ୍ୟାନେଜର ଭାବେ ଅଭିନ୍ନ ନାୟକ କେତୋଟି ପ୍ରାଚୀନ ଗ୍ରନ୍ଥ ସଂପାଦନା କରିବା ସହିତ ନିଜେ ପାଠ୍ୟପୁସ୍ତକ ରଚନାରେ ହାତ ଦେଇଥିଲେ । ଉପେନ୍ଦ୍ର ଭଞ୍ଜଙ୍କ ଛାନ୍ଦଭୂଷଣ ତାଙ୍କଦ୍ୱାରା ସଂଶୋଧିତ ହୋଇ ୧୮୯୧ରେ ପ୍ରକାଶ ପାଇଥିଲା । ସେ ମଧ୍ୟ 'ଉତ୍କଳ ମଧୁପ' ପତ୍ରିକାର ୨ୟ ବର୍ଷଠାରୁ ଥିଲେ ସହକାରୀ ସଂପାଦକ ।

ହାରାଧନ ରାୟଙ୍କଦ୍ୱାରା ରଚିତ ଏକମାତ୍ର ପଦ୍ୟପୁସ୍ତକ ନବ୍ୟସଭ୍ୟ ଚରିତ୍ର (୧୮୭୩) ପ୍ରକାଶ ପାଇଥିବା ଶ୍ରୀଧର ମହାପାତ୍ରଙ୍କ 'ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ' ଗ୍ରନ୍ଥରୁ ଜଣାଯାଏ ।

ଅକ୍ଷୟ କୁମାର ଘୋଷ କଟକ ପ୍ରିଣ୍ଟିଂ କଂପାନୀରୁ କେତୋଟି ସ୍ତୁତିସ୍ତୋତ୍ର ପ୍ରକାଶ କରିବା ସହିତ ନିଜେ କେତୋଟି ଥିଏଟର ସଂଗୀତ ରଚନା କରିଥିବା ଶ୍ରୀଧର ମହାପାତ୍ରଙ୍କ ଉଲ୍ଲିଖିତ ପୁସ୍ତକରୁ ଜାଣିହୁଏ । ସେ ଶ୍ରୀକୃଷ୍ଣ ମହାପାତ୍ରଙ୍କ ସହିତ ଇଂରେଜୀ ଓଡ଼ିଆ ଦ୍ୱିଭାଷିକ ପୁସ୍ତକଟିଏ ରଚନା କରିଛନ୍ତି ।

ଜୟକୃଷ୍ଣ ମହାପାତ୍ର 'ପ୍ରଦୀପ'ର ପରବର୍ତ୍ତୀ ସମୟରେ ମଧ୍ୟ ବିଭିନ୍ନ ପତ୍ରପତ୍ରିକାରେ ବହୁ କବିତା ଓ ପ୍ରବନ୍ଧ ପ୍ରକାଶ କରି ନିଜ ସାରସ୍ୱତ କୃତିତ୍ୱର ସ୍ୱାକ୍ଷର ଛାଡ଼ିଯାଇଛନ୍ତି ।

ହରିଶ୍ଚନ୍ଦ୍ର ଘୋଷ, ଭୂପତିନାଥ ବସୁ, ବୈକୁଣ୍ଠ ନାଥ ଦତ୍ତ ସାମୟିକ ଭାବେ ଅନୁବାଦ ଓ ସାହିତ୍ୟ ସୃଷ୍ଟିରେ ହାତ ଦେଇଥିଲେ ସୁଦ୍ଧା ସାହିତ୍ୟିକ ଭାବେ ପରିଚିତି ଅର୍ଜନ କରିପାରିନାହାନ୍ତି ।

ନାରାୟଣ ପ୍ରସାଦ ମିତ୍ର ନାଟକ ରଚନା ପାଇଁ ପ୍ରୟାସ କରିଛନ୍ତି । ପାରିଜାତ ବୋଧ ହୁଏ ତାଙ୍କର ଏକମାତ୍ର ପ୍ରକାଶିତ ନାଟକ । ଅନ୍ୟଗୁଡ଼ିକ ହୁଏତ ମଞ୍ଚସ୍ଥ ହୋଇ ପାଣ୍ଡୁଲିପି ମଧ୍ୟରେ ହିଁ ରହିଯାଇଛି ।

ଭୂପତି ନାଥ ବସୁ କିଛି ସମୟ ପାଇଁ ସାଧୁଚରଣ ରାୟଙ୍କ ଦ୍ୱାରା ପ୍ରକାଶିତ 'ନବସଂବାଦ' ସାପ୍ତାହିକର ସଂପାଦକ ଥିଲେ । କବିତା ରଚନାରେ ତାଙ୍କର ଆଗ୍ରହ ଥିଲା । 'କବିତା କୁସୁମ' ତାଙ୍କ ସଂକଳିତ ଏକ ପଦ୍ୟ ପୁସ୍ତକ । ଚକ୍ରଧର ଆଚାର୍ଯ୍ୟଙ୍କ

ସହଯୋଗରେ ସେ ଏକ ପୁସ୍ତକ ପ୍ରତିଷ୍ଠାନ ପ୍ରତିଷ୍ଠା କରି ଓଡ଼ିଆ ସାହିତ୍ୟର ପ୍ରସାର ପାଇଁ ଉଦ୍ୟମ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରୁ ବୈକୁଣ୍ଠ ନାଥ ଦତ୍ତ ଥିଲେ 'ପ୍ରଦୀପ'ର ସଂପାଦକ । ଏବଂ ହରଶ୍ଚନ୍ଦ୍ର ଘୋଷ, ଶରତ ଚନ୍ଦ୍ର ମୁଖୋପାଧ୍ୟାୟ, ବନ ବିହାରି ପାଲିତ୍, ଗୋକୁଳାନନ୍ଦ ଚୌଧୁରୀ ବେଳେ ବେଳେ କିଛି ଲେଖୁଥିଲେ ସୁଦ୍ଧା ପରେ ଓକିଲାତି କରିବା ସହ ଉତ୍କଳ ସମ୍ମିଳନୀର ଆରମ୍ଭରୁ ସଂକ୍ରୀୟ ସଭ୍ୟ ରୂପେ କାର୍ଯ୍ୟ କରିଛନ୍ତି , ଏହାର ବିଭିନ୍ନ ସମିତିରେ ସଭ୍ୟ ରହିଛନ୍ତି ଏବଂ ନିର୍ଦ୍ଧାରଣ ଗୁଡ଼ିକର ପ୍ରସ୍ତାବକ ଓ ଅନୁମୋଦକ ଭାବେ ସମ୍ମିଳନୀକୁ ଦିଗ୍‌ଦର୍ଶନ ଦେଇଛନ୍ତି । (ଉତ୍କଳ ସମ୍ମିଳନୀ ୧୯୦୩-୧୯୩୬ : ଦେବେନ୍ଦ୍ର କୁମାର ଦାଶ)

୧୮୮୫ ମସିହା ବେଳକୁ ଶିକ୍ଷାବିଭାଗର କିଛି କର୍ମକର୍ତ୍ତା, କିଛି ଶିକ୍ଷକ ଏବଂ ଆଉକିଛି ଉଦୀୟମାନ୍ ଯୁବକ ଅତୀତର ବିଫଳତାକୁ ପଛରେ ପକାଇ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ଇ ପ୍ରତିଷ୍ଠା ପାଇଁ ଯେଉଁ ସାଗ୍ରହ ପଦକ୍ଷେପ ନେଇଛନ୍ତ, ତାହା ନିଶ୍ଚିତ ରୂପେ ଅଭିନନ୍ଦନୀୟ । ଏମାନଙ୍କ ଦେଶ, ଜାତି, ସାହିତ୍ୟ ପ୍ରତି ଅଙ୍ଗୀକାର ବଦ୍ଧତା, ବଂଗଳା ସାହିତ୍ୟ ସହ ଓଡିଆ ସାହିତ୍ୟକୁ ସମକକ୍ଷ କରିବାର ପ୍ରତିଜ୍ଞା ଏବଂ ସର୍ବୋପରି ଏମାନଙ୍କ ଯୁବସୁଲଭ ଉନ୍ମାଦନାର ଅମୃତମୟ ଫଳ ତ ''ପ୍ରଦୀପ'' !

୧ ମ ଖଣ୍ଡ ୧ମ ସଂଖ୍ୟା

# ପ୍ରଦୀପ ।


ମାସିକପତ୍ର ଓ ସମାଲୋଚନ ।

---

ଜାନୁୟାରୀ ସନ ୧୮୮୫ ମସିହା ।

---

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)



| | ବିଷୟ | ପୃଷ୍ଠା |
|---|---|---|
| ୧ । | ସୂଚନା ... ... | |
| ୨ । | ପ୍ରଦୀପ [ପଦ୍ୟ] ... ... | |
| ୩ । | ଅନନ୍ତ—ଆମ୍ଭମାନଙ୍କର ଆଦର୍ଶ ... ... | |
| ୪ । | ମଠର ସମ୍ବାଦ ... ... | |
| ୫ । | ସ୍ତ୍ରୀଜାତି ... ... | |
| ୬ । | ବିଜ୍ଞାନର କାର୍ଯ୍ୟକ୍ଷେତ୍ର ... ... | |
| ୭ । | ଜୀବନ କି ଅସାର ? ... ... | |


***


କଟକ

Printed by the Cuttack Printing Company.

ଯୋଗାଇବେ ସବୁ ସାଧାରଣ ଜନ
ଚାହିଁଲେ ଦେବେ ଅର୍ଥ ଯାହା ପ୍ରୟୋଜନ
ନ ହେବ ଅଭାବ ସେ ଉତ୍କଳଗଣ
ଆପଣିଆ ହେବ ତେଜପୁଞ୍ଜମାନ ।

୭

ବୋଲେ ତେ ପ୍ରଦୀପମାଳଙ୍କ ସକଳ
ଅଛନ୍ତି ତୁମ୍ଭର ନନ୍ଦନ ପ୍ରବଳ
ତୁମ୍ଭର ଉଦ୍ୟମ ନୋହିବ ବିଫଳ
ଏ ବାସନା ସଦା କରନ୍ତି ମନେ ।
ମୁଁ ବୋଲେ ତଣ୍ଡୁଳ କଲେ ଉପାର୍ଜନ
ତନ୍ତୁ ଲୁଣ୍ଡା ସବୁ କରି ବିସର୍ଜନ
ମନେ ନ ଧରିବ ହେ ସବୁ ତନଜ
ସ୍ୱତ୍ୱ ଅର୍ଜ୍ଜନା ଯଶ ଯେସନେ ।

୮

ଶୁଣ ହେ ସବୁ ଉତ୍କଳସନ୍ତାନ
ନହେଲେ ପ୍ରଦୀପ ହେବ ଅପମାନ
ଯେ ଘରେ ନାହିଁ ରେ ପ୍ରଦୀପ ପ୍ରଧାନ;
ସେ ଘର କି ଘର ତିମିରମୟ ।
କୁଳଦୀପ ଏହା ଗୃହକୁ ସୁନ୍ଦର
କୁଳପୁତ୍ର ଯେତେ ବଂଶଶୋଭାକର
ଦୁହିଁଙ୍କର ଯୋଗ ଅତି ଶ୍ରେଷ୍ଠତର
ସେ ଘର ସର୍ବଦା ଆଲୋକମୟ ।

୯

ଏହି ଆଶୀର୍ବାଦ ଅଟେ ସାଧୁଜନ
କରୁ ଏ ପ୍ରଦୀପ ଆଲୋକ ବର୍ଷଣ
ଉତ୍କଳଭୂମିରେ ଟେକିବା ନିଶାଣ
ଉଚ୍ଚରବେ ଜୟ ଜୟ ଉଚ୍ଚାରି ।
ଉଠେ ପ୍ରତିଧ୍ୱନି ଜୟ ଜୟ ଜୟ
ଚିନ୍ତା ନାହିଁ ଭୟ କର ମନ ଥୟ
ଜାଳି ଦେଇ ପ୍ରଦୀପ ଏହିଁ ଅକ୍ଷୟ
ସ୍ୱାଧୀନଭାବରେ ମତ ପ୍ରଚାରି ।

ଶ୍ରୀ ଗୋବିନ୍ଦରଥଶର୍ମା

---

## ଅନନ୍ତ—ଅମ୍ଭମାନଙ୍କର ଆଦର୍ଶ ।

ଏହି ସୃଷ୍ଟି କେମନ୍ତ ବୈଚିତ୍ର୍ୟମୟୀ ଏବଂ ଶୋଭାବିଳାସିନୀ ! ବିଶ୍ୱରଚୟିତାଙ୍କର ଅଭ୍ରାନ୍ତ ଅବିଶ୍ରାନ୍ତ ଅନାଦିରମଣୀୟ କାର୍ଯ୍ୟନିଚୟର ଏହା କେମନ୍ତ ଉପଯୁକ୍ତ ଲୀଳାଭୂମି ! ଅନନ୍ତଗଗନରେ ଗ୍ରହତାରାନକ୍ଷତ୍ରଦଳ କିରଣରାଶି ବର୍ଷଣ କରି କିପରି ଅମେୟ ବଳସଞ୍ଚାରେ ବିଚରଣ କରୁଅଛନ୍ତି ! ମେଘଦେହରେ ସୌଦାମିନୀ ଖେଳୁଅଛି, ପାଷାଣମୟ ପର୍ବତସଙ୍ଘ ଅଭ୍ରଭେଦୀମସ୍ତକ ଉତ୍ତୋଳନ କରିଅଛନ୍ତି, ପବନ ବହୁଅଛି, ଜଳରାଶି ପ୍ରବାହିତ ହେଉଅଛି, ପୁଷ୍ପଫଳାଭରଣା ଶ୍ୟାମଚ୍ଛବି ଉଦ୍ଭିଦ୍‌ଲକ୍ଷ୍ମୀ ଜଗତର ବକ୍ଷକୁ ଶୋଭିତ କରୁଅଛି, ପଶୁ ପକ୍ଷୀ କୀଟ ପ୍ରଭୃତି ଜୀବମଣ୍ଡଳୀ ଜୀବନସାଗରରେ ନିତ୍ୟ ସନ୍ତରଣ କରି ସଂସାରକୁ ଚଞ୍ଚଳ ବିଚିତ୍ର ଏବଂ କୋଳାହଳପୂର୍ଣ୍ଣ କରୁଅଛନ୍ତି । ମନୁଷ୍ୟ ବିସ୍ମୟସ୍ତମ୍ଭିତହୃଦୟରେ ଏହି ଭୌତିକ ବିଶ୍ୱରାଜ୍ୟର ଅଦ୍ଭୁତ ଲୀଳା ସନ୍ଦର୍ଶନ କରି ଗମ୍ଭୀରଚିନ୍ତାରେ ମଗ୍ନ ହେଉଅଛି । ଆକର୍ଷଣୀ, ତାଡ଼ିତ, ଆଲୋକ, ଉତ୍ତାପ, ଜୀବନଶକ୍ତି ପ୍ରଭୃତିର କାର୍ଯ୍ୟରେ ବିଧାତାଙ୍କ ମଙ୍ଗଳମୟୀ ଇଚ୍ଛା ଓ ଜ୍ଞାନପୂର୍ଣ୍ଣ ବିଧାନ ଦେଖି ମୋହିତ ହେଉଅଛି !

ଆଶ୍ଚର୍ଯ୍ୟାଭିଭୂତ ମନୁଷ୍ୟ ନିଜେ ସୃଷ୍ଟିର ଯାବତୀୟ ପଦାର୍ଥ ମଧ୍ୟରେ ସର୍ବାପେକ୍ଷା ଅଧିକ ଆଶ୍ଚର୍ଯ୍ୟୋତ୍ପାଦକ ଅଟେ । ଜଗତର ଚତୁର୍ଦ୍ଦିଗରେ ଯାହାକି ଦେଖୁ

## ସୂଚନା ।

ପାଶ୍ଚାତ୍ୟ ଶୃଙ୍ଖଳାବଦ୍ଧ ଶିକ୍ଷାପଦ୍ଧତି ଓ ଶାସନପ୍ରଣାଳୀର ପ୍ରଭାବରେ ଏହି ଜଡ଼ ନିର୍ଜୀବ ଓ ବିଷାଦପୂର୍ଣ୍ଣ ଭାରତବର୍ଷ ଏକ ନବୀନ ଓ ମୃତସଞ୍ଜୀବନୀ ଶକ୍ତିଦ୍ୱାରା ପ୍ରଣୋଦିତ ହୋଇ ଏକ ନବଜୀବନରେ ଉଜ୍ଜୀବିତ ହେଉଅଛି । ସେହି ଶକ୍ତିର ମହିମାରେ ଆଜି ଭାରତ ସନ୍ତାନମାନେ ଧୀରେ ଧୀରେ ପୂର୍ବବଳ ପୁନରୁପଚୟ କରି ପ୍ରାଚୀନ ଜଗନ୍ମାନ୍ୟ ଆର୍ଯ୍ୟ-ମନୀଗଣର ଉପଯୁକ୍ତ ବଂଶଧର ବୋଲି ପରିଚୟ ଦାନ କରୁଅଛନ୍ତି । ସେହି ପାଶ୍ଚାତ୍ୟ ବିମଳ ସଭ୍ୟତାର ମହନୀୟ ଗୁଣରେ ପୁନରୁଜ୍ଜୀବିତ ହୋଇ ଆଜି ବଙ୍ଗସନ୍ତାନମାନେ ସାହିତ୍ୟ ଆକାଶରେ ସୁବିମଳ ଓ ସୁସ୍ନିଗ୍ଧ ଆଲୋକରାଶି ବିକୀର୍ଣ୍ଣ କରି ପୂର୍ବତନ ଭାରତର ମହନୀୟ କୀର୍ତ୍ତି ଓ ଗୌରବଗରିମା ରକ୍ଷା କରୁଅଛନ୍ତି । ମାତ୍ର ଉତ୍କଳସନ୍ତାନମାନଙ୍କର ମାନସାକାଶରେ ଘନ ଦୁର୍ଭେଦ୍ୟ ତମସାନିବନ୍ଧନ ଜ୍ଞାନଚକ୍ଷୁର ଦୃଷ୍ଟିଶକ୍ତି ପରାଭୂତ ହୋଇ ସେମାନଙ୍କର ଅସୀମ ଅଭାବମାନ ସେହି ତିମିରଗର୍ଭରେ ଅଦୃଶ୍ୟ ଓ ଅପରିଜ୍ଞେୟ ହୋଇ ରହିଅଛି । ଯଦି ବାରେ ମାତ୍ର ସେହି ତମୋରାଶି ବିଦୂରିତ ହୋଇ କିଞ୍ଚିନ୍ମାତ୍ର ଆଲୋକ ପ୍ରବେଶ କରିପାରନ୍ତା; ଯଦି ବାରେ ମାତ୍ର ସେମାନଙ୍କର ଚିରନିମୀଳିତ ନୟନ ଉନ୍ମୀଳିତ ହୁଅନ୍ତା; ଯଦି ବାରେ ମାତ୍ର ସେମାନେ ଦେଖିପାରନ୍ତେ ଯେ ଚତୁଷ୍ପାର୍ଶ୍ୱସ୍ଥ ବହିର୍ଜଗତ କି ପ୍ରକାରେ ଉଜ୍ଜ୍ୱଳ ଆଲୋକରାଜିରେ ଆଲୋକିତ ଓ କିପ୍ରକାର ଅମୂଲ୍ୟ ଜ୍ଞାନରତ୍ନରେ ଅଳଂକୃତ; ଯଦି ବାରେ ମାତ୍ର ସେହି ସ୍ୱର୍ଗୀୟ ସୁବିମଳ ଆଲୋକ ଓ ଅପାର୍ଥିବ ରତ୍ନର ଅଭାବ ସେମାନଙ୍କଦ୍ୱାରା ଅନୁଭୂତ ହୁଅନ୍ତା; ଯଦି ବାରେ ମାତ୍ର ସେହି ଶୋଚନୀୟ ହୀନତା, ମନୁଷ୍ୟ ଆଖ୍ୟାର ଅଯୋଗ୍ୟତା ଓ ପଶୁଜଗତର ନୈକଟ୍ୟତା ସେମାନଙ୍କର ହୃଦୟଙ୍ଗମ ହୁଅନ୍ତା ତେବେ କାହାର ସାଧ ସେମାନଙ୍କର ଦୁର୍ଦ୍ଦମନୀୟା ବଳବତୀ ଜ୍ଞାନତୃଷ୍ଣା ନିବାରଣ କରେ ? କାହାର ସାଧ ପ୍ରଚଣ୍ଡ ଓ ବେଗବତୀ ଜ୍ଞାନଲାଭେଚ୍ଛାର ବେଗ ରୋଧ କରେ ? ତାହା ହେଲେ ଉତ୍କଳପୁତ୍ରମାନେ ଆମ ଜାତିର ନିମ୍ନତମ ଶ୍ରେଣୀରେ ଭୁକ୍ତ ନ ହୋଇ ଅନତିବିଳମ୍ବରେ ଉନ୍ନତି ସୋପାନ ଆରୋହଣ ପୂର୍ବକ ଉନବିଂଶ ଶତାବ୍ଦୀର ସଭ୍ୟଜଗତରେ ଏକ ଉନ୍ନତ ଆସନ ଅଧିକାର କରିପାରନ୍ତେ ।

ଏହି ଦୁର୍ଭେଦ୍ୟ ତମୋରାଶି ସମ୍ୟକ୍ ରୂପେ ଦୂରୀଭୂତ କରା ପ୍ରଦୀପର ଦୁର୍ବଳତାର ଉଦ୍ଦେଶ୍ୟ ନୁହେ, କାରଣ ଏରୂପ ଦୁରୂହ କାର୍ଯ୍ୟ ଅନନ୍ତବ୍ୟାପୀ ସୂର୍ଯ୍ୟଦେବଙ୍କର ପ୍ରଚଣ୍ଡ କିରଣମାଳା ବ୍ୟତୀତ କି କ୍ଷୀଣପ୍ରଭ ପ୍ରଦୀପର ସମ୍ଭବପର ହୋଇପାରେ ?

ମାତ୍ର ଘୋର ତିମିରାବୃତ, ସୁତରାଂ ଅଦ୍ୟାପି ଅଦୃଶ୍ୟ ସାହିତ୍ୟଜଗତରେ ଏହାର କ୍ଷୀଣ ଆଲୋକ ଦାନ କରି ଉତ୍କଳବାସିଙ୍କର ଅଭାବମାନ ଯଥାସାଧ ପ୍ରତ୍ୟକ୍ଷ କରାଇବା ଏବଂ ବିଦ୍ୟୋନ୍ନତି ସାଧନେଚ୍ଛା ଯତ୍କିଞ୍ଚିତ ଉଦ୍ଦୀପ୍ତ କରିବା ପ୍ରଦୀପର ଏକମାତ୍ର ପ୍ରଦୀପୋଚିତ ଉଦ୍ଦେଶ୍ୟ ଅଟେ ।

'ମଧୁପ' ମଧୁର ଅଭାବରେ ଇହଲୋକ ତ୍ୟାଗ କରିଅଛି ଜାଣି ଶୁଣି ସୁଦ୍ଧା ଆମ୍ଭେମାନେ ଦୁଃସାହସିକତାର ସହିତ ଏକ 'ପ୍ରଦୀପର' ସୃଷ୍ଟି କଲୁଁ, ପ୍ରଦୀପର ଏକ ଶୁଷ୍କବର୍ତ୍ତି ଭିନ୍ନ କିଛି ନାହିଁ । ଆଶା ଓ ସାହସ ଏହି ଯେ ପରମପାତା ପରମେଶ୍ୱରଙ୍କ କୃପା ଓ ଜନସାଧାରଣର ଦେଶହିତୈଷିତା ଓ ଉତ୍ସାହରୂପ ତୈଳଦ୍ୱାରା ପ୍ରଜ୍ୱଳିତ ହୋଇ ପ୍ରଦୀପ ସ୍ୱୀୟ ସାମାନ୍ୟ ଉଦ୍ଦେଶ୍ୟ ସାଧନରେ କୃତାର୍ଥତାକୁ ଲଭିବ ।

---

## ପ୍ରଦୀପ ।

୧

ଦୟାମୟ ପ୍ରଭୋ ଜଗତ-ଆଧାର
ତବ ପଦେ ଦେବ କୋଟି ନମସ୍କାର
ଏହି ଭିକ୍ଷା ସ୍ୱାମି ମାଗେ ବାର ବାର
 ପ୍ରଦୀପ ଜଳିବ ଉତ୍କଳ ଦେଶେ ।
ତୁମ୍ଭ ଆଶୀର୍ବାଦେ ଜଳୁ ଶିଖା ତାର
ନିର୍ବାଣ ନ ହେବ ଏହିମାତ୍ର ସାର
ଦୂର କରି ରାଶି ରାଶି ଅନ୍ଧକାର
 ଜଳିବ କେବଳ ତବ ଆଦେଶେ ।

୨

ଦିଅ ଦେବଦେବ ଏ ଅଭୟବର
ଯେ ସାହସେ ଏକା କରିଣ ନିର୍ଭର
ଲକ୍ଷ୍ୟ ଭେଦ କରି ଅରଜୁନ ବୀର
 ଦ୍ରୁପଦସୁତାଙ୍କୁ ଲଭିଲେ ରଣେ ।
ଯେଉଁ ସାହସରେ ବୀର ହନୁମାନ
ଜନକସୁତାଙ୍କୁ କଲେ ଅନ୍ୱେଷଣ
ସିନ୍ଧୁ ଲଘି ଗିରେ କରି ଉତ୍ତୋଳନ
 ସ୍ଥିର କଲେ ଲଙ୍କା ଅଶୋକବନେ ।

୩

ଯେ ବଳ ବିକ୍ରମ ସାହସକୁ ଧରି
କଲମ୍ବସ ବୀର ଚଳାଇଲେ ତରୀ
ସମୁଦ୍ର ତରଙ୍ଗ ଖଣ୍ଡ ଖଣ୍ଡ କରି
 ଆମେରିକା ଦେଶ ଦେଖିଲେ ଯାଇ ।
ସେ ସାହସ ହେଲେ କିଞ୍ଚିତେ ଆମ୍ଭର
ଭେଦି ନଦନଦୀ ପର୍ବତକନ୍ଦର
ଉତ୍କଳଭୂମିରେ ପ୍ରଦୀପ ପ୍ରଚାର
 ହୋଇବ ସାର୍ଥକ କଟକେ ଥାଇ ।

୪

କର୍ଲା ଏ ଉତ୍କଳେ ମଧୁପ ବିହାର
ସୁଗନ୍ଧ କୁସୁମ ଖୋଜି ବହୁତର
ନ ପାଇ ମରନ୍ଦ ଉଚିତ ଆହାର
 ଦେଖିଲା କେବଳ ପଳାଶ ବନ ।
ଦୁଃଖେ କ୍ଲେଶେ ଗଲା ଅନେକ ଦିବସ
ଭୋଗିଲା ଜୀବନେ ବହୁତ ହତାଶ

ମକରନ୍ଦ ପାନେ ନିତାନ୍ତ ନିରାଶ
ଶେଷେ ଅନ୍ତର୍ଦ୍ଧାନ ପ୍ରାଣପବନ ।

୫

ଶିବରାତ୍ରି ପରି କରି ଉଜାଗର
ଯଦ୍ୟପି ଏଠାରେ ଜାଳିବ ଜାଗର
କଠୋର ସାଧନା କରିବ ଅପାର
ତେବେ ଏ ପ୍ରଦୀପ ଅକ୍ଷୁଣ୍ଣଭାବେ ।
କ୍ରମେ ସେ ହୋଇବ ଜ୍ୟୋତିପରଧାନ
କରେ ମନେ ମୁହିଁ ଏହି ଅନୁମାନ
ଶିକ୍ଷିତ ସମାଜେ ପ୍ରାପ୍ତ ହେବ ସ୍ଥାନ
ଦେଶ ବିଦେଶରେ ସକଳଠାବେ ।

୬

ଏ ପ୍ରଦୀପେ ଭାଇ ଜ୍ଞାନର ଆଲୋକ
ପାଇବେ ଯେସନେ ଉତ୍କଳଭୂଲୋକ
ବିସ୍ମରିବେ ପଡ଼ି ପରିତାପ ଶୋକ
ତେସନେ କର ରେ ସଦା ଯତନ ।
ଯୋଗାଇବେ ସବୁ ସାଧାରଣ ଜନ
ତୈଳ ବତି ଆଦି ଯାହା ପ୍ରୟୋଜନ
ନ ହେବ ଅଭାବ ସେ ଉପକରଣ
ଦୀପଶିଖା ହେବ ଦେଦୀପ୍ୟମାନ ।

୭

ବୋଲେ ରେ ପ୍ରଦୀପଚାଳକ ସକଳ
ଅଛନ୍ତି ତୁମ୍ଭର ନିନ୍ଦୁକ ପ୍ରବଳ
ତୁମ୍ଭର ଉଦ୍ୟମ ନୋହିବ ସଫଳ
ଏ ବାସନା ସଦା କରନ୍ତି ମନେ ।
ମୁ ବୋଲେ ତଣ୍ଡୁଳ କଲେ ଉପାର୍ଜନ
ଚଷୁକୁଣ୍ଡା ସବୁ କରି ବିସର୍ଜନ
ମନେ ନ ଧରିବ ସେ ସବୁ ବଚନ
ଗୃହ ଆବର୍ଜନା ଛାଡ଼ି ଯେସନେ ।

୮

ଶୁଣ ଭାଇ ସବୁ ଉତ୍କଳସନ୍ତାନ
ଲିଭିଲେ ପ୍ରଦୀପ ହେବ ଅପମାନ
ଯେ ଘରେ ନାହିଁ ରେ ପ୍ରଦୀପ ପ୍ରଧାନ
ସେ ଘର କି ଘର ତିମିରମୟ ।
କୁଳଦୀପ ଏକା ଗୃହକୁ ସୁନ୍ଦର
କୁଳପୁତ୍ର ଯେହ୍ନେ ବଂଶ ଶୋଭାକର
ଦୁହିଙ୍କର ଯୋଗ ଅତି ଶ୍ରେଷ୍ଠତର
ସେ ଘର ସର୍ବଦା ଆଲୋକମୟ ।

୯

କର ଆଶୀର୍ବାଦ ଆହେ ସାଧୁଜନ
କରୁ ଏ ପ୍ରଦୀପ ଆଲୋକ ବର୍ଷଣ
ଉତ୍କଳଭୂମିରେ ଟେକିବା ନିଶାଣ
ଉଚ୍ଚରବେ ଜୟ ଜୟ ଉଚ୍ଚାରି ।
ଉଠେ ପ୍ରତିଧ୍ୱନି ଜୟ ଜୟ ଜୟ
ଚିନ୍ତା ନାହିଁ ଭାଇ କର ମନ ଥୟ
ଜାଳ ରେ ପ୍ରଦୀପ ଏହି ଅନୁନୟ
ସ୍ୱାଧୀନଭାବରେ ମତ ପ୍ରଚାରି ।

ଶ୍ରୀ ଗୋବିନ୍ଦ ରଥ ଶର୍ମା

# ଅନନ୍ତ – ଆମ୍ଭମାନଙ୍କର ଆଦର୍ଶ ।

ଏହି ସୃଷ୍ଟି କେମନ୍ତ ବୈଚିତ୍ର୍ୟମୟୀ ଏବଂ ଶୋଭାବିଳାସିନୀ ! ବିଶ୍ୱ-ରଚୟିତାଙ୍କର ଅଭ୍ରାନ୍ତ ଅବିଶ୍ରାନ୍ତ ଅନତିକ୍ରମଣୀୟ ନିୟମନିଚୟର ଏହା କେମନ୍ତ ଉପଯୁକ୍ତ ଲୀଳାଭୂମି ! ଅନନ୍ତ ଗଗନରେ ଗ୍ରହ-ତାରା-ନକ୍ଷତ୍ରଦଳ କିରଣରାଶି ବର୍ଷଣ କରି କିପରି ଅମେୟ ବଳସହକାରେ ବିଚରଣ କରୁଅଛନ୍ତି ! ମେଘ ଦେହରେ ସୌଦାମିନୀ ଖେଳୁଅଛି, ପାଷାଣମୟ ପର୍ବତରାଜି ଅଭ୍ରଭେଦୀ ମସ୍ତକ ଉତ୍ତୋଳନ କରିଅଛନ୍ତି, ପବନ ବହୁଅଛି, ଜଳରାଶି ପ୍ରବାହିତ ହେଉଅଛି, ପୁଷ୍ପଫଳାଭରଣା ଶ୍ୟାମଚ୍ଛବି ଉଦ୍ଭିଦଲକ୍ଷ୍ମୀ ଜଗତର ବକ୍ଷକୁ ଶୋଭିତ କରୁଅଛି, ପଶୁ ପକ୍ଷୀ କୀଟ ପ୍ରଭୃତି ଜୀବମଣ୍ଡଳୀ ଜୀବନସାଗରରେ ନିତ୍ୟ ସନ୍ତରଣ କରି ସଂସାରକୁ ଚଞ୍ଚଳ ବିଚିତ୍ର ଏବଂ କୋଳାହଳପୂର୍ଣ୍ଣ କରୁଅଛନ୍ତି । ମନୁଷ୍ୟ ବିସ୍ମୟସ୍ତମ୍ଭିତ ହୃଦୟରେ ଏହି ଭୌତିକ ବିଶ୍ୱରାଜ୍ୟର ଅଦ୍ଭୁତ ଲୀଳା ସନ୍ଦର୍ଶନ କରି ଗମ୍ଭୀର ଚିନ୍ତାରେ ମଗ୍ନ ହେଉଅଛି । ଆକର୍ଷଣ, ତାଡ଼ିତ, ଆଲୋକ, ଉତ୍ତାପ, ଜୀବନଶକ୍ତି ପ୍ରଭୃତିର କାର୍ଯ୍ୟରେ ବିଧାତାଙ୍କ ମଙ୍ଗଳମୟୀ ଇଚ୍ଛା ଓ ଜ୍ଞାନପୂର୍ଣ୍ଣ ବିଧାନ ଦେଖି ମୋହିତ ହେଉଅଛି ।

ଆଶ୍ଚର୍ଯ୍ୟାଭିଭୂତ ମନୁଷ୍ୟ ନିଜେ ସୃଷ୍ଟିର ତାବତୀୟ ପଦାର୍ଥ ମଧ୍ୟରେ ସର୍ବାପେକ୍ଷା ଅଧିକ ଆଶ୍ଚର୍ଯ୍ୟୋତ୍ପାଦକ ଅଟେ । ଜଗତର ଚତୁର୍ଦ୍ଦିଗରେ ଯାହା ୨ ଦେଖୁଅଛ, ତତ୍‌ସମୁଦାୟର ଶ୍ରେଷ୍ଠ ଉପାଦାନ ମନୁଷ୍ୟଠାରେ ରହିଅଛି । କେବଳ ଭୌତିକ ଜଗତ୍ ସୃଜିଥିଲେ, ସୃଷ୍ଟିର କାଯ୍ୟ ପୂର୍ଣ୍ଣହୁଅନ୍ତା ନାହିଁ । ମନୁଷ୍ୟର ଆବିର୍ଭାବରେ, ନର ନାରୀର ସୃଷ୍ଟିଦ୍ୱାରା, ଜଗତର ପୂର୍ଣ୍ଣତା ସମ୍ପାଦିତ ହେଉଅଛି । ମନୁଷ୍ୟ ପ୍ରକୃତି କେମନ୍ତ ବୈଚିତ୍ର୍ୟମୟୀ । ତହିଁରେ ଆଶା, ଆକାଙ୍‌କ୍ଷା, ପ୍ରୀତି, ଇଚ୍ଛା, ବୁଦ୍ଧି, ବିବେକ, ବିଶ୍ୱାସ ପ୍ରଭୃତି ବିଭିନ୍ନ ବୃତ୍ତିର ସମାବେଶ ହୋଇଅଛି; ପୁଣି ସେହି ସବୁ ବୃତ୍ତିର କାର୍ଯ୍ୟକ୍ଷେତ୍ର କେମନ୍ତ ଅସୀମ । ମନୁଷ୍ୟର ବୃତ୍ତିମାନଙ୍କର ଚରିତାର୍ଥତା ସମ୍ପାଦନ ନିମିତ୍ତ, ତାହାର ପୂର୍ଣ୍ଣବିକାଶ ନିମିତ୍ତ, ଅନନ୍ତ ବିଶ୍ୱ ଓ ଅନନ୍ତ କାଳ ପ୍ରସାରିତ ରହିଅଛି । ଆହା, କ୍ଷୁଦ୍ର ମନୁଷ୍ୟର କ୍ଷୁଦ୍ର ପ୍ରାଣ ମଧ୍ୟରେ କିପରି ଅସୀମ ଆକାଙ୍‌କ୍ଷା, କିପରି ଅନନ୍ତ ଜୀବନ ନିବଦ୍ଧ ରହିଅଛି । ଏହି କଥା ଭାଳିଲେ କାହାର ହୃଦୟ ଗମ୍ଭୀର ବିସ୍ମୟରେ ମଗ୍ନ ନ ହେବ ? ମନୁଷ୍ୟ ହୃଦୟ ସଂସାରର କ୍ଷୁଦ୍ର ବିଷୟ ମଧ୍ୟରେ କଦାପି ପରିତୃପ୍ତ ହୋଇ ରହି ନପାରେ । ତାହା ମହାନ୍ ଏବଂ ଅନନ୍ତ ନିମିତ୍ତ ନିତ୍ୟ ପିପାସିତ ରହିଅଛି । ତତ୍ତ୍ୱଦର୍ଶୀ ପୂର୍ବତନ ଆର୍ଯ୍ୟ ଋଷିମାନେ ମାନବପ୍ରକୃତିର ଏହି ନିଗୂଢ଼ ଆକାଙ୍‌କ୍ଷାର ଅର୍ଥ ହୃଦୟଙ୍ଗମ କରି ଏହି ଚିରସ୍ମରଣୀୟ ଗମ୍ଭୀର ବାକ୍ୟଗୁଡ଼ିକ ଉଚ୍ଚାରଣ କରିଥିଲେ–"ଯୋ ବୈ ଭୂମା

ତତ୍ ସୁଖଂ, ନାଳ୍ପେ ସୁଖମସ୍ତି'' । ଯାହା ଭୂମା ବା ମହାନ୍, ତାହାହିଁ ସୁଖ; କ୍ଷୁଦ୍ରରେ ସୁଖ ନାହିଁ ।

ମନୁଷ୍ୟର ଏହି ଅନନ୍ତ ପିପାସାକୁ ଏହି ସୁମହାନ୍ ଆଦର୍ଶକୁ ଖର୍ବ ବା ବିକୃତ କରି କେବଳ ସାଂସାରିକ କ୍ଷୁଦ୍ରତା ମଧ୍ୟରେ ନିୟତ ବାସ କରିବା ମନୁଷ୍ୟପ୍ରକୃତି ପକ୍ଷରେ ଅତ୍ୟନ୍ତ ଅହିତକର ଅଟେ । ଯାହାର ମନ ଯେଡ଼େ, ତାହାର ପ୍ରଭୁ ତେଡ଼େ, ଯାହାର ଆଦର୍ଶ ଯେପରିମାଣରେ ବୃହତ୍, ଯାହାର ହୃଦୟ ଯେପରିମାଣରେ ଉଦାର ଏବଂ ପ୍ରଶସ୍ତ, ତାହାର ଜୀବନ ସେହି ପରିମାଣରେ ଧନ୍ୟ ଏବଂ ସାର୍ଥକ । ସୃଷ୍ଟିର ସାର, ଜଗତର ସର୍ବଶ୍ରେଷ୍ଠ ଭୂଷଣ, ହେ ନରନାରୀ, କାହିଁକି କ୍ଷୁଦ୍ର ସଂସାରର ପଣ୍ୟଶାଳାରେ ନିଜର ମହାମୂଲ୍ୟ ଦେବଦୁର୍ଲଭ ଆଧ୍ୟାତ୍ମିକ ସମ୍ପଦକୁ ବିକ୍ରୟ କରୁଅଛ, କାହିଁକି ଅସତ୍ୟକୁଜ୍ଝଟିକା ମଧ୍ୟରେ ପଡ଼ି ବିପଥଗାମୀ ହେଉଅଛ, କାହିଁକି ଅନ୍ୟାୟ ଓ ଅପ୍ରେମରୂପ ନିରାନନ୍ଦ ଅନ୍ଧକୂପ ଓ ବଦ୍ଧତଡ଼ାଗ ମଧ୍ୟରେ ଆତ୍ମାକୁ ସଂକୀର୍ଣ୍ଣ ଓ ସଙ୍କୁଚିତ କରୁଅଛ, କାହିଁକି ପାପକଳୁଷକଳାପଦ୍ୱାରା ଶୁଭ୍ର ପରିଶୁଦ୍ଧ ହୃଦୟକୁ କଳଙ୍କିତ କରୁଅଛ ? ଅନନ୍ତ-ଆଶ୍ରୟ ପରିତ୍ୟାଗ କରି, ଅନନ୍ତ-ନିର୍ଦ୍ଦିଷ୍ଟ ଧ୍ରୁବ ଓ ବିପୁଳ ଧର୍ମଭୂମିକୁ ଛାଡ଼ି, କେହି କଦାପି ଜୀବନର ପ୍ରକୃତ ଉଦ୍ଦେଶ୍ୟ ସାଧାନ କରିପାରିବେ ନାହିଁ । ଦେବସମ୍ପଦର ଅଧିକାରୀ, ଦେବପ୍ରସାଦ, ଚିହ୍ନିତ-ପରସ୍ପରର ସହାୟ, ହେ ମନୁଷ୍ୟ, ନିଜ ଜୀବନର ମହାନ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କର । ନିର୍ଝରିଣୀ ଯେପରି ତମୋମୟ ଗୁହାର ପାଷାଣ-ପ୍ରାଚୀର ଭଗ୍ନ କରି, ନିଜ ଦୟାପ୍ରବାହଦ୍ୱାରା ଜଗତକୁ ପ୍ଳାବିତ କରି, ଅନନ୍ତ ସାଗର ସଙ୍ଗରେ ସମ୍ମିଳିତ ହୁଏ, ସେହିପରି ସର୍ବପ୍ରକାର କ୍ଷୁଦ୍ରତା ପରିହାର କରି, ଜଗତକୁ ପ୍ରୀତିଜଳରେ ପ୍ଳାବିତ କରି, ମହୋଲ୍ଲାସରେ ଅନନ୍ତ-ଆଡ଼କୁ ପ୍ରଧାବିତ ହୁଅ ।

ଶ୍ରୀ ମଧୁସୂଦନ ରାଓ

---

## ମଠର ସମ୍ବାଦ ।

ଧର୍ମଦାସ ବାବାଜୀ ବଡ଼ ବିଜ୍ଞଲୋକ, ଅନେକ ଦେଶ ଭ୍ରମଣ କରିଅଛନ୍ତି, ଇଂରାଜୀ ଜାଣନ୍ତି, ସଂସ୍କୃତରେ ମଧ୍ୟ ଅଧିକାର ମନ୍ଦ ନୁହେଁ । ଲୋକଟା ବଡ଼ ଆମୋଦୀ, ସେଥିପାଇଁ ଅନେକ ଲୋକ ମଠକୁ ଯିବାଆସିବା କରନ୍ତି । ସନ୍ଧ୍ୟା ସମୟ, ବାବାଜୀ ଖଣ୍ଡିଏ କାଷ୍ଠାସନରେ ଉପବିଷ୍ଟ, ଅନ୍ୟାନ୍ୟ ଭଦ୍ରଲୋକ ପ୍ରାୟ ୨୦ଜଣ ସରିକି ଚାରିପାଖରେ ବେଢ଼ି ବସିଅଛନ୍ତି । ନାନାପ୍ରକାର ଗପ ଲାଗିଅଛି । ସେମାନଙ୍କ ମଧ୍ୟରୁ ଜଣେ କହିଲେ,

'' ବାବାଜି ! କାଲି ଗୋଟିଏ ଭାରୀ ସଭା ହୋଇଥିଲା । ବକ୍ତା ଜଳଦଗମ୍ଭୀର ସ୍ୱରରେ କହିଲେ, ବର୍ତ୍ତମାନ ଭାରତ ଉନ୍ନତି ସୋପାନରେ ଆରୋହଣ କରୁଅଛି, ଅତଏବ ଭ୍ରାତୃବର୍ଗ ଆସ, ଆଜି ଆମ୍ଭେମାନେ ଜୟନାଦରେ ପୃଥିବୀ କମ୍ପିତ କରିବା । ବାବାଜି ! ଏମନ୍ତ ଶୁଭଦିନରେ କି ଆମ୍ଭମାନଙ୍କ ମଠ ନୀରବ ରହିଥିବ ? ଘୋର ଜୟଧ୍ୱନିରେ ଆମ୍ଭମାନଙ୍କ ମଠକୁ କମ୍ପିତ କରିବା ଉଚିତ ।'' ଉପସ୍ଥିତ ବ୍ୟକ୍ତି ସମସ୍ତେ ''ଅବଶ୍ୟ ଅବଶ୍ୟ'' ଶବ୍ଦରେ ଚିତ୍କାର କରିଉଠିଲେ । ଚାରିଆଡ଼େ ଉତ୍ସାହାନଳ ପ୍ରଜ୍ୱଳିତ ହେଲା । ବାବାଜୀ ହସିକରି କହିଲେ, ''ଠିକ୍ ଠିକ୍, ଭାରତ ଉନ୍ନତିସୋପାନରେ ଉତ୍ଥିତ ହେଉଅଛି । ଆମ୍ଭେ ବହୁଦିନ ପୂର୍ବେ ସେହି ସୋପାନର ବାଇଶିପାହାଚ ଦେଖିଅଛୁଁ । ତୁମ୍ଭମାନଙ୍କୁ ଆଜି ଦେଖାଇବୁଁ ।'' ଏହା କହି ବାବାଜୀ ଆରମ୍ଭ କଲେ ।—

''ମାଧବ ଦେଖୁ ୨ ଶଶିକଳାତୁଲ୍ୟ ବର୍ଦ୍ଧିତ ହେବାକୁ ଲାଗିଲା । ବେଶ୍ ପଢ଼ାଶୁଣା କରେ । ତେତିଶ କୋଟି ଦେବଦେବୀଙ୍କଠାରେ ଅଚଳା ଭକ୍ତି, କୋଥଳି ପୂଜା ଓ ମହାପ୍ରସାଦ ସେବା ନ କରି ମାଧବ ଜଳଗ୍ରହଣ ସୁଦ୍ଧା କରେନାହିଁ । କ୍ରମେ ଟିକିଏ ୨ ଇଂରାଜୀର ରସ ପେଟରେ ପଡ଼ିଲା । ବାଳକ ଯେପରି ଏକ ୨ ଶ୍ରେଣୀ ଉଠିବାକୁ ଲାଗିଲା, ସେହିପରି ଲକ୍ଷ ୨ କୋଟି ୨ ଦେବଦେବୀ ତାହାର ହୃଦୟରୁ ପଳାଇବାକୁ ଲାଗିଲେ । ବର୍ତ୍ତମାନ ସେ ପ୍ରବେଶିକା ପରୀକ୍ଷା ଦେବା ନିମନ୍ତେ ପ୍ରସ୍ତୁତ ହେଉଅଛି, ସେ କୋଥଳି ନାହିଁ, ସେ ମହାପ୍ରସାଦ ବର୍ତ୍ତମାନ ପଦତଳେ ଦଳିତ ହେବାର ବସ୍ତୁ ହୋଇଅଛି । ଯେତେ ଭକ୍ତି ଥିଲା ସେ ପାଣିଫୋଟକା ପରି କେଉଁ ଆଡ଼େ ମିଳାଇଗଲା, ଏତେବେଳେ ମାଧବର ଏକ ପରମେଶ୍ୱରଙ୍କଠାରେ ମଧ ବିଶ୍ୱାସ ଟଳମଳାୟମାନ । ଯେଉଁ ବ୍ୟକ୍ତିର ବିଶ୍ୱାସ ଓ ଭକ୍ତି ତେତ୍ରିଶ କୋଟି-ଦେବଦେବୀଙ୍କ ନିକଟରୁ ଶଏ କ୍ରୋଶ ଦୂରରେ ଯାଇ ପଡ଼ିଅଛି, ତାହାର ଏକ ଈଶ୍ୱରଙ୍କଠାରେ ବିଶ୍ୱାସ କେତେକାଳ ରହିପାରେ ? ମାଧବ ପ୍ରବେଶିକା ପରୀକ୍ଷାରେ ପାଶ୍ କରି କଲେଜରେ ପଢ଼ିବାକୁ ଲାଗିଲା । ପ୍ରଥମବର୍ଷୀୟ ଶ୍ରେଣୀ—ବାହାର ପୁସ୍ତକରେ ପାଶ୍ ଆବଶ୍ୟକ । ତଦପେକ୍ଷା ଉପର ଶ୍ରେଣୀର ଛାତ୍ରମାନେ ପରାମର୍ଶ ଦେଲେ, ''ମିଲ୍ ପଢ଼, ଡାରଉଇନ୍ ପଢ଼, ସ୍ପେନସର୍ ପଢ଼ ।'' ବାଳକ ତାହି କଲା । ତେତେବେଳେ ମଧ ତାହାର ବୁଦ୍ଧି ଅପରିପକ୍ୱ ଥିଲା । ତେତେବେଳେ ତାହାର ବୟସ କେବଳ ବା୧୭।୧୫ ମାତ୍ର ସେ ମିଲ୍‌ଙ୍କର କୁଟିଳତାପୂର୍ଣ୍ଣ ନ୍ୟାୟର ତର୍କ କଣ ବୁଝିବ ? ସ୍ପେନସର୍‌ଙ୍କର ଗଭୀର ଗବେଷଣାର ତଳସ୍ପର୍ଶ କିପରି କରିବ ? ସେ କେବଳ ଉପରେ ୨ ଭାସିବୁଲିଲା । ମିଲ୍ ଈଶ୍ୱରଙ୍କର ସୃଷ୍ଟିକାର୍ଯ୍ୟ ବିଷୟରେ ସନ୍ଦେହ କରନ୍ତି, ବାଳକ ତାହା ପଢ଼ିଲା । ତେତେବେଳେ ତାହା ମନେହେଲା ଈଶ୍ୱର ଯେ ନାହାନ୍ତି ଏହା ମିଲ୍ ନିଶ୍ଚୟ ଜାଣି ମଧ ନିଜ ବୁଦ୍ଧିମତ୍ତାଗୁଣରେ କେବଳ ସନ୍ଦେହ କରି କ୍ଷାନ୍ତ ହୋଇଅଛନ୍ତି । ସୁତରାଂ ମାଧବର ବିଶ୍ୱାସ ହେଲା ଈଶ୍ୱର

ନାହାନ୍ତି । ତାହା ଅପେକ୍ଷା ବୟୋଜ୍ୟେଷ୍ଠମାନେ କହିଲେ, ଆଜିକାଲି ସନ୍ଦେହବାଦୀ ପୃଥିବୀ (Sceptic World), ଯେତେ ବଡ଼ଲୋକ ଅଛନ୍ତି ସମସ୍ତେ ସନ୍ଦେହବାଦୀ । ତେତେବେଳେ ବାଳକ ମନେକଲା ମୁଁ ଯେବେ ସନ୍ଦେହବାଦୀ ବୋଲି ପରିଚୟ ଦେବି ତାହାହେଲେ ଲୋକେ ମୋତେ ବଡ଼ଲୋକ ବୋଲି ମନେକରିବେ । ସୁତରାଂ ଅବୋଧବାଳକ ମିଲ୍‌ଙ୍କର ତତ୍ତ୍ୱ ବୁଝିଲାନାହିଁ, ସ୍ପେନସର୍‌ଙ୍କ ଭାବ ପରିଗ୍ରହ କରିପାରିଲା ନାହିଁ, କେବଳ କହିବୁଲିଲା– "ମୁଁ ସନ୍ଦେହବାଦୀ (Sceptic) ମୁଁ Sceptic."

ମୌଖିକ କହୁଁ ୨ କ୍ରମେ ମନର ମଧ୍ୟ ଭାବାନ୍ତର ଉଦୟ ହେଲା । ବୟସ ପରିପକ୍ୱ ହୋଇଆସିଲା, ଇନ୍ଦ୍ରିୟଗଣ ଦୁର୍ଦ୍ଦମନୀୟ ହୋଇଉଠିଲେ, ସୁତରାଂ ପାପ କଣ, ପୁଣ୍ୟ କଣ, ପରକାଳ କଣ, ଈଶ୍ୱର କଣ, ବିବେକ କଣ ଇତ୍ୟାଦି ପ୍ରଶ୍ନ ଆପେ ଆପଣାକୁ ପଚାରି, ନିଜ ଇନ୍ଦ୍ରିୟବୃତ୍ତି ଚରିତାର୍ଥର ସୁବିଧା ପାଇଁ ଆପେ ସେ ସବୁ ପ୍ରଶ୍ନର ଏହିପରି ଉତ୍ତର କଲା ଯେ, ସବୁ ମିଥ୍ୟା ଚାଲାକୀ, କିଛି ନାହିଁ । ଧର୍ମର, ସୁତରାଂ ନୀତିର ଓ ଚରିତ୍ରର ଯେ ଦୃଢ଼ବନ୍ଧନ ଥିଲା କ୍ରମେ ତାହା ଶିଥିଳ ହୋଇପଡ଼ିଲା । ବର୍ତ୍ତମାନ ମାଧବ ପାପସମୁଦ୍ରକୁ ଡେଇବାକୁ ପ୍ରସ୍ତୁତ । ଏମନ୍ତ ସମୟରେ ପୁଣି ସମାଜବିଜ୍ଞାନ (Social Science) ଆସି କାନରେ ଉପଦେଶ ଦେଲା, ସ୍ୱାସ୍ଥ୍ୟ ନିମିତ୍ତ ବେଶ୍ୟାଳୟ ଗମନ ନିଷିଦ୍ଧ ହୋଇ ନ ପାରେ । ସେହି ପୁସ୍ତକରେ ବେଶ୍ୟାଳୟ ଗମନର ଅପକାର ସମ୍ବନ୍ଧରେ ଯେଉଁଠାରେ ଲେଖାଅଛି, ସେ ପତ୍ରଗୁଡ଼ିକ ତରତର କରି ଉଲଟାଇ ପକାଇଲା । ମାଧବ ଏଡ଼େବଡ଼ ପୁସ୍ତକ ଖଣ୍ଡି ପଢ଼ି, ଶିଖିଲା—ବେଶ୍ୟାଳୟ ଗମନ ବିଜ୍ଞାନ-ସମ୍ମତ । ଏତେବେଳେ ସେ ସମାଜବିଜ୍ଞାନର ଅବତାର ହୋଇ ଠିଆହେଲା । ବିନ୍ଦୁମାତ୍ର ଲଜ୍ଜା ନାହିଁ, ହାଟବାଟରେ କହିବୁଲିଲା ବେଶ୍ୟାଳୟ ଗମନ ବିଜ୍ଞାନ-ସମ୍ମତ । କ୍ରମେ ୨ ମନର ଭାବ କାର୍ଯ୍ୟରେ ପରିଣତ କରିବାକୁ ଆରମ୍ଭ କଲା । ବନ୍ଧୁମାନେ ତାହାକୁ ଏ ବିଷୟରେ ଏତେଦୂର ଅଗ୍ରଗାମୀ ଦେଖି ତାହାର ସାହସକୁ ଭାରୀ ପ୍ରଶଂସା କଲେ । ସେ ପ୍ରତିଦିନ ବନ୍ଧୁମାନଙ୍କ ନିକଟରେ ନିଜ ପ୍ରାତ୍ୟହିକ କାର୍ଯ୍ୟାଦିର ବିବରଣ ବିଶଦରୂପେ ବର୍ଣ୍ଣନ କରଇ । ସେ ସମୟରେ ତାହାର ଚକ୍ଷୁରୁ ଉତ୍ସାହାନଳ ବହିର୍ଗତ ହୁଏ, ତହିଁରେ ଅହଙ୍କାର କେତେ, ବକ୍ତୃତା ଛଟା ପୁଣି କଣ ଦେଖିବ । ବକ୍ତୃତା ଶେଷରେ ବନ୍ଧୁମଣ୍ଡଳୀ "ବାହାବା ମାଧବ, ବାହାବା ମାଧବ" ବୋଲି କେତେ ପ୍ରଶଂସା କରନ୍ତି । କ୍ରମେ ଅଙ୍କଲକ୍ଷ୍ମୀର ଅନୁରୋଧରେ ପଡ଼ି ଗ୍ଲାସ ଧଇଲା । କେହି ତାହା କାର୍ଯ୍ୟର ପ୍ରତିବାଦ କଲେ ବିକୃତ ଥଟ୍ଟା କରି କହିଲା "ଆରେ, ଏ ତ ଆମର ବ୍ରହ୍ମଦୈତ୍ୟ ରେ । ଆମେ କି ତୁମପରି ବୋକା ? ଆମେ ସ୍ୱାସ୍ଥ୍ୟର ଅନୁରୋଧରେ ବେଶ୍ୟାଳୟକୁ ଯାଉଁ, ଆମୋଦପାଇଁ ନୁହେ । ନଜୀର 'ସମାଜବିଜ୍ଞାନ' ।" କେହି ଯେବେ ଧର୍ମ ଉପଦେଶ ଦେବାକୁ ଉଦ୍ୟତ ହୁଅନ୍ତି, ତାହା ହେଲେ ସମସ୍ତେ ମିଶି ଥଟ୍ଟା କରି ହସି ଉପଦେଷ୍ଟାଙ୍କୁ ମାଟି କରିଦିଅନ୍ତି । ଈଶ୍ୱରଙ୍କ

ନାମପର୍ଯ୍ୟନ୍ତ ଏମାନଙ୍କ ନିକଟରେ ଘୃଣାର ପଦାର୍ଥ । ଜାଣୁନା କେଉଁ ମିଲ୍, କେଉଁ ସ୍ପେନସର୍, ଏମାନଙ୍କୁ ଈଶ୍ୱରଙ୍କୁ ଘୃଣା କରିବାକୁ ଶିକ୍ଷା ଦେଲେ, ସକଳ ଧର୍ମସମ୍ପ୍ରଦାୟକୁ ଭ୍ରୂକୁଟି କରିବାକୁ ଉପଦେଶ ଦେଲେ, ଧର୍ମର କାହାଣୀ ପର୍ଯ୍ୟନ୍ତ ଅଶ୍ରାବ୍ୟ ବୋଲି ଧାରଣା କରାଇଦେଲେ । ଅସମୟରେ ମିଲ୍, ସ୍ପେନସର୍, ଡାରଉଇନ୍ ପଢ଼ିବାର, ନବୁଝି ସମାଜବିଜ୍ଞାନ ପଢ଼ିବାର ଏହା ବିଷମୟ ଫଳ । ଆହୁରି ମଧ୍ୟ ଅଛି । ମାଧବ ବର୍ତ୍ତମାନ ଜଣେ ସମ୍ପୂର୍ଣ୍ଣ ଅବତାର ହୋଇଉଠିଲା । ତହିଁରେ ପୁଣି କ୍ରମାନ୍ୱୟରେ ଦିଓଟି ପାଶ୍ କରିବାରୁ ଆହୁରି ଅହଙ୍କାର ବୃଦ୍ଧି ହେଲା । ପ୍ରତି କଥାରେ କହିଲା "କାହିଁ ଈଶ୍ୱର ମୋତେ କଣ ଜବ୍ଦ କଲେ ? ମୁଁ ତ ଫାଙ୍କିଦେଇ ଦିଓଟି ପାଶ୍ କଲି ।" ନିର୍ବୋଧ ବୁଝିଲା ନାହିଁ—ଈଶ୍ୱର କି ତୋହପରି କୀଟସ୍ୟକୀଟ ସଙ୍ଗରେ ଶତ୍ରୁତା କରିବେ । କିନ୍ତୁ ଶରୀର ଆଉ କେତେଦିନ ଏପ୍ରକାର ଅତ୍ୟାଚାର ସହ୍ୟ କରିବ ? ଅବଶେଷରେ ସବୁଦମ୍ଭ ଚୂର୍ଣ୍ଣ ହେଲା । ମାଧବ ଦିନେ ହଠାତ୍ ଏକ ଘୃଣାଜନକ ରୋଗାକ୍ରାନ୍ତ ହେଲା । ତେତେବେଳେ ଆଉ କାହାକୁ ମୁହଁ ଦେଖାଇବାକୁ ବାଟ ନାହିଁ । ବସା ଭିତରୁ କେହି ତାକୁ ଗାମୁଛା ସୁଦ୍ଧା ଛୁଇଁବାକୁ ଦେଲେନାହିଁ, ବିଛଣାରେ ବସାଇ ଦେଲେନାହିଁ, ହୁକାରେ ତମାଖୁ ଖାଇବାକୁ ଦେଲେନାହିଁ, ଗୋଟିଏ କଥାରେ ସମସ୍ତଙ୍କ ନିକଟରେ ଘୃଣିତ ହେଲା । ତେତେବେଳେ ମାଧବ ନିର୍ଜନରେ ବସି କେତେଥର କାନ୍ଦିଲା, କେତେ ଅନୁତାପ କଲା । ଅନଭ୍ୟାସବଶରୁ ଯଦିବା ଈଶ୍ୱରଙ୍କ ନାମ ଗ୍ରହଣ କରିବାକୁ ଭୁଲିଲା, କିନ୍ତୁ ଦୟାମୟ ଈଶ୍ୱର ଚାହାନ୍ତି ପ୍ରାଣର ଅନୁତାପ, ଚାହାନ୍ତି କାର୍ଯ୍ୟ, ଚାହାନ୍ତି ପାପ ନ କରିବା ନିମିତ୍ତ ପ୍ରତିଜ୍ଞା ।

କ୍ରମେ ମାଧବ ରୋଗମୁକ୍ତ ହେଲା । କିନ୍ତୁ କୁତ୍ସିତ ରୋଗର ସେହି ବିଭୀଷିକାମୟୀ ଚିତ୍ର ଚକ୍ଷୁ ଆଗରେ ନୃତ୍ୟ କଲା, ମାତ୍ର ତାହା କେତେ ଦିନ ?

ଏତେବେଳେ ମାଧବ ଟ୬୦ଙ୍କା ବେତନରେ ଖଣ୍ଡିଏ ମାଷ୍ଟରୀ କର୍ମ ପାଇଲା । ନ ପାଇବ କାହିଁକି ? ଗବର୍ଣ୍ଣମେଣ୍ଟ ତ ନୀତି ଆଡ଼କୁ ଦୃଷ୍ଟିପାତ କରନ୍ତି ନାହିଁ, କେବଳ ପାଶ ହେଲେ ହେଲା । ମାଧବବାବୁଙ୍କ (କାରଣ ସେ ଏତେବେଳେ ଯେ ଚାକିରିଆ) ହାତକୁ ଟଙ୍କା ଆସିଲା । ପୁଣି ସବୁ ଭୁଲିଲେ, ପ୍ରତିଜ୍ଞା ଭୁଲିଲେ, ଅନୁତାପ ଭୁଲିଲେ । ନ ଭୁଲିବେ କାହିଁକି ? ଯେଉଁ ହୃଦୟଜାହାଜ ଧର୍ମଲଙ୍ଗରବିହୀନ ତାହା ପାପ ପ୍ରଲୋଭନ ବାତ୍ୟା ମଧ୍ୟରେ କେବେ ବି ସ୍ଥିର ରହିପାରେ ? ପୁନରାୟ ମାଧବ ମାଧବ ହେଲେ । ଏତେବେଳେ ସେ ମାଷ୍ଟର ହୋଇଅଛନ୍ତି । ମାଷ୍ଟର ମହାଶୟ ଗଳ୍ପଛଳରେ ବାଳକମାନଙ୍କର ଧର୍ମବିଶ୍ୱାସ ନଷ୍ଟ କଲେ, ଅଥଚ ନୀତିଶିକ୍ଷା ଦେବାକୁ କହିଲେ କହନ୍ତି ଗବର୍ଣ୍ଣମେଣ୍ଟଙ୍କର ନିଷେଧ ଅଛି । ଶିଷ୍ୟ ଦେଖଇ ମାଷ୍ଟର ଏଠାରେ ସେଠାରେ ମଦ ଖାନ୍ତି, ବେଶ୍ୟାଳୟକୁ ଯାନ୍ତି । ବାଳକ ମନେକଲା ମାଷ୍ଟର ଏଡ଼େ ବଡ଼ ଲୋକ ହୋଇ ଯେତେବେଳେ ଏସବୁ କାର୍ଯ୍ୟ କରୁଅଛନ୍ତି, ତେତେବେଳେ ଅବଶ୍ୟ ଏଥିରେ କୌଣସି

ଦୋଷ ନାହିଁ । ଶିଷ୍ୟ ହୃଦୟରେ ଏ ବିଶ୍ୱାସ ଜ୍ୱଳନ୍ତଭାବରେ ମୁଦ୍ରିତ ହେଲା । ସୁତରାଂ ସେ ମଧ କ୍ରମେ ୨ ଉପଯୁକ୍ତ ମାଷ୍ଟରର ଉପଯୁକ୍ତ ଶିଷ୍ୟ ହେଲା । ଦିନେ ରାତ୍ରରେ ମାଷ୍ଟର ମହାଶୟ ମଦ ଖାଇ ଏକ ବେଶ୍ୟାଳୟରେ ଆମୋଦ କରୁଅଛନ୍ତି, ଉପଯୁକ୍ତ ଶିଷ୍ୟ ଘରପାଖ ଶୁଣ୍ଡି ଦୋକାନରୁ ମଦ ଖାଇ ଚଳି ୨ ସେଠାରେ ଉପସ୍ଥିତ ହେଲା । ଦୁହେଁ ତେତେବେଳେ ନିଶାରେ ଅଜ୍ଞାନ । କୁକ୍ଷଣରେ ଉଭୟଙ୍କର ଦେଖା ସାକ୍ଷାତ୍ ହେଲା । କ୍ରମେ ଦୁଇ ଏକ କଥାରେ ମରାମରି ଲାଗିଲା । ଗୁରୁ ଶିଷ୍ୟଙ୍କର ମରାମରି ବଡ଼ ମଜାର ଦୃଶ୍ୟ । ଆମ୍ଭ ମଠର ଦକ୍ଷିଣ ପାର୍ଶ୍ୱ ଘରେ ଏହିସବୁ କାଣ୍ଡ । ଗୋଳମାଳ ଶୁଣି ଛାତ ଉପରେ ଉଠି ଦେଖିଲୁଁ ବଳିଷ୍ଠ ମଦନ, ଦୁର୍ବଳ ଗୁରୁର ଛାତି ଉପରେ ବସି ଦାଢ଼ି ଉପାଡୁଅଛି । ଆମେ ଶୀଘ୍ର ଓହ୍ଲାଇ ଯାଇ ଛଡ଼ାଇଦେଲୁ । ମାଧବକୁ ଥରେ କହିଲୁ "ଯେମନ୍ତ ଗୁରୁ ତେମନ୍ତ ଚେଲା" ମନେ ୨ ଭାବିଲୁ ଏହା ଭାରତ ଉନ୍ନତିର ପ୍ରଥମ ସୋପାନ ।

କ୍ରମଶଃ                                  ଶ୍ରୀ ———

---

## ସ୍ତ୍ରୀଜାତି ।

ମନୁଷ୍ୟଜାତିର ନିତାନ୍ତ ନୀଚ, ବର୍ବର ଓ ଅନୁନ୍ନତ ଅବସ୍ଥାଠାରୁ ଏହି ଊନବଂଶ ଶତାବ୍ଦିର ସଭ୍ୟ ଓ ଉଚ୍ଚତମ ଅବସ୍ଥା ପର୍ଯ୍ୟନ୍ତ ସ୍ତ୍ରୀଜାତିର ଦୁରବସ୍ଥା ପର୍ଯ୍ୟାଲୋଚନା କଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ଯେଉଁ ସ୍ତ୍ରୀଜାତି ସମାଜର ଲକ୍ଷ୍ମୀସ୍ୱରୂପା, ଯେଉଁ ସ୍ତ୍ରୀଜାତିର ରୂପ, ଲାବଣ୍ୟ, ପ୍ରୀତି, ଲଜ୍ଜା ପ୍ରଭୃତି ସଦ୍‌ଗୁଣ ସବୁ ଆଧୁନିକ ସମାଜର ରୋଗ-ଶୋକ-ତାପରୂପ କ୍ଳେଶମାନ ନିବାରଣ କରି ଏହି ସଂସାର ମରୁଭୂମିରେ ଶାନ୍ତି ଓ ସ୍ନେହର ଅମୃତବାରି ବର୍ଷଣ କରୁଅଛି, ଯେଉଁ ସ୍ତ୍ରୀଜାତି କମନୀୟ ସଦ୍‌ଗୁଣ ପ୍ରଭାବରେ ମୂର୍ତ୍ତିମତୀ ଦେବତାପରି ଏହି ଦୁଃଖଭାରାକ୍ରାନ୍ତ ଭୂର୍ଲୋକକୁ ନନ୍ଦନକାନନ ପ୍ରାୟ ଆନନ୍ଦମୟ କରୁଅଛନ୍ତି, ସେହି ସ୍ତ୍ରୀଜାତିର ଅବସ୍ଥାର କ୍ରମୋନ୍ନତି ସହୃଦୟ ପାଠକମାନଙ୍କ ଜାଣିବା କାରଣ ବର୍ଣ୍ଣନା କରିବାକୁ ପ୍ରବୃତ୍ତ ହେଲୁ । ମନର ଭାବସମୂହ ସ୍ପଷ୍ଟରୂପେ ବ୍ୟକ୍ତ କରି ପାଠକମାନଙ୍କ ମନରେ ସେହି ଭାବମାନ ଯଥୋଚିତରୂପେ ସମୁଦ୍ଭୂତ କରିବାକୁ ସମର୍ଥ ହେଲେ ପରିଶ୍ରମ ସାର୍ଥକ ମଣିବୁ । ମାନବମଣ୍ଡଳୀର ଅର୍ଦ୍ଧାଂଶରୂପିଣୀ ରମଣୀଗଣର ଅବସ୍ଥା ସଭ୍ୟତାର ପ୍ରାକ୍କାଳରେ ଯେ ନିତାନ୍ତ ଶୋଚନୀୟା ଥିଲା ତାହାର ଜୀବନ୍ତ ପ୍ରମାଣ ପୁରାବୃତ୍ତର ପ୍ରତ୍ୟେକ ପୃଷ୍ଠାରେ ଅଙ୍କିତ ହୋଇ ରହିଅଛି । ଅନୁନ୍ନତ ଓ ଅସଭ୍ୟକାଳରେ ମାନବମଣ୍ଡଳୀ ମଧ୍ୟରେ ସ୍ତ୍ରୀ ଓ ପୁରୁଷ ଜାତିର ପାରିବାରିକ ଏବଂ ସାମାଜିକ ଅବସ୍ଥା

ନୀଚ ଜନ୍ତୁମାନଙ୍କଠାରୁ ବିଭିନ୍ନ ଥିବାର ବୋଧ ହୁଏ ନାହିଁ । ରମଣୀସମୂହ ଯେ କିପ୍ରକାର ନିକୃଷ୍ଟ ଓ ଅନୁନ୍ନତ ଅବସ୍ଥାରୁ କିପ୍ରକାର ଉଚ୍ଚ ଓ ଉନ୍ନତପଦବୀ ଲଭିଅଛନ୍ତି ତାହା ଆଲୋଚନା କଲେ ପ୍ରଭୂତ ଆନନ୍ଦ ଜାତ ହୁଏ । ଅତୀତ କାଳର ନୀଚ, ହୀନ ଓ ଅବଜ୍ଞାତ ଅବସ୍ଥାର ସହିତ ବର୍ତ୍ତମାନ ସମୟର ଉଚ୍ଚ ଓ ଶ୍ଳାଘ୍ୟ ଅବସ୍ଥାର ତୁଳନା କଲେ ରମଣୀଗଣର ଭବିଷ୍ୟତ ଯେ କେତେ ଉଜ୍ଜ୍ୱଳ ତାହା ସମ୍ୟକ୍‌ରୂପରେ ହୃଦୟଙ୍ଗମ ହୋଇ ପାରେ । ଯେତେବେଳେ ମନୁଷ୍ୟର ଅବସ୍ଥା ନିକୃଷ୍ଟ ଜୀବର ଅବସ୍ଥାଠାରୁ ଅଧିକ ଉନ୍ନତ ଅବସ୍ଥାକୁ ଲଭି ନ ଥିଲା, ଯେତେବେଳେ ମନୁଷ୍ୟ ଓ ପଶୁପ୍ରକୃତିର ଇତରବିଶେଷ ନ ଥିଲା, ଯେତେବେଳେ ସାମାଜିକବନ୍ଧନର ଶିଥିଳତାବଶତଃ ଶାରୀରିକ ପରାକ୍ରମ ଶ୍ରେଷ୍ଠତା ସଂସ୍ଥାପନାର ଏକମାତ୍ର ଉପାୟ ଥିଲା, ତତ୍କାଳୀନ ସ୍ୱଭାବତଃ ଦୁର୍ବଳା ଓ ହୀନବୀର୍ଯ୍ୟା ନାରୀଜାତିର ଅବସ୍ଥା ପର୍ଯ୍ୟାଲୋଚନା କଲେ ହୃଦୟ ବ୍ୟଥିତ ଓ କଣ୍ଟକିତ ହୁଏ । ମନୁଷ୍ୟର ଆଦିମ କାଳରେ ଉଦ୍‌ବାହପ୍ରଣାଳୀ ପ୍ରଚଳିତ ନ ଥିଲା । ବର୍ତ୍ତମାନ କାଳରେ ମଧ୍ୟ କେତେକ ଅସଭ୍ୟଜାତି ଅଛନ୍ତି ଯାହାଙ୍କ ଭାଷାରେ 'ବିବାହ' କିମ୍ବା ତାଦୃଶ ଅର୍ଥବୋଧକ କୌଣସି ଶବ୍ଦ ଥିବାର ପ୍ରତୀୟମାନ ହୁଏନାହିଁ । ନିକୃଷ୍ଟ ଜନ୍ତୁମାନଙ୍କପରି ସେମାନଙ୍କର ସ୍ତ୍ରୀପୁରୁଷ ମଧ୍ୟରେ କିଛି ବିଶେଷ ସମ୍ବନ୍ଧ ଥିବାର ବୋଧ ହୁଏନାହିଁ । ସଭ୍ୟସମାଜରେ ଯେଉଁ ଯେଉଁ ଭାବସବୁ ଆମ୍ଭେମାନେ ସ୍ୱାଭାବିକ ବୋଲି ମଣୁଁ ଅସଭ୍ୟସମାଜରେ ସେହି ଭାବସମୂହର ସମ୍ପୂର୍ଣ୍ଣ ଅଭାବ ଥାଏ । ସଭ୍ୟସମାଜର ପରିବାରପଦ୍ଧତି ଅସଭ୍ୟସମାଜରେ ନାହିଁ ବୋଇଲେ ଅତ୍ୟୁକ୍ତି ହେବନାହିଁ । ଅସଭ୍ୟସମାଜରେ ନରନାରୀର ସମ୍ବନ୍ଧ ଆସୁରିକ କ୍ଷମତାଦ୍ୱାରା ସଂସ୍ଥାପିତ ହୁଏ । କ୍ଷଣସ୍ଥାୟୀ ଇନ୍ଦ୍ରିୟବୃତ୍ତି ବ୍ୟତୀତ ଅସଭ୍ୟଜାତିର ବକ୍ଷ ଅନ୍ୟ ପ୍ରବୃତ୍ତିଦ୍ୱାରା ବିଲୋଡ଼ିତ ହୁଏ ନାହିଁ । ମାନ୍ଦ୍ରାଜ ଦେଶାନ୍ତର୍ଗତ ମଦୁରା ଅଞ୍ଚଳରେ କେତେକ ପାର୍ବତୀୟଜାତି ଅଛନ୍ତି ଯେଉଁମାନଙ୍କର ନରନାରୀମାନେ ଯଥେଚ୍ଛାରୂପେ ଇନ୍ଦ୍ରିୟସୁଖ ସମ୍ଭୋଗ କରନ୍ତି । ଏତଭିନ୍ନ ଅନ୍ୟ କେତେକ ଜାତିଙ୍କ ମଧ୍ୟରେ ଏକ ଅତୀବ ଆଶ୍ଚର୍ଯ୍ୟ ଓ ହାସ୍ୟୋଦ୍ଦୀପକ ଆତିଥ୍ୟପ୍ରଥା ପ୍ରଚଳିତ ଅଛି । ପୁରୁଷମାନେ ଆଗନ୍ତୁକ ବ୍ୟକ୍ତିମାନଙ୍କୁ ଅମ୍ଳାନବଦନରେ ଆପଣାର ପ୍ରାଣାଧିକା ଭାର୍ଯ୍ୟାକୁ ପ୍ରଦାନ କରିବାକୁ କୁଣ୍ଠିତ ହୁଅନ୍ତିନାହିଁ, ସତୀତ୍ୱ ଧର୍ମକୁ ସେମାନେ ଅସଭ୍ୟତାର ଚିହ୍ନ ବୋଲି ମଣନ୍ତି; ସେମାନଙ୍କ ମଧ୍ୟରେ ବ୍ୟଭିଚାର-ସ୍ରୋତ ସର୍ବଦା ପ୍ରବାହିତ ହେଉଅଛି ଏବଂ ତାହା ସେମାନଙ୍କ ମଧ୍ୟରେ ଦୂଷଣୀୟ ବୋଲି ପରିଗଣିତ ହୁଏନାହିଁ । ପରନ୍ତୁ ଉଚ୍ଚବଂଶୀୟା ସମୃଦ୍ଧିଶାଳିନୀ ମହିଳାମାନେ କାହାରି କୌଣସି ପ୍ରାର୍ଥନା ଅଗ୍ରାହ୍ୟ କରିବାକୁ ମହାପାପ ଓ ନିନ୍ଦନୀୟ କାର୍ଯ୍ୟ ବୋଲି ମନେକରନ୍ତି । ସ୍ୱାମୀମାନେ ମଧ୍ୟ ସ୍ୱ ୨ ଭାର୍ଯ୍ୟାର ଏରୂପ ଅସତ୍ ଓ ସଭ୍ୟସମାଜଘୃଣିତ ବ୍ୟବହାରକୁ ଅବଜ୍ଞା ନ କରି ନିଜର ସୁରୁଚିପରିଚାୟକ ଓ ମହାସମ୍ମାନଜନକ ବିଷୟ ବୋଲି ମନେ କରନ୍ତି ।

କେତେକ ଜାତୀୟ ଲୋକ ଅଛନ୍ତି ଯେ ସେମାନେ ଘନିଷ୍ଠ ଶୋଣିତସମ୍ବନ୍ଧ ଥିଲେହେଁ ନିଜ ନିଜ ପାଶବବୃତ୍ତି ଚରିତାର୍ଥ କରିବାକୁ କିଞ୍ଚିନ୍ମାତ୍ର ଶଙ୍କିତ ହୁଅନ୍ତି ନାହିଁ, ଏମନ୍ତ କି ଗର୍ଭଧାରିଣୀ ଜନନୀ ଓ ସହୋଦରା ଭଗିନୀମାନେ ଏହି ସମସ୍ତ ନରପଶୁମାନଙ୍କର ଉପଭୋଗସାମଗ୍ରୀ ହୋଇଥାନ୍ତି । ଆମେରିକା ମହାଦେଶାନ୍ତର୍ଗତ ପେରୁ ନାମକ ଦେଶରେ ଯୁବରାଜମାନଙ୍କର ସ୍ୱୀୟ ଜ୍ୟେଷ୍ଠା ସହୋଦରାର ପାଣିଗ୍ରହଣ କରିବା ପ୍ରଥା ବହୁକାଳରୁ ଶାସ୍ତ୍ରାନୁମୋଦିତ ବୋଲି ପରିଗଣିତ ହୋଇଆସୁଅଛି । ପାଠକମାନେ ଉପରୋକ୍ତ ଅତ୍ୟଦ୍ଭୁତ ସଭ୍ୟସମାଜ ବି ସମ୍ବାଦୀ ପାଶବପ୍ରକୃତିର ଉପଯୁକ୍ତ ବିଷୟମାନ ପାଠ କରି ଅତୀବ ଆଶ୍ଚର୍ଯ୍ୟାନ୍ୱିତ ହେବେ ମାତ୍ର ପୃଥିବୀର ଭିନ୍ନ ୨ ପ୍ରଦେଶରେ ଏହି ସୁସଭ୍ୟ ଜ୍ଞାନାଲୋକସମାକୀର୍ଣ୍ଣ ଉନବିଂଶଶତାବ୍ଦିରେ ମଧ୍ୟ ଅସଭ୍ୟଜାତିମାନଙ୍କର ଏହିରୂପ ଅମାନୁଷିକ ପ୍ରଥାର ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ ଦେଦୀପ୍ୟମାନ ରହିଅଛି ।

କ୍ରମଶଃ

ଶ୍ରୀ ହରିଶ୍ଚନ୍ଦ୍ର ଘୋଷ ।

---

## ବିଜ୍ଞାନର କାର୍ଯ୍ୟକ୍ଷେତ୍ର ।

ଆମ୍ଭେମାନେ ପ୍ରତ୍ୟୁଷରେ ଗାତ୍ରୋତ୍ଥାନ କଲୁଁ, ମୁଖପ୍ରକ୍ଷାଳନ ଦନ୍ତଘର୍ଷଣ ପ୍ରଭୃତି ପ୍ରାତଃକାଳୀନ କାର୍ଯ୍ୟମାନଙ୍କରେ ବ୍ୟାପୃତ ହେଲୁଁ । ଏହି ସମୟରେ ଆମ୍ଭମାନଙ୍କର ମୁଖମଣ୍ଡଳ ହର୍ଷବିସ୍ମୟ ବା ବିଷାଦଭାବ ଧାରଣ କରି ରହିଅଛି । ଏରୂପ ଭାବ କି ହେତୁରୁ ଜାତ ହେଲା ? ହୁଏତ ସ୍ୱପ୍ନଦେବୀଙ୍କ କୃପାରୁ ରାତ୍ରି ମଧ୍ୟରେ ନାନାବିଧ ସୁଖ, ବିସ୍ମୟ ବା ଦୁଃଖକର ସ୍ୱପ୍ନ ଦେଖିଅଛୁଁ, ପ୍ରତ୍ୟୁଷରେ ତଦ୍ୱିଷୟକ ଚିନ୍ତାରେ ମଗ୍ନ ଥିବାରୁ ମାନସିକ ଅବସ୍ଥା ମୁଖଦର୍ପଣରେ ପ୍ରତିବିମ୍ବିତ ହୋଇ ରହିଅଛି; ଅଥବା କଲ୍ୟ ଶଯ୍ୟାଶାୟୀ ହୋଇ ଯେଉଁ ୨ ନିଦ୍ରାଭିଭୂତ ହେବାରୁ ତଦ୍ୱିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି କରିପାରି ନ ଥିଲୁଁ, ଅଦ୍ୟ ପୁନରାୟ ତଦ୍ୱିଷୟକ ଚିନ୍ତାସୂତ୍ର ଗ୍ରହଣ କରିଅଛୁ; ଯେଉଁ କାରଣରୁ ହେଉ, ମୁଖମଣ୍ଡଳରୁ ସ୍ପଷ୍ଟ ପ୍ରତୀୟମାନ ହେବ ଯେ କୌଣସି ଏକ ବିଷୟ ମନୋମନ୍ଦିରକୁ ଅଧିକାର କରି ରହିଅଛି ।

ଆଚ୍ଛା, କହ ଦେଖି, ନିଦ୍ରାବସ୍ଥାରେ ଅସଙ୍ଗତ, ଅଭାବନୀୟ, ଅଦୃଷ୍ଟପୂର୍ବ ବା ଅଶ୍ରୁତପୂର୍ବ ବିଷୟମାନ କିପରି ଚିତ୍ତପଟରେ ଅଙ୍କିତ ହେଲା, କିପରି ଅବା ତାହା ପ୍ରତ୍ୟୁଷରେ ସ୍ମରଣଦର୍ପଣରେ ଦେଖିଲୁଁ ? ଅବା କଲ୍ୟ ଯେଉଁ ବିଷୟ ଭାବୁଥିଲୁଁ, ଅଦ୍ୟ ତାହା କି ହେତୁରୁ ବିସ୍ମୃତ ହୋଇନାହୁଁ ? ସ୍ୱପ୍ନ ସହିତ ସାଧାରଣ ଭାବର କି ସମ୍ବନ୍ଧ ଓ

କି ବିଭେଦ ? ଆମ୍ଭେମାନେ ସମସ୍ତେ ଜାଣୁ, ବାଳକମାନଙ୍କର ବୁଦ୍ଧିଶକ୍ତି, ଚିନ୍ତାଶକ୍ତି, ସ୍ମରଣଶକ୍ତି ପ୍ରଭୃତି ମାନସିକ ବୃତ୍ତିମାନ କେତେ କ୍ଷୀଣ; ବାଳକମାନେ ଅଗ୍ନିର ଦାହିକା ଗୁଣର ମଧ ଅସ୍ତିତ୍ୱ ଜ୍ଞାତ ନୁହନ୍ତି । ଏରୂପ ଅବସ୍ଥାରୁ କି ନିୟମରେ ସେମାନଙ୍କର ଏ ଶକ୍ତିନିଚୟ ପରିପୁଷ୍ଟ ହୁଅଇ ଓ ପ୍ରାକୃତିକ ନିୟମାବଳୀ, ଭୌତିକ ଗୁଣସମଷ୍ଟି ବୋଧାୟତ୍ତ ହୁଅଇ ? ଯେଉଁ ବାଳକମାନେ ବର୍ତ୍ତମାନ କୌଣସି ପଦାର୍ଥ ନେବା ନିମନ୍ତେ କ୍ରନ୍ଦନ କରୁଥିଲେ ତାଙ୍କର ମନର ଗତିକୁ ସେହି ମୁହୂର୍ତ୍ତରେ ଅନ୍ୟ ନୂତନ ପଦାର୍ଥ ଆଡ଼କୁ ଫେରାଇଦେଲା ମାତ୍ରକେ, ମୁହୂର୍ତ୍ତ ପୂର୍ବେ ଯେଉଁ କାରଣରୁ କ୍ରନ୍ଦନ କରୁଥିଲେ ତାହା ଭୁଲିଯାଆନ୍ତି, ସେହି ବାଳକମାନେ କ୍ରମେ ବୃଦ୍ଧି ପ୍ରାପ୍ତ ହେଲେ କିପରି ଏକ ବିଷୟ ଘେନି ଅନେକ ଦିନ ଚିନ୍ତା କରିପାରନ୍ତି ? କିପରି ଅବା ତାଙ୍କର ସ୍ମରଣଶକ୍ତି ଏତେଦୂର ବୃଦ୍ଧିପ୍ରାପ୍ତ ହୁଏ ଯେ କାଲିର ସ୍ୱପ୍ନର କଥା ଦୂରେ ଥାଉ ବହୁକାଳର ପ୍ରାଚୀନ ଘଟନା ମଧ ସ୍ମରଣପଟରେ ସ୍ପଷ୍ଟରୂପେ ଚିତ୍ରିତ ହୋଇ ରହେ ? ଏ ବିଷୟକୁ ତ ଛାଡ଼, ଆମ୍ଭ ମନରେ ଯେଉଁ ହର୍ଷ ବିସ୍ମୟ ବା ବିଷାଦଭାବ ଜାତ ହୋଇଥିଲା ସେହି ଭାବଗୁଡ଼ିକ ବା କେଉଁ ମାନସିକ ଶକ୍ତି ଉପରେ ନିର୍ଭର କରଇ ? ମାନସିକ ଶକ୍ତିସମୂହ ସଙ୍ଗରେ ଏହି ଭାବଗୁଡ଼ିକର ଅବା କିପରି ସମ୍ବନ୍ଧ ? ଆହୁରି ଏକ ପ୍ରଶ୍ନ ଅଛି, ଆମ୍ଭର ମୁଖମଣ୍ଡଳରୁ କିପରି ଆମ୍ଭର ମନୋଗତ ହର୍ଷ ବିସ୍ମୟାଦି ଭାବ ପରିଜ୍ଞାତ ହେଲା ? ମନରେ କେଉଁ ଭାବ ଜାତ ହେଲେ କେଉଁ ୨ ଅଙ୍ଗ ପ୍ରତ୍ୟଙ୍ଗ କିପରି ଭାବ ଧାରଣ କରେ ତାହା କହି ପାରିବଟିକି ?

ଏହି ବିଷୟଗୁଡ଼ିକର ପ୍ରକୃତ ଉତ୍ତର କେଉଁଠାରୁ ମିଳିବ, କାହାଠାରୁ ଏହି ବିଷୟ ଓ ଏହିପରି ଅନ୍ୟାନ୍ୟ ଆବଶ୍ୟକୀୟ ବିଷୟଗୁଡ଼ିକର ଶିକ୍ଷା ପ୍ରାପ୍ତ ହୋଇ ପାରିବା ? କେବଳ ବିଜ୍ଞାନଠାରୁ । ବିଜ୍ଞାନ ଏହି ସବୁ ବିଷୟ ପୁଙ୍ଖାନୁପୁଙ୍ଖରୂପେ ବିଚାର କରଇ, ଏକ ଭାବର ସହିତ ଅନ୍ୟ ଭାବର କିପରି ସମ୍ବନ୍ଧ, ତାହାର ଉତ୍ପତ୍ତିର କାରଣ, ଶକ୍ତିନିଚୟ ପରିବର୍ଦ୍ଧନର ନିୟମ ପ୍ରଭୃତି ସମସ୍ତ ନିଗୂଢ଼ତତ୍ତ୍ୱ ନିର୍ଦ୍ଧାରଣ କରଇ । ଅନ୍ତର୍ଜଗତରେ ପ୍ରକୃତି କି ନିୟମରେ କାର୍ଯ୍ୟ କରଇ, କିରୂପ ଚାଲିଲେ ସ୍ୱାଭାବିକ ନିୟମର ବ୍ୟତିକ୍ରମ ନ ଘଟେ, ସ୍ୱାଭାବିକ ନିୟମ ବିରୁଦ୍ଧରେ କାର୍ଯ୍ୟ କଲେ ବା କି ଫଳ ଘଟେ, ଇତ୍ୟାଦି ବିଷୟ ବିଜ୍ଞାନ ବିଷଦରୂପେ ବୁଝାଇଦିଏ ।

ତେବେ ବିଜ୍ଞାନର କାର୍ଯ୍ୟକ୍ଷେତ୍ର କି ଏତିକି ? ଏହା କି କେବଳ ଅନ୍ତର୍ଜଗତର ତତ୍ତ୍ୱ ନିର୍ଦ୍ଧାରଣରେ ନିଯୁକ୍ତ ? ନା, ତାହା ନୁହେ; ଏହାର କ୍ଷେତ୍ର ସୁଦୂରବିସ୍ତୃତ । ଏକ ସୂର୍ଯ୍ୟୋଦୟରୁ ପୁନଃ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଯେଉଁ ୨ ପଦାର୍ଥମାନ ଆମ୍ଭମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ, ଯେଉଁ ୨ ପଦାର୍ଥ ବ୍ୟତୀତ ଆମ୍ଭେମାନେ ପଦେ ଅଗ୍ରସର ହେବାକୁ ଅକ୍ଷମ, ତାହା ସାଧାରଣ ଚକ୍ଷୁରେ ଯେତେ ସାମାନ୍ୟ ବୋଧ ହେଉ ନା କାହିଁକି,

ତଦ୍ବିଷୟକ ତତ୍ତ୍ୱ ନିର୍ଦ୍ଧାରଣ ବିଜ୍ଞାନର ଏକ ପ୍ରଧାନ ଅଙ୍ଗ । ଯେଉଁ ବସ୍ତୁ ଯେଡ଼େ ସାମାନ୍ୟ ଓ ସୁପ୍ରାପ୍ୟ ଓ ଯାହା ସଙ୍ଗେ ଦୈନିକ ଜୀବନରେ ଆମ୍ଭମାନଙ୍କର ସମଧିକ ସଂସର୍ଗ, ସୁତରାଂ ଯାହାର ତତ୍ତ୍ୱ ଆମ୍ଭମାନଙ୍କଠାରେ ସମ୍ୟକ୍ ବିଦିତ ବୋଲି ଅନୁମାନ କରୁଁ, ସେହି ସମସ୍ତ ପଦାର୍ଥର ଗୂଢ଼ଲୁକ୍କାୟିତ ନିୟମାବଳୀ ନିରୂପଣ ବିଜ୍ଞାନର ପ୍ରଥମ ଓ ପ୍ରଧାନ କାର୍ଯ୍ୟ । ଏହିରୂପେ ପ୍ରାତଃକାଳରେ ଗାତ୍ରୋତ୍ଥାନ କରି ଆମ୍ଭେ ଯେଉଁ ଜଳ, ଦନ୍ତମାର୍ଜନୀ, ଜଳପାତ୍ର ପ୍ରଭୃତି ବ୍ୟବହାର କରୁଁ, ଯେଉଁ ବସ୍ତ୍ରାଦି ପରିଧାନ କରୁଁ, ତଣ୍ଡୁଳ, ତୈଳ, କାଷ୍ଠ ପ୍ରଭୃତି ଯାହା ଆମ୍ଭମାନଙ୍କର ଉଦର ପୂର୍ତ୍ତିର ପ୍ରଧାନ ଉପାଦାନ, ଅନଳ ଓ ଅନିଳ, ଯେଉଁ ସଖାଦ୍ୱୟ ଆମ୍ଭମାନଙ୍କର ଚିରସଖା, ଏହି ସବୁ ଓ ଅନ୍ୟ ଯାହା ସାଧାରଣ ଚକ୍ଷୁରେ ଯତ୍ସାମାନ୍ୟ ବୋଲି ବୋଧହୁଏ, ତାହା ବିଜ୍ଞାନର ଅଧିକାରଭୁକ୍ତ । ଆପଣା ଶରୀର ସହିତ ବାହ୍ୟବସ୍ତୁମାନଙ୍କର କିପରି ସମ୍ବନ୍ଧ, କେଉଁ ସମ୍ବନ୍ଧ କିପରି ବାଞ୍ଛନୀୟ ତାହା ନିରୂପଣ କରିବା ବିଜ୍ଞାନର ସୀମାନ୍ତର୍ଗତ । ଏହିରୂପେ ଆମ୍ଭମାନଙ୍କର ସ୍ୱସ୍ୱ ଶରୀରସ୍ଥ ଓ ଶରୀରର ଚତୁଃପାର୍ଶ୍ୱସ୍ଥ ଯାବତୀୟ ପଦାର୍ଥ ବିଜ୍ଞାନର ତତ୍ତ୍ୱାବଧାନରେ ସ୍ଥାପିତ ।

ବର୍ତ୍ତମାନ ଏହିପରି ପ୍ରଶ୍ନ ହୋଇପାରେ, ଯେବେ ବିଜ୍ଞାନ ଏହିପରି ସାଧାରଣ ପଦାର୍ଥମାନଙ୍କର ତତ୍ତ୍ୱ ନିରୂପଣରେ ପ୍ରଧାନତଃ ନିଯୁକ୍ତ, ତେବେ ବିଜ୍ଞାନପ୍ରସୂତ ଯେ ସବୁ ଅଦ୍ଭୁତ, ଅଭୂତପୂର୍ବ, ଅଶ୍ରୁତପୂର୍ବ, ଦୁର୍ବୋଧ୍ୟ କାର୍ଯ୍ୟମାନ ସାଧିତ ହେଉଅଛି ତାହା କି କେବଳ ସାମାନ୍ୟ ପଦାର୍ଥର ତତ୍ତ୍ୱଜ୍ଞାନ ଉପରେ ନିର୍ଭର କରଇ ? ଯେଉଁ ଟେଲିଗ୍ରାଫ, ଟେଲିଫୋନ୍ ପ୍ରଭୃତି ଯନ୍ତ୍ରଦ୍ୱାରା ଅଳ୍ପ ସେକଣ୍ଡରେ ସହସ୍ର ୨ କ୍ରୋଶ ଦୂରସ୍ଥିତ ସ୍ଥାନମାନଙ୍କର ସମ୍ବାଦ ମିଳୁଅଛି, ଯେଉଁ ରେଲ ଜାହାଜ ପ୍ରଭୃତି ବାଷ୍ପୀୟ ଯନ୍ତ୍ର ସ୍ୱଳ୍ପକାଳ ମଧ୍ୟରେ ସୁଦୂରସ୍ଥିତ ପ୍ରଦେଶରେ ପ୍ରବିଷ୍ଟ କରାଉଅଛି, ଯେଉଁ ବୈଦ୍ୟୁତିକ ଆଲୋକ ତୈଳର ବିନାସହାଯ୍ୟରେ ସୂର୍ଯ୍ୟାଲୋକକୁ ପରାଭୂତ କରିବାରେ ଉଦ୍ୟତ, ଏତଦ୍ବ୍ୟତୀତ ଅନ୍ୟାନ୍ୟ ଭୂରି ୨ ଯେଉଁ ଯନ୍ତ୍ରମାନ ମାନବପ୍ରକୃତିଗତ ଅଭାବ ମୋଚନ ଓ ସୁଖ ସ୍ୱଚ୍ଛନ୍ଦତା ବର୍ଦ୍ଧନ ନିମନ୍ତେ ବିଜ୍ଞାନ ସାହାଯ୍ୟରେ ଉଦ୍ଭାବିତ ହୋଇଅଛି, ତାହା କି ଏହି ସାମାନ୍ୟ ପଦାର୍ଥମାନଙ୍କର ଗୁଣ ନିକଟରେ ଋଣୀ ?

ପାଠକେ ! ଏ ବିଷୟଗୁଡ଼ିକ ଏଡ଼େ ଆଶ୍ଚର୍ଯ୍ୟଜନକ ବୋଧ ହେଲେହେଁ ଏହା ଲୋମ, କାଚ, ବାୟୁ, ଜଳ, ଅଙ୍ଗାର ପ୍ରଭୃତି ପଦାର୍ଥର ଗୁଣଜ୍ଞାନ ଓ ଶକଟ ନୌକା ପ୍ରଭୃତି ସାମାନ୍ୟ ପଦାର୍ଥର ଗତିର ନିୟମଜ୍ଞାନ ଉପରେ ସମ୍ପୂର୍ଣ୍ଣ ନିର୍ଭର କରଇ । ବିଜ୍ଞାନ ଏହିସବୁ ପଦାର୍ଥକୁ ଭିନ୍ନ ୨ ଅବସ୍ଥାରେ ରଖି, କେଉଁ ଅବସ୍ଥାରେ କେଉଁ ଗୁଣର କି ନିୟମରେ ବିକାଶ ହୁଏ ଓ ଅନ୍ୟ ପଦାର୍ଥ ସହିତରେ ସେହି ଗୁଣର କିପରି ଭାବରେ ପରିବର୍ତ୍ତନ ହୁଏ, ଯେଉଁ ପରିବର୍ତ୍ତନ ବାଞ୍ଛନୀୟ ତାହା କିପରି ସର୍ବଦା ସାଧିତ ହେବ ଓ

ଯାହା ତଦ୍‌ବିପରୀତ ତାହା କିପରି ଦୂରୀଭୂତ ହେବ ଏହା ନିର୍ଣ୍ଣିତ କରେ । ବିଜ୍ଞାନ କିରୂପେ ଏହି କାର୍ଯ୍ୟମାନ କରଇ, କିରୂପେ ପଦାର୍ଥର ତତ୍ତ୍ୱ ନିରୂପିତ ହୁଅଇ, କେଉଁ ୨ ତତ୍ତ୍ୱ ଏପର୍ଯ୍ୟନ୍ତ ଜ୍ଞାତ ହୋଇଅଛି, କେଉଁ ୨ ତତ୍ତ୍ୱଦ୍ୱାରା କେଉଁ ୨ ସୁଖସ୍ୱଚ୍ଛନ୍ଦତା ବୃଦ୍ଧିକାରକ କାର୍ଯ୍ୟମାନ ସାଧିତ ହୋଇଅଛି ତାହା କ୍ରମେ ଏହି ପତ୍ରିକା କଳେବରରେ ବିବୃତ ହେବ ।

କିନ୍ତୁ ଆମ୍ଭେମାନେ ଏପର୍ଯ୍ୟନ୍ତ ବିଜ୍ଞାନର କାର୍ଯ୍ୟକ୍ଷେତ୍ର ସମ୍ୟକ୍ ପରିଦର୍ଶନ କରି ନାହୁଁ । ଏ ରାଜ୍ୟର ପ୍ରତ୍ୟେକ ସ୍ଥାନ ତନ୍ନ ୨ କରି ନ ଦେଖି ଦ୍ରୁତଗତିରେ ଏତନ୍ମଧ୍ୟରେ ପରିଭ୍ରମଣ କରୁଥିଲେହେଁ ଏହାର ସୀମାନ୍ତପ୍ରଦେଶରେ ଏପର୍ଯ୍ୟନ୍ତ ପ୍ରବିଷ୍ଟ ହୋଇନାହୁଁ । ସୂର୍ଯ୍ୟ ଚନ୍ଦ୍ର ଗ୍ରହ ନକ୍ଷତ୍ରାଦି, ପଶୁ ପକ୍ଷୀ ମତ୍ସ୍ୟ କୀଟାଦି, ତରୁ ଲତା ଗୁଳ୍ମାଦି, ସମୁଦ୍ର ନଦୀ ହ୍ରଦାଦି, ଭୂଗର୍ଭ ଭୂପୃଷ୍ଠସ୍ଥିତ ତାବତୀୟ ପଦାର୍ଥାଦି, ଆମ୍ଭମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ସାମାନ୍ୟ ପଦାର୍ଥ ନ ହେଲେ ମଧ୍ୟ ଏହି ସୁବିସ୍ତୃତ ବିଜ୍ଞାନ ରାଜ୍ୟର ଏକାଂଶରେ ଅବସ୍ଥିତ । ଏ ସଂସାରରେ ଏମନ୍ତ କୌଣସି ପଦାର୍ଥ ନାହିଁ ଯାହା ଯେତେ କ୍ଷୁଦ୍ର ବା ଯେତେ ବୃହତ୍ ହେଉନା କାହିଁକି ଏହି ବିଜ୍ଞାନ ରାଜ୍ୟର ଅନ୍ତର୍ଗତ ନୁହେ ।

ପାଠକେ ! ଦେଖିଲ, ଏହାର ରାଜ୍ୟ କେତେଦୂର ବିସ୍ତୃତ, ଏହା ଅନ୍ତର୍ଜଗତ୍ ଓ ବହିର୍ଜଗତକୁ ସମ୍ୟକ୍ ବ୍ୟାପି ରହିଅଛି । ଏହାର କୌଣସି ଅଂଶ ମରୁ ବା ଅନୁର୍ବର ନୁହେ । ଯେଉଁ ଲୋକ କୌଣସି ଅଂଶ ଆଜୀବନ ପଟ୍ଟା ନେଇ ସ୍ଥାୟୀଭାବରେ କର୍ଷଣ କରିବ ସେ ଏତେ ପରିମାଣରେ ଶସ୍ୟ ଉତ୍ପାଦନ କରିପାରିବ ଯେ ତହିଁରେ ନିଜର ଓ ଅନ୍ୟାନ୍ୟ ସହସ୍ର ଲୋକର ସୁଖ ସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ହୋଇପାରିବ । କିନ୍ତୁ ଏ ରାଜ୍ୟ ସୁବିସ୍ତୃତ ଓ ଉର୍ବର ହେଲେହେଁ ଦୁର୍ଭାଗ୍ୟବଶତଃ ଏଥିରେ କୃଷକ ଅତି ଅଳ୍ପ । ପାଠକେ, ଆସ ଏହି ସୁଫଳପ୍ରଦ ରାଜ୍ୟର କୌଣସି ଅଂଶରେ ବସତି ସ୍ଥାପନ କରି, ସମ୍ୟକ୍‌ରୂପେ ଭୂମି କର୍ଷଣ କରି ଆପଣାର ଓ ଦେଶୀୟ ବିଦେଶୀୟ ସହସ୍ର ୨ ଲୋକର ଐହିକ ସୁଖ ବିଧାନରେ ପ୍ରବୃତ୍ତ ହେବା ।

---

## ଜୀବନ କି ଅସାର ?

ଆମ୍ଭେମାନେ ସମୟେ ୨ କହିଥାଉଁ 'ଜୀବନ ଅସାର, ଏହାର କୌଣସି ବା(ଦା)ୟିତ୍ୱ ନାହିଁ, ସୁତରାଂ ଏହାର ଉତ୍କର୍ଷ ସାଧନ କରା ବୃଥା' । ଯେତେବେଳେ ଆମ୍ଭେମାନେ ସାମାନ୍ୟ ପରିହାର୍ଯ୍ୟ ଓ ଅବିଭାଜ୍ୟ ପରମାଣୁର ତତ୍ତ୍ୱ ନିର୍ଣ୍ଣୟ କରିବାକୁ ଅକ୍ଷମ, ତେତେବେଳେ କିପରି କହିପାରୁଁ ଯେ ଇଦୃଶ ଜ୍ଞାନ ପ୍ରେମ ଧୀଶକ୍ତିପୂର୍ଣ୍ଣ

ମାନବଜୀବନ ବୃଥା ଓ ଅସାର ? ପରମକାରୁଣିକ ଜଗତ୍‌ପିତା ପରମେଶ୍ୱର ଏପରି ଜୀବନକୁ ସୃଷ୍ଟି କରିବାର କି କିଛି ଉଚ୍ଚ ଉଦ୍ଦେଶ୍ୟ ନାହିଁ ? ତେବେ ପ୍ରତ୍ୟେକ ପଦାର୍ଥ ଯାହାକୁ ଆମ୍ଭେମାନେ ଅପଦାର୍ଥ ଓ ଅସାର ଜାଣି ପରିହାର କରିଥାଉଁ ତାହା ସାରଯୁକ୍ତ ବୋଲି ଏକସମୟରେ ପ୍ରମାଣିତ ହୁଏ କାହିଁକି ? ଏହା ନିଶ୍ଚୟ କଥା ପ୍ରତ୍ୟେକ ସୃଷ୍ଟପଦାର୍ଥର କାରଣ ଅଛି, ସାରତ୍ୱ ଓ ଆବଶ୍ୟକତା ପରସ୍ପରର ଅଭ୍ୟନ୍ତରେ ନିହିତ ଅଛି । ଏପରି କୌଣସି ପଦାର୍ଥ ନାହିଁ ଯାହାର କି କାରଣ, ଉଦ୍ଦେଶ୍ୟ ଓ ଆବଶ୍ୟକତା ନାହିଁ ।

'ଏ ଜୀବନ ଅସାର, ଅତଏବ ଯେତେ ଶୀଘ୍ର ପିଣ୍ଡରୁ ପ୍ରାଣ ବହିର୍ଗତ ହୁଏ ଉତ୍ତମ' । ଇଦୃଶ ଭାବ ପ୍ରକାଶର କୌଣସି ଭୂମି ନାହିଁ ଯାହା ଉପରେ ଆମ୍ଭେମାନେ ଦଣ୍ଡାୟମାନ ହୋଇ ଏପରି କହିପାରୁଁ । ସୀମାବିଶିଷ୍ଟ ଯେ ଆମ୍ଭେମାନେ ଅସୀମର କାର୍ଯ୍ୟ ବିରୁଦ୍ଧରେ ଏପରି ମନ୍ତବ୍ୟ ପ୍ରକାଶ କଲେ ଅବଶ୍ୟ ଆମ୍ଭମାନଙ୍କୁ ଆତ୍ମହନ୍ତାର ଦଣ୍ଡରେ ଦଣ୍ଡନୀୟ ହେବାକୁ ହେବ । ଈଶ୍ୱରପରାୟଣ, ଚିନ୍ତାଶୀଳ ଓ ବିଜ୍ଞାନବିତ୍ ପଣ୍ଡିତମାନେ ଇଦୃଶ ବିଶ୍ୱରାଜବିରୁଦ୍ଧ ମତର କେଭେଁ ପୋଷକତା କରନ୍ତି ନାହିଁ । ତେବେ କେଉଁ ବ୍ୟକ୍ତିମାନେ ଏପରି ଭାବକୁ ହୃଦୟରେ ସ୍ଥାନ ଦିଅନ୍ତି ? ଯେଉଁମାନେ ଜୀର୍ଣ୍ଣ, ଶୀର୍ଣ୍ଣ, ଚିରରୋଗୀ ଓ ସର୍ବତ୍ର ଅସନ୍ତୁଷ୍ଟ, ଆଉ ଯେଉଁମାନେ ଈଶ୍ୱରଙ୍କୁ ମଙ୍ଗଳମୟ ବୋଲି ଅସ୍ୱୀକାର କରନ୍ତି ସେହିମାନେ କେବଳ ଦୁଃଖ ସମୟ ଉପସ୍ଥିତ ହେଲେ 'ଜୀବନ ଅସାର' ବୋଲି ଚିତ୍କାର କରିଉଠନ୍ତି । ଯେଉଁମାନେ କ୍ରୋଧବଶ, ଅସହିଷ୍ଣୁ ଓ ଯେଉଁମାନେ ଇନ୍ଦ୍ରିୟ ସୁଖକୁ ଚରମଫଳ ମଣି ସଂସାରରେ ବିଚରଣ କରନ୍ତି, ସେହିମାନେ ଏପରି ମତର ଅନୁଗାମୀ । ଯେଉଁ ଲୋକ ବୃଦ୍ଧ, କର୍ତ୍ତବ୍ୟପଥଭ୍ରଷ୍ଟ ଓ ଆତ୍ମାର ତତ୍ତ୍ୱରେ ଅନଭିଜ୍ଞ ହୋଇ ଯାବଜ୍ଜୀବନ ସଂସାରାଳିକ-ସୁଖ-ମରୀଚିକାର ପଶ୍ଚାଦ୍ଧାବିତ ହୋଇଅଛି ସେହି ଲୋକ କହିପାରେ ଜୀବନ ଅସାର । ଜୀବନ ଅମର, ସତ୍ୟ ଓ ସାରଯୁକ୍ତ; ଲୋକମାନେ ସଂସାର-ଐନ୍ଦ୍ରଜାଲିକ ବାକ୍ସ ମଧରେ ପଡ଼ି ବୃଥା ଏପରି ପବିତ୍ର ଈଶ୍ୱରପ୍ରତିବିମ୍ବ ମାନବଜୀବନକୁ ଅସାରତ୍ୱ ପ୍ରଦତ୍ତ କରନ୍ତି । କିନ୍ତୁ ଜୀବନର ଉଦ୍ଦେଶ୍ୟ, ଅମରତ୍ୱ, ଦାୟିତ୍ୱ ଓ ଆଶାସମୂହକୁ ଧ୍ୟାନସ୍ତିମିତଲୋଚନରେ ଦେଖିଲେ ଅବଶ୍ୟ ବୁଝାଯିବ ଯେ ଜୀବନ ଏପରି କୌଶଳପୂର୍ଣ୍ଣ ଜଡ଼ପିଣ୍ଡରେ ବୃଥା ନ୍ୟସ୍ତ ହୋଇନାହିଁ, ଏହାର ଅବଶ୍ୟ ଉଚ୍ଚ ଉଦ୍ଦେଶ୍ୟ ଅଛି । ଏହି ଦାୟିତ୍ୱ ଆଶା ଓ ଅମରତ୍ୱ ଜୀବନକୁ ପରମାର୍ଥନିଷ୍ଠା ଆଡ଼କୁ ଆକର୍ଷଣ କରେ, ତାହାକୁ ପ୍ରାପ୍ତ ହେବା ନିମନ୍ତେ ଜୀବନ ସଦା ଆକୁଳିତ ଓ ଲାଳାୟିତ ହୁଏ ।

କେହି ୨ ମଧ ଏପରି ପ୍ରଶ୍ନ କରିପାରନ୍ତି ଜୀବନ କି ସ୍ଥାନବିଶେଷରେ ଅସାର ଓ ଭାରଯୁକ୍ତ ବୋଲି ବୋଧ ହୁଏ ନାହିଁ ? ଅବଶ୍ୟ ହୁଏ, ହେବନାହିଁ କାହିଁକି ? ଏପରି ଭାବ ହୃଦୟରେ ଉଦ୍ରେକ ହେବାର ଅସମ୍ଭବ ନୋହେ; ସଚରାଚର ପାପପ୍ରପୀଡ଼ିତ ଓ କଳଙ୍କିତ ଜୀବନରେ ଏହା ଲକ୍ଷିତ ହୁଏ । ମାତ୍ର ଇଦୃଶ ଲୋକମାନଙ୍କର ଜୀବନରେ ଏପରି ଘଟିଲେ ମଧ କୌଣସି ପ୍ରକାରେ 'ଜୀବନ ଅସାର' ଏହା କାରଣ ହୋଇ ପାରେ ନାହିଁ । ଇଦୃଶ ମତ ନରହତ୍ୟା ଓ ଆତ୍ମହତ୍ୟାଦି ଜଘନ୍ୟ କର୍ମର ପୋଷକତା କରେ । ଏହି ମତ ରାମର

ହସ୍ତକୁ ଶ୍ୟାମର ପ୍ରାଣ ନାଶିବା କାରଣ ଶାଣିତ ଅସି ଧରାଇବାକୁ ଶିକ୍ଷା ଦେଲା । ଏହି ମତ ଅସଂଖ୍ୟ ଶିଶୁହନ୍ତାଙ୍କର ଜୀବନରେ ନିଷ୍ଠୁରତା ଓ ଘୃଣ୍ୟ ସାହସ ପ୍ରଦତ୍ତ କଲା । ଏହି ମତ ଅଗଣ୍ୟ ଭ୍ରୂଣ ହତ୍ୟାର ମୂଳକାରଣ ଅଟେ । ଅତଏବ ଜୀବନ ଅସାର ଏପରି ବାକ୍ୟକୁ ଉଚ୍ଚାରଣ କରା ମାନବଜୀବନ ପକ୍ଷେ ମହାପାପ ।

ଯେଉଁମାନେ ଉପରୋକ୍ତ ନିନ୍ଦନୀୟ ଓ ଅମୂଳକ ମତର ପୋଷକତା କରନ୍ତି ସେମାନଙ୍କୁ ମୋହର ମଧ୍ୟ ଜିଜ୍ଞାସ୍ୟ ଯେ ସ୍ଥାନ ଓ ସମୟ ବିଶେଷରେ ଜୀବନ କି ସାରଯୁକ୍ତ ଓ ଅମର ବୋଲି ବୋଧ ହୁଏନାହିଁ ? ମନେକର ଜଣେ ଲୋକ ବଙ୍ଗୋପସାଗର ଦେଇ ଅର୍ଣ୍ଣବପୋତରେ କଟକଠାରୁ କଲିକତାକୁ ଗମନ କରୁଅଛି, ଏମନ୍ତ ସମୟରେ ହଠାତ୍ ଏକ ଭୀଷଣ ଦୁର୍ଘଟନା ଉପସ୍ଥିତ ହେଲା, ନୀଳାକାଶ ବାରିଦମାଳାରେ ବିଭୂଷିତ ହୋଇ କି ଏକ ଅଚିନ୍ତନୀୟ ପ୍ରଳୟକାଳୀନ(ଳିନ୍) ଭୀମ ପ୍ରଚଣ୍ଡରୂପକୁ ଧାରଣ କଲା, ସାଗରବକ୍ଷ ତରଙ୍ଗମାଳା ସହିତ ଘନଗର୍ଜନ ନାଦ କରି ପୋତକୁ ଜଳମଗ୍ନ କରିବାକୁ ଉପକ୍ରମ କଲା, ମଧ୍ୟ ମରୁତ ସହସ୍ରବାହୁ ବିସ୍ତାର କରି ସ୍ୱ ପରାକ୍ରମ ପ୍ରକାଶ କଲା— ଏମନ୍ତ ସମୟରେ ସେହି ଲୋକଟିର ମନୋଭାବ କି ଏକ ଅକଥନୀୟରୂପ ଧାରଣ କରିବାର ସମ୍ଭବ, ମନେ କଲେ ହୃତକମ୍ପ ହୁଅଇ । ଏ ମୁହୂର୍ତ୍ତରେ କେଉଁ ସେ ଜୀବନକୁ ଅସାରପଦ୍ଧତି ଦେବନାହିଁ । କିନ୍ତୁ ''ହେ ପ୍ରାଣେଶ୍ୱର, ହେ ସାଗରବକ୍ଷସ୍ଫୀତକାରୀ ! ଏ ଭୀଷଣ କାଳକବଳରୁ ଆଜି ମୋତେ ରକ୍ଷା କର, ପ୍ରାଣାନ୍ତେ ଜଳଯାତ୍ରା ଆଉ କରିବି ନାହିଁ'' । ସ୍ୱାଭାବିକ ଏପରି ପ୍ରାର୍ଥନା ହୃଦୟର ଅନ୍ତରତମ ସ୍ଥାନ ସ୍ପର୍ଶ କରି ଅନର୍ଗଳ ବହିର୍ଗତ ହେବ । ଏତାଦୃଶ ଆଶା ଓ ଜୀବନ୍ତ ପ୍ରାର୍ଥନାରୁ ଜୀବନ ସାର ଓ ଜୀବନ ଅମର ଯଥେଷ୍ଟରୂପେ ପ୍ରମାଣିତ ହେଉନାହିଁ କି ?

ଅନ୍ୟ ପକ୍ଷରେ ଯଦି ସେହି ସମୟରେ ଲୋକଟି କହେ ଜୀବନ ଅସାର ଓ କ୍ଷଣଭଙ୍ଗୁର, ଆଜି ଏହିଠାରେ ପ୍ରାଣ ଗଲେ-ଭଲ; ତାହାର କିଛିକ୍ଷଣ ପରେ ଦେଖିବ ଯେତେବେଳେ ସେ କଲିକତା ନଗରୀରେ ପ୍ରବେଶ ହୋଇ ଫୋର୍ଟଉଲିୟମ୍ ମଧ୍ୟରେ ଊନବିଂଶ ଶତାବ୍ଦୀର ଅଶ୍ୱବାହନଯୁକ୍ତ ରଥରେ ଭ୍ରମଣ କରୁଥିବ ତେତେବେଳେ ନିଶ୍ଚୟ ସେ ଉପରୋକ୍ତ 'ଜୀବନ ଅସାର' ଭାବକୁ ଅନ୍ୟର ନିକଟରେ ପ୍ରକାଶ କରିବାକୁ କୁଣ୍ଠିତ ହେବ, ବରଂ ମନ ମଧ୍ୟରେ ତାହାକୁ ସଂଶୋଧନ କରିବାକୁ ଚେଷ୍ଟା କରିବ । ଅସାରକୁ କେହି ଅନ୍ୱେଷଣ କରନ୍ତି ନାହିଁ, ଜୀବନ ଯଦି ଅସାର ହୋଇଥାନ୍ତା ଆଉ କିଛିଦିନ ବଞ୍ଚିବାର ଇଚ୍ଛା ହୃଦୟର କୌଣସି ଅଂଶରେ ସ୍ଥାନ ପ୍ରାପ୍ତ ହୁଅନ୍ତା ନାହିଁ ।

କ୍ରମଶଃ

ଶ୍ରୀ ସାଧୁଚରଣ ରାୟ

୧ ମ ଖଣ୍ଡ ୨ୟ ସଂଖ୍ୟା



ମାସିକପତ୍ର ଓ ସମାଲୋଚନ ।

---

ଫେବୃୟାରୀ ସନ ୧୮୮୫ ମସିହା ।

---

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)


| | ବିଷୟ | | | ପୃଷ୍ଠା |
|---|---|---|---|---|
| ୧ । | ବିଜ୍ଞାନର ସହିତ ଧର୍ମର ସମ୍ବନ୍ଧ | ... | ... | |
| ୨ । | ମଠର ସମ୍ବାଦ [ଓକୀଲ] | ... | ... | |
| ୩ । | ଆମ୍ଭମାନଙ୍କର ଜାତୀୟ ସାହିତ୍ୟ | ... | ... | |
| ୪ । | ଶ୍ମଶାନରେ ମାତୃହୀନ ବାଳକ [ପଦ୍ୟ] | ... | ... | |
| ୫ । | ଜୀବନ କି ଅସାର ? | ... | ... | |
| ୬ । | ସନ୍ମାର୍ଗରେ ବୁଦ୍ଧିର ପରିଚାଳନା | ... | ... | |
| ୭ । | ସମାଲୋଚନା | ... | ... | |


***

## କଟକ

Printed and published by Sarat Chandra Mukhopadhaya at the Cuttack Printing Company's Press.

# ପ୍ରଦୀପର ମୂଲ୍ୟ ପ୍ରାପ୍ତି ସ୍ୱୀକାର ।

---

| | | | |
|---|---|---|---|
| ୧ । | ଶ୍ରୀଯୁକ୍ତ ଢେଙ୍କାନାଳ ମହାରାଜା | କଟକ | ଟ ୧।୵ |
| ୨ । | " କ୍ଷେତ୍ରମୋହନ ବସୁ ହେଡ଼କ୍ଲାର୍କ | ବାଲେଶ୍ୱର | ଟ ୧।୵ |
| ୩ । | " ମଦନସୁନ୍ଦର ମହାନ୍ତି ମେଡିକେଲସ୍କୁଲ | କଟକ | ଟ ୧।୵ |
| ୪ । | " ନିତ୍ୟାନନ୍ଦ ଘୋଷ ସଦର କାନୁନଗୋ | ବାଲେଶ୍ୱର | ଟ ୧।୵ |
| ୫ । | " ଗଜେନ୍ଦ୍ରନାରାୟଣ ଦତ୍ତ ମୁନସଫୀକାଛର | " | ଟ ୧।୵ |
| ୬ । | " ବ୍ରଜମୋହନ ରାୟ ୨ୟ ଶ୍ରେଣୀ ଏକାଡେମି | କଟକ | ଟ ୧।୵ |
| ୭ । | " ଗୋବିନ୍ଦଚନ୍ଦ୍ର କର | କୁଆଁପାଳ | ଟ ୧।୵ |
| ୮ । | " କୃଷ୍ଣପ୍ରସାଦ ଚୌଧୁରୀ | " | ଟ ୧।୵ |
| ୯ । | " ନାରାୟଣପ୍ରସାଦ ଦେ | ବାମଡା ସମ୍ବଲପୁର | ଟ ୧।୵ |
| ୧୦ । | " ନରସିଂହଚରଣ ମହାନ୍ତି ମୋହରର | ବାଲେଶ୍ୱର | ଟ ୧।୵ |
| ୧୧ । | " ହରଶ୍ଚନ୍ଦ୍ର ଘୋଷ କମିଶ୍ନରୀ | କଟକ | ଟ ୧।୵ |
| ୧୨ । | " ଅକ୍ଷୟକୁମାର ଘୋଷ " | " | ଟ ୧।୵ |
| ୧୩ । | " ଗୋକୁଳାନନ୍ଦ ଚୌଧୁରୀ | କଟକ | ଟ ୧।୵ |
| ୧୪ । | " ଜଗଦାନନ୍ଦ ପଟ୍ଟନାୟକ | ଚନ୍ଦକା | ଟ ୧।୵ |
| ୧୫ । | " ହେମଚନ୍ଦ୍ର ସରକାର | କଟକ | ଟ ୧।୵ |
| ୧୬ । | " କଶୋରୀଚରଣ ସେନ ୪ ର୍ଥ ଶ୍ରେଣୀ ଏକାଡେମି | କଟକ | ଟ ୧।୵ |
| ୧୭ । | " ଦୁର୍ଯ୍ୟୋଧନ ଦାସ " | " | ଟ ୦।୵ |
| ୧୮ । | " କାମିନୀମୋହନ ରାୟ ୩ ୟ ଶ୍ରେଣୀ | " | ଟ ୦।୵ |
| ୧୯ । | " ପରମାନନ୍ଦ ସାହୁ ଏଲ୍, ଏ, କ୍ଲାଶ | କଟକ | ଟ ୦।୵ |
| ୨୦ । | " ରାଧାମାଧବ ନାୟକ ଏଣ୍ଟ୍ରାନ୍ସକ୍ଲାସ ଏକାଡେମି | " | ଟ ୦।୵ |
| ୨୧ । | " ରଘୁନାଥ ଘୋଷ | ବାଖରାବାଦ | ଟ ୧।୵ |
| ୨୨ । | " ମଣିଚରଣ ମହାପାତ୍ର ୪ ର୍ଥ ଶିକ୍ଷକ ଜିଲ୍ଲାସ୍କୁଲ | ବାଲେଶ୍ୱର | ଟ ୧।୵ |
| ୨୩ । | " ବୈଷ୍ଣବଚରଣ ସରଖେଲ " " | ଯାଜପୁର | ଟ ୧।୵ |
| ୨୪ । | " ଦୁର୍ଗାଚରଣ ପଟ୍ଟନାୟକ | ବଡ଼ାମ୍ବା | ଟ ୧।୵ |

☞ ସ୍ଥାନାଭାବରୁ ଅନ୍ୟ ଗ୍ରାହକମାନଙ୍କର ନାମ ପ୍ରକାଶିତ ହୋଇ ପାରଲା ନାହିଁ ।

---

# ବିଜ୍ଞାନର ସହିତ ଧର୍ମର ସମ୍ବନ୍ଧ ।

ପାଠକେ, କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତଦ୍ବିଷୟକ ଆନୁପୂର୍ବିକ ଚିନ୍ତା କରିବା ସମ୍ୟକ୍ ବିଧେୟ, ଯେହେତୁ ଅମିଶ୍ର ସୁଖ ଇହସଂସାରରେ ଦୁର୍ଲଭ; ବିଜ୍ଞାନରାଜ୍ୟରେ ଯେ ସେରୂପ ସୁଖ ମିଳିବ ତାହାର ବା ଠିକ କଅଣ ? ଯେବେ ଏ ରାଜ୍ୟରେ କୌଣସି ଦୁଃଖର କାରଣ ଥାଏ ତେବେ ତାହା ପ୍ରଥମତଃ ନିର୍ଦ୍ଧାରଣ କରିବା ଉଚିତ; ତଦନନ୍ତର ଯାହା ସତ୍‌ପରାମର୍ଶ ତାହା କର୍ତ୍ତବ୍ୟ ।

ଅନେକେ ଭାବନ୍ତି ଯେ ଏ ରାଜ୍ୟ ସୁଫଳପ୍ରଦ ହେଲେ ମଧ ଶାନ୍ତିପ୍ରଦ ନୁହଇ; ଏ ରାଜ୍ୟରେ ପ୍ରବେଶ କଲେ ସନ୍ଦେହ, ଅଧର୍ମ, ନାସ୍ତିକତା ପ୍ରଭୃତିର କରାଳକବଳଗତ ହେବାକୁ ହୁଏ । ଯଦି ସେମାନଙ୍କର ମତ ଅଭ୍ରାନ୍ତ ଓ ଯଥାର୍ଥ ହୋଇଥାଏ, ତେବେ ବିଜ୍ଞାନରାଜ୍ୟରେ ପ୍ରବେଶ କରିବା ସର୍ବତୋଭାବରେ ଅବିଧେୟ, ଯେହେତୁ ଏତଦ୍ଦ୍ୱାରା ଐହିକ ସୁଖମାତ୍ର ସମ୍ବର୍ଦ୍ଧିତ ହେବ, ପାରତ୍ରିକ ସୁଖ ବିଧାନର କୌଣସି ଉପାୟ ହେବ ନାହିଁ । ଏମନ୍ତ କିଏ ମୂଢ଼ ଅଛି ଯେ ସେ ଅମିଶ୍ର ବିମଳ ଅନନ୍ତସୁଖ ବିନିମୟରେ କିୟତ୍କାଳବ୍ୟାପୀ ଅସାର ଐହିକସୁଖଲାଭେଚ୍ଛା କରିବ ?

କିନ୍ତୁ ସେମାନଙ୍କର ମତ ଅଭ୍ରାନ୍ତ କି ଭ୍ରମସଙ୍କୁଳ ତାହା ସୁଦୃଢ଼ଭିତ୍ତି ଉପରି ସ୍ଥାପିତ କି ନା, ତାହା ଥରେ ପର୍ଯ୍ୟାଲୋଚନା କରିବା ଆବଶ୍ୟକ ।

ପ୍ରଥମତଃ ଦେଖିବା ଉଚିତ, ଧର୍ମର ମୂଳ କେଉଁଠାରେ; ବିଜ୍ଞାନ ଯେବେ ସେହି ମୂଳରେ କୁଠାରାଘାତ କରୁଥିବ କିମ୍ବା ତାହା ଉତ୍ପାଟନ କରିବାର ଚେଷ୍ଟା କରୁଥିବ, ତେବେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ବିଜ୍ଞାନ ଧର୍ମବିରୋଧୀ; କିନ୍ତୁ ତତ୍‌ପରିବର୍ତ୍ତରେ ଯେବେ ଏହା ପ୍ରମାଣିତ ହୁଏ ଯେ, କୁଠାରାଘାତ ବା ସମୂଳୋତ୍ପାଟନ କରିବା ଦୂରେଥାଉ, ବିଜ୍ଞାନ ଉକ୍ତ ମୂଳକୁ ସୁଦୃଢ଼ କରେ, ତେବେ କେଉଁ ବିଜ୍ଞ ସହୃଦୟ ବ୍ୟକ୍ତି ବିଜ୍ଞାନକୁ ଧର୍ମବିଦ୍ୱେଷୀ ବୋଲି ପରିତ୍ୟକ୍ତ କରିବେ ?

'ବିଶ୍ୱାସୋଧର୍ମମୂଳଂହି' ଏହି ବାକ୍ୟଟା ପ୍ରାୟ ସମସ୍ତଙ୍କଠାରେ ସୁପରିଚିତ ଓ ଇହା ପ୍ରାୟ ସର୍ବବାଦିସମ୍ମତ । ଏଠାରେ ବିଶ୍ୱାସ ଶବ୍ଦର ଅର୍ଥ, ଜଗତ୍‌ସ୍ରଷ୍ଟା ପରମେଶ୍ୱରଙ୍କର ଅସ୍ତିତ୍ୱ, ପରମକାରୁଣିକତା, ପ୍ରଭୂତଶକ୍ତି, ଅନନ୍ତଜ୍ଞାନ ପ୍ରଭୃତିରେ ବିଶ୍ୱାସ । ଯଦି ବିଶ୍ୱାସ ଶବ୍ଦର ଏହି ଅର୍ଥ ହୁଏ, ତେବେ, ବିଜ୍ଞାନର ଅନ୍ୟ କିଛି ଫଳ ଥାଉ ବା ନଥାଉ, ଆମ୍ଭମାନଙ୍କର ଏହି ବିଶ୍ୱାସକୁ ଦୃଢ଼ୀକରଣ ଏହାର ଅନିବାର୍ଯ୍ୟ ନିଶ୍ଚିତ ଫଳ । ମନେ କର, ଆମ୍ଭ ସମୀପରେ କ୍ଷୁଦ୍ର ସ୍ୱଳ୍ପଜୀବୀ ମଶକଟୀଏ ବିରକ୍ତିଜନକ ଗୁଣୁ ୨ ଶବ୍ଦ କରି ଉଡୁଅଛି, ଏହି ମଶକଟୀକୁ ଦେଖି ଜଣେ ସାଧାରଣ ଲୋକ କି ଜଣେ ପ୍ରାଣୀତତ୍ତ୍ୱବିତ୍

ମନରେ, ପରମେଶ୍ୱରଙ୍କର ଅସ୍ତିତ୍ୱ, ଅନନ୍ତ ଜ୍ଞାନ, ଅନନ୍ତ ଶକ୍ତି ଅପରିସୀମ ଦୟାର ପ୍ରତୀତି ଜନ୍ମିବ ? ତାହାର ବିରକ୍ତିଦାୟକ କର୍କଶ ଗୁଣୁ ୨ ଶବ୍ଦ, ତାହାର କଷ୍ଟଦାୟକ ତୀକ୍ଷ୍ଣଦଂଶନ ସାଧାରଣ ଲୋକଟୀର ମନରେ ଏରୂପ ଜୀବସୃଷ୍ଟିର ଅନାବଶ୍ୟକତା ଓ ଅନୁପଯୋଗିତା ସ୍ୱଭାବତଃ ଜାତ କରାଇବ । କିନ୍ତୁ ବିଜ୍ଞାନବିତ୍ ପ୍ରତି ଏହି ଜୀବନର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଏହାର ପ୍ରତ୍ୟେକ କାର୍ଯ୍ୟ ଓ ପ୍ରତ୍ୟେକ ଅବସ୍ଥା ଅନନ୍ତ ଜ୍ଞାନର ପରିଚାୟକ । ଏହାର ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ତାବତୀୟ ଶାରୀରିକ ପରିବର୍ତ୍ତନ, ରକ୍ତଶୋଷଣକ୍ଷମ ସୂକ୍ଷ୍ମଶୁଣ୍ଡ, ମୁହୂର୍ତ୍ତ ମଧ୍ୟରେ ସହସ୍ରାଧିକବାର ଆନ୍ଦୋଳିତ ପକ୍ଷ, ତାହାର ଶରୀରସ୍ଥ କୌଶଳପୂର୍ଣ୍ଣ ସୂକ୍ଷ୍ମ ୨ ଯନ୍ତ୍ରାବଳୀ, ସେମାନଙ୍କର ଯଥାସ୍ଥାନ ସନ୍ନିବେଶ ଓ ବିଶେଷ ଶାରୀରିକ କ୍ରିୟା ସାଧନାର୍ଥ ଉପଯୋଗିତା ଓ ପରସ୍ପର ସାପେକ୍ଷତା ପ୍ରଭୃତି ଗୋଟିଏ ୨ ଆଶ୍ଚର୍ଯ୍ୟ କାଣ୍ଡ । ଜଣେ ବିଜ୍ଞାନବିତ୍‌କୁ ଏହା ଏକାବେଳକେ ଆଶ୍ଚର୍ଯ୍ୟରସରେ ଅଭିଭୂତ କରେ ଓ ପରମେଶ୍ୱରଙ୍କର ଅସ୍ତିତ୍ୱ, ଅନନ୍ତ ଜ୍ଞାନ, ଅନନ୍ତ ଶକ୍ତି ପ୍ରଭୃତିରେ ଏକାବେଳକେ ବିଶ୍ୱାସ ଜନ୍ମାଇଦିଏ । ଆଉ ଯେତେବେଳେ ସେ ବିଜ୍ଞାନବିତ୍ ଦେଖନ୍ତି ଯେ ଏହି ମଶକର ଖାଦ୍ୟ ପ୍ରଭୃତି ସଂଗ୍ରହ ନିମନ୍ତେ କି ବିଚିତ୍ର କୌଶଳ ଅବଲମ୍ବିତ ହୋଇଅଛି ଓ ଏହା ମନୁଷ୍ୟ ଶୋଣିତର ଦୂଷିତାଂଶ ଗ୍ରହଣ ଦ୍ୱାରା ମାନବସମାଜର କେତେଦୂର ଉପକାରୀ, ତେତେବେଳେ ସେ ଈଶ୍ୱରଙ୍କ ପରମକାରୁଣିକତା ଉପରେ ବିଶ୍ୱାସ ନ କରି ଦଣ୍ଡେ ରହିପାରିବେ କି ? ଯାହା ମନକୁ ଆଶ୍ଚର୍ଯ୍ୟାଭିଭୂତ କରେ, ତାହା ଆମ୍ଭ ମତରେ ଧର୍ମୋଦ୍ଦୀପକ; ମାନବଜାତିର ଆଦିମ ଇତିବୃତ୍ତ ଆଲୋଚନା କଲେ ଏହା ସ୍ପଷ୍ଟ ପ୍ରତୀତି ହେବ । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ ପ୍ରଭୃତି ଯେଉଁ ପଦାର୍ଥର ସ୍ୱାଭାବିକ ଶକ୍ତି ଉକ୍ତ ଅବସ୍ଥାରେ ମନରେ ଆଶ୍ଚର୍ଯ୍ୟଭାବ ଜାତ କରାଉଥିଲା ତାହା ଈଶ୍ୱର ରୂପରେ ଉପାସିତ ହେଉଥିଲା ଓ ଆଦିମ ଅନୁନ୍ନତ ସମାଜରେ ଏପର୍ଯ୍ୟନ୍ତ ହେଉଅଛି । ବିଜ୍ଞାନ ମଶକାପେକ୍ଷା ସାମାନ୍ୟତର ପଦାର୍ଥମାନଙ୍କରେ ଆଶ୍ଚର୍ଯ୍ୟ ନିର୍ମାଣକୌଶଳ, ଅସୀମ ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରି ମନକୁ ବିସ୍ମୟରସାଭିଷିକ୍ତ କରେ; ଏରୂପ ସ୍ଥଳରେ ବିଜ୍ଞାନକୁ ଧର୍ମୋଦ୍ଦୀପକ ନବୋଲି ଅନ୍ୟତର ନାମରେ ଅଭିହିତ କରିବା କେତେଦୂର ଯୁକ୍ତିସଙ୍ଗତ ତାହା ବୁଦ୍ଧିମାନ୍ ବ୍ୟକ୍ତିମାନେ ବୁଝିପାରିବେ ।

ଅଳ୍ପଦିନ ପୂର୍ବେ ଡାରଉଇନ୍ ନାମକ ଜୈନକ (ଜନୈକ) ଇଂରେଜ ଏହି ମତ ପ୍ରଚାର କରନ୍ତି ଯେ ପ୍ରଥମତଃ ଏହି ପୃଥିବୀରେ ଏପରି ଜୀବାଣୁ ଥିଲା ଯେ ତାହାର କେବଳ ଜୀବନଭିନ୍ନ କୌଣସି ବିଶିଷ୍ଟ ଅଙ୍ଗପ୍ରତ୍ୟଙ୍ଗ ନଥିଲା । ତାହାର କ୍ରମୋନ୍ନତିଦ୍ୱାରା ଏପରି ଅସମ୍ପୂର୍ଣ୍ଣଜୀବ ଜାତ ହେଲେ ଯେଉଁମାନଙ୍କର ଭିନ୍ନ ୨ ଶାରୀରିକ ପ୍ରକ୍ରିୟା ନିମିତ୍ତ ଭିନ୍ନ ୨ ଅଙ୍ଗପ୍ରତ୍ୟଙ୍ଗ ନଥିଲା । ଯେରୂପ ଆମ୍ଭମାନଙ୍କ ଦର୍ଶନ ଶ୍ରବଣାଦି ନିମନ୍ତେ ନୟନ କର୍ଣ୍ଣାଦି ଅଛି, କୌଣସି ପଦାର୍ଥ ଧରିବା ଓ ଏକସ୍ଥାନରୁ ଅନ୍ୟସ୍ଥାନକୁ ଯିବା ନିମନ୍ତେ

ହସ୍ତ ପାଦାଦି ଅଛି, ଖାଦ୍ୟ ଜୀର୍ଣ୍ଣ ଓ ରକ୍ତରେ ପରିଣତ ହେବାପାଇଁ ପାକସ୍ଥଳୀ ହୃତ୍‌ପିଣ୍ଡ ପ୍ରଭୃତି ଭିନ୍ନ ୨ ଯନ୍ତ୍ର ଅଛି, ଏ ଅସମ୍ପୂର୍ଣ୍ଣ ଜୀବମାନଙ୍କର ସେରୂପ କିଛିହିଁ ନଥିଲା, ଏକଅଙ୍ଗଦ୍ୱାରା ଏହିପରି ଭିନ୍ନ ୨ ନାନାବିଧ ଶାରୀରିକ କ୍ରିୟା ନିର୍ବାହିତ ହେଉଥିଲା। ଏମାନଙ୍କ କ୍ରମୋନ୍ନତିଦ୍ୱାରା ଅପେକ୍ଷାକୃତ ଅଧିକ ସମ୍ପୂର୍ଣ୍ଣଜୀବଶ୍ରେଣୀ ଜାତ ହେଲେ। ଏହି ପୃଥିବୀର ତାବତୀୟ ପ୍ରାଣୀ ଓ ଉଦ୍ଭିଦ ଏହି ପ୍ରାଥମିକ ଜୀବାଣୁର କ୍ରମବୃଦ୍ଧିରେ ଜାତ ହୋଇଅଛନ୍ତି; ମନୁଷ୍ୟ ଏହି ଆଦିମ ଜୀବପରମାଣୁର ଉନ୍ନତିର ଉଚ୍ଚତମ ଅବସ୍ଥା। ଏହି ମତକୁ ବିବର୍ତ୍ତନବାଦ ବୋଲାଯାଏ। କି ରୂପେ ଏହି ଉନ୍ନତି ସାଧିତ ହୁଏ, କି ରୂପରେ ଡାରଉଇନ୍ ଏହା ସିଦ୍ଧାନ୍ତ କଲେ ଓ ତଦ୍‌ବିଷୟରେ କେଉଁ ପ୍ରମାଣ ଅଛି ତାହା ଯଥାସମୟରେ ସମ୍ପୂର୍ଣ୍ଣଭାବରେ ବିବେଚିତ ହେବ। ବର୍ତ୍ତମାନ ଏହାହିଁ କହିଲେ ଯଥେଷ୍ଟ ହେବ ଯେ ଆଧୁନିକ ପ୍ରାୟ ସମସ୍ତ ବିଜ୍ଞାନବିତ୍ ପଣ୍ଡିତମାନେ ଏହି ମତର ପୋଷକତା କରନ୍ତି; ସେମାନେ ବିଶ୍ୱାସ କରନ୍ତି ନାହିଁ ଯେ ଭିନ୍ନ ୨ ଶ୍ରେଣୀୟ ଉଦ୍ଭିଦ ବା ପ୍ରାଣୀ ସୃଷ୍ଟିବେଳେ ପରମେଶ୍ୱରଙ୍କ ହସ୍ତ ପ୍ରତ୍ୟେକଥର ଆବଶ୍ୟକ ହୋଇଥିଲା ଓ ପ୍ରତ୍ୟେକ ଶ୍ରେଣୀ ଭିନ୍ନ ୨ ସମୟରେ ତାହାଙ୍କଦ୍ୱାରା ସୃଷ୍ଟ ହୋଇଥିଲେ। ଏହି କାରଣରୁ ଅନେକ ଏହି ବିଚାର କରନ୍ତି ଯେ ଏହି ବିବର୍ତ୍ତନବାଦପୋଷକ ବିଜ୍ଞାନବିତ୍‌ମାନେ ଈଶ୍ୱରଙ୍କୁ ସମୁଦାୟ ସୃଷ୍ଟିକାର୍ଯ୍ୟରୁ ଅନ୍ତର୍ହିତ ରଖି କେବଳ ପ୍ରାଥମିକ ଜୀବାଣୁ ଓ ନିର୍ଜୀବ ପରମାଣୁ ସୃଷ୍ଟିକାର୍ଯ୍ୟ ଆରୋପିତ କରି ତାହାଙ୍କର କ୍ଷମତା ଅନେକ କର୍ତ୍ତିତ କରିଦିଅନ୍ତି। କିନ୍ତୁ ପ୍ରକୃତ କିଏ ଈଶ୍ୱରଙ୍କ କ୍ଷମତାକୁ କର୍ତ୍ତିତ କରିବାରେ ପ୍ରସ୍ତୁତ ? ଯେବେ ଗୋଟିଏ ଘଡ଼ି ନିର୍ମାଣକାରୀ ଏପରି ଗୋଟିଏ ଘଡ଼ି ନିର୍ମାଣ କରେ ଯେ ଯହିଁରେ ସେକେଣ୍ଡ, ମିନିଟ୍, ଘଣ୍ଟା, ବାର, ମାସ, ବର୍ଷ ପ୍ରଭୃତି ପରିଜ୍ଞାତ ହୁଏ ଓ ଯହିଁରେ ଏପରି କୌଣସି କୌଶଳ ଅଛି ଯେ ତଦ୍ଧେତୁ ମନୁଷ୍ୟକୁ ପ୍ରତିଦିନ ବା ପ୍ରତିସପ୍ତାହ ବା ପ୍ରତିମାସ ଦମ ଦେବାକୁ ହୁଏନାହିଁ ଅଥଚ ଅଭିପ୍ରେତ କାର୍ଯ୍ୟ ସମାହିତ ହୁଏ; ଆଉ ଜଣେ ଘଡ଼ିନିର୍ମାତା ଯେବେ ଏହି କାର୍ଯ୍ୟ ନିମିତ୍ତ ୧୦ ବାର ୧୦ ଗୋଟି ଘଡ଼ି ପ୍ରସ୍ତୁତ କରେ ଓ ତହିଁରେ ପ୍ରାତ୍ୟହିକ ବା ସାପ୍ତାହିକ ବା ମାସିକ ଦମ ଦେବାକୁ ହୁଏ, ଏ ଦୁହିଁଙ୍କ ମଧ୍ୟରୁ କେଉଁ ଲୋକର ଶିଳ୍ପନୈପୁଣ୍ୟ ଅଦ୍ଭୁତ ଓ ସମା(ମ)ଧିକ ପ୍ରଶଂସନୀୟ ? ସେହିପରି (ମତ୍ତ୍ୟାମାନ୍ୟ ଅପବିତ୍ର ବିଷୟ ସହିତ ମହତ୍ ଓ ପବିତ୍ର ବିଷୟର ତୁଳନା କରିବାକୁ ଗଲେ) ·ଯେଉଁ ଈଶ୍ୱର ପ୍ରଥମତଃ ଏକ ଜୀବରେଣୁକା ମାତ୍ର ସୃଷ୍ଟିକରି ତାହାକୁ ଏପରି ଅଚିନ୍ତ୍ୟ ଅପରିବର୍ତ୍ତନୀୟ ନିୟମାବଳୀରେ ଆବଦ୍ଧ ରଖିଅଛନ୍ତି ଯେ ତହିଁରୁ ଭିନ୍ନ ୨ ବିଷଦୃଶ ସମଧିକ ଉନ୍ନତ ଉଦ୍ଭିଦ ଓ ପ୍ରାଣିମଣ୍ଡଳୀ ଜାତ ହେଉଅଛନ୍ତି, ତାହାଙ୍କର କି ଯେଉଁ ଈଶ୍ୱର ପ୍ରତ୍ୟେକ ଜୀବଜାତି ସୃଷ୍ଟି କରିବାପାଇଁ ପ୍ରତ୍ୟେକଥର ହସ୍ତଚାଳନ କରନ୍ତି ତାହାଙ୍କର ସୃଷ୍ଟିକୌଶଳ, ବୁଦ୍ଧିମତ୍ତା ଓ ଶକ୍ତି ଅଧିକ ? ବିଜ୍ଞାନ ବରଂ ସ୍ରଷ୍ଟାଙ୍କର

ଅନନ୍ତଶକ୍ତିର ପରିଚୟ ପ୍ରଦାନ କରେ, ଅବିଜ୍ଞାନ ତାହା କର୍ତ୍ତନ କରିବାରେ ପ୍ରସ୍ତୁତ । ଏବେ ବିବର୍ତ୍ତନବାଦକୁ ଈଶ୍ୱରବିସମ୍ବାଦୀ ବୋଲିବାର ଉଚିତ କି ?

ଏଠାରେ ଏହା ମଧ୍ୟ ପ୍ରକାଶ କରିବାର ଉଚିତ ଯେ ବିବର୍ତ୍ତନବାଦିଙ୍କର ଏକ ସମ୍ପ୍ରଦାୟ ଅଛନ୍ତି ଏହି ପ୍ରାଥମିକ ଜୀବାଣୁସୃଷ୍ଟି ମଧ୍ୟ ଅସ୍ୱୀକାର କରନ୍ତି; ସେମାନଙ୍କ ମତରେ ନିର୍ଜୀବ ଜଡ଼ପାରମାଣୁ ଆଲୋକ ଉତ୍ତାପାଦି କେତେକ ନୈସର୍ଗିକ ଶକ୍ତିବିଶିଷ୍ଟ ହୋଇ ରହିଅଛି । ଏହି ନିର୍ଜୀବ ଜଡ଼ପିଣ୍ଡରୁ ସ୍ୱାଭାବିକ ଶକ୍ତିନିଚୟର ସମନ୍ୱୟଦ୍ୱାରା ଜୀବପରମାଣୁ ଉତ୍ପାଦିତ ହୋଇ, ତାହାର କ୍ରମୋନ୍ନତିରେ ଜୀବଜଗତ୍ ଉତ୍ପାଦିତ ହୋଇଅଛି, ସେମାନଙ୍କ ମତରେ ଭୌତିକଶକ୍ତି (ଆଲୋକ, ଉତ୍ତାପ ପ୍ରଭୃତି) ବିଶିଷ୍ଟଭାବରେ ସଂଯୁକ୍ତ ହୋଇ ଚେତନାଶକ୍ତି ଉତ୍ପାଦନ କରେ । ଏ ମତ ଯଦି ଭ୍ରାନ୍ତ ନ ହୁଏ, ତେବେ ସ୍ରଷ୍ଟାଙ୍କର ମାହାତ୍ମ୍ୟ ଏହାଦ୍ୱାରା ଅଧିକତର ପ୍ରକାଶିତ ହେଉଅଛି, ଯେହେତୁ ସେ ଜଡ଼ପଦାର୍ଥରେ ଏରୂପ ଶକ୍ତି ନିହିତ କରିଅଛନ୍ତି ଯେ ତଦ୍ଦ୍ୱାରା ଚେତନ ଅଚେତନ ତାବତୀୟ ପଦାର୍ଥମାନଙ୍କର ଭିନ୍ନ ଶ୍ରେଣୀ, ଅପରିବର୍ତ୍ତନୀୟ ନିୟମାବଳୀର ଅଧୀନ ହୋଇ ସ୍ୱଭାବତଃ ଉଦ୍ଭୂତ ହେଉଅଛନ୍ତି । କିନ୍ତୁ ଜଡ଼ପରମାଣୁନିହିତ ଆଲୋକ ଉତ୍ତାପାଦି ଶକ୍ତିଦ୍ୱାରା ଜୀବନୀଶକ୍ତିର ସମୁତ୍ପାଦନ ବିଷୟରେ ସହଜରେ ପ୍ରତୀତି ଜନ୍ମୁନାହିଁ ଓ ତଦ୍‌ବିଷୟକ ପ୍ରମାଣ ଅତୀବ କ୍ଷୀଣତର ଥିବାରୁ ଏ ମତର ଆମ୍ଭେ ପୃଷ୍ଟପୋଷକତା କରିପାରୁ ନାହିଁ । ଯାହା ହେଉ ପୂର୍ବରେ ଯାହା କହିଅଛୁଁ ତହିଁରୁ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ବିବର୍ତ୍ତନବାଦ ଈଶ୍ୱର ବିରୋଧୀ ବା ଧର୍ମବିରୋଧୀ ଶିକ୍ଷା ଦିଏନାହିଁ ।

ଏହା ସତ୍ୟ ଯେ ବର୍ତ୍ତମାନ ବିବର୍ତ୍ତନବାଦିମାନଙ୍କ ମଧ୍ୟରେ ଅନେକ ସନ୍ଦେହବାଦୀ ଅଛନ୍ତି, କିନ୍ତୁ ତାହା କି ବିବର୍ତ୍ତନବାର(ଦ)ର ଫଳସ୍ୱରୂପ ? ଯେଉଁ ସମୟରେ ବିବର୍ତ୍ତନବାଦ ପ୍ରଚଳିତ ନଥିଲା, ଯେଉଁ ସମୟ ଅଜ୍ଞାନତମସାଚ୍ଛନ୍ନ ମାନବ ମନୋମନ୍ଦିରରେ ବିଜ୍ଞାନାଲୋକର କିଞ୍ଚିନ୍ମାତ୍ର ଆଭା ପ୍ରବିଷ୍ଟ ହୋଇନଥିଲା, ଯେତେବେଳେ ବିଜ୍ଞାନ ଅନାଦୃତ ହୋଇ ମନୁଷ୍ୟମଣ୍ଡଳୀରେ ଆଶ୍ରୟ ଗ୍ରହଣ କରିପାରୁ ନଥିଲା, ଯେତେବେଳେ ଧର୍ମୋଦ୍ଦୀପକ ପଦ୍ୟକବିତା ପ୍ରଭୃତିର ସ୍ରୋତ ଅନିବାର୍ଯ୍ୟ ବେଗରେ ଧରାପୃଷ୍ଠରେ ବହମାନ ହେଉଥିଲା, ସେ ସମୟରେ କି ଅବିଶ୍ୱାସୀ, ଅଧର୍ମୀ, ସନ୍ଦେହୀ ଲୋକ ଏହି ଭୂମଣ୍ଡଳରେ ଜନ୍ମଗ୍ରହଣ କରୁନଥିଲେ ? ଏ ସମୟରେ ଯେବେ କେହି ନିରୀଶ୍ୱରବାଦୀ ଚାର୍ବାକ ଜନ୍ମପରିଗ୍ରହ କରେ, ତେବେ ମାନବ ସୁଖବୃଦ୍ଧିକାରକ, ପ୍ରତ୍ୟେକ ସାମାନ୍ୟ ତୁଚ୍ଛପଦାର୍ଥର ଅଦ୍ଭୁତ ଆଶ୍ଚର୍ଯ୍ୟଜନକ ଅସୀମ ଅନନ୍ତ ଜ୍ଞାନ ଓ ସୃଷ୍ଟିକୌଶଳ ପ୍ରକାଶକ ବିଜ୍ଞାନ କିପାଇଁ ନିରପରାଧରେ ଅବଜ୍ଞାତ ଓ ପରିହାର୍ଯ୍ୟ ହେବ ?

---

## ମଠର ସଂବାଦ ।

### (ଓକୀଲ)

ରମେଶବାବୁ ବି, ଏ, ପଢ଼ନ୍ତି । ଅତି ସତ୍, ଖାଣ୍ଟି ବ୍ରାହ୍ମ, ପଢ଼ାଶୁଣାରେ ବଡ଼ ମନୋଯୋଗୀ । କେବଳ ଯେ ପଢ଼ାଶୁଣାରେ ମନୋଯୋଗୀ ତାହା ନୁହେଁ, ଦେଶର ଉନ୍ନତି ନିମିତ୍ତ ମଧ୍ୟ ସର୍ବଦା ବ୍ୟସ୍ତ । ଏ ସଭାକୁ ଯାନ୍ତି, ସେ ସଭାକୁ ଯାନ୍ତି, ଦେଶର ଅଭାବ ସ୍ୱଦେଶବାସିମାନଙ୍କୁ ବୁଝାଇ ଦିଅନ୍ତି ଓ ସେହି ସୂତ୍ରରେ ଲମ୍ଵା ୨ ବକ୍ତୃତା କରନ୍ତି । ଦେଶର ହିତଚିନ୍ତାରେ ମସ୍ତକ ସର୍ବଦା ଘୂର୍ଣ୍ଣାୟମାନ । ଏତଭିନ୍ନ ୨୫ ବର୍ଷ ବୟସ ନୋହିଲେ ବିବାହ କରିବି ନାହିଁ, ଜୀବଜନ୍ମରେ କଦାପି କୌଣସି ନିଶାପାନ, ଧୂମ ଅଥବା ଆଘ୍ରାଣ ପର୍ଯ୍ୟନ୍ତ କରିବି ନାହିଁ, ଇତ୍ୟାଦି ଅଧଖଣ୍ଡେ ଊଣା ପଣେ ଅଙ୍ଗୀକାରପତ୍ରରେ ସ୍ୱାକ୍ଷର କରିଅଛନ୍ତି । ସମୟ ୨ରେ ନାନାପ୍ରକାର ରଚନାଦ୍ୱାରା ଖବରକାଗଜର ସ୍ତମ୍ଭ ପୂର୍ଣ୍ଣ କରିବାରେ ବଡ଼ ତତ୍ପର । ଲୋକେ କଥାକେ ଯାହାକୁ ଚଉପିଠିଆ କହନ୍ତି, ଧଳାଟି ତାହା ଅପେକ୍ଷା ଅଧିକ, କାରଣ ସେ ଆଠପିଠିଆ । ଏହି ପ୍ରକାର ଅବସ୍ଥାରେ ଦୁଇବର୍ଷରେ ବି, ଏଟା ପାଶ କଲେ । ପୌଷ ମାସରେ ପରୀକ୍ଷା ଦେଇ ମାଘ ମାସରେ, ପିତାମହୀର ଏକାନ୍ତ ଅନୁରୋଧରେ ପଡ଼ି, ମାତାର ଚକ୍ଷୁଜଳ ନିବାରଣ କରିବାପାଇଁ, ୨୨ବର୍ଷରେ ବିବାହ ହୋଇ "୨୫ରୁ ଊଣା ବୟସରେ ବିବାହ ହେବି ନାହିଁ" ଏ ଅଙ୍ଗୀକାରପତ୍ରର ମାନ ବଜାଏ ରଖିଲେ । ବିବାହସହିତ ମସ୍ତକରତ ଚିରକାଳ ଘନିଷ୍ଠ ସମ୍ବନ୍ଧ, ସୁତରାଂ ରମେଶବାବୁଙ୍କର ମସ୍ତକ ଖରାପ ହେଲା; ପ୍ରବଳ ଇଚ୍ଛା ଥିଲେ ମଧ୍ୟ ଏମ୍, ଏ, ପଢ଼ା ହୋଇପାରିଲା ନାହିଁ । କୌଣସି ପ୍ରକାରେ ଆଇନଟା ପାଶ କରି ବି, ଏଲ ହେଲେ । ଏବେ ସେ ଓକୀଲ । ସହରର ବଡ଼ ବଡ଼ ହଲ୍‌ରେ ପ୍ରଥମେ ଦୁଇ ଚାରିଟା ଲମ୍ଵା ୨ ବକ୍ତୃତା ଝାଡ଼ି ଏକପ୍ରକାର ନାମ କରି ନେଲେ । କିଛିଦିନ ବାପାଙ୍କ ଅମଳର କଂସା ଲୋଟା ସବୁ ବନ୍ଧାପକାଇ ସୁଆରି ଚଢ଼ି ସାଲର ପଗଡ଼ି ମୁଣ୍ଡରେ ଦେଇ କଚେରୀରେ ଯାଇ ବସିଲେ । କେହି ପଚାରିଲା ନାହିଁ । କିନ୍ତୁ ରମେଶବାବୁଙ୍କର ସୌଭାଗ୍ୟ ଫେରିଲା, ଟଙ୍କାଏ ଦୁଇଟଙ୍କା କରି ପାଇଲେ ।

କ୍ରମେ ବ୍ୟବସାୟ ବୃଦ୍ଧି ହେଲା । ବାବୁଙ୍କର ଆଉ ସମୟ ନାହିଁ । କାହିଁ ବକ୍ତୃତା, କାହିଁ ସଭା, କାହିଁ ବ୍ରାହ୍ମସମାଜ, କାହିଁ ଭାରତମାତା, କାହିଁ ସତ୍ୟବାଦୀପଣ ସବୁ ନିମେଷକେ ପାଣିଫୋଟକା ପରି କେଉଁଆଡ଼େ ମିଳାଇଗଲା । ବର୍ତ୍ତମାନ ସେ ପେଟ ଅସୁଖର ଅନୁରୋଧରେ କେବେ ୨ ଗିଲାସେ ବା ଅଧଗିଲାସେ ବ୍ରାଣ୍ଡି ନିତାନ୍ତ ଅନିଚ୍ଛାପୂର୍ବକ ଉଦରସ୍ଥ କଲେ । କ୍ରମେ ତାହାଙ୍କ ପେଟର ଅସୁଖ ଏତେଦୂର ବୃଦ୍ଧି ହେଲା

ଯେ ପ୍ରତ୍ୟହ ଏକବୋତଲ ପର୍ଯ୍ୟନ୍ତ ବ୍ରାଣ୍ଡି ଓ ଅଧୁଟାଏ ଛେଳି କିମ୍ବା ଦୁଇ ଚାରିଟା ମୁର୍ଗି ନ ହେଲେ ଚଳିଲା ନାହିଁ । ଏବେ କୌଣସି ସଭାକୁ ଆମନ୍ତ୍ରଣ ହେଲେ ବାବୁ ସମୟାଭାବରୁ ଯାଇପାରନ୍ତି ନାହିଁ । ପିଲାମାନେ କୌଣସି ବିଷୟରେ ବକ୍ତୃତା ଦେବାକୁ ଆହ୍ୱାନ କଲେ କହନ୍ତି "କେତେଗୁଡ଼ିଏ ଗପଡ଼ି ପିଲା ଏକତ୍ରିତ ହେଲେ ସଭା । ଏ ସବୁ ପିଲାମାନଙ୍କର ଅଧଃପାତର ଲକ୍ଷଣ । ଯାଅ ବାବୁ ! ତୁମେମାନେ ସ୍କୁଲପିଲା, ତୁମମାନଙ୍କର ଏ ସବୁ କଥା କାହିଁକି ?

ଗୁପ୍ତସଭାରେ (Private Club) ବାବୁ ଟ ୨୦ ଙ୍କା ଲେଖାଁଏ ଚାନ୍ଦା ଦିଅନ୍ତି । ପ୍ରତି ଶନିବାରଦିନ ସମସ୍ତେ ଏକତ୍ରିତ ହୋଇ ମଦ, ବେଶ୍ୟା ଓ ଦାଢ଼ିଆ ପୂଜାହାରୀ ମହାଶୟମାନଙ୍କର ହସ୍ତପକ୍କ କରି, କଟଲେଟ୍ ପ୍ରଭୃତିର ଶ୍ରାଦ୍ଧ କରିବା ଏହି ସଭାର ମହତ୍ ଉଦ୍ଦେଶ୍ୟ । ଦିନେ କେତେଗୁଡ଼ାଏ ବାଳକ କୌଣସି ଦେଶହିତକର କାର୍ଯ୍ୟପାଇଁ ତାହାଙ୍କ ନିକଟକୁ ଭିକ୍ଷା କରିବାକୁ ଯାଇଥିଲେ । ବାବୁ ତେତେବେଳେ ମହା ମିତବ୍ୟୟୀ, ଗମ୍ଭୀରଭାବରେ କହିଲେ "ଏ ସବୁ କାର୍ଯ୍ୟ ତୁମମାନଙ୍କର ନୁହେ, ତୁମେମାନେ ଯାଇ ପଢ଼ାଶୁଣା କର । ସେ ଯାହାହେଉ ଆମର ଅବସ୍ଥା ତେତେ ଭଲ ନୁହେ, ଅନେକଗୁଡ଼ିଏ ଖର୍ଚ୍ଚପତ୍ର । ଆମଦ୍ୱାରା କିଛି ହୋଇପାରିବ ନାହିଁ ।" ତହୁଁ ପିଲାମାନେ ସନ୍ତୁଷ୍ଟ ହୋଇ ଶୁଷ୍କମୁଖରେ ଫେରିଆଇଲେ ।

କ୍ରମେ ରମେଶବାବୁଙ୍କର ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ହେଲା । ଏତେବେଳେ ରମେଶବାବୁଙ୍କର ଅନେକ ଟଙ୍କା । କିନ୍ତୁ ବାବୁ ବଡ଼ ଉଦାରଚେତା ଓ ଦାତା । ତାହାଙ୍କ ଆୟର ବାରଅଣା ବିତରଣରେ ବ୍ୟୟିତ ହୁଏ । ନୋହିବ କାହିଁକି, ତାହାଙ୍କ ଦାନଶୀଳତାଗୁଣରେ ହରି ଶୁଣ୍ଢି ବଡ଼ଲୋକ ହୋଇଅଛି, ତିଲୋତ୍ତମା ବାଈ ଦୋମଲା କୋଠା ଓ ହଜାରେ ଟଙ୍କାର ଗହଣା କରିଅଛି, ରହମତ୍‌ଉଲ୍ଲା ବନ୍ଦ୍ୟୋପାଧ୍ୟାୟ ଆଚ୍ଛା ଗୋଟାକେତେ ଟଙ୍କା ଜମା କରିଅଛି । ଏହି ସବୁ ସଦନୁଷ୍ଠାନ ଗୁଣରେ ବାବୁଙ୍କ ଦେହ କ୍ରମଶଃ ପବିତ୍ର ହେବାକୁ ଲାଗିଲା । ସତ୍କାର୍ଯ୍ୟରେ ହୃଦୟ ଆଗେ ପବିତ୍ର ହୁଏ, ତାହାଙ୍କର ମଧ୍ୟ ହେଲା, ସୁତରାଂ ହୃଦୟ ସ୍ୱାଭାବିକ ଅବସ୍ଥା ତ୍ୟାଗ କରି "ହୃଦ୍‌ପିଣ୍ଡପ୍ରଦାହ (Heart disease) ନାମକ ସ୍ୱର୍ଗୀୟ ଅବସ୍ଥା ପ୍ରାପ୍ତ ହେଲା । ଯାହାଙ୍କର ହୃଦୟ ଏଡ଼େ ପବିତ୍ର ତାହାଙ୍କର କି ଏହି ପାପମୟ ସଂସାରରେ ରହିବା ଶୋଭାପାଏ ? ସୁତରାଂ ରମେଶ ବାବୁ ଦିନେ ହଠାତ୍ ଚକ୍ଷୁ ମୁଦ୍ରିତ କରି ଇହସଂସାର ତ୍ୟାଗ କଲେ । ଭାର୍ଯ୍ୟା ବିଧବା ହେଲା, ପୁତ୍ରକନ୍ୟା ପିତୃହୀନ ହେଲେ । ରମେଶବାବୁ ନାନାପ୍ରକାର ସତ୍କାର୍ଯ୍ୟରେ ସବୁ ବ୍ୟୟ କରି ଯାଇଅଛନ୍ତି, ଏକ ପଇସା ମଧ୍ୟ ରଖି ଯାଇପାରି ନାହାନ୍ତି । ସେହି ହେତୁରୁ ଏମାନଙ୍କୁ ଆଜି ମୁଠାଏ ଅନ୍ନ ପାଇଁ ଦ୍ୱାରେ ୨ ଭ୍ରମଣ କରିବାକୁ ହେଲା । ଏହି ପ୍ରକାରେ ଭାରତବର୍ଷରେ କେତେ ୨ ପରିବାର ଅକାଳେ ଅକୂଳସମୁଦ୍ରରେ ଭାସି ଯାଉଅଛନ୍ତି ।

ନିୟତ କେତେ ବିଧବା ଓ ପିତୃହୀନ ପୁତ୍ରକନ୍ୟାଙ୍କର କ୍ରନ୍ଦନଧ୍ୱନି ଭାରତର ଗଗନମାର୍ଗ ପରିପୂର୍ଣ୍ଣ କରୁଅଛି । ଥରେ ସେ ସବୁ ଭାବି ଦେଖିଲେ ହୃଦୟର ରକ୍ତ ଶୁଖିଯାଏ । ଏ ସବୁ ଦେଖି ଶୁଣି କିଏ ଅସ୍ୱୀକାର କରିବ ଯେ ଭାରତ ଉନ୍ନତି ସୋପାନରେ ଉତ୍‌ଥିତ ହେଉନାହିଁ ? ଅତଏବ ଆମ୍ଭେ କହୁଁ ଏହା ଭାରତ ଉନ୍ନତିର ଦ୍ୱିତୀୟ ସୋପାନ ।

---

## ଆମ୍ଭମାନଙ୍କର ଜାତୀୟ ସାହିତ୍ୟ ।

ଭାଷା ମନୁଷ୍ୟଜାତିର ଉନ୍ନତିର ଏକ ପ୍ରଧାନ ଉପାଦାନ । ଏମନ୍ତ କି ଭାଷାର ସହାୟତା ବ୍ୟତିରେକେ ଚିନ୍ତାର ସମ୍ଭବପରତା ମନୋବିତ୍ ପଣ୍ଡିତମଣ୍ଡଳୀର ବିବାଦ ବିସମ୍ବାଦର ଏକ ପ୍ରଧାନ ରଙ୍ଗଭୂମି । କିନ୍ତୁ ପ୍ରକୃତିଦତ୍ତ ଭାଷା ସଦ୍ୟୋଜାତ ଶିଶୁର "କ୍ୱାଁ କ୍ୱାଁ" ବା ଚତୁଷ୍ପଦର "ଭେଁ ଭାଁ" ରୂପ କେତେକ ଅସ୍ପଷ୍ଟ ଏବଂ ଅବୋଧ ଶବ୍ଦ ଭିନ୍ନ ଆଉ କିଛି ନୁହେ । ତାହା ଏତେଦୂର ଅମାର୍ଜିତ ଏବଂ ଅପରିପକ୍ୱ ଯେ ମନୁଷ୍ୟମାନଙ୍କର ଉନ୍ନତିର ଭାଷାରୂପ ଏକ ପ୍ରଧାନ ସହାୟର ଏମନ୍ତ ଅସମ୍ପୂର୍ଣ୍ଣତା ସତ୍ତ୍ୱେ ଅଭିପ୍ରାୟ, ବୁଦ୍ଧିମତ୍ତା ଓ କୌଶଳ-ସଞ୍ଚାଳିତ ସୃଷ୍ଟିର ମହତ୍ ଉଦ୍ଦେଶ୍ୟ କି ପ୍ରକାରେ ସମ୍ପନ୍ନ ହୁଅନ୍ତା ଏହା କଳ୍ପନାତୀତ । ଉପାୟ ଉଦ୍ଦେଶ୍ୟାନୁରୂପ ହେବାହିଁ ଐଶୀ ବୁଦ୍ଧିମତ୍ତା ଏବଂ ଅଭିପ୍ରାୟର ସଙ୍ଗତ । ଯାହାହେଉ ଏକ କୃତ୍ରିମ ଉପାୟ ଉଦ୍ଭାବନଦ୍ୱାରା ମାନବ କିୟଦଂଶରେ ସେହି ପ୍ରକୃତିଗତ ଅଭାବ ମୋଚନ କରିଅଛି । ମନୋଗତ ଭାବ ଜ୍ଞାପନାର୍ଥେ ସାଧାରଣ ସମ୍ମତି ସହକାରେ ଅବଲମ୍ବିତ ସଙ୍କେତାବଳୀର ନାମ ଭାଷା । ଭିନ୍ନ ୨ ଦେଶୀୟମାନଙ୍କ ମଧ୍ୟରେ ଭିନ୍ନ ୨ ଭାଷା ବ୍ୟବହୃତ ହୁଏ । କୌଣସି ଜାତିର ଭାଷାରେ ଲିପିବଦ୍ଧ ଚିନ୍ତା ସେମାନଙ୍କର ଜାତୀୟ ସାହିତ୍ୟ । ଭାଷା ସେହି ପରିମାଣରେ ପରିପକ୍ୱ ଯେପରିମାଣରେ କି ତାହା ସମ୍ମାର୍ଜ୍ଜିତ ମନର ଚିନ୍ତାସମୂହ ଏବଂ ବୈଜ୍ଞାନିକ ଓ ଦାର୍ଶନିକ ତତ୍ତ୍ୱସକଳ ପ୍ରାଞ୍ଜଳରୂପେ ସ୍ୱଚ୍ଛ ଦର୍ପଣର ନ୍ୟାୟ ପ୍ରତିବିମ୍ବିତ କରିବାରେ ସମର୍ଥ; ଯେପରିମାଣରେ କି ତାହା ତେଜସ୍ୱୀ ସବଳ ମନୋବୃତ୍ତିସମୂହର ସହିତ ସମକକ୍ଷରୂପେ କାର୍ଯ୍ୟ କରିପାରେ । ଅନେକ ସ୍ଥଳରେ ଯେ ମନୋଗତ ଭାବ ପ୍ରକାଶ କରିବା ଦୁଷ୍କର ଇହା ସାଧାରଣ ଅନୁଭବର ବିଷୟ ଅଟେ । ତାହାର କାରଣ ବ୍ୟକ୍ତିବିଶେଷର ଭାଷାଜ୍ଞାନର ଅପ୍ରାଚୁର୍ଯ୍ୟ ନୋହିଲେ ଅବଶ୍ୟ ଭାଷାର ଅସମ୍ପୂର୍ଣ୍ଣତା । ଚିନ୍ତାର ପୂର୍ଣ୍ଣ ବିକାଶ ଥିଲେ ଜାତୀୟ ସାହିତ୍ୟକୁ ଉନ୍ନତ ବୋଲାଯାଏ ।

ଜାତୀୟ ସାହିତ୍ୟ ଜାତୀୟ ଉନ୍ନତିର ପରିଚାୟକ । ଯଦି ଇଂରାଜମାନେ ଆମ୍ଭମାନଙ୍କ ଦେଶରୁ ଅନ୍ତର୍ଦ୍ଧାନ ହୁଅନ୍ତେ, ଶତ ୨ ବର୍ଷାନନ୍ତର ମଧ୍ୟ ଆମ୍ଭମାନଙ୍କର ବଂଶଧରମାନେ

କେବଳ ଇଂରାଜୀ ସାହିତ୍ୟରୁ ସେମାନଙ୍କ ଉନ୍ନତାବସ୍ଥାର ଅଭ୍ରାନ୍ତ ପ୍ରମାଣ ପ୍ରାପ୍ତ ହୁଅନ୍ତେ । ଆର୍ଯ୍ୟଜାତିର ସାହିତ୍ୟହିଁ ଅନ୍ୟଥା କେବଳ ନାମାବଶିଷ୍ଟ ଆର୍ଯ୍ୟଗଣର ଅବସ୍ଥା ବିଷୟରେ ସୁନ୍ଦର ପରିଚୟ ପ୍ରଦାନ କରୁଅଛି । ପ୍ରାଚୀନ ଉତ୍କଳ ସାହିତ୍ୟ, ଆମ୍ଭମାନଙ୍କ ପୂର୍ବପୁରୁଷଗଣର ଆଦି ରସପ୍ରିୟତା ଏବଂ କୁରୁଚିସମ୍ଭୂତ ଆଡ଼ମ୍ବରପ୍ରିୟତା ସ୍ପଷ୍ଟାକ୍ଷରେ ଜ୍ଞାପନ କରୁଅଛି, ସମୟେ ୨ ସେମାନଙ୍କ ଶୋଭାନୁଭାବକତା ଏବଂ ଭକ୍ତିପରାୟଣତା ମଧ୍ୟ ସୁଚାରୁରୂପେ ପ୍ରଦର୍ଶିତ ହୋଇଅଛି ।

କିନ୍ତୁ ଜାତୀୟ ଉନ୍ନତିର ପରିଚୟ ଦାନ କି ଜାତୀୟ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ? ଏହା କେବଳ ଆନୁଷଙ୍ଗିକ ମାତ୍ର । ପୂର୍ବ ମନୀଷିଗଣ ଅକ୍ଳାନ୍ତ ଅଧ୍ୟବସାୟ ଓ ଅସାଧାରଣ ପରିଶ୍ରମ ସହକାରେ ଆପଣାର ଗଭୀର ମନଃସିନ୍ଧୁ ମନ୍ଥନ କରି ଯେଉଁ ଅମୂଲ୍ୟ ରତ୍ନଗୁଡ଼ିକ ସଞ୍ଚୟ କରିଯାଇଅଛନ୍ତି ତାହା କେବଳ ଆପଣାର ଉତ୍କର୍ଷ ଅପରଙ୍କୁ ପ୍ରଦର୍ଶନ କରିବାରୂପ ଅପ୍ରଶସ୍ତ ଅଭିଳାଷରେ ନୁହେ । ତାହାର ପ୍ରକୃତ ବ୍ୟବହାର ଅନ୍ୟରୂପ । ମନୁଷ୍ୟଜୀବନର ଈଶ୍ୱରକଳ୍ପିତ ଉଦ୍ଦେଶ୍ୟ ଏମନ୍ତ ଉଚ୍ଚ ଯେ ନୀଚତମ ଅବସ୍ଥାରୁ ତହିଁରେ ଉପନୀତ ହେବା କୌଣସି ମନୁଷ୍ୟର ଜୀବନରେ ସମ୍ଭବ ନୁହେ । ତାହା ଅନନ୍ତକାଳର ପୁରୁଷପରମ୍ପରାର ସମ୍ମିଳିତ ସାହାଯ୍ୟ ବ୍ୟତିରେକେ କଦାପି ସମ୍ଭବ ନୁହେ । ପୂର୍ବଗତ ପୁରୁଷମାନଙ୍କଦ୍ୱାରା ନିର୍ମିତ ସୋପାନ ଅବଲମ୍ବନପୂର୍ବକ କିଛି ଅଧିକ ଅଗ୍ରସର ହେବା ପ୍ରତ୍ୟେକ ପୁରୁଷର କର୍ତ୍ତବ୍ୟ ଏବଂ ଏକମାତ୍ର ଉପାୟ । ଜାତୀୟ ସାହିତ୍ୟହିଁ ସେହି ସୋପାନ-ସ୍ୱରୂପ ।

ଅତଏବ ଜାତୀୟ ସାହିତ୍ୟ ଜାତୀୟ ଉନ୍ନତିର କେବଳ ପରିଚାୟକ ନୁହେ । ତାହା ମଧ୍ୟ ଉନ୍ନତିର ଏକ ପ୍ରଧାନ ସାଧନ ଅଟେ । ସାଧାରଣର ମନରେ କୌଣସି ନୂତନଭାବ ଉଦ୍ଦୀପ୍ତ କରିବାପାଇଁ ତଦୁପଯୋଗୀ ଜାତୀୟ ସାହିତ୍ୟର ଆବଶ୍ୟକତା ଅନୁଭୂତ ହୁଏ; କାରଣ ପ୍ରକୃତି ସମସ୍ତଙ୍କଠାରେ ସମାନରୂପେ ପ୍ରସନ୍ନା ନୁହେ, ସମସ୍ତଙ୍କ ପକ୍ଷରେ ସମାନରୂପେ ଚିନ୍ତା କରିପାରିବା ଅସମ୍ଭବ, ମନୁଷ୍ୟଜାତିର ପ୍ରକୃତ ନେତାଗଣ ଚିରକାଳ ଅଳ୍ପସଂଖ୍ୟକ ଓ ନିଜ ନିଜ ସମୟର ବହୁଦୂର ଅଗ୍ରବର୍ତ୍ତୀ । ଯେଉଁ ଘଟନାରୁ ସୁବିସ୍ତୀର୍ଣ୍ଣ ଇଉରୋପ ନୂତନ ରାଜନୀତି ଶିକ୍ଷା କରିଅଛି, ୧୭୮୯ ଖ୍ରୀଷ୍ଟାବ୍ଦର ଜଗତ୍‌ପ୍ରସିଦ୍ଧ ସେହି ମହାବିପ୍ଳବର ଅବ୍ୟବହିତପୂର୍ବ ଫରାସୀଜାତୀୟ ସାହିତ୍ୟ ଏ ମତର ସତ୍ୟତା ପ୍ରତିପାଦନ କରୁଅଛି । ଭାରତବର୍ଷୀୟମାନଙ୍କ ଆଧୁନିକ ମନୋଗତିର ସହିତ ଇଂରାଜୀ ସାହିତ୍ୟର ଏବଂ ତତ୍‌ପ୍ରସୂତ ଦେଶୀୟ ନୂତନ ସାହିତ୍ୟର ଘନିଷ୍ଠତା ମଧ୍ୟ ଅନ୍ୟତମ ପ୍ରମାଣ ।

ଆମ୍ଭମାନଙ୍କ ଜାତୀୟ ସାହିତ୍ୟ ନିତାନ୍ତ ଅନୁନ୍ନତ । ତାହାର ବର୍ତ୍ତମାନ ଅବସ୍ଥାକୁ ତାହାର ଶୈଶବାବସ୍ଥା ବୋଲାଯାଇପାରେ । ଜାତୀୟ ସାହିତ୍ୟ ଯେପରି ଜାତୀୟ ଉନ୍ନତିର

ପରିଚାଳକ, ଜାତୀୟ ଉନ୍ନତିଭାବ ସେହିପରି ଜାତୀୟ ସାହିତ୍ୟର ଉତ୍ତେଜକ । ଆମ୍ଭମାନଙ୍କ ମଧ୍ୟରେ ସ୍ୱଦେଶବାତ୍ସଲ୍ୟ, ନାନାପ୍ରକାର କାବ୍ୟରସପ୍ରିୟତା, ଓ ତତ୍ତ୍ୱାନୁସନ୍ଧାନେଚ୍ଛାର ଅଭାବ; ଏବଂ ଧର୍ମ୍ମତତ୍ତ୍ୱ, ରାଜନୀତି, ସମାଜନୀତି, ବିଜ୍ଞାନ, ଦର୍ଶନାଦିରେ ଅନଭିଜ୍ଞତା ଆମ୍ଭମାନଙ୍କ ଜାତୀୟ ସାହିତ୍ୟର ହୀନାବସ୍ଥାର କାରଣ । ଆମ୍ଭମାନଙ୍କ ମଧ୍ୟରେ ଜାତୀୟତା ନାହିଁ, ଅତଏବ ଜାତୀୟ ସାହିତ୍ୟ ନାହିଁ ।

ନୂତନ ସତ୍ୟ ଆବିଷ୍କାର କରିବା, ନୂତନ ଭାବ ପ୍ରବର୍ତ୍ତିତ ଓ ପ୍ରଚାରିତ କରିବା, ପ୍ରକୃତିର ମନୋହର ଚିତ୍ର ଅଙ୍କିତ କରି ସୃଷ୍ଟିର ଅସୀମ ବୈଚିତ୍ର୍ୟ ପ୍ରଦର୍ଶିତ କରିବା ଜାତୀୟ ସାହିତ୍ୟର ପ୍ରକୃତ ଗୌରବ । କିନ୍ତୁ ତାହା ଅତି ପ୍ରଗାଢ଼ ଚିନ୍ତାଶୀଳତାର ଫଳ । ସେପରି ସୌଭାଗ୍ୟ ଯେ ଦିନେ ଆମ୍ଭମାନଙ୍କ ଜାତୀୟ ସାହିତ୍ୟର ଅଦୃଷ୍ଟରେ ଘଟିବ ଇହା ଅବିଶ୍ୱାସ କରିବା ଅଯୌକ୍ତିକ । କିନ୍ତୁ ଏହା ନିଶ୍ଚୟ ଯେ ସେ ଦିନ ନିକଟରେ ଆସୁ ନାହିଁ । କାଳିଦାସ ବା ଶେକ୍ଷପୀଅର, ମିଲ୍ଟନ ବା ମାଇକେଲ ମଧୁସୂଦନ, ଡାରବିନ୍, ମିଲ୍ ପ୍ରଭୃତି ଅମରଗଣ ଯେ କେବେ ଓଡ଼ିଆ ଅବତାର ଗ୍ରହଣ କରିବେ ଇହା ଭ୍ରମରେ ସୁଦ୍ଧା ବିଶ୍ୱାସ ହୁଏନାହିଁ । ବର୍ତ୍ତମାନ ସେ ସବୁ ଉଚ୍ଚାଶା କେବଳ ଅଲୀକ ସ୍ୱପ୍ନ । ଚତୁର୍ଦ୍ଦିଗରେ ସ୍ୱର୍ଗୀୟ ଫଳପୁଷ୍ପସୁଶୋଭିତ ଯେ ସକଳ ସୁରମ୍ୟ ସାହିତ୍ୟକାନନ ଦେଖି ଅନ୍ତଶ୍ଚକ୍ଷୁ ଚରିତାର୍ଥ କରୁଅଛ ଏବଂ ଯହିଁରେ କି ମନୁଷ୍ୟମାତ୍ରର ଉପଭୋଗାଧିକାର ରହିଅଛି, ତହିଁରୁ ଅବଲୀଳାକ୍ରମେ ସେ ସମସ୍ତ ଫଳପୁଷ୍ପ ଆହରଣପୂର୍ବକ ଆମ୍ଭମାନଙ୍କ କ୍ଷୁଦ୍ର ଏବଂ ଅଦ୍ୟାପି ଉପେକ୍ଷିତ ସାହିତ୍ୟକାନନଟିକୁ ବିଭୂଷିତ କରି ତାହାର ଶ୍ରୀବୃଦ୍ଧି ସମ୍ପାଦନ କରିବା ସାଧ୍ୟାତୀତ ବୋଧ ହେଉନାହିଁ । ନବ୍ୟ ବଙ୍ଗସାହିତ୍ୟ ଏହାର ଏକ ସୁନ୍ଦର ନିଦର୍ଶନ ସ୍ଥଳ ।

କଥିତ ହୁଏ ପାଶ୍ଚାତ୍ୟ ସାହିତ୍ୟ ଯେ ପ୍ରକାର ଜଡ଼ତତ୍ତ୍ୱର ଉତ୍କର୍ଷସାଧନ କରିଅଛି, ପ୍ରାଚ୍ୟ ସଂସ୍କୃତସାହିତ୍ୟ ସେହିପରି ଆଧ୍ୟାତ୍ମିକ ଉତ୍କର୍ଷର ଅଦ୍ୱିତୀୟ ଆଦର୍ଶ । ଅତଏବ ଏ ଦୁହିଁଙ୍କ ସମ୍ମିଳନରୁ ଯେଉଁ ସାହିତ୍ୟ ଉତ୍ପନ୍ନ ହୋଇପାରେ ତାହା ଅବଶ୍ୟ ଏକ ଅପୂର୍ବ ଶ୍ରୀ ଧାରଣ କରିବ ସନ୍ଦେହ ନାହିଁ । ଆମ୍ଭମାନଙ୍କ ସାହିତ୍ୟାନୁରାଗୀ ବନ୍ଧୁମାନଙ୍କୁ ସାନୁନୟ ଅନୁରୋଧ ଏହି ଯେମନ୍ତ କି ଏ ବିଷୟଟି ସେମାନଙ୍କ ମନରୁ କଦାପି ବିସ୍ମୃତ ନ ହୁଏ ।

ଆମ୍ଭମାନଙ୍କ ଜାତୀୟ ଉନ୍ନତି ଜାତୀୟ ସାହିତ୍ୟ ଉପରେ ଅନେକାଂଶରେ ନିର୍ଭର କରେ ଏହା କେହି ଅସ୍ୱୀକାର କରିବେ ନାହିଁ । ସଂସ୍କୃତ ବା ବିଦେଶୀୟ ସାହିତ୍ୟର ସାହାଯ୍ୟରେ ମାନସିକ ଉନ୍ନତି ସାଧନ କରିବା ସାଧାରଣଙ୍କ ପକ୍ଷରେ ସମ୍ଭବ ନୁହେ । ଅତଏବ ଓଡ଼ିଆ ସାହିତ୍ୟର ଅଭାବ ଅତି ଶୋଚନୀୟ ଅଟେ । ଅସ୍ମଦ୍ଦେଶୀୟ ସଂସ୍କୃତ ପଣ୍ଡିତମାନଙ୍କର ଯତ୍ନରେ ଏ ଅଭାବଟିର କେତେକ ପରିମାଣରେ ମୋଚନ ହୋଇ

ପାରେ । ଆର୍ଯ୍ୟମାନଙ୍କ ସହିତ ଆମ୍ଭମାନଙ୍କର ଘନିଷ୍ଠ ଆଳାପ ଜନ୍ମାଇବାର ଏମାନେ ଏକ ପ୍ରଧାନ ଉପାୟ । ଏମାନଙ୍କର ଜ୍ଞାନ ବହୁବିଷୟବ୍ୟାପୀ ନ ହୋଇପାରେ, କିନ୍ତୁ ସେମାନେ ଯାହା ଜାଣନ୍ତି ସେଥିରେ ବ୍ୟକ୍ତିବିଶେଷର ଜ୍ଞାନର ଗଭୀରତା ଦେଖି ଚମତ୍କୃତ ହେବାକୁ ହୁଏ । କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଯେ ସେମାନଙ୍କର ବହୁମୂଲ୍ୟ ଜ୍ଞାନର ଉପଯୁକ୍ତ ବ୍ୟବହାରଦ୍ୱାରା ସାଧାରଣର ଉପକାର କରିବାକୁ ସେମାନଙ୍କର ପ୍ରବୃତ୍ତି ନ ଥାଏ । ସେମାନଙ୍କଠାରୁ ଯଦି କୌଣସି ଶିକ୍ଷା ମିଳେ ତ ତାହା ଅହଂକାର ଏବଂ ବିଦେଶୀୟ ଜ୍ଞାନ ଓ ବିଦେଶୀୟ ବୁଦ୍ଧିର ଘୃଣା । ଅଭିମାନ ତ୍ୟାଗ କର, ଇତର ବିଶେଷ ନ କରି ଯେକୌଣସି ଆଧାରରେ ହେଉ ପ୍ରକୃତ ଜ୍ଞାନର ଆଦର ଆମ୍ଭମାନଙ୍କୁ ଶିକ୍ଷା ଦିଅ, ତୁମ୍ଭମାନଙ୍କ ମନରେ ପ୍ରତିବିମ୍ବିତ ଆର୍ଯ୍ୟରଶ୍ମିକୁ ଆମ୍ଭମାନଙ୍କ ଅନ୍ଧକାର ସାହିତ୍ୟଜଗତରେ ବିକୀର୍ଣ୍ଣ କରି ଉପଯୁକ୍ତ ପୂର୍ବପୁରୁଷମାନଙ୍କ ଉପଯୁକ୍ତ ଉତ୍ତରାଧିକାରୀଙ୍କ ପରିଚୟ ଦିଅ । ସମସ୍ତେ ଏକମନ, ଏକପ୍ରାଣ, ଏକ ମହତ୍ ଉଦ୍ଦେଶ୍ୟ ସାଧନରେ ତତ୍ପର ହୋଇ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହୁଅ, ଆମ୍ଭମାନଙ୍କର ଅଭାବ ଆଉ ଅଧିକ କାଳ ରହିବ ନାହିଁ । ଦେଖୁଁ ୨ କି ବିଦେଶୀ କି ପ୍ରତିବାସୀ ସମସ୍ତେ ଆମ୍ଭମାନଙ୍କୁ ପଶ୍ଚାତ୍ କରି ବାଷ୍ପୀୟଯନ୍ତ୍ରର ବେଗରେ ଧାବମାନ ହେଉଅଛନ୍ତି, କେବଳ ଆମ୍ଭେମାନେ ସୁଷୁପ୍ତ ।

ଶ୍ରୀ ବ୍ରହ୍ମାନନ୍ଦ ଦାସ ।

---

## ଶ୍ମଶାନରେ ମାତୃହୀନ ବାଳକ ।

୧

ଅମାନିଶା ନିଶିଥ ସମୟ
ଆକାଶ ଜୀମୂତାବୃତ ନିର୍ଘୋଷେ ବହେ ମାରୁତ,
ଜଳଦର ଧ୍ୱନି ସହ ଚପଳା ଉଦୟ
ଦେଖାଇ ଅବନୀଛବି ଲଭୁଛି ବିଲୟ ।

୨

ସୁବିସ୍ତୃତ ବିଜନ ଶ୍ମଶାନ
ସ୍ଥାନେ ସ୍ଥାନେ ଶିବାଯୂଥ ଭୀମରବେ ଗୃଧାବୃତ
ମୃତଦେହ ମହୋଲ୍ଲାସେ କରନ୍ତି ଭୋଜନ
ଦ୍ୱନ୍ଦୀ ଏକ ଅନ୍ୟସହ ଦେଖାଇ ଦଶନ ।

୩

ତୃଣାବୃତ ଭୀଷଣ ପ୍ରାନ୍ତରେ
ଅସ୍ଥିରାଶି ଇତସ୍ତତଃ ଯଥା ଫେଣଖଣ୍ଡ ଶ୍ୱେତ
ବାତ୍ୟାଶେଷେ ଭାସେ ସ୍ଥିର ନୀଳାମ୍ବୁ ବକ୍ଷରେ;
ଉଲ୍କାମୁଖୀ ଯଥା ତଥା ଅଲୋକ ଉଦ୍ଗାରେ ।

୪

ନରଦେହ ଭକ୍ଷି କେଉଁଠାରେ
କ୍ଷୁଧାପ୍ରଜ୍ୱଳିତ ଚିତା ପରିହରି ପ୍ରଖରତା
ଧୀରେ ଧୀରେ ଶିଖାଜିହ୍ୱା ଲହ ଲହ କରେ
କରାଳୀ ପିଶାଚୀ ଯଥା ପ୍ରେତପୁର ଦ୍ୱାରେ ।

୫

ମାତା ମୁଖ ନିରୀକ୍ଷଣ କରି
କୋମଳ କରୁଣସ୍ୱରେ ପ୍ଲାବି ନେତ୍ର ଅଶ୍ରୁନୀରେ
ପ୍ରାଣହୀନା ମାତା ଗଳା ମୃଦୁକରେ ଧରି
କାନ୍ଦେ ନିରାଶ୍ରୟ ଶିଶୁ ହୃଦୟ ବିଦାରି ।—

୬

"ଉଠ ମାତଃ ଅନ୍ଧକାର ନିଶି
ମା-ମା—ଉଠ ଯିବା ଗୃହ କିପାଁଇ ବିଳମ୍ବ କହ
କ୍ଷୁଧାରେ ଆକୁଳ ପ୍ରାଣ ହୋଇଲାଣି ଆସି
ଦେଖ ମା ଶୃଗାଳ ଆସେ ରକ୍ତମୁଖେ ଗ୍ରାସି"

୭

ପୁଣି ମାତା ମୁଖେ ମୁଖ ଦେଇ
କମ୍ପମାନ ଅଙ୍ଗୁଳିରେ ମାତା ନେତ୍ର ଫେଡ଼ି ଧୀରେ
କହେଁ "ଦେଖ ଦେଖ ମାତଃ ତଡ଼ିତ ଦୀପଇ
ବଡ଼ ଶୀତ ! ବୃଷ୍ଟିସହ ବାୟୁ ବହୁଛଇ ।

୮

ଶୀତରେ କମ୍ପୁଛି କଳେବର
ହସ୍ତ ପଦାଦି ଅବଶ ବାନ୍ଧ ମମ ଗଳେ ବାସ
ଯେ ବସନ ଦେଇଛନ୍ତି ମାତୁଳ ଆମ୍ଭର
ସେ ବସନ ଅଛି ଗୃହେ ଉଠ ମା ସତ୍ୱର

୯

କ୍ରୀଡ଼ା ପାଇଁ ଗଲି ହରି ଘର
ତା ଜନନୀ ଧରି କୋଳେ ଛଳି ମୋତେ ନାନା ଛଳେ
ରଖିଲେ କରିଣ ଯତ୍ନ ଅଶେଷ ପ୍ରକାର
କିନ୍ତୁ ତୁମ୍ଭବିନା ହେଲା ହୃଦୟ ଅସ୍ଥିର ।

୧୦

କ୍ରମେ ଦିବା ହେଲା ଅବସାନ
ଘୋଟିଲା ଅବନୀ ତମ ଭାକିଲି ଜନନୀ ନାମ
ଡାକ ଭୁଞ୍ଜାଇବେ ମୋତେ କରିବେ ଭୋଜନ
କିନ୍ତୁ ଶୁଣିଲି ଏଠାରେ କରିଛ ଶୟନ ।

୧୧

ତବ ଶଯ୍ୟାଗୃହ ତମୋମୟ
ନାହିଁ ତଥା କେହି ଜନ କେବଳ ମୂଷିକସ୍ୱନ
ମୃତା ମାର୍ଜାରୀର କ୍ଷୁଦ୍ର ଶିଶୁ ମମ ପ୍ରିୟ
ଭ୍ରମେ ଦ୍ୱାରପାଶେ କାନ୍ଦି କ୍ଷୁଧାରେ ଅଥୟ ।

୧୨

ଗୃହ ତେଜି କିପାଁଇ ଏଠାରେ ?
ମାତଃ ଅତି ଲାଗେ ଭୟ ଦେଖ ମା ଶକୁନିଚୟ
ବାକ୍ୟ ନାହିଁ ମୁଖେ କିପାଁ ଶୟନ ଭୂମିରେ"
—ବିଳାପେ ଅଜ୍ଞାନ ଶିଶୁ ଜନନୀ ପାର୍ଶ୍ୱରେ ।

୧୩

ହେ ବାଳକ କ୍ରନ୍ଦନ ସମ୍ବର
କେଉଁଠାରେ ତବ ମାତା ! କାଳମୁଖେ କବଳିତା
ମମତା ବନ୍ଧନ ଛେଦି ଭୁଲି ଏ ସଂସାର
ଲଭିଛନ୍ତି ଚିରନିଦ୍ରା ଅଶେଷ ଗଭୀର ।

୧୪

ତବ ମାତା ମହାନିଦ୍ରାଗତା
ସହସ୍ର ଡାକିଲେ ସୁତ ବହିଲେ ପ୍ରାତଃ ମରୁତ
ଶତମୂର୍ତ୍ତି ଧରି ଉଦେ ହୋଇଲେ ସବିତା
ଜାଗ୍ରତ ନ ହେବେ ତବ ସ୍ନେହମୟୀ ମାତା ।

୧୫

ସ୍ନେହାନଳେ ଉଷ୍ଣ ଯେ ହୃଦୟ,
ସୁତକୁ ନ ଦେଖି କ୍ଷଣେ କ୍ଷତ ହୁଏ ଚିନ୍ତାବାଣେ
ସ୍ରାବେ ମୂର୍ତ୍ତିମାନ ସ୍ନେହେ ଅବଦାତପୟ
ଦେଖି ସୁତମୁଖେ ହାସ ମୃଦୁ ସୁଧାମୟ ।

୧୬

ବାତ୍ସଲ୍ୟରେ ଉଷ୍ଣ ସୁକୋମଳ
ଯେଉଁ ବକ୍ଷ ଚିରଦିନ ଦେଖିଲେ ମଳିନାନନ
ନନ୍ଦନର, ଚିନ୍ତାବାତେ ହୁଅଇ ଆକୁଳ
କଠିନ ନିଷ୍ପନ୍ଦ ଆଜି ନୀହାରଶୀତଳ ।

୧୭

ବନିତା ଭୂଷଣଶ୍ରେଷ୍ଠ କେଶ
ଅତି ଯତ୍ନେ ସୁରକ୍ଷିତ ଯଥା ନିଧି ମରକତ
ଭୂପତିତ ଛିନ୍ନ ଲତାଜାଳର ସଦୃଶ
କୁଠାର ଆଘାତେ ତରୁ ଲଭିଲେ ବିନାଶ ।

୧୮

ବୃଥା ନର ସୌନ୍ଦର୍ଯ୍ୟ ଗରବ
ବୃଥା ପଦ ଅହଙ୍କାର ଇନ୍ଦ୍ରଜାଲ ଏ ସଂସାର
ମମତାବନ୍ଧନ ବୃଥା ବୃଥା ଏ ବିଭବ
ଶ୍ମଶାନରେ ଭୀମ ମୃତ୍ୟୁ ହରେ ଏ ସରବ ।

୧୯

ଆରେ କାଳ ନିର୍ମମ କଠୋର
କେବଳ ସଂହାର କର୍ମ ଅଟେ ତବ ପଦ ଧର୍ମ

ପ୍ରକୃତି ପ୍ରସବେ କେତେ ବସ୍ତୁ ମନୋହର
ନିର୍ଦ୍ଦୟ ! ଅକାଳେ ହରୁ ଏକି ଅବିଚାର !

୨୦

ଅଶୀତିରେ ମଙ୍ଗଳ ମରଣ
ସୁକୋମଳ ଶିଶୁ କେତେ—ଯଥା ପୁଷ୍ପ ଉଷାବାତେ—
ଜୀବନର ପ୍ରଥା ଲୋକେ କରୁ ତୁ ହରଣ
ଜନନୀ କୋଳରୁ ହାୟ ! ତା ** ହୃଦୟଧନ ।

୨୧

ସ୍ନେହଭିକ୍ଷୁ ଯୁବକ ଦମ୍ପତୀ
ଭିନ୍ନ ହେବ ଏକ ପ୍ରାଣ ସଦା ପ୍ରେମ ସମ୍ଭାଷଣ
ଅସମୟେ ହରୁ ହାୟ କାଳ କ୍ରୂରମତି;
ପତି କୋଳୁଁ ଯୁବତୀ, ଯୁବତୀ କୋଳୁ ପତି ।

ଶ୍ରୀ ମଣିଚରଣ ମହାପାତ୍ର

---

# ଜୀବନ କି ଅସାର ?

ପରମାତ୍ମା ପିତା ଜୀବାତ୍ମା ପୁତ୍ର; ପରମାତ୍ମା ରାଜା, ଜୀବାତ୍ମା ପ୍ରଜା, ଏବଂ ପରମାତ୍ମା ଗୁରୁ, ଜୀବାତ୍ମା ଶିଷ୍ୟ । ଐହିକ ଓ ପାରତ୍ରିକ ଏହିପରି ସମ୍ବନ୍ଧ ପରମାତ୍ମା ଓ ଜୀମାତ୍ମା ମଧ୍ୟରେ ବର୍ତ୍ତମାନ ରହିଅଛି । ଜଣେ ଉପଦେଷ୍ଟା, ଅନ୍ୟଜଣକ ଉପଦିଷ୍ଟ, ଜଣେ ସର୍ବଦା ତତ୍ତ୍ୱାବଧାରକ, ଅନ୍ୟଜଣକ କାର୍ଯ୍ୟକାରକ; ଜଣେ ଆଜ୍ଞାଦାତା ଏବଂ ଅନ୍ୟଜଣକ ଆଜ୍ଞାକାରୀ । ଅତଏବ ଯେଉଁ ଜୀବନଦ୍ୱାରା ପରମାତ୍ମାଙ୍କର ଏତାଦୃଶ କାର୍ଯ୍ୟମାନ ସାଧିତ ହୁଏ, ଓ ଯେଉଁ ଜୀବନ ଈଶ୍ୱରଙ୍କ ଆଜ୍ଞା ପାଳନ କରୁଅଛି ବୋଲି ପ୍ରେମରେ ନୃତ୍ୟ କରେ; ଏବଂ ଯଦ୍ୱାରା ଏ ଅବନୀ ସଦା ଜୀବିତ ଓ ଆନନ୍ଦମୟ ବୋଧହୁଏ ସେ ଜୀବନକୁ ଆମ୍ଭେମାନେ ଅସାର କେତେବେଳଯାଏ କହିପାରୁଁ ? ଯେଉଁ ଲୋକ ଜୀବନକୁ ଅସାର କହି ଆପଣାକୁ ଅବମାନନା କରେ, ସେ ଲୋକ ଅନ୍ୟର ଜୀବନକୁ ଅସାର ମଣିବ ଏଥିରେ ସନ୍ଦେହ ନାହିଁ । ଯଦି ଆମ୍ଭେମାନେ ଜୀବନକୁ ଅସାର କହି ଅବମାନନା କଲୁଁ ତେବେ ପରମପିତା ପରମାତ୍ମାଙ୍କୁ ମଧ୍ୟ ଅବମାନନା କଲୁଁ । ଏ ସମ୍ବନ୍ଧରେ ଧ୍ରୁବୋପାଖ୍ୟାନରେ ଏକସ୍ଥାନରେ କଥିତ ଅଛି ଯଥା;— ଯେତେବେଳେ ଶିଶୁ ଧ୍ରୁବ ପିତ୍ରାଙ୍କାରୋହଣେଚ୍ଛୁ ବିମାତା ସୁରୁଚିଦ୍ୱାରା ଅପମାନିତ ଓ ତିରସ୍କୃତ ହୋଇ ସ୍ୱମାତା ସୁନୀତି ନିକଟରେ ବ୍ୟାକୁଳ ହୋଇ କ୍ରନ୍ଦନ କରୁଥିଲେ ତେତେବେଳେ ସୁନୀତି ତାହାଙ୍କୁ ସାନ୍ତ୍ୱନା ବାକ୍ୟରେ କହିଲେ "ରେ ଧ୍ରୁବ ! କାହାଦ୍ୱାରା ଏପରି ମର୍ମାନ୍ତିକ ଆହତ ହୋଇଅଛୁ, ଏବଂ କିଏ ତୋତେ ଏପରି ଅପମାନ ଦେଲା ? ତୋତେ ଯେ ଅବମାନନା କଲା ସେ କି ଜାଣେନାହିଁ ତଦ୍ୱାରା ତୋ ପିତାଙ୍କୁ ଅବମାନନା କରିଅଛି ?" ଆହୁରି ମହର୍ଷି ଈଶା ମଧ୍ୟ କହିଅଛନ୍ତି "ଯେ ମତେ ଅବମାନନା କରିବ ସେ ନିଶ୍ଚେ ମୋହର ପିତା ପରମେଶ୍ୱରଙ୍କୁ ଅବମାନନା କରିବ ।" ଆହା କି ମଧୁର ଓ ହୃଦୟ-ଶାନ୍ତିକାରିଣୀ

ଉକ୍ତି ! ଏତାଦୃଶ ଗୋଟିଏ ୨ ଉକ୍ତିକୁ ମୁକ୍ତିଦ୍ୱାର କହିଲେ ଅତ୍ୟୁକ୍ତି ହେବନାହିଁ । ଉପରୋକ୍ତ ଉକ୍ତିଦ୍ୱୟ ମଧ୍ୟରେ କି ଏକ ଆଧ୍ୟାତ୍ମିକ ସତ୍ୟ ବିଦ୍ୟମାନ ରହିଅଛି ! ଯେଉଁ ପରମାତ୍ମା ଓ ଜୀବାତ୍ମା ଅର୍ଥାତ୍ ପିତା ଓ ପୁତ୍ରଙ୍କ ମଧ୍ୟରେ ଏପରି ସମ୍ପର୍କ ଅନନ୍ତକାଳ ବ୍ୟାପିଅଛି ତାହାକୁ ଆମ୍ଭେମାନେ କେବେହେଁ ଅସାର କହିନପାରୁଁ ଯେହେତୁ ଜୀବନକୁ ଅସାର କହିଲେ ପରମାତ୍ମାଙ୍କୁ(ଙ୍କୁ) ମଧ ଅସାର କୁହାହେଲା ।

ଏତେବେଳ ପର୍ଯ୍ୟନ୍ତ ବାହ୍ୟଜଗତର ଦୃଷ୍ଟାନ୍ତରେ ଜୀବନକୁ ସାର ଓ ଅମର ପ୍ରମାଣ କରାଗଲା । ବର୍ତ୍ତମାନ ଆମ୍ଭମାନଙ୍କର ଦେଖିବା ଉଚିତ ଯେ ସ୍ୱୟଂ ଜୀବନ କି ଆତ୍ମପକ୍ଷ ସମର୍ଥନରେ କିଛି ଉତ୍ତର ଦେଉନାହିଁ ? ବର୍ତ୍ତମାନ ଦେଖାଯାଉ ଜୀବନ ଆପେ ଆପଣାକୁ କିରୂପେ ସାର ଓ ଅମର ପ୍ରମାଣିତ କରାଉଅଛି ।

ସ୍ୱୟଂ ଜୀବନ ସ୍ୱପକ୍ଷରୁ ଯେଉଁ ଉତ୍ତର ପ୍ରଦାନ କରୁଅଛି ତହିଁରୁ ସ୍ପଷ୍ଟ ପ୍ରକାଶ ପାଉଅଛି ଯେ ଏ ଜୀବାତ୍ମା କେବଳ ଏଠାକୁ ଚାରିଗୋଟି କାର୍ଯ୍ୟ ନିର୍ବାହ କରିବା-ନିମିତ୍ତ ପରମପିତା ପରମେଶ୍ୱରଙ୍କଦ୍ୱାରା ପ୍ରେରିତ ହୋଇଅଛି । ସେ ସବୁ ଏହି ଯଥା;— ପ୍ରେମ, କର୍ତ୍ତବ୍ୟ, ଆଶା ଓ ପରମାତ୍ମା ସହିତ ମିଳନଚେଷ୍ଟା । ଏହି ଚତୁଷ୍ଟୟ ଜୀବନରେ ସଦା ଲକ୍ଷିତ ହୁଏ; ଏହି ଚତୁଷ୍ଟୟ ଓ ପ୍ରତ୍ୟେକେ ଜୀବନକୁ ଆନନ୍ଦପୂର୍ଣ୍ଣ, ବୀର୍ଯ୍ୟବାନ୍, କାର୍ଯ୍ୟକ୍ଷମ କରାନ୍ତି; ଏହି ଚତୁଷ୍ଟୟ ଜୀବନକୁ ସଂସାରର ଯାବତ୍ ଅନ୍ୟାୟକାର୍ଯ୍ୟ ବିରୁଦ୍ଧରେ ଉତ୍ତେଜିତ କରାନ୍ତି । ଏହି ଚତୁଷ୍ଟୟ ଯାହା ଜୀବନରେ ସଦା ଅନୁଭୂତ ସେ ସ୍ୱର୍ଗରାଜ୍ୟର ଅଧିକାରୀ ଓ ଚିରଭୂଷଣ ଏବଂ ଇହ ଓ ପରତ୍ର ସେବ୍ୟ ଓ ପୂଜ୍ୟ । ଏମାନଙ୍କ ପରିବର୍ତ୍ତରେ ଜୀବନ ଅସାର ଓ ଜଡ଼ର ତୁଲ୍ୟ; ଏମାନଙ୍କ ପରିବର୍ତ୍ତରେ ଜୀବନର ସ୍ଥାୟିତ୍ୱ ଅସମ୍ଭବ । ଅତଏବ ଆମ୍ଭମାନଙ୍କର କ୍ରମାନ୍ୱୟ ଏହି ଚତୁଷ୍ଟୟଙ୍କୁ ଆଲୋଚନାକରି ଦେଖିବା କର୍ତ୍ତବ୍ୟ ।

୧ମ— ପ୍ରେମ । ଏପରି କେହି ଲୋକ ନାହିଁ ଯେ ସେ ଜୀବନକୁ ସତ୍ ଓ ବିଶୁଦ୍ଧନେତ୍ରରେ ଅବଲୋକନ କରି କହିପାରେ ମୁଁ ପ୍ରେମରୁ କେବେହେଁ କୌଣସି ଉପକାର ପ୍ରାପ୍ତ ହୋଇନାହିଁ । କାରଣ ଯାହା ଜୀବନ ତାହା ପ୍ରେମ ଓ ଯାହା ପ୍ରେମ ତାହା ଜୀବନ । ଜୀବନ ଯଦି ଜୀବନକୁ ପ୍ରେମ ନ କରନ୍ତା ତେବେ ଆମ୍ଭେମାନେ ଏପରି ଆନନ୍ଦରେ ବିଚରଣ କରିପାରନ୍ତୁ କି ? ମାନବଜୀବନ ପ୍ରେମର ଅବତାର ଏଥିରେ ସନ୍ଦେହ ନାହିଁ । ପ୍ରେମ ପ୍ରଥମେ ଜୀବନାଙ୍କୁରକୁ ଆପଣାର କୋମଳବାରି ସେଚନଦ୍ୱାରା ପରିବର୍ଦ୍ଧିତ, ଯୌବନକୁ ବିମୋହିତ ଏବଂ ବାର୍ଦ୍ଧକ୍ୟକୁ ପ୍ରେମମୟ ପରମାତ୍ମାଙ୍କ ସମ୍ମୁଖୀନ କରେ । ଜୀବନ ଜୀବନକୁ ପ୍ରେମ କରେ ଏହାଠାରୁ ବହୁମୂଲ୍ୟ ରତ୍ନଲାଭ ଆଉ କେଉଁଠାରେ ? ପ୍ରେମ ଜୀବନର ଉନ୍ନତିପଥରେ ନେତା ଓ ହୃଦୟସିଂହାସନର ଅଧିଷ୍ଠାତ୍ରୀ ଦେବତା । ପ୍ରେମ ମାତାର ହୃଦୟକୁ ପୁତ୍ରପ୍ରତି ଆକର୍ଷଣ କରାଏ; ପତିବ୍ରତାନାରୀର

ଆତ୍ମାକୁ ସ୍ୱପତିର ଆତ୍ମାର ସହିତ ଚିରବନ୍ଧନ କରାଏ । ଧନ୍ୟ ପ୍ରେମ ! ତୋହର କି ଅପୂର୍ବ ମୋହିନୀ ଶକ୍ତି ! ତୁ ପୃଥିବୀରେ କଅଣ ବା କରି ନପାରୁ ?—ଯେତେବେଳେ ପ୍ରେମ ଶତଧାରା ହୋଇ ପ୍ରବାହିତ ହେଉଥାଏ, ତେତେବେଳେ "ବସୁଧୈବ କୁଟୁମ୍ବକଂ" ବୋଧ ହୁଏ; ଏହି ସମୟରେ ଚରାଚର ବିଶ୍ୱ ପ୍ରେମମୟ ପ୍ରତୀୟମାନ ହୁଏ ଏବଂ ଅହଂଜ୍ଞାନ୍ ଏକାବେଳେକେ ଅନ୍ତର୍ହିତ ହୋଇଯାଏ । ବିଶ୍ୱବ୍ରହ୍ମାଣ୍ଡସିନ୍ଧୁରେ 'ତୁ' ଓ 'ମୁଁ' ବିନ୍ଦୁପରି ଦୃଶ୍ୟମାନ୍ ହୁଏ । ଯେଉଁ ମାନବଜୀବନରେ ଏକ ସମୟରେ ଏପରି ଭାବ ଲକ୍ଷିତ ହୁଏ ଓ ଯେଉଁ ମାନବଜୀବନ ପ୍ରେମବୀଜ ବପନ କରିବା ନିମିତ୍ତ ଉପଯୁକ୍ତ ଭୂମି ଅଟେ ସେ ଜୀବନକୁ ଆମ୍ଭେମାନେ ଅସାର କହିପାରୁଁ କି ? କ୍ରମଶଃ

ଶ୍ରୀ ସାଧୁଚରଣ ରାୟ

---

## ସନ୍ମାର୍ଗରେ ବୁଦ୍ଧିର ପରିଚାଳନା ।

ପାଠକେ ! ଆମ୍ଭେମାନେ ପ୍ରତ୍ୟହ ଯେ ସମସ୍ତ କାର୍ଯ୍ୟ କରୁଁ, ସୂକ୍ଷ୍ମରୂପେ ବିଚାର କରି ଦେଖିଲେ ବୁଝିପାରିବ ଯେ, 'ଇଚ୍ଛା' ସମସ୍ତଙ୍କର ମୂଳ ଅଟେ ଅର୍ଥାତ୍ କୌଣସି କାର୍ଯ୍ୟ କରିବା ପୂର୍ବରେ ସେହି କାର୍ଯ୍ୟ କରିବାର ଇଚ୍ଛା ଆମ୍ଭମାନଙ୍କ ମନରେ ଉଦୟ ହେବା ଆବଶ୍ୟକ । ମନେକର, ତୁମ୍ଭେ ପ୍ରତ୍ୟହ ସନ୍ଧ୍ୟା ସମୟରେ ଗାନ ବାଦ୍ୟାଦି କର । ପ୍ରଥମେ ତୁମ୍ଭ ମନରେ ଗାନ ବାଦ୍ୟାଦି କରିବାର ଇଚ୍ଛା ଉଦିତ ହୁଏ । ତହିଁ ଉତ୍ତାରୁ ତୁମ୍ଭେ ଗାନ ବାଦ୍ୟାପି କରି ସେହି ଇଚ୍ଛାକୁ କାର୍ଯ୍ୟରେ ପରିଣତ କର । ସେହିପରି ସର୍ବସ୍ଥଳରେ କାର୍ଯ୍ୟ କରିବାର ଇଚ୍ଛା ପ୍ରଥମେ ଜାତ ହୁଏ; ତହିଁ ଉତ୍ତାରୁ ପ୍ରକୃତ କାର୍ଯ୍ୟ ସମ୍ପାଦିତ ହୁଏ । ଅତିଅଳ୍ପ ସ୍ଥଳ ଅଛି ଯେଉଁଠାରେ କି ଆମ୍ଭେମାନେ ସ୍ୱ ସ୍ୱ ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରୁଁ । ଏପରି ସ୍ଥଳରେ ହୁଏତ ଆମ୍ଭମାନଙ୍କର 'ଇଚ୍ଛା' ଅନ୍ୟ କୌଣସି ପ୍ରବଳତର ଇଚ୍ଛାଦ୍ୱାରା ବଶୀଭୂତ ହୁଏ । ମନେକର, ଜଣେ ଭଦ୍ରଲୋକ ତୁମ୍ଭର ପିତାଙ୍କୁ ବଙ୍ଗଳା ଯାତ୍ରା ଦେଖିବାଲାଗି ନିମନ୍ତ୍ରଣ କରିଅଛନ୍ତି । କାର୍ଯ୍ୟବଶତଃ ତୁମ୍ଭର ପିତା ମହାଶୟ ସ୍ୱୟଂ ଯାଇ ନ ପାରି ନିମନ୍ତ୍ରଣ ରକ୍ଷା ନିମନ୍ତେ ତୁମ୍ଭଙ୍କୁ ଯିବାକୁ ଆଦେଶ କଲେ । ମାତ୍ର ତୁମ୍ଭର ସେଦିନ ଯାତ୍ରା ଦେଖିବାର ଲେଶମାତ୍ର ଇଚ୍ଛା ନାହିଁ । ତଥାପି ପିତା ମହାଶୟଙ୍କର ଆଦେଶ ବାଧହୋଇ ପାଳନ କରିବାକୁ ହେଲା । ଏ ସ୍ଥଳରେ ତୁମ୍ଭର ଗୁରୁଜନର ଆଜ୍ଞା ପାଳନର ଇଚ୍ଛା ବଳବତୀ ହେବାରୁ, ତୁମ୍ଭର ଯାତ୍ରା ନ ଦେଖିବାର ଇଚ୍ଛାକୁ ପରାଭୂତ କଲା ।

ଏବେ ଦେଖାଗଲା ଯେ କୌଣସି କାର୍ଯ୍ୟର ମୂଳକାରଣ ହେଉଅଛି କାର୍ଯ୍ୟ କରିବାର 'ଇଚ୍ଛା' । ମାତ୍ର ଏହା ସ୍ୱତନ୍ତ୍ର ନୁହେ । ଏହାର ପୁଣି ଗୋଟିଏ ମୂଳ ଅଛି ଏବଂ ସେହି

ମୂଳ ଆମ୍ଭମାନଙ୍କର 'ବୁଦ୍ଧି' ଅଟେ ଅର୍ଥାତ୍ ସେହି ଶକ୍ତି ଯଦ୍ଦ୍ୱାରା ମନୁଷ୍ୟମନୋଗତ ଭାବସମୂହର ସଂଗତତା ଓ ଅସଂଗତତା ସାମ୍ୟ ଓ ବୈଷମ୍ୟ ବୋଧ କରିପାରେ । ଏଣୁକରି ଆମ୍ଭମାନଙ୍କର କାର୍ଯ୍ୟକଳାପରେ ବୁଦ୍ଧିକୁ ସର୍ବେସର୍ବା କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ, ଯେ 'ଇଚ୍ଛା' ଆମ୍ଭମାନଙ୍କର କାର୍ଯ୍ୟସମୂହର ମୂଳ ଅଟେ, ତାହା ପୁଣି ଏହାଦ୍ୱାରା ଚାଳିତ ହୁଏ । ଯଦି ତୁମ୍ଭେ ପିଲାକାଳରୁ ତୁମ୍ଭର ଜନକ ଜନନୀଙ୍କ ମୁଖରୁ ଶୁଣି ଆସୁଅଛ ଯେ ତୁମ୍ଭର ପ୍ରତିବାସୀ ରାମ ସାହୁ ଜଣେ ମିଥ୍ୟାବାଦୀ ଲୋକ, ତେବେ ଯେତେବେଳେ ରାମ ସାହୁଠାରୁ କୌଣସି କଥା ଶୁଣିବ, ତାହା ସତ୍ୟ ବୋଲି କଦାଚ ବିଶ୍ୱାସ କରିବ ନାହିଁ । ଏରୂପ ଯେ ରାମ ସାହୁ କୌଣସି ସମୟରେ ବାସ୍ତବରେ ସତ୍ୟକଥା କହିଲେ ମଧ, ତୁମ୍ଭେ ମନେକରିବ ସେ ଯାହା କହୁଅଛି, ତହିଁରେ ଶଅକେ ପାଞ୍ଚକୋଡ଼ି ମିଛ । ମାତ୍ର ଜଣେ ବିଦେଶୀ ବ୍ୟକ୍ତି (ଯେ କି ରାମ ସାହୁର ଚରିତ୍ର ବିଷୟରେ କିଛି ଜାଣେନାହିଁ । ରାମ ସାହୁ କଥାରେ ତୁମ୍ଭପରି ଅଶ୍ରଦ୍ଧା ପ୍ରକାଶ କରିବ ନାହିଁ । ବରଞ୍ଚ ତାହା ଶୁଣିଲାକ୍ଷଣି, ତହିଁରେ ବିଶ୍ୱାସ କରିବାକୁ ଇଚ୍ଛୁକ ହେବ । ସେହି ଏକ ରାମ ସାହୁ କଥାରେ ତୁମ୍ଭର ଓ ବିଦେଶୀ ବ୍ୟକ୍ତିର ଭିନ୍ନପ୍ରକାର ଭାବ ହେବାର କାରଣ କି ? ଏହା କିଛି ନୁହେ, କେବଳ ତୁମ୍ଭ ଦୁହିଙ୍କର ଭିନ୍ନପ୍ରକାର ଧାରଣା– ଅର୍ଥାତ୍ ତୁମ୍ଭ ଦୁଇଜଣଙ୍କର ବୁଦ୍ଧିର ଭିନ୍ନ ୨ ପ୍ରକାର ଭାବ ଗ୍ରହଣ । ଯଦି ତୁମ୍ଭେ ରାମ ସାହୁ ମିଥ୍ୟାବାଦୀ ବୋଲି ଆଶୈଶବ ଶୁଣି ଆସୁ ନ ଥାନ୍ତ, ତୁମ୍ଭ ମନୋଜାତ ରାମ ସାହୁର ମିଥ୍ୟାବିଦିତା ଭାବ, ଯଦି ତୁମ୍ଭ ବୁଦ୍ଧି ଗ୍ରହଣ କରି ନ ଥାନ୍ତା ତେବେ କଦାଚ ତୁମ୍ଭେ ତାହା କଥାରେ ଅବିଶ୍ୱାସ କରନ୍ତ ନାହିଁ । ବରଞ୍ଚ ବିଦେଶୀ ବ୍ୟକ୍ତି ପରି ସହଜେ ବିଶ୍ୱାସ କରନ୍ତ । ମାତ୍ର ତୁମ୍ଭର ବୁଦ୍ଧି ଏହି ଭାବ ପିଲାକାଳରୁ ବୋଧ କରି ଆସୁଥିବାରୁ, ତୁମ୍ଭର 'ଇଚ୍ଛାକୁ' ରାମ ସାହୁ କଥାରେ ବିଶ୍ୱାସ କରିବାକୁ ଅନୁମତି ଦିଏ ନାହିଁ । ପକ୍ଷାନ୍ତରେ ବିଦେଶୀ ବ୍ୟକ୍ତିର ବୁଦ୍ଧି ପୂର୍ବରୁ ଏ ପ୍ରକାର ଭାବ ଗ୍ରହଣ କରି ନ ଥିବାରୁ ସେ ସାଧାରଣଲୋକଙ୍କ କଥାପରି ରାମ ସାହୁ କଥାରେ ବିଶ୍ୱାସ କରିବାକୁ ଇଚ୍ଛୁକ ହୁଏ–ପ୍ରତ୍ୟୁତ ବିଶ୍ୱାସ କରେ ।

ଅତଏବ ଦେଖାଗଲା ଯେ ମନୁଷ୍ୟର ବୁଦ୍ଧି ଶୀର୍ଷସ୍ଥାନ ଅଧିକାର କରେ । ଏହା ରାଜାପରି ସିଂହାସନାଧିରୂଢ଼ ହୋଇ 'ଇଚ୍ଛାକୁ' ଆଦେଶ କରେ । 'ଇଚ୍ଛା' ପୁଣି ସେହି ଆଦେଶ ଅନୁସାରେ କାର୍ଯ୍ୟ କରିବାକୁ ଆଜ୍ଞା ପ୍ରଦାନ କରେ । ତଦନୁଯାୟୀ ମନୁଷ୍ୟର ଅଙ୍ଗ ପ୍ରତ୍ୟଙ୍ଗ ଓ ବୃତ୍ତିସବୁ ପ୍ରଜାଙ୍କ ପରି କାର୍ଯ୍ୟ କରନ୍ତି ।

ରାଜାର ଭଲମନ୍ଦ ଉପରେ ଯେପରି ଦେଶର ଓ ପ୍ରକୃତିବର୍ଗର ଭଲମନ୍ଦ ନିର୍ଭର କରେ, ସେହିପରି ବୁଦ୍ଧିର ଭଲମନ୍ଦ ବିଚାର ଉପରେ ମନୁଷ୍ୟର କାର୍ଯ୍ୟାବଳିର–ଅତଏବ ମନୁଷ୍ୟର ନିଜର– ଭଲମନ୍ଦ ନିର୍ଭର କରେ । କୁଟିଳ ମନ୍ତ୍ରୀ ଓ ତୋଷାମୋଦକାରିମାନଙ୍କଦ୍ୱାରା ରାଜା କୁମାର୍ଗରେ ନୀତ ହେଲେ, ଅଥବା କୌଣସି

ପୀଡ଼ାରେ ଚିରରଗ୍ଣ ହେଲେ ଯେପ୍ରକାର ରାଜକାର୍ଯ୍ୟରେ ବିଶୃଙ୍ଖଳା ଘଟେ; ଏବଂ ରାଜ୍ୟର ଓ ପ୍ରଜାବୃନ୍ଦର ଦୁରବସ୍ଥା ହୁଏ, ମନୋରାଜ୍ୟରେ ବୁଦ୍ଧିରାଜା କୁମନ୍ତ୍ରଣାଦ୍ୱାରା ବିପଥଗାମୀ ହେଲେ ବା ରୋଗରେ ଚିରକ୍ଳିଷ୍ଟ ହେଲେ ସେହିପରି ବିଶୃଙ୍ଖଳା ଘଟେ । ଏହି ଚାଟୁକାରିମାନଙ୍କୁ ସମୂଳ ବିନାଶ କରି ଏବଂ ବ୍ୟାଧିସମୂହକୁ ସମ୍ପୂର୍ଣ୍ଣରୂପେ ଦୂରୀଭୂତ କରି ରାଜାଙ୍କୁ (ମନୋରାଜ୍ୟରେ ବୁଦ୍ଧିକୁ) ପ୍ରକୃତିସ୍ଥ ଓ ସୁସ୍ଥଶରୀର ରଖିବା ଓ ସନ୍ମାର୍ଗାବଲମ୍ବୀ କରାଇବା ସର୍ବତୋଭାବେ ବାଞ୍ଛନୀୟ । ମାତ୍ର ଉଚ୍ଛେଦ କରିବା ପୂର୍ବରେ କୁମନ୍ତ୍ରୀ କିଏ ୨ ଚିହ୍ନିବା ଆବଶ୍ୟକ ଏବଂ ଔଷଧ ଦେଇ ରୋଗୋନ୍ମୁକ୍ତ କରିବା ପୂର୍ବରୁ କି ବ୍ୟାଧି ଜାଣିବା ଆବଶ୍ୟକ । ଅତଏବ କ୍ରମରେ ସେହି କୁମନ୍ତ୍ରିମାନଙ୍କର ନାମ, ଗୋତ୍ର, ଚରିତ୍ର ଓ କାର୍ଯ୍ୟର ସଂକ୍ଷେପ ବିବରଣ ସହିତ ସେମାନଙ୍କୁ ଦମନ କରିବାର ଉପାୟ; ଏବଂ ରୋଗର ଲକ୍ଷଣ ଓ ଇତିହାସ କହି ତହିଁର ଔଷଧର ବ୍ୟବସ୍ଥା ଦିଆଯିବ ।

କ୍ରମଶଃ

ଶ୍ରୀ ————

---

# ସମାଲୋଚନା

'ଶିକ୍ଷାବନ୍ଧୁର' ୧ମ ସଂଖ୍ୟା ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଛାତ୍ର, ଶିକ୍ଷକ ଓ ପରିଦର୍ଶକମାନଙ୍କର ଜ୍ଞାନବର୍ଦ୍ଧନ କରିବା ଶିକ୍ଷାବନ୍ଧୁର ଉଦ୍ଦେଶ୍ୟ । ଏ ସଂଖ୍ୟାର ପ୍ରସ୍ତାବଗୁଡ଼ିକ ସାଧାରଣତଃ ଉତ୍ତମ ହୋଇଅଛି । 'ଭୀମର ପଦ୍ମ ଅନ୍ୱେଷଣ' ପଦ୍ୟଟି ଗୋଟିଏ ବାଳିକାର ଲେଖନୀପ୍ରସୂତ ହୋଇଥିବା ଯୋଗୁଁ ଆହୁରି ପ୍ରଶଂସନୀୟ ଅଟେ । ସମ୍ପାଦକ ମହାଶୟ ଆଉ ଟିକିଏ ଶାନ୍ତଭାବରେ ସମ୍ପାଦକୀୟ ମନ୍ତବ୍ୟ ଲେଖିଥିଲେ ଭଲ ହୋଇଥାନ୍ତା । ଆମ୍ଭେମାନେ 'ଶିକ୍ଷା ବନ୍ଧୁର' ଦୀର୍ଘଜୀବନ କାମନା କରୁଅଛୁଁ । ଏହାଦ୍ୱାରା ଶିକ୍ଷାବିଭାଗର ଅନେକ ଉନ୍ନତି ସାଧିତ ହୋଇ ପାରିବାର ଦୃଢ଼ ଆଶା ହେଉଅଛି ।

'ଶିକ୍ଷାବନ୍ଧୁ' ମାସିକ ପତ୍ର । ଆକାର ରଏଲ ଆଠପେଜୀ ଏକଫାର୍ମା । ଡାକମାସୁଲ ସହିତ ଅଗ୍ରିମ ବାର୍ଷିକ ମୂଲ୍ୟ ଟ୧ ପ୍ରକାଶକ ଶ୍ରୀ ଯୋଗେନ୍ଦ୍ରନାଥ ଜେନା, କଟକ ।

---

୧ ମ ଖଣ୍ଡ                                        ୩ୟ ସଂଖ୍ୟା

ମାସିକପତ୍ର ଓ ସମାଲୋଚନ

---

ମାର୍ଚ୍ଚ ସନ ୧୮୮୫ ମସିହା ।

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)

| ବିଷୟ | | | ପୃଷ୍ଠା |
|---|---|---|---|
| ୧ । ସ୍ୱାର୍ଥତ୍ୟାଗ | ... | ... | |
| ୨ । ବନ୍ଧୁବିୟୋଗ | ... | ... | |
| ୩ । ସନ୍ମାର୍ଗରେ ବୁଦ୍ଧିର ପରିଚାଳନା | ... | ... | |
| ୪ । ଜୀବନ କି ଅସାର ? | ... | ... | |
| ୫ । ସ୍ତ୍ରୀଜାତି | ... | ... | |
| ୬ । ରମଣୀର ବିପଦସମୟରେ ଅଟଳତା | ... | ... | |

***

## କଟକ

Printed and published by Sarat Chandra Mukhopadhaya at the Cuttack Printing Company's Press.

## ଶ୍ମଶାନରେ ମାତୃହୀନ ବାଳକ ।

୩

ତୃଣବୃତ ଭୀଷଣ ପ୍ରାନ୍ତରେ
ଅସ୍ଥିରାଶି ଇତସ୍ତତଃ    ଯଥା ଫେଣଗଣ ଶ୍ୱେତ
ବାତ୍ୟାଶେଷେ ଭସେ ସ୍ଥିର ନୀଳାମ୍ବୁ ବକ୍ଷରେ;
ଚୁଲ୍ଲୀମୂର୍ତ୍ତି ଯଥା ତଥା ଅସ୍ନେହ ଉଦ୍ଗାରେ ।

୪

ନରଦେହ ଭକ୍ଷି କେଉଁ ଠାରେ
କ୍ଷୁଧାତୃପ୍ତମନ ଯଥା    ସରହସ ପ୍ରଶାନ୍ତା
ଧୀରେ ଧୀରେ ଶିବାବଳୀ ଲହ ଲହ କରେ
କବଳୀ ପିପାସୀ ଯଥା ପ୍ରେତପୁରଦ୍ୱାରେ ।

୫

ମାତା ମୁଖ ନିରୀକ୍ଷଣ କରି
କୋମଳ କରୁଣସ୍ୱରେ    ପ୍ଲୁତ ନେତ୍ର ଅଶ୍ରୁନୀରେ
ପ୍ରାଣହୀନା ମାତାଗଳା ମୃଦୁକରେ ଧରି
କାନ୍ଦେ ନିରାଶ୍ରୟ ଶିଶୁ ହୃଦୟ ବିଦାରି ।—

୬

"ଉଠ ମାତଃ ଅନ୍ଧକାର ନିଶି
ମା'-ମା—ଉଠ ଯିବା ଗୃହ    କାହିଁପାଇଁ ବିଳମ୍ବ କର
କ୍ଷୁଧାରେ ଆକୁଳ ପ୍ରାଣ ହୋଇଲାଣି ଆସି
ଦେଖ ମା ଶୃଗାଳ ଆସେ ରକ୍ତମୁଖେ ମାତି"

୭

ପୁଣି ମାତା ମୁଖେ ମୁଖ ଦେଇ
କମ୍ପମାନ ଅଙ୍ଗୁଳିରେ    ମାତା ନେତ୍ର ଫେଡ଼ି ଧୀରେ
କହେ "ଦେଖ ଦେଖ ମାତଃ ଘଡ଼ଘଡ଼ି ଡାକଇ
ବଡ଼ ଶୀତ ! ବୃଷ୍ଟିସହ ବାୟୁ ବହୁଅଇ ।

୮

ଶୀତରେ କମ୍ପୁଛି କଳେବର
ହସ୍ତ ପଦାଦି ଅବଶ    କାନ୍ଧ ମମ ଗଲେ ଖସି
ଯେ ବସନ ଦେଇଛନ୍ତି ମାତୁଳ ଆମ୍ଭର
ସେ ବସନ ଅଛି ଗୃହେ ଉଠ ମା ସତ୍ୱର

୯

କ୍ରୀଡ଼ା ପାଇଁ ଗଲି ଯଦୁ ଘର
ତା ଜନନୀ ଧରି କୋଳେ ଛଳି ମୋତେ ନାନା ଛଳେ
ଭର୍ତ୍ସିଲେ କହିଣ ଯହୁ ଅଶେଷ ପ୍ରକାର
କେତେ ଭୁମ୍ବନା ଦେଲେ ହୃଦୟ ଅସ୍ଥିର ।

୧୦

କ୍ରମେ ନିଶା ହେଲା ଅବସାନ
ଦୋହିବ ଅବଶ୍ୟ ତମ    କରନ୍ତି ଜନନୀ ନାମ
ଡାକ ଭିକ୍ଷାଇବେ ମୋତେ କହିବେ କେଜନ
କାହୁଁ ଶୁଣିବି ଏଠାରେ କରୁଛ ଶୟନ ।

୧୧

ତବ ଶଯ୍ୟାବୃତ ତମୋମୟ
ନାହିଁ ତଥା କେହି ଜନ    କେବଳ ମୂଷିକ ସ୍ୱନ
ମୃତା ମାର୍ଜାରର ଯନ୍ତ୍ର ଶିଶୁ ମନ ଭୀମୟ
ଭ୍ରମେ ଦ୍ୱାରପାଶେ କାନ୍ଦି କ୍ଷୁଧାରେ ଅଥୟ ।

୧୨

ଗୃହ ଦେଲ କପାଇ ଏଠାରେ ?
ମାତଃ ଅତି ଭୟେ ଭୟ ଦେଖ ମା ଶଙ୍କିତ ହୃଦୟ
କାହିଁ ନାହିଁ ମୁଖେ କଥା ଶଯ୍ୟ ଭୂମିରେ"
—ବିଳାପେ ଅଜ୍ଞାନ ଶିଶୁ ଜନନୀ ପାର୍ଶ୍ୱରେ ।

୧୩

ହେ ବାଳକ କ୍ରନ୍ଦନ ସମ୍ବର
କେଉଁ ଠାରେ ତବ ମାତା ! କାଳମୁଖେ କବଳିତା
ମମତା ବନ୍ଧନ ଛେଦି ଭୁଲି ଏ ସଂସାର
ଲଭିଛନ୍ତି ଚିରନିଦ୍ରା ଅଶେଷ କଷ୍ଟର !

୧୪

ତବ ମାତା ମହାନିଦ୍ରାଗତା
ସହସ୍ର ଡାକିଲେ ସୁତ ବହିଲେ ପ୍ରାତଃ ମରୁତ
ଶତମୂର୍ତ୍ତି ଧରି ଭବେ ହୋଇଲେ ସବିତା
ଜାଗ୍ରତ ନ ହେବେ ତବ ସ୍ନେହମୟୀ ମାତା ।

୧୫

ସ୍ନେହାନଳେ ଦଗ୍ଧ ଯେ ହୃଦୟ,
ସୁତକୁ ନ ଦେଖି କ୍ଷଣେ ଶତ ହୁଏ ଯନ୍ତ୍ରଣାରେ
ସ୍ମାରେ ମୂର୍ତ୍ତିମାନ ସ୍ନେହ ଅବତାରପ୍ରାୟ
ଦେଖି ସୁତମୁଖେ ହାସ ମୃଦୁ ସୁଧାମୟ ।

୧୬

ବାତ୍ସଲ୍ୟରେ ଭକ୍ତ ସୁକୋମଳ
ଯେଉଁ ବକ୍ଷ ନିରନ୍ତର    ଦେଖିଲେ ନନ୍ଦନାନନ
ନନ୍ଦନର, ଉନ୍ମାଦରେ ହୁଏ ଅଚଳ
କଠିନ କଲ୍ଲୋଳ ଅଙ୍କ ନୀହାରଶୀତଳ ।

୧୭

କବରୀ ଲୁଣ୍ଠିତ ଶେଷ କେଶ
ଅତି ଯତ୍ନେ ସୁରକ୍ଷିତ    ଯଥା ନବ ମରକତ
ଲୁପତତ ଛିନ୍ନ ଲତାଜାଳର ସଦୃଶ
କୁଠାର ଅଘାତେ ତରୁ ଲଭିଲେ ବିନାଶ ।

୧୮

ବୃଥା ନର ସୌନ୍ଦର୍ଯ୍ୟ ଗଉରବ
ବୃଥା ପଦ ଅହଙ୍କାର    ଇନ୍ଦ୍ରଜାଲ ଏ ସଂସାର
ମମତାବନ୍ଧନ ବୃଥା ବୃଥା ଏ ବଇଭବ
ଶ୍ମଶାନରେ ସାମ୍ୟମୂର୍ତ୍ତି ହୁଏ ଏ ସବୁ !

## ସ୍ୱାର୍ଥତ୍ୟାଗ ।

ଉତ୍କଳଦେଶ ବର୍ତ୍ତମାନ ନିଦ୍ରିତ ଅବସ୍ଥାରେ ରହିଅଛି, ଉତ୍ତମରୂପେ ଜାଗରିତ ହୋଇ ନାହିଁ । ନିଦ୍ରାରୁ ଉଠିବ ? ଏମନ୍ତ ଭାବରେ ରହି ସ୍ୱପ୍ନ ଦେଖୁଅଛି । ଜାତୀୟ ଉନ୍ନତିର ସ୍ୱପ୍ନ, ସଭ୍ୟତାର ସ୍ୱପ୍ନ, ସ୍ୱାଧୀନତାର ସ୍ୱପ୍ନମାନ ଦେଖୁଅଛି– ଏହି ସମସ୍ତ ସ୍ୱପ୍ନ ଦେଖିବା ଆଉ କେତେଦିନ ଯାଏ ରହିଥିବ ! ଏପରି ନିଦ୍ରାଳସଭାବ, ଏହି ପ୍ରଭାତନିଦ୍ରା ଓ ଶଯ୍ୟାଲୁଣ୍ଠନ ଆଉ କେତେଦିନ ଥିବ ! ବୋଧହୁଏ ମନରେ ନାହିଁ ଆର୍ଯ୍ୟଋଷିମାନେ କହିଅଛନ୍ତି, ପ୍ରଭାତରେ ନିଦ୍ରା ଗଲେ ସମସ୍ତ ଦିନ ଉପ(ପା)ବାସ ରହି ପ୍ରାୟଶ୍ଚିତ୍ତ କରିବାକୁ ହୁଏ ? ଭାଇ ଉତ୍କଳବାସୀ ! ତୁମ୍ଭେମାନେ ପ୍ରଭାତରେ ନିଦ୍ରା ଗଲେ ତୁମ୍ଭମାନଙ୍କୁ ଦିନଯାକ ଉପବାସ ରହିବାକୁ ହେବ– ଅନଶନ ଯନ୍ତ୍ରଣା ଭୋଗକରିବାକୁ ହେବ–ଏହି ଊନବିଂଶ ଶତାବ୍ଦୀରେ ସମସ୍ତ ଦେଶ ଜାଗରିତ ହେଲା ଓ ଜ୍ଞାନରେ ଆଲୋକିତ ହେଲା, ବ୍ରହ୍ମାଣ୍ଡ– ଉଦ୍ୟମ, ସାହସ ଓ କାର୍ଯ୍ୟଶୀଳତାରେ ପରିପୂର୍ଣ୍ଣ ହେଲା ଆଉ କେବଳ ଉତ୍କଳ, ଦ୍ୱାର ବନ୍ଦ କରିଦେଇ ଅନ୍ଧକାରରେ ଅସମୟରେ ନିଦ୍ରା ଯିବାକୁ ଲାଗିଲା ଓ ସ୍ୱପ୍ନ ଦେଖିବାକୁ ଲାଗିଲା । ସମ୍ମୁଖରେ ଉନ୍ନତି ଯୁଦ୍ଧର ଦୁନ୍ଦୁଭି ବାଦ୍ୟ ଓ କୋଳାହଳ ହେଉଅଛି ତାହା ଶୁଣି ସୁଦ୍ଧା ନିଦ୍ରାରୁ ଅଳସ ଭାବ ତ୍ୟାଗକରି ଉଠୁନାହିଁ । ଏ ଜୀବନ ସ୍ୱପ୍ନ ନୁହେ, ସମ୍ଭୋଗ ନୁହେ, ବିଳାସ ନୁହେ– ଏ ଜୀବନ ବ୍ରତ– ଆତ୍ମସଂସ୍କାର ବ୍ରତ, ଦେଶୋନ୍ନତିସାଧନ ବ୍ରତ, ଆପଣାକୁ ଅନ୍ୟ ନିମନ୍ତେ ବଳିଦାନ ଦେବାର ବ୍ରତ ।

ଭାଇ ବୃଦ୍ଧ ! ତୁମ୍ଭେ ଅର୍ଥସଂଗ୍ରହ କରିବା ନିମନ୍ତେ ସକାଳୁ ସନ୍ଧ୍ୟାପର୍ଯ୍ୟନ୍ତ ବ୍ୟସ୍ତ । ଯୁବକ ! ତୁମ୍ଭେ ବିଳାସ ସମ୍ଭୋଗରେ ସର୍ବଦା ରତ– ଆମ୍ଭ କଥା ପଢ଼ି ତୁମ୍ଭେମାନେ ଓ ଆମ୍ଭର ସହୃଦୟ ପାଠକମାନେ ବୋଧହୁଏ ହସିବ, କହିବ ଯେ ଏକଥାରେ କିଛି ସାର ନାହିଁ, ସାଂସାରିକଜ୍ଞାନ ନାହିଁ, କହିବ ସ୍ୱାର୍ଥପରତା ସବୁ କର୍ମର ମୂଳ, ସମ୍ଭବତଃ ଏକଥା ମଧ କହିପାର, ଯେଉଁ ବ୍ୟକ୍ତି ପର ନିମନ୍ତେ ନିରପେକ୍ଷ ହୋଇ ନିଜର ସ୍ୱାର୍ଥତ୍ୟାଗ କରେ, ତାହାଠାରୁ ନିର୍ବୋଧ ଓ ପାଗଳ କେହି ନାହିଁ । ମାତ୍ର ଆମ୍ଭେ ପଚାରୁଅଛୁ, ଯେବେ ସ୍ୱାର୍ଥତ୍ୟାଗ ମୂର୍ଖତାର କାରଣ ହୁଏ ତାହାହେଲେ ତୁମ୍ଭେ ସ୍ୱାର୍ଥପର ବ୍ୟକ୍ତିକୁ ଘୃଣା କର କାହିଁକି ? ଆଉ ପରୋପକାରୀ ବ୍ୟକ୍ତିକୁ ଅନ୍ତଃକରଣ ସହିତ ଶ୍ରଦ୍ଧା କର କାହିଁକି ? ଏହା କି କର ନାହିଁ ? ଯେବେ କହ କରୁନାହିଁ, ତାହାହେଲେ ତୁମ୍ଭେ ମିଥ୍ୟା କହୁଅଛ– ତୁମ୍ଭ ହୃଦୟର ଅନୁଭୂତ ସତ୍‌ପ୍ରବୃତ୍ତି ଅସ୍ୱୀକାର କରୁଅଛ– ଆଚ୍ଛା, ଏକ ପରିବାର ମଧରେ ଦୁଇଭାଇ ଅଛନ୍ତି । ଜଣେ କେବଳ ଆପଣାର ସୁଖ ବୁଝେ, ନିଜେ ଖାଇଲେ ହେଲା, ପରିବାରଙ୍କ ମଧରେ ଅନ୍ୟ କାହାରି ଖାଇବା ହେଉ ଅଥବା ନହେଉ, ସେଥିପାଇଁ ସେ ଚିନ୍ତିତ ନୁହେ । ପରିବାରଙ୍କ ମଧରେ କାହାରି ପିନ୍ଧିବା ଲୁଗା ଆଉ

ଅଥବା ନଥାଉ, ଶୀତକାଳରେ ଶୀତବସ୍ତ୍ର କାହାରି ହେଉ ଅବା ନ ହେଉ, ନିଜେ ସାଲ, ଦୋସାଲା ଦେହରେଦେଇ ବୁଲିଲେ ସେ ଖୁସିଥାଏ । ପରିବାରଙ୍କ ମଧ୍ୟରେ କାହାରି ପୀଡ଼ା ହେଲେ, ସେ କେବେହେଁ ତାହାର ଶୁଶ୍ରୂଷା କରେନାହିଁ, ଶୁଶ୍ରୂଷା କରିବା ତେଣିକି ଥାଉ, ମଧ୍ୟ ପଚାରେ ନାହିଁ— ପରିବାରଙ୍କ ମଧ୍ୟରେ କାହାରି ଦୁଃଖରେ ସେ ଦୁଃଖିତ ହୁଏ ନାହିଁ । ପରିବାରଙ୍କ ମଧ୍ୟରେ କାହାରି ଅର୍ଥାତ୍ ଭ୍ରାତୃବଧୂ, ଭ୍ରାତୁଷ୍ପୁତ୍ରୀ ପ୍ରଭୃତିଙ୍କର ଗହଣା ପିନ୍ଧିବା କିମ୍ବା ଭଲ ଖାଇବା ହେଉ ଅବା ନହେଉ, ସେ କେବଳ ନିଜର ଖାଇବା, ନିଜ ସହଧର୍ମିଣୀ, ପୁତ୍ରବଧୂ ଓ କନ୍ୟା ପ୍ରଭୃତିଙ୍କର ଗହଣା ଭଲପିନ୍ଧିବା ଓ ଭଲ ଘରେ ଶୋଇବା ଚାହେ ।

ଆଉ ଏକଭାଇ ପରିବାରଙ୍କ ମଧ୍ୟରେ ସମସ୍ତଙ୍କର ଖାଇବା ନହେଲେ, ଖାଆନ୍ତି ନାହିଁ, ପରିବାରଙ୍କ ମଧ୍ୟରେ କେହି ପୀଡ଼ିତ ହେଲେ ତାଙ୍କ ଶୁଶ୍ରୂ(ଶ୍ରୂ)ଷାରେ ନିଯୁକ୍ତ ହୁଅନ୍ତି— ନିଜେ କଣ ଖାଇବେ, କଣ ପିନ୍ଧିବେ, କେଉଁ ଘରେ ଶୋଇବେ ସେଥିପାଇଁ ତାଙ୍କର କିଛି ଭାବନା ନାହିଁ— ପରିବାରମାନଙ୍କ ମଧ୍ୟରେ ଅନ୍ୟ ସମସ୍ତେ ସୁଖରେ ରହିଲେ ସେ ଖୁସି । ପରିବାରଙ୍କ ମଧ୍ୟରେ କାହାରି ଦୁଃଖ ହେଲେ ସେହି ଦୁଃଖରେ ସେ ବ୍ୟଥିତ ହୁଅନ୍ତି । ଘର ପାଖକୁ କେହି ଅତିଥି ଆସିଲେ, ସର୍ବପ୍ରଥମରେ ସେ ନିଜର ଆହାରସାମଗ୍ରୀ ତାକୁ ଦିଅନ୍ତି । ଆମ୍ଭେ ଏକ୍ଷଣି ପଚାରୁଁ, ଏହି ଦୁଇଭାଇଙ୍କ ମଧ୍ୟରୁ ତୁମ୍ଭେ କାହାକୁ ଆପଣାଠାରୁ ଭଲପାଇବ, ଶ୍ରଦ୍ଧା କରିବ ? ଏଥିରେ କି ଆଉ ଉତ୍ତର ଦେବାର ଆବଶ୍ୟକ ରଖେ ? ତୁମ୍ଭେ କି ଏକଥା କହିବ ନାହିଁ ଯେ ପ୍ରଥମ ବ୍ୟକ୍ତି ପଶୁ, ଆଉ ଦ୍ୱିତୀୟ ବ୍ୟକ୍ତି ମନୁଷ୍ୟ ? ଆହୁରି ଏକ କଥା ପଚାରୁଅଛୁଁ— ଏକ ପରିବାର ମଧ୍ୟରେ ଦୁଇଭାଇ ସମସ୍ତଙ୍କୁ ଭଲପାଆନ୍ତି ମାତ୍ର ତାଙ୍କ ମଧ୍ୟରେ ଜଣେ କେବଳ ପରିବାରବର୍ଗଙ୍କୁ ଭଲପାଏ ଆଉ ସେମାନଙ୍କ ସୁଖ ଓ ମଙ୍ଗଳନିମନ୍ତେ ସର୍ବଦା ବ୍ୟଗ୍ର; କିନ୍ତୁ ସେ ପ୍ରତିବେଶୀମାନଙ୍କ ମଙ୍ଗଳ ନିମନ୍ତେ ତେତେ ବ୍ୟସ୍ତ ନୁହେ— ଅନ୍ୟ ଜଣ ପରିବାରବର୍ଗଙ୍କ ମଙ୍ଗଳ ନିମନ୍ତେ ଏକାକୀ ଯେ ଚିନ୍ତିତ ତେମନ୍ତ ନୁହେ, ସେ ପ୍ରତିବେଶୀମାନଙ୍କ ମଙ୍ଗଳ ନିମନ୍ତେ ମଧ୍ୟ ଚିନ୍ତିତ— କିପରି ସେମାନଙ୍କର ଉପକାର ହେବ ସେଥିଲାଗି ନିଜେ ଇଚ୍ଛାପୂର୍ବକ କଷ୍ଟ ସ୍ୱୀକାର କରେ ।

ଏହି ଦୁଇଜଣଙ୍କ ମଧ୍ୟରେ କାହାକୁ ତୁମ୍ଭେ ଅଧିକ ଭଲପାଇବ ଓ ଅଧିକ ଭକ୍ତି କରିବ ? ଏ ବିଷୟର ଉତ୍ତର ଦେବାର ଆବଶ୍ୟକ ନାହିଁ, ତୁମ୍ଭେ ମୁହଁରେ ତର୍କ ଅନୁରୋଧରେ ଯାହା କୁହ ନା କାହିଁକି, କିନ୍ତୁ ଅନ୍ତଃକରଣରେ ପରୋପକାରୀ ବ୍ୟକ୍ତିକୁ ଅବଶ୍ୟ ଭଲପାଇବ ଓ ଭକ୍ତିକରିବ— ଯେଉଁ ବ୍ୟକ୍ତି ପର ନିମନ୍ତେ ନିଜ ସୁଖ— ନିରପେକ୍ଷ ହୋଇ ପ୍ରତ୍ୟୁପକାରର ଆଶା ନ ରଖି, ତ୍ୟାଗ କରିପାରେ, ସେ ବ୍ୟକ୍ତିକୁ ତୁମ୍ଭେ

ସହୃଦୟରେ (ଯେବେ ତୁମ୍ଭର ମନୁଷ୍ୟତ୍ୱ ଏକାବେଳକେ ନଷ୍ଟ ହୋଇଯାଇ ନ ଥାଏ) ଶ୍ରଦ୍ଧା କରିବ ଏବଂ ପୂଜା କରିବ ।

ଜୀବନସଂସ୍କାର ଓ ଉଚ୍ଚତା ସ୍ୱାର୍ଥତ୍ୟାଗରେ; ଦେଶର ଉଦ୍ଧାର ଓ ସମାଜର ଉନ୍ନତି ସ୍ୱାର୍ଥତ୍ୟାଗରେ; ଧର୍ମର ଓ ଜାତିର ପୁନରୁତ୍ଥାନ ବାଞ୍ଛନୀୟ ହେଲେ ସ୍ୱାର୍ଥତ୍ୟାଗ, ଶାରୀରିକ ସୁଖ ତ୍ୟାଗ, ଧନମାନର ଇଚ୍ଛା ତ୍ୟାଗ ଏବଂ ଆବଶ୍ୟକ ହେଲେ ପ୍ରାଣ ପର୍ଯ୍ୟନ୍ତ ତ୍ୟାଗ । (ମ)ସତ୍ୟର ଜୟ ନିମନ୍ତେ, ଜ୍ଞାନର ପ୍ରଚାର ନିମନ୍ତେ, ମନୁଷ୍ୟତ୍ୱ ରକ୍ଷା କରିବା ନିମନ୍ତେ, ଚିରଦିନର କଳଙ୍କ ଦୂର କରିବା ନିମନ୍ତେ, ଈଶ୍ୱରଦତ୍ତ ସ୍ୱଭାବ ଓ ମନର ସ୍ଫୂର୍ତ୍ତି ଓ ବିକାଶ ନିମନ୍ତେ ଏକମାତ୍ର ଅପରିହାର୍ଯ୍ୟ ଅବଶ୍ୟ ଗ୍ରହୀତବ୍ୟ ଉପାୟ, ସ୍ୱାର୍ଥତ୍ୟାଗ । ଦେଖ ! ଇତିହାସ ଏଥିର ଉଦାହାରଣ ସ୍ଥଳ; କେତେ ୨ ବୀରପୁରଷମାନେ ପରୋପକାର ଓ ଦେଶୋଦ୍ଧାର ନିମନ୍ତେ ପ୍ରାଣ ପର୍ଯ୍ୟନ୍ତ ତ୍ୟାଗ କରିବାକୁ କୁଣ୍ଠିତ ହୋଇ ନାହାନ୍ତି । ଯେଉଁମାନେ ଆମ୍ଭମାନଙ୍କ ପ୍ରାଚୀନ ଗ୍ରନ୍ଥ ମହାଭାରତ ପଢ଼ିଅଛନ୍ତି ସେମାନେ ଅବଶ୍ୟ ଜାଣିଥିବେ ଯେ ରାଜା ଔଶୀନର କିପରି ପରୋପକାରାର୍ଥେ ଅର୍ଥାତ୍ କପୋତରୂପୀ ଅଗ୍ନି ନିମନ୍ତେ ଶ୍ୟେନରୂପୀ ଇନ୍ଦ୍ରକୁ ନିଜ ଦେହର ମାଂସ କାଟି ଦେଇଥିଲେ !

ଏହି ସ୍ୱାର୍ଥତ୍ୟାଗ ବ୍ରତ ଗ୍ରହଣ କରିବାକୁ କି ଦେଶର ଜଣେ ସୁଦ୍ଧା କେହି ପ୍ରସ୍ତୁତ ହେଉନାହାନ୍ତି ? ଆଜିପର୍ଯ୍ୟନ୍ତ ସ୍ୱାର୍ଥତ୍ୟାଗର ସ୍ୱର୍ଗୀୟ ଭାବ ପାର୍ଥିବ କାର୍ଯ୍ୟରେ ପରିଣତ କରିବାକୁ ସମସ୍ତ ଜାତିଙ୍କ ମଧରେ ଜଣେ କେହି ଲୋକ ଅଗ୍ରସର ହୋଇ ଦୃଷ୍ଟାନ୍ତ ଦେଖାଇବାକୁ ସମର୍ଥ ନୁହନ୍ତି ।

ଶ୍ରୀ ଜଃ କୃଃ ମହାପାତ୍ର ଶର୍ମ୍ମା ।

---

## ବନ୍ଧୁବିୟୋଗ ।

୧

ଗଭୀର ନିଶୀଥ— ପ୍ରକୃତିସୁନ୍ଦରୀ
ହସୁଅଛି ବିଧୁ କିରଣଜାଲେ
ସୁସ୍ନିଗ୍ଧ ସମୀର ସୁଧୀରେ ସଞ୍ଚରି
ଶୀତଳ କରୁଛି ଧରା ଏକାଳେ ।।

୨

ସୁଷୁପ୍ତା ଧରଣୀ— ସମସ୍ତ ସ୍ତବଧ
ଦିବସ ଚହଳ ହୋଇଛି ଦୂର
ଦେଖ ରେ ନୟନ ! କିପରି ସୁଖଦ
ହୋଇଛି ଏ ନବ ଦୃଶ୍ୟନିକର ।।

୩

ଉଦ୍ୟାନେ କୁସୁମ ଦେଖ ସ୍ତରେ ସ୍ତରେ
ପ୍ରସ୍ଫୁଟିତ ହୋଇ ଦିଶେ ସୁନ୍ଦର
ଆନନ୍ଦିତ ମନେ ସମୀରଣ କରେ
ଅର୍ପଇ ସୁରଭି ଶ୍ୱାସନିକର ।।

୪

ଚନ୍ଦ୍ର ତାରାଗଣ ସୁନୀଳଗଗନେ
କୁସୁମେ ଶୋଭିତ ଏ ଉପବନ
ସୁଖସ୍ୱପ୍ନ କେତେ ଉଭାବି ଯତନେ
ପୁଲକେ ପୂରାଏ ଭାବୁକ ମନ ॥

୫

କିନ୍ତୁ ବିପରୀତ ହୋଇଲା ମୋହର
ପ୍ରିୟବନ୍ଧୁ କଥା ପଡ଼ିଲା ମନେ
ବସିଥିଲୁଁ ଯେବେ ଉଦ୍ୟାନ ଭିତର
ହାୟ ରେ ବଞ୍ଚିତ ଏବେ ସେ ଧନେ ॥

୬

କିପରି ବିବିଧ ମିଷ୍ଟ ଆଳାପନ
କରିଥିଲୁଁ ଦୁହେଁ ମନ୍ ସୁଖର
ଏବେ ସେ ଭାବନା ଦହୁଛି ପରାଣ
କରିଣ ମୋତେ ରେ ଆଜ କାତର ॥

୭

ମିଷ୍ଟଭାଷା କହ ଆଉ କି କେହି ରେ
ତାପିତପରାଣେ ସୁଧା ସିଞ୍ଚିବ
ଅତୁଳିତ ତୋର ସ୍ନେହ ଜଗତରେ
ବନ୍ଧୁ ରେ କେବେ ତା ମନ ନ ଯିବ ॥

୮

ବିମଳ ତୁମ୍ଭର ସୁନ୍ଦରବଦନ
ଆଉ କି ଦେଖିବ ଦଗ୍ଧନୟନ
ତାପିତ ପରାଣେ ଶାନ୍ତି ବରଷଣ
କରିବ କି ତୁମ୍ଭ ସ୍ନେହବଚନ ॥

୯

ତୋର ମୁଖଛବି ପ୍ରିୟ ବନ୍ଧୁବର
ହୃଦେ ବିରାଜୁଛି ସଦା ମୋହର
ତୋର ସ୍ନେହ, ପ୍ରୀତି, ଆଜି ରେ ଅନ୍ତର
ଚିରଇ ହୋଇଣ କରତ ଧାର ॥

୧୦

ଧନ୍ୟରେ ବିଧାତା ତୋ ନିଷ୍ଠୁରପଣ
ଅକାଳେ କଳିକା ନେଲୁ ଛିଣ୍ଡାଇ
କି ଆଉ କହିବି ଯା ଦେଲୁ କଷଣ
ଅନ୍ତର ଆତ୍ମା ଯେ ଜାଣଇ ସେହି ॥

୧୧

ଯାଅ ପୂର୍ବସ୍ମୃତି ଆଉ ନ ଦହ ରେ
ବିଚ୍ଛେଦରେ ଦୁଃଖୀ ମୋହ ପରାଣ
ଧୈର୍ଯ୍ୟ ଧର ମନ ଆଉ ନ ଭାବ ରେ
ବିହିର ନିର୍ବନ୍ଧ ନ ହେବ ଆନ ॥

୧୨

ଏ ସବୁ କେବଳ ଆଶାର ଛଳନା
ଅସାର ସୁଖର ସ୍ୱପନସିନା
ଅନିତ୍ୟ ସଂସାର ଅନିତ୍ୟ ବାସନା
ପଦେ ପଦେ ଏହା ହେଉଛି ଜଣା ॥

୧୩

ବିରାଜ ସୁଖରେ ପ୍ରିୟ ବନ୍ଧୁବର
ବିଭୁପଦ ସଦା କରି ଦର୍ଶନ
ସ୍ୱର୍ଗୀୟ କୁସୁମ ତୋଳ ବହୁତର
ପୂଜା କର ସଦା ବିଭୁଚରଣ ॥

ଶ୍ରୀ ଭୂପତିନାଥ ବସୁ

# ସନ୍ମାର୍ଗରେ ବୁଦ୍ଧିର ପରିଚାଳନା ।
## (ପୂର୍ବ ପ୍ରକାଶିତ ଉତ୍ତାରୁ)

ମନୁଷ୍ୟମାନେ ଅଶେଷ ପ୍ରକାର ବିଷୟ ଘେନି କାରବାର କରନ୍ତି । ଏହି ବିଷୟମାନ କେତେକ ବହିର୍ଜଗତ୍ ଓ କେତେକ ଅନ୍ତର୍ଜଗତ୍‌ର ଅନ୍ତର୍ଭୂତ । ବୃକ୍ଷ, ଗୃହ, ପୁସ୍ତକ, ମନୁଷ୍ୟ ଇତ୍ୟାଦି ବସ୍ତୁ ସବୁ ଯାହା କି ଆମ୍ଭେମାନେ ଇନ୍ଦ୍ରିୟଦ୍ୱାରା ପ୍ରତ୍ୟକ୍ଷ କରୁଁ, ସେ ସମସ୍ତ ବହିର୍ଜଗତ୍‌ର ଅନ୍ତର୍ଗତ । କୃତଜ୍ଞତା, ଇଚ୍ଛା, ସହାନୁଭୂତି ଇତ୍ୟାଦି ଯାହାର ଅସ୍ତିତ୍ୱ ଆମ୍ଭେମାନେ ମନମଧ୍ୟରେ ଅନୁଭବ କରି ପାରୁଁ, ମାତ୍ର ପ୍ରତ୍ୟକ୍ଷ କରି ନ ପାରୁଁ, ସେ ସବୁ ଅନ୍ତର୍ଜଗତ୍‌ର ଅନ୍ତର୍ଗତ । ବହିର୍ଜଗତ୍‌ର ହେଉ ବା ଅନ୍ତର୍ଜଗତ୍‌ର ହେଉ ଏହି ବସ୍ତୁସମୂହ ମଧ୍ୟରୁ ପ୍ରତ୍ୟେକର ସମ୍ବନ୍ଧରେ ମନୁଷ୍ୟମାନଙ୍କର ଗୋଟିଏ ୨ ପୃଥକ୍ ଭାବ ବା ଧାରଣା ଅଛି । ପୂର୍ବରେ କଥିତ ହୋଇଅଛି ଯେ ଏହି ଭାବ ଅନୁସାରେ ମନୁଷ୍ୟମାନେ କାର୍ଯ୍ୟ କରନ୍ତି । କିନ୍ତୁ ସଚରାଚର ଦେଖାଯାଏ ଯେ ଉକ୍ତ ଭାବସମୂହର ଗ୍ରହଣ କାର୍ଯ୍ୟରେ ବୁଦ୍ଧି ''ପକ୍ଷପାତିତ୍ୱ'' ନାମକ ଗୋଟିଏ କୁଟିଳ ମନ୍ତ୍ରୀଦ୍ୱାରା ବିପଥଗାମୀ ହୁଏ । କେତେବେଳେ କି ପ୍ରକାର ରୂପ ଧାରଣ କରି ଏହି କୁଟିଳ ମନ୍ତ୍ରୀ କି ପ୍ରକାର 'ବୁଦ୍ଧିରାଜାଙ୍କୁ' କୁମାର୍ଗରେ ନେଇଯାଏ, ତହିଁର କେତେକ ପ୍ରଧାନ ୨ ନିଦର୍ଶନ ନିମ୍ନରେ ଦିଆଗଲା ।

୧ମ– ଏକ ଧର୍ମାବଲମ୍ବୀ ଅନ୍ୟ ଏକ ଧର୍ମର ଓ ଧର୍ମାବଲମ୍ବିଲୋକମାନଙ୍କୁ ନିନ୍ଦା ଓ ପରିହାସ କରନ୍ତି । ଜଣେ ହିନ୍ଦୁ କହନ୍ତି ''ବୌଦ୍ଧଧର୍ମ କିଛି ଧର୍ମ ନୁହେ । ଅମୁକ ବ୍ୟକ୍ତି ବୌଦ୍ଧଧର୍ମାବଲମ୍ବୀ, ମାତ୍ର ବୌଦ୍ଧଧର୍ମନିଷିଦ୍ଧ ଏ ପ୍ରକାର କୁକାର୍ଯ୍ୟ କରନ୍ତି, ଏଥିରୁ ବୌଦ୍ଧଧର୍ମର ମାହାତ୍ମ୍ୟ ବୁଝ, ଆଉ କଣ କହିବା ? ବୌଦ୍ଧଧର୍ମ ହିନ୍ଦୁଧର୍ମର କେଉଁଠାକୁ ଲାଗେ ଇତ୍ୟାଦି'' ଏ ପ୍ରକାର କହିବାର କାରଣ କି ? ଅନୁସନ୍ଧାନ କଲେ ବୁଝିପାରିବ ଏହାର ମୂଳକାରଣ ଏହି ଯେ ବୌଦ୍ଧଧର୍ମ ହିନ୍ଦୁଧର୍ମ ନ ହୋଇ ଅନ୍ୟ ଏକ ଧର୍ମ ହେଲା ବୋଲି କେତେକ ହିନ୍ଦୁଧର୍ମାବଲମ୍ବୀମାନଙ୍କଠାରେ ଏହା ନିନ୍ଦା ଏବଂ ଘୃଣାର ପାତ୍ର । କିନ୍ତୁ ନିରପେକ୍ଷ ଭାବରେ ବିଚାର କଲେ ଦେଖିବାକୁ ପାଇବ ଯେ ସମ୍ଭବତଃ ବୌଦ୍ଧଧର୍ମରେ ଏ ପ୍ରକାର ରତ୍ନ ମିଳିପାରେ ଯାହା କି ଶ୍ରୀଧର ସ୍ୱାମୀ ବା ବଲ୍ଲଭ ସ୍ୱାମୀ ଆନନ୍ଦପୂର୍ବକ ଗ୍ରହଣ କରନ୍ତେ । ବୁଦ୍ଧଦେବଙ୍କର କୋଟି ୨ ଶିଷ୍ୟ ମଧ୍ୟରୁ ଜଣେ ଅଧେ ନାମ ମାତ୍ର ଶିଷ୍ୟ ଯଦି ମନ୍ଦାଚରଣ କରନ୍ତି ତାହା ହେଲେ କି ଏଡ଼େବଡ଼ ବୌଦ୍ଧଧର୍ମ ମାରାଗଲା ? ଆମ୍ଭର ନିଜର ଧର୍ମ ନୁହେ ବୋଲି କୌଣସି ଧର୍ମର ବିରୁଦ୍ଧରେ ବାଦୀ ହେବା ଉଚିତ କି ?

୨ୟ– ପୁଣି କେତେକ ଲୋକ କହନ୍ତି ''ଆମ୍ଭମାନଙ୍କ ଆର୍ଯ୍ୟଋଷିମାନେ ଯାହା କହିଯାଇଅଛନ୍ତି ତାହା ଅଭ୍ରାନ୍ତ ଓ ଅକାଟ୍ୟ ଏବଂ ଆମ୍ଭମାନଙ୍କ ବେଦରେ ଯେ ସାରଗର୍ଭ

ବିଷୟମାନ ଅଛି, ସେ ସବୁ ଅନ୍ୟ କୌଣସି ଜାତିର ସାହିତ୍ୟରେ ମିଳିବ ନାହିଁ । କେତେ ୨ ବେଳେ ସେମାନେ ଏହା ମଧ କହନ୍ତି ଯେ ଆଜିକାଲି ପାଶ୍ଚାତ୍ୟ ଜାତିମାନେ ସଭ୍ୟତାର ଉନ୍ନତି ସହକାରେ ଯେତେ ବୈଜ୍ଞାନିକ ସତ୍ୟ ପ୍ରବର୍ତ୍ତିତ ଓ ପ୍ରକାଶିତ କରୁଅଛନ୍ତି ଏ ସମସ୍ତ ମୂଳବୀଜ ହିନ୍ଦୁମାନଙ୍କ ଶାସ୍ତ୍ରରୁ ଗୃହୀତ ହୋଇଅଛି ଇତ୍ୟାଦି ।'' ପକ୍ଷାନ୍ତରେ ଅନ୍ୟ ଏକ ସମ୍ପ୍ରଦାୟ ଲୋକଙ୍କ କଥାରୁ ବୋଧ ହେବ ଯେ ସେମାନେ ଆର୍ଯ୍ୟ ପୂର୍ବପୁରୁଷମାନଙ୍କର ନିତାନ୍ତ ପ୍ରତିକୂଳ ଅଟନ୍ତି । ସେମାନେ କହନ୍ତି, ''ଆର୍ଯ୍ୟମାନଙ୍କର ସଭ୍ୟତା ଊନବିଂଶ ଶତାବ୍ଦିର ସଭ୍ୟତା ପଦତଳର ଯୋଗ୍ୟ ନୋହେ । ବିଜ୍ଞାନ ତେତେବେଳେ ଜନ୍ମଗ୍ରହଣ କରି ନ ଥିଲା । ଜ୍ୟୋତିର୍ବିଦ୍ୟା, ଦର୍ଶନ ବା ସାହିତ୍ୟ ସମ୍ବନ୍ଧୀୟ ଯେ କିଛି ଜ୍ଞାନ ସେମାନଙ୍କର ଥିଲା ତାହା ନିତାନ୍ତ ସାମାନ୍ୟ ଓ ସୀମାବଦ୍ଧ'' ମାତ୍ର ଅନୁସନ୍ଧାନ କଲେ ବୁଝିପାରିବ ଯେ ଆର୍ଯ୍ୟମାନଙ୍କ ସମ୍ବନ୍ଧରେ ଯେଉଁ ବ୍ୟକ୍ତିମାନେ ବାଗାଡ଼ମ୍ବରପୂର୍ଣ୍ଣ ଉକ୍ତ ପ୍ରକାର ଅନୁକୂଳ ବା ପ୍ରତିକୂଳ ମତ ପ୍ରକାଶ କରନ୍ତି; ସେମାନେ ସମ୍ଭବତଃ ଆର୍ଯ୍ୟମାନ୍‌ଙ୍କର ବହୁଳ ଶାସ୍ତ୍ର ମଧ୍ୟରୁ କୌଣସି ଖଣ୍ଡିଏ ଶାସ୍ତ୍ରର ମଧ ଗୋଟିଏ ପତ୍ର ଓଲଟାଇ ନାହାନ୍ତି । କୌଣସି ଶାସ୍ତ୍ର ଅଧ୍ୟୟନ କରିବା ତେଣେ ଥାଉ ସେମାନଙ୍କ ମଧ୍ୟରୁ କେତେକ ସଂସ୍କୃତଭାଷା କଣ, ତାହା ସ୍ୱପ୍ନରେ ସୁଦ୍ଧା ଜାଣନ୍ତି ନାହିଁ । ଏପରି ସ୍ଥଳେ ଏମାନେ ପକ୍ଷପାତର କେଡ଼େ ଦାସ ତାହା ପାଠକେ ବିଚାର କରିବେ ।

୩ୟ– ଏହାଛଡ଼ା ପ୍ରାତ୍ୟହିକ ଜୀବନରେ ଦେଖାଯାଏ ଯେ ଏକ ପ୍ରକାର ବ୍ୟବସାୟିଲୋକ ଅନ୍ୟପ୍ରକାର ବ୍ୟବସାୟ ବା ବ୍ୟବସାୟିଲୋକ ସମ୍ପର୍କରେ ପକ୍ଷପାତ ଓ ଭ୍ରମସଂକୁଳ ମତ ପ୍ରକାଶ କରନ୍ତି ଏବଂ ଆପଣା ୨ର ବ୍ୟବସାୟ ଶତ-ଦୋଷ-ପୂର୍ଣ୍ଣ ହେଲେହେ ତାହାର ଶତସହସ୍ର ପ୍ରଶଂସା କରନ୍ତି । ଜଣେ କିରାନି ଓକିଲ ଏବଂ ଓକାଲତିର ନିନ୍ଦା କରନ୍ତି । ଜଣେ ଶିକ୍ଷକ କିରାନିଗିରିର ନିନ୍ଦା କରନ୍ତି । ପକ୍ଷାନ୍ତରେ ଜଣେ ଓକିଲ ବେତନଭୋଗୀ ସର୍ବପ୍ରକାର କର୍ମଚାରିଙ୍କର ନିନ୍ଦାବାଦ କରିବାକୁ ଛାଡ଼ନ୍ତି ନାହିଁ । ଜଣେ ଦୋକାନଦାର ପୁଣି ଉଲ୍ଲିଖିତ ସମସ୍ତ ବ୍ୟବସାୟର ନିନ୍ଦା କରେ । ବାସ୍ତବରେ ବୁଝିବାକୁ ଗଲେ କୌଣସି ବ୍ୟବସାୟ ଦୋଷଶୂନ୍ୟ ନୁହେ । ତଥ୍ୟ କଥା ଏହି ଯେ ଜଣେ ଅନ୍ୟ ବ୍ୟବସାୟର ନିନ୍ଦା କରିବାକୁ ଗଲେ ଆପଣାର ବ୍ୟବସାୟର ଦୋଷ ବିସ୍ମରଣ କରେ ଓ ଅନ୍ୟ ବ୍ୟବସାୟର ଦୋଷ ଅଣୁବୀକ୍ଷଣଦ୍ୱାରା ଦେଖେ ।

୪ର୍ଥ– ବିଦ୍ୟାଳୟକୁ ଯାଅ ସେଠାରେ ମଧ ପକ୍ଷପାତିତ୍ୱର ପ୍ରଚୁର ପ୍ରମାଣ ପାଇବ । ଯେ ଛାତ୍ର ମନୋବିଜ୍ଞାନ ଅଧ୍ୟୟନ କରେ ସେ ଉଦ୍‌ଭିଦବିଦ୍ୟାର ନିନ୍ଦା କରେ । ଯେ ଉଦ୍‌ଭିଦବିଦ୍ୟା ଅଧ୍ୟୟନ କରେ ସେ ମନୋବିଜ୍ଞାନ ବିରୁଦ୍ଧରେ ପ୍ରତିକୂଳ ମତ ପ୍ରକାଶ କରେ । କିନ୍ତୁ ଅନୁସନ୍ଧାନ କରି ଦେଖ ବୁଝିପାରିବ ଏକମୁହୂର୍ତ୍ତ ପୂର୍ବରେ ଯେଉଁ ଛାତ୍ର ମନୋବିଜ୍ଞାନର ନିନ୍ଦା କରୁଥିଲେ ସେ ମନୋବିଜ୍ଞାନ ସମ୍ବନ୍ଧୀୟ କୌଣସି ପୁସ୍ତକର

ପୃଷ୍ଠାଏ ମଧ ପାଠ କରି ନାହାନ୍ତି । ଉଦ୍‌ଭିଦବିଦ୍ୟା-ନିନ୍ଦୁକ ଛାତ୍ର ପକ୍ଷରେ ମଧ୍ୟ ସେହି ପ୍ରକାର । ଉଦ୍‌ଭିଦବିଦ୍ୟା ସମ୍ବନ୍ଧୀୟ ପୁସ୍ତକ କାଳିଆ କି ଗୋରା ତାହା ତାଙ୍କର ନୟନଗୋଚର ହୋଇନାହିଁ ।

୫ମ— ସାମାନ୍ୟ କାରଣରୁ ହେଉ ବା ଅସାମାନ୍ୟ କାରଣରୁ ହେଉ ଅନେକ ସମୟରେ ମନୁଷ୍ୟମାନଙ୍କ ମଧ୍ୟରେ ପରସ୍ପର ବିବାଦ ଘଟେ, ଏବଂ ପ୍ରତ୍ୟେକ ବିବାଦରେ ସର୍ବଦା ଦୁଇପକ୍ଷ ଥାଏ । ଏହି ଦୁଇପକ୍ଷ ମଧ୍ୟରୁ ଯଦି ଏକପକ୍ଷ ତୁମ୍ଭଠାରେ ସେମାନଙ୍କର ବିବାଦ ବିଷୟ ଗଳ୍ପ କରନ୍ତି, ଗଳ୍ପାନ୍ତେ ତୁମ୍ଭେ ସମ୍ପୂର୍ଣ୍ଣରୂପେ ତାହାରି ପକ୍ଷ ହୋଇଯାଅ, ଏବଂ ଅନ୍ୟପକ୍ଷ ଉପରେ ପ୍ରତିକୂଳ ମତ ପ୍ରକାଶ କର । ମାତ୍ର ଯଦି ଘଟନାକ୍ରମେ ଅପରପକ୍ଷ ମଧ୍ୟ ତୁମ୍ଭଠାରେ ପୁନଶ୍ଚ ସେହି ବିଷୟ ଗଳ୍ପ କରେ ତାହା ହେଲେ ଦେଖିବ ଯେ ଶେଷୋକ୍ତ ବିରୋଧିପକ୍ଷ ଉପରେ ତୁମ୍ଭର ପୂର୍ବପୋଷିତ ପକ୍ଷପାତ ପ୍ରତିକୂଳ ମତ କେଉଁଆଡ଼େ ଅନ୍ତର୍ହିତ ହୋଇଯାଏ । ମାତ୍ର ଏହି ଶେଷୋକ୍ତ ପକ୍ଷର କଥା ଶୁଣି ନ ଥିଲେ ତାହାପ୍ରତି ତୁମ୍ଭର ପ୍ରତିକୂଳ ମତ ସଦା ଜାଗରୂକ ଥାନ୍ତା ।

୬ଷ୍ଠ— ତିଳକୁ ତାଳ କରିବା ଅନେକ ଲୋକର ଅଭ୍ୟାସ ଅଛି । ଏହି ଅଭ୍ୟାସ ହେତୁରୁ ପରର ଅହିତାକାଙ୍କ୍ଷୀ ନ ହୋଇ ମଧ ଅଜ୍ଞାତସାରରେ ତାଙ୍କର ଅହିତ କରି ପକାନ୍ତି । ଜଣେ ଅନ୍ୟ ଏକଜଣକର ବିଷୟ ଗଳ୍ପ କରୁ ୨ ଏତେ ବଢ଼ାଇ ବା ରଞ୍ଜିତ କରି କହନ୍ତି ଯେ ତାଙ୍କ କଥାର ବିଷୟୀଭୂତ ଲୋକ ଉପରେ ପକ୍ଷପାତ ଜନ୍ମି ଯାଏ । ଏଥିରେ ଶ୍ରୋତାର ଯେତେ ଦୋଷ ତାହା ଅପେକ୍ଷା ବକ୍ତାର ଅନେକ ପରିମାଣରେ ବେଶୀ ।

୭ମ— ଅନେକ ସମୟରେ ଲୋକେ ଉଡ଼ା ଖବର ବା ବଜାରୀ ଗଳ୍ପରେ ବିଶ୍ୱାସ କରି ଅନ୍ୟର ଚରିତ୍ର ଉପରେ ପ୍ରତିକୂଳ ମନ୍ତବ୍ୟ ପ୍ରକାଶ କରନ୍ତି । ଏ ପ୍ରକାର କରିବା ଉଚିତ କି ? ଜଣେ ଜଗତ୍‌ବିଖ୍ୟାତ ପଣ୍ଡିତ କହିଅଛନ୍ତି ଉଡ଼ା ଖବର ବା ଜନଶ୍ରୁତିର ସହସ୍ରମୁଖ ଅଛି । ଯେତେବେଳେ ଆମ୍ଭେମାନେ ଦୋମୁହାଁ ଲୋକକୁ ଘୃଣା କରୁଁ ସେ ସ୍ଥଳେ ସହସ୍ରମୁଖବିଶିଷ୍ଟ ଜନଶ୍ରୁତିକୁ ବିଶ୍ୱାସ କରିବା କି ଉଚିତ କର୍ମ ?

୮ମ— ଦିନକରେ "ତଳବରଡ଼ା ଖସୁଛି......ଇତ୍ୟାଦି" ଗୋଟିଏ ଓଡ଼ିଆ ଢଗ ଶୁଣି ଜଣେ କୃତବିଦ୍ୟ ଯୁବକ କହିଲେ "ଓଡ଼ିଆ ଭାଷା ବଡ଼ ଶ୍ରୁତିକଟୁ । ଏଥିରେ ସାହିତ୍ୟ ହୋଇନପାରେ ।" ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ, ଦୀନକୃଷ୍ଣର ନାମ ଶୁଣିବା ବା ଓଡ଼ିଆରେ କେତେ ସଂସ୍କୃତ ଗ୍ରନ୍ଥ ଅନୁବାଦିତ ହୋଇଅଛି ତାହା ଜାଣିବା ତେଣିକି ଥାଉ ସେ ଓଡ଼ିଆ ଭାଷାରେ ଏଡ଼େ ପଣ୍ଡିତ ଯେ ଓଡ଼ିଆ କଥା ବୁଝିପାରନ୍ତି ନାହିଁ ଏବଂ ଓଡ଼ିଶା ବିଷୟ ସ୍ୱପ୍ନରେ ମଧ ଜାଣନ୍ତି ନାହିଁ । ଏପରି ସ୍ଥଳେ ଉପର୍ଯ୍ୟୁକ୍ତ ମତ ପ୍ରକାଶ କରିବା ଯେ ପକ୍ଷପାତିତ୍ୱର କେଡ଼େ ପରିଚାୟକ ତାହା ପାଠକେ ବୁଝନ୍ତୁ ।

ଏହିପରି ସହସ୍ର ୨ ସ୍ଥଳେ ପକ୍ଷପାତିତ୍ୱସ୍ୱରୂପ କୁଟିଳ ମନ୍ତ୍ରୀ ବୁଦ୍ଧିକୁ ବିପଥଗାମୀ କରେ । ଏହାର ହସ୍ତରୁ ନିସ୍ତାର ୨ଁ ପାଇବାର ଉପାୟ ପରେ କଥିତ ହେବ ।

କ୍ରମଶଃ ।

ଶ୍ରୀ———

---

## ଜୀବନ କି ଅସାର ?
## (ପୂର୍ବ ପ୍ରକାଶିତ ଉତ୍ତାରୁ)

୨ୟ— କର୍ତ୍ତବ୍ୟ । ଯେଉଁ ଜୀବନରେ କର୍ତ୍ତବ୍ୟବୋଧ ସଦା ଅନୁଭୂତ ହେଉଅଛି, ଯେଉଁ ଜୀବନ ଆପଣାର କର୍ତ୍ତବ୍ୟ କରୁଅଛି ବୋଲି ସଦା ସ୍ଫୀତ ହେଉଅଛି, ଯେଉଁ ଜୀବନ ବିଭୁ ଆଜ୍ଞା ଅନୁସରି ପ୍ରତ୍ୟେକ ଆତ୍ମାପ୍ରତି ପ୍ରେମ କରିବା କର୍ତ୍ତବ୍ୟ ବୋଧ କରୁଅଛି, ଯେଉଁ ଜୀବନ ପ୍ରେମ, ଭକ୍ତି, ଓ ଯୋଗସାଧନାକୁ ସର୍ବୋତ୍କୃଷ୍ଟ କର୍ତ୍ତବ୍ୟ ଜ୍ଞାନ କରୁଅଛି, ସେ ଜୀବନ ଯେ ଅପଦାର୍ଥ ଏହା କେବଳ ଅପଦାର୍ଥଙ୍କ ମତ । ଯେତେବେଳେ ମନୁଷ୍ୟ ସଂସାର କାର୍ଯ୍ୟରେ ସମୁଦାୟ ଦିନ ଅତିବାହିତ କରି ରାତ୍ରି ଅର୍ଦ୍ଧରେ ଶୟନ କଲା ବେଳେ ଆପଣାକୁ ଆପେ ପ୍ରଶ୍ନ କରେ 'ଅଦ୍ୟ ମୁଁ କି କିଛି କର୍ତ୍ତବ୍ୟକର୍ମ କରିଅଛିଁ ?' ଯେବେ ଅଭ୍ୟନ୍ତରରୁ ଉତ୍ତର ମିଳେ 'ହଁ କରିଅଛଁ' ତେବେ ତେତେବେଳେ ଜୀବନରେ ଯେଉଁ ଅତୁଳନୀୟ ଶାନ୍ତି ଉପଲବ୍ଧି ହୁଏ ତାହାକୁ ଜୀବନର ସାର ସୁଖ ନ କହି ଆଉ କଅଣ କହିପାରୁଁ ? ଜୀବନରେ ଯଦ୍ୟପି ଏହି କର୍ତ୍ତବ୍ୟଜ୍ଞାନଟିକ ନ ଥାନ୍ତା ତେବେ ରାଜା ପ୍ରଜାକୁ ଶାସନ କରନ୍ତା ନାହିଁ; ପିତା ପୁତ୍ରକୁ ଅଧ୍ୟୟନ କରିବା ନିମିତ୍ତ ବିଦ୍ୟାଳୟକୁ ପ୍ରେରଣ କରନ୍ତା ନାହିଁ; ଜୀବାତ୍ମା ପରମାତ୍ମାଙ୍କୁ ପ୍ରାପ୍ତ ହେବାର କାର୍ଯ୍ୟକୁ କର୍ତ୍ତବ୍ୟବୋଧ କରନ୍ତା ନାହିଁ । ଏ ସବୁ ଯାହା ହେଉ କେହି କାହାର ମୁଖକୁ ଖାଦ୍ୟ ନେଇପାରନ୍ତେ କି ନାହିଁ ସନ୍ଦେହ । ଜୀବମ୍ଭା କର୍ତ୍ତବ୍ୟକୁ ପରମାତ୍ମାର ଆଦେଶ ବୋଲି ଜାଣେ ସୁତରାଂ ଏଥିରୁ ସେ ପ୍ରେମ, ଭକ୍ତି ଓ ଶାନ୍ତି ଉଦ୍ଭାବନ କରେ । ଯେଉଁ ଜୀବନରେ ଏପରି ଉଚ୍ଚ ୨ କାର୍ଯ୍ୟମାନ ସାଧିତ ହୁଏ, ଯେଉଁ ଜୀବନ କର୍ତ୍ତବ୍ୟକୁ ପ୍ରେମରେ ବିଗଳିତ କରାଏ, ସେ ଜୀବନ ଯେ ସାର ନୁହେଁ ଏହାର ପ୍ରମାଣ କଅଣ ?

୩ୟ— ଜୀବାତ୍ମା ସଦା ଆଶାପୂର୍ଣ୍ଣ । ମାନବ ହୃଦୟରେ ଏହା ଅମର ଓ ଅଜେୟ । ଆଶା ଅଛି ବୋଲି ଜୀବନ ଅଛି । ଆଶାରୂପ ବୃକ୍ଷକୁ ଜୀବନ ଆମୂଳ ଆକ୍ରମଣ କରି

ରହିଅଛି । ଆଶା ଅଛି ବୋଲି ଜୀବନରେ ନବ ୨ ଭାବମାନ ଉଦିତ ହେଉଅଛି । ଆଶା ବିଷାଦପୂର୍ଣ୍ଣ ଜୀବନକୁ ଏହାର କୋମଳ ଆଲୋକଦ୍ୱାରା ଦୀପ୍ତିମାନ୍ କରେ; ଯୁଦ୍ଧଭୂମିରେ ଶତ୍ରୁମାନଙ୍କଦ୍ୱାରା ପରାଜିତ ହେଲେ ମଧ ଏହା ଜୀବନକୁ ନବ ୨ କାର୍ଯ୍ୟ ଓ ଉଦ୍ୟମମାନଙ୍କର ଅନୁଗାମୀ କରାଏ; ଓ ପ୍ରତ୍ୟେକ ଭଗ୍ନଚେଷ୍ଟା ଓ ଭଗ୍ନ ଉଦ୍ୟମମାନଙ୍କୁ ପୁନଃ ଏକତ୍ରିତ କରାଏ । ଆଶାବିହୀନ ଜୀବନ ଜୀବନ ନୁହେ, ଏ ସମ୍ବନ୍ଧରେ ଜଣେ ଇଂରାଜ କବି କହିଅଛନ୍ତି ଯଥା;—"ଆଶାବିହୀନ ଜୀବନ ଚାଲୁଣିରେ ଅମୃତ ଚଲେଇଲା ପ୍ରାୟ ।" ଆଶା ଯେତେବେଳେ ନୂତନ ଆମେରିକା ଆବିଷ୍କାର କରିବା ନିମିତ୍ତ ଜୀବନକୁ ଆକର୍ଷଣ କଲା ତେତେବେଳେ ସୁବିସ୍ତୀର୍ଣ୍ଣ ଆଟଲାଣ୍ଟିକ ମହାସାଗର ଜଳରାଶି ଗଣ୍ଡୂଷେ ପରି ବୋଧ ହେଲା, ଚନ୍ଦ୍ରର କୋମଳ ଜ୍ୟୋତ୍ସ୍ନା ଯେହ୍ନେ ଅବିଶ୍ୱାସରୂପ ଅନ୍ଧକାରକୁ ବିଦୂରିତ କରି ଦେଲା । ଆଶା ପ୍ରେମାବତାର ମହାତ୍ମା ମ୍ୟାଟ୍‌ସିନିଙ୍କ ଜୀବନରେ ଇଟାଲି ଉଦ୍ଧାରର ପଥ ପରିଷ୍କାର କରିଦେଲା । ମଙ୍ଗଳମୟୀ ଆଶାର ମନୋହର ଉପବନରେ ପ୍ରତ୍ୟେକ ପରିଶ୍ରମୋପଯୋଗୀ ପୁରସ୍କାରକୁସୁମ ଏହାର ଶାନ୍ତିବାରିଦ୍ୱାରା ନବ ପ୍ରସ୍ଫୁଟିତ ହେଉଥାଏ; ପଥଶ୍ରାନ୍ତ ପଥିକର କ୍ଳେଶ ନିବାରଣାର୍ଥ ବୃକ୍ଷମାନ କୋମଳ ଶାଖା ପ୍ରଶାଖା ବିସ୍ତାର କରି ଦଣ୍ଡାୟମାନ ରହିଥାଏ ଏ ସମୟରେ ଜୀବନ ଯାହା ଅନୁଭବ କରେ ତାହା ଜୀବନ ଜାଣେ । ଜଣେ ଇଂରାଜକବି ଆଶାକୁ ଅମର ଓ ଅଜେୟ ଜାଣି କହିଅଛନ୍ତି ଯଥା;—

With thee, sweet Hope ! resides the heavenly light,
That pours remotest rapture on the sight:
Thine is the charm of life's bewilder'd way,
That calls each slumbering passion into play.

ଆଶା ଓ ଜୀବନର ଯେପରି ମିଳନ ଓ ପରସ୍ପର ପରସ୍ପରର ଅନୁଗାମୀ, ତହିଁରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ ଏ ଜୀବନ ସାର ଓ ଅମର । ଅବିଶ୍ୱାସ ଯେତେ ଉଚ୍ଚତର ହେଉ ନା କାହିଁକି ଆଶା ଓ ଜୀବନ ମଧରେ କୌଣସି ବ୍ୟବଧାନ ଉପସ୍ଥିତ କରାଇ ପାରିବ ନାହିଁ । ଆଶା ବିଶ୍ୱାସକୁ ଦୃଢ଼ୀଭୂତ କରାଏ, ଯେପରି 'ବିଶ୍ୱାସୋଧର୍ମମୂଳଂହି' ସେହିପରି ଆଶା ମଧ ବିଶ୍ୱାସର ମୂଳ । ବିଶ୍ୱାସ ସହିତରେ ଯଦି ଆଶା ମିଶ୍ରିତ ନ ଥାଏ ତେବେ ସେ ବିଶ୍ୱାସ ଅଳ୍ପକ୍ଷଣସ୍ଥାୟୀ ହୁଏ । ଯେଉଁ ଜୀବନରେ ଈଶ୍ୱରବିଶ୍ୱାସ ଜାଗରିତ ସେ ଜୀବନ ସଦା ଅଶାଲତାଦ୍ୱାରା ପରିବେଷ୍ଟିତ । ଫଳ ନିମିତ୍ତ ଜଳର ଯେପରି ଆବଶ୍ୟକ ବିଶ୍ୱାସ ନିମିତ୍ତ ଆଶା ମଧ ତଦନୁରୂପ । ଆଶାସ୍ରୋତ ଯେପରି ଅନନ୍ତ କାଳ ପ୍ରଧାବିତ, ଜୀବନସ୍ରୋତ ସେହିପରି ଅନନ୍ତ ଆଡ଼କୁ ପ୍ରବାହିତ । ଅତଏବ ଏପରି ଜୀବନର ଲୀଳାଖେଳାର ପଥ ପ୍ରତିରୋଧ କରିବା କାହାର ସାଧ ? ଈଶ୍ୱର ଅମର ଓ ଅନନ୍ତ, ତାହାଙ୍କର କାର୍ଯ୍ୟ ଅମର ଓ ଅନନ୍ତ । ମାନବ ଜୀବନ ସେହି

କାର୍ଯ୍ୟସମଷ୍ଟିର ଏକ ଅଂଶ; ଅତଏବ ମାନବଜୀବନ ସାର ଓ ଅମର । ନୈରାଶ୍ୟଯାବତ୍ ଅଜ୍ଞେୟତାବାଦ (Agnosticism) ଜଡ଼ବାଦ (Materialism) ନାସ୍ତିକ୍ୟବାଦ (Atheism) ଏବଂ ଅବିଶ୍ୱାସବାଦ (Scepticism) ମାନଙ୍କର ସୃଷ୍ଟିକାରୀ । ଯେ ପର୍ଯ୍ୟନ୍ତ ଆଶାର ଅଗ୍ନି ଜ୍ୱୀବନର ଅଭ୍ୟନ୍ତରରେ ଧପ୍ ୨ ହୋଇ ପ୍ରଜ୍ୱଳିତ ହେଉଥାଏ, ସେ ପର୍ଯ୍ୟନ୍ତ ଈଶ୍ୱରବିଶ୍ୱାସ ଜାଗରିତ ଥାଏ । ଯେପରି ଆଶାର ସିଂହାସନ କିଞ୍ଚିତ୍ ଦୋଳାୟମାନ ହେବାକୁ ଆରମ୍ଭ ହୁଏ, ତତ୍କ୍ଷଣାତ୍ ସବୁ ଅସାର ଓ ଜଡ଼ମୟ ବୋଧ ହୁଏ; ସୁତରାଂ ମନୁଷ୍ୟ ସ୍ୱହସ୍ତଦ୍ୱାରା ଆତ୍ମଗଳଦେଶରେ ଶାଣିତ ଛୁରିକା ସନ୍ନିବେଶିତ କରେ । ଅତଏବ ଆଶା ଜୀବନକୁ ଧରିଅଛି ଓ ଜୀବନ ଆଶାକୁ ଧରିଅଛି । ଏକର ମୃତ୍ୟୁ ନୋହିଲେ ଅନ୍ୟର ମୃତ୍ୟୁ ହୋଇପାରେ ନାହିଁ । ଏହି ଆଶା ଜୀବନକୁ ସେହି ପ୍ରଶାନ୍ତ, ଅନନ୍ତ ଓ ଅମରପୁରୁଷଙ୍କ ସମ୍ମୁଖୀନ କରାଉଅଛି । ଯେଉଁ ଜୀବନ ସଦା ଅନନ୍ତ ଆଡ଼କୁ ଆକୃଷ୍ଟ; ଯେଉଁ ଜୀବନରେ ଅଚିନ୍ତନୀୟ ପରମାତ୍ମାଙ୍କୁ ପ୍ରାପ୍ତ ହେବାର ଆଶା ସଦା ବର୍ତ୍ତମାନ ରହିଅଛି ସେ ଜୀବନ କି ସାର ଓ ଅମର ନୁହେ ?

୪ର୍ଥ– ଆତ୍ମାର ସହିତ ପରମତ୍ମାଙ୍କ ମିଳନ । ଜୀବନରେ ଯେ ପରିମାଣରେ ଆଶା ବର୍ତ୍ତମାନ ସେହି ପରିମାଣରେ ଆଶାର ଈଶ୍ୱର ବର୍ତ୍ତମାନ । ଜୀବନ କର୍ତ୍ତବ୍ୟ ବୋଧ କହୁଅଛି ଯେହେତୁ ବିବେକର ଈଶ୍ୱର ହୃଦୟିସିଂହାସନାରୂଢ଼ । ଜୀବନରେ ପ୍ରେମର ସଞ୍ଚାର ହୁଏ ଯେହେତୁ ଜୀବନର ଉତ୍ପତ୍ତିସ୍ଥାନ ପ୍ରେମମୟ ପରମେଶ୍ୱର । ଜୀବନ ଇହ ମାତୃପିତୃହୀନ ଶିଶୁ ନୁହେ, କାରଣ ସେହି ଅନନ୍ତ ମହାପୁରୁଷ ପରମପିତା 'ମୁଁ ଅଛି' କହି ଜୀବନକୁ ଆଶ୍ୱାସବାଣୀରେ ସଦା ସ୍ୱସମୀପକୁ ଆହ୍ୱାନ କରୁଅଛନ୍ତି ।

ଈଶ୍ୱର ଶାନ୍ତି ଓ ମଙ୍ଗଳର ଆକର । ସେ ଜୀବନ ନିମିତ୍ତ ଓ ଜୀବନ ମଧ୍ୟରେ ବର୍ତ୍ତମାନ ରହିଅଛନ୍ତି । ସେ ଯେତେ ଜୀବନକୁ ପ୍ରେମ କରନ୍ତି ଜୀବନ ଆପେ ଆପଣାକୁ ତେତେ କରିବା ଅସମ୍ଭବ । ପ୍ରେମ, କର୍ତ୍ତବ୍ୟବୋଧ ଓ ଆଶାର ଏକତ୍ର ମିଳନ ନୋହିଲେ ଆତ୍ମାର ପରମାତ୍ମାଙ୍କ ସହିତ ଯୋଗ ହୋଇପାରେ ନାହିଁ । ମନେକର ଏକ ବ୍ୟକ୍ତିର ଅନ୍ନ ନିତାନ୍ତ ଆବଶ୍ୟକ; ସେ ଯଦି ଗୋଟିଏ ଘରେ ଚାଉଳ, ଗୋଟିଏ ଘରେ କାଷ୍ଠ ଓ ଅନ୍ୟ ଗୋଟିଏ ଘରେ ଜଳ ଓ ଅଗ୍ନି ଇତ୍ୟାଦି ରଖି ପ୍ରତ୍ୟେକ ଦ୍ୱାରରେ ତାଲା ଆବଦ୍ଧ କରେ, ଆଉ ଦ୍ୱାରଦେଶରେ ଦଣ୍ଡାୟମାନ ହୋଇ 'ଅନ୍ନ ଅନ୍ନ' ବୋଲି ଚିତ୍କାର କରେ, ତେବେ ସେ ଅନ୍ନ ରନ୍ଧନ କରି ଖାଇପାରିବ କି ? ଅତଏବ ସେହିପରି ଜୀବନରେ ଏହି ତିନୋଟି ମିଳନ ନୋହିଲେ ଜୀବାତ୍ମା ଓ ପରମାତ୍ମାର ମିଳନ ହୋଇପାରିବ ନାହିଁ । ଏହି ତ୍ରୟ ଯେତେବେଳେ ଏକତ୍ରିତ ହୋଇ ନୂତନ ଏକ ରୂପକୁ ଧାରଣ କରନ୍ତି ତେତେବେଳେ ଆତ୍ମା ପରମାତ୍ମାରେ ମିଶିଯାଏ । ଏହିପରି ମିଳନକୁ ଯୋଗ କହନ୍ତି । ସର୍ବ ହୃଦୟରେ ପ୍ରେମ, କର୍ତ୍ତବ୍ୟଜ୍ଞାନ ଓ ଆଶା ବିଦ୍ୟମାନ ରହିଅଛି । ମାତ୍ର ଏ ସବୁର

ଦ୍ୱାର ଉନ୍ମୁକ୍ତ ନ ଥିବାରୁ ପରମାତ୍ମାରୂପ ଅନ୍ନକୁ ଜୀବାତ୍ମା ଉପଭୋଗ କରିପାରେ ନାହିଁ । ସୁତରାଂ ଈଶ୍ୱରଙ୍କ ଅସ୍ତିତ୍ୱରେ ଅସ୍ୱୀକାର କରେ । ଯେତେବେଳେ ଏହି ସବୁ ଭାବ ଜାଗରିତ ଥାଏ, ଯେତେବେଳେ ଏହି ସବୁର ମିଳନରୁ ତନ୍ମୟଭାବ ଉପୁଜେ, ତେତେବେଳେ ଅନନ୍ତରୂପ ସିନ୍ଧୁରେ ଜୀବନବିନ୍ଦୁ ଏକାବେଳକେ ମିଶିଯାଏ । ଏ ସମୟରେ ଜୀବନ ଆତ୍ମବିସ୍ମୃତିକୁ ପ୍ରାପ୍ତ ହୁଏ, ସୁଖ ଓ ଦୁଃଖ ଏବଂ ହାସ୍ୟ ଓ କ୍ରନ୍ଦନ ଏକାକାର ହୋଇଯାଏ । ଏ ସମୟରେ ଚିଦାନନ୍ଦଙ୍କୁ ପ୍ରାପ୍ତ ହୋଇ ଜୀବନ ଯେଉଁ ଆନନ୍ଦ ଉପଲବ୍ଧି କରେ ସେହି ଆନନ୍ଦ ସ୍ୱର୍ଗସୁଖ । ଜୀବନର ଏହିପରି ଅବସ୍ଥାକୁ ସ୍ୱର୍ଗପ୍ରାପ୍ତି କହନ୍ତି ।

ଉପରୋକ୍ତ ଘଟନା ଓ ବିଷୟମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ ଜୀବନର ଗତି ଅନନ୍ତ ଆଡ଼କୁ । ଏହାର ତୃଷ୍ଣା ଇହ କି ପରତ୍ର ନିବାରିତ ହେବାର ନୁହେ, ମଧ କୌଣସି ବିଷୟରେ ଏଠାରେ ସମ୍ପୂର୍ଣ୍ଣତା ଲାଭ କରିପାରେ ନାହିଁ । ଏହାର ଗୁଣସମଷ୍ଟି ଏଠାରେ କେବଳ ଆଂଶିକ ବିକାଶ ଲାଭ କରେ । ଯେତେବେଳେ ମାନବଜୀବନ ଜଡ଼ପିଣ୍ଡକୁ ପରିତ୍ୟାଗ କରେ ତେତେବେଳେ ଏହାର କିଛିମାତ୍ର ଧ୍ୱଂସ ହୁଏନାହିଁ । ଯାହା ମାଟିର ତାହା ମାଟିରେ ମିଶିଯାଏ ଓ ଯାହା ଅନନ୍ତର ଏକବିନ୍ଦୁ ତାହା ଅନନ୍ତରେ ଲୀନ ହୁଏ । ଆମ୍ଭମାନଙ୍କର କ୍ଷୁଦ୍ରବୁଦ୍ଧି ଏହିପର୍ଯ୍ୟନ୍ତ କହିପାରେ କାରଣ ଏହା ସୀମାବିଶିଷ୍ଟ ଅନନ୍ତଙ୍କ କାର୍ଯ୍ୟର ଇୟତ୍ତା କରିବ କିରୂପେ ? ବୈଜ୍ଞାନିକଙ୍କ ମତରେ କୌଣସି ଜଡ଼ପଦାର୍ଥର ନାଶ ନାହିଁ, ମାତ୍ର ସମୟ ଓ ସ୍ଥାନାନୁଯାୟୀ ଏକ-୨ ନୂତନ ରୂପ ଧାରଣ କରନ୍ତି । ଯେବେ କୌଣସି ଜଡ଼ର ନାଶ ନାହିଁ ତେବେ ଆତ୍ମା ଯେ କି ଅନନ୍ତ ଆଡ଼କୁ ପ୍ରଧାବିତ ଓ ଜ୍ଞାନପ୍ରେମପୂର୍ଣ୍ଣ ତାହାର ନାଶ କି ସମ୍ଭବେ ? ଅତଏବ ଜୀବନ ସାର ଓ ଅମର, ଏହା ତୁମ୍ଭର କି ଆମ୍ଭ ହସ୍ତର କ୍ରୀଡ଼ାପଦାର୍ଥ ନୁହେ । ଏହାର ଯଥୋଚିତ ଉତ୍ତମ ବ୍ୟବହାର କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଜୀବନର ସାରତ୍ୱ ଓ ଅମରତ୍ୱକୁ ଲକ୍ଷ୍ୟ କରି ସେ ଦିନ ଏହି ନିମିତ୍ତ ଜଣେ ଆମେରିକାର କବି କୌଣସି ଧର୍ମମନ୍ଦିରରେ ହଠାତ୍ ଏହିପରି କହିପକାଇଲେ ଯଥା;—

"Life is real ! life is earnest !
And the grave is not its goal;
Dust thou art to dust returnest,
Was not spoken of the soul."

ଶ୍ରୀ ସାଧୁଚରଣ ରାୟ ।

———

# ସ୍ତ୍ରୀଜାତି ।

## (ପୂର୍ବ ପ୍ରକାଶିତ ଉତ୍ତାରୁ)

ପୂର୍ବରେ କଥିତ ହୋଇଅଛି ଯେ ମନୁଷ୍ୟସମାଜର ଆଦିମ ଅବସ୍ଥାରେ ନରନାରୀର ପାରିବାରିକ ସମ୍ବନ୍ଧ ନିକୃଷ୍ଟ ଥିଲା । ଜନ୍ତୁମାନଙ୍କଠାରୁ କିଛି ପ୍ରଭେଦ ନ ଥିଲା ଓ ସାମାଜିକ ନୀତିର ଅସ୍ଥିରତା ଓ ଶୈଥିଲ୍ୟ ହେତୁ ତାହା ଫଳାଫଳ ଜ୍ଞାନରହିତ ଓ କ୍ଷଣଭଙ୍ଗୁର ପାଶବବୃତ୍ତିପ୍ରଣୋଦିତ ଶାରୀରିକ କ୍ଷମତାଦ୍ୱାରା ସଂସ୍ଥାପିତ ହେଉଥିଲା । ଏହି ପ୍ରକାର ସାମାଜିକ ବନ୍ଧନର ସମ୍ପୂର୍ଣ୍ଣ ଅଭାବ ଯୋଗୁଁ ହୀନବୀର୍ଯ୍ୟା ନାରୀଜାତି ଅପେକ୍ଷାକୃତ ବୀର୍ଯ୍ୟବାନ୍ ପୁରୁଷମାନଙ୍କର ଲୋଟା ଟାଟିଆ ଓ ଘୋଡ଼ା ବଳଦପରି ଉପଭୋଗ ସାମଗ୍ରୀ ହୋଇଥିଲେ । ସମାଜର କି ପ୍ରକାର ଅବସ୍ଥାରେ ସ୍ତ୍ରୀଜାତିର ଏପରି ହୀନାବସ୍ଥା ହେବାର ସମ୍ଭବନା ତାହା ପ୍ରଥମେ ପ୍ରକଟିତ ହେବ । ବ୍ୟାଖ୍ୟାସ୍ୱରୂପ କତିପୟ ଜ୍ୱଳନ୍ତ ଉଦାହରଣ ଦେଲେ ବୋଧହୁଏ ଉପରୋକ୍ତ ସିଦ୍ଧାନ୍ତର ଯୌକ୍ତିକତା ପାଠକମାନଙ୍କର ହୃଦୟଙ୍ଗମ ହେବ ।

କାହାରିକୁ ଅବିଦିତ ନାହିଁ ଯେ ମର୍କଟ ପ୍ରଭୃତି କେତେକ ଜନ୍ତୁ ଅଛନ୍ତି ଯେ ସେମାନେ ସ୍ୱଭାବତଃ ଦଳବଦ୍ଧ ହୋଇ ରହିବାକୁ ଭଲପାଆନ୍ତି । ଅନ୍ୟ ଦଳସ୍ଥ କୌଣସି ମର୍କଟ ଯଦି ଏମାନଙ୍କର କୌଣସି ସ୍ତ୍ରୀମର୍କଟକୁ ନେଇଯାଏ ତାହାହେଲେ ଉକ୍ତ ସ୍ତ୍ରୀମର୍କଟକୁ ପୁନର୍ପ୍ରାପ୍ତ ହେବା ନିମିତ୍ତ ସେମାନେ ତୁମୁଳ ଦ୍ୱନ୍ଦ୍ୱ କରନ୍ତି, ଏମନ୍ତ କି କେବେ ୨ ଦ୍ୱନ୍ଦ୍ୱ କରୁ ୨ ପ୍ରାଣପର୍ଯ୍ୟନ୍ତ ନାଶ କରନ୍ତି । ଅଷ୍ଟ୍ରେଲିୟା ଦ୍ୱୀପଖଣ୍ଡରେ କେତେକ ଜାତୀୟ ଲୋକ ଅଛନ୍ତି ଯେ ସେମାନେ ଏହି ମ(କ)ର୍କଟ ପ୍ରଭୃତି ସମାଜପ୍ରିୟ ନିକୃଷ୍ଟ ଜନ୍ତୁମାନଙ୍କ ପରି ସ୍ତ୍ରୀ ସକାଶ ଦ୍ୱନ୍ଦ୍ୱ କରିଥାନ୍ତି । ସରଜନ ଲବକ୍ କତିପୟ ଅସଭ୍ୟ ଜାତିମାନଙ୍କ ବିଷୟ ଲେଖୁଁ ୨ କହିଅଛନ୍ତି ଯେ ପୁରୁଷମାନେ ସ୍ତ୍ରୀମାନଙ୍କୁ ଆପଣାର ଆଜ୍ଞାନୁବର୍ତ୍ତିନୀ କରିବା ସକାଶ ଠିକ ହରିଣପରି ଯୁଦ୍ଧ ଓ ଦ୍ୱନ୍ଦ୍ୱ କରନ୍ତି ।

କଥିତ ଅଛି ଯେ ଯଦି ଦୁଇ ସିଂହର ଯୁଦ୍ଧ ହୁଏ ତେବେ ସିଂହୀମାନେ ଯୁଦ୍ଧର ଫଳ ପ୍ରତୀକ୍ଷା କରୁଥାନ୍ତି ଏବଂ କୌଣସି ଜଣେ ସିଂହ ଜୟଲାଭ କଲେ ପରାଜିତ ସିଂହର ସ୍ତ୍ରୀ ତତ୍କ୍ଷଣାତ୍ ଅପର ସିଂହ ନିକଟକୁ ଚୁପ୍ କରି ଚାଲିଯାଏ । ଅଷ୍ଟ୍ରେଲିୟା ଖଣ୍ଡରେ ଏକ ଜାତି ଅଛନ୍ତି ଯେ ସେମାନଙ୍କ ମଧ୍ୟରେ ଯୁଦ୍ଧ ହେଲେ ପରାଜିତ ଲୋକର ଭାର୍ଯ୍ୟା ଜେତାଠାକୁ ଆପଣା ଇଚ୍ଛାନୁକ୍ରମେ ଗମନ କରେ ଓ ତାହାର ଭାର୍ଯ୍ୟା ହୋଇ ଆନନ୍ଦରେ କାଳଯାପନ କରେ ।

ଆମେରିକାନ୍ତର୍ଗତ କାଲିଫର୍ଣ୍ଣିୟା ନାମକ ଦେଶରେ ଏକପ୍ରକାର ମନୁଷ୍ୟ ଅଛନ୍ତି ଯେ ସେମାନେ ପଶୁପକ୍ଷୀବତ୍ ଯଥେଚ୍ଛାକ୍ରମେ ଏକତ୍ର ବାସ କରନ୍ତି । ତାହାଙ୍କ ମଧ୍ୟରେ

ଘରଚଟିୟା ଓ ଅନ୍ୟାନ୍ୟ ପକ୍ଷୀମାନଙ୍କ ପରି କନ୍ୟା ସାମାନ୍ୟ ଗୃହକାର୍ଯ୍ୟ ନିର୍ବାହ କଲେ ସେମାନଙ୍କର ବିବାହରୂପ ସହବାସ ଆରମ୍ଭ ହୁଏ । ନବଗିନି ନାମକ ଦ୍ୱୀପରେ କେତେକ ଲୋକ ଅଛନ୍ତି ଯେ କନ୍ୟା ଅଭିଳାଷିତ ବରକୁ କିଞ୍ଚିତ୍ ତମାଖୁ ଓ ତାମ୍ବୁଳ ଦାନ କଲେ ସେମାନଙ୍କର ଏକତ୍ରବାସ ଆରମ୍ଭ ହୁଏ, ମାତ୍ର ସାମାନ୍ୟ ଅପରାଧରେ ସେହି ବିବାହସୂତ୍ର ବିଚ୍ଛିନ୍ନ ହୋଇଯାଏ । କାଲିଫର୍ଣ୍ଣିୟା ନାମକ ଦେଶରେ ପେରିକୁଇ ନାମକ ଏକଜାତୀୟ ଲୋକ ଅଛନ୍ତି ଯେ ସେମାନଙ୍କର ପୁରୁଷମାନେ ଆପଣାର ବିଳାସ ଓ ଉପଭୋଗ ନିମିତ୍ତ ଯେତେ ଇଚ୍ଛା ତେତେ ସ୍ତ୍ରୀ ରଖିପାରନ୍ତି ଓ ଇଚ୍ଛା ହେଲେ ସେମାନଙ୍କୁ ଗୃହରୁ ବହିଷ୍କୃତ କରିଦିଅନ୍ତି । ନବଜିଲାଣ୍ଡ ନାମକ ଦ୍ୱୀପରେ ପୁରୁଷମାନେ ଆପଣାର ବିବାହିତା ସ୍ତ୍ରୀମାନଙ୍କୁ ଗୃହରୁ ବହିଷ୍କୃତ କରିଦେଲେ ସେମାନଙ୍କର ଉଦ୍‌ବାହସୂତ୍ର ଛିନ୍ନ ହେଲା ବୋଲି ବିବେଚିତ ହୁଏ । ଯେଉଁଠାରେ ସମାଜବନ୍ଧନର ଏତାଦୃଶ ଶିଥିଳତା ସେଠାରେ ଦୁର୍ବଳା ନାରୀଜାତିର ଅବସ୍ଥା ଯେ କେତେ ମନ୍ଦ ତାହା ସହଜରେ ଅନୁଭୂତ ହେବ ।

ଅସଭ୍ୟ ଓ ଅର୍ଦ୍ଧସଭ୍ୟ ଜାତିଙ୍କ ମଧ୍ୟରେ କେତେକ ପ୍ରଥାର ପ୍ରଚଳନ ଅଛି ଯାହା କି ସଭ୍ୟଜଗତରେ ଅତୀବ ଘୃଣ୍ୟ ଓ ନ୍ୟକ୍କାରଜନକ ଅଟେ । ମୋଙ୍ଗଲ, ଟସ୍ନି, ନିଗ୍ରୋ ପ୍ରଭୃତି କେତେକ ଜାତି ଅଛନ୍ତି ଯେ ସେମାନେ ଯେତେ ଇଚ୍ଛା ତେତେ ସ୍ତ୍ରୀ ରଖନ୍ତି ଓ ସର୍ବାପେକ୍ଷା ସୁନ୍ଦରୀ ସ୍ତ୍ରୀକୁ ଆଗନ୍ତୁକ ବ୍ୟକ୍ତିକୁ ଅତ୍ୟାଦର ସହିତ ପ୍ରଦାନ କରନ୍ତି । ଗ୍ରୀନଲଣ୍ଡସ୍ଥ ଏସ୍କୁଇମୋ ନାମକ ଜାତିଙ୍କ ବିଷୟ ଲେଖୁ ୨ ସରଜନ ଲବକ୍ ସାହେବ କହିଅଛନ୍ତି ଯେ ସେମାନଙ୍କ ମଧ୍ୟରେ ଯେଉଁମାନେ ସ୍ୱୀୟ ଭାର୍ଯ୍ୟାକୁ ଅକାତରରେ ଆପଣାର ବନ୍ଧୁକୁ ପ୍ରଦାନ କରିପାରନ୍ତି ସେମାନେ ମହତ୍ ଓ ଉଦାରଚେତା ବ୍ୟକ୍ତି ବୋଲି ପରିଗଣିତ ହୁଅନ୍ତି । ଅସାନୀ ଆରବମାନଙ୍କ ମଧ୍ୟରେ ବିବାହକାଳୀନ ପୂର୍ବବର୍ତ୍ତୀ ଆନୁଷଙ୍ଗିକ କଥୋପକଥନ ସମୟରେ କନ୍ୟାର ମାତା ଆପତ୍ତି କରେ ଯେ ପ୍ରତ୍ୟେକ ସପ୍ତାହରେ ଦୁଇ ଦିବସ ବ୍ୟତୀତ କନ୍ୟା ବୈବାହିକ ସତୀତ୍ୱ ପାଳନ କରିବ ନାହିଁ ଏବଂ ସେହି ଅନୁସାରେ ଅନ୍ୟ ଦିନମାନଙ୍କରେ ସ୍ତ୍ରୀ ବିବାହବନ୍ଧନ ଅତିକ୍ରମ କଲେ ସ୍ୱାମୀ ମଧ୍ୟ କିଛି ଆପତ୍ତି କରେ ନାହିଁ । ମଧ୍ୟଆମେରିକାସ୍ଥ ଚିବଚାଜାତୀୟ ଲୋକଙ୍କ ମଧ୍ୟରେ ଯେଉଁ ସ୍ତ୍ରୀ ସ୍ୱାମୀ ବ୍ୟତୀତ ଅପର ପୁରୁଷର ଚିତ୍ତ ବିମୋହନ କରି ନ ପାରେ ସେ ହତଭାଗିନୀ ବୋଲି ପରିତ୍ୟକ୍ତା ଓ ଘୃଣିତା ହୁଏ । କଲମ୍ବିୟାଠାରେ ଶସ୍ୱାକ ନାମକ ଏକପ୍ରକାର ଲୋକ ଅଛନ୍ତି ଯେ ସେମାନଙ୍କ ମଧ୍ୟରେ ଆପଣାର ସ୍ତ୍ରୀକୁ ବିନା ମୂଲ୍ୟରେ କିମ୍ବା ବିନିମୟ ନ ନେଇ ଅନ୍ୟକୁ ଦାନ କରିବା ନିତାନ୍ତ ଗର୍ହିତ ଓ ଅସମ୍ମାନକର ବିଷୟ ଅଟେ ଏମନ୍ତ କି ବିନା ମୂଲ୍ୟରେ ପ୍ରାପ୍ତ ସ୍ତ୍ରୀର ପୁତ୍ର କନ୍ୟାମାନେ ମଧ୍ୟ ଜାରଜସନ୍ତାନ ସ୍ୱରୂପ ଘୃଣାର ପାତ୍ର ହୁଅନ୍ତି ।

ଉନ୍ନତ ଓ ସୁସଭ୍ୟ ଦେଶରେ ଯେଉଁ ୨ ପ୍ରଥା ଦୋଷପୂର୍ଣ୍ଣ ଓ ଦଣ୍ଡନୀୟ ତାହା ଅସଭ୍ୟ ଦେଶରେ ଅତ୍ୟାବଶ୍ୟକୀୟ ବୋଲି ବିବେଚିତ ହୁଏ । ଆଫ୍ରିକା ମହାଦେଶାନ୍ତର୍ଗତ ଗବ୍‌ନ ଓ ଗନ୍‌ଜାଲଭସ୍ ନାମକ ଅଞ୍ଚଳରେ ରାଜକୀୟ ଶୋଣିତକୁ ନୀଚ ଲୋକର ଶୋଣିତଦ୍ୱାରା କଳୁଷିତ କରିବା ଭୟରେ ରାଜାମାନେ ଆପଣାର କନ୍ୟାକୁ ଓ ରାଜ୍ଞୀମାନେ ଆପଣାର ଉଦରଜାତ ପୁତ୍ରକୁ ବିବାହ କରନ୍ତି ବୋଲି ସାହେବ ଲେଖିଅଛନ୍ତି ଯେ ବେଦ୍‌ଜାତୀୟ ଲୋକମାନେ ଆପଣାର କନିଷ୍ଠା ଭଗ୍ନୀର ସହିତ ବିବାହକୁ ଉପଯୁକ୍ତ ବିବାହ ବୋଲି ମନେକରନ୍ତି ମାତ୍ର ଜ୍ୟେଷ୍ଠା ସହୋଦରା ଅବା ମାତୁଳ ପତ୍ନୀକୁ ବିବାହ କରିବା ସେମାନଙ୍କର ନୀତିବିରୁଦ୍ଧ ଅଟେ ।

ଉପରୋକ୍ତ ଅସଭ୍ୟ ଓ ଅନୁନ୍ନତ ମାନବମାନଙ୍କର ଅତୀବ ହେୟ ଓ ଘୃଣାର୍ହ ଉଦାହରଣଦ୍ୱାରା ପାଠକମାନଙ୍କର ବିରକ୍ତିଭାଜନ ହେବା ଭୟରେ ତହିଁରୁ କ୍ଷାନ୍ତ ହେଲୁଁ । ପୂର୍ବୋକ୍ତ ବିଷୟମାନଙ୍କରୁ ଅବଶ୍ୟ ପ୍ରତିପନ୍ନ ହୋଇଥିବ ଯେ ସାମାଜିକ ଓ ପାରିବାରିକ ନୀତିର ଅସ୍ଥିରତା ଓ ଅନିଶ୍ଚୟତାନିବନ୍ଧନ ସ୍ତ୍ରୀ ପୁରୁଷମାନଙ୍କ ମଧ୍ୟରେ କୌଣସି ସ୍ଥାୟୀ ସମ୍ବନ୍ଧ ସ୍ଥାପିତ ହେବାର ସମ୍ଭାବନା ନଥିଲା । ସୁତରାଂ ପୁରୁଷମାନେ ସ୍ୱ ସ୍ୱ ବୀର୍ଯ୍ୟବତ୍ତା ହେତୁ ସ୍ୱଭାବତଃ ଦୁର୍ବଳା ନାରୀମାନଙ୍କୁ ବିଳାସୋପଯୋଗୀ ଉପଭୋଗ ସାମଗ୍ରୀ ମନେ କରୁଥିଲେ । ଉଦାରଭାବବିହୀନ ଏହି ନରପିଶାଚମାନଙ୍କର ପୈଶାଚିକ ଦୁରାଚରଣରେ; ଦୁର୍ବୃତ୍ତିପ୍ରଣୋଦିତ ସେହି ନରରାକ୍ଷସମାନଙ୍କର କଠୋର ଉତ୍‌ପୀଡ଼ନରେ କୋମଳହୃଦୟା ଓ ହୀନବୀର୍ଯ୍ୟା ରମଣୀଗଣର ଜୀବନରଜନୀ ଯେ କି ନିବିଡ଼ ବିଷାଦତମସର ପରିବ୍ୟାପ୍ତ ଥିଲା ଏବଂ ତାହା ଯେ କି କଷ୍ଟର ସହିତ ଅତିବାହିତ ହେଉଥିଲା ତାହା ଭାବିଲେ ହୃଦୟ ଅଧୀର ହୁଏ । ଏକଦା ଜଣେ କାଫର ସ୍ୱହସ୍ତରେ ଆପଣାର ହୃଦୟବିଳାସିନୀ ଜୀବନତୋଷିଣୀ ସ୍ତ୍ରୀର ହୃଦୟ ଶୋଣିତପାତ କରି ବ୍ୟାରୋ ସାହେବଙ୍କଠାରେ ଆତ୍ମରକ୍ଷାର୍ଥ ସଦର୍ପରେ କହିଲା ଯେ ସ୍ତ୍ରୀ ତାହାର ବଳଦ ଓ ତାହାକୁ ସେ କ୍ରୟ କରିଅଛି ।

ହେ ନବ୍ୟ ସଭ୍ୟବୃନ୍ଦ ! ଏରୂପ ଅଶ୍ରୁତପୂର୍ବ ରୋମାଞ୍ଚକର ଭୀଷଣ ବ୍ୟବହାରର ବିଷୟ ଶ୍ରବଣ କରି ଆଶ୍ଚର୍ଯ୍ୟାନ୍ୱିତ ହେବନାହିଁ କିମ୍ବା ତୁମ୍ଭେ ସଭ୍ୟତାର ଉଚ୍ଚତମ ସୋପାନରେ ଆରୂଢ଼ ବୋଲି ଅସଭ୍ୟମାନଙ୍କର ଏହି ହୀନ ପାପାନୁଷ୍ଠାନରେ ସ୍ତମ୍ଭିତ ହେବନାହିଁ, ଏକକାଳରେ ଏମନ୍ତ ସମୟ ଥିଲା ଯେ ପ୍ରତ୍ୟେକ ରମଣୀଙ୍କୁ ଏହି ନୃଶଂସ ନରପଶୁମାନଙ୍କର ଭୀଷଣ ଅତ୍ୟାଚାର ସହ୍ୟ କରିବାକୁ ହେଉଥିଲା ।

ଯାହା ହେଉ ଏ ପ୍ରକାର ଯଥେଚ୍ଛା ପ୍ରଣାଳୀରୁ ମାନବସମାଜର ଉନ୍ନତିର ସହିତ ସ୍ତ୍ରୀଜାତିର ମଧ୍ୟ ଅବସ୍ଥୋନ୍ନତି ସାଧିତ ହୋଇଅଛି । ମାନବ ଯେତେ ଉନ୍ନତି ସୋପାନରେ ଆରୋହଣ କରିବାକୁ ଲାଗିଲା ନରନାରୀର ସମ୍ବନ୍ଧ ମଧ୍ୟ ସେହି ପରିମାଣରେ ସମ୍ପୂର୍ଣ୍ଣ

ଶିଥିଳତା ଓ ଅନିଶ୍ଚୟତା ଅତିକ୍ରମ କରି ଦୃଢ଼ତା ଓ ନିଶ୍ଚୟତା ଲାଭ କରିବାକୁ ଲାଗିଲା, ନର ନାରୀମାନଙ୍କ ମଧ୍ୟରେ ନ୍ୟୂନାଧିକ ବହୁକାଳସ୍ଥାୟୀ ସମ୍ବନ୍ଧ ସଂସ୍ଥାପିତ ହେଲା, ସ୍ୱାମୀ ସ୍ତ୍ରୀକୁ ଶତ୍ରୁଠାରୁ ରକ୍ଷା କରିବା ସକାଶ ହସ୍ତ ପ୍ରସାରଣ କଲା ଏବଂ ସ୍ତ୍ରୀ ମଧ୍ୟ ସ୍ୱାମୀର ସୁଖ ସ୍ୱଚ୍ଛନ୍ଦତା ବର୍ଦ୍ଧନ ନିମିତ୍ତ ଯତ୍ନବତୀ ହେଲା— କି ପ୍ରକାରରେ ନର ନାରୀର ସମ୍ବନ୍ଧର କ୍ରମୋନ୍ନତି ହେଲା ଓ କି ପ୍ରକାର ସମ୍ବନ୍ଧରେ ସ୍ତ୍ରୀଜାତିର ଅବସ୍ଥା କିରୂପ ଥିଲା ତାହାର ଆଲୋଚନାରେ ବର୍ତ୍ତମାନ ପ୍ରବୃତ୍ତ ହେବୁ । କ୍ରମଶଃ

ଶ୍ରୀ ହରିଶ୍ଚନ୍ଦ୍ର ଘୋଷ ।

---

## ରମଣୀର ବିପଦ ସମୟରେ ଅଟଳତା ।

ସ୍ତ୍ରୀଜାତି ସର୍ବସମୟରେ ସର୍ବଦେଶରେ ଦୁର୍ବଳ ଅଧୀରଜାତି ବୋଲି ପରିଚିତ; କିନ୍ତୁ ଏହି ଭାରତବକ୍ଷରେ କେତେ ୨ ବୀରରମଣୀ ବିପଦକାଳରେ ଅପାର ଧୈର୍ଯ୍ୟ ପ୍ରଦର୍ଶନ କରି ସମସ୍ତ ଜଗତବାସିମାନଙ୍କୁ ସ୍ତମ୍ଭିତ କରିଅଛନ୍ତି । ଆଜି ପାଠକମାନଙ୍କୁ ସେହିପରି ସ୍ତ୍ରୀହୃଦୟର ଗୋଟିଏ ଚିତ୍ର ଉପହାର ଦେବୁଁ । ଯେଉଁ ରଣଜିତ୍ ନିଜ ସାହସ ବୀରତ୍ୱ ଏବଂ ବୁଦ୍ଧିମତ୍ତା ଗୁଣରେ ପଞ୍ଜାବରାଜ୍ୟର ସମଧିକ ଉନ୍ନତିସାଧନ କରିଥିଲେ, ଯେଉଁ ରଣଜିତ୍ ସିଂହର ମସ୍ତକ ଭିକ୍ଟୋରିୟାମସ୍ତକଶୋଭୀ କୋହିନୁର ହୀରକରେ ସୁଶୋଭିତ ହୋଇଥିଲା, ଯେଉଁ ରଣଜିତ୍‌ଙ୍କର ସହିତ ସନ୍ଧିସ୍ଥାପନ କରି ଇଂରାଜ ରାଜପୁରୁଷମାନେ ଆପଣାକୁ ନିରାପଦ ବୋଲି ମଣିଥିଲେ, ଯେଉଁ ରଣଜିତ୍‌ଙ୍କର ଅପାର ସାହସ ଓ ବୀରତ୍ୱ ଦେଖି ସମଗ୍ର ଭାରତବର୍ଷ ଚମକିତ ହୋଇଥିଲା, ଯେଉଁ ରଣଜିତ୍‌ଙ୍କର ସାହାଯ୍ୟପ୍ରାପ୍ତ ହୋଇ କାବୁଲ ପ୍ରଦେଶର ଅଧୀଶ୍ୱର ଆପଣାକୁ କୃତାର୍ଥନ୍ମନ୍ୟ ଜ୍ଞାନ କରିଥିଲେ ଓ ସ୍ୱକାର୍ଯ୍ୟ ସାଧନ କରିବାକୁ ସମର୍ଥ ହୋଇଥିଲେ, ୧୮୩୯ ଖ୍ରୀଷ୍ଟାବ୍ଦରେ ସେହି ଶିଖକୁଳତିଳକ ଇହଲୋକ ପରିତ୍ୟାଗ କରି ନିଜ ମହାରାଣୀ ଝିନ୍ଦନଙ୍କୁ ଅପ୍ରାପ୍ତବୟସ୍କ ଦଲ୍ଲୀପ ସିଂହର ସହିତ ଅଧଃପତନୋନ୍ମୁଖ ବିଶ୍ୱାସଘାତକମାନଙ୍କଦ୍ୱାରା ବିଲୋଡ଼ିତ ପଞ୍ଜାବ ବକ୍ଷରେ ପରିତ୍ୟାଗ କରି ପରଲୋକ ସୁଖାନୁଭବ କରିବା ନିମନ୍ତେ ସ୍ୱର୍ଗଧାମକୁ ଗମନ କଲେ । ଏହି ସମୟରେ ମାର୍ଚ୍ଚମାସ ୯ ତାରିଖରେ ମିୟନମିରେ ଯେଉଁ ସନ୍ଧି ହୋଇଥିଲା ତହିଁରେ ବ୍ରିଟିଶ ଗବର୍ଣ୍ଣମେଣ୍ଟ ଶତଦ୍ରୁ ଏବଂ ବିପାଶା ନଦୀଦ୍ୱୟ ମଧ୍ୟବର୍ତ୍ତୀ ଜଳନ୍ଧର ଦୋୟାବ ସ୍ୱକରଗତ କଲେ ଏବଂ ଯେଉଁ ଖାଲାସା ସୈନ୍ୟମାନେ ଇଂରାଜ ବିରୁଦ୍ଧରେ ଅସ୍ତ୍ରଧାରଣ କରିଥିଲେ ସେମାନଙ୍କୁ ନିରସ୍ତ୍ର କରାଗଲା ଏବଂ

ଶିଖସୈନ୍ୟ ସଂଖ୍ୟା ନ୍ୟୂନୀକୃତ ହୋଇ ୨୦୦୦୦ ପଦାତିକ ଓ ୧୨୦୦୦ ଅଶ୍ୱାରୋହୀରେ ପର୍ଯ୍ୟବସିତ ହେଲା । ଏତଦ୍‌ଭିନ୍ନ ହାଡ଼ିଞ୍ଜ ସାହେବ ଯୁଦ୍ଧବ୍ୟୟ ନିମନ୍ତେ ୧୨ କୋଟୀ ମୁଦ୍ରା ଗ୍ରହଣ କରିଥିଲେ । ରଣଜିତ୍ ଦ୍ୱାଦଶ କୋଟୀ ମୁଦ୍ରା ସଞ୍ଚିତ କରି ଯାଇଥିଲେ; କିନ୍ତୁ ତାହାଙ୍କ ମୃତ୍ୟୁ ଉତ୍ତାରୁ ଅମାତ୍ୟମାନଙ୍କର ଅପବ୍ୟୟ ହେତୁରୁ ତହିଁରୁ କେବଳ ଅର୍ଦ୍ଧକୋଟୀ ମାତ୍ର ଅବଶିଷ୍ଟ ଥିଲା । ହାଡ଼ିଞ୍ଜଙ୍କର ପ୍ରାପ୍ୟ ଅସମ୍ପୂର୍ଣ୍ଣ ହେବାରୁ ରଣଜିତାଧିକୃତ କାଶ୍ମୀର ପ୍ରଦେଶ ଗୋଲାବ ସିଂହଙ୍କୁ ଏକ କୋଟୀ ମୁଦ୍ରାରେ ବିକ୍ରୀତ ହେଲା ।

ପଞ୍ଜାବର ଏହି ଦୁର୍ଦ୍ଦିନରେ ମହାରାଜ୍ଞୀ ଝିନ୍ଦନ ରାଜପୁତ୍ର ଦିଲ୍ଲୀପ ସିଂହଙ୍କର ଅଭିଭାବିକା ନିଯୁକ୍ତ ହେଲେ । ପଞ୍ଜାବର ଏହି ଦୁଃସମୟରେ ରଣଜିତ୍ ପରି ଜଣେ ସୁଦକ୍ଷ କାର୍ଯ୍ୟକୁଶଳ ବୀରର ଅଭାବ ଥିଲା, ସୁତରାଂ ଏମନ୍ତସ୍ଥଳରେ ଜଣେ ରମଣୀଙ୍କଦ୍ୱାରା ପଞ୍ଜାବର ସେହି ଗୁରୁଭାର ଗୃହୀତ ହେବା ଅବଶ୍ୟ ସୁଖ୍ୟାତିର ବିଷୟ ଅଟେ, ସନ୍ଦେହ ନାହିଁ । ଝିନ୍ଦନ ରମଣୀହୃଦୟର ଅଧିକାରିଣୀ ଥିଲେହେଁ ତାହାଙ୍କର ସେହି ହୃଦୟ ସର୍ବଦା ତେଜୋଗ୍ନିରେ ପ୍ରଜ୍ୱଳିତ ଥିଲା; ଆଶୈଶବ ପରାଧୀନା ଥିଲେ ମଧ ରାଜ୍ୟଶାସନ କୌଶଳମାନ ତାହାଙ୍କୁ ଅବିଦିତ ନଥିଲା । ଝିନ୍ଦନ ଏତେଗୁଡ଼ିଏ ସଦ୍‌ଗୁଣରେ ଅଳଙ୍କୃତ ହୋଇଥିଲେ ସତ୍ୟ, କିନ୍ତୁ ଦୁର୍ଭାଗ୍ୟକ୍ରମେ ସେ ଗୋଟିଏ ଭ୍ରମରେ ପତିତ ହୋଇ ଲାଲସିଂହଙ୍କୁ ମନ୍ତ୍ରିତ୍ୱ ପଦରେ ବରଣ କରିଥିଲେ । ଏହି ଭ୍ରମନିବନ୍ଧନ କୌଣସି ବିଦେଶୀୟ ଇତିହାସ ଲେଖକ ମହାରାଣୀଙ୍କର ଚରିତ୍ରରେ ଦୋଷାରୋପ କରିଅଛନ୍ତି; ଲାଲସିଂହଙ୍କୁ ତାହାଙ୍କର ଅବୈଧ ପ୍ରେମପାତ୍ର ବୋଲି ନିର୍ଦ୍ଦେଶ କରିବାକୁ କୁଣ୍ଠିତ ହୋଇନାହାନ୍ତି । ମାତ୍ର ଆମ୍ଭେ ଏହାର କୌଣସି ବିଶିଷ୍ଟ ପ୍ରମାଣ ଦେଖୁନାହୁଁ । ଉକ୍ତ ଲେଖକ ମଧ ସ୍ୱୀୟମତପୋଷକ କୌଣସି ପ୍ରମାଣ ଦେଖାଇ ନାହାନ୍ତି । ମହିଷୀ ଲାଲସିଂହଙ୍କୁ ଜାଣିଶୁଣି ସୁଦ୍ଧା କି ନିମନ୍ତେ ମନ୍ତ୍ରିତ୍ୱପଦ ପ୍ରଦାନ କଲେ ଏହା ଅବଶ୍ୟ ଜିଜ୍ଞାସ୍ୟ ହୋଇପାରେ । ଇତିହାସରେ ସ୍ପଷ୍ଟ ଲିଖିତ ଅଛି ଯେ ଏହି ଦୁଃସମୟରେ ପ୍ରକୃତ ମନ୍ତ୍ରିପଦୋପଯୁକ୍ତ ଲୋକ ପଞ୍ଜାବରେ ଜଣେସୁଦ୍ଧା ଥିଲେନାହିଁ । ଏମନ୍ତ ସ୍ଥଳରେ ଲାଲସିଂହଙ୍କର ପ୍ରତାରଣାଜାଲରେ ଜଡ଼ିତ ହୋଇ ଜଣେ ସ୍ତ୍ରୀଲୋକ ଯେ ତାହାଙ୍କୁ ମନ୍ତ୍ରିପଦାଭିଷିକ୍ତ କରିଥିବେ ତହିଁରେ ଆଉ ବିଚିତ୍ର କଣ ? କ୍ରମଶଃ

---

୧ ମ ଖଣ୍ଡ  ୪ର୍ଥ ସଂଖ୍ୟା



ମାସିକପତ୍ର ଓ ସମାଲୋଚନ ।

---

ଅପ୍ରେଲ ସନ ୧୮୮୫ ମସିହା ।

---

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)


| | ବିଷୟ | | | ପୃଷ୍ଠା |
|---|---|---|---|---|
| ୧ । | ବିଜ୍ଞାନରାଜ୍ୟରେ ବିଶ୍ୱାସ | ... | ... | |
| ୨ । | ମଠର ସମ୍ବାଦ (ଡାକ୍ତର) | ... | ... | |
| ୩ । | ଜୟପାଳର ଅଗ୍ନି ପ୍ରବେଶ (ପଦ୍ୟ) | ... | ... | |
| ୪ । | ସନ୍ମାର୍ଗରେ ବୁଦ୍ଧିର ପରିଚାଳନା | ... | ... | |
| ୫ । | ରମଣୀର ବିପଦ ସମୟରେ ଅଟଳତା | ... | ... | |
| ୬ । | କପିଳାସଠାରୁ ବିଦାୟ (ପଦ୍ୟ) | ... | ... | |


***

କଟକ

Printed and published by Sarat Chandra Mukhopadhaya at the Cuttack Printing Company's Press.

# ବିଜ୍ଞାନରାଜ୍ୟରେ ବିଶ୍ୱାସ ।

ବିଜ୍ଞାନରାଜ୍ୟରେ ଧର୍ମନାଶ ଭୟର ଅମୂଳକତା ପ୍ରଦର୍ଶିତ ହୋଇଅଛି । ଯେଉଁମାନେ ବର୍ତ୍ତମାନ ନିଃଶଙ୍କଚିତ୍ତରେ ଉକ୍ତ ରାଜ୍ୟରେ ଉପନିବିଷ୍ଟ ହେବାକୁ ପ୍ରସ୍ତୁତ, ସେମାନଙ୍କର ପ୍ରଥମତଃ କେଉଁ ୨ ବିଷୟରେ ବିଶ୍ୱାସ ଆବଶ୍ୟକୀୟ, ଓ ସଫଳକାମ ହେବା ନିମିତ୍ତ ସେମାନଙ୍କର ଦୃଷ୍ଟି ପ୍ରଥମତଃ କେଉଁ ଆଡ଼କୁ ନିକ୍ଷିପ୍ତ ହେବା ଉଚିତ ତାହା କ୍ରମେ ପ୍ରଦର୍ଶିତ ହେଉଅଛି ।

ଜଗତରେ ପ୍ରତ୍ୟେକ କାର୍ଯ୍ୟର କାରଣ ଅଛି । କୌଣସି ଏକ ବା ଅଧିକ କାରଣର ଅବିଦ୍ୟମାନରେ କୌଣସି କାର୍ଯ୍ୟ କେତେବେଳେ ସଂସାଧିତ ହୁଏ ନାହିଁ । ଗୋଟିଏ କାର୍ଯ୍ୟ ଯେତେ ସରଳ ବା ଜଟିଳ ହେଉ ତାହା କୌଣସି କାରଣ ବା କାରଣସମଷ୍ଟିର ଫଳସ୍ୱରୂପ । ଜଗତରେ କାର୍ଯ୍ୟ କାରଣର ଏହି ଅଲଙ୍ଘନୀୟ ଅପରିବର୍ତ୍ତନୀୟ ସମ୍ବନ୍ଧ ଜ୍ଞାନୀ ଚିନ୍ତାଶୀଳ ବ୍ୟକ୍ତିମାତ୍ରଙ୍କର ଅବଶ୍ୟ ସ୍ୱୀକାର୍ଯ୍ୟ । "କାର୍ଯ୍ୟର କାରଣ ଅଛି" ଏହି ଜ୍ଞାନ ସ୍ୱାଭାବିକ ଜ୍ଞାନ (intention), କି ବାହ୍ୟବସ୍ତୁର ଜ୍ଞାନ (experience) ଉପରେ ନିର୍ଭର କରେ, ତଦ୍‌ବିଷୟରେ ମନୋବିଜ୍ଞାନବିତ୍ ପଣ୍ଡିତମାନେ ଏକମତ ନୁହନ୍ତି, ମଧ୍ୟ ଆମ୍ଭମାନଙ୍କର ତାହା ବର୍ତ୍ତମାନ ବିବେଚ୍ୟ ନୁହେ । କିନ୍ତୁ କାର୍ଯ୍ୟର କାରଣ ଥିବା ବିଷୟରେ ବିଭିନ୍ନ ମତ ଦେଖାଯାଏ ନାହିଁ । ଦୁଃଖର ବିଷୟ ଏହି ଯେ ଏହି ମତ ସାଧାରଣ ଜନାନୁମୋଦିତ ହେଲେହେଁ ଅଳ୍ପସଂଖ୍ୟକ ଲୋକ କାର୍ଯ୍ୟର କାରଣଜିଜ୍ଞାସୁ ହୋଇଥାନ୍ତି । ଆମ୍ଭମାନଙ୍କ ମଧ୍ୟରେ କେତେ ଲୋକ ଅଛନ୍ତି ଯେଉଁମାନେ କାଲି ଅମୁକ ବ୍ୟକ୍ତି କି କାରଣରୁ ରୋଗାକ୍ରାନ୍ତ ହୋଇ ପ୍ରାଣତ୍ୟାଗ କଲା, ତାହା ଜାଣିବାକୁ ଯତ୍ନ କରନ୍ତି ? ସେ ବ୍ୟକ୍ତିର ଏହା ଅଦୃଷ୍ଟର ଫଳ, ଏହାହିଁ ଯଥେଷ୍ଟ କାରଣ ବୋଲି ଗ୍ରହଣ କରି ମାନବପ୍ରକୃତିଗତ କାରଣ ଜ୍ଞାନାଭିଳାଷ ପରିତୃପ୍ତ କରନ୍ତି । ଯେବେ ସମ୍ମୁଖରେ କୌଣସି ଘଟନା ଦେଖିଲେ ତାହାର କାରଣ ନିରୂପଣାର୍ଥ ଚେଷ୍ଟା କରନ୍ତୁ, ଯେ ପର୍ଯ୍ୟନ୍ତ ତାହାର କାରଣ ନିର୍ଦ୍ଦେଶ କରି ନ ପାରିବୁଁ ସେ ପର୍ଯ୍ୟନ୍ତ ଯେବେ ସ୍ଥିରଧୈର୍ଯ୍ୟ, ଅବିଚଳିତ ଉତ୍ସାହ ସହିତ ତଦ୍‌ବିଷୟକ ଗବେଷଣାରେ ପ୍ରବୃତ୍ତ ହେଉଥାନ୍ତୁ, ତାହା ହେଲେ ଆଜି ଏହି ଊନବିଂଶ ଶତାବ୍ଦୀରେ ବିଜ୍ଞାନାଲୋକୋଦ୍ଦୀପ୍ତ ମାନବମଣ୍ଡଳୀରୁ ଅନ୍ତରେ ରହି ଅନ୍ଧକାରାଚ୍ଛନ୍ନ ଉନ୍ନତିର ଅଧସ୍ତନ ସୋପାନରେ ଅବସ୍ଥିତ ହୋଇଥାନ୍ତୁ କି ? କିନ୍ତୁ କାର୍ଯ୍ୟର କାରଣ ସାପେକ୍ଷତା ଆମ୍ଭେମାନେ ସ୍ୱୀକାର କରୁଥିଲେହେଁ ଯେଉଁ ସ୍ଥଳରେ କାରଣ ନିର୍ଣ୍ଣୟ ଅତୀବ ଦୁରୂହ ଓ ଜଟିଳ ହୋଇଉଠେ, ଯେଉଁ ସ୍ଥଳରେ କେବଳ ବହୁଦିନବ୍ୟାପୀ ଧୀର ଅବିଚଳିତ ଗବେଷଣା ପୂର୍ବବର୍ତ୍ତୀ ଘଟନାବଳୀ ମଧ୍ୟରୁ ପ୍ରକୃତ କାରଣ ନିର୍ଣ୍ଣୟରେ

ସମର୍ଥ, ଏପରି ସ୍ଥଳରେ ଆମ୍ଭେମାନେ ଏହି ଆୟାସ-ସାଧ୍ୟ କାର୍ଯ୍ୟରେ ପ୍ରବୃତ୍ତ ନ ହୋଇ, ଅଦୃଷ୍ଟ, କର୍ମ, ଈଶ୍ୱରେଚ୍ଛା ପ୍ରଭୃତି ଅଳସଜନୋଚିତ ଅସମ୍ପୂର୍ଣ୍ଣ କାରଣ ନିର୍ଦ୍ଦେଶଦ୍ୱାରା କାରଣଜିଜ୍ଞାସୁ ମାନସିକ ପ୍ରକୃତିକୁ ପ୍ରତାରିତ କରି ସୃଷ୍ଟିର ଉଦ୍ଦେଶ୍ୟ ବିଫଳ କରୁଁ । ଯାବତ୍ ଆମ୍ଭେମାନେ ପ୍ରକୃତ କାରଣ-ନିର୍ଣ୍ଣୟ-ବ୍ରତାବଲମ୍ବୀ ହୋଇ ଧୈର୍ଯ୍ୟ, ଉତ୍ସାହ, ଅଧ୍ୟବସାୟସହ କାର୍ଯ୍ୟକ୍ଷେତ୍ରରେ ପ୍ରବିଷ୍ଟ ନ ହେବା ତାବତ୍ ବିଜ୍ଞାନରାଜ୍ୟରେ କୃତକାର୍ଯ୍ୟ ହେବାର ଆଶା ଅଳିକ ଦୂରାଶାମାତ୍ର ।

ବର୍ତ୍ତମାନ କେଉଁ ଘଟନାକୁ ପ୍ରକୃତ କାରଣ ବୋଲାଯାଏ ତାହା ସ୍ଥିର କରିବା ଆବଶ୍ୟକ । ମନେକର ଅଗ୍ନିର ସମ୍ମୁଖରେ ଆମ୍ଭେ ଖଣ୍ଡେ ଶୁଷ୍କକାଷ୍ଠ ରଖିଲୁଁ; କିୟତ୍କ୍ଷଣ ପରେ କାଷ୍ଠଖଣ୍ଡ ଦଗ୍ଧ ହୋଇଗଲା । ଏ ସ୍ଥଳରେ ସାଧାରଣତଃ ଆମ୍ଭେମାନେ ଅଗ୍ନିକୁ କାଷ୍ଠଦହନର କାରଣ ବୋଲି ନିର୍ଦ୍ଦେଶ କରିଥାଉଁ; ଏଠାରେ ଅଗ୍ନିର ଉପସ୍ଥିତି କାଷ୍ଠଦହନର ପୂର୍ବବର୍ତ୍ତୀ ଘଟନା । ଅନ୍ୟାନ୍ୟ ଅନେକ ପୂର୍ବବର୍ତ୍ତୀ ଘଟନା ଥିଲେହେଁ ଅନ୍ୟ କାହାକୁ କାରଣସ୍ୱରୂପ ନିର୍ଦ୍ଦେଶ ନ କରି ଅଗ୍ନିର ସହିତ କାଷ୍ଠ ଦହନ କାର୍ଯ୍ୟର କେଉଁ ବିଶେଷ ସମ୍ବନ୍ଧ ହେତୁରୁ କେବଳ ଅଗ୍ନିକୁ କାରଣ ବୋଲି ନିର୍ଦ୍ଦେଶ କଲୁଁ ? ସେହି ବିଶେଷ ସମ୍ବନ୍ଧ ଏହି ଯେ ଅଗ୍ନିର ଉପସ୍ଥିତି କାଷ୍ଠ ଦହନର ନିୟତ ପୂର୍ବବର୍ତ୍ତୀ ଘଟନା ଓ କାଷ୍ଠ ଦହନ ଅଗ୍ନି ଉପସ୍ଥିତିର ନିୟତ ପରବର୍ତ୍ତୀ ଘଟନା । ଅତଏବ ଯେଉଁ ଘଟନା କୌଣସି କାର୍ଯ୍ୟର ନିୟତ ପୂର୍ବବର୍ତ୍ତୀ ତାହାହିଁ କାରଣ ନାମରେ ଅଭିହିତ ହୁଏ । ତେବେ କେହି ଆପତ୍ତି କରିପାରନ୍ତି ଯେ ଦିନ ରାତ୍ରିର ନିୟତ ପୂର୍ବବର୍ତ୍ତୀ ଘଟନା, କିନ୍ତୁ ଦିନକୁ ରାତ୍ରିର କାରଣ ବୋଲି କୌଣସି ଜ୍ଞାନୀବ୍ୟକ୍ତି ସ୍ୱୀକାର କରିବେ ନାହିଁ । ଏଠାରେ ଦିନ ରାତ୍ରିର ନିୟତ ପୂର୍ବବର୍ତ୍ତୀ ଘଟନା ହେଲେ ମଧ୍ୟ ଦିନ ରାତ୍ରିର ପରସ୍ପର ସାପେକ୍ଷତା ନାହିଁ; ଦିନର ଉପସ୍ଥିତି ଉପରେ ରାତ୍ରିର ଉପସ୍ଥିତି ନିର୍ଭର କରେ ନାହିଁ; ଅତଏବ ଦିନକୁ ରାତ୍ରିର କାରଣ ବୋଲାଯାଇ ନପାରେ । କାରଣ କାର୍ଯ୍ୟର ନିୟତ-ନିରପେକ୍ଷପୂର୍ବବର୍ତ୍ତୀ ଘଟନା ଏହା କହିଲେ ଏପରି ଗୋଳଯୋଗର ମୀମାଂସା ହେବ । ଏ ସ୍ଥଳରେ ଏହା ବୁଝିବା ଉଚିତ ଯେ କାରଣର କାର୍ଯ୍ୟ ଉତ୍ପାଦନ କରିବାର ଶକ୍ତି ଅଛି କି ନା ତଦ୍‌ବିଷୟରେ ଆମ୍ଭେ କିଛି କହୁନାହୁଁ; କିନ୍ତୁ ଗାଢ଼ ଚିନ୍ତା କରି ଦେଖିଲେ ପ୍ରତୀତ ହେବ ଯେ କାରଣରେ ଏପରି ଶକ୍ତି ନିଧାନ ବିଷୟ ଆମ୍ଭମାନଙ୍କର ସହଜଜ୍ଞାନର ଅବୋଧ । ଆମ୍ଭେମାନେ ଏହିମାତ୍ର ଜାଣୁ ଯେ କାଷ୍ଠକୁ ଅଗ୍ନିର ସମ୍ମୁଖରେ ରଖିଲେ କାଷ୍ଠ ଦଗ୍ଧ ହୁଏ, ଅଗ୍ନି କେବଳ ପୂର୍ବବର୍ତ୍ତୀ ଓ କାଷ୍ଠଦହନ ପରବର୍ତ୍ତୀ ଘଟନା; ଆମ୍ଭେମାନେ ବସିଥିଲୁଁ କଲମ ଧରିବାର ଇଚ୍ଛା କଲୁଁ ଓ ହସ୍ତ କଲମ ଧଇଲା; ଏଠାରେ ଆମ୍ଭେମାନେ ଏତିକି ମାତ୍ର ଜାଣୁ ଯେ

ଆମ୍ଭମାନଙ୍କର ଲେଖନୀଧାରଣେଚ୍ଛା ପୂର୍ବବର୍ତ୍ତୀ ଓ ଲେଖନୀ ଧାରଣ ପରବର୍ତ୍ତୀ ଘଟନା । କାର୍ଯ୍ୟକାରଣ ସମ୍ବନ୍ଧରେ ଏତଦପେକ୍ଷା ଅଧିକ ଆମ୍ଭେମାନେ ଜାଣିବାକୁ ନ ପାରୁଁ । ଏ ଘଟନାବଳୀରେ କାରଣ କାର୍ଯ୍ୟ ଉପରେ କି ଶକ୍ତି ଚାଳନା କଲା ତାହା ବୋଧାତୀତ ।

ବର୍ତ୍ତମାନ ଦେଖାଗଲା ଯେ କୌଣସି କାର୍ଯ୍ୟର ନିୟତ ନିରପେକ୍ଷ ପୂର୍ବବର୍ତ୍ତୀ ଘଟନାକୁ କାରଣ ବୋଲାଯାଏ । କୌଣସି ଏକ କାର୍ଯ୍ୟ ଏକାଧିକ ଘଟନାସମଷ୍ଟିର ଫଳ ହୋଇପାରେ; ଆମ୍ଭେମାନେ ଯେଉଁ ଉଦାହରଣ ଦେଇଅଛୁଁ, ତହିଁରେ କାଷ୍ଠର ଶୁଷ୍କତା, ବାୟୁସ୍ଥିତ ଅମ୍ଳଜାନକ (oxygen) ଓ ଉତ୍ତାପ ଏକତ୍ରରେ କାଷ୍ଠ ଦାହର କାରଣ । ଅନେକ ସମୟରେ ଆଂଶିକ କାରଣମାତ୍ର ନିର୍ଦ୍ଦେଶ କରି କ୍ଷାନ୍ତ ଥାଉଁ; କିନ୍ତୁ କୌଣସି କାର୍ଯ୍ୟ ଯେଉଁ ଘଟନାସମଷ୍ଟିର ଫଳ ତାହା ସମସ୍ତ ନିର୍ଦ୍ଧାରଣ କରିବା ବିଜ୍ଞାନର ଉଦ୍ଦେଶ୍ୟ । ଏହା ମଧ୍ୟ ମନେରଖିବା ଉଚିତ, ଏକ କାରଣ ଭିନ୍ନ ୨ କାରଣସମୁଦ୍ଭୂତ ହୋଇପାରେ । ଅଗ୍ନିରେ ଜଳସେଚନ କଲେ ବା ଅମ୍ଳଜାନକକୁ ବାୟୁରୁ ଅପସାରିତ କଲେ ଅଗ୍ନି ନିର୍ବାପିତ ହୁଏ; ଏଠାରେ ଅଗ୍ନି ନିର୍ବାଣ କାର୍ଯ୍ୟର ଜଳସେଚନ ବାୟୁସ୍ଥିତ ଅମ୍ଳଜାନକ ଏହି ଦୁଇଗୋଟି ଭିନ୍ନ ୨ କାରଣ । ଏକ କାର୍ଯ୍ୟ ଯେଉଁ ୨ ଭିନ୍ନ ୨ କାରଣରୁ ପ୍ରସୂତ ହୋଇପାରେ ତାହା ସ୍ଥିର କରିବା ବିଜ୍ଞାନର ଅନ୍ୟତମ ଉଦ୍ଦେଶ୍ୟ ।

କାର୍ଯ୍ୟର କେତେକ ନିକଟବର୍ତ୍ତୀ ଓ କେତେକ ଦୂରବର୍ତ୍ତୀ କାରଣ ମଧ୍ୟ ଥାଏ । ଚିକିତ୍ସାଶାସ୍ତ୍ରରେ ରୋଗର କେତେକ କାରଣକୁ ଜନନୋନ୍ମୁଖ (pre-disposing) ଓ କେତେକକୁ ଉତ୍ତେଜକ (exciting) କାରଣ ବୋଲାଯାଏ । ହିନ୍ଦୁ ନୈୟାୟିକମାନେ କାରଣକୁ ସମବାୟୀ, ଅସମବାୟୀ ପ୍ରଭୃତି ଶ୍ରେଣୀରେ ବିଭକ୍ତ କରନ୍ତି । ବର୍ତ୍ତମାନ କାରଣର ଶ୍ରେଣୀବିଭାଗ ଆମ୍ଭମାନଙ୍କର ଉଦ୍ଦେଶ୍ୟ ନ ଥିବାରୁ ତଦ୍‌ବିଷୟକ ଆଲୋଚନା ଏହିଠାରେ ପରିତ୍ୟକ୍ତ ହେଲା ।

କାରଣ ଯେଉଁ ଶ୍ରେଣୀୟ ହେଉ ତାହା ଅବଧାରଣ କରିବା ଆମ୍ଭମାନଙ୍କର ପ୍ରଥମ କର୍ତ୍ତବ୍ୟ । କିନ୍ତୁ ଏହି କାରଣ ନିର୍ଣ୍ଣୟ ସବୁ ସମୟରେ ସହଜରେ ସମ୍ପନ୍ନ ହୋଇ ନ ପାରେ । କୌଣସି କାର୍ଯ୍ୟର କାରଣ ବା କାରଣସମଷ୍ଟି ସହିତ ଉକ୍ତ କାରଣପ୍ରସୂତ ଅନ୍ୟାନ୍ୟ ଘଟନା ସ୍ୱଭାବତଃ ଏପରି ବିମିଶ୍ର ଥାଏ ଯେ ତହିଁରୁ ପ୍ରକୃତ କାରଣଗୁଡ଼ିକୁ ଅନ୍ୟାନ୍ୟ ଘଟନାବଳୀରୁ ବିଭିନ୍ନ କରିବା ଦୁରୂହ ହୋଇପଡ଼େ । ଏହି ହେତୁରୁ କୌଣସି ସାମାଜିକ ପରିବର୍ତ୍ତନର ସମସ୍ତ କାରଣ ନିର୍ଣ୍ଣୟ ଏକପ୍ରକାର ଦୁଃସାଧ୍ୟ ବ୍ୟାପାର । ପରବର୍ତ୍ତୀ ବିଜ୍ଞାନସମ୍ବନ୍ଧୀୟ ପ୍ରବନ୍ଧମାନଙ୍କରେ ଏପରି ଦୁରୂହସ୍ଥଳ ଓ ଅନ୍ୟାନ୍ୟ ସ୍ଥଳରେ ପ୍ରକୃତ କାରଣ କି ଉପାୟରେ ନିର୍ଣ୍ଣୀତ ହୁଏ ତଦ୍‌ବିଷୟ ଆଲୋଚିତ ହେବ ।

ବିଜ୍ଞାନ ରାଜ୍ୟରେ ଆହୁରି ଗୋଟିଏ ବିଷୟରେ ବିଶ୍ୱାସ ଆବଶ୍ୟକୀୟ; ତାହା ସ୍ୱାଭାବିକ ନିୟମର ଅପରିବର୍ତ୍ତନୀୟତା; ଏ ସମ୍ବନ୍ଧରେ ଭିନ୍ନ ମତ ଥିବାର ବୋଧ ହୁଏ ନାହିଁ । ସମସ୍ତେ ଏ ବିଷୟ ସ୍ୱୀକାର କରନ୍ତି । ଯେବେ ଆମ୍ଭେ ଦେଖିବୁଁ ଯେ ଅଦ୍ୟ କଟକରେ ଅଗ୍ନି କାଷ୍ଠ ଦଗ୍ଧ କଲା, ତେବେ ତାହା କାଲି ବା ଶତ ବା ସହସ୍ର ୨ ବର୍ଷ ପରେ ଲଣ୍ଡନ ନିଉୟର୍କ ବା ଲାପଲାଣ୍ଡରେ ମଧ୍ୟ ଦଗ୍ଧ କରିବ ଓ ସହସ୍ର ୨ ବର୍ଷ ପୂର୍ବରୁ ମଧ୍ୟ ସେହିପରି କରିଆସୁଅଛି । ଏହି ବିଶ୍ୱାସ ଆମ୍ଭମାନଙ୍କର ନଥିଲେ, ସଂସାରର ସର୍ବ କାର୍ଯ୍ୟର ପରିବର୍ତ୍ତନୀୟତାର ବିଶ୍ୱାସ ଥିଲେ, ଆମ୍ଭେମାନେ କୌଣସି କାର୍ଯ୍ୟ ସମ୍ପନ୍ନ କରିପାରୁ ନ ଥାନ୍ତୁ ଓ ସବୁ ଦୈବୀ ଘଟନା ଉପରେ ସବୁ ସମୟରେ ନିର୍ଭର କରିବାକୁ ହୁଅନ୍ତା ଓ ଆମ୍ଭମାନଙ୍କର ଜ୍ଞାନ ବୁଦ୍ଧି ପ୍ରଭୃତି ଶକ୍ତି କାର୍ଯ୍ୟକାରୀ ହୁଅନ୍ତା ନାହିଁ । ଏହି ଅପରିବର୍ତ୍ତନୀୟତା ବିଷୟରେ ସମସ୍ତେ ଏକମତ ହେଲେ ମଧ୍ୟ ସମୟ ୨ରେ ତଦ୍‌ବିପରୀତ ବିଶ୍ୱାସ ମାନବ ମନ ଅଧିକାର କରିଥାଏ । ଯିଶୁ ମହମ୍ମଦ ହନୁମାନ ପ୍ରଭୃତିଙ୍କର ଧର୍ମଶାସ୍ତ୍ର ଲିଖିତ ଅସ୍ୱାଭାବିକ କାର୍ଯ୍ୟାବଳୀ ଏତଦ୍‌ବିଷୟକ ଉଦାହରଣସ୍ଥଳ ଥିଲେ ମଧ୍ୟ, ସାମ୍ପ୍ରଦାୟିକ ମତାକ୍ରମଣ ଦୋଷ ହେବା ଭୟରେ ତଦ୍‌ବିଷୟକ ଆଲୋଚନା ପରିତ୍ୟକ୍ତ ହେଲା ।

କାର୍ଯ୍ୟର ନିୟତ କାରଣ ସାପେକ୍ଷତା ଓ ସ୍ୱାଭାବିକ ନିୟମର ଅପରିବର୍ତ୍ତନୀୟତା ବିଷୟରେ ବିଶ୍ୱାସ ବିଜ୍ଞାନରାଜ୍ୟରେ ଏକାନ୍ତ ଆବଶ୍ୟକ ଅଟେ ।

---

## ମଠରେ ସମ୍ବାଦ ।

### (ଡାକ୍ତର)

କେଦାରନାଥ ଗଜେନ୍ଦ୍ରବାବୁ ଡାକ୍ତରଙ୍କ ଔଷଧାଳୟରେ ସାଢ଼େ ତିନିବର୍ଷକାଳ କମ୍ପାଉଣ୍ଡରୀ କରିଅଛି । କର୍ମତ୍ୟାଗ କରିବା ସମୟରେ ଡାକ୍ତରବାବୁଙ୍କ ଆଲମାରିରୁ ୨୦ ଗୋଟା ଶିଶିରେ ଔଷଧ ଚୋରାଇ ଆଣିଅଛି ଏବଂ କୁଇନାଇନ ମିକ୍‌ସ୍‌ଚାର ଓ ଫିଭାର ମିକ୍‌ସ୍‌ଚାର କରିବାକୁ ଶିଖିଅଛି । ସୁତରାଂ ସେ ବର୍ତ୍ତମାନ ଗୋବିନ୍ଦପୁରର ଡାକ୍ତରବାବୁ । ଖଣ୍ଡେ ଭଙ୍ଗା ମେଜ ଅଛି, ତାହା ସମ୍ମୁଖରେ ଖଣ୍ଡେ ସାଢ଼େ ତିନିପାୟା ଚୌକୀ—ଆଉ ଗୋଟିଏ ଆମ୍ବକାଠର କୁଷ୍ଠବ୍ୟାଧିଗ୍ରସ୍ତ ଆଲମାରି ମଧ୍ୟରେ ସେହି ୨୦ ଗୋଟି ଶିଶି, ଆଉ କଳା ୨ ଗୋଟାକେତେ ଖାଲି ବୋତଲ । ସମ୍ମୁଖ କାନ୍ଥଦେହରେ ବଡ଼ ୨ ଅକ୍ଷରରେ ଲେଖାଅଛି (Grand Medical Hall) ପ୍ରକାଣ୍ଡ ଡାକ୍ତରଖାନା ।

ଡାକ୍ତରବାବୁଙ୍କର ଭାରୀ ହାତଯଶ, କାରଣ ସେ ମନ୍ଦ ଚିକିତ୍ସକ ନୁହନ୍ତି । ତାହାଙ୍କ ହାତରେ କେବଳ ଶତକରା ୯୯ଟି ରୋଗିଙ୍କର ମୃତ୍ୟୁ ହୁଏ, ଆଉ ସବୁ ରୋଗୀ ଡାକ୍ତରବାବୁଙ୍କ ପ୍ରଭୂତ ବିଦ୍ୟା ବୁଦ୍ଧିବଳରେ ପୁନର୍ଜ୍ଜୀବନ ପ୍ରାପ୍ତ ହୁଅନ୍ତି । ବାବୁଙ୍କର ‘‘ଫଳର’’ ଅଭାବ ନାହିଁ, କାରଣ ସେ ନିରସ୍ତ ପାଦପୋଦେଶେ ଏରଣ୍ଡ ସଦୃଶ, ସୁତରାଂ ଅଭ୍ରାନ୍ତରୂପେ ଦ୍ରୁମ । ଡାକ୍ତରବାବୁ ହାତଲମ୍ଭାଇ ‘ପ୍ରେସକ୍ରିପ୍ସାନ’ କରିବାକୁ ଖୁବ ବାହାଦୂର । ଯେବେ ରୋଗୀ ଦାନ୍ତରେ ଘା ହୁଏ ତାହାହେଲେ ନାଡ଼ୀ ଦେଖି, ‘ଭିଜିଟ୍’ ନେଇ, ଦୁଇଡ୍ରାମ ସୋଡ଼ା ଓ ଦୁଇ ଆଉନ୍‌ସ ଯାକୋୟାଜ୍ୟାମ୍‌ଫୋରର ବ୍ୟବସ୍ଥା କରନ୍ତି ଓ ନ୍ୟାଯ୍ୟ ଦୁଇଟଙ୍କା ମୂଲ୍ୟ ଗ୍ରହଣ କରନ୍ତି । ନିୟମିତ ସମୟରେ ‘ଡିସ୍‌ପେନ୍‌ସରୀ’ ନାମକ ବାବୁଙ୍କ ଔଷଧାଳୟରୁ ଗୋଟିଏ ଶିଶି ଦେହରେ ଛଅଟି ଦାଗ ଦେଇ ‘‘ଏକ ଏକ ଦାଗ ଦୁଇ ଦୁଇ ଘଣ୍ଟା ଅନ୍ତର’’ ଏହି ସୁମଧୁର ବାକ୍ୟ ଉଚ୍ଚାରଣ କରି ୨ ରୋଗୀ ନିକଟକୁ ଆସି ଅତି ଅଳ୍ପକାଳ ମଧ୍ୟରେ ଡାକ୍ତରବାବୁ ହୁକୁମରେ ରୋଗୀକି ଆରାମ କରିଦିଅନ୍ତି । ଏ ଆଡ଼େ ଡାକ୍ତର ବାବୁଙ୍କ ପରିଚୟ ଏହି ପର୍ଯ୍ୟନ୍ତ । ଆମ୍ଭମାନଙ୍କର ଡାକ୍ତରବାବୁ ୧୬ ଅଣା ଡାକ୍ତରବାବୁ, କାରଣ ଡାକ୍ତରବାବୁଙ୍କ ପରିଚୟସ୍ଥଳ ଯେ ମଦଟି ଖାଇବା ତହିଁରେ ଆମ୍ଭମାନଙ୍କର କେଦାରବାବୁ କମ ନୁହନ୍ତି, ସାକ୍ଷାତ୍ ମଦର କୁଣ୍ଡବିଶେଷ ।

ଗ୍ରାମର ଜମିଦାର ଗଦାଧର ବାବୁର ବେଶ୍ ଦଶଟଙ୍କା ଅଛି । ବିଚାରା କୃପଣର ଏକଶେଷ, ପଖାଳଭାତ ଖାଇ ଦଶଟଙ୍କା ଜମାଇ ଅଛି, କେବଳ ତାହାର ରୂପ ଦେଖିବା ପାଇଁ । ତାହାର ଗୋଟିଏ ବିଧବା କନ୍ୟା ଥିଲା । ଦିନେ ଡାକ୍ତରବାବୁ ବାଟରେ ଯାଉଁ ୨ କ୍ଷେତ୍ରକୁ ଛାତ ଉପରେ ଦେଖିଲା । ସେ ଅର୍ଦ୍ଧପ୍ରସ୍ଫୁଟିତ ଗୋଲାପପୁଷ୍ପ ସଦୃଶ ଚତୁର୍ଦ୍ଦଶବର୍ଷୀୟା ବିଧବାର ମୁଖରେ ବୈଧବ୍ୟକାଳିମା ଦେଖି ପାଷାଣ ତରଳିତ ହୁଏ । କେଦାରର ହୃଦୟ ତରଳି ଯାଇ ପ୍ରଚଣ୍ଡ ଅନଙ୍ଗଦେବଙ୍କ ଉତ୍ତାପରେ ବାଷ୍ପ ହୋଇ ଏକଦୌଡ଼ରେ କ୍ଷେତ୍ରର ନିକଟକୁ ଗଲା । କେଦାର ଭାବିଲା କ୍ଷେତ୍ରକୁ କି ମୋହୋର ଭୋଗ୍ୟବସ୍ତୁ କରିପାରିବି ନାହିଁ ? କାହିଁକି ପାରିବି ନାହିଁ ? ଯତ୍ନର ଅସାଧ କି ଅଛି ? କେଦାର ଉପାୟ ଅନୁସନ୍ଧାନ କରିବାକୁ ଲାଗିଲା ।

ଏହି ସମୟରେ ସେହି ବିଧବାଟିର ଅତ୍ୟନ୍ତ ପେଟର ପୀଡ଼ା ହେଲା । କେଦାରର ପୁଅବାର ତେର ପଡ଼ିଲା । ଗଦାଧରର ସସବ୍ୟସ୍ତେ ଡାକ୍ତରବାବୁଙ୍କ ନିକଟକୁ ଖବର ପଠାଇଲେ । ଡାକ୍ତର ସକଳ ବୃତ୍ତାନ୍ତ ଗମ୍ଭୀରଭାବରେ ଶୁଣି କହିଲେ ଥରେ ଦେଖିବା କର୍ତ୍ତବ୍ୟ, ମନେ ୨ କହିଲେ ଏଥର ମାଲ୍‌ଟା ହାତକୁ ଆସିଲା । ଗଦାଧର ଝଟ୍‌ପଟ୍ ଡାକ୍ତରବାବୁଙ୍କୁ ଅନ୍ତଃପୁରକୁ ଘେନିଗଲେ । କାରଣ କିଏ କେବେ ଡାକ୍ତରକୁ ଅବିଶ୍ୱାସ

କରେ ? ଯେଉଁ ସବୁ ସ୍ତ୍ରୀଲୋକଙ୍କ ନିକଟକୁ ସୂର୍ଯ୍ୟଙ୍କର ବିଶ୍ୱବ୍ୟାପୀ କିରଣ ସୁଦ୍ଧା ଗମନ କରି ନ ପାରେ, ସେଠାକୁ ଘଟନାଚକ୍ରର ଆବର୍ତ୍ତନରେ ଡାକ୍ତରବାବୁଙ୍କ ପ୍ରବେଶ ସତତ ସମ୍ଭବ । ଅତଏବ ଆଜି କେଦାର ଅନାୟାସରେ ଗଦାଧରଙ୍କ ଅନ୍ତଃପୁରରେ ପ୍ରବେଶ କଲା । ଝିଅଟିର ପେଟର ପୀଡ଼ା, ଡାକ୍ତରବାବୁ ଲଣ୍ଡଭଣ୍ଡ ହୋଇ ପକେଟରୁ କୃଷ୍ଣଙ୍କ ବଂଶୀପରି ଗୋଟିଏ ନଳ ବାହାର କରି (କହିବା ବାହୁଲ୍ୟ ସ୍ତ୍ରୀମାନଙ୍କର ପୀଡ଼ା ହେଲେ ଡାକ୍ତରବାବୁ ଏ ନଳଟା ବ୍ୟବହାର କରିବାକୁ କଦାପି ଭୁଲନ୍ତି ନାହିଁ) ଯୁବତି ଛାତିରେ ଲଗାଇ ତହିଁରେ କର୍ଣ୍ଣ ସଂଯୋଗ କଲେ । କୋମଳାଙ୍ଗୀର ସ୍ପର୍ଶମାତ୍ରକେ ଡାକ୍ତର ବାବୁ ଆତ୍ମବିସ୍ମୃତ ହୋଇ କେତେକ୍ଷଣ ତୁନି ହୋଇ ରହିଲେ । ଗଦାଦର ମନେ ୨ ବିଚାରିଲେ ପୀଡ଼ା ବଡ଼ କଠିନ ହେବପରା, ଶୀଘ୍ର ପଚାରିଲେ "କଣ ବୁଝୁଅଛନ୍ତି ?" । ତେତେବେଳେ କେଦାରବାବୁଙ୍କର କାଣ୍ଡଜ୍ଞାନ ହେଲା, ଗମ୍ଭୀରଭାବରେ ମୁଖ ବିକୃତ କରି କହିଲେ "ରୋଗ ଶକ୍ତ" । ପିତା ମହା ଚିନ୍ତିତ ଓ ଭୀତ ହେଲେ । "ମହାଶୟ ଆମ୍ଭର କନ୍ୟାକୁ ଆରାମ କରିଦିଅନ୍ତୁ, ଆପଣ ଯେତେ ଟଙ୍କା ମାଗିବେ ଦେବୁଁ ।" ଏହିପରି କେତେକ କାତରଭାବ ଦେଖାଇଲେ । ଡାକ୍ତରବାବୁ ଘୋର ଦୟାଳୁ । "ନା, ମହାଶୟ ! ଆପଣଙ୍କଠାରୁ ଆଉ କଣ ନେବି ? ଏ ତ ଘରର କଥା । ଆପଣ ନିଶ୍ଚିନ୍ତ ଥାଆନ୍ତୁ, ଆମେ ଯେତେଥର ଆବଶ୍ୟକ ଆସି ଔଷଧାଦି ଦେଇ ଆରାମ କରିଦେବୁଁ ।"

ଗଦାଧର ବାବୁ ଆପ୍ୟାୟିତ ହେଲେ । ଡାକ୍ତରବାବୁ ମଧ ଯିବା ଆସିବା କରିବାକୁ ଲାଗିଲେ ଓ ନାନାପ୍ରକାର ଘନିଷ୍ଠତା ବଢ଼ାଇବାକୁ ଲାଗିଲେ । ସେ ଗଦାଧରବାବୁଙ୍କ ଛୋଟ ପୁଅଟିକି କୋଳରେ ଧରନ୍ତି, ହାତରେ ମିଠାଇ ଦିଅନ୍ତି, ନାନାପ୍ରକାରେ ଆପ୍ୟାୟିତ କରିବାକୁ ଚେଷ୍ଟା କରନ୍ତି । ତାଙ୍କର ସବୁ ଆପଣାର କରି ପକାଇବା ଅଭିପ୍ରାୟରେ ପାଣି ଆଣିବାକୁ କହନ୍ତି, ପାନ ଆଣିବାକୁ କହନ୍ତି, ଜଳଖିଆ ଆଣିବାକୁ କହନ୍ତି, କେତେବେଳେ ଅବା ପଖାଳଭାତ ସୁଦ୍ଧା ମାଗି ଖାଆନ୍ତି । ଭଲଲୋକ ଗଦାଧର ଫାନ୍ଦରେ ପଡ଼ିଲେ । କ୍ରମେ କେଦାର ତାଙ୍କ ଘରମଧକୁ ଯିବା ଆସିବା କଲେ । ତାଙ୍କ ସ୍ତ୍ରୀକୁ ମା କହନ୍ତି; କଥାକେ କହିଲେ ବର୍ତ୍ତମାନ କେଦାର ତାଙ୍କ ଘରର ପୁଅ । କେଦାରର ମନୋବାଞ୍ଛା ପୂର୍ଣ୍ଣ ହେଲା, କ୍ରମେ କ୍ଷେତ୍ର ମଧ ଜାଲରେ ପଡ଼ିଲା, ବିଧବା ସରଳା ବାଳା କେଦାରର ପ୍ରଲୋଭନରେ ମୋହିତ ହେଲା । କେଦାର କେତେପ୍ରକାର ସ୍ନେହଜାଲ ଫାନ୍ଦିଲା, ସ୍ୱର୍ଗ ହାତରେ ଦେଲା, କେତେକାଳ ଆଉ ଦୁର୍ବଳ ବାଳିକା ଠିକ ରହିପାରେ ? ବାଳିକାର ମନ ଟଳିଲା, କେଦାରର ପଦତଳେ ପ୍ରାଣ ଲୋଟାଇ ଦେଲା, ହୃଦୟ ଫିଟାଇ ସ୍ନେହ କରିବାକୁ ଲାଗିଲା, ସ୍ୱହସ୍ତେ ବିଷପାତ୍ର ଚୁମ୍ବନ କଲା ।

କେଦାର ଏତେବେଳେ କ୍ଷେତ୍ରର ମୁଣ୍ଡ ଖାଇ ସୁଖ ବୋଧ କଲାନାହିଁ, କ୍ରମେ ସେ କ୍ଷେତ୍ରର ପ୍ରାଣର ସ୍ନେହ— ଅକୃତ୍ରିମ ସ୍ନେହ ପ୍ରତି ହତାଦର କରିବାକୁ ଲାଗିଲା ।

କ୍ଷେତ୍ରର ତାହା ବୁଝିବାକୁ ଆଉ ଅଧିକ ଦିନ ଲାଗିଲା ନାହିଁ । କେତେ ପ୍ରକାରେ ମନକୁ ବୁଝାଇବାକୁ ଚେଷ୍ଟା କଲା, ପାରିଲା ନାହିଁ । କେଦାରକୁ କହିଲା ''ହେ ନିଷ୍ଠୁର ! ଥରେ ଏ ପ୍ରାଣ ବିଦୀର୍ଣ୍ଣ କରି ଦେଖ, ଏହା ମଧ୍ୟରେ ତୁମପାଇଁ କେତେ ଅପରିମେୟ ସ୍ନେହ ସଞ୍ଚିତ ରହିଅଛି । କେଦାର, ତୁମେ ବୁଝିଲ ନାହିଁ, ସରଳ ପ୍ରେମକୁ ହତାଦର କଲ, ମୋର ପରକାଳ ନଷ୍ଟ କଲ, ତୁମର ଭଲପାଇବା ଆଶାରେ ଯାହାଠାରୁ ଆଉ ଅଧିକ ନାହିଁ ସେହି ସତୀତ୍ୱଧନକୁ ଉପେକ୍ଷା କଲି, ଦୂରେ ଥାଉ ତୁମ୍ଭର ଭଲପାଇବା, ତାହା ଉପରେ ପୁଣି ଘୃଣା ।'' କେତେ କାନ୍ଦିଲା, କେତେ ମିନତି କଲା; କିନ୍ତୁ ଯାହାର ହୃଦୟ ପାଷାଣରେ ନିର୍ମିତ ତାହାର ହୃଦୟ କି କେତେବେଳେ ତରଳେ । ଏସବୁ କଥାରେ କେଦାର ଆହୁରି ବିରକ୍ତ ହେଲା, କ୍ଷେତ୍ର ସଙ୍ଗେ ସାକ୍ଷାତ୍ ପର୍ଯ୍ୟନ୍ତ ବନ୍ଦ କଲା । ହତଭାଗିନୀ ଦେଖିଲା ତାହା ପକ୍ଷରେ ସଂସାର ଅନ୍ଧକାର, ବୈଧବ୍ୟାବସ୍ଥାରେ ବରଂ ସୁଖରେ ଥିଲା, ଏ ପୋଡ଼ା କଳଙ୍କରେ ବୁଡ଼ି ଆଉ ଉଠିବାର ଉପାୟ ନାହିଁ । ହଠାତ୍ ଦିନେ ହତଭାଗିନୀ ଉଦ୍‌ବନ୍ଧନରେ ପ୍ରାଣତ୍ୟାଗ କଲା । ସମସ୍ତ କଳଙ୍କ ଦୂରୀଭୂତ ହେଲା, ଇହକାଳର ସମସ୍ତ ଯନ୍ତ୍ରଣା ହସ୍ତରୁ ନିଷ୍କୃତି ପାଇଲା । ଆଉ କେଦାର ? ପାଷାଣ୍ଡ କେଦାର କ୍ଷେତ୍ରର ମୃତ୍ୟୁରେ ବିନ୍ଦୁମାତ୍ର ବିଚଳିତ ହେଲାନାହିଁ, ପୁଣି ସୁଖର ନୂତନ ସ୍ଥାନ ଅନ୍ୱେଷଣ କରିବାକୁ ଲାଗିଲା ।

ଗୋବିନ୍ଦପୁର ଗ୍ରାମରେ ଗୋଟିଏ ହରିସଭା ଥିଲା ଓ କେତେକ ଜଣ ଧର୍ମପିପାସୁ ଭକ୍ତ ସେଠାରେ ଉପାସନାଦି କରୁଥିଲେ । ସେମାନଙ୍କ ମଧ୍ୟରେ ବିଶ୍ୱନାଥବାବୁ ବୋଲି ଜଣେ ଥିଲେ । ତାହାଙ୍କ ଚରିତ୍ରର ଗୋଟିଏ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ସେ କାହାକୁ ଅବିଶ୍ୱାସ କରିପାରନ୍ତି ନାହିଁ । ବଜାରକୁ ମାଛ କିଣିବାକୁ ଗଲେ କୈବର୍ତ୍ତୀ ଯେବେ ଚାରିପଇସାର ମାଛକୁ ଚାରିଅଣା କହେ, ତେବେ ସେ ତାହା ବିଶ୍ୱାସ କରନ୍ତି । ମାଛ ଚାରିଅଣା ଦେଇ କିଣନ୍ତି । ଯେବେ କେହି କହେ ମହାଶୟ ! ଆପଣ ଠକାଇରେ ପଡ଼ିଅଛନ୍ତି, ତାହା ହେଲେ ସେ କହନ୍ତି ନା କୈବର୍ତ୍ତୀ କାହିଁକି ଆମକୁ ଠକିବ । ଏପରି ଅମାୟିକ ଲୋକ କଳିକାଳରେ ଦୁଷ୍ପ୍ରାପ୍ୟ । ଦିନେ ଆମମାନଙ୍କର ସର୍ବଗୁଣରେ ଗୁଣାନ୍ୱିତ କେଦାର ଡାକ୍ତର ବିଶ୍ୱନାଥ ବାବୁଙ୍କର ସୁନ୍ଦରୀ ଭାର୍ଯ୍ୟାକୁ ଦେଖିଲା । ପାଷଣ୍ଡ ତତ୍‌କ୍ଷଣାତ୍ କୁଅଭିସନ୍ଧି ଫାନ୍ଦିବାକୁ ଲାଗିଲା । ସଭାକୁ ଯିବାର ଆରମ୍ଭ କଲା । ମନ୍ତ୍ରମନ୍ତ୍ର ସବୁ ଅଭ୍ୟାସ କଲା । ସଙ୍ଗୀତ ହେଲାବେଳେ ନିଜ ଗର୍ଦ୍ଦଭବିନିନ୍ଦିତ ସ୍ୱର ମିଳାଇବାକୁ ଲାଗିଲା । କେବେ ୨ ନାଚିଉଠି ଭାବରେ ଗଦ୍‌ଗଦ ହୋଇ କାନ୍ଦିପକାଇଲା । ସମାଜକୁ ଗଲେ କେବେ

ଆଖି ଫିଟାଏ ନାହିଁ । ବସାକୁ କୌଣସି ବନ୍ଧୁ ଆସିଲେ କେଦାର ତତ୍‌କ୍ଷଣାତ୍ ଆଖି ବୁଜି ଉପାସନା କରି ବସେ । ସମସ୍ତେ ଜାଣିଲେ ଏବେ କେଦାରର ହୃଦୟ ପରିବର୍ତ୍ତିତ ହୋଇ ଧର୍ମରେ ମତି ବଳିଅଛି । ସୁତରାଂ ସେ ସମାଜରେ ସମାଦୃତ ହେଲା । ବିଶ୍ୱନାଥ ବାବୁ ସଦାଶୟ ଲୋକ, କେଦାର ତାଙ୍କ ନିକଟକୁ ଘଡ଼ି ୨ ଯିବାଆସିବା କଲା, ସେ ମଧ୍ୟ କେଦାରକୁ ଅତ୍ୟନ୍ତ ସ୍ନେହ କଲେ । ଭକ୍ତପରିବାର, ସୁତରାଂ କେଦାର ଅତି ଅଳ୍ପକାଳ ମଧ୍ୟରେ ବିଶ୍ୱନାଥବାବୁଙ୍କ ସ୍ତ୍ରୀର ସାକ୍ଷାତ୍ ପାଇଲା । ଏଣିକି କେଦାରର ବିଶ୍ୱନାଥ ବାବୁଙ୍କ ଅପେକ୍ଷା ତାଙ୍କ ପତ୍ନୀଙ୍କଠାରେ ପ୍ରୀତି ଭକ୍ତି ଅଧିକ । ପ୍ରାୟ ସର୍ବଦା ତାହାଙ୍କ ନିକଟକୁ ଯିବାଆସିବା କଲା, ନାନାପ୍ରକାରେ ଆପ୍ୟାୟିତ କଲା । ଖାଇବାକୁ ଦିଅ, ପାନ ଦିଅ ପ୍ରଭୃତି କଥାରେ ଆତ୍ମୀୟତା ଦେଖାଇଲା । କଥାକେ କହିଲେ କେଦାର ବର୍ତ୍ତମାନ ଏହି ଭକ୍ତପରିବାରରେ ବିଲକ୍ଷଣ ପ୍ରତିପତ୍ତି ଲାଭ କଲା । କ୍ରମେ ବିଶ୍ୱନାଥ ବାବୁଙ୍କ ସ୍ତ୍ରୀ ସଙ୍ଗେ ଭିନ୍ନ ପ୍ରକାର ଆଳାପ ଆରମ୍ଭ କଲା । ''ମୋର ବିବାହ ହୋଇ ନାହିଁ, ମୁଁ ଗାନ୍ଧର୍ବମତରେ ବିବାହ କରିବି, ତୁମେ ଗୋଟିଏ ଗୁଣବତୀ କନ୍ୟା ଘଟାଇ ଦିଅ'' ଇତ୍ୟାଦି ୨ କେତେ କଥା କହଇ । କେବେ ବା ତାଙ୍କ ମୁଖ ଆଡ଼କୁ ଏକଦୃଷ୍ଟିରେ ଚାହିଁ ରହେ, କେବେ ଗୋଟାଏ ଦୀର୍ଘନିଶ୍ୱାସ ପରିତ୍ୟାଗ କରେ, କେବେ ବା ଟିକିଏ ହସେ, ମିଥ୍ୟା ଛଳନା କରି ଦଶଥର ତାଙ୍କ ଘରକୁ ଆସେ, ଥରେ ଆସିଲେ ସହଜରେ ଯିବାକୁ ଚାହେଁ ନାହିଁ ।

ଦିନେ ବିଶ୍ୱନାଥବାବୁଙ୍କ ସହଧର୍ମିଣୀ ସନ୍ଧ୍ୟା ଉତ୍ତାରୁ ଗୃହ ମଧ୍ୟରେ ଉପବିଷ୍ଟ ହୋଇ ପଢୁଅଛନ୍ତି, ଆଉ କେହି ନାହିଁ, କେଦାର ଆସିଲା । ଏତେ ଦିନ ଯାଏ କେଦାର ସାବଧାନ ଥିଲା, ମଦ ଖାଇଲେ ଘରୁ ବାହାରୁ ନ ଥିଲା । କିନ୍ତୁ ଆଜି ବୁଦ୍ଧିର ଭ୍ରମବଶତଃ ମଦ ଖାଇ ଏହି ଘର ମଧ୍ୟରେ ପ୍ରବେଶ କଲା । ତେତେବେଳେ ସେ ନିଶାରେ ଟର୍, କାଣ୍ଡଜ୍ଞାନବିହୀନ । ଦୁର୍ଦ୍ଦମନୀୟ ପ୍ରବୃତ୍ତିର ଦାସ ହୋଇ ଅବଳା ଆଡ଼କୁ ଅଗ୍ରସର ହେଲା । ତାଙ୍କୁ ଧରିବାକୁ ଉଦ୍ୟତ । ତେତେବେଳେ ସେ ନିଜର ବିପଦ ବୁଝିପାରିଲେ । ସତୀ ମିଷ୍ଟକଥାରେ କେଦାରକୁ ସାବଧାନ କଲେ, ପାଷଣ୍ଡ କଣ ସେ କଥା ଶୁଣିଲା ? ତାହାଙ୍କୁ କୁଣ୍ଢାଇ ଧରିବାକୁ ଉଦ୍ୟତ ହେଲା । ସତୀ ଚିତ୍କାର କରିବାକୁ ଲାଗିଲେ । କିନ୍ତୁ କିଏ ଆସିବ ? ସ୍ୱାମୀ ନିମନ୍ତ୍ରିତ ହୋଇ କିଛିଦୂର ଏକ ବନ୍ଧୁ ଗୃହକୁ ଯାଇଅଛନ୍ତି, ଦାସ ଦାସୀ କେଦାରର ଅର୍ଥଦାସ ହୋଇ ସ୍ଥାନାନ୍ତରିତ ହୋଇଅଛନ୍ତି । ସୁତରାଂ କେହି ଆସିଲେ ନାହିଁ । ଦ୍ୱାର ପାଖକୁ ଆସି ଦେଖିଲେ୍ ଯେ କବାଟ ବନ୍ଦ, ଝଟ୍‌ପଟ୍ ବାହାରି ପାରିଲେ ନାହିଁ । ନରପିଶାଚ କେଦାର ଧରିପକାଇଲା । ନିଃସହାୟା ଅବଳା ମୂର୍ଚ୍ଛାଗ୍ରସ୍ତ ହେଲେ । ଆଉ ଅଧିକ କୁହାଯାଇ ନ ପାରେ । ଶେଷରେ ସତୀ ଆତ୍ମଘାତିନୀ ହୋଇ ସଂସାରକଳଙ୍କରୁ ନିଷ୍କୃତି ଲଭିଲେ ।

ପରେ ବିଶ୍ୱନାଥବାବୁ ଆସି ଏ ଭୟଙ୍କର କାଣ୍ଡ ଦେଖି ମୂର୍ଚ୍ଛିତ ହେଲେ । ମହାଗଣ୍ଡଗୋଳ ଲାଗିଲା । ପଡ଼ାବାସିଏ ବିଶ୍ୱନାଥବାବୁଙ୍କୁ ଅତି ଭଲ ପାଆନ୍ତି, ସମସ୍ତେ ଆସି ଶୋକାକୁଳ ହେଲେ । କେଦାର ମଧ ମାୟାକାନ୍ଦ କାନ୍ଦି ସମସ୍ତଙ୍କ ଆଖିରେ ଧୂଳି ଦେବାକୁ ବସିଲା । କିନ୍ତୁ ପରଦିନ ପୁଲିସ ତଦାରଖ ସମୟରେ ଶଯ୍ୟାପାର୍ଶ୍ୱରୁ ଖଣ୍ଡିଏ ପତ୍ର ବାହାରିଲା । ତହିଁରେ ଆତ୍ମହତ୍ୟାର ସମସ୍ତ ବୃତ୍ତାନ୍ତ ଆମୂଳ ଲିଖିତ ଥିଲା; ସୁତରାଂ ପାପିଷ୍ଠ କେଦାର ନିଜ ପାପର ସମୁଚିତ ପ୍ରତିଫଳ ଲଭିଲା ।

ଏପରି ଡାକ୍ତରବାବୁ, ଏପରି ମୂର୍ତ୍ତିମାନ୍ ବିଶ୍ୱାସଘାତକ, ଭକ୍ତନାମଧାରୀ ଭଣ୍ଡତପସ୍ୱୀ ଭାରତର ପ୍ରତ୍ୟେକ ସହରରେ ପ୍ରତ୍ୟେକ ଗ୍ରାମରେ ବହୁତ ଅଛନ୍ତି; ସୁତରାଂ ଭାରତ ଉନ୍ନତି ପକ୍ଷରେ ବାକୀ ଆଉ କଣ ଅଛି ? ଏହା ତହିଁର ତୃତୀୟ ସୋପାନ ।

---

## ଜୟପାଳର ଅଗ୍ନିପ୍ରବେଶ ।

୧

ଜଳ୍ ଜଳ୍ ଅଗ୍ନି ଚଣ୍ଡ ହୁତାଶନ
ଜଳ୍ ଜଳ୍ କେତେ ତୋର ଶକ୍ତି
ପଞ୍ଚନଦେଶ୍ୱର ଲାଗି ମ୍ଲେଚ୍ଛ କର
ଅପବିତ୍ର ଆଜି ଆର୍ଯ୍ୟସନ୍ତତି ।

୨

ଜଳୁ ଜଳୁ ଚିତା ପ୍ରଚଣ୍ଡ ତେଜରେ ।
ଜଳୁ ଯଥା ବନେ ଦାବାଗ୍ନି ଜଳେ
ହୋଇଛି ଦୂଷିତ ଏ ଆର୍ଯ୍ୟଶୋଣିତ
କ୍ଷାଳିବି କ୍ଷାଳିବି ବହ୍ନି ସଲୀଳେ ।

୩

ଜଳୁ ଜଳୁ ଚିତା ପ୍ରଚଣ୍ଡ ତେଜରେ
ପଞ୍ଚନଦପତି ନୁହେ କେବଳ
ଘୋର କଳୁଷିତ; ଜନ୍ମଭୂମି ପୂତ
ଆର୍ଯ୍ୟାବର୍ତ୍ତ ମମ, ହାୟ ! ସମଳ ।

୪

ଜଳୁ ଜଳୁ ଚିତା ପ୍ରଚଣ୍ଡ ତେଜରେ
ଆର୍ତ୍ତନାଦ ଉଠେ ଆକାଶ ଭେଦି !
ସିଂହନାଦ ଉଠେ ! ପଞ୍ଚନଦ ପୃଷ୍ଠେ
ବୁହାଏ ଯବନ ଶୋଣିତନଦୀ ।

୫

ଜଳୁ ଜଳୁ ଚିତା ପ୍ରଚଣ୍ଡ ତେଜରେ
ସରଳା ବାଳିକା କୋମଳ ବାଳ
ଯୁବା ଆଶାମୟ ବୃଦ୍ଧ ରୋଗମୟ
ଗ୍ରାସୁଛି ଯବନ ଆସି କରାଳ ।

୬

ଜଳୁ ଜଳୁ ଚିତା ପ୍ରଚଣ୍ଡ ତେଜରେ
ଆର୍ଯ୍ୟରମଣୀଙ୍କ ସତୀତ୍ୱମଣି
ନୃଦେହୀ ପିଶାଚ କ୍ରୂରମତି ନୀଚ
ନାରକୀ ଯବନ ହରୁଛି ପୁଣି ।

୭

ଜଳୁ ଜଳୁ ଚିତା ପ୍ରଚଣ୍ଡ ତେଜରେ
କେ ଏଡ଼େ ପାଷଣ୍ଡ ଏ ଆର୍ଯ୍ୟକୁଳେ
ଏଡ଼େ ଅପମାନ କରିବ ବହନ
ନିଜକୁ ବା ଅରି ନ ବଧି ବଳେ ?

୮

ଜଳୁ ଜଳୁ ଚିତା ପ୍ରଚଣ୍ଡ ତେଜରେ
ଏ କି ଅଗ୍ନିଶିଖା ଉଜଳେ ଦିଶ !
ହେଉ ଭସ୍ମୀଭୂତ ପଞ୍ଚନଦ ପୂତ
ନ ରହୁ ହେବାକୁ ଯବନଦାସ ।

୯

ତ୍ୟଜ ତ୍ୟଜ ତ୍ୟଜ ସୁଖସ୍ୱପ୍ନ ଆଜ !
ଆର୍ଯ୍ୟକୁଳଜାତ କେଶରୀଗଣ
ଏକତାପ୍ରାଚୀର ନିର୍ମାଇ ସତ୍ୱର
ଯବନସ୍ରୋତକୁ କର ବାରଣ ।

୧୦

ତ୍ୟଜ ତ୍ୟଜ ତ୍ୟଜ ସୁଖସ୍ୱପ୍ନ ତେଜ
ଭାରତର ବପ୍ର ହାଲାଦ୍ରି ଭେଦି
ଆସୁଛି ଯବନ ଯେସନେ ଶମନ
ଇଚ୍ଛେ ତରିବାକୁ ପଞ୍ଜାବ ନଦୀ ।

୧୧

ଉଠ ଉଠ ଉଠ ସୁଖସ୍ୱପ୍ନୁ ଉଠ
ଧର ବର୍ମ ଚର୍ମ ଅସି କୃପାଣ
ବୀରତା ଅନଳ ଜାଳ ହେ ପ୍ରବଳ
ଆର୍ଯ୍ୟ ବୀର୍ଯ୍ୟ ତେଜ ଦହୁ ଯବନ ।

୧୨

ଉଠ ଉଠ ଉଠ ଉଠ ହେ ସତ୍ୱର
ଭାରତଦୁର୍ଗକୁ ଭେଦେ ପିଶାଚ
କେ ଧରି ସାହସ କରନ୍ତା ପ୍ରବେଶ
ଏ ଦୁର୍ଗେ ଏକତା ଥାନ୍ତା ଯଦିଚ !

୧୩

ଦେଖ ଦେଖ ଦେଖ ଉତ୍ତରରେ ଦେଖ
ଅଭ୍ରଭେଦୀ ଭୀମ ଦୀର୍ଘ ଭୂଧର
ପ୍ରକୃତିଗଠିତ ଦୃଢ଼ ତୁଙ୍ଗ ଶ୍ୱେତ
ଅଲଙ୍ଘ୍ୟ ତ୍ରିକୋଣଦୁର୍ଗପ୍ରାଚୀର ।

୧୪

ଦେଖ ଦେଖ ଦେଖ ଦେଖ ଫେରି ଦେଖ
ଦକ୍ଷିଣେ ଗଭୀର ନୀଳାମ୍ବୁପତି
ଗର୍ଜ୍ଜଇ ଗଭୀର କ୍ରୋଧରେ ଅସ୍ଥିର
ଦେଖି ଭାରତର ଏଡ଼େ ଦୁର୍ଗତି ।

୧୫

ଦେଖ ଦେଖ ଦେଖ ପୂର୍ବଦିକେ ଦେଖ
ବ୍ରହ୍ମପୁତ୍ର ନଦ ରଜତବାରି
ଧାଏଁ ଖରତର ଯଥା ବୃକୋଦର
ରଣେ ଦୁଃଶାସନ ପ୍ରାଣ ସଂହାରି ।

୧୬

ଦେଖ ଦେଖ ଏଣେ ଦେଖ ପଶ୍ଚିମରେ
ସୋଲେମାନ ହାଲା ଭୂଧର ଉଚ୍ଚ
ସିନ୍ଧୁ ସ୍ରୋତସ୍ୱତୀ ଆଦି ଇରାବତୀ
ପୂରିତ ତୁଷାରେ ଲାଳିତ ସ୍ୱଚ୍ଛ ।

୧୭

ଥାଉଁ ଥାଉଁ ଆଜି ଥାଉଁ ଏତେ ବଳ
ପଞ୍ଚନଦ ହାୟ ! ଘୋର ଶ୍ମଶାନ
ଏକତାବିହୀନ ଆର୍ଯ୍ୟଭୂପଗଣ
ତେଣୁ ଆର୍ଯ୍ୟପ୍ରାଣ ଗ୍ରାସେ ଯବନ ।

୧୮

ଜଳୁ ଜଳୁ ଚିତା ଜଳୁ ଚଣ୍ଡଶିଖା
ସୁଦୂର ଗଗନ ଦେହ ପରଶି
ଦେଖୁ ଆର୍ଯ୍ୟାବର୍ତ୍ତ ମ୍ଳେଚ୍ଛ ପରାଜିତ
ଜୟପାଳ ଶୁଦ୍ଧ ପାବକେ ପଶି ।

୧୯

ଜଳୁ ଜଳୁ ଚିତା ଗର୍ଜି ଭୀମରବେ
କହ ଭୂପଗଣ ଶ୍ରୁତି ବଧିର
"ହୁଅ ସାବଧାନ ! ଚିର ବିଦା' ପୁଣ
ଯାଚେ ଭାରତର ଦ୍ୱାରପ୍ରହରୀ ।"

୨୦

ଘୋର ଗର୍ଜି ରଟ ଆର୍ଯ୍ୟାବର୍ତ୍ତେ ରଟ
ପୁଣ୍ୟଭୂମି ତବ ପ୍ରିୟ ପାବକ !
"ପଞ୍ଚନଦ କ୍ଷୟ ଅଟଇ ନିଶ୍ଚୟ
ଆର୍ଯ୍ୟଶ୍ରୀ ବିନାଶ ପୂର୍ବସୂଚକ ।"

୨୧

ରଟ ରଟ ରଟ ଘୋର ଗର୍ଜି ରଟ
"ଆଜହୁଁ ଭାରତ ମ୍ଳେଚ୍ଛ ଅଧୀନା
ଏକତାବିହୀନ ହେବ ଯେତେ ଦିନ
ହିନ୍ଦୁଏ; ନ ହେବ ସତୀ ସ୍ୱାଧୀନା ।"

୨୨

ହାୟ ପଞ୍ଚନଦ ! —ପଙ୍କଜକାନନ
ସୁଖାନନ୍ଦ ସରେ—ହାୟ ଧ୍ୱଂସିତ !
କାହିଁ ହାୟ ଶୋଭା ! ନେତ୍ର ମନଲୋଭା
ହାୟ ପଦ୍ମବନ କରି ମର୍ଦ୍ଦିତ !

୨୩

କ୍ରୂର ମମ ପ୍ରାଣ ! ନିର୍ଗତ ନ ହେଉ
କାତର କ୍ରନ୍ଦନ ଉଠେ ନଭରେ !
ଶୋକଜର୍ଜ୍ଜରିତା ଅନାଥା ବନିତା
ଦେଉଛନ୍ତି ପ୍ରାଣ ବହ୍ନି କ୍ରୋଡ଼ରେ ।

୨୪

"ଲେଉଟ ଗୃହକୁ—କିଏ ଅଛି ଗୃହେ !—
ବିଧବା ମହିଷୀ ଘେନି ସଙ୍ଗରେ
ଅନଙ୍ଗପାଳକୁ ଆଣ ସମୀପକୁ"
କହିଲା ଭୂପତି କରୁଣସ୍ୱରେ ।

୨୫

ସଜଳନୟନେ ଆଲିଙ୍ଗି ତନୟ
କହିଲା— ହା ପୁତ୍ର ନୟନମଣି !
ପାଳ ଜନନୀକୁ ଭୃତ୍ୟବରଗକୁ
ନ୍ୟାୟ ସ୍ନେହ ଘେନି ପାଳ ଅବନୀ ।

୨୬

ଯଦି ମମ ବୀର୍ଯ୍ୟ ତବ ଜନ୍ମ ସୁତ
ଆର୍ଯ୍ୟରକ୍ତ ଯଦି ତବାଙ୍ଗେ ବ୍ୟାପ୍ତ
କୀରତି ବିମଳ ସ୍ଥାପ ଚିରକାଳ
କ୍ଷାଳ ଦେଶ ଢ଼ାଳି·ଅରିଶୋଣିତ ।

୨୭

ଲେଉଟ ଗୃହକୁ ଲେଉଟ ସଚିବ !
ପ୍ରତିଶୋଧ ପାଉ ଯବନପତି
ଭିକ୍ଷା ସର୍ବଠାରେ– ରଖ ହେ ମନରେ–
ନାଶ ଯବନକୁ ରଖ କୀରତି ।

୨୮

ଜଳ ଜଳ ଚିତା ପ୍ରଚଣ୍ଡତେଜରେ
ହୁତାଶନ ଆର୍ଯ୍ୟକୁଳପୂଜିତ ।
ଏହି ! ମମ ପ୍ରାଣ କରୁଛି ଅର୍ପଣ
ଘୃତାହୁତି ଯଥା ପୂର୍ବେ ଅର୍ପିତ ।

M.C.M

---

## ସନ୍ମାର୍ଗରେ ବୁଦ୍ଧିର ପରିଚାଳନା ।
## (ପୂର୍ବପ୍ରକାଶିତ ଉଦ୍ଧାରୁ)

ପକ୍ଷପାତିତ୍ୱ ଯେ ଗୋଟିଏ ମନ୍ଦ ବିଷୟ ଏହା ସମସ୍ତେ ସ୍ୱୀକାର କରିବେ । ମାତ୍ର ଏହା ହସ୍ତରୁ ନିସ୍ତାର ପାଇବା ବଡ଼ ସହଜ କଥା ନୁହେ । ଅନ୍ୟ ଲୋକର ପକ୍ଷପାତିତ୍ୱ ଦେଖାଇ ଦେବାକୁ ସମସ୍ତେ ଅତି ତତ୍‌ପର; ମାତ୍ର ଆପଣା ଦୋଷ ଆଡ଼କୁ କେହି ଦୃଷ୍ଟିନିକ୍ଷେପ କରନ୍ତି ନାହିଁ । ପରଦୋଷ ଗାନ କଲେ କି ଆପଣାର ଦୋଷ କ୍ଷାଳନ ହୋଇଯିବ ? ଲୋକେ ପରର ଦୋଷ ଦର୍ଶାଇବାକୁ ଯାଇ ବରଂଚ ଆପଣାର ପକ୍ଷପାତିତ୍ୱର ପରିଚୟ ପ୍ରଦାନ କରନ୍ତି । ଯେଉଁମାନଙ୍କର ପକ୍ଷପାତିତ୍ୱ ହସ୍ତରୁ ମୁକ୍ତ ହେବା ଏକାନ୍ତ ଇଚ୍ଛା, ସେମାନଙ୍କର ଉଚିତ ଯେ ପରର କଥାରେ ବ୍ୟସ୍ତ ନ ହୋଇ ଆପଣାର ଘର ଉତ୍ତମରୂପେ ଦେଖିବେ । ତୁମ୍ଭର ମନରେ ଚିରପୋଷିତ ଯଦି କୌଣସି ଧାରଣା ବା ମତ ଅଛି; ତେବେ ତୁମ୍ଭର ଦେଖିବା ଉଚିତ ଯେ ଉକ୍ତ ମତ ବା ଧାରଣା ପୋଷଣ କରିବାର ଉତ୍ତମ ଏବଂ ସନ୍ତୋଷଜନକ କାରଣ ଅଛି କି ନା ? ଏବଂ ତୁମ୍ଭର ନିଜର କୌଣସି ପ୍ରକାର ଶ୍ରଦ୍ଧା ବା ଖେୟାଲ ଉପରେ ନିର୍ଭର ନ କରି ପ୍ରଚୁର ପ୍ରମାଣସହିତ ଉକ୍ତ ମତ ଅବଲମ୍ବନ କରିଅଛ କି ନା ? ଯଦି ତୁମ୍ଭର ମତ ପ୍ରମାଣମୂଳକ ନ ହୁଏ ତେବେ ତାକୁ କଦାଚ ମନୋମଧରେ ସ୍ଥାନ ଦେବାର ଉଚିତ ନୁହେ ।

ମନେକର ତୁମ୍ଭେ ଯଦି କହ ଯେ ତୁମ୍ଭର ପୋଷିତ ମତର ଉତ୍ତମ ପ୍ରମାଣ ଅଛି; ମାତ୍ର ତୁମ୍ଭର ମତବିରୁଦ୍ଧରେ କେହି କିଛି କହିବାକୁ ଗଲେ ତୁମ୍ଭେ ତାହା ସହ୍ୟ କରିପାର ନାହିଁ; ସହ୍ୟ କରିବା ତେଣିକି ଥାଉ ତାହା ଧୈର୍ଯ୍ୟାବଲମ୍ବନପୂର୍ବକ ଶୁଣିବାକୁ ମଧ ପାର ନାହିଁ; ତେବେ ତହିଁରୁ କି ପ୍ରକାଶ ପାଏ ? ତହିଁରୁ ପ୍ରକାଶ ପାଏ ଯେ ତୁମ୍ଭ ମତର

ସତ୍ୟତା ସମ୍ବନ୍ଧରେ ତୁମ୍ଭେ ନିଶ୍ଚିତ ନୁହ । ଯଦି ନିଶ୍ଚିତ ହୋଇଥାନ୍ତ, ତାହା ହେଲେ ପ୍ରତିବାଦ ସ୍ଥିରଭାବେ ଶୁଣି ପ୍ରତିବାଦୀର ଭ୍ରମ ଦୂର କରି ଦିଅନ୍ତ । ଏଣୁକରି ତୁମ୍ଭର ମତ ମଧ୍ୟ ମାର୍ଜ୍ଜିତ ହୋଇଉଠନ୍ତା ।

ଯେଉଁମାନେ ସତ୍ୟପ୍ରିୟ ବୋଲି ଆପଣାକୁ ପରିଚୟ ଦେବାକୁ ଚାହାନ୍ତି ଓ ପକ୍ଷପାତିତ୍ୱରୂପ କୁଟିଳମନ୍ତ୍ରୀର ମାୟାଜାଲରୁ ବୁଦ୍ଧିରାଜାକୁ ଦୂରରେ ରଖିବାକୁ ଇଚ୍ଛା କରନ୍ତି ସେମାନଙ୍କର ନିମ୍ନଲିଖିତ ଦୁଇଗୋଟି ଉପାୟ ଅବଲମ୍ବନ କରିବା ସର୍ବତୋଭାବେ ବିଧେୟ ।

୧ମ— ପରୀକ୍ଷା— କୌଣସି ବିଷୟକୁ ବିଶ୍ୱାସ କରିବା ଏବଂ ମନୋମଧ୍ୟରେ ସ୍ଥାନ ଦେବା ପୂର୍ବରେ ପରୀକ୍ଷା କରି ଦେଖିବା ଉଚିତ ଯେ ତାହା କେତେଦୂର ବିଶ୍ୱାସଯୋଗ୍ୟ ଏବଂ ତାହାର ସତ୍ୟତା ପ୍ରମାଣ କରିବା ନିମନ୍ତେ କି କି ପ୍ରମାଣ ଅଛି । ଯଦି ସନ୍ତୋଷଜନକ କୌଣସି ପ୍ରମାଣ ନ ମିଳେ ତେବେ ତାହା ତତ୍‌କ୍ଷଣାତ୍ ପରିତ୍ୟାଗ କରିବ । ଯଦି ପରୀକ୍ଷୋତୀର୍ଣ୍ଣ ହୋଇ ଉକ୍ତ ବିଷୟ ତୁମ୍ଭର ମନୋମନ୍ଦିରରେ ସ୍ଥାନ ପାଇବାର ଉପଯୁକ୍ତ ବୋଲି ବୋଧହୁଏ ତାହା ଯେତେଦୂର ବିଶ୍ୱାସଯୋଗ୍ୟ ତାକୁ ସେହି ପରିମାଣରେ ବିଶ୍ୱାସ କରିବା ଉଚିତ । ଅଳ୍ପ ପ୍ରମାଣ ପାଇ ଅଧିକ ବିଶ୍ୱାସ କରିବା ଉଚିତ ନୁହେ; କାରଣ ତାହାହେଲେ ପକ୍ଷପାତିତ୍ୱର ମାୟାଜାଲରେ ପଡ଼ିବାର ସମ୍ଭାବନା ।

ଏପ୍ରକାର ମତ ପରୀକ୍ଷା କରିବାକୁ ଅସାମାନ୍ୟ ବୁଦ୍ଧି ଓ କ୍ଷମତାର ଆବଶ୍ୟକ କରେନାହିଁ । ପାଞ୍ଚରେ ପାଞ୍ଚ ଯୋଗ କଲେ ଦଶ ହେବ ଏହା ଯେ କରିପାରେ ସେ ମଧ୍ୟ ଏପ୍ରକାର ପରୀକ୍ଷା କରିପାରେ । ମାତ୍ର ସଚରାଚର ଦେଖାଯାଏ ଉତ୍ତମ ଫଳପ୍ରସୂ ସମସ୍ତ କାର୍ଯ୍ୟର ଆରମ୍ଭ କିଛି କଷ୍ଟକର ହୁଏ । ଅତଏବ ଯାହାର ଅଭ୍ୟାସ ନାହିଁ ଉପର୍ଯ୍ୟୁକ୍ତ ପ୍ରକାରେ ମତ ପରୀକ୍ଷା କରିବାକୁ ଗଲେ ପ୍ରଥମେ କିଛି କଷ୍ଟବୋଧ ହେବ ତହିଁ ଉତ୍ତାରୁ ସହଜ ହୋଇଯିବ । ଏହିପ୍ରକାର ମତ ପରୀକ୍ଷା କରିବା ଅନାବଶ୍ୟକ ଏହି ବୋଧରୁ ହେଉ ଅବା ଏହା କରିବା ସେମାନଙ୍କର କ୍ଷମତାର ବହିର୍ଭୂତ ଏହି ବୋଧରୁ ହେଉ ଅନେକ ଲୋକ ଏହା କରନ୍ତି ନାହିଁ । ଅତଏବ ସେମାନଙ୍କୁ ପକ୍ଷପାତ ମତ ଅବଲମ୍ବନ କରିବାର ବିଷମୟଫଳ ଭୋଗ କରିବାକୁ ହୁଏ ।

୨ୟ— ବୈରାଗ୍ୟ ବା ସ୍ନେହଶୂନ୍ୟତା— ପରୀକ୍ଷାଦ୍ୱାରା କୌଣସି ବିଷୟର ସତ୍ୟତା ପ୍ରମାଣ କରିବା ପୂର୍ବରୁ ତାକୁ ଭଲ ପାଇବା ଉଚିତ ନୁହେ, କି ତାହା ସତ୍ୟ ହେଉ ବୋଲି ଇଚ୍ଛା କରିବା ମଧ୍ୟ ଉଚିତ ନୁହେ । ଯଦି ଉକ୍ତ ବିଷୟଟି ସତ୍ୟ ଓ ବିଶ୍ୱାସଯୋଗ୍ୟ ବୋଲି ପ୍ରମାଣିତ ହେବ ତାହା ଉପରେ ସ୍ୱାଭାବିକ ସ୍ନେହ ଜନ୍ମିବ; ଆଉ ଯଦି ସତ୍ୟ

ନୁହେ ବୋଲି ଜଣାଯାଏ ତେବେ ତାହା ଆମ୍ଭମାନଙ୍କର ସ୍ନେହର ଉପଯୁକ୍ତ ପାତ୍ର ନୁହେ । କାରଣ ପ୍ରଜ୍ଞାବାନ୍ ମନୁଷ୍ୟ କଦାଚ ସତ୍ୟକୁ ହେଳା ଓ ମିଥ୍ୟାକୁ ସ୍ନେହ କରି ନ ପାରେ । ମାତ୍ର ଏକଥା ସ୍ୱତଃସିଦ୍ଧ ପରି ବୋଧ ହେଲେହେଁ, ଉପର୍ଯ୍ୟୁକ୍ତ ବୈରାଗ୍ୟଶୂନ୍ୟତା ହେତୁରୁ ଲୋକେ ସହସ୍ର ୨ ଭ୍ରମରେ ପତିତ ହୁଅନ୍ତି ଏବଂ ପକ୍ଷପାତିତ୍ୱର ଦାସ ବୋଲି ପରିଗଣିତ ହୁଅନ୍ତି ! "ଅମୁକ ପ୍ରଥା ବହୁକାଳରୁ ପ୍ରଚଳିତ ହୋଇ ଆସୁଅଛି, ଅତଏବ ଏହା ଅବଶ୍ୟ ଅବଲମ୍ବନୀୟ, ତାହା ନ ହେଲେ ସବୁ ବୁଡ଼ିଲା ।" ଏହିପ୍ରକାର କାରଣ ଦର୍ଶାଇ ଅନେକ ଲୋକ ଅନେକ ବିଷୟ ଅବଲମ୍ବନ କରନ୍ତି । ମାତ୍ର ଏପ୍ରକାର କରିବା ଉଚିତ କି ? ପୁରାତନ ହେଲେ କି ଯୁକ୍ତିବିରୁଦ୍ଧ ଓ ଅସତ୍ୟ ବିଷୟ ସବୁ ପବିତ୍ର ହୋଇଯାନ୍ତି ।

ଏସ୍ଥଳେ କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ବାଳକ ବାଳିକାମାନଙ୍କୁ ଶିକ୍ଷାଦେବା ସମୟରେ ଉପର୍ଯ୍ୟୁକ୍ତ ଦୁଇଗୋଟି ଉପାୟ ସେମାନଙ୍କ ମନରେ ଅଙ୍କିତ କରିଦେବା ବାଞ୍ଛନୀୟ । ତାହାହେଲେ ସେମାନେ ନିଜେ ୨ ଯେତେବେଳେ ଜ୍ଞାନୋପାର୍ଜନ ବା ମତ ଅବଲମ୍ବନ କରିବାକୁ ସକ୍ଷମ ହେବେ ତେତେବେଳେ ସେମାନେ ସତର୍କ ରହି ପାରିବେ । ଏପ୍ରକାର କୌଣସି ବିଶେଷ ମତ ବା ବିଶ୍ୱାସ ସେମାନଙ୍କ ମନରେ ଅଙ୍କିତ କରିଦେବା ଉଚିତ ନୁହେ । କାରଣ ଅଙ୍କିତ ମତ ଭ୍ରମସଙ୍କୁଳ ହୋଇପାରେ ।

ଶ୍ରୀ ————

---

# ରମଣୀର ବିପଦ ସମୟରେ ଅଟଳତା
## (ପୂର୍ବପ୍ରକାଶିତ ଉତ୍ତାରୁ)

ଯେଉଁ ଲାଲସିଂହ ନିଜ ବାହ୍ୟିକ ବ୍ୟବହାର ଏବଂ ମୌଖିକ ଶିଷ୍ଟାଚାର ଦର୍ଶାଇ ଆଗନ୍ତୁକ ଇଂରାଜମାନଙ୍କୁ ଆଶ୍ଚର୍ଯ୍ୟାଭିଭୂତ କରିଥିଲେ, ଯେଉଁ ଲାଲସିଂହ ଧୂର୍ତ୍ତତା ଗୁଣରେ ଅଧିକାରେଚ୍ଛୁ ନବାଗତ ବିପକ୍ଷସୈନ୍ୟମାନଙ୍କ ମଧ୍ୟରେ ଆଦର ପ୍ରାପ୍ତ ହେବାକୁ ସମର୍ଥ ହୋଇଥିଲେ, ସେହି ଲାଲସିଂହ ଯେ ଜଣେ ଅବଳାକୁ ପ୍ରତାରିତ କରି ମନୋରଥ ଚରିତାର୍ଥ କରିପାରିବେ ଏହା କିଏ ଆଶ୍ଚର୍ଯ୍ୟ ମଣିବ ? ଭୁବନବିଖ୍ୟାତ ରଣଜିତଙ୍କର ମହିଷୀ ସମ୍ବନ୍ଧରେ କାରଣ ନ ଦର୍ଶାଇ ଏହି ପ୍ରକାର କୁତ୍ସାପୂର୍ଣ୍ଣ ମତ ପ୍ରକାଶ କରିବା କେବେହେଁ ଯୁକ୍ତିସଙ୍ଗତ ବୋଲି ବିବେଚିତ ହୋଇ ନ ପାରେ । ଏହି ପାପଚିତ୍ର ଇଂରାଜୀ ରିପୋର୍ଟରେ ସ୍ଥାନପ୍ରାପ୍ତ ହୋଇପାରେ, କିନ୍ତୁ ଉକ୍ତ ରିପୋର୍ଟ ସବୁ ପ୍ରକୃତ ବିଶ୍ୱାସଯୋଗ୍ୟ ଆଧାରରୁ ସଂଗୃହୀତ ହୋଇପାରେ କି ନାହିଁ ତାହା ପାଠକମାନେ ବିଚାର କରିବେ ।

ସାଧାରଣତଃ ରିପୋର୍ଟରମାନେ ସାମାନ୍ୟ ୨ କର୍ମଚାରୀମାନଙ୍କଠାରୁ ସମ୍ବାଦ ଗ୍ରହଣ କରିଥାନ୍ତି । ଏହି କର୍ମଚାରୀମାନେ ଇଂରାଜମାନଙ୍କର ପ୍ରଶଂସାବାଦ କରି ସେମାନଙ୍କର ତୁଷ୍ଟି ସାଧନ ନିମନ୍ତେ ସ୍ୱଦେଶୀୟ ରାଜା ଓ ରାଣୀମାନଙ୍କର ନିନ୍ଦା ରଟାଇବାକୁ ତ୍ରୁଟି କରନ୍ତି ନାହିଁ । ଏ ପ୍ରକାର ପ୍ରମାଣ ଉପରେ ନିର୍ଭର କରି ସୁବିଖ୍ୟାତ ଶିଖକୁଳରେ କଳଙ୍କ ଲେପନ କରିବା ଉଚିତ କି ?

ଲାଲସିଂହ ପରି ଲୋକ କେତେ ଦିନ ରାଜ୍ୟଶାସନ କରିପାରେ ? ଅଳ୍ପ କାଳ ମଧ୍ୟରେ ତାହାଙ୍କର ବିଶ୍ୱାସଘାତକତାର ସ୍ପଷ୍ଟ ପ୍ରମାଣ ମିଳିଥିଲା ଏବଂ ସେଥି ନିମନ୍ତେ ସେ ଶାସନକାର୍ଯ୍ୟରୁ ଅପସାରିତ ହେଲେ । ସେ କମିସନ ବିଚାରରେ ଦୋଷୀ ବୋଲି ପ୍ରମାଣିତ ହୋଇ ଆଗ୍ରାକୁ ନିର୍ବାସିତ ହେଲେ ଏବଂ ସେଠାରେ ବୃତ୍ତିଭୋଗୀ ହୋଇ ରହିଲେ ।

ଲାଲସିଂହଙ୍କର ଅଧଃପତନ ଉତ୍ତାରୁ ଲାହୋର ଦରବାର ମଧ୍ୟରୁ କେତେକ ଜଣ ସଭ୍ୟ ନିର୍ବାଚିତ ହୋଇ ଗୋଟିଏ ସମିତି ସ୍ଥାପିତ ହୁଏ ଏବଂ ବ୍ରିଟିସ ରେସିଡେଣ୍ଟ ଉକ୍ତ ସମିତିର ଅଧ୍ୟକ୍ଷ ନିଯୁକ୍ତ ହୁଅନ୍ତି । ସୌଭାଗ୍ୟକ୍ରମରେ ଏହି ସମୟରେ ହେନ୍‌ରୀ ଲରେନ୍ସ ରେସିଡେଣ୍ଟ ଥିଲେ । ତାହାଙ୍କର ଉଦାରତା ଗୁଣରେ ପଞ୍ଜାବ ଅତ୍ୟଳ୍ପକାଳ ମଧ୍ୟରେ ଶାନ୍ତଭାବ ଧାରଣ କଲା । ଇଂରାଜ ଚିରକାଳ ଲୋକବଶୀକରଣମନ୍ତ୍ରରେ ଦୀକ୍ଷିତ । ଯେଉଁ ମନ୍ତ୍ରବଳରେ ଆଜି ସମଗ୍ର ଭାରତବର୍ଷ ନିଦ୍ରିତ, ଯାହା ବଳରେ ପଞ୍ଚବିଂଶତି କୋଟି ଲୋକ ଇଂରାଜ ହସ୍ତରେ ପଞ୍ଚବିଂଶକୋଟି ପୁତ୍ତଳିକା ସଦୃଶ ନୃତ୍ୟ କରୁଅଛନ୍ତି, ଯାହା ବଳରେ ସେମାନଙ୍କର ଆହାର ବ୍ୟବହାର ଆମ୍ଭମାନଙ୍କର ଆଦରର ବସ୍ତୁ, ସେହି ବଶୀକରଣମନ୍ତ୍ରରେ ପଞ୍ଜାବ ଶାନ୍ତିର କ୍ରୋଡ଼ରେ ନିଦ୍ରିତ ହେଲା, ସେହି ମନ୍ତ୍ର ବଳରେ ଦୁର୍ଦ୍ଦାନ୍ତ ଖାଲସା ସୈନ୍ୟ ଅସ୍ତ୍ର ତ୍ୟାଗ କରି ଶାନ୍ତଭାବରେ ଭୂମି କର୍ଷଣରେ ମନୋନିବେଶ କଲେ ।

ମହାରାଣୀ ଝିନ୍ଦନ ଦୃଢ଼ତା ଏବଂ ତେଜସ୍ୱିତାର ଆଦର୍ଶ; ତାହାଙ୍କର ରାଜ୍ୟ ପରପଦାନତ, ପୁତ୍ର ଇଂରାଜ ହସ୍ତର କ୍ରୀଡ଼ାସାମଗ୍ରୀ, ଦେଶବାସୀମାନେ ଇଂରାଜର ବଶୀକରଣମନ୍ତ୍ରରେ ମୁଗ୍ଧ— ଏ ଦୃଶ୍ୟ ସ୍ୱାଧୀନତାନୁରାଗିଣୀ ଝିନ୍ଦନର ଅସହ୍ୟ ହେଲା । ସେ ଦିବ୍ୟଚକ୍ଷୁରେ ଦେଖିବାକୁ ଲାଗିଲେ ଇଂରାଜଙ୍କର ସଦ୍‌ବ୍ୟବହାର ମୂଳରେ ଏକ ଗୂଢ଼ ଅଭିସନ୍ଧି ନିହିତ ରହିଅଛି, ବ୍ରିଟିଶ ସିଂହ ଆଡ଼ନେତ୍ରରେ ପଞ୍ଜାବ ପ୍ରତି ଭୋଗଲାଲସାମୟୀ ଦୃଷ୍ଟି ନିକ୍ଷେପ କରୁଅଛନ୍ତି । ଏହି ଚିନ୍ତାସମୂହ ରାଣୀଙ୍କର ହୃଦୟରେ ଘାତ ପ୍ରତିଘାତ କରିବାକୁ ଲାଗିଲା । ବୈଦେଶିକ ଇତିହାସଲେଖକ କହନ୍ତି ଯେ ଝିନ୍ଦନ ସ୍ୱଦେଶ ଅପେକ୍ଷା ଆପଣାକୁ ଅଧିକ ଭଲ ପାଉଥିଲେ; କିନ୍ତୁ ତାହାଙ୍କର କାର୍ଯ୍ୟର

ପ୍ରତ୍ୟେକ ଅଂଶ ପ୍ରମାଣ ଦେଉଅଛି ଯେ ସ୍ୱଦେଶ ନିମନ୍ତେ ତାହାଙ୍କର ହୃଦୟ ଅପମାନ ବିଷୟରେ ଜର୍ଜ୍ଜରିତ ହୋଇଉଠିଥିଲା । ଏହି ନିମନ୍ତେ ରାଜ୍ଞୀ ଇଂରାଜଙ୍କୁ ଘୃଣାଦୃଷ୍ଟିରେ ଦେଖିବାକୁ ଲାଗିଲେ ।

ବୁଦ୍ଧିମାନ୍ ରେସିଡଣ୍ଟ ରାଜ୍ଞୀଙ୍କର ମନୋଭାବ ଅଳ୍ପକାଳ ମଧ୍ୟରେ ବୁଝିପାରିଲେ– ବୁଝିପାରିଲେ ମହାରାଜ୍ଞୀଙ୍କର ହୃଦୟନିହିତ ଅଗ୍ନିକଣା ଦିନେ ବିରାମଦାୟିନୀ ଶାନ୍ତିଦେବୀଙ୍କ କ୍ରୋଡ଼ରେ ନିଦ୍ରିତ ବିସ୍ତୃତ ପଞ୍ଜାବକ୍ଷେତ୍ରକୁ ପ୍ରଜ୍ୱଳିତ କରିପାରିବ,– ବୁଝିପାରିଲେ ଏହି ଅଗ୍ନିକଣା କାଳରେ ସମସ୍ତ ବ୍ରିଟିଶ ଆଶାକୁ ଭସ୍ମୀଭୂତ କରିପାରିବ; ବୁଝିଲେ ରାଜ୍ଞୀଙ୍କୁ ନିର୍ବାସିତ ନ କଲେ ଏହି ଅଗ୍ନି ନିର୍ବାପିତ ହେବ ନାହିଁ । ଏଣୁକରି ନୀତିକୁଶଳ, ଅକପଟୀ, ସୁବିଚାରକ ଲରେନ୍ସ ଆଇନର ସାହାଯ୍ୟ ନ ନେଇ କେବଳ ସନ୍ଦେହ ଉପରେ ନିର୍ଭର କରି ମୁସଲମାନ ବେଷ୍ଟିତ ସେଖପୁରସ୍ଥ ନିର୍ଜ୍ଜନବାସକୁ ଗମନ କରିବା ନିମନ୍ତେ ଏକ ଅନୁମତିପତ୍ର ମହାରାଜ୍ଞୀ ଝିନ୍ଦନଙ୍କଠାକୁ ପ୍ରେରଣ କଲେ । ରାଜ୍ଞୀ ରେସିଡଣ୍ଟଙ୍କୁ ବଧ କରିବା ନିମନ୍ତେ ଏବଂ ସୈନ୍ୟମାନଙ୍କୁ ଉତ୍ତେଜିତ କରିବା ନିମନ୍ତେ ଯେ ଷଡ଼ଯନ୍ତ୍ର କରୁଅଛନ୍ତି ଏହା ସୁବିବେଚକ ପ୍ରତାପାନ୍ୱିତ ରେସିଡେଣ୍ଟ ସାହେବଙ୍କର ସନ୍ଦେହ ହେଲା । ଲାଲସିଂହଙ୍କର ବିଚାର ହେବା ସମୟରେ କମିଶନ ବସିଥିଲା; କିନ୍ତୁ ମହାରାଣୀଙ୍କର ବିଚାର ନିମନ୍ତେ ତଦ୍ରୂପ କୌଣସି କମିଶନ ଆବଶ୍ୟକ ହେଲାନାହିଁ ! ସ୍ୱେଚ୍ଛାଚାରୀ ବିଚାରକମାନେ ସୁଦ୍ଧା ଦୋଷୀକୁ ନିଜପକ୍ଷ ସମର୍ଥନ କରିବା ନିମନ୍ତେ ଅନୁମତି ପ୍ରଦାନ କରିବାକୁ ବାଧ୍ୟ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଝିନ୍ଦନଙ୍କର ବିଚାର ସମୟରେ ଏହି ପଦ୍ଧତି ସମ୍ପୂର୍ଣ୍ଣରୂପେ ବିପର୍ଯ୍ୟସ୍ତ ହେଲା ! ଧନ୍ୟ ଲରେନ୍ସ ସାହେବଙ୍କର ବିଚାରକୁଶଳତା ! ଇତିହାସାକାଶରେ ଲରେନ୍ସ ଚନ୍ଦ୍ରଙ୍କର ଏହି କଳଙ୍କ ଚିରକାଳ ବିଦ୍ୟମାନ ରହିବ ।

ଅଟଳଚିତ୍ତ ମହାରାଣୀ ଧୀରଭାବରେ ଭ୍ରାତୃହସ୍ତସ୍ଥ ଅନୁମତିପତ୍ର ପାଠ କଲେ । କୌଣସି ଚାଞ୍ଚଲ୍ୟଭାବ ତାହାଙ୍କର ମୁଖଦର୍ପଣରେ ପ୍ରତିଫଳିତ ହେଲାନାହିଁ । ସେ ରାଜଲକ୍ଷ୍ମୀଙ୍କର ଅଙ୍କଚ୍ୟୁତ ହେଲେ– ସେଖପୁରର କାରାଗାରକୁ ନୀତ ହେଲେ । ଏହିରୂପେ ଶିଖକୁଳତିଳକ ରଣଜିତଙ୍କର ବନିତା ସୁରମ୍ୟ ପ୍ରାସାଦ ତ୍ୟାଗ କରି ନିର୍ଜ୍ଜନବାସରେ କାଳାତିପାତ କରିବାକୁ ଲାଗିଲେ । ଭାଗ୍ୟନେମି ତାହାଙ୍କୁ ଯେଉଁ ଅବସ୍ଥାରେ ସ୍ଥାପିତ କଲା ସେ ସେହି ଅବସ୍ଥାରେ ଥାଇଁ କେବଳ ସ୍ୱଦେଶ ନିମନ୍ତେ ଅହୋରାତ୍ର ଚିନ୍ତାରେ ଅତିବାହିତ କରିବାକୁ ଲାଗିଲେ । କି ଉପାୟ ଅବଲମ୍ୱନ କଲେ ପଞ୍ଜାବ ବ୍ରିଟିଶସିଂହର କରାଳ କବଳରୁ ଅବ୍ୟାହତି ପାଇବ, କି ପ୍ରକାରେ ଶିଖମାନଙ୍କର ନିଦ୍ରାଭଙ୍ଗ ହେବ ଏହି ଚିନ୍ତାରେ ସେ ଅଭିଭୂତ ହୋଇ ରହିଲେ ।

---

# କପିଳାସଠାରୁ ବିଦାୟ

୧

ଥାଅ ଥାଅ କପିଳାସ ସୁରମ୍ୟ ସୁଖଦ
ହେଉଛି ବିଦାୟ ତବ ଶାନ୍ତିନିକେତନୁ ।
ଛାଡ଼ନା କିପାଁଇ ମତେ ଏକି ରେ ବିପଦ
ଚିତ୍ତଚୋରା ଗୁଣ ତବ ନ ଯିବ ମୋ ମନୁ ॥

୨

ଚିତ୍ତଚୋରା ଗୁଣ ତବ ନ ଯିବ ମୋ ମନୁ
ପ୍ରାଣ ଯିବା ଯାଏ ଏହି ଦୁର୍ଲ୍ଲଭ ଦେହରୁ ।
ବିଷୟବନ୍ଧନେ ସୁଦ୍ଧା, ଏ ସ୍ନେହବନ୍ଧନୁ,
କ୍ଷଣେ ମାତ୍ର ଅନ୍ତର୍ହିତ ନ ହେବ ଅନ୍ତରୁ ॥

୩

କ୍ଷଣେ ମାତ୍ର ଅନ୍ତର୍ହିତ ନ ହେବ ଅନ୍ତରେ
ଚିନ୍ତୁଥିବି ସଦା ତବ ସେ ପ୍ରସନ୍ନମୁଖ ।
ଅବକାଶେ ତବ ଗୁଣ ଗାଇଣ ପ୍ରେମରେ
ଭୁଲିଯିବି ଏ ସଂସାର ବିଷମୟ ଦୁଃଖ ॥

୪

ଗିରି ହେ ମହତ ତୁମ୍ଭେ କହିବି ମୁଁ କିସ ।
ନାମ ମାତ୍ର ଉଚ୍ଚାରଣେ ମିଳେ ଯେହ୍ନେ ନିଧି ।
ମୋହୁଛ କେତେ ରଙ୍ଗରେ ମାନବ ମାନସ
ଫେଡ଼ି ଦେଇ ସୁଖଦ୍ୱାର କେତେ ନିରବଧି ॥

୫

କି ଦୁଃଖୀ କି ଧନୀ ଅବା କି ରାଜା ପରଜା
ସୁବଠାରେ ସମଭାବ ନାହିଁତ ଅନ୍ତର ।
ଉଠ ରେ କ୍ଷୁଦ୍ର ମାନସ ନ କରିଣ ଲଜ୍ଜା
ଶିଖି ନିଅ ଗିରିଠାରୁ ଏ ଗୁଣ ସୁସାର ॥

୬

ବାଜ ରେ ହୃଦୟବୀଣା ବାଜ ଅବିରତ
"ଗିରି ହେ ମହତ ତୁମ୍ଭେ ଗିରି ହେ ମହତ ।"
ମାନବ ଶିଖିବ ଆଜି ଏ ଗୁଣ ମହତ
ବାଜ ରେ ହୃଦୟବୀଣା ବାଜ ଅବିରତ ॥

୭

ବସାଇଣ ଆହା ! ତବ ଉଚ୍ଚସିଂହାସନେ
ଦେଖାଇଲ କେତେ ଦୃଶ୍ୟ ଗଗନେ ଭୂତଳେ ।
ଶୁଣାଇଲ କି ସଙ୍ଗୀତ ବିହଙ୍ଗମସ୍ୱନେ !
ମଜାଇଲ ପ୍ରକୃତିରେ ଚିତ୍ତ କୁତୂହଳେ ॥

୮

ଥାଅ ଥାଅ କପିଳାସ ସୁରମ୍ୟ ସୁଖଦ
ହେଉଛି ବିଦାୟ ତବ ଶାନ୍ତିନିକେତନ ।
ଛାଡ଼ନା କିପାଁଇ ମତେ ଏକି ରେ ବିପଦ
ଚିତ୍ତଚୋରା ଗୁଣ ତବ ନ ଯିବ ମୋ ମନୁ ॥

୯

ଚିତ୍ତଚୋରା ଗୁଣ ପୁଣି ବସନ୍ତ ମିଳନ
ଏକକୁ ଆରେକ ଦୁହେଁ ଊଣା ନୁହେ କେହି ।
ଧନ୍ୟ ଧନ୍ୟ କପିଳାସ କି ଦଣ୍ଡେ ଜନମ
ଗାରିମା ନିମନ୍ତେ ଏହା ଖଞ୍ଜିଅଛି ବିହି ॥

୧୦

ବାଜ ରେ ହୃଦୟବୀଣା ଦିବସ ଯାମିନୀ
"କପିଳାସ ପୁଣ୍ୟଭୂମି ସନ୍ତାପନାଶିନୀ
ମାନସମୋହିନୀ ପୁଣି ପ୍ରାଣସଞ୍ଜୀବନୀ
ନବରୁଚି ପ୍ରେମାମାଳା ସୃଜନକାରିଣୀ ।"

୧୧

ହେଉଛି ମେଲାଣି, ଗିରି ହେଲିଟି ମେଲାଣି
ବିଷୟୀ ଜନରେ ଆଉ ନ ହୁଅ ବିମନା ।
ବସନ୍ତେ ବସନ୍ତେ ଆସି ଭେଟିବି ମୁ ପୁଣି
ଯାଉଛି ରେ କପିଳାସ ନ କର ତୁ ମନା ॥

ଶ୍ରୀ ଦାମୋଦର ପଟ୍ଟନାୟକ

୧ ମ ଖଣ୍ଡ ୫ମ ସଂଖ୍ୟା

ମାସିକପତ୍ର ଓ ସମାଲୋଚନ ।

---

ମଇ ସନ ୧୮୯୫ ମସିହା ।

---

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)

| | ବିଷୟ | | | ପୃଷ୍ଠା |
|---|---|---|---|---|
| ୧ । | ଯୁଦ୍ଧ ଆହ୍ୱାନ (ପଦ୍ୟ) | ... | ... | |
| ୨ । | ବାଲ୍ୟଶିକ୍ଷା ସମ୍ବନ୍ଧରେ ଦୁଇ ଏକଗୋଟି କଥା | | ... | |
| ୩ । | ଅନାଥିନୀ (ଉପନ୍ୟାସ) | ... | ... | |
| ୪ । | ପରନିନ୍ଦା | ... | ... | |
| ୫ । | ସ୍ତ୍ରୀଜାତି | ... | ... | |

**

## କଟକ

Printed and published by Sarat Chandra Mukhopadhaya at the Cuttack Printing Company's Press.

୧୧

ଉଠ ଉଠ ଉଠ ବୋଲି ଗର୍ଜି ଉଠ
"ଅନନ୍ତ ଭାରତ ଚେତ୍ର ଅଧୀନ
ଏକତାନସ୍ୱନ          ହେବ ଯେତେ ଦିନ
ହୃଦ୍ୟ; ନ ହେବ ସଙ୍ଗ ସ୍ୱାଧୀନ" ।

୧୨

ହାୟ ପଞ୍ଚନଦ !—ପଙ୍କଜକାନନ
ମୃଣାଳଦ ସରେ—ହାୟ ଧ୍ୱଂସିତ !
କାହିଁ ହାୟ ଶୋଭ !          କେଉଁ ମନ ଲୋଭ
ହାୟ ପତ୍ରବନ ଷଡ଼ମର୍ଦ୍ଦିତ !

୧୩

କ୍ରୂର ମନ ପ୍ରାଣ ! ନିର୍ଗତ କ ନେତ୍ର
ଭାରତ କନ୍ଦନ ଉଠେ ନଭରେ !
ଶୋକଜର୍ଜ୍ଜରିତା          ଅନାଥା ବନିତା
ଦେଉଛନ୍ତି ପ୍ରାଣ ବହ୍ନି କୋଳରେ ।

୧୪

"ଲେଉଟ ସୁହୃଦ—କିଏ ଗଲ ଗୃହେ !—
କଥବା ମହଷୀ ଦେନ ସଙ୍ଗରେ
ଅନଙ୍ଗପାଳଙ୍କୁ          ଅଣ ସମୀପକୁ"
କହିଲ ଭୂପତି କରୁଣସ୍ୱରେ ।

୧୫

ସଜଳନୟନେ ଅଲଗି ତନୟ
କହିଲ—ହା ପୁତ୍ର ନୟନମଣି !
ପାଳ ଜନନୀକୁ          ଭୈତ୍ୟବରଙ୍କୁ
ଦୈନ୍ୟ ସ୍ନେହ ସେନ ପାଳ ଅବଶ୍ୟ ।

୧୬

ଯଦ ମନ ବାର୍ଦ୍ଧ୍ୟ ତବ ଜନ୍ମ ମୃତ
ଅର୍ପିଲୁ ଯଦ ତବାଙ୍କେ ବଂଶ
ଭାରତ କମଳ          ଶାପ ଦଳକାଳ
ଷାଳ ଦେଶ ତାଳ ଗ୍ରହଶୋଣିତ ।

୧୭

ଲେଉଟ ସୁହୃଦ ଲେଉଟ ସଚିବ !
ପ୍ରତିରୋଧ ପାଇ ଯବନପଥ
ରଣ ସଙ୍କଟରେ—          ଉଷ ହେ ମନରେ—
ନାଶ ଯବନଙ୍କୁ ଉଷ ଭାରତ ।

୧୮

ଚଳ ନଳ ତତା ପ୍ରଚଣ୍ଡତେଜରେ
ଦୃଢ଼ାସନ ଅର୍ଦ୍ଧବ୍ରଜପୂଜିତ !
ଏହ ! ମମ ପ୍ରାଣ          ବଳୁନ୍ତ ଅର୍ପଣ
ସ୍ୱଦାନୁଜ ଯଥା ପୂର୍ବେ ଅର୍ପିତ ।

M. C. M.

---

## ସନ୍ମାର୍ଗରେ ବୁଦ୍ଧିର ପରିଚାଳନା ।—

( ପୂର୍ବପ୍ରକାଶିତ ପରରୁ )

ପକ୍ଷପାତିତ୍ୱ ଯେ ଗୋଟିଏ ମନ୍ଦ ବିଷୟ ଏହା ସମସ୍ତେ ସ୍ୱୀକାର କରିବେ ; ମାତ୍ର ଏହା ହସ୍ତରୁ ନିସ୍ତାର ପାଇବା ବଡ଼ ସହଜ କଥା ନୁହେ । ଅନ୍ୟ ଲୋକର ପକ୍ଷପାତିତ୍ୱ ଦେଖାଇ ଦେବାକୁ ସମସ୍ତେ ଅତି ତତ୍ପର; ମାତ୍ର ଅପଣା ଦୋଷଆଡ଼କୁ କେହି ଦୃଷ୍ଟିନିକ୍ଷେପ କରନ୍ତି ନାହିଁ । ପରଦୋଷ ଗାନ କଲେ କି ଆପଣାର ଦୋଷ କ୍ଷାଳନ ହୋଇ ଯିବ ? ଲୋକେ ପରର ଦୋଷ ଦର୍ଶାଇବାକୁ ଯାଇ ବରଂଚ ଆପଣାର ପକ୍ଷପାତିତ୍ୱର ପରିଚୟ ପ୍ରଦାନ କରନ୍ତି । ଯେଉଁମାନଙ୍କର ପକ୍ଷପାତିତ୍ୱ ହସ୍ତରୁ ମୁକ୍ତ ହେବା ଏକାନ୍ତ ଇଚ୍ଛା, ସେମାନଙ୍କର ଉଚିତ ଯେ ପରର କଥାରେ ବ୍ୟସ୍ତ ନ ହୋଇ ଅପଣାର ଘର ଉତ୍ତମରୂପେ ଦେଖିବେ । ତୁମ୍ଭର ମନରେ ଚିରପୋଷିତ ଯଦି କୌଣସି ଧାରଣା ବା ମତ ଅଛି; ତେବେ ତୁମ୍ଭର ଦେଖିବା ଉଚିତ ଯେ ଉକ୍ତ ମତ ବା ଧାରଣା ପୋଷଣ କରିବାର ଉତ୍ତମ ଏବଂ ସନ୍ତୋଷ-ଜନକ କାରଣ ଅଛି କି ନା ? ଏବଂ ତୁମ୍ଭର ନିଜର କୌଣସି ପ୍ରକାର ଶ୍ରଦ୍ଧା ବା

# ଯୁଦ୍ଧ-ଆହ୍ୱାନ ।

୧

ଶୁଣି ରଣଭେରୀ ରୁଷଭଲ୍ଲୁକର,
ନ ରହ ଶୋଇ ହେ ଆର୍ଯ୍ୟ ନାରୀ ନର ।
ଉଠ ଉଠ ସର୍ବେ ବାନ୍ଧ ପରିକର,
ସ୍ୱଇଚ୍ଛାରେ ପୁଣି କର ହେ ସମର,
ଯାଉ ଦେଖି ରୁଷ ସୀମାନ୍ତ ଛାଡ଼ିଣ ।

୨

ଆରେ ରେ ଅସଭ୍ୟ ରୁଷୀୟ କଶାକ ।
ପାରିବ କି ସ୍ପର୍ଶି ଭାରତର ବକ୍ଷ ?
ନୋହେ ଏ ତାତାର ନୁହଇ ତୁରୁଷ୍କ,
ଅଟେ ବୀରଜାୟା—ବ୍ରିଟନ ନାୟକ,
ଆର୍ଯ୍ୟାବର୍ତ୍ତଜୟୀ ଯୋଗ୍ୟ କି ତୁମ୍ଭେ ରେ ?

୩

ପୁରାକାଳର ଯେ ବୀରଦର୍ପମାନ,
ପଡୁ ନାହିଁ ମନେ ଭାରତସନ୍ତାନ ?
ପାର୍ଥ ଭୀମାର୍ଜ୍ଜୁନ ଭୀଷ୍ମଆଦି କର୍ଣ୍ଣ –
ରଣରଙ୍ଗେ ସଦା କିପରି ମଗନ,
ହିମାଦ୍ରି ଅବଧି କୁମାରୀ ପର୍ଯ୍ୟନ୍ତ ?

୪

ସ୍ୱାଧୀନ ହେବାକୁ ଅଛି ଯେବେ ମନେ,
ଶିଖ ସ୍ୱାଧୀନତା ବ୍ରିଟନ ଅଧୀନେ,
ବ୍ରିଟିଶ ସିଂହଙ୍କୁ ସହାୟ ଏ ରଣେ
ହେବାକୁ ଯତନ କର ହେ ପରାଣେ,
ନୋହିଲେ ହୋଇବ ଭଲ୍ଲୁକ ଅଧୀନ ।

୫

କେଣେ ଥିଲା ରୁଷ କେଣେ ଆଫଗାନ,
ଅସଭ୍ୟ ମୁଗଲତାତାର ପ୍ରଧାନ
ଭାରତସନ୍ତାନ ବୀରଗାଥାମାନ –
ଶୁଣିଣ ସ୍ୱଦେଶେ ଥିଲେ ଯେ ଗୋପନ,
ଭାରତଲୋଲୁପ ଏବେ ସେମାନେ ?

୬

ଏ ପବିତ୍ରଭୂମି ଯବନର ବାସ
କରିବାକୁ ଯେବେ ନାହିଁ ହେ ପ୍ରୟାସ,
ତ୍ୟଜି ନିଦ୍ରା ଏବେ ତ୍ୱରା କରି ଆସ,
ବ୍ରିଟିଶ ସିଂହଙ୍କ ଗାଇ ଗାଇ ଯଶ,
ଭଲ୍ଲୁକାଗମନ କର ନିବାରଣ ।

୭

"ଅଧୀନ ଭାରତ ବ୍ରିଟନ ଅଧୀନେ
ସ୍ୱାଧୀନ ହେବାକୁ ନାହିଁ କରେ ମନେ ।"
ରୁଷୀୟା ଭଲ୍ଲୁକ ଶୁଣରେ ଯତନେ,
ଯାଅ ୨ ଫେରି କେନ୍ଦ୍ରସ୍ଥିତ ବନେ,
ନୋହିବ କେଭେଁ ରେ ସଫଳ କାମ ।

୮

ଆହେ ସିଂହବଂଶ ବ୍ରିଟାନିୟାବାସି !
କାଟ ରୁଷ୍‌ଶିର ଧରି ଶାଣିତାସି,
ଭାରତୀୟ ସର୍ବେ ଅଟନ୍ତି ବିଶ୍ୱାସୀ,
ବ୍ରିଟନ ନିମନ୍ତେ ରଣମଧ୍ୟେ ପଶି,
କରିବେ ନିପାତ ରୁଷୀୟସେନା ।

୯

ବ୍ରିଟାନିୟା ତବ ଥିଲେ ଲକ୍ଷ ଦୋଷ
ପ୍ରେମେ ନୃତ୍ୟ କରି ଗାଉଅଛୁଁ ଯଶ,
ଦେଖି ଶୁଣି କିପାଁ ହୃଦେ ନୋହୁ ତୋଷ,
ନେଟିବଙ୍କ ପ୍ରତି ସଦା ଅବିଶ୍ୱାସ,
ନ ଦେଖୁ ଭାରତ ଇଂଲଣ୍ଡ ନେତ୍ରରେ ।

୧୦

ଅସ୍ତ୍ର ଶସ୍ତ୍ର ଏବେ ଦିଅ ଭାରତକୁ,
ଯାଅଭୁଲି ମନ୍ଦୁ ନେଟିବ ଶବ୍ଦକୁ,
ଇଂଲଣ୍ଡ ଭାରତ, ଭାରତ ଇଂଲଣ୍ଡ
କର ଏହା ସ୍ଥିର— ନଚେତ ପ୍ରଚଣ୍ଡ
ରୁଷୀୟ ସମରେ ନାହିଁ ତ ନିସ୍ତାର ।

ଶ୍ରୀ ସା –

# ବାଲ୍ୟଶିକ୍ଷା ସମ୍ବନ୍ଧରେ ଦୁଇ ଏକଗୋଟି କଥା ।

ଲୋକେ କିପାଁ ଲେଖି ପଢ଼ି ଶିଖନ୍ତି ? ବିଦ୍ୟାର୍ଜ୍ଜନର ଉଦ୍ଦେଶ୍ୟ କଣ ? ସାଧାରଣ ଲୋକଙ୍କର ମତ ଏ ସମ୍ବନ୍ଧରେ ବଡ଼ ଭ୍ରମସଂକୁଳ । ଚାକିରି କରିବା କି ବିଦ୍ୟାଧ୍ୟୟନର ଉଦ୍ଦେଶ୍ୟ ? କେରାଣୀଗୀରି ଅଥବା ଡେପୁଟିଗିରି କି ଶିକ୍ଷାର ଚରମ ଉଦ୍ଦେଶ୍ୟ ? କଦାପି ନୁହେ । ତେବେ ଏତେ ପରିଶ୍ରମ ଏତେ ଯତ୍ନ ସହକାରେ ବିଦ୍ୟାଧ୍ୟୟନ କରିବାର ତାତ୍ପର୍ଯ୍ୟ କଣ ? ସମସ୍ତଙ୍କର ଜାଣିବାର ଉଚିତ ଯେ ଗୁଣ ଉପାର୍ଜ୍ଜନ କରିବା ନିମନ୍ତେ ଶିକ୍ଷା ଆବଶ୍ୟକ – ଚାକିରି କରିବା ନିମନ୍ତେ ନୁହେ । ବିଦ୍ୟାର ଧାତୁ ସଂଘଟିତ ଅର୍ଥ ''ଜ୍ଞାଣିବା''–ଅର୍ଥାତ୍ ସତ୍‌ଜ୍ଞାନ ଲାଭ କରିବା । ଏହାର ସହିତ ଚାକିରିର ନାମ ଗନ୍ଧ ନାହିଁ । ତୁମ୍ଭେ ଗୁଣ ଉପାର୍ଜ୍ଜନ କର ଫଳ ହସ୍ତେ ୨ ପାଇବ । ସୁମିଷ୍ଟ ସୁରସଯୁକ୍ତ ହେଉ ଅଥବା କଟୁତିକ୍ତ ରସପରିପୂର୍ଣ୍ଣ ହେଉ ଚାକିରି ବିଦ୍ୟାଶିକ୍ଷାର ଫଳ– ଉଦ୍ଦେଶ୍ୟ ନୁହେ । ବାଳକମାନଙ୍କର ସତ୍‌ଜ୍ଞାନ ଲାଭାଶୟରେ ଶିକ୍ଷା ହେଲେ ସେମାନେ ସତ୍‌ସ୍ୱଭାବସମ୍ପନ୍ନ ଏବଂ ସଚ୍ଚରିତ୍ର ହୁଅନ୍ତି; ସର୍ବପ୍ରକାର କାର୍ଯ୍ୟ ସୁବିବେଚନା ସହିତ କରିପାରନ୍ତି । କିନ୍ତୁ ଏପ୍ରକାର ଶିକ୍ଷା ଅଳ୍ପରେ ହୁଏ ନାହିଁ; ଏଥିରେ ପିତା ମାତାଙ୍କର ଯତ୍ନର ପ୍ରୟୋଜନ, ଶିକ୍ଷକଙ୍କର ଯତ୍ନର ପ୍ରୟୋଜନ । ପିତା ଯେଉଁ ପଥରେ ଗମନ କରିବେ ପୁତ୍ର ମଧ୍ୟ ସେହି ମାର୍ଗ ଅବଲମ୍ବନ କରିବ । ପିତା ନିଜେ ମଦ୍ୟପାନରେ ଆସକ୍ତ ଥାଇ ପୁତ୍ରକୁ ମଦ ଖାଇବାକୁ ନିଷେଧ କଲେ ସେ ଶୁଣିବ କାହିଁକି ? ପିତା ନିଜେ ନୀତିଗର୍ହିତ କାର୍ଯ୍ୟରେ ରତ ଥାଇ ନୀତିର ଅଧ୍ୟାପକ ହେଲେ ପୁତ୍ର ତାହାକୁ ଭଣ୍ଡ ମନେକରିବ– ତାହାଙ୍କର ଉପଦେଶ ଆଦୌ ଗ୍ରହଣ କରିବ ନାହିଁ । କିନ୍ତୁ ପିତା ସଚ୍ଚରିତ୍ର ହେଲେ ପୁତ୍ରକୁ ଆଉ ବିଶେଷ ଉପଦେଶ ଦେବାକୁ ହୁଏ ନାହିଁ ସେ ନିଜେ ପିତାଙ୍କୁ ଅନୁଗମନ କରେ– ସଚ୍ଚରିତ୍ର ହୁଏ, ପିତାଙ୍କ ଅନୁରୂପ ପୁତ୍ର ହୁଏ । କେତେବେଳେ ଏ ନିୟମର ବ୍ୟତିକ୍ରମ ଦେଖାଯାଏ– ଗୋବର ଗଦାରେ ପଦ୍ମଫୁଲ ଫୁଟେ; କିନ୍ତୁ ଏପ୍ରକାର ଘଟନା ଅତ୍ୟନ୍ତ ବିରଳ । ମାତା ଇଚ୍ଛା କଲେ ପୁତ୍ରକନ୍ୟାମାନଙ୍କୁ ଉତ୍ତମ ଉପଦେଶ ଦେଇପାରନ୍ତି । ଶିଶୁମାନେ ମାତାଙ୍କ ସୁମିଷ୍ଟ ବଚନରେ ଓ ସ୍ନେହ ଚୁମ୍ବନରେ ଯେପରି ବଶୀଭୂତ ହୁଅନ୍ତି ତଦ୍ରୂପ ଅନ୍ୟ କୌଣସି ଉପାୟରେ ହୁଅନ୍ତି ନାହିଁ । ଶିଶୁ ଯେବେ ଜାଣିପାରେ ଯେ ଏ କାର୍ଯ୍ୟ କଲେ ସେ ମାତାଙ୍କ ବିରାଗଭାଜନ ହେବ ତାହା ହେଲେ ସେ ସେପରି କାର୍ଯ୍ୟ କରିବାକୁ ଇଚ୍ଛା କରିବ ନାହିଁ । ଶିକ୍ଷକମାନଙ୍କର ସ୍ୱୀୟ କାର୍ଯ୍ୟର ଦାୟିତ୍ୱ ଉତ୍ତମରୂପେ ହୃଦୟଙ୍ଗମ କରିବା ଉଚିତ । ଶିଷ୍ୟର ଭବିଷ୍ୟଜ୍ଜୀବନ ସେମାନଙ୍କର ଶିକ୍ଷା ଉପରେ ନିର୍ଭର କରୁଅଛି ଏହା ଉତ୍ତମରୂପେ ବୁଝିବା ଉଚିତ । ବାଳକବାଳିକାମାନଙ୍କୁ କେତେଗୁଡ଼ାଏ ପୁସ୍ତକ ପଢ଼ାଇ ତୋତା ବନାଇବା ଶିକ୍ଷକଙ୍କର କଦାପି ଉଚିତ ନୁହେ ।

ମୁଖସ୍ଥ କରିପାରିଲେ ସ୍ମରଣଶକ୍ତି ବୃଦ୍ଧି ହୁଏ ସତ୍ୟ କିନ୍ତୁ ତହିଁରେ ଯଦ୍ୟପି ବୁଦ୍ଧିବୃତ୍ତିର ପ୍ରସ୍ଫୁଟନ ନ ହେଲା, କାର୍ଯ୍ୟକୌଶଳତା ଶିକ୍ଷା ନ ହେଲା, ଭବିଷ୍ୟତ୍ ଜୀବନର କୌଣସି ଉପକାର ନ ହେଲା ତେବେ ସେ ବିଦ୍ୟାରେ କି ପ୍ରୟୋଜନ । "ରାଧାକୃଷ୍ଣର" ଅର୍ଥ ନ ବୁଝି କେବଳ "ରାଧାକୃଷ୍ଣ" "ରାଧାକୃଷ୍ଣ" ଭଜି ହେଲେ କଣ ହେବ ? ଶିଷ୍ୟ ବଡ଼ ହେଉ ଅଥବା ସାନ ହେଉ ତାହାକୁ ଏପରି ବୁଝାଇଦେବା ଉଚିତ ଯେ ତାହାର ଶିକ୍ଷା କରିବାକୁ ମନ ଲାଗିବ ଏବଂ ସେ ଯାହା ପଢ଼ିବ ତାହା ଉତ୍ତମରୂପେ ବୁଝିପାରିବ ଏପ୍ରକାର ଶିକ୍ଷା ଦେବାକୁ ଗଲେ ଉତ୍ତମ ଧାରା ଓ କୌଶଳ ଆବଶ୍ୟକ ।

ଯଦ୍ଦ୍ୱାରା ବାଲ୍ୟକାଳରୁ ପିଲାମାନଙ୍କ ମନରେ ସଦ୍ଭାବ ଜନ୍ମିପାରେ ଏପ୍ରକାର ଉପାୟ ଉଦ୍ଭାବନ କରିବା ଉଚିତ, କାରଣ ଥରେ ବିଗିଡ଼ିଗଲେ ସୁପଥକୁ ଆସିବା ଅତିଶୟ କଠିନ ହୁଏ । ବାଲ୍ୟକାଳରେ କୁସଙ୍ଗ ଅଥବା ଅସଦୁପଦେଶ ପ୍ରାପ୍ତ ହେଲେ ବୟସର ଚଞ୍ଚଳତା ହେତୁରୁ ପିଲାମାନେ ଏକାବେଳକେ ଖରାପ ହୋଇଯାନ୍ତି ଏଣୁକରି ପରିଣତବୁଦ୍ଧି ପ୍ରାପ୍ତି ହେବା ପର୍ଯ୍ୟନ୍ତ ସେମାନଙ୍କୁ ସର୍ବଦା ଉତ୍ତମ ଉପଦେଶ ଦେବା କର୍ତ୍ତବ୍ୟ । ବୁଦ୍ଧି ପରିପକ୍ୱ ହେଲେ ଆଉ କୌଣସି ଆଶଙ୍କା ନଥାଏ; କିନ୍ତୁ କେତେଗୁଡ଼ିଏ କାରଣ ଯୋଗୁଁ ଏ ଦେଶରେ ଉତ୍ତମ ଶିକ୍ଷା ଘଟେ ନାହିଁ । ୧– ଉତ୍ତମ ଶିକ୍ଷକର ଅଭାବ; ଶିକ୍ଷକ ଅନେକ ମିଳନ୍ତି ସତ୍ୟ କିନ୍ତୁ ପ୍ରକୃତ ଶିକ୍ଷକଙ୍କ ସଂଖ୍ୟା ନିତାନ୍ତ ଅଳ୍ପ । ଶିକ୍ଷକଙ୍କର ଉପଯୋଗୀ ଗୁଣ କେତେଜଣ ଲୋକଙ୍କର ଅଛି ? ଶିକ୍ଷକତାର ଦାୟିତ୍ୱ କେତେଜଣ ବୁଝନ୍ତି ଏବଂ ଦାୟିତ୍ୱ ବୁଝି କେତେ ଲୋକ କାର୍ଯ୍ୟ କରନ୍ତି ? ୨– ପାଠ୍ୟପୁସ୍ତକର ଅଭାବ; ପ୍ରତିଦିନ ଏତେ ପୁସ୍ତକ ଛପା ହେଉଅଛି ତଥାପି ପୁସ୍ତକର ଅଭାବ ! ଏ ବିଷୟ ସ୍ୱତଃ ମନରେ ଉଦ୍ଭୂତ ହୋଇପାରେ କିନ୍ତୁ ପ୍ରକୃତ ପକ୍ଷରେ ପୁସ୍ତକର ଅଭାବ ବର୍ତ୍ତମାନ ରହିଅଛି । ଯାହାକୁ "Great books, original books, fountain heads of knowledge" କହନ୍ତି ଏପ୍ରକାର ପୁସ୍ତକ କେତେ ମୁଦ୍ରିତ ହୁଏ, କେତେ ପ୍ରଚାରିତ ହୁଏ ? କି ଉତ୍କଳ ଭାଷାରେ କି ବଙ୍ଗଭାଷାରେ କି ଇଂରାଜୀ ଭାଷାରେ ସର୍ବଭାଷାରେ ଭଲ ପୁସ୍ତକର ଅଭାବ ବର୍ତ୍ତମାନ ରହିଅଛି ; ସାଧାରଣତଃ ଯେଉଁ ପୁସ୍ତକ ପାଠ କଲେ ସଦ୍ଭାବ ଓ ସୁବିବେଚନା ଜନ୍ମିପାରେ ଏପ୍ରକାର ପୁସ୍ତକର ଆବଶ୍ୟକ । ୩– ଶିକ୍ଷାର ଉପାୟ । ଅନେକେ ଉପାୟ କୌଶଳ ବୁଝନ୍ତି ନାହିଁ, ଏବଂ କହନ୍ତି "ପଢ଼ାଇ ଗଲେ କାର୍ଯ୍ୟ ସରିଲା ତାହାର ପୁଣି ଉପାୟ କୌଶଳ କଣ ଦେଖିବ ?" ସମସ୍ତଙ୍କର ମନେରଖିବା ଉଚିତ ଯେ ଯାହା ତାହା ପଢ଼ାଇଲେ ସୁଶିକ୍ଷା ହୁଅଇ ନାହିଁ । ପ୍ରତ୍ୟେକ ଶିକ୍ଷକଙ୍କର ଶିକ୍ଷା ଦେବା ପୂର୍ବରୁ ସୁଧାରା ଓ ସୁନିୟମ ଉଦ୍ଭାବନ କରିବା ବିଧେୟ । ନିୟମ ନ ଥିଲେ କୌଣସି କାର୍ଯ୍ୟ ସୁସିଦ୍ଧ ହୁଅଇ ନାହିଁ । ୪– ବାଳକମାନଙ୍କର ସହବାସ । ସଚରାଚର ଏ ଦେଶରେ ବାଳକମାନଙ୍କର ଯେ ପ୍ରକାର

ସହବାସ ଦେଖାଯାଏ ତହିଁରେ ସେମାନଙ୍କର ମନରେ ସଦ୍ଭାବ ଜନ୍ମିବା ଅତ୍ୟନ୍ତ କଠିନ । ଯଦି କାହାରି ପିତା ମଦିରାପାନ କରନ୍ତି ଅଥବା ଗୁଲିଖୋର ଏବଂ ଇନ୍ଦ୍ରିୟ ଦୋଷରେ ଆସକ୍ତ, ବାଳକ ମନେ ୨ ଭାବିଲା ପିତା ଯାହା କରନ୍ତି ତାହା ଅବଶ୍ୟ ସତ୍କର୍ମ ଏବଂ ତହିଁରେ ସୁଖ ଅଛି; ଏଣୁକରି ସେ ତାହାଙ୍କର ଅନୁଗମନ କରିବାକୁ ତ୍ରୁଟି କରେ ନାହିଁ । ବାଳକମାନେ ଚାକରମାନଙ୍କଠାରୁ ଅନେକ ମନ୍ଦ କଥା ଓ ମନ୍ଦ ଆଚରଣ ଶିକ୍ଷା କରନ୍ତି କିନ୍ତୁ ଏ ବିଷୟର ତତ୍ତ୍ୱାବଧାରଣ ଅତ୍ୟଳ୍ପଲୋକେ କରନ୍ତି । ସହାଧ୍ୟାୟୀ ଅପରାପର ମନ୍ଦ ବାଳକମାନଙ୍କଠାରୁ ମଧ୍ୟ ଅନେକ କୁଶିକ୍ଷା ଲାଭ ହୁଏ । ଯହିଁରେ ବାଳକମାନଙ୍କର କୌଣସି ପ୍ରକାର କୁଶିକ୍ଷା ନ ହୁଏ ତତ୍‌ପ୍ରତି ଶିକ୍ଷକ ଓ ପିତାମାତାଙ୍କର ଦୃଷ୍ଟି ରଖିବା ଏକାନ୍ତ କର୍ତ୍ତବ୍ୟ । ଯେଉଁ ବାଳକମାନେ ବାଲ୍ୟକାଳରୁ ନିର୍ଦ୍ଦୋଷ ଖେଳା ଓ ସତ୍ ଆମୋଦ ଶିକ୍ଷା ନ କରନ୍ତି ସେମାନେ ବୟଃପ୍ରାପ୍ତିର ସହିତ ଇତର ଆମୋଦରେ ରତ ହୁଅନ୍ତି– ଏହାର ଭୂରି ୨ ପ୍ରମାଣ ଦିଆଯାଇପାରେ । ଅଳ୍ପ ବୟସରେ ସୁମତି ନଜନ୍ମିଲେ ବଡ଼ ପ୍ରମାଦ ଘଟେ; ଅରଣ୍ୟାନୀ ଯେ ପ୍ରକାର ଦିକ୍‌ଦାହୀ ଅଗ୍ନିର ପ୍ରଚଣ୍ଡ ବଳରେ ଭସ୍ମୀଭୂତ ହୁଏ, ବେଗବାନ୍ ପ୍ରଚଣ୍ଡ ମାରୁତ ବଳରେ ଯେ ପ୍ରକାର ବୃକ୍ଷ ଅଟ୍ଟାଳିକାଦି ଉତ୍‌ପାଟିତ ଓ ଉଚ୍ଛେଦପ୍ରାପ୍ତ ହୁଅନ୍ତି, ତଦ୍ରୂପ ଶୈଶବକାଳରେ କୁମତି ଜନ୍ମିଲେ ରକ୍ତର ତେଜୋବୃଦ୍ଧି ସଙ୍ଗେ, ତାହା ଏକ ଭୟଙ୍କର କରାଳମୂର୍ତ୍ତି ଧାରଣ କରି ମନୁଷ୍ୟର ମନୁଷ୍ୟତ୍ୱ ବିନାଶ କରେ । ଇଂରାଜମାନଙ୍କର ନିର୍ଦ୍ଦୋଷକ୍ରୀଡ଼ା ଆମ୍ଭମାନଙ୍କର ଅନୁକରଣୀୟ । ଶରୀରର ପୁଷ୍ଟିସାଧନ ନିମନ୍ତେ ସେମାନେ ବ୍ୟାୟାମଶିକ୍ଷା କରନ୍ତି; ମନୋବିକାର ନିବାରଣାର୍ଥ ଚିତ୍ରକର୍ମରେ ଅଥବା ସଂଗୀତବିଦ୍ୟାର ଚର୍ଚ୍ଚାରେ ନିଯୁକ୍ତ ହୁଅନ୍ତି; ବାଲ୍ୟକାଳରେ ଏମାନଙ୍କର ବିଳାସୀ ହେବାର ପ୍ରାୟ ଦେଖାଯାଏ ନାହିଁ; କିନ୍ତୁ ପକ୍ଷାନ୍ତରରେ ଅସ୍ମଦ୍ଦେଶୀୟ ବାଳକମାନେ ଯେପରି ଦେଖନ୍ତି ସେହିପରି ଶିଖନ୍ତି; ଜରି, ମୁକ୍ତା, ପ୍ରବାଳ ଇତ୍ୟାଦିଦ୍ୱାରା ଶରୀର ଖଚିତ କରି ଷୋଳଅଣା ବାବୁଆନୀ କରିବା ଏମାନଙ୍କର ପ୍ରଧାନ ଇଚ୍ଛା । ବିଳାସୀ ହେବାର ବାସନା ଯୌବନକାଳରେ ସ୍ୱଭାବତଃ ପ୍ରବଳ ହୁଏ । ପୂର୍ବରୁ ସାବଧାନ ନ ହେଲେ ଏହି ଇଚ୍ଛା କ୍ରମେ ୨ ବୃଦ୍ଧିପ୍ରାପ୍ତ ହୋଇ ଅନେକ ପ୍ରକାର ଦୋଷ ଉପସ୍ଥିତ କରାଏ ଏବଂ ଏହି ସମସ୍ତ ଦୋଷଦ୍ୱାରା ଶରୀର ଓ ମନ ଆକ୍ରାନ୍ତ ହୋଇ ଏକାବେଳକେ ନଷ୍ଟ ହୋଇଯାଏ । ଅତଏବ ବିଳାସପ୍ରିୟତାର ବିଷମୟ ଫଳ ସ୍ମରଣ କରି ବାଳକବାଳିକାମାନଙ୍କୁ ଉକ୍ତ ପଥରୁ ନିବୃତ୍ତ କରିବା ପିତାମାତାଙ୍କର କର୍ତ୍ତବ୍ୟ ।

ଆଉ ଗୋଟିଏ କଥା ବଡ଼ ଅସମୟରେ ମନେପଡ଼ିଲା – ଲୋକେ ବୋଲନ୍ତି "ସେ ଏତେ ପଢ଼ିଲାଣି, ଆଉ ପଢ଼ି କଣ ହେବ ?" ଏକଥାର ତାତ୍ପର୍ଯ୍ୟାର୍ଥ କଣ ? ଯେ ଯେତେ ଶିକ୍ଷା କରେ ତାହାର ତୃଷ୍ଣା ତେତେ ପ୍ରବଳ ହୁଏ । ଶିକ୍ଷାସମୁଦ୍ରର ଅନ୍ତ ନାହିଁ, ଅବଧି ନାହିଁ

— ମଧ୍ୟରେ ଅବସ୍ଥିତି କରିବାର ସ୍ଥାନ ନାହିଁ । ମାତୃଗର୍ଭରୁ ପତିତ ହେଲାକ୍ଷଣି ଶିକ୍ଷାର ଆରମ୍ଭ ହୁଏ ଏବଂ ମୃତ୍ୟୁର ପରମୁହୂର୍ତ୍ତରେ ଶିକ୍ଷାର ଶେଷ ହୁଏ; ତଥାପି ଜ୍ଞାନସମୁଦ୍ରର ଏକାଂଶ ମାତ୍ର ଆବିଷ୍କୃତ ହୁଏ କି ନାହିଁ ସନ୍ଦେହ ! ''ମୋହର ଆଉ ଶିକ୍ଷାର ପ୍ରୟୋଜନ ନାହିଁ'' ଏହା କେହି କହି ନ ପାରେ ।

---

## ଅନାଥିନୀ ।

### (ଉପନ୍ୟାସ ।)

## ପ୍ରଥମ ପରିଚ୍ଛେଦ । ନଦୀତୀର ।

ଘୋର ଗ୍ରୀଷ୍ମକାଳ । ସୂର୍ଯ୍ୟଦେବ ଦକ୍ଷିଣପଥ ତ୍ୟାଗ କରି ଉତ୍ତରପଥ ଧଇଲା ଦିନରୁ କ୍ରମେ ୨ ଶୀତତାପ ଊଣା ହୋଇ ଅସହ୍ୟ ଗ୍ରୀଷ୍ମ ପୃଥିବୀଖଣ୍ଡରେ ବିରାଜି ଅଛି । ଏଣେ ବୈଶାଖ ମାସ । ତହିଁରେ ପୁଣି ପ୍ରଚଣ୍ଡ ମାର୍ତ୍ତଣ୍ଡ ମସ୍ତକୋପରି ଆରୋହଣ କରି ଦ୍ୱିପ୍ରହର କାଳ କେଡ଼େ ଭୟାବହ ତାହା ଜୀବମାନଙ୍କୁ ଥରେ ଦେଖାଇ ଦେଉଅଛନ୍ତି । ପ୍ରାଣିକୁଳ ପ୍ରଳୟଜ୍ଞାନରେ ନିତାନ୍ତ କ୍ଳାନ୍ତ ହୋଇ ଛାୟାଛନ୍ନ ଶୀତଳ ପ୍ରଦେଶମାନ ଆଶ୍ରୟ କରି ଜଗଦୀଶ୍ୱରଙ୍କ କୃପାବାରି ଧ୍ୟାନ କରୁଅଛନ୍ତି ଏବଂ ଅଦୂରେ ବାଲୁକାମୟ ଦିଗନ୍ତବିସ୍ତୃତ ପ୍ରଶସ୍ତ ନଦୀବକ୍ଷ ଅସୀମ ମରୀଚିକା ମାୟାରେ ବିଭୀଷିକା ପ୍ରଦର୍ଶାଇ ଶ୍ରାନ୍ତ ପଥିକମାନଙ୍କୁ ହତାଶ କରୁଅଛି ।

ସମ୍ମୁଖେ ଦୃଷ୍ଟିପଥରୋଧୀ ଅଖଣ୍ଡ ମରୀଚିକାଶ୍ରେଣୀ ଏବଂ ପଶ୍ଚାତରେ ପ୍ରକାଣ୍ଡ ଭୀଷଣ କାଇଜଙ୍ଗ— ସୀମାନ୍ତ ଘୋର ନିସ୍ତବ୍ଧ ଅରଣ୍ୟାନୀ । ଭୟ ଆପଣାର ଲକ୍ଷ ୨ ଅନୁଚରବର୍ଗଙ୍କ ସମଭିବ୍ୟାହାରେ ଆବିର୍ଭୂତ ହୋଇଥିବାର ବୋଇଲେ ଅତ୍ୟୁକ୍ତି ହେବନାହିଁ । ତାପବାନ୍ ସୂର୍ଯ୍ୟ, ବହ୍ନିମାନ୍ ବାୟୁ, ମରୀଚିକାମୟ ନଦୀ ଓ ନିସ୍ତବ୍ଧ ବନ କେହି କାହାରିକି ଊଣା ନୁହଇ । ତୁଚ୍ଛାକୁ ମନରେ ସମୟ ଗୁଣରୁ ଚତୁର୍ଗୁଣ ଭୟଭାବ ଜାତ ହେଉଅଛି । କୌଣସି ଆଡ଼କୁ ବାହାରି ଯିବାର ଉପାୟ ନାହିଁ । ଅତଡ଼ାରୁ ଓହ୍ଲାଇଲେ ଭୀମମୂର୍ତ୍ତି ମହାନଦୀ ଏବଂ ଅତଡ଼ା ଉପରିସ୍ଥ ତ୍ରିସୀମା ନିବିଡ଼ ବନାବଦ୍ଧ । ଏବମ୍ଭୂତ ଭୟାବହ ସ୍ଥାନରେ ପାଠକଙ୍କୁ ଉପସ୍ଥିତ କରାଇବାରେ ଅପରାଧ ହୋଇଥିଲେ ପାଠକେ ମାର୍ଜ୍ଜନା କରିବେ । ଦୋଷ ଲେଖକର ନୁହଇ କି ଦୋଷ ପାଠକଙ୍କର ନୁହଇ । ତେବେ ''କାଳୋଽହି ଦୁରତିକ୍ରମଃ'' । ଆମ୍ଭେ ଏତକ ବୋଲିପାରୁଁ ଯେ ଭୟଙ୍କର ଗ୍ରୀଷ୍ମକାଳୋଚିତ ତାପରେ ତାପିତପ୍ରାଣ ପାଠକ ପାଠିକା ଏଠାରେ କ୍ଷଣକାଳ ନିମିତ୍ତ ବିଶ୍ରାମ ନେବାକୁ ଇଚ୍ଛା କଲେ ନିତାନ୍ତ ନିଷ୍ଫଳକାମ ହେବେ ନାହିଁ । — ସ୍ଥାନଟି ତଥାପି ମନୋରମ ।

ଅନାଥିନୀ କୁଟୀରରୁ ନିର୍ଗତ ହୋଇ ଥରେ ଚାରିଆଡ଼େ ଦୃଷ୍ଟି ନିକ୍ଷେପ କଲେ ମାତ୍ର ପରକ୍ଷଣରେ ପ୍ରକୃତିଦେବୀଙ୍କର ଏରୂପ ଭୟଙ୍କର ବେଶ ଦେଖି ତାଙ୍କର ଜ୍ଞାନ ଏକାବେଳକେ ହଜିଗଲା । ସୃଷ୍ଟି ଈଶ୍ୱରଙ୍କର ଏବଂ ଈଶ୍ୱରେଚ୍ଛାରେ ଲୋକେ ଚରାଚରରେ ଭ୍ରାମ୍ୟମାନ ହେଉଅଛନ୍ତି । ଯେତେବେଳେ ଚତୁର୍ଦ୍ଦିକର ଉପାୟ ତିରୋହିତ ହୁଅଇ ଲୋକ ସେତେବେଳେ ଆଉ କି କରିବ ? ସେତେବେଳେ ଏକ ଉପାୟ—କାୟମନଃପ୍ରାଣ ଜଗତ୍ପାତା ଜଗଦୀଶ୍ୱରଙ୍କଠାରେ ଅର୍ପଣ କରିବା ।

ଅନନ୍ୟୋପାୟ ହୋଇ ଅନାଥିନୀ ଦୀର୍ଘନିଃଶ୍ୱାସ ତ୍ୟାଗ କରି ଈଶ୍ୱରଙ୍କର ନାମୋଚ୍ଚାରଣ କଲେ ଏବଂ ଅଲକ୍ଷିତଭାବରେ ଝଲକାଏ ଅଶ୍ରୁବାରି ହରିଣାକ୍ଷୀର ନୟନଦ୍ୱୟରୁ ନିର୍ଝରିତ ହୋଇ ଗଣ୍ଡଦେଶ ଅଲଙ୍କୃତ କଲା । ଗୁପ୍ତ ନିର୍ଝର ନିକଟରେ ଥାଇଁ କେହି ଶବ୍ଦ କଲେ ଯେପରି ଜଳଧାରା ନିର୍ଗତ ହୁଅଇ, ଅନାଥିନୀର ହୃଦୟଦେଶରେ ମନଃସମ୍ଭୂତ ଈଶ୍ୱରନାମର ଶବ୍ଦାଘାତ ହେବାରୁ ସେହିପରି ଅଶ୍ରୁଧାରା ବିଗଳିତ ହେଲା । ପାଠକେ ! ଏ ଅଶ୍ରୁର ମୂଲ୍ୟ କେହି ନିରୂପଣ କରିପାରିବେ କି ? ଶତବର୍ଷର କଠୋର ତପସ୍ୟାଦ୍ୱାରା ଯେ ଫଳଲାଭ ହୋଇ ନପାରେ ଏଥିରୁ ତତୋଽଧିକ ଫଳ ଲାଭ ହୁଅଇ ।

ଯାହାର ଦିନ ଦୁଃଖରେ ଅତିପାତିତ ହୁଏ ସେହି ଜାଣେ ଦୁଃଖ କିରୂପ । ଯେ ନିର୍ଜନରେ ବସି ରୋଦନ କରେ ସେହି ଜାଣେ ତାହାର ଅନ୍ତରାତ୍ମା କିରୂପ ଯନ୍ତ୍ରଣାରେ ଆଲୋଡ଼ିତ ହେଉଅଛି । ଅନାଥିନୀ ବସ୍ତ୍ରାଞ୍ଚଳରେ ଲୋତକ ପୋଛି କୁଟୀରକୁ ପ୍ରତ୍ୟାଗତ ହେଲେ ।

କୁଟୀରରେ କ୍ଷୀଣସ୍ୱରେ ଶବ୍ଦ ହେଲା –

'ଅନି, ମିଳିଲା ?''

''ନାହିଁ ବୋଉ !''

---

## ଦ୍ୱିତୀୟ ପରିଚ୍ଛେଦ । କୁଟୀର ।

କୁଟୀର ମଧ୍ୟଗତ କଥାବାର୍ତ୍ତାର ପ୍ରଥମ ଶ୍ଳୋକ ଶୁଣିଲା ଉତ୍ତାରୁ ତହିଁର ଅର୍ଥ ବୁଝିବା ନିମିତ୍ତ ପାଠକେ ଏକାନ୍ତ କୌତୂହଳପରବଶ ହୋଇଥିବେ । ଆମ୍ଭେ ସେହି କୁତୂହଳତା ଶାନ୍ତ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁଁ ମଧ୍ୟ ତାହା ନ କଲେ ଯେ ଲେଖକର ପାପ ହେବ ତାହା ସୁଦ୍ଧା ହୃଦୟଙ୍ଗମ କରିଅଛୁଁ । ସୁଖର ବିଷୟ ଏତିକି ଯେ ଲେଖକଙ୍କୁ ଏ ବିଷୟରେ ଶ୍ରମ କରିବାକୁ ହେବ ନାହିଁ । କଥା ଏଡ଼େ ସରଳ ଯେ ଲେଖକଙ୍କର ଅନୁଗମନ କରୁ ୨ ସମୁଦାୟ ବିଷୟ ହସ୍ତଗତ ହୋଇଯିବ ।

ସାମାନ୍ୟ କୁଟୀର । ଉପରର ଆବରଣ ଦେଖିଲେ ସ୍ପଷ୍ଟ ବୋଧ ହେବ ଯେ ତାହା କୌଣସି ବିଶେଷବ୍ୟକ୍ତି କର୍ତ୍ତୃକ ବିଶେଷ କୌଣସି ସ୍ଥାୟୀ ଅଭିପ୍ରାୟରେ ନିର୍ମିତ ହୋଇନାହିଁ । ବାଉଁଶ ଓ କଣ୍ଟାର ବାଡ଼ରେ ମୃତ୍ତିକା ଲେପନଦ୍ୱାରା କାନ୍ଥ ନିର୍ମିତ ହୋଇଅଛି ଓ ତଦୁପରିସ୍ଥ ଜୀର୍ଣ୍ଣ ପୁରାତନ ବଂଶଖଣ୍ଡାଶ୍ରୟରେ ସ୍ତରେ ୨ ତାଳବରଡ଼ାମାନ ପଡ଼ି ଘରର ଲଜ୍ଜା ଢାଙ୍କିଅଛି;— ଅର୍ଥାତ୍ ବର୍ଷାକାଳରେ ଇନ୍ଦ୍ରଦେବଙ୍କ ସଙ୍ଗେ ଯୁଝିବାକୁ ଏ ଘର ତୋଳା ହୋଇନାହିଁ କି ଅବା ଗ୍ରୀଷ୍ମକାଳର ପ୍ରଖର ରୌଦ୍ରତାପରୁ ବିରାମ ଲଭିବା ଆଶୟରେ ଏଥିର କେହି ସୃଷ୍ଟି କରିନାହିଁ । ଜଗଦୀଶ୍ୱରଙ୍କ କୃପାରୁ ପୃଥିବୀରେ ଯେଉଁ ଷଡ଼ଋତୁ ବିରାଜିତ ଅଛି ବିନା ଟିକଟରେ ସେମାନେ ତହିଁ ମଧ୍ୟକୁ ଯାଇପାରନ୍ତି । ପୁଣି ଆଜିକାଲି ଯେପରି ଦକ୍ଷିଣା ପବନ ବହୁଅଛି ତାହା ସଙ୍ଗେ ସଖ୍ୟଭାବ ବସାଇ ଆଜିକି ସେ ହାଲୁକା ପିଢ଼ା ଦେଶ ଭ୍ରମଣରେ କେଉଁଆଡ଼େ ବାହାରିଯାଇ ସାରିଥାନ୍ତା କେବଳ ପାର୍ଶ୍ୱର ଦୁଇଗୋଟି ବଂଶଖୁଣ୍ଟିରେ ତାହା ନଇଯୋଗେ ବନ୍ଧା ଯାଇଥିବାରୁ ବେଡ଼ୀଗ୍ରସ୍ତ କଏଦୀପରି ପଡ଼ିରହି ନିର୍ମାତାର ସମ୍ଭ୍ରମ ସମ୍ଭାଳି ଅଛି ଏବଂ କେହି ନଶୁଣିଲେ ସୁଦ୍ଧା ଯୁଦ୍ଧଜନିତ କଟମଟ ଶବ୍ଦଦ୍ୱାରା ବଂଶଦ୍ୱୟ ଏ ପକ୍ଷରେ ନିଜର ପରାକ୍ରମ ବ୍ୟକ୍ତ କରିବାରେ ତ୍ରୁଟି କରୁନାହିଁ ।

କୁଟୀରରତ ମର୍ଯ୍ୟାଦା ଏତିକି, ତଥାପି ମହତ୍ ଲୋକର ଆଶ୍ରୟରେ କ୍ଷୁଦ୍ର ମଧ୍ୟ ବେଳେ ମହତ୍ତ୍ୱ ଲାଭ କରଇ । ଏ ସ୍ଥଳେ ଗୋଟିଏ ପୁରାତନ ବୃହତ୍କାୟ ବଟବୃକ୍ଷ ଆପଣାର ନିବିଡ଼ଚ୍ଛାୟାପ୍ରଦାୟକ ପତ୍ରଶ୍ରେଣୀପୂର୍ଣ୍ଣ ବିଶାଳାବାହୁ ବିସ୍ତାର କରି ଏହାକୁ ରକ୍ଷା କରୁଅଛି ଏବଂ ତାହାରି ଶୋଭାରୁ କିଛି ଋଣ ଗ୍ରହଣ ବା ଦାନ ଘେନିଲା ପ୍ରାୟ ନିଜର ଶୋଭା କଥଞ୍ଚିତ୍ ବଢ଼ାଇଅଛି । ଅଭିଭାବକରୂପୀ ଏହି ପୁରାତନ ବୃକ୍ଷଦ୍ୱାରା କୁଟୀରର କିଛି ସାମାନ୍ୟ ଉପକାର ହେଉନାହିଁ — ଏଥିର ଅବର୍ତ୍ତମାନରେ ଋତୁମାନଙ୍କର ସମ୍ପୂର୍ଣ୍ଣ ସ୍ୱାଧୀନଭାବର ଗତାୟାତରୁ ଆଜିକି ଭୂମିସାତ୍ ହୋଇ ଯାଇଥାନ୍ତା । ଆମ୍ଭେ ଏହି ବଟବୃକ୍ଷଲବ୍ଧ ସୁଧାବିନିନ୍ଦିତ ସୁଶୀତଳଚ୍ଛାୟା ଉପଭୋଗ କରିବାକାରଣ ସର୍ବଦା ଲୋଲୁପ ଏବଂ ପାଠକ ପାଠିକାଙ୍କୁ ତାହା ଉପହାର ସ୍ୱରୂପ ନ ଦେଇ କ୍ଷାନ୍ତ ରହିନପାରୁଁ ।

ଯାହାର ସ୍ୱକୀୟ ମର୍ଯ୍ୟାଦା ଏତିକି ତାହାକୁ ଆଶ୍ରୟ କରିଥିବା ଲୋକର ମର୍ଯ୍ୟାଦା କେତେ ଏହା ପାଠକଙ୍କୁ ଫେଡି କହିବାକୁ ହେବନାହିଁ । ତଥାପି ଘରଟି ଅନାଥିନୀ ନିକଟରେ ନାନାପ୍ରକାରେ ଋଣୀ । ପ୍ରତିଦିନ ପ୍ରାତଃକାଳରେ ଅନାଥିନୀ ଗୃହସ୍ଥ(ସ୍ଥା)ଳିର ପ୍ରଥା ଅନୁଯାୟୀ ଗୃହରେ ଗୋମୟର ଲେପ ଦିଅନ୍ତି ଏବଂ ପ୍ରତିଦିନ ପ୍ରତିକ୍ଷଣ କାଠିଟା କୁଟାଟା ଝାଡ଼ି ଅବା କଳାଟା ନାଲିଟା ପୋଛିଦେଇ କାନ୍ଥ ପରିଷ୍କାର ରଖିବାରେ ଯତ୍ନ କରନ୍ତି । କୌଣସି ଦିନ ଅନାଥିନୀ ଚତୁର୍ଦ୍ଦିକରେ ପହଁରା ନ ବୁଲାଇ କିମ୍ବା କାନ୍ଥ ଓ ଦୁଆର ନ ଲିପି ଆପଣାର ନିତ୍ୟକର୍ମରେ ନିଯୁକ୍ତ ହୁଅନ୍ତି ନାହିଁ । ଫଳତଃ ସ୍ଥାନଟି ପରିଷ୍କୃତ ଓ କୁଟୀରଟିର

ବାହ୍ୟାବୟବ ପରିଚ୍ଛନ୍ନ ଥିବାରୁ ଦୂରରୁ ଶ୍ରାନ୍ତ ପଥିକଙ୍କ ଚକ୍ଷୁକୁ ସ୍ୱର୍ଗବୋଲି ଅକ୍ଳେଶରେ ଭ୍ରମ ହେବ ସନ୍ଦେହ ନାହିଁ ।

ପାଠକେ କୁଟୀରର ବାହ୍ୟସୌନ୍ଦର୍ଯ୍ୟ ଉପରୋକ୍ତ ପ୍ରକାରେ ହୃଦୟଙ୍ଗମ କରି ମନେ କରିଥିବେ ଯେ ଗ୍ରୀଷ୍ମକାଳକୁ ସେମାନେ ଅନ୍ତତଃ ଏହିପରି ଗୋଟିଏ କୁଟୀର ପାଇଲେ ଆପଣାକୁ ଇନ୍ଦ୍ରଦେବଙ୍କଠାରୁ ବଡ଼ବୋଲି ମନେକରିବେ । ତାହା ହୋଇପାରେ ଏବଂ ଅନାଥିନୀ ସେମାନଙ୍କ ନିମିତ୍ତ ଅନୁକ୍ଷଣ ସ୍ୱାର୍ଥତ୍ୟାଗ ପୂର୍ବକ ପରିଶ୍ରମ ସ୍ୱୀକାର କରୁଅଛନ୍ତି । କିନ୍ତୁ ଯେତେବେଳେ ପାଠକମାନେ ଆମ୍ଭ ସଙ୍ଗେ କୁଟୀର ଭିତରକୁ ଗମନ କରିବେ ସେତେବେଳେ ତାଙ୍କ ସମକ୍ଷରେ ଏକ ବିପରୀତ ଛବି ଉପସ୍ଥିତ ହେବ । ଏକା ଅନାଥିନୀ ଯୋଗେ ଭିତର ଉଜ୍ଜ୍ୱଳ ହୋଇଅଛି ନୋହିଲେ ଆଉ କିଛିହିଁ ନାହିଁ ବୋଇଲେ ଅତ୍ୟୁକ୍ତି ହେବନାହିଁ । ଅଲଗୁଣିବୋଲି ଖଣ୍ଡିଏ ଫଁପରାବାଉଁଶ ଦୁଇଖଣ୍ଡ କତାଦଉଡ଼ିରେ ଝୁଲୁଅଛି ଓ ଦୁଇ ଚାରିଖଣ୍ଡ ମଳିନବସ୍ତ୍ର ତାହା ଆବୋରି ରହିଅଛି । ତହିଁ ତଳେ ଗୋଟିଏ ପେଡ଼ି, ଖଣ୍ଡିଏ କଂସା, ଖଣ୍ଡିଏ ପରସୁଣି, ତାଟିଆଟିଏ, ନୋଟାଟିଏ ଏବଂ ରୁଖା ଖଣ୍ଡେ ସେଥି ନିକଟରେ ଏକପକ୍ଷିଆ ଚୁଲ୍ହି ଓ ଚୁଲ୍ହି କୋଣରେ ଦୁଇଗୋଟି ହାଣ୍ଡି । ଏତଦ୍‌ବ୍ୟତୀତ ଗୃହସଜ୍ଜା ଆଉ କିଛି ନାହିଁ ।

ପାଠକ ପାଠିକା ! ଆପଣମାନଙ୍କର ମଧ୍ୟରେ ଯେଉଁମାନେ ବଡ଼ଲୋକ ବା ଯାହାଙ୍କର ଥିଲା ଘର ସେମାନେ ଏ ବର୍ଣ୍ଣନା ପାଠ କରି ଉପହାସ କରୁଥିବେ ମାତ୍ର ଦୁଃଖୀଘରେ ଏଥୁଁ ଅଧିକ ଆଉ କି ମିଳିବ ? ମଧ ଆମ୍ଭେ ସାହସ କରି କହିପାରୁଁ ଯେଉଁ ଦୁଃଖୀଘରେ ଏତକ ଅଛି ସେପୁଣି ଦୁଃଖୀଙ୍କ ମଧ୍ୟରେ ବଡ଼ଲୋକ । ପ୍ରକୃତ କଥା ଏହି କି ଯାହାର ଦିନ ଦୁଃଖରେ ଅତିବାହିତ ହୁଅଇ ସେହି ଏକା କହିପାରେ ଅଳ୍ପପରିମାଣ ଓ ସାମାନ୍ୟ ଦ୍ରବ୍ୟାଦି ଘେନି କିପରି ଲୋକେ ଘର କରନ୍ତି ମାତ୍ର ଯେଉଁମାନେ ଐଶ୍ୱର୍ଯ୍ୟଦୋଳାରେ ଦୋଳାୟମାନ ହେଉଅଛନ୍ତି ସେମାନେ ଏହା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହେବେ ଓ କେହି ୨ ଉପହାସ ମଧ କରିବେ । ଯାହାହେଉ ଆମ୍ଭେ ପ୍ରକୃତ ଅବସ୍ଥାରୁ ବାହାରକୁ ଯାଇ ନ ପାରୁଁ । ଯାହା ଥିଲା ତାହା ଲେଖିଲୁଁ ଯେ ଯେପରି ଭାବରେ ଘେନିବେ ଘେନନ୍ତୁ ।

ଏତିକି ଗୃହସଜ୍ଜା ଓ ଏହିପରି ଗୃହାଳଙ୍କାର । ମଝିରେ ଅପ୍ରଶସ୍ତ ରୁଗ୍ନ ଶଯ୍ୟାଟିଏ ପାତିତ ଓ ତହିଁ ଉପରେ ଜରାଜର୍ଜରିତା ଏବଂ ରୋଗଶୋକ ପ୍ରପୀଡିତା ଏକୋଉରଷଷ୍ଟିତମ ବର୍ଷୀୟା ଏକ ସ୍ତ୍ରୀଲୋକ ଶୟାନା । ତାଙ୍କ ବିନା କୁଟୀରରେ ଆଉ କେହି ନାହିଁ — କେବଳ ତାଙ୍କର ସ୍ନେହମୟୀ ଅନାଥିନୀ ।

---

# ପରନିନ୍ଦା ।

ଚତୁରଲୋକର ସଂସାରରେ ସବୁ କଥା ଦେଖିବାର, ସବୁ କଥା ଶୁଣିବାର ଆବଶ୍ୟକ । ମାତ୍ର ଏମନ୍ତ ଅନେକ କଥା ଅଛି, ଯାହା ନ ଦେଖିବାର ନ ଶୁଣିବାର ଚତୁରତାର ଅଙ୍ଗ ଅଟେ । ଜାଣି ଶୁଣି ଅନ୍ଧ, ଜାଣି ଶୁଣି ବଧିର ହେବା ଦୋଷର କଥା, ମାତ୍ର ଅନେକ ସ୍ଥଳରେ ଏହା ଗୁଣରେ ପରିଣତ ହୁଏ । ଜାଣି ଶୁଣି ଅନ୍ଧ ଏବଂ ବଧିର ହେଲେ ଅନେକ ପରିହାର୍ଯ୍ୟ ଅନିଷ୍ଟରୁ ରକ୍ଷା ପାରିପାରିବ ।

କାଳିଦାସ କହନ୍ତି "ପରୋକ୍ଷରେ କିଏ କି ନ କହେ ?" । ପରୋକ୍ଷ କଥା ପ୍ରତି ଅଧିକାଂଶ ସ୍ଥଳରେ ବଧିର ହେବା ଶ୍ରେୟଃ । ପରୋକ୍ଷବାଦୀ ପ୍ରତି କର୍ଣ୍ଣପାତ କରିବ ନାହିଁ, ପରୋକ୍ଷବାଦିର କଥା ଯେବେ ଶୁଣିଲ, ନ ଶୁଣିଲାପରି କାର୍ଯ୍ୟ କରିବ । ଲୋକର ଜିହ୍ୱାକୁ ତୁମ୍ଭେ ବନ୍ଦ କରିପାରିବ ନାହିଁ । ଏପରି ସ୍ଥଳରେ ନିଜର କର୍ଣ୍ଣରୋଧ ଶ୍ରେୟଃ । ପ୍ରତିସ୍ଥାନରେ, ପ୍ରତିକ୍ଷଣରେ କେତେ ଅସଂଲଗ୍ନ ଅମୂଳକ କଥା ଉଠୁଅଛି, ତାହାର କଳନା ନାହିଁ । ତୁମ୍ଭେ ଯେବେ ସେହି କଥା ଶୁଣିବାକୁ ବସିବ ତୁମ୍ଭର ପାଇଟି ସରିବଟିକି ? ଯାହାଙ୍କ ସଙ୍ଗେ ତୁମ୍ଭେ ସର୍ବଦା ସହବାସ କରୁଅଛ, ଯେଉଁମାନେ ତୁମ୍ଭଙ୍କୁ ଭଲରୂପେ ଜାଣନ୍ତି, ଏପରି ଲୋକ ସୁଦ୍ଧା କେବେ ୨ ନିନ୍ଦା କରିବାକୁ ଛାଡ଼ନ୍ତି ନାହିଁ । ହଠାତ୍ ବିରକ୍ତ ହୋଇ ଲୋକେ କଥା କହିପକାନ୍ତି, ପଛକୁ ପୁଣି ଦୁଃଖ କରନ୍ତି । ଏପରି କଥାକୁ ମନରେ ଘେନିବାର ଉଚିତ ନୁହେ । କାହାରିକୁ କ୍ରୁଦ୍ଧ ହେବାର ଦେଖିଲେ ସେଠାରୁ ଚାଲିଯିବାର ଭଲ । ଏପରି କଲେ କଳହ ବଢ଼ଇ ନାହିଁ । ଜଣେ ପଣ୍ଡିତଙ୍କୁ ଜଣେ ଗାଳି ଦେବାରୁ ସେ କହିଲେ "ତୁମ୍ଭେ ଯେମନ୍ତ ତୁମ୍ଭର ଜିହ୍ୱାର ପ୍ରଭୁ, ମୁଁ ମଧ ମୋହ କାନର ପ୍ରଭୁ" – ତୁମ୍ଭର ଯାହା ଇଚ୍ଛା ତୁମ୍ଭେ କହ, ମୋହୋର ଯେତିକି ଇଚ୍ଛା ମୁଁ ସେତିକି ଶୁଣିବି । କର୍ଣ୍ଣଦ୍ୱାରରେ ବିବେକକୁ ସର୍ବଦା ପ୍ରହରୀରୂପେ ରଖିବ । ପରୋକ୍ଷ କଥା, ପ୍ରତିବେଶିମାନଙ୍କ ସମ୍ବନ୍ଧରେ ଅପକଥା, ଅପବାଦ, କ୍ରୁଦ୍ଧ ବନ୍ଧୁମାନଙ୍କ କଥା ଏବଂ ଏହିପରି ଅନ୍ୟାନ୍ୟ ମନ୍ଦକଥା ପ୍ରତି ବଧିର ହେବ ।

ଦୂଷଣଭାଷୀ ଏବଂ ଗନ୍ଧବାହକର କଥା ପ୍ରତି ବଧିର ହେବା ଶ୍ରେୟସ୍କର । ଖଳଲୋକ ସର୍ବଦା ଏବଂ ସର୍ବତ୍ର ସୁଲଭ । ଖଳଲୋକର ଜିହ୍ୱାର ବିଶ୍ରାମ ନାହିଁ । ପ୍ରତିବେଶିର କାର୍ଯ୍ୟ ଏବଂ ଚରିତ୍ରର ସମାଲୋଚନା ଏମାନଙ୍କର ନିତ୍ୟବ୍ରତ । ଏମାନଙ୍କର ଜିହ୍ୱା ଅଥବା ଲେଖନୀ ଏହି କାର୍ଯ୍ୟରେ ନିୟତ ବ୍ୟସ୍ତ । ପରର ଦୋଷ ଏମାନେ ଯେତେବେଳେ "ଦୁଃଖିତ ହୋଇ କହିବାକୁ ବାଧ୍ୟ" ହୁଅନ୍ତି ଏମାନଙ୍କର ସୁଖର ଅବଧି ଥାଏ ନାହିଁ । "ଅମୁକ ଲୋକ ବାହାରକୁ ଚିକ୍କଣ, ମାତ୍ର ତାଙ୍କ ହୃଦୟ କୁଟିଳତାରେ ପରିପୂର୍ଣ୍ଣ ।" "ଅମୁକ ଲୋକ ସମ୍ବନ୍ଧରେ ମୋହୋର ଭ୍ରମ ଥିଲା – ମୁଁ ତାହାଙ୍କୁ ଭଲଲୋକ ବୋଲି ଜାଣିଥିଲି ।" "କ

ବାବୁଙ୍କ ମୁଖରୁ ଶୁଣିଲି ସେ ଖ ବାବୁ ପାଖରୁ ଶୁଣିଥିଲେ ଯେ ଗ ବାବୁ ଏବ ଘ ବାବୁ ଚ ବାବୁଙ୍କ ସମ୍ବନ୍ଧରେ ଗୋପନରେ ଯେପରି କଥାବାର୍ତ୍ତା କହୁଥିଲେ ସେଥିରୁ ଛ ବାବୁଙ୍କର ଦୋଷ ଥିବାର ବୋଧ ହେଉଅଛି ।'' ଏହିଭଳି କଥା କହିବା ଲୋକଙ୍କ କଥାରେ କର୍ଣ୍ଣପାତ କରିବ ନାହିଁ । ଏହିଭଳି ଲୋକ ବଡ଼ି ୨ କେବଳ ନିଜର ନୀଚାଶୟତାର ଘୋଷଣା କରୁଥାନ୍ତି ।

ପରଦୂଷଣ ବନ୍ଦ ହେବାର ନୁହେ । ମନୁଷ୍ୟ ପ୍ରକୃତିର ଲଘୁତା ଯେତେଦିନ ଥିବ, ପରଦୂଷଣ ସଂସାରର ଗୋଟିଏ ଅପରିହାର୍ଯ୍ୟ ଅନିଷ୍ଟରୂପରେ ବିଚରଣ କରୁଥିବ । ଯାହାର ପ୍ରତୀକାର ନାହିଁ ତାହା ସହିବାକୁ ହେବ, ମାତ୍ର ଔଦାସୀନ୍ୟ ଏହି ଅନିଷ୍ଟର ଉତ୍କୃଷ୍ଟତମ ପ୍ରତୀକାର ଅଟେ ।

ସନ୍ଦେହପ୍ରବଣତା ନାନା ଦୁଃଖ ଏବଂ ଅଶାନ୍ତିର ଆକର । ସନ୍ଦେହର ମନ୍ତ୍ରଣା ପ୍ରତି କାନ ଡେରିବ ନାହିଁ । ସନ୍ଦେହପ୍ରବଣ ଲୋକର ମନ ଅନୁକ୍ଷଣ ଦାରୁଣ ଯନ୍ତ୍ରଣାନଳରେ ଦଗ୍ଧ ହେଉଥାଏ, ଚକ୍ଷୁ ଗୁପ୍ତଚର ପ୍ରାୟ ଚାରିଆଡ଼େ ବୁଲୁଥାଏ । ଥରେ ସନ୍ଦେହ କଲା ଉତ୍ତାରୁ ସନ୍ଦେହକଳୁଷିତ କଳ୍ପନା ଭୟ ଏବଂ ଅବିଶ୍ୱାସର ସହସ୍ର ୨ ନୂତନ କାରଣ ପ୍ରସବ କରେ । ଅକାରଣ ସନ୍ଦେହଦ୍ୱାରା ଅନେକ ଲୋକ ମିତ୍ରକୁ ଶତ୍ରୁରେ ପରିଣତ କରନ୍ତି । ସନ୍ଦିଗ୍ଧନେତ୍ରରେ ଚାରିଆଡ଼କୁ ଅନାଇବାର, ସଶଙ୍କକର୍ଣ୍ଣରେ ପରୋକ୍ଷ କଥା ଶୁଣିବାର ବଡ଼ ବିଷମ କଥା ବରଂ ଶତବାର ପ୍ରତାରିତ ହେବାର ଭଲ, ତଥାଚ ସନ୍ଦିଗ୍ଧମନା ହୋଇ ମନର ଶାନ୍ତି ନଷ୍ଟ କରିବାର ଅନୁଚିତ । ସନ୍ଦିଗ୍ଧମନା ଏବଂ ଅବିଶ୍ୱାସିର ଜୀବନ ବିଡ଼ମ୍ବନା ମାତ୍ର । ସନ୍ଦେହ ଏବଂ ଅବିଶ୍ୱାସ ଦ୍ୱାରା ଚରିତ୍ର ମଧ୍ୟ କଳୁଷିତ ହୁଏ । ସନ୍ଦିଗ୍ଧମନା ଲୋକ ସବୁକଥାକୁ ଡରେ । ସବୁଲୋକଙ୍କଠାରୁ ଅନିଷ୍ଟ ଆଶଙ୍କା କରୁଥାଏ— ଉଦାରତା ଏବଂ ସରଳତାରେ ଏକାବେଳକେ ଜଳାଞ୍ଜଳି ଦିଏ— ଲୋକକୁ ଅକାରଣରେ ଶତ୍ରୁ ମଣି ସ୍ୱୟଂ ତାହାର ଶତ୍ରୁ ହୁଏ । ଯେତେ ବନ୍ଧୁ ହୋଇଥାଉ, ସନ୍ଦେହ ଯାହା ମନରେ ସ୍ଥାନଲାଭ କରିଅଛି, ଏପରି ଲୋକ କଦାପି ବିଶ୍ୱାସଯୋଗ୍ୟ ନୁହେଁ । ତୁମ୍ଭେ ଯେତେ ସାବଧାନ ହେବ, ତାହାକୁ ପ୍ରସନ୍ନ କରିବା ସକାଶେ ଯେତେ ଯତ୍ନ କରିବ, ତୁମ୍ଭଙ୍କୁ ସେ ସେହି ପରିମାଣରେ ଦୋଷୀ, ଧୂର୍ତ୍ତ ଏବଂ ଭୀରୁ ମନେକରିବେ । ଏପରି ଲୋକ ସଙ୍ଗେ ଯୁକ୍ତି କରିବାର ମଧ୍ୟ ବୃଥା । ତୁମ୍ଭେ ଯେବେ ଯୁକ୍ତି କରିବ, ଯେଉଁ ଯୁକ୍ତିଗୁଡ଼ିକ ତୁମ୍ଭର ଅନୁକୂଳ, ସେ ସେଗୁଡ଼ିକୁ ପ୍ରତିକୂଳ ଆଡ଼କୁ ଟାଣିବେ ଏବଂ ଯେଉଁ କାରଣ ଦର୍ଶାଇ ତୁମ୍ଭେ ତାହାଙ୍କର ବିଶ୍ୱସ୍ତ ହେବାକୁ ଚେଷ୍ଟା କରିବ ସେ ସେହି କାରଣକୁ ଘେନି ତୁମ୍ଭଙ୍କୁ ଅଧିକତର ଅବିଶ୍ୱାସ କରିବେ ।

ତୁମ୍ଭ ସମ୍ବନ୍ଧରେ ତୁମ୍ଭର ମିତ୍ର କିମ୍ବା ଶତ୍ରୁମାନେ କେତେବେଳେ କଣ କହୁଅଛନ୍ତି ସବୁବେଳେ ସେଥିପ୍ରତି କାନ ଡେରିବ ନାହିଁ । ଅନେକ ଲୋକ ଭ୍ରାନ୍ତ ହୋଇ ତୁମ୍ଭ ନିନ୍ଦା

ରଚନା କରିବେ । ପୁଣି ଅନେକ ଲୋକ ସେହିପରି ଭ୍ରାନ୍ତ ହୋଇ ତୁମ୍ଭର ପ୍ରଶଂସା ଗାନ କରିବେ । ପ୍ରକୃତ କଥା ବୁଝି କଥା କହିବାର ଲୋକ ସଂସାରରେ ଅତି ବିରଳ । ତୁମ୍ଭର ମନ ଯେବେ ନିର୍ମଳ ଥିବ ଏବଂ ସରଳ ବିବେଚନାରେ ତୁମ୍ଭର କାର୍ଯ୍ୟ ଯେବେ ତୁମ୍ଭର ମନଃପୂତ ହୋଇଥିବ ସେଇଥିରେ ତୁମ୍ଭର ସନ୍ତୁଷ୍ଟ ଥିବାର ଉଚିତ ।

ଅନେକ ଲୋକ ଆପଣା ସମ୍ବନ୍ଧରେ ଆପଣା ବନ୍ଧୁମାନଙ୍କର ମତ ଜାଣିବା ନିମନ୍ତେ ଔତ୍ସୁକ୍ୟ ପ୍ରକାଶ କରନ୍ତି ଏବଂ ଅନ୍ୟର ଟିକିଏ ପ୍ରତିକୂଳ ମନ୍ତବ୍ୟ ଶୁଣିଲାକ୍ଷଣି ତାହାକୁ ଶତ୍ରୁ ଭାବନ୍ତି । ମାତ୍ର ଏପରି ମନ୍ତବ୍ୟରେ କ୍ଷୁଣ୍ଣ ହେବାର ଅନୁଚିତ । ସଂସାରରେ ନିର୍ଦ୍ଦୋଷ ହୋଇ କେହି ଜନ୍ମିନାହିଁ । ସରଳ ଭାବରେ କେହି ତୁମ୍ଭର ଦୋଷ ଅବା ତ୍ରୁଟିର ଉଚିତ ସମାଲୋଚନା କଲେ ଚଳିବାର ଉଚିତ ନୁହେ । ଏପରି ଲୋକ ପ୍ରତି ସୌଜନ୍ୟ ପ୍ରଦର୍ଶନ କଲେ ତାହାଦ୍ୱାରା ସମୟରେ ଶ୍ରେୟଃ ହେବାର ସମ୍ଭାବନା ।

ଏପରି ଅନେକ ଲୋକ ଅଛନ୍ତି, ଏଠା କଥା ସେଠି ସେଠା କଥା ଏଠି କହି ବୁଲିବାର ସେମାନଙ୍କର ବ୍ୟବସାୟ । ଏପରି ଲୋକ ତୁମ୍ଭ ପାଖରେ ଥିବାବେଳେ ଗୋଟିଯାକ ତୁମ୍ଭର ହୋଇଯାଆନ୍ତି, ତୁମ୍ଭ ଶତ୍ରୁ ସଙ୍ଗେ ଥିବାବେଳେ ଗୋଟିଯାକ ତାଙ୍କର ହୁଅନ୍ତି । ଏହି ଶ୍ରେଣୀର ଲୋକ ସର୍ବତ୍ର କଳହର ବୀଜ ବୁଣନ୍ତି । ଏ ଭଳି ଲୋକଙ୍କୁ କଦାଚ ପ୍ରଶ୍ରୟ ଦେବନାହିଁ । ଯେ ଅକାରଣରେ ଅନ୍ୟର ଛିଦ୍ର ତୁମ୍ଭଠାରେ ଆସି କହେ ନିଶ୍ଚେ ଜାଣିଥିବ ସେ ତୁମ୍ଭର ତିଳ ପ୍ରମାଣ ଦୋଷ ଅନ୍ୟଠାରେ ତାଳ ପ୍ରମାଣେ କହିବ । ଏଭଳି ଲୋକଙ୍କୁ ପାଖ ପୂରାଇ ଦେବନାହିଁ । ଚୋରାମାଲ ନେବାର ଯେ, ସେ ସ୍ୱୟଂ ଚୋରୀକରିବାର ତୁଲ୍ୟ । ତୁମ୍ଭେ ସ୍ୱୟଂ ଦୂଷକ ନ ହୋଇ ସୁଦ୍ଧା ଅନ୍ୟର ପ୍ରଚାରିତ ନିନ୍ଦାବାଦ ଗ୍ରହଣ କଲେ ସେଥିରେ ଅଂଶୀ ହେଲ । କାଳିଦାସ କହିଅଛନ୍ତି; –

"ନ କେବଳଂ ଯୋ ମହତୋଽପଭାଷତେ
ଶୃଣୋତି ତସ୍ମାଦପି ଯଃ ସ ପାପଭାକ୍ ।"

କବି କେବଳ ମହତ ଲୋକଙ୍କ ସମ୍ବନ୍ଧରେ ଏହି କଥା କହିଅଛନ୍ତି ସତ୍ୟ, ମାତ୍ର ତାହାଙ୍କର ଏହି ଅମୂଲ୍ୟ ଉପଦେଶର କ୍ଷେତ୍ର ଆହୁରି ବିସ୍ତୃତ ହେଲେ ସଂସାରର ଉପକାର ବ୍ୟତୀତ ଅପକାର ହେବନାହିଁ । ଫଳତଃ ପରନିନ୍ଦା କରିବାର ଏବଂ ଶୁଣିବାର ଉଭୟ ସମାନ ପରିହାର୍ଯ୍ୟ । ପରନିନ୍ଦାକୁ ପ୍ରଶ୍ରୟ ଦେଲେ ନିନ୍ଦୁକମାନେ ତାହାଙ୍କ ମାଲର କାଟତିର ସମ୍ଭାବନା ଅଧିକ ଦେଖି ଆମଦାନୀ ପକ୍ଷରେ ଯତ୍ନବାନ୍ ହୁଅନ୍ତି ଏବଂ ସେମାନଙ୍କର ଶିଳ୍ପଶାଳା ନୂଆ ମାଲ ତିଆରି ସକାଶ ଅନବରତ ବ୍ୟାପୃତ ଥାଏ । ଶ୍ରୋତାମାନଙ୍କର ଆମୋଦ ସକାଶ ଅଧିକାଂଶ ଅସଦ୍‌ବକ୍ତା ବା ଅସଦ୍‌ଲେଖକ ପରଦୂଷଣସମ୍ବଳିତ ନୂତନ ୨ ଗଳ୍ପ ରଚନା କରନ୍ତି ସିନା । ଶ୍ରୋତା ଅଭାବରେ ସେମାନଙ୍କର ବ୍ୟବସାୟ ଉଣା ପଡ଼ିଯିବ ।

କାନକୁହାମାନେ କଳିଦେବଙ୍କର ଗୋଟିଏ ୨ ଚେଲା । ବନ୍ଧୁବିଚ୍ଛେଦ ଘଟାଇବା ବିଷୟରେ ଏମାନଙ୍କର ପରି ନିପୁଣ କେହି ନୁହନ୍ତି । ଆକାର ଇଙ୍ଗିତଦ୍ୱାରା ଏମାନେ କଳହର ବୀଜ ବୁଣନ୍ତି । ବନ୍ଧୁମାନଙ୍କ ମଧ୍ୟରେ ପରସ୍ପରର ପ୍ରତି ପରସ୍ପରର ଅବିଶ୍ୱାସ ଉଦ୍ରିକ୍ତ କରାଇ ଦିଅନ୍ତି । ଅବିଶ୍ୱାସରୁ ଅନୁଷ୍ଟତା, ଅନୁଷ୍ଟତାରୁ ଦ୍ୱେଷ, ଦ୍ୱେଷରୁ ଶତ୍ରୁତା ଜାତ ହୁଏ । ଏମାନଙ୍କ କୁଟିଳଚକ୍ରରେ ପଡି ପରମମିତ୍ରମାନେ ଅତର୍କିତ ରୂପେ ଶତ୍ରୁ ହୋଇ ଯାଆନ୍ତି । ଏହି ଦୁଃଖମୟ ସଂସାରରେ କାନକୁହାର ସଂଖ୍ୟା ନିତାନ୍ତ କମ ନୁହେ । ଏମାନଙ୍କ କଥାକୁ କର୍ଣ୍ଣରେ ସ୍ଥାନ ଦେବାର ହୃଦୟରୁ ଶାନ୍ତି ତଡ଼ି ଦେବାର ନାମାନ୍ତର ମାତ୍ର । ଏପରି ଲୋକର ସଂସର୍ଗ କରି ଚତୁରତା ଶିଖିବା ଅପେକ୍ଷା ଆଜୀବନ ଜଡ଼ ହୋଇ ରହିବାର ଶ୍ରେୟସ୍କର ।

ପରଦୂଷକ ଅଥବା ଗଳ୍ପବାହକ କଥାରେ ବଧିରତା ଅବଲମ୍ବନୀୟ । ଦୂଷଣର ତ କଥା ନାହିଁ, ସାମାନ୍ୟ ଜନଶ୍ରୁତିରେ ମଧ୍ୟ ହଠାତ୍ ବିଶ୍ୱାସସ୍ଥାପନ କରିବାର ଅନୁଚିତ । ଅବିଶେଷଜ୍ଞ ଲୋକେ କେତେଗୁଡ଼ିଏ ବଚନ କଣ୍ଠସ୍ଥ କରି ରଖନ୍ତି ଯଥା, ''ନହ୍ୟମୂଳା ଜନଶ୍ରୁତିଃ'' ''ନିଆଁ ନ ଥିଲେ ଧୂଆଁ ବାହାରେ ନାହିଁ'' ଏମାନେ ଏହିଭଳି ବଚନର ଲାଙ୍ଗୁଳ ଧରି ଚାଲନ୍ତି ଏବଂ ଯେତେବେଳେ ଯାହା ଶୁଣନ୍ତି ବଚନର ଦୋହାଇ ଦେଇ ସେହିକ୍ଷଣି ତାହା ବିଶ୍ୱାସ କରନ୍ତି । ''ନହ୍ୟମୂଳା ଜନଶ୍ରୁତିଃ'' ଏହି ବଚନଟିର କାର୍ଯ୍ୟକାରଣ ସମ୍ବଳିତ ଆକ୍ଷରିକ ଅର୍ଥ ଅବ୍ୟାପ୍ତି ଦୋଷରେ ଦୂଷିତ ନୁହେ । ମାତ୍ର ଲୋକେ ସାଧାରଣତଃ ଏହାକୁ ଯେପରି ଅର୍ଥରେ ପ୍ରୟୋଗ କରନ୍ତି ତାହା ନିତାନ୍ତ ଭ୍ରମସଂକୁଳ । ଜଣକ ନାମରେ କୌଣସି କଥା ରଟିଲେ, ଲୋକେ ଭାବନ୍ତି ଏ କଥା ଅମୂଳକ ନୁହେ, ଅବଶ୍ୟ ଏଥିରେ ସତ୍ୟ ଅଛି । ସୀତାଙ୍କ ପରି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ମଧ୍ୟ ଜନରବର ଦୌରାତ୍ମ୍ୟ ସହ୍ୟ କରିବାକୁ ହୋଇଥିଲା । ଭାବୁକଚୂଡ଼ାମଣି ହେଲପସ୍ କହିଅଛନ୍ତି ଯେ ''ନିଆଁ ନ ଥିଲେ ଧୂଆଁ ବାହାରେ ନାହିଁ'' ଏହା ସତ୍ୟ ଭାବିବା ସମୟରେ ଏ କଥାଟି ମଧ୍ୟ ମନରେ ରଖିବାର ଉଚିତ ଯେ ନିଆଁ ଯେତେ କମ, ଧୂଆଁ ତେତେ ଅଧିକ ଦେଖାଯାଏ । ଜନରବର ଅମୂଳକତା ପ୍ରାୟ ପ୍ରତ୍ୟେକ ଲୋକର ଅନୁଭବରେ ଘଟିଥାଏ, ତଥାଚ ଲୋକଙ୍କର କ୍ଷୀଣବିଶ୍ୱାସିତା ଏଡ଼େ ପ୍ରବଳ ଯେ କୌଣସିପ୍ରକାର ଜନରବ ଶୁଣିଲେ ହଠାତ୍ ବିଶ୍ୱାସ କରନ୍ତି । ଜନରବ ଅନେକ ସ୍ଥଳରେ ମିଥ୍ୟା ହୁଏ । ଜନରବରେ ହଠାତ୍ ବିଶ୍ୱାସ ସଂସ୍ଥାପନ କରିବା ମୂଢ଼ର କାର୍ଯ୍ୟ । ବିଶେଷତଃ ଦୂଷଣଘଟିତ ଜନରବ ଆଦୌ ବିଶ୍ୱାସ ନ କରିବାର ଶ୍ରେୟସ୍କର । ଏହିଭଳି ଜନରବ ଚାହୁଁ ୨ ଦେଶଯାକ ଘୋଟିଯାଏ । ଅଧିକାଂଶ ଲୋକେ ଦୂଷଣପ୍ରିୟ, ପରର ଦୂଷଣ ଶୁଣିଲେ ଏମାନେ ସେହି ପରିମାଣରେ ଆପଣାକୁ ଶ୍ଳାଘ୍ୟ ଜ୍ଞାନ କରନ୍ତି । ପରର ଯଶଧ୍ୱଂସ ଏମାନଙ୍କର ଯଶଃସ୍ତମ୍ଭର ଭିତ୍ତିଭୂମି ।

ତୁମ୍ଭର କାର୍ଯ୍ୟ ସମ୍ବନ୍ଧରେ କେହି ଅଯଥା ମନ୍ତବ୍ୟ ବ୍ୟକ୍ତ କଲେ ସେଥିସମ୍ବନ୍ଧରେ ବଧିର ହେବାର ଶ୍ରେୟଃ । ସାଧାରଣ ସମ୍ପର୍କୀୟ କୌଣସି ଭାର ଯେବେ ତୁମ୍ଭ ହସ୍ତରେ ନ୍ୟସ୍ତ ଥିବ, ତୁମ୍ଭର କାର୍ଯ୍ୟପ୍ରତି ଅନେକ ଲୋକର ଦୃଷ୍ଟି ପଡ଼ିବ ଏବଂ ଅନେକ ଲୋକେ ସେଥିର ସମାଲୋଚନା କରିବେ । ସାଧାରଣ ସମାଲୋଚନା ସହ୍ୟ କରିବା ସକାଶ ତୁମ୍ଭର ପ୍ରସ୍ତୁତ ଥିବାର ଉଚିତ । ପୁଣି ସାଧାରଣ ଯେ ଅଭ୍ରାନ୍ତ ଅଥବା ସର୍ବଜ୍ଞ ଏହା ନୁହେ ଏବଂ ସାଧାରଣର ସମାଲୋଚନା ସର୍ବଦା ସଂଗତ ହେବନାହିଁ ଏହା ମଧ ପୂର୍ବରୁ ଜାଣିଥିବାର ଉଚିତ । ସରଳ ଏବଂ ନ୍ୟାୟସଂଗତ ସମାଲୋଚନାପ୍ରତି ଆସ୍ଥା ପ୍ରଦର୍ଶନ କରିବା ସକାଶ ସମସ୍ତେ ବାଧ । ମାତ୍ର ଅଜ୍ଞର ଚିତ୍କାର, କୁସଂସ୍କାର । ବିଷ୍ଟ ଲୋକର କଟୂକ୍ତି, ଶତ୍ରୁର ତର୍ଜ୍ଜନ, ଦୋଷୈକଦର୍ଶୀର ଉପହାସଗର୍ଭ ଆସ୍ଫାଳନପ୍ରତି ବଧିର ହେବା ସର୍ବଥା ଶ୍ରେୟସ୍କର । ଏ ଭଳି ଲୋକର ଆକ୍ରମଣରେ ଉତ୍ତର ଦେଲେ ତୁମ୍ଭର ସେହି କାର୍ଯ୍ୟ ସବୁଦିନ ଲାଗି ରହିଥିବ । ତୁମ୍ଭେ ପ୍ରତିଯୁକ୍ତିଦ୍ୱାରା ଯୁକ୍ତି ଖଣ୍ଡନ କରିପାରିବ ସତ୍ୟ, ମାତ୍ର ପ୍ରତିଯୁକ୍ତିଦ୍ୱାରା ଶତ୍ରୁଭାବ କଦାଚ ଖଣ୍ଡନ ହେବାର ନୁହେ । ତୁମ୍ଭର ଆକ୍ରମଣକାରୀର ଉଦ୍ଦେଶ୍ୟ ବୈରନିର୍ଜ୍ଜାତନ– ପ୍ରତିଯୁକ୍ତି ଆମନ୍ତ୍ରଣ ନୁହେ ।

ତୁମ୍ଭ ନାମରେ ମିଥ୍ୟା ଦୋଷାରୋପ ହେଲେ ସେଥିପ୍ରତି ବଧିର ହେବ । ମିଥ୍ୟାପବାଦ ବଡ଼ ୨ ଲୋକଙ୍କୁ ଛାଡ଼ି ନାହିଁ । ପ୍ରାୟ ପ୍ରତ୍ୟେକ ମହାପୁରୁଷ ମିଥ୍ୟା ବାଦର ଶରବ୍ୟ ହୋଇଥିବାର ଇତିହାସ ସାକ୍ଷ୍ୟ ଦେଉଅଛି । ତୁମ୍ଭ ଆମ୍ଭର କଥା ଅବା କିଏ ପଚାରେ ? ମିଥ୍ୟାପବାଦର କଦାଚ ଉତ୍ତର ଦେବ ନାହିଁ । ଅପବାଦକୁ ଉତ୍ତର ଦେବାର ତାହାକୁ ଜୀବଦାନ କରିବାର ତୁଲ୍ୟ ଅଟେ । ମିଥ୍ୟାର ଜୀବନୀଶକ୍ତି କମ୍ – ମିଥ୍ୟା ସ୍ୱଭାବତଃ ଅସାର । ଏପରି ପଦାର୍ଥକୁ ଉତ୍ତର ପ୍ରଦାନଦ୍ୱାରା ସମ୍ମାନ ପ୍ରଦର୍ଶନ କରିବ ନାହିଁ । ଉତ୍ତର ଦେଲେ ତୁମ୍ଭର ନିନ୍ଦୁକମାନେ, ତୁମ୍ଭେ ମର୍ମ୍ମାହତ ହୋଇଅଛ ଜାଣି ଆପଣାକୁ କୃତାର୍ଥ ମଣିବେ । ନୀରବ ସହିଷ୍ଣୁତା ପ୍ରଦର୍ଶନ କଲେ ସେମାନଙ୍କର ମନ ଚୂର୍ଣ୍ଣ ହୋଇଯିବ ଏବଂ ଆକ୍ରମଣର ଉତ୍ସାହ ଭାଙ୍ଗିଯିବ । ଶତ୍ରୁମାନଙ୍କର ମିଥ୍ୟା ଆକ୍ରମଣରେ ଅଧୀର ହେଲେ, ସେଥିପ୍ରତି ଅଯଥା ଗୌରବ ପ୍ରଦର୍ଶିତ ହେଲା ଏହା ନିଶ୍ଚେ ଜାଣିଥିବ । ଏପରି ସ୍ଥଳରେ କଦାଚ କାତର ଅଥବା ବ୍ୟଗ୍ର ହେବନାହିଁ । ତୁମ୍ଭର ସରଳ ଏବଂ ନିଷ୍କଳଙ୍କ ଜୀବନକୁ କୁତ୍ସାର ଅମୋଘ ପ୍ରତିବାଦ ଜାଣି ନୀରବ ରହିବ । ଯେଉଁମାନେ ତୁମ୍ଭଙ୍କୁ ଭଲରୂପେ ଜାଣନ୍ତି ସେମାନେ କଦାଚ ତୁମ୍ଭର ନିନ୍ଦୁକମାନଙ୍କୁ ପ୍ରଶ୍ରୟ ଦେବେ ନାହିଁ । ନିଜପାଇଁ ନିଜେ ନ ଲଢ଼ି କିଛିକାଳ ଧୀରଭାବରେ ରହିପାରିଲେ ଦେଖିବ ଯେ ତୁମ୍ଭର ଶତ୍ରୁମାନେ ଆତ୍ମଗ୍ଲାନି ଏବଂ ପରନିନ୍ଦା ବ୍ୟତୀତ ଆଉ କିଛି ଲାଭ କରିନାହାନ୍ତି । ଏହି ମୌନ ଯେ ସବୁସ୍ଥଳରେ

ଅବଲମ୍ବନୀୟ ଏହା ନୁହେଁ । କେହି ଯେବେ ସ୍ପଷ୍ଟାକ୍ଷରରେ ପ୍ରକୃତ ଦୋଷାବହ ଅଭିଯୋଗ ଉପସ୍ଥିତ କରେ, ସେପରି ସ୍ଥଳରେ ଉଚିତ କଥା କହି ସେଥିର ପ୍ରତିବାଦ କରିବାର ଆବଶ୍ୟକ । ଏମନ୍ତ ସ୍ଥଳରେ ନୀରବ ରହିଲେ ଅଜ୍ଞଲୋକେ (ପୃଥିବୀରେ ଅଧିକାଂଶ ଏହି ଶ୍ରେଣୀର) ''ମୌନଂ ସମ୍ମତିଲକ୍ଷଣମ୍'' ଏହି ବଚନର ଅପପ୍ରୟୋଗ କରି ତୁମ୍ଭେ ନିର୍ଦ୍ଦୋଷ ଥିଲେ ସୁଦ୍ଧା ତୁମ୍ଭଙ୍କୁ ଦୋଷୀ ମଣିବେ । ମାତ୍ର ବାଜେ କଥା, ଜନରବ, ଅଡୁଆ କଥା, ଏଣୁ ତେଣୁ ପାଞ୍ଚକଥା ଘେନି କେବଳ ଈର୍ଷା ଚରିତାର୍ଥ କରିବା ଅଭିପ୍ରାୟରେ କେହି ଯେବେ ତୁମ୍ଭଙ୍କୁ ଆକ୍ରମଣ କରେ ଏପରି ସ୍ଥଳରେ ବଧିରତା ଅଥବା ମୌନାବଲମ୍ବନ ଶ୍ରେୟସ୍କର ।

---

## ସ୍ତ୍ରୀଜାତି ।

### (ପୂର୍ବପ୍ରକାଶିତ ଉଦ୍ଧାରୁ)

ଯଥେଚ୍ଛାପ୍ରଣାଳୀ ଅତିକ୍ରମ କରି ମାନବସମାଜର ପାରିବାରିକ ସମ୍ବନ୍ଧ ନାନା ପ୍ରକାରରେ ସ୍ଥିରତାକୁ ଲାଭ କରିଅଛି । ପ୍ରତ୍ୟେକ ବ୍ୟକ୍ତି ପଶୁବତ୍ ପ୍ରତ୍ୟେକ ସ୍ତ୍ରୀଠାରେ ପାଶବବୃତ୍ତି ଚରିତାର୍ଥ ନ କରି କତିପୟ ପୁରୁଷ କତିପୟ ସ୍ତ୍ରୀକୁ ଭାର୍ଯ୍ୟାରୂପେ ଗ୍ରହଣପୂର୍ବକ ଆପଣା ଆପଣା ମଧ୍ୟରେ ପ୍ରଥମତଃ ଯଥେଚ୍ଛାକ୍ରମରେ ଓ ତଦନନ୍ତର ନିର୍ଦ୍ଧାରିତ ନିୟମାନୁସାରେ ଏକତ୍ରବାସ କରନ୍ତି । ଟୋଡ଼ ଜାତିଙ୍କ ବିଷୟରେ ଶ୍ରଟ୍ ସାହେବ ଯାହା ଲେଖିଅଛନ୍ତି ତାହା ନିମ୍ନରେ ପ୍ରକଟିତ ହେଲା । ''ଯଦ୍ୟପି ଏମାନଙ୍କ ମଧ୍ୟରେ ଚାରି କିମ୍ବା ପାଞ୍ଚ ସହୋଦର ଥାନ୍ତି ଓ ଜ୍ୟେଷ୍ଠଭ୍ରାତା ବୟସାଧିକ୍ୟ ପ୍ରଯୁକ୍ତ ବିବାହ କରେ ତାହାହେଲେ ତାହାର ଭାର୍ଯ୍ୟା ଅନ୍ୟାନ୍ୟ ଭ୍ରାତାମାନଙ୍କୁ ତାହାର ସ୍ୱାମୀ ବୋଲି ଅଧିକାର କରେ ଓ ସେମାନେ କ୍ରମେ ବୟଃପ୍ରାପ୍ତ ହେଲେ ସେମାନଙ୍କ ସହିତ ପରିଣୟ କରେ । ପୁନଶ୍ଚ ଯଦି ଏହି କୋଠସ୍ତ୍ରୀର ଆଉ ଏକ କିମ୍ବା ଅଧିକ ଭଗ୍ନୀ ଥାନ୍ତି ତାହାହେଲେ ସେମାନେ ଏହି ଭଗ୍ନୀର ସ୍ୱାମୀ ବା ସ୍ୱାମୀମାନଙ୍କୁ ଆପଣାର ସ୍ୱାମୀବୋଲି ଅଧିକାର କରନ୍ତି, ସୁତରାଂ ବହୁଭ୍ରାତା ସଂଗଠିତ ପରିବାର ମଧ୍ୟରେ ଘଟନାକ୍ରମେ ସମସ୍ତଙ୍କ ସକାଶ ଏକ କିମ୍ବା ତତୋଽଧିକ ସ୍ତ୍ରୀ ଥାନ୍ତି । ଏମାନେ ସମସ୍ତେ ଏକ ଗୃହରେ ଯଥେଚ୍ଛା କ୍ରମରେ ବାସ କରନ୍ତି ।'' ନେୟରଜାତୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଏହିରୂପ ପ୍ରଥାର ପ୍ରଚଳନ ଅଛି, ମାତ୍ର ଉକ୍ତ ପ୍ରଥାଠାରୁ ଏହା ଏତିକିମାତ୍ର ଭିନ୍ନ ଯେ ସ୍ୱାମୀମାନେ ସହୋଦର ନୁହନ୍ତି । ଏହିପ୍ରକାର ବହୁପତି ଓ ବହୁସ୍ତ୍ରୀଶୀଳ ସମ୍ବନ୍ଧ ପୁଣି ସାମାଜିକ ଉନ୍ନତିର ସହିତ ନାନାପ୍ରକାରରେ ଅଧିକ ଉନ୍ନତାବସ୍ଥାକୁ ଲାଭ କରେ ।

ଯେତେବେଳେ ମନୁଷ୍ୟ ଗ୍ରାମ କିମ୍ବା ପଲ୍ଲିରେ ବସତି ସ୍ଥାପନ ନ କରି ନିକୃଷ୍ଟ ଜନ୍ତୁମାନଙ୍କପରି ବୃକ୍ଷକ୍ରୋଡ଼ ଓ ପର୍ବତଗହ୍ୱରରେ ବାସ କରୁଥାନ୍ତି, ଯେତେବେଳେ ମନୁଷ୍ୟ ହିଂସ୍ରଜନ୍ତୁମାନଙ୍କ ପରି ଇତସ୍ତତଃ ଭ୍ରମଣପୂର୍ବକ ପରସ୍ପରର ପ୍ରାଣହିଂସା କରୁଥାନ୍ତି, ତେତେବେଳେ ଦୁର୍ବଳା ନାରୀମାନଙ୍କର ସମାଜରେ ସ୍ଥାନ ପାଇବାର ସମ୍ପୂର୍ଣ୍ଣ ଅସମ୍ଭବ । କାରଣ ଏମନ୍ତ ଅବସ୍ଥାରେ ପୁତ୍ର-ସନ୍ତାନ ହେଲେ ସେ ନୈସର୍ଗିକ ବିକ୍ରମ ସହକାରରେ ଆପଣାର ପିତାମାତାଙ୍କୁ ଦୁର୍ଦ୍ଧର୍ଷ ଶତ୍ରୁହସ୍ତରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ । ମାତ୍ର କନ୍ୟାସନ୍ତାନ ହେଲେ ତାହାକୁ ରକ୍ଷଣାବେକ୍ଷଣ କରିବାରେ ପିତାମାତାର ଚିନ୍ତାର ଶେଷ ରହେନାହିଁ । ସୁତରାଂ କୌଣସି ବ୍ୟକ୍ତିର କନ୍ୟାସନ୍ତାନ ହେଲାକ୍ଷଣି ସେ ତାକୁ ଘୋରବନର କୌଣସି ନିଭୃତସ୍ଥାନରେ ଅବା ସ୍ରୋତସ୍ୱିନୀ ନଦୀରେ ନିକ୍ଷେପ କରି ତାହାର ପ୍ରାଣ ସଂହାର କରେ ଏ ପ୍ରକାର ସାମାଜିକ ଅବସ୍ଥାରେ ନାରୀସଂଖ୍ୟା ପୁରୁଷସଂଖ୍ୟାଠାରୁ ଅପେକ୍ଷାକୃତ ଅଳ୍ପ; ସୁତରାଂ ଅନେକ ପୁରୁଷ ଏକତ୍ର ହୋଇ ସ୍ୱ ୨ ବିଳାସ ନିମିତ୍ତ ଗୋଟିଏ ସ୍ତ୍ରୀ ରଖନ୍ତି । ଏରୂପ ନରନାରୀର ସମ୍ବନ୍ଧକୁ ବହୁପତିତ୍ୱ କୁହାଯାଏ — ବହୁପତିତ୍ୱ ପ୍ରଚଳନକାଳୀନ ଯେଉଁ ସ୍ତ୍ରୀମାନେ ମାତୃଗର୍ଭରୁ ଭୂମିଷ୍ଠ ହେଲାକ୍ଷଣି ହତ ନ ହୋଇ ଜୀବିତ ଥାନ୍ତି ସେମାନଙ୍କ ଅବସ୍ଥା ଅତି ମନ୍ଦ ନୁହେଁ । କାରଣ ଯେଉଁ ସ୍ତ୍ରୀ ବହୁକଷ୍ଟରେ ପ୍ରାପ୍ତ, ଯେଉଁ ସ୍ତ୍ରୀକୁ ରକ୍ଷଣାବେକ୍ଷଣ କରିବାରେ ଏତାଦୃଶ ଯତ୍ନ ଓ ପରିଶ୍ରମର ପ୍ରୟୋଜନ, ସେ ଅବଶ୍ୟ ପୁରୁଷମାନଙ୍କର ଆଦରର ପଦାର୍ଥ । ଯାହାହେଉ ଏରୂପ ସମ୍ବନ୍ଧ କେବଳ ଅନୁନ୍ନତ ସମାଜରେ ସମ୍ଭବ । ତିବ୍ବତ ଓ ଆମେରିକାଖଣ୍ଡରେ ବହୁପତିତ୍ୱ ପ୍ରଥାର ଅବଧି ପ୍ରଚଳନ ହେଉଅଛି । ହିନ୍ଦୁମାନଙ୍କର ମହାଭାରତ ନାମକ ଗ୍ରନ୍ଥରେ ଉଲ୍ଲିଖିତ ଅଛି ଯେ ଦ୍ରୌପଦୀ ଯୁଧିଷ୍ଠିରାଦି ପଞ୍ଚ ସହୋଦରଙ୍କୁ ବିବାହ କରିଥିଲେ ।

ମାତ୍ର ଯେତେବେଳେ ମନୁଷ୍ୟ ଗ୍ରାମ ଓ ପଲ୍ଲି ସ୍ଥାପନପୂର୍ବକ ବାସ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ସେମାନଙ୍କ ମଧ୍ୟରେ ଜାତୀୟତାର ଭିତ୍ତି ସ୍ଥାପନ ହୁଏ । ଏରୂପ ସମୟରେ ଅନ୍ତର୍ଜାତୀୟ ନିୟମାଭାବନିବନ୍ଧନରୁ ଏକ ଜାତି ଅନ୍ୟ ଜାତିଙ୍କ ସହିତ ଯୁଦ୍ଧ କରନ୍ତି ଓ ଯୁଦ୍ଧକ୍ଷେତ୍ରରେ ଅନେକ ଲୋକ ହତ ଓ ଆହତ ହୁଅନ୍ତି; ସୁତରାଂ ଏରୂପ ସାମାଜିକ ଅବସ୍ଥାରେ ସ୍ତ୍ରୀସଂଖ୍ୟା ପୁରୁଷସଂଖ୍ୟାଠାରୁ ଅଧିକ । ଯୁଦ୍ଧରେ ହତ ବ୍ୟକ୍ତିମାନଙ୍କ ସ୍ଥାନ ପୂରଣ କରିବା ସକାଶେ ସମାଜସ୍ଥ ସମସ୍ତ ସ୍ତ୍ରୀମାନଙ୍କର ସନ୍ତାନୋତ୍ପାଦନପୂର୍ବକ ଲୋକସଂଖ୍ୟା ବୃଦ୍ଧି କରିବାର ଆବଶ୍ୟକ । ଏଣୁ କରି ଅବଶିଷ୍ଟ ପ୍ରତ୍ୟେକ ବ୍ୟକ୍ତି ବହୁସ୍ତ୍ରୀ ଗ୍ରହଣ କରନ୍ତି । ଇଦୃଶ ପ୍ରଥାକୁ ବହୁସ୍ତ୍ରୀତ୍ୱ କୁହାଯାଏ — କି ଶୀତପ୍ରଧାନ ଉତ୍ତରାଞ୍ଚଳ, କି ଅନୁର୍ବରା ସୁବିସ୍ତୀର୍ଣ୍ଣା ମରୁଭୂମି, କି ସାଗରାମ୍ବରା ଦ୍ୱୀପମାଳା, କି ଉଷ୍ଣପ୍ରଧାନ ବହୁଜନାକୀର୍ଣ୍ଣ

ଦେଶସମୂହ— ସର୍ବତ୍ର ବହୁସ୍ତ୍ରୀତ୍ୱ ପ୍ରଚଳିତ ଅଛି । ଏ ରୂପ ସାର୍ବଭୌମିକ ପ୍ରଥା ନାନା କାରଣରୁ ହୋଇପାରେ ମାତ୍ର ଉଲ୍ଲିଖିତ କାରଣ ସର୍ବପ୍ରଧାନ । ଏତଭିନ୍ନ ଯୁଦ୍ଧପ୍ରିୟ ଜାତିଙ୍କଠାରେ ବହୁସ୍ତ୍ରୀତ୍ୱ ଅଭେଦରୂପେ ଲକ୍ଷିତ ହୁଏ । ଏହି ପ୍ରଥା ପ୍ରଚଳନକାଳୀନ ସ୍ତ୍ରୀ ଜାତିର ଅବସ୍ଥା ଅତୀବ ଶୋଚନୀୟ । ଯୁଦ୍ଧପ୍ରିୟ ରକ୍ତପିପାସୁ ନରପଶୁମାନେ ବୈବାହିକ ବିଶୁଦ୍ଧ ପ୍ରେମ ଅନୁଭବ କରିବାକୁ କଦାପି ସମର୍ଥ ନୁହନ୍ତି । ସ୍ୱେଚ୍ଛାଚାରିଣୀ କଳ୍ପନାଶକ୍ତିର ବଶୀଭୂତ ହୋଇ ଏହି ପୁରୁଷପାମରମାନେ ରମଣୀଗଣଙ୍କୁ ଦାସତ୍ୱର କଠୋର ନିଗଡ଼ରେ ବନ୍ଧନ କରନ୍ତି ଓ ଅବଞ୍ଛେୟ ବିଳାସ ସମ୍ଭୋଗାର୍ଥ ହୃଦୟତୋଷିଣୀ ଭାର୍ଯ୍ୟାକୁ ମଧ୍ୟ ଅସୀମ ଯନ୍ତ୍ରଣା ଦେବାକୁ ତ୍ରୁଟି କରନ୍ତି ନାହିଁ । ମୂଳକଥା ବହୁସ୍ତ୍ରୀତ୍ୱ ପ୍ରଚଳନକାଳୀନ ବିଶୁଦ୍ଧ ପ୍ରେମର ଆଦୌ ସ୍ଫୁରଣ ହୁଏନାହିଁ । ଏମନ୍ତ ସମୟରେ ମାନବହୃଦୟ ଲଳନାମାନଙ୍କର ଲାବଣ୍ୟମୟ ମୁଖର ପ୍ରସାଦହାସ୍ୟ ଭୋଗ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ । ଏକବିବାହରୂପ ପବିତ୍ରବନ୍ଧନର ମାୟାମୟୀ ଶକ୍ତି ସେମାନଙ୍କଠାରେ ସମ୍ପୂର୍ଣ୍ଣ ଅପରିଚିତ ଓ ଅପରିଜ୍ଞାତ । ଏହି ସିଦ୍ଧାନ୍ତର ଯୌକ୍ତିକତା ବଙ୍ଗଦେଶୀୟ କୁଳୀନ ବ୍ରାହ୍ମଣମାନଙ୍କର ଓ ଉତ୍କଳପ୍ରଦେଶୀୟ ଗଡ଼ଜାତ ରାଜାମାନଙ୍କର ପାରିବାରିକ ପଦ୍ଧତିପ୍ରତି ଦୃଷ୍ଟିନିକ୍ଷେପ କଲେ ଅବଶ୍ୟ ପ୍ରତିପନ୍ନ ହେବ ।

ଶ୍ରୀ ହରିଶ୍ଚନ୍ଦ୍ର ଘୋଷ ।

୧ ମ ଖଣ୍ଡ ୬ଷ୍ଠ ସଂଖ୍ୟା



ମାସିକପତ୍ର ଓ ସମାଲୋଚନ ।

---

ଜୁନ ସନ ୧୮୮୫ ମସିହା ।

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)

| | ବିଷୟ | | | ପୃଷ୍ଠା |
|---|---|---|---|---|
| ୧ । | କବି ଓ କବିତା | ... | ... | |
| ୨ । | ଅନାଥିନୀ (ଉପନ୍ୟାସ) | ... | ... | |
| ୩ । | ନିଦାଘ ସନ୍ଧ୍ୟା (ପଦ୍ୟ) | ... | ... | |
| ୪ । | ମୁଦ୍ରାଯନ୍ତ୍ର—ପୁସ୍ତକ ପାଠ | ... | ... | |
| ୫ । | ଆକସ୍ମିକ ଘଟନା (ବିଜ୍ଞାନ) | ... | ... | |
| ୬ । | ଆଶ୍ଚର୍ଯ୍ୟ ସ୍ୱପ୍ନ (ପଦ୍ୟ) | ... | ... | |

**

କଟକ

Printed and published by Sarat Chandra Mukhopadhaya at the Cuttack Printing Company's Press.

ତାହାହିଁ ବାସ୍ତବରେ ଗାନ କରାଯାଏ ଓ ଗାନ କରିବାର ଉପଯୁକ୍ତ ପଦାର୍ଥ ; ପଦ୍ୟରେ ନ ଲେଖି ଗଦ୍ୟରେ ଲେଖିଲେ ମଧ୍ୟ ତାହାଙ୍କର ଗମ୍ଭୀର ଚିନ୍ତା ଓ ଭାବ ହୃଦୟୋଦ୍ବୋଧନ କରି ପାରେ ।

ଅତଏବ ଯାହାର ଏପ୍ରକାର ଶକ୍ତି ନାହିଁ—ଯେ ବସ୍ତୁର ମର୍ମ୍ମ ଦେଖି ନ ପାରେ ଓ ଅନ୍ତର୍ନିହିତ ଶୋଭା ଉପଲବ୍ଧି କରି ନ ପାରେ—ତାହାର କବି ବୋଲି ପରିଚୟ ଦେବା ବିଡ଼ମ୍ବନା ମାତ୍ର । ତାହାର ପଦ୍ୟ ରଚନା କରିବାର ଉଚିତ ନୁହେ । କୃତ୍ରିମ ପଦ୍ୟ ରଚନା କରିବାକୁ ଯାଇ ଶ୍ରୁତିକଟୁ ଶବ୍ଦ ବିନ୍ୟାସ କରି, ବ୍ୟାକରଣର ଶ୍ରାଦ୍ଧ କରି ଏବଂ ଭାବସମୂହର ଦେହ ମୋଡ଼ି ପାଠକମାନଙ୍କର ବୃଥାରେ ସମୟ ନଷ୍ଟ କରିବାର ଆବଶ୍ୟକତା କଣ ? ଯଦି ପ୍ରକାଶ କରିବାର ଉପଯୁକ୍ତ ହୁଏ ତେବେ ସେହି ଭାବସମୂହକୁ ଗଦ୍ୟରେ ପ୍ରକାଶ କଲେହି ଚଳିବ । ପଦ୍ୟର ଛନ୍ଦୋନିବଦ୍ଧ ସଙ୍କୀର୍ଣ୍ଣ ସ୍ଥାନ ପରି ଗଦ୍ୟରେହିଁ ଅଳ୍ପ ସ୍ଥାନ ମଧ୍ୟରେ ଭାବସମୂହ ଚୁପି ରଖିବାର ଆବଶ୍ୟକ ହୁଏ ନାହିଁ । ଏଠାରେ ଲେଖକ ସମ୍ପୂର୍ଣ୍ଣ ସ୍ୱାଧୀନ । ଏକ କଥାରେ ନ ହେଲେ, ପାଞ୍ଚ କଥାରେ ଆପଣା ଭାବ ପ୍ରକାଶ କରି ପାରେ । ଅତଏବ ଯାହାର ପ୍ରକୃତ କବିତ୍ୱ ଶକ୍ତି ନାହିଁ ସେ କିପାଁଇ ପଦ୍ୟର ନିୟମାବଳୀର ଅଧୀନ ହୋଇ ଲୋକଙ୍କୁ ବିରକ୍ତ କରିବାକୁ ଯାଏ ?

ଶ୍ରୀ ———

---

## ଅନାଥିନୀ

( ଉପନ୍ୟାସ । )

### ତୃତୀୟ ପରିଚ୍ଛେଦ ।— ଅନାଥିନୀ ।

ସୃଷ୍ଟି ବିଚିତ୍ର ଏବଂ ବିଚିତ୍ର ନିୟମରେ ଚରାଚରରେ ସୃଷ୍ଟପଦାର୍ଥମାନ ରକ୍ଷିତ ଏବଂ ସମ୍ବର୍ଦ୍ଧିତ ହେଉଅଛି । କେହି ଅତୁଳବିଭବଶାଳୀ ରାଜରାଜେଶ୍ୱର ତ୍ରିତଳପ୍ରାସାଦୋପରି ରମ୍ୟ ମୃଣ୍ମୟପାତ୍ରରେ ସୁକୋମଳ ମଲ୍ଲିକାବୃକ୍ଷ ଅତି ଯତ୍ନସହକାରେ ସଂସ୍ଥାପନପୂର୍ବକ ପ୍ରାସାଦ ଆମୋଦିତ କରୁଅଛନ୍ତି, କାହିଁ ବା ନିବିଡ଼ ବନବନାନ୍ତରେ ବନମଲ୍ଲିକା ସୁଗନ୍ଧମୟ ପୁଷ୍ପରାଜିରେ ବିଭୂଷିତ ହୋଇ ସମୁଦାୟ ବନ ଆମୋଦିତ କରି ନିଜର ମାୟା ବିସ୍ତାର କରୁଅଛି, କେଉଁଠାରେ ସୁରୁଚିସମ୍ପନ୍ନ ରସିକ ଲୋକ ମନୋହର ଉଦ୍ୟାନ ନିର୍ମାଣ କରି ନାନାବିଧ ଫଳପୁଷ୍ପଶୋଭିତ ବୃକ୍ଷଲତା ରୋପଣପୂର୍ବକ ତତ୍ସୁଖରେ ନିମଜ୍ଜିତ ହେଉଅଛି, କାହିଁ ବା ଭୀଷଣମୂର୍ତ୍ତି ଉତ୍ତୁଙ୍ଗ ଗିରିଶୃଙ୍ଗୋପରି ସ୍ୱଚ୍ଛନ୍ଦ ବନଜାତ ପ୍ରକାଣ୍ଡ ଉଦ୍ୟାନ ବିରାଜିତ ହୋଇ

# କବି ଓ କବିତା ।

କବିତା ଶବ୍ଦର ଅର୍ଥ କଅଣ ? ଏବଂ କବି କାହାକୁ କୁହାଯାଏ ? ଯେପରି ସେପରି ଶବ୍ଦର ଛଟା ଦେଖାଇ ପାଞ୍ଚଧାଡ଼ି ଲେଖିଦେଲେ କି କବିତା ହୁଏ ? ତାହା ହେଲେ ଯେ ଯେତେ ପରିମାଣରେ ଏହି ପ୍ରକାର କଥା ସଜାଡ଼ି ଲେଖିପାରେ ସେ ସେହି ଅନୁପାତରେ ପ୍ରତିଷ୍ଠାବାନ୍ କବି ହୁଅନ୍ତା ? ନା କବିତା ତାହା ନୁହେ ଏବଂ ଏପ୍ରକାର ଲେଖକମାନେ ମଧ କବିଶ୍ରେଣୀରେ ଗୃହୀତ ହେବାର ଯୋଗ୍ୟ ନୁହନ୍ତି । ଏପରି କଥାକୁ ମନରେ ସ୍ଥାନ ଦେଲେ କବିକୁଳଚୂଡ଼ାମଣି କାଳିଦାସ, ସେକ୍ଷପଅର ଓ ଦାନ୍ତି ଇତ୍ୟାଦି ମହାତ୍ମାମାନଙ୍କ ପ୍ରତି ଅପମାନ ସୂଚିତ ହୁଏ ଓ ସୁଖଦୁଃଖମିଶ୍ରିତ ଏହି ମନୁଷ୍ୟଜୀବନର ଗୋଟିଏ ପ୍ରଧାନ ସୁଖ ଅପହୃତ ହୁଏ ଏବଂ ବିଶ୍ୱର ସମସ୍ତ ବସ୍ତୁର— ପ୍ରକାଣ୍ଡ ସୂର୍ଯ୍ୟଠାରୁ ସାମାନ୍ୟ ତୃଣ ପତ୍ର ପର୍ଯ୍ୟନ୍ତ(କ) — ଅନ୍ତର୍ନିହିତ ସତ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ଅନ୍ଧତା ପ୍ରକାଶ ହୁଏ । ଯେଉଁ ଶକ୍ତିଦ୍ୱାରା ପ୍ରକୃତିର ମନୋହର ଛବି ଅଙ୍କିତ କରି କାଳିଦାସ ଆଜି ଅମରତ୍ୱ ଲାଭ କରିଅଛନ୍ତି— ରକ୍ତମାଂସଗତ କାଳିଦାସର ବହୁକାଳ ଦେହ ପତନ ହେବା ଉତ୍ତାରୁ ସୁଦ୍ଧା, ଯେଉଁ ଅସାଧାରଣ ଶକ୍ତି ପ୍ରଭାବରୁ ଆତ୍ମାଗତ କାଳିଦାସ ଶତସହସ୍ର ଲୋକର ଅନ୍ତରାତ୍ମା ପ୍ରଜ୍ୱଳିତ କରି ଦେଉଅଛନ୍ତି; ଏବଂ ଶୋକ, ତାପ, ଦୁଃଖ ଦୂର କରି ଚିତ୍ତବିନୋଦ କରି ଦେଉଅଛନ୍ତି; ଯେଉଁ ସ୍ୱର୍ଗୀୟଶକ୍ତି ବଳରୁ କବିରାଜ ସେକ୍ଷପିୟର ମନୁଷ୍ୟଚରିତ୍ର ତନ୍ନ ୨ କରି ଚିତ୍ରିତ କରିଅଛନ୍ତି, ଏବଂ ମାନବପ୍ରକୃତିସୁଲଭ ଆପଦ-ବିପଦ ପ୍ରେମ-ଘୃଣା ସୁଖ-ଦୁଃଖ ଇତ୍ୟାଦି ଭାବ ଓ ଘଟଣାବଳୀର ଦର୍ପଣ ରଖିଯାଇଅଛନ୍ତି, ଯେଉଁ ଶକ୍ତିଦ୍ୱାରା ଅନୁପ୍ରାଣିତ ହୋଇ କବିବର ଦାନ୍ତି ଭବିଷ୍ୟତ ଜୀବନର — ସ୍ୱର୍ଗ ନରକର—ବିବିଧ ସୁଖସମ୍ଭୋଗ ଆଶା ଭରସା ଓ କ୍ଳେଶ ଯନ୍ତ୍ରଣାର ଜୀବନ୍ତ ଛବି ଅଙ୍କିତ କରି ସ୍ୱଦେଶୀୟମାନଙ୍କର ପୂଜାର ଓ ଗୌରବର ପାତ୍ର ହୋଇଅଛନ୍ତି, ସେହି ସ୍ୱର୍ଗୀୟ କବିତ୍ୱଶକ୍ତି କି ସାମାନ୍ୟ ବାକ୍ୟବିନ୍ୟାସର ଆୟତ୍ତାଧୀନ ? ନା କଦାଚ ନୁହେ । ବାକ୍ୟବିନ୍ୟାସ ନିତାନ୍ତ ତୁଚ୍ଛ କଥା । ଚେଷ୍ଟା କଲେ ଯେ କେହି ଲୋକ ଶବ୍ଦଯୋଜନା କରି ଲେଖିପାରେ, ମାତ୍ର ଚେଷ୍ଟା କରି କେତେଜଣ କବି ହୋଇପାରନ୍ତି ?

କହିପାର ଜଗଦୀଶ୍ୱରଙ୍କ ସୃଷ୍ଟ ପ୍ରତ୍ୟେକ ବସ୍ତୁରେ କବିତ୍ୱ ନିହିତ ଅଛି — ପ୍ରତ୍ୟେକ ପଦାର୍ଥର ଅନ୍ତରରେ ସୌନ୍ଦର୍ଯ୍ୟ ଓ ସତ୍ୟ ବର୍ତ୍ତମାନ ରହିଅଛି । ସତ୍ୟ ସହସ୍ରଥର ସତ୍ୟ । କୌଣସି ବସ୍ତୁର ଅସ୍ତିତ୍ୱ ଏହି ଅନ୍ତର୍ନିହିତ ଶୋଭା ଉପରେ ନିର୍ଭର କରେ । ଏ ପ୍ରକାର ଶୋଭା ଅନ୍ତରରେ ନ ଥିଲେ ବସ୍ତୁର ଅସ୍ତିତ୍ୱ ସମ୍ଭବେ ନାହିଁ । ମାତ୍ର କେତେକଜଣ ଏହି ଶୋଭା ଅନୁଭବ କରି ପାରନ୍ତି ? ଯେ ମହାତ୍ମା ଏହି ଅନ୍ତର୍ନିହିତ ସତ୍ୟ ଓ ସୌନ୍ଦର୍ଯ୍ୟ ଅନୁଭବ

କରି ପାରନ୍ତି ସେହି ପ୍ରକୃତ କବି । ତାଙ୍କର ଅନ୍ତରାତ୍ମା ବସ୍ତୁର ଆନ୍ତରାଭାବ ସହିତ ସହାନୁଭୂତିସୂତ୍ରରେ ସମ୍ବନ୍ଧ । ତାଙ୍କର ମନଶ୍ଚକ୍ଷୁ ବସ୍ତୁର ବାହ୍ୟ-ଆବରଣ ଭେଦ କରି ଅନ୍ତର୍ନିହିତ ସତ୍ୟ ଓ ସୌନ୍ଦର୍ଯ୍ୟ ପ୍ରତ୍ୟକ୍ଷ କରେ । ସେହି ମହାତ୍ମାହିଁ ପ୍ରାତ୍ୟହିକ ଜୀବନର ସାଧାରଣ ନିତ୍ୟ ଦୃଶ୍ୟ ପଦାର୍ଥର ଗୂଢ଼ତତ୍ତ୍ୱ Goethe ଗୋଟେ ଯାହାକୁ ପ୍ରତ୍ୟକ୍ଷ–ଗୋପନ Open-secret କହନ୍ତି ଦେଖି ପାରନ୍ତି ଏବଂ ତାହା ସଜୀବ ଜ୍ୱଳନ୍ତ ଭାଷାରେ ବ୍ୟକ୍ତ କରି ମାନବମଣ୍ଡଳୀକୁ ମୋହିତ ଓ ଆଶ୍ଚର୍ଯ୍ୟାନ୍ୱିତ କରି ପାରନ୍ତି । ଫଳପୁଷ୍ପ ସଜ୍ଜିତ ଓ କୋମଳ ଲତାଦି ଜଡ଼ିତ ତରୁ ବନର ଶୋଭା ବର୍ଦ୍ଧନ କରୁଥିଲା । କେତେ ଲୋକ ଏହା ପ୍ରତ୍ୟକ୍ଷ କରିଥିଲେ ଓ ତାହାର ଛାୟାତଳରେ ବିଶ୍ରାମ କରିଥିଲେ । କବିବର ଉଆର୍ଡସ୍‌ଉଆର୍ଥ ଦେଖିଲା କ୍ଷଣି କାହିଁକି ତରୁକୁ ଆଲିଙ୍ଗନ କରି ଆନନ୍ଦାଶ୍ରୁ ବର୍ଷଣ କଲେ ? ତହିଁରେ ସେ କି ଦେଖିଲେ ? ଆଉ ତାଙ୍କପରି କେତେ ଲୋକ ଅବା ଏହିପରି ପ୍ରକୃତିର ସୌନ୍ଦର୍ଯ୍ୟ ଉପଲବ୍ଧି କରି ପାରନ୍ତି ? ପ୍ରତ୍ୟହ ପ୍ରାତଃକାଳରେ ସମସ୍ତେ ବୃକ୍ଷପତ୍ରରୁ ଶିଶିରବିନ୍ଦୁ ପଡ଼ିବାର ଦେଖନ୍ତି, ମାତ୍ର କବି ବ୍ୟତୀତ କିଏ କହିଥିଲା ଯେ ବୃକ୍ଷ ଅଶ୍ରୁପାତ କରୁଅଛି ?

ଲୋକେ ସଚରାଚର କହନ୍ତି 'କବି କଳ୍ପନା' ଏହି କବି-କଳ୍ପନା ସହିତ କି ସତ୍ୟର କୌଣସି ସମ୍ବନ୍ଧ ନାହିଁ ? ସ୍ୱୀୟ କଳ୍ପନାଶକ୍ତି ବଳରୁ ଏବଂ ପ୍ରକୃତିଜାତ ପଦାର୍ଥସମୂହର ଅନ୍ତର୍ନିହିତ ସତ୍ୟ ପ୍ରତ୍ୟକ୍ଷ କରିବାରୁ ଏହି ମହାତ୍ମାମାନେ ସମୟ ୨ରେ ତ୍ରିକାଳଜ୍ଞ ହୋଇପାରନ୍ତି – କେବଳ ଅତୀତ, ବର୍ତ୍ତମାନ କାହିଁକି, ସମୟେ ୨ ଭବିଷ୍ୟତ୍ ମଧ୍ୟ ଜାଣି ପାରନ୍ତି । ଯଦିବା ସେମାନଙ୍କର ସମସାମୟିକମାନେ ସେହି ଭବିଷ୍ୟଦ୍‌ବାଣୀର ମର୍ମ୍ମଗ୍ରାହୀ ହୋଇ ପାରନ୍ତି ନାହିଁ, ତଥାଚ ବିଜ୍ଞାନର କ୍ରମୋନ୍ନତିଦ୍ୱାରା ଏବଂ ଭବିଷ୍ୟତ୍ ବଂଶମାନଙ୍କର ଭୂୟୋଦର୍ଶନଦ୍ୱାରା ତାହାର ସତ୍ୟତା ପ୍ରମାଣିତ ହୁଏ । ଷୋଡଶତାବ୍ଦୀରେ ଲୋକେ ସେକ୍ଷପଅରଙ୍କର କେତେକ ବାକ୍ୟର ମର୍ମ୍ମଗ୍ରହଣ କରି ପାରି ନ ଥିଲେ ସତ୍ୟ; ମାତ୍ର ଊନବିଂଶ ଶତାବ୍ଦୀରେ ସେହି ବାକ୍ୟର ସତ୍ୟତା ଓ ସାରବତ୍ତା ଉପଲବ୍ଧି କରି ଲୋକେ ସେକ୍ଷପିଅରଙ୍କ ପାଣ୍ଡିତ୍ୟ ବିଷୟରେ କେତେପ୍ରକାର ଅନୁମାନ ବା କରୁ ନାହାନ୍ତି ? ଏଣୁକରି ଯେ ବସ୍ତୁର ମର୍ମ୍ମ ଦେଖି ପାରନ୍ତି ଓ ବସ୍ତୁର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଉପଲବ୍ଧି କରି ପାରନ୍ତି ସେହି ମହାତ୍ମାହିଁ ପ୍ରକୃତ କବି । ଏହାଙ୍କ ବ୍ୟତୀତ ଆଉ କେହି କବି ନାମର ଅଧିକାରୀ ନୁହନ୍ତି । ଏହାଙ୍କର କବିତାହିଁ ପ୍ରକୃତ ହୃଦୟଗ୍ରାହୀ ଗୀତ । ତାହାହିଁ ବାସ୍ତବରେ ଗାନ କରାଯାଏ ଓ ଗାନ କରିବାର ଉପଯୁକ୍ତ ପଦାର୍ଥ । ପଦ୍ୟରେ ନଲେଖି ଗଦ୍ୟରେ ଲେଖିଲେ ମଧ୍ୟ ତାହାଙ୍କର ଗଭୀର ଚିନ୍ତା ଓ ଭାବ ହୃଦୟବିନୋଦନ କରି ପାରେ ।

ଅତଏବ ଯାହାର ଏ ପ୍ରକାର ଶକ୍ତି ନାହିଁ – ଯେ ବସ୍ତୁର ମର୍ମ୍ମ ଦେଖି ନ ପାରେ ଓ ଅନ୍ତର୍ନିହିତ ଶୋଭା ଉପଲବ୍ଧି କରି ନ ପାରେ– ତାହାର କବି ବୋଲି ପରିଚୟ ଦେବା ବିଡମ୍ବନା ମାତ୍ର । ତାହାର ପଦ୍ୟ ରଚନା କରିବାର ଉଚିତ ନୁହେ । କୃତ୍ରିମ ପଦ୍ୟ ରଚନା କରିବାକୁ ଯାଇ ଶ୍ରୁତିକଟୁ ଶବ୍ଦ ବିନ୍ୟାସ କରି, ବ୍ୟାକରଣର ଶ୍ରାଦ୍ଧ କରି ଏବଂ ଭାବସମୂହର ବେକ ମୋଡି ପାଠକମାନଙ୍କର ବୃଥାରେ ସମୟ ନଷ୍ଟ କରିବାର ଆବଶ୍ୟକତା କଣ ? ଯଦି ପ୍ରକାଶ କରିବାର ଉପଯୁକ୍ତ ହୁଏ ତେବେ ସେହି ଭାବସମୂହକୁ ଗଦ୍ୟରେ ପ୍ରକାଶ କଲେତ ଚଳିବ । ପଦ୍ୟର ଛନ୍ଦୋନିବନ୍ଧ ସଂକୀର୍ଣ୍ଣ ସ୍ଥାନ ପରି ଗଦ୍ୟରେତ ଅଳ୍ପ ସ୍ଥାନ ମଧ୍ୟରେ ଭାବସମୂହ ଚାପି ରଖିବାର ଆବଶ୍ୟକ ହୁଏ ନାହିଁ । ଏଠାରେ ଲେଖକ ସମ୍ପୂର୍ଣ୍ଣ ସ୍ୱାଧୀନ । ଏକ କଥାରେ ନ ହେଲେ, ପାଞ୍ଚ କଥାରେ ଆପଣା ଭାବ ପ୍ରକାଶ କରି ପାରେ । ଅତଏବ ଯାହାର ପ୍ରକୃତ କବିତ୍ୱ ଶକ୍ତି ନାହିଁ ସେ କିପାଁଇ ପଦ୍ୟର ନିୟମାବଳିର ଅଧୀନ ହୋଇ ଲୋକଙ୍କୁ ବିରକ୍ତ କରିବାକୁ ଯାଏ ?

ଶ୍ରୀ———

---

## ଅନାଥିନୀ
## (ଉପନ୍ୟାସ ।)

## ତୃତୀୟ ପରିଚ୍ଛେଦ ।– ଅନାଥିନୀ ।

ସୃଷ୍ଟି ବିଚିତ୍ର ଏବଂ ବିଚିତ୍ର ନିୟମରେ ଚରାଚରରେ ସୃଷ୍ଟପଦାର୍ଥମାନ ରକ୍ଷିତ ଏବଂ ସମ୍ବର୍ଦ୍ଧିତ ହେଉଅଛି । କେହି ଅତୁଳବିଭବଶାଳୀ ରାଜରାଜେଶ୍ୱର ତ୍ରିତଳପ୍ରାସାଦୋପରି ରମ୍ୟ ମୃଣ୍ମୟପାତ୍ରରେ ସୁକୋମଳ ମଲ୍ଲିକାବୃକ୍ଷ ଅତି ଯତ୍ନସହକାରେ ସଂସ୍ଥାପନପୂର୍ବକ ପ୍ରାସାଦ ଆମୋଦିତ କରୁଅଛନ୍ତି, କାହିଁ ବା ନିବିଡ଼ ବନବନାନ୍ତରେ ବନମଲ୍ଲିକା ସୁଗନ୍ଧମୟ ପୁଷ୍ପରାଜରେ ବିଭୂଷିତ ହୋଇ ସମୁଦାୟ ବନ ଆମୋଦିତ କରି ନିଜର ମାୟା ବିସ୍ତାର କରୁଅଛି, କେଉଁଠାରେ ସୁରୁଚିସମ୍ପନ୍ନ ରସିକ ଲୋକ ମନୋହର ଉଦ୍ୟାନ ନିର୍ମାଣ କରି ନାନାବିଧ ଫଳପୁଷ୍ପଶୋଭା ବୃକ୍ଷଲତା ରୋପଣପୂର୍ବକ ଚିରସୁଖରେ ନିମଜ୍ଜିତ ହେଉଅଛି, କାହିଁ ବା ଭୀଷଣ ମୂର୍ତ୍ତି ଉତ୍ତୁଙ୍ଗ ଗିରିଶୃଙ୍ଗୋପରି ସ୍ୱଚ୍ଛନ୍ଦ ବନଜାତ ପ୍ରକାଣ୍ଡ ଉଦ୍ୟାନ ବିରାଜିତ ହୋଇ ଆଶ୍ଚର୍ଯ୍ୟ ସୃଷ୍ଟିକୌଶଳ ଦେଖାଉଅଛି । ସୃଷ୍ଟିର ସ୍ଥିତି ନିୟମ ଦ୍ୱିବିଧକ୍ରିୟାଶୀଳ, କେଉଁଠାରେ ଲୋକଙ୍କର ଆଦର କେଉଁଠାରେ ଅନାଦର ସମାପନ୍ନ । ସୃଷ୍ଟପଦାର୍ଥସମୂହ ପ୍ରଥମେ ଆଦର ଅପେକ୍ଷା ଅବା ଅନାଦର ବୋଧରେ ସୃଷ୍ଟ ହୋଇ ନଥିଲା ମାତ୍ର ଲୋକରେ

ଯେ ଯେଉଁପରି ଭାବରେ ପ୍ରତିପାଳିତ ହେଉଅଛି ସେଠାରେ ସେପରି ନିୟମ ପ୍ରବର୍ତ୍ତି ଯାଇଅଛି । ତଥାପି ଲୋକେ କହନ୍ତି ଯାହାର ବୃଦ୍ଧି ନିଶ୍ଚୟ ସେ ଆଦର ପାଉ ବା ନ ପାଉ ନିଶ୍ଚୟ ବଢ଼ିବ ଆଉ ଯାହାର ବିନାଶ ନିଶ୍ଚିତ ତାହାକୁ ସହସ୍ର ପ୍ରକାରେ ଆଦର କଲେ ସୁଦ୍ଧା କେବେହେଁ ବଞ୍ଚାଇ ରଖାଯାଇ ପାରିବ ନାହିଁ ।

ଫଳ କଥା ଏହି କି ଜଗତର ମାୟା ବୁଝିବା ଲୋକର ସାଧ୍ୟାତୀତ । କେଉଁଠାରେ ରାଜଚକ୍ରବର୍ତ୍ତୀ ଅଶେଷ କାମନାଲବ୍ଧ ପୁତ୍ରସନ୍ତାନକୁ ବହୁ ଶ୍ରମ ଏବଂ ବ୍ୟୟ ସ୍ୱୀକାର କରି ସୁଦ୍ଧା ବଞ୍ଚାଇ ରଖିପାରୁନାହାନ୍ତି, କେଉଁଠାରେ ଚଣ୍ଡାଳ ଗୃହରେ ଅନାୟାସଲବ୍ଧ ପୁତ୍ରସନ୍ତାନ ନାନାବିଧ ଅଶ୍ରଦ୍ଧା ଏବଂ ଅବହେଳାରେ ସୁଦ୍ଧା ଦିନ ୨ ବୃଦ୍ଧିପ୍ରାପ୍ତ ହେଉଅଛି । ଜଗତ୍ ସଂସାରରେ ମାୟା ବୋଲି କିଛି ଗୋଟିଏ ସୃଷ୍ଟବସ୍ତୁ ନାହିଁ । ଯେଉଁ ନିୟମର ପରିଚାଳନା ଲୋକେ ବୁଝିବାକୁ ଏକାନ୍ତ ଅସମର୍ଥ ତାହାହିଁ ମାୟା ନାମରେ ଅଭିହିତ ହେଉଅଛି । କାଲି ସୂର୍ଯ୍ୟର ଉଦୟାସ୍ତ ମାୟାଦେବୀଙ୍କ କ୍ରିୟା ମାତ୍ର ବୋଲି ଲୋକରେ ଜ୍ଞାତ ଥିଲା, ଆଜି ବିଜ୍ଞାନବଳରେ ପୃଥିବୀର ଗତିଶକ୍ତି ବୋଧଗମ୍ୟ ହେଲାରୁ ତାହା ମାୟାଜାଲରୁ ବିଚ୍ଛିନ୍ନ ହୋଇ ସର୍ବତଃ ପ୍ରକାଶିତ ହୋଇ ପଡ଼ିଅଛି । କାଲି ମାୟାଜାଲଜଡିତ ଗ୍ରହଣପରାଗ ରାହୁର ଗ୍ରାସ ବୋଲି ଲୋକମଣ୍ଡଳିରେ ବିଦିତ ଥିଲା, ଆଜି ବିଜ୍ଞାନ ସହାୟରେ ତାହା ସହଜ ବୋଧ ହେବାରୁ ମାୟାଜାଲରୁ ଅନ୍ତର ହୋଇଅଛି । ବୃକ୍ଷରୁ ଫଳ ଭୂମିସାତ୍ ହେବାବେଳେ ଈଶ୍ୱରଙ୍କ ମାୟା ବୋଲି ଯାହା ଜଣାଥିଲା, ଆଜି ଲୋକେ ତହିଁରେ ମାୟାଦେବୀଙ୍କ ଆବିର୍ଭାବ ଦେଖିବାକୁ ପାଉନାହାନ୍ତି । ସ୍ଥୂଳରେ ଏତିକି ବୋଇଲେ ଯଥେଷ୍ଟ ହେବ ଯେ ଜଗତ୍‌ସଂସାରର ନିୟମମାନଙ୍କର ପରିଚାଳନା ସମ୍ୟକ୍‌ରୂପେ ବୁଝିବାର ଶକ୍ତି ଲୋକଙ୍କର ହୋଇନାହିଁ ଏବଂ ହେବ କି ନାହିଁ ତାହା ନାରାୟଣଙ୍କୁ ଗୋଚର । ଅଳ୍ପ ୨ କଥାରେ ବେଳେ ୨ ଯେତେଦୂର ବୈଷମ୍ୟ ଦୃଷ୍ଟ ହୁଅଇ ବୁଝିବା କଥା ତେଣିକି ଥାଉ ଲୋକ ଏକାବେଳକେ ଆଶ୍ଚର୍ଯ୍ୟାନ୍ୱିତ ଓ ବିସ୍ମୟାପନ୍ନ ହୋଇଯାଏ ଏବଂ ସହସ୍ର ଚେଷ୍ଟା କଲେ ସୁଦ୍ଧା ବୁଝିବାର ଉପାୟ ନାହିଁ । ସୁତରାଂ ଯାହା ଦେଖାଯାଉଅଛି ବୁଝାଗଲେ ଉତ୍ତମ ନୋହିଲେ ବର୍ତ୍ତମାନ ସକାଶେ ତାହାକୁ ମାୟା ବୋଲି ବିଚାରି ନେବା ଯୁକ୍ତିସଙ୍ଗତ ।

ମାୟା ସଙ୍ଗେ ପୁଣି ପୃଥିବୀରେ ଏକ ସହଚରୀର ସମାଗମ ଦୃଷ୍ଟ ହୁଅଇ, ଏହାର ନାମ ବିଡ଼ମ୍ବନା । ମାୟାଦେବୀଙ୍କଠାରୁ ବିଡ଼ମ୍ବନାଦେବୀ ସମଧିକ କଷ୍ଟଦାୟିନୀ । ଶୋକ ତାପରେ ଅଶେଷରୂପ ଯନ୍ତ୍ରଣା ପାଇ ଯାହାର ବଞ୍ଚିବାକୁ ଆଉ ତିଳମାତ୍ର ବାଞ୍ଛା ନାହିଁ ବିଧିବିଡ଼ମ୍ବନାରେ ତାହାକୁ ହୃଦୟ ପାଷାଣ କରି ବଞ୍ଚିବାକୁ ପଡ଼ିବ । ଆତ୍ମପଦରେ ସନ୍ତୁଷ୍ଟ ଥାଇ ନିର୍ବିବାଦରେ ଯେଉଁ ଲୋକ ସଳକ୍ଷ ହୋଇ ପୃଥିବୀରେ ବିଚରଣ କରୁଅଛି ବିଧିବିଡ଼ମ୍ବନାରେ ତାହାକୁ ଅସହ୍ୟ ସ୍ତ୍ରୀ ପୁତ୍ର ଶୋକ ସହ୍ୟ କରିବାକୁ ହେବ । ଈଶ୍ୱର ଅନନ୍ତ,

ତାଙ୍କର ଇଚ୍ଛା ମଧ ଅନନ୍ତମୟୀ । ସେହି ଈଶ୍ୱରେଚ୍ଛା ନୋହିଲେ ଲୋକେଚ୍ଛା ପୃଥିବୀରେ ସଂସାଧିତ ହୁଅଇ ନାହିଁ ।

ପାଠକ ପାଠିକା ! ଏ ଦୀର୍ଘଭୂମିକା ନିଷ୍ପ୍ରୟୋଜନୀୟ ମନେକଲେ ଲେଖକ ଉପରେ ବାତୁଳତାର ଅଭିଯୋଗ ଆଣି ଆପଣମାନେ ଏକାନ୍ତ କ୍ରୋଧ ପରବଶ ହୋଇଥିବେ ମାତ୍ର ଆମ୍ଭେ କି କରିବୁଁ ? ଆମ୍ଭର ସାଧାୟତ୍ତ କଥା ହୋଇଥିଲେ ଏରୂପ ନାଚାର ହୋଇ ନଥାନ୍ତୁ । ଅନାଥିନୀର ନାମ ସ୍ମରଣ ହେଲା ମାତ୍ରକେ ଏତେ ୨ କଥା ମନରେ ଉଦୟ ହେଉଅଛି ଯେ ତାହାଙ୍କୁ କିରୂପରେ ଆଣି ଆପଣମାନଙ୍କ ସମୀପରେ ଉଭା କରାଇବୁଁ ସ୍ଥିର କରି ପାରୁନାହୁଁ । ଅନାଥିନୀ ରାଜକନ୍ୟା ନୁହନ୍ତି; ତାହା ହୋଇଥିଲେ ଆମ୍ଭେ ଅତୁଳ ଐଶ୍ୱର୍ଯ୍ୟ ବିଭବର କଥା କହି ଆପଣମାନଙ୍କୁ ଚମକିତ କରାଇଥାନ୍ତୁ; ଦାସ ଦାସୀ ଅନୁଚରବର୍ଗର ନାମ କରି ଆଡ଼ମ୍ବର ଅଧ୍ୟାୟର ଏକ ପ୍ରକାଣ୍ଡ କାଣ୍ଡର ଅବତାରଣା କରିଥାନ୍ତୁ; ସମବୟସ୍କା ରୂପବତୀ ରସିକାସହଚରୀଙ୍କର ପ୍ରେମାଳାପ ଶୁଣାଇ ଆପଣଙ୍କର କର୍ଣ୍ଣ ପରିତୃପ୍ତ କରିଥାନ୍ତୁ; ହସିଲେ ସୁବର୍ଣ୍ଣ ଝରିବା, କାନ୍ଦିଲେ ମଣିମୁକ୍ତା ଉତ୍ପନ୍ନ ହେବା, କଥା କହିଲେ ହୀରକ ଫଳିବା, ଚାଲିଗଲେ ସଙ୍ଗୀତାମୋଦରେ ବସୁନ୍ଧରା ମୋହିତ ହେବାଦି ପୂରାକାଳୀନ କଥାମାନ କହିଁଥାନ୍ତୁ; ଏଥିରେ ଆପଣମାନେ ସନ୍ତୁଷ୍ଟ ହେଉନ୍ତୁ ବା ନ ହେଉନ୍ତୁ; ମାତ୍ର ଅନାଥିନୀ ଭାଗ୍ୟରେ ରାଜଭୋଗ ହୋଇନାହିଁ । ଅନାଥିନୀ କ୍ଷତ୍ରିୟକନ୍ୟା ନୁହନ୍ତି; ତାହା ହୋଇଥିଲେ ଯୁଦ୍ଧକ୍ଷେତ୍ରର ଭୟଙ୍କର କୋଳାହଳରେ ଆପଣମାନଙ୍କର କର୍ଣ୍ଣ ବଧିର ହୋଇଥାନ୍ତା; ରାମାୟଣ ମହାଭାରତ୍‌ର ଲେଖକ ସୁକୁମାର ସ୍ତ୍ରୀ ଚରିତ୍ରରେ ବୀରତା ଦେଖାଇବାକୁ ଏକାନ୍ତ କୁଣ୍ଠିତ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସୁକୁମାରୀ ରମଣୀର ବୀରଦର୍ପର କାହାଣୀ ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇଯାନ୍ତେ; ନାନାଳଙ୍କାରମଣ୍ଡିତା ଜଗତ୍‌ମନୋହାରିଣୀର ଆଶ୍ଚର୍ଯ୍ୟ ଅସିଚାଳନା ଦ୍ୱାରା ଶତ୍ରୁପକ୍ଷ ପୃଷ୍ଠଭଙ୍ଗ ଦେବାର ଦେଖି ତଟସ୍ଥ ହୋଇଯାନ୍ତେ, ମାତ୍ର ଅନାଥିନୀ ଭାଗ୍ୟରେ କ୍ଷତ୍ରିୟକନ୍ୟା ହେବା ଘଟିନାହିଁ । ଅନାଥିନୀ ବଡ଼ଲୋକର ଝିଅ ନୁହନ୍ତି କିମ୍ୱା ଉଚ୍ଚପଦପ୍ରତିଷ୍ଠିତ ପାତ୍ର ମନ୍ତ୍ରୀ କନ୍ୟାରୂପରେ ଜନ୍ମଗ୍ରହଣ କରିନାହାନ୍ତି; ତାହା ହୋଇଥିଲେ ଗୁଣ ଥାଉ ବା ନ ଥାଉ କେତେ ଆଦର, କେତେ ବେଶବିନ୍ୟାସ, କେତେ ଘଟକ ଚିତ୍ରକର ଇତ୍ୟାଦିର କଥା କହି ଆପଣମାନଙ୍କ ଚିତ୍ତବିନୋଦନ କରିଥାନ୍ତୁ । କିନ୍ତୁ ଅନାଥିନୀ ଭାଗ୍ୟରେ ଏତକ ସୁଦ୍ଧା ଫଳି ନାହିଁ । — ଅନାଥିନୀ ସାମାନ୍ୟ ଚଷାର ଝିଅ; ସାମାନ୍ୟ କୁଟୀରରେ ଜନ୍ମଗ୍ରହଣ କରି ବର୍ତ୍ତମାନ ମଧ ସାମାନ୍ୟ କୁଟୀରର ଆଶ୍ରୟରେ ରହିଅଛନ୍ତି ।

ଯାହାର ପ୍ରଥମପୁତ୍ର ହୋଇ ମରିଅଛି ତାହାର ପୁତ୍ର ସନ୍ତାନ ଜାତ ହେଲେ ହୁଏ ସେ ଅପତିଆ ବୋଲି ନାମକରଣ କରେ ନୋହିଲେ ନାକ ଫୋଡ଼ିଦେଇ ନାକଫୋଡ଼ି

ନାମରେ ବିଦିତ କରାଏ । ଯାହାର ଅନେକ ସନ୍ତାନ ନଷ୍ଟ ହୋଇଅଛି ସେ ଗୋଟିଏ ପୁତ୍ରସନ୍ତାନ ପ୍ରାପ୍ତ ହେଲେ ନବକଡ଼ା କଉଡି ବ୍ରାହ୍ମଣକୁ ଦାନ କରି ତାହାକୁ କିଣିନିଏ ଏବଂ କ୍ରୀତ ପଦାର୍ଥର ନାମ ହୁଏ ନକଡି । ଯେ ଅନେକ ଦୁଃଖରେ କନ୍ୟାସନ୍ତାନଟିଏ ପ୍ରାପ୍ତ ହୁଏ ସେ ତାହାର ନାମ ଦିଏ ଦୁଃଖିନୀ । ଏହିରୂପ ଲୋକଚରିତ୍ରରେ ନାନାପ୍ରକାର ଚିତ୍ର ଦୃଷ୍ଟ ହୁଅଇ । ଅନାଥିନୀର ନାମକରଣ ଯେ ସେହିରୂପ ଏକ ଚିତ୍ରର ଉଦାହରଣସ୍ଥଳ ଏଥିରେ ସନ୍ଦେହ ନାହିଁ । ପତିପୁତ୍ରବିହୀନା ନିଃସହାୟା ଜନନୀ କନ୍ୟା ଜନ୍ମରେ ଚତୁର୍ଦ୍ଦିକ ଶୂନ୍ୟ ଦେଖି ତାହାର ନାମ ଦେଇଥିଲେ ଅନାଥିନୀ । ପ୍ରକୃତରେ ଅନାଥିନୀ ଜନନୀ ଭିନ୍ନ ପୃଥିବୀରେ ଆଉ କାହାକୁ ଜାଣଇ ନାହିଁ; ଆଉ ଯାହାକୁ ଜାଣେ ତାହାକୁ ବିପଦ ସମୟରେ ଡାକିଥାଏ – ସେ ତାହାର ଭଗବାନ୍ ।

ଅନାଥିନୀ ଯେରୂପ ସାମାନ୍ୟ ଘରେ ଜନ୍ମଗ୍ରହଣ କରିଅଛନ୍ତି ରୂପ ଏବଂ ଗଠନସୌନ୍ଦର୍ଯ୍ୟ ତଦ୍ରୂପ ସାମାନ୍ୟ ଅଟଇ । କ୍ଷୀରସମୁଦ୍ରମନ୍ଥନୋଦ୍ଭୂତା ଲକ୍ଷ୍ମୀଦେବୀଙ୍କ ପ୍ରାୟ ଅଲୌକିକ ରୂପଲାବଣ୍ୟବତୀ ନୁହନ୍ତି ଅଥବା ପୁରାଣକଥିତ ତିଲୋତ୍ତମା ସଦୃଶ ଦେବଦୁର୍ଲଭ ସୌନ୍ଦର୍ଯ୍ୟ ଲାଭ କରିନାହାନ୍ତି ଅର୍ଥାତ୍ ଆପଣମାନେ ସାଧାରଣରେ ଯେରୂପ ଦେଖିଥାନ୍ତି ସେହିପରି । ତଥାପି ଅସୁନ୍ଦରୀ ବା କୁରୂପା ନୁହନ୍ତି । ଅନାଥିନୀ ଲାବଣ୍ୟମୟୀ; ତାଙ୍କର ମୁଖମଣ୍ଡଳରେ ଚମତ୍କାର ଲାଳିତ୍ୟ ବିଦ୍ୟମାନ; ସର୍ବାଙ୍ଗ ସୁଠାମ ଏବଂ ସୁଷମ; ପୁଣି ଚକ୍ଷୁଯୋଡ଼ିକ ସେହି ପୁରାଣକଥିତ ହରିଣାକ୍ଷିର ଅନୁରୂପ । ସୁତରାଂ ସାଧାରଣ ପ୍ରକାର ସୌନ୍ଦର୍ଯ୍ୟ ବିଦ୍ୟମାନ ଥିଲେ ହେଁ ଲାବଣ୍ୟମୟୀ ଅନାଥିନୀ ହରିଣାକ୍ଷୀ ହୋଇ ଲୋକରେ ଦିବ୍ୟସୁନ୍ଦରୀ ବୋଲି ବିଦିତା ଅଟନ୍ତି ।

ଏଥି ଉତ୍ତାରୁ ଆଉ ଗୁଣର କଥା କହିବାକୁ ଇଚ୍ଛା ହେଉନାହିଁ । କାରଣ କାହାରି ମନରେ କଷ୍ଟ ଦେବା ଉଚିତ ନୁହଇ । ତଥାପି ଆମ୍ଭେ ସାହସ କରିକହିପାରୁଁ ଯେ ସାଧାରଣରେ ସ୍ତ୍ରୀଲୋକମାନେ ଯେପରି ନିଜର ଗୁଣ ନିଜେ କହି ଲୋକଙ୍କୁ ଜଣାଇଥାନ୍ତି ଅନାଥିନୀର ସ୍ୱଭାବ ସେରୂପ ନୁହଇ । ଅନାଥିନୀର ସୁନ୍ଦର ବୋଧ ଅଛି ଯେ କାର୍ଯ୍ୟଦ୍ୱାରା ଲୋକରେ ଯେଉଁ ଗୁଣ ପୁଷ୍ପର ସୁଗନ୍ଧ ପ୍ରାୟ ସ୍ୱତଃ ପ୍ରକାଶିତ ହୋଇପଡ଼େ ତାହାକୁହିଁ ପ୍ରକୃତ ଗୁଣ ବୋଲି ଅର୍ଥାତ୍ ଯେ ଗୁଣବତୀ ତାହାକୁ ଲୋକେ ପ୍ରକାଶ କରି ଗୁଣବତୀ ନ କହିଲେ ଯେ ସେ ଗୁଣବତୀ ନୁହଇ ଏରୂପ ଭ୍ରମ ଅନେକର ଥାଇପାରେ ମାତ୍ର ଅନାଥିନୀର ନାହିଁ । ଯାହା ହେଉ ଅନାଥିନୀ ପ୍ରକୃତ ଗୁଣମୟୀ କି ନା ତାହା ବିଚାର୍ଯ୍ୟବସ୍ତୁ ଏବଂ ଆମ୍ଭର ବୋଲିବା ଅଧିକ ।

ପାଠକେ ! ବର୍ତ୍ତମାନ ନିମନ୍ତେ ଅନାଥିନୀର ଏତିକି ପରିଚୟ ପାଇ ସନ୍ତୁଷ୍ଟ ହେଉନ୍ତୁ । ଏବେ ଆସନ୍ତୁ କଥାବାର୍ତ୍ତାର ସଂବାଦ ଘେନିବେ ।

---

# ନିଦାଘ ସନ୍ଧ୍ୟା ।

ହେଲା ଅବସାନ ଆସି ନିଦାଘ ଦିବସ
ଧୀରେ ଅସ୍ତାଚଳ ଗମେ ପ୍ରାଚୀନ ଦିନେଶ ।
ନବୀନ ପଲ୍ଲବରାଜି ରକ୍ତିମବରଣ
ମୃଦୁ ମୃଦୁ କମ୍ପେ ସହ ସ୍ନିଗ୍ଧସମୀରଣ ।
ନିଦାଘ କୁସୁମଚୟ ଉଦ୍ୟାନ କାନନେ
ବିକଶି ତର୍ପନ୍ତି ନାସା ପରିମଳ ଦାନେ ।
ବକୁଳ ପାଟଳୀ ଚମ୍ପା ଜାତି ନାଗେଶ୍ୱର
ପୂଜନ୍ତି ଧରାକୁ ଢ଼ାଳି କୁସୁମ ଅସାର ।
ହେମଦ୍ୟୁତି କନିଅର ବାୟୁସହ ଦୋଳେ
ସୁବର୍ଣ୍ଣ କୁଣ୍ଡଳ ଯଥା ବାମା କର୍ଣ୍ଣମୂଳେ ।
ହେମାଭ ବାରିଦ ରକ୍ତ ପଶ୍ଚିମ ଆକାଶେ
ପ୍ରବାଳସାଗରେ ଯଥା ହେମଦ୍ୱୀପ ଭାସେ ।
ଗଗନ—ଏକାଂଶେ ନୀଳ ଏକାଂଶେ ଲୋହିତ—
କରେ ଶିବ ଶିବା ଦ୍ୱନ୍ଦ୍ୱଶୋଭା ପ୍ରକଟିତ ।
ରକ୍ତାଂଶେ ଶୋଭଇ ଚନ୍ଦ୍ର ଯଥା ଶଶୀ ଜ୍ୱଳେ
ରକ୍ତମଳୟଜାନ୍ୱିତ କପାଳୀ କପାଳେ ।
ଗଗନର ନୀଳଅଂଶେ ତାରକା ଧବଳ
ଗିରିଜା କୁନ୍ତଳେ ଯଥା ହୀରକ ଉଜ୍ଜ୍ୱଳ ।
ବସି ଚାରୁଦଳାବୃତ ଶାଖାକୁଟୀରରେ
ସୁଧାମୟ (ମ)ପଞ୍ଚମରେ କୋକିଳ କୁହରେ ।
ତରୁଣ ତପନ ତାପେ ତାପିତ ସମୀର
ଶୀତଳ ହୋଇଣ କରେ ଅମୃତ ସଞ୍ଚାର ।
ଦିନକର କରପୀଡ଼ା ଅବନୀ ବନିତା
ପାସୋରି ପ୍ରଫୁଲ୍ଲମନେ ହୁଏ ହରଷିତା ।
ସୁଧାକର କର ସ୍ପର୍ଶି ସୁପ୍ତା କୁମୁଦିନୀ ।
ସରେ ଊର୍ଦ୍ଧ୍ୱମୁଖେ ହସି ହୁଏ ପ୍ରମୋଦିନୀ ।
ବିଚ୍ଛେଦ ତାପରେ ହୋଇ ଅଧୀରା ନଳିନୀ
ଶିଶିରାଶ୍ରୁମୁଖୀ ଗତ ଦେଖି ଦିନମଣି ।

ବିହଙ୍ଗମରାଜି ଦେଖି ରାତ୍ରି ଆଗମନ
ଆବାସ ଦ୍ରୁମାଭିମୁଖେ ହୁଅନ୍ତି ଉଡ୍ଡୀନ ।
ପଶୁକୁଳ ସୁଶୀତଳ ସମୀର ସେବନେ
ନବ ପ୍ରାଣ ଲଭି ବାସେ ଯାନ୍ତି ହୃଷ୍ଟମନେ ।
କରିବାକୁ ରଜନୀକୁ ପ୍ରତ୍ୟୁଦ୍‌ଗମନ
ତ୍ୟଜୁଛନ୍ତି ନିଶାଚର ନିଭୃତସଦନ ।
ବନ୍ୟ ନିଶାଚର ପଶୁ କ୍ଷୁଧାରେ କରାଳ
ଗମନ୍ତି ନିଭୃତୁଁ ହୋଇ ରକ୍ତଲୋଭାକୁଳ ।
ତୃଣାବୃତ ପ୍ରାନ୍ତରରେ ତୃଣଜୀବୀ ପଶୁ
ଯାନ୍ତି ନିଦ୍ରା ରୋମନ୍ଥକୁ ଅଭ୍ୟାସୁ ଅଭ୍ୟାସୁ ।
ଦେବାଳୟୁଁ ଶଙ୍ଖ ଘଣ୍ଟା ଧ୍ୱନି ବାତେ ଭାସି
ଯାଉଅଛି ଦୂରସ୍ଥାନେ ପୁଷ୍ପଗନ୍ଧେ ମିଶି ।
ବିଳାସୀ ଶୟନ ତ୍ୟଜି ଗାହି ସ୍ନିଗ୍ଧ ଜଳେ
ମଣ୍ଡେ ତନୁ ମଳୟଜେ କଣ୍ଠ ପୁଷ୍ପମାଳେ ।
କେହି ତାଳବୃନ୍ତ କେହି ଚିତ୍ରିତ ବ୍ୟଜନ
କରେ ଧରି ଧୀରେ ଧୀରେ କରଇ ଚାଳନ ।
କେହି ଆଣି ସିଞ୍ଚେ ବାରି ଗୃହ ପ୍ରାଙ୍ଗଣରେ
କେହି ଶୁକ୍ଳଶଯ୍ୟା ପାଡ଼େ ସବାତ ସ୍ଥାନରେ ।
ରବିକରେ ଅର୍ଦ୍ଧମୃତ କୃଷିକାରିଗଣ
ପାଉଛନ୍ତି ପୂର୍ଣ୍ଣ ପ୍ରାଣ ସେବି ସମୀରଣ ।
ସରସୀ ଘାଟରେ ବସି କେହି କରେ ଗାନ
କେହି ବନ୍ଧୁସହ କରେ କଥୋପକଥନ ।
ନଦୀତଟ ତରୁମୂଳେ କେହି ବଂଶୀ ଧରି
ଗାଏ ସୁଧାମୟ ତାନେ ଯଥା ବ୍ରଜେ ହରି ।
କା କରେ ତାନ୍ତବ ବାଦ୍ୟ ହୋଇଣ ତାଡ଼ିତ
ବିଞ୍ଚୁଡେ ମଧୁରଧ୍ୱନି ବ୍ୟାପିଣ ମରୁତ ।
ବ୍ରୀଡ଼ା ରକ୍ତାନନୀ ହୋଇ ନଦୀ ରବିକରେ
କମ୍ପେ ବାତ ପାଶେ ଦେଖି ଲାଞ୍ଛନା ଭୟରେ ।

ସରସୀ କୁସୁମ ଶିରୀ ବଇଧିତ କରି
ଘାଟେ କୁମ୍ଭ ରଖି ସ୍ନାନ କରନ୍ତି ସୁନ୍ଦରୀ ।
ତାଙ୍କର ବଦନବିମ୍ବ ଧୀରୋର୍ମିରେ ଦୋଳେ
ଚାରୁବର୍ଣ୍ଣା କମନୀୟ ପଦ୍ମ ଯଥା ଜଳେ ।
ଲହରୀରେ ଚୂର୍ଣ୍ଣ ହୋଇ ଶଶୀବିମ୍ବ ଭାସେ
ତାରାଗଣ ଖେଳନ୍ତି କି କୌତୁକେ ଆକାଶେ ।
ଗୃହାଙ୍ଗଣେ ଦୀପ ରଖି କରି ଶଙ୍ଖଘୋଷ
ନମନ୍ତି ବାଳିକାଗଣ ମନେ ଲଭି ତୋଷ ।
ବାମାଗଣ ନିଜ ମୁଖ ତିମିରେ ମଳିନ
ଦେଖି, ଗୃହେ କରୁଛନ୍ତି ଆଲୋକ ପ୍ରଦାନ ।

## ମୁଦ୍ରାଯନ୍ତ୍ର—ପୁସ୍ତକ ପାଠ ।

ଯେଉଁ ଦିନ ମୁଦ୍ରାଯନ୍ତ୍ରର ଆବିଷ୍କାର୍ ହେଲା ସେହିଦିନ—ସେହି ଶୁଭଦିନ ପୃଥିବୀ ପକ୍ଷରେ ବିଶେଷରୂପେ ସ୍ମରଣୀୟ ଅଟେ । ଅଜ୍ଞାନାନ୍ଧକାର ଦୂର କରିବା ନିମନ୍ତେ ସେହି ଶୁଭଦିନରୁ ଜ୍ଞାନରବି ଉଦିତ ହୋଇ କ୍ରମେ ୨ ଆଲୋକ ବିସ୍ତାର କରି ପୃଥିବୀବକ୍ଷବିହାରୀ ମାନବମଣ୍ଡଳୀକୁ ଜାଗ୍ରତ କରିବା ବିଷୟରେ ଯଥେଷ୍ଟ ସାହାଯ୍ୟ କରୁଅଛି । ସାହିତ୍ୟ, ଦର୍ଶନ, ବିଜ୍ଞାନ, ଇତିହାସ ଆଜି ଯେଉଁ ଉନ୍ନତିଲାଭ କରିଅଛନ୍ତି ତାହାର ମୂଳକାରଣ ମୁଦ୍ରାଯନ୍ତ୍ର । ଶିକ୍ଷାର ଉନ୍ନତି ଏବଂ ବିସ୍ତାରର ମୂଳପ୍ରଦେଶରେ ମୁଦ୍ରାଯନ୍ତ୍ରର କ୍ଷମତା ନିହିତ ରହିଅଛି । ଆଜି ସେକ୍ଷପିୟର ଓ କାଳିଦାସ, ମିଲ୍ ଓ ସ୍ପେନ୍ସର ସହସ୍ର ୨ ଲୋକଙ୍କର ଗୃହ ଉଜ୍ଜ୍ୱଳ କରି ରହିଅଛନ୍ତି; କିନ୍ତୁ ପାଠକ ଭାବି ଦେଖ ମୁଦ୍ରାଯନ୍ତ୍ର ନ ଥିଲେ ଏ ଶୋଭା କାହୁଁ ଆସନ୍ତା ! ଲୋକେ ସଚରାଚର ପରଜ୍ଞାନରେ ଜ୍ଞାନୀ— ପର ଧନରେ ବଡ଼ଲୋକ; ନିଜର ଧନ ବଡ଼ ଅଧିକ ନୁହେଁ; କିନ୍ତୁ ଏହା ପ୍ରଧାନତଃ ମୁଦ୍ରାଯନ୍ତ୍ରର ଅନୁଗ୍ରହରୁ । ମୁଦ୍ରାଯନ୍ତ୍ରର ଅଭାବରେ କାଳିଦାସ କେବଳ ଭାରତରେ କବିବୋଲି ପରିଚିତ ହୋଇଥାନ୍ତେ— ସାଧାରଣଲୋକଙ୍କର କି ଜ୍ଞାନଲାଭ ହୁଅନ୍ତା ? ନିଉଟନ ଗଭୀର ଗବେଷଣା ବଳରେ ଯେଉଁ ସତ୍ୟର ଆବିଷ୍କାର କଲେ, ବିଦ୍ୟାଳୟର ସାମାନ୍ୟ ଛାତ୍ର ଆଜି ତାହା ଅଳ୍ପାୟାସରେ ଗ୍ରହଣ କଲା — ତାହାଙ୍କ ଜ୍ଞାନରେ ଜ୍ଞାନୀ ହେଲା; କିନ୍ତୁ ଏହା କାହା ଅନୁଗ୍ରହରୁ ? ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଏ ଅନୁଗ୍ରହ ମୁଦ୍ରାଯନ୍ତ୍ରର । ଆଜି ଇଂଲଣ୍ଡରେ ଏକ ବକ୍ତୃତା ହେଲା— ଶତଲୋକ ତାହାର ଶ୍ରୋତା, କିନ୍ତୁ ମୁଦ୍ରାଯନ୍ତ୍ରର ଅନୁଗ୍ରହରୁ କାଲି ତାହା ପୁସ୍ତକାକାରରେ ମୁଦ୍ରିତ ହେଲା ଏବଂ ଶତକୋଟି ଲୋକ ଅବଲୀଳାକ୍ରମେ ସେହି ବକ୍ତୃତାର ସାର ଗ୍ରହଣକ୍ଷମ ହେଲେ, ଯାହା କେବଳ କ୍ଷଲଲିଖନବତ୍ ଶ୍ରୋତାମାନଙ୍କ ହୃଦୟପଟରେ ଈଷଦଙ୍କିତ ଥିଲା ତାହା ଆଜି ଶତକୋଟି ଲୋକଙ୍କର ସମ୍ମୁଖରେ ଜ୍ୱଳଦଅକ୍ଷରରେ ଚିରଦିନ ନିମନ୍ତେ ଅଙ୍କିତ ହୋଇ ରହିଲା । ମୁଦ୍ରାଯନ୍ତ୍ର ଆଜି ତାହା ବହୁମୁଖ ବିସ୍ତାର କରି ଜଗତରେ ପ୍ରଚାର କଲା । ଏହି ବହୁମୁଖବିଶିଷ୍ଟ ମୁଦ୍ରାଯନ୍ତ୍ରର ସାହାଯ୍ୟରେ ଆମ୍ଭେମାନେ ଆଜି

ଗୃହକୋଣରେ ବସି ସୁଦ୍ଧା ପୁସ୍ତକ ଦର୍ପଣରେ ପ୍ରତିଫଳିତ ପୁରୁଷପୁଙ୍ଗବମାନଙ୍କର ହୃଚ୍ଛବି ସ୍ୱଚ୍ଛନ୍ଦରେ ଆବଲୋକନ କରି ସ୍ୱର୍ଗୀୟ ଆନନ୍ଦ ଅନୁଭବ କରୁଅଛୁଁ; ଆଜି ଯୋଦ୍ଧାର ସହିତ ଭୀଷଣ ସମର କ୍ଷେତ୍ରରେ ପ୍ରବିଷ୍ଟ ହୋଇ ଅକ୍ଷତଶରୀରରେ ବିସ୍ଫାରିତଲୋଚନରେ ଅଦ୍ଭୁତ ରଣକୌଶଳ ଓ ବୀରତ୍ୱ ଦର୍ଶନ କରୁଅଛୁଁ; କଳ୍ପନା-ଉଦ୍ୟାନରେ ବିହାର କରି ସୁନ୍ଦର ପାରିଜାତ ପୁଷ୍ପ ଚୟନ କରି ଅଲୌକିକ ମାଳା ସୃଜନ କରୁଅଛୁଁ ଏବଂ ଶୋଭାମୁଗ୍ଧ କବିଙ୍କର ହୃଦୟସମ୍ଭୂତ ଉଚ୍ଛ୍ୱାସରେ ମୋହିତ ହୋଇ ଅମୃତସ୍ପର୍ଶରେ ଭୟାବହ ସଂସାର-କାରାଗାରର ଦୃଢ଼ବନ୍ଧନ ଭୁଲିଯାଇ ମରୁସମ ଦଗ୍ଧହୃଦୟ ସୁଶୀତଳ କରୁଅଛୁଁ; ପଥଶ୍ରାନ୍ତ ସହିଷ୍ଣୁ ପଥିକ ସଙ୍ଗରେ ସମସ୍ତ ପୃଥିବୀ ଭ୍ରମଣ କରି ବିଭିନ୍ନଜାତୀୟ ମନୁଷ୍ୟମାନଙ୍କର ବୁଦ୍ଧି, ବିଦ୍ୟା, କାର୍ଯ୍ୟ ଆଚରଣ ଅବହେଳାରେ ଶିକ୍ଷା କରୁଅଛୁଁ; ବିଜ୍ଞାନବିତ୍ ପଣ୍ଡିତ କି ପ୍ରକାର ଆଗ୍ରହ ଏବଂ ଔତ୍ସୁକ୍ୟ ସହିତ ପଦାର୍ଥ ପରୀକ୍ଷା କରୁଅଛନ୍ତି ତାହା ମଧ୍ୟ ଅନୁଭବ ଓ ପ୍ରତ୍ୟକ୍ଷ କରୁଅଛୁଁ । ସଂକ୍ଷେପରେ ପୁସ୍ତକର ସାହାଯ୍ୟ ଘେନି ଆମ୍ଭେମାନେ ସର୍ବତ୍ର ବିଚରଣ କରୁଅଛୁଁ; ଭୂତକାଳ ପ୍ରତ୍ୟକ୍ଷ ଲକ୍ଷ୍ୟ କରୁଅଛୁଁ ।

ପ୍ରତ୍ୟହ ସହସ୍ର ୨ ପୁସ୍ତକ ସଂସାରରେ ମୁଖ ଦେଖାଉଅଛନ୍ତି; କିନ୍ତୁ ସବୁ ପୁସ୍ତକ କି ପାଠୋପଯୋଗୀ ? କଦାପି ନୁହେ । ମୁଦ୍ରାଯନ୍ତ୍ର ଏକମୁଖରେ ପବିତ୍ର ସୁଧା ଏକ ଉତ୍କୃଷ୍ଟ ହଳାହଳ ଉଦ୍‌ଗରଣ କରୁଅଛି; କିନ୍ତୁ ତନ୍ନିମିତ୍ତ ଏହାକୁ ଦୋଷ ଦେଇ ନ ପାରୁଁ, କାରଣ ଥରେ ଏହାର ଗୁଣ ଚିନ୍ତା କରି ଦେଖିଲେ ଆଉ ଦୋଷ ଧରିବାକୁ ଇଚ୍ଛା ହୁଅଇ ନାହିଁ । କବିକୁଳଚୂଡ଼ାମଣି କାଳିଦାସ ଅଦ୍ରିରାଜ ହିମାଳୟର ବର୍ଣ୍ଣନାରେ କହିଅଛନ୍ତି –

''ଅନନ୍ତରତ୍ନପ୍ରଭବସ୍ୟ ଯସ୍ୟ
ହିମଂ ନ ସୌଭାଗ୍ୟବିଲୋପି ଜାତମ୍ ।
ଏକୋହି ଦୋଷୋ, ଗୁଣ ସନ୍ନିପାତେ
ନିମଜ୍ଜ(ତେ)ତାନ୍ଦୋଃ କିରଣେଷ୍ୱିବାଙ୍କଃ ।।

ଯେଉଁ ହିମଗିରିରୁ ଅପରିମିତ ଶ୍ରେଷ୍ଠବସ୍ତୁସମୂହ ଜାତ ହୁଏ, ହିମ ତାହାର କଦାପି ସୌନ୍ଦର୍ଯ୍ୟବିଘାତକ ନୁହଇ । ଇନ୍ଦୁର କିରଣଜାଳରେ ଅଙ୍କପରି ଅମିତ ସୁଗୁଣରେ ଏକମାତ୍ର ଦୋଷ ନିମଜ୍ଜିତ ହୁଏ । ଜଗତ୍‌ରେ ଉତ୍ତମ ପୁସ୍ତକର ସଂଖ୍ୟା ନିତାନ୍ତ ଅଳ୍ପ; ବାଜେ ପୁସ୍ତକ ପଙ୍ଗପାଳପରି ଅସଂଖ୍ୟ । କୌଣସି ଭାଷାରେ ପ୍ରକାଶିତ ସମସ୍ତ ପୁସ୍ତକ ଏକଜଣ କର୍ତ୍ତୃକ ପଠିତ ହେବା ଅସମ୍ଭବ, ଅପିଚ ସମସ୍ତ ପୁସ୍ତକ ପଢ଼ିବାର ମଧ୍ୟ ଆବଶ୍ୟକତା ନାହିଁ । ମହାମତି ବାର୍କ ଏକସ୍ଥଳରେ ଅକର୍ମଣ୍ୟ ବାଜେ ପୁସ୍ତକ ସମ୍ବନ୍ଧରେ କହିଅଛନ୍ତି, "Whether the books, so charitably circulated, were ever as charitably read, is more than I know." ଅଳ୍ପସଂଖ୍ୟକ ବଛା ୨ ଭଲ ପୁସ୍ତକ ଯତ୍ନର ସହିତ

ଉତ୍ତମରୂପେ ପାଠ କଲେ ଆମ୍ଭ ମତରେ ଶିକ୍ଷାର ଉଦ୍ଦେଶ୍ୟ ସଫଳ ହୋଇପାରେ । କେବଳ "ନାମକ ଓ୍ୱାସ୍ତେ" ଆଲମାରି ଆଲମାରି ବହି ପଢ଼ି ଥୋଇ ଦେଲେ କଣ ହେବ ? ପୁସ୍ତକ ପାଠର ଯଦି ଶିକ୍ଷାହିଁ ଉଦ୍ଦେଶ୍ୟ ହୁଏ ତାହା ହେଲେ 'ଶିକ୍ଷା' କରିବାକୁ ଯତ୍ନବାନ୍ ହୁଅ । ବାବୁ ଏ ବହି ପଢ଼ିଅଛନ୍ତି, ସେ ବହି ପଢ଼ିଅଛନ୍ତି, କିନ୍ତୁ ଏ ବହିରେ କଣ ପଢ଼ିଅଛନ୍ତି ପଚାରିଲା ବେଳକୁ ଉଦ୍ଦମୁହାଁ ହୋଇ ଆକାଶ ଆଡ଼କୁ ମୁହଁ ଟେକିଲେ । ଅତଏବ କହୁଅଛୁଁ ଯେ ଅଳ୍ପସଂଖ୍ୟକ ପୁସ୍ତକ ଯତ୍ନର ସହିତ ଉତ୍ତମରୂପେ ପାଠ କରିବା ନବ୍ୟ "ବାବୁମାନଙ୍କର" ପୁସ୍ତକ ପାଠଠାରୁ ଶତଗୁଣରେ ଆଦରଣୀୟ ଓ ଫଳପ୍ରଦାୟକ । ପୂର୍ବରେ କହିଅଛୁଁ ଯେତେ ପୁସ୍ତକ ପ୍ରକାଶିତ ହୁଏ ତନ୍ମଧ୍ୟରୁ ଅଧିକସଂଖ୍ୟକ ଅପାଠ୍ୟ । ଏହି ଅପାଠ୍ୟଶ୍ରେଣୀଭୁକ୍ତ ପୁସ୍ତକମାନଙ୍କ ମଧ୍ୟରେ ଲୁପ୍ତରତ୍ନ ଥାଇପାରେ ସତ୍ୟ; କିନ୍ତୁ ତାହା ବରଂ ତ୍ୟାଗକରିବା ଭଲ, କାରଣ କେଉଁବ୍ୟକ୍ତି କୁମ୍ଭୀରାଦି ପ୍ରାଣବିନାଶକ ଜଳଜନ୍ତୁ ପରିପୂର୍ଣ୍ଣ ପାପପଙ୍କସଲିଳା ଖରସ୍ରୋତସ୍ରୋତସ୍ୱତୀ ନଦୀ ମଧ୍ୟରୁ ଅନିଶ୍ଚିତ ଲୁପ୍ତରତ୍ନ ଉଦ୍ଧାର କରିବାକୁ ସଚେଷ୍ଟ ? ଏଠାରେ ରତ୍ନ ଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ବୁଦ୍ଧିମାନ୍ ଲୋକର କାର୍ଯ୍ୟ ।

ଜଗତ୍ ବୈଚିତ୍ର୍ୟମୟ; ଜଗତର କୌଣସି ଦୁଇ ବସ୍ତୁ ସର୍ବତୋଭାବରେ ସମାନ ନୁହେ । ଦୁଇ ମନୁଷ୍ୟ, ଦୁଇ ବୃକ୍ଷ ସର୍ବାଙ୍ଗୀନ ଏକବିଧ ନୁହେ । "ଜଗଦାଦିରନାଦିଙ୍କର" ସୃଷ୍ଟି ପାର୍ଥକ୍ୟବିଜଡ଼ିତ । ବୈଷମ୍ୟ ସୃଷ୍ଟିର ପ୍ରତ୍ୟେକ ଅଙ୍ଗରେ ବିଦ୍ୟମାନ ରହି ଜଗତସ୍ରଷ୍ଟାଙ୍କର ଅନନ୍ତ କୌଶଳର ପରିଚୟ ପ୍ରଦାନ କରୁଅଛି । ଦୁଇ ମନୁଷ୍ୟର ପ୍ରକୃତି ଭିନ୍ନ କାର୍ଯ୍ୟ ଭିନ୍ନ ମନ ଭିନ୍ନ । ଏକ ପୁସ୍ତକରୁ ଦୁଇଜଣ ଦ୍ୱିବିଧ ସାର ଗ୍ରହଣ କରିପାରନ୍ତି । ଉଦ୍ୟାନରେ ସୁନ୍ଦର ପୁଷ୍ପ ପ୍ରସ୍ଫୁଟିତ ହୋଇ ଉଦ୍ୟାନର ଶୋଭାବର୍ଦ୍ଧନ କରୁଅଛି; କବିର ନେତ୍ର ପୁଷ୍ପ ଉପରେ ପଡ଼ିଲା; ହୃଦୟ ଉଦ୍‌ବେଳିତ ହୋଇ ଉଠିଲା; କଳ୍ପନାଦେବୀ ମାନସସିଂହାସନ ଆରୋହଣ କଲେ; ମଧୁର ଭାବମୟ ସୁନ୍ଦର କବିତା ରଚିତ ହେଲା; କିନ୍ତୁ ମୂର୍ଖ ଉଦ୍ୟାନପାଳକର ମନ ସେହି ପୁଷ୍ପଦ୍ୱାରା କିଞ୍ଚିନ୍ମାତ୍ର ବିଚଳିତ ହେଲାନାହିଁ । ବୁଦ୍ଧିମାନ୍ ମଧୁକର ଆସି ସେହି ପୁଷ୍ପରୁ ମଧୁସଞ୍ଚୟ କରି ନେଇଗଲା କିନ୍ତୁ ନିର୍ବୋଧ ପ୍ରଜାପତି ପୁଷ୍ପର ଏଁ ପାଖ ସେ ପାଖ ହୋଇ ଶୂନ୍ୟହୃଦୟରେ ଫେରିଗଲା ! ପ୍ରକୃତ ଶିକ୍ଷାଲାଭ କରିବାକୁ ଇଚ୍ଛୁକ ହୋଇ କେତେଗୁଡ଼ାଏ ବହି ଯତ୍ନର ସହିତ କେବଳ ବାଛି ନେଲେ ସେ କାର୍ଯ୍ୟ ସରିଲା ଏମନ୍ତ ନୁହେ; ଉକ୍ତ ପୁସ୍ତକମାନଙ୍କୁ ଉଚିତରୂପେ ନ ପଢ଼ିଲେ କି କୌଣସି ଲାଭର ପ୍ରତ୍ୟାଶା କରାଯାଇପାରେ ? ଅତଏବ ଶିକ୍ଷାଶବ୍ଦର ସାର୍ଥକତା ପ୍ରତିପାଦନ କରିବାକୁ ହେଲେ ଅଧ୍ୟବସାୟ ଓ ଯଥୋଚିତ ପରିଶ୍ରମର ସହିତ ପୁସ୍ତକମାନଙ୍କୁ ଅଧ୍ୟୟନ କରିବା ଉଚିତ, କେବଳ କୌତୂହଳ ନିବାରଣ କରିବା ନିମନ୍ତେ କେତେଗୁଡ଼ାଏ

ପୁସ୍ତକର ପତ୍ର ନେଉଟାଇ ଗଲେ କାର୍ଯ୍ୟ ସିଦ୍ଧ ହୁଅଇ ନାହିଁ । ଚକ୍ଷୁ ଓ ମନ ଏକତ୍ରରେ କାର୍ଯ୍ୟ କଲେ ସୁଫଳ ଫଳିବାର ସମ୍ଭାବନା ।

ସ୍ତୂପାକାର ରାଶୀକୃତ ପୁସ୍ତକସମୂହରୁ ଉତ୍ତମ ୨ ପୁସ୍ତକ ବାଛି ନେବା ବଡ଼ ସହଜ କଥା ନୁହଇ । ପାଠ କରିବା ନିମନ୍ତେ ସଚରାଚର ଚିହ୍ନିତ ପୁସ୍ତକ ସବୁ ବଛା ହୋଇଥାଏ; ମାନ୍ଧାତା ଅମଳରୁ ଏ ପୁସ୍ତକମାନ ଜଣାଥାଏ ଏଣୁକରି ଏପ୍ରକାର ପୁସ୍ତକ ନିର୍ବାଚନ କରିବାକୁ ହେଲେ ଅଧିକ କଷ୍ଟଭୋଗ କରିବାକୁ ହୁଅଇ ନାହିଁ । କିନ୍ତୁ କୌଣସି ଏକ ନୂତନ ଅଚିହ୍ନିତ ପୁସ୍ତକ କି ପ୍ରକାରେ ବାଛିବାକୁ ହେବ ? ସଚରାଚର ଦେଖାଯାଏ ଯେ ଏହି ଅଚିହ୍ନିତ ପୁସ୍ତକ ଯଦି କୌଣସି ଏକ ଚିହ୍ନିତ ଲୋକର ଲେଖନୀପ୍ରସୂତ ହୋଇଥାଏ ତାହା ହେଲେ ଲୋକେ ଅନ୍ଧଭାବରେ ତାହାର ଅଯଥୋଚିତ ପ୍ରଶଂସାବାଦ ଅଥବା ନିନ୍ଦାବାଦ କରିବାରେ ତ୍ରୁଟି କରନ୍ତି ନାହିଁ; କିନ୍ତୁ ଏପ୍ରକାର କରିବା ଯେ କେତେଦୂର ଯୁକ୍ତିମୂଳକ ତାହା ଆମ୍ଭେ କହିନପାରୁଁ । କୌଣସି ପ୍ରସିଦ୍ଧ ଲେଖକ ଅମୁକ ମତର ପ୍ରବର୍ତ୍ତନା ଅଥବା ପୋଷକତା କରନ୍ତି ବୋଲି ବୋଇଲେ ଯେ ଅକାଟ୍ୟ ଯୁକ୍ତିଦ୍ୱାରା ଆତ୍ମପକ୍ଷ ସମର୍ଥନ କରାହେଲା ଏମନ୍ତ ନୁହେ, ଏହା ସମସ୍ତଙ୍କର ଜାଣିବାର ଆବଶ୍ୟକ । ବାରାନ୍ତରରେ ପୁସ୍ତକ ନିର୍ବାଚନ ସମ୍ବନ୍ଧରେ କିଛି କହିବାକୁ ଇଚ୍ଛା ରହିଲା । ବର୍ତ୍ତମାନ ଉକ୍ତ ବିଷୟର ଉତ୍ଥାପନା କରି ପାଠକମାନଙ୍କର ବିରାଗଭାଜନ ହେବାକୁ ଇଚ୍ଛୁକ ନୋହୁଁ । ତେବେ ପାଠକମାନଙ୍କୁ ଏତିକି ମାତ୍ର ବକ୍ତବ୍ୟ ଯେ କୌଣସି ପୁସ୍ତକ ପାଠ କରିବା ସମୟରେ ଯେଉଁ ବିଷୟ ଘେନି ପୁସ୍ତକ ରଚିତ ହୋଇଅଛି ତାହା ଉତ୍ତମରୂପେ ହୃଦୟଙ୍ଗମ କରିବାକୁ ଯଥାସାଧ ଚେଷ୍ଟା କରିବେ; ପ୍ରତ୍ୟୁତ ମାନସିକ ବୃତ୍ତିମାନଙ୍କର ପରିଚାଳନା ବ୍ୟତୀତ ଯଥାର୍ଥ ଶିକ୍ଷାଲାଭ ହୁଅଇ ନାହିଁ । ନବ୍ୟ ସୁଶିକ୍ଷିତ କୌଣସି ଛାତ୍ରକୁ କୌଣସି ବିଷୟରେ ମିଲ୍ ଅଥବା ହାମଲାଟ୍‌ଙ୍କ ମତ ପଚାରିଲେ ସେ ହୁଏତ ତତ୍‌କ୍ଷଣାତ୍ ପ୍ରଶ୍ନର ଉତ୍ତର ଦେବାକୁ ଅଗ୍ରସର ହୋଇପାରନ୍ତି, କିନ୍ତୁ ତଦ୍‌ବିଷୟରେ ତାହାଙ୍କର ନିଜର ମତ କଣ ତାହା ସ୍ପଷ୍ଟ ପ୍ରକାଶ କରିବାକୁ ଅକ୍ଷମ । ପାଠକ ! ଭାବି ଦେଖନ୍ତୁ ଏ ପ୍ରକାର ଶିକ୍ଷାରେ କି ଲାଭ ଫଳି ପାରେ । ଆଜିକାଲିର କାଳ ବଡ଼ ମନ୍ଦ; ନୟନ ଫିଟାଅ, ଦେଖିବ କୃତ୍ରିମତା ପିଶାଚମୂର୍ତ୍ତି ଧାରଣ କରି ଚତୁର୍ଦ୍ଦିକ ପରିକ୍ରମଣ କରୁଅଛି ! ଯେଉଁ ସମାଜରେ କୃତ୍ରିମତା ପ୍ରଶ୍ରୟ ପ୍ରାପ୍ତ ହୁଏ ତାହାର ମଙ୍ଗଳ ନାହିଁ । କୃତ୍ରିମତା ବର୍ତ୍ତମାନ ସମାଜର ମଜ୍ଜାରେ ପ୍ରବିଷ୍ଟ ହୋଇଅଛି; କି ଧର୍ମମନ୍ଦିର, କି ବିଦ୍ୟାଳୟ, କି ଗୃହ ଅଥବା କି ବିଚାରାଳୟ ସର୍ବତ୍ର କୃତ୍ରିମତା ଆଧିପତ୍ୟ ବିସ୍ତାର କରିଅଛି ଏବଂ କରୁଅଛି । ଅନେକ ଲୋକ ଜ୍ଞାନବିରହିତ ହୋଇ କୃତ୍ରିମତା ପ୍ରଦର୍ଶିତ ମାର୍ଗ ଅନୁସରଣ କରି ସଂସାରକ୍ଷେତ୍ରରେ ବିଚରଣ କରୁଅଛନ୍ତି । କୃତ୍ରିମତା ଯେ ବିକଟାକାର ଧାରଣ କରି ଏମାନଙ୍କର ସଙ୍ଗେ ୨ ଭ୍ରମଣ କରୁଅଛି, ତାହା ଏମାନଙ୍କର ଅଗୋଚର । ଉତ୍ତମ ୨

ପୁସ୍ତକର ନାମ ମୁଖସ୍ଥ କରିବା ଅନେକ ଲୋକଙ୍କର ପେଶା ହୋଇଅଛି । ଏ ପୁସ୍ତକରୁ ଦୁଇଧାଡ଼ି, ସେ ପୁସ୍ତକର ମୁଖବନ୍ଧଟା, ଅପର ପୁସ୍ତକର ସୂଚୀପତ୍ର ପାଠ କରି ଅନେକ ଲୋକ ଆପଣାକୁ ବୃହସ୍ପତି ତୁଲ୍ୟ ମନେକରନ୍ତି । ପୁଣି କେତେକ ଲୋକ କଉଡ଼ି ଖରଚକରି କେତେଗୁଡ଼ାଏ ଭଲ ମନ୍ଦ ବହି କିଣି ପୁସ୍ତକାଗାରର ଶୋଭା ବର୍ଦ୍ଧନାର୍ଥ କାଚ ଆଲମାରିରେ ବନ୍ଦ କରି ରଖିଦିଅନ୍ତି ଏବଂ ମନେ ୨ ଭାବନ୍ତି – ଏ ସବୁ ତ ମୋହର ! ଆଉ ଭାବନା କଣ ? ଏପ୍ରକାର ଭାବ ଯେ ପରିହାର୍ଯ୍ୟ ତାହା ଆଉ ଦୁଇଥର କରି କହିବାକୁ ହେବନାହିଁ । ପରିଶେଷରେ ବକ୍ତବ୍ୟ ଯେ ପୁସ୍ତକ ପାଠର ସାର୍ଥକତା ବିଧାନ କରିବାକୁ ହେଲେ ପୁସ୍ତକୋଲ୍ଲିଖିତ ବିଷୟମାନଙ୍କୁ ସ୍ୱାୟତ୍ତ ଏବଂ ସ୍ୱୀୟଧନ କରି ନେବାକୁ ହେବ ଏବଂ ଏହା ମାନସିକ ବୃତ୍ତିନିଚୟର ସମ୍ୟକ୍ ଚାଳନା ବ୍ୟତୀତ ଉପଲବ୍ଧି ହେବା ସମ୍ଭବପର ନୁହେ । ଡାକ୍ତର (Watts) ଏ ସମ୍ବନ୍ଧରେ ଏକ ସ୍ଥଳରେ ଲେଖିଅଛନ୍ତି "And, indeed, how many volumes of learning soever a man may possess, he is still deplorably poor in his understanding, till he has made those several parts of learning his own property, by reading and reasoning, by judging for himself, and remembering what he has read.

---

## ଆକସ୍ମିକ ଘଟନା – (ବିଜ୍ଞାନ) ।

ମାନବସମାଜର ଆଦିମ ଅବସ୍ଥାରେ ପ୍ରତ୍ୟେକ ଘଟନା ଦୈବୀ, ସୁତରାଂ ଆକସ୍ମିକ, ବୋଲି ବିବେଚିତ ହେଉଥିଲା । ବାୟୁସଞ୍ଚାଳନ, ବୃଷ୍ଟିପ(ତ)ନ, ଆଲୋକ ବିକୀରଣ ପ୍ରଭୃତି ନୈସର୍ଗିକ କାର୍ଯ୍ୟମାନ ପବନ, ଇନ୍ଦ୍ର, ସୂର୍ଯ୍ୟ, ଚନ୍ଦ୍ର ପ୍ରଭୃତି ଦେବମାନଙ୍କର ଇଚ୍ଛାଧୀନ କାର୍ଯ୍ୟ । ଏପରି କୌଣସି ଘଟନା ଘଟୁନଥିଲା ଯହିଁରେ କୌଣସି ଦେବ ବା ଦେବୀ ହସ୍ତକ୍ଷେପ କରୁ ନଥିଲେ; ତେତ୍ରିଶ କୋଟି ଦେବଦେବୀଙ୍କର ଇଚ୍ଛା ଉପରି ମନୁଷ୍ୟର ଯାବତୀୟ କାର୍ଯ୍ୟ ଓ ସଂସାରର ଯାବତୀୟ ଘଟନା ନିର୍ଭର କରଇ । ସେମାନଙ୍କର ଅନିଚ୍ଛାକ୍ରମେ କୌଣସି ଘଟନା ଘଟିବା ଅସମ୍ଭବ ଓ ମନୁଷ୍ୟର ପୂର୍ବରୁ କୌଣସି ଘଟନା ଅନୁମାନ କରିବା ସାଧ୍ୟାତୀତ । କିନ୍ତୁ କ୍ରମେ ମନୁଷ୍ୟମାନଙ୍କର ବାହ୍ୟବସ୍ତୁର ଜ୍ଞାନ (Experience) ବା ବହୁଦର୍ଶୀତା ଜନ୍ମିଲା । ସେମାନେ ଦେଖିଲେ ସୂର୍ଯ୍ୟ ଏକଦିଗରେ ନିରୂପିତ ସମୟ ବ୍ୟବଧାନ ପରେ ସର୍ବଦା ଉଦିତ ହୁଅନ୍ତି, ଚନ୍ଦ୍ରଙ୍କର କ୍ଷୟ ବୃଦ୍ଧି ଏକ ନିର୍ଦ୍ଦିଷ୍ଟ ନିୟମରେ ହୋଇଥାଏ, ଋତୁମାନେ ଏକ ନିୟମରେ ଆବର୍ତ୍ତିତ ହୁଅନ୍ତି, ଦିବା ଓ

ରାତ୍ରି ଏକ ନିୟମରେ ଆଗମନ କରେ; ସେମାନେ ଦେଖିଲେ ମଞ୍ଜିଟିଏ ପୋତିଲେ ସବୁବେଳେ ଗଛ ହୁଏ, ଗଛରୁ ପତ୍ର ଫୁଲ ଫଳପ୍ରଭୃତି ନିୟମବଶବର୍ତ୍ତୀ ହୋଇ ଜାତ ହୁଏ, ଏକ ଗଛର ମଞ୍ଜିରୁ ସେହି ଜାତୀୟଗଛ ଜାତ ହୁଏ, ମରୁଭୂମିରେ ଗଛ ହୁଏ ନାହିଁ; ଏହିରୂପେ କ୍ରମେ ଦେଖିଲେ ସଂସାରର ଘଟନା ସବୁ ଆକସ୍ମିକ ନୁହେ; ଏଥିରେ ନିୟମ ଅଛି, କ୍ରମ (Order) ଅଛି, ଏହି ନିୟମ ଓ କ୍ରମର ବ୍ୟତିକ୍ରମ ନାହିଁ । ଏହିରୂପେ କ୍ରମେ ବିଶ୍ୱାସ ଜନ୍ମିଲା ସଂସାରର ଘଟନା ନିୟମାଧୀନ ଓ ଗୋଟିଏ ଘଟନା ଅପର ଗୋଟିଏ ଘଟନା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ, ସେ ଘଟନାଟି ଘଟିଲେ ଏ ଘଟନା ତାହାର ଅନୁଗମନ କରେ; ଆହୁରି ସେହି ପୂର୍ବବର୍ତ୍ତୀ ଘଟନା ମଧ ତତ୍‌ପୂର୍ବବର୍ତ୍ତୀ କୌଣସି ଘଟନା ଉପରେ ନିର୍ଭର କରେ ଏବଂ ତାହା ତତ୍‌ପୂର୍ବବର୍ତ୍ତୀ ଅନ୍ୟତମ ଘଟନା ଉପରେ ନିର୍ଭର କରେ । ଏହିରୂପେ ଘଟନାବଳୀ ଏକ ଅଚ୍ଛେଦ୍ୟ ଶୃଙ୍ଖଳରେ ଆବଦ୍ଧ ଓ କ୍ରମପରମ୍ପରାରେ ବିକାଶପ୍ରାପ୍ତ ହୁଏ । ଏହି ଜ୍ଞାନ କ୍ରମେ ବାହ୍ୟବସ୍ତୁର ସହିତ ସଂସର୍ଗ ବୃଦ୍ଧି ସଙ୍ଗେ ୨ ପ୍ରବୃଦ୍ଧ ହେବାକୁ ଲାଗିଲା; ସ୍ୱାଭାବିକ ନିୟମର ଅପରିବର୍ତ୍ତନୀୟତା (Uniformity of nature), ଘଟନାବଳୀର କ୍ରମ (order) ବିଷୟକ ବିଶ୍ୱାସ କ୍ରମଶଃ ଦୃଢ଼ୀଭୂତ ହେବାକୁ ଲାଗିଲା । ଅବଶେଷରେ ଏହି ବିଶ୍ୱାସ ଏତେଦୂର ବୃଦ୍ଧିପ୍ରାପ୍ତ ହୋଇଅଛି ଯେ ଅଜ୍ଞଲୋକ ଛଡ଼ା ଅନ୍ୟ କେହି କୌଣସି ଘଟନା ଆକସ୍ମିକ ବୋଲି କହନ୍ତି ନାହିଁ । ସଂସାରରେ କୌଣସି ଘଟନା କେବେହେଁ ଅକସ୍ମାତ୍ ଘଟଇ ନାହିଁ । ଏହା ସତ୍ୟ ଯେ କେତେକ ଘଟନାର କାରଣ ଅର୍ଥାତ୍ ତାହାର ନିୟତ ପୂର୍ବବର୍ତ୍ତୀ ଘଟନା ବିଷୟରେ ଆମ୍ଭେମାନେ ସମ୍ପୂର୍ଣ୍ଣ ଅଜ୍ଞ; ଏରୂପ ସ୍ଥଳରେ ସେ ଘଟନାମାନଙ୍କୁ ଆକସ୍ମିକ ବୋଲି ଅନେକେ କହନ୍ତି । କିନ୍ତୁ ପ୍ରକୃତ ପକ୍ଷରେ ଏହା ଯେ ଆକସ୍ମିକ ଅର୍ଥାତ୍ ଏହାର କୌଣସି କାରଣ ନାହିଁ ଅର୍ଥାତ୍ ଏହା ଯେ ଘଟନାବଳୀର କ୍ରମର ଅନୁବର୍ତ୍ତୀ ନୁହେ ଏହା ନୁହେ । ''ଆକସ୍ମିକ ଘଟନା'' ଏହି ଶବ୍ଦ ଆମ୍ଭମାନଙ୍କର କାରଣବିଷୟକ ଅଜ୍ଞତା ଲୁଚାଇବାପାଇଁ ବ୍ୟବହୃତ ହୋଇଥାଏ । ହକ୍ସଲି ସାହେବ କହନ୍ତି ଦୈବୀ ଘଟନା ଏହି ଶବ୍ଦ ଅଜ୍ଞତାର ପ୍ରତିପଦ ମାତ୍ର ।

ଯେବେ ସ୍ୱାଭାବିକ ଘଟନାସବୁ ଅଲଙ୍ଘନୀୟ ନିୟମାବଳୀରେ ଆବଦ୍ଧ ନ ରହି ଆକସ୍ମିକ ହେଉଥାନ୍ତା ତାହାହେଲେ ଲୋକମାନଙ୍କର ବିଦ୍ୟା, ବୁଦ୍ଧି, ବିଚାରଶକ୍ତି ପ୍ରଭୃତିରେ କି ଫଳ ହୁଅନ୍ତା ? ସଂସାରରେ ସେମାନଙ୍କର ଦୁଃଖର ଇୟତ୍ତା କରିବାରେ କିଏ ସମର୍ଥ ହୁଅନ୍ତା ? ପଦାର୍ଥମାନଙ୍କର ଯେବେ ଆଜି ଗୋଟିଏ ଗୁଣ, କଲ୍ୟ ଅନ୍ୟଗୁଣ, ପରଦିନ ତୃତୀୟଗୁଣ କୌଣସି ନିୟମାନୁବର୍ତ୍ତୀ ନ ହୋଇ ବିକାଶିତ ହୁଅନ୍ତା; ଯେବେ କୌଣସି ବସ୍ତୁ ଅଦ୍ୟ ଭଙ୍ଗପ୍ରବଣ, କଲ୍ୟ ଘାତସହ, ପରଦିନ ଭିଜାବରୋଧକ, ଅନ୍ୟ ଦିନରେ କଠିନ ହୁଅନ୍ତା; କିମ୍ବା ସୂର୍ଯ୍ୟ ବା ଚନ୍ଦ୍ର ଯେବେ ଏକଦିନ ପୂର୍ବରେ, ଅନ୍ୟଦିନ ଉତ୍ତରରେ,

ପରଦିନ ପଶ୍ଚିମରେ, ଅପରଦିନ ଦକ୍ଷିଣରେ ଯଥେଚ୍ଛାକ୍ରମେ ଉଦିତ ହୁଅନ୍ତେ; କିମ୍ବା ମନୁଷ୍ୟର ଆଜି ଅନ୍ନ, କାଲି ମୃତ୍ତିକା, ପରଦିନ ପ୍ରସ୍ତର ତରୁ ଗୁଳ୍ମାଦି ଭକ୍ଷଣ କଲେ କ୍ଷୁତ୍ପିପାସା ନିବାରିତ ହୁଅନ୍ତା, ତାହାହେଲେ ଆମ୍ଭେମାନେ ଦୈବୀ ଘଟନାର ସମ୍ପୂର୍ଣ୍ଣ ଦାସ ହୋଇ ରହନ୍ତୁ । ଯେବେ ଆଜି କାଷ୍ଠ, କଲ୍ୟ ପ୍ରସ୍ତର, ପରଦିନ ଜଳ ଦାହ୍ୟ ହୁଅନ୍ତା କିମ୍ବା ଜଳ ଯେବେ ଅଦ୍ୟ ଅଗ୍ନି, କଲ୍ୟ ମୃତ୍ତିକା, ତତ୍ପରଦିନ ବାୟୁର କାର୍ଯ୍ୟ ନିଷ୍ପନ୍ନ କରନ୍ତା, ବା ସଂକ୍ଷେପରେ କହିବାକୁ ଗଲେ, ଯେବେ ଭୌତିକ ପଦାର୍ଥର ଗୁଣସବୁ କୌଣସି ନିର୍ଦ୍ଦିଷ୍ଟ ନିୟମର ବଶବର୍ତ୍ତୀ ନ ହୋଇ ପରିବର୍ତ୍ତିତ ହେଉଥାନ୍ତା, ତାହା ହେଲେ ସଂସାର ବିଶୃଙ୍ଖଳାର (chaos) ରାଜ୍ୟ ହୁଅନ୍ତା । ତେତେବେଳେ ଲୋକେ ତ୍ରିକାଳଦର୍ଶୀ ହେଲେ ମଧ୍ୟ ସଂସାରରେ ରହିପାରନ୍ତେ ନାହିଁ । କିନ୍ତୁ ସୌଭାଗ୍ୟପ୍ରଯୁକ୍ତ ସ୍ୱଭାବନିୟମାନୁଗାମୀ, ଆକସ୍ମିକ ଘଟନାର ଲେଶମାତ୍ର ସଂସର୍ଗ ଏଠାରେ ନାହିଁ । ସ୍ୱାଭାବିକ ଘଟନା ନିର୍ଦ୍ଦିଷ୍ଟ ଅପରିହାର୍ଯ୍ୟ ନିୟମାନୁଯାୟୀ ଏକ ଅନ୍ୟର ଅନୁବର୍ତ୍ତୀ ହୁଏ, ଓ ଏହି କ୍ରମାନୁବର୍ତ୍ତିତ୍ୱ ବିଷୟରେ ସ୍ୱାଭାବର କି ନିୟମ, ଅର୍ଥାତ୍ କେଉଁ ଘଟନାର କିପରି ଘଟନା ଅନୁଗାମୀ ହୁଏ, ତାହା ଯେବେ ଆମ୍ଭେମାନେ ଜାଣିପାରୁଁ, ତାହାହେଲେ ପୂର୍ବବର୍ତ୍ତୀ ଘଟନାରୁ ଭବିଷ୍ୟତରେ କି ଘଟନା ସଂଘଟିତ ହେବ ତାହା ଜାଣିପାରିବାରୁ ତାହାର ଶୁଭଫଳ ସମାଦାନ ବା ଅଶୁଭଫଳ ପରିହରଣ କରିବାରେ ସକ୍ଷମ ହେଉଁ । ସ୍ୱଭାବର ନିୟମଗୁଡ଼ିକ ସୃଷ୍ଟିର ଆଇନ ଅଟେ । ଯେପରି ମାନବସମାଜର ଆଇନାନୁଯାୟୀ କାର୍ଯ୍ୟ ନକଲେ ଦଣ୍ଡାର୍ହ ହେବାକୁ ହୁଏ, ସେହିପରି ସୃଷ୍ଟିର ବିଧାନର ଅନଭିଜ୍ଞ ରହି କାର୍ଯ୍ୟ କଲେ ଅଧିକାଂଶ ସମୟରେ କଷ୍ଟଭୋଗ କରିବାକୁ ହୁଏ । ସାଧାରଣ ଲୋକଙ୍କର ଏହି ଆଇନଜ୍ଞାନ ଅର୍ଥାତ୍ ଘଟନାର କ୍ରମଜ୍ଞାନ କିୟତ୍ପରିମାଣରେ ଜନ୍ମିଅଛି; ଯେଉଁ ଲୋକର ଏହି କ୍ରମଜ୍ଞାନ, (ଅନ୍ୟ କଥାରେ କହିଲେ) କାର୍ଯ୍ୟକାରଣ ଜ୍ଞାନ, ଯେତେ ଅଧିକ ସେ ତେତେ ବହୁଦର୍ଶୀ ଓ ଆପଦହସ୍ତରୁ ପଳାଇବାରେ ତେତେ ସକ୍ଷମ । 'ବହୁଦର୍ଶିତା' 'କାର୍ଯ୍ୟକାରଣ' ଜ୍ଞାନର ଅନ୍ୟତର ନାମ ମାତ୍ର । କିନ୍ତୁ ବିଜ୍ଞାନ ସାହାଯ୍ୟ ବ୍ୟତିରେକେ ଏହି କ୍ରମଜ୍ଞାନ ପରିଶୁଦ୍ଧ, ପରିମାର୍ଜିତ ଓ ପରିବର୍ଦ୍ଧିତ ହୋଇପାରେ ନାହିଁ । ବିଜ୍ଞାନ ଏହି କ୍ରମନିରୂପକ ଶାସ୍ତ୍ର । ବିଜ୍ଞାନର ଏହାହିଁ ଭିତ୍ତିଭୂମି । ଅତଏବ ବିଜ୍ଞାନ ବିପଦନିବାରକ, ସୁଖବୃଦ୍ଧିକାରକ ଶାସ୍ତ୍ର, ଯେହେତୁ ତାହା ଆମ୍ଭମାନଙ୍କୁ ଭବିଷ୍ୟଦ୍‌ଦର୍ଶୀ କରାଯାଏ । ବିଜ୍ଞାନର ବର୍ତ୍ତମାନ ବାଲ୍ୟାବସ୍ଥା; କ୍ରମଶଃ ଏହାର ଉନ୍ନତି ସାଧିତ ହେଉଅଛି । ଯେତେବେଳେ ଏହା ସମ୍ପୂର୍ଣ୍ଣତା ଲାଭ କରିବ ତେତେବେଳେ ମନୁଷ୍ୟମାନେ ତ୍ରିକାଳଜ୍ଞ ହେବେ, ତାବତୀୟ ଘଟନା ମନୁଷ୍ୟାୟତ୍ତ ହେବ ।

---

## ଆଶ୍ଚର୍ଯ୍ୟ ସ୍ୱପ୍ନ ।

## ଉତ୍କଳର ସତୀତ୍ୱଲକ୍ଷ୍ମୀ ଦର୍ଶନ ।

୧

ନିଦାଘ ତପନ, ଯେବେ ଅସ୍ତାଚଳ ଶିରେ,
ସୂକ୍ଷ୍ମ ଘନଶଯ୍ୟା ପାତି ବିବିଧ ବରଣେ,
ବିଶ୍ରାମିଲେ,ଅନୁରାଗପୂର୍ଣ୍ଣ ମୂରତିରେ –
ମାଣିକ୍ୟକାନ୍ତିରେ, ତେଜି ପ୍ରତାପକିରଣେ ।
ମଳୟ ସମୀର ଧୀରେ ଚାଳିଲା ବ୍ୟଜନ ।
ବନ୍ଦିଲେ ବିହଗେ କରି ମଧୁର କୂଜନ ।

୨

[illegible]ଲି ଏକାଳେ ସ୍ୱପ୍ନେ କାଠଯୋଡ଼ି ତୀରେ,
ଶୀତଳ ପବନେ ତନୁ ସନ୍ତାପ ହରଣେ ।
କ୍ରମରେ ଅସିତାମ୍ବରା ରଜନୀ ସାଧୀରେ
ଆବରିଲା ପୂର୍ବାକାଶ ସ୍ୱରୂପାବରଣେ ।
ଦକ୍ଷିଣେ ଦେଖାଇ ପୁଣି ଚପଳା ଚହଟ,
ଘନଘନ ଘନ କଲା ମନ୍ଦ୍ର ପରକଟ ।

୩

ଚାହୁଁ ଚାହୁଁ, ନିଶି ମେଘ ମିଳନ ତମସ
ଗରାସିଲା ଧରାପୃଷ୍ଠ, ଚକ୍ଷୁ-ତାରା ଛବି
ନ ପାରିଲା ବାରି; ବିନ୍ଦୁ ବିନ୍ଦୁ ଘନରସ
ପଡ଼ିଲା, ମୁଁ ଗଲି ତ୍ୱରା ବୃକ୍ଷାଶ୍ରୟ ଲଭି;
ଦେଖାଇଲା କ୍ଷଣପ୍ରଭା ପ୍ରଭା କ୍ଷଣ କ୍ଷଣ –
ତଟପଥ, ନଦୀବକ୍ଷ ବାଲି ବିସ୍ତାରଣ, –

୪

ମୋ ସମ୍ମୁଖଦେଇଁ ଦୁଇଜଣ ଆସିବାର
ତରତରେ । ଏକ ପୁଂସ, ଏକ ସିମନ୍ତିନୀ,
ଜାଣିଲି – ଦ୍ୱିତୀୟ ଲାଜେ ମୁଖ ଢାଙ୍କୁ ତାର
ଆଲୋକ ଝଲକେ; କିନ୍ତୁ ପୁରୁଷବେଶିନୀ ।
ସ୍ତ୍ରୀସୁଲଭ ଲଜ୍ଜା କି ପୁରୁଷ ଭଙ୍ଗୀ ଧରେ ?
ଗଲେ ସେ ଗୁହାଭିମୁଖେ, ମୁଁ ତରୁତଳରେ, –

୫

ପ୍ରବେଶି ଦେଖିଲି – ଏକ ବିଷଦବସନା
ଦିବ୍ୟତେଜୋମୟୀ ଦେବୀ,ମହୀରୂହ ତଳ
ଉଜଳି ବସିଛି, ନାହିଁ ହର୍ଷ-ଉଦ୍ଦୀପନା,
ଗଣ୍ଡେ ନ୍ୟସ୍ତ କର, ନେତ୍ର ସୁଧୀର ଶୀତଳ, –
ଅର୍ଦ୍ଧବିମୁଦିତ,ଅନୁପମ ଆନନରେ
ପ୍ରଗାଢ଼ ଚିନ୍ତାର ଛଟା ମିଶି ଖେଳା କରେ ।

୬

ପୁଛିଲି, କିଏ ଗୋ ଦେବି ! ତ୍ରିଦିବବାସିନୀ ?
ନ ଦେଲେ ଉତ୍ତର; ପୁଣି ପୁଛିଲି ସଂତ୍ରାସେ,
ଏଠାରେ କିଏ ଗୋ ଦେବୀ । ତ୍ରିଦିବବାସିନୀ ?
ତୋଳିଲେ ଲପନ କରୁଁ, ପ୍ରବଳ ନିଃଶ୍ୱାସେ
ପଳାଇ, ପଲକ ଚାଳି, କହିଲେ ଗମ୍ଭୀରେ
'ମୁଁ ଏଠା ସତୀତ୍ୱରମା' । କିପାଁ ନଦୀତୀରେ ?

୭

କିପାଁଇ ବ୍ୟକ୍ତ ବ୍ୟାଜହାସ, ନିର୍ବୋଧ ବିଚାରି ।
ଲଜ୍ଜିତେ ଭାଷିଲି, ମାତଃ । ମୁଁ ବୁଝି ନ ପାରେ ?
ଦେଖିଲେ ଜାଣୁନା ! ଏହିକ୍ଷଣି ମନୋହାରୀ
ପୁରୁଷ ସଙ୍ଗେ ଯେ ଗଲା, ପୁରୁଷଭୂଷାରେ,
ଥିଲି ତାହା ସଙ୍ଗେ, ଆଜି ଛାଡ଼ିଲି ତାହାକୁ,
ଚିନ୍ତାରେ ଭାସୁଛି, ଦୁଃଖ କହିବି କାହାକୁ !

୮

କିଏ ସେହି ? ଭଦ୍ରବଧୂ ଭୂଦେବକୁମାରୀ,
ଭାଗ୍ୟଦୋଷେ ବିଧବା; ଏ ପୁରୁଷରାକ୍ଷସ
ହଜିଲା ସତୀତ୍ୱଧନ, କୌଶଳ ବିସ୍ତାରି,
ରାତ୍ରେ ଘେନି ବୁଲେ; ଧିକ୍ ରସିକତା ଯଶ ?

ଧିକ୍ ସଭ୍ୟତାକୁ ଏହି କୁତ୍ସିତାଚରଣେ !
ଧିକ୍ ଧିକ୍ ବିଧବା-ବିଦ୍ରୋହୀ ବୁଧଗଣେ !

୯

ଏହି କି ହେଲାରେ ଦୂର ଅଜ୍ଞାନ-ଅନ୍ଧର ?
ଜ୍ଞାନାଲୋକେ ହରିବାକୁ ସତୀତ୍ୱରତନ ।
ପୂର୍ବକାଳୁ ବଳିଲାରେ ଏବ ପାପାଚାର ?
ଜ୍ଞାନ-ଅସ୍ତ୍ରେ ହେଲା ଧର୍ମ-ବନ୍ଧନ ଛେଦନ !
ଚନ୍ଦ୍ରରେ କଳଙ୍କ ପରି ସଭ୍ୟତା ସଙ୍ଗରେ,
ସୁରା ପ୍ରବେଶିଲା ଜଗନ୍ନାଥ-ଉତ୍କଳରେ !

୧୦

କି ମନ୍ତ୍ର ପ୍ରଦାନ କରି ଦେଖି ଜ୍ଞାନବାନ !
ମନ୍ତ୍ରପୂତେ,—ଦଶଗ୍ରୀବ ଯଥା ବ୍ରହ୍ମାବରେ,
ତଥା ଘରେ ଘରେ କଲେ ଲଙ୍କାକାଣ୍ଡମାନ
ଅଭିନୀତ; ରମ୍ଭାଆଦି ନାଚେ ସମାଜରେ,
ମକରନ୍ଦ ପାନେ ଅନ୍ଧ ରସିକଭ୍ରମରେ
ନୃତ୍ୟ କଲେ, ଓହୋ ! ପୁତ୍ର କନ୍ୟାଙ୍କ ଆଗରେ ।

୧୧

ଏକି ? ଯେ ବିବେକଦୀପ ଜଳିଲେ ଲୋକରେ,
ସମୁଜ୍ଜ୍ୱଳ ଆଶା କରେ ନିଜ ଦେଶ—ଘର,
ତହିଁ ଆପେ ଆପଣାକୁ ନ ଚିହ୍ନିଲେ ଥରେ !
ଧନ୍ୟ ଧନ୍ୟ ସୁରେଶ୍ୱରି ! ତୋ ପ୍ରସାଦେ ନର,
ପଶୁରୁ—ରାକ୍ଷସ ଗୁଣ ମୁହୂର୍ତ୍ତରେ ପାଏ,
କେଉଁ ପାପ ନ କରେ ସେ ? ଯେ ତୋ ଗୁଣ ଗାଏ ।

୧୨

ସହଜେ ମନୁଷ୍ୟ କାମ କ୍ରୋଧାଦିର ଦାସ,
ବିଶେଷେ କାମର । ଏହି ଶିକ୍ଷା ପ୍ରଭାବରେ,—
ଶିକ୍ଷାର ସଂସାର ସିନା ?—ଉତ୍କଳ ନିରାଶ !
ଯା ହେଉଚି, ହେବ ଭାବି, ଦେଶ ପାପଭରେ—
ବ୍ୟଭିଚାରେ । ସେ ଜ୍ଞାନରୁ ବିଫଳ ହୋଇଲା ?
ସ୍ୱଧର୍ମ ଚରିତ୍ର ଯହିଁ ବିଶୁଦ୍ଧ ନୋହିଲା !

୧୩

ପୁଣି –
ଧନ୍ୟ ସେ ଈଶ୍ୱରଚନ୍ଦ୍ର ବିଧବା ମହତ୍ତ୍ୱ,
ସତୀର ଧର୍ମ ରକ୍ଷଣେ, କଲା ପ୍ରଚଳନ
ବିଧବାବିବାହ ପ୍ରଥା, ଜାଣିଶ ସ୍ୱତତ୍ତ୍ୱ;
ଆଜି କାଲି ଭାରତ ସେ ଚିନ୍ତାରେ ମଗନ
କିନ୍ତୁ ପୁରୀ 'ଧର୍ମସୁଧାନିଧି' ସଭାଜନ,
ବିଚାର-ମନ୍ଥନେ ବିଷ କରନ୍ତି ଜନନ !

୧୪

ସହସ୍ର ସହସ୍ର ପାପ ଭ୍ରୂଣହତ୍ୟା ଚାରି
ଦେଖୁ ଦେଖୁ, ଅଛି ତେ ଏମନ୍ତ ଅନ୍ଧ କିଏ ?
ଏମତ ଖଣ୍ଡନେ ଶାସ୍ତ୍ର ଖୋଜି ହୋଇ ବାଦୀ
ଈଶ୍ୱରଚନ୍ଦ୍ରର ବିଜ୍ଞାପଦବୀକି ନିଏ ?
ଯାହାର ମତରେ ଆଜି ସମ୍ମତ ଭାରତ ।
ଧନ୍ୟ 'ଧର୍ମସୁଧାନିଧି' ତୁମ୍ଭ ସାଧୁବ୍ରତ !!!

୧୫

ଦେଖି ଦୃଷ୍ଟାନ୍ତନିଚୟ ଦେଶାଚାର ପ୍ରଥା,
ଫାଟଇ ହୃଦୟ ମୋର, କାହାକୁ କହିବି !
ନିର୍ଜନେ ଭାଳଇ ବସି, କିପରି ଏ ବ୍ୟଥା
ଦୂର ହେବ, ମୁହିଁ ଭାଦ୍ରଭବନେ ରହିବି ।
ଏମନ୍ତ ସମୟେ ନିଦ୍ରାଦେବୀ ମାୟା ହରେ,
ଦେଖିଲି ଶୋଇଛି ମୋର ପୂର-ପ୍ରାଙ୍ଗଣରେ ।

୧ ମ ଖଣ୍ଡ

୭ମ ସଂଖ୍ୟା

ମାସିକପତ୍ର ଓ ସମାଲୋଚନ ।

---

ଜୁଲାଇ ସନ ୧୮୮୫ ମସିହା ।

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)


| | ବିଷୟ | | | ପୃଷ୍ଠା |
|---|---|---|---|---|
| ୧ । | ପରିଦର୍ଶନ ଓ ପରୀକ୍ଷା | ... | ... | |
| ୨ । | ମଠର ସମ୍ବାଦ | ... | ... | |
| ୩ । | ବ୍ୟାଧଜାଲେ ପତିତ ପଶୁରାଜ (ପଦ୍ୟ) | ... | ... | |
| ୪ । | ଅନାଥିନୀ (ଉପନ୍ୟାସ) | ... | ... | |
| ୫ । | ବନ୍ଧୁତା | ... | ... | |
| ୬ । | ମାନବଜୀବନ ପ୍ରତି (ପଦ୍ୟ) | ... | ... | |


**

## କଟକ

Printed and published by Sarat Chandra Mukhopadhaya at the Cuttack Printing Company's Press.

# ପରିଦର୍ଶନ ଓ ପରୀକ୍ଷା ।

ପୂର୍ବବର୍ତ୍ତୀ ବିଜ୍ଞାନସମ୍ବନ୍ଧୀୟ ପ୍ରବନ୍ଧମାନଙ୍କରେ ପ୍ରଦର୍ଶିତ ହୋଇଅଛି ଯେ ସ୍ୱାଭାବିକ ଘଟନାବଳୀ ଦୈବୀ ବା ଆକସ୍ମିକ ନୁହେ, କିନ୍ତୁ କ୍ରମାନୁବର୍ତ୍ତୀ ଓ କାରଣସାପେକ୍ଷ ଓ ଏହି କାରଣ ନିରୂପଣ ବିଜ୍ଞାନର ପ୍ରଧାନ କାର୍ଯ୍ୟ; ବିଜ୍ଞାନଦ୍ୱାରା ଯେଉଁ ଉନ୍ନତି ଦିନ ୨ ସାଧିତ ହେଉଅଛି, ତାହା ଘଟନାବଳୀର କ୍ରମଜ୍ଞାନ ବା କାରଣ ଜ୍ଞାନ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ପୂର୍ବରେ ଏହା ମଧ୍ୟ ଉଲ୍ଲିଖିତ ହୋଇଅଛି ଯେ କେତେକ ବିଶେଷ ପ୍ରଣାଳୀ ଅବଲମ୍ବନ କଲେ କାରଣ-ନିର୍ଣ୍ଣୟର ସରଳତା ସମ୍ପାଦନ ହୁଏ । ବର୍ତ୍ତମାନ ସେହି ପ୍ରଣାଳୀ ପ୍ରଦର୍ଶନ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

୧ମ ପରିଦର୍ଶନ (observation) । କେଉଁ ଘଟନା କି ଅବସ୍ଥାରେ କିରୂପଭାବରେ ଘଟୁଅଛି, ଓ କେଉଁ ୨ ଘଟନା ତାହାର ପୂର୍ବବର୍ତ୍ତୀ, ତାହା ମନୋନିବେଶପୂର୍ବକ ପୁଙ୍ଖାନୁପୁଙ୍ଖରୂପେ ପରିଦର୍ଶନ ଅଳ୍ପସଂଖ୍ୟକ ଲୋକେ କରିଥାନ୍ତି । କେବଳ ଘଟନାଟିକି ତାହାହିଁ ଦେଖି ଆମ୍ଭେମାନେ ସନ୍ତୁଷ୍ଟ । ଏତେ ଆୟାସ ସ୍ୱୀକାର କରି ପୂର୍ବବର୍ତ୍ତୀ ଘଟନା ଅନୁସନ୍ଧାନ କରିବା ନିଷ୍ପ୍ରୟୋଜନ ମନେକରି ଆମ୍ଭେମାନେ ତାହା ନିର୍ଣ୍ଣୟ କରିବାରେ ଚେଷ୍ଟା କରୁ ନା । ଏହି ପୂର୍ବବର୍ତ୍ତୀ ଘଟନା (କାରଣ) ନିରୂପଣ ଉପରି ଆମ୍ଭମାନଙ୍କର କେତେଦୂର ସୁଖ ଦୁଃଖ ନିର୍ଭର କରେ ତାହା ଆମ୍ଭେମାନେ ବୁଝୁନା, ସୁତରାଂ ସେ ବିଷୟରେ ଚେଷ୍ଟା କରୁ ନା, କେବଳ ଯାହା ଆମ୍ଭମାନଙ୍କ ସମକ୍ଷରେ ସ୍ୱତଃ ନିପତିତ ହୁଏ ତଦ୍ଭିନ୍ନ ଅନ୍ୟ କାରଣ ନିରୂପଣ କଦାଚିତ୍ କରିଥାଉଁ । କାଠଯୋଡୀ ଓ ମହାନଦୀର ଏତେଦୂର ବୃଦ୍ଧିର କାରଣ ସେମାନଙ୍କର ଉତ୍ପତ୍ତି ପ୍ରଦେଶରେ ବୃଷ୍ଟି, ଏହା ପ୍ରାୟ ସମସ୍ତେ କହିପାରନ୍ତି, ଯେହେତୁ ଏ ଘଟନା ଅତୀବ ସରଳ ଓ ଏହାର କାରଣ ଆମ୍ଭମାନଙ୍କ ଦୃଷ୍ଟିପଥରେ ସ୍ୱତଃ ଉପସ୍ଥିତ ହୁଏ । କିନ୍ତୁ ବର୍ଷା କି ହେତୁରୁ ହୁଏ ତାହାର ପ୍ରକୃତ ଉତ୍ତର ଆମ୍ଭମାନଙ୍କ ମଧ୍ୟରୁ କେହି ଜଣେ ସୁଦ୍ଧା ଦେଇପାରିବେ କି ନା ସନ୍ଦେହ; କେବଳ ଯେଉଁମାନେ ସ୍କୁଲରେ ଶିକ୍ଷିତ ସେହିମାନେହିଁ ପ୍ରାକୃତିକ ଭୂଗୋଳ ବା ପଦାର୍ଥବିଦ୍ୟା ପ୍ରଭୃତି ଅଧ୍ୟୟନ କରି ସ୍ୱଚକ୍ଷୁ ବିଦ୍ୟମାନ ଥାଉଁ ୨ ଅପରର ଚକ୍ଷୁର ସାହାଯ୍ୟ ନେଇଅଛନ୍ତି ବୋଲି କହିପାରନ୍ତି । ଆମ୍ଭେମାନେ ସ୍ୱଭାବଦତ୍ତ ଇନ୍ଦ୍ରିୟାଦିର ଏହିପରି ବ୍ୟବହାର କରୁ ସିନା ? ଆମ୍ଭେମାନେ ଯେବେ ଟିକିଏ ଆୟାସ ସ୍ୱୀକାର କରି ମେଘ କିରୂପେ ଜାତ ହୁଏ ଓ କି ଅବସ୍ଥାରେ ବୃଷ୍ଟି ହୁଏ ତାହା ଅନୁଧାବନ କରିଥାନ୍ତୁ (ଓ ଏହି କାର୍ଯ୍ୟରେ ପରିଦର୍ଶନ ପ୍ରଚୁର ଆବଶ୍ୟକ) ତାହା ହେଲେ କି ଏତଦ୍‌ବିଷୟକ ତତ୍ତ୍ୱ ଆମ୍ଭମାନଙ୍କ ନିକଟରେ ଅଜ୍ଞାତ ଥାନ୍ତା ? ପୂର୍ବକାଳୀନ ମନିଷୀଗଣ ଯେ ପଦାର୍ଥତତ୍ତ୍ୱ ଓ ସ୍ୱଭାବ ନିୟମ ଜ୍ଞାତ ହୋଇଥିଲେ ତାହା

କେବଳ ପରିଦର୍ଶନ ବଳରୁ । କିନ୍ତୁ କେବଳ ପରିଦର୍ଶନଦ୍ୱାରା ଯେଉଁ ତତ୍ତ୍ୱ ସ୍ଥିରୀକୃତ ହୁଏ ତାହା ଭ୍ରମସଙ୍କୁଳ ହେବାର ସମ୍ଭବ, ଓ ଏହି ପ୍ରଣାଳୀଦ୍ୱାରା ପଦାର୍ଥର ସାମାନ୍ୟ କେତେକ ଗୁଣ ବ୍ୟତୀତ ଗୂଢ଼ ପ୍ରଧାନ ଗୁଣାବଳୀ ଅଭ୍ରାନ୍ତ ଓ ସମ୍ପୂର୍ଣ୍ଣରୂପରେ ନିର୍ଦ୍ଧାରିତ ହୋଇପାରେନାହିଁ । ଏ ଅଭିପ୍ରାୟରେ ନିମ୍ନଲିଖିତ ଦ୍ୱିତୀୟ ପ୍ରଣାଳୀ ଅତୀବ ଆବଶ୍ୟକ ଓ ସମଧିକ ବ୍ୟବହୃତ ହୋଇଥାଏ ।

୨ୟ ପରୀକ୍ଷା (Experiment) । ପ୍ରକୃତିରେ ପଦାର୍ଥ ଯେଉଁ ଅବସ୍ଥାରେ ଥାଏ, ସେରୂପ ଭାବରେ ନ ରଖି ଭିନ୍ନ ୨ ଅବସ୍ଥାରେ ତାହାର ଗୁଣାବଳୀ ନିର୍ଣ୍ଣୟ ବା ଏକ ପଦାର୍ଥ ସ୍ୱାଭାବିକ ଅବସ୍ଥାରେ ଅନ୍ୟ ଉପରେ ଯେରୂପ କାର୍ଯ୍ୟ କରେ ଭିନ୍ନ ୨ ଅବସ୍ଥାରେ ସେହି ପଦାର୍ଥମାନଙ୍କୁ ରଖି ପରସ୍ପର ଉପରି ସେ କାର୍ଯ୍ୟ ପରିବର୍ତ୍ତନ ନିରୂପଣ ପରୀକ୍ଷାପ୍ରଣାଳୀ । ଶୀତକାଳର ପ୍ରତ୍ୟୁଷରେ ବାୟୁ ଦିନେ ୨ ଅତି ସ୍ୱଚ୍ଛ ଥାଏ; ଏହି ସମୟରେ ଉଭୟ ଦିଗରୁ ଶୀତଳ ପବନ ବହିଲାକ୍ଷଣି ବାୟୁରେ ଜଳକଣା ଭାସମାନ ହୋଇ କୁଜଟିକା ଉତ୍ପାଦନ କରେ । ଏହା ଦେଖି ଯେବେ ଆମ୍ଭେମାନେ ସିଦ୍ଧାନ୍ତ କରୁଁ ଯେ ବାୟୁରେ ଜଳୀୟବାଷ୍ପ ଅଲକ୍ଷିତଭାବରେ ଅଛି ଓ ଉଷ୍ଣତାର ନ୍ୟୂନତାରେ ସେହି ବାଷ୍ପ ଜଳକଣାଭାବରେ ଦୃଷ୍ଟିପଥଗାମୀ ହୁଏ, ତାହା ହେଲେ ଏହା ପରିଦର୍ଶନ ପ୍ରଣାଳୀଦ୍ୱାରା ସ୍ଥିରୀକୃତ ହେଲା । କିନ୍ତୁ ଯେବେ ଆମ୍ଭେ ବରଫ ବା କୁଆପଥରକୁ ଅନାର୍ଦ୍ର କାଂସ୍ୟମୟ ପାତ୍ରର ଅଭ୍ୟନ୍ତରରେ ରଖି ଲବଣ ମିଶ୍ରିତ କରିବାରେ ଦେଖୁଁ ଯେ ପାତ୍ରଟି ସଚ୍ଛିଦ୍ର ନ ହେଲେହେଁ ତାହାର ଉପରିଭାଗ କ୍ଷୁଦ୍ର ୨ ଜଳବିନ୍ଦୁରେ ଆବୃତ୍ତ ହୋଇଅଛି ଓ ତହିଁରୁ ବାୟୁରେ ଜଳୀୟବାଷ୍ପର ଉପସ୍ଥିତି ଓ ଉଷ୍ଣତାର ଅଭାବରେ ତାହାର ଜଳକଣାରୂପରେ ପରିବର୍ତ୍ତନ ବିଷୟ ସିଦ୍ଧାନ୍ତ କରୁଁ ତାହାହେଲେ ଆମ୍ଭେ ପରୀକ୍ଷାପ୍ରଣାଳୀ ଅବଲମ୍ବନ କରୁଁ । ପରୀକ୍ଷା ପରିଦର୍ଶନ ଅପେକ୍ଷା ଏହି ହେତୁରୁ ଉତ୍କୃଷ୍ଟ ଯେ ଏଥିରେ ପଦାର୍ଥକୁ ଇଚ୍ଛାମତ ଭିନ୍ନ ୨ ଅବସ୍ଥାରେ ରଖି ତାହାର ଗୁଣ ନିର୍ଣ୍ଣୟ କରାଯାଏ । ଏକ ପଦାର୍ଥ ଅନ୍ୟ ଉପରି କିରୂପ ଭାବରେ କାର୍ଯ୍ୟ କରେ ତାହା ସମ୍ପୂର୍ଣ୍ଣଭାବରେ କେବଳ ପରୀକ୍ଷାଦ୍ୱାରା ନିର୍ଣ୍ଣୀତ ହୁଏ । ଉଭୟ ପ୍ରଣାଳୀ ମଧ୍ୟରେ ପ୍ରକୃତ ପକ୍ଷରେ ବିଭିନ୍ନତା ଏହି ଯେ ପ୍ରଥମ ପ୍ରଣାଳୀରେ ସ୍ୱଭାବ ଏକ ପଦାର୍ଥକୁ ଅନ୍ୟ ପଦାର୍ଥର ନିକଟବର୍ତ୍ତୀ କରାଇ ସେମାନଙ୍କର ପରସ୍ପରର କାର୍ଯ୍ୟ ଆମ୍ଭମାନଙ୍କ ସମକ୍ଷରେ ଉପନିତ କରାଏ; ଦ୍ୱିତୀୟରେ ଆମ୍ଭେମାନେ ସେହି କାର୍ଯ୍ୟ କରି ତାହାର ଫଳ ପରିଦର୍ଶନ କରୁଁ । ଦିନେ ବୃଷ୍ଟି ହେଲା ଖାଲ ବିଲ ପ୍ରଭୃତି ଜଳପୂର୍ଣ୍ଣ ହେଲା; କିନ୍ତୁ ଅପର ଦିନ ସୂର୍ଯ୍ୟୋତ୍ତାପଦ୍ୱାରା ସବୁ ଶୁଖିଗଲା – ଉତ୍ତାପଦ୍ୱାରା ଯେ ଜଳ ବାଷ୍ପରୂପରେ ପରିଣତ ହୋଇ ବାୟୁ ସହିତ ମିଶ୍ରିତ ହୋଇଗଲା ତାହା ଏଥିରୁ ଆମ୍ଭେମାନେ ପରିଦର୍ଶନ କଲୁଁ ଓ

ଏ ସ୍ଥଳରେ ସ୍ୱଭାବ ଜଳ ଓ ଉତ୍ତାପକୁ ନିକଟବର୍ତ୍ତୀ କରି ଏକର ଉପରି ଅନ୍ୟର କାର୍ଯ୍ୟ ଆମ୍ଭ ସମୀପରେ ଉପସ୍ଥିତ କରାଇଲା । ଏକ ମୃଣ୍ମୟପାତ୍ରରେ ଜଳ ରଖି ଚୂହ୍ଲି ଉପରେ ବସାଇବାରୁ ଜଳ ବାଷ୍ପାକାର ଧାରଣ କଲା, ଏ ସ୍ଥଳରେ ଆମ୍ଭେମାନେ ନିଜେ ଉଭୟ ପଦାର୍ଥକୁ ସ୍ୱଭାବରେ ସେମାନେ ଯେରୂପ ଅବସ୍ଥାରେ ଥାନ୍ତି ସେରୂପ ଅବସ୍ଥାରେ ନ ରଖି ପରସ୍ପରର କାର୍ଯ୍ୟ ପରୀକ୍ଷା କରି ଦେଖିଲୁଁ । ଜଳ ଓ ଉତ୍ତାପର ସମ୍ବନ୍ଧ ପ୍ରଥମ ଘଟଣାରେ ପରିଦର୍ଶନ, ଦ୍ୱିତୀୟ ଘଟଣାରେ ପରୀକ୍ଷାଦ୍ୱାରା ସ୍ଥିରୀକୃତ ହେଲା । ସ୍ୱଭାବର ନିୟମ ନିର୍ଦ୍ଧାରଣ ବିଷୟରେ ଯେ ଦ୍ୱିତୀୟ ପ୍ରଣାଳୀ ଅତୀବ କାର୍ଯ୍ୟକାରୀ ତାହା ଟିକିଏ ବିଚାର କଲେ ସହଜରେ ହୃଦୟଙ୍ଗମ ହେବ । ଏ ଦୃଷ୍ଟାନ୍ତ ଦେଖ, ପ୍ରଥମରେ ଲୋକେ ସିଦ୍ଧାନ୍ତ କରିଥିଲେ ଯେ ଭିନ୍ନ ୨ ପଦାର୍ଥ ଗୁରୁତାନୁଯାୟୀ ଅଳ୍ପ ବା ଅଧିକ ସମୟରେ ଭୂତଳେ ପଡ଼େ, ଅର୍ଥାତ୍ ଗୁରୁବସ୍ତୁ ଶୀଘ୍ର ଓ ଲଘୁବସ୍ତୁ ବିଳମ୍ବରେ ଭୂତଳରେ ପଡ଼ିବାହିଁ ସ୍ୱଭାବର ନିୟମ । କିନ୍ତୁ ବାୟୁନିଷ୍କାଶକ ଯନ୍ତ୍ର (Air pump) ମଧ୍ୟରେ ଗୁରୁ ଓ ଲଘୁ ବସ୍ତୁ ଏକ ସମୟରେ ପଡ଼ିବାର ଯେତେବେଳେ ପରୀକ୍ଷା କରି ଦେଖିଲେ ତେତେବେଳେ ସେମାନଙ୍କର ପୂର୍ବଭ୍ରମ ଦୂରୀଭୂତ ହେଲା ଓ ବସ୍ତୁର ଗୁରୁତ୍ୱ ନୁହେଁ କିନ୍ତୁ ବାୟୁର ପ୍ରତିବନ୍ଧକତା ଯେ ବସ୍ତୁର ଭିନ୍ନ ୨ ସମୟରେ ପଡ଼ିବାର କାରଣ ତାହା ସ୍ଥିରୀକୃତ ହେଲା । ଏଠାରେ ପରିଦର୍ଶନ ଦ୍ୱାରା ଲୋକେ ଭ୍ରାନ୍ତିମୂଳକ ସିଦ୍ଧାନ୍ତ କରିଥିଲେ, କିନ୍ତୁ ପରୀକ୍ଷାଦ୍ୱାରା ତାହା ସଂଶୋଧିତ ହେଲା । ଏଥିରୁ ପ୍ରତୀୟମାନ ହେବ ଯଥାର୍ଥ ବୈଜ୍ଞାନିକ ତତ୍ତ୍ୱ ନିର୍ଦ୍ଧାରଣ ବିଷୟରେ ପରୀକ୍ଷା କେତେଦୂର ଆବଶ୍ୟକ । ଆହୁରି ଆଲୋକ, ଉତ୍ତାପ, ବିଦ୍ୟୁତ୍, ଚୁମ୍ବକବିଷୟକ ତତ୍ତ୍ୱ ଏତେ ଜଟିଳ ଯେ, ପରୀକ୍ଷା ଭିନ୍ନ ତାହା ପରିଦର୍ଶନଦ୍ୱାରା କଥଞ୍ଚିତ ନିର୍ଦ୍ଧାରିତ ହୋଇପାରେ । ହିନ୍ଦୁ, ଗ୍ରୀକ୍, ରୋମକ, ଫିନସୀୟ ପ୍ରଭୃତି ପ୍ରାଚୀନ ଜାତିମାନେ ପୁରାକାଳରେ ଅନ୍ୟାନ୍ୟ ବିଷୟରେ ଏତେଦୂର ଉନ୍ନତି ସାଧିତ କରିଥିଲେହେଁ, ପରୀକ୍ଷାପ୍ରଣାଳୀ ଅବଲମ୍ବନ ପ୍ରାୟ କରି ନ ଥିବାରୁ ବିଜ୍ଞାନ ବିଷୟରେ ସେମାନଙ୍କର ଜ୍ଞାନ ଏଡ଼େ ସୀମାବଦ୍ଧ ଥିଲା ।

କିନ୍ତୁ କେତେଗୁଡିଏ ବିଷୟ ମନୁଷ୍ୟଦ୍ୱାରା ପରୀକ୍ଷିତ ହୋଇପାରେ ନାହିଁ । ଖତତ୍ତ୍ୱ (Astronomy) ସମାଜ ବିଜ୍ଞାନ (Sociology) ଶରୀର ବିଜ୍ଞାନ (Physiology) ପ୍ରଭୃତିରେ ପରୀକ୍ଷାପ୍ରଣାଳୀ ପ୍ରୟୋଗ କରାଯାଇ ପାରେନାହିଁ ; ତତ୍ତତ୍ ବିଷୟକ ତତ୍ତ୍ୱଜ୍ଞାନ ନିମିତ୍ତ ପରିଦର୍ଶନ ଉପରି ସମ୍ପୂର୍ଣ୍ଣ ନିର୍ଭର କରିବାକୁ ହୁଏ । ଏଥିପାଇଁ ଖତତ୍ତ୍ୱ ଛଡ଼ା (ଗ୍ରହ ଉପଗ୍ରହାଦିର ଗତିର ନିୟମାବଳୀ ସରଳଥିବାରୁ ପରୀକ୍ଷାପ୍ରଣାଳୀ ପ୍ରୟୋଗ ନ ହେଲେ ମଧ୍ୟ ତଦ୍ବିଷୟକ ଯଥାର୍ଥ ତତ୍ତ୍ୱ କେବଳ ପରିଦର୍ଶନଦ୍ୱାରା ନିର୍ଣ୍ଣୀତ ହୋଇଅଛି) ଅନ୍ୟାନ୍ୟ

ଯେଉଁ ବିଜ୍ଞାନରେ ପରୀକ୍ଷାପ୍ରଣାଳୀ ବ୍ୟବହୃତ ହୋଇପାରେ ନାହିଁ, ତାହା ତାଦୃଶ ସମ୍ପୂର୍ଣ୍ଣତା ଲଭି ନାହିଁ, କିମ୍ବା ଅଳ୍ପସମୟ ମଧ୍ୟରେ ଲଭିବ ଏରୂପ ଆଶା କରାଯାଇପାରେ ନାହିଁ ।

— କ୍ରମଶଃ

---

## ମଠର ସମ୍ବାଦ ।

ବୈଷ୍ଣବଚରଣ ପଟ୍ଟନାୟକ ଅଶ୍ୱପୁରନିବାସୀ ହରିହର ପଟ୍ଟନାୟକଙ୍କର ଏକମାତ୍ର ପୁତ୍ର । ହରିହର ପଟ୍ଟନାୟକ ଜଣେ ମାନ୍ୟଗଣ୍ୟ ଲୋକ, ଜମିଦାର, ଖୁବ୍ ଭାଗ୍ୟବାନ୍, ଜାତିରେ କରଣ, ଭାରୀ କୃଷ୍ଣଭକ୍ତ, ଗୋପାଳମନ୍ତ୍ର ତୁଣ୍ଡରୁ ଛାଡ଼ନ୍ତି ନାହିଁ, ଦେବତା ବ୍ରାହ୍ମଣଙ୍କ ସେବାରେ ଏହାଙ୍କର ଅନେକ ସମୟ ଅତିବାହିତ ହୁଏ ଏବଂ ଅର୍ଥ ମଧ୍ୟ ଊଣା ଖରଚ ହୁଏ ନାହିଁ । ଗ୍ରାମରେ ଏହାଙ୍କର ଠାକୁରବାଡ଼ି ଓ ସଦାବର୍ତ୍ତ ଅଛି । ଠାକୁରଙ୍କ ନାମ ''ନନ୍ଦଲାଲ'' । ହରିହରଙ୍କର ପଞ୍ଚପଞ୍ଚାଶତ୍ ବର୍ଷ ଗତ ହେଲା ଉତ୍ତାରୁ ଜଣେ ସାଧୁଙ୍କର ହୁକୁମରୁ ଏ ପୁତ୍ରଟି ଜାତ ହେଲା, ଏଣୁ ଏହାର ନାମ 'ବୈଷ୍ଣବ' ରଖାହୋଇଥିଲା ।

ପ୍ରଥମ ଅବସ୍ଥାରେ ବୈଷ୍ଣବର ଶିକ୍ଷା ସନ୍ତୋଷଜନକ ନ ଥିଲା । ବୃଦ୍ଧ ପଟ୍ଟନାୟକ ''ଇଂରାଜୀ ପଢ଼ିଲେ ଜାତି ଯିବ, ପୁଅ ମଦ ଖାଇବ, କୁଳଧର୍ମ୍ମ ନଷ୍ଟ ହେବ'' ଏହି ଭୟରେ ଏହାକୁ ସ୍କୁଲକୁ ପଠାଇଲେ ନାହିଁ, ଚାରିବର୍ଷ ଚାରିମାସ ଚାରିଦିନରେ ଗଣେଶ ଖଡ଼ି ଦେଇ ପୁତ୍ରର ପଢ଼ିବାର ଭାର ଜଣେ ମାଟିବଂଶ ଓଝା ହାତରେ ଦେଲେ । ବୈଷ୍ଣବ ବୁଦ୍ଧିମାନ୍ ଥିବାରୁ ଅଳ୍ପଦିନ ମଧ୍ୟରେ ସେ ସମୟର ପାଠଶାଳା– ବିଦ୍ୟାରେ ଏକପ୍ରକାର ବେଶ୍ ବ୍ୟୁତ୍ପତ୍ତି ଲାଭ କରିଥିଲା । ଚାଟଶାଳୀର ନିୟମାନୁସାରେ ସେ ପ୍ରତ୍ୟହ ସକାଳଓଳି ପଣକିଆଠାରୁ ଆରମ୍ଭ କରି ଭିଆଣ ପର୍ଯ୍ୟନ୍ତ ଲେଖେ ପୁଣି ଉପରଓଳି ହାତର ଅକ୍ଷର ଦୋରସ୍ତ କରିବା ନିମନ୍ତେ 'ଲେଖନ' ଘେନି ତାଳପତ୍ର ପୂର୍ଣ୍ଣ କରେ ଓ ଅବଧାନଙ୍କୁ ଦଶମସ୍କନ୍ଧ ପୋଥି ଶୁଣାଏ । ଏହିପରି ବୈଷ୍ଣବର କେତେକଦିନ ବୃଥାରେ କାଟିଗଲା । ଅବଶେଷରେ ଅନେକ ଲୋକଙ୍କର ଉପଦେଶାନୁସାରେ ପଟ୍ଟନାୟକ ବଡ଼ ଅନିଚ୍ଛା ସହିତ ପୁତ୍ରକୁ ସେ ପଥମଧ୍ୟବର୍ତ୍ତୀ ବିଦ୍ୟାଳୟକୁ ପଠାଇଲେ । ବୈଷ୍ଣବ ଏହି ସ୍କୁଲରେ ପଢ଼ି, ମାଇନାର ପାସ କରି ଟ. ୫ ଙ୍କା ବୃତ୍ତି ପ୍ରାପ୍ତ ହେଲା ।

ବୈଷ୍ଣବ ଏହି ସମୟରେ ପିତାଙ୍କର ଆଦେଶାନୁସାରେ ସୁବର୍ଣ୍ଣପୁରନିବାସୀ ରାଧାରମଣ ଦାସଙ୍କ କନ୍ୟାର ପାଣିଗ୍ରହଣ କଲା । ରାଧାରମଣ ଦାସ ଜଣେ ଧନୀ ଲୋକ,

କଲିକତା ମହାଜନ ସିରସ୍ତାର ଟ. ୪୦ଙ୍କା ବେତନଭୋଗୀ ଚାକର, ବସା ଗୋପୀନାଥ ଘୋଷ ଗଳିରେ । ମାଇନାର ପଢ଼ି ବୈଷ୍ଣବର ଇଂରେଜୀ ଭାଷାପ୍ରତି ପ୍ରଗାଢ଼ ଅନୁରାଗ ଜନ୍ମିଥିବାରୁ ସେ ପିତାଙ୍କର ଅଯଥା ଆଜ୍ଞାରେ ହେଳା କରି, ମାତାଙ୍କୁ ଚକ୍ଷୁଜଳରେ ଭସାଇ, ଶ୍ୱଶୁରବସାରେ ରହି ପଢ଼ିବା ନିମନ୍ତେ କଲିକତାକୁ ଚାଲିଗଲା ।

ଏତେଦିନ ଯାଏ ବୈଷ୍ଣବ ଯଥାର୍ଥ ବୈଷ୍ଣବ, ପିତାଙ୍କପରି ଦେବଦେବୀ ବ୍ରାହ୍ମଣ ବୈଷ୍ଣବଙ୍କଠାରେ ଅଚଳାଭକ୍ତି । ସକାଳୁ ଉଠି ତୁଳସୀ ପ୍ରଦକ୍ଷିଣ, ସ୍ନାନାନ୍ତେ ତୁଳସୀ ପୂଜା, କୋଥଳି ପୂଜା ଓ ନନ୍ଦଲାଲ ଦର୍ଶନ ନ କରି ଆହାର କରନ୍ତି ନାହିଁ । କିନ୍ତୁ ଏ ସଭ୍ୟତମ ମହାନଗରୀ କଲିକତାରେ ପ୍ରବିଷ୍ଟ ହୋଇ ପୂର୍ବୋକ୍ତ ଅସଭ୍ୟାଚରଣକୁ କ୍ରମେ ୨ ଭାଗୀରଥୀ ସଲିଳର ପ୍ରବାହ ସହିତ ସାଗରାଭିମୁଖରେ ଭସାଇ ଦେବାକୁ ବାଧ୍ୟ ହେଲା । ଚିତା ଘେନିବା ମାଳା ପିନ୍ଧିବା ଯେ ନିତାନ୍ତ ଅସଭ୍ୟତାର ଚିହ୍ନ ତାହା ପଣ୍ଡିତବର ବୈଷ୍ଣବର ଜାଣିବାକୁ ଅଧିକ ସମୟ ଲାଗିଲା ନାହିଁ । ଏନ୍‌ଟ୍ରେନ୍ସ କ୍ଲାସକୁ ଯାଉଁ ୨ ଶିଖିଲା ଯେ ପିତାଙ୍କୁ ପତ୍ରରେ ଦଣ୍ଡବତ ଲେଖା ଅଥବା ଶ୍ୱଶୁର ଆଦି ମାନ୍ୟଲୋକଙ୍କୁ ମୁଣ୍ଡ ନୂଆଇ ପ୍ରଣାମ କରା ନିତାନ୍ତ ଅଶ୍ଳୀଳ ଓ ନିନ୍ଦନୀୟ କାର୍ଯ୍ୟ, ସୁତରାଂ ''ଶ୍ରୀଯୁକ୍ତ'' ଇତ୍ୟାଦି ପରିବର୍ତ୍ତରେ ନିଜର ଜନ୍ମଦାତାଙ୍କୁ ''ପ୍ରିୟପିତା'' ବୋଲି ପତ୍ରରେ ଲେଖିବାକୁ ଏବଂ ପ୍ରଣାମ ପରିବର୍ତ୍ତେ ଶ୍ୱଶୁରଙ୍କର ହାତ ମୋଡ଼ିବାକୁ ଆରମ୍ଭ କଲା । ଧନ୍ୟରେ 'ସଭ୍ୟତା' ! ଯେବେ ତୁ ଏ ଅସଭ୍ୟ ଦେଶରେ ଆଧିପତ୍ୟ ବିସ୍ତାର କରି ଆମ୍ଭମାନଙ୍କର ''ନିଗାର'' ବୁଦ୍ଧିକୁ ମାର୍ଜ୍ଜନା କରି ନ ଥାନ୍ତୁ, ତାହା ହେଲେ କିଏ ଆମ୍ଭଙ୍କୁ ପୋଷଣକର୍ତ୍ତା ଜନ୍ମଦାତା ପିତା, ଗର୍ଭଧାରିଣୀ ଜନନୀ, ପୂଜ୍ୟାଷ୍ପଦ ପିତୃସ୍ଥାନୀୟ ଗୁରୁଜନମାନଙ୍କର କରମର୍ଦ୍ଦନ କରିବାକୁ ଶିକ୍ଷା ଦିଅନ୍ତା ?

ଏହିପରି ଦିନକୁଦିନ ଯେତେ ଇଂରାଜୀ ରସ—ନବସଭ୍ୟତାର ରସ—ପେଟରେ ପଡ଼ିବାକୁ ଲାଗିଲା, ବୈଷ୍ଣବ ତେତେ ସମାଜ ସଂସ୍କାରକ ହୋଇଉଠିଲା, ଏମନ୍ତ କି ତଳେ ବସି ହାତରେ ଭାତ ଖାଇବାକୁ ମଧ୍ୟ ବିରକ୍ତି ବୋଧ କଲା ।

ଏନ୍‌ଟ୍ରେନ୍ସ କ୍ଲାସରୁ ନବୀନକୃଷ୍ଣ ଗୁପ୍ତ ନାମକ ଜଣେ ବଙ୍ଗାଳିପିଲା ସଙ୍ଗରେ ବୈଷ୍ଣବର ଆଳାପ ହେଲା । କ୍ରମେ ଏ ଆଳାପ ଘନୀଭୂତ ହୋଇ ବନ୍ଧୁତ୍ୱରେ ପରିଣତ ହେଲା । ଦୁହେଁ ଏକସ୍ଥାନରେ ବସନ୍ତି, ଏକସ୍ଥାନରେ ପଢ଼ନ୍ତି, ଏକସ୍ଥାନରେ ଭ୍ରମଣ କରନ୍ତି, ଏକସ୍ଥାନରେ ଶୟନ କରନ୍ତି, କେବେ ୨ ଏକସ୍ଥାନରେ ମଧ୍ୟ ଭୋଜନ କରନ୍ତି । ଏହି ନବୀନ ଊନବିଂଶ ଶତାବ୍ଦୀର ଜଣେ ଜାଜ୍ୱଲ୍ୟମାନ ନବଯୁବକ ଏବଂ ବୈଷ୍ଣବର ପାଶ୍ଚାତ୍ୟ ସଭ୍ୟତା ଶିକ୍ଷାର ଶିକ୍ଷାଦାତା । ଦୁଇଜଣ ଏକସମୟରେ ପ୍ରବେଶିକା ପାସ୍ କରି ଏଲ.ଏ. ପଢ଼ିବାକୁ ଆରମ୍ଭ କଲେ । ଏପର୍ଯ୍ୟନ୍ତ ନବୀନ ବୈଷ୍ଣବକୁ ସମ୍ପୂର୍ଣ୍ଣ ସଭ୍ୟ କରିପାରି ନ ଥିଲା । ବୈଷ୍ଣବ ଅବଧି ହୃଦୟ ସଂଶୋଧନକାରିଣୀ ସୁରେଶ୍ୱରୀକୁ ସ୍ପର୍ଶ କରିନାହିଁ, କିମ୍ବା ପୁଣ୍ୟନିଳୟ

ସୁଖ ଶାନ୍ତିର ଆବାସଭୂମି ବେଶ୍ୟାଳୟରେ ପଦକ୍ଷେପ କରିନାହିଁ । ନବୀନ ଏସବୁ ବିଷୟରେ ବିଶେଷ ପଟୁ ଥିଲେ ସୁଦ୍ଧା, ବୈଷ୍ଣବର ମୂର୍ଖତା ନିମନ୍ତେ ନିତାନ୍ତ 'ଦୁଃଖିତ' ପ୍ରିୟତମର କୁସଂସ୍କାର ଦୂର କରିବା ନିମନ୍ତେ ବିଶେଷ ଚେଷ୍ଟିତ ଥିଲା ।

ଦିନକରେ ବୈଷ୍ଣବର ପେଟର ଅସୁଖ ହେଲା । ନବୀନ ଏହି ସୁଯୋଗରେ ଆପଣାର ଅଭୀଷ୍ଟ ସାଧନ କରିବାକୁ କୃତସଂକଳ୍ପ ହୋଇ, ବିନୀତଭାବରେ ବୈଷ୍ଣବକୁ ଅନୁରୋଧ କରି କହିଲା ଭାଇ ବୈଷ୍ଣବ ! ଆଜିକାଲି ସମୟ ବଡ଼ ଖରାପ, ଚାରିଆଡ଼େ ଭୟାନକ ଝାଡ଼ାକଇ ଲାଗିଅଛି । ଏ ସମୟରେ ପେଟର ଅସୁଖ ହେବା ବଡ଼ ବିପଦଜନକ, ତୁମ୍ଭେ ଏ ଅଧଗ୍ଲାସ୍ ବ୍ରାଣ୍ଡି ପିଇ ଦିଅ ନିଶ୍ଚୟ ତୁମ୍ଭର ପେଟର ବେଦନା ଛାଡିଯିବ, ଏହା ତ ଝାଡାକଇର ଅମୋଘ ଔଷଧ । ମଦ୍ୟ ପାନ ନିଷିଦ୍ଧ ସତ୍ୟ, କିନ୍ତୁ ତୁମ୍ଭେ ତ ସ୍ୱଇଚ୍ଛାରେ ଆମୋଦପାଇଁ ମଦ ପିଇବ ନାହିଁ, ଔଷଧସ୍ୱରୂପ ଶରୀର ଉପକାର ନିମନ୍ତେ ସାରିବ । ଏଥିରେ ଦୋଷ କଣ ? ଆର୍ଯ୍ୟଶାସ୍ତ୍ରରେ ମଧ୍ୟ ଏକଥାଟା ବିଶେଷରୂପେ ଲିଖିତ ଅଛି ଯେ 'ଔଷଧାର୍ଥେ ସୁରାଂ ପିବେତ୍' । ଏହା କହି ନବୀନ ସ୍ୱମତ ପୋଷକ ଗୋଟିଏ ଯୋଡ଼ିଏ ଉଦାହରଣଦ୍ୱାରା ନିର୍ବୋଧ ବୈଷ୍ଣବର ମତି ଭୁଲାଇଦେଲା । ବୈଷ୍ଣବ ଆପଣାର ଉପଦେଷ୍ଟା ବାକ୍ୟରେ ମନ ବଳାଇ ଅଧଗ୍ଲାସ୍ ବ୍ରାଣ୍ଡି ଉଦରସାତ୍ କରିବାରୁ ପେଟର ବେଦନା ଗଲା, ନବୀନର ବହୁଦିନ-ବାଞ୍ଛିତ-ବାସନା ପୂର୍ଣ୍ଣ ହେଲା । ଏହିପରି ପେଟର ଅସୁଖ ନିବାରଣ କରିବା ନିମନ୍ତେ ଅଧଗ୍ଲାସ୍ ଏକଗ୍ଲାସ୍ ଖାଉଁ ୨ ଆଜି ବୈଷ୍ଣବ ଜଣେ ପ୍ରସିଦ୍ଧ ସୁରାପାୟୀ । ସୁରା ଓ ବେଶ୍ୟାର ସମ୍ବନ୍ଧ ବଡ଼ ଘନିଷ୍ଠ ତହିଁରେ ପୁଣି ନବୀନପରି ଲୋକ ଉପଦେଷ୍ଟା । ଫଳତଃ ବର୍ତ୍ତମାନ ବୈଷ୍ଣବ ଜଣେ ଷୋଳକଳାର ସଭ୍ୟ ।

ପରୀକ୍ଷା ପରେ ଗ୍ରାମକୁ ଆସିବା ସମୟରେ ଆପଣାର ଇଂରାଜୀ ଶିକ୍ଷା ଓ ନବସଭ୍ୟତାର ପରିଚୟ ଦେବା ନିମନ୍ତେ ବୈଷ୍ଣବ ସାହେବ ସାଜି ମୁଣ୍ଡରେ ଟୋପର ଏବଂ କଟିରେ ବିଲାତୀ ମୁଣି ଦେଇ ଆସିଲା ଏବଂ ଘରେ ଉପସ୍ଥିତ ହୋଇ ବିଲାତୀ ରୀତ୍ୟନୁସାରେ ପିତାମାତାଙ୍କୁ ସମ୍ଭାଷଣ ଓ ଅନ୍ୟାନ୍ୟ ଗ୍ରାମବାସିଙ୍କର କରମର୍ଦ୍ଦନ କଲା । ନବୀନର ଚେଲା ବୈଷ୍ଣବ ଆଜିକାଲି ଜଣେ କଲିକତା ଫେରତି ସାହେବ । ଲୁଗା ପିନ୍ଧନ୍ତି ନାହିଁ, ଗୋଡ଼ରୁ ଯୁତା କାଢ଼ନ୍ତି ନାହିଁ, ଅନ୍ୟ କାହାରିକି ମୁଣ୍ଡ ନୁଆନ୍ତି ନାହିଁ । ନନ୍ଦଲାଲଙ୍କ ଉପରେ ଭାରୀ ରାଗ, ଓ ତାଙ୍କର ଭକ୍ତମାନଙ୍କୁ ପଶୁ ବୋଲି ଘୃଣା କରନ୍ତି ।

ବିଶେଷରେ ଓଡ଼ିଆ ଗ୍ରାମବାସିଙ୍କର ମୁଣ୍ଡର ବାଳ, ବେକର ମାଳି, ଓ ଖୋଲା ଦେହ ବୈଷ୍ଣବ ଚକ୍ଷୁର ବାଲି ହୋଇଉଠିଲା । ଏମନ୍ତ କି ନିଜର ସ୍ତ୍ରୀ ଶାଢ଼ୀ ପରିବର୍ତ୍ତରେ ଗାଉନ ନ ପିନ୍ଧିବାରୁ ତାହାର ସ୍ନେହର ପାତ୍ରୀ ହୋଇପାରିଲା ନାହିଁ । ଫଳତଃ ଏପରି ଆଚରଣରୁ ଗ୍ରାମବାସୀମାନେ 'ଖ୍ରୀଷ୍ଟିଆନ' ବୋଲି ତାହାକୁ ଘୃଣା କଲେ । କେହି ନିକଟରେ

ବସାନ୍ତି ନାହିଁ, ପିଙ୍କା ଖାଇବାକୁ ଦିଅନ୍ତି ନାହିଁ କିମ୍ବା ତାହାଠାରୁ ଭାରତ ଉଦ୍ଧାରର ଉପାୟ ଶିକ୍ଷା କରନ୍ତି ନାହିଁ, ହୁଏତ କେହି ୨ ଛୁଇଁଲେ ଲୁଗା ପରିବର୍ତ୍ତନ କରନ୍ତି ।

ଷୋଳକଳାର ସଭ୍ୟ ବୈଷ୍ଣବ ଆଉ ଏପରି ଅବସ୍ଥାରେ ପଶୁମାନଙ୍କ ମଧ୍ୟରେ ରହି ନପାରି, ବୃଦ୍ଧ ପିତାମାତାଙ୍କୁ ଦୁଃଖସାଗରରେ ଭସାଇ ଅବଳା ହିନ୍ଦୁ ମହାନ୍ତିକନ୍ୟାର ସର୍ବନାଶ କରି ଗାଉନପିନ୍ଧା, ପାସକରା ଲେଡି (Lady) ବିବାହ କରି କଟଲେଟାଦି ଅନ୍ୟାନ୍ୟ ଉପକରଣର ସହିତ ସୁରାଦେବୀଙ୍କର ଆରାଧନା କରିବା ନିମନ୍ତେ ଗୃହ ତ୍ୟାଗ କରି ସେହି ସଭ୍ୟଦେଶାଭିମୁଖରେ ଯାତ୍ରା କଲେ ।

ହାୟ ! ଯେଉଁ ପିତାମାତା ପୁତ୍ର ପ୍ରାପ୍ତ ହେବା ନିମନ୍ତେ ପ୍ରତ୍ୟହ ସତ ୨ ବ୍ରାହ୍ମଣ ବୈଷ୍ଣବଙ୍କର ପାଦରଜ ସେବନ କରିଥିଲେ, ଯେଉଁ ପିତାମାତା ସେଇ ବୈଷ୍ଣବକୁ ପାଇବା ନିମନ୍ତେ ନନ୍ଦଲାଲଙ୍କ ଉପରେ ଏକଶତ ଆଠ ତୁଳସୀଦଳ ଦେଉଥିଲେ, ଯେଉଁ ପିତାମାତା ବୈଷ୍ଣବକୁ ପାଇ ଆପଣାକୁ ଇନ୍ଦ୍ର ତୁଲ୍ୟ ସୁଖୀ ବୋଲି ମଣିଥିଲେ, ଯେଉଁ ପିତାମାତା ପୁତ୍ରମୁଖ ଦେଖି ଶୋକ ତାପ ବିସ୍ମରଣ ହୋଇଥିଲେ, ଯେଉଁମାନେ ବାର୍ଦ୍ଧକ୍ୟରେ ପୁତ୍ର ଉପରେ ଆପଣାର କୁଳାଚାରର ଭାର ଦେଇ ମୁନିବୃତ୍ତି ଅବଲମ୍ବନ କରିବା କାରଣ ମନସ୍ଥ କରିଥିଲେ, ଆଜି ସେହି ପିତାମାତାଙ୍କୁ ସଧବା ହୋଇ ବିଧବାବଧୂର ସହିତ ଜୀବିତାଜୀବିତ ମୃତ ପୁତ୍ର ନିମନ୍ତେ ହାହାକାର କରି ପୃଥିବୀ ଭସାଇବାକୁ ହେଲା । ଏହା କି ଇଂରାଜୀ ଶିକ୍ଷାର ଫଳ ? ନବୀନ ପରି ଶିକ୍ଷକ ଆଜିକାଲି ସବୁ ଗ୍ରାମରେ ପୂର୍ଣ୍ଣ ଓ ବୈଷ୍ଣବ ପରି ଦେଶ ଉଦ୍ଧାରକର୍ତ୍ତାର ମଧ କମ ନାହିଁ, ଏହା ଦେଖି ବୋଧକରେଁ ଯେ ଭାରତ ଉଦ୍ଧାରର ଆଉ ଡେରି ନାହିଁ, ଏହାହିଁ ଚତୁର୍ଥ ସୋପାନ ।

---

## ବ୍ୟାଧଜାଲେ ପତିତ ପଶୁରାଜ ।

୧

ବିଧାତା ଲିଖନ କେ କରେ ଅନ୍ତର
ବ୍ୟାଧଜାଲେ ଆଜି ବନରାଜେଶ୍ୱର
ପଡ଼ି ବ୍ୟାକୁଳିତ ହେଉଅଛି ଚିତ୍ତ
ଅତି କ୍ରୋଧାନ୍ୱିତ ତନୁ ଜର୍ଜ୍ଜରିତ
ନାହିଁ ତା କିଞ୍ଚିତ ଉଦ୍ଧାର ଆଶା ।
ଏ ଭାବ ଉଦିତ ଥିଲା କି କାହାର
ଦିବାକର ଯେହ୍ନେ ରାହୁର ଆହାର
ଦୂରନ୍ତ ମଳିନ ପାପାଚାରୀ ହୀନ

ଅତି ଅକିଞ୍ଚନ          ମ୍ଳେଚ୍ଛ ତୁଚ୍ଛଜନ
ବ୍ୟାଧ ଘଟାଇଛି ସିଂହ ଦୁର୍ଦ୍ଦଶା ।

୨

ବନପଶୁକୁଳେ ଯେହୁ ଶ୍ରେଷ୍ଠତର
ତା ମନେ ଏ ଭାବ ଅତି ଉଗ୍ରତର
ଉତ୍ସାହ ଅନଳ          ଜଳିଲା ପ୍ରବଳ
ଡକାଇ ସକଳ          ବନପଶୁକୁଳ
କହଇ ସତେଜେ ଆସ ରେ ସର୍ବେ ।
ଅସହ୍ୟ ହେଉଛି ଏ ସବୁ ଯାତନା
କହିଲେ ଘେନିଲେ ନାହିଁ କେବେ ମନା
ଏଥର ଆମ୍ଭର          କର ରେ ସତ୍ୱର
ଏଥି ପ୍ରତୀକାର          ଉଚିତ ପ୍ରହାର
ଅସ୍ଥିର ଏ ବନ ବିପକ୍ଷ ଗର୍ବେ ।

୩

ଦେବଭୂମି ଅଟେ ଏ ରମ୍ୟକାନନ
ପବିତ୍ର ଧାର୍ମିକ ଋଷିବୃନ୍ଦଗଣ
ଯୋଗେ ନିମଗନ          ଈଶ୍ୱର ଭଜନ
କରନ୍ତି ସାଧନ          ପ୍ରେମ ତତ୍ତ୍ୱଜ୍ଞାନ
ରଜନୀ ଦିବସ ଏକାନ୍ତ ମନେ ।
ତହିଁ ଅତ୍ୟାଚାରୀ ଏହି ବ୍ୟାଧଜାତି
ଘାତୁକତା କାର୍ଯ୍ୟ କରି ଦିବାରାତି
କେତେ ରକ୍ତପାତ          କରୁଛନ୍ତି ଜ୍ଞାତ
ଦେଖିଣ ନିଶ୍ଚିତ          ହେବା ଅବିହିତ
ଚେଷ୍ଟା କର ଅରାତିଙ୍କ ମରଣେ ।

୪

ଏହି ରବେ ଡାକୁଅଛି କଲ୍ଲୋଳିନୀ
ଶୁଣ ପଶୁକୁଳ ମୁହିଁ ଅନାଥିନୀ
ଅତଳ ନିର୍ମଳ          ଏ ପବିତ୍ର ଜଳ
ବ୍ୟାଧ କରତଳ          ପଡ଼ି ଢଳ ଢଳ
ପାପେ କ୍ଷୀଣସ୍ରୋତା ହେଲି ପ୍ରକାଶ ।
ବନଖଣ୍ଡେ ପୁଣି ଉଠେ କୋଳାହଳ
ବଢ଼ିଛନ୍ତି ଏବେ ପାପୀ ବ୍ୟାଧଦଳ
ଉଠରେ ସକଳ          ଲଗାଅ କୌଶଳ
ଦେଖାଇ ଚଞ୍ଚଳ          ନିଜ ନିଜ ବଳ
କର ପଶୁକୁଳ ଶତ୍ରୁ ବିନାଶ ।

୫

ଏ କାଳେ ଆକାଶୁଁ ହେଲା ଉଚ୍ଚବାଣୀ
ଶୁଣିରେ ମୃଗେନ୍ଦ୍ର ସବୁକଥା ଜାଣି
ଏଡ଼େ ଦୁଃସାହସ          କରି ତୁ ମାନସ
ମାନବଙ୍କ ସଙ୍ଗେ          ଖେଳି ରଣରଙ୍ଗେ
ପାଇବୁ କି ଯଶ କରୁ ବାସନା ।
ଏ ବାସନା ତୋର କଠିନ ବ୍ୟାପାର
ସବୁ ପରିଶ୍ରମ ହୋଇବ ଅସାର
ପଶୁଙ୍କ ପ୍ରକୃତି          କ୍ଷଣକେ ବିକୃତି
ନାହିଁରେ ଏକତା          ଦେଖାଉ କ୍ଷମତା
ବିରତ ହୁଅରେ କରଇ ମନା ।

୬

କେବେ ଶୁଣିନାହିଁ କେଶରୀ ତୋ କାନ
ଫ୍ରେଞ୍ଚ ରାଜ୍ୟେ ଥିଲେ ଯେ ନେପୋଲିୟନ
ତାଙ୍କ ସମ ବୀର          କାହିଁ ଏ ମହୀର
ସେ ତ ପରାଧୀନ          ହୋଇଣ ବନ୍ଧନ
ନୀତ ହୋଇଥିଲେ ସେଣ୍ଟହେଲେନା ।
ଜନକ ନନ୍ଦିନୀ ଶ୍ରୀରାମରମଣୀ
ସତୀଶିରୋମଣି ସୀତାଠାକୁରାଣୀ
ସେ ତ ପରାଧୀନା          ରାବଣ ଦୁର୍ମନା
ଲଙ୍କାପୁରେ ନେଲା          ତାଙ୍କୁ ବନ୍ଦ କଲା
ତୋ କଥା କରିବା କିବା ତୁଳନା ।

୭

ତୋ ପରି ମୃଗେନ୍ଦ୍ର ବହୁ ରାଜ୍ୟଗତି
ସର୍ବେ ପରାଧୀନ ସେ ରାଜ୍ୟ ସନ୍ତତି
ସ୍ୱାଧୀନସମ୍ପତ୍ତି ହରାଇଅଛନ୍ତି
ପର ପଦତଳେ ଲୁଟନ୍ତି ସକଳେ
ଦେଖ ଏହିପରି ଜଗତ ରୀତି ।
କରିନାହୁଁ ତୁହି କେବେ ରେ ଶ୍ରବଣ
ଯେଉଁ ଶ୍ୱେତଦ୍ୱୀପ ଆଜି ଉଚ୍ଚସ୍ଥାନ
ତାକୁ ପୂର୍ବକାଳେ ନିଜ ତେଜବଳେ
କରି ପରାଧୀନ ଦେଲେ ଅପମାନ
ସ୍କଚ ସାକସନ ରୋମକ ଜାତି ।

୮

ଯେବେରେ ବିଧାତା ହେବ ଅନୁକୂଳ
ଏକତାରେ ବନ୍ଧା ହେବେ ପଶୁକୁଳ
ପ୍ରବଳ ସ୍ରୋତରେ ସେ ବନ୍ଧକୁ ବାରେ
ଟଳାଇବା ପାଇଁ ଆଉ କେହିନାହିଁ
ଏହି କଥା ଦୃଢ଼େ ଧରଇ ମନ ।
ଅପେକ୍ଷା କର ରେ ତୁହି ସେହି କାଳ
ଛିଡ଼ିବ ଏ ତୋର ବନ୍ଧନ ଶୃଙ୍ଖଳ
ନ ହୁଅ କାତର ମନ ଧୀର କର
ଦୟାଳୁ ଈଶ୍ୱର ସଦା ଚିତ୍ତେ ଧର
ମିଳିବ ତୋହର ସ୍ୱାଧୀନ ଧନ ।

ଶ୍ରୀ ଗୋବିନ୍ଦ ରଥ ।

---

## ଅନାଥିନୀ ।

## ଚତୁର୍ଥ ପରିଚ୍ଛେଦ । ସ୍ନେହମୟୀ ଜନନୀ ।

'ନାହିଁ ବୋଉ' ଏ ଉତ୍ତର ଶ୍ରବଣ କରି ଜନନୀର କଣ୍ଠ ଆହୁରି ଶୁଷ୍କ ହୋଇଗଲା । ଯେତେବେଳଯାଏ ଅନାଥିନୀ ବାହାରେ ଜଳାନ୍ୱେଷଣରେ ବ୍ୟାପୃତା ଥିଲେ ସେତେକାଳଯାଏ ଜଳପ୍ରାପ୍ତିର ଆଶା ଚିତ୍ତ ସ୍ଥିର କରି ରଖିଥିଲା ମାତ୍ର ଅନାଥିନୀ ଫେରି ଆସିଲାରୁ ଉପରୋକ୍ତ ପ୍ରକାର ଉତ୍ତର ଶ୍ରବଣ କରି ଆଶାକୁହକିନୀର ମାୟା ଏକାବେଳକେ ତିରୋହିତ ହେଲା ଏବଂ ଜନନୀ କାତରସ୍ୱରରେ ଉଚ୍ଚାରଣ କଲେ – 'ଭଗବା–' । ଜଳବିହୀନ କଣ୍ଠ ଶୁଷ୍କବାୟୁରେ ପରିପୂର୍ଣ୍ଣ ହୋଇଯିବାରୁ ଆଉ ନକାର ଉଚ୍ଚାରଣ କରିବାକୁ ଦେଲାନାହିଁ ।

ରୋଗପୀଡ଼ିତା ଜନନୀର ଏ ରୂପ କାତରୋକ୍ତି ଶ୍ରବଣ କରି ଅନାଥିନୀର ମସ୍ତକ ଘୂର୍ଣ୍ଣାୟମାନ ହେଲା । କି କରିବେ କିଛି ବୁଦ୍ଧି ଦିଶିଲା ନାହିଁ । ଆଜନ୍ମରୁ ଏକା ସେହି ସ୍ନେହମୟୀ ଜନନୀ ଭିନ୍ନ ଆଉ କାହାକୁ ଜାଣନ୍ତି ନାହିଁ । ଜନନୀସଙ୍ଗେ କଥା କହିବା, ଜନନୀଙ୍କି ଆଦର ଏବଂ ସମ୍ମାନ କରିବା, ଜନନୀ ସେବାରେ ବ୍ରତୀ ହେବା, ଜନନୀଙ୍କଠାରେ ଦୁଃଖ ବା କଷ୍ଟ ଜଣାଇବା ଏବଂ ଜନନୀଙ୍କି ସୁସ୍ଥ ଓ ପ୍ରୀତ ଦେଖିଲେ ସଂସାର ସ୍ୱର୍ଗତୁଲ୍ୟ

ଜ୍ଞାନ କରିବା ଭିନ୍ନ ଅନାଥିନୀ ଆଉ କିଛି ହିଁ ନ ଜାଣନ୍ତି । ଅନାଥିନୀର ଜନନୀ ସ୍ୱର୍ଗ, ଜନନୀ ମର୍ତ୍ତ୍ୟ ଏବଂ ଜନନୀ ଛଡ଼ା ଅନ୍ୟ ପଦାର୍ଥ ନାହିଁ । ଜନନୀ ଯାହା କହିବେ ତାହାହିଁ ପୁରାଣ, ତାହାହିଁ ଶାସ୍ତ୍ର ଏବଂ ତାହାହିଁ ଶିରୋଧାର୍ଯ୍ୟ । ପୁରୋହିତ, ଗୁରୁ, ଉପଦେଷ୍ଟା, ସଂସାରନିୟାମକ ସମସ୍ତ ଜନନୀଙ୍କଠାରେ । ସଂସାର ମାୟାବନ୍ଧନରେ ଜନନୀ ଯେରୂପ ଅନାଥିନୀ ଭିନ୍ନ ଅନ୍ୟ ସମସ୍ତ ଅନ୍ଧକାର ଦେଖନ୍ତି ଅନାଥିନୀଙ୍କି ଜନନୀ ଭିନ୍ନ ସଂସାର ସେହିରୂପ ।– ଠୁଳରେ ଅନାଥିନୀର ଜ୍ଞାନ-ସଂସାରରେ ଜନନୀ ଛଡ଼ା ଆଉ କିଛି ନାହିଁ । ଏବମ୍ବିଧ ଜନନୀର ବିକଳାବସ୍ଥା ଦର୍ଶନ କରି ଯେ ଅନାଥିନୀର ଜ୍ଞାନଶକ୍ତି ଲୋପ ହୋଇ ମସ୍ତକ ଭ୍ରମି ଯାଇଥିବ ଏଥିରେ ଆଶ୍ଚର୍ଯ୍ୟ କି ଅଛି ?

ଜନନୀ ଯାନଯୋଗେ ଅନାଥିନୀ ଏତେଦିନ ସଦାତରଙ୍ଗାୟିତ ସଂସାରସମୁଦ୍ର ପାରି ହେଉଥିଲେ । ଜନନୀ ରୋଗଗ୍ରସ୍ତା ହେବାରୁ ଯାନ ଭଗ୍ନପ୍ରାୟ । ସୁତରାଂ ଘଟନାଗୁଡ଼ିକ ଅନାଥିନୀର ଜୀବନ ଏବଂ ମର୍ମରେ କେତେସରିକି ଆଘାତ ପ୍ରଦାନ କରିନାହିଁ ! ବର୍ତ୍ତମାନ ପୁଣି ଅତିଯତ୍ନର ଭଗ୍ନପ୍ରାୟ ଯାନର ଏଦଶା ଦେଖି ତାଙ୍କର ଜ୍ଞାନ ଅଧିକେ ହଜିଗଲା । କି କରିବେ, କି ଉପାୟ କଲେ ମାତା ସୁସ୍ଥ ହେବେ ଏହି ଚିନ୍ତା ତୀବ୍ର ବେଗରେ ଉପସ୍ଥିତ ହେଲା । ପାପ ମନ, ଅଶୁଭ କଥା ପ୍ରୀତିସ୍ଥଳରେ ପୁଣି ସଦାବେଳେ ଜାଗରିତ ଥାଏ । ମାତା ଜଳବିହୀନେ ଅତ୍ୟନ୍ତ କ୍ଲିଷ୍ଟହୋଇ ଚକ୍ଷୁ ବୁଜିଲେ– ଅନାଥିନୀ ମନରେ କଲେ ଜନନୀ କି ଆଉ ଚକ୍ଷୁ ମେଲିବେ ନାହିଁ ।

ସଂସାର ବିଷମ ମାୟାଜାଲରେ ବିଜଡ଼ିତ ହୋଇ ରହିଅଛି । କାହା ଭାଗ୍ୟରେ କେତେବେଳେ କି ଘଟିବ କିଏ କହିପାରେ । ଅନାଥିନୀ ଦୁଃଖୀ ଘରେ ଜନ୍ମହୋଇ ଏତାବତ୍‌କାଳ ଜନନୀର ଆଦର ଭିନ୍ନ ସୁଖ କାହାକୁ ବୋଲି ଜାଣନ୍ତି ନାହିଁ ଏବଂ ଅନେକାନେକ ଦୁଃଖ ଭୋଗ ହୋଇଥିଲେହେଁ ଆଉ ଯେ ତଦ୍ରୂପ ବା ତାହାଠାରୁ ଅଧିକତର ଭୟାନକ ଦୁଃଖ ଘଟିବ ନାହିଁ ଏହା ମଧ କିଏ କହିପାରେ । ଜଗଦୀଶ୍ୱରଙ୍କ ଇଚ୍ଛା ଯଦି ଲୋକେ ଜାଣି ପାରୁଥାନ୍ତେ ତେବେ ଆଉ ଦୁଃଖ ନଥିଲା । ଲୋକେ ସ୍ୱଭାବର ଅଖଣ୍ଡ ନିୟମାଧୀନ ଏବଂ ସେହି ନିୟମାଧୀନରେ ସ୍ୱଭାବର କ୍ରୀଡ଼ାପଦାର୍ଥବତ୍ ବିଚରଣ କରୁଅଛନ୍ତି ।

ଅନାଥିନୀ ବୁଝିପାରିଲେ ଯେ ଯେଉଁ କ୍ଷୀଣଲତା ଧରି ସେ ସଂସାରସ୍ରୋତରୁ ଆପଣାକୁ ରକ୍ଷା କରୁଅଛନ୍ତି ତାହା ଛିଡ଼ିବାକୁ ବସିଅଛି ଏବଂ ଛିଡ଼ି ଗଲେ ସେ ଏକାବେଳକେ ଭାସିଯିବେ । ଏ ଚିନ୍ତା ଅଳ୍ପ କ୍ଲେଶଦାୟକ ନୁହଇ । ପୂର୍ବପ୍ରାୟ ଅଲକ୍ଷିତଭାବରେ ତାଙ୍କର ଚକ୍ଷୁରୁ ଅଶ୍ରୁଧାରା ବିଗଳିତ ଓ ହୃଦୟକ୍ଷେତ୍ରରେ ଈଶ୍ୱର ନାମ ପ୍ରତିଧ୍ୱନିତ ହେଲା । ଅନାଥିନୀ କ୍ଷଣକାଳ ସ୍ପନ୍ଦରହିତ ହୋଇଗଲେ ।

ପରେ ବାତ୍ୟାପୀଡ଼ିତ ସମୁଦ୍ରଗତ ଭଗ୍ନଯାନ ପଥିକ ଜ୍ଞାନଶୂନ୍ୟ ଅବସ୍ଥାରେ ଭାସି ଯାଉଁ ୨ ହଠାତ୍ ମୃତ୍ତିକା ସ୍ପର୍ଶ କରି ଯେରୂପ ଆଶାନ୍ୱିତ ହୁଅଇ ଅନାଥିନୀ ହୃଦୟବିଲୋଡ଼ନକାରୀ ଚିନ୍ତାସମୁଦ୍ରରେ ସେହିରୂପ ଦ୍ୱୀପପୁଞ୍ଜ ହଠାତ୍ ସ୍ପର୍ଶ କଲେ । ହଠାତ୍ ତାଙ୍କର ସ୍ମରଣ ହେଲା ସ୍ନାନ କରି ଆସି ବସ୍ତ୍ର ବଦଳିଲା ଉତ୍ତାରୁ ତିନ୍ତିଲା ବସ୍ତ୍ରକୁ ଯାହା ଅଲଗୁଣିରେ ଥୋଇ ଦେଇଥିଲେ ତାହା ଅଦ୍ୟାପି ଶୁଖାଇ ଦିଆଯାଇ ନାହିଁ । ଏକାବେଳକେ ଶଯ୍ୟାରୁ ଉଠି ଅଲଗୁଣି ନିକଟବର୍ତ୍ତିନୀ ହୋଇ ଦେଖିଲେ ଯେ ପ୍ରକୃତରେ ଲୁଗା ଓଦା ହୋଇ ରହିଅଛି । ଗ୍ରୀଷ୍ମକାଳର ପ୍ରଚଣ୍ଡ ତାପଯୋଗେ ଉପରଭାଗ କିଛି ୨ ଶୁଖିଲା ଦେଖାଯାଉଥିଲେ ହେଁ ଭିତର ସମ୍ପୂର୍ଣ୍ଣ ସିକ୍ତ ଥିଲା । ତତ୍କ୍ଷଣାତ୍ ସେ ବସ୍ତ୍ର ନେଇ ତହିଁରୁ ଅଳ୍ପ ଜଳ ମାତାଙ୍କ ମୁଖରେ ଚୁପୁଡ଼ି ଦେଲେ । ଜଳ ସ୍ପର୍ଶରେ ମାତା ଶୀତେଇ ଉଠିଲେ ଏବଂ କୃତଜ୍ଞଭାବବ୍ୟଞ୍ଜକ ଚକ୍ଷୁ ଉନ୍ମୀଳନ କରି ସସ୍ନେହରେ ଅନାଥିନୀର ବଦନମଣ୍ଡଳ ପ୍ରତି ଦୃଷ୍ଟିନିକ୍ଷେପ କଲେ ।

ମୁହୂର୍ତ୍ତକାଳ ଏହିରୂପରେ ଗତ ହେଲା । ମାତା କିଞ୍ଚିତ୍ ଶାନ୍ତ ହୋଇ କହିଲେ 'ଅନି ! ଏ ଜଳ ପ୍ରଦାନ କରି ତୁ ମୋତେ ଯମହାତରୁ କ୍ଷଣକାଳ ପାଇଁ ପ୍ରୌଢ଼ର ସଙ୍ଗେ ଟାଣିଆଣିଲୁ । ମୁଁ ଯେ ଆଉ ଥରେ ତୋର ଚନ୍ଦ୍ରମୁଖ ଦର୍ଶନ କଲି ଏ ମୋର ବହୁ ଭାଗ୍ୟ । ତୁ ରାଜରାଣୀ ହୋଇ— ଆଉ କହିପାରିଲେ ନାହିଁ । କଣ୍ଠ ରୁଦ୍ଧ ହୋଇଗଲା ଏବଂ ଚକ୍ଷୁଦ୍ୱୟରୁ ଅବିରଳ ଅଶ୍ରୁଧାରା ନିର୍ଝରିତ ହୋଇ ଦୃଷ୍ଟିପଥ ରୋଧ କରିଦେଲା ।

ଅନାଥିନୀ ଏ ବିପତ୍କାଳରେ ଏକା ଭଗବାନ୍ ବିନା ଅନ୍ୟ ସହାୟ ନ ଦେଖି ନୀରବେ ତାଙ୍କରି ନାମ ଘେନି ସେହି ତିନ୍ତିଲାବସ୍ତ୍ରରେ ରୋରୁଦ୍ୟମାନା ମାତାର ଅଶ୍ରୁ ପୋଛିଦେଲେ । ମାତା ଚଞ୍ଚଳାହରିଣୀ ଅନେକ କ୍ଷଣ ଉତ୍ତାରୁ ଶାବକ ଦେଖିଲା ଭଳି ଧୈର୍ଯ୍ୟହୀନ ହୋଇ ଅନାଥିନୀର ମୁଖମଣ୍ଡଳ ଟାଣିନେଇ କ୍ଷୀଣ ଅଥଚ ବ୍ୟଗ୍ରଭାବସୂଚକ ସ୍ନେହଚୁମ୍ବ ପ୍ରଦାନ କଲେ ଓ ଛଳ ୨ ଚକ୍ଷୁ ସହିତ ଖଣ୍ଡଭାଷାରେ କହିଲେ 'ଅନି ! ଭଗବାନଙ୍କର ଇଚ୍ଛା — ମୁଁ କି କରିବି !'

ଆଉ କି କାହାରି ଅଶ୍ରୁ ସମ୍ଭାଳି ହୁଏ । ସନ୍ତାନ ଜନନୀ ଉଭୟେ ସେହି ନିର୍ଜନ ପ୍ରଦେଶରେ ନୀରବେ ରୋଦନ କଲେ । — ସାକ୍ଷୀ ରହିଲା କେବଳ ସେହି କୁଟୀର, ସେହି ବଟବୃକ୍ଷ, ସେହି ଅରଣ୍ୟାନୀ ଏବଂ ସେହି ନଦୀବକ୍ଷ !

---

# ବନ୍ଧୁତା

କି ପବିତ୍ର ସ୍ୱର୍ଗୀୟ ବନ୍ଧନ ! ମନୁଷ୍ୟ ଯେ ବନ୍ଧନରେ ଆବଦ୍ଧ ହେଲେ ସ୍ୱର୍ଗସୁଖ ଭୋଗ କରେ । କାଗଜଚକୀକି ରଜ୍ଜୁରେ ବନ୍ଧନ କରି ଛାଡ଼ିଦେଲେ ତାହା ଦକ୍ଷିଣବାୟୁରେ ଊର୍ଦ୍ଧ୍ୱଗାମୀ ହୋଇ ଆକାଶବିହାରୀ ହେଲା ପରି, ବନ୍ଧୁତା-ବଦ୍ଧ ମାନବ ଅନୁକୂଳ ଘଟନାବାୟୁରେ ଅନୁପମୋଚ୍ଚ ସୁଖସଂସାରରେ ଲୀଳାଖେଳା କରେ । ଆଶ୍ଚର୍ଯ୍ୟର ବିଷୟ !— କାଗଜଚକୀ ବନ୍ଧନରଜ୍ଜୁର ଅପରପ୍ରାନ୍ତସ୍ଥ ବ୍ୟକ୍ତି ବା ପଦାର୍ଥ ନିମ୍ନଗ; ଏହାର ଉଭୟପ୍ରାନ୍ତସ୍ଥ ବ୍ୟକ୍ତି ଊର୍ଦ୍ଧ୍ୱଗାମୀ । ଏହା ଜଡ଼ରଜ୍ଜୁରେ ଜଡ଼ପଦାର୍ଥର ବନ୍ଧନ ନୁହେ, ଧର୍ମ-ବିଶ୍ୱାସ-ପ୍ରେମରୂପ ତ୍ରିଗୁଣା ରଜ୍ଜୁରେ ହୃଦୟର ବନ୍ଧନ । ଏ ତିନିର ସମ୍ମିଳନର ଗାଢ଼ତାନୁସାରେ ରଜ୍ଜୁର ଦୃଢ଼ତା । ଗୋଟିଏ କଥା ରହିଗଲା — ପ୍ରେମଗୁଣଟି ପୁଣି ଭକ୍ତି-ପ୍ରେମ-ବାତ୍ସଲ୍ୟ ରୂପରେ ତ୍ରିଗୁଣା । ବନ୍ଧନସ୍ଥାନ, ହୃଦୟପ୍ରଦେଶର ସ୍ୱଚ୍ଛତା ଯେଉଁ ସ୍ଥାନରେ ଅଛି ସେହିଠାରେ ।

ପଣ୍ଡିତମାନେ କହନ୍ତି, ସମତା ବନ୍ଧୁତାର ପ୍ରକୃତସ୍ଥାନ ଅର୍ଥାତ୍ ଜ୍ଞାନବାନର ସହିତ ଜ୍ଞାନବାନର, ଅଜ୍ଞର ସହିତ ଅଜ୍ଞର, ଧନୀ ସଙ୍ଗେ ଧନୀର, ଦରିଦ୍ର ସଙ୍ଗେ ଦରିଦ୍ରର, ପ୍ରୌଢ଼ର ସଙ୍ଗେ ପ୍ରୌଢ଼ର, ଯୁବା ସଙ୍ଗେ ଯୁବାର, ବାଳକ ସଙ୍ଗେ ବାଳକର ବନ୍ଧୁତା ସହଜସିଦ୍ଧ ଏବଂ ସ୍ଥାୟୀ, ଅନ୍ୟଥା ବିପରୀତ । ଏ କଥା ସ୍ୱୀକାର୍ଯ୍ୟ, ସମତା ନଥିଲେ ବନ୍ଧୁତା ସଂଗଠନ ଏବଂ ରକ୍ଷା ହୋଇନପାରେ । ଯେମନ୍ତ ପ୍ରଶସ୍ତ ପାତ୍ର ସମସ୍ଥାନରେ ସ୍ଥାପିତ ନ ହେଲେ ତାହା ଜଳାଧାର ହୋଇ ନ ପାରେ, ତେମନ୍ତ ବିଷମପାତ୍ରରେ ବନ୍ଧୁତା ତିଷ୍ଠିପାରେ ନାହିଁ ଏବଂ ପ୍ରକୃତ ବନ୍ଧୁତାର କାର୍ଯ୍ୟକଳାପ ସଂସାଧିତ ହୋଇପାରେ ନାହିଁ । ବାହ୍ୟସମତା ଅପେକ୍ଷା ହୃଦୟର ସମତା ବିଶେଷ ଉପଯୋଗୀ; କାରଣ ବନ୍ଧୁତାର ସକଳ ଉପକରଣସାମଗ୍ରୀ ହୃଦୟନିହିତ ଅଟେ । କିନ୍ତୁ ପୂର୍ବୋକ୍ତଲକ୍ଷଣସଂଯୁକ୍ତ ବନ୍ଧୁତାବଦ୍ଧ ଭାଗ୍ୟବାନ୍ ବ୍ୟକ୍ତି ସଂସାରରେ ଅତି ଅଳ୍ପ । ସାଧାରଣତଃ ସମସ୍ତେ ନାନାପ୍ରକାର ବନ୍ଧୁତାବନ୍ଧନରେ ବନ୍ଧା ହୋଇଅଛନ୍ତି ବୋଲି ସଂସାର ଏପରି ମନୋହର ସ୍ଥାନ ହୋଇଅଛି, ନତୁବା ଭୀଷଣ ଶ୍ମଶାନ କିମ୍ବା ହିଂସ୍ରଜନ୍ତୁସମାକୀର୍ଣ୍ଣ ବିଜନ ଅରଣ୍ୟାନୀ ତୁଲ୍ୟ ହୋଇଥାନ୍ତା । ପିତା ପୁତ୍ରର ସମ୍ବନ୍ଧ ବୋଲ, ଭ୍ରାତା ଭ୍ରାତା ସମ୍ବନ୍ଧ ବୋଲ, ସ୍ୱାମୀ ସ୍ତ୍ରୀର ସମ୍ବନ୍ଧ ବୋଲ, ସବୁ ବନ୍ଧୁତାର ଅନ୍ତର୍ଭୂତ । ପିତା ପୁତ୍ର ମଧ୍ୟରେ ଭକ୍ତି ଏବଂ ବାତ୍ସଲ୍ୟଗୁଣର ପ୍ରାବଲ୍ୟ, ଭ୍ରାତା ଭ୍ରାତା ମଧ୍ୟରେ ଭକ୍ତି-ପ୍ରେମ-ବାତ୍ସଲ୍ୟ ଗୁଣର ସମଧିକତା, ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିଶେଷ ପ୍ରେମଗୁଣର ମଧୁର ମତ୍ତତା, ଇତ୍ୟାଦି ପ୍ରକାରେ ପାର୍ଥକ୍ୟ ଥିଲେ ସୁଦ୍ଧା ସବୁ ବନ୍ଧୁତାର କାର୍ଯ୍ୟ ଅଟେ ।

ସବୁଠାରେ ଯଥାବିଧି ଧର୍ମ ଏବଂ ବିଶ୍ୱାସର ଆବଶ୍ୟକ, ନୋହିଲେ ସମସ୍ତ ଆସୁରୀୟ ଭାବରେ ପରିଣତ ହୁଏ ।

ଯେ ପ୍ରକାର ସୂତ୍ରଧର ଦୁଇଖଣ୍ଡ କାଷ୍ଠର ବିଷମାଂଶ କର୍ତ୍ତନ କରି ଉଭୟର ସମ୍ମିଳନ ସାଧନ କରେ, ସେହି ପ୍ରକାର ବନ୍ଧୁତା ଦୁହିଁଙ୍କର ବିଷମଭାବକୁ ପରିହାର କରି ଏକତ୍ୱ ସମ୍ପାଦନ କରେ । ଦୁହେଁ ଦୁହିଙ୍କର ମୁଖାପେକ୍ଷୀ ହୋଇ କାର୍ଯ୍ୟ କରନ୍ତି । ପରସ୍ପରର ମଙ୍ଗଳକାମନା ପରସ୍ପରର ବ୍ରତ ହୁଏ । ଦର୍ପଣ ସାହାଯ୍ୟ ବିନା ନିଜମୁଖ ଦେଖି ନପାରିଲା ପରି ମନୁଷ୍ୟ ଅନେକ ସମୟରେ ବିବେକଦର୍ପଣର ସାହାଯ୍ୟ ନ ନେଇ ନିଜ ଦୋଷମାନ ଦେଖିପାରେ ନାହିଁ, କିନ୍ତୁ ମିତ୍ରଦ୍ୱୟ ମୁଖଦର୍ଶନ କଲାପରି ପରସ୍ପରର ଦୋଷମାନ ସହଜରେ ଦେଖିପାରି କଲ୍ମଷ ଦୂର କରିବା ପକ୍ଷରେ ଯତ୍ନବାନ୍ ହୁଅନ୍ତି । ଉଭୟ ବିଚାର ଐକ୍ୟବଳ ଲଭିବାରୁ ସକଳକାର୍ଯ୍ୟରେ ଉତ୍କର୍ଷକୁ ଲାଭ କରନ୍ତି । ଏହିପ୍ରକାର ସମସ୍ୱଛତାସମ୍ପନ୍ନ ପ୍ରକୃତ ବନ୍ଧୁତା, ପରସ୍ପର ମନକଥା ସମ୍ପୂର୍ଣ୍ଣରୂପେ ପ୍ରକାଶଜନିତ ସୁଖର ପୁଣ୍ୟାଶ୍ରମ ।

ପିତାମାତା ପ୍ରଗାଢ଼ ବାତ୍ସଲ୍ୟରେ ଅନ୍ଧ ହୋଇ ନିଜ ଜୀବନରୁ ଅଧିକ କରି ପୁତ୍ରର କଲ୍ୟାଣ ସାଧନ କରନ୍ତି । ପୁତ୍ର ଭକ୍ତିପରିପ୍ଲୁତ ହୋଇ ପିତାମାତାର ଆଜ୍ଞା ପାଳନ ଏବଂ ସେବା ଶୁଶ୍ରୁଷା କରେ । ଜ୍ୟେଷ୍ଠ କନିଷ୍ଠର ଭକ୍ତି-ପ୍ରେମରେ ଏବଂ କନିଷ୍ଠ ଜ୍ୟେଷ୍ଠର ପ୍ରେମ-ବାତ୍ସଲ୍ୟରେ ଆକର୍ଷିତ ହୋଇ ପରସ୍ପର ସୌହାର୍ଦ୍ଦ୍ୟର ଘନିଷ୍ଠତା ସାଧନ କରନ୍ତି । ସ୍ୱାମୀ ସ୍ତ୍ରୀର ଅମାୟିକ ପ୍ରେମରେ ମୋହିତ ହୋଇ ହୃଦୟର ଅଦ୍ୱିତୀୟ ଧନରୂପେ ସଂରକ୍ଷଣ କରେ । ସ୍ତ୍ରୀ ସ୍ୱାମୀକି ସଂସାରର ସକଳସୁଖାଧାର ପ୍ରେମମୟ ଦେବତା ବୁଝି ସମ୍ପୂର୍ଣ୍ଣ ରୂପେ ସମର୍ପିତା ହୋଇ ତାହାର ପୂଜା କରେ । ଜଣେ ୨ ସଙ୍ଗତିହୀନ ବ୍ୟକ୍ତି ନିଃଶ୍ୱାସପତନର ଅବସର ସୁଦ୍ଧା ଗ୍ରହଣ ନ କରି ନିଜ ପରିବାର ପ୍ରତିପାଳନରେ ବ୍ରତୀ ହୁଅନ୍ତି । ଏହା କିଏ କରାଏ ? ବନ୍ଧୁତା ।

ପରିବାରସ୍ଥ ଜଣେ କେହି ସଂସାରବିଳାସରୁ ଅନ୍ତର୍ଦ୍ଧାନ ହେଲେ, ଆଉ ସମସ୍ତଙ୍କର କ୍ରନ୍ଦନଧ୍ୱନି, ଅଶ୍ରୁପୂର୍ଣ୍ଣ ମୁଖ, ଧରାଲୁଣ୍ଠିତ ପ୍ରକ୍ରିୟାଦି ଦ୍ୱାରା ଦୁଃଖ ଏବଂ ବୈକଲ୍ୟାଭିନୟ ଦର୍ଶନ କଲେ, ଦର୍ଶକର ହୃଦୟ ଫାଟିଯାଏ କାହିଁକି ? ସେହି ବନ୍ଧନ ଚିରଦିନ ନିମନ୍ତେ ଛିନ୍ନ ହୋଇ ଯିବାରୁ ଏହି ଯାତ(ତା)ନପୂର୍ଣ୍ଣ କାଣ୍ଡର ଘଟନା ହେଲା । ସଂସାରର ସକଳ ଯାତନାଠାରୁ ଏହି ବିଚ୍ଛେଦଯାତନା ଅସହନୀୟ ଅଟେ ।

ରାମ ପିତୃସତ୍ୟ ପାଳିବାକୁ ଅତୁଳ ସାମ୍ରାଜ୍ୟସୁଖ ପରିତ୍ୟାଗ କରି ଯୋଗୀ ବେଶରେ ବନଗାମୀ ହେଲେ । ସୀତା ସମ୍ପତ୍ତିସୁଖ ତୁଚ୍ଛ ବୁଝି ପତି ସଙ୍ଗରେ ବନଚାରିଣୀ ହେବାକୁ ସୁଖକର ମଣିଲେ । ଲକ୍ଷ୍ମଣ ଭ୍ରାତୃପ୍ରେମରେ ଆକର୍ଷିତ ହୋଇ, ତାଙ୍କ ସେବାରେ ଅନଶନ ଏବଂ ଉନ୍ନିଦ୍ରଭାବେ ଦୀର୍ଘକାଳ କଟାଇବାକୁ କୁଣ୍ଠିତ ନୋହିଲେ ଏବଂ ଭରତ ତାଙ୍କ ପାଦୁକାଯୁଗଳକୁ ଦେବତା ପରି

ନିଜ ମସ୍ତକରେ ବହି ଆଣି ସିଂହାସନରେ ବସାଇ ପୂଜା କରି, ଆଜ୍ଞାବହ ଭୃତ୍ୟରୂପେ ଚତୁର୍ଦ୍ଦଶବର୍ଷ ରାଜ୍ୟଶାସନ କଲେ । ଦଶରଥ ନିଜଦୋଷେ ପୁତ୍ରବିଚ୍ଛେଦ ଚିନ୍ତାରେ ପରଲୋକଗାମୀ ହେଲେ । ରାବଣାପହୃତା ସୀତା, ଯେ କି ମର୍କଟଶିଶୁ ଦେଖି ଭୟରେ ପତିକ୍ରୋଡ଼ାଶ୍ରିତା ହୋଇଥିଲେ, ସେ ପୁଣି ଦଶମୁଣ୍ଡ-ବିଂଶଲୋଚନ-କର-ବିଶିଷ୍ଟ ରାବଣକୁ ଭୟ ନ କରି ଏପରି ସାଧ୍ୱୀତେଜ ପ୍ରକାଶ କଲେ ଯେ, ପାମର ତାଙ୍କ ସତୀତ୍ୱରତ୍ନ ହରଣ କରିବାକୁ ସାହସୀ ହୋଇ ପାରିଲା ନାହିଁ । ଏହି ସବୁ ଅସାଧସାଧନ ବନ୍ଧୁତାର କାର୍ଯ୍ୟ ଅଟେ । ବନ୍ଧୁତାଦ୍ୱାରା ସଂସାରର ସକଳ କଲ୍ୟାଣ ସାଧିତ ହେଉଅଛି । ପଶୁପକ୍ଷୀସୃଷ୍ଟିରେ ମଧ ଏକପ୍ରକାର ସ୍ୱଭାବସିଦ୍ଧ ବନ୍ଧୁତାର କାର୍ଯ୍ୟ ଲାଗି ରହିଅଛି ।

ସମସ୍ତଙ୍କର ପରିଚାୟକ ପରୀକ୍ଷା । ପରୀକ୍ଷାରେ ପଡ଼ିଲେ ସମସ୍ତେ ଚିହ୍ନିତ ହୁଅନ୍ତି । ଅଗ୍ନିରେ ପତିତ ହେଲେ ସ୍ୱର୍ଣ୍ଣର ପ୍ରକୃତ ବାନ ପ୍ରକାଶିତ ହୋଇପଡ଼େ । ବିପଦକାଳରେ ବନ୍ଧୁର ପ୍ରକୃତ ବନ୍ଧୁତା ଜଣାଯାଏ । ସମ୍ପଦକାଳର ବନ୍ଧୁ ସମସ୍ତେ ହୋଇପାରନ୍ତି ଏବଂ କପଟବନ୍ଧୁମାନେ ସ୍ୱାଭୀଷ୍ଟସିଦ୍ଧି ନିମିତ୍ତ ଛାୟାତୁଲ୍ୟ କୃତ୍ରିମ ବନ୍ଧୁତା ଦେଖାଇବାକୁ ସମର୍ଥ ହୁଅନ୍ତି; ମାତ୍ର ବିପଦାନ୍ଧକାରର ଦୁଃଖବିଲୋଡ଼ନରେ ପ୍ରକୃତରୂପେ ବନ୍ଧୁତାବନ୍ଧନରେ ବନ୍ଧା ନୋହିଥିବା ଲୋକେ କିଏ କେଉଁଆଡ଼େ ବିଚ୍ଛିନ୍ନ ହୋଇଯାନ୍ତି ଏବଂ ସେମାନଙ୍କର ଛାୟାତୁଲ୍ୟ ଆତ୍ମୀୟତା ଅଦୃଶ୍ୟ ହୁଏ । ଯେ ବିପଦବନ୍ଧୁ, ଯାହାର ବନ୍ଧୁତା ବିପଦକାଳରେ ଗାଢ଼ତର ହୋଇଉଠେ, ସେହି ପ୍ରକୃତ ବନ୍ଧୁ । ବିପଦବେଳେ – ଯେ ପିତା ପୁତ୍ର ମଧରେ ଭକ୍ତି ବାତ୍ସଲ୍ୟର ହ୍ରାସ ହୁଏ ନାହିଁ, ଯେ ଭ୍ରାତା ଭ୍ରାତା ମଧରେ ଭକ୍ତି ପ୍ରେମ ବାତ୍ସଲ୍ୟର ବିଲୋପ ନ ଘଟେ, ଯେ ସ୍ୱାମୀ ସ୍ତ୍ରୀ ମଧରେ ପ୍ରେମର ସ୍ୱପ୍ନବତ୍ ଅଳୀକତା ନ ଦର୍ଶେ, ବରଂ ବିପଦର ପରିମାଣାନୁସାରେ ଘନିଷ୍ଠତାର ପରିଚୟ ଜାଜ୍ୱଲ୍ୟରୂପେ ପରିଦର୍ଶିତ ହୁଏ, ସେହିମାନେ ପାରିବାରିକ ବନ୍ଧୁତାର ପାତ୍ର ଅଟନ୍ତି । ଯେଉଁମାନେ ବନ୍ଧୁତାର କଠିନ ନିୟମ ପାଳନ କରି ବିପଦସିନ୍ଧୁ ପାରହୁଅନ୍ତି, ସେହିମାନେ କେବଳ ବନ୍ଧୁତାର ପ୍ରକୃତ ସୁଖାସ୍ୱାଦନ କରିବାକୁ ସକ୍ଷମ । ଯେତେବେଳେ ରାମଚନ୍ଦ୍ର ଚତୁର୍ଦ୍ଦଶବର୍ଷ ବିପଦାନ୍ତେ ମିତ୍ରବର୍ଗ ସହିତ ଅଯୋଧାରେ ପ୍ରତ୍ୟାଗତ ହେଲେ, ତେତେବେଳେ ସୁଗ୍ରୀବ, ବିଭୀଷଣ, ହନୁମାନ, ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ପ୍ରଭୃତିଙ୍କର କର୍ତ୍ତବ୍ୟସାଧନ ପରେ ପରସ୍ପରର ମୁଖଦର୍ଶନ, ପରିଚୟ ଏବଂ ପରସ୍ପର ମୁଖରେ ପରସ୍ପରର ଗୁଣାନୁକୀର୍ତ୍ତନଶ୍ରବଣଜନିତ ସୁଖ, ସେଠାରେ ଯେଉଁ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାପିତ କଲା ତହିଁର ବର୍ଣ୍ଣନା କିଏ କରିପାରେ ?

ଏହି ମଧୁମୟ ବନ୍ଧୁତାରାଜ୍ୟରେ ଯେ ଗୋଟିଏ ଭୟାନକ ଯାତନାର ଉଦୟ ହେବା ସମୟବିଶେଷରେ ଦେଖାଯାଏ, ବର୍ତ୍ତମାନ ତହିଁର କଥାକୁହାଯାଉଅଛି । ଏହାର ନାମ ଅଭିମାନ । ଏହା ଦୁଃଖ ଔଦାସ୍ୟ ଏବଂ ଈଷତ୍ ରାଗର ସମଷ୍ଟିମାତ୍ର । ବନ୍ଧୁତା ମଧରେ କୌଣସି ପକ୍ଷରୁ ଧର୍ମ ବିଶ୍ୱାସ ବା ପ୍ରେମ ପ୍ରଭୃତିରେ କାର୍ଯ୍ୟଦ୍ୱାରା କାପଟ୍ୟ ପ୍ରଦର୍ଶିତ ହେଲେ, ହୃଦୟର ନିଭୃତସ୍ଥାନରେ ତୁଷାନଳ ତୁଲ୍ୟ ଏହା ଆବିର୍ଭୂତ ହୋଇ, ହୃଦୟର ସକଳ ଶିରା ଉପଶିରାକୁ ଦହନ କରେ ।

ଆଶାଲତିକା ଶୁଷ୍କ ହୋଇଯାଏ, ଭୂତକାଳ ହଳାହଳସିନ୍ଧୁରେ ପରିଣତ ହୁଏ, ବର୍ତ୍ତମାନ ଅଗ୍ନିକୁଣ୍ଡର ଆକାର ଧାରଣ କରେ, ଭବିଷ୍ୟତ୍ ପ୍ରଳୟମେଘାଚ୍ଛନ୍ନ ଅନ୍ଧକାରରେ ପରିପୂର୍ଣ୍ଣ ହୁଏ । ଏହି ଅଭିମାନ ଯାତନାରେ କ୍ଷୁଣ୍ଣତରା ନିର୍ବାସିତା ସୀତା, ଲକ୍ଷ୍ମଣଙ୍କୁ କହିଲେ ''ତୁମ୍ଭେ ମୋହର ହୋଇ ତୁମ୍ଭ ରାଜାଙ୍କୁ କହିବ, ସେ ସ୍ୱଚକ୍ଷୁ ସମକ୍ଷରେ ଅଗ୍ନିପରୀକ୍ଷା କରି ସୁଦ୍ଧା ଅକାରଣରେ ମୋତେ ପରିତ୍ୟାଗ କଲେ, ଏହା କି ରଘୁବଂଶର ଅନୁରୂପ କର୍ମ ହେଲା ?'' ଉପେକ୍ଷିତା ଶକୁନ୍ତଳା ଦୁଷ୍ମନ୍ତଙ୍କୁ ଆର୍ଯ୍ୟପୁତ୍ର ବୋଲି ସମ୍ବୋଧନ କରୁ କରୁ ଅଭିମାନର ଆଘାତରେ ନିମେଷମାତ୍ର ତୁନି ହୋଇ ରହି ପୌରବ ବୋଲି ସମ୍ବୋଧନ କଲେ । ଜୁଲିୟସ୍ ସିଜର କପଟବନ୍ଧୁଙ୍କ ପ୍ରତାରଣାଦ୍ୱାରା ସନ୍ନିବେଶସ୍ଥାନକୁ ନୀତ ହୋଇ, ପ୍ରାଣବଧର ଲକ୍ଷଣ ଦେଖି ବୀରତ୍ୱ ପ୍ରକାଶ କଲା ବେଳେ, ହନ୍ତକମାନଙ୍କ ମଧ୍ୟରେ ପରମମିତ୍ର ବ୍ରୁଟସଙ୍କୁ ଦେଖି, ଅଭିମାନ ପ୍ରତାପରେ ମୁଖାବୃତ କରି ଶିଶୁତୁଲ୍ୟ ଧରାଶାୟୀ ହେଲେ ।

ବନ୍ଧୁତା ରାଜ୍ୟରେ ବିଷମତା ଘଟିଲେ ଏହି ପ୍ରକାର ଅନ୍ତର୍ଦାହମୟୀ ଯାତନାର ଉତ୍ପନ୍ନ ହୁଏ । ଯେଉଁ ବନ୍ଧୁ କ୍ଷଣିକ ବିଚ୍ଛେଦ ସହ୍ୟ କରିପାରେ ନାହିଁ, ସେ ମୁଖ ଦର୍ଶନ କରିବାକୁ ଇଚ୍ଛା କରେ ନାହିଁ । ଯାହାକୁ ଦେଖିଲେ ଆନନ୍ଦରେ ଭାସି ହୃଦୟ ଫିଟାଇ କଥା କହିବାକୁ ହୁଏ, ତାହାକୁ ଦେଖିଲେ ପୁଣି ମୁଖ ଶୁଖିଯାଏ ଏବଂ ଅନ୍ୟ ଲୋକଙ୍କ ସହିତ କଥା କହୁଥିଲା ବେଳେ ତାହାର ଆଗମନ ହେଲେ ବାକ୍ୟ ବନ୍ଦ ହୋଇଯାଏ । ଅତଏବ ସକଳ ପ୍ରକାର କଲ୍ୟାଣର ଆକର ବନ୍ଧୁତା ଯହିଁରେ ଏପ୍ରକାର ଅସୁଖର କାରଣ ନ ହୁଏ, ବନ୍ଧୁତାବଦ୍ଧ ବ୍ୟକ୍ତି ତହିଁ ପ୍ରତି ସାବଧାନ ହୋଇ ସର୍ବଦା କର୍ତ୍ତବ୍ୟପରାୟଣ ହେବା ବିଧେୟ ।

ପରିଶେଷରେ ବକ୍ତବ୍ୟ ଯେ, ଯେ ଆମ୍ଭମାନଙ୍କୁ ନାନା ପ୍ରକାର ବନ୍ଧୁତା ବନ୍ଧନରେ ଆବଦ୍ଧ କରି ଆମ୍ଭମାନଙ୍କର ଚିରମଙ୍ଗଳର ପଥ ଫିଟାଇ ଦେଇଅଛନ୍ତି, ଯାହାକୁ ସମସ୍ତେ ଏକବାକ୍ୟରେ ଜଗଦ୍‌ବନ୍ଧୁ ଏବଂ ଦୀନବନ୍ଧୁ ବୋଲି କହନ୍ତି, ଯାହାଙ୍କୁ ଆମ୍ଭେମାନେ କ୍ଷଣମାତ୍ର ହୃଦୟରେ ସ୍ଥାନ ନ ଦେଇ ଅବନ୍ଧୁର କାର୍ଯ୍ୟ କରୁଥିଲେ ସୁଦ୍ଧା ଯେ ଆମ୍ଭମାନଙ୍କର ପରମବନ୍ଧୁ ହୋଇ ସଦା କଲ୍ୟାଣ ସାଧନ କରୁଅଛନ୍ତି, ଯେ ଆମ୍ଭମାନଙ୍କର ଇହକାଳ ଏବଂ ପରକାଳର ବନ୍ଧୁ ବୋଲି ହୃଦୟ ବିଶ୍ୱାସ କରୁଅଛି, ତାହାଙ୍କ ସହିତ ବନ୍ଧୁତା ସ୍ଥାପନ କରି ତହିଁର ନିୟମ ପାଳନ କଲେ ଯେ କେତେଦୂର ସୁଖ ଶାନ୍ତି ମିଳିପାରେ ତାହା କହିବା ବାହୁଲ୍ୟ । ମନୁଷ୍ୟ ସହିତ ବନ୍ଧୁତା ତ ଆମ୍ଭମାନଙ୍କୁ ଅଧଃସ୍ୱର୍ଗରେ ଖେଳାଉଅଛି, ଯେ ସ୍ୱର୍ଗରାଜ୍ୟର ରାଜା ତାହାଙ୍କ ସହିତ ବନ୍ଧୁତା ସ୍ଥାପନ କଲେ ଯେ ଆମ୍ଭେମାନେ ସ୍ୱର୍ଗସୁଖ ଭୋଗ କରିପାରିବା, ଏଥିରେ ଆଉ ସନ୍ଦେହ କଣ ? ଅତଏବ ଆମ୍ଭମାନଙ୍କର ସେହି ଜଗଦ୍‌ବନ୍ଧୁଙ୍କୁ ହୃଦୟର ବନ୍ଧୁ କରି ମାନବଜନ୍ମର ସାର୍ଥକତା ସମ୍ପାଦନ କରିବା ଉଚିତ ଅଟେ ।

ଶ୍ରୀ ଅ ——

# ମାନବଜୀବନ ପ୍ରତି ।

Work and live – this only charm
Warms the blood and nerves the arm, –
Professor Blackie

ରେ ଭ୍ରାନ୍ତ ମାନବଜୀବନ !
ଆସି ରଣକ୍ଷେତ୍ରେ    ନିମୀଳିତନେତ୍ରେ
ଅଛୁ କିପାଁ ଅଚେତନ ?
ଚିନ୍ତା ଯା ହୃଦରେ    ଥାଏ ନିରନ୍ତରେ
ରହେ କି ନିଦେ ମଗନ ?
ଅରୁଣ ଉଦୟେ    ତିମିର ପଳାଏ
ଜ୍ୟୋତି ହୁଏ ପରକାଶ,
ପ୍ରକୃତିସୁନ୍ଦରୀ    କାନ୍ତିକୁ ବିସ୍ତାରି
ଦେଖ କେଡ଼େ ହସ ହସ ।
ତରୁ ଲତା ଯେତେ    କି ଆନନ୍ଦଚିତ୍ତେ
ମୃଦୁ ମୃଦୁ ସମୀରଣେ ।
ଶିଶିରବିନ୍ଦୁରେ    ମୁକୁତା ଛଟାରେ
ପ୍ରେମେ ନାଚୁଛନ୍ତି ବନେ ।
ଦ୍ୱୀରେଫରକୁଳ    ହୋଇଣ ଆକୁଳ
କରି ଗୁଣୁ ଗୁଣୁ ସ୍ୱନ ।
କୁସୁମ ଅନ୍ତରେ    ଆନନ୍ଦେ ବିହରେ
ସଦା ମଧୁପାନେ ଧ୍ୟାନ ।
ବୃକ୍ଷର ଉପରି    ପକ୍ଷୀ ଧାରି ଧାରି
ମିଳାଇଣ ସର୍ବେ ସ୍ୱର,
ମାନବଜୀବନ    କର ରେ ଶ୍ରବଣ
ଡାକନ୍ତି କରି ଆଦର ।
ଅଗମ୍ୟ ଅଚଳ    ଦେଖ ହିମାଚଳ
ଯୋଗଶାସ୍ତ୍ର କରେ ଧରି,
ଯୋଗୀଚୂଡ଼ାମଣି    ଅନନ୍ତହିମାନୀ
ମଗ୍ନହିଁ ଯୋଗେ କିପରି ?
"କେତେ କେତେ ଯୋଗୀ ହୋଇଛନ୍ତି ଯୋଗୀ
ତବ ଯୋଗାସନେ ବସି,
ଧନ୍ୟ ତବ ଯୋଗ !    ନୋହିଲା ବିୟୋଗ
ଅଛୁ ଚିରଯୋଗଭ୍ୟାସି ।
ଅଗଣ୍ୟ ସ୍ରବନ୍ତୀ    ବଡ଼ ପୁଣ୍ୟବତୀ
ଯୋଗରସ ଅପହରି,
ହୋଇ ଶତଧାରା    ବିକମ୍ପାଇ ଧରା
ବିତରନ୍ତି ପ୍ରେମବାରି ।
ଅସୀମ ଭଣ୍ଡାର    କଲେ କ୍ରୂର ଚୌର
ତଥାପି ଝଲକୁଥାଏ,
ଦସ୍ୟୁ ଅପହରି    ସୁଖେ ବାସ କରି
ନିଷ୍ପାପୀ ହୋଇ ସେ ଯାଏ ।
ବିଶ୍ୱକର୍ଣ୍ଣଧାର    ଯାର ଧନାଗାର
ପରିପୂର୍ଣ୍ଣ ଛନ୍ତି ରହି,
ହୋଇ ଧନାଧ୍ୟକ୍ଷ    ବିସ୍ତାରିଣ ବକ୍ଷ
'ମୁଁ ଅଛି' ପ୍ରହରୀ କହି ।
ଝର ଝର ଶବ୍ଦେ    କଳ କଳ ନାଦେ
ପୂରି ନିଜର ଉଦର,
ନିର୍ଝରିଣୀ ପୁନଃ    କରୁଛି ଗମନ
ପୂରିତ ସାଗରାମ୍ବର ।
ବେଗବତୀ ନଦୀ    ଶାନ୍ତି ଉପଲବ୍ଧି
ହେଉଅଛି ପ୍ରବାହିତ,
ମିଳିବ ଅଚିରେ    ସିନ୍ଧୁର ଗର୍ଭରେ

ତୋଷିବ ତାହାର ଚିତ୍ତ ।''
ରେ ନେତ୍ର ମୋହରି ନଦୀବୃତ୍ତ୍ୟାଚରୀ
ହିମାଦ୍ରି ଗର୍ଭେ ପ୍ରବେଶ,
ହରି ଯୋଗୀରସ ହୃଦେ ହୋଇ ତୋଷ
ଯୋଗେ ଦେଖ ସିନ୍ଧୁଈଶ ।
ଆକାଶ ସାଗର ନଦୀ ଗିରିବର
ବିଭୂ ଆଜ୍ଞା ଅନୁସରି,
ଯେ ଯେହ୍ନେ ଅଭ୍ୟସ୍ତ ଯେଉଁ ଭାବେ ନ୍ୟସ୍ତ
ଅଛନ୍ତି କାର୍ଯ୍ୟ ଆବୋରି ।
ମାନବଜୀବନ ଆତ୍ମଗର୍ବେ ପୂର୍ଣ୍ଣ
ନିଜ ସ୍ୱାଧୀନତା ବଳେ,
ନିଦ୍ରା ବଶୀଭୂତ ହୋଇଣ ନିୟତ
ଜାଗିବୁ କି ନାହିଁ ଥରେ ।

୧ ମ ଖଣ୍ଡ ୮ମ ସଂଖ୍ୟା



ମାସିକପତ୍ର ଓ ସମାଲୋଚନ ।

---

ଅଗଷ୍ଟ ସନ ୧୮୮୫ ମସିହା ।

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)


| | ବିଷୟ | | | ପୃଷ୍ଠା |
|---|---|---|---|---|
| ୧ । | ଜୀବନ-ନାବିକ | ... | ... | |
| ୨ । | ମଠର ସମ୍ବାଦ | ... | ... | |
| ୩ । | ଅନାଥିନୀ (ଉପନ୍ୟାସ) | ... | ... | |
| ୪ । | ଆକାଶ ପ୍ରତି (ପଦ୍ୟ) | ... | ... | |
| ୫ । | ସମାଲୋଚନା | ... | ... | |


**

କଟକ

Printed and published by Sarat Chandra Mukhopadhaya at the Cuttack Printing Company's Press.

# ଜୀବନ-ନାବିକ ।

ଆମ୍ଭମାନଙ୍କର ପୃଥିବୀ ଏକ ବୈଚିତ୍ରମୟୀ ମହାସମୁଦ୍ର— ସର୍ବ ସମୟରେ ଭୀଷଣ ତରଙ୍ଗପରିପୂର୍ଣ୍ଣ । ଇଦୃଶ ମହାସମୁଦ୍ରରେ ପ୍ରତ୍ୟେକ ନର ନାରୀ, ଯୁବକ ଯୁବତି, ବୃଦ୍ଧ ବୃଦ୍ଧା, ବାଳକ ବାଳିକା, ଧନୀ ନିର୍ଧନୀ, ପଣ୍ଡିତ ଓ ମୂର୍ଖର ଜୀବନ ଖଣ୍ଡିଏ ୨ କ୍ଷୁଦ୍ରତରୀର ତୂଲ୍ୟ । ପ୍ରବଳ ବାତ୍ୟା ଓ ଝଟିକା ଉପସ୍ଥିତ ହେଲେ ସମୁଦ୍ର ମଧ୍ୟରେ ତରୀର ଯେପରି ଜଣେ ସୁଦକ୍ଷ ନାବିକର ପ୍ରୟୋଜନ; ସେହିପରି ଜୀବନତରୀ ଯେତେବେଳେ ଘୋର ପରୀକ୍ଷାରେ ପତିତ ହୁଏ, ଯେତେବେଳେ ପାପପ୍ରଲୋଭନାଦି ଜୀବନକୁ ବ୍ୟତିବ୍ୟସ୍ତ କରେ, ଯେତେବେଳେ ଇନ୍ଦ୍ରିୟସମୂହର ଚାଞ୍ଚଲ୍ୟ ଭାବ ଲକ୍ଷିତ ହୁଏ, ତେତେବେଳେ ଏତାଦୃଶ ଜଳମଗ୍ନ ଜୀବନତରୀକୁ ଉଦ୍ଧାର କରିବାନିମିତ୍ତ ଜଣେ ସୁଦକ୍ଷ ନାବିକର ପ୍ରୟୋଜନ । ଏପରି ସମୟୋପଯୋଗୀ ପକ୍କାମାଝି କିଏ ? — ସବଳଚରିତ୍ର । ରାଜନୀତି ବୋଲ, ଧର୍ମନୀତି ବୋଲ, ବିଦ୍ୟା ବୋଲ, ବୁଦ୍ଧି ବୋଲ, ମାନସିକ ଓ ଶାରିରୀକ ପରିଶ୍ରମ ବୋଲ, ସର୍ବ ବିଷୟରେ ଓ ସର୍ବ ସମୟରେ ସବଳଚରିତ୍ର ଆବଶ୍ୟକ । ଚରିତ୍ରବାନ୍ ଲୋକ ଧ୍ରୁବତାରାତୁଲ୍ୟ ସର୍ବ ସମୟରେ ଓ ସମସ୍ତଙ୍କ ମଧ୍ୟରେ ଦୀପ୍ତିମାନ୍ ହେଉଥାଏ । ମହୋଚ୍ଚ ପର୍ବତୋପରିସ୍ଥିତ ଦୁର୍ଗ ଯେପରି ଛୋଟ ୨ ପଲ୍ଲୀ ଓ ଗୃହମାନଙ୍କ ମଧ୍ୟରେ ସର୍ବାଗ୍ରେ ଦୃଶ୍ୟମାନ୍ ହୁଏ; ସେହିପରି ଚରିତ୍ରବାନ୍ ଲୋକ ଲକ୍ଷ ୨ ଦୁଶ୍ଚରିତ୍ର ଲୋକମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହୁଏ । ଏପରି ବ୍ୟକ୍ତିର ପଦତଳେ ପୃଥିବୀର ମାନ ଓ ଗୌରବ ଅବଲୁଣ୍ଠିତ ଓ ଏପରି ବ୍ୟକ୍ତି ସହସ୍ର ୨ ଲୋକଙ୍କ ମଧ୍ୟରେ ପଥଦର୍ଶକ । ଏତାଦୃଶ ଲୋକଙ୍କୁ ପୃଥିବୀ ପୂଜା କରେ ଓ ମଧ ଭୟ କରେ । ଚରିତ୍ରବାନ୍ ବ୍ୟକ୍ତି ସମୀପରେ କୌଣସି କାର୍ଯ୍ୟ ଅସାଧ୍ୟ ବୋଧ ହୁଏ ନାହିଁ । ଖଣ୍ଡେ ବାଷ୍ପୀୟପୋତ ଯେପରି ଅନ୍ୟ କେତେକ କ୍ଷୁଦ୍ର ୨ ତରୀ ଏହାର ପଶ୍ଚାଦେଶରେ ବାନ୍ଧି ଦେଲେ ସଜୋରେ ଟାଣି ନେଇଯାଏ, ସେହିପରି ଜଣେ ସଚ୍ଚରିତ୍ରଲୋକ ଅସଂଖ୍ୟ ମାନବମଣ୍ଡଳୀରେ ନେତା ହୋଇ କାର୍ଯ୍ୟ କରେ । ଏତାଦୃଶଲୋକ କୌଣସିକାଳେ ଗୁପ୍ତ ହୋଇ ରହିପାରେ ନାହିଁ । ଦେବଦାରୁ ବୃକ୍ଷ ଯେପରି ସର୍ବାଗ୍ରେ ଅନ୍ୟାନ୍ୟ ବୃକ୍ଷମାନଙ୍କ ମଧ୍ୟରୁ ଊର୍ଦ୍ଧ୍ୱକୁ ଉଠିଯାଏ; ଓ ସୁବିଶାଳ ବଟବୃକ୍ଷ ଯେପରି ଶାଖା ପ୍ରଶାଖା ବିସ୍ତାର କରି ନାନା ଜୀବଜନ୍ତୁଙ୍କୁ ଆଶ୍ରୟ ଓ ଛାୟା ପ୍ରଦାନ କରେ; ତଦ୍ରୂପ ସେ ଲୋକମାନଙ୍କ ମଧ୍ୟରେ ସର୍ବୋଚ୍ଚସ୍ଥାନ ଅଧିକାର କରେ ଓ ସେମାନଙ୍କୁ ନବୋତ୍ସାହ ଓ ନବଜୀବନ ପ୍ରଦାନ କରେ ।

ଇଦୃଶ ଚରିତ୍ରବାନ୍ ଲୋକ ଜଗତରେ ନିତାନ୍ତ ବିରଳ ନୁହନ୍ତି । ମହାତ୍ମା ଈଶା, ପ୍ରେମିକ ଚୈତନ୍ୟ, ନାନକ, କର୍ତ୍ତବ୍ୟନିଷ୍ଠ ମ୍ୟାଟ୍‌ସିନି, ଜର୍ଜ ୱାଶିଂଟନ, ଇମରସନ୍,

କେଶବ, ବୁଦ୍ଧ, ଶଙ୍କରାଚାର୍ଯ୍ୟ, ଗ୍ୟାଲିଲିଓ, ସକ୍ରେଟିସ, ଥିଓଡର ପାର୍କର ଏବଂ ଲୁଥର ପ୍ରଭୃତି ସବଳ ଚରିତ୍ରବାନ୍ ଲୋକେ ଆମ୍ଭମାନଙ୍କର ଆଦର୍ଶସ୍ୱରୂପ । ଏମାନଙ୍କ ମଧ୍ୟରୁ ଅନେକେ ଦୀନ ଦରିଦ୍ର ହୋଇ ମଧ୍ୟ ନିଜ ନିଜ ମହୋଚ୍ଚ ଚରିତ୍ର ଦେଖାଇ ଯାହା ୨ କରିଯାଇଅଛନ୍ତି ମହା ୨ ରାଜାଧିରାଜ ଓ ପଣ୍ଡିତମାନେ ତାହା ସମ୍ପନ୍ନ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ । ଏମାନଙ୍କର କୀର୍ତ୍ତି ପୃଥିବୀର ଏକପାର୍ଶ୍ୱରୁ ଅନ୍ୟପାର୍ଶ୍ୱ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହେଉଅଛି । ଏମାନଙ୍କ ଜୀବନସ୍ରୋତ କୌଣସି ସଂକୀର୍ଣ୍ଣ ଦେଶକାଳବ୍ୟାପୀ ନୁହେ, ଏମାନଙ୍କ ଜୀବନ ନିଜ ୨ର ପ୍ରତାପଦ୍ୱାରା ନୂତନ ୨ ରାଜ୍ୟ ଅଧିକାର କରେ । ଦେଖ କିପରି ସେହି ବୁଦ୍ଧଦେବଙ୍କର ଯଶଶ୍ଚନ୍ଦ୍ର ପ୍ରଥମେ ଭାରତ ସମୁଜ୍ଜ୍ୱଳ କରି ବର୍ତ୍ତମାନ ଲଙ୍କାଦ୍ୱୀପ, ବ୍ରହ୍ମଦେଶ, ଚୀନ୍, ତିବତ୍, ଜାପାନ, ଏବଂ ସାଏମ ପ୍ରଭୃତି ସ୍ଥାନ ଆଲୋକିତ କରି ଇଉରୋପର କେତେକ ସ୍ଥାନକୁ ଉଜ୍ଜ୍ୱଳକିରଣ ବିକୀର୍ଣ୍ଣ କରୁଅଛି । ଧନ୍ୟ ସେହି ସୂତ୍ରଧରର ପୁତ୍ର ! ଯାହାଙ୍କ କୀର୍ତ୍ତି ପ୍ରଥମେ ଏକ କ୍ଷୁଦ୍ର ନ୍ୟାଜ୍‌ରେଥ୍ ଗ୍ରାମରୁ ବହିର୍ଗତ ହୋଇ ବର୍ତ୍ତମାନ ସମସ୍ତ ଜଗତ ଅଧିକାର କରିବା ନିମିତ୍ତ ପ୍ରସ୍ତୁତ ହୋଇଅଛି, ଏ ମହାତ୍ମାଙ୍କ ଜୀବନସ୍ରୋତ ଯେପରି ପ୍ରତିଦେଶରେ, ପ୍ରତିମୁହୂର୍ତ୍ତରେ ଓ ପ୍ରତିପ୍ରାଣରେ ପ୍ରବେଶ କରୁଅଛି, ତହିଁରୁ କି ସ୍ପଷ୍ଟ ପ୍ରତୀୟମାନ ହେଉନାହିଁ ଯେ ମହର୍ଷି ଈଶା ଦିନେ ସମସ୍ତ ପୃଥିବୀ ଜୟ କରିବସିବେ ? କି ଆଶ୍ଚର୍ଯ୍ୟ ! ସାମାନ୍ୟ ଜଣେ ସୂତ୍ରଧରର ପୁତ୍ର ସମସ୍ତ ପୃଥିବୀ ଅଧିକାର କରିପାରେ, କିନ୍ତୁ ରାଜାଧିରାଜ ଓ ପଣ୍ଡିତମାନେ ପରାସ୍ତ ମାନନ୍ତି ଓ ଏହାଙ୍କୁ ତ୍ରାଣକର୍ତ୍ତା ବୋଲି ପୂଜା କରନ୍ତି । ଏପରି ବ୍ୟକ୍ତିର ପରିଚାଳକ କିଏ ? ରକ୍ତମାଂସଦେହବିଶିଷ୍ଟ ହେଲେ ସୁଦ୍ଧା କିଏ ସତ୍ୟଯୁଦ୍ଧରେ ଦିନ ଦିନ ଜୟଲାଭ କରାଏ ? ଓ ମନୁଷ୍ୟକୁ ଅମରତ୍ୱ ପ୍ରଦାନ କରେ ? ଭାବିଲେ ଏ ପ୍ରଶ୍ନର ଉତ୍ତର ମିଳିବ ଯେ ଚାଳକ ସବଳ ଚରିତ୍ର, — ଯାହାକୁ ଜୀବନ-ନାବିକ ଆଖ୍ୟା ଉପରେ ଦିଆହୋଇଅଛି ।

ପାଠକେ ! ଯେଉଁସବୁ ଚରିତ୍ରବାନ୍ ଲୋକଙ୍କ ବିଷୟ ଉପରେ ଉଲ୍ଲେଖ କରାଗଲା ସେପରି ଲୋକଙ୍କର ଆଦର ଆମ୍ଭମାନଙ୍କ ଦେଶରେ ଅଛି କି ? ପ୍ରକୃତପକ୍ଷରେ କହିବାକୁ ଗଲେ ଏପରି ଚରିତ୍ରବାନ୍ ଲୋକଙ୍କପ୍ରତି ଯେଉଁ ଆଦର ପ୍ରଦର୍ଶିତ ହୁଏ ତାହା ଦେଶକାଳବ୍ୟାପୀ ନୁହେ । ଯେବେ ଏପରି ହେବାର ସମ୍ଭବ ତେବେ ଆମ୍ଭମାନଙ୍କ ଦେଶରେ ହେବନାହିଁ କାହିଁକି ? ମାତ୍ର ବର୍ତ୍ତମାନ ସେରୂପ ସମୟ ଉପସ୍ଥିତ ହୋଇନାହିଁ, ଯେତେବେଳେ କି ଏ ଦେଶୀୟମାନେ ସବଳ ଚରିତ୍ରର ମାହାତ୍ମ୍ୟ ବୁଝିବାକୁ ସକ୍ଷମ ହେବେ । କ୍ରମବିକାଶ ଓ ଉନ୍ନତି ଜଗଦୀଶ୍ୱରଙ୍କର ସୃଷ୍ଟିର ଏକ ଅଖଣ୍ଡ ନିୟମ, ଏବଂ ଯେତେବେଳେ ଏହା ସର୍ବତ୍ର ଲକ୍ଷିତ ହେଉଅଛି; ମନୁଷ୍ୟ ଯେତେବେଳେ ଅସଭ୍ୟ ବର୍ବର ଅବସ୍ଥା ପରିତ୍ୟାଗ କରି

ଆଧୁନିକ ସଭ୍ୟତମ ସୋପାନରେ ପଦାର୍ପଣ କରିବାକୁ ସକ୍ଷମ ହୋଇଅଛି; ତେତେବେଳେ କି ଆଶା କରାଯାଇ ପାରେନାହିଁ ଯେ ଆମ୍ଭମାନଙ୍କ ଦେଶରେଏମନ୍ତ ଏକ ସମୟ ଉପସ୍ଥିତ ହେବ ଯେତେବେଳେ ସବଳ ଚରିତ୍ରର ମହାତ୍ମ୍ୟ ପ୍ରତ୍ୟେକ ନରନାରୀ ହୃଦୟଙ୍ଗମ କରିପାରିବେ ? ବର୍ତ୍ତମାନ ସେପରି ସମୟର ଆଭାସ କିଞ୍ଚିନ୍ମାତ୍ର ଆମ୍ଭେମାନେ ପାଉଅଛୁଁ । ମାନବଜୀବନ ସଦା ଉନ୍ନତି ଓ ପରିବର୍ତ୍ତନଶୀଳ, — ସୁତରାଂ ଯାହା ପୁରାତନ ଏବଂ ଜୀର୍ଣ୍ଣ ତାହା ଅଧିକଦିନ ଅବଲମ୍ବନ କରି ରହିପାରିବ ନାହିଁ । ବର୍ତ୍ତମାନ କାଳରେ ପାଶ୍ଚାତ୍ୟ ଶିକ୍ଷା ଓ ଉନ୍ନତି ଶିରା ପ୍ରଶିରାରେ ପ୍ରବେଶ କରି ଆମ୍ଭମାନଙ୍କୁ ଗୋଟିଏ ନୂତନ ରାଜ୍ୟ ସଂସ୍ଥାପନ କରିବା ନିମିତ୍ତ ଆଦେଶ ଦେଉଅଛି । ଆମ୍ଭମାନଙ୍କ ଦେଶରେ ଯାହା ଘୃଣ୍ୟ ଓ ଜଘନ୍ୟ ତାହା ଦୂରୀକୃତ କରି ଇଂଲଣ୍ଡ ବର୍ତ୍ତମାନ ତାହାର ଯାହା ଉଚ୍ଚ ଓ ମହତ୍ ପ୍ରତିମୁହୂର୍ତ୍ତରେ ଏ ଦେଶକୁ ପ୍ରଦାନ କରୁଅଛି । ଏଥି ସଙ୍ଗେ ୨ ବହୁମୂଲ୍ୟ ରତ୍ନ ମହାପୁରୁଷମାନଙ୍କ ଜୀବନୀ ଦେଇ ଆମ୍ଭମାନଙ୍କ ଦେଶକୁ ଆସୁଅଛି । ଯଥା: ସବଳ ଚରିତ୍ର, ଆତ୍ମଉତ୍ସର୍ଗ, ସ୍ୱଦେଶାନୁରାଗ, ସ୍ୱାଧୀନତା, କର୍ତ୍ତବ୍ୟଜ୍ଞାନ, ଅଧ୍ୟବସାୟ ଓ ପରିଶ୍ରମ ଇତ୍ୟାଦି । ଆମ୍ଭେମାନେ ଅବଶ୍ୟ ବୁଝିପାରୁଅଛୁଁ ଯେ ଆମ୍ଭମାନଙ୍କ ଦେଶ ଏ ସବୁରେ ନିତାନ୍ତ ଦୀନ ଓ ଦୁର୍ବଳ, ତଥାପି କିଞ୍ଚିନ୍ମାତ୍ର ଏଥିପ୍ରତି ଆସ୍ଥା ନାହିଁ । ଏସବୁ ଦ୍ୱାରା କି ମଧୁମୟ ଫଳ ଉତ୍ପାଦିତ ହୁଏ ତାହା ଅସ୍ମଦ୍ଦେଶୀୟମାନେ ବୁଝି ବୁଝନ୍ତିନାହିଁ, ଦେଖି ଦେଖନ୍ତିନାହିଁ, କି ଶୁଣି ଶୁଣନ୍ତିନାହିଁ । ବୃଥା କଥାରେ ସମ୍ବାଦପତ୍ରମାନଙ୍କ ସ୍ତମ୍ଭ ପରିପୂର୍ଣ୍ଣ କରିଦେବେ, କିନ୍ତୁ ଯାହା କଲେ ଦେଶର ମଙ୍ଗଳ ହେବ, ପୁତ୍ର କନ୍ୟାଦି ଯାହା ଦେଖି ଶୁଣି ଅନୁକରଣ କରିପାରିବେ, ଚରିତ୍ରବାନ୍ ଓ ଚରିତ୍ରବତୀ ହୋଇ ଇହସଂସାରରେ ଥିବା ପର୍ଯ୍ୟନ୍ତ ଯେପରି ସୁଖ ଉପଭୋଗ କରିପାରିବେ ତହିଁ ପକ୍ଷରେ କେହି ଯତ୍ନବାନ୍ ନୁହନ୍ତି କାହିଁକି ?

କ୍ରମଶଃ

ଶ୍ରୀ ————

---

## ମଠର ସମ୍ବାଦ ।

ଦୁଇମାସ ତଳେ ଆମ୍ଭେ କଲିକତା ମହାନଗରୀରୁ ଖଣ୍ଡିଏ ବଡ଼ ମଜାର ପତ୍ର ପାଇଥିଲୁଁ; ତହିଁର ବିବରଣ ତୁମ୍ଭମାନଙ୍କୁ ସଂକ୍ଷେପରେ କହୁଅଛୁଁ, ମନୋଯୋଗ ଦେଇ

ଶ୍ରବଣ କର । ହରିହରବାବୁ ଡେପୁଟୀ, ଚାରିଶ ଟଙ୍କା ବେତନ ପାଆନ୍ତି, ଖୁବ୍ ବଡ଼ଲୋକ, କତିକି ଯିବାର କଷ୍ଟ । ପେଟ ସାର୍ଦ୍ଧଦୁଇହସ୍ତ ପରିମାଣରେ ବାହାରିଅଛି, ପୁଣି ଏହାଙ୍କର ନାକରେ ଚଷମାଟାଏ ସବୁବେଳେ ଥାଏ ।

ବୈଠକଖାନା ଘର ଓରଫେ Parlour ବଡ଼ ସୁସଜ୍ଜିତ । ଘର ମଧ୍ୟ ସ୍ଥଳରେ ମେହଗନୀ କାଷ୍ଠନିର୍ମିତ ମେଜ ଚକ୍ ୨ ହେଉଅଛି ଏମନ୍ତ କି ତହିଁରେ ମୁଖ ପର୍ଯ୍ୟନ୍ତ ଦେଖାଯାଏ । ଚତୁଃପାର୍ଶ୍ୱରେ କେତେଖଣ୍ଡ କେଦାରା ପଡ଼ି ରହିଅଛି । ଏକ କୋଣରେ ଖଣ୍ଡିଏ ମାର୍ବଲପଥରଯୁକ୍ତ ତିପାୟା ରହିଅଛି; ତହିଁ ଉପରେ ବିଲାତୀ କେତେଗୁଡିଏ ‘‘ନାମ ଜଣାନାହିଁ’’ ବସ୍ତୁ ରଖାହୋଇଅଛି । ଏକପାର୍ଶ୍ୱରେ ତିନିଖଣ୍ଡ ଆରାମୀଚୌକୀ ବକ୍ଷ ବିସ୍ତାର କରି ଡାକୁଅଛି– ‘‘ଆସ, ଶୋଇପଡ଼’’ । ଖଣ୍ଡିଏ ଝୁଲିବପାଇଁ ଆରାମୀଚୌକୀ ସେହି ଘର ମଧ୍ୟରେ ରଖାହୋଇଅଛି । ତହିଁରେ ଡେପୁଟୀବାବୁ ସମୟ ୨ରେ ବସି ଅବୋଧ ଶିଶୁପ୍ରାୟ ଝୁଲନ୍ତି । ଗଦିରେ ମୋଡ଼ା ହୋଇ ଖଣ୍ଡେ ସୋଫା ମଧ୍ୟ ଥୁଆ ହୋଇଅଛି; ଏଥିରେ ଶୋଇଲେ ପୁଣି ଗଦିଟା ନାଚିଉଠେ, ସ୍ପିରିଟ୍ ନା ସ୍ପିରିଂ କଣ ତହିଁରେ ଅଛି । ଆହୁରି ମୁଣ୍ଡଫୁଣ୍ଡ କେତେ କଣ ଅଛି ଯେ ତାହାର ସଂଖ୍ୟା ନାହିଁ । କାନ୍ଥ ଦେହରେ କେତେ ସାହେବ ମେମ୍‌ର ଛବି ଲଗାହୋଇଅଛି; କିନ୍ତୁ ଦେଶୀୟ ଶିଳ୍ପବିଦ୍ୟାଳୟର ଛାତ୍ରମାନଙ୍କ ଅଙ୍କିତ ଦେବଦେବୀର ପ୍ରତିମୂର୍ତ୍ତି ଖଣ୍ଡିଏ ସୁଦ୍ଧା ନାହିଁ । ଅର୍ଦ୍ଧବସନାବୃତା ଦିଓଟି ଗୋଟିଏ ସ୍ତ୍ରୀଲୋକର ଛବି ଦୋଦୁଲ୍ୟମାନ ଥାଇ ରୁଚିର ପାରିପାଟ୍ୟ ପ୍ରମାଣ କରୁଅଛି ।

ଏହି ଗୃହ ମଧ୍ୟରେ ଅଶୀତିବର୍ଷୀୟ ଜଣେ ବୃଦ୍ଧ ଉପବିଷ୍ଟ ଅଛନ୍ତି । ବୃଦ୍ଧର କେଶ ଏକ ୨ ଗୋଟି ରୌପ୍ୟନିର୍ମିତ ତାର ପ୍ରାୟ ଦିଶୁଅଛି; ଗାଲର ଉପରିସ୍ଥିତ ଚମଡ଼ା ମୋଡ଼ି ୨ ହୋଇ ଯାଇଅଛି; ଓଷ୍ଠ ଭିତରକୁ ପଶିଯାଇ ଦନ୍ତାଭାବର ପ୍ରମାଣ ଦେଉଅଛି । ବୃଦ୍ଧର ପରିଧାନ ନଅହାତୀ ଥାନଫଡା; ସୁତରାଂ ଆଣ୍ଠୁର ତଳ ଅନାବୃତ ରହିଅଛି । ଗାତ୍ରରେ ଦେଢ଼ଗଜ ମଲ ୨ର ଚଦର ଆଲମ୍ବିତ, ଏଣୁକରି ବକ୍ଷସ୍ଥଳ ଏବଂ ପୃଷ୍ଠଭାଗ ଭିନ୍ନ ଆଉ ସମସ୍ତ ଆବୃତ ରହିଅଛି । ବୃଦ୍ଧ ସେକାଳର ଲୋକ; ସେ ଘରତଳେ ଯେଉଁ ସପ ବିଛା ହୋଇଥିଲା ତାହା ଉପରେ ଚକା ପକାଇ ବସି ଝୁଲିଟିଏ ହସ୍ତରେ ଘେନି ହରିନାମ ଜପ କରୁଅଛି ଏବଂ ସମୟ ୨ରେ ଅଳସ ଭାଙ୍ଗୁଅଛି । କହ ଦେଖି, ଏ କିଏ ? ତୁମ୍ଭେମାନେ ମନେକରିପାର ଏ ବାବୁଙ୍କର କୌଣସି ଅଳ୍ପବେତନଭୋଗୀ ପୁରୁଣା ଚାକର; କିନ୍ତୁ ତାହା ନୁହେ; ବାସ୍ତବରେ ଏ ଡେପୁଟୀ ବାବୁଙ୍କର ଜନ୍ମଦାତା ପିତା ଅଟନ୍ତି !

ବେଳ ଅନ୍ଦାଜ ଘଡ଼ିଏ ଅଛି ଏମନ୍ତ ସମୟରେ ଗୃହମଧ୍ୟକୁ ଦୁଇଜଣ ପଶି ଅଇଲେ, ତହିଁ ମଧ୍ୟରୁ ଜଣେ ହ୍ୟାଟ୍‌କୋଟ୍ ପତଲୋନ ପିନ୍ଧା କଳା ସାହେବ, ଅପର ଜଣକ ଶାନ୍ତିପୁରୀ

ପତଲା ଧୋତି, କମିଜ, ଚଦର ଏବଂ ମୋଜାପିନ୍ଧାବାବୁ । ଦୁହିଁଙ୍କ ହାତରେ ଛଡ଼ି, ନାକରେ ଚଷମା ଏବଂ ମୁଖରେ ମୁଛଦାଢ଼ୀ ଓ ଚୁରଟ ଶୋଭା ପାଉଅଛି । ଦୁହେଁଯାକ ଅଙ୍ଗରେଜୀ ଯୋତା ସମେତ ମଚ୍‌ମଚ୍ କରି ସପ ଉପରକୁ ଚଢ଼ି ଆସିଲେ । କଳା ସାହେବ ଦକ୍ଷିଣ ହସ୍ତର ଦିଓଟି ଅଙ୍ଗୁଳି ମଧ୍ୟରେ ଚୁରଟ ଧାରଣ କରି ବିକୃତସ୍ୱରରେ ବୃଦ୍ଧଙ୍କୁ ପଚାରିଲେ – ''ଏଇ ଟୋମରା ବାବୁ କାହାଁ ?'' ବୁଢ଼ା ବିଚାରାତ ଭାବି ୨ ଅସ୍ଥିର – ''ମୋହର ପୁଣି ବାବୁ କିଏ, କାହାକୁ ଖୋଜୁଚି ?'' କିଛିକାଳ ଉତ୍ତାରେ ସେ କମ୍ପିତସ୍ୱରରେ ଉତ୍ତର ଦେଲା – ''ତୁମ୍ଭେମାନେ କାହାକୁ ଖୋଜୁଚ ? ହରିକୁ ? ସେ ଆର ଘରେ ଅଛି'' (ହସ୍ତନିର୍ଦ୍ଦେଶ) । ଆଗନ୍ତୁକ ମହୋଦୟମାନେ କ୍ରୋଧରେ ଏକାବେଳକେ ଉତ୍ତପ୍ତ ହୋଇ ଉଠିଲେ । ବୃଦ୍ଧ ଘର ଦେଖାଇ ଦେଇ ତୁନି ହୋଇ ବସିଲା – ଖବର ଦେବାକୁ ଦୌଡ଼ିଗଲା ନାହିଁ ! ପୁଣି ଜଣେ ଡେପୁଟୀ ବାବୁଙ୍କୁ 'ହରି' ବୋଲି ସମ୍ବୋଧନ କଲା ! ବୃଦ୍ଧର ଏହି ତ୍ରୁଟି ନିମନ୍ତେ ହୁଏତ ବେତ୍ରାଘାତ ପର୍ଯ୍ୟନ୍ତ ହୁଅନ୍ତା; କିନ୍ତୁ ସୌଭାଗ୍ୟବଶତଃ ଠିକ୍ ସେହି ସମୟରେ ହରିବାବୁ ପରଦା ଟେକି ବୈଠକଖାନା ଗୃହ ମଧ୍ୟରେ ପ୍ରବିଷ୍ଟ ହେଲେ । ହରିବାବୁଙ୍କ ପରିଧାନ ନୀଳା ପତଲୋନ, (ବଜନିସ ଯେପରି ମୋଲ୍ଲା ସାହେବମାନେ ପିନ୍ଧନ୍ତି) ଦେହରେ ନୀଳା ଅସ୍ତରଣ, ଗୋଡ଼ରେ ମଉଜା ଓ ଥୋକ ନଗଦ ଟ.୨୫ଙ୍କାର ଚୀନ–ପ୍ରସ୍ତୁତ ହଳେ ଚଟିଜୋତା ଏବଂ ନାକରେ ସୁନାର ଚଷମା । ହରିବାବୁ ଆଗନ୍ତୁକ ବନ୍ଧୁମାନଙ୍କର କରମର୍ଦ୍ଦନ କଲେ । କଳା ସାହେବ ଆଉ ସମ୍ଭାଳି ନ ହୋଇ ସୋଦ୍‌ବେଗରେ କହିଁ ପକାଇଲେ "Hallo Hari Babu, who is this old fool thus spoiling your matting ?" ଆଚ୍ଛା ହରିବାବୁ ଏହି ବୋକା ବୁଢ଼ାଟା କିଏ; ଏହିପରି ତୁମ୍ଭର ବିଛଣା ସବୁ ନଷ୍ଟ କରୁଛି । ଡେପୁଟୀବାବୁ ଅନାୟାସରେ ନ ଭାବି ନ ଚିନ୍ତି କହି ଦେଲେ "He is an old servant of our family and takes much liberty" ସେ ଜଣେ ପୁରୁଣା ଭୃତ୍ୟ; ଏଣୁକରି ତାହାର ଏତେ ସ୍ୱାଧୀନତା ।

ହରି ବୋଲ, ହରି, ଯେ ଜନ୍ମଦାତା, ଯାହାଙ୍କ ହେତୁରୁ ପୃଥିବୀର ମୁଖ ଦର୍ଶନ ହେଲା, ଯାହାଙ୍କର ଅନୁଗ୍ରହ ବିନା କେଉଁ ଦିନଠାରୁ କାଳର କରାଳ ଗ୍ରାସରେ ପତିତ ହେବାକୁ ହୋଇଥାନ୍ତା, ଯେ ଶିକ୍ଷା ପ୍ରଦାନ କରି ନ ଥିଲେ ହୁଏତ ଉଦରାନ୍ନ ନିମନ୍ତେ ଭିକ୍ଷାବୃତ୍ତି ଅବଲମ୍ବନ କରିବାକୁ ହୁଅନ୍ତା, ସେହି ହତଭାଗ୍ୟ ଜନ୍ମଦାତା ପିତା ପୁଣି ଆଜି ହେଲା କଣ ନା ''ଜଣେ ପୁରୁଣା ଭୃତ୍ୟ'' !! ଧନ୍ୟ ଶିକ୍ଷା ! ଧନ୍ୟ ଉନ୍ନତି !! ଧନ୍ୟ ପାଶ୍ଚାତ୍ୟ ସଭ୍ୟତା !!!

ଅନନ୍ତର ଧୋତି ଚଦର ପିନ୍ଧା ବାବୁଜଣକ କହିଲେ "Tell him go away" ଅର୍ଥାତ୍ ତାକୁ ଏଠାରୁ ଉଠିଯିବାକୁ କହ ! ହରିବାବୁ ଅନାୟାସରେ ପିତାଙ୍କ ଆଡ଼କୁ ମୁଖ

ବୁଲାଇ କହିଲେ "କିଛି ଦରକାର ଅଛି ?" ବୃଦ୍ଧ ବିଚାରା ବ୍ୟସ୍ତସମସ୍ତ ହୋଇ "ନା ବାପା ନା ବାପା" କହୁଁ କହୁଁ ସତ୍ୱରପଦରେ ସେଠାରୁ ଉଠି ପଳାଇଲା । ଡେପୁଟୀବାବୁ ପରିତ୍ରାଣ ପାଇଲେ । ବୃଦ୍ଧକୁ ବାବୁଙ୍କ ପିତା ବୋଲି ଅବା ସେମାନେ ଜାଣିପକାନ୍ତି ଏ ନିମନ୍ତେ ହରିବାବୁ ବଡ଼ ଭୀତ ଥିଲେ ।

କ୍ରମେ ସମସ୍ତେ ଖଣ୍ଡେ ୨ ଚୌକୀ ଟାଣିନେଇ ଉପବେଶନ କଲେ; ଗଳ୍ପ ରହସ୍ୟ ଲାଗିଲା । କିୟତ୍‌କ୍ଷଣ ଉତ୍ତାରୁ ବାବୁ ଡାକିଲେ "ବେହେରା", ଜଣେ 'ଖୋଦାଓନ୍ଦ' କହୁଁ ୨ ହାଜର ହେଲା । ବାବୁ କହିଲେ – "ଗିଲାସ ଓ ବୋତଲ ନେଇ ଆ, ଆଉ ଖୋଦାବକ୍ସକୁ ଖବର ଦେ" ବେହେରା ବିଦାୟ ହେଲା । ସନ୍ଧ୍ୟା ଆଗତ ପ୍ରାୟ; ଅପର ଜଣେ ଭୃତ୍ୟ ଆସି କାନ୍ଥଗାତ୍ରସ୍ଥିତ ବଡ ୨ ଲେମ୍ପମାନଙ୍କରେ ନିଆଁ ଲଗାଇ ଦେଇଗଲା । ଗୃହଟି ଶୁକ୍ଳବସନାବୃତ ପ୍ରାୟ ସୁନ୍ଦର ଦିଶିଲା । ବେହେରା ଦୁଇଗୋଟି ବ୍ରାଣ୍ଡିର ବୋତଲ ଏବଂ ତିନିଟା ଗ୍ଲାସ୍ ଆଣି ମେଜ ଉପରେ ଥୋଇ ଗଲା । ଆଉ ଜଣେ ଚାକର "ଲେମୋନେଡର" କେତେଗୋଟା ବୋତଲ ବଡ଼ ଗୋଟାଏ ତାଡ଼ିଆରେ ପୂରାଇ ବାବୁମାନଙ୍କ ପାର୍ଶ୍ୱରେ ଥୋଇଦେଇ ଗଲା । ଅବିଳମ୍ବରେ 'ଖୋଦାଚଚା' ଦାଢ଼ୀ ହଲାଇ ହଲାଇ ପେଲେଟ ହସ୍ତରେ ଘେନି ଉପସ୍ଥିତ ହେଲେ । ଚଚାଙ୍କର କେତେ ଘର୍ମ ଦାଢ଼ୀରୁ ଝରି ଝରି ପେଲେଟ ନାମକ ଶ୍ୱେତବର୍ଣ୍ଣ ବାସନ ଉପରେ ପଡୁଅଛି । ଚଚାଜି ମେଜ ଉପରେ ପେଲେଟ ଥୋଇ ସେଲାମ ବଜାଇ ଠିଆ ହେଲେ । ବାବୁମାନଙ୍କର କାର୍ଯ୍ୟ ଚାଲିଲା, ରକ୍ତଗଙ୍ଗା ବହିଲା, ଲେମୋନେଡର୍ ବୋତଲ ସବୁ ଫଟ୍ ୨ ଶବ୍ଦ କରିବାକୁ ଲାଗିଲା; ତହିଁ ସଙ୍ଗରେ ପୁଣି ବାବୁମାନଙ୍କର ଅଶ୍ୱବିନିନ୍ଦିତ ହ୍ରେସାରବ ଓ ହୁହୁଙ୍କାର ଧ୍ୱନିରେ ଯୁଦ୍ଧକ୍ଷେତ୍ର ପ୍ରତିଧ୍ୱନିତ ହେବାକୁ ଲାଗିଲା । ଯୁଦ୍ଧାବସାନ ହେଲା ଉତ୍ତାରୁ ଅନେକ ହାସ୍ୟ ପରିହାସ ପରେ ଡେପୁଟୀବାବୁଙ୍କୁ "Three cheers" ଦେଇ ସଭା ଭଙ୍ଗ ହେଲା ।

ରାତ୍ରୀ ଏକପ୍ରହର ଅତୀତ ହୋଇଅଛି । ବାବୁ ଝୁଲି ୨ ଅନ୍ଦରମହଲକୁ ଗମନ କଲେ । ଶଯ୍ୟାଗୃହରେ ପ୍ରବେଶ କରି ଦେଖିଲେ ଯେ ଗୃହିଣୀ ଶୟନ କରିଅଛନ୍ତି । ବାବୁ ଡାକିଲେ, କିନ୍ତୁ କୌଣସି ଉତ୍ତର ପାଇଲେ ନାହିଁ । ପୁଣି ମାନଭଞ୍ଜନର ପାଲା ବିଧିମତେ ଶେଷ ହେଲାରୁ ଗୃହିଣୀ ହାମ୍ପି ୨ କହିଲେ – "ଆଉ ମୁଁ ଏ ଘରେ ରହିବି ନାହିଁ; ତୁମ୍ଭେ ଥାଅ ମୋତେ ବାପଘରକୁ ପଠାଇଦିଅ । ମାଆଲୋ ! ମୁଁ ଢେର ଶାଶୁ ଦେଖିଛି, କିନ୍ତୁ ଏପରି ନିଷ୍ଠୁର ଶାଶୁ ଆଉ ଦେଖିନାହିଁ; କାମଦାମ କରୁ ୨ ପ୍ରାଣ ବାହାରିଯାଉଚି ତେବେସୁଦ୍ଧା ତାଙ୍କ ମନକୁ ଆସୁନାହିଁ ! ଆଜି କଣ ନା ଟିକିଏ ଶୋଇପଡିଥିଲି, ସେଇତିପାଇଁ ଏତେକଥା !" ପ୍ରକୃତରେ ଗୃହିଣୀଙ୍କୁ ଅନେକ କାର୍ଯ୍ୟ କରିବାକୁ ହୁଏ । ଭୋର ଆଠୁଟା ବେଳୁ ଉଠି ସେତଖାନାକୁ ଯିବାକୁ ହୁଏ; ତହିଁ ଉତ୍ତାରୁ ମୁଖହସ୍ତ ପ୍ରକ୍ଷାଳନ କରି କିଞ୍ଚିତ୍

''ଜଳଖିଆ'' କରିବାକୁ ହୁଏ; ପୁଣି ଦଶଟା ନ ବାଜୁଣୁ ସ୍ନାନ କରି ବ୍ରାହ୍ମଣର ପାକ କେବଳ ଅର୍ଦ୍ଧସେର ତଣ୍ଡୁଳର ଅନ୍ନ ଉଦରସାତ କରିବାକୁ ହୁଏ । ଏଥି ଉତ୍ତାରୁ ବିଛଣାକୁ ଯାଇ ପାଏ ଘଣ୍ଟା ଏଗାରଟାରୁ ପାଞ୍ଚଟା ପର୍ଯ୍ୟନ୍ତ ନିଦ୍ରା ଯିବାକୁ ହୁଏ । ବାପରେ ବାପ, ଏତେ କାମ କଣ ଜଣେ କରିପାରେ !! ଆଜି ଶୋଇଁ ୨ ପାଞ୍ଚଟା ବାଜିଗଲା, ଶାଶୁ ଆସି ଗୋଳମାଳ ଆରମ୍ଭ କଲେ, କହିଲେ – ''ମା ! ଉଠ ପାଞ୍ଚଟା ବାଜିଗଲାଣି; ଉଠି ଜଳଖିଆ ସାରି ମୁଣ୍ଡ ବାନ୍ଧ'' ଏତେ ଗାଳିରେ ଗୃହିଣୀଙ୍କର ରାଗ ହେବନାହିଁ ! ଥରେ ? ଶଏଥର ହେବା ଉଚିତ । ଗୃହିଣୀଙ୍କର ଦୁଃଖରେ ବାବୁ ଭାରୀ ଦୁଃଖିତ ହେଲେ ଏବଂ କହିଲେ – ''ତୁମ୍ଭେ ଆଜିକା ରାତିଟା ତୁନିହୋଇ ଥାଅ, କାଲି ମାଙ୍କୁ ବିଦା କରିଦେବି । ବାପାଙ୍କ ପରିବାର ପ୍ରତିପାଳନର ଭାର ମୁଁ କିପାଁ ବହନ କରିବି ? ବାପା ତାଙ୍କ ପରିବାରକୁ ଯେଉଁଠି ଖୁସି ନେଇଯାନ୍ତୁ ।''

ହରିହରବାବୁ ପ୍ରାତଃକାଳରେ ଗାତ୍ରୋତ୍ଥାନ କରି ପ୍ରତିଜ୍ଞା ପ୍ରତିପାଳନ କଲେ; ପିତାମାତାଙ୍କୁ ଗୃହରୁ ବାହାର କରିଦେଲେ, କିନ୍ତୁ ପୋଡ଼ାମୁହାଁ ପ୍ରତିବେଶୀମାନଙ୍କ ଉତ୍ପୀଡ଼ନରେ ପୁଣି ନଗଦ ଟ.୮୪ ଲେଖାଏଁ ମାତାଙ୍କର ଗର୍ଭର ଭଡ଼ା ଦେବାକୁ ପଡିଲା ।

ଏପରି ଦିପୋଟୀରତ୍ନ ଭାରତରେ କମି ନାହାନ୍ତି । ଏବେ କିଏ ଅସ୍ୱୀକାର କରିବ ଯେ ଭାରତ ଉନ୍ନତି ସୋପାନରେ ଉତ୍ଥିତ ହେଉନାହିଁ ? ଏହାହିଁ ଭାରତ ଉନ୍ନତିର ପଞ୍ଚମ ସୋପାନ ।

---

## ଅନାଥିନୀ ।

## ପଞ୍ଚମ ପରିଚ୍ଛେଦ । ନିଦାନସଂବାଦ ।

ଅନାଥିନୀ ବାଳିକା ଏବଂ ଦୁଃଖଜାଳକର୍ତ୍ତୃକ ଈଷତ୍ ପରିମାର୍ଜିତା କାର୍ଯ୍ୟାକାର୍ଯ୍ୟବୁଦ୍ଧିବିଶିଷ୍ଟା ହେଲେହେଁ ସାମାନ୍ୟ ବାଳିକା ପ୍ରାୟ କ୍ରନ୍ଦନ କଲେ । ଦିଗବିଦିଗ ଅନ୍ଧକାର ଏବଂ ନିର୍ଭରସାପୂର୍ଣ୍ଣ– ଭରସା ଥିଲେହେଁ ତାହା ଦେବାକୁ କେହି ନାହିଁ । ଅନାଥିନୀ ମନେକଲେ ଭରସା ତ ଯିବ ମାତ୍ର ଯେତେବେଳେଯାଏ ସମ୍ପୂର୍ଣ୍ଣରୂପେ ଯାଇନାହିଁ ତେତେବେଳଯାଏ ଭରସା ଛାଡ଼ିବା ଉଚିତ ନୁହଇ । ହତାଶ ଲୋକ ମନରେ ବେଳେ ଯେ ରୂପ ନୈରାଶ୍ୟଭାବବ୍ୟଞ୍ଜକ ଆଶାକୁହକିନୀର କ୍ଷଣକାଳସ୍ଥାୟିନୀ ମାୟା ଉଦିତ ହୁଅଇ ଅନାଥିନୀର ସେହିପରି ଏକ ଭାବ ମନରେ ଉଦିତ ହେଲା । ଅନନ୍ୟୋପାୟା ହୋଇ

ଅଶ୍ରୁସମ୍ବରଣ ପୂର୍ବକ ମାତାଙ୍କୁ ଆଶ୍ୱାସ ଦେଇ କହିଲେ ''ବୋଉ, ସେପରି କାହିଁକି କହୁଅଛୁ । ବୋଉ, ଏପରି ନିରାଟ କଥା ମୁହଁକୁ କାହିଁକି ଆଣୁଅଛୁ । ଭଗବାନ୍ କି ଦେଖୁ ନାହାନ୍ତି । ବୋଉ, ତୁ ଟିକିଏ ଥୟ ହୋଇ ଶୋଇପଡ଼ — ନିଦ ଆସିଲେ ଅନେକ କ୍ଳେଶ ଊଣା ପଡ଼ିଯିବ ।''

ଜନନୀ ଧୀରେ ୨ କ୍ଷୀଣସ୍ୱରେ କହିଲେ ''ଅନି, ତୋର କପାଳ ! ମନେ କରିଥିଲି ତୋତେ ବିଭା ଦେଇ ଜୁଆଇଁମୁଖ ଦର୍ଶନ କରି ଏ ପାପସଂସାରରୁ ବିଦାୟ ଘେନିବି, ପୋଡ଼ା ଯମ ତାହା କରିଦେଲା ନାହିଁ । ଅନି, ମୁଁ ଏଥର ଆଖିବୁଜିଲେ ତୋର ସଂସାର ଏକାବେଳକେ ଅନ୍ଧକାର ହୋଇଯିବ । ତୁ କାନ୍ଦ ନା । ଭଗବାନ୍ ଅଛନ୍ତି ।— ଅନି, ମୁଁ ମଲେ ତୁ କାନ୍ଦିବୁ ନାହିଁଟି ?''

ଅନା ।— ପୁଣି ସେ କଥା କାହିଁକି ?— ତୁ ଥୟ ହୋଇ ଶୋଇପଡ଼ ।

ଜନ ।— ତୁ କାନ୍ଦିବୁ ନାହିଁ ! ମୁଁ ତୋତେ ଗର୍ଭରେ ଧରି ଜନ୍ମ କରିଥିଲି ସିନା ତୋର ଆହୁରି ଅନେକ ବୋଉ ଅଛନ୍ତି । ତାଙ୍କରିଠାରେ ଚିତ୍ତ ସମର୍ପଣ କରି ଦିନପାତ କରିବୁ । ମୋତେ ମନେକରିବୁ କ୍ଷତି ନାହିଁ । କାନ୍ଦିବୁ ନାହିଁଟି !

ଅନା ।— ମୁଁ କିଛି ଜାଣେ ନାହିଁ — ମୁଁ କିଛି କହିପାରୁନାହିଁ । ବୋଉ, ମୋ ମନ ଘାଣ୍ଟି ହେଉଛି ।

ଜନ ।— ତୋର କେତେ ବୋଉ ଅଛନ୍ତି । ବିକଳ ହେବୁନାହିଁ, କାନ୍ଦିବୁ ନାହିଁ । ଆଜନ୍ମକାଳରୁ ତୁ କୃଷ୍ଣଭକ୍ତ । ତୋର ଚିନ୍ତା ନାହିଁ । ଅନି, ତୁ ଯେଉଁ ରାଧାକୃଷ୍ଣର ସେବା କରୁ ତୋର ସେ ରାଧାକୃଷ୍ଣ ପ୍ରକୃତି ଓ ପୁରୁଷ ଭିନ୍ନ ଆଉ କେହି ନୁହନ୍ତି । ତୋର ଶ୍ରୀକୃଷ୍ଣ ଭଗବାନ୍, ତୋର ରାଧିକା ଚରାଚରବ୍ୟାପିନୀ ପ୍ରକୃତିଦେବୀ । ସଂସାର କେବଳ ସେହି ପ୍ରକୃତି-ପୁରୁଷ-ପ୍ରେମମୟ । ପ୍ରକୃତି ଓ ପୁରୁଷ ଏକ ପୁଣି ପ୍ରକୃତି ପୁରୁଷଙ୍କଠାରେ ଏବଂ ପୁରୁଷ ପ୍ରକୃତିଠାରେ ଅନବଚ୍ଛିନ୍ନ ପ୍ରେମାଲିଙ୍ଗନରେ ସଂଶ୍ଳିଷ୍ଟ ଅଛନ୍ତି । ତୋର ବୋଉ ସେହି ପ୍ରକୃତି— ତୁ ପ୍ରକୃତିଦେବୀଙ୍କି ଅନାଇ ଦିନପାତ କରିବୁ । ତୋର ମାତା ସେହି ଅନନ୍ତରୂପୀ ପୁରୁଷ— ତୁ ତାଙ୍କରି ଇଚ୍ଛାମତେ ଦିନପାତ କରିବୁ । ଆହା ! ତୋତେ ବିକଳ ଦେଖିଲେ ମୋର ଛାତି ଫାଟିଯାଏ ! ଅନି, କାନ୍ଦିଲେ ବେହାଲ ହୋଇଯିବୁ, ମାତ୍ର ହଜିଲା ଧନ ଖୋଜି ପାଇବୁ ନାହିଁ ।

ଅନା ।— ବୋଉ, କି କଥାଗୁଡ଼ାକ କହୁଚୁ । ବୋଉ, ମୋ ମନ ଘାଣ୍ଟିହେଉଚି ବୋଉ ତୁ ଗଲେ ମୁଁ ଥାଇଁ କି କରିବି । ବୋଉ, ମୋତେ ସାଙ୍ଗେ ସାଙ୍ଗେ ଘେନି ଯା । ବୋଉ, ମୋର କେହି ନାହିଁ ।

ଜନ । — ଅନି, ଚିରକାଳ ମୋ କଥା ଶୁଣିଆସୁଚୁ । ଏତେବେଳେ କି ମୋ କଥା ଶୁଣିବୁ ନାହିଁ । ମୁଁ ଯେଉଁ ପୁରୀକି ଯାଉଚି ସେଠାକୁ କେହି ଇଚ୍ଛା କଲେ ଯାଇ ନପାରେ । ଯାହାର ଯିବାର ସମୟ ଉପସ୍ଥିତ ସେ ଇଚ୍ଛା କଲେ ରହି ନପାରେ । ଅନି, ତୁ ମୋର ସର୍ବସ୍ୱ । ଅନି, ତୋର ମୁହଁ ଦେଖି ମୁଁ ଏତେଦିନ ବଞ୍ଚିଥିଲି । ଯେ ତୋତେ ଦଣ୍ଡେ ନ ଦେଖିଲେ ବାୟାଣି ହେଇ ଯାଉଥିଲା, ଅନି, ସେ କି ଇଚ୍ଛା କରି ତୋତେ ଛାଡ଼ି ଯାଉଚି ? ଭଗବାନ୍‌ଙ୍କର ଇଚ୍ଛା ହେଲା ତୋର ସର୍ବସ୍ୱ ଯିବ— ତୋର ବୋଉ ଯିବ ତୁ ରହିବୁ ! ଅନି, କାନ୍ଦିବୁ ନାହିଁ । ଭଗବାନଙ୍କୁ ସବୁବେଳେ ଡାକିବୁ । ତୋର ବୋଉକୁ ଡାକି ତାଙ୍କର ପରାମର୍ଶ ଘେନି ଗର୍ଭଧାରିଣୀକି ମୁଠାଏ ପିଣ୍ଡ ଦେବୁ ।

ଅନା । — ବୋଉ, ତୁ ତୁନି ହୋ । ଆଉ ସେକଥାଗୁଡ଼ାକ କହନାହିଁ । ମୁଁ ତୋତେ ଛାଡିବି ନାହିଁ । ମୋ ମନ କେମିତି ହଉଚି !

ଜନ । — ମା ମୋର, ଅନି, ମୋର ଲକ୍ଷ୍ମୀଟି, ତୁ ଥୟ ହବୁ, କାନ୍ଦିବୁ ନାହିଁ । ଯାହାର ତିନିସେର ଥାଏ ସେ ସେରେ ଖର୍ଚ୍ଚ କରି ଆଉ ଦିସେର ବଳରେ ଜୀବନ ଧରି ରହେ । ଅନି, ତୋର ଗୋଟାଏ ବୋଉ ସିନା ଯିବ, ତୁ ଆଉ ବୋଉ ଦେଖି ଜୀବନ ଧରିଥିବୁ, ମୁଁ ସିନା ତୋତେ ଗର୍ଭରେ ଧରିଥିଲି, ତୁ ଯାହାର ଆଞ୍ଚାରେ ଆସିଚୁ ତାକୁ ଦେଖି ଜୀବନ ଧରିବୁ । ଅନି, ଲକ୍ଷ୍ମୀ ମୋର, କାନ୍ଦନା ।

ଅନା । — (ଅତି ରୋଦନ କରି) ତୁ କାହିଁକି କାନ୍ଦୁଚୁ ?

ଜନ । — ନାହିଁ ମୁଁ କାନ୍ଦି ନାହିଁ । ଆଖିରୁ କାହିଁକି ପାଣି ବୋହିଗଲା ! — ଅନି, ତୁ ଖାଇଲୁଣି ?

ଅନା । — ମୋ ଦିହ କିପରି ହେଲା — ଭାତ ରୁଚିଲା ନାହିଁ ।

ଜନ । — ଖାଇଲୁ ନାହିଁ । କାହିଁକି ଖାଇଲୁ ନାହିଁ । ମନରେ ଦୁଃଖ କରିଚୁ କି । ଅନି, ଯା କଲେ ଦିହ ରହିବ ନାହିଁ । ଭାତ ନ ଖାଇଲେ ତୋର ଦଶା କି ହେବ । ଅନି, ମୁଁ ସିନା ତୋର ଖାଇବାର ଦେଖିଥିଲି । ଏବେ ତୋର ଆର ବୋଉମାନେ ଦେଖିବେ । ତୁ ଖାଇବୁଟିକି । କାନ୍ଦିବୁ ନାହିଁ, ଦୁଃଖ କରିବୁ ନାହିଁ । ତୋର ଆରବୋଉଙ୍କୁ ଦେଖି ମୁଁ ଅଛି ବୋଲି ମନେକରିବୁ । ବିକଳ ହେବୁନାହିଁଟି ।

ଅନା । — ବୋଉ, ରାଧାକୃଷ୍ଣ ତ ସମସ୍ତଙ୍କର । ବୋଉ, ତାଙ୍କୁ ଦେଖି ସମସ୍ତେ ଜୀବନ ଧରନ୍ତି । ସେ ତ ସଦାବେଳେ ଅଛନ୍ତି । ମୋର ଯେତେବେଳେ ଯେ ଅବସ୍ଥା

ହେବ ସେ ତ ଦେଖୁଛନ୍ତି ଦେଖିବେ । ବୋଉ, ତୁ ଗଲେ ମୁଁ କାହାପାଖେ ରହିବି !

ଜନ ।— ତାଙ୍କରି ପାଖରେ ରହିବୁ । ଅନି, ତୁ ବାୟାଣି । ଅନି, ତୁ ବିକଳ ହୋ ନା । ସଂସାର ପ୍ରକୃତିପୁରୁଷର ମାୟା । ସଂସାର ତାଙ୍କର କ୍ରୋଡ଼ଗତ । ଅନି, ତୁ ତାଙ୍କରି କୋଡ଼ରେ ରହି ମୋତେ ଭୁଲୁଥିବୁ ।

ଅନା ।— ତୋତେ ଭୁଲୁଥିବି— ମୁଁ ତୋତେ କିପରି ଭୁଲିବି । ବୋଉ, ତୁ ଯାନା । ବୋଉ, ତୁ ଶୋଇପଡ଼ । ବୋଉ, ମୋ ମନ ଘାଣ୍ଟିହେଉଛି ।

ଜନ ।— ଅନି, ବାୟାଣିଟା । ଅନି, ତୁ ଯାଙ୍କ କୋଡ଼ରେ ଅଛୁ ସେ ଜାଣନ୍ତି ତୋତେ କିପରି ପ୍ରତିପାଳନ କରିବାକୁ ହେବ । ସେ ତୋତେ ନିଭେଇ ନେବେ । ଅନି, ତାଙ୍କରି ପ୍ରତିପାଳନରେ ତୁ ମୋତେ ଭୁଲିପାରିବୁ । ଅନି, କେବଳ ସମୟ ସମୟରେ ମୋତେ ସ୍ମରଣ କରି ମୁଠାଏ ପିଣ୍ଡ ଦେଉଥିବୁ ।

ଅନା ।— ସେ କି କଥା । ବୋଉ, ତୁ ନିଷ୍ଠୁର ହେଇଯାଉଚୁ କାହିଁକି ?

ଜନ ।— ବାୟାଣିଟା । ଆଜିଯାଏ ସଂସାରର କଥା କିଛି ବୁଝିଲୁ ନାହିଁ । ଅନି, ଏ ସଂସାର ତୋର ରାଧାକୃଷ୍ଣଙ୍କର ମାୟା ଖେଳା— ଭଗବାନ୍‌ଙ୍କର ମାୟାରୂପୀ କ୍ରୀଡାଭୂମି । ଏ ତୋର ଈଶ୍ୱରଙ୍କର ଅପୂର୍ବ ମାୟାସ୍ୱରୂପ ରଙ୍ଗସ୍ଥଳ । ଅନି, ମୁଁ ତୋତେ କେବଳ ଗର୍ଭରେ ଧରିଥିଲି ସିନା, ସେହିହେତୁରୁ ତୁ ମୋତେ ବୋଉ ବୋଲି ଡାକୁଚୁ, ମୁଁ ତୋତେ ଝିଅ ବୋଲି ଜାଣୁଚି । ଅନି, ଏ ସଂସାରରେ କିଏ କାହାର ବୋଉ, କିଏ କାହାର ଝିଅ ? ଯେ ଯେଉଁଠାରୁ ଆସିଚି ତାକୁ ସେହିଠାକୁ ଯିବାକୁ ପଡ଼ିବ । ଏ ସଂସାରରେ କେହି କାହାରି ନୁହନ୍ତି ।

ଅନା ।— ବୋଉ, ତୁ ତୁନି ହୋ । ତୁ ଏପରି ନିଷ୍ଠୁର କଥା କାହିଁକି କହୁଚୁ । ତୁ ମମତା ଛଡ଼ା କଥା କହନା ।

ଜନ ।— ଅନି, ତୁ ବୁଝିବୁ ନାହିଁ । ସଂସାର ଏହିପରି । ଆଜି ତୋର ବୋଉ ଅଛି, ତୁ କହୁଚୁ ବୋଉକୁ ନ ଦେଖିଲେ ମୁଁ କିପରି ରହିବି । ଅନି, ସଂସାରରୁ ଏପରି ହେଇ କେତେ ଗଲେଣି । କିଏ କାହାପାଇଁ ଯାଇଚି । ଥିଲେ ଲୋକେ କହୁଥାନ୍ତି ମୋର ମୋର, ଆଉ ଗଲେ ? ଅନି, ତୁ ପିଲାଲୋକ । ଅରଣ୍ୟମୟ ସଂସାର କଥା ତୋତେ ଏହିକ୍ଷଣି ଜଣାଯାଇ ନାହିଁ । ଅନି, ଏଠି ସମସ୍ତେ କହନ୍ତି ଏ ମୋର, ସେ ମୋର, ମାତ୍ର ଅନି, ଏଠି କେହି କାହାରି ନୁହନ୍ତି ।

ଅନା ।— ତୁ ତୁନି ହୋ — କାହିଁକି ବାୟାଣିପରି ଏତେଗୁଡ଼ାଏ ବକୁଚୁ । ମୁଁ ଆଉ ପାରିବି ନାହିଁ ।

ଜନ । — ତୁ ବୁଝିପାରିଲୁ ନାହିଁ । ହଉ, ବେଳେ ବୁଝିବୁ ସିନା । ଅନି, ତୁ ସତର୍କ ଥିବୁ, ଥୟ ହେବୁ । କାନ୍ଦିବୁ ନାହିଁ । ଅନି, ବୋଉ ବୋଲି କେତେଲୋକଙ୍କୁ ଡାକି ପାରିବୁ । ମନରେ ଖେଦ କଲେ ଦିହ ଶୁଖିଯିବ । ଅନି, ମୋର ଯିବାର ସମୟ ଉପସ୍ଥିତ ହେଲା । ମୋତେ ଘେନି ଯିବାକୁ ସମସ୍ତେ ଆସିଲେଣି । ଏହି ଦେଖ, ଅନି, ଅନି, ତୁ ସତର୍କ ଥିବୁ — ଥୟ ହେବୁ — କାନ୍ଦିବୁ ନାହିଁ — ଓଃ—ଅନି, ତୋର ଭଗବା—

ଆଉ ବାକ୍ୟସ୍ଫୂର୍ତ୍ତି ହେଲା ନାହିଁ । ନିଦାନ କାଳ ଉପସ୍ଥିତ । ଏତେବେଳେ ମର୍ତ୍ତ୍ୟପୁରୀ ଛାଡ଼ି ମନଃକ୍ଷେତ୍ରରେ ସେ ପୁରୀର କଥା ଉଦୟ ହୁଅଇ । ସୁତରାଂ ନାନାପ୍ରକାର ଛନ୍ଦଯୁକ୍ତ କଥାମାନ ପ୍ରକାଶ ହୋଇପଡ଼େ ଯାହାକୁ କି ଆମ୍ଭେମାନେ ସହଜ ଭାଷାରେ ପ୍ରଳାପ ବୋଲିଥାଉଁ । ସେ ଅବସ୍ଥା ଗତ ହେଲା । ଆଉ ବାକ୍ୟ ସ୍ଫୁରିଲା ନାହିଁ; ଜିହ୍ୱା ଚଳିଲା ନାହିଁ; ହସ୍ତ ପଦ ଶୀତଳ ହେଇଗଲା; କଣ୍ଠରେ କଫ ମାଡ଼ିବସିବାରୁ ଘଡ ୨ ଶବ୍ଦରେ ପୂର୍ଣ୍ଣ ହୋଇଆସିଲା; ସାଧାରଣ ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇ ଊର୍ଦ୍ଧ୍ୱଶ୍ୱାସ ଉପସ୍ଥିତ ହେଲା ଏବଂ ଅନାଥିନୀର ହୃଦୟ ଅପରିସୀମ ଦୁଃଖଭାରରେ ଅବନତ ହୋଇ ପାଗଳଙ୍କ ପ୍ରାୟ ମସ୍ତକ ଭ୍ରମାଇ ଦେଲା ।

କି ଆଶ୍ଚର୍ଯ୍ୟ ! ପୃଥିବୀରେ କି ଜୀବିତକାଳ ଏହିରୂପେ ନିଃଶେଷ ହୁଏ ? ଯେଉଁ ପ୍ରାଣୀ ଅତି ଅଳ୍ପକାଳ ପୂର୍ବରେ ଚୈତନ୍ୟବାନ୍ ଲୋକପ୍ରାୟ କେତେ ଜ୍ଞାନପୂର୍ଣ୍ଣ କଥାମାନ କହିବାକୁ ସକ୍ଷମ ହୋଇଥିଲା ତାହାର କି ଅନ୍ତିମ ଏହିପରି ? ନା ଏହା ଜଗତର ରୀତି ? ଦୀପ ନିବିଲା ପୂର୍ବରେ ଯେରୂପ ଟିକିଏ ତେଜୋବନ୍ତ ହୋଇ ଜ୍ୱଳିଉଠେ ଲୋକର କି ଠିକ ସେହିରୂପ ଦଶା ଘଟିଥାଏ ? ଜଗତର କି ନିୟମ ସର୍ବତ୍ର ଏହିରୂପ ? ଯେ ଯେଉଁ ବାଟରେ ଜଗତରେ ଜୀବନ ଯାପନ କରିଥିବ ଅନ୍ତକାଳକୁ କି ସେହି ବାଟରେ ଆପଣାର ଅତୁଳ ଜ୍ଞାନକ୍ରିୟା ଲୋକରେ ପ୍ରକାଶ କରି ଯିବ ? ଯେ ସତ୍‌ଶିକ୍ଷା ଲାଭ କରିଥାଏ ସେ କି ସତ୍‌ଶିକ୍ଷା ଦେଇ ଜୀବନ ସମାପନ କରଇ ? ଯେ ଭଗବାନ୍‌ଙ୍କଠାରେ ଅଖଣ୍ଡ ଭକ୍ତି ରଖିଥାଏ ସେ କି ଭଗବାନ୍‌ଙ୍କର ନାମ ଘେନି ପୃଥ୍ୱୀରୁ ବିଦାୟ ହୁଅଇ ? ଯେ ପାଶକ୍ରୀଡାରେ ପ୍ରମତ୍ତ ଥାଏ ସେ କି ପାଶକ୍ରୀଡା ଦେଖାଇ ଜୀବନ ଶେଷ କରେ ? ଯେ ଅଶେଷ ଦୁଷ୍କ୍ରିୟାରେ ଲିପ୍ତ ଥାଏ ସେ କି ନରକଯନ୍ତ୍ରଣାର ଏକଶେଷ ପ୍ରଦର୍ଶାଇ ମାନବଲୀଳା ସମ୍ବରଣ କରଇ ?

ଏତେ କଥାରୁ କି ହେବ ? ଅନାଥିନୀ, ତୁମ୍ଭର ପୁଣ୍ୟମୟୀ ଗୁଣବତୀ ଜନନୀ ଯେଉଁ ସଦ୍‌ଜ୍ଞାନ ଶିକ୍ଷା ଦେଲେ ତାହା ସ୍ମରଣ କରି ଇହଜୀବନ ଚଳାଇ ପାରିବଟିକି ? ଯେତେବେଳେ ସମୁଦାୟ ସଂସାର ଅନ୍ଧକାରମୟ ଦେଖାଯିବ ତେତେବେଳେ ଏହାଦ୍ୱାରା ଆଲୋକ ପାଇବଟିକି ? — କିଏ ଏ ପ୍ରଶ୍ନର ଉତ୍ତର ଦେବ ? ଅନାଥିନୀ କି ଆଉ ସେ

ଅନାଥିନୀ ଅଛନ୍ତି ? ବର୍ତ୍ତମାନ ଯାନ ବୁଡ଼ିବାର ସମୟ । ଯେଉଁ ଯାନ ଭୀଷଣ ତରଙ୍ଗାଘାତରେ ଦୋଳାୟମାନ ହୋଇ ବୁଡ଼ିବ ୨ ବୋଲି ମହାଭୟ ଜାତ କରାଉ ଥିଲା ତାହାର ବୁଡ଼ିବାର ସମୟ ହୋଇଅଛି; ଯେଉଁ ପ୍ରବଳ ଝଟିକା ଉତ୍‌ଥିତ ହୋଇ ଯାନ ବୁଡ଼ାଇଦେବ ବୋଲି ଭୟାବହ ଚିନ୍ତା ଜନ୍ମାଇ ଥିଲା ତାହା ବର୍ତ୍ତମାନ ଘୋରତରରୂପେ ଉପସ୍ଥିତ ହୋଇଅଛି । ଅରଣ୍ୟମୟ ସଂସାର ଆହୁରି ଅରଣ୍ୟମୟ ବୋଲି ବୋଧ ହେଲା । ଅନ୍ଧକାରମୟ ଚତୁର୍ଦ୍ଦିକ ଅଧିକେ ଅନ୍ଧକାର ଦିଶିଲା । କ୍ଷଣକେ କିଏ ଶିଖାଇଦେଲା ପ୍ରାୟ ସଂସାରର ଅସାରତା ଅଲକ୍ଷିତଭାବେ ହୃଦୟଙ୍ଗମ ହେଲା । ଅନାଥିନୀ ଦେଖୁଅଛନ୍ତି ଏ କାଣ୍ଡର ପରିମାଣ କି ହେବ । ଦେଖୁଁ ୨ ଘଡ଼ ୨ ଶବ୍ଦ ବନ୍ଦ ହେଲା; ଜନନୀ ଥରେ ଊର୍ଦ୍ଧ୍ୱକୁ ଦୃଷ୍ଟି କଲେ;— ତତ୍‌କ୍ଷଣାତ୍ ଅଙ୍ଗପ୍ରତ୍ୟଙ୍ଗ ଏକାବେଳକେ ଶୀତଳ ହୋଇ କାଷ୍ଠବତ୍ ପରିଦୃଶ୍ୟମାନ ହେଲା; ଊର୍ଦ୍ଧ୍ୱଶ୍ୱାସ ବନ୍ଦ ହୋଇ ଆସିଲା; ହଠାତ୍ କଣ୍ଠଦେଶରେ ଘଡ୍ ହୋଇ ଏକ ଶବ୍ଦ ଶ୍ରୁତ ହେଲା ଏବଂ ଚକ୍ଷୁଦ୍ୱୟ ନିମୀଳିତ ହୋଇଗଲା !— ପାଷାଣମୂର୍ତ୍ତି ଅନାଥିନୀ 'ବୋଉ ତୁ କୁଆଡ଼େ' ବୋଲି ଉଚ୍ଚୈଃଶ୍ୱରେ ଡାକ ଦେଇ ସବେଗେ ମୂର୍ଚ୍ଛାଗତା ହୋଇ ଢଳି ପଡ଼ିଲେ !!

---

## ଆକାଶ ପ୍ରତି ।

ଅନନ୍ତ ଅପାର ତୁହି    ରେ ମହା ଆକାଶ,
ପୃଥିବୀର କୀଟ ମୁହିଁ    କ୍ଷୁଦ୍ରବୁଦ୍ଧି ନର ।
କି ମହାନ କି ଗମ୍ଭୀର    ତୋହର ପ୍ରକାଶ,
ଭାବିଲେ ସ୍ତବଧ ଚିତ୍ତ    ହୁଅଇ ମୋହର ।। ୧
ନ ଥିଲା ରେ ଯେତେବେଳେ    ବିଚିତ୍ର ଭୁବନ,
ନ ଥିଲା ଏ ସୂର୍ଯ୍ୟଚନ୍ଦ୍ର    ଗ୍ରହ ତାରାବଳୀ ।
ନ ଥିଲା ଧରଣୀ ଏହି    ଭୂତନିକେତନ,
ଅନନ୍ତ ଅନ୍ଧାରେ ପୂର୍ଣ୍ଣ    ଥିଲା ସର୍ବସ୍ଥଳୀ ।। ୨
ଅନନ୍ତ ନିବିଡ଼ ଘୋର    ଅନ୍ଧକାରମୟ
ଥିଲା ବିଶ୍ୱରୂପ-ରେଖା—    ଶୂନ୍ୟ ନିରାକାର ।
ନିସ୍ତରଙ୍ଗ ଥିଲା ଯେବେ    ଅନନ୍ତ ସମୟ,
ଘଟନାବିହୀନ ଘୋର    କାଳପାରାବାର ।। ୩

ନଥିଲା ଯେ କାଳେ ସୃଷ୍ଟି — ଲୀଳା ଜଗତର,
କେବଳ ଜାଗ୍ରତ ଥିଲେ ଅନାଦିକାରଣ ।
ଦେଶକାଳାତୀତ ବାକ୍ୟ— ମନ-ଅଗୋଚର
ଅନନ୍ତ ଚୈତନ୍ୟମୟ ବ୍ରହ୍ମ ସନାତନ ॥ ୪
ସେ କାଳରେ ଅବଲମ୍ବି ଅନାଦିକାରଣେ ।
ଅସୀମ ଆକାଶ ! ତୁହି ମହାମହିମାରେ
(ସେ ମହିମା ସ୍ତବ୍ଧ ଚିତ୍ତ ଯାହାର ଚିନ୍ତନେ)
ବିରାଜିତ ଥିଲୁ ବେଢ଼ି ଅନନ୍ତ ଅନ୍ଧାରେ ॥ ୫
ସହସା ପ୍ରଥମ-ଊର୍ମି ମହାକାଳ ନୀରେ
ଖେଳିଲା ଅନନ୍ତ ମହା ମହେଶ-ଆଦେଶେ
ସହସା ପ୍ରକାଶେ ଜ୍ୟୋତି — ଧାରା ତୋ ଶରୀରେ
ଶୁଭ୍ର ମନ୍ଦାକିନୀ ଯଥା ବ୍ୟୋମକେଶ କେଶେ ॥ ୬
ସାକ୍ଷୀ ତୁହି ରେ ଗଗନ ସୃଷ୍ଟି ପ୍ରକ୍ରିୟାର,
ଦେଖିଲୁ କେମନ୍ତେ ଜ୍ୟୋତି ଭେଦି ତମୋରାଶି,
ପ୍ରକାଶିଲା କୋଟି କୋଟି ସୁନ୍ଦର ସଂସାର,
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ତୋ ଦେହେ ବିନ୍ୟାସି ॥ ୭
ପୃଥିବୀ-ଜନତା ତୁହି ଦେଖିଲୁ ଗଗନ,
ଜଳ-ସ୍ଥଳ-ଅଗ୍ନି-ବାୟୁ— ସଂଗ୍ରାମ ଭୈରବ ।
ଦେଖିଲୁ ହିମାଦ୍ରି ଆଦି ଗିରି-ଉନ୍ନମନ,
ଅଚଳଶିଖରୁ ନଦ ନଦୀର ଉଦ୍ଭବ ॥ ୮
ପୁଷ୍ପର ପ୍ରଥମ ହାସ୍ୟ ତୋହରି ଗୋଚର,
ପ୍ରଥମ ଜୀବର ସୃଷ୍ଟି ତୋର ସନ୍ନିଧାନେ,
ସୃଷ୍ଟ ଆଦି-ନର-ନାରୀ ଅଗ୍ରତେ ତୋହର,
ସର୍ବଦର୍ଶୀ ଅଟୁ ତୁହି ବିଧିର ବିଧାନେ ॥ ୯
ଅତୀତର ଇତିହାସ କେ ଜାଣେ ତୋପରି,
ସୁଖଦୁଃଖମୟ ଯେତେ ଘଟନାନିଚୟ
ଘଟିଛି ଜଗତେ, ସବୁ ବିଦିତ ତୋହରି
ତୋ ଅଗ୍ରତେ ରାଜ୍ୟନାଶ, ରାଜ୍ୟ-ଅଭ୍ୟୁଦୟ ॥ ୧୦

ବଳିଷ୍ଠର ଅତ୍ୟାଚର, ଦୁର୍ବଳ-ଦୁର୍ଗତି,
ସ୍ୱାର୍ଥ ଦ୍ୱେଷ ଲୋଭାଦିର କ୍ରୂର ପ୍ରବଞ୍ଚନା,
ଦେଖିଛୁ ସକଳ, ବ୍ୟୋମ ଗମ୍ଭୀରମୂରତି
ତୋପରି ବୁଝିବ କିଏ ପୃଥିବୀ ବେଦନା ॥ ୧୧
ଆଦିସୃଷ୍ଟିକାଳୁ ଅବଗାହି ଜ୍ୟୋତିଜଳେ,
କି ସୁନ୍ଦର କି ଉଦାର ଦେହଶ୍ରୀ ତୋହର ।
କହ ବ୍ୟୋମ କିଏ ଅଛି ଏ ବିଶ୍ୱମଣ୍ଡଳେ,
ତୋ ରୂପେ ନୁହଇ ମୁଗ୍ଧ ଯାହାର ଅନ୍ତର ॥ ୧୨
ସକଳ ସୌନ୍ଦର୍ଯ୍ୟଲୀଳା ତୋହରି ଉତ୍ସଙ୍ଗେ,
ନିତ୍ୟ ଲୀଳାଭୂମି ତୁହି କବିତାଦେବୀର,
ନାଚଇ ଅଗଣ୍ୟ ବିଶ୍ୱ ନିତ୍ୟ ଲୀଳାରଙ୍ଗେ,
ତୋ ମହା ସୁନୀଳବକ୍ଷେ ଶାସନେ ବିଧିର ॥ ୧୩
କେତେ ବେଶ ଧରି ବ୍ୟୋମ ହେଉ ପ୍ରକାଶିତ,
କେତେବେଳେ ଦିଗମ୍ବର ତୁହି ନୀଳାମ୍ବର,
ନକ୍ଷତ୍ର ଶଶାଙ୍କେ କେବେ ତୋ ଦେହ ଭୂଷିତ,
କେବେ ମେଘ-ଆଡ଼ମ୍ବରେ ଦିଶୁ ଭୟଙ୍କର ॥ ୧୪
ସୁହାସିନୀ ଉଷାଦେବୀ ଆଲୋକ-ନନ୍ଦିନୀ
ବନ୍ଦେ ଭକ୍ତିଭରେ ଯେବେ ତୋର ପଦତଳେ,
ସହସା ହସଇ ଜାଗି ଉଲ୍ଲାସେ ମେଦିନୀ,
ଲାବଣ୍ୟଲହରୀ ଉଛୁଳଇ ଜଳେ ସ୍ଥଳେ ॥ ୧୫
ସହସା କଟାକ୍ଷେ ତୋର ରବି ଜ୍ୟୋତିମୟ
ରଞ୍ଜଇ ଧରଣୀ ମୁଖ କନକ-କିରଣେ,
ସହସା ଫୁଟଇ ଫୁଲ ବହଇ ମଳୟ,
ବିହଙ୍ଗ ସଙ୍ଗୀତ ଗାଏ ସୁମଧୁର ସ୍ୱନେ ॥ ୧୬
ରଞ୍ଜିତ ଜଳଦମଞ୍ଚୁ ଯେବେ ଅବତରି
ବୁଡ଼ଇ ପଶ୍ଚିମେ ଭାନୁ କୋଳରେ ତୋହର,
ଧୀରେ ଧୀରେ ଅନ୍ଧକାର ଚୌଦିଗ ଆବରି,
ମଣ୍ଡଇ ନକ୍ଷତ୍ରମାଳେ ତୋର କଳେବର ॥ ୧୭

କି ଗମ୍ଭୀର କି ପ୍ରଶାନ୍ତ ଭାବ ଶର୍ବରୀରେ
ଜାଗଇ ଭାବୁକ ମନେ ତୋର ଦରଶନେ,
କି ମହାନୀରବ ବେଦ ପ୍ରଚାରୁ ଗମ୍ଭୀରେ,
ଶୁଣଇ ନୀରବ ବିଶ୍ୱ ଭୟସ୍ତବ୍ଧମନେ ॥ ୧୮

କୌମୁଦୀ-ଚର୍ଚ୍ଚିତ ତୋର ନୀଳ କଳେବର,
ପ୍ରଶାନ୍ତ ପବିତ୍ରମୂର୍ତ୍ତି ଭୁବନମୋହନ,
ନିମେଷେ କରଇ ଆହା କୁତ୍ସିତେ ସୁନ୍ଦର,
ଦର୍ଶନେ ପବିତ୍ର କରେ କଳୁଷିତ ମନ ॥ ୧୯

ଗଭୀର ନିଶିଥକାଳେ ନିଦ୍ରିତ ଧରଣୀ
ସ୍ୱପନେ ତୋ ମହାମୂର୍ତ୍ତି କରେ ଦରଶନ ।
ହସଇ ନୀରବେ ତେଣୁ ମହାନନ୍ଦେ ଧନୀ
ସୁପ୍ତ ଶିଶୁ ଦେଖି ଯେହ୍ନେ ସ୍ୱର୍ଗୀୟ ସ୍ୱପନ ॥ ୨୦

ଧନ୍ୟ ଧନ୍ୟ ରେ ଆକାଶ ଧନ୍ୟ ତୋ ମହିମା
ମହାଭାବ ଉପୁଜଇ ତୋର ଦରଶନେ ।
ଉଦାର ପ୍ରଶାନ୍ତ ତୋର ଅନନ୍ତ ନୀଳିମା
ସଂସାରର କ୍ଷୁଦ୍ରଭାବ ବିନାଶଇ କ୍ଷଣେ ॥ ୨୧

ମୁହୂର୍ତ୍ତକେ ଘେନୁ ମୋତେ ରେ ମହାଗଗନ
ପରମାତ୍ମା ପ୍ରାଣସଖା ମହେଶ ଶ୍ରୀପଦେ ।
ମହା ପ୍ରେମାବେଶେ ଅଶ୍ରୁ ବର୍ଷେ ମୋ ନୟନ
ଲଭଇ ମୁଁ ସ୍ୱରଗର ଆନନ୍ଦ ସମ୍ପଦେ ॥ ୨୨

ଶ୍ରୀ ମଧୁସୂଦନ ରାଓ

---

## ସମାଲୋଚନା ।

କପିଳାସ କ୍ଷେତ୍ର — ଶ୍ରୀ ଦାମୋଦର ପଟ୍ଟନାୟକଙ୍କ ରଚିତ । କପିଳାସ କ୍ଷେତ୍ର ପାଠ କରି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଲେଖକଙ୍କର ଏହାହିଁ ପ୍ରଥମ ଉଦ୍ୟମ; ଅଭ୍ୟାସ ରଖିଥିଲେ ଯେ ତାହାଙ୍କର ଲେଖନୀମୁଖରୁ ଉତ୍ତମ ସରସ କବିତା ବାହାର ହେବ ଏ ପ୍ରକାର ଆଶା କରାଯାଏ । ପଦ୍ୟାଂଶରେ କପିଳାସ କ୍ଷେତ୍ର ଖୁବ୍ ଉତ୍କୃଷ୍ଟ ହୋଇ ନଥିଲେ

ହେଁ ଏହା ମନ୍ଦ ହୋଇନାହିଁ । ଏହାର ଭାଷା ସରଳ ଏବଂ ଆଡ଼ମ୍ବରଶୂନ୍ୟ । ଏହି ପୁସ୍ତିକାଖଣ୍ଡିକ ତିନି ସର୍ଗରେ ବିଭକ୍ତ ହୋଇଅଛି । ପ୍ରଥମ ସର୍ଗରେ ସୂର୍ଯ୍ୟବଂଶଜ ରାଜା ସୌଦାସଙ୍କର ମୁକ୍ତିର ବିବରଣ ପ୍ରକଟିତ ହୋଇଅଛି; ଦ୍ୱିତୀୟ ସର୍ଗରେ କପିଳାସର ଉତ୍ପତ୍ତି ବିବୃତ ହୋଇଅଛି; ତୃତୀୟ ସର୍ଗ କପିଳାସ କ୍ଷେତ୍ରର ପ୍ରଧାନ ଅଙ୍ଗ । ସରଳଭାବରେ ସରଳ ଭାଷାରେ କପିଳାସର ପ୍ରାକୃତିକ ବର୍ଣ୍ଣନା ଏଥିରେ ସନ୍ନିବେଶିତ ହୋଇଅଛି । ସନ୍ଧ୍ୟାବର୍ଣ୍ଣନାରୁ ଏଠାରେ କିଞ୍ଚିତ ଉଦ୍ଧୃତ କଲୁଁ –

ଏକାଳେ ଦିବାକର ଧୀରଭାବରେ
ବିଶ୍ରାମଲାଭ ପାଇଁ ଅସ୍ତାଚଳରେ
କରୁଁ ପ୍ରସ୍ଥାନ ଧରି ଶାନ୍ତମୂରତି
ବାହାରେ ସନ୍ଧ୍ୟାଦେବୀ ହରଷେ ଅତି
ପିନ୍ଧି ଈଷତ ଶୁଭ୍ର କୃଷ୍ଣରଙ୍ଗର
ଦୁକୂଳ ମନୋହର ନେତ୍ରମଧୁର
ରମ୍ୟ ମୁକୁଟେ ଅଳ୍ପ ତାରକା ଖଞ୍ଜି
ମୃଦୁ ହାସେ କଠିଣ ହୃଦୟ ।
କରେ ସମୀର ଧୀରେ ଧୀରେ ଚାମର
ବିଞ୍ଚେ କୁସୁମବୃନ୍ଦ ଗନ୍ଧ ପ୍ରଖର
ବିହଙ୍ଗକୁଳ ପ୍ରୀତି ପ୍ରଫୁଲ୍ଲମନେ
ହୁଳହୁଳି ଦିଅନ୍ତି ଦେବୀବନ୍ଦନେ
* * * * * * * * *

ଧରି ଅପୂର୍ବ ମୂର୍ତ୍ତି ଭକ୍ତମାନସ
ମଜିଣ ପାନେ ବିଭୁନାମପୀୟୂଷ
ଗାଇଲା ମନୋହର କରୁଣସ୍ୱନେ
ଜୀବନନାଥ ନିତ୍ୟ ସେ ସ(ମ)ନାତନେ ।

ମହାମେଳା ଦର୍ଶନ – ଶ୍ରୀ ଗୋବିନ୍ଦ ରଥଙ୍କ ବିରଚିତ, ମୂଲ୍ୟ ଚାରିଅଣା । ଗୋବିନ୍ଦ ରଥଙ୍କର ପରିଚୟ ଏଠାରେ ଅନାବଶ୍ୟକ । ୧୮୮୩ ମସିହାର ମହାମେଳାରେ ଯେଉଁ ସମସ୍ତ ବସ୍ତୁ ପ୍ରଦର୍ଶନ ହୋଇଥିଲା ତହିଁର ପ୍ରଧାନ ୨ ଦ୍ରବ୍ୟର ସଂକ୍ଷେପ ବର୍ଣ୍ଣନା ଏଥିରେ ସନ୍ନିବେଶିତ ହୋଇଅଛି । ଯେଉଁମାନେ ଉକ୍ତ ମେଳା ଦର୍ଶନ କରିନାହାନ୍ତି ସେମାନେ ଏହି ପୁସ୍ତକଖଣ୍ଡିକ ପାଠ କଲେ ଅନେକ ବିଷୟ ଜାଣିପାରିବେ; ପୁଣି ଯେଉଁମାନେ ମେଳା

ଦେଖିଅଛନ୍ତି ସେମାନେ ଏହା ପାଠ କଲେ ଗୋବିନ୍ଦ ରଥଙ୍କର ମେଳାଦର୍ଶନ ଏବଂ ସେମାନଙ୍କର ମେଳାଦର୍ଶନ ମଧ୍ୟରେ କିଛି ତାରତମ୍ୟ ଅଛି କି ନାହିଁ ଉତ୍ତମରୂପେ ହୃଦୟଙ୍ଗମ କରିପାରିବେ । ଯେଉଁ ଉଦ୍ଦେଶ୍ୟରେ ଏହି ପୁସ୍ତକ ରଚିତ ହୋଇଅଛି ତାହା ସଫଳ ହେଲେ ଆମ୍ଭେମାନେ ସୁଖୀ ହେବୁଁ । ମହାମେଳାଦର୍ଶନର ବର୍ଣ୍ଣନାଗୁଡ଼ିକ ସାଧାରଣତଃ ସୁନ୍ଦର ହୋଇଅଛି । ଏହାର ଭାଷା ମଧ୍ୟ ସରଳ । ଗ୍ରନ୍ଥକାର ଭୂମିକାରେ ଶିକ୍ଷା ବିଭାଗର କର୍ମଚାରୀମାନଙ୍କୁ ଯେଉଁ ନିବେଦନ କରିଅଛନ୍ତି ତାହା ଅଯଥା ହୋଇନାହିଁ ।

୧ ମ ଖଣ୍ଡ .                                                            ୧୦-୧୧ମ ସଂଖ୍ୟା



ମାସିକପତ୍ର ଓ ସମାଲୋଚନ ।

---

ଅକ୍ଟୋବର ଓ ନଭେମ୍ବର ସନ ୧୮୮୫ ମସିହା ।

(ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ)

| | ବିଷୟ | | | ପୃଷ୍ଠା |
|---|---|---|---|---|
| ୧ । | ଆଶାର ନିରାଶ ଭାବ ଦେଖି | ... | ... | |
| ୨ । | ଜୀବନସଂଗ୍ରାମ | ... | ... | |
| ୩ । | ଶ୍ମଶାନ ଚିନ୍ତା | ... | ... | |
| ୪ । | ସୂର୍ଯ୍ୟ | ... | ... | |
| ୫ । | ଜୀବନନାବିକ | ... | ... | |
| ୬ । | ଅନାଥିନୀ | ... | ... | |
| ୭ । | ମଠର ସଂବାଦ | ... | ... | |

***

**କଟକ**

Printed and published by Sarat Chandra Mukhopadhaya at the Cuttack Printing Company's Press.

# ଆଶାର ନିରାଶଭାବ ଦେଖି ।

କହ ଆଶା କହ ମତେ ଆଜ୍ଜ ଏ କି ବେଶ
ସୁକୁମାର ତନୁ ତୋର ବିଷାଦେ ମଳିନ ଘୋର
ଅବିଶ୍ରାନ୍ତ ଅନିବାର ବହୁଛି ନୟନୁ ଧାର
କିପାଁ ଆଜି ସଂଗୋପନେ
କିପାଁ ଆଜି ଶୂନ୍ୟମନେ
ମ୍ଳାନମୁଖେ ଶୁଷ୍କପ୍ରାଣେ
କରୁ ତୁହି ଧୀରେ ଧୀରେ ମୋ ହୃଦେ ପ୍ରବେଶ ?

୨

କହଆଶା କହ ତୋର କିପାଁ ଏ ତରାସ
ନିଷ୍ପ୍ରଭ ନିସ୍ତେଜ କ୍ଷୀଣ ଏ ହୃଦର ବହୁଦି
ନ ଲଭି ପ୍ରବେଶ ତୋର ଘଟିଲା ସଂକୋଚ ଭ
ଆସୁ ଆସୁ ଯାଉ ଫେରି
ହେଉଛୁ ତୁ ଫେରାଫେରି
ବହୁଛି ପ୍ରବଳ ବେଗେ ତୋ ଖରନିଃଶ୍ୱାସ ।

୩

ଆସିଛୁ ଦେବାକୁ ତୁହି ଯେ ସୁଖ ଆଶ୍ୱାସ
ନ ଘେନେ ତୋ ହୃଦ ତାହା ନକରୁ ବିଶ୍ୱାସ ?
ନୋହିଲେ ତୁ ସଂଗୋପନେ
କିପାଁ ଆଜି ଶୂନ୍ୟମନେ
ମ୍ଳାନମୁଖେ ଶୁଷ୍କପ୍ରାଣେ
ଶ୍ମଶାନ ଏ ହୃଦକ୍ଷେତ୍ରେ ହୋଇବୁ ପ୍ରକାଶ ?

୪

ହୃଦୟର ପ୍ରତିଦ୍ୱାରେ କରି ତୁ ଭ୍ରମଣ
କହୁଅଛୁ ଶୋକେ ଆ । ହୋଇବି ମଗନ—
''ନ ରହିବ ଏ ଯାତନା
ନ ରହିବ ଏ ଯନ୍ତ୍ରଣା
ଦିନ ଯିବ ନ ରହିବ ଏକଭାବ ଚିରଦିନ;''
କହୁଛୁ ତୁ ଏହି ବାଣୀ ଝରେ ତୋ ନୟନ ।

୫

କିପାଁ ଆଶା ମୋହଠାରେ ଆଜ ପ୍ରତାରଣା
କିପାଁ ଏଡ଼େ ଭୟ ତୋର କିପାଁ ଏ ଛଳନା ?
ନ ଡରେ ମୁଁ ଦୁଃଖ କ୍ଲେଶେ
ବାସ କରି ତାଙ୍କ ଦେଶେ
ତୁହି ସିନା ଅବଶେଷେ
ଏତେଦିନେ ଆତ୍ମଦୋଷେ ପଡୁଅଛୁ ଚିହ୍ନା ।

୬

କହ ଆଶା କହ ଆଜ ବସି ମୋହ ପାଶେ
ପ୍ରୀତିପୂର୍ଣ୍ଣମନେ କହ ଆନନ୍ଦ ଉଲ୍ଲାସେ —
''ହୃଦୟର ଯେ ପ୍ରଦେଶ ହୋଇଥିଲା ଭସ୍ମଶେଷ
ନୁହନ୍ତା ଯାହାକୁ ଆଉ ଦୁଃଖ ନହିବାକୁ
ଲଭି ସେ ନୂତନ ପ୍ରାଣ ପାଇବ ଜୀବନଦାନ
ଯାକୁ ବଳି ଦୁଃଖ ତାକୁ ହେବ ସହିବାକୁ ।
ଭ୍ରମିବ ଅନନ୍ତକାଳ ଶୋକ ବ୍ୟାଧି ଦୁଃଖଜାଳ
ପଶ୍ଚାତେ ପଶ୍ଚାତେ ତୋର ନ ହେବ ଅନ୍ତର
ଦେଖି ତାଙ୍କ ମୋହମାୟା ସମ୍ମୁଖେ ବିକଟଛାୟା
ଆଜୀବନ ଚିରକାଳ ହେବୁ ତୁ କାତର ।''

୭

ତ୍ୟଜି ଭୟ ଆଶା ସୁଖେ ବଜା ତୋ ହୃଦୟବୀଣା
ଭାଗ୍ୟଲିପି ଫେଡ଼ି ମତେ କେ କହିବ ତୋହ ବିନା
ନ ଡରେଁ ମୁଁ ଦୁଃଖ କ୍ଲେଶେ
ବାସ କରି ତାଙ୍କ ଦେଶେ
ତେବେ କିପାଁ ତୁ ଏ ବେଶେ
ହେଉ ଆଜି ଧୀରେ ଧୀରେ ମୋ ହୃଦେ ପ୍ରକାଶ
ଦେଇ ତୁ ନିରାଶଭାବେ ଏ ସୁଖ ଆଶ୍ୱାସ ?

---

# ଜୀବନ ସଂଗ୍ରାମ ।

ଶୀର୍ଷୋଲ୍ଲିଖିତ ପଦଟି ପାଠ କରି ଅନେକେ ଚମତ୍କୃତ ହେବେ "ଜୀବନ ପୁଣି ସଂଗ୍ରାମ କେବେ ହେଲା ? ଜୀବନ ଆମ୍ଭର ନୁହେ; ଆମ୍ଭେ ଅନ୍ୟରାଜ୍ୟରୁ ଆସି ଏହି ଜୀବନରାଜ୍ୟରେ ବିଚରଣ କରୁଅଛୁଁ । ଆମ୍ଭେ କେବଳ ଏହାର ଦର୍ଶକସ୍ୱରୂପ; ଏହାର ରକ୍ଷଣାବେକ୍ଷଣ ସକାଶେ ଆମ୍ଭଙ୍କୁ ଦୁର୍ଗ ନିର୍ମାଣ କରିବାକୁ ହେବନାହିଁ; ବହୁଳ ଉଦ୍ୟମ ସହକାରେ ଏହାର ଉତ୍କର୍ଷ ସାଧନ କରିବାର ଆମ୍ଭର ଆବଶ୍ୟକ ନାହିଁ; ଏହି କ୍ଷଣଭଙ୍ଗୁର ଜୀବନରାଜ୍ୟରେ ଭ୍ରମଣ କରି ଆମ୍ଭେ ଆମ୍ଭର ନିଜରାଜ୍ୟକୁ ପ୍ରସ୍ଥାନ କରିବୁଁ; ଏ ରାଜ୍ୟରେ ଆମ୍ଭେ କେବଳ ଏକ ପଥିକ; ଭ୍ରମଣ ଶେଷ ହେଲେ ଏ ରାଜ୍ୟକୁ ଆଉ ଫେରି ଆସିବୁ ନାହିଁ" ଏରୂପ ଉଦାସୀନଭାବମାନଙ୍କୁ ମନୋମନ୍ଦିରରେ ସ୍ଥାନଦାନ କରିବା ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଅଭ୍ୟସ୍ତ ମାତ୍ର ଜୀବନ ଯେ ସଂଗ୍ରାମର ସ୍ଥଳ ଏହା ଅନେକଙ୍କର ହୃଦୟଙ୍ଗମ ନୁହେ ।

"ଜୀବନସଂଗ୍ରାମ" ଏହି ଅଳ୍ପାକ୍ଷରଗ୍ରଥିତ ପଦଟି କି ଭୟାବହ ଓ ଗଭୀରାର୍ଥବ୍ୟଞ୍ଜକ । ଜୀବନ ଯେ ସଂଗ୍ରାମ ଏହା କବିକଳ୍ପିତ ନୁହେ; କବିର ସ୍ୱେଚ୍ଛାଚାରିଣୀ ଲେଖନୀ ସତ୍ୟର ସୀମା ଉଲ୍ଲଙ୍ଘନ କରି ଏହାର ସାରତ୍ୱକୁ ବିକୃତ କରିନାହିଁ । ଜୀବନ ସଂଗ୍ରାମ ବିଜ୍ଞାନାନୁମୋଦିତ; ବିଜ୍ଞାନ ଏହାର ପକ୍ଷ ସମର୍ଥନ କରେ; ବିଜ୍ଞାନ ଏହାର ସତ୍ୟ ସଂସ୍ଥାପନ ନିମିତ୍ତ ଭୂରି ୨ ପ୍ରମାଣ ଆଣି ଦିଏ, ମହାତ୍ମା ଡିକଣ୍ଡୋଲ ଓ ଲାଏଲ ସାହେବ ପ୍ରଚୁର ଦକ୍ଷତା ସହକାରେ ନିଃସନ୍ଦେହରୂପେ ପ୍ରମାଣ କରିଅଛନ୍ତି ଯେ ପ୍ରାଣିମାତ୍ରକେ ଏହି ଜୀବନଯୁଦ୍ଧରେ ଲିପ୍ତ; ପ୍ରାଣି ମାତ୍ରକେ ଏହି ଜୀବନସଂଗ୍ରାମରେ ବ୍ରତୀ ।

ଜୀବନ ଯେ ଯୁଦ୍ଧ ତାହା ବାକ୍ୟରେ ସ୍ୱୀକାର କରିବା ସହଜ ବ୍ୟାପାର ହୋଇପାରେ ମାତ୍ର ଏହି ସିଦ୍ଧାନ୍ତକୁ ସତତ ସ୍ମରଣ ରଖି ତଦନୁଗମନ କରିବା ଅବଶ୍ୟ ସୁକଠିନ ଅଟେ । ଯାହା ହେଉ ଏହି ସିଦ୍ଧାନ୍ତ ସମ୍ପୂର୍ଣ୍ଣ ହୃଦୟଙ୍ଗମ ନ ହେଲେ ପ୍ରକୃତିରାଜ୍ୟରେ ସମସ୍ତ କାର୍ଯ୍ୟାବଳୀ ଆମ୍ଭମାନଙ୍କର ସମ୍ୟକ୍ ଭ୍ରମପୂର୍ଣ୍ଣ ଓ ଅପରିଜ୍ଞେୟ ରହିବ । ଆମ୍ଭେମାନେ ସର୍ବଦା ଦେଖୁଅଛୁଁ ପ୍ରକୃତି ନାନା ଶୋଭାରେ ବିଭୂଷିତ ହୋଇ ଅସୀମ ଆନନ୍ଦରାଶି ବିସ୍ତାର କରୁଅଛି । ଶ୍ୟାମଳବର୍ଣ୍ଣ ଉଦ୍‌ଭିଦ୍ ସବୁ ଜଗତର ଆସ୍ୟକୁ ହାସ୍ୟମୟ କରୁଅଛି; ଖାଦ୍ୟସାମଗ୍ରୀର କିଞ୍ଚିନ୍ମାତ୍ର ଅଭାବ ନାହିଁ; ପୁଷ୍ପଫଳଭାରାକ୍ରାନ୍ତ ବୃକ୍ଷଡାଳରେ ବସି ବିହଙ୍ଗମଚୟ ଆନନ୍ଦରେ ଗୀତଧ୍ୱନି କରୁଅଛନ୍ତି; ପଶୁପକ୍ଷୀ କୀଟ ପ୍ରଭୃତି ପ୍ରାଣୀମାନେ ପ୍ରକୃତିକି ଆନନ୍ଦ ଓ କୋଳାହଳପୂର୍ଣ୍ଣ କରୁଅଛନ୍ତି । ପ୍ରକୃତିର ଇଦୃଶ ଲୀଳାମାନ ସନ୍ଦର୍ଶନ କରି ସ୍ୱଭାବତଃ ଆମ୍ଭେମାନେ ଜୀବନକୁ ସଂଗ୍ରାମ କହିବାକୁ ଅନିଚ୍ଛୁକ କିମ୍ବା ଚତୁଃପାର୍ଶ୍ୱସ୍ଥ

ଯୁଦ୍ଧଲକ୍ଷଣ ଦେଖିସୁଦ୍ଧା ଇଚ୍ଛାପୂର୍ବକ ତାହା ବିସ୍ମୃତ ହେଉଅଛୁଁ । ପ୍ରକୃତିର ଏହି ଅତ୍ୟଦ୍ଭୁତ ବ୍ୟାପାର, ତାହାର ମନୋହର ସୌନ୍ଦର୍ଯ୍ୟରାଶି ଓ ଜୀବମଣ୍ଡଳୀର ଅପରିସୀମ ଆନନ୍ଦ ଓ କୋଳାହଳରେ ସ୍ତମ୍ଭିତ ହୋଇ ଆମ୍ଭେମାନେ ଦେଖିସୁଦ୍ଧା ଦେଖୁନାହୁଁ ଯେ ପ୍ରକୃତି ଏକ ଯୁଦ୍ଧକ୍ଷେତ୍ର ଏବଂ ସମସ୍ତ ଜୀବମଣ୍ଡଳୀ ଏକ ମହାଜୀବନସଂଗ୍ରାମରେ ବ୍ୟାପୃତ । ଆମ୍ଭେମାନେ ଦେଖୁନାହୁଁ ଯେ ଯେଉଁ ବିହଙ୍ଗମକୁଳ ଗୀତଧ୍ୱନିରେ ପ୍ରକୃତିରାଜ୍ୟକୁ ଆନନ୍ଦମୟ କରୁଅଛନ୍ତି ସେହି ବିହଙ୍ଗମାନେ ପୁଣି କେତେ କୀଟପତଙ୍ଗାଦି ପ୍ରାଣିମାନଙ୍କର ପ୍ରାଣ ନାଶ କରି ଆପଣାର ଜୀବନରକ୍ଷା କରୁଅଛନ୍ତି । ଆମ୍ଭେମାନେ ଦେଖୁନାହୁଁ ଯେ କେତେ ହିଂସ୍ରଜନ୍ତୁମାନେ ସେହି ବିହଙ୍ଗମକୁଳ ଓ ଅନ୍ୟାନ୍ୟ ଦୁର୍ବଳ ଜନ୍ତୁମାନଙ୍କୁ ଧ୍ୱଂସ କରିବା ନିମିତ୍ତ ଇତସ୍ତତଃ ରଣବେଗରେ ଭ୍ରମଣ କରୁଅଛନ୍ତି ।

ଜୀବନସଂଗ୍ରାମ କି ଲୋମହର୍ଷଣକାରୀ ଦୃଶ୍ୟ ? ସଂଗ୍ରାମ ଅତ୍ୟନ୍ତ ନିଷ୍ଠୁରର କାର୍ଯ୍ୟ । ଜୀବନ ଯେବେ ସଂଗ୍ରାମ ହେଲା ତେବେ ଜୀବନ ଧାରଣ କରିବା ଅବଶ୍ୟ ନିଷ୍ଠୁରତାର କାର୍ଯ୍ୟ ହେଲା;ଏବେ ଏ କି ହୃଦୟ ବିଦାରକ ସିଦ୍ଧାନ୍ତରେ ଉପନୀତ ହେଲୁ । ଭ୍ରାତୃପ୍ରତିମ ଜନଗଣର ସହିତ ଆମ୍ଭେ ଯୁଦ୍ଧରେ ପ୍ରବୃତ୍ତ ? ଆମ୍ଭମାନଙ୍କର ହୃଦୟ କି ପାଷାଣନିର୍ମିତ ଯେ ଜଘନ୍ୟ ସ୍ୱାର୍ଥପରତାପରବଶ ହୋଇ ଆପଣା ୨ ମଧ୍ୟରେ ସଂଗ୍ରାମ କରିବୁଁ ? ନା ଏକଥା ସତ୍ୟ ହେଲେ ସୁଦ୍ଧା କଦାପି ବିଶ୍ୱାସଯୋଗ୍ୟ ନୁହେ । ମାତ୍ର ପାଠକେ ! ଆପଣଙ୍କୁ ଆମ୍ଭର ଏହିମାତ୍ର ଜିଜ୍ଞାସ୍ୟ ଯେ ପ୍ରବେଶିକା ପରୀକ୍ଷା ସମୟରେ ସେତେବେଳେ ଆପଣ ଅଦମ୍ୟ ଉଦ୍ୟମ ଓ କଠୋର ଅଧ୍ୟବସାୟ ସାହାଯ୍ୟରେ ପ୍ରଥମଶ୍ରେଣୀଭୁକ୍ତ ହେବାକୁ କୃତସଙ୍କଳ୍ପ ହୋଇ ନିଶୀଥକାଳୀନ ପ୍ରଦୀପାଲୋକରେ ପୁସ୍ତକର ପୃଷ୍ଠା ଲେଉଟାଉଥାନ୍ତି ତେତେବେଳେ କି ଆପଣ ସହଧ୍ୟାୟିମାନଙ୍କର ସହିତ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ନୁହନ୍ତି ? ଯେତେବେଳେ ଆପଣ ସବ୍ୟଞ୍ଜନ ଘୃତପାକ ଅନ୍ନ ଆହାର କରଣାର୍ଥ ଉପବିଷ୍ଟ ହୁଅନ୍ତି ତେତେବେଳେ କି ଆପଣ ଅନ୍ନାଭାବନିବନ୍ଧନ କାଳର କରାଳ ଗ୍ରାସରେ ପତିତ ସହସ୍ର ୨ ଜନଗଣଙ୍କର ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି ?

ପୂର୍ବରେ କହିଅଛୁ ଯେ ଜୀବନସଂଗ୍ରାମ ଏହି ସିଦ୍ଧାନ୍ତଟି ବିଜ୍ଞାନାନୁମୋଦିତ,ବିଜ୍ଞାନ ଏହାର ପୋଷକତା କରେ । ବର୍ତ୍ତମାନ ଦେଖିବାକୁ ହେବ ଯେ ଏହାର ବୈଜ୍ଞାନିକ ଅର୍ଥ କଅଣ ? ମହାତ୍ମା ଡାରବିନ ସାହେବ ଏହି ପଦଟିକି ନିମ୍ନଲିଖିତ ଅର୍ଥରେ ବ୍ୟବହାର କରିଅଛନ୍ତି ? ଆପଣା ଜୀବନ ରକ୍ଷାର୍ଥ ଯେ ଚେଷ୍ଟା, ଯେ ଉଦ୍ୟମ, ଯେ ଅଧ୍ୟବସାୟର ଅନୁସରଣ କରିବାକୁ ହୁଏ କେବଳ ତାହାହିଁ ଯେ ଏହି ପଦର ଅନ୍ତର୍ଗତ ଏମନ୍ତ ନୁହେଁ ।

---

* ପ୍ରାଣୀ ଓ ଉଦ୍‌ଭିଦ ଏ ଜୀବ ଶବ୍ଦର ଅନ୍ତର୍ଗତ ।

ଜୀବମଣ୍ଡଳୀ * ମଧ୍ୟରେ ଜୀବନରକ୍ଷାର୍ଥ ଯେଉଁ ପରସ୍ପର ସାପେକ୍ଷତା ପ୍ରଦର୍ଶିତ ଓ ପ୍ରାକୃତିକ ଅବସ୍ଥାର ଅଧୀନତା ଅବଲମ୍ବିତ ହୋଇଥାଏ ତାହା ମଧ୍ୟ ଜୀବନସଂଗ୍ରାମର ଅନ୍ତର୍ଗତ ଖାଦ୍ୟସାମଗ୍ରୀର ଅପ୍ରାଚୁର୍ଯ୍ୟ ହେତୁ ବହୁଳ ଚେଷ୍ଟା ଓ ନୈପୁଣ୍ୟ ସହକାରେ ଯତ୍ସାମାନ୍ୟ ଆହାରୀୟ ଦ୍ରବ୍ୟ ଆତ୍ମସାତ୍ କରି ଜୀବନଧାରଣ କରିବା ଜୀବନ ଯୁଦ୍ଧର କାର୍ଯ୍ୟ ଏହା କେହି ଅସ୍ୱୀକାର କରିବେ ନାହିଁ । ମାତ୍ର ମରୁଭୂମିସ୍ଥିତ ଗୋଟିଏ ବୃକ୍ଷ ଯଦି ଜଳାଭାବନିବନ୍ଧନ କୌଣସି ସ୍ୱାଭାବିକ କ୍ରିୟା ଅବଲମ୍ବନପୂର୍ବକ ଆପଣାର ଅଭାବ ମୋଚନ କରେ ତାହାର ଏରୂପ ଚେଷ୍ଟାକୁ ଅନେକେ ଯୁଦ୍ଧ ନାମରେ ଅଭିହିତ କରିବାକୁ ସମ୍ମତ ହେବେ ନାହିଁ ମାତ୍ର ପଣ୍ଡିତପ୍ରବର ଡାରବିନ ସାହେବ ଜୀବନରକ୍ଷାର୍ଥ ଏହି ରୂପ ସମସ୍ତ ଚେଷ୍ଟାକୁ ଯୁଦ୍ଧ ଅର୍ଥରେ ବ୍ୟବହାର କରିଅଛନ୍ତି । କିଞ୍ଚିତ୍ ଅନୁଧାବନ କରି ଦେଖିଲେ ପ୍ରକୃତରେ ତାହା ଯୁଦ୍ଧ ବୋଲି ସ୍ପଷ୍ଟ ପ୍ରତୀତ ହେବ । ବିଜ୍ଞାନଜଗତରେ ଅବିଦିତ ନାହିଁ ଯେ ଏକପ୍ରକାର ଉଦ୍ଭିଦ ଅଛି ଯାହାର ମଞ୍ଜି ପକ୍ଷୀ ଓ ପତଙ୍ଗଦ୍ୱାରା ଇତସ୍ତତଃ ବିକ୍ଷିପ୍ତ ହୋଇ ଅଙ୍କୁରିତ ହୁଏ । ସୁତରାଂ ସେହି ବୃକ୍ଷର ଜୀବନଧାରଣ କରିବା ପକ୍ଷୀ ପତଙ୍ଗ ଉପରେ ନିର୍ଭର କରେ; ପକ୍ଷୀ ପତଙ୍ଗ ଏହାର ମଞ୍ଜିକି ଇତସ୍ତତଃ ବିକ୍ଷିପ୍ତ ନ କଲେ ସେ ବୃକ୍ଷ ଜଗତର ବକ୍ଷରେ ସ୍ଥାନ ନପାଇ ସମୂଳେ ବିନଷ୍ଟ ହେବ । ଯଦି ଏହି ବୃକ୍ଷସବୁ ନାନା ବର୍ଣ୍ଣରଞ୍ଜିତ ପୁଷ୍ପଦ୍ୱାରା ପକ୍ଷୀ ପତଙ୍ଗାଦି ଆହ୍ୱାନ କରି ଆଣେ ତାହା ହେଲେ ଏହାର ଏରୂପ ଚେଷ୍ଟାକୁ ଯୁଦ୍ଧ ନକହି କି କୁହାଯିବ ? କାରଣ ଉକ୍ତ ବୃକ୍ଷ ଏରୂପ ନ କଲେ ସମୂଳେ ବିନଷ୍ଟ ହେବ ଆଉ ଯେଉଁ ବୃକ୍ଷ କୌଣସି କୌଶଳଦ୍ୱାରା ଆପଣାର ମଞ୍ଜି ଇତସ୍ତତଃ ବିକ୍ଷିପ୍ତ କରାଇ ପାରିବ ସେ ଜୀବନ ଯୁଦ୍ଧରେ ଜୟୀ ହୋଇ ପ୍ରାଣଧାରଣ କରିବ ଏହି ସାର୍ବଭୌମିକ ନିୟମ ଯୋଗୁଁ କେହି ୨ ଦେଶହିତୈଷୀ ଭାରତବାସୀ ଏରୂପ ଆଶଙ୍କା କରନ୍ତି ଯେ ଦୁର୍ବଳ ହିନ୍ଦୁଜାତି ପରାକ୍ରମଶାଳୀ ଇୟୁରୋପୀୟମାନଙ୍କଠାରେ ଜୀବନଯୁଦ୍ଧରେ ପରାଜିତ ହୋଇ ଏକ ସମୟରେ ଭୂପୃଷ୍ଠରେ ଅନ୍ତର୍ହିତ ହେବେ ।

ଜୀବନସଂଗ୍ରାମର ମୂଳ କି ଓ ତାହାର ପରିଣାମ ଅବା କଅଣ ? ତଦ୍ବିଷୟର ଆଲୋଚନାରେ ବର୍ତ୍ତମାନ ଆମ୍ଭେ ପ୍ରବୃତ୍ତ ହେବୁ ।

ଜୀବନସଂଗ୍ରାମର ମୂଳ ଜୀବମଣ୍ଡଳୀର ବର୍ଦ୍ଧନଶୀଳତା ଉପରେ ଅନେକାଂଶରେ ନିର୍ଭର କରେ । ପ୍ରାଣୀତତ୍ତ୍ୱବିତ୍ ପଣ୍ଡିତମାନେ ଏକବାକ୍ୟରେ ପ୍ରଦର୍ଶିତ କରିଅଛନ୍ତି ଯେ ଜୀବମଣ୍ଡଳୀର ଉତ୍ପାଦିକା ଶକ୍ତି ଏତେ ଅଧିକ ଓ ସେମାନଙ୍କର ବର୍ଦ୍ଧନଶୀଳତା ଏତେ ପ୍ରବଳ ଯେ ଯଦି ସେମାନଙ୍କର ଭାବୀ ବଂଶ ବିନଷ୍ଟ ନ ହୁଏ ତେବେ ପୃଥିବୀର ପରିମିତ ଆୟତନ ଶୀଘ୍ର ପୂର୍ଣ୍ଣ ହୋଇଯିବ । ବିଜ୍ଞ ଡାରବିନ ସାହେବ ଲେଖିଅଛନ୍ତି ଯେ ଯଦି ଜଗତର

ବକ୍ଷରୁ ସମସ୍ତ ପ୍ରାଣୀମାନଙ୍କୁ ଅପସାରିତ କରି ଦିଆଯାଏ ଏବଂ ଯଦି ଏକ ଜାତୀୟ ଗୋଟିଏ ମିଥୁନ (ସ୍ତ୍ରୀ ଓ ପୁରୁଷ) କେବଳ ଆପଣାର ବଂଶ ବୃଦ୍ଧିକରେ, ତାହା ହେଲେ ସୁଦ୍ଧା ଅଳ୍ପକାଳ ମଧ୍ୟରେ ପୃଥିବୀର ପ୍ରତ୍ୟେକ ସ୍ଥାନ ତନ୍ମିଥୁନପ୍ରସୂତ ସନ୍ତତିଦ୍ୱାରା ପୂର୍ଣ୍ଣ ହୋଇଯିବ । ପାଠକମାନଙ୍କୁ ପ୍ରାୟ ବିଦିତ ଅଛି ଯେ ଜୀବମଣ୍ଡଳୀ ମଧ୍ୟରେ ମନୁଷ୍ୟ ଓ ହସ୍ତିର ଉତ୍ପାଦିକା ଶକ୍ତି ସର୍ବାପେକ୍ଷା ନ୍ୟୂନ । ସୁଯୋଗ୍ୟ ମାଲଥସ୍ ସାହେବ ସ୍ଥିର କରିଅଛନ୍ତି ଯେ ଏହି ଅଳ୍ପପ୍ରସବକ୍ଷମ ମନୁଷ୍ୟ ପଞ୍ଚବିଂଶତି ବର୍ଷ ମଧ୍ୟରେ ଆପଣାକୁ ଦ୍ୱିଗୁଣିତ କରିପାରେ ଏବଂ ସହସ୍ରବର୍ଷ ଯେବେ କୌଣସି ପ୍ରତିବନ୍ଧକ ନ ଘଟେ ତାହା ହେଲେ ଏହି ମନୁଷ୍ୟର ବଂଶ ଏତେ ବୃଦ୍ଧିପ୍ରାପ୍ତ ହେବ ଯେ ପୃଥିବୀରେ ସୂଚ୍ୟଗ୍ର ମାତ୍ର ସ୍ଥାନ ରହିବ ନାହିଁ । ହସ୍ତିର ଉତ୍ପାଦିକା ଶକ୍ତି ଘେନି ଗୋଟିଏ କୌତୂହଳାବିଷ୍ଟ ଗଣନା ନିମ୍ନରେ ପ୍ରକଟିତ ହେଲା । ହସ୍ତୀ ତ୍ରିଂଶତି ବର୍ଷ ସମୟରୁ ଆରମ୍ଭ କରି ସଚରାଚର ନବତିବର୍ଷ ପର୍ଯ୍ୟନ୍ତ ସନ୍ତାନ ଉତ୍ପାଦନ କରେ । ଏହି ଷଷ୍ଟିବର୍ଷ ମଧ୍ୟରେ ଅନ୍ତତଃ ଛଅଗୋଟି ସନ୍ତାନ ପ୍ରସବିତ ହୁଏ । ଯଦ୍ୟପି ଏହି ହସ୍ତିଶାବକମାନେ ବଞ୍ଚି ସେହିରୂପ ସନ୍ତାନ ଉତ୍ପାଦନ କରନ୍ତି ଓ ସେମାନଙ୍କର ଉତ୍ପାଦିକା ଶକ୍ତିରେ କିଛିମାତ୍ର ବାଧା ନ ଘଟେ ତାହା ହେଲେ ସାର୍ଦ୍ଧ ସାତଶତବର୍ଷ ମଧ୍ୟରେ ଏହି ଏକ ହସ୍ତିମିଥୁନର ପ୍ରାୟ ୧୯୦୦୦୦୦୦ ଏକ କୋଟି ନବତି ଲକ୍ଷ ସନ୍ତତି ପୃଥିବୀପୃଷ୍ଠରେ ବିଚରଣ କରିବେ । ଯଦି ଏହି ଅଳ୍ପ ପ୍ରସବକ୍ଷମ ହସ୍ତୀ ଏତେ ଅଳ୍ପ ସମୟ ମଧ୍ୟରେ ଏତେ ଅଧିକସଂଖ୍ୟକ ଜୀବକୁ ଧରାବକ୍ଷକୁ ଆନୟନ କରେ ତେବେ ପୃଥିବୀସ୍ଥ ଅନ୍ୟାନ୍ୟ ଜୀବମାନେ (ଯେଉଁମାନଙ୍କର ଉତ୍ପାଦିକା ଶକ୍ତି ସହସ୍ର ୨ ଗୁଣ ଅଧିକ) ଯେ କେତେ ଅଳ୍ପ ସମୟ ମଧ୍ୟରେ ସ୍ୱପ୍ରସୂତ ଅସଂଖ୍ୟ ସନ୍ତତିଦ୍ୱାରା ଭୂମଣ୍ଡଳକୁ ପରିବ୍ୟାପ୍ତ କରିବେ ତାହା ସମ୍ୟକ୍ କଳନା କରିବା ଦୂରେ ଥାଉ ଧାରଣା କରିବା ମଧ୍ୟ ଆମ୍ଭମାନଙ୍କର କ୍ଷମତାତୀତ ।

ଜୀବମାନଙ୍କର ବର୍ଦ୍ଧନଶୀଳତା ଏତେ ଅଧିକ ହେଲେ ସୁଦ୍ଧା, ସ୍ଥାନ ଓ ଖାଦ୍ୟାଭାବନିବନ୍ଧନ ବହୁସଂଖ୍ୟକ ଜୀବର ଅବଶ୍ୟ ମୃତ୍ୟୁ ହେବ । ଜୀବମଣ୍ଡଳୀର ସଂଖ୍ୟା ବୃଦ୍ଧି ଦେଖି ପୃଥିବୀର ବକ୍ଷ ପ୍ରସାରିତ ହେବନାହିଁ, ଯେତେ ଜୀବ ହେଉନ୍ତୁ ନା କାହିଁକି ପୃଥିବୀର ପରିମିତ ସ୍ଥାନରେ ଅବଶ୍ୟ ସମସ୍ତଙ୍କୁ ରହିବାକୁ ହେବ । ଆଧୁନିକ କୃଷିବିଦ୍ୟାର ଉନ୍ନତିସତ୍ତ୍ୱେ ଖାଦ୍ୟସାମଗ୍ରୀର ମଧ୍ୟ କଦାପି ଏତେ ଦୂର ବୃଦ୍ଧି ହେବନାହିଁ । ସ୍ଥାନାଭାବ ଓ ଖାଦ୍ୟସାମଗ୍ରୀର୍ ପରିମିତତା ହେତୁ ଜୀବମାନଙ୍କୁ ଅବଶ୍ୟ ସମର କରିବାକୁ ହେବ; ଯେଉଁ ଜୀବମାନେ ଏହି ପରିମିତ ସ୍ଥାନ ଓ ପରିମିତ ଖାଦ୍ୟପଦାର୍ଥକୁ ଯଥେଷ୍ଟରୂପେ ଆତ୍ମସାତ୍ କରିବେ କେବଳ ସେହିମାନେ ବଞ୍ଚିବେ ଏବଂ ଆଉ ସମସ୍ତ ଜୀବ ଅବଶ୍ୟ ବିନଷ୍ଟ ହେବେ ।

କହିବା ବାହୁଲ୍ୟ ଯେ ସ୍ଥାନାଭାବ ଓ ଖାଦ୍ୟସାମଗ୍ରୀର ଅପ୍ରତୁଳତା ଜୀବନସଂଗ୍ରାମର ଏକମାତ୍ର କାରଣ ନୁହେ, ପ୍ରାକୃତିକ ପ୍ରତିକୂଳ ଅବସ୍ଥା ମଧ୍ୟ ଜୀବନଯୁଦ୍ଧର ଅନ୍ୟତମ କାରଣ ଅଟେ । ମାତ୍ର ଏହି ବୈଜ୍ଞାନିକ ନିଗୂଢ଼ତତ୍ତ୍ୱରେ ପ୍ରବେଶ ନକରି ଜୀବନଯୁଦ୍ଧର ପରିଣାମ କଣ ? ତାହା ପାଠକମାନଙ୍କୁ ଜଣାଇବୁଁ ।

ଜୀବନଯୁଦ୍ଧର ପରିଣାମ ଅପରଯୁଦ୍ଧର ପରିଣାମଠାରୁ କିଛି ବିଶେଷ ବିଭିନ୍ନ ନୁହେ । ଅପର ଯୁଦ୍ଧପରି ଯେଉଁ ଜୀବ ଅପେକ୍ଷାକୃତ ଅଧିକ ପରାକ୍ରମ ଓ ନୈପୁଣ୍ୟ ସାହାଯ୍ୟରେ ଅନ୍ୟ ଜୀବ ଉପରେ ଆପଣାର ଶ୍ରେଷ୍ଠତା ସଂସ୍ଥାପନ କରିପାରେ ସେ ଜୟଲାଭ କରେ ଓ ଅନ୍ୟ ସମସ୍ତ ଜୀବ ପରାଭୂତ ହୋଇ କାଳର କରାଳ ଗ୍ରାସରେ ପତିତ ହୁଅନ୍ତି ।

---

## ଶ୍ମଶାନ ଚିନ୍ତା ।

"The boast of heraldry, the pomp of power
And all that beauty, all that wealth e'er gave
Await alike the inevitable hour
the paths of glory lead but to the grave."

ଶ୍ମଶାନ ! ଆହା କି ପବିତ୍ର ଶବ୍ଦ, କି ପବିତ୍ର ନାମ ! ଚତୁର୍ବର୍ଣ୍ଣଗଠିତ ଶ୍ମଶାନ ଶବ୍ଦ କି ଗଭୀର ଭାବବ୍ୟଞ୍ଜକ ! ପୃଥିବୀରେ ଯେତେ ପବିତ୍ରସ୍ଥାନ ଅଛି ତନ୍ମଧ୍ୟରେ ଶ୍ମଶାନହିଁ ସର୍ବଶ୍ରେଷ୍ଠ । ଏପ୍ରକାର ଶିକ୍ଷାପ୍ରଦ ଧର୍ମଭାବାନ୍ୱିତ ପବିତ୍ରସ୍ଥାନ ପୃଥିବୀରେ ବଡ଼ ବିରଳ । ଯେବେ ସ୍ୱର୍ଗ ବୋଲି କୌଣସି ପ୍ରକୃତ ସ୍ଥାନ ଥାଏ ତାହା ଏହି ପୃଥିବୀସ୍ଥ ଶ୍ମଶାନଭୂମି । ଆମ୍ଭେମାନେ ସଚରାଚର ଯେଉଁ କଳ୍ପନାପ୍ରସୂତ ସ୍ଥାନକୁ ସ୍ୱର୍ଗ ବୋଲି କହିଥାଉଁ ଏ ସ୍ଥାନଟି ତଦପେକ୍ଷା ପବିତ୍ର । ସ୍ୱର୍ଗରେ ଦେବତାମାନେ କେବେ ୨ ପରସ୍ପର ବିଦ୍ୱେଷୀ ହେବାର ଶୁଣାଯାଏ; କିନ୍ତୁ ଏଠାରେ ସେ ସବୁ କିଛି ନାହିଁ । ଏଠାରେ କ୍ରୋଧ ନାହିଁ, ହିଂସା ନାହିଁ, ଲୋଭ ନାହିଁ, ସ୍ନେହ ନାହିଁ, ମମତା ନାହିଁ, କିମ୍ୱା ଆତ୍ମପର ଜ୍ଞାନ ନାହିଁ । ଲୋକେ ସଂସାର ଚିନ୍ତାରୁ ଅବସର ଘେନି ମହାନନ୍ଦରେ ଏଠାରେ ମହାନିଦ୍ରା ଭୋଗ କରନ୍ତି । ଏଠାରେ ରାଜରାଜେଶ୍ୱରଠାରୁ ସାମାନ୍ୟ ପ୍ରଜାପର୍ଯ୍ୟନ୍ତ, ଲକ୍ଷପତିଠାରୁ ଦୀନ ଦରିଦ୍ରପର୍ଯ୍ୟନ୍ତ, କୋଟିଧେନୁସଂପ୍ରଦାତାଠାରୁ ଗୋ-କୋଟିହନ୍ତା ପର୍ଯ୍ୟନ୍ତ ସମସ୍ତେ ଏକକୋଳରେ ଶୟିତ,

ଏକ ବକ୍ଷରେ ସ୍ଥାପିତ । ଜଣେ କ୍ଷିତିପତି ସମ୍ରାଟ୍ ଜୟନିଶାଣ ତୋଳି ରାଜଚିହ୍ନରେ ମଣ୍ଡିତ ହୋଇ ଏଠାକୁ ଅଇଲେ କେହି ତାହାଙ୍କୁ ଆଗ ବଢ଼ାଇ ନେବ ନାହିଁ କିମ୍ବା ଜଣେ ସାମାନ୍ୟ ଭିକ୍ଷାଜୀବୀ ଆସିଲେ ମଧ୍ୟ କେହି ତାହାକୁ ଦୂର ୨ କରି ତଡ଼ିଦେବନାହିଁ । ଏଠାରେ ସମସ୍ତେ ସମାନ ସମସ୍ତେ ଏକ ଏବଂ ଏହା ଯଥାର୍ଥ ପବିତ୍ର ଭୂମି – ଯଥାର୍ଥ ଆନନ୍ଦାଗାର । ସତ୍ ଅସତ୍; ସୁନ୍ଦର କୁତ୍ସିତ; ଭଲ ମନ୍ଦ ସବୁ ଏହି ବାଟେ ସଂସାର ଛାଡ଼ି ଯାଏ । ଏଠାରେ ସକଳପଦାର୍ଥର ସମାଧିକ୍ରିୟା ସାଧିତ ହୁଏ ଏହା ପୃଥିବୀରେ ଯଥାର୍ଥ ପୁଣ୍ୟଭୂମି—ସ୍ୱର୍ଗ ।

ଯେଉଁମାନଙ୍କର ଅନ୍ତଃକରଣ ଅସହ୍ୟ ସଂସାରଯନ୍ତ୍ରଣାରେ ଦଗ୍ଧବିଦଗ୍ଧ ହେଉଅଛି; ଯେଉଁମାନେ କଷ୍ଟଦାୟକ ବ୍ୟାଧିପୀଡିତ ହୋଇ ରୋଗଶଯ୍ୟାରେ ଛାଟିପିଟି ହେଉଅଛନ୍ତି; ଯେଉଁମାନେ ପତିପୁତ୍ର ଶୋକରେ ଏକାନ୍ତ କାତର ହୋଇ ସର୍ବଦା ହାହାକର କରି ଜଗତ୍ ଅନ୍ଧକାର ଦେଖୁଅଛନ୍ତି; ସେମାନଙ୍କ ପକ୍ଷରେ ଏ ସ୍ଥାନଟି ଶାନ୍ତିନିଳୟ; ଏଠାକୁ ଆସିଲେ ସେମାନେ ସୁସ୍ଥ ଏବଂ ନିଶ୍ଚିନ୍ତ ହୁଅନ୍ତି । ଅବଲମ୍ବନହୀନ ଚିରଆଶ୍ରୟବିରହିତ ଶୋକସନ୍ତପ୍ତ ଜନର ଶେଷ ଅବଲମ୍ବନ ଶ୍ମଶାନ । ଯେଉଁ ଲୋକ ବିରହକାତର, ଯାହାର ଆଶାମରୀଚିକା ଚିରନିର୍ବାପିତ ତାହାର ଶେଷ ଅବଲମ୍ବନ ଶ୍ମଶାନଭୂମି । ପତିବିଧୂରା ହିନ୍ଦୁ ବାଳିକାପକ୍ଷରେ ଏ ସ୍ଥାନଟି ସର୍ବଦା ସ୍ୱର୍ଗସୁଖ ସଞ୍ଚୟ କରି ରଖିଥାଏ; ଏଠାରେ ଶୟନ କଲେ ସେମାନଙ୍କୁ ଆଉ ନିଷ୍ଠୁର ସମାଜର କଶାଘାତ ସହ୍ୟ କରିବାକୁ ହୁଅଇ ନାହିଁ । ଏ ସ୍ଥାନର ମହିମା ଅବର୍ଣ୍ଣନୀୟ । ଏଠାରେ ଉପବେଶନ କରି ଥରେ ଚିନ୍ତା କଲେ ମନୁଷ୍ୟଜୀବନର ସାରବତ୍ତା ଉତ୍ତମରୂପେ ହୃଦୟଙ୍ଗମ ହୁଏ । ଅହଂକାର, ଅଭିମାନ, ସ୍ୱାର୍ଥପରତା ଦୂରକୁ ପଳାୟନ କରେ । ତ୍ରିପୁରବିଜୟୀ ରାବଣର ତେଜ ଓ ଗରିମା ଏଠାରେ ଲୀନ ହୋଇଅଛି; ରାଜା ଦୁର୍ଯ୍ୟୋଧନଙ୍କର "ମାନଗୋବିନ୍ଦ" ନାମ ଏଠାରେ ଲୋପପ୍ରାପ୍ତ ହୋଇଅଛି । ଯେଉଁ ସୁନ୍ଦରୀଲଲାମ ହେଲେନ ନିମନ୍ତେ ଟ୍ରୟରାଜ୍ୟ ନାରଖାର ହୋଇଥିଲା; ଯେଉଁ ଲାବଣ୍ୟମୂର୍ତ୍ତି କ୍ଲିୟୋ ପୋପାଟ୍ରା ଜୁଲିୟସ୍ ସିଜରଙ୍କୁ ପାଗଲ କରିଥିଲେ; ସେମାନେ ସେମାନଙ୍କର ସୌନ୍ଦର୍ଯ୍ୟାଭିମାନର ସହିତ ଏଠାରେ ପ୍ରୋଥିତ ରହିଅଛନ୍ତି । କବିକୁଳଗର୍ବୀ କାଳିଦାସ ଏବଂ ସେକ୍ଷପୀୟର; ଜ୍ଞାନବୀର ଶଙ୍କରାଚାର୍ଯ୍ୟ ଏବଂ ନିଉଟନ; ଭକ୍ତପ୍ରଧାନ ଚୈତନ୍ୟ ଏବଂ ନାନକ ସମସ୍ତେ ଏହି ବାଟେ ସଂସାର ଛାଡ଼ି ଯାଇଅଛନ୍ତି – ସମସ୍ତେ ଏହିଠାକୁ ଆସି ପଞ୍ଚଭୂତରେ ପଞ୍ଚଭୂତ ମିଶାଇଅଛନ୍ତି । ତୁମ୍ଭେ ଆମ୍ଭେ ଅବା କିଏ ? ଏ ପାପପ୍ରାଣ କେତେଦିନ ନିମନ୍ତେ; ଗର୍ବ ଅହଂକାର ପୁଣି କାହିଁପାଇଁ ?

ପୃଥିବୀରେ ଅମିଶ୍ରସୁଖ ବଡ଼ ଦୁର୍ଲ୍ଲଭ; ଶୁଦ୍ଧସୁଖ ଏଠାରେ ମିଳଇ ନାହିଁ । ପୁଷ୍ପରେ ସୌରଭ ଅଛି ପୁଣି କଣ୍ଟକ ଅଛି; ମଧୁରେ ମଧୁରତା ଅଛି ଏବଂ ପ୍ରମତ୍ତକାରିତା ଅଛି;

ଚନ୍ଦ୍ରରେ ସୁସ୍ନିଗ୍ଧ ଜ୍ୟୋତ୍‌ସ୍ନା ଅଛି ପୁଣି କଳଙ୍କ ଅଛି; ଆଶାରେ ସୁଖ ଅଛି ଏବଂ ଦୁଃଖ ଅଛି । ତଦ୍ରୂପ ଶ୍ମଶାନରେ ମଧ ହର୍ଷ ଦୁଃଖ ଦୁହେଁ ଅଛନ୍ତି । ଏକପକ୍ଷରେ ଏହା ସୁଖର ଆଗାର, ଅପରପକ୍ଷରେ ଅଶାନ୍ତିର ଭଣ୍ଡାର । ଯେ ଏଠାରେ ଶୟନ କରେ ତାହାର ସକଳ ସୁଖ ଲାଭ ହୁଏ— ସେ ସକଳପ୍ରକାର ଦୁଃଖ ଏବଂ ଯନ୍ତ୍ରଣାରୁ ମୁକ୍ତିଲାଭ କରେ, କିନ୍ତୁ ତାହାର ପ୍ରିୟଜନମାନଙ୍କର କେବଳ ବ୍ୟାଧି ଯନ୍ତ୍ରଣା ସାର ହୁଏ, ଏହି ଯେ ସମ୍ମୁଖରେ ଚିତା ଜ୍ୱଳୁଅଛି ତହିଁରେ ଦେହ, ସୌନ୍ଦର୍ଯ୍ୟ, ପ୍ରେମ, ସରଳତା, ଅହଂକାର, ଗର୍ବ ସବୁ ପୋଡ଼ିଯାଉଅଛି ପୁଣି ତତ୍‌ସଙ୍ଗେ ଅପରର ଉତ୍ସାହ, ଅପରର ଧୈର୍ଯ୍ୟ, ଅପରର ଆଶା, ଅପରର ପ୍ରଫୁଲ୍ଲତା ପୋଡ଼ି ଭସ୍ମାବଶେଷ ହେଉଅଛନ୍ତି । ସେଥିପାଇଁ କହୁଥିଲୁଁ ଯେ ଅମିଶ୍ର ସୁଖ ପୃଥିବୀରେ ବଡ଼ ଦୁର୍ଲ୍ଲଭସାମଗ୍ରୀ । ଯେଉଁଠାରେ ସ୍ୱର୍ଗର ସୁଦୃଶ୍ୟ ଛବି ବର୍ତ୍ତମାନ ସେହିଠାରେ ଭୀଷଣ ନରକର ଭୟାବହ ଚିତ୍ର ବିଲମ୍ବିତ ! ଯେଉଁଠାରେ ସୁଖର ପବିତ୍ରଛାୟା, ସେହିଠାରେ ଅଶାନ୍ତିର କରାଳମୂର୍ତ୍ତି ! ଜଗତର ଗତି ବିଚିତ୍ର ।

---

## ସୂର୍ଯ୍ୟ ।

୧

ତୁମ୍ଭପରି ଜଗତେ କେ ପ୍ରତାପୀ ତପନ,
କେ ଅବା ପ୍ରକାଶେ ଏଡ଼େ ପ୍ରଖର କିରଣ,
ପ୍ରତିଦିନ ପ୍ରଭାତରେ ପୂର୍ବେ ଉଠୁଅଛ ଖରେ
କରୁଛ ଜୀବସଙ୍କୁଳ ମେଦିନୀ ଦର୍ଶନ,
କ୍ରମେ କ୍ରମେ କର ପୁଣି ପଶ୍ଚିମେ ଗମନ ।

୨

କାହାର କ୍ଷମତା ଅଛି କରି ନିରୀକ୍ଷଣ,
ତୁମ୍ଭ ଆକୃତି ପ୍ରକୃତି କରିବ ଦର୍ଶନ,
ଚାହିଁଲେ ତେଜ ବିକାଶି ଦେବ ସେ ନୟନ ଗ୍ରାସି
ବ୍ୟଥାରେ ଆକୁଳପ୍ରାଣ ହେବ ସେହି ଜନ,
ଜଗତ ହୋଇବ ଅନ୍ଧକାର ଘୋରବନ ।

୩

ନିୟମ ପ୍ରତିପାଳନେ ତୁମ୍ଭେ ଶ୍ରେଷ୍ଠତର,
ତୁମ୍ଭପରି ଚଳେ କିଏ ଜଗତ ମଧ୍ୟର,
ସେହି ଦିଗ ବାରି କରି     ନିର୍ଦ୍ଦିଷ୍ଟ ସମୟ ଧରି
ଚଳୁଛ କେବେ ନ ଯାଅ ଦକ୍ଷିଣ ଉତ୍ତର,
ଏମନ୍ତ ଦୃଢ଼ନିୟମେ ଚଳିବେ କି ନର ।

୪

ଇଚ୍ଛା କରେଁ ଥରେ ଭାନୁ ଦକ୍ଷିଣ ଦିଗରେ,
ଉଦୟ ହୋଇ ଚଳିବ ଆକାଶ ମାର୍ଗରେ,
ଉତ୍ତର ଦିଗ ତୁମ୍ଭର     ହେବ ଅସ୍ତ ଗିରିବର
ଦେଖି କେ ଆଶ୍ଚର୍ଯ୍ୟ ଭାବ ନୋହିବ ମନରେ
ବିମୋହିତ ସର୍ବଜୀବ ହୋଇବେ ଲୋକରେ ।

୫

କେତେ ବଳ ଏ ଶରୀରେ କରିଛ ଧାରଣ,
କହ ବାରେ ମତେ ଆହେ ବଳିଷ୍ଠ ତପନ,
ଅବିଶ୍ରାନ୍ତତ ଭ୍ରମଣେ     କ୍ଳାନ୍ତ ହେଉନାହଁ କ୍ଷଣେ
ଆକାଶେ ଭ୍ରଷ୍ଟତ କେବେ ନୁହ୍‌ଇ ଚରଣ,
ପୃଥିବୀ ପରାଏ ବାରେ ନୁହତ କମ୍ପନ ।

୬

ମଣେ ମୁଁ ଆଶ୍ଚର୍ଯ୍ୟ ବଡ଼ କର ହେ ଖଣ୍ଡନ,
ଏ ବଳ ବିକ୍ରମ ତବ କିପାଁଇ ତପନ,
କ୍ଷୁଦ୍ର ରାହୁ କରେ ଗ୍ରାସ     ନ ଦିଅ ତାହାକୁ ତ୍ରାସ
କହି ଦିଅ ମତେ ଏଥି୍ କି ଗୂଢ଼ କାରଣ,
କିବା ଇନ୍ଦ୍ର ଜାଲ ବିଦ୍ୟା କରୁଛ ସାଧନ ।

୭

ଗ୍ରୀଷ୍ମକାଳେ ଯେଉଁ କଷ୍ଟ ଦେଉଛ ତପନ,
କି କହିବି ସେହି ବ୍ୟଥା ନ ସରେ ବଚନ,
ଦିଅ ଏ ପୃଥିବୀ ଜାଳି     ଏଥିପାଇଁ ଲୋକେ ଗାଳି

ଦିଅନ୍ତି ତୁମ୍ଭଙ୍କୁ କେତେ ନ ଶୁଣେ ଶ୍ରବଣ,
ଭାବନ୍ତି କ୍ଷଣକେ ଅବା ଛାଡ଼ିବ ଜୀବନ ।

୮

ଶୋଣିତ ବଦଳି ଯାଇ ବହେ ଦେହୁଁ ଝାଳ,
ଅସହ୍ୟ ପୀଡାରେ ବୋଧ ଘୋଟିଲା କି କାଳ,
ଅରଣ୍ୟର ବ୍ୟାଘ୍ରପରି ନେବ ଆଜି ପ୍ରାଣ ହରି
ନିଷ୍ଠୁର ତପନ ତେଜେ ଏ ଗ୍ରୀଷ୍ମ କରାଳ,
ଉତପ୍ତ ବାୟୁସଙ୍କୁଳ କରି ଅସ୍ତ୍ରଜାଳ ।

୯

ଲାପଲାଣ୍ଡ ଦେଶେ ତବ ବଡ ଅନୁଗ୍ରହ,
ଅର୍ଦ୍ଧବର୍ଷ ଯାଏ ତହିଁ ଏକଭାବେ ରହ,
ଦିନକ ପ୍ରତାପ ତବ କରି ଦେହେଁ ଅନୁଭବ
ଜାଣୁ ଯେ ସୁଖ ସମ୍ଭୋଗ କରୁଁ ତୁମ୍ଭ ସହ,
କେମନ୍ତେ ବଞ୍ଚନ୍ତି ଲାପଲାଣ୍ଡଦେଶୀ କହ ।

୧୦

ସେହି ଜନପଦ ସତ ତୁସାରମଣ୍ଡିତ,
ତୁମ୍ଭର ମୟୂଖେ ହିମ ହୁଏ ବିଗଳିତ,
ଘଟନ୍ତା ପ୍ରଳୟକାଣ୍ଡ ବୁଡନ୍ତା ସେ ଲାପଲାଣ୍ଡ
ରହନ୍ତା ସେ ରାଶି ରାଶି ହିମାନୀ ସଞ୍ଚିତ,
ହୁଅନ୍ତେ କାଳକବଳେ ଲୋକେ କବଳିତ ।

୧୧

ଏକା ଭାନୁ ବଡ଼ ସୁଖ ସେ ଶୀତକାଳରେ,
ତୁମ୍ଭର କିରଣ ସେବା କରେ ଆଦରରେ
କିରଣ ସତେଜ ଛାଡ଼ି କୁହୁଡ଼ି ଆକାଶୁଁ କାଢ଼ି
ନିୟ ଉଦୟ ହୋଇଣ ପୂର୍ବ ସିଂହାସନେ,
କି ଅପୂର୍ବ ସୁଖ ଜୀବେ ଲଭନ୍ତି ହେ ମନେ ।

ଶ୍ରୀ ଗୋବିନ୍ଦ ରଥ ।

---

# ଜୀବନ ନାବିକ ।

## "THE CHILD IS THE FATHER OF MAN"

ପୃଥିବୀରେ ଦୁଇଜଣଙ୍କ ମଧ୍ୟରେ ସଦା ବିବାଦ ବିସମ୍ବାଦ ଉପସ୍ଥିତ ହୁଏ । ଯେଉଁ ଦିଗକୁ ଯାଅ ଦେଖିବ ସେହି ଦୁଇଜଣଙ୍କ ମଧ୍ୟରେ ଜୟ ପରାଜୟ ଲାଗିଅଛି, ଜଣେ ଅନ୍ୟଜଣର ମଙ୍ଗଳ କେଭେଁ ଦେଖିପାରେନାହିଁ । ଏମାନେ ମାନବହୃଦୟ ଦଖଲ କରିବାରେ ତେତେ ପଟୁ ସେତେ ଆଉ କେଉଁଠାରେ ପାରନ୍ତିନାହିଁ । ଏମାନଙ୍କ ନିମିତ୍ତ ମାନବହୃଦୟ ଗୋଟିଏ ସୁମହତ ରାଜଧାନୀ । ଏହାକୁ ଅଧିକାର କରିବା ନିମନ୍ତେ ଦୁଇଜଣଙ୍କ ମଧ୍ୟରେ ସଦା ମନାନ୍ତର । କେହି କାହାର ଶ୍ରୀବୃଦ୍ଧି ଦେଖି ପାରେନାହିଁ । ଏ ଦୁଇଜଣ କିଏ ? ଏମାନେ ଧର୍ମ ଅଧର୍ମ, ପାପ ପୁଣ୍ୟ, ଭଲ ମନ୍ଦ, ଏବଂ ସଚ୍ଚରିତ୍ର ଓ ଦୁଶ୍ଚରିତ୍ର । ଜଣେ ପୁଣ୍ୟ ଦେବଯୋଗ୍ୟ ଅର୍ଥାତ୍ ଯାହାର ଅଧିକାରରେ ହୃଦୟ ରହିଲେ ମନୁଷ୍ୟ ଦେବତ୍ୱକୁ ପ୍ରାପ୍ତ ହୁଏ, ଓ ଯାହାର ଅଧିକାରରେ ରହିବା ନିମିତ୍ତ ମନୁଷ୍ୟକୁ ବହୁ ଚେଷ୍ଟା କରି ଶୁଦ୍ଧା ବିଫଳକାମ ହେବାକୁ ହୁଏ । ଅନ୍ୟ ଜଣକ ଦୁର୍ଦ୍ଦାନ୍ତ ଓ ଦୁର୍ଦ୍ଦମନୀୟ– ଏହାର ନିକଟରେ ପାତ୍ରାପାତ୍ର ବିଚାର ନାହିଁ । ଏହାକୁ କେହି ଲୋଡ଼ିବାକୁ ଯାଆନ୍ତି ନାହିଁ ଅଥଚ ହୃଦୟ ଅଧିକାର କରିବାରେ ବଡ଼ ମଜ୍‌ଭୁତ୍ । ଏହାକୁ ଯେଉଁଠାରେ ଦେଖ ସେହିଠାରେ ବର୍ତ୍ତମାନ– ଏହାର ଉପଦେଶ ଶୀଘ୍ର ମାନବହୃଦୟଗ୍ରାହୀ । ଏହାକୁ ସହସ୍ରବାର ବହିଷ୍କୃତ କଲେ ମଧ ପୁନଶ୍ଚ ମସ୍ତକୋତ୍ତୋଳନ କରି ବୀରବେଶରେ ସମ୍ମୁଖରେ ଉପସ୍ଥିତ ହୁଏ । ସର୍ବତ୍ର ଏହାର ଜୟ ଲକ୍ଷିତ ହୁଏ, ମାତ୍ର ଦୟାମୟ ପରମେଶ୍ୱରଙ୍କ ରାଜ୍ୟରେ ପରାସ୍ତ ମାନେ । ପାପ ପୁଣ୍ୟ ଭଲ ଓ ମନ୍ଦ ମଧ୍ୟରେ ଯେଉଁ ତୁମୁଳଯୁଦ୍ଧ ପ୍ରତ୍ୟହ ଉପସ୍ଥିତ ହୁଏ ତହିଁରେ ମନୁଷ୍ୟ କେଉଁ ଆଡ଼କୁ ଯିବ ସ୍ଥିର କରିପାରେନାହିଁ – କାରଣ ମନୁଷ୍ୟ ବଡ଼ ଦୁର୍ବଳପ୍ରାଣୀ, ଯାହା ଭଲ ତାହା ହଠାତ୍ ଧାରଣା କରିପାରେନାହିଁ ସୁତରାଂ ମନ୍ଦକୁ ଶୀଘ୍ର ପ୍ରଶ୍ରୟ ଦିଏ । ଯାହା ମନ୍ଦ ତାହା ଯେବେ ଥରେ ହୃଦୟ ଅଧିକାର କଲା ଜାଣିଲ ତେବେ ପୋଡ଼ି ନାରଖାର କରିବା ପର୍ଯ୍ୟନ୍ତ କେଭେଁ ହୃଦୟକୁ ଛାଡ଼ିବ ନାହିଁ । ଏପରି ଅବସ୍ଥାରେ ଜୟୀ ହେବା ମନୁଷ୍ୟପକ୍ଷରେ ବଡ଼ ସହଜ ନୁହେ । ଏହାକୁ ବହିଷ୍କୃତ କରିବା ନିମିତ୍ତ କଠୋର ସାଧନାର ଆବଶ୍ୟକ । ଏ ମହାରାକ୍ଷସ ହସ୍ତରୁ ଆମୂଳ ମୁକ୍ତ ହେବାକୁ ଚେଷ୍ଟାକଲେ ଆଜୀବନ ଯୁଦ୍ଧରେ ପ୍ରବୃତ୍ତ ହେବାକୁ ହେବ । ମନୁଷ୍ୟ ଏହା ବିପକ୍ଷରେ ଖଡ୍‌ଗ ଉତ୍ତୋଳନ କରିବା ଯେତେ ଶୀଘ୍ର ସମ୍ଭବେ ତାହା ବାଞ୍ଛନୀୟ ନୋହିଲେ ଏହାର ହସ୍ତରୁ ଆଶୁ ନିସ୍ତାର ପାଇବାର ଆଉ କୌଣସି ଉପାୟ ନାହିଁ ।

ଶିଶୁ ଭୂମିସାତ୍ ହେବା ଦିନରୁ ତାହାର ଶିକ୍ଷା ପୃଥିବୀରେ ଆରମ୍ଭ ହୁଏ । ସେ ଯେ କେବଳ ବୟଃପ୍ରାପ୍ତ ହେଲେ ଶିକ୍ଷା କରେ ତାହା ନୁହେ । ଶିଶୁ ଯେପରି ଅନୁକରଣପ୍ରିୟ ଓ ଯେତେ ଶୀଘ୍ର କୌଣସି ବିଷୟ ହୃଦୟଙ୍ଗମ କରିପାରେ ତେତେ ଶୀଘ୍ର ବୟସ୍କମାନେ ପାରନ୍ତି କି ନାହିଁ ସନ୍ଦେହ । ଶୈଶବାବସ୍ଥାରେ ମନୁଷ୍ୟର ସ୍ମରଣଶକ୍ତି କିଛି ବେଶି ପ୍ରଖର, ସୁତରାଂ ଯାହା ଦେଖେ ଓ ଶୁଣେ ତାହା ଅଜ୍ଞାତଭାବରେ ସବୁ ଅନୁକରଣ କରୁଥାଏ । ତାହାର ହୃଦୟ ତେତେବେଳେ ଏକପ୍ରକାର ଚାପାକାଗଜର ନ୍ୟାୟ, ତାହାର ସମ୍ମୁଖରେ ଯାହା ପଡ଼େ ସେ ଶୀଘ୍ର ଚାପିରଖେ । ଫଟୋଗ୍ରାଫ୍-କଳସମ୍ମୁଖରେ ଯାହା ଦେଖେ ତାହାର ଛବି ଯେପରି ଅବିକଳ ଉଠାଇନିଏ ସେହିପରି ଶିଶୁ ପ୍ରତ୍ୟେକ ସମ୍ମୁଖସ୍ଥିତ ପଦାର୍ଥର ଫଟୋଗ୍ରାଫ୍ ଉଠେଇନିଏ । ଏ ସମୟରେ ହୃଦୟ ଦର୍ପଣୋପରି ଯାହା ପତିତ ହୁଏ ତାହା ହଠାତ୍ ପ୍ରତିବିମ୍ବିତ ହୋଇଯାଏ ଆଉ ଯାହା କେଭେଁ ଲିଭିବାର ନୁହେ । ଏହି ସମୟରେ ଯାହା ଦେଖିଥିବ ଓ ଶୁଣିଥିବ ଭବିଷ୍ୟତରେ ପୃଥିବୀକି ତାହାର ଚିତ୍ରପଟ ଦେଖାଇବ । ଏ ସମୟରେ ଚିଦାକାଶରେ ଯେପରି ମେଘ ଢାଙ୍କି ଥିବ ଭବିଷ୍ୟତରେ ସେହିପରି ବୃଷ୍ଟି ହେବ ସନ୍ଦେହ ନାହିଁ । ଆମ୍ଭମାନଙ୍କ ଦେଶରେ କହିଥାନ୍ତି ଯେ ତୁଳସୀ ଦ୍ୱିପତ୍ରୁ ବାସେ ବିଛୁଆତି ଦ୍ୱିପତ୍ରୁ କୁଣ୍ଡେଇ ହୁଏ । ଏ ବାକ୍ୟଟିର ଅର୍ଥ ଅତି ସୁମହତ୍ ଓ ସତ୍ୟତାପୂର୍ଣ୍ଣ ଇଦୃଶ ବାକ୍ୟର ସତ୍ୟାସତ୍ୟ ନିତ୍ୟଜୀବନରେ ଦେଖାଯାଉଅଛି ସୁତରାଂ ଅଧିକ ପ୍ରମାଣର ଆବଶ୍ୟକ ରଖେ ନାହିଁ । ଯେପରି ବାଳକଟିର ଚରିତ୍ର ଅଳ୍ପପରିମାଣରେ ହେଉ ବା ବହୁପରିମାଣରେ ହେଉ ଶେଷ ପର୍ଯ୍ୟନ୍ତ ଥାଏ । ଯେବେ କିଛି ପରିବର୍ତ୍ତନ ହୋଇଥାଏ ତାହା ଅତି ସାମାନ୍ୟ । ଆମ୍ଭମାନଙ୍କ ଦେଶରେ ସମସ୍ତେ ଜାଣନ୍ତି ଯେତେବେଳେ ବାଉଁଶ ଗଜା ହୋଇଥାଏ ତେତେବେଳେ ଏହାକୁ ସହଜରେ ବକ୍ର କରାଯାଇପାରେ ମାତ୍ର ବଢ଼ିଗଲେ ଯେତେ ପରିଶ୍ରମ କର କେଭେଁ ବଙ୍କେଇ ପାରିବନାହିଁ । ଉପରୋକ୍ତ ଦୃଷ୍ଟାନ୍ତମାନଙ୍କରୁ ଜଣାଯାଉଅଛି ଯେ ମନୁଷ୍ୟ ଠିକ୍ ତଦ୍ରୂପ । ବାଲ୍ୟାବସ୍ଥାରେ ଜୀବନ ଯେଉଁ ଦିଗକୁ ଢଳିଥିବ ଚିରଦିନ ସେହିଦିଗକୁ ଢଳି ରହିବ । ବାଲ୍ୟାବସ୍ଥାରେ ଦୁଷ୍ଟ ଓ ଦୁର୍ଦ୍ଦମନୀୟ ହୋଇଥିଲେ ପ୍ରୌଢ଼ାବସ୍ଥାରେ ସେହିରୂପ ଚିତ୍ର ଦେଖାଇବ । ବାଲ୍ୟାବସ୍ଥାରେ ଯେବେ ଚୌର ପ୍ରବୃତ୍ତିର ଲକ୍ଷଣ ଦେଖାଯାଇଥିବ ଭବିଷ୍ୟତରେ ସେହିପରି ଆଚରଣ କରିବାକୁ କୁଣ୍ଠିତ ହେବନାହିଁ । ମିଥ୍ୟା ଓ କୁବାକ୍ୟ ପ୍ରୟୋଗ କରିବାରେ ଜିହ୍ୱା ଯେବେ ଅଭ୍ୟସ୍ତ ହୋଇଥିବ ତେବେ ତାହାର ଦ୍ୱିଗୁଣ ହେବ । ବାଲ୍ୟାବସ୍ଥାରେ ଯେବେ ସତ୍ୟପ୍ରିୟତା ଓ ଧର୍ମଭାବର କିଞ୍ଚିତ୍ ଆଭାଷ ମିଳିଥିବ ଭବିଷ୍ୟତରେ ତାହା ଜାଜ୍ୱଲ୍ୟମାନ ହୋଇ ପ୍ରକାଶ ପାଇବ । ଚରିତ୍ରରୂପ ବହୁମୂଲ୍ୟ ରତ୍ନ ବିନା କଷ୍ଟ ଓ ସାଧନାରେ ପ୍ରାପ୍ତ ହେବାର ପଦାର୍ଥ ନୁହେ । ଏହାକୁ ପ୍ରାପ୍ତହେବା ନିମିତ୍ତ ଯେବେ କ୍ରମାନ୍ୱୟେ ବାଲ୍ୟାବସ୍ଥାରୁ ଚେଷ୍ଟା କରାଯାଏ ଓ ବାଳକ ବାଳିକାମାନଙ୍କ ସମ୍ମୁଖରେ ପିତାମାତା ଓ ଅଭିଭାବକମାନଙ୍କ ଦ୍ୱାରା ଯେବେ ସକଳ ଚରିତ୍ରର ଚିତ୍ରପଟ

ଅନୁବରତ ଝୁଲାଯାଏ ତେବେ ହେଲେ ଏପରି ବହୁମୂଲ୍ୟ ରତ୍ନ ଲାଭ କରାଯାଇପାରେ ନଚେତ୍ ଯାହା ତାହା ପକ୍ଷରେ ଏହା ଅସମ୍ଭବ ।

ଚରିତ୍ରାଭାବରୁ ପୃଥିବୀରେ ଯେଉଁ ୨ ଲୋମହର୍ଷ ଘଟନାମାନ ପ୍ରତ୍ୟହ ଘଟୁଅଛି ତାହା ବର୍ଣ୍ଣନା କରିବାକୁ ଗଲେ ଜିହ୍ୱା ଅବଶ ହେବ ଲେଖନୀ ପରାସ୍ତ ମାନିବ ତଥାଚ ସମ୍ପୂର୍ଣ୍ଣ ହେବନାହିଁ । ଅସଂଖ୍ୟ ନରନାରୀ ଯୁବକଯୁବତୀ ବାଳକବାଳିକା ଚରିତ୍ରାଭାବରୁ ଅକାଳେ ମୃତ୍ୟୁମୁଖରେ ପତିତ ହେଉଅଛନ୍ତି ମହାପଣ୍ଡିତମାନେ (ଯେବେ ପଣ୍ଡିତ ନାମେ ଯୋଗ୍ୟ ହୁଅନ୍ତି) ଓ ଶିକ୍ଷିତ ଲୋକମାନେ (ପ୍ରକୃତ ଅଶିକ୍ଷିତ) ଯେଉଁମାନେ ସମାଜରେ ଧ୍ରୁବତାରା ସଦୃଶ ହୋଇ ଅସଚ୍ଚରିତ୍ର ଲୋକଙ୍କର ପଥପ୍ରଦର୍ଶକ ହୁଅନ୍ତେ ସେମାନେ ଆଜି କାହିଁକି ପୂତିଗନ୍ଧବିଶିଷ୍ଟ ଜଘନ୍ୟ କାର୍ଯ୍ୟମାନଙ୍କରେ ଲିପ୍ତ ? ଚରିତ୍ରାଭାବରୁ ଓ ମାତାପିତାଙ୍କ ଅସାବଧାନତାରୁ କେତେ ଭାରତୀୟ ବାଇରନ୍ ଆଜି କୂଳ ନ ପାଇ ଭୀଷଣ ପାପସମୁଦ୍ରରେ ଭାସମାନ ହେଉଅଛନ୍ତି । ବିଶ୍ରାମଦିନ ଯାହା କେବଳ ଜୀବନଚିନ୍ତା ଓ ଈଶ୍ୱରଚିନ୍ତାରେ କ୍ଷେପଣ ହୁଅନ୍ତା ତାହାପୁଣି ସୁରାଦେବୀ ଓ ବାରନାରୀ ପୂଜାକୁ ନିଅଣ୍ଟ ହେଲା । ଧିକ୍ ସେ ଶିକ୍ଷାକୁ ! ଯେ କି ଆମ୍ଭମାନଙ୍କୁ ଜଘନ୍ୟ ଆଚାର ବ୍ୟବହାରରୁ ରକ୍ଷା କରିପାରିଲା ନାହିଁ । ଧିକ୍ ସେ ସଂସର୍ଗ ! ଯେ କି ଜୀବନକୁ ସତ୍ପଥଆଡ଼କୁ ନେଇପାରିଲା ନାହିଁ । କୁସଂସର୍ଗ ଓ ଦୁଶ୍ଚରିତ୍ରତା ବଶରୁ ଆଜି ବିଧବାର କ୍ରନ୍ଦନରୋଳ ପ୍ରତିଧ୍ୱନିତ ହେଉଅଛି । ଶିଶୁ ସନ୍ତାନମାନଙ୍କ ଆର୍ତ୍ତ ଧ୍ୱନି ଗଗନ ସ୍ପର୍ଶ କରୁଅଛି । ବିଚାରାସନ ଉତ୍କୋଚ ରୋଗରେ କଳୁଷିତ ହେଉଅଛି, ପାପଗର୍ଭଜନିତ ପ୍ରତ୍ୟହ କେତେ ଭ୍ରୂଣହତ୍ୟା ହେଉଅଛି । ଏକ ଚରିତ୍ରାଭାବରୁ କଅଣ ବା ହୋଇନପାରେ ? ଯେତେ ବିଦ୍ୟାରେ ବିଭୂଷିତ ହୁଅ, ଯେତେ ବଡ଼ ୨ ବିଶ୍ୱବିଦ୍ୟାଳୟର ଉପାଧିମାନ ନାମର ଶେଷରେ ଯୋଗ କର ଚରିତ୍ର ନଥିଲେ ତୁମ୍ଭର ଆଦର କେଉଁଠି ? କେବଳ ଦୁଶ୍ଚରିତ୍ର ଏ ସବୁକୁ ଏକାବେଳକେ କଳଙ୍କିତ କରିଦେବ । ତୁମ୍ଭମାନଙ୍କ ମନୋବିଜ୍ଞାନ ଓ ଜଡ଼ବିଜ୍ଞାନ ସବୁ ଜଡ଼ରେ ପରିଣତ ହେବ । କେହି ତୁମ୍ଭଙ୍କୁ ଜୀବନନାବିକ ବିନା ସତ୍ପଥ ଦେଖାଇପାରିବ ନାହିଁ ।

ଚରିତ୍ର କଅଣ ଏବଂ ଏହାଦ୍ୱାରା କି ବିଷମୟ ଫଳ ଉତ୍ପନ୍ନ ହୋଇପାରେ ଯେବେ ସମସ୍ତେ ଏହା ହୃଦୟଙ୍ଗମ କରିପାରନ୍ତେ ତେବେ ପୃଥିବୀର ଏଡ଼େ ଦୁର୍ଦ୍ଦଶା ହୁଅନ୍ତା ନାହିଁ । ଆମ୍ଭମାନଙ୍କ ଦେଶରେ ଗୋଟିଏ କୁସଂସ୍କାର ଅଛି ଯେ ପଣ୍ଡିତ ଓ ଶିକ୍ଷିତ ଲୋକମାନେ ଚରିତ୍ରବାନ୍ ଅଟନ୍ତି ସୁତରାଂ ସେମାନଙ୍କ କାର୍ଯ୍ୟକଳାପଚୟକୁ ନିଦର୍ଶନ ସ୍ୱରୂପ ଜାଣନ୍ତି । ଏ କୁସଂସ୍କାରଟି ଯେତେଦିନ ଥିବ ତେତେଦିନ ଯାଏ ଆମ୍ଭେମାନେ ପ୍ରକୃତ ଚରିତ୍ର କଅଣ ଜାଣିପାରିବା ନାହିଁ ।

କ୍ରମଶଃ —

## ଅନାଥିନୀ

# ଦ୍ୱିତୀୟ ପରିଚ୍ଛେଦ । ମନ୍ତ୍ରଗ୍ରହଣ ।

କିଛିକାଳଉତ୍ତାରୁ ସନ୍ନ୍ୟାସିଙ୍କର ଉପାସନା ସାଙ୍ଗହେଲା । ତେତେବେଳକୁ ପ୍ରଫୁଲ୍ଲ ଚନ୍ଦ୍ରମା କିରଣଜାଳଦ୍ୱାରା ମହାନ୍ଧକାର ଭେଦକରି ସମୁଦ୍ରଜଳର କିଞ୍ଚିତ ଉପରେ ଥାଇ ଆକାଶମାର୍ଗରୁ ପୃଥିବୀପ୍ରତି ତୀକ୍ଷ୍ଣଦୃଷ୍ଟି କରୁଅଛନ୍ତି ଏବଂ ସମୁଦ୍ର ମଧ୍ୟ ଚନ୍ଦ୍ରସ୍ୱରୂପ କୁମାର ଜାତକଲା ପ୍ରାୟ ଆନନ୍ଦରେ ଗଡ଼ିଯାଉଁଅଛି । ସନ୍ନ୍ୟାସିଙ୍କର ଯେଉଁ ବିଭୂତିଭୂଷଣକୁ ଅନ୍ଧକାର ଇର୍ଷାଭାବବଶତଃ ଘୋଡ଼ାଇ ରଖିଥିଲା ବର୍ତ୍ତମାନ ଶୀତକରକିରଣରେ ତାହା ଦ୍ୱିଗୁଣ ଉଜ୍ଜ୍ୱଳ ହୋଇଅଛି । ସନ୍ନ୍ୟାସୀ ଧ୍ୟାନରୁ ଉଠି ଯେମନ୍ତ ଚକ୍ଷୁ ମେଲିଲେ ତତ୍‌କ୍ଷଣାତ୍ ସମ୍ମୁଖରେ ଅଶ୍ୱାରୋହିଙ୍କି ଦେଖି ସବିସ୍ମୟ ହୋଇ କହିଲେ – ''ଦେବାନଜି, ସମସ୍ତ ମଙ୍ଗଳ ।''

ଅଶ୍ୱାରୋହୀ ସାଷ୍ଟାଙ୍ଗ ପ୍ରଣିପାତହୋଇ ଉତ୍ତର କଲେ 'ଅବଧାନ – ବାବାଙ୍କ ଆଶୀର୍ବାଦରୁ ସମସ୍ତ କୁଶଳ ।'

ସ । – ଏ ସମୟରେ କେଉଁଠାକୁ ଆସିଲେ ?

ଅ । – କାହିଁକି ? – ଆମେ ତ ଇତିପୂର୍ବେ ଲକ୍ଷେଥର ଏହି ସମୟରେ ଆସିଥିବୁଁ । ଆଜି ବାବା ଏପରି କାହିଁକି ପଚାରିଲେ ?

ସ । – ଦେବାନଜି ତହିଁର କାରଣ ଅଛି । ଆପଣଙ୍କ ମୁଖଶ୍ରୀରୁ ଜଣାଯାଉଅଛି ଯେ ଆପଣ ବଡ଼ ଚଞ୍ଚଳ ଓ ଉଦ୍‌ବିଗ୍ନ ଅଛନ୍ତି ।

ଅ । – ବାବା ସର୍ବଜ୍ଞ – ବାବାଙ୍କୁ ଭୂତ୍ ଭବିଷ୍ୟତ୍ ବର୍ତ୍ତମାନ ତିନିକାଳ ଆଉ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିଭୂବନର କଥା ବିଦିତ ଅଛି ।

ସ । – ଆମେ ବୁଝିଛୁଁ – ମାତ୍ର ଦେବାନଜି ଏତେ ଚିନ୍ତା କି ସକାଶେ ? ଜଗଦୀଶ୍ୱରଙ୍କ ପ୍ରସାଦରୁ ଆମର ବାକ୍ୟ ଅଖଣ୍ଡନୀୟ ହୋଇଛି । ଏହି ଯେ ନୀଳଚକ୍ର ଶ୍ରୀ ଜଗନ୍ନାଥଦେବଙ୍କ ମନ୍ଦିର ଉପରେ ଶୋଭା ପାଉଅଛି ଯେତେ କାଳ ତାହା ପୃଥ୍ୱୀରେ ଅଟଳ ହୋଇ ରହିଥିବ ଆମର ବାକ୍ୟ ମଧ୍ୟ ସେତେକାଳ ଅଟଳ ବୋଲି ଜାଣିବ । ଆପଣ ଚିନ୍ତା ନ କରନ୍ତୁ ।

ଅ । – ବାବାଙ୍କୁ ସମୁଦାୟ ବିଷୟ ଗୋଚର । ଆମେମାନେ ଛାର ଜୀବ । ଆମମାନଙ୍କର କେତେବେଳେ କି ହେବ କିଛି ନ ଜାଣୁଁ ମଧ୍ୟ କି କରିବାକୁ ଯାଇ କେତେବେଳେ କି କରିବସୁଁ ତହିଁର ସୁଦ୍ଧା ଠିକଣା ନ ଥାଏ । ଆମେ ଅଧିକ କି କହିବା । ଆମକୁ ସଂସାର ଅନ୍ଧକାରମୟ ଦିଶୁଛି । ଭାବନା ଚିନ୍ତା ଏକାବେଳକେ ସାରିଦେଇଛି

ଯେତେଦିନ ହତ୍ୟାକାଣ୍ଡରେ ଲିପ୍ତ ହୋଇ ନଥିଲୁଁ ତେତେଦିନ ମନ ସୁସ୍ଥିର ଥିଲା । ଏବକୁ ତାହା ସର୍ପବତ୍ ସତତ ହୃଦୟଦଂଶନ କରୁଛି ।

ସ । – ସର୍ପବତ୍ ହୃଦୟଦଂଶନ କରୁଛି ! କି ଆଶ୍ଚର୍ଯ୍ୟ ? ବୀର୍ଯ୍ୟବାନ୍ ବୀରପୁରୁଷ ହୋଇ ଏଡ଼େ ଭୀରୁଭାବ କେଉଁଠାରୁ ଅର୍ଜିଲେ ? ଆମେ ତ ପୂର୍ବେ କହିଥିଲୁଁ ଏହା ସାମାନ୍ୟଲୋକର କାର୍ଯ୍ୟ ନୁହଇ । ଯେବେ ସ୍ୱଭାବ ଏରୂପ ଥିଲା ତେବେ ଏ କାର୍ଯ୍ୟରେ ମାତିଲେ କାହିଁକି ?

ଅ । – ନ ମାତିଲେ ବାବାଙ୍କ ଆଶୀର୍ବଚନ ସଫଳ ହୁଅନ୍ତା ନାହିଁ ।

ସ । – ତେବେ ଆମର ବାକ୍ୟ ଶିରୋଧାର୍ଯ୍ୟ କରି ଧୈର୍ଯ୍ୟ ଏବଂ ସାହସ ଅବଲମ୍ବନ କରିବା ଉଚିତ ହେଉନାହିଁ କି ?

ଅ । – ଉଚିତ – ମାତ୍ର ଧୈର୍ଯ୍ୟ ଆଉ ସାହସ କାହୁଁ ପାଇବୁ ?

ସ । – କାହିଁକି ?

ଅ । – ପ୍ରତାପରୁଦ୍ରଙ୍କର ବତ୍ରିଶ ପୁତ୍ର । କଲୁୟଦେବ ହତ ହେଲେ, କଠୋର ଦେବରାଜ ସିଂହାସନ ଆରୋହଣ କଲେ । କଠୋର ଦେବଙ୍କୁ ଛାଡ଼ି ପ୍ରତାପରୁଦ୍ରଙ୍କର ଆହୁରି ତ୍ରିଶପୁତ୍ର ଅଛନ୍ତି । ଏମନ୍ତ ସ୍ଥଳେ ସହଜରେ ଧୈର୍ଯ୍ୟ ବା ସାହସ କାହୁଁ ହେବ ?

ସ । – କି ଆଶ୍ଚର୍ଯ୍ୟ ! – ଦେବାନଜି, ଏଭଳି କଥା ଆପଣଙ୍କ ମୁହଁରୁ କେବେ ଶୁଣାଯାଇ ନଥିଲା । ଆମେ ଅନୁମାନ କରୁଅଛୁଁ ଆପଣଙ୍କର ଜ୍ଞାନକାଣ୍ଡ ଲୋପ ପାଇଛି । – କାହିଁକି ? – ବିଜ୍ଞଲୋକର ଏପରି ହେବା କେଡ଼େ ଅନୁଚିତ – କେଡ଼େ ଅବିବେକତା !

ଅ । – ବାବା, ମୋତେ କିଛି ବୁଦ୍ଧି ଆସୁନାହିଁ । – ଆଦେଶ କରନ୍ତୁ । ବାବା ଯେଉଁବାଟ ଦେଖାଇଦେବେ ସେହିବାଟେ ଯିବୁଁ । ଆମେ ମନ୍ତ୍ର ଗ୍ରହଣ କରିବାକୁ ଆସିଛୁଁ – ମନ୍ତ୍ର ନ ପାଇଲେ ବାବାଙ୍କ ଅଗ୍ରତେ ଏହି ଜଳଧିରେ ଡେଇଁପଡିବୁଁ ।

ସ । – ଯେବେ ମନ୍ତ୍ର ଗ୍ରହଣ କରିବାକୁ ଆସିଛ ତେବେ ଗୁରୁମନ୍ତ୍ର ସଫଳ କରିବାକୁ ଦୃଢ଼ପ୍ରତିଜ୍ଞ ନହେଲେ ମନ୍ତ୍ର ଦେବାରେ କିଛି ଲାଭ ନାହିଁ । ଅତଏବ ଆମେ ପ୍ରଶ୍ନ କରୁଅଛୁଁ ତୁମେ ଆମର ଆଦେଶ ପାଳିବଟିକି ?

ଅ । – ବାବାଙ୍କ ଆଜ୍ଞା ଶିରୋଧାର୍ଯ୍ୟ ।

ସ । – ଦେଖ ଏହା ଭଗବାନ୍‌ଙ୍କ କାର୍ଯ୍ୟ । ରାଜା ପ୍ରତାପରୁଦ୍ରଙ୍କ ଉତ୍ତାରୁ ସମସ୍ତ ରାଜ୍ୟ ବିଶୃଙ୍ଖଳ ହୋଇପଡିଛି । ଦେଶରେ ଅନ୍ତର୍ବିବାଦର ଅଗ୍ନି ପ୍ରଜ୍ୱଳିତ ହୋଇ ରାଜ୍ୟଖଣ୍ଡ ଭସ୍ମୀଭୂତ କରିବ ବୋଲି ଅଣ୍ଟା ବାନ୍ଧିଛି । ମହାତ୍ମା ଅନଙ୍ଗଭୀମଦେବ

ଶ୍ରୀଦେଉଳରେ ମହାପ୍ରଭୁଙ୍କ ସେବା ପୂଜାର ଯେଉଁ ନିୟମମାନ ଖଞ୍ଜିଥିଲେ ପ୍ରତାପରୁଦ୍ରଦେବଙ୍କ ମୃତ୍ୟୁପର୍ଯ୍ୟନ୍ତ ତାହା ସୁଚାରୁରୂପେ ଚଳିଆସିଲା । ବର୍ତ୍ତମାନ ଯେଉଁ ଦେବଙ୍କ କୃପାରୁ ଏ ରାଜ୍ୟ ଚଳୁଛି, ଯାହାଙ୍କ କୃପାରୁ ଓଡ଼ିଶା – ରାଜାଏ ଆଜି ରାଜାଙ୍କ ମଧ୍ୟରେ ମଉଡ଼ମଣି ବୋଲାଇ ଅତୁଳ ଯଶ ଅର୍ଜିବାକୁ ସକ୍ଷମ ହୋଇଛନ୍ତି, ତାଙ୍କର ପୂଜା ନୀତିର ଶୃଙ୍ଖଳା ନାହିଁ । ଏହା କି ସାମାନ୍ୟ ଅପରାଧର ବିଷୟ ? ରାଜ୍ୟଲୋକଙ୍କ କଥା ତେଣିକି ଥାଉ ଦେଉଳ ଭିତରର ଲୋକେ ଅରାଜକ ହେଲା ପ୍ରାୟ କେହି କାହାରିକି ମାନୁନାହାନ୍ତି । ଯେଉଁ ରାଜାଙ୍କୁ ଶ୍ରୀଜଗନ୍ନାଥଦେବଙ୍କଠାରୁ ଅଧିକ ସମ୍ମାନ ପ୍ରଦର୍ଶନ କରିବାକୁ ଲୋକେ ସତତ ବ୍ୟଗ୍ରତା ଦେଖାଇ ଚଳନ୍ତିବିଷ୍ଣୁ ବୋଲି ଜ୍ଞାନ କରୁଛନ୍ତି ତାଙ୍କ ଚରିତ୍ରର ବିଶୁଦ୍ଧତା ଲୋପପାଇଅଛି । ଏହା କି ସାମାନ୍ୟ ଆକ୍ଷେପର ବିଷୟ ! ଶ୍ରୀ ଜଗନ୍ନାଥ ଦେବଙ୍କର ଆଦେଶ ହୋଇଛି କି ପ୍ରତାପରୁଦ୍ରଙ୍କର ପୁତ୍ରମାନେ କେହି ସିଂହାସନର ଉପଯୁକ୍ତ ନୁହନ୍ତି । ଏଣୁ ସେମାନଙ୍କୁ ସିଂହାସନଭୋଗରୁ ନିରସ୍ତ କରି ଆପଣ ତହିଁରେ ଆସୀନ ହେଉନ୍ତୁ ଆପଣ ଦେବ-ବ୍ରାହ୍ମଣଭକ୍ତ । ଜଗନ୍ନାଥଙ୍କଠାରେ ଆପଣଙ୍କର ନିଷ୍ଠା ଅଛି ମଧ୍ୟ ଆପଣଙ୍କର ଚରିତ୍ର ବିଶୁଦ୍ଧ । ଅତଏବ ଦେବକାର୍ଯ୍ୟ ସମାଧା କରିବାରେ ତିଳମାତ୍ର ବିଳମ୍ବ ନ କରନ୍ତୁ । ଦେବଙ୍କର କାର୍ଯ୍ୟ ସମ୍ପନ୍ନ କରିବାରେ ବ୍ରତୀ ନହେବା ଯେମନ୍ତ ପାପ, ତାହା କରିବାକୁ ଯାଇ ହଟିଯିବା ମଧ୍ୟ ସେହିପରି ପାପ ।

ଅ – ଦେବଙ୍କ କାର୍ଯ୍ୟ ସତତ ପାଳନୀୟ । ବାବା ଆଜ୍ଞା କରନ୍ତୁ କି କରିବାକୁ ହେବ ।

ସ – କି କରିବାକୁ ହେବ ତୁମକୁ ଫେଡ଼ି କୁହାଯିବ ନାହିଁ । ଦେବଙ୍କର ଯେପରି କାମନା ଅଛି ତଦନୁଯାୟୀ ସମସ୍ତ ସମ୍ପନ୍ନ ହେବ । ମଧ୍ୟ ତାହା ଯେପରି ସମ୍ପନ୍ନ ହୁଏ ଆମେ ଆଶୀର୍ବାଦ କରୁଅଛୁଁ ଆପଣଙ୍କୁ ସେହିପରି ବୁଦ୍ଧି ଦିଶୁ – ମାତ୍ର ଦେବାନଜି, ଆଉ ଗୋଟିଏ କଥା ଅଛି – ତାହା ପ୍ରତିପାଳନ ନକଲେ ଆପଣ କଦାଚ କୃତକାର୍ଯ୍ୟ ହୋଇପାରିବେ ନାହିଁ ।

ଅ – ଆଦେଶ କରନ୍ତୁ । ଅଧୀନା ପ୍ରତିପାଳନ କରିବାକୁ ଏକାନ୍ତ ପ୍ରସ୍ତୁତ ଅଛି ।

ସ – ଯାହାକୁ ଆପଣ ସମ୍ପ୍ରତି ପ୍ରେମ କରିବାକୁ ଶିକ୍ଷିଅଛନ୍ତି ତାହା ସଙ୍ଗେ କାର୍ଯ୍ୟସିଦ୍ଧି ହେବା ପର୍ଯ୍ୟନ୍ତ ପ୍ରେମ ସମ୍ଭାଷଣରୁ ବିରତ ହେବେ । ଏମନ୍ତ କି୍ ସେ ସମ୍ମୁଖୀନ ହେଲେ ଶତ୍ରୁଜ୍ଞାନରେ ସେ ସ୍ଥାନ ତ୍ୟାଗ କରିବାକୁ ହେବ । – କେମନ୍ତ ? ତୁନି ହୋଇ ରହିଲେ ?– ଆପଣ ଏହା ପାରିବେଟିକି ?

ଏହି ଆଜ୍ଞା ଶ୍ରବଣରେ ଅଶ୍ୱାରୋହିଙ୍କର ମସ୍ତକ ଘୂର୍ଣ୍ଣାୟମାନ ହେଲା, ଶରୀରର ବଳବିକ୍ରମ କେଉଁଆଡେ ବିଦାୟ ଘେନି ଶୂନ୍ୟଦେହ ପକାଇ ଚାଲିଗଲା । ବିନା ମେଘରେ ବଜ୍ରାଘାତ ହେଲା ପ୍ରାୟ ଚତୁର୍ଦ୍ଦିଗ ଶୂନ୍ୟମୟ ଦିଶିଲା । ସେ କେବେହେଁ ମନେକରି ନଥିଲେ ଯେ ଏଭଳି ଏକ ଅନୁଜ୍ଞା ତାଙ୍କୁ ପାଳିବାକୁ ହେବ । ତାହା ଜାଣିଥିଲେ କେବେହେଁ ଉପରୋକ୍ତ ମତେ ପ୍ରତିଶ୍ରୁତି ହୋଇନଥାନ୍ତେ । ଏବେ ଆଉ ଆୟତ୍ତ ନାହିଁ । ଏବେ ଦେବଙ୍କର ଆଦେଶ ତହିଁରେ ପୁଣି ସମ୍ମୁଖରେ ଗୁରୁଦେବ, କି ଉତ୍ତର ଦେବେ ଇତସ୍ତତଃ କରୁଅଛନ୍ତି । ଏମନ୍ତ ସମୟରେ ସନ୍ୟାସୀ ପୁନର୍ବାର କହିଲେ 'ଦେବାନନ୍ଦ୍ଜି, ଆପଣ ବୁଦ୍ଧିମାନ୍ ଏବଂ ବୀରପୁରୁଷ ହୋଇ ଏହି ସାମାନ୍ୟ ଆଦେଶ ପାଳନ କରିବାକୁ କୁଣ୍ଠିତ ହେଉଅଛନ୍ତି । ଆପଣମାନଙ୍କ ପ୍ରତି ଏପରି ବ୍ୟବହାର କି ଅସାଧାରଣ ଲଜ୍ଜାର ବିଷୟ ନୁହଇ ? ଯେବେ ଏହି ସାମାନ୍ୟ କଥା କରିବାକୁ ଅକ୍ଷମ ହେଲେ ତେବେ ଦେବକାର୍ଯ୍ୟରେ ତରବାରି ଧାରଣ କରିବା ବୃଥା । ସେ ତରବାରି ଅନ୍ୟ କାହାରିକି ପ୍ରଦାନ କରନ୍ତୁ । ଦେବଙ୍କର ଆଜ୍ଞା ଯେକୌଣସି ପ୍ରକାରେ ଅବା ଯାହାଦ୍ୱାରା ହେଉ ଅବଶ୍ୟ ସମ୍ପନ୍ନ ହେବ, ତେବେ ଆପଣ କେବଳ କୃପାବାରିରୁ ବଞ୍ଚିତ ହେବେ ଏତିକି ମାତ୍ର ।'

ଏପ୍ରକାର ଉକ୍ତି ଶୁଣି ଅଶ୍ୱାରୋହୀ କିଞ୍ଚିତ୍ ଅପ୍ରତିଭ ହେଲେ । ଅଗତ୍ୟା ତାହାଙ୍କୁ ଆଦେଶପାଳନ କରିବାରେ ସମ୍ମତି ପ୍ରଦାନ କରିବାକୁ ହେଲା । ତହୁଁ ସନ୍ୟାସୀ 'ତଥାସ୍ତୁ' ବଚନ ଉଚ୍ଚାରନ୍ତେ ଅଶ୍ୱାରୋହୀ ତାଙ୍କର ଚରଣଧୂଳି ଗ୍ରହଣ କରି ଅଶ୍ୱାରୋହଣପୂର୍ବକ ସେଠାରୁ ପ୍ରସ୍ଥାନ କଲେ ।

## ତୃତୀୟ ପରିଚ୍ଛେଦ । ସ୍ରୋତ ବନ୍ଧନ ।

ସଂସାର ସ୍ରୋତମୟ । ଯେମନ୍ତ ହିମାଚଳବକ୍ଷରେ ନାନାଦି ସ୍ରୋତସ୍ୱତୀ ଉଦ୍ଭୂତ ହୋଇ ଇଚ୍ଛାମତ ବହିଯାଉଅଛି ସେହିରୂପ ସଂସାରରେ ପ୍ରତିକ୍ଷଣ ନାନାବିଧ ସ୍ରୋତ ଚାଲିଅଛି । କାଳର ସ୍ରୋତ ପ୍ରାଣିର ସ୍ରୋତ, ବୁଦ୍ଧିର ସ୍ରୋତ, ଜ୍ଞାନର ସ୍ରୋତ, ଭକ୍ତିର ସ୍ରୋତ, ଦୟାର ସ୍ରୋତ, ସୁଖର ସ୍ରୋତ, ଦୁଃଖର ସ୍ରୋତ, ଆନନ୍ଦର ସ୍ରୋତ, ବିଷାଦର ସ୍ରୋତ, ପ୍ରେମର ସ୍ରୋତ ଏହିପରି ନାନାପ୍ରକାର ସ୍ରୋତ ନାନାସ୍ଥଳରେ ନାନାବିଧ ରୂପ ଧାରଣ କରି ଅନନ୍ତରୂପ ମହାସମୁଦ୍ର ଆଡ଼କୁ ନିୟତ ପ୍ରଧାବିତ ହେଉଅଛି । ରାଜା ସିଂହାସନରେ ଉପବିଷ୍ଟ ହେଲେ, ତହୁଁ ଏକଦିନକରେ ପ୍ରଜାମଣ୍ଡଳୀରେ ଆନନ୍ଦସ୍ରୋତ ପ୍ରବାହିତ ହେଲା ଏବଂ ଅନ୍ୟ ଦିନରେ ରାଜାଙ୍କ ମନରେ ସ୍ୱଭାବାନୁଯାୟୀ ଭୋଗର ସ୍ରୋତ, ଚିନ୍ତାର ସ୍ରୋତ, ଆନନ୍ଦର ସ୍ରୋତ, ପ୍ରେମର ସ୍ରୋତ ଇତ୍ୟାଦି ସ୍ରୋତମାନ ପ୍ରବୃତ୍ତିର

ବଳାନୁଯାୟୀ ପ୍ରବାହିତ ହେଲା । ବ୍ୟକ୍ତିବିଶେଷରେ ସମୟବିଶେଷ ଏବଂ ପ୍ରକୃତିବିଶେଷ ଘେନି ଏହିପରି ନିତି ୨ କେତେପ୍ରକାର ସ୍ରୋତ କେତେ ପ୍ରାଣିମଣ୍ଡଳୀରେ ପ୍ରବାହିତ ହୋଇ ଚାଲିଯାଉଅଛି କିଏ ତାହାର ଇୟତ୍ତା କରିବ । ଏଥିଯୋଗୁଁ ଆମ୍ଭେ କହୁଁ ପୃଥିବୀ ସ୍ରୋତମୟୀ ।

ନଦୀର ସ୍ରୋତ ବହି ଚାଲି ଯାଉଅଛି । ଯେବେ ନିର୍ଝର ଶେଷ ହୋଇ ନାହିଁ ତେବେ ଜଳ ପିଣ୍ଡରୁ ନିର୍ଗତ ହେବାକାଳରୁ ଜଳରାଶିରେ ମିଶିବା ପର୍ଯ୍ୟନ୍ତ ବହିଯାଉଥିବ । ତୁମ୍ଭେ ଗତିରୋଧ କରିବ କର ମାତ୍ର ଦେଖିବ ଅବଶେଷରେ ତୁମ୍ଭର ସମୁଦାୟ ଶ୍ରମ ବିଫଳ ହୋଇଯିବ । ତୁମ୍ଭେ ବନ୍ଧ ବାନ୍ଧ, ହୁଏ ତାହା ପ୍ରଭୂତ ବଳ ପ୍ରୟୋଗରେ ଭାଙ୍ଗିଯିବ କି ଅବା ତହିଁ ନିକଟରେ କ୍ରମେ ୨ ଜଳ ଜମାହୋଇ ତାହାକୁ ଅତିକ୍ରମ କରିଯିବ । ତୁମ୍ଭର ଚେଷ୍ଟା ସଫଳ ହେବନାହିଁ — ଫଳରେ ଉକ୍ତ ଚେଷ୍ଟାଦ୍ୱାରା ହୁଏତ ନିକଟବର୍ତ୍ତୀ ଜନପଦାଦି ପ୍ଲାବିତ ହୋଇ ନାନାପ୍ରକାର ଅନିଷ୍ଟଫଳ ଉପାର୍ଜିତ ହେବ ।

ଅଶ୍ୱାରୋହୀ ମନ୍ତ୍ର ଗ୍ରହଣକରି ସନ୍ନ୍ୟାସୀଙ୍କଠାରୁ ବିଦାୟ ହୋଇ ଚାଲିଗଲେ । ସିଂହାସନ-ପିପାସା ନଦୀର ସ୍ରୋତ ପୂର୍ବେ ଯେପରି ବେଗରେ ପ୍ରତିଧମନୀରେ ପ୍ରବାହିତ ହେଉଥିଲା ମନ୍ତ୍ର ଗ୍ରହଣ ଉତ୍ତାରୁ ତାହା ଦ୍ୱିଗୁଣଭାବରେ ଉତ୍ତେଜିତ ହୋଇଗଲା । ଯେଉଁ ଘୋଟକ ଉପରେ ବସିବାକୁ ଇତିପୂର୍ବେ ବିରକ୍ତି ବୋଧ ହେଉଥିଲା ତାହା ଉପରେ ଏବେ ବୀରଦର୍ପରେ ବସିବାକୁ ମନ ବଳିଲା; ଯେଉଁ ହସ୍ତରେ ତରବାରି ଧରିବାକୁ ଘୃଣା ଜନ୍ମୁଥିଲା ସେହି ହସ୍ତ ତରବାରିକି ବୀରମୁଷ୍ଟିରେ ଧରି ରହିଲା; ଯେଉଁ ମୁଖଶ୍ରୀ ବିଷାଦଜାଳରେ ଆବୃତ ହେବାରୁ ମଳିନ ଦିଶୁଥିଲା ତାହା ବର୍ତ୍ତମାନ ଉଜ୍ଜ୍ୱଳ ହୋଇଗଲା; ଯେଉଁ ପାଦଦ୍ୱୟ ବଳହୀନତା ପ୍ରଯୁକ୍ତ ନିର୍ଜୀବ ହୋଇ ପଡ଼ିଥିଲା ତାହା ପ୍ରଭୂତ ବଳପ୍ରଭାବେ ଘୋଟକ-ଗତି ନିନ୍ଦା କରିବାକୁ ବସିଲା; ଏବଂ ଯେଉଁ ସ୍କନ୍ଧକୁ ମସ୍ତକ ଭାରସ୍ୱରୂପ ବୋଧ ହେଉଥିଲା ତାହା ବୀରର ସ୍କନ୍ଧ ବୋଲି ସଦର୍ପେ ଫୁଲିଉଠିଲା । ଫଳତଃ ମହାଭକ୍ତ ମହାତୀର୍ଥରେ ସ୍ନାନ କଲା ଉତ୍ତାରୁ ପ୍ରସନ୍ନ ଭାବ ଧାରଣ କରିବାରୁ ତାହାର ଶରୀର କାନ୍ତି ଯେରୂପ ଦ୍ୱିଗୁଣ ସୁନ୍ଦର ଦିଶଇ ଅଶ୍ୱାରୋହୀଙ୍କ ଶରୀର ତଦ୍ରୂପ ଅଧିକତର ଉଜ୍ଜ୍ୱଳମୟ ଦିଶିଗଲା ଏବଂ ସର୍ବାଙ୍ଗରେ ମନ୍ତ୍ରଗ୍ରହଣରୁ ଯେରୂପ ଏକ ଅପୂର୍ବ ତଡ଼ିତସ୍ରୋତ ପ୍ରବାହିତ ହୋଇ ଶରୀରଯନ୍ତ୍ରସ୍ଥ ସୁପ୍ତ ବଳକୁ ଜାଗରିତ କରିଦେଲା ।

ପାଠକ ! ଯେଉଁ ପାଷାଣମୟ ପର୍ବତ ଲକ୍ଷ ୨ ବାଧା ନ ମାନି ଅଟଳ ହୋଇ ରହିଅଛି ସେମଧ ଭୂମିକମ୍ପ ପ୍ରଭାବରେ ଟଳିଯାଏ । ଅଶ୍ୱାରୋହୀ ପ୍ରଭୂତ ବଳବୀର୍ଯ୍ୟ ଯୋଗେ ଅଟଳ ଦିଶୁଅଛନ୍ତି ସତ୍ୟ ମାତ୍ର ଶରୀରଯନ୍ତ୍ରର ସାଧାରଣ ଗତିରେ ବ୍ୟତିକ୍ରମ ଘଟିବାରୁ ତଦ୍ୱାରା କେମନ୍ତ ହୃତ କମ୍ପ ଜାତ ହୋଇ ସମସ୍ତ ଅବୟବକୁ କମ୍ପିତ କରୁଅଛି ।

ଅଶ୍ୱାରୋହୀର ଶରୀରଯନ୍ତ୍ରରେ ଯୋଡ଼ିଏ ସ୍ରୋତ ପ୍ରବାହିତ ହେଉଥିଲା – ଗୋଟିଏ ବୀର୍ଯ୍ୟର ସ୍ରୋତ ଅପରଟି ପ୍ରେମର ସ୍ରୋତ । ମନ୍ତ୍ର ଗ୍ରହଣରେ ପ୍ରଥମଟିର ଅପର୍ଯ୍ୟାପ୍ତ ପୋଷକତା ହେବାରୁ ବୀରଦର୍ପରେ ଅଶ୍ୱାରୋହୀଙ୍କର ସର୍ବାଙ୍ଗ ଉତ୍ତେଜିତ ହୋଇଅଛି ସତ୍ୟ ମାତ୍ର ସେହି ମନ୍ତ୍ରରେ ଯେଉଁ ପ୍ରେମର ସ୍ରୋତ ବର୍ଦ୍ଧ ହୋଇଅଛି ତାହା ବେଳେ ୨ ବଳବତୀ ହୋଇ ଅଶ୍ୱାରୋହୀଙ୍କର ବୀରବନ୍ଧ ନଷ୍ଟ କରି ଚିତ୍ତର ଚାଞ୍ଚଲ୍ୟ ଜାତ କରାଇ ଜ୍ଞାନ ନଷ୍ଟ କରୁଅଛି ।

ଏତେ ସରିକି ଜାଣିଥିଲେ ଅଶ୍ୱାରୋହୀ ପ୍ରେମମାର୍ଗରେ କଦାପି ପଦାର୍ପଣ କରି ନଥାନ୍ତେ । ବହୁକାଳରୁ ତାଙ୍କ ମନରେ ସିଂହାସନପିପାସା ଜାତ ହୋଇଅଛି । ବର୍ତ୍ତମାନକୁ ସେ ପିପାସା ନିବୃତ୍ତ ହେବା ନିତାନ୍ତ କଷ୍ଟସାଧ ବୋଲି ବୋଧଗମ୍ୟ ହେବାରୁ ଆଶା ଭରସା କଥଞ୍ଚିତ୍ ମ୍ରିୟମାଣ ହୋଇ ଆସିଥିଲା । ତହିଁରେ ପୁଣି ବିଧାତାଙ୍କ ବିଡ଼ମ୍ବନା । ଯାହା କରିବାକୁ କେତେବେଳେ ସ୍ୱପ୍ନରେ ସୁଦ୍ଧା ଚିନ୍ତି ନଥିଲେ ଦେବବିପାକରେ ତହିଁରେ ମଧ ପଡ଼ିବାକୁ ହେଲା । ଏତେବେଳେ ଉପାୟ ନାହିଁ । ପ୍ରେମନିର୍ଝର ହୃଦୟରେ ସ୍ଥାପିତ ହେଉ ୨ ଦୃଢ଼ୀଭୂତ ହୋଇଗଲା । ଆୟତ କାହାର ? ସେହି ନିର୍ଝରରୁ ପ୍ରେମବାରି ନିର୍ଝରିତ ହୋଇ ସ୍ରୋତବେଗେ ଚାଲିଅଛି । ବର୍ତ୍ତମାନ ତାହାକୁ ଅନପେକ୍ଷିତରୂପେ ହଠାତ୍ ବନ୍ଧନ କଲେ ସେ ବାଧା ସହଜରେ ମାନୁଚି କିରୂପେ ?

ଏହି ପ୍ରକାର ଦ୍ୱିଧାଭାବପ୍ରଯୁକ୍ତ ବିଚଳିତ ମନରେ ଅଶ୍ୱାରୋହୀ ସିକତାମୟ ପଥରେ ସମୁଦ୍ରର କୂଳେ ୨ କେତେଦୂର ଗମନ କଲେ । ସନ୍ନ୍ୟାସୀଙ୍କ ନିକଟରୁ ବିଦାୟ ଗ୍ରହଣ କଲାବେଳେ ଯେଉଁ ବୀରଦର୍ପ ଶରୀରରେ ଉଦ୍ଦୀପିତ ହୋଇଥିଲା ତାହା କ୍ରମେ ୨ ଅସ୍ତମିତ ହେଲା ଏବଂ ବୀରଭାବ ଓ ପ୍ରେମରଭାବ ଦୁହେଁ ଲଢ଼ାଲଢ଼ି ହୋଇ ଶେଷକୁ ଉଭୟେ ଲୀନତା ପ୍ରାପ୍ତ ହେବାରୁ ମନୋମଧରେ ଏକ ଶୂନ୍ୟଭାବ ଜାତ ହୋଇ ଶରୀରକୁ ନିସ୍ତେଜ ଏବଂ ଚକ୍ଷୁଦ୍ୱୟକୁ ନିମୀଳିତ କରିବାକୁ ବସିଲା । ଅଶ୍ୱାରୋହୀ ଆପଣାକୁ ଏତେବେଳେ ନିତାନ୍ତ କ୍ଳାନ୍ତ ବିବେଚନା କରି ଅଶ୍ୱରୁ ଅବତରଣ କଲେ ।

ତେତେବେଳକୁ ଚନ୍ଦ୍ର ଆକାଶର ପ୍ରାୟ ଅର୍ଦ୍ଧାଂଶ ଅତିକ୍ରମ କରିଅଛନ୍ତି । ଯାମିନୀ ଘୋର ନିସ୍ତବ୍ଧ ଏମନ୍ତ କି ଗୋଟିଏ ଶବ୍ଦ ଯୋଡ଼ିଏ ହୋଇ ଶୁଭୁଅଛି । ଅଶ୍ୱାରୋହୀ ଅଶ୍ୱରୁ ଅବତରଣ କରି ଜ୍ୟୋତ୍ସ୍ନାବିଧୌତ ବାଲୁକାସନରେ ଉପବିଷ୍ଟ ହୋଇ ସମୁଦ୍ରଆଡ଼କୁ ଅନାଇ ବସିଲେ ଏବଂ ଅନନ୍ୟମନରେ ତରଙ୍ଗମାଳା ଓ ଜ୍ୟୋତ୍ସ୍ନା ମାଳିକାର ଅପୂର୍ବ ପ୍ରେମାଲିଙ୍ଗନ ଭାବ ଦେଖୁଁ ୨ ନିଦ୍ରାରେ ଅଭିଭୂତ ହୋଇ ବାଲୁକାମୟ ଶଯ୍ୟାରେ ଶାୟିତ ହେଲେ ।

---

# ମଠର ସମ୍ବାଦ ।

କଲିକତାରୁ ଯେଉଁ ପତ୍ର ପାଇଥିଲୁଁ ତାହାର ତ ମର୍ମ ଶୁଣିଲ ଏବେ ଆଉ ଗୋଟିଏ ବଡ଼ ମଜାର ଗଳ୍ପ କହୁଅଛି ଶୁଣ । ଏ ଘଟନାଟି ଆମ୍ଭେ ପର୍ଯ୍ୟଟନରେ ବାହାର ହୋଇ କୌଣସି ଏକ ମହାନଗରୀରେ (ନାମ ଜାଣିବାର ଆବଶ୍ୟକ ନାହିଁ) ପ୍ରତ୍ୟକ୍ଷ କରିଥିଲୁ । ଲୋକେ ବୋଲନ୍ତି ଅମୁକ ଲୋକଟି ଦଶକର୍ମାନ୍ୱିତ କିନ୍ତୁ ରାମଚନ୍ଦ୍ରବାବୁ (ଯାହାଙ୍କ ବିଷୟ ବର୍ତ୍ତମାନ କହିବୁଁ ।) ଦ୍ୱାଦଶ ଅଥବା ବିଂଶକର୍ମାନ୍ୱିତ ବୋଲି ବୋଇଲେ ସୁଦ୍ଧା ଅତ୍ୟୁକ୍ତି ଦୋଷ ଘଟେ ନାହିଁ । ସେ ସବୁ ଜାଣନ୍ତି, ସବୁ ବୁଝନ୍ତି ସବୁଥିରେ ଅଛନ୍ତି । ଦର୍ଶନ, ବିଜ୍ଞାନ, ସାହିତ୍ୟ, କେଉଁ ବିଷୟରେ ସେ ଊଣା ? ରାଜନୀତି,ସମାଜନୀତି, ଘରନୀତି, ବାହାରନୀତି କେଉଁ ବିଷୟଟା ଅବା ତାହାଙ୍କୁ ଜଣାନାହିଁ ? ସଙ୍ଗୀତଶାସ୍ତ୍ରରେ ସେ ନାରଦ, ଚିକିତ୍ସା ବିଦ୍ୟାରେ ଧନ୍ୱନ୍ତରୀ, ସଉଦାଗରିରେ ଶ୍ରୀମନ୍ତ । ତାହାଙ୍କର କବିତାଶକ୍ତି ଅଦ୍ୱିତୀୟ— କାଳୀଦାସ, ଭବଭୂତି,ଭାରବି, ସେକ୍ଷପିୟର, ମିଲଟନ୍ ଅବା କେଉଁ ଗୁଣରେ ତାଙ୍କ ସରି ? ସେ ପୁଣି ଜଣେ ବକ୍ତା – ଶୁଣାଯାଏ ବିଲାତରେ ବାଗ୍ମୀ ପ୍ରଧାନ ବ୍ରାଇଟ୍ ସାହେବ ମଧ୍ୟ ରାମଚନ୍ଦ୍ର ବାବୁଙ୍କଠାରେ ପରାଜୟ ସ୍ୱୀକାର କରିଅଛନ୍ତି, ଲାଲମୋହନବାବୁ, ସୁରେନ୍ଦ୍ରବାବୁ ଓ ଅମୀରଅଲୀ ପ୍ରଭୃତିଙ୍କ କଥା କିଏ ପଚାରେ ? ସେ ଜଣେ ଅସାମାନ୍ୟ ପରୋପକାରୀ —ପ୍ରାବାଦ ଯେ ସେ ଥରେ ଘରୁ ଥୋକ ଟ.୫୦ ଚୋରାଇନେଇ କାଲୁଫୋରନୀୟା ନିବାସୀ ଏଣ୍ଡର୍ ସାହେବଙ୍କ ସାହାଯ୍ୟ ନିମନ୍ତେ ମନିଅର୍ଡର ଦ୍ୱାରା ଟଙ୍କା ପଠାଇଥିଲେ ମାତ୍ର ଅନୁସନ୍ଧାନରେ ଜଣାପଡ଼ିଅଛି ଯେ ଟଙ୍କା ପଠାହୋଇ ନାହିଁ । ରାମଚନ୍ଦ୍ର ପବିତ୍ର ପ୍ରଣୟ ଖୁବ୍ ବୁଝନ୍ତି – ପବିତ୍ର ପ୍ରଣୟଆଡ଼େ ତାଙ୍କ ନଜରଟା ବଡ଼ ଟାଣ । ଅଧିକ କଣ ସେ ଜଣେ ସୁଗାୟକ—ଛଅ ରାଗ ଛତିଶ ରାଗିଣୀ ତାଙ୍କୁ ସବୁ ଜଣା କେବଳ ଯେ ସେତାର, ବେହେଲା ତାନପୂରା, ଡଗି ତବାଲା ଇତ୍ୟାଦି ବଜାଇବାରେ ସେ ବିଶେଷ ଦକ୍ଷ ଏମନ୍ତ ନୁହେ; ହାରମୋନିୟମ୍ ପିଆନୋ ପ୍ରଭୃତି ବିଲାତି—ଯନ୍ତ୍ରମାନଙ୍କରେ ତାହାଙ୍କର ଦଖଲ କମି ନୁହେ । ମଧ୍ୟରେ କେତେଦିନ ସେ ଜଣେ ନବସପ୍ତ ବର୍ଷୀୟା ଅତି ଶିଶୁବାଳିକାକୁ ସଙ୍ଗୀତ ଓ ହାରମୋନିୟମ୍ ଶିକ୍ଷାଦେଇଥିଲେ; ଏହାହିଁ ତାହାଙ୍କର ସଙ୍ଗୀତଶାସ୍ତ୍ରରେ ଅଭିଜ୍ଞତାର ନଜୀର । ରାମଚନ୍ଦ୍ରବାବୁ ଇଂରାଜୀରେ କଥା କହନ୍ତି; ଇଂରାଜୀରେ ଭାଷାପତ୍ର ଲେଖନ୍ତି – ଇଂରାଜୀରେ ମଧ୍ୟ ଚିନ୍ତା କରନ୍ତି । ଏପ୍ରକାର ରଚନା ଅଛି ଯେ ସେ ଇଂରାଜୀରେ ସୁଦ୍ଧା ସ୍ୱପ୍ନ ଦେଖନ୍ତି । ଏହାବୋଲି ଯେ ତାହାଙ୍କର ମାତୃଭାଷାରେ ଦଖଲ କମି ଏପ୍ରକାର ବୁଝିବା ଅନ୍ୟାୟ । ସେ ସବୁବିଷୟରେ ଅଗ୍ରଗାମୀ ଏବଂ ସବୁଥିରେ ଅଛନ୍ତି ଆଜି ସେଠାରେ ସଭା

ହେବ – ବକ୍ତା ରାମଚନ୍ଦ୍ରବାବୁ, ସଭାରେ ପ୍ରସ୍ତାବ ହେଲା ଧୂମପାନ ନିଷେଧ ରାମଚନ୍ଦ୍ର ବାବୁ ସର୍ବପ୍ରଥମରେ ପ୍ଲେଜ–ବହୀରେ ଦସ୍ତଖତ କଲେ । ଆଜି କୌଣସି କଠିନ ବିଷୟର ମୀମାଂସା ହେବ; ସମସ୍ତେ ମୌନଭାବରେ ଚିନ୍ତା କରୁଅଛନ୍ତି ଆଉ ରାମଚନ୍ଦ୍ରବାବୁ ନ ଦେଖି ଚିନ୍ତି ତାହାଙ୍କର ଗଭୀର ଗବେଷଣାପୂର୍ଣ୍ଣ ସୁନ୍ଦର ମତ ସର୍ବାଗ୍ରେ ପ୍ରକାଶ କଲେ । ଏହାହି ତ ରାମଚନ୍ଦ୍ରବାବୁଙ୍କର ଗୁଣର ଏକପ୍ରକାର ସୁପରିଚୟ–ନା–ଆହୁରି ଅଛି । ରାମଚନ୍ଦ୍ରବାବୁଙ୍କୁ ଜମାରେ ଏକୋଇଶ ବର୍ଷ ବୟସ ଏବଂ ସେ କିଛି ପାଶ କରିନାହାନ୍ତି । ସେ ଯେଉଁ ବର୍ଷ ଏନଟ୍ରେନ୍ସପରୀକ୍ଷାରେ ଫେଲ ହୁଅନ୍ତି ସେବର୍ଷ ସହରସୁଦ୍ଧା ଲୋକେ ଏକାବେଳକେ ତଟସ୍ଥ ହୋଇଥିଲେ । ରାମଚନ୍ଦ୍ରବାବୁ କ୍ରୋଧରେ ଅଧୀର ହୋଇ ଏକ ମହତୀ ସଭା ଆହ୍ୱାନ କରିଥିଲେ ଏବଂ ଶିକ୍ଷାବିଭାଗୀୟ କର୍ମଚାରିମାନଙ୍କ ବିରୁଦ୍ଧରେ ଏକ ଆବେଦନ ପତ୍ର ଲାଟସାହେବଙ୍କଠାକୁ ପଠାହୋଇଥିଲା । ଡାଇରେକ୍ଟର ସାହେବ ବଡ଼ ଶଙ୍କିତ ହୋଇଥିଲେ ଏବଂ ପରୀକ୍ଷକମାନେ ଦ୍ୱୀପାନ୍ତରିତ ହେବା ଭୟରେ କେତେଦିନ ଘରକୋଣରେ ଲୁଚି ରହିଥିଲେ ବୋଲି ପ୍ରବାଦ ଉଠିଥିଲା । ଶ୍ରୀଜୀଉଙ୍କର ଆବେଦନ ପତ୍ରିକା ଲାଟସାହେବଙ୍କ ନଥି ସାମିଲରେ ଥିଲା ଏବଂ ସେଦିନ ଖବର ପାଇଅଛୁଁ ଯେ ତାହା ଭୁଲକ୍ରମରେ (?) ଅଗ୍ନିସାତ୍ କରାହୋଇଅଛି । ଏହା ମଧ୍ୟ ତାରଯୋଗରେ ଖବର ଆସିଅଛି ଯେ ରାମଚନ୍ଦ୍ରବାବୁ କେବଳ ୦୦୦୧ ନମ୍ବର ନିମନ୍ତେ ଅଙ୍କଶାସ୍ତ୍ରରେ ଫେଲ ହୋଇଥିଲେ; ଅପରାପର ବିଷୟମାନଙ୍କରେ ତାଙ୍କର ଖୁବ୍ ବେଶୀ ନମ୍ବର ଥିଲା । ସାମାନ୍ୟତଃ ରାମଚନ୍ଦ୍ରବାବୁଙ୍କର ଗୁଣର ଏତିକି ପରିଚୟ ।

ରାମଚନ୍ଦ୍ରଙ୍କର ମାତା ପିତା ଦୁହେଁଯାକ ଆଜିପର୍ଯ୍ୟନ୍ତ ଜୀବିତ ଅଛନ୍ତି – ପିତାଙ୍କର ନାମ ଆନନ୍ଦରାମଦାସ । ଆନନ୍ଦରାମ ଗରୀବ ନୁହନ୍ତି ଅଥବା ଧନୀ ନୁହନ୍ତି – ସେ ମଧ୍ୟବିତ୍ତ ଲୋକ । ତାହାଙ୍କର ଜମିବାଡ଼ି ଦୁଇ ଦଶମାଣ ବେଶ୍ ଅଛି ପୁଣି ମହାଜନୀ କାରବାର ମଧ୍ୟ କିଛି ଅଛି । ଫଳତଃ ଆନନ୍ଦରାମଙ୍କର ଘର ମନ୍ଦ ଚଳେ ନାହିଁ । ତାହାଙ୍କର ଏକ ପୁତ୍ର ଏକ କନ୍ୟା । ପୁତ୍ରପ୍ରବର ଶ୍ରୀଯୁକ୍ତ ରାମଚନ୍ଦ୍ରଙ୍କର ବ୍ୟବହାରରେ ବୃଦ୍ଧ ଆନନ୍ଦରାମ ସର୍ବଦା ଅସନ୍ତୁଷ୍ଟ ଥାନ୍ତି । କୌଳିକପ୍ରଥା ଅନୁସାରେ ସେ ତାହାଙ୍କର ଦୁହିତାର ଉଦ୍ୱାହକ୍ରିୟା ଯଥାସମୟରେ ସମାପନ କରିଥିଲେ ଏବଂ ପୁତ୍ରର ବିବାହ ଦେବା ନିମନ୍ତେ ବହୁଦିନରୁ ଯତ୍ନ କରୁଥିଲେ । କିନ୍ତୁ ରାମଚନ୍ଦ୍ରବାବୁଙ୍କର ବିବାହ ହେବାକୁ ମୁଣ୍ଡୁହୁଁ ଇଚ୍ଛା ନଥିଲା । ଆନନ୍ଦରାମ ହିନ୍ଦୁଧର୍ମାବଲମ୍ବୀ ଥିଲେ କିନ୍ତୁ ରାମଚନ୍ଦ୍ର କେଉଁ ସମ୍ପ୍ରଦାୟଭୁକ୍ତ ତାହା ସ୍ଥିରକରିବା ବହୁ ଆୟାସସାଧ୍ୟ । ରାମଚନ୍ଦ୍ରଙ୍କର ସ୍ଥିର ବିଶ୍ୱାସ ଥିଲା ଯେ ହିନ୍ଦୁଶାସ୍ତ୍ରମତେ ବିବାହ ହେଲେ ପବିତ୍ରପ୍ରଣୟ ଜନ୍ମିପାରେ ନାହିଁ । ରାମଚନ୍ଦ୍ରର ଜନନୀ ସଦା ଦୁଃଖିତା । କନ୍ୟା

ଶ୍ୱଶୁରାଳୟରେ ଅବସ୍ଥାନ କରୁଅଛି; ଘର ଶୂନ୍ୟ ପଡ଼ିଅଛି । ପୁତ୍ରର ବିବାହ ଦେଇ ପୁତ୍ରବଧୂଙ୍କୁ ଘରକୁ ଆଣିବ ଏହା ରାମଚନ୍ଦ୍ରର ଜନନୀଙ୍କର ବହୁଦିନର ଆକାଂକ୍ଷା; କିନ୍ତୁ ପୋଡ଼ାଭାଗ୍ୟରେ ତାହା ଘଟିଲା ନାହିଁ ।

ଆମ୍ଭେ ଏହି ସମୟରେ ଉକ୍ତ ନଗରରେ ଅବସ୍ଥାନ କରୁଥିଲୁଁ ଏବଂ ଆନନ୍ଦରାମ ଓ ତାହାଙ୍କର ଦୁଇ ଏକ ଗୋଟି ବନ୍ଧୁଙ୍କ ସହିତରେ ଆମ୍ଭର ପରିଚୟ ହୋଇଥିଲା । ଦିନକରେ ଦାମୋଦର ଏବଂ ଆମ୍ଭେ ଏକତ୍ରରେ ବସି ଗଳ୍ପ କରୁଥିଲୁଁ ଏମନ୍ତ ସମୟରେ ବୃଦ୍ଧ ଆନନ୍ଦରାମ ସେଠାରେ ଉପସ୍ଥିତ ହୋଇ ସୁପୁତ୍ର ରାମଚନ୍ଦ୍ରଙ୍କର ''ଗୁଣପଣାର'' ଉଲ୍ଲେଖ କରି ଏକାବେଳକେ କାନ୍ଦିପକାଇଲେ ଏବଂ କହିଲେ – ''ମୋହ ବଂଶରେ ଯେ ଏପରି କୁଳାଙ୍ଗାର ଜନ୍ମିବ ତାହା ମୁଁ ସ୍ୱପ୍ନରେ ସୁଦ୍ଧା ଜାଣିନଥିଲି ମୋହର ଆଉ କିଏ ଅଛି; ଏବେ ମୃତ୍ୟୁ ହେଲେ ସୁଖ । ଆଉ ଏସବୁ ଦେଖିପାରିବି ନାହିଁ'' । ଆମ୍ଭେ ବୃଦ୍ଧଙ୍କୁ ଆଶ୍ୱାସ ଦେଲୁ ଏବଂ ଦାମୋଦରଙ୍କ ସହିତରେ ପରାମର୍ଶ କରି ରାମଚନ୍ଦ୍ରର ସହିତ ସାକ୍ଷାତ୍ କରିବାର ସ୍ଥିର କଲୁ । ତହିଁ ଆରଦିନ ସନ୍ଧ୍ୟାବେଳେ ରାମଚନ୍ଦ୍ରକୁ ଦେଖିବା ନିମିତ୍ତ ରାମଚନ୍ଦ୍ରଙ୍କ ଘରଠାକୁ ଗଲୁ । ରାମଚନ୍ଦ୍ର ଘରେ ନଥିଲେ ଏବଂ ବୃଦ୍ଧ ଆନନ୍ଦରାମ ଆମ୍ଭମାନଙ୍କୁ ଦେଖି ଆନନ୍ଦରେ ଗଦଗଦ ହୋଇ ଘରଭିତରକୁ ଅଭ୍ୟର୍ଥନା କରି ନେଇଗଲେ ଏବଂ ଅନେକ ଗୃହକଥାମାନ କହିଲେ କ୍ରମେ ରାତ୍ରୀ ଦଶଘଣ୍ଟା ହୋଇଗଲା; ଆମ୍ଭେମାନେ ବସାକୁ ଲେଉଟି ଆସିବାକୁ ମନସ୍ଥ କରୁଅଛୁଁ ଏମନ୍ତ ସମୟରେ ରାମଚନ୍ଦ୍ରବାବୁ ଆସି ପହଞ୍ଚିଲେ । ରାମଚନ୍ଦ୍ରଙ୍କୁ ଦେଖି ଆନନ୍ଦରାମ କହିଲେ ''ରାମ ! ତୁ ଏତେବେଳଯାଏ କେଉଁଠି ଥିଲୁ ।'' ରାମଚନ୍ଦ୍ର ତତ୍ପ୍ରତିଉତ୍ତରରେ କହିଲେ ''ଆଜି ବହୁତ କାର୍ଯ୍ୟ ଥିଲା–କାର୍ଯ୍ୟ ସାରୁ ୨ ଉଛୁର ହୋଇଗଲା ।'' ଆନନ୍ଦରାମ ତହିଁ ଉତ୍ତାରୁ ଘର ଭିତରକୁ ଗଲେ ଏବଂ ଦାମୋଦର ରାମଚନ୍ଦ୍ରଙ୍କୁ ଡାକି ପଚାରିଲେ – ''ବାପାଙ୍କୁ ବୃଦ୍ଧବୟସରେ ଏପ୍ରକାର କଷ୍ଟ ଦେବା କଣ ଉଚିତ ? ତୁମ୍ଭେ କାମଦାମ ଦେଖୁନାହଁ, କାରବାର ଦେଖୁନାହଁ ଏହା କଣ ଭଲ ?'' ରାମଚନ୍ଦ୍ର ସରୋଷରେ ଉତ୍ତର କଲେ – ''ଆପଣ ତ କହିଲେ ଭଲ; ମୁଁ ବ୍ୟବସାୟ ବାଣିଜ୍ୟରେ ରତ ହେଲେ ଆଉ ସଭାସମିତି କରିବ କିଏ ? ଭାରତର ଉନ୍ନତି କି ପ୍ରକାରେ ହେବ ତେବେ ? ଭାରତମାତାଙ୍କୁ ତ ଆପଣମାନେ ସାରିଲେ ।'' ଆମ୍ଭେ ରାମଚନ୍ଦ୍ରଙ୍କର ଏହି କଥାମାନ ଶୁଣି ମନେ ୨ ତାହାଙ୍କୁ ଧନ୍ୟବାଦ ଦେଲୁଁ । ଦାମୋଦର ପୁଣି କହିଲେ – ''ତୁମ୍ଭର ବାପାଙ୍କର ବଡ଼ ଇଚ୍ଛା ଯେ ତୁମ୍ଭର ବିବାହ ଦିଅନ୍ତେ ତୁମ୍ଭର ଏ ବିଷୟରେ ଆପତ୍ତି କଣ ? ଦେଖ ତୁମ୍ଭର ପିତା-ମାତାଙ୍କର ଆଉ କିଏ ଅଛି ? ତୁମ୍ଭେ ଏସବୁ ରୀତି ଛାଡ, ପିତା-ମାତାଙ୍କ ମନରେ ଆଉ କଷ୍ଟ ଦିଅନାହିଁ । ତୁମ୍ଭ ଚରିତ୍ର –ସମ୍ବନ୍ଧରେ ଅନେକେ ଅନେକ

କଥା କହୁଅଛନ୍ତି; ଏସବୁ କଣ ?'' ରାମଚନ୍ଦ୍ର ତ ଏକଥା ଶୁଣି ଏକାବେଳକେ ଜ୍ବଳିଉଠିଲେ ଏବଂ ଜଳଦ୍ ଗମ୍ଭୀର ସ୍ବରରେ କହିଲେ ''କଣ ? ମୋହର ଚରିତ୍ର ମନ୍ଦ ! ମୋହ ଚରିତ୍ର ସମ୍ବନ୍ଧରେ ଅନେକେ ଅନେକ କଥା କହୁଅଛନ୍ତି । କାଲି ଏହି ବିଷୟର ମୀମାଂସା ହେବ । ମୁଁ ସୁରାପାନସଂହାରିଣୀଭାର ଶପଥପତ୍ରରେ ଦସ୍ତଖତ କରିଅଛି; ଧୂମପାନ ନିବାରିଣୀ ସଭାର ମୁଁ ଜଣେ ସଭ୍ୟ ପୁଣି ନୀତିସଂରକ୍ଷିଣୀ ସଭାର ମୁଁ ଜଣେ ନେତା । ମୋହର ପୁଣି ଚରିତ୍ରରେ ସନ୍ଦେହ । ଆପଣ ବୋଲି ଆଜି ରକ୍ଷାପାଇଗଲେ ଆଉ କେହି ହେଲେ ଏହାର ସମୁଚିତ ଦଣ୍ଡ ଭୋଗ କରନ୍ତା ।  ଆଉ ବିବାହ—ଏତେଶୀଘ୍ର ବିବାହର ଆବଶ୍ୟକ ? ବିବାହର ନାମ ଶୁଣିଲେ ମୋହର କମ୍ପଜ୍ବର ହୁଏ । ଆପଣମାନଙ୍କୁ କଣ କହିବି, ଆପଣମାନେ ସ୍ପେନସର, ମିଲ, ଡାରବିନଙ୍କର ଗ୍ରନ୍ଥ ପଢ଼ିଥିଲେ ଆଉ ବିବାହର କଥା ମୁଖରେ ଆଣନ୍ତେ ନାହିଁ । ହା ଭାରତବର୍ଷ ! ତୁମ୍ଭର ଭାଗ୍ୟ ଗଭୀର ତିମିରାଚ୍ଛନ୍ନ ! ତୁମ୍ଭର ଉନ୍ନତି ଆଉ କେବେ ହେବ ? ଆଜସୁଦ୍ଧା ମୋହର ଜମାରେ ଏକୋଇଶ ବର୍ଷ ନଅମାସ ସାତଦିନ ବୟସ ହୋଇଅଛି । ବିବାହ କଣ ତାହା ମୁଁ ଏପର୍ଯ୍ୟନ୍ତ ବୁଝିନାହିଁ, ପବିତ୍ର ପ୍ରଣୟ କାହାକୁ ବୋଲାଯାଏ ତାହା ମଧ୍ଯ ଉତ୍ତମରୂପେ ହୃଦୟଙ୍ଗମ କରିପାରିନାହିଁ । ସଂସାରକ୍ଷେତ୍ରରେ ପ୍ରବେଶ କରି ଦମ୍ପତୀଙ୍କର କଣ କରିବାକୁ ହୁଏ ତାହା ମଧ୍ଯ ଶିକ୍ଷା କରିନାହିଁ । ମୁଁ ବାଳକ; ମୋହର ଅଙ୍ଗପ୍ରତ୍ୟଙ୍ଗ ସମ୍ପୂର୍ଣ୍ଣ ପୁଷ୍ଟ ହୋଇନାହିଁ । ଦେଖ, ତଥାପି ମୋତେ ଏମାନେ ବିବାହ ହେବାକୁ ବାଧ କରୁଅଛନ୍ତି । ଏମାନଙ୍କପରି ମୂର୍ଖ ଆଉ କେହି ଅଛିକି ? ନିଜର ଇଷ୍ଟ ଏମାନେ ବୁଝନ୍ତିନାହିଁ । ଏପରି ଅସମୟରେ ବିବାହ ହେଲେ ଯେ ଦେଶର ଅମଙ୍ଗଳ ତାହା ଏମାନେ କେବେ ବୁଝିବେ ? ଖୁବ୍ କମିରେ ଆଉ ଦଶବର୍ଷ ନ ଗଲେ ମୁଁ କଦାପି ବିବାହ ହେବିନାହିଁ । ବିବାହ ବଡ଼ ଶକ୍ତ କଥା । ଭାରତବାସୀମାନେ କେବେ ଦାମ୍ପତ୍ୟପ୍ରଣୟର ମହିମା ବୁଝିବେ ?'' ରାମଚନ୍ଦ୍ରବାବୁଙ୍କର ବକ୍ତୃତା ଶେଷ ହେଲା ଏବଂ ଆମ୍ଭେମାନେ ସେଠାରୁ ପଳାଇଆସି ପରିତ୍ରାଣ ପାଇଲୁଁ । ଘରକୁ ଫେରି ଆସୁ ୨ ଦାମୋଦରଙ୍କୁ କହିଲୁ ଯେ ତ୍ରେତାଯୁଗରେ ରାମଚନ୍ଦ୍ର କପିସୈନ୍ୟ ଘେନି ବସୁଧାକୁମାରୀ ଜାନକୀଙ୍କର ଉଦ୍ଧାର କରିଥିଲେ ଏବଂ ପୁଣି କଳିଯୁଗରେ ସେହି ନାମ ଧରି ଭାରତର ଉଦ୍ଧାରରେ ବ୍ରତୀ ହୋଇଅଛନ୍ତି । ଏ ରାମଚନ୍ଦ୍ରଙ୍କର କପିସୈନ୍ୟର ମଧ୍ଯ ଅଭାବ ନାହିଁ । ଭାରତର କପାଳ ଯେ ଏଥର ଫିଟିଲା ତହିଁରେ ଆଉ କିଛି ସନ୍ଦେହ ନାହିଁ । ଦାମୋଦର କେବଳ ବାଃ ! ବାଃ ! ବା ଃ ! ବୋଲି ନିରସ୍ତ ହେଲେ ।

ସେଦିନ ସମ୍ବାଦ ଆସିଅଛି ଯେ ସପତ୍ନୀକ ଆନନ୍ଦରାମ ଘରଦ୍ବାରା ଛାଡ଼ି କାଶୀବାସ କରୁଅଛନ୍ତି ଏବଂ ଆମ୍ଭମାନଙ୍କର ସୁପରିଚିତ ରାମଚନ୍ଦ୍ରବାବୁ ଏକ ଗଣିକାର

ପବିତ୍ର ପ୍ରଣୟପାଶରେ ଆବଦ୍ଧ ହୋଇ ବିମଳ ଆନନ୍ଦ ଓ ବିଶୁଦ୍ଧ ପ୍ରେମ ଉପଭୋଗ କରୁଅଛନ୍ତି ଏବଂ ପୈତୃକ ବିଷୟ ସମ୍ପତ୍ତି ସବୁ ତାହା ନାମରେ ରେଜଷ୍ଟରୀ କରି ଦେଇଅଛନ୍ତି । ଏଥିରୁ କଣ ସ୍ପଷ୍ଟ ପ୍ରତୀତ ହେଉନାହିଁ ଯେ ଭାରତ ଉନ୍ନତିର ପଞ୍ଚମ ସୋପାନ ଛାଡ଼ି ଷଷ୍ଠ ସୋପାନରେ ଅଧିରୋହଣ କରୁଅଛି ? ।

## ସମାଲୋଚନା

ଶିଶୁପାଳନ ଓ ଶିଶୁଚିକିତ୍ସା – ଡାକ୍ତର ଆର. କେ. ଏସ.ଙ୍କ ପ୍ରଣୀତ; ମୂଲ୍ୟ ଆଠଅଣା । ଶିଶୁପାଳନ ସୁପ୍ରଣାଳୀର ଅଭାବ ବିଦୂରିତ କରିବା ମାନସରେ ଏହି ପୁସ୍ତକ ରଚିତ ହୋଇଅଛି । ପୁସ୍ତକଖଣ୍ଡିକ ଚାରି ଅଧ୍ୟାୟରେ ବିଭକ୍ତ ? ପ୍ରଥମ ଅଧ୍ୟାୟରେ ସୂତିକାଗୃହ ପ୍ରଭୃତି କରି କେତେଗୁଡ଼ିଏ ଅବଶ୍ୟ ଜ୍ଞାତବ୍ୟ ବିଷୟ ଲିଖିତ ହୋଇଅଛି; ଦ୍ୱିତୀୟ ଅଧ୍ୟାୟରେ ଶିଶୁର ଖାଦ୍ୟ; ତୃତୀୟ ଅଧ୍ୟାୟରେ ଧାତ୍ରୀ ନିଯୁକ୍ତ ଓ ମାତୃସ୍ତନ୍ୟର ନାନାପ୍ରକାର ପରିବର୍ତ୍ତନ ବିଷୟ ଲେଖାହୋଇଅଛି; ଚତୁର୍ଥ ଅଧ୍ୟାୟରେ ଶିଶୁମାନଙ୍କର ରୋଗ ଓ ଉପଯୁକ୍ତ ଚିକିତ୍ସା ବର୍ଣ୍ଣିତ ହୋଇଅଛି । ପୁସ୍ତକଖଣ୍ଡିକ ଉତ୍ତମ ହୋଇଅଛି ଏବଂ ଏହି ପ୍ରକାର ପୁସ୍ତକର ଯେତେ ପ୍ରଚାର ହେବ ଦେଶର ତେତେ ମଙ୍ଗଳ ।